Shri Siddhantha Shikhamani

Parayana text

Written by : Sri Shivayogi Shivacarya

Script : Oriya / ଓଡ଼ିଆ

Concept & Inspiration By : Sri Kashi Jagadguruji

Publication of

Shaiva Bharathi Shodha Pratishthana

Shri Kashi Peeth

D35/77, Jangamawadimath,

Jangamawadi, Varanasi 221 001

CC-0. Jangamwadi Math Digital Collection.

ଶିବଯୋଗିଶିବାଚାର୍ଯ୍ୟବିରଚିତଃ

ଶ୍ରୀସିଦ୍ଧାନ୍ତଶିଖାମଣିଃ

शिवयोगिशिवाचार्यविरचितः

श्रीसिद्धान्तशिखामणिः

ଉତ୍କଳାନୁବାଦ

ଡଃ. ପ୍ରମୋଦିନୀ ପଣ୍ଡା

उत्कलानुवादः

डॉ. प्रमोदिनीपण्डा

शैवभारतीशोधप्रतिष्ठान

जंगमवाडी, वाराणसी

CC-0. Jangamwadi Math Digital Collection.

ଶିବଯୋଗିଶିବାଚାର୍ଯ୍ୟବିରଚିତଃ

ଶ୍ରୀସିଦ୍ଧାନ୍ତଶିଖାମଣିଃ

ପ୍ରକାଶକ :
ଶୈବଭାରତୀ ଶୋଧ ପ୍ରତିଷ୍ଠାନମ୍
ଡି. ୩୫/୭୭, ଜଙ୍ଗମବାଡ଼ି ମଠ
ବାରାଣସୀ – ୨୨୧୦୦୧
ଦୂରଭାଷ : (୦୫୪୨) ୨୪୫୦୫୪୬

© ଶୈବଭାରତୀ ଶୋଧ ପ୍ରତିଷ୍ଠାନମ୍

ପ୍ରଥମ ସଂସ୍କରଣ : ୨୦୧୫

Copies : 1000

ମୂଲ୍ୟ : ଟ.୬୦୦.୦୦ (ଛଅଶହ ଟଙ୍କା ମାତ୍ର)

ଅକ୍ଷର ସଂଯୋଜନ :
ଶ୍ୱେତପଦ୍ମା କମ୍ପ୍ୟୁଟର୍ସ
ସର୍ବୋଦୟନଗର, ପୁରୀ–୨
ଦୂରଭାଷ : (୦୬୭୫୨) ୨୨୭୭୧୫

ମୁଦ୍ରକ :
ରାମା ଅଫସେଟ୍

Research Publication Series : 76

ISBN : 978-93-82639-16-9

CC-0. Jangamwadi Math Digital Collection.

ପ୍ରସ୍ତାବନା

ଭାରତୀୟ ଧର୍ମପରମ୍ପରାରେ ବୀରଶୈବ ଧର୍ମ ସନାତନଧର୍ମ ଭାବରେ ପରିଗଣିତ । ଏହାର ସଂସ୍ଥାପକ ପାଞ୍ଚଜଣ ଆଚାର୍ଯ୍ୟ । ସେମାନଙ୍କୁ ଶ୍ରୀଜଗଦ୍‌ଗୁରୁ ପଞ୍ଚାଚାର୍ଯ୍ୟ କୁହାଯାଏ । ସିଦ୍ଧାନ୍ତଶିଖାମଣି ଗୋଟିଏ ବୀରଶୈବ ଧର୍ମଗ୍ରନ୍ଥ ଅଟେ । ଏଣୁ ଏହି ପ୍ରସଙ୍ଗରେ ଜଗଦ୍‌ଗୁରୁ ପଞ୍ଚାଚାର୍ଯ୍ୟଙ୍କର ସଂକ୍ଷିପ୍ତ ପରିଚୟ ତଥା ଶ୍ରୀଜଗଦ୍‌ଗୁରୁ ରେଣୁକାଚାର୍ଯ୍ୟ ଏବଂ ଶ୍ରୀସିଦ୍ଧାନ୍ତଶିଖାମଣି ବିଷୟରେ ବିସ୍ତୃତବିବରଣୀ ଆବଶ୍ୟକ ପ୍ରତୀତ ହେଉଅଛି । ଏହି ସବୁ ବିଷୟ ପ୍ରକାଶକୁ ଆସିଲେ ଜିଜ୍ଞାସୁମାନଙ୍କର ଜିଜ୍ଞାସାର ବହୁତ ପରିମାଣରେ ସମାଧାନ ହୋଇପାରିବ ।

ଭାରତୀୟ ଧର୍ମଦର୍ଶନରେ ବୀରଶୈବ ଧର୍ମଦର୍ଶନର ଏକ ବିଶିଷ୍ଟ ସ୍ଥାନ ଅଛି । ଶିବଙ୍କର ଆଦେଶାନୁସାରେ ରେଣୁକ, ଦାରୁକ, ଘଣ୍ଟାକର୍ଣ୍ଣ, ଧେନୁକର୍ଣ୍ଣ, ବିଶ୍ୱକର୍ଣ୍ଣ ନାମକ ପାଞ୍ଚ ପ୍ରମୁଖ ଶିବଗଣ ଏହାର ସ୍ଥାପନା କରିଥିଲେ । ଏହି ପାଞ୍ଚ ଶିବଗଣଙ୍କୁ ଶ୍ରୀଜଗଦ୍‌ଗୁରୁ ପଞ୍ଚାଚାର୍ଯ୍ୟ କୁହାଯାଏ । ଏହି ପଞ୍ଚାଚାର୍ଯ୍ୟ କ୍ରମଶଃ ଆନ୍ଧ୍ରପ୍ରଦେଶର କୋଲ୍ଲୀପାକୀ କ୍ଷେତ୍ରର ସୋମନାଥ, ମଧ୍ୟପ୍ରଦେଶର ଉଜ୍ଜୟିନୀ ସ୍ଥିତ ବଟକ୍ଷେତ୍ରର ସିଦ୍ଧେଶ୍ୱର, ଆନ୍ଧ୍ରପ୍ରଦେଶର ଶ୍ରୀଶୈଳ କ୍ଷେତ୍ରର ମଲ୍ଲିକାର୍ଜୁନ ଏବଂ ଉତ୍ତରପ୍ରଦେଶର କାଶୀ କ୍ଷେତ୍ରର ବିଶ୍ୱେଶ୍ୱର ଜ୍ୟୋତିର୍ଲିଙ୍ଗରୁ ପ୍ରକଟ ହୋଇଥିଲେ । ଏମାନେ ଧର୍ମସ୍ଥାପନା ନିମନ୍ତେ ରମ୍ଭାପୁରୀ (କର୍ଣ୍ଣାଟକ), ଉଜ୍ଜୟିନୀ (ମଧ୍ୟପ୍ରଦେଶ) ଏବଂ କର୍ଣ୍ଣାଟକ, ଓଖୀମଠ (ଉତ୍ତରାଞ୍ଚଳ) ତଥା କାଶୀ (ଉତ୍ତରପ୍ରଦେଶ)ରେ ପାଞ୍ଚଟି ଧର୍ମପୀଠ ସ୍ଥାପନା କରିଥିଲେ । ଏହି ପାଞ୍ଚଟି ପୀଠ ବୀରଶୈବ ଧର୍ମର ରାଷ୍ଟ୍ରୀୟ ପୀଠ ଭାବରେ ମାନ୍ୟ । ଏହି ପାଞ୍ଚ ପୀଠର ଆଚାର୍ଯ୍ୟ ପାଞ୍ଚ ମହର୍ଷିଙ୍କୁ ସୂତ୍ରରୂପରେ ବୀରଶୈବ ଧର୍ମଦର୍ଶନର ଉପଦେଶ ଦେଲେ । ଏମାନଙ୍କ ମଧ୍ୟରୁ ରମ୍ଭାପୁରୀ ପୀଠର ଶ୍ରୀ ଜଗଦ୍‌ଗୁରୁ ରେଣୁକାଚାର୍ଯ୍ୟ ମହର୍ଷି ଅଗସ୍ତ୍ୟଙ୍କୁ ଷଡ୍‌ବିଧ ସୂତ୍ରର, ଉଜ୍ଜୟିନୀ ପୀଠର ଜଗଦ୍‌ଗୁରୁ ଦାରୁକାଚାର୍ଯ୍ୟ ମହର୍ଷି ଦଧୀଚିଙ୍କୁ ବୃଷ୍ଟିସୂତ୍ରର, ହିମବତ୍ କେଦାରପୀଠର ଘଣ୍ଟାକର୍ଣ୍ଣାଚାର୍ଯ୍ୟ ମହର୍ଷି ବ୍ୟାସଙ୍କୁ ଲମ୍ବନସୂତ୍ରର, ଶ୍ରୀଶୈଳପୀଠର ଜଗଦ୍‌ଗୁରୁ ଧେନୁକର୍ଣ୍ଣାଚାର୍ଯ୍ୟ ମହର୍ଷି ସାନନ୍ଦଙ୍କୁ ମୁକ୍ତାଗୁଚ୍ଛ ସୂତ୍ରର ଏବଂ କାଶୀପୀଠର ଜଗଦ୍‌ଗୁରୁ ବିଶ୍ୱକର୍ଣ୍ଣାଚାର୍ଯ୍ୟ ମହର୍ଷି ଦୁର୍ବାସାଙ୍କୁ ପଞ୍ଚବର୍ଣ୍ଣ ମହାସୂତ୍ରର ଉପଦେଶ ଦେଲେ । ଏଥିନିମନ୍ତେ –

ପଞ୍ଚାନନମୁଖୋଦ୍‌ଭୂତାନ୍ ପଞ୍ଚାକ୍ଷରମନୂପମାନ୍ ।
ପଞ୍ଚସୂତ୍ରକୃତୋ ବନ୍ଦେ ପଞ୍ଚାଚାର୍ଯ୍ୟାନ୍ ଜଗଦ୍‌ଗୁରୂନ୍ ।।

(ପଞ୍ଚମୁଖ ସଦାଶିବଙ୍କର ପାଞ୍ଚମୁଖରୁ ଆବିର୍ଭୂତ ହୋଇ ନ-ମ-ଶି-ବା-ୟ ଏହି ପଞ୍ଚାକ୍ଷର

CC-0. Jangamwadi Math Digital Collection.

ସ୍ୱରୂପ ପାଞ୍ଚ ସୂତ୍ର ଗୁଡ଼ିକର ରଚନା କରିଥିବା ଜଗଦ୍‌ଗୁରୁ ପଞ୍ଚାଚାର୍ଯ୍ୟଙ୍କୁ ନମସ୍କାର) ଏହି ପରମ୍ପରାଗତ ଶ୍ଳୋକ ପ୍ରସିଦ୍ଧ ଅଟେ ।

ଏହି ଜଗଦ୍‌ଗୁରୁମାନଙ୍କ ମଧ୍ୟରୁ କାଶୀପୀଠର ଜଗଦ୍‌ଗୁରୁ ବିଶ୍ୱକର୍ଣ୍ଣାଚାର୍ଯ୍ୟଙ୍କଦ୍ୱାରା ମହର୍ଷି ଦୁର୍ବାସାଙ୍କୁ ଉପଦିଷ୍ଟ ପଞ୍ଚବର୍ଣ୍ଣମହାସୂତ୍ରର ଭାଷ୍ୟ ଏବଂ ହିନ୍ଦିବ୍ୟାଖ୍ୟା ସହିତ ୨୦୦୫ ଖ୍ରୀଷ୍ଟାବ୍ଦରେ କାଶୀ ଜଙ୍ଗମବାଡ଼ୀ ମଠର ଶୈବଭାରତୀ ଶୋଧପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ କରାଯାଇଥିଲା । ଏହି ଶୋଧସଂସ୍ଥାର ନିର୍ଦ୍ଦେଶକ ରାଷ୍ଟ୍ରିୟ ପଣ୍ଡିତ ବ୍ରଜବଲ୍ଲଭ ଦ୍ୱିବେଦୀ ଅଥକ ପରିଶ୍ରମ କରି ହିନ୍ଦୀ ଅନୁବାଦ ସହିତ ଏହାର ସମ୍ପାଦନ କରିଥିଲେ । ଆଶା କରୁଛି ଅନ୍ୟ ଆଚାର୍ଯ୍ୟମାନଙ୍କଦ୍ୱାରା ଉପଦିଷ୍ଟ ଅବଶିଷ୍ଟ ଚାରି ସୂତ୍ରର ସଂଶୋଧନ ଓ ସମ୍ପାଦନ ମଧ୍ୟ ଶୀଘ୍ର ସମ୍ପନ୍ନ ହେବ ।

ରମ୍ଭାପୁରୀପୀଠର ଜଗଦ୍‌ଗୁରୁ ମହର୍ଷି ଅଗସ୍ତ୍ୟଙ୍କୁ ପଡ଼ବିଡ଼ି (ଷଡ଼ବିଧ) ସୂତ୍ର ସହିତ ଆଗମୋକ୍ତ ବୀରଶୈବ ସିଦ୍ଧାନ୍ତର ଯେଉଁ ସୁବିସ୍ତୃତ ଉପଦେଶ ଦେଇଥିଲେ, ତାହାର ସଂଗ୍ରହ ଶ୍ରୀ ଶିବଯୋଗୀ ଶିବାଚାର୍ଯ୍ୟ କରିଥିଲେ । ଆଜି ତାହା ଶ୍ରୀସିଦ୍ଧାନ୍ତ-ଶିଖାମଣି ନାମରେ ପ୍ରସିଦ୍ଧ ଅଟେ ।

ଶ୍ରୀସିଦ୍ଧାନ୍ତଶିଖାମଣି ବୀରଶୈବ ଧର୍ମଦର୍ଶନର ପ୍ରତିପାଦକ ଏକ ଅଦ୍ୱିତୀୟ ସଂସ୍କୃତ ଗ୍ରନ୍ଥ ଅଟେ । ଯେପରି ପ୍ରସ୍ଥାନତ୍ରୟୀ ବେଦାନ୍ତ ଉପନିଷଦ୍‌ରେ ସାରଭୂତ ଭଗବଦ୍‌ଗୀତା ଭଗବାନ୍ ଶ୍ରୀକୃଷ୍ଣଦ୍ୱାରା ଉପଦିଷ୍ଟ ହେବା ପରେ ବି ମହର୍ଷି ବ୍ୟାସଦେବଦ୍ୱାରା ଲିପିବଦ୍ଧ ହୋଇଥିଲା, ସେହିପରି ଜଗଦ୍‌ଗୁରୁ ରେଣୁକାଚାର୍ଯ୍ୟ ଦ୍ୱାରା ମହର୍ଷି ଅଗସ୍ତ୍ୟଙ୍କୁ ଉପଦିଷ୍ଟ ବୀରଶୈବ ସିଦ୍ଧାନ୍ତକୁ ଶିବଯୋଗୀ ଶିବାଚାର୍ଯ୍ୟ ନାମକ ସୁପ୍ରସିଦ୍ଧ ବୀରଶୈବ ଆଚାର୍ଯ୍ୟ ରେଣୁକାଗସ୍ତ୍ୟସମ୍ବାଦ ଭାବରେ ଲିପିବଦ୍ଧ କରିଥିଲେ । ଯେପରି ଭଗବଦ୍‌ଗୀତା ସମସ୍ତ ଉପନିଷଦ୍‌ର ସାରସର୍ବସ୍ୱ ଅଟେ, ସେହିପରି ଶ୍ରୀସିଦ୍ଧାନ୍ତଶିଖାମଣି କାମିକାଦି ବାତୁଳାନ୍ତ ୨୮ ସିଦ୍ଧାନ୍ତାଗମର ସାରଭୂତ ଅଟେ ।

ଏକୋଇଶି ପରିଚ୍ଛେଦରେ ଉପନିବଦ୍ଧ ଶ୍ରୀସିଦ୍ଧାନ୍ତଶିଖାମଣିରେ ପ୍ରାୟଃ ୧୪୦୦ ଶ୍ଳୋକ ଅଛି । ଏହି ଗ୍ରନ୍ଥର ପ୍ରଥମ ପରିଚ୍ଛେଦରୁ ଚତୁର୍ଥ ପରିଚ୍ଛେଦ ପର୍ଯ୍ୟନ୍ତ ମଙ୍ଗଳାଚରଣ, କବିଙ୍କର ବଂଶବର୍ଣ୍ଣନ, କୈଳାସ ପର୍ବତ ବର୍ଣ୍ଣନ, ଜଗଦ୍‌ଗୁରୁରେଣୁକାଚାର୍ଯ୍ୟଙ୍କର ଲିଙ୍ଗାବତାରର ବର୍ଣ୍ଣନ ଓ ମହର୍ଷି ଅଗସ୍ତ୍ୟଙ୍କର ଆଶ୍ରମ ଆଦିର ବର୍ଣ୍ଣନ କରାଯାଇଛି । ଏକୋଇଶି ପରିଚ୍ଛେଦରେ ବିଭୀଷଣଙ୍କର ପ୍ରାର୍ଥନା ଅନୁସାରେ ଶ୍ରୀଲଙ୍କାରେ ଜଗଦ୍‌ଗୁରୁ ରେଣୁକାଚାର୍ଯ୍ୟ ତିନି କୋଟି ଶିବଲିଙ୍ଗ ଏକ ସଙ୍ଗେ ସ୍ଥାପନା କରିବାର ମହିମା ବର୍ଣ୍ଣିତ ହୋଇଛି । ଏହି ଗ୍ରନ୍ଥର ପଞ୍ଚମ ପରିଚ୍ଛେଦରୁ ବିଂଶ (କୋଡ଼ିଏ) ପରିଚ୍ଛେଦ ପର୍ଯ୍ୟନ୍ତ ବୀରଶୈବ ଧର୍ମଦର୍ଶନର ଷଡ୍‌ସ୍ଥଳ ସିଦ୍ଧାନ୍ତ ୧୦୧ ଅବାନ୍ତର ସ୍ଥଳ ଭାବରେ ବିସ୍ତାର ସହିତ ବର୍ଣ୍ଣିତ ହୋଇଛନ୍ତି ।

CC-0. Jangamwadi Math Digital Collection.

ଶ୍ରୀସିଦ୍ଧାନ୍ତଶିଖାମଣି ଏପରି ପ୍ରଥମଗ୍ରନ୍ଥ ଯେଉଁଥିରେ ବୀରଶୈବ ଷଡ୍‌ସ୍ଥଳ ସିଦ୍ଧାନ୍ତ ୧୦୧ ସ୍ଥଳ ଭାବରେ ଶାସ୍ତ୍ରୋକ୍ତରୀତିରେ ପ୍ରତିପାଦିତ ହୋଇଛି । ଅନ୍ୟ ଶୈବାଗମରେ ଷଡ୍‌ସ୍ଥଳର କେବଳ ନାମୋଲ୍ଲେଖ ଏବଂ ତାହାର ସିଦ୍ଧାନ୍ତକୁ ପ୍ରତିପାଦିତ କରାଯାଇଛି । କିନ୍ତୁ ଶ୍ରୀଶିବଯୋଗୀଶିବାଚାର୍ଯ୍ୟ ଆଗମୋକ୍ତ ଷଡ୍‌ସ୍ଥଳ ସିଦ୍ଧାନ୍ତକୁ ଆଧାର କରି ସେହି ଷଡ୍‌ସ୍ଥଳକୁ ୧୦୧ ସ୍ଥଳରେ ବିସ୍ତୃତ କରି ଏକ ଅପୂର୍ବ ଓ ଅଦ୍‌ଭୂତ ପଦ୍ଧତିରେ ତାହାର ବିବେଚନା କରିଛନ୍ତି । ଏଣୁ ଷଡ୍‌ସ୍ଥଳର ୧୦୧ ସ୍ଥଳ ଭାବରେ ପ୍ରଥମ ବିବେଚନା ଶ୍ରୀ ଶିବଯୋଗୀ ଶିବାଚାର୍ଯ୍ୟ ମାନ୍ୟ ଅଟନ୍ତି ।

ଗ୍ରନ୍ଥର ନାମରହସ୍ୟ –

ଶ୍ରୀରେଣୁକାଗସ୍ତ୍ୟସଂବାଦାତ୍ମକ ଏହି ଗ୍ରନ୍ଥର 'ଶ୍ରୀସିଦ୍ଧାନ୍ତଶିଖାମଣି' ନାମକରଣ କରାଯାଇଛି । ଏହାର ରହସ୍ୟ ହେଉଛି, କାମିକାଦି ବାତୁଳାନ୍ତ ଶିବୋପଦିଷ୍ଟ ୨୮ଶୈବାଗମ ସିଦ୍ଧାନ୍ତାଗମ ନାମରେ ପ୍ରସିଦ୍ଧ ଅଟନ୍ତି[୧] । ଏହି ସିଦ୍ଧାନ୍ତାଗମର ଉତ୍ତରଭାଗରେ ବୀରଶୈବ ସିଦ୍ଧାନ୍ତ ପ୍ରତିପାଦିତ ହୋଇଅଛି । ସେହି ବୀରଶୈବ ସିଦ୍ଧାନ୍ତକୁ ଶ୍ରୀଶିବଯୋଗୀ ଶିବାଚାର୍ଯ୍ୟ ନିଜର ବିଶିଷ୍ଟ ରଚନାଶୈଳୀରେ ସଂଗୃହୀତ କରିଛନ୍ତି । ଏହି ସଂଗୃହୀତ ସିଦ୍ଧାନ୍ତ ଶିଖାମଣି ଅର୍ଥାତ୍ ଶିରୋରତ୍ନ ପରି ହୋଇଥିବାରୁ ସିଦ୍ଧାନ୍ତଶିଖାମଣି ଅଟେ । ଏହି କଥାକୁ ସମର୍ଥ କରି ସ୍ୱୟଂ ଗ୍ରନ୍ଥକାର କହିଛନ୍ତି –

ସର୍ବେଷାଂ ଶୈବତନ୍ତ୍ରାଣାମୁତ୍ତରତ୍ୱାନ୍ନିରୁତ୍ତରମ୍ ।
ନାମ୍ନା ପ୍ରତୀୟତେ ଲୋକେ ଯତ୍‌ସିଦ୍ଧାନ୍ତଶିଖାମଣିଃ ।।

ଆଗମ ପ୍ରତିପାଦିତ ଅନେକ ସିଦ୍ଧାନ୍ତଗୁଡ଼ିକ ମଧ୍ୟରେ ବୀରଶୈବ ସିଦ୍ଧାନ୍ତ ଏକ ଶିଖାମଣି ସଦୃଶ ଏହି ଗ୍ରନ୍ଥରେ ପ୍ରସ୍ତୁତ ହୋଇଅଛି। ତେଣୁ ଏହି ଗ୍ରନ୍ଥର ନାମ ଶ୍ରୀସିଦ୍ଧାନ୍ତଶିଖାମଣି ଅଟେ ।

ଗ୍ରନ୍ଥକାର ଏବଂ ତାଙ୍କର ସମୟ –

ଗ୍ରନ୍ଥକାର ଶ୍ରୀଶିବଯୋଗୀଶିବାଚାର୍ଯ୍ୟ ଏହି ଗ୍ରନ୍ଥର ପ୍ରଥମପରିଚ୍ଛେଦର ୧୩ରୁ୨୦ ପର୍ଯ୍ୟନ୍ତ ଶ୍ଳୋକରେ ନିଜର ବଂଶର ବର୍ଣ୍ଣନା କରିଛନ୍ତି । ଏଥିରୁ ଜଣାଯାଏ ଯେ ତାଙ୍କ ବଂଶରେ ବହୁତ ବର୍ଷ ପୂର୍ବେ ଶିବଯୋଗୀନାମରେ ଜଣେ ମହାନ୍ ଯୋଗୀ ଜନ୍ମ ହୋଇଥିଲେ ।

---

୧. ସିଦ୍ଧାନ୍ତଶବ୍ଦଃ ପଙ୍କଜାଦିଶବ୍ଦବଦ୍ ଯୋଗରୂଢ୍ୟା ଶିବପ୍ରଣୀତେଷୁ କାମିକାଦିଷୁ ଦଶାଷ୍ଟାଦଶ–ତନ୍ତ୍ରେଷୁ ପ୍ରସିଦ୍ଧଃ । (ରତ୍ନତ୍ରୟମ୍, ପୃ.୫)

CC-0. Jangamwadi Math Digital Collection.

ତାଙ୍କର ବଂଶରେ ମୁଦ୍‌ଦଦେବନାମକ ଆଚାର୍ଯ୍ୟ ଥିଲେ । ତାଙ୍କର ସିଦ୍ଧନାଥନାମକ ସୁପୁତ୍ର ଥିଲେ । ସିଦ୍ଧନାଥଙ୍କର ଶିବଯୋଗୀନାମକ ପୁତ୍ର ଉତ୍ପନ୍ନ ହେଲେ । ଏହି ଶିବଯୋଗୀ ହିଁ ପ୍ରସ୍ତୁତ ଗ୍ରନ୍ଥର ରଚୟିତା ଶିବଯୋଗୀ ଶିବାଚାର୍ଯ୍ୟ ଅଟନ୍ତି ।

ଗ୍ରନ୍ଥକାରଙ୍କର ବଂଶବୃକ୍ଷ

↓

ଶିବଯୋଗୀ

↓

ମୁଦ୍‌ଦଦେବ

↓

ସିଦ୍ଧନାଥ

↓

ଶିବଯୋଗୀ

(ଶ୍ରୀସିଦ୍ଧାନ୍ତଶିଖାମଣିର ରଚୟିତା)

ଏହି ବଂଶବର୍ଣ୍ଣନରୁ ଶିବଯୋଗୀ ଶିବାଚାର୍ଯ୍ୟଙ୍କର ଦେଶ ଓ କାଳ ବିଷୟରେ ସ୍ପଷ୍ଟ ଉଲ୍ଲେଖ ନାହିଁ । ୧୭୦୦ଶତାବ୍ଦୀରେ କର୍ଣ୍ଣାଟକର ମାରିତୋଣ୍ଟଦାର୍ଯ୍ୟନାମକ ବିଦ୍ୱାନ୍ ଏହି ଗ୍ରନ୍ଥ ଉପରେ ତତ୍ତ୍ୱପ୍ରଦୀପିକା ନାମକ ସଂସ୍କୃତ ବ୍ୟାଖ୍ୟା ଲେଖିଥିଲେ । ସେ ନିଜର ବ୍ୟାଖ୍ୟାନର ଅବତରଣିକାର ପ୍ରାରମ୍ଭରେ ଲେଖିଛନ୍ତି – 'ଅତ୍ର କଳିକାଳ– ପ୍ରବେଶାନନ୍ତରଂ ଲୋକହିତାର୍ଥଂ ରେଣୁକଗଣେଶ୍ୱର ଇତି ପ୍ରସିଦ୍ଧୋ ରେବଣସିଦ୍ଧେଶ୍ୱରଃ କୁମ୍ଭସମବାୟ ବୀରଶୈବଶାସ୍ତ୍ରମୁପଦିଷ୍ଟବାନ୍ । ତଦନନ୍ତରଂ ରେବଣସିଦ୍ଧେଶ୍ୱରଦୃଷ୍ଟିଗର୍ଭସମ୍ଭୂତସିଦ୍ଧ–ରାମେଶ୍ୱରସମ୍ପ୍ରଦାୟପ୍ରସିଦ୍ଧଃ ସକଳନିଗମାଗମପାରଗଃ ଶିବଯୋଗୀଶ୍ୱର ଇତ୍ୟଭିଧାନବାନ୍ କଶ୍ଚିନ୍ମାହେଶ୍ୱରସ୍ତଦ୍ରେଣୁକାଗସ୍ତ୍ୟସଂବାଦଂ ନିର୍ବିଘ୍ନେନ ସ୍ୱଶିଷ୍ୟାନ୍ ବୋଧୟିତୁଂ ସ୍ୱମନସି କୃତସଙ୍କଳ୍ପସିଦ୍ଧାନ୍ତଶ୍ରେଷ୍ଠନିଗମାଗମୈକ୍ୟଗର୍ଭୀକାରଲକ୍ଷଣସ୍ୱେଷ୍ଟଦେବତାନମସ୍କାରରୂପଂ ମଙ୍ଗଳଂ ଶିଷ୍ୟଶିକ୍ଷାର୍ଥଂ ସପ୍ତଭିଃ ଶ୍ଳୋକୈର୍ନିବଧ୍ନାତି[୨] ।' ଏହି ଅବତରଣିକାରେ ଗ୍ରନ୍ଥକାର ଶିବଯୋଗୀ ଶିବାଚାର୍ଯ୍ୟଙ୍କୁ ଶ୍ରୀସିଦ୍ଧରାମେଶ୍ୱରଙ୍କର ସମ୍ପ୍ରଦାୟରେ ସମ୍ବନ୍ଧ ଅର୍ଥାତ୍ ତାଙ୍କର ବଂଶଜ କୁହାଯାଇଛି । କିନ୍ତୁ ମରିତୋଣ୍ଟଦାର୍ଯ୍ୟଙ୍କର ଏହି ଉକ୍ତି ତର୍କସଙ୍ଗତ ପ୍ରତୀତ ହେଉନାହିଁ ।

ମହାରାଷ୍ଟ୍ରର ସୋଲାପୁର ପ୍ରାନ୍ତରେ ୧୨ଶ ଶତାବ୍ଦୀରେ ଶ୍ରୀସିଦ୍ଧରାମେଶ୍ୱର ନାମକ

---

୨. ସି. ଶି., ପୃ. ୧–୨

CC-0. Jangamwadi Math Digital Collection.

ଜଣେ ମହାନ୍ ଶିବଯୋଗୀ ଆଚାର୍ଯ୍ୟ ଥିଲେ । ତାଙ୍କର ପିତାଙ୍କ ନାମ ମୁଦ୍ଦଗୌଡ଼ା ଥିଲା । ଶିବଯୋଗୀ ଶିବାଚାର୍ଯ୍ୟ ନିଜର ପୂର୍ବଜ ମଧ୍ୟରୁ ଜଣଙ୍କ ନାମ ମୁଦ୍ଦଦେବ କହିଛନ୍ତି । ଅନ୍ୟତ୍ର ମୁଦ୍ଦଗୌଡ଼ାଙ୍କର ପୁତ୍ର ସିଦ୍ଧରାମ ଥିଲେ । ଏଠାରେ ମୁଦ୍ଦଦେବଙ୍କର ପୁତ୍ର ସିଦ୍ଧନାଥ । ଏହିପରି ନାମସାମ୍ୟହେତୁ ମୁଦ୍ଦଦେବଙ୍କୁ ମୁଦ୍ଦଗୌଡ଼ା ଭାବି ଓ ସିଦ୍ଧନାଥଙ୍କୁ ସିଦ୍ଧରାମ ମାନି ମରିତୋଣ୍ଟଦାର୍ଯ୍ୟଙ୍କ ମନରେ ଭ୍ରମ ଉତ୍ପନ୍ନ ହୋଇଥାଇପାରେ। ବସ୍ତୁତଃ ସୋଲାପୁରର ଶ୍ରୀସିଦ୍ଧରାମେଶ୍ୱରଙ୍କ ବଂଶ ସହିତ ଶିବଯୋଗୀ ଶିବାଚାର୍ଯ୍ୟଙ୍କର ସମ୍ବନ୍ଧ ହୋଇପାରିବନି । କର୍ଣ୍ଣାଟକର ବୀରଶୈବ ବିଦ୍ୱାନ୍ ଡା. ଜ. ଚ. ନି.[୩] ଓ ଏନ୍. ଆର୍. କରିବସବ ଶାସ୍ତ୍ରୀ[୪] ଆଦି ବିଦ୍ୱାନ୍ ଶ୍ରୀମରିତୋଣ୍ଟଦାର୍ଯ୍ୟଙ୍କର ବିଚାରସରଣିକୁ ବି ସଙ୍ଗତ ମାନିଛନ୍ତି ।

ଗ୍ରନ୍ଥର କାଳନିର୍ଣ୍ଣୟରେ ଦାସଗୁପ୍ତାଙ୍କର ଅନବଧାନତା –

ଡା. ଏସ୍. ଏନ୍. ଦାସଗୁପ୍ତା ଭାରତୀୟ ଦର୍ଶନଶାସ୍ତ୍ରର ଜଣେ ଜଣାଶୁଣା ଇତିହାସକାର । ସେ (A History of Indian Philosophy Vol.No.5, Page No.44)ରେ ଶ୍ରୀସିଦ୍ଧାନ୍ତଶିଖାମଣିର କାଳନିର୍ଣ୍ଣୟ ସମୟରେ ଲେଖିଛନ୍ତି – ଶ୍ରୀସିଦ୍ଧାନ୍ତ–ଶିଖାମଣିରେ ଶ୍ରୀବସବେଶ୍ୱରଙ୍କର ନାମୋଲ୍ଲେଖ ଗ୍ରନ୍ଥକୁ ପରବର୍ତ୍ତୀ ବତାଉଛି ଏବଂ ଶ୍ରୀକରଭାଷ୍ୟରେ ଶ୍ରୀସିଦ୍ଧାନ୍ତଶିଖାମଣିର ଉଲ୍ଲେଖ ତାହାକୁ ଶ୍ରୀପତି ପଣ୍ଡିତାରାଧ୍ୟଠାରୁ ପୂର୍ବବର୍ତ୍ତିରଚନା ସୂଚିତ କରୁଛି । ଶ୍ରୀକରଭାଷ୍ୟ ଠାରୁ ପୂର୍ବବର୍ତ୍ତି ଶ୍ରୀସିଦ୍ଧାନ୍ତଶିଖାମଣିକୁ ବସବେଶ୍ୱରଙ୍କଠାରୁ ଅର୍ବାଚୀନ ମାନି ହେଉନି କାରଣ ତାଙ୍କର ଉଲ୍ଲେଖ ଗ୍ରନ୍ଥରେ ଦେଖାଯାଉନାହିଁ । କିନ୍ତୁ ଶ୍ରୀମରିତୋଣ୍ଟଦାର୍ଯ୍ୟକୃତ ତତ୍ତ୍ୱପ୍ରଦୀପିକାବ୍ୟାଖ୍ୟାର ଅବତରଣିକାରେ ବୀରଭଦ୍ରାଚାର ଏବଂ ବସବେଶ୍ୱରାଚାରଙ୍କର ଉଲ୍ଲେଖ ଅଛି[୫] ।

ଏଥିରୁ ଏହା ପ୍ରତିପାଦିତ ହେଉଛି ଯେ ଶ୍ରୀସିଦ୍ଧାନ୍ତଶିଖାମଣିର ତତ୍ତ୍ୱପ୍ରଦୀପିକା–ବ୍ୟାଖ୍ୟାକାର ଶ୍ରୀମରିତୋଣ୍ଟଦାର୍ଯ୍ୟ ଶ୍ରୀବସବେଶ୍ୱରଙ୍କଠାରୁ ପରବର୍ତ୍ତୀ, କିନ୍ତୁ ମୂଳଲେଖକ ଶିବଯୋଗୀ ଶିବାଚାର୍ଯ୍ୟ ନୁହନ୍ତି । ଶ୍ରୀଦାସଗୁପ୍ତ ବୋଧହୁଏ ମୂଳଲେଖା ତଥା ତାହାର ବ୍ୟାଖ୍ୟା ମଧ୍ୟରେ ଥିବା ସମୟ ବ୍ୟବଧାନକୁ ବିଚାର ନ କରି ଏପରି ମତ ଦେଇଛନ୍ତି।

---

୩. କନ୍ନଡ଼ମଣିକାନ୍ତିପୀଠିକା, ପୃ. ୧୬ ରୁ ୨୦ (ଖ୍ରୀ. ୧୯୫୧)

୪. ସିଦ୍ଧାନ୍ତଶିଖାମଣି, କନ୍ନଡ଼ ପ୍ରସ୍ତାବନା, ପୃ.୫ (ଖ୍ରୀ. ୧୯୭୧)

୫. ସି. ଶି. – ୯–୩୬, ତତ୍ତ୍ୱପ୍ରଦୀପିକା ବ୍ୟାଖ୍ୟା, ପୃ. ୧୮୫ (ବୀରଶୈବ ସାହିତ୍ୟ ସଂଶୋଧନ ମଣ୍ଡଳ, ସୋଲାପୁର ପ୍ରକାଶନ, ଖ୍ରୀ. ୧୯୯୦)

CC-0. Jangamwadi Math Digital Collection.

ପ୍ରସାଦାଦ୍ ଦେବତାଭକ୍ତିଃ ପ୍ରସାଦୋ ଭକ୍ତିସମ୍ଭବଃ ।
ଯଥୈବାଙ୍କୁରତୋ ବୀଜଂ ବୀଜତୋ ବା ଯଥାଙ୍କୁରଃ ।।
(ସି. ଶି.୯/୩୬)

ମହାତ୍ମା ବସବେଶ୍ୱର ଶ୍ରୀସିଦ୍ଧାନ୍ତଶିଖାମଣିର ଏହି ଶ୍ଳୋକକୁ ପ୍ରମାଣ ରୂପରେ ଉଦ୍ଧୃତ କରିଛନ୍ତି[୬] । ୧୨ଶ ଶତାବ୍ଦୀର ଚନ୍ନବସବେଶ୍ୱର ଆଦି ସନ୍ଥ ଜାତିବାଦ ନିରାକରଣ ନିମନ୍ତେ –

ଶିବଭକ୍ତିସମାବେଶେ କ୍ୱ ଜାତିପରିକଳ୍ପନା ।
ଇନ୍ଧନେଷ୍ୱଗ୍ନିଦଗ୍ଧେଷୁ କୋ ବା ଭେଦଃ ପ୍ରକୀର୍ତ୍ତ୍ୟତେ ।।
(ସି. ଶି. ୧୧/୫୫)

ଶ୍ରୀସିଦ୍ଧାନ୍ତଶିଖାମଣିର ଏହି ଶ୍ଳୋକ ଉଦାହରଣ ଦେଇଛନ୍ତି । ଏଥିରୁ ଏହା ସ୍ପଷ୍ଟ ଯେ ଶ୍ରୀଶିବଯୋଗୀଶିବାନନ୍ଦ ୧୨ଶ ଶତାବ୍ଦୀ ପୂର୍ବରୁ ବିଦ୍ୟମାନ ଥିଲେ ।

ଏହା ବ୍ୟତୀତ ଶ୍ରୀପତି ପଣ୍ଡିତାରାଧ୍ୟଙ୍କ ବିରଚିତ ଶ୍ରୀକରଭାଷ୍ୟରେ[୭] ମଧ୍ୟ ଶ୍ରୀସିଦ୍ଧାନ୍ତଶିଖାମଣିର ଉଲ୍ଲେଖ ଅଛି । ଭାରତୀୟ ଦର୍ଶନଶାସ୍ତ୍ରର ସୁପ୍ରସିଦ୍ଧବିଦ୍ୱାନ୍ ସ୍ୱର୍ଗୀୟ ପଣ୍ଡିତ ବଳଦେବ ଉପାଧ୍ୟାୟ ଶ୍ରୀପତି ପଣ୍ଡିତରାଧ୍ୟଙ୍କର ସମୟ[୮] ୧୦୬୦ ଖ୍ରୀଷ୍ଟାବ୍ଦ ମାନିଛନ୍ତି । ଶ୍ରୀକରଭାଷ୍ୟରେ ଶ୍ରୀରାମାନୁଜାଚାର୍ଯ୍ୟ ତଥା ତାଙ୍କର ଶ୍ରୀଭାଷ୍ୟର ଉଲ୍ଲେଖ ଅଛି । ଭାରତବର୍ଷର ଭୂତପୂର୍ବ ରାଷ୍ଟ୍ରପତି ଡା. ସର୍ବପଲ୍ଲୀ ରାଧାକୃଷ୍ଣନ୍ ଶ୍ରୀରାମାନୁଜା-ଚାର୍ଯ୍ୟଙ୍କର ସମୟ ୧୦୨୭ ଖ୍ରୀଷ୍ଟାବ୍ଦ ମାନିଛନ୍ତି[୯] ।

କାଶୀପୀଠର ପୂର୍ବ ଜଗଦ୍‌ଗୁରୁ ବୀରଭଦ୍ର ଶିବାଚାର୍ଯ୍ୟ[୧୦] ତଥା ଶ୍ରୀ ଟୀ.ଏସ୍. ନାରାୟଣଶାସ୍ତ୍ରୀ[୧୧] ପ୍ରାଚୀନ ଶିଳାଲେଖ ଆଧାରରେ ଶ୍ରୀକରଭାଷ୍ୟର ସମୟ କ୍ରମଶଃ ୧୦୬୪ଖ୍ରୀଷ୍ଟାବ୍ଦ ତଥା ୧୦୭୨ ଖ୍ରୀଷ୍ଟାବ୍ଦ ମାନିଛନ୍ତି । ଏହି ବିଦ୍ୱାନମାନଙ୍କର ବିଚାରରୁ

---

୬. ମହାତ୍ମା ବସବେଶ୍ୱରଙ୍କର ବଚନଭାଗ-୧, ପୃ.୧୦୭, କର୍ଣ୍ଣାଟକ ବିଶ୍ୱବିଦ୍ୟାଳୟ ପ୍ରକାଶନ, ଖ୍ରୀ.୧୯୭୬ ବର୍ଷ ।

୭. ବ୍ରହ୍ମସୂତ୍ର, ଶ୍ରୀକରଭାଷ୍ୟ, ୧-୧-୧ ।

୮. ଭାରତୀୟଦର୍ଶନ, ପୃ.-୪୬୯, ଚୌଖମ୍ବା ଓରିୟଣ୍ଟାଲିୟା, ଖ୍ରୀ.୧୯୭୬ ।

୯. Indian Philosophy, Vol.No.2, Page No.665, Published by D.R.Bhagi, Bombay 1977 A.D.

୧୦. ଶ୍ରୀକରଭାଷ୍ୟ ଚତୁଃ ସୂତ୍ରୀପୀଠିକା, ପୃ.-୪, ଜଙ୍ଗମବାଡ଼ୀ ମଠ, ବାରାଣସୀ ପ୍ରକାଶନ, ଖ୍ରୀ.୧୯୫୬।

୧୧. The Indian Review, Vol.No. 16, May 1915, Page No. 5

CC-0. Jangamwadi Math Digital Collection.

ଶ୍ରୀପତି ପଣ୍ଡିତାରାଧ୍ୟଙ୍କର ସମୟ ନିଶ୍ଚିତ ଭାବରେ ୧୧ଶ ଶତାବ୍ଦୀ ସିଦ୍ଧ ହେଉଛି । ତାଙ୍କଦ୍ୱାରା ରଚିତ ଶ୍ରୀକରଭାଷ୍ୟରେ ଶ୍ରୀସିଦ୍ଧାନ୍ତଶିଖାମଣିର ରଚୟିତା ଶ୍ରୀଶିବଯୋଗୀ ଶିବାଚାର୍ଯ୍ୟଙ୍କର ଉଲ୍ଲେଖ ଥିବାରୁ ତାଙ୍କର ସମୟ ନିଶ୍ଚିତ ଭାବରେ ୧୧ଶ ଶତାବ୍ଦୀର ପୂର୍ବବର୍ତ୍ତୀ । ଶ୍ରୀସିଦ୍ଧାନ୍ତଶିଖାମଣିରେ ଶ୍ରୀଶିବଯୋଗୀ ଶିବାଚାର୍ଯ୍ୟ କହିଛନ୍ତି –

ଯେନ ରକ୍ଷାବତୀ ଜାତା ଶିବଭକ୍ତିଃ ସନାତନୀ ।
ବୌଦ୍ଧାଦିପ୍ରତିସିଦ୍ଧାନ୍ତମହାଧ୍ୱାନ୍ତାଂଶୁମାଳିନା ।।

ବୌଦ୍ଧ ଆଦି ପ୍ରତିସିଦ୍ଧାନ୍ତରୁ ଶିବଭକ୍ତଙ୍କୁ ରକ୍ଷା କରିବା ନିମନ୍ତେ ଏହି ଗ୍ରନ୍ଥର ରଚନା କରାଯାଇଥିବାର ଏଥିରୁ ଜଣା ଯାଉଛି । ଭାରତବର୍ଷରେ ବୌଦ୍ଧଧର୍ମର ପ୍ରବଳ ପ୍ରଚାର ୬୦୦–୮୦୦ଖ୍ରୀଷ୍ଟାବ୍ଦରେ ହୋଇଥିଲା । ତେଣୁ ଶ୍ରୀସିଦ୍ଧାନ୍ତଶିଖାମଣିର ରଚନାକାଳ ମଧ୍ୟ ଏହି ସମୟରେ ଅର୍ଥାତ୍ ୮ମ ଶତାବ୍ଦୀ ମାନିବା ଉଚିତ୍ ପ୍ରତିଭାତ ହେଉଛି ।

ଶିବଯୋଗୀ ଶିବାଚାର୍ଯ୍ୟଙ୍କର ଦେଶ –

ଶ୍ରୀସିଦ୍ଧାନ୍ତଶିଖାମଣିର ରଚନାକାର ଶ୍ରୀଶିବଯୋଗୀ ଶିବାଚାର୍ଯ୍ୟ ନିଜର ବଂଶବର୍ଣ୍ଣନ ପ୍ରସଙ୍ଗରେ ଗ୍ରାମ ଅଥବା ପ୍ରଦେଶର ଉଲ୍ଲେଖ କରି ନାହାନ୍ତି । ତେଣୁ ଏ କାର୍ଯ୍ୟ କଠିନ ଅଟେ । ମୈସୂରର ବେ. ପଂ. କାଶୀନାଥ ଶାସ୍ତ୍ରୀ ଏବଂ ଡା.ଜ.ଚ.ନି. ମହୋଦୟ ଶିବଯୋଗୀ ଶିବାଚାର୍ଯ୍ୟଙ୍କୁ କର୍ଣ୍ଣାଟକ ପ୍ରଦେଶର ବୀଜାପୁରା ଜିଲ୍ଲାର ସାଲୋଟପୀ ଗ୍ରାମନିବାସୀ ବୋଲି ପ୍ରତିପାଦନ କରିଛନ୍ତି ।

ଶ୍ରୀସିଦ୍ଧାନ୍ତଶିଖାମଣିର ଟୀକାକାର –

ବୀରଶୈବ ଧର୍ମଗ୍ରନ୍ଥ ରୂପରେ ପ୍ରଖ୍ୟାତ ଶ୍ରୀସିଦ୍ଧାନ୍ତଶିଖାମଣି ଗ୍ରନ୍ଥର ସଂସ୍କୃତ, କନ୍ନଡ଼, ହିନ୍ଦୀ, ମରାଠୀ, ତେଲୁଗୁ ତଥା ଇଂରାଜୀ ଆଦି ଭାଷାରେ ବିଦ୍ୱାନ୍‌ମାନେ ଅନେକ ବ୍ୟାଖ୍ୟା ଲେଖିଛନ୍ତି । ଏହା ବୀରଶୈବ ଧର୍ମର ଏହି ଗ୍ରନ୍ଥର ଲୋକପ୍ରିୟତାକୁ ବତାଉଛି ।

୧୭ଶ ଶତାବ୍ଦୀରେ ସୋସଲେ ରେବଣାରାଧ୍ୟ ନାମକ କନ୍ନଡ଼ ବିଦ୍ୱାନ୍ ଏହି ଗ୍ରନ୍ଥ ଉପରେ ସିଦ୍ଧାର୍ଥବୋଧିନୀ ନାମକ ବ୍ୟାଖ୍ୟା ଲେଖିଛନ୍ତି । ତାଙ୍କ ପରେ ୧୨ଶ ଶତାବ୍ଦୀରେ ଶ୍ରୀ ମରିତୋଣ୍ଟଦାର୍ଯ୍ୟ 'ତତ୍ତ୍ୱପ୍ରଦୀପିକା' ନାମକ ସଂସ୍କୃତ ବ୍ୟାଖ୍ୟା ଲେଖିଲେ । ତତ୍‌ପଶ୍ଚାତ୍ ମହୀଶୂରର ଆସ୍ଥାନବିଦ୍ୱାନ୍ ଲିଂ. ଏନ୍. ଆର୍. କରିବସବ ଶାସ୍ତ୍ରୀ, ମହୀଶୂରର ଲିଂ. ପଂ. କାଶୀନାଥ ଶାସ୍ତ୍ରୀ, ଜୀ. ଏମ୍. ଏଲ୍. ନାଗଣ୍ଣା, ବୀଜାପୁରର ଜ୍ଞାନଯୋଗାଶ୍ରମର ସଂସ୍ଥାପକ ଶ୍ରୀମଲ୍ଲିକାର୍ଜୁନ ସ୍ୱାମୀ ଆଦି ୨୦ଶ ଶତାବ୍ଦୀର ବିଦ୍ୱାନ୍ କର୍ଣ୍ଣଡ ଭାଷାରେ ନିଜ ନିଜ ଶୈଳୀରେ ବ୍ୟାଖ୍ୟା ଲେଖିଥିଲେ ।

CC-0. Jangamwadi Math Digital Collection.

କର୍ଣ୍ଣାଟକର ଚିତ୍ରଦୁର୍ଗର ଏସ୍. ଏସ୍. ସିଦ୍ଦୟା ନାମକ ବିଦ୍ୱାନ୍ ସିଦ୍ଧାନ୍ତଶିଖାମଣି ଉପରେ କନ୍ନଡ଼ ଭାଷାରେ 'ଭାମିନୀଷଟ୍‌ପଦୀ' ନାମକ କନ୍ନଡ଼ ଛନ୍ଦରେ ପଦ୍ୟରେ ବ୍ୟାଖ୍ୟା ଲେଖିଥିଲେ । ଏହା ଏକ ବିଲକ୍ଷଣ କୃତି ଅଟେ । ବାଙ୍ଗାଲୋର ବିଶ୍ୱବିଦ୍ୟାଳୟର ଭୂତପୂର୍ବ ସଂସ୍କୃତ ବିଭାଗାଧକ୍ଷ ଡାଃ. ଏମ୍. ଶିବକୁମାର ସ୍ୱାମୀ ୧୯୬୮ ଖ୍ରୀଷ୍ଟାବ୍ଦରେ ଶ୍ରୀସିଦ୍ଧାନ୍ତଶିଖାମଣିର କିଛି ବିଶେଷ ଶ୍ଳୋକମାନଙ୍କର ଇଂରାଜୀ ଅନୁବାଦ କରି ତାହାକୁ 'ଶ୍ରୀରେଣୁକଗୀତା' ନାମରେ ପ୍ରକାଶିତ କରିଥିଲେ । ପରେ ସେ ମରିତୋଣ୍ଟଦାର୍ଯ୍ୟଙ୍କର ବ୍ୟାଖ୍ୟା ସହିତ ସମ୍ପୂର୍ଣ୍ଣ ଗ୍ରନ୍ଥର ଇଂରାଜୀ ଅନୁବାଦ କରିଛନ୍ତି ।

ମହାତ୍ମାଗାନ୍ଧୀ କାଶୀ ବିଦ୍ୟାପୀଠରେ କନ୍ନଡ଼ ଭାଷାର ପ୍ରାଧ୍ୟାପକ ଲିଙ୍ଗୈକ୍ୟ ଶ୍ରୀ ଷ. ବ୍ର. ଡା. ଶ୍ରୀପତି ପଣ୍ଡିତାରାଧ୍ୟ ଶିବାଚାର୍ଯ୍ୟ ହିରେଜେବରଗୀ (ଶାନ୍ତ ଶର୍ମା ହିରେମଠ) ଶ୍ରୀ ସିଦ୍ଧାନ୍ତଶିଖାମଣିର 'ଭାବମଞ୍ଜୁଷା' ନାମକ ହିନ୍ଦୀ ବ୍ୟାଖ୍ୟା ଲେଖିଥିଲେ । କିନ୍ତୁ ତାଙ୍କର ଅକାଳ ମୃତ୍ୟୁ ହେତୁ ସେ କାର୍ଯ୍ୟ ସମାପ୍ତ ଓ ପ୍ରକାଶିତ ହୋଇ ପାରିଲାନି । କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ପୂର୍ବ ଆଚାର୍ଯ୍ୟ ପ୍ର. ରାଧେଶ୍ୟାମ ଚତୁର୍ବେଦୀ ଶ୍ରୀସିଦ୍ଧାନ୍ତଶିଖାମଣିର 'ଜ୍ଞାନବତୀ' ନାମକ ହିନ୍ଦୀ ବ୍ୟାଖ୍ୟା ୨୦୦୬ ଖ୍ରୀଷ୍ଟାବ୍ଦରେ ଲେଖିଥିଲେ । ରାଷ୍ଟ୍ରଭାଷାରେ ଲେଖାଯାଇଥିବାରୁ ଉତ୍ତରଭାରତର ଜନତା ନିମନ୍ତେ ଶୈବତତ୍ତ୍ୱ ବୁଝିବା ସହଜସାଧ୍ୟ ହୋଇଗଲା ।

କର୍ଣ୍ଣାଟକର ସୁପ୍ରସିଦ୍ଧ ସଂଶୋଧକ ଏବଂ ସାହିତ୍ୟ ରଚନାକାର ଡା. ଜ.ଚ.ନ. (ନିଡୁମାମିଡ଼ି ସଂସ୍ଥାନର ଶ୍ରୀ ଷ. ବ୍ର. ଡା. ଚନ୍ନବସବରାଜ ଦେଶିକେନ୍ଦ୍ର ମହାସ୍ୱାମୀ) ମହୋଦୟ ଶ୍ରୀସିଦ୍ଧାନ୍ତଶିଖାମଣି ଗ୍ରନ୍ଥ ଉପରେ 'ଜୀବନସିଦ୍ଧାନ୍ତ' ନାମକ ବିସ୍ତୃତ ବିଚେନାତ୍ମକ ବ୍ୟାଖ୍ୟା ୧୯୬୮-୧୯୭୦ ଖ୍ରୀଷ୍ଟାବ୍ଦରେ ଲେଖିଥିଲେ । ମୁଁ ନିଜର ପୂର୍ବାଶ୍ରମରେ ଶ୍ରୀସିଦ୍ଧାନ୍ତଶିଖାମଣି ଉପରେ କନ୍ନଡ଼ ଭାଷାରେ ପ୍ରବଚନ କରୁଥିଲି । ଧୀରେ ଧୀରେ ୧୦୧ ସ୍ଥଳ ଉପରେ ପ୍ରବଚନ ଦେବା ପାଇଁ ଇଚ୍ଛା ହେଲା । ୧୯୮୯ ଖ୍ରୀଷ୍ଟାବ୍ଦ ଶୁଦ୍ଧା ଏହି ପ୍ରବଚନ ଛଅ ଭାଗରେ ପ୍ରକାଶିତ ହୋଇଥିଲା । କାଶୀ ଜଙ୍ଗମବାଡ଼ି ମଠର ପୀଠାଧୀଶ୍ୱର ହେବା ପରେ ଅବଶିଷ୍ଟ ସ୍ଥଳ ଉପରେ ପ୍ରବଚନ ଲେଖି ପୁରା ୧୦୧ ସ୍ଥଳକୁ ଦୁଇଟି ବୃହତ୍ ଭାଗରେ (୧୭୪୯ ପୃଷ୍ଠ) ୨୦୦୦ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ କଲି ।

କନ୍ନଡ଼ ଭାଷାରେ ପ୍ରକାଶିତ ପ୍ରବଚନ ଅତ୍ୟନ୍ତ ଲୋକପ୍ରିୟ ହେବାରୁ ତାହାର ଚତୁର୍ଥ ସଂସ୍କରଣ ଖ୍ରୀ.୨୦୦୬ରେ ପ୍ରକାଶିତ ହେଲା । ଏହାର ସଙ୍କଳନ କାର୍ଯ୍ୟରେ କାଶୀ ଜଙ୍ଗମବାଡ଼ି ମଠର ବରିଷ୍ଠ ଶୋଧଛାତ୍ର ଏବଂ ବବଲେଶ୍ୱର ବୃହନ୍ମଠର ପଟ୍ଟାଧ୍ୟକ୍ଷ ଶ୍ରୀ ଷ.ବ୍ର.ଡା. ମହାଦେବ ଶିବାଚାର୍ଯ୍ୟ ଏବଂ ହିପ୍ପରାଗୀ ଙ୍କ ଏଡୂର ମଠାଧ୍ୟକ୍ଷ ଶ୍ରୀ ଷ.ବ୍ର.ଡା. ସିଦ୍ଧରାମ ପଣ୍ଡିତାରାଧ୍ୟ ଶିବାଚାର୍ଯ୍ୟ ସ୍ୱାମୀଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି ।

CC-0. Jangamwadi Math Digital Collection.

ଶ୍ରୀ ସିଦ୍ଧାନ୍ତଶିଖାମଣି ଉପରେ ଆଧାରିତ ମୋର ପ୍ରବଚନର ସୋଲାପୁରର ମରାଠୀ ବୀରଶୈବ ସାହିତ୍ୟର ବିଦ୍ୱାନ୍ ଡା. ଶେ. ଦେ. ପସାରକର ମରାଠୀ ଭାଷାରେ ଅନୁବାଦ କରିଥିଲେ । ତାହା 'ଜନ୍ମହା ଅଖେରଚା' ନାମରେ ପ୍ରକାଶିତ, ଯାହାର କି ତିନୋଟି ସଂସ୍କରଣ ଅଦ୍ୟାବଧି ପ୍ରକାଶିତ ହୋଇସାରିଲାଣି । ଏହିପରି ଭାବରେ ବୀରଶୈବ ଦାର୍ଶନିକ ସିଦ୍ଧାନ୍ତକୁ ସହଜବୋଧ କରିବା ନିମନ୍ତେ ଶ୍ରୀସିଦ୍ଧାନ୍ତଶିଖାମଣିର ଟୀକା, ବ୍ୟାଖ୍ୟା ଓ ପ୍ରବଚନାଦି ପ୍ରକାଶିତ କରି ବିଭିନ୍ନ ଭାଷାରେ ବିଦ୍ୱାନ୍‌ମାନେ ବୀରଶୈବ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ।

ଶ୍ରୀସିଦ୍ଧାନ୍ତଶିଖାମଣି ଉପରେ ଆଧାରିତ ଶୋଧପ୍ରବନ୍ଧ –

ଶ୍ରୀସିଦ୍ଧାନ୍ତଶିଖାମଣି ଏକ ଦାର୍ଶନିକ ଗ୍ରନ୍ଥ ହୋଇଥିବାରୁ ଖ୍ରୀ.୧୯୭୩ରେ ବେଦାନ୍ତାଚାର୍ଯ୍ୟ ପରୀକ୍ଷା ଉତ୍ତୀର୍ଣ୍ଣ ହେବା ପରେ ସମ୍ପୂର୍ଣ୍ଣାନନ୍ଦସଂସ୍କୃତବିଶ୍ୱବିଦ୍ୟାଳୟର ତତ୍‌କାଳୀନ ବେଦାନ୍ତ ବିଭାଗାଧ୍ୟକ୍ଷ ପ୍ର.ଦେବସ୍ୱରୂପମିଶ୍ରଙ୍କର ମାର୍ଗଦର୍ଶନରେ 'ଶ୍ରୀସିଦ୍ଧାନ୍ତଶିଖାମଣେର୍ଦର୍ଶନାନ୍ତରୀୟସିଦ୍ଧାନ୍ତୈଃ ସହ ସମୀକ୍ଷା' ନାମକ ଶୀର୍ଷକ ଆଧାରିତ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରିଥିଲି । ସେହି କାର୍ଯ୍ୟ ଖ୍ରୀ.୧୯୮୪ରେ ପୂର୍ଣ୍ଣ ହୋଇଥିଲା । ଶୈବଭାରତୀ ଭବନ, ଜଙ୍ଗମବାଡ଼ି ମଠଦ୍ୱାରା ତାହା ଖ୍ରୀ.୧୯୮୯ରେ ପ୍ରକାଶିତ ହୋଇଥିଲା । ଏହାର ପ୍ରକାଶନାର୍ଥ କେନ୍ଦ୍ର ସରକାରଙ୍କର ମାନବସଂସାଧନବିକାଶ ମନ୍ତ୍ରାଳୟର ଶିକ୍ଷାବିଭାଗ ତରଫରୁ ଆର୍ଥିକ ସହାୟତା ପ୍ରାପ୍ତ ହୋଇଥିଲା । 'ସିଦ୍ଧାନ୍ତ ଶିଖାମଣିସମୀକ୍ଷା' ନାମରେ ଏହି ଶୋଧପ୍ରବନ୍ଧ ସମ୍ପୂର୍ଣ୍ଣାନନ୍ଦସଂସ୍କୃତବିଶ୍ୱବିଦ୍ୟାଳୟର ବେଦାନ୍ତବିଭାଗରେ ଶକ୍ତିବିଶିଷ୍ଟାଦ୍ୱୈତ ବେଦାନ୍ତାଚାର୍ଯ୍ୟରେ ଏବଂ କାଶୀହିନ୍ଦୁବିଶ୍ୱବିଦ୍ୟାଳୟର ସଂସ୍କୃତବିଦ୍ୟା ଧର୍ମବିଜ୍ଞାନସଂକାୟର ଧର୍ମାଗମ ବିଭାଗରେ ଆଚାର୍ଯ୍ୟ ପରୀକ୍ଷା ନିମନ୍ତେ ପାଠ୍ୟଗ୍ରନ୍ଥରୂପେ ସ୍ୱୀକୃତ ହୋଇଛି ।

କାଶୀ ଜଙ୍ଗମବାଡ଼ୀ ମଠୀୟ ଜଗଦ୍‌ଗୁରୁ ବିଶ୍ୱାରାଧ୍ୟ ଗୁରୁକୁଳର ଶୋଧଛାତ୍ର ଶ୍ରୀ ଷ.ବ୍ର.ଡ଼ା. ସିଦ୍ଧରାମ ପଣ୍ଡିତାରାଧ୍ୟ ଶିବାଚାର୍ଯ୍ୟ (ସିଦ୍ଧରାମ ଦେବ ହିପ୍‌ପରାଗୀ) କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟର ସଂସ୍କୃତବିଦ୍ୟା ଧର୍ମବିଜ୍ଞାନ ସଂକାୟର ବେଦାନ୍ତ ବିଭାଗର ପ୍ରଫେସର ପ. ସୁଧାଂଶୁଶେଖରଶାସ୍ତ୍ରୀଙ୍କ ମାର୍ଗଦର୍ଶନରେ ଶ୍ରୀସିଦ୍ଧାନ୍ତଶିଖାମଣି ଓ ଶ୍ରୀମଦ୍‌ଭଗବଦ୍‌ଗୀତାର ତାତ୍ତ୍ୱିକ ତୁଳନାତ୍ମକ ଅଧ୍ୟୟନ କରି ବିଦ୍ୟାବାରିଧି ଉପାଧି ପ୍ରାପ୍ତ କରିଛନ୍ତି ।

ଶ୍ରୀସିଦ୍ଧାନ୍ତଶିଖାମଣି ଆଧାରିତ ରାଷ୍ଟ୍ରିୟ ଶାସ୍ତ୍ରସଙ୍ଗୋଷ୍ଠୀ –

କାଶୀ ଜଙ୍ଗମବାଡ଼ି ମଠରେ ଖ୍ରୀ.୧୯୯୭ ଅକ୍ଟୋବର ୧୫ରୁ ୧୭ତାରିଖ ପର୍ଯ୍ୟନ୍ତ ତ୍ରିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ 'ଶ୍ରୀସିଦ୍ଧାନ୍ତ ଶିଖାମଣିର ବିବିଧ ଆୟାମ ଉପରେ ବିଚାର

CC-0. Jangamwadi Math Digital Collection.

ବିମର୍ଶ' ନାମରେ ଆୟୋଜିତ ହୋଇଥିଲା । ଏଥିରେ ପ୍ରାୟ କୋଡ଼ିଏ ଜଣ ବିଦ୍ୱାନ୍ ନିବନ୍ଧବାଚନ କରିଥିଲେ । ଜଙ୍ଗମବାଡ଼ି ମଠଦ୍ୱାରା ଏ ସମସ୍ତ ଆଲେଖ 'ସିଦ୍ଧାନ୍ତଶିଖାମଣି ମୀମାଂସା' ନାମରେ ଖ୍ରୀ.୨୦୦୦ରେ ପ୍ରକାଶିତ ହୋଇଥିଲା ।

ଶ୍ରୀଜଗଦ୍‌ଗୁରୁ ରେଣୁକାଚାର୍ଯ୍ୟଙ୍କର ଲିଙ୍ଗୋଦ୍‌ଭବ ଲୀଳା –

ଭଗବାନ୍ ଶିବଙ୍କର ଆଦେଶାନୁସାରେ ବୀରଶୈବ ଧର୍ମର ସଂସ୍ଥାପକ ଶ୍ରୀଜଗଦ୍‌ଗୁରୁ ପଞ୍ଚାଚାର୍ଯ୍ୟ ଭୂଲୋକରେ ଶିବଲିଙ୍ଗରୁ ପ୍ରକଟ ହେଲେ । ଏ ବିଷୟ ଶୈବାଗମମାନଙ୍କରେ ପ୍ରତିପାଦିତ ହୋଇଛି । ଶ୍ରୀ ସିଦ୍ଧାନ୍ତଶିଖାମଣିର ତୃତୀୟ ଏବଂ ଚତୁର୍ଥ ପରିଚ୍ଛେଦରେ ଶ୍ରୀ ଜଗଦ୍‌ଗୁରୁ ରେଣୁକାଚାର୍ଯ୍ୟଙ୍କର ଲିଙ୍ଗୋଦ୍‌ଭବଲୀଳା ବର୍ଣ୍ଣିତ ହୋଇଛି । ଗ୍ରନ୍ଥ ବର୍ଣ୍ଣନ ଅନୁଯାୟୀ ଥରେ କୈଳାସ ପର୍ବତରେ ଭଗବାନ୍ ଶିବଙ୍କର ସଭା ହେଉଥିଲା । ସେଠାରେ ତାମ୍ବୁଳ ପ୍ରସାଦ ନେବା ପାଇଁ ଭଗବାନ୍ ଶିବ ରେଣୁକ ଗଣେଶ୍ୱରଙ୍କୁ ଡାକିଲେ । ସେହି ଖୁସୀରେ ରେଣୁକ ଗଣେଶ୍ୱର ଶୀଘ୍ରତା ହେତୁ ପାଖରେ ବସିଥିବା ଦାରୁକ ଗଣେଶ୍ୱରଙ୍କୁ ଅତିକ୍ରମ କରି ଶିବଙ୍କ ପାଖରେ ପହଞ୍ଚିଲେ । ଏଥିରେ କ୍ରୋଧିତ ହୋଇ ଭଗବାନ ଶିବ ତାଙ୍କୁ ଭୂଲୋକରେ ଜନ୍ମ ନେବା ନିମନ୍ତେ ଆଦେଶ ଦେଲେ ।

ସେତେବେଳେ ଗଣେଶ୍ୱର ରେଣୁକ ଭଗବାନ୍ ଶିବଙ୍କୁ ପ୍ରାର୍ଥନା କଲେ – 'ହେ ଭଗବାନ୍ ! ଆପଣଙ୍କର ଆଦେଶାନୁସାରେ ମୁଁ ଭୂଲୋକରେ ଜନ୍ମ ନେବି । କିନ୍ତୁ ସାମାନ୍ୟ ମନୁଷ୍ୟ ପରି ମତେ ଜନ୍ମ ନ ମିଳୁ ।' ଏଥିରେ ସନ୍ତୁଷ୍ଟ ହୋଇ ମହାଦେବ କହିଲେ – 'ହେ ରେଣୁକ ! ତୁମେ ଭୟଭୀତ ହୁଅ ନାହିଁ ।' ଭୂଲୋକର ତ୍ରିଲିଙ୍ଗ ଦେଶ (ଆନ୍ଧ୍ର ପ୍ରଦେଶରେ ବିଦ୍ୟମାନ ସୁପ୍ରସିଦ୍ଧ ଶ୍ରୀଶୈଳ କ୍ଷେତ୍ରର ଉତ୍ତର ଦିଗରେ 'କୋଲ୍ଲିପାକି' ନାମକ ଗୋଟିଏ କ୍ଷେତ୍ର ଅଛି । ସେଠାରେ ମୁଁ ସୋମେଶ୍ୱର ଲିଙ୍ଗ ନାମରେ ବିଦ୍ୟମାନ। ତୁମେ ସେହି ଲିଙ୍ଗରୁ ପ୍ରକଟ ହେବ । ସେଥିରେ ତୁମକୁ ମନୁଷ୍ୟଭାବ ସ୍ପର୍ଶ କରିବ ନାହିଁ। ତୁମେ ଲିଙ୍ଗୋଦ୍‌ଭବ ହୋଇ ମାନବଜାତିର କଲ୍ୟାଣ ନିମନ୍ତେ ମୋଦ୍ୱାରା ଉପଦିଷ୍ଟ ବେଦବେଦାନ୍ତସମ୍ମତ ଶିବାଦ୍ୱୈତ ସିଦ୍ଧାନ୍ତ ଅର୍ଥାତ୍ ବୀରଶୈବ ସିଦ୍ଧାନ୍ତର ସ୍ଥାପନା କରିବ। ଭଗବାନ୍ ଶିବଙ୍କର ଆଦେଶ କ୍ରମେ ରେଣୁକ ଗଣେଶ୍ୱର ସେହି ସୋମେଶ୍ୱର ଶିବଲିଙ୍ଗରୁ ଦିବ୍ୟ ଦେହଧାରୀ ପ୍ରକଟ ହେଲେ । ଏହି ଘଟଣାକୁ ଜଗଦ୍‌ଗୁରୁ ରେଣୁକାଚାର୍ଯ୍ୟଙ୍କର ଲିଙ୍ଗୋଦ୍‌ଭବ ଲୀଳା କୁହାଯାଏ ।

ମହର୍ଷି ମାର୍କଣ୍ଡେୟଙ୍କୁ ଯମଭୟରୁ ମୁକ୍ତ କରିବା ନିମନ୍ତେ ଯେପରି ଭଗବାନ୍ ଶିବ ଏକ ସ୍ଥାବର ଲିଙ୍ଗରୁ ପ୍ରକଟ ହୋଇଥିଲେ ଏବଂ ପ୍ରହ୍ଲାଦଙ୍କୁ ଅନୁଗୃହୀତ କରିବା ପାଇଁ ନୃସିଂହ ଭଗବାନ୍ ରାଜପ୍ରାସାଦର ଖମ୍ବରୁ ପ୍ରକଟ ହୋଇଥିଲେ, ସେହିପରି ଜଗଦ୍‌ଗୁରୁ ରେଣୁକାଚାର୍ଯ୍ୟ ଲୋକୋଦ୍ଧାର ନିମନ୍ତେ ଶ୍ରୀ ସୋମେଶ୍ୱର ଶିବଲିଙ୍ଗରୁ ପ୍ରକଟ ହେଲେ ।

CC-0. Jangamwadi Math Digital Collection.

ଜନ୍ମ ଏବଂ ପ୍ରାକଟ୍ୟ ମଧ୍ୟରେ ଭେଦ ଅଛି । ଜନ୍ମ ନିମନ୍ତେ ମାତାଙ୍କର ଗର୍ଭ ଆବଶ୍ୟକ କିନ୍ତୁ ପ୍ରକଟ ହେବା ପାଇଁ ମାତା-ପିତାଙ୍କର ଆବଶ୍ୟକତା ନାହିଁ । ଯେଉଁ ଲୋକ ଯୋଗସିଦ୍ଧ, ତାଙ୍କର ଅସ୍ତିତ୍ୱ ପୂର୍ବରୁ ବିଦ୍ୟମାନ ଥାଏ । ସେ ଯେଉଁଠି ଇଚ୍ଛା ପ୍ରକଟ ହୋଇପାରନ୍ତି । ଶ୍ରୀଜଗଦ୍‌ଗୁରୁ ରେଣୁକାଚାର୍ଯ୍ୟ ଆଣିମାଦି ଅଷ୍ଟ ସିଦ୍ଧି ଯୁକ୍ତ ଥିଲେ । ତେଣୁ ତାଙ୍କର ଭୂଲୋକରେ ପ୍ରକଟ ହେବା କିଛି ବିଚିତ୍ର ନୁହେଁ ।

ମହର୍ଷି ପତଞ୍ଜଳିଙ୍କର ଯୋଗସୂତ୍ରରେ 'ତତୋଽଣିମାଦିପ୍ରାଦୁର୍ଭାବଃ କାୟସମ୍ପତ୍ ତଦ୍ଧର୍ମାନଭିଘାତଶ୍ଚ' (ଯୋ.ସୂ. ୩/୪୫) ଏବଂ 'ଯଥା ପରମାଣୁତ୍ୱଂ ପ୍ରାପ୍ତୋ ବଜ୍ରାଦିନାମପ୍ୟତଃ ପ୍ରବିଶତି' ବୋଲି ଭୋଜବୃତ୍ତିରେ କୁହାଯାଇଛି । ଏଥିରୁ ଯୋଗସାମର୍ଥ୍ୟ ଦ୍ୱାରା ଆଣିମାଦି ଅଷ୍ଟ ସିଦ୍ଧିକୁ ପ୍ରାପ୍ତ ଯୋଗୀ ଅଣୁରୂପ ଧାରଣ କରି ଅତ୍ୟନ୍ତ କଠିନ ବଜ୍ରାଦିରେ ପ୍ରବିଷ୍ଟ ହୋଇ ପୁନଃ ପ୍ରକଟ ହୋଇଥାଏ ବୋଲି ସ୍ପଷ୍ଟ ହେଉଛି ।

ଏପରି ଅଲୌକିକ ଘଟଣା ସାମାନ୍ୟ ଜନ ନିମନ୍ତେ ଅସମ୍ଭବ, କିନ୍ତୁ ସିଦ୍ଧଯୋଗୀଙ୍କ ପକ୍ଷେ ସହଜସାଧ୍ୟ । ବିଂଶ (୨୦) ଶତାବ୍ଦୀରେ କାଶୀରେ ବିଶୁଦ୍ଧାନନ୍ଦ ନାମକ ଜଣେ ସିଦ୍ଧ ଯୋଗୀ ଥିଲେ । ମହାମହୋପାଧ୍ୟାୟ ପ. ଗୋପୀନାଥ କବିରାଜ ତାଙ୍କର ଶିଷ୍ୟ ଥିଲେ । ଥରେ ଯୋଗସାମର୍ଥ୍ୟକୁ ବତାଇବାକୁ ଯାଇ ଯୋଗୀ ବିଶୁଦ୍ଧାନନ୍ଦ 'ଜାତ୍ୟନ୍ତର ପରିଣାମ' ବିଷୟରେ କହିଲେ ଯେ ଗୋଟିଏ ଜାତିର ବସ୍ତୁକୁ ଅନ୍ୟଜାତିରେ ପରିବର୍ତ୍ତିତ କରାଯାଇପାରିବ । ଏହା କିପରି ସମ୍ଭବ ବୋଲି ପ. ଗୋପୀନାଥ କବିରାଜ ଜିଜ୍ଞାସା କରିବାରୁ ତାଙ୍କର ଇଚ୍ଛା ଅନୁସାରେ ଯୋଗୀ ବିଶୁଦ୍ଧାନନ୍ଦ ହସ୍ତରେ ଥିବା ଗୋଲାପ ଫୁଲକୁ ଲାଲ ବନ୍ଧୁକ ପୁଷ୍ପରେ ପରିବର୍ତ୍ତିତ କରି ଦେଖାଇଥିଲେ । ପ. ଗୋପୀନାଥ କବିରାଜ ମାସିକ କଲ୍ୟାଣର ଯୋଗାଙ୍କର ୭୪୮ପୃଷ୍ଠାରେ 'ସୂର୍ଯ୍ୟବିଜ୍ଞାନ' ନାମକ ଲେଖାରେ ଏହାର ଉଲ୍ଲେଖ କରିଛନ୍ତି ।

କାଶୀର ସୁପ୍ରସିଦ୍ଧ ତୈଲଙ୍ଗସ୍ୱାମୀ ୨୮୦ବର୍ଷ ପର୍ଯ୍ୟନ୍ତ ଜୀବିତ ରହି ଅନେକ ଅଲୌକିକ ଲୀଳା କରିଥିଲେ । ଦୈନିକ 'ଆଜ' ସମାଚାର ପତ୍ରରେ ଶ୍ରୀ ରାଜେନ୍ଦ୍ର ପ୍ରସାଦ ପାଣ୍ଡେୟ ନାମକ ଲେଖକ ୨୮-୦୧-୧୯୮୩ରେ ଏହା ଉପରେ ଲେଖିଥିଲେ । ଏଥିରୁ ଜଣାଯାଏ ଯେ ଉଲଗ୍ନ ବୁଲୁଥିବାରୁ ଜଣେ ବ୍ରିଟିଶ ଅଧିକାରୀ ତୈଲଙ୍ଗସ୍ୱାମୀଙ୍କୁ ଜେଲରେ ବନ୍ଦ କରିଦେଲେ । ତା'ପରଦିନ ସେ ପୁଣି ରାସ୍ତାରେ ଦେଖା ଯାଇଥିଲେ । ଏହିପରି ସମଗ୍ର ଭାରତବର୍ଷରେ ଯୁଗ ଯୁଗରେ ଅଲୌକିକ ଘଟଣା ଘଟିଛି । ତେଣୁ ସାକ୍ଷାତ୍ ଭଗବାନ୍ ଶଙ୍କରଙ୍କର ପାର୍ଶ୍ୱସ୍ଥ ଶିବଯୋଗୀ ରେଣୁକ ଗଣେଶ୍ୱର ଲିଙ୍ଗରୁ ପ୍ରକଟ ହେବା କିଛି ଅସମ୍ଭବ ନୁହେଁ ।

CC-0. Jangamwadi Math Digital Collection.

ଶ୍ରୀଜଗଦ୍‌ଗୁରୁ ରେଣୁକାଚାର୍ଯ୍ୟଦ୍ୱାରା ତ୍ରିକୋଟି ଶିବଲିଙ୍ଗ ସ୍ଥାପନ ଲୀଳା –

ଶ୍ରୀସିଦ୍ଧାନ୍ତଶିଖାମଣିର ଅନ୍ତିମ ୨୧ତମ ପରିଚ୍ଛେଦରେ ତ୍ରିକୋଟି ଶିବଲିଙ୍ଗ ସ୍ଥାପନଲୀଳା ବର୍ଣ୍ଣନ କରାଯାଇଛି । ବର୍ଣ୍ଣନାନୁସାରେ ଲଙ୍କାଧିପତି ରାବଣ ନବକୋଟି ଲିଙ୍ଗ ସ୍ଥାପନାର ସଙ୍କଳ୍ପ କରିଥିଲେ । ଜୀବଦଶାରେ ସେ ଛଅ କୋଟି ଶିବଲିଙ୍ଗର ସ୍ଥାପନା କରିଥିଲେ । ଶ୍ରୀରାମଙ୍କ ସହିତ ଯୁଦ୍ଧ କରୁ କରୁ ପ୍ରାଣ ଛାଡ଼ିବା ପୂର୍ବରୁ ସେ ନିଜର ସଂକଳ୍ପ ପୂର୍ଣ୍ଣ କରିବାକୁ ଭାଇ ବିଭୀଷଣଙ୍କୁ କହିଥିଲେ । ବିଭୀଷଣ ତିନି କୋଟି ଉତ୍ତମୋତ୍ତମ ଶିବଲିଙ୍ଗକୁ ଏକ ସଙ୍ଗେ ସ୍ଥାପନା କରିବାର ନିର୍ଣ୍ଣୟ ନେଇଥିଲେ । ଏପରି କାର୍ଯ୍ୟ ସମ୍ପାଦନରେ ଦକ୍ଷ ଆଚାର୍ଯ୍ୟଙ୍କୁ ଜାଣି ନଥିବାରୁ ବିଭୀଷଣ ଦୀର୍ଘଦିନ ଧରି ଚିନ୍ତିତ ଥିଲେ ।

ଏହି ସମୟରେ ଶ୍ରୀ ଜଗଦ୍‌ଗୁରୁ ରେଣୁକାଚାର୍ଯ୍ୟ ମହର୍ଷି ଅଗସ୍ତ୍ୟଙ୍କୁ ଶିବାଦ୍ୱୈତ ସିଦ୍ଧାନ୍ତର ଉପଦେଶ ଦେଇ ଆକାଶ ମାର୍ଗରେ ଯାଇ ଲଙ୍କାରେ ପହଞ୍ଚିଥିଲେ । ବିଭୀଷଣ ଉଚିତ୍ ସ୍ୱାଗତ ସହିତ ତାଙ୍କୁ ପାଛୋଟି ନେଇ ରାଜପ୍ରାସାଦରେ ଅଭ୍ୟର୍ଥନା କରିଥିଲେ। ଏଥିରେ ସନ୍ତୁଷ୍ଟ ହୋଇ ରେଣୁକାଚାର୍ଯ୍ୟ ବରପ୍ରଦାନ କରିବାକୁ ଚାହିଁବାରୁ ବିଭୀଷଣ ଜ୍ୟେଷ୍ଠଭ୍ରାତାଙ୍କର ଅଭିଳାଷା ଜଣାଇଥିଲେ । ରେଣୁକାଚାର୍ଯ୍ୟ ତ୍ରିକୋଟି ଆଚାର୍ଯ୍ୟ ରୂପ ଧାରଣ କରି ଏକ ସଙ୍ଗେ ତିନି କୋଟି ଶିବଲିଙ୍ଗର ସ୍ଥାପନା କରିଥିଲେ ।

ଏହିପରି ଜଗଦ୍‌ଗୁରୁ ରେଣୁକାଚାର୍ଯ୍ୟ ଯୋଗସିଦ୍ଧି ବଳରେ ଏକ ସଙ୍ଗେ ତିନିକୋଟି ଆଚାର୍ଯ୍ୟରୂପ ଧାରଣ କରି ନିଜର ମହିମା ପ୍ରଦର୍ଶିତ କରିଥିଲେ ।

ଏହିପରି ଶ୍ରୀଜଗଦ୍‌ଗୁରୁ ରେଣୁକାଚାର୍ଯ୍ୟ ଭୂଲୋକରେ ସୋମେଶ୍ୱର ଲିଙ୍ଗରୁ ଆବିର୍ଭୂତ ହୋଇ ମହର୍ଷି ଅଗସ୍ତ୍ୟଙ୍କୁ ଶିବାଦ୍ୱୈତ ସିଦ୍ଧାନ୍ତର ଉପଦେଶ ଦେଇଥିଲେ । ତା'ପରେ ଲଙ୍କାରେ ଏକ ସଙ୍ଗେ ତିନିକୋଟି ଆଚାର୍ଯ୍ୟ ରୂପ ଧାରଣ କରି ଲିଙ୍ଗ ସ୍ଥାପନାରେ ନିଜର ମହତୀ ଶକ୍ତିର ପ୍ରଦର୍ଶନ କରାଇଥିଲେ । ନିଜ ଅବତାର ଗ୍ରହଣର ପ୍ରୟୋଜନ ପୂର୍ଣ୍ଣ ହେବା ପରେ ରେଣୁକାଚାର୍ଯ୍ୟ ପୁନଃ ସେହି ସୋମେଶ୍ୱର ଶିବଲିଙ୍ଗରେ ଲୀନ ହୋଇଗଲେ ।

ଏହିପରି ଶ୍ରୀଜଗଦ୍‌ଗୁରୁ ରେଣୁକାଚାର୍ଯ୍ୟ ଲୋକକଲ୍ୟାଣ ଏବଂ ବୀରଶୈବଧର୍ମର ସ୍ଥାପନା ନିମନ୍ତେ ପୃଥିବୀରେ ଅବତୀର୍ଣ୍ଣ ହୋଇ ଲୋକଙ୍କୁ ନିଜର ମହିମାର ପରିଚୟ ଦେଇଥିଲେ ଏବଂ ମହର୍ଷି ଅଗସ୍ତ୍ୟଙ୍କୁ ଶିବାଦ୍ୱୈତ ସିଦ୍ଧାନ୍ତର ଜ୍ଞାନ ଦେଇଥିଲେ। ସେହି ଜ୍ଞାନ ଶ୍ରୀ ଶିବଯୋଗୀ ଶିବାଚାର୍ଯ୍ୟଙ୍କ ଦ୍ୱାରା ସଂଗୃହୀତ ହୋଇ ଆଜି ଶ୍ରୀସିଦ୍ଧାନ୍ତଶିଖାମଣି ଭାବରେ ସୁଲଭ ହୋଇଛି। ଏହି ଗ୍ରନ୍ଥ ବୀରଶୈବ ଧର୍ମର ପ୍ରମୁଖ ଆକର ଗ୍ରନ୍ଥ ଭାବରେ ମାନ୍ୟ ଅଟେ ।

ଶ୍ରୀଜଗଦ୍‌ଗୁରୁ ଚନ୍ଦ୍ରଶେଖର ଶିବାଚାର୍ଯ୍ୟ ମହାସ୍ୱାମୀଜୀ

ଜଙ୍ଗମବାଡ଼ୀ ମଠ, ବାରାଣସୀ ।

❖❖❖

CC-0. Jangamwadi Math Digital Collection.

ଭୂମିକା
(ଶ୍ରୀସିଦ୍ଧାନ୍ତଶିଖାମଣି–ସମୀକ୍ଷା)

ଶୈବ–ବୀରଶୈବଧର୍ମ ଏବଂ ଦର୍ଶନ

ବିଶ୍ୱସୃଷ୍ଟିର ରହସ୍ୟ ଅଦ୍‌ଭୁତ ଅଟେ । ଏହାର ସ୍ରଷ୍ଟା, ତାଙ୍କର ସାକ୍ଷାତ୍‌କାର ଇତ୍ୟାଦି ବିଷୟରେ ଭାରତୀୟ ମନୀଷା ଯୁଗ ଯୁଗରୁ ଅନନ୍ତକାଳରୁ ଜିଜ୍ଞାସୁ ରହି ଆସିଛି । ବିଶ୍ୱର ସର୍ବପ୍ରାଚୀନ ଅପୌରୁଷେୟ ଗ୍ରନ୍ଥ ଋଗ୍‌ବେଦର ନାସଦୀୟ ସୂକ୍ତ (ଋ. ୧୦–୧୨୯–୧), ଶ୍ୱେତାଶ୍ୱତର ଉପନିଷଦ୍‌ର ପ୍ରଥମ ମନ୍ତ୍ର ଇତ୍ୟାଦି ଏହି ତଥ୍ୟକୁ ପ୍ରକାଶିତ କରୁଛନ୍ତି । ନିଜର ଅଲୌକିକ ଦୃଷ୍ଟିରେ ଯେଉଁ ଋଷି ଯେପରି ଭାବରେ ଏହାକୁ ଜାଣିପାରିଛନ୍ତି, ସେହିପରି ଉଦ୍‌ଘାଟନ କରିଛନ୍ତି । ଏହି ବିବିଧ ଏବଂ ସୀମିତ ବର୍ଣ୍ଣନର ପୃଷ୍ଠଭୂମିରେ ଏକ ପୂର୍ଣ୍ଣ ଏବଂ ଅସୀମ ଚିତ୍‌ସତ୍ତାର ବିଦ୍ୟମାନତାକୁ ସମସ୍ତେ ସ୍ୱୀକାର କରିଛନ୍ତି ।

ବୌଦ୍ଧିକ ସ୍ତରରେ ତର୍କ–ବିତର୍କ ସହିତ ଚରମ ସତ୍ୟକୁ ବୁଝିବାର ପ୍ରୟାସକୁ ଦର୍ଶନ କୁହାଯାଏ ଏବଂ ମାନସିକ ସ୍ତରରେ ଶରୀରର ବିଭିନ୍ନ ଚେଷ୍ଟା ସହିତ ସେ ପର୍ଯ୍ୟନ୍ତ ପହଞ୍ଚିବାର ପ୍ରକ୍ରିୟାକୁ ଧର୍ମ କୁହାଯାଏ । ଗଭୀର ବିଚାର କଲେ ଜଣାଯାଏ ଦର୍ଶନ ଏବଂ ଧର୍ମ ଗୋଟିଏ ବସ୍ତୁର ଦୁଇଟି ଆୟାମ । ଜ୍ଞାନ ଏବଂ କ୍ରିୟା ଅଥବା ଦର୍ଶନ ଓ ଧର୍ମ ଉଭୟ ପରସ୍ପରର ପୂରକ ଅଟନ୍ତି । କିନ୍ତୁ କ୍ରିୟା ସରଳ ଓ ଦର୍ଶନ ବକ୍ରମାର୍ଗ ଅଟେ । ଏହାର କାରଣ ହେଉଛି ଉଭୟଙ୍କର ସ୍ଥୂଳତା ଓ ସୂକ୍ଷ୍ମତା । ସ୍ଥୂଳରୁ ସୂକ୍ଷ୍ମକୁ ଯିବା ମାନବର ସ୍ୱଭାବ ଅଟେ ଏବଂ ଏହା ତା ପାଇଁ ଶ୍ରେୟସ୍କର ମଧ୍ୟ । ତେଣୁ ଗୃହସ୍ଥାଶ୍ରମରେ ସ୍ଥୂଳଭାବରେ ଅନୁଭୂତ ହେଉଥିବା ଯୋଗ ବାନପ୍ରସ୍ଥାଶ୍ରମରେ ସୂକ୍ଷ୍ମ ରୂପରେ ମନନ ଓ ନିଦିଧ୍ୟାସନ ବିଧାନ ଅଟେ –

'ସୋଽକାମୟତ ମେଧ୍ୟଂ ମ ଇଦଂ ସ୍ୟାଦ୍ ଆତ୍ମନ୍ୱୀ ଅନେନ ସ୍ୟାମିତି । ତତୋଽଶ୍ୱଃ ସମଭବତ୍ । ଯଦଶ୍ୱବତ୍ତନ୍ମେଧ୍ୟମଭୂଦିତି ତଦେବାଶ୍ୱମେଧସ୍ୟାଶ୍ୱମେଧ–ତ୍ୱମ୍ । ଏଷ ହ ବା ଅଶ୍ୱମେଧଂ ବେଦ ଯ ଏବମେବଂ ବେଦ.....।' (ବୃ.ଉ.୧/୨/୭)

ଭାରତବର୍ଷରେ ଶୈବ ଓ ବୈଷ୍ଣବ ଧାରା ନିଜର ଧର୍ମ ଓ ଦର୍ଶନ ସହିତ ପରିଚୟ ପାଇଛନ୍ତି । ନିଗମ ଅର୍ଥାତ୍ ବେଦ ବୈଷ୍ଣବୀ ଧାରାର ମୂଳ ଏବଂ ଆଗମ ଶୈବୀଧାରର ଆଧାର ଅଟେ । ଉଭୟ ସ୍ୱତନ୍ତ୍ର ହେଲେ ମଧ୍ୟ ସମୟାନୁସାର ଓ ମାନବୀୟ ସ୍ୱଭାବରୁ ମିଶ୍ରିତ ହୋଇ ଯାଇଛନ୍ତି । ପରବର୍ତ୍ତୀ କାଳରେ ଏହି ମିଶ୍ରଣରୁ ଅନେକ ନୂଆ ସମ୍ପ୍ରଦାୟ ଆବିର୍ଭୂତ ହେଲେ । ମୁଖ୍ୟ ହେଉଛନ୍ତି ଦ୍ୱୈତ, ଦ୍ୱୈତାଦ୍ୱୈତ ଓ ଅଦ୍ୱୈତ ସମ୍ପ୍ରଦାୟ ।

CC-0. Jangamwadi Math Digital Collection.

ଦ୍ୱୈତରୁ ଅଦ୍ୱୈତର ପ୍ରାପ୍ତି ମାନବର ପରମ ପୁରୁଷାର୍ଥ ଅଟେ । ଶୈବ ଦର୍ଶନ ପରମ୍ପରା ସମଗ୍ର ଦେଶରେ ବ୍ୟାପ୍ତ ଥିଲା । ସିନ୍ଧୁ ଘାଟୀର ପ୍ରାଗୈତିହାସିକ ଅବଶେଷରୁ ଜଣାଯାଏ ଯେ ଉତ୍ତରପ୍ରଦେଶରେ ବୈଦିକ ଆର୍ଯ୍ୟସଭ୍ୟତା ପୂର୍ବରୁ ଶୈବ, ବୀରଶୈବ ଧର୍ମାବଲମ୍ବୀ ରହୁଥିଲେ । ମହେଞ୍ଜୋଦାରୋ ଓ ହରପ୍ପାର ଭଗ୍ନାବଶେଷରୁ ସିଦ୍ଧ ହୁଏ ଯେ ଅତି ପ୍ରାଚୀନକାଳରେ ଲିଙ୍ଗପୂଜା, ଇଷ୍ଟଲିଙ୍ଗପୂଜା, ମାତୃଶକ୍ତିପୂଜା ଏବଂ ପଶୁପତି ଶିବପୂଜା, ଯାହାକି ଶୈବଧର୍ମର ମୁଖ୍ୟ ଅଙ୍ଗଥିଲା, ଭାରତବାସୀଙ୍କ ମଧ୍ୟରେ ସୁପ୍ରଚଳିତ ଥିଲା । ସେହି ସମୟର ପଶୁପତି ମୂର୍ତ୍ତିର ତ୍ରିନେତ୍ର ଓ ତ୍ରିମୁଖ ପ୍ରତିମା ଆଜିର ତ୍ରିଲୋଚନ ଶିବ ଓ ତ୍ରିମୂର୍ତ୍ତି ଦେବଙ୍କର ପୂର୍ବରୂପ । ସେହି ମୂର୍ତ୍ତିରେ ଅଭିବ୍ୟକ୍ତ ହୋଇଥିବା ଜ୍ଞାନମୁଦ୍ରା ଓ ଅର୍ଦ୍ଧୋନ୍ମୀଳିତ ନେତ୍ରଯୁକ୍ତ ଯୋଗୀମୂର୍ତ୍ତିରୁ ସଙ୍କେତିତ ଶାମ୍ଭବୀ ମୁଦ୍ରା[୧] ସୂଚାଉଛି ଯେ ଶୈବ-ବୀରଶୈବ ଯୋଗସାଧନାର ପ୍ରଚଳନ ଅଧିକ ଥିଲା । ଏଥିରୁ ଶୈବ ଧର୍ମ ସହିତ ଦର୍ଶନର ସ୍ଥିତି ସ୍ପଷ୍ଟ ହେଉଛି । ଋଗ୍‌ବେଦରେ ଅଗ୍ନିଙ୍କର ଅଧିକ ମନ୍ତ୍ର ଥିଲେ ମଧ୍ୟ ଇନ୍ଦ୍ରଙ୍କୁ ପ୍ରଧାନ ଦେବତା ମାନିଛନ୍ତି । କିନ୍ତୁ ଯଜୁର୍ବେଦରେ ରୁଦ୍ରଙ୍କର ପ୍ରଧାନତା ଅଧିକ ବୋଲି କୃଷ୍ଣଯଜୁର୍ବେଦର ଚତୁର୍ଥ କାଣ୍ଡର ପଞ୍ଚମ ପ୍ରପାଠକରୁ ସ୍ପଷ୍ଟ । ବୈଦିକ ପରମ୍ପରା ବ୍ୟତୀତ ଅନ୍ୟ ଏକ ପରମ୍ପରା ଥିଲା ଯାହା କି ପରବର୍ତ୍ତୀ କାଳରେ ବୌଦ୍ଧ ଯୋଗାଚାର, ବଜ୍ରଯାନ, କାଳଚକ୍ରଯାନ, ପାଶୁପତ, ଶୈବସିଦ୍ଧାନ୍ତ, ନାଥସମ୍ପ୍ରଦାୟକୁ ପ୍ରଭାବିତ କରିଥିଲା । ମହାତ୍ମା ବୁଦ୍ଧଙ୍କର ଯୋଗଗୁରୁ ଅରାଡ଼ ଓ ଭଦ୍ରକ ଶୈବ ଯୋଗସାଧନାର ଅନୁଯାୟୀ ଥିଲେ । ଦକ୍ଷିଣ ଭାରତର ଆଲବାର ଓ ନାୟନାର ନାମକ ସନ୍ଥ ପରମ୍ପରା ମଧ୍ୟ ଶୈବସାଧନା ପଦ୍ଧତିରେ ପ୍ରଭାବିତ ଜଣାଯାଏ । ଏହିପରି ଶୈବଧର୍ମ ହିମାଳୟରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

ଶ୍ରୀସିଦ୍ଧାନ୍ତଶିଖାମଣି ଏକ ଦର୍ଶନଗ୍ରନ୍ଥ –

ଜୀବ, ଜଗତ୍ ଓ ମୋକ୍ଷ ବିଷୟରେ କରାଯାଇଥିବା ଚିନ୍ତନ ଅଥବା ବିଚାରକୁ ଦର୍ଶନ କୁହାଯାଏ । ଜୀବର ସ୍ୱରୂପ କ'ଣ ? ଜଗତ୍‌ର ଉତ୍ପତ୍ତିର କାରଣ କ'ଣ ? ଜୀବର ଜଗତ୍ ସହିତ କ'ଣ ସମ୍ବନ୍ଧ ? ମୋକ୍ଷର ସ୍ୱରୂପ ଓ ତା'ର ପ୍ରାପ୍ତିର ଉପାୟ କ'ଣ ?

---

୧. ବେଦଶାସ୍ତ୍ରପୁରାଣାନି ସାମାନ୍ୟଗଣିକା ଇବ ।
ଏକୈବ ଶାମ୍ଭବୀ ମୁଦ୍ରା ଗୁପ୍ତା କୁଳବଧୂରିବ ।।
ଅନ୍ତର୍ଲକ୍ଷ୍ୟା ବହିର୍ଦୃଷ୍ଟିର୍ନିମେଷୋନ୍ମେଷବର୍ଜିତା ।
ସା ପ୍ରୋକ୍ତା ଶାମ୍ଭବୀ ମୁଦ୍ରା ସର୍ବଶାସ୍ତ୍ରେଷୁ ଗୋପିତା ।।
(ହଠଯୋଗପ୍ରଦୀପିକା, ୪/୩୫-୩୬)

CC-0. Jangamwadi Math Digital Collection.

ଇତ୍ୟାଦି ବିନ୍ଦୁ ଦର୍ଶନର ବିଚାରଣୀୟ ବିଷୟ । ଏହି ଗ୍ରନ୍ଥରେ ରେଣୁକ-ଅଗସ୍ତ୍ୟ ସମ୍ବାଦ ମାଧ୍ୟମରେ ସେହି ବିଷୟରେ ଉତ୍କୃଷ୍ଟ ବିଚାର ପ୍ରସ୍ତୁତ କରାଯାଇଛି । ଯିଏ କର୍ମଫଳରେ ଭୋକ୍ତା, ଅଳ୍ପଜ୍ଞ, କିଞ୍ଚିତ୍‌କର୍ତ୍ତା, ଅନାଦି ଶରୀରବାନ୍, ଅନାଦି ବଦ୍ଧ, ଅବିଦ୍ୟୋପାଧି କାରଣରୁ ମୋହଗ୍ରସ୍ତ, ତାହାକୁ ଜୀବ କୁହାଯାଏ । ବ୍ରହ୍ମୈକ୍ୟଜ୍ଞାନରୁ ରହିତ ଏହି ଜୀବ କର୍ମାନୁସାରେ ବିଭିନ୍ନ ଯୋନୀରେ ଜନ୍ମ ନେଇଥାଏ । ଏହାର ସ୍ୱରୂପ ବିଷୟରେ ଚାର୍ବାକଠାରୁ ବୌଦ୍ଧ ପର୍ଯ୍ୟନ୍ତ ବିଚାର କରି ସିଦ୍ଧାନ୍ତ ରୂପରେ ଗ୍ରନ୍ଥକାର ଆତ୍ମାକୁ ଶରୀର-ଇନ୍ଦ୍ରିୟ-ବୁଦ୍ଧିଠାରୁ ଭିନ୍ନ ପ୍ରତିପାଦିତ କରିଛନ୍ତି । ଏହି ଶରୀର ନଶ୍ୱର ଅଟେ । କିନ୍ତୁ ଆତ୍ମା ଅନଶ୍ୱର ଅର୍ଥାତ୍ ନିତ୍ୟ ଅଟେ । ଏହି ନିତ୍ୟ ଆତ୍ମା କର୍ମବଶରୁ ବିଭିନ୍ନ ଶରୀର ଧାରଣ କରି ତ୍ରିତାପର ଜ୍ୱାଳାରେ ଦଗ୍ଧିଭୂତ ହୁଏ । ଯେଉଁ ଶରୀରକୁ ସେ ଆଶ୍ରୟ କରେ, ତାହା ମଧ୍ୟ ମଳାୟତନ ଓ ମହାଦୁଃଖବର୍ଧକ ଅଟେ । ନିତ୍ୟାନିତ୍ୟ-ବସ୍ତୁବିବେକଦ୍ୱାରା ସେହି ଆତ୍ମା ଶରୀର ମୋହକୁ ତ୍ୟାଗ କରି ବୈରାଗ୍ୟଦ୍ୱାରା ସ୍ୱରୂପ ପ୍ରାପ୍ତ କରି ମୋକ୍ଷଲାଭ କରିଥାଏ ।

ଚରାଚରାତ୍ମକ ଜଗତ୍ ମହାଦେବଙ୍କଠାରୁ ଉତ୍ପନ୍ନ ବୋଲି କୁହାଯାଇଛି । ଯେପରି ବୁଢ଼ୀଆଣି ନିଜ ଜାଲର ଅଭିନ୍ନ ନିମିତ୍ତୋପାଦାନ ଅଟେ, ସେହିପରି ମହାଦେବ ଶିବ ଏହି ଜଗତ୍‌ର ନିମିତ୍ତ ଓ ଉପାଦାନ ଉଭୟ କାରଣ ଅଟନ୍ତି । ଯେପରି ସମୁଦ୍ରରେ ଉତ୍ପନ୍ନ ଫେଣ, ଲହରୀ, ଫୋଟକା, ଆବର୍ତ୍ତ ସମୁଦ୍ରଠାରୁ ଭିନ୍ନ ନୁହନ୍ତି ଅଥବା ତନ୍ତୁରୁ ଉତ୍ପନ୍ନ ପଟ ତନ୍ତୁଠାରୁ ଭିନ୍ନ ନୁହେଁ, ସେହିପରି ଶିବଠାରୁ ଉତ୍ପନ୍ନ ଏହି ଜଗତ୍ ଶିବଠାରୁ ଭିନ୍ନ ନୁହେଁ । ଗ୍ରନ୍ଥକାର ଅନେକ ଉଦାହରଣ ସହିତ ବେଦାନ୍ତର ବିବର୍ତ୍ତବାଦ, ସାଂଖ୍ୟର ସତ୍‌କାର୍ଯ୍ୟବାଦ, ଶାକ୍ତଦୃଷ୍ଟି ଆଦିର ସମର୍ଥନ କରିଛନ୍ତି, କିନ୍ତୁ ସେସବୁକୁ ମାୟା ବିକଳ୍ପରୁ ଉତ୍ପନ୍ନ ମାନି ହେୟ କହିଛନ୍ତି । ଅର୍ଥାତ୍ ଏହି ଜଗତ୍‌କୁ ଶିବଠାରୁ ଭିନ୍ନ ମାନିବାର ବିଚାର ପରିତ୍ୟାଗ କରିବାକୁ କହିଛନ୍ତି ।

ଶିବତ୍ୱଲାଭ ହିଁ ମୋକ୍ଷ ଅଟେ । ଚାରିପ୍ରକାରର ମୁକ୍ତି ଶାସ୍ତ୍ରରେ ବର୍ଣ୍ଣିତ – ୧.ସାଲୋକ୍ୟ, ୨.ସାମୀପ୍ୟ, ୩.ସାରୂପ୍ୟ, ୪.ସାଯୁଜ୍ୟ । ଶ୍ରୀସିଦ୍ଧାନ୍ତଶିଖାମଣିରେ ସାଯୁଜ୍ୟ ମୁକ୍ତିର ଚର୍ଚ୍ଚା କରାଯାଇଛି[୨] । ଅନ୍ୟ ସମ୍ପ୍ରଦାୟ ପରି ଏଥିରେ ଏହାକୁ ଦୁଇପ୍ରକାରର କୁହାଯାଇଛି – ଜୀବନ୍ମୁକ୍ତି ଓ ବିଦେହମୁକ୍ତି[୩] । ଏଠାରେ ବର୍ଣ୍ଣିତ ଜୀବନ୍ମୁକ୍ତିର ସ୍ୱରୂପ ଅଦ୍ୱୈତ ବେଦାନ୍ତ ସମ୍ମତ ହେଲେ ମଧ୍ୟ ଏଥିରେ ଆଗମଶାସ୍ତ୍ରର ପୁଟ ଅଛି । କାରଣ ଶୈବାଗମ ଶିବପରି

୨. ସି. ଶି., ୯/୩୫-୩୬

୩. ସି. ଶି., ୧୭/୭୯-୮୦

CC-0. Jangamwadi Math Digital Collection.

ସଂସାରକୁ ସତ୍ୟ ମାନେ । ତେଣୁ ସଂସାରର ନିରାକରଣ ସମ୍ଭବ ନୁହେଁ । ନିରାକରଣ କେବଳ ଅହନ୍ତା ଓ ମମତାର କରାଯାଇଥାଏ । ଆତ୍ମା ନିଜର ବିଶୁଦ୍ଧ ଓ ମୂଳରୂପରେ ସଦା ମୁକ୍ତ ଅଟେ । ଅଜ୍ଞାନର କାରଣ ଆବଦ୍ଧ ଜୀବ ଶିବଙ୍କର ସାକ୍ଷାତ୍କାର ପରେ ଦେହବାନ୍ ରହି ମଧ୍ୟ ଦେହରହିତ ହୋଇଯାଏ । ଭେଦବୁଦ୍ଧି ବନ୍ଧନର କାରଣ ଅଟେ[୪] । ଅଭେଦ ବୁଦ୍ଧି ହିଁ ମୁକ୍ତି ଅଟେ । ଜୀବଦ୍ଦଶାରେ ଏପରି ହେଲେ ଯୋଗୀ ଜୀବନ୍ମୁକ୍ତ ହୋଇଥାଏ । ଏହି ଅବସ୍ଥା ସୁଷୁପ୍ତ୍ୟବସ୍ଥା ସଦୃଶ ଅଟେ, ଯେଉଁଥିରେ ସ୍ୱରୂପ ବ୍ୟତୀତ ଅନ୍ୟ କିଛି ଦେଖାଯାଏ ନାହିଁ । ଏହି ସୁଖସ୍ୱରୂପ ସ୍ଥିତିରେ ଶିବଙ୍କର ସ୍ଫୁରତା ଥାଏ । ବେଦାନ୍ତରେ ଜୀବର ସ୍ଥିତି ପ୍ରକାଶ ଅଥବା ଆନନ୍ଦ ଅଟେ । କିନ୍ତୁ ଜୀବ ତାହା ଅନୁଭବ କରିପାରେ ନାହିଁ । ରେଣୁକାଚାର୍ଯ୍ୟ ସଂବିଦ୍‌କୁ ଉଲ୍ଲାସ ରୂପୀ ଓ ମୁକ୍ତକୁ ସଂବିଦ୍ ଉଲ୍ଲାସଦର୍ଶୀ କହିଛନ୍ତି[୫] । ଅର୍ଥାତ୍ ଜୀବକୁ ମୁକ୍ତାବସ୍ଥାରେ ନିଜର ଆନନ୍ଦରୂପତାର ବିମର୍ଶ ହୋଇଥାଏ । ଏପରି ସ୍ଥିତି ପ୍ରାପ୍ତ କରିବା ନିମନ୍ତେ ଯୋଗୀକୁ ଚିଦାକାଶ ସ୍ୱରୂପ ଶିବତତ୍ତ୍ୱରେ ବିଲୀନ ହେବା ଦରକାର । ଏହାହିଁ ସାୟୁଜ୍ୟ ମୁକ୍ତି ଯାହା ସର୍ବୋତ୍କୃଷ୍ଟ ଅଟେ ।

ଶ୍ରୀସିଦ୍ଧାନ୍ତଶିଖାମଣି ଏକ ଆଗମଗ୍ରନ୍ଥ

ଆଗମଶାସ୍ତ୍ରର ଚାରିଟି ପାଦ କୁହାଯାଇଛି – ବିଦ୍ୟା (ଜ୍ଞାନ), କ୍ରିୟା, ଯୋଗ ଓ ଚର୍ଯ୍ୟା । ଶ୍ରୀସିଦ୍ଧାନ୍ତଶିଖାମଣିରେ ଚାରିପାଦର ସଂବ୍ୟୂହନ ହୋଇଛି । ଶିବଯୋଗୀ ଅନ୍ୟ ସମସ୍ତ କ୍ରିୟାରୁ ନିବୃତ୍ତ ହୋଇ ଲିଙ୍ଗପୂଜା ରୂପକ କ୍ରିୟା କରିବା ଉଚିତ୍ । ଯଜ୍ଞ, ଅଗ୍ନିହୋତ୍ର, ଦୁଶ୍ଚର ତପ ଲିଙ୍ଗପୂଜାର ଅଂଶବିଶେଷ ଅଟନ୍ତି । ଯେଉଁ ଯୋଗୀ ଲିଙ୍ଗାର୍ଚ୍ଚନ କରନ୍ତି, ସେ ସମସ୍ତ କ୍ରିୟାର କର୍ତ୍ତା ହୋଇ ଯାଆନ୍ତି । ଏପରିକି ବ୍ରହ୍ମାଦି ଲିଙ୍ଗାର୍ଚ୍ଚନଦ୍ୱାରା ନିଜର ପଦରେ ଆରୂଢ ହୋଇଛନ୍ତି[୬] । ଶିବ ହିଁ ସାକ୍ଷାତ୍ ପରମତତ୍ତ୍ୱ ହୋଇଥିବାରୁ ତାଙ୍କ ସମ୍ବନ୍ଧିତ କ୍ରିୟା କରିବା ଉଚିତ । ଶିବସମାବେଶ ନିମନ୍ତେ କ୍ରିୟା ଏକ ଆବଶ୍ୟକ କର୍ତ୍ତବ୍ୟ ଅଟେ । ଯେପରି ଅରଣି ସ୍ଥିତ ଅଗ୍ନିକୁ ପ୍ରଜ୍ୱଳିତ କରିବା ପାଇଁ ଘର୍ଷଣ ଆବଶ୍ୟକ, ସେହିପରି ଅନ୍ତଃସ୍ଥ ଶିବଙ୍କୁ ପ୍ରକାଶିତ କରିବା ନିମନ୍ତେ ଲିଙ୍ଗାର୍ଚ୍ଚନ ଆବଶ୍ୟକ । ଆଗମଶାସ୍ତ୍ରର ଜ୍ଞାନ ପ୍ରାପ୍ତି ପରେ ଏହିପରି କ୍ରିୟା ସମ୍ଭବ । ଶିବରହସ୍ୟରେ କୁହାଯାଇଛି –

ନ କ୍ରିୟାରହିତଂ ଜ୍ଞାନଂ ନ ଜ୍ଞାନରହିତା କ୍ରିୟା ।
ଅପଶ୍ୟନ୍ନନ୍ଧକୋ ଦଗ୍ଧୋଽନ୍ଧଗଚ୍ଛନ୍ ପଙ୍ଗୁଶ୍ଚ ଦହ୍ୟତେ ।।

---

୪. ସି. ଶି., ୧୮/୪୧-୪୨
୫. ସି. ଶି., ୧୮/୬୮
୬. ସି. ଶି., ୧୫/୩୩-୩୬

CC-0. Jangamwadi Math Digital Collection.

ତେଣୁ କେବଳ ଗ୍ରନ୍ଥାଧ୍ୟୟନ ନୁହେଁ, ଗୁରୁଙ୍କ ଆଦେଶ ପ୍ରାପ୍ତ କରି ଲିଙ୍ଗାର୍ଚ୍ଚନ କରିବା ଉଚିତ୍ ।

ଲିଙ୍ଗପୂଜା ସମୟରେ ସର୍ବବ୍ୟାପକ ଶିବ ଲିଙ୍ଗରେ ପରିଚ୍ଛିନ୍ନ ହେଲେ ମଧ୍ୟ ସର୍ବବ୍ୟାପକତା ଅକ୍ଷୂର୍ଣ୍ଣ ରହେ । କାରଣ ତାହା ତାଙ୍କର ସ୍ୱଭାବ ଅଟେ ଏବଂ ସ୍ୱଭାବ ସ୍ୱଠାରୁ ପୃଥକ୍ ରହେ ନାହିଁ । ଏହି ସଂସାର ଆତ୍ମରୂପୀ ଶିବଠାରୁ ଉତ୍ପନ୍ନ ହୋଇଥିବାରୁ ଉପାଦାନ କାରଣରୁ ଭିନ୍ନ ହୋଇପାରିବନି । ଶିବ ସର୍ବବ୍ୟାପୀ ହୋଇଥିଲେ ମଧ୍ୟ କୈଳାଶ, ମନ୍ଦର, ସୁମେରୁ ଓ ଭକ୍ତର ହୃଦୟରେ ବିଶେଷ ଭାବରେ ଅବସ୍ଥାନ କରନ୍ତି । କ୍ରିୟା ସ୍ଥୂଳରୂପରେ ଓ ଭାବ ସୂକ୍ଷ୍ମରୂପରେ ବିଦ୍ୟମାନ । କିନ୍ତୁ ଜ୍ଞାନ ସ୍ଥୂଳ ଓ ସୂକ୍ଷ୍ମରୁ ଊର୍ଦ୍ଧ୍ୱରେ । ଶିବପୂଜାର ଆରମ୍ଭ ସ୍ଥୂଳରୂପରେ ଲିଙ୍ଗପୂଜାରୁ ହୋଇଥାଏ । ତା'ପରେ ମନରେ ସୂକ୍ଷ୍ମ ଭାବରେ ତା'ର ଭାବନା ହୋଇଥାଏ । ତତ୍‌ପଶ୍ଚାତ୍ ଅଖଣ୍ଡ ଜ୍ଞାନରୂପରେ ତାଙ୍କର ଭଜନ ମୋକ୍ଷ ଦାୟକ ହୋଇଥାଏ । ତେଣୁ କ୍ରିୟାରୁ ବିଦ୍ୟା ଅଥବା ଜ୍ଞାନ ଦିଗରେ ଅଗ୍ରସର ହେବା ଉଚିତ ।

ଏହି ଗ୍ରନ୍ଥରେ ଦୁଇ ପ୍ରକାରର ଯୋଗର ବର୍ଣ୍ଣନ ଅଛି – ଜପଯୋଗ ଏବଂ ଭକ୍ତିଯୋଗ । ନାଦତତ୍ତ୍ୱ ଅଥବା ଶବ୍ଦବ୍ରହ୍ମକୁ ପ୍ରାପ୍ତ କରିବା ନିମନ୍ତେ ଜପ ଏକ ସରଳ, ସୁଦୃଢ଼ ଓ ସୁନ୍ଦର ଉପାୟ ଅଟେ । ମହର୍ଷି ପତଞ୍ଜଳି ଜପକୁ ସ୍ୱାଧ୍ୟାୟ ନାମ ଦେଇଛନ୍ତି ଏବଂ ଏହାକୁ କ୍ରିୟାଯୋଗ ଭାବରେ ନିର୍ଦ୍ଧାରିତ କରିଛନ୍ତି[୮] । ସିଦ୍ଧାନ୍ତଶିଖାମଣିରେ ପଞ୍ଚାକ୍ଷରୀ ମନ୍ତ୍ର 'ନମଃ ଶିବାୟ'ର ବିଧାନ ବର୍ଣ୍ଣିତ ହୋଇଛି । ଶିବ ପଦରେ ଶ୍ ଇ ବ୍ ଅ – ବୋଲି ଚାରି ଅକ୍ଷର ଅଛନ୍ତି । ଏଥିରୁ 'ଶ୍' ଅଥର୍ବବେଦର, 'ଇ' ଯଜୁର୍ବେଦର, 'ବ୍' ବ୍ୟାକରଣର ଓ 'ଅ' ଋଗ୍‌ବେଦର ପ୍ରତୀକ ଅଟନ୍ତି । ଏହିପରି ଶିବ ପଦ ବେଦ ଓ ବେଦାଙ୍ଗ ଉଭୟର ବାଚକ । ପକ୍ଷାନ୍ତରରେ 'ଶିବ' ପଦସ୍ଥ 'ଶ'କାର ପଞ୍ଚ ବ୍ରହ୍ମର ଓ 'ବ'କାର ମାୟାର ବାଚକ । ତେଣୁ ଶିବ ପଦ ସମ୍ପୂର୍ଣ୍ଣ ସୃଷ୍ଟିର ବାଚକ । ଏହି ପଞ୍ଚାକ୍ଷରୀ ମନ୍ତ୍ରର ଜ୍ଞାନ ହେବା ପରେ ଅନ୍ୟ ମନ୍ତ୍ର ଜ୍ଞାନର ଆବଶ୍ୟକତା ରହେ ନାହିଁ । ପଞ୍ଚାକ୍ଷରରେ ପଞ୍ଚମହାଭୂତ, ପଞ୍ଚତନ୍ମାତ୍ରା, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ, ପଞ୍ଚବ୍ରହ୍ମ, ପଞ୍ଚକୃତ୍ୟ ଆଦି ସମାହିତ ହୁଅନ୍ତି । ଗ୍ରନ୍ଥରେ ଜପର ବାଚିକ, ଉପାଂଶୁ ଓ ମାନସ ଭେଦ ବର୍ଣ୍ଣନ କରି ତାହାର ମହତ୍ତ୍ୱ କୁହାଯାଇଛି –

> ଯାବନ୍ତଃ କର୍ମଯଜ୍ଞାଦ୍ୟାବ୍ରତଦାନତପାଂସି ଚ ।
> ସର୍ବେ ତେ ଜପଯଜ୍ଞସ୍ୟ କଳାଂ ନାର୍ହନ୍ତି ଷୋଡ଼ଶୀମ୍[୯] ।।

---

୭. ତୈ. ଉ., ୨/୧

୮. ତପଃସ୍ୱାଧ୍ୟାୟେଶ୍ୱରପ୍ରଣିଧାନାନି କ୍ରିୟାଯୋଗଃ (ଯୋ. ସୂ., ୩/୧)

୯. ସି. ଶ., ୮/୩୦

CC-0. Jangamwadi Math Digital Collection.

ଶ୍ରୀସିଦ୍ଧାନ୍ତଶିଖାମଣିରେ ଭକ୍ତିଯୋଗର ବିଶଦଚର୍ଚ୍ଚା ହୋଇଛି । ଭକ୍ତି ବିଷୟରେ ଶ୍ରୀମଦ୍‌ଭାଗବତ ମହାପୁରାଣର କଥନ ହେଉଛି –

ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦସେବନମ୍ ।
ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟମାତ୍ମନିବେଦନମ୍[୧୦] ।।

ଉତ୍ତମ ଭକ୍ତର କ୍ରିୟାକଳାପର ଚର୍ଚ୍ଚା ଭାଗବତରେ ହୋଇଛି –

ବାଣୀ ଗୁଣାନୁକଥନେ ଶ୍ରବଣୌ କଥାୟାଂ
ହସ୍ତୌ ଚ କର୍ମସୁ ମନସ୍ତବ ପାଦୟୋର୍ନଃ ।
ସ୍ମୃତ୍ୟାଂ ଶିରସ୍ତବ ନିବାସଜଗତ୍‌ପ୍ରଣାମେ
ଦୃଷ୍ଟିଃ ସତାଂ ଦର୍ଶନେଽସ୍ତୁ ଭବତ୍ତନୂନାମ୍[୧୧] ।।

ଶ୍ରୀସିଦ୍ଧାନ୍ତଶିଖାମଣିରେ ଦୁଇ ପ୍ରକାର ଭକ୍ତିର ବର୍ଣ୍ଣନ ଅଛି – ବାହ୍ୟଭକ୍ତି ଓ ଆଭ୍ୟନ୍ତର ଭକ୍ତି । ନାନା ଉପଚାରରେ ଶିବଲିଙ୍ଗର ପୂଜା ବାହ୍ୟ ଭକ୍ତି ଅଟେ । ଏହା ସର୍ବସାଧାରଣଙ୍କର ନିମନ୍ତେ ପ୍ରଯୁଜ୍ୟ । ଆଭ୍ୟନ୍ତର ପୂଜାର ସାମର୍ଥ୍ୟ କେବଳ ବୀରଶୈବ କରିଥା'ନ୍ତି । ଏଥିରେ ପ୍ରାଣରେ ଲିଙ୍ଗକୁ ଓ ଲିଙ୍ଗରେ ପ୍ରାଣକୁ ପ୍ରତିଷ୍ଠିତ କରି ଶିବଙ୍କ ବ୍ୟତୀତ ଅନ୍ୟ କାହାରି ଧ୍ୟାନ ନ କରିବାର ବିଧାନ ଅଛି । ଶାମ୍ଭବୀ ମୁଦ୍ରା ଅଥବା ଶାମ୍ଭବ ଯୋଗଦ୍ୱାରା ଏହି ଭକ୍ତିର ଅନୁଷ୍ଠାନ ହୋଇଥାଏ । ଏପରି ଯୋଗୀ ଜୀବନ୍ମୁକ୍ତ ଅଟେ । ପୁନର୍ବାର ଭକ୍ତିର ତିନି ପ୍ରକାର ବତାଯାଇଛି – ମାନସିକ, ବାଚିକ ଓ କାୟିକ । ଶିବଙ୍କର ରୂପର ଧ୍ୟାନ, ତାଙ୍କର ପୂଜା ଆଦିର ଚିନ୍ତନ ମାନସିକ ଭକ୍ତି ଅଟେ। ଜପ ଆଦି ବାଚିକ ଏବଂ ବାହ୍ୟ ଶିବଲିଙ୍ଗ ପୂଜା, ଶୈବ ମନ୍ଦିର ଆଦିର ଦର୍ଶନ ଇତ୍ୟାଦି କାୟିକ ଭକ୍ତି ଅଟେ । ବାହ୍ୟ ଓ ଆଭ୍ୟନ୍ତର ଭକ୍ତି ବ୍ୟତୀତ ତୃତୀୟ ପ୍ରକାରର ଭକ୍ତି ହେଉଛି – ବାହ୍ୟାଭ୍ୟନ୍ତର ପୂଜା । ଏଥିରେ ମନକୁ ମହେଶ୍ୱରଙ୍କଠାରେ ଏକାଗ୍ର କରାଯାଇଥାଏ । ଏପରି ହେଲେ ସମସ୍ତ ପ୍ରକାରର ପୂଜା ସ୍ୱୟଂ ହୋଇଥାନ୍ତି । ଶିଖାମଣିକାର ଭକ୍ତିର ପାଞ୍ଚଟି ଆୟାମ ବତାଇଛନ୍ତି – ତପ, କର୍ମ, ଜପ, ଧ୍ୟାନ ଓ ଜ୍ଞାନ । ଶିବଙ୍କ ନିମନ୍ତେ ଶରୀରକୁ ଶୁଷ୍କ କରିବା ତପ ଅଟେ, କୃଚ୍ଛ୍ର ଚାନ୍ଦ୍ରାୟଣ, ସନ୍ତାପନ ଆଦି ନୁହେଁ । ଶିବଙ୍କର ପୂଜା ହିଁ କର୍ମ ଅଟେ, ଯାଗ ଆଦି ନୁହେଁ । ପଞ୍ଚାକ୍ଷର ମନ୍ତ୍ର ଅଥବା ପ୍ରଣବ ଜପ ହିଁ ଜପ ଅଟେ । ବେଦର ଅନ୍ୟ ସୂକ୍ତମାନଙ୍କର ପାଠ ନ କରି କେବଳ ରୁଦ୍ରାଷ୍ଟାଧ୍ୟାୟୀର ଏବଂ ରୁଦ୍ର ମନ୍ତ୍ରର ପାଠ କରିବାର ବିଧାନ ଅଛି । ଶିବଙ୍କର ରୂପ, ଗୁଣ ଆଦିର ଧ୍ୟାନ କରିବା ଉଚିତ୍, ଆତ୍ମାର ନୁହେଁ । ସେହିପରି କେବଳ

---

୧୦. ଭା. ମ. ପୁ., ୭/୫/୨୩

୧୧. ଭା. ମ. ପୁ., ୧୦/୧୦/୩୮

CC-0. Jangamwadi Math Digital Collection.

ଶୈବଶାସ୍ତ୍ରର ଅଧ୍ୟୟନ ଜ୍ଞାନ ଅଟେ, ବୈଷ୍ଣବାଦି ଶାସ୍ତ୍ରର ନୁହେଁ । ଭକ୍ତିର ପ୍ରକାର ଭେଦ ଏହିପରି ଜାଣିବା ଉଚିତ୍ – ଭକ୍ତି ବାହ୍ୟ, ଆଭ୍ୟନ୍ତର ଓ ବାହ୍ୟାଭ୍ୟନ୍ତର ଭେଦରେ ତିନି ପ୍ରକାରର । ପ୍ରତ୍ୟେକ ଭେଦ ମାନସିକ, ବାଚିକ ଓ କାୟିକ ଭେଦରେ ତିନି ପ୍ରକାରର । ପୁନଶ୍ଚ ବାହ୍ୟ–ମାନସିକ ଭକ୍ତି ଆଦିରେ ତପ, କର୍ମ, ଜପ, ଧ୍ୟାନ ଓ ଜ୍ଞାନ ନାମରେ ପାଞ୍ଚଟି ଆୟାମ ଅଛନ୍ତି । ତପ ଆଦି ପାଞ୍ଚ ପ୍ରକାରର ଅନୁଷ୍ଠାନକୁ ଶିବଯଜ୍ଞ କୁହାଯାଏ । ଯେ ଏହି ପାଞ୍ଚ ଯଜ୍ଞଦ୍ୱାରା ଶିବଙ୍କର ଅହର୍ନିଶ ପୂଜା କରେ, ସେ ଭକ୍ତଯୋଗୀ ଅଟେ ।

ଆଗମଶାସ୍ତ୍ରର ଚତୁର୍ଥପାଦ ଚର୍ଯ୍ୟା ଅଟେ । ଚର୍ଯ୍ୟା ଅର୍ଥାତ୍ ଆଚରଣ ରେଣୁକାଚାର୍ଯ୍ୟ ଶିବଯୋଗୀର ଆଚରଣ ବିଷୟରେ ବିଶଦ ଆଲୋଚନା କରିଛନ୍ତି । ସିଦ୍ଧାନ୍ତଶିଖାମଣି ବିଶେଷ ରୂପରେ ଚର୍ଯ୍ୟାଗ୍ରନ୍ଥ ଅଟେ । ବୀରଶୈବ ଅଥବା ଶୈବାଗମ ଅନୁଯାୟୀଙ୍କ ନିମନ୍ତେ ଜ୍ଞାନ ଅପେକ୍ଷା ଚର୍ଯ୍ୟା ଅଧିକ ମହତ୍ତ୍ୱପୂର୍ଣ୍ଣ । କାରଣ ପାମରଜନ ମଧ୍ୟ ଚର୍ଯ୍ୟାଦ୍ୱାରା ଅନ୍ତତୋଗତ୍ୱା ଶିବସାୟୁଜ୍ୟ ପ୍ରାପ୍ତ କରିପାରନ୍ତି ଏବଂ ଅପାମର ଅର୍ଥାତ୍ ଶାସ୍ତ୍ରଜ୍ଞାନୀ ଚର୍ଯ୍ୟା ବିନା ଶିବ ସାୟୁଜ୍ୟ ପ୍ରାପ୍ତ କରି ପାରନ୍ତି ନାହିଁ । ତେଣୁ ଚର୍ଯ୍ୟା ପାମର–ଅପାମର ଉଭୟଙ୍କର ନିମନ୍ତେ ଅନିବାର୍ଯ୍ୟ ଅଟେ ।

ଦୀକ୍ଷା – ଚର୍ଯ୍ୟାର ପ୍ରଥମ କ୍ରମ ଦୀକ୍ଷା ଅଟେ । ଦୀକ୍ଷାର ଲକ୍ଷଣ ହେଉଛି –

ଦୀୟତେ ଚ ଶିବଜ୍ଞାନଂ କ୍ଷୀୟତେ ପାଶବନ୍ଧନମ୍ ।
ଯସ୍ମାଦତଃ ସମାଖ୍ୟାତା ଦୀକ୍ଷେତୀୟଂ ବିଚକ୍ଷଣୈଃ[୧୨] ।।

ଦୀକ୍ଷା ତିନି ପ୍ରକାରର – ବେଧାଦୀକ୍ଷା, ମନ୍ତ୍ର ଦୀକ୍ଷା ଓ କ୍ରିୟା ଦୀକ୍ଷା । ବେଧାଦୀକ୍ଷାରେ ଗୁରୁ ଶିଷ୍ୟ ଉପରେ ଦୃଷ୍ଟି ରଖି ତା'ର ଶିର ଉପରେ ନିଜର ହାତ ରଖନ୍ତି ଓ ଏଥିରେ ଶିଷ୍ୟକୁ ଶିବସାୟୁଜ୍ୟ ପ୍ରାପ୍ତ ହୋଇଥାଏ । ମନ୍ତ୍ରଦୀକ୍ଷାରେ ଗୁରୁଶିଷ୍ୟର କାନରେ ପଞ୍ଚାକ୍ଷର ମନ୍ତ୍ରର ଉପଦେଶ କରନ୍ତି । ମନ୍ତ୍ରର ମନନ କରିବା ପରେ ତ୍ରାଣ କରୁଥିବା ଏହି ଦୀକ୍ଷାକୁ ମାନ୍ତ୍ରୀ ଦୀକ୍ଷା କୁହାଯାଏ । କ୍ରିୟାଦୀକ୍ଷାର ଏହି ଗ୍ରନ୍ଥରେ ବିସ୍ତୃତ ବର୍ଣ୍ଣନ ଅଛି । ଏଥିରେ ଶୁଭ ମୁହୂର୍ତ୍ତରେ ଗୁରୁ ଆଚାର୍ଯ୍ୟ ଋତ୍ୱିଜଙ୍କ ସହିତ ଶିଷ୍ୟର ଅଭିଷେକ କରି ଦକ୍ଷିଣ କର୍ଣ୍ଣରେ ପଞ୍ଚାକ୍ଷରୀ ମନ୍ତ୍ରର ଉପଦେଶ ଦେଇଥାନ୍ତି । ତା'ପରେ ପଞ୍ଚାକ୍ଷରୀ ମନ୍ତ୍ରର ନ୍ୟାସ, ବିନିଯୋଗ ଆଦି ବତାଇଥା'ନ୍ତି ।

ଲିଙ୍ଗଧାରଣ

ଦୀକ୍ଷା ପ୍ରଦାନ ପରେ ଗୁରୁ ଗୋଟିଏ ଲିଙ୍ଗକୁ ପୂଜା କରି ଶୈବୀ କଳା ଯୁକ୍ତ

---

୧୨. ସି. ଶି., ୬/୧୧

CC-0. Jangamwadi Math Digital Collection.

କରିଥା'ନ୍ତି । ଏହାପରେ ସେହି ଲିଙ୍ଗରେ ଶିଷ୍ୟର ପ୍ରାଣର ଓ ପ୍ରାଣରେ ଲିଙ୍ଗର ସ୍ଥାପନା କରି ଗୁରୁ ଉଭୟଙ୍କୁ ଏକ କରିଦିଅନ୍ତି । ସେହି ଲିଙ୍ଗକୁ ଶିଷ୍ୟର ହାତରେ ଦେଇ ପ୍ରାଣ ସଙ୍କଟରେ ପଡ଼ିଲେ ମଧ୍ଯ ଲିଙ୍ଗକୁ ଶରୀରରୁ ଅଲଗା ନ କରିବା ପାଇଁ ଆଦେଶ ଦିଅନ୍ତି। ଏହା ବାହ୍ୟ ଲିଙ୍ଗ ଅର୍ଥାତ୍ ସ୍ଫଟିକ ଆଦିରେ ନିର୍ମିତ ଲିଙ୍ଗଧାରଣର ପ୍ରକ୍ରିୟା ଅଟେ । ଏହାର ସହାୟତାରେ ଶିଷ୍ୟ ଆନ୍ତର ଲିଙ୍ଗ ଧାରଣର ଅଭ୍ୟାସ କରିବା ଉଚିତ୍ । ମୂଳାଧାର ହୃଦୟ ଅଥବା ଭ୍ରୂମଧ୍ୟରେ ଜ୍ୟୋତିର୍ଲିଙ୍ଗର ଅନୁସନ୍ଧାନ କରିବା ଉଚିତ । ମୂଳାଧାରରେ ସ୍ୱର୍ଣ୍ଣିମ, ହୃଦୟରେ ମୁଂଗାସଦୃଶ ଓ ଭ୍ରୂମଧ୍ୟରେ ସ୍ଫଟିକୋପମ ଲିଙ୍ଗର ଧ୍ୟାନ କୁହାଯାଇଛି। ଏହିପରି ଲିଙ୍ଗ ତିନି ପ୍ରକାରର – ସ୍ଥୂଳ, ସୂକ୍ଷ୍ମ ଓ ପରାତ୍ପର । ବାହ୍ୟ ଲିଙ୍ଗ ଶିର, କଣ୍ଠ, ହୃଦୟ, ହସ୍ତ ଆଦିରେ ଧାରଣ କରାଯାଇଥାଏ । ପ୍ରାଣକୁ ସୂକ୍ଷ୍ମ ଲିଙ୍ଗ କହନ୍ତି । ପରାତ୍ପର ଲିଙ୍ଗ ତୃପ୍ତିଲିଙ୍ଗ ଅଟେ । ସ୍ଥୂଳଲିଙ୍ଗର ଧାରଣ ନାଭିର ଅଧୋଭାଗରେ କରାଯାଏ ନାହିଁ । ତାହାର ପୂଜା ହାତ ଉପରେ ରଖି କରାଯାଏ ।

ଭସ୍ମଧାରଣ

ଲିଙ୍ଗଧାରଣ କରି ଭସ୍ମଧାରଣ ଶିବଯୋଗୀ ନିମନ୍ତେ ଅନିବାର୍ଯ୍ୟ ଅଟେ । 'ଭାସ୍' ଧାତୁରେ ମନିନ୍ ପ୍ରତ୍ୟୟ କରି ଭସ୍ମ ଶବ୍ଦର ବ୍ୟୁତ୍ପତ୍ତି କରାଯାଏ । ଏହାର ଅର୍ଥ ହେଉଛି ଭାସନ ଅଥବା ପ୍ରକାଶନ । ଶିବଙ୍କର ଭାସନ କରୁଥିବା ପଞ୍ଚାକ୍ଷରୀ ମନ୍ତ୍ର ବାସ୍ତବିକ ଭସ୍ମ ଅଟେ । ତାହାର ପ୍ରତୀକ ଭାବରେ ମନ୍ତ୍ର, ନ୍ୟାସ, ଧ୍ୟାନ ଆଦିରୁ ଉତ୍ପନ୍ନ ସ୍ଥୂଳଭସ୍ମ ଧାରଣ କରିବାର ବିଧି ଏହି ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି । ଭସ୍ମର ବିଭୂତି, ଭସିତ ଆଦି ପାଞ୍ଚଟି ନାମ ଅଛି ଏବଂ ପ୍ରତ୍ୟେକଙ୍କର ବିଶିଷ୍ଟ ଅର୍ଥ ଅଛି । ଏହି ଭସ୍ମ କପିଳ, କୃଷ୍ଣ ଆଦି ପାଞ୍ଚ ବର୍ଣ୍ଣ ନନ୍ଦା ଆଦି ପାଞ୍ଚ ଗାଈଙ୍କଠାରୁ ଉତ୍ପନ୍ନ ଏବଂ ଏମାନଙ୍କର ଉତ୍ପତ୍ତିରେ ସଦ୍ୟୋଜାତ, ବାମଦେବ, ଅଘୋର, ତତ୍ପୁରୁଷ ଓ ଈଶାନ ନାମକ ପଞ୍ଚବ୍ରହ୍ମ କାରଣ ଅଟନ୍ତି । ନିତ୍ୟ ଭସ୍ମଧାରଣ କରିବା ଉଚିତ । ତ୍ରିପୁଣ୍ଡ୍ର ରୂପରେ ଏହାକୁ ଧାରଣ କରାଯାଏ । ତ୍ରିପୁଣ୍ଡ୍ର ଅର୍ଥାତ୍ ଅନାମିକା, ମଧ୍ୟମା ଓ ତର୍ଜନୀଦ୍ୱାରା ଭସ୍ମର ତିନୋଟି ତିର୍ଯ୍ୟକ୍ ରେଖା ଧାରଣ କରିବା । ଏହି ଭସ୍ମ ଶିର, ଲଲାଟ, ଉଭୟ କର୍ଣ୍ଣ, କଣ୍ଠ, ଉଭୟ ହସ୍ତ, ହୃଦୟ, ନାଭି, ପୃଷ୍ଠ, ଉଭୟ ବାହୁ, ଉଭୟ କହୁଣୀ ଏବଂ ଉଭୟ ମଣିବନ୍ଧରେ ଧାରଣ କରାଯାଇଥାଏ । ଏପରି ଧାରଣ କଲେ ମନୁଷ୍ୟ ରୁଦ୍ର ସଦୃଶ ମହାନ୍ ହୋଇଥାଏ ।

ରୁଦ୍ରାକ୍ଷଧାରଣ

ରୁଦ୍ରାକ୍ଷଧାରଣର ବିଧି ଏହି ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି । ରୁଦ୍ରାକ୍ଷର ଉତ୍ପତ୍ତି ବିଷୟରେ

CC-0. Jangamwadi Math Digital Collection.

କିମ୍ବଦନ୍ତୀ ଅଛି ଯେ ତ୍ରିପୁର ଦାହର ପ୍ରାରମ୍ଭରେ ଭଗବାନ୍ ରୁଦ୍ର ନିଜର ତୃତୀୟ ନେତ୍ରରେ ତାହାକୁ ଦେଖିଥିଲେ । ସେହି ସମୟରେ କ୍ରୋଧ ହେତୁ ତୃତୀୟ ନେତ୍ରରୁ ଯେଉଁ ଲୋତକ ବୋହି ଥିଲା, ତାହା ରୁଦ୍ରାକ୍ଷ ହୋଇଥିଲା । ରୁଦ୍ରଙ୍କର ଅକ୍ଷିର ଲୋତକରୁ ନିର୍ମିତ ହୋଇଥିବାରୁ ଏହାକୁ ରୁଦ୍ରାକ୍ଷ କୁହାଯାଏ । ତାଙ୍କର ସୂର୍ଯ୍ୟାତ୍ମକ ଦକ୍ଷିଣ ନେତ୍ରରୁ କପିଳ ବର୍ଣ୍ଣର ୧୨ଟି ରୁଦ୍ରାକ୍ଷ, ଚନ୍ଦ୍ରାତ୍ମକ ବାମ ନେତ୍ରରୁ ଶ୍ୱେତ ବର୍ଣ୍ଣର ୧୬ଟି ରୁଦ୍ରାକ୍ଷ ଓ ଲଲାଟସ୍ଥ ଅଗ୍ନିମୟନେତ୍ରରୁ ୧୦ବର୍ଣ୍ଣର ରୁଦ୍ରାକ୍ଷ ଉତ୍ପନ୍ନ ହୋଇଥିଲେ। ଏହିପରି ରୁଦ୍ରାକ୍ଷ (୧୨ + ୧୬ + ୧୦ = ୩୮) ଅଠତିରିଶ ପ୍ରକାରର ଅଟେ । ସ୍ୱର୍ଣ୍ଣିମ ବର୍ଣ୍ଣର କେହି ଧାରଣ ନ କରିଥିବା ରୁଦ୍ରାକ୍ଷକୁ ଧାରଣ କରିବା ଉଚିତ୍ । ଭିନ୍ନ ଭିନ୍ନ ଅଙ୍ଗରେ ଭିନ୍ନ ସଂଖ୍ୟକ ରୁଦ୍ରାକ୍ଷଧାରଣର ବିଧାନ ଅଛି[୧୩] । ରୁଦ୍ରାକ୍ଷ ଧାରଣ କରିଥିବା ଶିବଭକ୍ତ ବ୍ରହ୍ମହତ୍ୟା ଆଦି ମହାପାପ ତଥା ଅନ୍ୟ ସମସ୍ତ ପାପରୁ ମୁକ୍ତ ହୋଇଥାଏ । ମୃତ୍ୟୁକାଳରେ ରୁଦ୍ରାକ୍ଷ ଘୋରି ସେହି ଜଳକୁ ପାନ କଲେ ରୁଦ୍ରଲୋକ ପ୍ରାପ୍ତ ହୋଇଥାଏ ।

ମନ୍ତ୍ରଜପ

ପଞ୍ଚାକ୍ଷର ମନ୍ତ୍ରଜପ ଅନ୍ୟତମ ଚର୍ଯ୍ୟା ଅଟେ । ବାଚିକ, ଉପାଂଶୁ ଓ ମାନସ – ଏହି ତିନି ପ୍ରକାର ଜପକୁ ଜପଯଜ୍ଞ କୁହାଯାଏ । ସମସ୍ତ କର୍ମଯଜ୍ଞ ଓ ବ୍ରତ, ଦାନ ଆଦି ଜପଯଜ୍ଞର ଷୋଳାଂଶ ମଧ୍ୟ ନୁହନ୍ତି । ଆଣବ, ମାୟୀୟ ଓ କାର୍ମପାଶରୁ ମୁକ୍ତ ହେବା ନିମନ୍ତେ ଜପଯଜ୍ଞ କରିବା ଉଚିତ । ଅଭକ୍ଷଣ, ବାୟୁଭକ୍ଷଣ, ଅଥବା ଅନ୍ୟ ବ୍ରତ ଆଚରଣ କରୁଥିବା ବ୍ୟକ୍ତି ଶିବଲୋକକୁ ପ୍ରାପ୍ତ ହୁଅନ୍ତି ନାହିଁ । କିନ୍ତୁ ଏହି ପଞ୍ଚାକ୍ଷରୀ ମହାମନ୍ତ୍ରର ଥରେ ମାତ୍ର ଉଚ୍ଚାରଣ କଲେ ସର୍ବସିଦ୍ଧି ପ୍ରାପ୍ତ ହୋଇଥାଏ । ପଞ୍ଚାକ୍ଷର ଉଚ୍ଚାରଣ କରି ଶିବଲିଙ୍ଗରେ ପୁଷ୍ପ ଅର୍ପଣ କଲେ ଏକ ସହସ୍ର ବାଜପେୟ ଯଜ୍ଞର ଫଳପ୍ରାପ୍ତି ହୋଇଥାଏ । ବଶିଷ୍ଠ, ବାମଦେବ ଆଦି ଋଷିଗଣ ଏହି ମନ୍ତ୍ର ଜପ କରି ସିଦ୍ଧ ହୋଇ ପାରିଥିଲେ । ଶତାନନ୍ଦ ମୁନି ନର୍କକୁ ସ୍ୱର୍ଗ କରିଦେଇଥିଲେ । ବ୍ରହ୍ମାଦିଙ୍କର ସୃଷ୍ଟିରେ ସାମର୍ଥ୍ୟ ଏହି ମନ୍ତ୍ର କାରଣରୁ ।

ଏହିପରି ଅନେକ ଚର୍ଯ୍ୟାର ବର୍ଣ୍ଣନ ସିଦ୍ଧାନ୍ତଶିଖାମଣିରେ ଅଛି । ଗୁରୁଙ୍କର ମହତ୍ତ୍ୱ, ଗୁରୁଙ୍କ ପ୍ରତି କର୍ତ୍ତବ୍ୟ, ଲିଙ୍ଗର ମହତ୍ତ୍ୱ, ଲିଙ୍ଗଧାରଣର ମହତ୍ତା, ଶିବଯୋଗୀର ମହିମା, ଶିବାର୍ଚ୍ଚନର ମାହାତ୍ମ୍ୟ ଇତ୍ୟାଦି ବିଷୟ ଏହି ଗ୍ରନ୍ଥରେ ଆଲୋକିତ ହୋଇଛି । ଆଚାର୍ଯ୍ୟ ଅଭିନବ ଗୁପ୍ତ ଆଗମଶାସ୍ତ୍ରକୁ ପ୍ରକ୍ରିୟା ଶାସ୍ତ୍ର ଏବଂ ଅନୁଭବଶାସ୍ତ୍ର କହିଛନ୍ତି । କ୍ରିୟା, ପ୍ରକ୍ରିୟା, ସାଧନା, ଅନୁଷ୍ଠାନ ଇତ୍ୟାଦି ପ୍ରାରମ୍ଭିକ ସ୍ତରର ବିଷୟ ଅଟନ୍ତି । କ୍ରିୟା ବିନା କାର୍ଯ୍ୟସିଦ୍ଧି ହୁଏ

---

୧୩. ସି. ଶି., ୭/୫୨-୫୮

CC-0. Jangamwadi Math Digital Collection.

ନାହିଁ । କ୍ରିୟାର ଉତ୍କର୍ଷ ଅନୁସାରେ ଭଗବତ୍‌କୃପା ପ୍ରଭୂତ ଭାବରେ ଭକ୍ତକୁ ଅନୁଗୃହୀତ କରିଥାଏ । ଏଥି ମଧ୍ୟରେ ଭକ୍ତକୁ ଅନେକ ଦିବ୍ୟ ଅନୁଭବ ହୋଇଥାଏ ତଥା ସାଧକ ଦିବ୍ୟଶକ୍ତି ସହିତ ସମନ୍ୱିତ ହୋଇଥାଏ । ସାଧନା କ୍ରମରେ ଏପରି ଏକ ସ୍ଥିତି ଆସେ ଯେତେବେଳେ ପ୍ରୟାସ ବିନା କ୍ରିୟା ଅଥବା ପ୍ରକ୍ରିୟା ହୋଇଥାଏ। ଜପ, ଧ୍ୟାନର ଏହି ଅବସ୍ଥା ଉଚ୍ଚକୋଟିର ହୋଇଥାଏ । ଅନ୍ତରେ 'ଯଦ୍ ଯତ୍ କର୍ମ କରୋମି ତତ୍ତଦଖିଳଂ ଶମ୍ଭୋ ତବାରାଧନମ୍'ର ସ୍ଥିତି ହୋଇଥାଏ । ସାଧକ ଶିବତ୍ୱର ଅନୁଭବ କରିଥାଏ । ତା'ର ସମସ୍ତ କୃତ୍ୟ ଶିବମୟ ହୋଇଯାଏ । ଉପନିଷଦ୍‌ରେ ବର୍ଣ୍ଣିତ 'ଆତ୍ମରତିଃ ଆତ୍ମକୀଡଃ' ଇତ୍ୟାଦି ଏହି ଅବସ୍ଥାର ଦ୍ୟୋତକ । ମହାରାଷ୍ଟ୍ର ଗଣେଶପୁରୀର ଶିବସ୍ୱରୂପ ସନ୍ତ ଭଗବାନ୍ ନିତ୍ୟାନନ୍ଦ ବେଳେବେଳେ ନିଜର ପୂଜା କରୁଥିଲେ । 'ଓଁ ଗନ୍ଧଂ ସମର୍ପୟାମି ଆତ୍ମନେ ନମଃ, ଓଁ ପୁଷ୍ପଂ ସମର୍ପୟାମି ଆତ୍ମନେ ନମଃ' ଇତ୍ୟାଦି ଉଚ୍ଚାରଣ କରି ନିଜ ଉପରେ ଗନ୍ଧ, ପୁଷ୍ପାଦି ସିଞ୍ଚନ କରୁଥିଲେ । ଶିବଯୋଗୀର ଚରମ ଉତ୍କର୍ଷ ଅଠର, ଉଣେଇଶ ଓ କୋଡ଼ିଏ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ।

ଆଗମ ନିଗମ ଅର୍ଥାତ୍ ବେଦ ବିରୋଧୀ ବୋଲି ଅନେକଙ୍କର ଧାରଣା । ଆଂଶିକ ଭାବରେ ଏହା ସତ୍ୟ ମଧ୍ୟ । ବ୍ରାହ୍ମଣ ଆଦି ଗ୍ରନ୍ଥରେ ବର୍ଣ୍ଣିତ ଜଟିଳ କର୍ମକାଣ୍ଡ ବିଧି ଏବଂ ତାହାକୁ ଆଚରଣ କରିବାର ଅଧିକାରୀ ବିଷୟରେ ଯେଉଁ ସବୁ ନିୟମ ନିର୍ଦ୍ଦେଶ ଅଛି ତନ୍ତ୍ରଶାସ୍ତ୍ର ସେଥିରେ ସମ୍ମତ ନୁହେଁ । ଏହା ଅତ୍ୟନ୍ତ ଉଦାର ଶାସ୍ତ୍ର ଅଟେ । ଶୈବୀ ସାଧନା, ଶିବସାଯୁଜ୍ୟ ପ୍ରାପ୍ତିର ଅଧିକାରୀ କେହି ହେଲେ ସାଧନା କରି ହୋଇପାରିବ। ଏପରିକି ନାରୀ ଯଜ୍ଞ କରିବା ନିଷିଦ୍ଧ ହୋଇଥିଲେ ମଧ୍ୟ, ଆଗମ ଲିଙ୍ଗାର୍ଚ୍ଚନର ଅଧିକାର ଦେଇଛି । ତେଣୁ କୁହାଯାଇଛି –

ଲିଙ୍ଗାର୍ଚ୍ଚନରତାୟାସ୍ତୁ ରତୌ ନାର୍ଯ୍ୟା ନ ସୂତକମ୍ ।
ତଥା ପ୍ରସୂତିକାୟାଶ୍ଚ ସୂତକଂ ନୈବ ବିଦ୍ୟତେ ।।

(ସି. ଶି., ୯/୪୪)

୧୧ଶ ଶତାବ୍ଦୀ ଓ ପରବର୍ତ୍ତୀ କାଳରେ ବେଦ ଓ ଆଗମ ମଧ୍ୟରେ ଏକ ପ୍ରକାର ସାମଞ୍ଜସ୍ୟ ସ୍ଥାପିତ କରିବା ପାଇଁ ଚେଷ୍ଟା ଆରମ୍ଭ ହେଲା । ଅଭିନବଗୁପ୍ତାଚାର୍ଯ୍ୟଙ୍କ ମତରେ –

ଗର୍ଭାଧାନାଦିତଃ କୃତ୍ୱା ଯାବଦୁଦ୍ୱାହମେବ ଚ ।
ତାବତ୍ତୁ ବୈଦିକଂ କର୍ମ ପଶ୍ଚାଚ୍ଛୈବେ ହ୍ୟନନ୍ୟଭାକ୍ ।।

ଏହି ଗ୍ରନ୍ଥରେ ମଧ୍ୟ ସାମଞ୍ଜସ୍ୟର ଭାବନା ନିହିତ ଅଛି । ଗ୍ରନ୍ଥକାର ଶିବଯୋଗୀ ଶିବାଚାର୍ଯ୍ୟ ସାଂଖ୍ୟ, ଯୋଗ, ପାଞ୍ଚରାତ୍ର, ବେଦ ଓ ପାଶୁପତର ପ୍ରାମାଣିକତାକୁ ଏକ

CC-0. Jangamwadi Math Digital Collection.

ମାନିଛନ୍ତି ଏବଂ ବେଦକୁ ସର୍ବପ୍ରଧାନ କହିଛନ୍ତି । ବେଦର ପ୍ରାମାଣିକତା ପରବର୍ତ୍ତୀ ବେଦାନୁଗାମୀ ଗ୍ରନ୍ଥମାନଙ୍କର ପ୍ରାମାଣିକତା –

ବେଦାଃ ପ୍ରଧାନଂ ସର୍ବେଷାଂ ସାଂଖ୍ୟାଦୀନାଂ ମହାମୁନେ ।
ବେଦାନୁସାରଣାଦେଷାଂ ପ୍ରାମାଣ୍ୟମିତି ନିଶ୍ଚିତମ୍ ।।

(ସି. ଶି., ୫/୪-୫)

ରେଣୁକାଚାର୍ଯ୍ୟ ସ୍ଥଳ ବିଶେଷରେ ଏପରି ଶ୍ଲୋକର ଗ୍ରଥନ କରିଛନ୍ତି ଯାହା ଉପନିଷଦ୍ ଅଥବା ଗୀତାର ଶ୍ଲୋକର ପ୍ରତିଚ୍ଛାୟାରୂପ ପ୍ରତୀତ ହେଉଛି –

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ଜନ୍ତୁର୍ମରଣଜନ୍ମଭ୍ୟାଂ ପରିଭ୍ରମତି ଚକ୍ରବତ୍ ।।

(ସି. ଶି., ୫/୬୩)

ଏହି ଶ୍ଲୋକର ପୂର୍ବାର୍ଦ୍ଧ ଗୀତାରୁ ଉଦ୍ଧୃତ । ଏହିପରି 'ପୃଥିବ୍ୟାଦ୍ୟଷ୍ଟ ମୂର୍ତ୍ତିତ୍ୱ-ମୀଶ୍ୱରସ୍ୟ ପ୍ରକୀର୍ତ୍ତିତମ୍' (ସି. ଶି. ୧୦/୪୯) ବଚନ ବୃହଦାରଣ୍ୟକ ଉପନିଷଦ୍‌ର 'ଯସ୍ୟ ପୃଥିବୀ ଶରୀରମ୍' ତଥା 'ଯସ୍ୟାତ୍ମା ଶରୀରମ୍' (ବୃ. ୩/୭/୩, ୩/୭/୨୩) କୁ ବୁଝାଉଛି । ସେହିପରି –

ନିତ୍ୟଂ ଭାସି ତଦୀୟସ୍ତ୍ୱଂ ଯା ତେ ରୁଦ୍ରଶିବାତନୂଃ ।
ଅଘୋରାଦ୍ଧପାପକାଶୀତି ଶ୍ରୁତିରାହ ସନାତନୀ ।।

(ସି. ଶି., ୧୦/୫୯)

ଏହି ଶ୍ଲୋକରେ ଶୁକ୍ଳଯଜୁର୍ବେଦର ବାଜସନେୟୀସଂହିତାର ୧୬/୨ ମନ୍ତ୍ରର ଉଦ୍ଧରଣ ଦେଖାଯାଏ । ପୁନଶ୍ଚ ତୈତ୍ତିରୀୟ ଉପନିଷଦ୍, ବ୍ରହ୍ମବିନ୍ଦୂପନିଷତ୍, ଶ୍ୱେତାଶ୍ୱତର ଉପନିଷଦ୍ ଆଦି ଶ୍ରୁତିଗ୍ରନ୍ଥମାନଙ୍କର ପ୍ରତିଚ୍ଛାୟା ବଚନ ଏହି ଗ୍ରନ୍ଥର ଅନେକ ଶ୍ଲୋକରେ ଦେଖିବାକୁ ମିଳେ । ଏଥିରୁ ଶିବଯୋଗୀ ଶିବାଚାର୍ଯ୍ୟ ବେଦୋପନିଷଦ୍‌ଗୀତା ସମ୍ମତ ଉପଦେଶ ଦେଇଥିବା ଜଣାଯାଏ ।

ଶ୍ରୀସିଦ୍ଧାନ୍ତଶିଖାମଣି ଏକ ମହାକାବ୍ୟ

ଶ୍ରୀସିଦ୍ଧାନ୍ତଶିଖାମଣି ଦର୍ଶନଶାସ୍ତ୍ର ଏବଂ ଆଗମଶାସ୍ତ୍ର ସହିତ ଏକ ମହାକାବ୍ୟ ମଧ୍ୟ । 'ସର୍ଗବନ୍ଧୋ ମହାକାବ୍ୟମ୍' ଅନୁସାରେ ଏଥିରେ ୨୧ ପରିଚ୍ଛେଦ ଥିବାରୁ ଉତ୍କୃଷ୍ଟ କୋଟିର ଏହା ମହାକାବ୍ୟ ଅଟେ । ଏହାର ନାୟକ ରେଣୁକାଚାର୍ଯ୍ୟ, ଯେ କି ଧୀରୋଦାତ୍ତରୁ ମଧ୍ୟ ଅଧିକ ଉଚ୍ଚସ୍ତର ଗୁଣରେ ଯୁକ୍ତ । ସେ ଅବିକତ୍ଥନ ଅର୍ଥାତ୍ ଆତ୍ମଶ୍ଳାଘାରହିତ ଥିଲେ ।

CC-0. Jangamwadi Math Digital Collection.

ସେ ନିଜର ନୁହଁ, ଅଗସ୍ତ୍ୟ ଓ ବିଭୀଷଣଙ୍କର ପ୍ରଶଂସା କରିଛନ୍ତି । ସହନଶକ୍ତି ଯୁକ୍ତ ରେଣୁକ ଭଗବାନ୍ ଶିବଦ୍ୱାରା ଅଭିଶପ୍ତ ହୋଇ କ୍ରୋଧିତ ହୋଇ ନଥିଲେ, ବରଂ ବିନମ୍ରତା ସହିତ ଶାପୋଦ୍ଧାରର ଉପାୟ ଭିକ୍ଷା କରିଥିଲେ । ଶିବଙ୍କର ପ୍ରିୟ ଗଣେଶ୍ୱର ହୋଇଥିବାରୁ ତାଙ୍କଠାରେ ଗାମ୍ଭୀର୍ଯ୍ୟ ଓ ମହତ୍ତ୍ୱ ସ୍ୱଭାବତଃ ଥିଲା । ସେ ଏପରି ଦୃଢ଼ବ୍ରତୀ ଥିଲେ କି ମହାଦେବଙ୍କର ଆଦେଶ ପାଳନର ସଙ୍କଳ୍ପ ନେଇ ଅଗସ୍ତ୍ୟ ମୁନିଙ୍କୁ ବୀରଶୈବ ସିଦ୍ଧାନ୍ତର ପ୍ରଚାର-ପ୍ରସାର କରିବା ପାଇଁ ଆଦେଶ ଦେଇଥିଲେ ଓ ବିଭୀଷଣଙ୍କର ନିବେଦନ ଶୁଣି ତିନିକୋଟି ଶରୀର ଧାରଣ କରି ଏକସଙ୍ଗେ ତିନିକୋଟି ଶିବଲିଙ୍ଗର ସ୍ଥାପନା କରିଥିଲେ ।

ଶାନ୍ତରସ ଏହି ମହାକାବ୍ୟର ଅଙ୍ଗୀ ରସ । ସମ୍ପୂର୍ଣ୍ଣ କାବ୍ୟ ନିର୍ବେଦ ଭାବଯୁକ୍ତ ଅଟେ । ଗୁରୁ, ଶିଷ୍ୟ, ଶିବଭକ୍ତି, ଲିଙ୍ଗ, ସଂସାର, କଷ୍ଟ, ଲିଙ୍ଗାର୍ଚ୍ଚନ, ସମର୍ପଣ ଆଦି ବର୍ଣ୍ଣିତ ବିଷୟ ପାଠକ ମନରେ ସଂସାର ପ୍ରତି ବୈରାଗ୍ୟ ଭାବ ଆଣି ଶିବଙ୍କର ଅର୍ଚ୍ଚନା ସହିତ ସମର୍ପଣ ଭାବ ଉଦ୍ରେକ କରୁଛି । ନାୟକର ବ୍ୟକ୍ତିତ୍ୱ ବର୍ଣ୍ଣନ, ନାୟିକା ବର୍ଣ୍ଣନ, ପ୍ରକୃତି ବର୍ଣ୍ଣନ ଇତ୍ୟାଦି ମହାକାବ୍ୟର ଅନିବାର୍ଯ୍ୟ ବିଷୟ । ଗ୍ରନ୍ଥକାର ଗ୍ରନ୍ଥର ପ୍ରାରମ୍ଭରେ ଶିବସ୍ତୁତି, ଶକ୍ତିସ୍ତୁତି ମାଧ୍ୟମରେ ନାୟକ-ନାୟିକାଙ୍କର ବର୍ଣ୍ଣନ କରିଛନ୍ତି । ରଘୁବଂଶ ମହାକାବ୍ୟ ପରି ଗ୍ରନ୍ଥକାର ଶିବଯୋଗୀ ନିଜର ବଂଶବର୍ଣ୍ଣନ କରିଛନ୍ତି । ତୃତୀୟ ପରିଚ୍ଛେଦର ପ୍ରାରମ୍ଭରେ ପ୍ରକୃତି ବର୍ଣ୍ଣନ କରାଯାଇଛି ।

ଏହି ମହାକାବ୍ୟରେ ଅନେକ ଅଳଙ୍କାରର ପ୍ରୟୋଗ କରାଯାଇଛି ।

ଉପମା – ନାଭିସ୍ଥାନାବଲମ୍ବିନ୍ୟା ନବମୌକ୍ତିକମାଳୟା ।
ଗଙ୍ଗୟେବ କୃତାଶ୍ଳେଷମୌଳିଭାଗାବତୀର୍ଣ୍ଣୟା ।।
(ସି. ଶି., ୩/୨୨)

ମାଲୋପମା – ଅର୍ଥହୀନା ଯଥା ବାଣୀ ପତିହୀନା ଯଥା ସତୀ ।
ଶ୍ରୁତିହୀନା ଯଥା ବୁଦ୍ଧିର୍ଭାବହୀନା ତଥା କ୍ରିୟା ।।
(ସି. ଶି. ୧୬/୧୯)

ଶିବାନନ୍ଦଂ ସମାସାଦ୍ୟ କୋ ବାଦ୍ଧନ୍ୟମୁପତିଷ୍ଠତେ ।
ଗଙ୍ଗାମୃତଂ ପରିତ୍ୟଜ୍ୟ କଃ କାଂକ୍ଷେନ୍ମୃଗତୃଷ୍ଣିକାମ୍ ।।
(ସି. ଶି., ୧୩/୭)

ରୂପକ – ତ୍ରୈଲୋକ୍ୟସମ୍ପଦାଲେଖ୍ୟସମୁଲ୍ଲେଖନଭିତ୍ତୟେ
ସଚ୍ଚିଦାନନ୍ଦରୂପାୟ ଶିବାୟ ବ୍ରହ୍ମଣେ ନମ ।। (ସି. ଶି., ୧/୧)

CC-0. Jangamwadi Math Digital Collection.

ଜ୍ଞାନଚନ୍ଦ୍ରସମୁଦ୍‌ଭୂତାଂ ପରମାନନ୍ଦଚନ୍ଦ୍ରିକାମ୍ ।
ପଶ୍ୟନ୍ତି ପରମାକାଶେ ମୁକ୍ତିରାତ୍ରୌ ମହାଧିୟଃ ।।
(ସି. ଶି., ୧୯/୧୪)

ଏହିପରି ଭାବରେ ପରମ ଆଳଙ୍କାରିକ ଶିବଯୋଗୀ ଶିବାଚାର୍ଯ୍ୟ ଏହି ମହାକାବ୍ୟରେ ଯଥା ସମ୍ଭବ, ଯଥୋଚିତ ଏବଂ ଯଥାସ୍ଥାନ ଅଳଙ୍କାରର ସମାବେଶ କରିଛନ୍ତି ।

ଶ୍ରୀସିଦ୍ଧାନ୍ତଶିଖାମଣି ନାମକ ମହାକାବ୍ୟରେ ପ୍ରମୁଖ ରୂପରେ ଅନୁଷ୍ଟୁପ୍ ଛନ୍ଦର ପ୍ରୟୋଗ କରାଯାଇଛି । ମହାକାବ୍ୟର ଲକ୍ଷଣ ଅନୁସାରେ ପ୍ରତ୍ୟେକ ପରିଚ୍ଛେଦର ଶେଷ ଶ୍ଳୋକରେ ଭିନ୍ନ ଦୀର୍ଘ ଛନ୍ଦର ପ୍ରୟୋଗ କରାଯାଇଛି । ପ୍ରଥମ ପରିଚ୍ଛେଦରେ ମାଳିନୀ, ଦ୍ୱିତୀୟରେ ବଂଶସ୍ଥ, ତୃତୀୟରେ ଶାର୍ଦୂଳବିକ୍ରୀଡିତ, ଚତୁର୍ଥରେ ବସନ୍ତତିଳକା, ପଞ୍ଚମରେ ଶାର୍ଦୂଳବିକ୍ରୀଡିତ, ଷଷ୍ଠରେ ବଂଶସ୍ଥ, ସପ୍ତମରେ ବଂଶସ୍ଥ, ଅଷ୍ଟମରେ ମାଳିନୀ, ନବମ-ଦଶମ-ଏକାଦଶ-ଦ୍ୱାଦଶ-ତ୍ରୟୋଦଶ-ଚତୁର୍ଦ୍ଦଶ ପରିଚ୍ଛେଦରେ ବଂଶସ୍ଥ, ପଞ୍ଚଦଶରେ ଶାର୍ଦୂଳବିକ୍ରୀଡ଼ିତ, ଷୋଡ଼ଶରେ ପୁଷ୍ପିତାଗ୍ରା, ସପ୍ତଦଶରେ ଶାର୍ଦୂଳବିକ୍ରୀଡ଼ିତ, ଅଷ୍ଟାଦଶରେ ବଂଶସ୍ଥ, ଊନବିଂଶରେ ଶାର୍ଦୂଳବିକ୍ରୀଡିତ, ବିଂଶରେ ଅନୁଷ୍ଟୁପ୍ ଓ ଏକବିଂଶ ପରିଚ୍ଛେଦର ଅନ୍ତିମ ଶ୍ଳୋକରେ ଶାର୍ଦୂଳବିକ୍ରୀଡ଼ିତ ଛନ୍ଦର ପ୍ରୟୋଗ କରାଯାଇଛି ।

ଏହି ଗ୍ରନ୍ଥ ବୈଦର୍ଭୀ ଶୈଳୀରେ ରଚିତ । ପ୍ରାୟଃ ସମାସରହିତ ପଦ, କୋମଳ ବର୍ଣ୍ଣ ପ୍ରୟୋଗ ଆଦି ବୈଦର୍ଭୀ ରୀତିର ବିଶେଷତା ଅଛି । ଏହାର ଶ୍ଳୋକରେ ମୂର୍ଧନ୍ୟ ଏବଂ ବର୍ଗ୍ୟ ଦ୍ୱିତୀୟ ଓ ଚତୁର୍ଥ ବର୍ଣ୍ଣର ଅଳ୍ପ ପ୍ରୟୋଗ କରାଯାଇଛି । ତେଣୁ ଏହି ରଚନା ପ୍ରସାଦଗୁଣଯୁକ୍ତ । ଏଥିରେ ଶ୍ରୁତିକଟୁତ୍ୱ, ଦୂରାନ୍ୱୟ, କ୍ଲିଷ୍ଟତା, ସନ୍ଦେହ ଇତ୍ୟାଦି ଦୋଷ ନାହିଁ । ଗ୍ରନ୍ଥାଧ୍ୟନୟ କାଳରେ ଅଧ୍ୟେତା ମନରେ ଶାନ୍ତରସ ମିଶ୍ରିତ ଭକ୍ତିଧାରା ପ୍ରବାହିତା ହୁଏ । ଯଥାର୍ଥରେ ଏହି ଗ୍ରନ୍ଥ ବୀରଶୈବ ସିଦ୍ଧାନ୍ତ ଶିଖାମଣି ଅଟେ ।

ଶୈବଭାରତୀ ଶୋଧପ୍ରତିଷ୍ଠାନର ସଂସ୍ଥାପକ ଶ୍ରୀକାଶୀବିଶ୍ୱାରାଧ୍ୟ ଜ୍ଞାନ ସିଂହାସନାଧୀଶ୍ୱର ଶ୍ରୀ ୧୦୦୮ ଜଗଦ୍‌ଗୁରୁ ଡା. ଚନ୍ଦ୍ରଶେଖର ଶିବାଚାର୍ଯ୍ୟ ମହାସ୍ୱାମୀଙ୍କର ବୀରଶୈବ ଦର୍ଶନର ପ୍ରଚାର-ପ୍ରସାର ନିମନ୍ତେ ଦୃଢ଼ପ୍ରତିଜ୍ଞା ହେଉଛି, ଶ୍ରୀସିଦ୍ଧାନ୍ତଶିଖାମଣି ଗ୍ରନ୍ଥ ଭାରତବର୍ଷର ପ୍ରତ୍ୟେକ ପ୍ରାଦେଶିକ ଭାଷାରେ ଅନୁଦିତ ହେଉ, ଯାହା ଫଳରେ ପ୍ରତ୍ୟେକ ଶିବଯୋଗୀ, ଶିବଭକ୍ତ, ଶିବାନୁରାଗୀ ଜନ ସହଜ ଭାବରେ ଶୈବଦର୍ଶନକୁ ବୁଝିପାରିବେ, ଯାହାକି ଜ୍ଞାନର ଅଧୀଶ୍ୱର ମହାଦେବଙ୍କର ମହିମାକୁ ଆଧାର କରି ରଚିତ ହୋଇଛି । ଓଡ଼ିଆ ଭାଷାରେ ଅନୁବାଦ କରିବାର ସୁଯୋଗ ମତେ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ଏହା ଏକ ଧାର୍ମିକ କାର୍ଯ୍ୟ ସହିତ ମାତୃଭାଷାର ସେବା ମଧ୍ୟ ।

CC-0. Jangamwadi Math Digital Collection.

ଆମର ଦେଶର ରାଜ୍ୟ ଗଠନ ଭାଷାକୁ ଆଧାର କରି ହୋଇଥିଲା, ଯାହା ଫଳରେ ସାହିତ୍ୟ ସୁରକ୍ଷିତ ଓ ସମୃଦ୍ଧ ହୋଇପାରିଲା । କିନ୍ତୁ ପରିବର୍ତ୍ତିତ ଜୀବନଶୈଳୀ ନିଜର ପ୍ରାଦେଶିକ ଭାଷାରେ ଦକ୍ଷ ହେବା ନିମନ୍ତେ ସନ୍ତାନମାନଙ୍କୁ ସୁଯୋଗ ଦେଉନାହିଁ । ତଥାପି ଧାର୍ମିକଜନଙ୍କର ଏହି ଗ୍ରନ୍ଥ ସହାୟକ ହେବ ବୋଲି ମୋର ବିଶ୍ୱାସ ।

ଏହି ଗ୍ରନ୍ଥ ଉପରେ ଅନେକ ଶୋଧକାର୍ଯ୍ୟ ହୋଇଛି । ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ କାଶୀହିନ୍ଦୂ ବିଶ୍ୱବିଦ୍ୟାଳୟରେ ଏହା ପାଠ୍ୟପୁସ୍ତକ ଭାବରେ ଗୃହୀତ। କାଶୀ ହିନ୍ଦୂ ବିଶ୍ୱବିଦ୍ୟାଳୟର ସଂସ୍କୃତବିଭାଗର ପୂର୍ବାଚାର୍ଯ୍ୟ ଡା. ରାଧେଶ୍ୟାମ ଚତୁର୍ବେଦୀ ମହୋଦୟଙ୍କର ହିନ୍ଦୀ ଅନୁବାଦ ଭୂମିକା ଆଦି ଛାତ୍ରୋପଯୋଗୀ ଓ ସହଜବୋଧ ହୋଇଥିବାରୁ ତାହାର ଓଡ଼ିଆ ଅନୁବାଦ କରିବାକୁ ମୁଁ ଯଥାସମ୍ଭବ ଚେଷ୍ଟା କରିଛି ।

ବାରାଣସୀରେ ରହି ଉତ୍କଳ ଲିପିରେ ଟଙ୍କଣ କାର୍ଯ୍ୟ କରାଇବା ସମ୍ଭବପର ହୋଇ ନ ଥାନ୍ତା ଯଦି ମୋର ପତି ପ୍ରଫେସର ଗଙ୍ଗାଧର ପଣ୍ଡା ସେଠାରେ କାର୍ଯ୍ୟରତ ନଥାନ୍ତେ। ତାଙ୍କୁ ଉକ୍ତ କାର୍ଯ୍ୟରେ ଶ୍ରୀଜଗନ୍ନାଥସଂସ୍କୃତବିଶ୍ୱବିଦ୍ୟାଳୟର ନ୍ୟାୟବୈଶେଷିକଦର୍ଶନର ଆଚାର୍ଯ୍ୟ ଏବଂ ଅଧ୍ୟକ୍ଷ ପ୍ରଫେସର କମଳେଶମିଶ୍ର ସାହାଯ୍ୟ କରିଥିବାରୁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି । ଟଙ୍କଣ କାର୍ଯ୍ୟକୁ ପ୍ରମାଦ ରହିତ କରି ସମୟାନୁବର୍ତ୍ତିତା ଦେଖାଇଥିବାରୁ ମୁଁ ଶ୍ରୀ କୈଳାଶଚନ୍ଦ୍ର ବରାଳଙ୍କୁ ଶୁଭ ଆଶୀର୍ବାଦ ପୂର୍ବକ ଧନ୍ୟବାଦ ଦେଉଛି । ସମସ୍ତ ପରିଶ୍ରମକୁ ମୂର୍ତ୍ତିମନ୍ତ କରି ପୁସ୍ତକ ଆକାରରେ ପ୍ରକାଶିତ କରାଇବାରେ ତତ୍ପରତା ଦେଖାଇ ସହାୟତା କରିଥିବାରୁ ଡାଃ.ଗଙ୍ଗାଧର କେନ୍ଦଡ଼ମଠ ପୁସ୍ତକାଧ୍ୟକ୍ଷ୍ୟ, କାଶୀ ହିନ୍ଦୂବିଶ୍ୱବିଦ୍ୟାଳୟ, ବାରାଣସୀକୁ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି ।

ସର୍ବୋପରି କାଶୀପୁରାଧୀଶ୍ୱର ଓ ମାତା ଅନ୍ନପୂର୍ଣ୍ଣାଙ୍କର ଅପାର କରୁଣାରୁ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଛି । ଏଣୁ ମୁଁ ତାଙ୍କର ଶରଣାଗତା ହୋଇ ଉକ୍ତ ଅନୁବାଦ ଗ୍ରନ୍ଥଟିକୁ ତାଙ୍କ ଚରଣରେ ସମର୍ପିତ କରୁଛି ।

ତା.୨୯.୧୧.୨୦୧୪

ଡା. ପ୍ରମୋଦିନୀ ପଣ୍ଡା
ଏ. ନବୀନ ଆଚାର୍ଯ୍ୟ ନିବାସ
ସମ୍ପୂର୍ଣ୍ଣାନନ୍ଦସଂସ୍କୃତବିଶ୍ୱବିଦ୍ୟାଳୟ
ବାରାଣସୀ

CC-0. Jangamwadi Math Digital Collection.

ବିଷୟ-ସଂକ୍ଷେପ

ପ୍ରଥମ-ତୃତୀୟ ପରିଚ୍ଛେଦ -

ଗ୍ରନ୍ଥର ନିର୍ବିଘ୍ନ ସମାପ୍ତି ନିମନ୍ତେ ପ୍ରଥମ ପରିଚ୍ଛେଦର ପ୍ରଥମ ବାରଟି ଶ୍ଳୋକରେ ମଙ୍ଗଳାଚରଣ କରି ତାପରେ ଶିବଯୋଗୀ ଶିବାଚାର୍ଯ୍ୟଙ୍କର ବଂଶ-ବର୍ଣ୍ଣନ କରାଯାଇଛି । ପ୍ରଥମ ଶିବଯୋଗୀଙ୍କର ପୁତ୍ର ମୁଦ୍ଦଦେବ, ତାଙ୍କର ପୁତ୍ର ସିଦ୍ଧନାଥ, ତାଙ୍କର ପୁତ୍ର ଶିବଯୋଗୀ (ଦ୍ୱିତୀୟ) । ଏମାନେ ବୀରଶୈବର ପ୍ରବର୍ତ୍ତକ ହେଲେ । ଏମାନେ ଶ୍ରୀସିଦ୍ଧାନ୍ତଶିଖାମଣିର ରଚନା କଲେ ।

ବ୍ରହ୍ମ ସଚ୍ଚିଦାନନ୍ଦରୂପ ପରିଚ୍ଛେଦାତୀତ ଏବଂ ସନାତନ ଅଟନ୍ତି । ସୃଷ୍ଟି ପୂର୍ବରୁ ଏହି ବିଶ୍ୱ ତାଙ୍କଠାରେ ଲୀନ ରହେ । ତାଙ୍କର ଶକ୍ତି ମଧ୍ୟ ତାଙ୍କଠାରେ ସମବାୟ ସମ୍ବନ୍ଧରେ ନିତ୍ୟ ବର୍ତ୍ତମାନ ରହେ । ସେହି ପରମେଶ୍ୱର ବ୍ରହ୍ମାଙ୍କର ସୃଷ୍ଟି କରି ତାଙ୍କୁ ସମସ୍ତ ବିଦ୍ୟାରେ ଅଳଂକୃତ କଲେ ଏବଂ ସୃଷ୍ଟିର ଉପାୟ ବତାଇଲେ । ଶିବ ହିଁ ସର୍ବବ୍ୟାପୀ ସର୍ବଶକ୍ତିମାନ୍ ପ୍ରମଥଗଣଙ୍କୁ ଉତ୍ପନ୍ନ କଲେ । ସେମାନଙ୍କ ମଧ୍ୟରେ ରେଣୁକ ଓ ଦାରୁକ ଏହି ଦୁଇଗଣ ଶିବଙ୍କର ଅତ୍ୟନ୍ତ ପ୍ରିୟ ଅଟନ୍ତି । ସେମାନେ ସଦାବେଳେ ଅନ୍ତଃପୁରର ଦ୍ୱାରରେ ରହି ଭଗବାନ୍ ଶିବଙ୍କର ସେବା କରନ୍ତି ।

ଥରେ ଭଗବାନ୍ ଶିବ କୈଳାସ ପର୍ବତ ଉପରେ ବିରାଜମାନ ଥିଲେ । ଭଗବତୀ ଉମା ତଥା ତାଙ୍କର ପରିବାର ସାଙ୍ଗରେ ଶୋଭାୟମାନ ଥିଲେ । ସରସ୍ୱତୀ, ବେଦ, ଅନ୍ୟ ଦିବ୍ୟ କନ୍ୟାମାନେ, ଅନ୍ୟ ସ୍ତ୍ରୀମାନେ, ବିଦ୍ୟେଶ୍ୱର, ନନ୍ଦୀ ଆଦିଗଣ, ପ୍ରମଥଗଣ ତାଙ୍କର ସେବା କରୁଥିଲେ । ସେଥି ସହିତ ବ୍ରହ୍ମା, ଇନ୍ଦ୍ର ଆଦି ଦେବଗଣ, ବଶିଷ୍ଠ ଆଦି ଋଷିଗଣ, ଦ୍ୱାଦଶ ଆଦିତ୍ୟ, ଅଷ୍ଟ ବସୁ, ଏକାଦଶ ରୁଦ୍ର, ରାକ୍ଷସ, ଦାନବ ଆଦି ତାଙ୍କର ସପର୍ଯ୍ୟାରେ ନିରତ ଥିଲେ । ଭଗବାନ୍ ଶିବ ମଧ୍ୟ କ୍ରମଶଃ ସମସ୍ତଙ୍କୁ ନିଜର କୃପାକଟାକ୍ଷରେ କୃତକୃତ୍ୟ କରୁଥିଲେ । ଏହି ସମୟରେ ଭଗବାନ୍ ଶିବ ରେଣୁକଙ୍କୁ ପ୍ରସାଦ ରୂପରେ ତାମ୍ବୁଳ ଦେବା ନିମନ୍ତେ ଡାକିଲେ । ରେଣୁକ ଶିବଙ୍କର ଆହ୍ୱାନ ଶୁଣି ଅଭିମାନରେ ଦାରୁକଙ୍କୁ ପାରି ହୋଇ ଶିବଙ୍କ ପାଖକୁ ଯିବାର ଧୃଷ୍ଟତା କଲେ । ଭଗବାନ୍ ଶିବ ଏପରି କୁତ୍ସିତ ଆଚରଣ ଦେଖି ରେଣୁକଙ୍କୁ କହିଲେ - ଆରେ ଦୁର୍ବୁଦ୍ଧି, ଶିବଭକ୍ତଙ୍କର ଉଲ୍ଲଂଘନ ପରମ ଅନର୍ଥର କାରଣ ହୋଇଥାଏ । ଏଣୁ ମନୁଷ୍ୟ ପରି ଆଚରଣ କରିଥିବାର ଅପରାଧରେ ତୁମେ ମଣିଷ ହୋଇଯାଅ । ଭୟଭୀତ ରେଣୁକ ଶିବଙ୍କୁ ତାଙ୍କୁ ମନୁଷ୍ୟ ଯୋନିରେ ଜନ୍ମ ନ ଦେବା ପାଇଁ ପ୍ରାର୍ଥନା କଲେ । ରେଣୁକଙ୍କର ପ୍ରାର୍ଥନାରେ ପ୍ରସନ୍ନ ଭଗବାନ୍ ଶିବ କହିଲେ - ଶ୍ରୀଶୈଳର

CC-0. Jangamwadi Math Digital Collection.

ଉତ୍ତର ଭାଗରେ ତ୍ରିଲିଙ୍ଗ ଦେଶ (ତେଲଙ୍ଗାନା) ରେ ସୋମେଶ୍ୱର ନାମରେ ମୋର ଏକ ଲିଙ୍ଗ ଅଛି । ସେଥିରୁ ତୁମ୍ଭର ପ୍ରାକଟ୍ୟ ହେବ ଏବଂ ତୁମେ ବେଦ-ବେଦାନ୍ତ ସମ୍ମତ ବୀରଶୈବ ଶାସ୍ତ୍ରର ଭୂଲୋକରେ ସ୍ଥାପନା କରିବ । ଏହା କହି ଭଗବାନ୍ ନିଜର ଅନ୍ତଃପୁରକୁ ଚାଲିଗଲେ ଏବଂ ରେଣୁକ ଏହି ଧରିତ୍ରୀରେ ଅବତାର ନେଲେ ।

ଚତୁର୍ଥ-ପଞ୍ଚମ ପରିଚ୍ଛେଦ -

ଯେତେବେଳେ ସୋମେଶ୍ୱର ମହାଦେବଠାରୁ ରେଣୁକଙ୍କର ପ୍ରାଦୁର୍ଭାବ ହେଲା ତେଲଙ୍ଗାନା ଦେଶର ସମସ୍ତ ପ୍ରାଣୀ ଅତ୍ୟନ୍ତ ତେଜସ୍ୱୀ ତାଙ୍କୁ ଦେଖି ଅତ୍ୟନ୍ତ ବିସ୍ମିତ ହେଲେ । ତାଙ୍କର ସମସ୍ତ ଶରୀର ଭସ୍ମୋଦ୍‌ଧୂଳିତ ଥିଲା । ମସ୍ତକରେ ତ୍ରିପୁଣ୍ଡ୍ର ସୁଶୋଭିତ ଥିଲା । କଟିପ୍ରଦେଶରେ କନ୍ଥା, ହାତରେ ଯୋଗଦଣ୍ଡ, ଭସ୍ମପାତ୍ର ଏବଂ କମଣ୍ଡଳୁ ଧାରଣ କରିଥିଲେ । 'ଆପଣ କିଏ' - ଏପରି ଲୋକମାନେ ପଚାରିବା ପରେ ସେ କହିଲେ - 'ମୁଁ ଭଗବାନ୍ ଶିବଙ୍କର ସହଚର ରେଣୁକ ଅଟେ । କୌଣସି କାରଣରୁ ଶିବଲିଙ୍ଗରୁ ମୋର ଉତ୍ପତ୍ତି ହୋଇଛି । ଜୈନ, ବୌଦ୍ଧ, ଚାର୍ବାକ ଆଦି ନାସ୍ତିକ ଦର୍ଶନର ଖଣ୍ଡନ କରି ବୀରଶୈବସିଦ୍ଧାନ୍ତର ସ୍ଥାପନା କରିବା ହେଉଛି ମୋ ଅବତାରର ପ୍ରୟୋଜନ।' ଏହିପରି କହି ରେଣୁକାଚାର୍ଯ୍ୟ ଆକାଶମାର୍ଗରେ ମଳୟ ପର୍ବତକୁ ଆସିଗଲେ ଏବଂ ସେଠାରେ ଅଗସ୍ତ୍ୟଙ୍କ ଆଶ୍ରମକୁ ଗଲେ । ସେହି ଆଶ୍ରମ ଅତ୍ୟନ୍ତ ରମଣୀୟ ତଥା ତପସ୍ୱୀମାନଙ୍କଦ୍ୱାରା ପରିପୂର୍ଣ୍ଣ ବ୍ରହ୍ମଲୋକ ସମାନ ଥିଲା । ସେହି ଆଶ୍ରମରେ ଚନ୍ଦନବୃକ୍ଷ ମୂଳରେ ମହର୍ଷି ଅଗସ୍ତ୍ୟ ବସିଥିଲେ । ପିଙ୍ଗଜଟାଧାରୀ ତ୍ରିପୁଣ୍ଡ୍ରାଙ୍କିତ ମସ୍ତକବାଲା ଅଗସ୍ତ୍ୟଙ୍କର ଚତୁପାର୍ଶ୍ୱରେ ତପସ୍ୱୀ ଏବଂ ମୁନିମାନେ ବିରାଜମାନ କରିଥିଲେ । ରେଣୁକାଚାର୍ଯ୍ୟଙ୍କୁ ଦେଖି ମହର୍ଷି ଅଗସ୍ତ୍ୟ ଦିବ୍ୟଚକ୍ଷୁରେ ତାଙ୍କର ପରିଚୟ ଓ ପ୍ରୟୋଜନ ଜାଣିପାରିଲେ । ଲୋପାମୁଦ୍ରା ଆଣିଥିବା ଜଳ ଆଦିରେ ରେଣୁକଙ୍କର ପୂଜା କରି ଅଗସ୍ତ୍ୟ ଅପର ଆସନରେ ବସିଲେ ।

ତାହାପରେ ଅଗସ୍ତ୍ୟ ଏବଂ ରେଣୁକ ମଧ୍ୟରେ ଏହିପରି ସମ୍ବାଦ ହୋଇଥିଲା -

ରେଣୁକାଚାର୍ଯ୍ୟ କହିଲେ - ହେ ମୁନିବର ! ଆପଣ ମହାତେଜସ୍ୱୀ । ତେଣୁ ଆପଣଙ୍କର ନିତ୍ୟ ନିୟମ ଆଦିରେ ବିଘ୍ନର ତିଳେମାତ୍ର ସମ୍ଭାବନା କିପରି ହୋଇପାରିବ ? ଆପଣ ବିନ୍ଧ୍ୟାଚଳକୁ ନତମସ୍ତକ କରାଇଥିଲେ, ସମୁଦ୍ରର ଜଳପାନ କରି ତାହାକୁ କାଦୁଅ ଅବଶେଷ କରିଥିଲେ, ବାତାପି ରାକ୍ଷସକୁ ନିଜର ଜଠରାଗ୍ନିରେ ଜଳାଇଥିଲେ, ପୂର୍ବକାଳରେ ସ୍ୱାମୀ କାର୍ତ୍ତିକେୟ ଆପଣଙ୍କୁ ଶିବଧର୍ମର ଉପଦେଶ ଦେଇଥିଲେ, ତେଣୁ ଆପଣ ଶିବଭକ୍ତ ଅଟନ୍ତି ।

CC-0. Jangamwadi Math Digital Collection.

ଅଗସ୍ତ୍ୟ କହିଲେ – ମୁଁ ସର୍ବଦା ମୁନିଜନଙ୍କର ଆଦରର ପାତ୍ର ରହିଛି । ମୁଁ ଆପଣଙ୍କୁ ରେଣୁକ ନାମକ ଗଣେଶ୍ୱର ଭାବରେ ଜାଣିଛି । ମୋ ଉପରେ କୃପା କରିବା ନିମନ୍ତେ ଆପଣ ପୃଥ୍ୱୀ ପୃଷ୍ଠରେ ଅବତୀର୍ଣ୍ଣ ହୋଇଛନ୍ତି । ମୁଁ ଆପଣଙ୍କ ମୁଖରୁ ଶ୍ରୁତିସମ୍ମତ ଶୈବସିଦ୍ଧାନ୍ତ ଶୁଣିବାକୁ ଚାହୁଁଛି । ଅନେକ ଆଗମଶ୍ରବଣ କରି ମୋର ମନରେ ସଂଶୟ ଜାତ ହୋଇଛି । ତେଣୁ ହେ ଦିବ୍ୟଯୋଗୀ, ଆପଣ ମତେ ସେହି ସିଦ୍ଧାନ୍ତ ଶୁଣାଇ କୃତକୃତ୍ୟ କରନ୍ତୁ ।

ଅଗସ୍ତ୍ୟଙ୍କର ବଚନ ଶୁଣି ଆଚାର୍ଯ୍ୟ ରେଣୁକ କହିଲେ – ହେ ଅଗସ୍ତ୍ୟ, ମୁଁ ଆପଣଙ୍କୁ ଶିବଜ୍ଞାନର ଉପଦେଶ ଦେବି । ମନୀଷୀମାନଙ୍କର ଭିନ୍ନ ମତ ଅନୁସାରେ ସାଂଖ୍ୟ, ଯୋଗ, ପାଞ୍ଚରାତ୍ର, ବେଦ, ପାଶୁପତ ଆଦି ଅନେକ ସିଦ୍ଧାନ୍ତ ପ୍ରଚଳିତ ଅଛି। ଏ ସମସ୍ତ ପ୍ରାମାଣିକ ଦର୍ଶନ ଅଟେ । ଏହାର ଖଣ୍ଡନ କରିବା ଉଚିତ୍ ନୁହେଁ । ଏହା ଶୈବତନ୍ତ୍ରରେ ବର୍ଣ୍ଣିତ ସମସ୍ତ ଦର୍ଶନଠାରୁ ଶ୍ରେଷ୍ଠ । ଶୈବ, ପାଶୁପତ, ସୋମ ଓ ଲାକୁଳ ଭେଦରେ ଆଗମ ଚାରି ପ୍ରକାରର । ବାମ ଆଗମ ଶକ୍ତିପ୍ରଧାନ, ଦକ୍ଷିଣାଗମ ଭୈରବପ୍ରଧାନ, ମିଶ୍ରାଗମ ସପ୍ତମାତୃକାପରକ ଓ ସିଦ୍ଧାନ୍ତ ବେଦପ୍ରଧାନ । ଏଣୁ ଶିବୋପଦିଷ୍ଟ କାମିକାଦି ବାତୁଳାନ୍ତ ଆଗମ ଅପେକ୍ଷା ବୀରଶୈବାଗମ ଅଧିକ ପ୍ରାମାଣିକ ଅଟେ ।

ବୀରଶୈବ ଓ ବୀର ମାହେଶ୍ୱର ପଦର ଅର୍ଥନିର୍ବଚନ କରିବା ପରେ ବୀରଶୈବର ଛଅ ଭେଦ ବତାଯାଇଛି । ସେସବୁ ହେଲା – ଭକ୍ତସ୍ଥଳ, ମାହେଶ୍ୱର ସ୍ଥଳ, ପ୍ରସାଦୀସ୍ଥଳ, ପ୍ରାଣିଲିଙ୍ଗୀସ୍ଥଳ, ଶରଣସ୍ଥଳ ଓ ଐକ୍ୟସ୍ଥଳ । ଏହାପରେ ଭକ୍ତସ୍ଥଳର ଅବାନ୍ତର ପନ୍ଦର ଭେଦ ବତାଯାଇଛି । ସେମାନଙ୍କର ନାମ ହେଲା – ପିଣ୍ଡସ୍ଥଳ, ପିଣ୍ଡଜ୍ଞାନ ସ୍ଥଳ, ସଂସାରହେୟ ସ୍ଥଳ, ଗୁରୁ କାରୁଣ୍ୟ ସ୍ଥଳ, ଲିଙ୍ଗଧାରଣ ସ୍ଥଳ, ବିଭୂତି ଧାରଣ ସ୍ଥଳ, ରୁଦ୍ରାକ୍ଷଧାରଣ ସ୍ଥଳ, ପଞ୍ଚାକ୍ଷରଜପ ସ୍ଥଳ, ଭକ୍ତମାର୍ଗକ୍ରିୟା ସ୍ଥଳ, ଉଭୟ ସ୍ଥଳ, ତ୍ରିବିଧ ସମ୍ପତ୍ତି ସ୍ଥଳ, ଚତୁର୍ବିଧ ସାରାୟ ସ୍ଥଳ, ସୋପାଧିଦାନ ସ୍ଥଳ, ନିରୁପାଧିଦାନ ସ୍ଥଳ ଏବଂ ସହଜଦାନ ସ୍ଥଳ । ଶିବଭକ୍ତ ଏହି ସ୍ଥଳଗୁଡ଼ିକ ପ୍ରଯତ୍ନ ପୂର୍ବକ ଅଭ୍ୟାସ କରିବା ଉଚିତ ।

ପିଣ୍ଡ ସ୍ଥଳରେ ପିଣ୍ଡ ଅର୍ଥାତ୍ ଶରୀର, ପିଣ୍ଡଜ୍ଞାନ ସ୍ଥଳରେ ଶରୀରର ସ୍ୱରୂପ, ସଂସାର ହେୟରେ ସଂସାର ଏବଂ ସାଂସାରିକ ବସ୍ତୁଗୁଡ଼ିକ ତ୍ୟାଜ୍ୟ ହେବାର ଉପାୟ ବତା ଯାଇଛି ।

ଷଷ୍ଠ–ସପ୍ତମ ପରିଚ୍ଛେଦ –

ଷଷ୍ଠ ପରିଚ୍ଛେଦର ଗୁରୁକାରୁଣ୍ୟ ସ୍ଥଳରେ ଗୁରୁଙ୍କର ବୈଶିଷ୍ଟ୍ୟ ବତାଇ ଶିଷ୍ୟଙ୍କୁ ଗୁରୁ ପାର୍ଶ୍ୱକୁ ଯିବାକୁ କୁହାଯାଇଛି । ତାପରେ ଦୀକ୍ଷାର ପରିଭାଷା, ତାହାର ତିନିପ୍ରକାର,

CC-0. Jangamwadi Math Digital Collection.

ମାଂସପିଣ୍ଡକୁ ମନ୍ତ୍ରପିଣ୍ଡ ପରି ସୁସଂସ୍କୃତ କରିବା ବତାଯାଇଛି । ଲିଙ୍ଗଧାରଣ ସ୍ଥଳରେ ଶିଷ୍ୟର ପ୍ରାଣର ଲିଙ୍ଗ ସହିତ ସାମରସ୍ୟ, ଲିଙ୍ଗଧାରଣର ପ୍ରୟୋଜନ, ତାହାର ଧାରକ, ଅନ୍ତର୍ଲିଙ୍ଗ ଧାରଣ, ବାହ୍ୟଲିଙ୍ଗ ଧାରଣ, ଲିଙ୍ଗଧାରଣରେ ଶ୍ରୁତି ପ୍ରମାଣର ବର୍ଣ୍ଣନ କରାଯାଇଛି ।

ସପ୍ତମ ପରିଚ୍ଛେଦର ଭସ୍ମଧାରଣ ସ୍ଥଳରେ ଭସ୍ମର ବିଭୂତି ଆଦି ପାଞ୍ଚ ନାମର ଅନ୍ୱର୍ଥକତା, ତାହାର ରୂପ, ବିନିଯୋଗ, ଭସ୍ମ ନିର୍ମାଣର ନାନା ପ୍ରକ୍ରିୟା, ସ୍ନାନର ସାତପ୍ରକାର, ଭସ୍ମ ସ୍ନାନ, ତ୍ରିପୁଣ୍ଡ ଧାରଣ, ତ୍ରିପୁଣ୍ଡ୍ର ଧାରଣୀୟ ଅଙ୍ଗ ଓ ତ୍ରୀପୁଣ୍ଡ୍ରଧାରୀ ଜୀବର ବର୍ଣ୍ଣନ ଅଛି । ରୁଦ୍ରାକ୍ଷ ଧାରଣ ସ୍ଥଳରେ ରୁଦ୍ରାକ୍ଷର ଉତ୍ପତ୍ତି, ଧାରଣୀୟ ରୁଦ୍ରାକ୍ଷର ଲକ୍ଷଣ, କେଉଁ ଅଙ୍ଗରେ କେତେ ରୁଦ୍ରାକ୍ଷ ଧାରଣ କରିବା ଉଚିତ, ରୁଦ୍ରାକ୍ଷ ଧାରଣର ଫଳ ଇତ୍ୟାଦି ବର୍ଣ୍ଣନ କରାଯାଇଛି ।

ଅଷ୍ଟମ–ଦଶମ ପରିଚ୍ଛେଦ –

ଅଷ୍ଟମ ପରିଚ୍ଛେଦରେ ପଞ୍ଚାକ୍ଷରୀ ବିଦ୍ୟାର ବର୍ଣ୍ଣନ କରାଯାଇଛି । ଯେପରି ଶିବଙ୍କଠାରୁ ଅଧିକ ତତ୍ତ୍ୱ ନାହିଁ, ସେହିପରି ପଞ୍ଚାକ୍ଷର (ନମଃ ଶିବାୟ)ରୁ ଶ୍ରେଷ୍ଠ ମନ୍ତ୍ର ନାହିଁ । 'ଶିବ' ନାମକ ଦୁଇଟି ଅକ୍ଷର ପରବ୍ରହ୍ମଙ୍କର ପ୍ରକାଶକ । ଓଁକାର ସହିତ ଏହାକୁ ଷଡ଼କ୍ଷର ମଧ୍ୟ କୁହାଯାଏ । ଏହାପରେ ପଞ୍ଚାକ୍ଷର ଜପର ବିଧାନ, ଜପର ଭେଦ, ଜପଯଜ୍ଞର ମାହାତ୍ମ୍ୟ, ମାନସ ଜପର ଶ୍ରେଷ୍ଠତା, ସମନ୍ତ୍ରକ ଶିବପୂଜନର ବିଧି ଓ ତାହାର ମାହାତ୍ମ୍ୟ, ପଞ୍ଚାକ୍ଷରୀ ଜପର ଫଳ, ଜପ କରୁଥିବା ଆଚାର୍ଯ୍ୟଙ୍କର ମହିମାର ବର୍ଣ୍ଣନ କରି ପରିଚ୍ଛେଦ ସମାପ୍ତ କରାଯାଇଛି ।

ନବମ ପରିଚ୍ଛେଦର ବିଷୟ ହେଉଛି ଭକ୍ତିମାର୍ଗ–କ୍ରିୟା । ଏଥିରେ ଭକ୍ତିର ନବ ଭେଦ, ବାହ୍ୟ ଓ ଆଭ୍ୟନ୍ତର ଦୃଷ୍ଟିରେ ଭକ୍ତି ଦୁଇ ପ୍ରକାରର, ଭକ୍ତିର ଅନେକ ଜନ୍ମ ଲଭ୍ୟତ୍ୱ, ମନୋ–ବାକ୍–କାୟ ଭେଦରେ ଭକ୍ତି ପୁନଃ ତିନି ପ୍ରକାରର, ତପ, କର୍ମ, ଜପ, ଧ୍ୟାନ ଓ ଜ୍ଞାନ ଭେଦରେ ପାଞ୍ଚ ପ୍ରକାରର ଶିବଯଜ୍ଞ, ବୀରଶୈବ ମାର୍ଗରେ ଦୀକ୍ଷିତ ଭକ୍ତ ନିମନ୍ତେ ନିୟମ, ଲିଙ୍ଗୀ ଓ ଅଲିଙ୍ଗୀର ଭେଦ ଏବଂ କର୍ତ୍ତବ୍ୟ, ଉଭୟରେ ଅନ୍ନ–ଜଳ–ଦାନର ଶ୍ରେଷ୍ଠତା ବର୍ଣ୍ଣନ କରାଯାଇଛି । ଏହାପରେ ଉଭୟସ୍ଥଳରେ ଶିବ ଓ ଗୁରୁ ମଧ୍ୟରେ ଅଭେଦର ଚର୍ଚ୍ଚା କରାଯାଇଛି । ଏହାପରେ ଉଲ୍ଲିଖିତ ତ୍ରିବିଧସମ୍ପତ୍ତି ସ୍ଥଳରେ ଗୁରୁ, ଲିଙ୍ଗ ଓ ଜଙ୍ଗମ ଶିବଯୋଗୀର ବିବିଧ ଆୟାମ ଦୃଷ୍ଟିରୁ ବର୍ଣ୍ଣନ ପ୍ରସ୍ତୁତ ହୋଇଛି । ଚତୁର୍ବିଧସରାୟ ସ୍ଥଳରେ ଶିବଙ୍କର ଚରଣାମୃତ, ତାଙ୍କୁ ଅର୍ପିତ ବେଲପତ୍ର, ମାଳା, ଅନ୍ନ ଗ୍ରହଣର ଫଳ କୁହାଯାଇଛି । ଅନ୍ତରେ ସୋପାଧି, ନିରୁପାଧି ଏବଂ ସହଜ ସଂଜ୍ଞକ ତିନି ପ୍ରକାରର ଦାନର ମହିମା ବତାଯାଇଛି ।

CC-0. Jangamwadi Math Digital Collection.

ଦଶମ ପରିଚ୍ଛେଦର ବିଷୟ ମାହେଶ୍ୱର ସ୍ଥଳ ଅଟେ । ଏଥିରେ ମାହେଶ୍ୱରର ପ୍ରଶଂସା, ଲିଙ୍ଗନିଷ୍ଠା, ପୂର୍ବାଶ୍ରୟ ନିରାସ, ଅଦ୍ୱୈତ ନିରାକରଣ, ଆହ୍ୱାନ ବର୍ଜନ, ଅଷ୍ଟମୂର୍ତ୍ତି ନିରାକରଣ, ସର୍ବଗତତ୍ତ୍ୱର ଖଣ୍ଡନ, ଶିବ ଏବଂ ଭକ୍ତ ଉଭୟଙ୍କର ଶିବତା – ଏହିପରି ନଅ ଭେଦର ଚର୍ଚ୍ଚା ଅଛି । ଯିଏ ମହେଶ୍ୱରଙ୍କୁ ସର୍ବଶ୍ରେଷ୍ଠ ମାନେ ସେ ମାହେଶ୍ୱର ଅଟେ । ସେ ପରସ୍ତ୍ରୀ, ପରଦ୍ରବ୍ୟ, ପରାଙ୍ମୁଖ ଶିବଙ୍କ ନିମନ୍ତେ ପ୍ରାଣତ୍ୟାଗ ଇତ୍ୟାଦି କରିବାବାଲା ଅଟେ । ଏହି ମାହେଶ୍ୱରଦ୍ୱାରା ବିଧୀୟମାନ ଲିଙ୍ଗନିଷ୍ଠାର ସ୍ୱରୂପ ହେଉଛି ଯେ ଭକ୍ତ ଉକ୍ତ ମାହେଶ୍ୱର ଲିଙ୍ଗକୁ ହିଁ ସବୁକିଛି ଭାବେ । ପ୍ରାଣ ସଙ୍କଟରେ ହେଲେ ମଧ୍ୟ ସେ ଲିଙ୍ଗପୂଜାର ମହାବ୍ରତକୁ ଛାଡ଼େ ନାହିଁ । ତାକୁ ବେଦୋକ୍ତ ଅଗ୍ନିହୋତ୍ର ଆଦି କର୍ମ କରିବାକୁ ପଡ଼େ ନାହିଁ । ସେ ପୂର୍ବ ସ୍ୱୀକୃତ ଧର୍ମର ତ୍ୟାଗ କରିଦିଏ । 'ସର୍ବଂ ଖଳ୍ୱିଦଂ ବ୍ରହ୍ମ'ର ଧାରଣାକୁ ପରିତ୍ୟାଗ କରିଥିବା ସେ ଲିଙ୍ଗକୁ ପୂଜ୍ୟ ଓ ନିଜକୁ ପୂଜକ ଭାବି ଦ୍ୱୈତଭାବରେ ରହେ । ସେ ଶିବଙ୍କର ଆହ୍ୱାନ କରିବା ଉଚିତ୍ ନୁହେଁ କାରଣ ଲିଙ୍ଗ ରୂପରେ ଶିବ ସର୍ବଦା ତାଙ୍କ ସହିତ ଅଛନ୍ତି । ପୃଥିବୀ ଆଦି ଆଠ ତତ୍ତ୍ୱ ଶିବଠାରୁ ଭିନ୍ନ ଅଟନ୍ତି । ଏଥିପାଇଁ ଶିବ ସର୍ବଗତ ହେଲେ ମଧ୍ୟ ଲିଙ୍ଗରେ ବିଶେଷ ଭାବରେ ଅଧିଷ୍ଠିତ ରୁହନ୍ତି । ଭିନ୍ନ ରୂପରେ ତାଙ୍କର ପୂଜା କରୁଥିଲେ ମଧ୍ୟ ପୂଜକ ଶିବଙ୍କୁ ସର୍ବବ୍ୟାପୀ ଭାବିବା ଉଚିତ୍ । ଏପରି ହେଲେ ମଧ୍ୟ ଶିବ ଭଗବାନ୍ ଭକ୍ତଙ୍କ ହୃଦୟରେ ବିଶେଷ ଭାବରେ ସ୍ଥିତ ହୋଇ ପ୍ରତିଭାତ ହୁଅନ୍ତି ।

ଏକାଦଶ–ତ୍ରୟୋଦଶ ପରିଚ୍ଛେଦ –

ଏକାଦଶ ପରିଚ୍ଛେଦରେ ମୁଖ୍ୟ ପ୍ରସାଦୀ ସ୍ଥଳ ଅଟେ । ଏହାପରେ ଗୁରୁମାହାତ୍ମ୍ୟ, ଲିଙ୍ଗପ୍ରଶଂସା, ଜଙ୍ଗମଗୌରବ, ଭକ୍ତମାହାତ୍ମ୍ୟ, ଶରଣକୀର୍ତ୍ତନ ଏବଂ ଶିବପ୍ରସାଦମାହାତ୍ମ୍ୟ – ଏହିପରି ପ୍ରସାଦୀସ୍ଥଳକୁ ମିଶାଇ ସାତସ୍ଥଳ (ଉପ ପରିଚ୍ଛେଦ)ର ବର୍ଣ୍ଣନା କରାଯାଇଛି । ପ୍ରସାଦୀସ୍ଥଳରେ ମନର ନିର୍ମଳତା, ନିର୍ମଳତା ପ୍ରାପ୍ତିର ଉପାୟ, ନିର୍ମଳତାରୁ ଲାଭର ଚର୍ଚ୍ଚା କରାଯାଇଛି । ଗୁରୁମାହାତ୍ମ୍ୟରେ ଗୁରୁ ଓ ଶିବ ଅଭେଦ ଏବଂ ଏପରି ଭାବ ହେଲେ ଲାଭର ବର୍ଣ୍ଣନ ଅଛି । ତୃତୀୟ ସ୍ଥଳରେ ଲିଙ୍ଗର ସ୍ୱରୂପ, ବ୍ରହ୍ମ ହିଁ ଲିଙ୍ଗ ଅଟେ, ପରମାଶକ୍ତି ଏହାର ପୀଠ ଅଟେ, ଉଭୟଙ୍କର ସମାଯୋଗ ବିଶ୍ୱଲିଙ୍ଗ ଅଟେ । ଏହାର ଉପାସନାରେ ପରମ ଐଶ୍ୱର୍ଯ୍ୟ ମିଳେ । ଶିବଯୋଗୀମାନେ ଜଙ୍ଗମଲିଙ୍ଗ ଅଟନ୍ତି । କାମାଦି ଦୋଷ ରହିତ ଶିବଜ୍ଞାନୀ ଶିବଚିନ୍ତନପରାୟଣ ହିଁ ବାସ୍ତବିକ ଜଙ୍ଗମଲିଙ୍ଗ ଅଟେ । ଭକ୍ତମାହାତ୍ମ୍ୟ ପରିଚ୍ଛେଦରେ ଭକ୍ତର ଲକ୍ଷଣ, ଶିବ ଏବଂ ଭକ୍ତର ଅଭେଦ ଓ ବୈଶିଷ୍ଟ୍ୟ କୁହାଯାଇଛି । ଶରଣସ୍ଥଳରେ ଶରଣର ମହିମା, ଶରଣାର୍ଥିର ସ୍ୱରୂପ, ଶିବପ୍ରପତ୍ତିର ମହତ୍ତ୍ୱ ବର୍ଣ୍ଣିତ ହୋଇଛି । ପ୍ରସାଦମହତ୍ତ୍ୱ ସ୍ଥଳରେ ଶିବ–ପ୍ରସାଦର ସ୍ୱରୂପ, ତା'ର ମହିମା କହି ପରିଚ୍ଛେଦର ଉପସଂହାର କରାଯାଇଛି ।

CC-0. Jangamwadi Math Digital Collection.

ଦ୍ୱାଦଶ ପରିଚ୍ଛେଦ ପ୍ରାଣଲିଙ୍ଗୀସ୍ଥଳ ନାମରେ ଉଦ୍ଧୃତ ଅଟେ । ଏଥିରେ ପାଞ୍ଚଟି ଅବାନ୍ତର ସ୍ଥଳ ରହିଛି – ପ୍ରାଣଲିଙ୍ଗ, ପ୍ରାଣଲିଙ୍ଗାର୍ଚ୍ଚନ, ଶିବଯୋଗସମାଧି, ଲିଙ୍ଗନିଜସ୍ଥଳ ତଥା ଅଙ୍ଗଲିଙ୍ଗିସ୍ଥଳ । ପ୍ରାଣ ଓ ଅପାନର ସମାଘାତରେ କନ୍ଦ ମଧ୍ୟରେ ଉଠିଥିବା ଜ୍ୟୋତିକୁ ପ୍ରାଣଲିଙ୍ଗ କୁହାଯାଏ । ଯାହା ବାହ୍ୟଲିଙ୍ଗକୁ ଛାଡ଼ି ଚିତ୍‌ଲିଙ୍ଗର ପରାମର୍ଶ କରିଥାଏ, ସେ ପ୍ରାଣଲିଙ୍ଗୀ କୁହାଯାଏ । ଏପରି ପ୍ରାଣଲିଙ୍ଗର ହୃଦୟକମଳରେ ଅର୍ଚ୍ଚନା ପ୍ରାଣଲିଙ୍ଗାର୍ଚ୍ଚନ ଅଟେ । ଏଥି ନିମନ୍ତେ କ୍ଷମା, ବିବେକ, ସତ୍ୟ ଆଦି ଗୁଣଗୁଡ଼ିକର ଉପଚାର ଭାବରେ ପ୍ରୟୋଗ ହୋଇଥାଏ । ଶିବଯୋଗସମାଧି ସ୍ଥଳରେ ସମାଧିସ୍ଥର ଲକ୍ଷଣ, ବହିର୍ବାସନାର ଅପସାରଣର ଉପାୟ ବର୍ଣ୍ଣନ କରାଯାଇଛି । ଲିଙ୍ଗ ନିଜ ସ୍ଥଳରେ ଲିଙ୍ଗ ସ୍ୱରୂପର ଚର୍ଚ୍ଚା, ଲିଙ୍ଗର ମହତ୍ତ୍ୱ ତଥା ନିଜର ସେହି ରୂପରେ ଧ୍ୟାନ କରିବାର କଥା କୁହାଯାଇଛି । ଅଙ୍ଗଲିଙ୍ଗୀସ୍ଥଳରେ କୁହାଯାଇଛି ଯେ ଜ୍ଞାନରୂପୀ ଅଙ୍ଗ ଓ ଜ୍ଞେୟରୂପୀ ଲିଙ୍ଗ ଏ ଦୁଇଟି ଯାହା ପାଖରେ ଅଛି, ସେ ଅଙ୍ଗଲିଙ୍ଗୀ କୁହାଯାଏ । ଯିଏ ଏ ଦୁଇଟିରୁ ଶୂନ୍ୟ ଅଟେ, ତାହାର ମୁକ୍ତି ହୁଏ ନାହିଁ ।

ତ୍ରୟୋଦଶ ପରିଚ୍ଛେଦରେ ଶରଣସ୍ଥଳ, ତାମସ ନିରସନ ସ୍ଥଳ, ନିର୍ଦ୍ଦେଶ ସ୍ଥଳ ଏବଂ ଶୀଳ ସମ୍ପାଦନ ସ୍ଥଳ ବିଷୟରେ କୁହାଯାଇଛି । ପତିବ୍ରତା ସ୍ତ୍ରୀ ପରି ଯିଏ ଶିବଙ୍କ ପ୍ରତି ଆକୃଷ୍ଟ ହୁଏ, ତାହାକୁ ଶରଣସ୍ଥଳବାନ୍ କୁହାଯାଏ । ଗୁରୁ ଦ୍ୱାରା ଏହି ଭକ୍ତ ମଧ୍ୟରେ ଥିବା ସମସ୍ତ ତମୋଭାବ ଯେତେବେଳେ ନିରସ୍ତ କରି ଦିଆଯାଏ, ସେତେବେଳେ ସେ ତାମସନିରାସକ କୁହାଯାଏ । ଯାହାର ଜ୍ଞାନ ତମୋମିଶ୍ରିତ ଅଟେ, ତାକୁ ମୁକ୍ତି ମିଳେ ନାହିଁ । ତେଣୁ ଯିଏ ଶମ-ଦମ ଆଦିରୁ ମୁକ୍ତ ଅଟେ, ସେ ସାତ୍ତ୍ୱିକ ମହାଯୋଗୀ କୁହାଯାଏ । ଏହିପରି ଶିବମୟ ପ୍ରପଞ୍ଚରେ ସର୍ବତ୍ର ଦ୍ୱେଷ ଭାବନା ରଖୁଥିବା ବ୍ୟକ୍ତି ରାଜସ ଏବଂ ସର୍ବତ୍ର ଅସତ୍ୟ ଭାବନା ରଖୁଥିବା ବ୍ୟକ୍ତି ତାମସ ଶିବଯୋଗୀ ଅଟେ । ଏଥିମଧ୍ୟରୁ ପ୍ରଥମକୋଟିର ଯୋଗୀ ସର୍ବୋତ୍ତମ ଅଟେ । ଏପରି ବ୍ୟକ୍ତି ଯେଉଁ ଜ୍ଞାନ ବତାଏ, ତାହା ନିର୍ଦ୍ଦେଶ କୁହାଯାଏ । ଏପରି ନିର୍ଦ୍ଦେଶ ଦେଉଥିବା ହିଁ ବାସ୍ତବିକ ଗୁରୁ ଅଟେ । ସେ ଶିବତ୍ୱ ଲାଭ କରିବାରେ ସମର୍ଥ । ଶିବତତ୍ତ୍ୱର ଜିଜ୍ଞାସା ତାହା ପ୍ରତି ସ୍ଥିର ଭାବନା ଶୀଳ ନାମରେ ଅଭିହିତ ହୁଏ । ଏହିପରି ଶିବୈକ୍ୟଜ୍ଞାନ, ଶିବଧ୍ୟାନ, ଶିବପ୍ରାପ୍ତି ନିମନ୍ତେ ଉତ୍କଣ୍ଠାଶୀଳ କୁହାଯାଇଛି । ଏହିପରି ଭକ୍ତ ହିଁ ଶିବଲିଙ୍ଗୈକ୍ୟବାନ୍ (ଅଟେ) କୁହାଯାଏ ।

ଚତୁର୍ଦ୍ଦଶ–ଷୋଡ଼ଶ ପରିଚ୍ଛେଦ –

ଚତୁର୍ଦ୍ଦଶ ପରିଚ୍ଛେଦରେ ଐକ୍ୟ, ଆଚାର ସମ୍ପତ୍ତି ଆଦି ଚାରିଟି ସ୍ଥଳ ଅଛି । ଶରଣବାନ୍ ଭକ୍ତ ପ୍ରାଣ ଆଦି ଲିଙ୍ଗଯୋଗରେ ଅତିଶୟ ସୁଖ କୁ ପ୍ରାପ୍ତ କରି ଶିବଙ୍କ ସହିତ

CC-0. Jangamwadi Math Digital Collection.

ଐକ୍ୟବାଲା ହୋଇଯାଏ । ବିଷୟାନନ୍ଦ-ପରାଙ୍ମୁଖ ସେ ଶିବାନନ୍ଦର ସାଗରରେ ନିମଜ୍ଜନ କରେ । ତାକୁ ସଂସାରର ପ୍ରତୀତି ହୁଏ ନାହିଁ, କାରଣ ଭେଦରୂପୀ ଗର୍ତ୍ତରେ ଶୋଇଥିବା ସଂସାରରୂପୀ ସର୍ପ ନିମନ୍ତେ ଶିବୈକ୍ୟ ଭାବନା ବାଧକ ଔଷଧି ଅଟେ । ଯିଏ ଶିବୈକ୍ୟ ଭାବକୁ ପ୍ରାପ୍ତ ହୁଏ, ତାକୁ କର୍ମଫଳ ଭୋଗ କରିବାକୁ ପଡ଼େ ନାହିଁ । ଏହି ଦଶାରେ ବ୍ରାହ୍ମଣଚଣ୍ଡାଳ, ପାପୀ-ପୁଣ୍ୟାତ୍ମା ଏକାପରି ହୋଇଥାନ୍ତି । ତାଙ୍କର କର୍ମବୀଜ ଶିବଜ୍ଞାନାଗ୍ନିରେ ଦଗ୍ଧ ହୋଇଯାଏ । ତାଙ୍କର ଗମନ ଆଦି ସମସ୍ତ କର୍ମ ଶିବାରାଧନ ହୋଇଯାଏ । ସେ ଏହି ବିଶ୍ୱକୁ ଶିବମୟ ଦେଖନ୍ତି । ବିଶ୍ୱ ଓ ଶିବ ମଧ୍ୟରେ ତାକୁ ଆଧାର-ଆଧେୟ ଭାବ ପ୍ରତୀତି ହୁଏ । ଶିବରେ ଲୀନ ତା'ର ନିରାକୁଳ ହୃଦୟ ଯେତେବେଳେ ବୃତ୍ତିଶୂନ୍ୟ ହୋଇଯାଏ, ସେତେବେଳେ ସେ ମୁକ୍ତ ହୋଇଯାଏ । ଗୁରୁ, ଶିବ ଏବଂ ଶିଷ୍ୟଙ୍କର ଏକ ରୂପରେ ସ୍ମରଣ ସହଭୋଜନ କୁହାଯାଏ । ଯିଏ ଏପରି ଭାବେ ନାହିଁ ସେ ବିଶ୍ୱଭୋଜକ ନୁହେଁ । ଯେତେବେଳେ ସେ ପରାହନ୍ତା ରୂପକ ପାବକରେ ଇଦନ୍ତାର ହୋମ କରିଦିଏ, ତାକୁ ବିଶ୍ୱହୋମୀ କୁହାଯାଏ । ସମସ୍ତ ବିଶ୍ୱକୁ 'ଅହଂ' ରୂପରେ ଦେଖିବାକୁ ପୂର୍ଣ୍ଣାହନ୍ତା କୁହାଯାଏ ।

ପଞ୍ଚଦଶ ପରିଚ୍ଛେଦ –

ପଞ୍ଚଦଶ ପରିଚ୍ଛେଦରେ ଦୀକ୍ଷାଗୁରୁ, ଶିକ୍ଷାଗୁରୁ ଆଦି ନବ ସ୍ଥଳର ବର୍ଣ୍ଣନ ଅଛି । ଯାହା ଶିବଜ୍ଞାନ ଦିଏ ଏବଂ ତ୍ରିବିଧ ମଳର କ୍ଷୟ କରେ, ତାହାକୁ ଦୀକ୍ଷା କହନ୍ତି । ସେହି ବିଷୟର ଗୁରୁ ଦୀକ୍ଷାଗୁରୁ ଅଟନ୍ତି । 'ଗୁ' ଅର୍ଥାତ୍ ଗୁଣାତୀତ 'ରୁ' ଅର୍ଥାତ୍ ରୂପାତୀତ । ଯିଏ ଏହାର ଜ୍ଞାନ କରାନ୍ତି ସେ ଗୁରୁ ଅଟନ୍ତି । ଯିଏ ଶାସ୍ତ୍ରର ଅର୍ଥକୁ ବୁଝିକରି ସଂଗ୍ରହ କରନ୍ତି, ସ୍ୱୟଂ ଆଚରଣ କରନ୍ତି, ଅନ୍ୟକୁ ସେହି ଦିଗରେ ପ୍ରେରିତ କରନ୍ତି, ସେ ଆଚାର୍ଯ୍ୟ କୁହାଯାଆନ୍ତି । ଯିଏ ସମସ୍ତ ବସ୍ତୁରେ ଅଖଣ୍ଡ ଚୈତନ୍ୟର ଅଭିବ୍ୟକ୍ତି କରନ୍ତି, ସେହି ଗୁରୁ ବିଶ୍ୱଭାସକ ଅଟନ୍ତି । ଯିଏ ଦୀକ୍ଷାଗୁରୁ, ସେ ଶିଷ୍ୟର ବୋଧକ ହେବା ହେତୁ ଶିକ୍ଷାଗୁରୁ ମଧ୍ୟ । ଏହିପରି ଜ୍ଞାନଦୀପିକାରେ ଶିଷ୍ୟର ହୃଦୟକୁ ପ୍ରକାଶିତ କରିବାବାଲା ଗୁରୁ ଦୁର୍ଲଭ ଅଟେ । ଯେଉଁ ବ୍ୟକ୍ତି ଶିବରୂପାନୁସନ୍ଧାୟୀ ଜ୍ଞାନକୁ ଦିଅନ୍ତି, ସେ ଜ୍ଞାନଗୁରୁ ନାମରେ ପରିଚିତ ହୁଅନ୍ତି । ସୂର୍ଯ୍ୟ କେବଳ ବାହ୍ୟ ଅନ୍ଧକାର ଦୂର କରେ, କିନ୍ତୁ ଜ୍ଞାନଗୁରୁ ବାହ୍ୟ ଓ ଆଭ୍ୟନ୍ତର ଉଭୟ ଅନ୍ଧକାରର ନାଶକ ଅଟେ । ଜ୍ଞାନଗୁରୁଙ୍କର ବିଶେଷ ଜ୍ଞାନଦ୍ୱାରା ସମସ୍ତ କ୍ରିୟା ଯେଉଁଥିରେ ଲୀନ ହୋଇଯାଏ, ତାକୁ କ୍ରିୟାଲିଙ୍ଗ କୁହନ୍ତି । ଯୋଗୀଜନ ସମସ୍ତ କ୍ରିୟାକୁ ତ୍ୟାଗ କରି କେବଳ ଲିଙ୍ଗ ପୂଜାରେ ତତ୍ପର ରହନ୍ତି । ତେଣୁ କ୍ରିୟାଲିଙ୍ଗର ବିଶେଷ ମହତ୍ତ୍ୱ ଅଛି । ଏହିପରି କରୁ କରୁ ଦିନେ ଏପରି ସ୍ଥିତି ଆସେ ଯେ କ୍ରିୟା ଓ ଭାବ ଉଭୟ ଲିଙ୍ଗରେ

CC-0. Jangamwadi Math Digital Collection.

ଲୀନ ହୋଇଯାଆନ୍ତି । ଏହାକୁ ଭାବଲିଙ୍ଗ କୁହାଯାଏ । ଏହି ଅବସ୍ଥାରେ ପରମେଶ୍ୱର ଭକ୍ତର ଭାବମାତ୍ରରେ ପ୍ରସନ୍ନ ହୋଇଯାଆନ୍ତି । ଏହିପରି ଆନ୍ତର ଭାବପୂଜା ସର୍ବୋତ୍କୃଷ୍ଟ ଅଟେ । ତାହାକୁ ଜ୍ଞାନଜୀବ ହିଁ କରିଥା'ନ୍ତି । ଏଠାରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର ଆଦି ଭେଦ ସମାପ୍ତ ହୋଇଯାଏ । ପରବୋଧ ହିଁ ଜ୍ଞାନର ବିଷୟ ହୋଇଥାଏ । ଏପରି ବୋଧସମ୍ପନ୍ନ ବ୍ୟକ୍ତିକୁ ଜ୍ଞାନଲିଙ୍ଗୀ ଓ ବୋଧକୁ ଜ୍ଞାନଲିଙ୍ଗ କୁହନ୍ତି ।

ଭାବଲିଙ୍ଗର ଜ୍ଞାପକ ଜ୍ଞାନ ଯେଉଁ ଜ୍ଞାନରେ ଲୀନ ହୋଇଯାଏ, ସେହି ଜ୍ଞାନବାଲା ବ୍ୟକ୍ତି 'ସ୍ୱୟଂ' କୁହାଯାଏ । ସେ ସଂସାରରେ ରହିଲେ ମଧ୍ୟ ପରାନନ୍ଦରେ ଲୀନ ରହେ । ଶିବଙ୍କର ଧ୍ୟାନ, ଶିବଙ୍କର ଜ୍ଞାନ, ଭିକ୍ଷା ଏବଂ ଏକାନ୍ତବାସ ତାହାର କର୍ମ ହୋଇଥାଏ । ଏହିପରି ସ୍ୱୟଂ ଜ୍ଞାନଯୁକ୍ତ ସାଧକ ଯେତେବେଳେ କାମ, କ୍ରୋଧ ଆଦିରୁ ରହିତ ସର୍ବତ୍ର ସମବୁଦ୍ଧିବାଲା ହୋଇ 'ସର୍ବଂ ଖଲ୍ୱିଦଂ ବ୍ରହ୍ମ'ର ଭାବନା କରେ, ତାହାକୁ 'ଚର' କୁହାଯାଏ। ସେ ସ୍ୱୟଂମାତ୍ର ହୋଇ ସର୍ବତ୍ର ସ୍ୱୟଂକୁ ଦେଖେ, ତାର ଏହି ବୋଧକୁ ପରବୋଧ କୁହାଯାଏ । ସେ ବର୍ଣ୍ଣ, ଆଶ୍ରମ, ଧର୍ମ ଆଦିରୁ ପର (ଊର୍ଦ୍ଧ୍ୱ) ହୋଇ ନିଜକୁ ସର୍ବୋତ୍କୃଷ୍ଟ ଭାବେ । ଏହିପରି ଶିବଯୋଗୀ ନିଜର ଦର୍ଶନ, ସ୍ପର୍ଶନରେ ଅଜ୍ଞାନୀକୁ ମଧ୍ୟ ମୁକ୍ତ କରିଥାଏ । ସେ ନିରଞ୍ଜନ ଓ ଜୀବନ୍ମୁକ୍ତ ହୋଇ ମଧ୍ୟ ସାମାନ୍ୟ ଜନ ପରି ବ୍ୟବହାର କରିଥାଏ ।

ଷୋଡ଼ଶ ପରିଚ୍ଛେଦ –

ଷୋଡ଼ଶ ପରିଚ୍ଛେଦ ମାହେଶ୍ୱରର ବର୍ଣ୍ଣନରେ ଅଳଂକୃତ ହୋଇଛି । ଏଥିରେ ନଅଟି ଖଣ୍ଡ ଅଛି । ସେଗୁଡ଼ିକ ହେଲେ – କ୍ରିୟାଗମ, ଭାବାଗମ, ଜ୍ଞାନାଗମ, ସକାୟ, ଅକାୟ, ପରକାୟ, ଧର୍ମାଚାର, ଭାବାଚାର ଓ ଜ୍ଞାନାଚାର। କ୍ରିୟାଗମ ସ୍ଥଳରେ ଶିବପୂଜାର ଚର୍ଚ୍ଚା ଅଛି । ଯେପରି ବିନା ଅରଣି ମନ୍ଥନରେ ଅଗ୍ନି ପ୍ରକଟ ହୁଏ ନାହିଁ, ସେହିପରି ବିନା ପୂଜାରେ ଶିବଙ୍କର ସାକ୍ଷାତ୍କାର ହୁଏ ନାହିଁ । ତେଣୁ ଗୁରୁଙ୍କର ଆଦେଶ ନେଇ ପରମେଶ୍ୱରଙ୍କର ପୂଜା କରିବା ଉଚିତ୍ । ତାଙ୍କର ପୂଜାରେ ସମସ୍ତ ଦେବ ପୂଜିତ ହୋଇଥା'ନ୍ତି । ଜ୍ଞାନ ଏବଂ କ୍ରିୟା ଦୁଇଟି ପକ୍ଷ ପରି । ଗୋଟିଏ ନ ଥିଲେ ଜୀବରୂପୀ ପକ୍ଷୀ ମୋକ୍ଷାକାଶରେ ବିଚରଣ କରିପାରେ ନାହିଁ । ଏପରି ଅଭ୍ୟାସ କରୁ କରୁ ଭାବଶୁଦ୍ଧି ହୋଇଯାଏ । ଏପରି ସ୍ଥିତିରେ ସର୍ବତ୍ର ପୂର୍ଣ୍ଣ ମାହେଶ୍ୱରଙ୍କର ଭାବନା ହୁଏ। ଭାବ ହିଁ ସେହି ଚକ୍ଷୁ ଯେଉଁଥିରେ ଶିବଙ୍କୁ ଦେଖାଯାଏ । ଏପରି ଭକ୍ତ ପରମଜ୍ଞାନୀ ଅଟେ। ଜ୍ଞାନରହିତ କର୍ମ ବନ୍ଧନର କାରଣ ଅଟେ । ଜ୍ଞାନ ହିଁ ମୁକ୍ତି ଦିଏ । ତାହା ଶାସ୍ତ୍ରର ଅଭ୍ୟାସ, ଗୁରୁଙ୍କର ଉପଦେଶ, ସତ୍‌ସଙ୍ଗ ଆଦିରୁ ପ୍ରାପ୍ତ ହୋଇଥାଏ । ଦେହ ତଥା କର୍ମର ଅଭିମାନରୁ ରହିତ

CC-0. Jangamwadi Math Digital Collection.

ଯୋଗୀର ଶରୀର ଆତ୍ମସଦୃଶ ହୋଇଥାଏ । ତାହାଦ୍ୱାରା ଏହିଲୋକ ସକାୟ କୁହାଯାଏ । କାରଣ ବିନା ଶରୀରରେ ଯୋଗୀ ସଂସାରୀ ଜନକୁ ସନ୍ମାର୍ଗରେ ପାରିବନି । ମୂର୍ତ୍ତି ମାଧ୍ୟମରେ ଦେବତାଙ୍କ ପୂଜା ପରି ଦେହ ମାଧ୍ୟମରେ ଯୋଗୀ ସଂସାରରେ ପୂଜ୍ୟ ହୋଇଥାଏ । ତପସ୍ୟା ଆଦି ସମସ୍ତ କର୍ମ ଯୋଗୀ ଶରୀର ମାଧ୍ୟମରେ କରିଥାଏ । ତେଣୁ ସେ ଶରୀର ତ୍ୟାଗ କରିବା ଉଚିତ୍ ନୁହେଁ । ସଶରୀର ହେଲେ ମଧ୍ୟ ସେ ଶରୀର ଆଦି ପ୍ରତି ଭେଦବୁଦ୍ଧି ଓ ମମତ୍ୱାଭିମାନରୁ ରହିତ ହେବା ହେତୁ ଅକାୟ କୁହାଯାଏ । ସେ ନିଜକୁ ମନୁଷ୍ୟ – ଦେବତା ଆଦି ନୁହଁ, ଶିବ ହିଁ ଭାବିଥାଏ । ଯେହେତୁ ପ୍ରକୃତି ଏହାର ବଶରେ ରହେ, ମାୟା ଏହାକୁ ସ୍ପର୍ଶ କରିପାରେ ନାହିଁ, ତେଣୁ ସେ ସଚ୍ଚିଦାନନ୍ଦସ୍ୱରୂପ ପରକାୟ ଅଟେ । ପରାହନ୍ତା ଅଥବା ପୂର୍ଣ୍ଣାହନ୍ତାକୁ ପ୍ରାପ୍ତ ସେହି ଯୋଗୀ ଅଖିଳ ବିଶ୍ୱକୁ ସ୍ୱାତ୍ମରୂପ ଅଥବା ଶିବରୂପରେ ଦେଖିଥାଏ । ଫଳତଃ ସେ ନିରବଚ୍ଛିନ୍ନ ହୋଇଥାଏ । ସେହି ପରକାୟ ଯୋଗୀର ଆଚରଣ ଧର୍ମାଚାର କୁହାଯାଏ । ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଦୟା, କ୍ଷମା, ଦାନ, ପୂଜା, ଜପ ଓ ଧ୍ୟାନ ଧର୍ମ ଅଟନ୍ତି । ଏଗୁଡ଼ିକର ଅନୁସରଣ କରିବାବାଲା ଅହଂକାର–ମମକାର ରହିତ ହୋଇଥାଏ । ଏହିପରି ହୋଇ ମଧ୍ୟ ଯୋଗୀ ଧର୍ମାଚରଣର ତ୍ୟାଗ କରେ ନାହିଁ । ସେହି ଧର୍ମାଚାରସମ୍ପନ୍ନ ଶିବଯୋଗୀର ଭାବ ହିଁ ସାମାନ୍ୟ ଜନଙ୍କର ଭାବାଚାର ହୋଇଥାଏ । ଭାବରୁ ମନଃଶୁଦ୍ଧି ହୁଏ ଓ ଭାବଶୁଦ୍ଧି କର୍ମରୁ ହୁଏ । ତେଣୁ ଯୋଗୀ ଭାବର ତ୍ୟାଗ କରିବା ଉଚିତ୍ ନୁହେଁ । ଶିବଭାବନାଦ୍ୱାରା ସମସ୍ତ କାର୍ଯ୍ୟକୁ କରୁଥିବା ମହାଯୋଗୀ ଗୁଣ–ଦୋଷରେ ଲିପ୍ତ ହୁଏ ନାହିଁ । ସ୍ୱୟଂକୁ ସଂସାରକୁ ତଥା ପରଶିବଙ୍କୁ ଏକ ଭାବୁଥିବା ଯୋଗୀ ବାସ୍ତବିକ ଶିବଦ୍ରଷ୍ଟା ଅଟେ । ଏପରି ଯୋଗୀର ଜ୍ଞାନାଚାର ହିଁ ସାଧାରଣ ଲୋକଙ୍କର ଜ୍ଞାନାଚାର କୁହାଯାଏ । ଶିବାଦ୍ୱୈତ ଭାବନା ହିଁ ଜ୍ଞାନ ଅଟେ । ଏପରି ଭାବି ଯେ ସଂସାରରେ ବ୍ୟବହାର କରେ, ସେ ଜ୍ଞାନାଚାରୀ କୁହାଯାଏ । ସେ ସମସ୍ତ ଲୋକଙ୍କୁ ଜ୍ଞାନରେ ଯୁକ୍ତ କରିଥାଏ । ଅଦ୍ୱୈତ ଭକ୍ତିରେ ଯୁକ୍ତ ଏହି ଶିବଯୋଗୀର ସମସ୍ତ କ୍ରିୟା କେବଳ କ୍ରିୟା ହୋଇଥା'ନ୍ତି । ସେଥିରେ ବନ୍ଧନ ଅଥବା ସଂସାରର ଉତ୍ପତ୍ତି ହୁଏ ନାହିଁ ।

ସପ୍ତଦଶ–ଅଷ୍ଟାଦଶ ପରିଚ୍ଛେଦ –

ସପ୍ତଦଶ ପରିଚ୍ଛେଦ ପ୍ରସାଦୀସ୍ଥଳ ନାମରେ ପ୍ରସିଦ୍ଧ । ଏଥିରେ ନବ ସ୍ଥଳ ଅଛି। ଏଗୁଡ଼ିକର ନାମ ହେଉଛି – କାୟାନୁଗ୍ରହ, ଇନ୍ଦ୍ରିୟାନୁଗ୍ରହ, ପ୍ରାଣାନୁଗ୍ରହ, କାୟାର୍ପିତ, କରଣାର୍ପିତ, ଭାବାର୍ପିତ, ଶିଷ୍ୟସ୍ଥଳ, ଶୁଶ୍ରୁଷାସ୍ଥଳ ଓ ସେବ୍ୟସ୍ଥଳ । ନିଜର ଶରୀର ଦର୍ଶାଇ ଶିବଯୋଗୀ ଯେତେବେଳେ ଲୋକଙ୍କୁ ଅନୁଗ୍ରହ କରେ, ତାହାକୁ କାୟାନୁଗ୍ରହ କୁହାଯାଏ ।

CC-0. Jangamwadi Math Digital Collection.

ଏହା ଏପରି କୁହାଯାଏ କାରଣ ଶିବ ଯୋଗୀର ଶରୀରରେ ପ୍ରବେଶ ହୋଇ ଅନୁଗ୍ରହ କରନ୍ତି । ଶିବ ଓ ଶିବଯୋଗୀ ଉଭୟ ଶରୀର ପ୍ରତି ଅନାସକ୍ତ ଅଟନ୍ତି। ଇନ୍ଦ୍ରିୟ ଗୁଡ଼ିକର ପରଶିବଠାରୁ ଅଭେଦ ଜ୍ଞାନ ଇନ୍ଦ୍ରିୟାନୁଗ୍ରହ କୁହାଯାଏ । ଏପରି ସ୍ଥିତିରେ ଯୋଗୀ ଅନ୍ତଃକରଣରେ ଶିବଙ୍କର ଅନୁଭବ କରି କେବେ କେବେ କ୍ଷଣମାତ୍ର ପାଇଁ ବାହ୍ୟ ପଦାର୍ଥର ମଧ୍ୟ ଅନୁଭବ କରିଥାଏ । ତା'ର ଜରା ମରଣର ଭୟ ରହେ ନାହିଁ । ସେ ଇନ୍ଦ୍ରିୟ ସହିତ ପ୍ରାଣକୁ ମନରେ ସଂଶ୍ଳିଷ୍ଟ କରି ଶିବଭାବନା କରୁଥାଏ । ଇନ୍ଦ୍ରିୟାନୁଗ୍ରହ ସମ୍ପନ୍ନ ଯୋଗୀ ଯେତେବେଳେ ପ୍ରାଣବାୟୁକୁ ନିରୁଦ୍ଧ କରି ତାତ୍ପର୍ଯ୍ୟକୁ ଦେଖେ, ସେତେବେଳେ ସେ ପ୍ରାଣାନୁଗ୍ରହ କୁହାଯାଏ । ତାତ୍ପର୍ଯ୍ୟ ଦର୍ଶନର ଅର୍ଥ ହେଉଛି – ପରମ କାରଣ ଶିବଙ୍କଠାରେ ପ୍ରାଣକୁ ଲୀନ କରିଦେବା । ପ୍ରାଣବୃତ୍ତି ଲୀନ ହେବା ପରେ ମନ ଶାନ୍ତ ହୋଇଯାଏ, କିନ୍ତୁ ନିଜର ଶକ୍ତି–ସଂସ୍କାର ବଳରେ ଯୋଗୀ ଶରୀରଯାତ୍ରା କରୁଥାଏ । ବସ୍ତୁତଃ ତାହାର ଶରୀର ଥିଲେ ମଧ୍ୟ ନ ଥାଏ, କାରଣ ତାହାର କାୟାଭିଜ୍ଞାନ ରହେ ନାହିଁ । ଏହାକୁ କାୟାର୍ପିତ କୁହାଯାଏ । ଶିବଙ୍କ ନିମନ୍ତେ ସ୍ୱଶରୀରର ଅର୍ପଣର ଫଳସ୍ୱରୂପ ସେହି ଯୋଗୀ ଶିବ ହୋଇଯାଏ । ଶରୀରର ସମସ୍ତ ସୁଖଦୁଃଖ ଶିବଙ୍କର ହୋଇଯାଏ । କରଣାର୍ପିତ ସ୍ଥଳ ହେଉଛି ସମସ୍ତ ଇନ୍ଦ୍ରିୟଗୁଡ଼ିକର ଶିବାର୍ପଣ । ବିଷୟସୁଖର ଅନୁଭବିତ୍ରୀ ଇନ୍ଦ୍ରିୟଗୁଡ଼ିକର ଶିବାର୍ପଣ କରୁଥିବା ଯୋଗୀ କରଣାର୍ପକ କୁହାଯାଏ । ଇନ୍ଦ୍ରିୟ ମଧ୍ୟରେ ପ୍ରଧାନ ମନ ଅଟେ । ତାହା ବଶୀଭୂତ ହେବାପରେ ସମସ୍ତ ଇନ୍ଦ୍ରିୟ ବଶରେ ଆସିଯାଆନ୍ତି । ଚିତ୍ତ ଏବଂ ଜଗତ୍‌ର ଚିଦାଗ୍ନିରେ ଆହୁତି ଦେବା ପରେ ସଂସାର ରହେ ନାହିଁ ଏବଂ ଶିବଯୋଗୀ ମୁକ୍ତ ହୋଇଯାଏ । ଏହିପରି ନିଶ୍ଚଳ ଭାବରେ ଶିବଙ୍କ ନିମନ୍ତେ ସମସ୍ତ ଭାବକୁ ଅର୍ପଣ ଭାବାର୍ପିତ କୁହାଯାଏ। ମନରେ ସବୁବେଳେ ଭାବନା ଉତ୍ପନ୍ନ ହେଉଥାଏ । ଏହା ହେଉଛି ବନ୍ଧନର କାରଣ **'ଶିବୋଽହମ୍'** ର ଭାବନା ଚିତ୍ତସ୍ଥ ଅଶୁଦ୍ଧ ଭାବନାକୁ ନଷ୍ଟ କରିଦିଏ । ତା'ପରେ ଭୋକ୍ତା, ଭୋଗ୍ୟ ଓ ଭୋଗ ଏହି ତ୍ରିପୁଟୀ ନଷ୍ଟ ହୋଇଯାଏ । ସମସ୍ତ କର୍ମ ଶିବାର୍ଚ୍ଚନ, ସମସ୍ତ ବଚନ ଶିବକୀର୍ତ୍ତନ ହୋଇଯାଏ – 'ଯଦ୍ୟତ୍ କର୍ମ କରୋମି ତତ୍ତଦଖିଳଂ ଶମ୍ଭୋ ତବାରାଧନମ୍ ।' ପରକାୟ ଶିବଯୋଗୀଦ୍ୱାରା ଯିଏ ଶାସନୀୟ ହୁଏ, ସେ ଶିଷ୍ୟ ଅଟେ। ଶମ, ଦମ, ତପ, ଶୀଳ, ସତ୍ୟବାକ୍ୟ, ସମଦୃଷ୍ଟି, ଗୁରୁ ଓ ଶିବ ମଧ୍ୟରେ ତୁଲ୍ୟଭାବ, ଆଦି ଉତ୍ତମ ଶିଷ୍ୟର ଲକ୍ଷଣ ଅଟନ୍ତି । ଶିଷ୍ୟ ଗୁରୁଙ୍କର ଆଜ୍ଞାର ଉଲଂଘନ କରିବା ଅନୁଚିତ୍ । ଏପରି ଶିଷ୍ୟକୁ ଯେବେ ଗୁରୁ ନିର୍ଦ୍ଦେଶ କରନ୍ତି 'ତୁମେ ଶିବ ଅଟ', ସେ ମୁକ୍ତ ହୋଇଯାଏ ।

ପରକାୟ ଗୁରୁଙ୍କଦ୍ୱାରା ଉପଦିଶ୍ୟମାନ ଏହି ଶିଷ୍ୟ ଯେତେବେଳେ ଗୁରୁସେବାରେ ରତ ରହେ, ସେ ସୁଶ୍ରୁଷୁ କୁହାଯାଏ । ସେତେବେଳେ ସେ ନାନା ପ୍ରଶ୍ନ କରିଥାଏ ।

CC-0. Jangamwadi Math Digital Collection.

ପରମତତ୍ତ୍ୱ କ'ଣ ଅଟେ ? କାହାର ସାକ୍ଷାତ୍କାରରେ ମୁକ୍ତି ହୁଏ ? ଆଦି ଆଦି । ଉତ୍ତରରେ ଗୁରୁ କହନ୍ତି – 'ଶିବ ହିଁ ଜ୍ଞେୟ ଅଟନ୍ତି । ତୁମେ ଶିବ ଅଟ । ଶିବଙ୍କର ଶ୍ରବଣ–ମନନ–ଚିନ୍ତନ କର । ଏଥିରେ ମୁକ୍ତିଲାଭ ହେବ । ଗୁରୁଙ୍କର ଏପରି ଉପଦେଶାମୃତକୁ ପାନ କରି ସୁଶ୍ରୁଷୁ ଶିଷ୍ୟ ଯେତେବେଳେ ଶିବତତ୍ତ୍ୱର ଜ୍ଞାନପ୍ରାପ୍ତ କରିନିଏ, ସେତେବେଳେ ସେ ସେବ୍ୟ କୁହାଯାଏ । ଗୁରୁଙ୍କର ଉପଦେଶାନୁସାର ଆଚରଣ କରିବାରୁ ସେ ଗୁରୁଙ୍କ ପରି ପୂଜ୍ୟ ହୋଇଥାଏ । ଏହାର ପରିଣାମରେ ସେହି ଶିଷ୍ୟ ମଧ୍ୟ ନିଜର ଦୃଷ୍ଟିପାତରେ ସାମାନ୍ୟ ଜନକୁ ମୋକ୍ଷମାର୍ଗରେ ନେବା ନିମନ୍ତେ ସମର୍ଥ ହୋଇଥାଏ ।

ଅଷ୍ଟାଦଶ ପରିଚ୍ଛେଦ ପ୍ରାଣଲିଙ୍ଗସ୍ଥଳ ବିଷୟକ ଅଟେ । ଏଥିରେ ଆତ୍ମସ୍ଥଳ, ଅନ୍ତରାତ୍ମସ୍ଥଳ, ପରମାତ୍ମସ୍ଥଳ, ନିର୍ଦେହାଗମସ୍ଥଳ, ନିର୍ଭାବାଗମସ୍ଥଳ, ନଷ୍ଟାଗମସ୍ଥଳ, ଆଦିପ୍ରସାଦସ୍ଥଳ, ଅନ୍ତ୍ୟପ୍ରସାଦସ୍ଥଳ ଓ ସେବ୍ୟପ୍ରସାଦସ୍ଥଳ ଅଛି । ଯେତେବେଳେ ସେବ୍ୟସ୍ଥଳ ଜୀବଭାବର ତ୍ୟାଗ କରି ତତ୍ତ୍ୱରୂପରେ ଭାବନାର ବିଷୟ ହୁଏ, ସେତେବେଳେ ତାକୁ ଆତ୍ମା କହନ୍ତି । ଏହି ଆତ୍ମା ବାଳ (କେଶ)ର ଅଗ୍ରଭାଗର ଶତାଂଶ ରୂପ ଅଟେ । ପ୍ରାକ୍ତନ କର୍ମରୂପୀ ବନ୍ଧନରେ ଆବଦ୍ଧ ହୋଇ ଏହା (ଆତ୍ମା) ଜୀବ ହୋଇଥାଏ ତଥା ଅହଙ୍କାରରେ ଆବଦ୍ଧ ହେବା ହେତୁ ଶରୀରବାନ୍ ହୋଇଥାଏ । ମୂଳରୂପରେ ଏହା ନିର୍ଦେହ ତଥା ନିର୍ମଳ ଅଟେ । ଏହା ଅନାମ ଓ ଅରୂପ ଅଟେ । ଦେହଧାରୀ ହୋଇ ଏହା ପୁଷ୍କରପଲାଶ ପରି ଦେହରେ ଅସଂସକ୍ତ ରହେ । ଏପରି ସ୍ଥିତିରେ ମଧ୍ୟ ସେ ଯୋଗର ବଳରେ ଶିବଙ୍କର ସାକ୍ଷାତ୍କାର କରିଥାଏ । ଏହି ଅନ୍ତରାତ୍ମା ହିଁ ନିର୍ମଳ ହୋଇ ପରମାତ୍ମା ହୋଇଥାଏ । ଶିବ ହିଁ ସର୍ବବ୍ୟାପୀ ଏବଂ ଉତ୍କୃଷ୍ଟତମ ଆତ୍ମତତ୍ତ୍ୱ ହୋଇଥିବାରୁ ପରମାତ୍ମା ଅଟନ୍ତି । ସେ ନିଜର ଧୂମାବତୀ ଆଦି ଶକ୍ତିଦ୍ୱାରା ବିଶ୍ୱରେ ପଞ୍ଚତତ୍ତ୍ୱ କରି ସ୍ଥିତ ଅଟନ୍ତି । ପରମାତ୍ମସ୍ଥଳ ପରେ ନିର୍ଦେହାଗମସ୍ଥଳର ବର୍ଣ୍ଣନ ଅଛି । ଅହନ୍ତ୍ୱ ଏବଂ ମମତ୍ୱ ଉଭୟ ନିରାସ ହେବା ପରେ ଦେହର ସ୍ଥୂଳତ୍ୱ ଆଦି ଧର୍ମର ପ୍ରତୀତି ଯୋଗୀକୁ ହୋଇ ନ ଥାଏ । ଏପରି ଯୋଗୀକୁ ନିର୍ଦେହ କୁହାଯାଏ । ଯଦ୍ୟପି ସାମାନ୍ୟ ଲୋକଙ୍କ ଦୃଷ୍ଟିରେ ସେ ସଦେହ ଅଟେ, କିନ୍ତୁ ଯଥାର୍ଥତଃ ସେ ଦେହଭାବନା ଏବଂ ଦେହବିକାର ରୁ ଉର୍ଦ୍ଧ୍ୱରେ ଥାଏ । ସର୍ବବ୍ୟାପୀ ପରମାତ୍ମାଙ୍କଠାରୁ ଅଭିନ୍ନ ହେବାପରେ ସେ ପରିଚ୍ଛିନ୍ନ ଦେହକର୍ମରେ ପ୍ରଭାବିତ ହୋଇ ନ ଥାଏ । ଏହି ଶିବଯୋଗୀ ନିର୍ଦେହତତ୍ତ୍ୱର ପରିଣାମସ୍ୱରୂପ ରାଗଦ୍ୱେଷ ଆଦି ଭାବରୁ ରହିତ ହୋଇଥାଏ । 'ଅହମ୍' ଓ 'ବ୍ରହ୍ମ' ଏହି ଦୁଇଟି ଭାବ ଅଟନ୍ତି । ଚିଦାକାଶରେ ଉଭୟ ଏକ ହେବାପରେ ନିର୍ଭାବର ସ୍ଥିତି ହୁଏ । ବାଣୀ ଏବଂ ମନର ସୀମାରୁ ଉର୍ଦ୍ଧ୍ୱରେ ଶୂନ୍ୟ ଚିଦାକାଶରେ ନିଜର ଅସ୍ତିତ୍ୱକୁ ଲୟ କରୁଥିବା ଯୋଗୀ ପାଇଁ ଭାବନାର କଳ୍ପନା ଅସମ୍ଭବ ଅଟେ । ଏପରି

CC-0. Jangamwadi Math Digital Collection.

ସ୍ଥିତିରେ ଯେତେବେଳେ ତାଙ୍କର ଜ୍ଞାତା-ଜ୍ଞାନ-ଜ୍ଞେୟ ରୂପକ ତ୍ରିପୁଟୀଭାବ ନଷ୍ଟ ହୋଇଯାଏ, ତାହାକୁ ନଷ୍ଟାଗମ କହନ୍ତି। ତ୍ରିପୁଟୀର ସ୍ଥିତି ଦ୍ୱୈତତାରେ ରହେ । ଅଦ୍ୱୈତ ହେବାପରେ ଯୋଗୀକୁ ସ୍ୱର ପ୍ରତୀତି ହୋଇ ନଥାଏ । ତା'ପରେ ତ୍ରିପୁଟୀ ଅଥବା ତ୍ରିପୁଟୀମୟ ପ୍ରପଞ୍ଚ ଏବଂ ତାର ପ୍ରତୀତି ବିଷୟରେ କ'ଣ କୁହାଯିବ । ଅଦ୍ୱୈତ ଭାବନା ପରେ ଶିବଯୋଗୀ ପାଇଁ ଶିବତ୍ୱ ପଦ ପ୍ରାପ୍ତି ହିଁ ଅବଶିଷ୍ଟ ରହେ । ସେଥିପାଇଁ ଶିବ କୃପା ଆବଶ୍ୟକ ହୋଇଥାଏ। ଯେପରି ସୂର୍ଯ୍ୟଙ୍କୁ ଦେଖିବା ପାଇଁ ସୂର୍ଯ୍ୟଙ୍କର କିରଣ ଆବଶ୍ୟକ, ସେହିପରି ଶିବପଦ ପ୍ରାପ୍ତି ନିମନ୍ତେ ଶିବଙ୍କର କୃପାରୂପୀ କିରଣ ଅନିବାର୍ଯ୍ୟ ହୋଇଥାଏ । ଶିବତ୍ୱର ସାକ୍ଷାତ୍କାର ଓ ସଂସାରତ୍ୱର ନିବୃତ୍ତି ଗୋଟିଏ କଥା । ସଂସାରର ନିବୃତ୍ତିର ଅନ୍ୟ ନାମ 'ଅନ୍ତ୍ୟ' ଅଟେ। ସଂସାର ମାୟାକୃତ ଅଟେ । ଏହାର ଅନ୍ତ ଚିଦାକାଶ ଦର୍ଶନରେ ହୋଇଥାଏ । ଚିଦ୍‌ବ୍ୟୋମରେ ପ୍ରତିଷ୍ଠିତ ହେବା ପରେ ସଂସାର ରହେ ନାହିଁ । ଏହି ଅବସ୍ଥା ସମସ୍ତଙ୍କର ସେବ୍ୟ ଶିବରୂପୀ ଗୁରୁଙ୍କର ପ୍ରସନ୍ନତାରୁ ପ୍ରାପ୍ତ ହୋଇଥାଏ । ଗୁରୁ ହିଁ ପରମତତ୍ତ୍ୱ ଅଟନ୍ତି । ତାଙ୍କ ସହିତ ଐକ୍ୟପ୍ରାପ୍ତ ହେବାପରେ କିଛି ମଧ୍ୟ ପ୍ରାପ୍ତବ୍ୟ ରହେ ନାହିଁ । ଏହି ସ୍ଥିତି ନିତ୍ୟତୃପ୍ତିର ହୋଇଥାଏ ।

ଏକୋନବିଂଶ-ଏକବିଂଶ ପରିଚ୍ଛେଦ -

ଊଣେଇଶି ପରିଚ୍ଛେଦ ଶରଣସ୍ଥଳ ନାମରେ ପ୍ରସିଦ୍ଧ ଅଟେ । ଏଥିରେ ବାରଟି ଭାଗ ଅଛି । ସେଗୁଡ଼ିକର ନାମ - ଦୀକ୍ଷାପାଦୋଦକ, ଶିକ୍ଷାପାଦୋଦକ, ଜ୍ଞାନପାଦୋଦକ, କ୍ରିୟାନିଷ୍ପତ୍ତିକ, ଭାବନିଷ୍ପତ୍ତିକ, ଜ୍ଞାନନିଷ୍ପତ୍ତିକ, ପିଣ୍ଡାକାଶସ୍ଥଳ, ବିନ୍ଦ୍ୱାକାଶସ୍ଥଳ, ମହାକାଶସ୍ଥଳ, କ୍ରିୟାପ୍ରକାଶନସ୍ଥଳ, ଭାବପ୍ରକାଶନସ୍ଥଳ, ତଥା ଜ୍ଞାନପ୍ରକାଶନସ୍ଥଳ । ଦୀକ୍ଷାଦ୍ୱାରା ଦ୍ୱୈତଭାବ ନଷ୍ଟ ହୋଇଯାଏ ଏବଂ ଗୁରୁ ଓ ଶିଷ୍ୟ ବିଷୟରେ ଐକ୍ୟ ଭାବନା ହୋଇଥାଏ । ଏଣୁ ଏହାକୁ ଦୀକ୍ଷାପାଦୋଦକ କୁହାଯାଏ । 'ପାଦ' ଅର୍ଥାତ୍ ନିର୍ମଳ ପରମାନନ୍ଦ ଏବଂ 'ଉଦକ' ଅର୍ଥାତ୍ ଜ୍ଞାନ । ଦୀକ୍ଷାଦ୍ୱାରା ଜ୍ଞାନ ଓ ନିର୍ମଳ ଆନନ୍ଦ ଅଭିନ୍ନ ହୋଇଥାନ୍ତି । ପରାସଂବିଦ୍‌ରେ ଯୁକ୍ତ ଶିବଯୋଗୀ ପରାନନ୍ଦକୁ ପ୍ରାପ୍ତ କରି ସର୍ବତ୍ର ଅଭେଦର ଅନୁଭବ କରେ । ଏହି ଜ୍ଞାନାନନ୍ଦ କେବଳ ଗୁରୁକୃପାରୁ ପ୍ରାପ୍ତ ହୋଇଥାଏ ।

ପୂର୍ବୋକ୍ତ ଜ୍ଞାନର ମନନ ଓ ଗୁରୁଶିଷ୍ୟଙ୍କର ଏକରୂପତାର ଜ୍ଞାନ ସମରସତାକୁ ଶିକ୍ଷାପାଦୋଦକ କୁହାଯାଏ । ଏହାର ପରିଣାମରେ ଶିବଯୋଗୀ ବିଷୟାନନ୍ଦରୁ ପରାଙ୍‌ମୁଖ ହୋଇ ନିଜାନନ୍ଦ ସାଗରରେ ନିମଜ୍ଜିତ ହୋଇଥାଏ, କାରଣ ବିଷୟାନନ୍ଦ ସେହି ପରାନନ୍ଦର କଣିକାମାତ୍ର ହୋଇଥାଏ । ଏପରି ଆନନ୍ଦମୟ ଯୋଗୀର ସମସ୍ତ କ୍ରିୟା ଫଳ ଦେଇ ନଥା'ନ୍ତି ।

CC-0. Jangamwadi Math Digital Collection.

ସେହି ଜ୍ଞାନୀ କର୍ମ କରୁଥିଲେ ମଧ୍ୟ ସେଥିରେ ଲିପ୍ତ ହୋଇ ନଥାଏ, ଯେପରି ଘୃତ ଆଦିର ସ୍ୱାଦ ଜାଣୁଥିବା ଜିହ୍ୱା ସେଥିରେ ଲିପ୍ତ ହୋଇ ନଥାଏ । ଯେଉଁ ଶିବଯୋଗୀର ଅନ୍ତରରେ ପ୍ରତୀତ ହେଉଥିବା ଭାବ କଳ୍ପିତ ହୁଏ, ସେହିଭାବ ନିଷ୍ଠଭିମାନ୍ ହୋଇଥାଏ । ଯଦ୍ୟପି ତାହାର ଭାବରେ ସମ୍ବନ୍ଧ ହୁଏ ନାହିଁ, ତଥାପି ତାଙ୍କୁ ଶିବଙ୍କ ପ୍ରତି ଅଦ୍ୱୈତ ଭାବନା କରିବା ଉଚିତ୍ । କାରଣ ତାଙ୍କର ସେହି ଭାବ ଅନ୍ୟ ଭକ୍ତଙ୍କ ନିମନ୍ତେ ପରକ ହୋଇଥାଏ । ବିନା ଭାବରେ ଜ୍ଞାନ ନାହିଁ, ଜ୍ଞାନ ବିନା ଭାବ ନାହିଁ । ତେଣୁ ଯୋଗୀ ଉଭୟଙ୍କର ଆଶ୍ରୟଣ କରିବା ଉଚିତ୍ । ଉଭୟଙ୍କର କାରକ ମନ ଅଟେ । ଯେତେବେଳେ ମନ ଲକ୍ଷ୍ୟକୁ ପ୍ରାପ୍ତ କରି ପରତତ୍ତ୍ୱରେ ବିଲୀନ ହୋଇଯାଏ, ସେତେବେଳେ ତାଙ୍କର ଜ୍ଞାନ ସ୍ୱପ୍ନବତ୍ ହୋଇଥାଏ । ଏପରି ଜ୍ଞାନୀ ଜ୍ଞାନନିଷ୍ଠଭିମାନ୍ କୁହାଯାଇଥାଏ । ଯେପରି ଜାଗ୍ରତ ହେବାପରେ ସ୍ୱପ୍ନର ପଦାର୍ଥ ଓ ତାହାର ଜ୍ଞାନ ଲୁପ୍ତ ହୋଇଥାଏ, ସେହିପରି ଆତ୍ମପ୍ରକାଶ ହେବାପରେ ସଂସାର ଓ ତାହାର ଜ୍ଞାନ ଲୁପ୍ତ ହୋଇଥାନ୍ତି । ଏପରି ସ୍ଥିତିରେ ଅଖଣ୍ଡ ଆନନ୍ଦ ସ୍ୱରୂପା ସଂବିତ୍ ଶେଷ ରହିଥାଏ ।

ପିଣ୍ଡାକାଶସ୍ଥଳର ଯେପରି ଆକାଶ ଘଟାବଚ୍ଛିନ୍ନ, ମଠାବଚ୍ଛିନ୍ନ ହେବା ପରେ ବି ତାହାର ପୂର୍ଣ୍ଣତା ଅକ୍ଷୁର୍ଣ୍ଣ ରହେ, ସେହିପରି ଏହି ପିଣ୍ଡରେ ଥିବା ଆତ୍ମାର ପୂର୍ଣ୍ଣତାର କୌଣସି କ୍ଷିଣତା ଆସେ ନାହିଁ ବୋଲି କୁହାଯାଇଛି । ପରମେଶ୍ୱର ପରକାଶ ପରି ଅଟନ୍ତି । ସେ ପ୍ରାଣୀଙ୍କ ମଧ୍ୟରେ ହୃଦୟ ଗୁମ୍ଫାରେ ମଧ୍ୟ ରହନ୍ତି । ଯୋଗୀ ପରମେଶ୍ୱର ଓ ଜୀବଙ୍କର ପରାକାଶ ଓ ପିଣ୍ଡାକାଶ ପରି ଅଭେଦ ଭାବରେ ଧ୍ୟାନ କରିବା ଉଚିତ୍ । ସଦାଶିବତତ୍ତ୍ୱରୁ ଆରମ୍ଭ କରି ପୃଥିବୀରେ ସ୍ଥିତ ସମସ୍ତ ତତ୍ତ୍ୱର ମୂଳକାରଣ ବ୍ୟାପକ ସଦାଶିବ ଅଟନ୍ତି । ତାଙ୍କର ବିନ୍ଦୁ ଭାବରେ ଚିନ୍ତନ କରିବା ଉଚିତ୍ । ଏହା ବିନ୍ଦ୍ୱାକାଶ ଅଟେ । ଆକାଶ ଏବଂ ଆତ୍ମା ଏକ ପରି ଅଟନ୍ତି । ଆକାଶରୁ ଉତ୍ପନ୍ନ ବାୟୁ ଏକ ହେଲେ ମଧ୍ୟ ସର୍ବତ୍ର ସବୁଭାବରେ ସେହି ସେହି ରୂପ ଧାରଣ କରିବା ପରି ସେ ସବୁରୁ ଭିନ୍ନ ଥାଏ । ସେହିପରି ପରମେଶ୍ୱର ମଧ୍ୟ ସମସ୍ତ ଶରୀରରେ ଜୀବ ରୂପରେ ରହିଲେ ମଧ୍ୟ ସେ ସବୁରୁ ଭିନ୍ନ ଅଟନ୍ତି । ଏହା ବିନ୍ଦ୍ୱାକାଶ ଅଟେ । ଯେପରି ପିଣ୍ଡ ଓ ବ୍ରହ୍ମାଣ୍ଡ ମଧ୍ୟରେ ସ୍ଥିତ ଆକାଶ ଅଭିନ୍ନ ଅଟେ, ସେହିପରି ଶିବଯୋଗୀ ନିମନ୍ତେ ଜୀବାତ୍ମା ଓ ପରମାତ୍ମାରେ ଭେଦ ନାହିଁ । ଏହାକୁ ମହାକାଶସ୍ଥଳ କୁହାଯାଏ । ପରାନନ୍ଦ ରୂପୀ ସଂବିତ୍ ହିଁ ପରମାକାଶ ଅଟେ । ସେ ଶରୀରାବଚ୍ଛିନ୍ନ ଜୀବ ମଧ୍ୟ ଅଟେ । ସିନ୍ଧୁ ଓ ତାହାର ଲହରୀ ପରି ପରମାତ୍ମା । ଜୀବାତ୍ମା ତଥା ବିଶ୍ୱ ଏକ ଓ ଅଭିନ୍ନ ଅଟନ୍ତି । ଭେଦର ପ୍ରତୀତି ଉପାଧି କାରଣରୁ ହୋଇଥାଏ । ଯିଏ ଚିଦାକାଶରୂପୀ ପରିପୂର୍ଣ୍ଣ ଶିବଙ୍କର ଆତ୍ମା ରୂପରେ ଅନୁସନ୍ଧାନ କରେ, ସେ କ୍ରିୟାପ୍ରକାଶବାନ୍

CC-0. Jangamwadi Math Digital Collection.

ଅଟେ । ନିଜଦ୍ୱାରା ସମ୍ପାଦିତ କର୍ମ ତଥା ଅନ୍ୟ ସମସ୍ତ ଜାଗତିକ କ୍ରିୟାକୁ ସେ ଗନ୍ଧର୍ବନଗର ପରି ତୁଚ୍ଛ ମାନିଥାଏ । ଯେପରି ସମୁଦ୍ରର ତରଙ୍ଗ ସମୁଦ୍ରଠାରୁ ଭିନ୍ନ ହୋଇ ନ ଥାଏ, ସେହିପରି ବୁଦ୍ଧି ଆଦି ଭାବ ଶିବଯୋଗୀର ଚୈତନ୍ୟଠାରୁ ଭିନ୍ନ ହୋଇ ନଥାଏ । ସେ ଶିବମୟ ଅଟନ୍ତି । ଅଜ୍ଞାନତିମିର ଦୂର ହେବା ପରେ ଯୋଗୀର ସମସ୍ତ କ୍ରିୟା ଶିବାତ୍ମକ ହୋଇଯାଏ, ସମସ୍ତ ଭାବ ମଧ୍ୟ ଶିବାତ୍ମକ ହୋଇଯାଏ । ଏହି ଜ୍ଞାନର ପ୍ରକାଶରେ 'ତତ୍ତ୍ୱମସି' ମହାବାକ୍ୟରେ ଯେପରି ଭାଗତ୍ୟାଗ ଲକ୍ଷଣଦ୍ୱାରା ଅଖଣ୍ଡ ଚୈତନ୍ୟର ବୋଧ ହୁଏ, ସେହିପରି ଅଖଣ୍ଡ ଶିବତାର ପ୍ରତୀତି ହୋଇଥାଏ । ଶିବତତ୍ତ୍ୱ ଜ୍ଞାନର ବିଷୟ ନୁହେଁ, ତାହାକୁ ଆତ୍ମାରୁ ଅଭିନ୍ନ ଜାଣିବା ହିଁ ଜ୍ଞାନ ଅଟେ । ଏହି ଅଦ୍ୱୈତଜ୍ଞାନ ମୋକ୍ଷର କାରଣ ହୋଇଥାଏ । ଏପରି ଅବସ୍ଥାରେ ସଂସାର ଭିନ୍ନ ପ୍ରତୀତ ହୁଏ ନାହିଁ ।

କୋଡ଼ିଏ ପରିଚ୍ଛେଦର ନାମ ଐକ୍ୟସ୍ଥଳ । ଏଥିରେ ନଅଟି ସ୍ଥଳବିଷୟରେ ଚର୍ଚ୍ଚା କରାଯାଇଛି । ସେଗୁଡ଼ିକା ହେଲା – ସ୍ୱୀକୃତପ୍ରସାଦୈକ୍ୟସ୍ଥଳ, ଶିଷ୍ଟୋଦନସ୍ଥଳ, ଚରାଚରଲୟସ୍ଥଳ, ଭାଣ୍ଡସ୍ଥଳ, ଭାଜନସ୍ଥଳ, ଅଙ୍ଗାଲେପସ୍ଥଳ, ସ୍ୱପରାଜ୍ଞାସ୍ଥଳ, ଭାବାଭାବ-ବିନାଶସ୍ଥଳ ତଥା ଜ୍ଞାନଶୂନ୍ୟସ୍ଥଳ ।

ଜ୍ଞାନପ୍ରକାଶରେ ସମ୍ପନ୍ନ ଯୋଗୀର ଅନ୍ତରରେ ଯେତେବେଳେ ମୁଖ୍ୟାର୍ଥ ଓ ଲକ୍ଷ୍ୟାର୍ଥର ଅଭାବ ହୋଇଯାଏ, ସେତେବେଳେ ସେ ପୂର୍ଣ୍ଣଜ୍ଞାନପ୍ରକାଶଯୁକ୍ତ ହୋଇଯାଏ। ଏପରି ସ୍ଥିତିରେ ସେ ପ୍ରମାତା-ପ୍ରମେୟ-ପ୍ରମାଣରୂପ ତ୍ରିପୁଟୀରେ ସମବାୟରେ ଥିବା ସଂବିତ୍‌ର ସାକ୍ଷାତ୍‌କାର କରି ସ୍ୱସ୍ଥ ହୋଇଯାଏ । ପୂର୍ଣ୍ଣଜ୍ଞାନୀ ସେହି ଶିବଯୋଗୀଙ୍କୁ ସଂସାର ସର୍ବତ୍ର ଶିବମୟ ଦେଖାଯାଏ । ସେତେବେଳେ ଯୋଗୀ ସମସ୍ତ ଐନ୍ଦ୍ରିୟ ବିଷୟକୁ ଚିଦଗ୍ନିରେ ହୋମ କରି ନିର୍ମଳ ହୋଇଯାଏ ଏବଂ ପରାନନ୍ଦମୟ ହୋଇ ବିଷୟଭୋଗ କରେ । ମାୟାକୁ ଓଦନ କୁହାଯାଇଛି । ଯେପରି ଉଦରସ୍ଥ ଅନ୍ନ ରକ୍ତ ଆଦିରେ ପରିବର୍ତ୍ତିତ ହୋଇ ନଶ୍ୱର ଶରୀରକୁ ପୁଷ୍ଟ କରିଥାଏ, ସେହିପରି ଏହି ସଂସାରରେ ମାୟା ନାନା ରୂପରେ ପ୍ରକଟ ହୋଇ ତାହାକୁ ପୁଷ୍ଟ କରିଥାଏ । ଯେତେବେଳେ ତାହା ଚିତ୍‌ଲିଙ୍ଗରେ ଲୀନ ହୋଇଯାଏ, ସେତେବେଳେ ମାୟାକୁ ଶିଷ୍ଟ କହନ୍ତି । ମାୟା ସଂସାର ଜନଙ୍କର ସ୍ୱାମିନୀ ଏବଂ ଯୋଗୀ ଜନଙ୍କର କିଙ୍କରୀ ହୋଇଥାଏ । କାରଣ ମହାତ୍ମା ଶିବଯୋଗୀ ଚିତ୍‌ସ୍ୱରୂପ ଜ୍ୟୋତିର୍ଲିଙ୍ଗରେ ନିମଗ୍ନ ରହେ । ଏପରି ଯୋଗୀଦ୍ୱାରା ଭୁଜ୍ୟମାନ ବିଷୟ ଚିଦାତ୍ମାରେ ଲୀନ ହୋଇଯାଏ । ଯେପରି ଅଗ୍ନି ଇନ୍ଧନକୁ ଜଳାଇ ସ୍ୱୟଂ ସ୍ୱସ୍ଥ ହୋଇଥାଏ, ସେପରି ଶିବଯୋଗୀ ଦେହଧାରୀ ହୋଇ ମଧ୍ୟ ନିର୍ଦ୍ଦେହୀ ହୋଇଥାଏ ଏବଂ ଚରାଚରାତ୍ମକ ଜଗତ୍‌ରେ ଥିବା ମଳଶକ୍ତିର ବିନାଶକ ହୁଏ । ଯେପରି ଜାଗ୍ରତ ହେବା ପରେ ସ୍ୱପ୍ନଜଗତ୍ ଅଦୃଶ୍ୟ ଅଥବା ନଷ୍ଟ ହୋଇଯାଏ,

CC-0. Jangamwadi Math Digital Collection.

ସେହିପରି ଆତ୍ମପ୍ରବୋଧ ହେବାପରେ ସମ୍ପୂର୍ଣ୍ଣ ସଂସାର ନଷ୍ଟ ହୋଇଯାଏ, ଅର୍ଥାତ୍ ସେତେବେଳେ ଯୋଗୀ ଜନ ନିମନ୍ତେ ସଂସାର ସାଧାରଣ ଲୋକଙ୍କ ଦୃଷ୍ଟିରୁ ଭିନ୍ନ ହୋଇଥାଏ । ବାଣୀ ଓ ମନରୁ ଉର୍ଦ୍ଧ୍ୱରେ ତୁରୀୟାତୀତ ଅବସ୍ଥାକୁ ପ୍ରାପ୍ତ ଯୋଗୀ ଚିଦାନନ୍ଦମୟ ଶିବଙ୍କ ଅତିରିକ୍ତ ଅନ୍ୟ କିଛି ଜାଣିପାରେ ନାହିଁ ।

ଶିବଯୋଗୀର ବିଚାରରୂପ ପରବିନ୍ଦୁର ଅନ୍ୟ ନାମ ଭାଣ୍ଡସ୍ଥଳ ଅଟେ । ଏହା ପରମଶିବ ରୂପ ଯୋଗୀର ବିମର୍ଶକଳା ଅଟେ, ଯେଉଁଥିରେ ସମସ୍ତ ବିଶ୍ୱ ମୟୂରାଣ୍ଡରସନ୍ୟାୟରେ ପ୍ରଚ୍ଛନ୍ନ ରହେ । ଏହା ଶବ୍ଦବ୍ରହ୍ମ ଅଟେ । ଏହା ପରାହନ୍ତାରୂପ ବିମର୍ଶ ଅଟେ । ଏହି ବିମର୍ଶରୂପୀ ଭାଣ୍ଡରେ ସମ୍ପୂର୍ଣ୍ଣ ବିଶ୍ୱକୁ ବିଲୀନ କରି ଯୋଗୀ ମୁକ୍ତ ରହେ । ନିଖିଳ ବ୍ରହ୍ମାଣ୍ଡର କାରଣଭୂତ ବିମର୍ଶ ଯେଉଁଥିରେ ପ୍ରତିଭାସିତ ହୁଏ, ସେହି 'ଅହଂ' ର 'ଅ'କାର ଶିବ ଅଟେ, 'ହ'କାର ଶକ୍ତି ଅଟେ । ଏହିପରି ଅହଂ ପଦରେ ଶିବଶକ୍ତି ଉଭୟ ସମରସ ହୋଇ ରହନ୍ତି । ଏହି ଅହନ୍ତାରେ ସମ୍ପୂର୍ଣ୍ଣ ବିଶ୍ୱ ବଟବୀଜରେ ନିହିତ ବୃକ୍ଷ ପରି ଅବ୍ୟକ୍ତ ରହେ । ଅହନ୍ତାମୟ ଯୋଗୀ ବିଶ୍ୱାତ୍ମା ହୋଇ ପ୍ରତୀତ ହୁଏ। ଅଙ୍ଗାଲେପର ଅର୍ଥ ହେଉଛି ସେହି ରୂପ ଯାହା ଦେଶକାଳ ଆଦିରେ ଅବଚ୍ଛିନ୍ନ ନ ହୋଇ ଚିଦାନନ୍ଦମୟ ହୋଇଥାଏ । ଯେପରି ଧୂପ ଆଦିରେ ଆକାଶ ଲିପ୍ତ ହୁଏ ନାହିଁ, ସେହିପରି ଯୋଗୀ ମଧ୍ୟ ସଂସାରରେ ଲିପ୍ତ ହୁଏ ନାହିଁ । ତା ପାଇଁ ବିଧି-ନିଷେଧ ଆଦି କିଛି ରହେ ନାହିଁ । ସେହି ଯୋଗୀ ସର୍ବାକାର ଥାଇ ମଧ୍ୟ ଜୀବନ୍ମୁକ୍ତ ହୋଇଥାଏ ।

ସ୍ୱପରାଜ୍ଞସ୍ଥଳରେ ନିଜର ଓ ଅନ୍ୟର ଅଜ୍ଞାନର କଥା କୁହାଯାଇଛି । ଯେତେବେଳେ ଶିବଯୋଗୀ ନିଜକୁ ଅପ୍ରମେୟ ଚିଦଦ୍ୱୈତ ତତ୍ତ୍ୱରେ ବିଲୀନ କରିଦିଏ, ତାକୁ ସ୍ୱ ଓ ପରର ଅନୁଭବ ହୁଏ ନାହିଁ । ସେ ସଜାତୀୟ, ବିଜାତୀୟ ଓ ସ୍ୱଗତ ଏହି ତିନି ଭେଦରୁ ଶୂନ୍ୟ ହୋଇଯାଏ । ସମସ୍ତ ଦ୍ୱନ୍ଦ୍ୱରୁ ଉର୍ଦ୍ଧ୍ୱରେ ତାଙ୍କୁ ସ୍ୱପରାଜ୍ଞସ୍ଥଳ କୁହାଯାଏ । ଏହିପରି ଯିଏ ତ୍ୱଂ ଓ ଅହଂ ର ଭାବରୁ ଶୂନ୍ୟ ହୋଇଯାଏ, ସେ ଭାବାଭାବର ଲୟସ୍ଥଳ ହୋଇଯାଏ । 'ଅହଂ' ଭାବ ଓ 'ସ୍ୱ' ଭାବରୁ ରହିତ ସେ ଜୀବନ୍ମୁକ୍ତ ଯେତେବେଳେ ଚିତ୍‌ସ୍ୱରୂପ ହୋଇଯାଏ, ସେତେବେଳେ ତା ପାଇଁ ସୁଖ-ଦୁଃଖର ଭାବ ରହେ ନାହିଁ କି ଅଭାବ ରହେ ନାହିଁ । ଯେପରି ଘିଅରେ ଘିଅ, ତେଲରେ ତେଲ, ଦୁଧରେ ଦୁଧ ଢାଳିଲେ ପାର୍ଥକ୍ୟ ଜଣା ପଡ଼େ ନାହିଁ, ସେହିପରି ଶିବଯୋଗୀ ଓ ପରବ୍ରହ୍ମ ମଧ୍ୟରେ ବିଭାଗ ରହେ ନାହିଁ । ସ୍ୱୟଂ ବିଭାଗର ମଧ୍ୟ ଅସ୍ତିତ୍ୱ ରହେ ନାହିଁ । କେବଳ ଚିଦାନନ୍ଦ ରୂପ ସେହି ତତ୍ତ୍ୱରେ ବିଶେଷଣ ସମ୍ଭବ ହୁଏ ନାହିଁ । କାର୍ଯ୍ୟ-କାରଣ, ଶେଷ-ଶେଷୀ ଆଦି ସମସ୍ତ ସମ୍ବନ୍ଧ ଶୂନ୍ୟତାକୁ ପ୍ରାପ୍ତ ହୁଅନ୍ତି । ଏପରି ଯୋଗୀକୁ ଜ୍ଞାନଶୂନ୍ୟସ୍ଥଳ କୁହାଯାଏ ।

CC-0. Jangamwadi Math Digital Collection.

ଭଗବାନ୍ ଶିବ ଭଗବତୀ ପାର୍ବତୀଙ୍କୁ ଯେଉଁ ଅଦ୍ୱୈତ ଆନନ୍ଦଶିବଧର୍ମର ଉପଦେଶ ଦେଇଥିଲେ, ଗଣେଶ୍ୱର ରେଣୁକାଚାର୍ଯ୍ୟ ମହର୍ଷି ଅଗସ୍ତ୍ୟଙ୍କୁ ଏହି ଉପଦେଶ ଶୁଣାଇ ମୌନ ହୋଇଗଲେ । ତା'ପରେ ମୁନି ଅଗସ୍ତ୍ୟ କହିଲେ – ହେ ଶିବଜ୍ଞାନର ମହାସାଗର, ଆଚାର୍ଯ୍ୟ, ଆପଣଙ୍କ ମୁଖରୁ ଏହି ନିର୍ମଳଶାସ୍ତ୍ର ଅବତୀର୍ଣ୍ଣ ହୋଇଛି । ଏହାକୁ ଶୁଣି ମୋର ଚିତ୍ତ ଅତୀବ ପ୍ରସନ୍ନ ହୋଇଗଲା । ମୁଁ ଶିବଜ୍ୟୋତିର ସାକ୍ଷାତ୍କାର କରୁଛି । ତପସ୍ୟାର ପ୍ରଭାବ ଓ ଶଙ୍କରଙ୍କ କୃପା ବିନା କିଏ ଏହା ଶୁଣିବାର ଅଧିକାରୀ ହୋଇପାରିବ । ଆପଣ ମତେ କୃତକୃତ୍ୟ କରିବା ପାଇଁ ଏଠାକୁ ଆସିଲେ । ତେଣୁ ମୋର ଜନ୍ମ ସଫଳ ହୋଇଗଲା । ମୁଁ ପାଶବନ୍ଧନରୁ ମୁକ୍ତ ହୋଇଗଲି । ମୋର ତପସ୍ୟା ଫଳୀଭୂତ ହୋଇଗଲା । ଅଗସ୍ତ୍ୟ ବଚନ ଶୁଣି ରେଣୁକାଚାର୍ଯ୍ୟ କହିଲେ ହେ ମୁନିଶାର୍ଦ୍ଦୂଳ, ଆପଣଙ୍କ ବ୍ୟତୀତ ଅନ୍ୟ କିଏ ଏହି ଶିବଶାସ୍ତ୍ରକୁ ଜାଣିବା ପାଇଁ ଅଧିକାରୀ ? ଏହି ତନ୍ତ୍ରର ଆପଣ ଏକମାତ୍ର ଅଧିକାରୀ । ଶିବପ୍ରବୋଧର ଏପରି ସାଧନ ଅନ୍ୟ କେଉଁଠାରେ ନାହିଁ । ସର୍ବାନୁଗ୍ରହ ଶିବ ଲୋକମଙ୍ଗଳ ନିମନ୍ତେ ଏହାର ପ୍ରବଚନ କରିଥିଲେ । ଶିଷ୍ୟକୁ ପରୀକ୍ଷା କରିବା ପରେ ହିଁ ଆପଣ ତାକୁ ଉପଦେଶ ଦେବେ । ଅପରୀକ୍ଷିତ ଅଯୋଗ୍ୟକୁ କେବେ ନୁହେଁ । ଆପଣ ପୃଥିବୀରେ ଏହାର ପ୍ରଚାର–ପ୍ରସାର କରନ୍ତୁ ।

ଉପର୍ଯ୍ୟୁକ୍ତ ପ୍ରବଚନ କରି ଅଗସ୍ତ୍ୟ ଦେଖୁ ଦେଖୁ ଗଣେଶ୍ୱର ରେଣୁକ ମନରେ ଶିବଙ୍କର ଧ୍ୟାନ କରି ଅନ୍ତର୍ହିତ ହୋଇଗଲେ । ତା'ପରେ ସ୍ୱେଚ୍ଛାରେ ଶରୀର ଧାରଣ କରୁଥିବା ଗଣେଶ୍ୱର ରେଣୁକ ଲଙ୍କାରେ ପହଞ୍ଚିଗଲେ। ସର୍ବାଗମବେତ୍ତା ଗଣେଶ୍ୱରଙ୍କୁ ଆସିଥିବାର ଦେଖି ବିଭୀଷଣ ତାଙ୍କୁ ନିଜ ମହଲକୁ ନେଇଗଲେ ଏବଂ ଭଦ୍ର ଆସନରେ ବସାଇ ପାଦ୍ୟ–ଅର୍ଘ୍ୟ ଆଦି ସମସ୍ତ ଉପଚାରରେ ତାଙ୍କର ପୂଜା କଲେ । ତା'ପରେ ସ୍ୱୟଂ ବିଭୀଷଣ ତାଙ୍କ ଆସନ ପାଖରେ ବସିଗଲେ । ବିଭୀଷଣ ହାତ ଯୋଡ଼ିକରି କହିଲେ – ହେ ଗଣନାୟକ, ଆପଣ ଶିବଙ୍କ ଆଜ୍ଞାରେ ଏହି ପୃଥିବୀରେ ଅବତୀର୍ଣ୍ଣ ହୋଇଛନ୍ତି ବୋଲି ଶୁଣିଛି । ମୋର ସୌଭାଗ୍ୟରୁ ସାକ୍ଷାତ୍ ମହେଶ୍ୱରରୂପ ଆପଣ ମୋର ଘରକୁ ଆସିଛନ୍ତି । ଏହି କାରଣରୁ ମୁଁ ଏବଂ ମୋର ନଗରୀ ଲଙ୍କା କୃତାର୍ଥ ହୋଇଗଲୁ । ଏହା ଶୁଣି ଗଣେଶ୍ୱର ବିଭୀଷଣଙ୍କୁ କହିଲେ – ହେ ଭଗବାନ୍ ! ସୁକୃତ ଯେତେବେଳେ ପରିପକ୍ୱ ହୋଇଯାଏ, ସେତେବେଳେ ସ୍ୱୟଂ ଫଳ ଦେଇଥାଏ । ତଥାପି ମତେ ଗୋଟିଏ ବର ଦିଅନ୍ତୁ । ମୋର ଭାଇ ରାବଣ ଯୁଦ୍ଧରେ ରାମଶରରେ ବିଦ୍ଧ ହୋଇ ମତେ ଡାକି କହିଥିଲେ – ହେ ବିଭୀଷଣ, ମୁଁ ଏହି ଲଙ୍କାରେ ନଅ କୋଟି ଶିବଲିଙ୍ଗ ସ୍ଥାପନାର ସଙ୍କଳ୍ପ କରିଥିଲି । ଛଅ କୋଟିର ସ୍ଥାପନା ମୁଁ କରିଛି । ଶେଷ ତିନିକୋଟିର ସ୍ଥାପନା ତୁ କରିବୁ । ହେ ଗଣେଶ୍ୱର ! ଏକାଥରକେ

CC-0. Jangamwadi Math Digital Collection.

ଏତେ ଶିବଲିଙ୍ଗର ସ୍ଥାପନା କରିବା ଅସମ୍ଭବ ଜାଣି ମୁଁ ଚିନ୍ତାଗ୍ରସ୍ତ ଥିଲି । ଆପଣ ମୋର ଇଚ୍ଛା ପୂର୍ଣ୍ଣ କରନ୍ତୁ । ଭଗବାନ୍ ରେଣୁକ ବିଭୀଷଣଙ୍କର ପ୍ରାର୍ଥନା ଅନୁସାରେ ତିନି କୋଟି ଶରୀର ଧାରଣ କରି ସେହି କ୍ଷଣି ତିନି କୋଟି ଶିବଲିଙ୍ଗର ସ୍ଥାପନା କରିଦେଲେ । ବିଭୀଷଣ ଗଣେଶ୍ୱରଙ୍କର ଏପରି ମାହାତ୍ମ୍ୟ ଦେଖି ବିସ୍ମିତ ହୋଇ ତାଙ୍କ ଚରଣରେ ନତ ମସ୍ତକ ହୋଇଗଲେ । ରେଣୁକାଚାର୍ଯ୍ୟ ତାଙ୍କୁ ଅନୁଗୃହୀତ କରି ଅନ୍ତର୍ହିତ ହୋଇଗଲେ ।

ପୃଥିବୀ ମଣ୍ଡଳରେ ଏଠାରେ ସେଠାରେ ବୁଲି ଲୋକଙ୍କ କଲ୍ୟାଣ କରି ରେଣୁକ କୋଲ୍ଲିପାକ୍ୟ ନାମକ ନିଜର ପୁରକୁ ଆସିଗଲେ । ସେଠାରେ ଲୋକଙ୍କ ଦ୍ୱାରା ପୂଜିତ ହୋଇ ସେ ସୋମେଶ୍ୱର ମନ୍ଦିରକୁ ଆସିଲେ ଏବଂ ଭକ୍ତିପୂର୍ବକ ଶିବଙ୍କର ସ୍ତୁତି କଲେ । ସ୍ତୁତିରେ ପ୍ରସନ୍ନ ହୋଇ ଭଗବାନ୍ ନିଜର ସେହି ଲିଙ୍ଗରୁ ଶବ୍ଦ ଉଚ୍ଚାରଣ କଲେ – ହେ ବତ୍ସ, ଆସ । ମୁଁ ତୁମ ଉପରେ ପ୍ରସନ୍ନ । ଏହା ଶୁଣି ଗଣେଶ୍ୱର ରେଣୁକ ଜ୍ୟୋତିସ୍ୱରୂପ ହୋଇ ସୋମେଶ୍ୱର ଲିଙ୍ଗରେ ସମାବିଷ୍ଟ ହୋଇଗଲେ ।

❖❖❖

CC-0. Jangamwadi Math Digital Collection.

ଶ୍ରୀସିଦ୍ଧାନ୍ତଶିଖାମଣିଃ
ବିଷୟାନୁକ୍ରମଣୀ

ବିଷୟାଃ	ପୃଷ୍ଠାଙ୍କାଃ
ପ୍ରସ୍ତାବନା	3 - 14
ଭୂମିକା	15 - 28
ବିଷୟ ସଂକ୍ଷେପଃ	29 - 45
ପ୍ରଥମପରିଚ୍ଛେଦଃ	52 - 62
ଶିବସ୍ତୁତିଃ	
ଗ୍ରନ୍ଥକାର ବଂଶବର୍ଣ୍ଣନମ୍	
ଦ୍ୱିତୀୟପରିଚ୍ଛେଦଃ	63 - 72
ବିଶ୍ୱସୃଷ୍ଟିନିର୍ଦ୍ଦେଶଃ	
ବିଶ୍ୱସୃଷ୍ଟିପ୍ରକାରଃ	
ଶିବସ୍ୟ ଶକ୍ତିସ୍ୱରୂପମ୍	
ରେଣୁକଦାରୁକାବତରଣମ୍	
ତୃତୀୟପରିଚ୍ଛେଦଃ	73 - 93
କୈଲାସବର୍ଣ୍ଣନମ୍	
ପରମେଶ୍ୱରବର୍ଣ୍ଣନମ୍	
ପାର୍ବତୀବର୍ଣ୍ଣନମ୍	
ଦେବତାକୃତସେବାବର୍ଣ୍ଣନମ୍	
ପ୍ରମଥଗଣବର୍ଣ୍ଣନମ୍	
ପରମେଶ୍ୱରରାଜବ୍ୟାପାରବର୍ଣ୍ଣନମ୍	
ରେଣୁକଗଣେଶ୍ୱରସ୍ୟ ଶିବଭକ୍ତିବର୍ଣ୍ଣନମ୍	
ରେଣୁକକୃତଶିବାଭ୍ୟର୍ଥନ–ରେଣୁକସ୍ୟ–ଚ ମାନୁଷୀଯୋନ୍ୟବତରଣପ୍ରୟୋଜନମ୍	
ଚତୁର୍ଥପରିଚ୍ଛେଦଃ	94 - 106
ରେଣୁକସ୍ୟ ସ୍ୱରୂପମ୍	
ଭୂମାବତରଣପ୍ରୟୋଜନବର୍ଣ୍ଣନମ୍	
ମଳୟଜପର୍ବତାଗସ୍ତ୍ୟାଶ୍ରମୟୋର୍ବର୍ଣ୍ଣନମ୍	

CC-0. Jangamwadi Math Digital Collection.

ବିଷୟାଃ **ପୃଷ୍ଠାଙ୍କାଃ**
ଅଗସ୍ତ୍ୟସ୍ୱରୂପବର୍ଣ୍ଣନମ୍
ରେଣୁକପୂଜାରେଣୁକାଗସ୍ତ୍ୟସଂବାଦଶ୍ଚ
ଅଗସ୍ତ୍ୟସ୍ୱରୂପବର୍ଣ୍ଣନମଗସ୍ତ୍ୟକୃତରେଣୁକମହିମବର୍ଣ୍ଣନଞ୍ଚ
ପଞ୍ଚମପରିଚ୍ଛେଦଃ 107 - 144
ନାନାଦର୍ଶନପ୍ରାମାଣ୍ୟବୀରଶୈବଶବ୍ଦୟୋର୍ନିର୍ବଚନମ୍
ବୀରଶୈବଶାସ୍ତ୍ରସ୍ୟ ସ୍ଥଳନାମ୍ନା ଷଡ୍‌ବିଧତ୍ୱବର୍ଣ୍ଣନମ୍
ଭକ୍ତସ୍ଥଳସ୍ୟ ପଞ୍ଚଦଶପ୍ରକାରେଷୁ ପିଣ୍ଡସ୍ଥଳବର୍ଣ୍ଣନମ୍
ପିଣ୍ଡଜ୍ଞାନସ୍ଥଳବର୍ଣ୍ଣନମ୍
ସଂସାରହେୟସ୍ଥଳବର୍ଣ୍ଣନମ୍
ଷଷ୍ଠପରିଚ୍ଛେଦଃ 145 - 163
ଦୀକ୍ଷାଲକ୍ଷଣଗୁରୁକାରୁଣ୍ୟସ୍ଥଳବର୍ଣ୍ଣନମ୍
ଲିଙ୍ଗଧାରଣସ୍ଥଳବର୍ଣ୍ଣନମ୍
ସପ୍ତମପରିଚ୍ଛେଦଃ 164 - 183
ଭସ୍ମଧାରଣସ୍ଥଳବର୍ଣ୍ଣନମ୍
ରୁଦ୍ରାକ୍ଷଧାରଣସ୍ଥଳବର୍ଣ୍ଣନମ୍
ଅଷ୍ଟମପରିଚ୍ଛେଦଃ 184 - 202
ପଞ୍ଚାକ୍ଷରୀତାତ୍ପର୍ଯ୍ୟବର୍ଣ୍ଣନମ୍
ଷଡ଼କ୍ଷରୀଜପମାହାତ୍ମ୍ୟବର୍ଣ୍ଣନମ୍
ଜପବିଧିସ୍ତଦ୍‌ପ୍ରକାରୟୋର୍ବର୍ଣ୍ଣନମ୍
ସମନ୍ତ୍ରକଶିବପୂଜନସ୍ୟ ଫଳବର୍ଣ୍ଣନମ୍
ପଞ୍ଚାକ୍ଷରୀଜପଫଳବର୍ଣ୍ଣନମ୍
ନବମପରିଚ୍ଛେଦଃ 203 - 231
ଭକ୍ତେର୍ଭେଦବର୍ଣ୍ଣନମ୍
ଆଭ୍ୟନ୍ତରଭକ୍ତିବର୍ଣ୍ଣନମ୍
ଅଳ୍ପଭକ୍ତିସ୍ତଦ୍‌ଭେଦବର୍ଣ୍ଣନଞ୍ଚ
ଶିବଭକ୍ତସ୍ୟ ବିଧେୟବର୍ଣ୍ଣନମ୍
ଭକ୍ତାଚାରଭେଦବର୍ଣ୍ଣନମ୍
ଶିବଗୁର୍ବୋରଭେଦବର୍ଣ୍ଣନମ୍

CC-0. Jangamwadi Math Digital Collection.

ବିଷୟାଃ	ପୃଷ୍ଠାଙ୍କାଃ
ତ୍ରିବିଧସମ୍ପତ୍ତିସ୍ଥଲବର୍ଣ୍ଣନମ୍	
ଚତୁର୍ବିଧସାରାୟସ୍ଥଲବର୍ଣ୍ଣନମ୍	
ସୋପାଧିନିରୁପାଧିସହଜଦାନସ୍ଥଲବର୍ଣ୍ଣନମ୍	
ଦଶମପରିଚ୍ଛେଦଃ	232 - 258
ମାହେଶ୍ୱରସ୍ଥଲବର୍ଣ୍ଣନମ୍	
ଲିଙ୍ଗନିଷ୍ଠାସ୍ଥଲବର୍ଣ୍ଣନମ୍	
ପୂର୍ବାଶ୍ରୟନିରସନସ୍ଥଲବର୍ଣ୍ଣନମ୍	
ସର୍ବାଦ୍ୱୈତନିରସନସ୍ଥଲବର୍ଣ୍ଣନମ୍	
ଆହ୍ୱାନନିରସନସ୍ଥଲବର୍ଣ୍ଣନମ୍	
ଅଷ୍ଟମୂର୍ତ୍ତିନିରସନସ୍ଥଲବର୍ଣ୍ଣନମ୍	
ସର୍ବଗତନିରସନସ୍ଥଲବର୍ଣ୍ଣନମ୍	
ଶିବଜଗନ୍ମୟସ୍ଥଲବର୍ଣ୍ଣନମ୍	
ଭକ୍ତଦେହିକଲିଙ୍ଗସ୍ଥଲବର୍ଣ୍ଣନମ୍	
ଏକାଦଶପରିଚ୍ଛେଦଃ	259 - 282
ପ୍ରସାଦିସ୍ଥଲବର୍ଣ୍ଣନମ୍	
ଗୁରୁମାହାତ୍ମ୍ୟସ୍ଥଲବର୍ଣ୍ଣନମ୍	
ଲିଙ୍ଗମାହାତ୍ମ୍ୟସ୍ଥଲବର୍ଣ୍ଣନମ୍	
ଜଙ୍ଗମମାହାତ୍ମ୍ୟସ୍ଥଲବର୍ଣ୍ଣନମ୍	
ଭକ୍ତମାହାତ୍ମ୍ୟସ୍ଥଲବର୍ଣ୍ଣନମ୍	
ଶରଣମାହାତ୍ମ୍ୟସ୍ଥଲବର୍ଣ୍ଣନମ୍	
ପ୍ରସାଦମହତ୍ତ୍ୱସ୍ଥଲବର୍ଣ୍ଣନମ୍	
ଦ୍ୱାଦଶପରିଚ୍ଛେଦଃ	283 - 300
ପ୍ରାଣଲିଙ୍ଗିସ୍ଥଲବର୍ଣ୍ଣନମ୍	
ପ୍ରାଣଲିଙ୍ଗାର୍ଚ୍ଚନସ୍ଥଲବର୍ଣ୍ଣନମ୍	
ଶିବଯୋଗସମାଧିସ୍ଥଲବର୍ଣ୍ଣନମ୍	
ଲିଙ୍ଗନିଜସ୍ଥଲବର୍ଣ୍ଣନମ୍	
ଅଙ୍ଗଲିଙ୍ଗସ୍ଥଲବର୍ଣ୍ଣନମ୍	

CC-0. Jangamwadi Math Digital Collection.

ବିଷୟାଃ	ପୃଷ୍ଠାଙ୍କାଃ
ତ୍ରୟୋଦଶପରିଚ୍ଛେଦଃ	301 - 312
ଶରଣସ୍ଥଲବର୍ଣ୍ଣନମ୍	
ତାମସନିରସନସ୍ଥଲବର୍ଣ୍ଣନମ୍	
ନିର୍ଦେଶସ୍ଥଲବର୍ଣ୍ଣନମ୍	
ଶୀଲସମ୍ପାଦନସ୍ଥଲବର୍ଣ୍ଣନମ୍	
ଚତୁର୍ଦ୍ଦଶପରିଚ୍ଛେଦଃ	313 - 329
ଐକ୍ୟସ୍ଥଲବର୍ଣ୍ଣନମ୍	
ଆଚାରସମ୍ପତ୍ତିସ୍ଥଲବର୍ଣ୍ଣନମ୍	
ଏକଭାଜନସ୍ଥଲବର୍ଣ୍ଣନମ୍	
ସହଭୋଜନସ୍ଥଲବର୍ଣ୍ଣନମ୍	
ପଞ୍ଚଦଶପରିଚ୍ଛେଦଃ	330 - 354
ଲିଙ୍ଗସ୍ଥଲଦୀକ୍ଷାଗୁରୁସ୍ଥଲୟୋର୍ବର୍ଣ୍ଣନମ୍	
ଶିକ୍ଷାଗୁରୁସ୍ଥଲବର୍ଣ୍ଣନମ୍	
ଜ୍ଞାନଗୁରୁସ୍ଥଲବର୍ଣ୍ଣନମ୍	
କ୍ରିୟାଲିଙ୍ଗସ୍ଥଲବର୍ଣ୍ଣନମ୍	
ଭାବଲିଙ୍ଗସ୍ଥଲବର୍ଣ୍ଣନମ୍	
ଜ୍ଞାନଲିଙ୍ଗସ୍ଥଲବର୍ଣ୍ଣନମ୍	
ସ୍ୱୟଂସ୍ଥଲବର୍ଣ୍ଣନମ୍	
ଚରସ୍ଥଲବର୍ଣ୍ଣନମ୍	
ପରସ୍ଥଲବର୍ଣ୍ଣନମ୍	
ଷୋଡ଼ଶପରିଚ୍ଛେଦଃ	355 - 382
କ୍ରିୟାଗମସ୍ଥଲବର୍ଣ୍ଣନମ୍	
ଭାବାଗମସ୍ଥଲବର୍ଣ୍ଣନମ୍	
ଜ୍ଞାନାଗମସ୍ଥଲବର୍ଣ୍ଣନମ୍	
ସକାୟସ୍ଥଲବର୍ଣ୍ଣନମ୍	
ଅକାୟସ୍ଥଲବର୍ଣ୍ଣନମ୍	
ପରକାୟସ୍ଥଲବର୍ଣ୍ଣନମ୍	
ଧର୍ମାଚାରସ୍ଥଲବର୍ଣ୍ଣନମ୍	

CC-0. Jangamwadi Math Digital Collection.

ବିଷୟାଃ | **ପୃଷ୍ଠାଙ୍କାଃ**
ଭାବାଚାରସ୍ଥଲବର୍ଣ୍ଣନମ୍
ଜ୍ଞାନାଚାରସ୍ଥଲବର୍ଣ୍ଣନମ୍
ସପ୍ତଦଶଃ ପରିଚ୍ଛେଦଃ 383 - 411
ପ୍ରସାଦିସ୍ଥଲବର୍ଣ୍ଣନମ୍
(କାୟାନୁଗ୍ରହସ୍ଥଲବର୍ଣ୍ଣନମ୍)
ଇନ୍ଦ୍ରିୟାନୁଗ୍ରହସ୍ଥଲବର୍ଣ୍ଣନମ୍
ପ୍ରାଣାନୁଗ୍ରହସ୍ଥଲବର୍ଣ୍ଣନମ୍
କାୟାର୍ପିତସ୍ଥଲବର୍ଣ୍ଣନମ୍
କରଣାର୍ପିତସ୍ଥଲବର୍ଣ୍ଣନମ୍
ଭାବାର୍ପିତସ୍ଥଲବର୍ଣ୍ଣନମ୍
ଶିଷ୍ୟସ୍ଥଲବର୍ଣ୍ଣନମ୍
ସୁଶ୍ରୂଷୁସ୍ଥଲବର୍ଣ୍ଣନମ୍
ସେବ୍ୟସ୍ଥଲବର୍ଣ୍ଣନମ୍
ଅଷ୍ଟାଦଶପରିଚ୍ଛେଦଃ 412 - 441
ପ୍ରାଣିଲିଙ୍ଗସ୍ଥଲଭେଦବର୍ଣ୍ଣନମ୍
(ଆତ୍ମସ୍ଥଲବର୍ଣ୍ଣନମ୍)
ଅନ୍ତରାତ୍ମସ୍ଥଲବର୍ଣ୍ଣନମ୍
ପରମାତ୍ମସ୍ଥଲବର୍ଣ୍ଣନମ୍
ନିର୍ଦେହାଗମସ୍ଥଲବର୍ଣ୍ଣନମ୍
ନିର୍ଭାବାଗମସ୍ଥଲବର୍ଣ୍ଣନମ୍
ନଷ୍ଟାଗମସ୍ଥଲବର୍ଣ୍ଣନମ୍
ଆଦିପ୍ରସାଦିସ୍ଥଲବର୍ଣ୍ଣନମ୍
ଅନ୍ତ୍ୟପ୍ରସାଦିସ୍ଥଲବର୍ଣ୍ଣନମ୍
ସେବ୍ୟପ୍ରସାଦିସ୍ଥଲବର୍ଣ୍ଣନମ୍
ଏକୋନବିଂଶପରିଚ୍ଛେଦଃ 442 - 476
ଶରଣସ୍ଥଲବର୍ଣ୍ଣନମ୍
(ଦୀକ୍ଷାପାଦୋଦକସ୍ଥଲବର୍ଣ୍ଣନମ୍)
ଶିକ୍ଷାପାଦୋଦକସ୍ଥଲବର୍ଣ୍ଣନମ୍

CC-0. Jangamwadi Math Digital Collection.

ବିଷୟାଃ	ପୃଷ୍ଠାଙ୍କାଃ
ଜ୍ଞାନପାଦୋଦକସ୍ଥଲବର୍ଣ୍ଣନମ୍	
କ୍ରିୟାନିଷ୍ପତ୍ତିସ୍ଥଲବର୍ଣ୍ଣନମ୍	
ଭାବନିଷ୍ପତ୍ତିସ୍ଥଲବର୍ଣ୍ଣନମ୍	
ଜ୍ଞାନନିଷ୍ପତ୍ତିସ୍ଥଲବର୍ଣ୍ଣନମ୍	
ପିଣ୍ଡାକାଶସ୍ଥଲବର୍ଣ୍ଣନମ୍	
ବିନ୍ଦ୍ୱାକାଶସ୍ଥଲବର୍ଣ୍ଣନମ୍	
ମହାକାଶସ୍ଥଲବର୍ଣ୍ଣନମ୍	
କ୍ରିୟାପ୍ରକାଶସ୍ଥଲବର୍ଣ୍ଣନମ୍	
ଭାବପ୍ରକାଶସ୍ଥଲବର୍ଣ୍ଣନମ୍	
ଜ୍ଞାନପ୍ରକାଶସ୍ଥଲବର୍ଣ୍ଣନମ୍	
ବିଂଶପରିଚ୍ଛେଦଃ	477 - 509
ଐକ୍ୟସ୍ଥଲବର୍ଣ୍ଣନମ୍	
(ସ୍ୱୀକୃତପ୍ରସାଦିସ୍ଥଲବର୍ଣ୍ଣନମ୍)	
ଶିଷ୍ଟୋଦନସ୍ଥଲବର୍ଣ୍ଣନମ୍	
ଚରାଚରଲୟସ୍ଥଲବର୍ଣ୍ଣନମ୍	
ଭାଣ୍ଡସ୍ଥଲବର୍ଣ୍ଣନମ୍	
ଭାଜନସ୍ଥଲବର୍ଣ୍ଣନମ୍	
ଅଙ୍ଗାଲେପସ୍ଥଲବର୍ଣ୍ଣନମ୍	
ସ୍ୱପରାଜ୍ଞସ୍ଥଲବର୍ଣ୍ଣନମ୍	
ଭାବାଭାବଲୟସ୍ଥଲବର୍ଣ୍ଣନମ୍	
ଜ୍ଞାନଶୂନ୍ୟସ୍ଥଲବର୍ଣ୍ଣନମ୍	
ଉପଦେଶୋପସଂହାରବର୍ଣ୍ଣନମ୍	
ଏକବିଂଶପରିଚ୍ଛେଦଃ	510 - 523
ବିଭୀଷଣାଭିଷ୍ଟଦାନବର୍ଣ୍ଣନମ୍	
ପରିଶିଷ୍ଟାନି	524 - 574
ଶ୍ଳୋକାର୍ଧାନୁକ୍ରମଣୀ	
ବ୍ୟାଖ୍ୟୋଦ୍ଧୃତଗ୍ରନ୍ଥ-ସଙ୍କେତସୂଚୀ	
ନ୍ୟାୟସୂଚୀ	

CC-0. Jangamwadi Math Digital Collection.

ଶ୍ରୀଃ

ଶ୍ରୀଶିବଯୋଗିଶିବାଚାର୍ଯ୍ୟବିରଚିତଃ
ଶ୍ରୀସିଦ୍ଧାନ୍ତଶିଖାମଣିଃ

ଶ୍ରୀମରିତୋଣ୍ଟଦାର୍ଯ୍ୟରଚିତତତ୍ତ୍ୱପ୍ରଦୀପିକାଖ୍ୟୟା ସଂସ୍କୃତଟୀକୟା ଆଚାର୍ଯ୍ୟ-ରାଧେଶ୍ୟାମଚତୁର୍ବେଦିକୃତ 'ଜ୍ଞାନବତୀ' ହିନ୍ଦୀବ୍ୟାଖ୍ୟାୟାଶ୍ଚ ଓଡ଼ିଆବ୍ୟାଖ୍ୟୟାସମ୍ୱଳିତଃ ।

ପ୍ରଥମଃ ପରିଚ୍ଛେଦଃ

ଶ୍ରୀନାଥଃ ସୋମମୂର୍ତ୍ତିର୍ଜୟତି ପରଶିବସ୍ତ୍ୱ୍ୟମ୍ୱକସ୍ତାରରୂପଃ
ସ୍ୱଚ୍ଛଶ୍ରୀବ୍ରହ୍ମରନ୍ଧ୍ରସ୍ଥିତସିତଜଳ ପ୍ରୋଦ୍ୟଦବ୍ଜତ୍ରିକୋଣେ ।
ଇଚ୍ଛାଜ୍ଞାନକ୍ରିୟାଖ୍ୟେ ତ୍ରିବିଧଲିପିମୟେ ହକ୍ଷଲାର୍ଣାଗ୍ରପାର୍ଶ୍ୱେ
କୃସାର୍ଣୌନ୍ମୁଖବିନ୍ଦୌ ଚିଦଚିଦୁଦୟକୃଦ୍ ଦୃକ୍‌କ୍ରିୟାଘ୍ରିଂଦ୍ୱୟାଢ଼୍ୟଃ ।।

ଅନେକବିଧସିଦ୍ଧାନ୍ତଶିଖାମଣିମନାମୟମ୍ ।
ଶ୍ରୀବୀରଶୈବସିଦ୍ଧାନ୍ତମେକୋତ୍ତରଶତସ୍ଥଳମ୍ ।।
ରେଣୁକାଗସ୍ତ୍ୟସମ୍ୱାଦଂ ନିଗମାଗମବିଶ୍ରୁତମ୍ ।
ପ୍ରଦୀପୟତି ଗୁପ୍ତାର୍ଥମୁଦ୍ଧୃତ୍ୟ ଶିବଯୋଗିରାଟ୍ ।।

ଶିବସ୍ତୁତିଃ

ଅତ୍ର କଳିକାଳପ୍ରବେଶାନନ୍ତରଂ ଲୋକହିତାର୍ଥଂ ରେଣୁକଗଣେଶ୍ୱର ଇତି ପ୍ରସିଦ୍ଧୋ ରେବଣସିଦ୍ଧେଶ୍ୱରଃ କୁମ୍ଭସମ୍ଭବାୟବୀରଶୈବଶାସ୍ତ୍ରମୁପଦିଷ୍ଟବାନ୍ । ତଦନନ୍ତରଂ ରେବଣସିଦ୍ଧେଶ୍ୱରଦୃଷ୍ଟିଗର୍ଭସମ୍ଭୂତସିଦ୍ଧରାମେଶ୍ୱରସମ୍ପ୍ରଦାୟପ୍ରସିଦ୍ଧଃ ସକଳ-ନିଗମାଗମପରାଗଃ ଶିବଯୋଗିଶ୍ୱର ଇତ୍ୟଭିଧାନବାନ୍ କଶ୍ଚିନ୍ ମାହେଶ୍ୱରଃ ତଦ୍ରେଣୁକାଗସ୍ତ୍ୟସଂବାଦଂ ନିର୍ବିଘ୍ନେନ ସ୍ୱଶିଷ୍ୟାନ୍ ବୋଧୟିତୁଂ ସ୍ୱମନସି କୃତସକଳ-ସିଦ୍ଧାନ୍ତଶ୍ରେଷ୍ଠନିଗମାଗମୈକ୍ୟଗର୍ଭୀକାଲକ୍ଷଣସ୍ୱେଷ୍ଟଦେବତାନମସ୍କାରରୂପମଙ୍ଗଳଂ ଶିଷ୍ୟଶିକ୍ଷାର୍ଥଂ ସପ୍ତଭିଃ ଶ୍ଳୋକୈର୍ନିବଧ୍ନାତି -

ତ୍ରୈଲୋକ୍ୟସମ୍ପଦାଲେଖ୍ୟସମୁଲ୍ଲେଖନଭିତ୍ତୟେ ।
ସଚ୍ଚିଦାନନ୍ଦରୂପାୟ ଶିବାୟ ବ୍ରହ୍ମଣେ ନମଃ ।। ୧ ।।

ଜଗଦ୍ରୂପମାୟିକସମ୍ପଚ୍ଚିତ୍ରସମୁଲ୍ଲେଖନାଧାରଭିତ୍ତିରୂପାୟ ସଚ୍ଚିଦାନନ୍ଦସ୍ୱରୂପାୟ

CC-0. Jangamwadi Math Digital Collection.

ଜୀବବିଲକ୍ଷଣାୟ ବ୍ରହ୍ମଣେ ବେଦାନ୍ତପ୍ରତିପାଦ୍ୟାୟ ଶିବାୟ ଶିବସିଦ୍ଧାନ୍ତପ୍ରସିଦ୍ଧପରମଶିବାୟ ନମ ଇତ୍ୟର୍ଥଃ ।। ୧ ।।

– ତ୍ରୈଲୋକ୍ୟରୂପୀ ସମ୍ପତ୍ତିର ଚିତ୍ରର ଚିତ୍ରଣର ଆଧାର, ସଚ୍ଚିଦାନନ୍ଦରୂପ ବ୍ୟାପକ ଶିବଙ୍କୁ ନମସ୍କାର ।। ୧ ।।

ବ୍ରହ୍ମେତି ବ୍ୟପଦେଶସ୍ୟ ବିଷୟଂ ଯଂ ପ୍ରଚକ୍ଷତେ ।
ବେଦାନ୍ତିନୋ ଜଗନ୍ମୂଳଂ ତଂ ନମାମି ପରଂ ଶିବମ୍ ।। ୨ ।।

ବ୍ରହ୍ମେତି ବ୍ୟପଦେଶସ୍ୟ ପରବ୍ରହ୍ମେତି ଶବ୍ଦସ୍ୟ ବେଦାନ୍ତିନୋ ଯଂ ପରମାତ୍ମାନଂ ବିଷୟମର୍ଥଂ ପ୍ରଚକ୍ଷତେ, ତଂ ଜଗତ୍କାରଣଂ ପରଶିବଂ ଶିବସିଦ୍ଧାନ୍ତପ୍ରସିଦ୍ଧପରମଶିବଂ ନମାମୀତ୍ୟର୍ଥଃ ।। ୨ ।।

– ବେଦାନ୍ତୀ ଲୋକ ଯାହାଙ୍କୁ ‘ବ୍ରହ୍ମ’ ବ୍ୟବହାରର ବିଷୟ କହନ୍ତି, ସଂସାରର ମୂଳ ସେହି ପରମଶିବଙ୍କୁ ମୁଁ ପ୍ରଣାମ କରୁଛି ।। ୨ ।।

ଯସ୍ୟୋର୍ମିବୁଦ୍‌ବୁଦାଭାସଃ ଷଟ୍‌ତ୍ରିଂଶତ୍ତତ୍ତ୍ୱସଞ୍ଚୟଃ ।
ନିର୍ମଳଂ ଶିବନାମାନଂ ତଂ ବନ୍ଦେ ଚିନ୍ମହୋଦଧିମ୍ ।। ୩ ।।

ଶିବାଦିକ୍ଷିତ୍ୟନ୍ତ ଷଟ୍‌ତ୍ରିଂଶତ୍ତତ୍ତ୍ୱସମୂହୋ ଯସ୍ୟ ପରଶିବାଖ୍ୟଚିତ୍‌ସମୁଦ୍ରସ୍ୟ ଊର୍ମିବୁଦ୍‌ବୁଦାଭାସୋ ଘୃତକାଠିନ୍ୟନ୍ୟାନେନୈକଦେଶେ ତରଙ୍ଗାଦିବଦାଭାତି, ନିର୍ମଳଂ ମଳତ୍ରୟରହିତଂ ଶିବନାମାନଂ ତଂ ଚିନ୍ମହୋଦଧିଂ ବନ୍ଦେ ନମସ୍କରୋମୀତ୍ୟର୍ଥଃ ।।୩।।

– ଛତିଶୀ ତତ୍ତ୍ୱମାନଙ୍କର ସମୂହ ଯାହାର ଢେଉ, ପାଣି ଫୋଟକା (ବୁଦ୍ ବୁଦ୍) ଓ ଆଭାସ ଅଟେ, ଶିବ ନାମକ ସେହି ନିର୍ମଳ ଚିତ୍ ସିନ୍ଧୁଙ୍କର ମୁଁ ବନ୍ଦନା କରୁଛି ।।୩।।

ଯଦ୍‌ଭାସା ଭାସତେ ବିଶ୍ୱଂ ଯତ୍ ସୁଖେନାନୁମୋଦତେ ।
ନମସ୍ତସ୍ମୈ ଗୁଣାତୀତବିଭବାୟ ପରାତ୍ମନେ ।। ୪ ।।

‘ତସ୍ୟ ଭାସା ସର୍ବମିଦଂ ବିଭାତି’[୧] ଇତି ଶ୍ରୁତେର୍ବିଶ୍ୱଂ ଯସ୍ୟ ପରବ୍ରହ୍ମଣଃ ପ୍ରକାଶେନ ପ୍ରକାଶତେ, ‘ଅସ୍ୟୈବାନନ୍ଦସ୍ୟାନ୍ୟାନି ଭୂତାନି ମାତ୍ରାମୁପଜୀବନ୍ତି’[୨] ଇତି ଶ୍ରୁତେଃ ଯତ୍‌ପରବ୍ରହ୍ମସୁଖେନାନୁମୋଦତେ, ତସ୍ମୈ ମାୟିକ ସତ୍ତ୍ୱରଜସ୍ତମୋଗୁଣାତୀତବିଭବାୟ ପରମାତ୍ମନେ ଶିବାୟ ନମ ଇତ୍ୟର୍ଥଃ ।। ୪ ।।

– ଯାହାଙ୍କର ପ୍ରକାଶରେ ବିଶ୍ୱ ପ୍ରକାଶିତ ହୁଏ, ଯାହାଙ୍କର ଆନନ୍ଦରେ ଏହା

---

୧. କଠୋପନିଷଦ୍, ୨/୫/୧୫ ।

୨. ବୃ. ଉ., ୪/୩/୩୨ ।

CC-0. Jangamwadi Math Digital Collection.

ଆନନ୍ଦିତ ହୁଏ, ଗୁଣାତୀତ ତଥା ବୈଭବ ସମ୍ପନ୍ନ ସେହି ପରମାତ୍ମାଙ୍କୁ ନମସ୍କାର ।। ୪ ।।

ସଦାଶିବ ମୁଖାଶେଷତତ୍ତ୍ୱୋନ୍ମେଷବିଧାୟିନେ ।
ନିଷ୍କଳଙ୍କସ୍ୱଭାବାୟ ନମଃ ଶାନ୍ତାୟ ଶମ୍ଭବେ ।। ୫ ।।

ମୟୂରାଣ୍ଡରସନ୍ୟାୟେନ[୩] ସ୍ୱବିମର୍ଶଶକ୍ତିସାମରସ୍ୟାପନ୍ନସଦାଶିବାଦିଭୂମ୍ୟନ୍ତଷଟ୍ – ତ୍ରିଂଶତ୍ତତ୍ତ୍ୱବିଳାସକାରିଣେ ବିଶ୍ୱଦୋଷରହିତସ୍ୱରୂପାୟ ସୁଖଭୋକ୍ତ୍ରେ ସୁଖଧାତ୍ରେ ଶମ୍ଭବେ ନମ ଇତ୍ୟର୍ଥଃ ।। ୫ ।।

– ସଦାଶିବଙ୍କଠାରୁ ଆରମ୍ଭ କରି ପୃଥିବୀ ପର୍ଯ୍ୟନ୍ତ ସମସ୍ତ ତତ୍ତ୍ୱମାନଙ୍କର ଉନ୍ମେଷକର୍ତ୍ତା, ନିଷ୍କଳଙ୍କ ସ୍ୱଭାବ ଶାନ୍ତ ଶମ୍ଭୁଙ୍କୁ ନମସ୍କାର ।। ୫ ।।

ସ୍ୱେଚ୍ଛାବିଗ୍ରହଯୁକ୍ତାୟ ସ୍ୱେଚ୍ଛାବର୍ତନବର୍ତିନେ ।
ସ୍ୱେଚ୍ଛାକୃତତ୍ରିଲୋକାୟ ନମଃ ସାମ୍ବାୟ ଶମ୍ଭବେ ।। ୬ ।।

'ସ୍ଥିରେଭିରଙ୍ଗୈଃ ପୁରୁରୂପ ଉଗ୍ରଃ' ଇତି ଶ୍ରୁତେର୍ଭକ୍ତାନୁଗ୍ରହାର୍ଥଂ ସ୍ୱେଚ୍ଛାକଳ୍ପିତଦିବ୍ୟମଙ୍ଗଳ ବିଗ୍ରହଯୁକ୍ତାୟ ସ୍ୱଚ୍ଛନ୍ଦଧାରିଣେ ସ୍ୱେଚ୍ଛାଶକ୍ତିନିର୍ମିତଲୋକତ୍ରୟାୟ ପାର୍ବତୀପତୟେ ପରଶିବାୟ ନମ ଇତ୍ୟର୍ଥଃ ।। ୬ ।।

– ନିଜର ଇଚ୍ଛାରେ ଶରୀର ଧାରଣ କରୁଥିବା, ନିଜର ଇଚ୍ଛାରେ ହିଁ ବ୍ୟବହାର (ଆଚରଣ) କରୁଥିବା ତଥା ନିଜର ଇଚ୍ଛା ଶକ୍ତିରେ ହିଁ ତ୍ରୈଲୋକ୍ୟର ରଚନା କରୁଥିବା ମାତା ସହିତ ଶିବଙ୍କୁ ନମସ୍କାର ।। ୬ ।।

ଯତ୍ର ବିଶ୍ରାମ୍ୟତୀଶତ୍ୱଂ ସ୍ୱାଭାବିକମନୁତ୍ତମମ୍ ।
ନମସ୍ତସ୍ମୈ ମହେଶାୟ ମହାଦେବାୟ ଶୂଳିନେ ।। ୭ ।।

ଯତ୍ର ବେଦାଗମପ୍ରସିଦ୍ଧପରବ୍ରହ୍ମାଖ୍ୟପରଶିବେ ଅନୁତ୍ତମଂ ବିଶ୍ୱତଃ ଶ୍ରେଷ୍ଠଂ ସ୍ୱାଭାବିକମମାୟୀୟଶତ୍ୱମୁମାମହେଶ୍ୱରତ୍ୱଂ ବିଶ୍ରାମ୍ୟତି ।

ଘୃତକାଠିନ୍ୟବନ୍ମୂର୍ତ୍ତିଃ ସଚ୍ଚିଦାନନ୍ଦଲକ୍ଷଣା ।
ଶିବାଭିଧେନ ସୈବାସ୍ତି ଶିବ ଏବ ହି ସା ସଦା ।।

ଇତି ସୂତଗୀତୋକ୍ତେସ୍ତାଦାତ୍ମ୍ୟଂ ଭଜତେ, ତସ୍ମୈ ମହେଶ୍ୱରାୟ 'ତମୀଶ୍ୱରାଣାଂ ପରମଂ ମହେଶ୍ୱରମ୍' ଇତି ଶ୍ରୁତେର୍ବ୍ରହ୍ମାଦିକାରଣେଶ୍ୱରାୟ ମହାଦେବାୟ ଅପରିମିତ–

---

୩. ଯଥା ମୟୂରନାମ୍ନଃ ପକ୍ଷିଣୋଦ୍ଭବସ୍ୟ ରସେ ନାନାବିଧରାଗବଦ୍ବର୍ହମୟଂ ଶରୀରଂ,ପ୍ରଚ୍ଛନ୍ନଂ ଭବତି, କାଳକ୍ରମେଣ ବହିରାବିର୍ଭବତି, ତଥୈବ ଶିବସ୍ୟ ବିଶ୍ୱୋତ୍ତୀର୍ଣ୍ଣତାଦଶାୟାଂ ସର୍ବଂ ବୈଚିତ୍ର୍ୟମୟଂ ଜଗତ୍ ପରମଶିବେ ପ୍ରଚ୍ଛନ୍ନଂ ସତ୍ ତିଷ୍ଠତି କାଳକ୍ରମେଣ ଚାବିର୍ଭବତି ।

୪. ଅଥ. ଉ. ୨–୩

CC-0. Jangamwadi Math Digital Collection.

ପ୍ରକାଶରୂପାୟ ଶୂଳିନେ ଇଚ୍ଛାଜ୍ଞାନକ୍ରିୟାଶକ୍ତିମୟତ୍ରିଶୂଳିନେ ପରମଶିବାୟ ନମ ଇତ୍ୟର୍ଥଃ । ଅନେନାୟଂ ସିଦ୍ଧାନ୍ତୋ ନିର୍ବିଶେଷବ୍ରହ୍ମାଦ୍ୱୈତଲକ୍ଷଣ ଇତ୍ୟନୁସନ୍ଧେୟଃ । ଏବଂ ବିଧଶ୍ଳୋକସପ୍ତକପ୍ରତିପାଦିତଂ ବସ୍ତୁ ତତ୍‌ପରଂ ବ୍ରହ୍ମ ସ ଏକଃ 'ସ ଏକୋ ରୁଦ୍ରଃ ସ ଈଶାନଃ ସ ଭଗବାନ୍ ସ ମହେଶ୍ୱରଃ ସ ମହାଦେବଃ'[୪] ଇତ୍ୟଥର୍ବଶିର ଉପନିଷଦୁକ୍ତ-ପ୍ରକାରେଣୈକମେବେତି ଶିବାଦ୍ୱୈତଶାସ୍ତ୍ରପ୍ରବୀଣୈରବଗନ୍ତବ୍ୟମ୍ ।

– ଯାହାଙ୍କଠାରେ ଐଶ୍ୱର୍ଯ୍ୟର ପରାକାଷ୍ଠା ଅଛି, ଯିଏ ସ୍ୱଭାବତଃ ସର୍ବୋତ୍ତମ ଅଟନ୍ତି, ତ୍ରିଶୂଳଧାରୀ ସେହି ମହାଦେବ ମହେଶଙ୍କୁ ନମସ୍କାର ।। ୭ ।।

ଶକ୍ତିସ୍ତୁତିଃ

ଏବଂ ବେଦାଗମସମ୍ମତ୍ୟା ସପ୍ତଭିଃ ଶ୍ଳୋକୈଃ ଶିବଂ ନମସ୍କୃତ୍ୟ ତଥୈବ ବେଦାଗମାଦିପ୍ରସିଦ୍ଧନିତ୍ୟସମବେତଶିବଶକ୍ତିଂ ପଞ୍ଚଭିଃ ଶ୍ଳୋକୈଃ ପ୍ରସ୍ତୌତି –

ଯାମାହୁଃ ସର୍ବଲୋକାନାଂ ପ୍ରକୃତିଂ ଶାସ୍ତ୍ରପାରଗାଃ ।
ତାଂ ଧର୍ମଚାରିଣୀଂ ଶମ୍ଭୋଃ ପ୍ରଣମାମି ପରାଂ ଶିବାମ୍ ।। ୮ ।।

ବେଦାଗମାଦିଶାସ୍ତ୍ରପାରଙ୍ଗତାଃ ଶିବଜ୍ଞାନିନୋ ଯାଂ ପରଶିବସମବେତଶକ୍ତିଂ ସର୍ବ-ଲୋକାନାଂ ପ୍ରକୃତିଂ ମୂଳକାରଣୀଭୂତଜ୍ଞାନକ୍ରିୟାସାମରସ୍ୟାତ୍ମିକାମାହୁଃ, ତାଂ ଶମ୍ଭୋର୍ଧର୍ମଚାରିଣୀଂ ଧର୍ମସ୍ୱରୂପାଂ ପରାଂ ସର୍ବୋତ୍କୃଷ୍ଟାଂ ଶିବାଂ ଭବାନୀଂ ପ୍ରଣମାମୀତ୍ୟର୍ଥଃ ।। ୮ ।।

– ଶାସ୍ତ୍ରର ପାରଙ୍ଗତ ବିଦ୍ୱାନ୍ ଯାହାଙ୍କୁ ସମସ୍ତ ଲୋକର ମୂଳକାରଣ ମାନନ୍ତି, ଶିବଙ୍କର ଧର୍ମପତ୍ନୀ ସେହି ପରମା ଶିବାଙ୍କୁ ମୁଁ ପ୍ରଣାମ କରୁଛି ।। ୮ ।।

ଯୟା ମହେଶ୍ୱରଃ ଶମ୍ଭୁର୍ନାମରୂପାଦିସଂଯୁତଃ ।
ତସ୍ୟୈ ମାୟାସ୍ୱରୂପାୟୈ ନମଃ ପରମଶକ୍ତୟେ ।। ୯ ।।

ଯୟା ସ୍ୱସମବେତଶକ୍ତ୍ୟା ମହେଶ୍ୱରୋ ବ୍ରହ୍ମାଦିସର୍ବକାରଣେଶ୍ୱରଃ ଶମ୍ଭୁଃ ଶିବଃ 'ଶଙ୍କୋ' ଯୟା ଶମ୍ଭୁର୍ଭୁକ୍ତୌ ମୁକ୍ତୌ ଚ ପଶୁପଣସ୍ୟାସ୍ୟ ଇତି ତତ୍ତ୍ୱପ୍ରକାଶ ବାକ୍ୟାନୁସାରେଣ ନାମରୂପକ୍ରିୟାବିଶିଷ୍ଟୋ [୫] ଜୀବାନାଂ ଭୁକ୍ତିମୁକ୍ତିପ୍ରଦଃ ସ୍ୟାତ୍, ତସ୍ୟୈ ମାୟାସ୍ୱରୂପାୟୈ 'ମାୟାଂ ତୁ ପ୍ରକୃତିଂ ବିନ୍ଦ୍ୟାନ୍ ମାୟିନଂ ତୁ ମହେଶ୍ୱରମ୍' [୬] ଇତି ଶ୍ରୁତେଃ ପ୍ରତିସ୍ଫୁରଣଗତ୍ୟା

---

୫. ଅସ୍ତି ଭାତି ପ୍ରିୟଂ ନାମ ରୂପଂ ଚେତ୍ୟଂଶପଞ୍ଚକମ୍ ।
ଆଦ୍ୟଂ ତ୍ରୟଂ ବ୍ରହ୍ମରୂପଂ ଜଗଦ୍‌ରୂପମଥ ଦ୍ୱୟମ୍ ।। (ପଞ୍ଚଦଶୀ)

୬. ଶ୍ୱେ. ଉ., ୪/୧୦

CC-0. Jangamwadi Math Digital Collection.

ଜଗଦୁପାଦାନକାରଣୀଭୂତସତ୍ତ୍ୱରଜସ୍ତମୋଗୁଣାତ୍ମମାୟାଖ୍ୟମୂଳପ୍ରକୃତ୍ୟୈ ପରମଶକ୍ତ୍ୟୈ ପରମଶିବସମବେତନିତ୍ୟଶକ୍ତ୍ୟୈ ନମ ଇତ୍ୟର୍ଥଃ।। ୯।।

– ଯାହାଙ୍କ ନିମନ୍ତେ ମହେଶ୍ୱର ନାମ-ରୂପ ଆଦି (ଗୁଣ, ସଂଖ୍ୟା, ପରିମାଣ ଆଦି)ରେ ଯୁକ୍ତ ହୋଇ ଶମ୍ଭୁ କଥିତ ହୁଅନ୍ତି ଅଥବା ଯାହାଙ୍କ ନିମନ୍ତେ ନାମ, ରୂପ ଆଦିରେ ଯୁକ୍ତ ଶମ୍ଭୁ ମହେଶ୍ୱର କଥିତ ହୁଅନ୍ତି, ମାୟାସ୍ୱରୂପା ସେହି ପରମଶକ୍ତିଙ୍କୁ ନମସ୍କାର ।। ୯।।

ଶିବାଦ୍ୟାଦିସମୁତ୍ପନ୍ନଶାନ୍ତ୍ୟତୀତପରୋତ୍ତରାମ୍ ।
ମାତରଂ ତାଂ ସମସ୍ତାନାଂ ବନ୍ଦେ ଶିବକରୀଂ ଶିବାମ୍।। ୧୦।।

ଶିବାତ୍ ପରଶିବାଦାଦ୍ୟାଦିପଟଗତଶୁକ୍ଲତ୍ୱବତ୍ ପୂର୍ବଂ ସମୁତ୍ପନ୍ନନିବୃତ୍ତିପ୍ରତିଷ୍ଠାବିଦ୍ୟା ଶାନ୍ତିଶାନ୍ତ୍ୟତୀତକଳାପରକୁଣ୍ଡଳିନୀଶକ୍ତ୍ୟପେକ୍ଷୟା ଉତ୍ତରାଂ ଶ୍ରେଷ୍ଠାଂ ସମସ୍ତାନାଂ ମାତରଂ ଶିବକରୀଂ ମଙ୍ଗଳକରୀଂ ତାଂ ଶିବାଂ ସର୍ବମଙ୍ଗଳାଂ ନମାମୀତ୍ୟର୍ଥଃ।। ୧୦।।

– ଯିଏ ଶିବଙ୍କଠାରୁ ସର୍ବପ୍ରଥମ ଉତ୍ପନ୍ନ ହେଲେ ତଥା ଶାନ୍ତ୍ୟତୀତ କଳାଠାରୁ ଶ୍ରେଷ୍ଠ ଏବଂ ସମସ୍ତ କଳାମାନଙ୍କଠାରୁ ଉତ୍ତର ଅଥବା ସମସ୍ତ ସୃଷ୍ଟିର ମାତୃସ୍ୱରୂପା ମଙ୍ଗଳକାରିଣୀ, ସେହି ଶିବାଙ୍କର ମୁଁ ବନ୍ଦନା କରୁଛି ।। ୧୦।।

ଇଚ୍ଛାଜ୍ଞାନାଦିରୂପେଣ ଯା ଶମ୍ଭୋର୍ବିଶ୍ୱଭାବିନୀ ।
ବନ୍ଦେ ତାଂ ପରମାନନ୍ଦପ୍ରବୋଧଲହରୀଂ ଶିବାମ୍ ।। ୧୧।।

ଶମ୍ଭୋଃ ପରମେଶ୍ୱରସ୍ୟ ଯା ସମବେତଶକ୍ତିଃ, ଇଚ୍ଛାଜ୍ଞାନାଦିରୂପେଣ
ପରାସ୍ୟ ଶକ୍ତିର୍ବିମଳା ବିତର୍କା ସ୍ୱାଭାବିକୀ ରୁଦ୍ରସମାନଧର୍ମିଣୀ।
ଜ୍ଞାନକ୍ରିୟେଚ୍ଛାଦିସହସ୍ରରୂପା ତନ୍ମେ ମନଃ ଶିବସଂକଳ୍ପମସ୍ତୁ।।[୭]

ଇତି ଶ୍ରୁତେରିଚ୍ଛାଦିରୂପେଣ ବିଶ୍ୱଭାବିନୀ ବିଶ୍ୱପ୍ରକାଶିନୀ, ତାଂ ପରମାନନ୍ଦପ୍ରବୋଧଲହରୀଂ ଚିଦାନନ୍ଦୋଲ୍ଲଣାଂ ଶିବାଂ ବନ୍ଦେ ଇତ୍ୟର୍ଥଃ ।। ୧୧।।

– ଯିଏ ଶିବଙ୍କର ଇଚ୍ଛା ଜ୍ଞାନ ଆଦି (କ୍ରିୟା) ରୂପରେ ବିଶ୍ୱର ପ୍ରକାଶିକା ଅଟନ୍ତି, ପରମାନନ୍ଦ ପ୍ରବୋଧର ଲହଡ଼ି (ଢେଉ) ସ୍ୱରୂପା ସେହି ଶିବାଙ୍କର ମୁଁ ବନ୍ଦନା କରୁଛି ।। ୧୧।।

ଅମୃତାର୍ଥଂ ପ୍ରପନ୍ନାନାଂ ଯା ସୁବିଦ୍ୟାପ୍ରଦାୟିନୀ ।
ଅହର୍ନିଶମହଂ ବନ୍ଦେ ତାମୀଶାନମନୋରମାମ୍ ।। ୧୨।।

ଅମୃତାର୍ଥଂ ମୁକ୍ତ୍ୟର୍ଥଂ ପ୍ରପନ୍ନାନାଂ ଶରଣାଗତାନାଂ ଯା ଶିବସମବେତଶକ୍ତିଃ ସୁବିଦ୍ୟା-

---

୭. ଶି. ସଂ.

CC-0. Jangamwadi Math Digital Collection.

ପ୍ରଦାୟିନୀ 'ବେଦାନ୍ତବାକ୍ୟଜା ବିଦ୍ୟା' ଇତି ସୂତସଂହିତୋକ୍ତେସ୍ତତ୍ତ୍ୱମସ୍ୟାଦି ବେଦାନ୍ତ– ମହାବାକ୍ୟପ୍ରକାଶିତଶିବାଜୀବୈକ୍ୟବିଦ୍ୟାପ୍ରଦାୟିନୀ, ତାଂ ଶିବପ୍ରାଣକାନ୍ତାମହର୍ନିଶଂ ବନ୍ଦେ ନମସ୍କରୋମୀତ୍ୟର୍ଥଃ। 'ଅନନ୍ୟା ସ୍ୟାଚ୍ଛିବା ସୈବ ବସ୍ତୁତୋ ମୂର୍ତ୍ତିରେଶ୍ୱରୀ' ଇତି ପୌଷ୍କରବଚନାଦେତଦ୍ ପଞ୍ଚସୂତ୍ରପ୍ରତିପାଦିତାଂ ଶକ୍ତିଂ ଶିବାଭେଦେନୈବ ପରାମୃଶେଦିତି ।। ୧୨।।

– ଅମରତ୍ୱ ନିମନ୍ତେ ଶରଣରେ ଆସିଥିବା ଭକ୍ତମାନଙ୍କୁ ଯିଏ ସଦ୍‌ବିଦ୍ୟା ଦିଅନ୍ତି ବୋଲି କୁହାଯାଇଛି, ଈଶାନଙ୍କର ମନୋରମା ସେହି ଶିବାନୀଙ୍କର ମୁଁ ଦିନରାତି ବନ୍ଦନା କରୁଛି ।। ୧୨।।

ଗ୍ରନ୍ଥକାରବଂଶବର୍ଣ୍ଣନମ୍

ଏବଂ ସଂଗ୍ରହେଣ ପାର୍ବତୀପରମେଶ୍ୱରୌ ନମସ୍କୃତ୍ୟାଦ୍ଧନନ୍ତରମଷ୍ଟଭିଃ ଶ୍ଳୋକୈଃ ଶିବଯୋଗିବଂଶାନୁଗତାଚାର୍ଯ୍ୟାନ୍ ପ୍ରକଟୟତି –

କଶ୍ଚିଦାଚାରସିଦ୍ଧାନାମଗ୍ରଣୀଃ ଶିବଯୋଗିନାମ୍ ।
ଶିବଯୋଗୀତି ବିଖ୍ୟାତଃ ଶିବଜ୍ଞାନମହୋଦଧିଃ ।। ୧୩।।

ଶିବଯୋଗିନାଂ ମଧ୍ୟେ ଅଗ୍ରଣୀଃ ଶ୍ରେଷ୍ଠଃ ଶିବଜ୍ଞାନମହୋଦଧିଃ ଶିବଜ୍ଞାନସ୍ୟ ସମୁଦ୍ରଃ, କଶ୍ଚିଦ୍ରେବଣସିଦ୍ଧେଶ୍ୱରଦୃଷ୍ଟିଗର୍ଭସମ୍ଭୂତସିଦ୍ଧରାମେଶ୍ୱରଃ, ଆଚାରସିଦ୍ଧାନାଂ ସଦାଚାରସମ୍ପନ୍ନାନାଂ ବଂଶେ ଶିବଯୋଗୀତି ବିଖ୍ୟାତଃ ଆସୀଦିତ୍ୟର୍ଥଃ ।। ୧୩ ।।

– ଆଚାରସିଦ୍ଧ ଶିବଯୋଗୀମାନଙ୍କ ମଧରେ ଅଗ୍ରଣୀ, ଶିବବିଷୟକ ଜ୍ଞାନର ସାଗର କେହି ଶିବଯୋଗୀ ପ୍ରସିଦ୍ଧ ଥିଲେ ।। ୧୩।।

ଶିବଭକ୍ତିସୁଧାସିନ୍ଧୁଜୃମ୍ଭଣାମଳଚନ୍ଦ୍ରିକା ।
ଭାରତୀ ଯସ୍ୟ ବିଦଧେ ପ୍ରାୟଃ କୁବଳୟୋତ୍ସବମ୍ ।। ୧୪।।

ଯସ୍ୟ ଶିବଯୋଗୀତି ପ୍ରସିଦ୍ଧସ୍ୟ ସିଦ୍ଧରାମେଶ୍ୱରସ୍ୟ ଭାରତୀ ବାକ୍ ଶିବଭକ୍ତି – ସୁଧାସମୁଦ୍ରବର୍ଧନସ୍ୟାମଳଚନ୍ଦ୍ରିକାପ୍ରାୟା ଆଧିକ୍ୟେନ କୁବଳୟୋତ୍ସବଂ ଭୂମଣ୍ଡଳାଖ୍ୟ– ନୀଳୋତ୍ପଳସ୍ୟୋତ୍ସବଂ ବିଦଧେ କୃତବତୀତ୍ୟର୍ଥଃ।। ୧୪।।

– ଯାହାଙ୍କର ଶିବଭକ୍ତିରୂପୀ ସୁଧା ସମୁଦ୍ରର ଜୃମ୍ଭଣ ଅର୍ଥାତ୍ ଆନନ୍ଦୋଚ୍ଛଳନ ପାଇଁ ଚନ୍ଦ୍ରିକା ସମାନ (ତୁଲ୍ୟ) ବାଣୀ ପ୍ରାୟଃ କୁବଳୟୋତ୍ସବ (କୁ ପୃଥିବୀ ର ବଳୟର ଉତ୍ସବ) ଅଥବା କୁବଳୟ ଅର୍ଥାତ୍ କମଳର ଉତ୍ସବ କରୁଥିଲା ।। ୧୪।।

CC-0. Jangamwadi Math Digital Collection.

ତଦେବ ବିବୃଣୋତି –

ତସ୍ୟ ବଂଶେ ସମୁତ୍ପନ୍ନୋ ମୁକ୍ତାମଣିରିବାମଲଃ ।
ମୁଦ୍ଦଦେବାଭିଧାଚାର୍ଯ୍ୟୋ ମୂର୍ଧନ୍ୟଃ ଶିବଯୋଗିନାମ୍ ।। ୧୫ ।।

ତସ୍ୟ ସିଦ୍ଧରାମେଶ୍ୱରସ୍ୟ ବଂଶେ ଶିବବେଦିନାଂ ଶିବଜ୍ଞାନିନାଂ ମଧ୍ୟେ ମୂର୍ଧନ୍ୟଃ ଶ୍ରେଷ୍ଠୋ ମୁଦ୍ଦଦେବାଖ୍ୟାଚାର୍ଯ୍ୟୋ ନିର୍ମଲମୁକ୍ତାମଣିରିବ ସମୁତ୍ପନ୍ନଃ, ଉଦ୍ଭୂତ୍ୱାନିତ୍ୟର୍ଥଃ ।। ୧୫ ।।

– ତାଙ୍କର ବଂଶରେ ନିର୍ମଳ ମୁକ୍ତାମଣି ପରି ମୁଦ୍ଦଦେବ ନାମକ ଆଚାର୍ଯ୍ୟ (ଉତ୍ପନ୍ନ) ଜନ୍ମ ହେଲେ ଯେ କି ଶିବଯୋଗୀମାନଙ୍କ ମଧ୍ୟରେ ମୂର୍ଧନ୍ୟ ଥିଲେ ।। ୧୫ ।।

ମୁଦାନାତ୍ ସର୍ବଜନ୍ତୂନାଂ ପ୍ରଣତାନାଂ ପ୍ରବୋଧତଃ ।
ମୁଦ୍ଦଦେବେତି ବିଖ୍ୟାତା ସମାଖ୍ୟା ଯସ୍ୟ ବିଶ୍ରୁତା ।। ୧୬ ।।

ସର୍ବପ୍ରାଣିନାଂ ସନ୍ତୋଷଦାନାତ୍ ପ୍ରଣତାନାଂ ପ୍ରବୋଧନାଦ୍ ମୁଦ୍ଦଦେବେତି ଯସ୍ୟାନ୍ୱର୍ଥରୂଢ଼ିଭ୍ୟାଂ ବିଖ୍ୟାତା ସମାଖ୍ୟା ବିଶ୍ରୁତା ଲୋକପ୍ରସିଦ୍ଧେତ୍ୟର୍ଥଃ ।। ୧୬ ।।

– ଶରଣାଗତ ସମସ୍ତ ଜୀବଙ୍କୁ ଆନନ୍ଦ ଦେବା ଏବଂ ପ୍ରଣତ ଜନଙ୍କୁ ପ୍ରବୁଦ୍ଧ କରିବା ହେତୁ ତାଙ୍କର ମୁଦ୍ଦେବ ନାମ ପ୍ରସିଦ୍ଧ ହେଲା ।। ୧୬ ।।

ତସ୍ୟାସୀନ୍ନନ୍ଦନଃ ଶାନ୍ତଃ ସିଦ୍ଧନାଥାଭିଧଃ ଶୁଚିଃ ।
ଶିବସିଦ୍ଧାନ୍ତନିର୍ଣ୍ଣେତା ଶିବାଚାର୍ଯ୍ୟଃ ଶିବାତ୍ମକଃ ।। ୧୭ ।।

ତସ୍ୟ ମୁଦ୍ଦଦେବସ୍ୟ ଶୁଚିଃ ପବିତ୍ରଃ ଶାନ୍ତଃ ରାଗଦ୍ୱେଷରହିତଃ, ଶିବାତ୍ମକଃ ଶିବସ୍ୱରୂପଃ, ଶିବସିଦ୍ଧାନ୍ତନିର୍ଣ୍ଣେତା ତ୍ରିପଦାର୍ଥଚତୁଷ୍ପାଦଯୁକ୍ତ ଶିବାଗମାର୍ଥନିର୍ଣ୍ଣାୟକଃ, ଶିବାଚାର୍ଯ୍ୟଃ ଶିବସମୟସ୍ଥାପନାଚାର୍ଯ୍ୟଃ, ସିଦ୍ଧନାଥାଭିଧଃ ସିଦ୍ଧରାମେଶ୍ୱରାଭିଧାସଂଯୁକ୍ତଃ ସିଦ୍ଧନାଥାଚାର୍ଯ୍ୟାଖ୍ୟୋ ନନ୍ଦନଃ କୁମାର ଆସୀଦଭବଦିତ୍ୟର୍ଥଃ ।। ୧୭ ।।

– ତାଙ୍କର ସିଦ୍ଧନାଥ ନାମକ ପୁତ୍ର ହେଲେ ଯିଏ କି ଶିବାତ୍ମକ ଏବଂ ଶିବସିଦ୍ଧାନ୍ତର ନିର୍ଣ୍ଣାୟକ ଶିବାଚାର୍ଯ୍ୟ ଥିଲେ ।। ୧୭ ।।

ବୀରଶୈବଶିଖାରତ୍ନଂ ବିଶିଷ୍ଟାଚାରସମ୍ପଦମ୍ ।
ଶିବଜ୍ଞାନ ମହାସିନ୍ଧୁଂ ଯଂ ପ୍ରଶଂସନ୍ତି ଦେଶିକାଃ ।। ୧୮ ।।

ବିଶିଷ୍ଟାଚାରସମ୍ପଦଂ ସଦାଚାରସମ୍ପନ୍ନଂ ଶିବଜ୍ଞାନମହାସିନ୍ଧୁଂ ଯଂ ସିଦ୍ଧନାଥାଚାର୍ଯ୍ୟଂ ଦେଶିକା ଆଚାର୍ଯ୍ୟା ବୀରଶୈବଶିଖାରତ୍ନଂ ବୀରଶୈବାନାଂ ଶିରୋମଣିଂ ଶ୍ରେଷ୍ଠଂ ସନ୍ତଂ ପ୍ରଶଂସନ୍ତି କଥୟନ୍ତୀତ୍ୟର୍ଥଃ ।। ୧୮ ।।

– ଆଚାର୍ଯ୍ୟଗଣ ଯାହାଙ୍କର ପ୍ରଶଂସା ବୀରଶୈବଚୂଡାମଣି, ବିଶିଷ୍ଟ ଆଚାରଯୁକ୍ତ ତଥା ଶିବଜ୍ଞାନ ମହାସିନ୍ଧୁ ରୂପରେ କରୁଥିଲେ ।। ୧୮ ।।

CC-0. Jangamwadi Math Digital Collection.

ଯସ୍ୟାଚାର୍ଯ୍ୟକୁଳାଜ୍ଜାତା ସତାମାଚାରମାତୃକା ।
ଶିବଭକ୍ତିଃ ସ୍ଥିରା ଯସ୍ମିନ୍ ଜଜ୍ଞେ ବିଗତବିପ୍ଳବା ।। ୧୯ ।।

ସତାଂ ସତ୍‌ପୁରୁଷାଣାମ୍ ଆଚାରମାତୃକା ଯସ୍ୟ ସିଦ୍ଧନାଥାଚାର୍ଯ୍ୟସ୍ୟ ଆଚାର୍ଯ୍ୟକୁଳାଦ୍ ଆଚାର୍ଯ୍ୟବଂଶାଦ୍ ଜାତା । ବିଗତବିପ୍ଳବା ବିଗତଦୋଷା ଶିବଭକ୍ତିରଷ୍ଟବିଧା ଯସ୍ମିନ୍ ସ୍ଥିରା ଜଜ୍ଞେ ଜାତେତ୍ୟର୍ଥଃ ।। ୧୯ ।।

– ଯାହାଙ୍କର ଆଚାର୍ଯ୍ୟକୁଳରେ ଉତ୍ପନ୍ନ ତଥା ସଜ୍ଜନମାନଙ୍କର ଆଚାରର ଜନନୀ ଶିବଭକ୍ତି ଉପଦ୍ରବ ରହିତ ହୋଇ ଯାହାଙ୍କଠାରେ ସ୍ଥିର ହୋଇଗଲା ।। ୧୯ ।।

ତସ୍ୟ ବୀରଶିବାଚାର୍ଯ୍ୟଶିଖାରତ୍ନସ୍ୟ ନନ୍ଦନଃ ।
ଅଭବଚ୍ଛିବଯୋଗୀତି ସିନ୍ଧୋରିବ ସୁଧାକରଃ ।। ୨୦ ।।

ବୀରଶୈବଶିଖାମଣେସ୍ତସ୍ୟ ସିଦ୍ଧନାଥାଚାର୍ଯ୍ୟସ୍ୟ ନନ୍ଦନଃ କୁମାରଃ, ସିନ୍ଧୋଃ ସମୁଦ୍ରସ୍ୟ ସୁଧାକର ଇବ ଶିବଯୋଗୀତି ଆସୀଦ୍ ପ୍ରସିଦ୍ଧୋ ଜାତ ଇତ୍ୟର୍ଥଃ ।। ୨୦ ।।

– ବୀରଶୈବ ଶିବାଚାର୍ଯ୍ୟମାନଙ୍କର ମୁକୁଟମଣି ଭାବରେ ବିଦ୍ୟମାନ ସେହି ସିଦ୍ଧନାଥଙ୍କର ସମୁଦ୍ରରୁ ଚନ୍ଦ୍ରମା ପରି ଶିବଯୋଗୀ ନାମକ ପୁତ୍ର ହେଲେ ।। ୨୦ ।।

ଅଥୈତଚ୍ଛାସ୍ତ୍ରସଂଗ୍ରହକର୍ତ୍ତାଽଦ୍ୱୟଂ ଶିବଯୋଗୀ ଦ୍ୱାଦଶସୂତ୍ରୈଃ ସ୍ୱନାମପ୍ରଶଂସାପୂର୍ବକଂ ଶାସ୍ତ୍ରବତାରକ୍ରମଂ ନିରୂପୟତି –

ଚିଦାନନ୍ଦପରାକାଶଶିବାନୁଭବଯୋଗତଃ ।
ଶିବଯୋଗୀତି ନାମୋକ୍ତିର୍ଯସ୍ୟ ଯାଥାର୍ଥ୍ୟ ଯୋଗିନୀ ।। ୨୧ ।।

ଯସ୍ୟ ଆଚାର୍ଯ୍ୟସ୍ୟ 'ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ'[୮] 'ଆକାଶଶରୀରଂ ବ୍ରହ୍ମ'[୯] ଇତ୍ୟାଦି ଶ୍ରୁତେଶ୍ଚିଦାନନ୍ଦପରାକାଶରୂପଶିବାନୁଭବଯୋଗାତ୍ ଶିବଯୋଗୀତି ନାମୋକ୍ତିର୍ଯାଥାର୍ଥ୍ୟ ଯୋଗିନୀ ଯଥାର୍ଥେନ ସଂଯୁକ୍ତା ଭବତୀତ୍ୟର୍ଥଃ ।। ୨୧ ।।

– ଚିଦାନନ୍ଦ ସଂବଳିତ ପରାକାଶରୂପୀ ଶିବତତ୍ତ୍ୱର ଅନୁଭବରେ ଯୁକ୍ତ ହୋଇଥିବା ହେତୁ 'ଶିବଯୋଗୀ' ନାମ ଯାହାଙ୍କର ସାର୍ଥକ ହୋଇଥିଲା ।। ୨୧ ।।

ଶିବାଗମପରିଜ୍ଞାନପରିପାକସୁଗନ୍ଧିନା ।
ଯଦୀୟକୀର୍ତ୍ତିପୁଷ୍ପେଣ ବାସିତଂ ହରିତାଂ ମୁଖମ୍ ।। ୨୨ ।।

ଉକ୍ତଲକ୍ଷଣଶିବାଗମପରିଜ୍ଞାନପରିପାକସୁଗନ୍ଧିନା ଯଦୀୟକୀର୍ତ୍ତିପୁଷ୍ପେଣ ଯସ୍ୟାଚାର୍ଯ୍ୟସ୍ୟ କୀର୍ତ୍ତିକୁସୁମେନ ହରିତାଂ ଦିଶାଂ ମୁଖଂ ବାସିତଂ ପୋଷିତମିତ୍ୟର୍ଥଃ ।। ୨୨ ।।

---

୮. ତୈ. ଉ., ୨/୧/୧
୯. ତୈ. ଉ., ୧/୬/୨

CC-0. Jangamwadi Math Digital Collection.

– ଶୈବାଗମର ପରିପୂର୍ଣ୍ଣ ଜ୍ଞାନର ପରିପୂର୍ଣ୍ଣ ପାକରେ ସୁଗନ୍ଧଯୁକ୍ତ ଯାହାଙ୍କର କୀର୍ତ୍ତିରୂପୀ ପୁଷ୍ପରେ ସମସ୍ତ ଦିଗର ମୁଖ ସଦା ବାସିତ (ସୁଗନ୍ଧିତ) ହେଉଥିଲା ।। ୨୨ ।।

ଯେନ ରକ୍ଷାବତୀ ଜାତା ଶିବଭକ୍ତିଃ ସନାତନୀ ।
ବୁଦ୍ଧାଦିପ୍ରତିସିଦ୍ଧାନ୍ତମହାଧ୍ୱାନ୍ତାଂଶୁମାଳିନା ।। ୨୩ ।।

ବୌଦ୍ଧାଦିଶିବସମୟପ୍ରତିକୂଳସିଦ୍ଧାନ୍ତାନ୍ଧକାରଚଣ୍ଡକିରଣେନ ଯେନାଚାର୍ଯ୍ୟେଣ ସନାତନୀ ଶିବଭକ୍ତୀ ରକ୍ଷାବତୀ ଜାତା ରକ୍ଷିତାଦ୍ଧଭୂଦିତ୍ୟର୍ଥଃ ।। ୨୩ ।।

– ବୌଦ୍ଧ ଆଦିର ପ୍ରତିକୂଳ ସିଦ୍ଧାନ୍ତରୂପୀ ମହାଅନ୍ଧକାର ନିମନ୍ତେ ସୂର୍ଯ୍ୟ ସମାନ ଯାହାଙ୍କ ଦ୍ୱାରା ସନାତନୀ ଶିବଭକ୍ତିର ରକ୍ଷା ହେଲା ।। ୨୩ ।।

ସ ମହାବୀରଶୈବାନାଂ ଧର୍ମମାର୍ଗପ୍ରବର୍ତ୍ତକଃ ।
ଶିବତତ୍ତ୍ୱପରିଜ୍ଞାନଚନ୍ଦ୍ରିକାବୃତଚନ୍ଦ୍ରମାଃ ।। ୨୪ ।।

ଶିବତତ୍ତ୍ୱଜ୍ଞାନରୂପଚନ୍ଦ୍ରିକାବୃତଚନ୍ଦ୍ରମାଃ ସ ଶିବଯୋଗୀ ମହାବୀରଶୈବାନାଂ ଧର୍ମମାର୍ଗପ୍ରବର୍ତ୍ତକଃ ତଦୀୟାଚାରମାର୍ଗ ଏବ ବର୍ତ୍ତନବାନିତ୍ୟର୍ଥଃ ।। ୨୪ ।।

– ଶିବତତ୍ତ୍ୱର ପରିପୂର୍ଣ୍ଣ ଜ୍ଞାନରୂପୀ ଚନ୍ଦ୍ରିକାରେ ଆବୃତ ସେହି ଶିବଯୋଗୀ ମହାବୀର ଶୈବମାନଙ୍କର ଧର୍ମମାର୍ଗର ପ୍ରବର୍ତ୍ତକ ହେଲେ ।। ୨୪ ।।

ଆଲୋକ୍ୟ ଶୈବତନ୍ତ୍ରାଣି କାମିକାଦ୍ୟାନି ସାଦରମ୍ ।
ବାତୁଲାନ୍ତାନି ଶୈବାନି ପୁରାଣାନ୍ୟଖିଳାନି ତୁ ।। ୨୫ ।।

କାମିକାଦିବାତୁଲାନ୍ତଶୈବତନ୍ତ୍ରାଣି ଶୈବାନ୍ୟଖିଳାନି ପୁରାଣାନି ଚ ପ୍ରୀତିଯୁକ୍ତଂ ଯଥା ଭବତି ତଥା ଆଲୋକ୍ୟ ।। ୨୫ ।।

– ସେ କାମିକଠାରୁ ଆରମ୍ଭ କରି ବାତୁଳାନ୍ତ ଶୈବତନ୍ତ୍ର, ସମସ୍ତ ଶୈବପୁରାଣ ମାନଙ୍କର ଆଦର ସହିତ ଅଧ୍ୟୟନ କରି ବୀରଶୈବ ମହାତନ୍ତ୍ରର ରଚନା କଲେ ।। ୨୫ ।।

ବେଦମାର୍ଗାବିରୋଧେନ ବିଶିଷ୍ଟାଚାରସିଦ୍ଧୟେ ।
ଅସନ୍ମାର୍ଗନିରାସାୟ ପ୍ରମୋଦାୟ ବିବେକିନାମ୍ ।। ୨୬ ।।

ବୈଦିକମାର୍ଗାବିରୋଧେନ ସଦାଚାରସିଦ୍ଧୟେ ଦୁର୍ଜନଜୈନବୌଦ୍ଧାଦିଶାସ୍ତ୍ରମାର୍ଗ–ନିରାସାୟ ବେଦାଗମବିବେକିନାଂ ସନ୍ତୋଷାୟ ।। ୨୬ ।।

– ଏହି ରଚନା ବୈଦିକମାର୍ଗର ବିରୋଧ ନ କରି ବିଶିଷ୍ଟ ଆଚାରର ସିଦ୍ଧି, ଅସତ୍ ମାର୍ଗକୁ ଦୂର କରିବା ତଥା ଜ୍ଞାନୀମାନଙ୍କର ପ୍ରମୋଦ ପାଇଁ କରାଯାଇଥିଲା ।। ୨୬ ।।

ସର୍ବସ୍ୱଂ ବୀରଶୈବାନାଂ ସକଳାର୍ଥପ୍ରକାଶନମ୍ ।
ଅସ୍ପୃଷ୍ଟମଖିଳୈର୍ଦୋଷୈରାଦୃତଂ ଶୁଦ୍ଧମାନସୈଃ ।। ୨୭ ।।

CC-0. Jangamwadi Math Digital Collection.

ବୀରଶୈବାନାଂ ସର୍ବସ୍ୱଂ ସମସ୍ତାର୍ଥପ୍ରକାଶକଂ ସମସ୍ତଦୋଷୈରସଂସ୍ପୃଷ୍ଟଂ ଶୁଦ୍ଧମାନସୈର୍ନିଗମାଗମଜ୍ଞାନିଭିରାଦୃତଂ ସନ୍ତୋଷିତମ୍ ।। ୨୭ ।।

– ବୀରଶୈବମାନଙ୍କର ସର୍ବସ୍ୱ, ସମସ୍ତ ତତ୍ତ୍ୱମାନଙ୍କର ପ୍ରକାଶକ ତଥା ସମ୍ପୂର୍ଣ୍ଣ ଦୋଷଗୁଡ଼ିକରୁ ମୁକ୍ତ ଏହି ଗ୍ରନ୍ଥର ଶୁଦ୍ଧ ଅନ୍ତଃକରଣ ଯୁକ୍ତ ବିଦ୍ୱାନମାନେ ଆଦର କଲେ ।। ୨୭ ।।

ତ୍ୱେଷାଗମେଷୁ ସର୍ବେଷୁ ପୁରାଣେଷ୍ୱଖିଳେଷୁ ଚ ।
ପୁରା ଦେବେନ କଥିତଂ ଦେବ୍ୟୈତନ୍ନନ୍ଦନାୟ ଚ ।। ୨୮ ।।

ପୂର୍ବୋକ୍ତାଗମପୁରାଣେଷୁ ଶିବେନ ଦେବୈତନ୍ନନ୍ଦନାୟ ଷଣ୍ମୁଖାୟାନୁଗୃହ୍ୟ କଥିତମ୍।। ୨୮ ।।

– ପ୍ରାଚୀନକାଳରେ ସମସ୍ତ ଆଗମ ତଥା ସମ୍ପୂର୍ଣ୍ଣ ପୁରାଣଶାସ୍ତ୍ରରେ ବର୍ଣ୍ଣିତ ଏହି ସିଦ୍ଧାନ୍ତକୁ ଭଗବାନ୍ ଶିବ ଦେବୀ ପାର୍ବତୀ ଏବଂ ତାଙ୍କର ପୁତ୍ର (କାର୍ତ୍ତିକେୟ)ଙ୍କୁ କହିଥିଲେ ।। ୨୮ ।।

ତତ୍ସମ୍ପ୍ରଦାୟସିଦ୍ଧେନ ରେଣୁକେନ ମହାତ୍ମନା ।
ଗଣେଶ୍ୱରେଣ କଥିତମଗସ୍ତ୍ୟାୟ ପୁନଃ କ୍ଷିତୌ ।। ୨୯ ।।

ତତ୍ସମ୍ପ୍ରଦାୟସିଦ୍ଧେନ ମହାତ୍ମନା ରେଣୁକଗଣାଧୀଶ୍ୱରେଣ ପୁନଃ କ୍ଷିତାବଗସ୍ତ୍ୟାୟ କଥିତମ୍ ।। ୨୯ ।।

– ସେହି ଶିବ ସମ୍ପ୍ରଦାୟରେ ପ୍ରସିଦ୍ଧ ମହିମାଶାଳୀ ଗଣେଶ୍ୱର ରେଣୁକ ଏହି ଶାସ୍ତ୍ରକୁ ପୃଥିବୀଲୋକରେ ମହର୍ଷି ଅଗସ୍ତିଙ୍କୁ ବତାଇଲେ ।। ୨୯ ।।

ବୀରଶୈବମହାତନ୍ତ୍ରମେକୋତ୍ତରଶତସ୍ଥଳମ୍ ।
ଅନୁଗ୍ରହାୟ ଲୋକାନାମଭ୍ୟଧାତ୍ ସୁଧିୟାଂ ବରଃ ।। ୩୦ ।।

ଏକୋତ୍ତରଶତସ୍ଥଳଂ ପିଣ୍ଡାଦିଜ୍ଞାନଶୂନ୍ୟାନ୍ତୈରେକୋତ୍ତରଶତସ୍ଥଳଂ ବୀରଶୈବସିଦ୍ଧାନ୍ତଂ ଲୋକାନାମନୁଗ୍ରହାୟ ନିର୍ମଳଜ୍ଞାନିନାଂ ମଧ୍ୟେ ଶ୍ରେଷ୍ଠଃ ଶିବଯୋଗିନାମ୍ନା ପ୍ରଖ୍ୟାତାଚାର୍ଯ୍ୟଃ, ଅଭ୍ୟଧାତ୍ ସଂଗ୍ରହେଣ ପ୍ରକଟିତବାନିତ୍ୟର୍ଥଃ ।। ୩୦ ।।

– ମନୀଷିମାନଙ୍କ ମଧ୍ୟରେ ଶ୍ରେଷ୍ଠ ଶିବାଚାର୍ଯ୍ୟ ଶିବଯୋଗୀ ଏକ ଶହ ଏକ ସ୍ଥଳ (ବିଷୟ) ଯୁକ୍ତ ବୀରଶୈବ ମହାତନ୍ତ୍ରର ମନୁଷ୍ୟମାନଙ୍କ ଉପରେ ଅନୁଗ୍ରହ କରି ବର୍ଣ୍ଣନ କଲେ ।। ୩୦ ।।

ସର୍ବେଷାଂ ଶୈବତନ୍ତ୍ରାଣାମୁତ୍ତରତ୍ୱାନ୍ନିରୁତ୍ତରମ୍ ।
ନାମ୍ନା ପ୍ରତୀୟତେ ଲୋକେ ଯତ୍ସିଦ୍ଧାନ୍ତଶିଖାମଣିଃ ।। ୩୧ ।।

CC-0. Jangamwadi Math Digital Collection.

ଯଦ୍ୱୀରଶୈବତନ୍ତ୍ରଂ ସର୍ବେଷାଂ ଶୈବତନ୍ତ୍ରାଣାମୁତ୍ତରତ୍ୱାଦ୍ ନିରୁତ୍ତରଂ ସ୍ୱସ୍ମାଦୁତ୍ତରହିତଂ ସତ୍ ସିଦ୍ଧାନ୍ତଶିଖାମଣିରିତି ନାମ୍ନା ଲୋକେ ପ୍ରତୀୟତେ ପ୍ରତିଭାତୀତ୍ୟର୍ଥଃ ।। ୩୧ ।।

– ସମସ୍ତ ଶୈବତନ୍ତ୍ରମାନଙ୍କର ଉତ୍ତର (ଅନ୍ତିମ) ହୋଇ ଥିବାରୁ ନିରୁତ୍ତର ଏହି ଗ୍ରନ୍ଥ ଲୋକରେ ସିଦ୍ଧାନ୍ତଶିଖାମଣି ନାମରେ ପ୍ରସିଦ୍ଧ ଅଟେ । ଯେପରି ଶିଖା ଉପରେ ଶରୀରର ଅନ୍ୟ କୌଣସି ଅଙ୍ଗ ନ ହେବାରୁ ତାହା ଉପରେ ଲଗାଯାଇଥିବା ମଣି ସର୍ବୋପରି ହୁଏ, ସେହିପରି ଏହି ଗ୍ରନ୍ଥ ବୀରଶୈବ ସିଦ୍ଧାନ୍ତର ଚର୍ଚ୍ଚା କରୁଥିବା ସର୍ବଶ୍ରେଷ୍ଠ ଗ୍ରନ୍ଥ ଅଟେ ।। ୩୧ ।।

ଅନୁଗତସକଳାର୍ଥେ ଶୈବତନ୍ତ୍ରୈଃ ସମସ୍ତୈଃ
ପ୍ରକଟିତଶିବବୋଧାଦ୍ୱୈତଭାବପ୍ରସାଦେ ।
ବିଦଧତୁ ମତିମସ୍ମିନ୍ ବୀରଶୈବା ବିଶିଷ୍ଟାଃ
ପଶୁପତିମତସାରେ ପଣ୍ଡିତଶ୍ଳାଘନୀୟେ ।। ୩୨ ।।

ଇତି ଶ୍ରୀସିଦ୍ଧାନ୍ତଶିଖାମଣୌ ପ୍ରଥମ ପରିଚ୍ଛେଦଃ ।। ୧ ।।

ସମସ୍ତୈର୍ବୀରଶୈବତନ୍ତ୍ରୈରନୁଗତସମସ୍ତରହସ୍ୟାର୍ଥେ ପ୍ରକଟିତଶିବାଦ୍ୱୈତଜ୍ଞାନ ସମରସଭାବପ୍ରସନ୍ନତାଯୁକ୍ତେ ଶିବସିଦ୍ଧାନ୍ତସାରେ ବିଦ୍ୱଦ୍‌ଭିଃ ସ୍ତୂୟମାନେଽସ୍ମିନ୍ ସିଦ୍ଧାନ୍ତଶିଖାମଣୌ ବିଶିଷ୍ଟାଃ ଶ୍ରେଷ୍ଠା ବୀରଶୈବା ବୀରଶୈବାଚାର୍ଯ୍ୟା ମତିଂ ବିଦଧତୁ କୁର୍ବନ୍ତ୍ୱିତ୍ୟର୍ଥଃ ।। ୩୨ ।।

– ହେ ବିଶିଷ୍ଟ ବୀରଶୈବ ଲୋକମାନେ, ସମସ୍ତ ଶୈବତନ୍ତ୍ରମାନଙ୍କର ତତ୍ତ୍ୱକୁ ନିଜ ଭିତରେ ସମାହିତ କରି ରଖିଥିବା, ଶିବଜ୍ଞାନର ଅଦ୍ୱୈତଭାବର ଆନନ୍ଦକୁ ପ୍ରକଟ କରୁଥିବା ପାଶୁପତମତର ସାରଭୂତ ତଥା ପଣ୍ଡିତମାନଙ୍କଦ୍ୱାରା ପ୍ରଶଂସିତ ଏହି ଗ୍ରନ୍ଥର ଅଧ୍ୟୟନ ବିଷୟରେ ନିଜର ମନ ଲଗାନ୍ତୁ ।। ୩୨ ।।

ଇତି ଶ୍ରୀମଦ୍‌ପଦବାକ୍ୟପ୍ରମାଣପାରାବାରଧୁରୀଣଶ୍ରୀମରିତୋଣ୍ଟଦାର୍ଯ୍ୟେଣ ବିରଚିତାୟାଂ ତତ୍ତ୍ୱପ୍ରଦୀପିକାଖ୍ୟାୟାଂ ସିଦ୍ଧାନ୍ତଶିଖାମଣିବ୍ୟାଖ୍ୟାୟାଂ ଅନୁକ୍ରମବର୍ଣ୍ଣନ ନାମକଃ ପ୍ରଥମଃ ପରିଚ୍ଛେଦଃ ।। ୧ ।।

ଏହିପରି ଶ୍ରୀସିଦ୍ଧାନ୍ତଶିଖାମଣିର ଅନୁକ୍ରମବର୍ଣ୍ଣନ ନାମକ ପ୍ରଥମ ପରିଚ୍ଛେଦର ଆଚାର୍ଯ୍ୟ
ରାଧେଶ୍ୟାମଚତୁର୍ବେଦୀ କୃତ 'ଜ୍ଞାନବତୀ' ହିନ୍ଦୀ ବ୍ୟାଖ୍ୟାର
ଓଡ଼ିଆ ଅନୁବାଦ ପୂର୍ଣ୍ଣ ହେଲା ।। ୧ ।।

❖❖❖

CC-0. Jangamwadi Math Digital Collection.

ଦ୍ୱିତୀୟଃ ପରିଚ୍ଛେଦଃ

ଅଥ ଶିବଯୋଗିନାମାଚାର୍ଯ୍ୟଃ ସୂତ୍ରଦ୍ୱୟେନ ନିଗମାଗମସମ୍ମତ୍ୟା ପାର୍ବତୀପରମେଶ୍ୱରୌ ପ୍ରଣମତି –

ସଚ୍ଚିଦାନନ୍ଦରୂପାୟ ସଦସଦ୍ବ୍ୟକ୍ତିହେତବେ ।
ନମଃ ଶିବାୟ ସାମ୍ବାୟ ସଗଣାୟ ସ୍ୱୟମ୍ଭୁବେ ।। ୧ ।।

ସଦସଦ୍ବ୍ୟକ୍ତିହେତବେ ଭାବାଭାବମଣ୍ଡଳପ୍ରପଞ୍ଚାବିର୍ଭାବକାରଣାୟ ଭବାନୀପତୟେ ପ୍ରଥମଗଣସହିତାୟ ସ୍ୱୟମ୍ଭୁବେ ଅୟୋନିଜାୟ ସଚ୍ଚିଦାନନ୍ଦରୂପାୟ ଶିବାୟ ନମ ଇତ୍ୟର୍ଥଃ ।। ୧ ।।

– ସଚ୍ଚିଦାନନ୍ଦରୂପ ସତ୍ ଅର୍ଥାତ୍ ଭାବ ଅର୍ଥାତ୍ ପାରମେଶ୍ୱର ସ୍ୱରୂପ ତଥା ଅସତ୍ ଅର୍ଥାତ୍ ଅଭାବ ଅର୍ଥାତ୍ ଜାଗ୍ରତ-ସ୍ୱାପ୍ନ-ପ୍ରପଞ୍ଚ ଅଥବା ପ୍ରାତିଭାସିକ ଏବଂ ବ୍ୟାବହାରିକ ପ୍ରପଞ୍ଚର ଅଭିବ୍ୟକ୍ତିର କାରଣ, ସ୍ୱୟମ୍ଭୂଗଣମାନଙ୍କ ସହିତ ସାମ୍ବ ଶିବଙ୍କୁ ମୁଁ ନମସ୍କାର କରୁଛି ।। ୧ ।।

ସଦାଶିବ ମୁଖାଶେଷତତ୍ତ୍ୱମୌକ୍ତିକଶୁକ୍ତିକାମ୍ ।
ବନ୍ଦେ ମାହେଶ୍ୱରୀଂ ଶକ୍ତିଂ ମହାମାୟାଦିରୂପିଣୀମ୍ ।। ୨ ।।

ସଦାଶିବାଦିଭୂମ୍ୟନ୍ତଷଟ୍ତ୍ରିଂଶତ୍ତତ୍ତ୍ୱମୌକ୍ତିକୋତ୍ପତ୍ତିଶୁକ୍ତିରୂପାଂ ଶୁଦ୍ଧବିଦ୍ୟାଖ୍ୟ-ମହାମାୟାପ୍ରକୃତିରୂପିଣୀଂ ଶିବସମବେତଶକ୍ତିଂ ଭବାନୀଂ ବନ୍ଦେ ନୌମୀତ୍ୟର୍ଥଃ।। ୨ ।।

– ସଦାଶିବ ତତ୍ତ୍ୱଠାରୁ ପୃଥିବୀ ପର୍ଯ୍ୟନ୍ତ ସମସ୍ତ ତତ୍ତ୍ୱରୂପୀ ମୋତିମାନଙ୍କର ଶୁକ୍ତିସ୍ୱରୂପା ମହାମାୟା ଆଦିରୂପ ମହେଶ୍ୱରଙ୍କର ଶକ୍ତିକୁ ମୁଁ ବନ୍ଦନା କରୁଛି ।। ୨ ।।

ଅଥ ବିଶ୍ୱସୃଷ୍ଟିକ୍ରମମୁପପାଦୟିତୁଂ ଚତୁର୍ଭି ସୂତ୍ରୈର୍ବସ୍ତୁନିର୍ଦ୍ଦେଶଂ କରୋତି –

ଅସ୍ତି ସଚ୍ଚିତ୍ ସୁଖାକାରମଲକ୍ଷଣପଦାସ୍ପଦମ୍ ।
ନିର୍ବିକଳ୍ପଂ ନିରାକାରଂ ନିରସ୍ତାଶେଷବିପ୍ଲବମ୍ ।। ୩।।

ସଚ୍ଚିଦାନନ୍ଦସ୍ୱରୂପଂ ଚିହ୍ନଶୂନ୍ୟପଦାସ୍ପଦଂ ଭେଦରହିତମ୍ ଆକାରଶୂନ୍ୟଂ ନିବାରିତ ସକଳୋପପ୍ଲବମ୍ ।। ୩।।

– (ପରବ୍ରହ୍ମ) ସତ୍-ଚିତ୍-ଆନନ୍ଦରୂପ, ଲକ୍ଷଣରହିତ, ନିର୍ବିକଳ୍ପ, ନିରାକାର ଏବଂ ସମସ୍ତ ଉପଦ୍ରବକୁ ନିରସ୍ତ କରିବାବାଲା ପରଶିବ ବ୍ରହ୍ମ ଅଟନ୍ତି ।। ୩।।

ପରିଚ୍ଛେଦକଥାଶୂନ୍ୟଂ ପ୍ରପଞ୍ଚାତୀତ ବୈଭବମ୍ ।
ପ୍ରତ୍ୟକ୍ଷାଦିପ୍ରମାଣାନାମଗୋଚରପଦେ ସ୍ଥିତମ୍ ।। ୪।।

CC-0. Jangamwadi Math Digital Collection.

ବିଚ୍ଛିନ୍ନ ପ୍ରସଙ୍ଗରହିତମପ୍ରାକୃତବୈଭବ ରୂପରସାଦ୍ୟଭାବେନ ପ୍ରତ୍ୟକ୍ଷପ୍ରମାଣାଗମ୍ୟମ୍ ଅତ ଏବାନୁମାନାଦ୍ୟଗମ୍ୟମ୍, ତେଷାମପି ପ୍ରତ୍ୟକ୍ଷମୂଳତ୍ୱାତ୍ ପରିଚ୍ଛିନ୍ନତ୍ୱାଚ୍ଚ ।। ୪।।

– ସେହି ବ୍ରହ୍ମ ପରିସୀମନ ବାର୍ତ୍ତାରୁ ରହିତ, ପ୍ରପଞ୍ଚରୁ ଉର୍ଦ୍ଧ୍ୱରେ, ବୈଭବବାଲା, ତଥା ପ୍ରତ୍ୟକ୍ଷ, ଅନୁମାନ ଆଦି ପ୍ରମାଣମାନଙ୍କର ଅବିଷୟ ଅଟେ। କାରଣ ଅନୁମାନ ଆଦି ପ୍ରମାଣ ମଧ୍ୟ ପ୍ରତ୍ୟକ୍ଷମୂଳକ ଏବଂ ପରିଚ୍ଛିନ୍ନ ଅଟନ୍ତି ।। ୪।।

ସ୍ୱପ୍ରକାଶଂ ବିରାଜନ୍ତମନାମୟମନୌଗମମ୍ ।
ସର୍ବଜ୍ଞଂ ସର୍ବଗଂ ଶାନ୍ତଂ ସର୍ବଶକ୍ତି ନିରଙ୍କୁଶମ୍ ।। ୫।।

ସ୍ୱପ୍ରକାଶେନୈବ[୧୦] ପ୍ରକାଶମାନଂ ଜନନମରଣାଦିଦୋଷରହିତମ୍, ଉପମାତୀତଂ ସର୍ବଜ୍ଞଂ ସର୍ବାନୁସ୍ୟୂତଂ ରାଗଦ୍ୱେଷରହିତଂ ସର୍ବସାମର୍ଥ୍ୟମ୍ ଅନର୍ଗଳଂ ନିରୋଧରହିତମିତି ଯାବତ୍ ।। ୫।।

– ସେ (ବ୍ରହ୍ମ) ସ୍ୱପ୍ରକାଶ, ବିଶେଷରୂପରେ ଦୀପ୍ୟମାନ, ନିର୍ମଳ, ନିରୁପମେୟ, ସର୍ବଜ୍ଞ, ସର୍ବବ୍ୟାପୀ, ଶାନ୍ତ, ସର୍ବଶକ୍ତି ସମ୍ପନ୍ନ ତଥା ସ୍ୱତନ୍ତ୍ର ଅଟେ ।। ୫।।

ଶିବରୁଦ୍ରମହାଦେବଭବାଦି ପଦସଂଜ୍ଞିତମ୍ ।
ଅଦ୍ୱିତୀୟମନିର୍ଦ୍ଦେଶ୍ୟଂ ପରଂବ୍ରହ୍ମ ସନାତନମ୍ ।। ୬।।

ଶିବରୁଦ୍ରାଦ୍ୟନେକପଦସଂଜ୍ଞିତଂ ଦ୍ୱିତୀୟଶୂନ୍ୟମବାଚ୍ୟଂ ନିତ୍ୟଂ ପରଂ ବ୍ରହ୍ମ ଅସ୍ତି । ଅସ୍ତୀତ୍ୟଙ୍ଗୀକରଣୀୟମ୍, ଅନ୍ୟଥା ଜଗଦାନ୍ଧ୍ୟପ୍ରସଙ୍ଗାତ୍ ।

ଅସନ୍ନେବ ସ ଭବତି ଅସଦ୍ ବ୍ରହ୍ମେତି ବେଦ ଚେତ୍ ।
ଅସ୍ତି ବ୍ରହ୍ମେତି ଚେଦ୍ୱେଦ ସନ୍ତମେନ ତତୋ ବିଦୁଃ[୧୧] ।।

ଇତି ଶ୍ରୁତେଃ ।। ୬ ।।

– ସେହି ପରଂବ୍ରହ୍ମ ଶିବ, ରୁଦ୍ର, ମହାଦେବ, ଭବ ଆଦି ପଦଦ୍ୱାରା ଜଣାଯାଉଥିବା ଅଦ୍ୱିତୀୟ ଅନିର୍ଦ୍ଦେଶ୍ୟ ଏବଂ ସନାତନ ଅଟନ୍ତି ।। ୬।।

ଅଥୈକବିଧକ୍ରିୟାଶକ୍ତିମତଃ ପରବ୍ରହ୍ମଣଃ ସକାଶାତ୍ 'ସଦେବ ସୌମ୍ୟେଦମଗ୍ର ଆସୀତ୍'[୧୨] ଇତି ଶ୍ରୁତେର୍ବୀଜାଙ୍କୁରନ୍ୟାୟେନ ବିଶ୍ୱସୃଷ୍ଟିପ୍ରକାରଂ ଦର୍ଶୟତି –

ତତ୍ର ଲୀନମଭୂଦ୍ ପୂର୍ବଂ ଚେତନା ଚେତନଂ ଜଗତ୍ ।
ସ୍ୱାମ୍ଲୀନଂ ଜଗତ୍କାର୍ଯ୍ୟଂ ସ୍ୱପ୍ରକାଶ୍ୟଂ ତଦଦ୍ଭୁତମ୍ ।। ୭।।

---

୧୦. ସ୍ୱପ୍ରକାଶତ୍ୱଂ ନାମ ସ୍ୱସ୍ୟ ପ୍ରକାଶକତ୍ୱେ ସତି ପରପ୍ରକାଶକତ୍ୱମ୍ ।
୧୧. ତୈ. ଉ., ୨/୬/୧
୧୨. ଛା. ଉ., ୬/୨/୧

CC-0. Jangamwadi Math Digital Collection.

ତତ୍ର ତସ୍ମିନ୍ନୁକ୍ତଲକ୍ଷଣେ ପରବ୍ରହ୍ମଣି ଚରାଚରମୟଂ ବିଶ୍ୱଂ ପୂର୍ବଂ ସୃଷ୍ଟେଃ ପ୍ରାଗ୍ ଲୀନମ୍ ଅନୁଭୟେନ୍ଦ୍ରିୟଗୋଚରତ୍ୱେନ ତାଦାତ୍ମ୍ୟେନ ସ୍ଥିତଂ ତଦଦ୍ଭୁତମାଶ୍ଚର୍ଯ୍ୟମ୍ । ଅନନ୍ତରମିତି ଶେଷଃ, ସ୍ୱାମ୍ଲୀନଂ ସ୍ୱାମ୍ଶକ୍ତିଲୀନଂ ଜଗଦ୍ ଯୋଗ୍ୟୋଗାଦାନାନ୍ତରରାହିତ୍ୟେନ ସ୍ୱପ୍ରକାଶ୍ୟଂ ଦ୍ୱିତୀୟସ୍ୟାଭାବାତ୍ ସ୍ୱେନୈବ ପ୍ରକାଶ୍ୟଂ ସତ୍ କାର୍ଯ୍ୟମୁଭୟେନ୍ଦ୍ରିୟ-ଗୋଚରତ୍ୱେନ[୧୩] କର୍ତ୍ତୁଂ ଯୋଗ୍ୟମଭୂଦିତ୍ୟର୍ଥଃ ।। ୭ ।।

- ସୃଷ୍ଟିର ପୂର୍ବରୁ ଏହି ଜଡ଼ ଚେତନ ଜଗତ୍ ସେଠାରେ (ବ୍ରହ୍ମରେ) ଲୀନ ଥିଲା । ଏହି ଜଗତ୍‌ରୂପୀ ଅଦ୍‌ଭୂତ କାର୍ଯ୍ୟ ସ୍ୱାମ୍ ଅର୍ଥାତ୍ ପରବ୍ରହ୍ମରେ ଲୀନ ହୋଇ ମଧ୍ୟ ସ୍ୱପ୍ରକାଶ୍ୟ ଅର୍ଥାତ୍ ସ୍ୱୟଂ ପରଂବ୍ରହ୍ମ ଦ୍ୱାରା ପ୍ରକାଶ୍ୟ ଅଟେ ।। ୭ ।।

ଅଥ ଘୃତକାଠିନ୍ୟନ୍ୟାୟେନ ବିଶ୍ୱସୃଷ୍ଟ୍ୟୁନ୍ମୁଖୀଭୂତ ଶିବଶକ୍ତିସ୍ୱରୂପଂ ସୂତ୍ର-ଷଟ୍‌କେନ ପ୍ରଦର୍ଶୟତି -

ଶିବାଭିଧଂ ପରଂବ୍ରହ୍ମ ଜଗନ୍ନିର୍ମାତୁମିଚ୍ଛୟା ।
ସ୍ୱରୂପମାଦଧେ କିଞ୍ଚିଦ୍ ସୁଖାସ୍ଫୂର୍ତ୍ତିବିଜୃମ୍ଭିତମ୍ ।। ୮ ।।

ଶିବାଖ୍ୟଂ ପରଂବ୍ରହ୍ମ ବିଶ୍ୱସୃଷ୍ଟ୍ୟର୍ଥଂ ସ୍ୱେଚ୍ଛୟା ସୁଖବାହୁଲ୍ୟୋଚ୍ଛୂନଂ କିଞ୍ଚିତ୍ ସ୍ୱରୂପମଙ୍ଗୀଚକାରେତ୍ୟର୍ଥଃ ।। ୮ ।।

- ଶିବ ନାମକ ଏହି ପରଂବ୍ରହ୍ମ ଜଗତ୍ ରଚନାର ଇଚ୍ଛାରେ କିଛି ଆନନ୍ଦ ମିଶ୍ରିତ ଉଲ୍ଲାସରେ ଯୁକ୍ତ ସ୍ୱରୂପକୁ ଧାରଣ କଲେ ।। ୮ ।।

ତତ୍ ସ୍ୱରୂପଂ କୁଳକେଂ[୧୪] (ବିଶେଷକେ) ନାହ -

ନିରସ୍ତ ଦୋଷସମ୍ବନ୍ଧଂ ନିରୁପାଧିକମବ୍ୟୟମ୍ ।
ଦିବ୍ୟମପ୍ରାକୃତଂ ନିତ୍ୟଂ ନୀଳକଣ୍ଠଂ ତ୍ରିଲୋଚନମ୍ ।। ୯ ।।

ନିରସ୍ତଜରାମରଣାଦିସକଳଦୋଷସମ୍ବନ୍ଧଂ ସ୍ୱାତିରିକ୍ତାବିଦ୍ୟାଦ୍ୟୁପାଧିଶୂନ୍ୟଂ ନାଶରହିତମତ ଏବ ନିତ୍ୟଂ କାଳତ୍ରୟାବାଧ୍ୟମିତ୍ୟର୍ଥଃ । ଅପ୍ରାକୃତଂ ପ୍ରକୃତି ସମ୍ବନ୍ଧ-ରହିତଂ ନୀଳକଣ୍ଠଂ ତ୍ରିଲୋଚନମ୍ ।। ୯ ।।

- ସେହି ସ୍ୱରୂପ ଦୋଷଦ୍ୱାରା ଅସମ୍ବନ୍ଧ ଉପାଧି ରହିତ, ନାଶ ରହିତ ଅର୍ଥାତ୍

---

୧୩. ଉଭୟେନ୍ଦ୍ରିୟ ଗୋଚରତା ର ତାତ୍ପର୍ଯ୍ୟ - ମନ ଏବଂ ଯେ କୌଣସି ଗୋଟିଏ ଜ୍ଞାନେନ୍ଦ୍ରିୟ ଦ୍ୱାରା ବାହ୍ୟ ଜଗତର ଜ୍ଞାନ ହୋଇଥାଏ । ସୁଖ ଦୁଃଖ ଆଦି ଆନ୍ତର ବିଷୟ କେବଳ ମନ ଦ୍ୱାରା ଜାଣି ହୋଇଥାଏ ।

୧୪. ଦ୍ୱାଭ୍ୟାଂ ତୁ ଯୁଗ୍ମକଂ ଜ୍ଞେୟଂ ତ୍ରିଭିର୍ଜ୍ଞେୟଂ ବିଶେଷକମ୍ ।
କପାଳକଂ ଚତୁର୍ଭିଃ ସ୍ୟାତ୍ତଦୂର୍ଦ୍ଧ୍ୱଂ କୁଳକଂ ସ୍ମୃତମ୍ ।। (ସୁ. କୁ. ଟୀ.)

CC-0. Jangamwadi Math Digital Collection.

ନିତ୍ୟ ଦିବ୍ୟ ଅପ୍ରାକୃତ ନୀଳକଣ୍ଠ ଏବଂ ତ୍ରିଲୋଚନ ଥିଲା ।। ୯ ।।

ଚନ୍ଦ୍ରାର୍ଧଶେଖରଂ ଶୁଦ୍ଧଂ ଶୁଦ୍ଧସ୍ଫଟିକସନ୍ନିଭମ୍ ।
ଶୁଦ୍ଧମୁକ୍ତାଫଳାଭାସମୁପାସ୍ୟଂ ଗୁଣମୂର୍ତ୍ତିଭିଃ ।। ୧୦ ।।

ଚନ୍ଦ୍ରଖଣ୍ଡଶେଖରଂ ଶୁଦ୍ଧଂ ପବିତ୍ରଂ ଶୁଦ୍ଧସ୍ଫଟିକସଙ୍କାଶଂ ନିର୍ମଳମୁକ୍ତାମଣିପ୍ରଭଂ ଗୁଣମୂର୍ତ୍ତିଭିର୍ବ୍ରହ୍ମାଦିଭିରୁପାସ୍ୟମ୍ ।। ୧୦ ।।

– ମସ୍ତକ ଉପରେ ଅର୍ଦ୍ଧଚନ୍ଦ୍ରବାଲା, ଶୁଦ୍ଧ, ଶୁଦ୍ଧସ୍ଫଟିକ ସମାନ ସ୍ୱଚ୍ଛ ଏବଂ ଦେଦୀପ୍ୟମାନ, ଶୁଦ୍ଧ ମୋତି ପରି ତଥା ଗୁଣମୂର୍ତ୍ତିମାନଙ୍କ ଅର୍ଥାତ୍ (ତିନି) ତ୍ରିମୂର୍ତ୍ତି (ବ୍ରହ୍ମା, ବିଷ୍ଣୁ, ରୁଦ୍ର) ଦ୍ୱାରା (ଏହି ଶିବ) ଉପାସ୍ୟ ଥିଲେ ।। ୧୦ ।।

ବିଶୁଦ୍ଧଜ୍ଞାନକରଣଂ ବିଷୟଂ ସର୍ବଯୋଗିନାମ୍ ।
କୋଟିସୂର୍ଯ୍ୟପ୍ରତୀକାଶଂ ଚନ୍ଦ୍ରକୋଟିସମପ୍ରଭମ୍ ।। ୧୧ ।।
ଅପ୍ରାକୃତ ଗୁଣାଧାରମନନ୍ତମହିମାସ୍ପଦମ୍ ।

ଦିବ୍ୟଂ ସ୍ତୁତ୍ୟଂ ନିର୍ମଳଜ୍ଞାନମୟ ଚକ୍ଷୁରାଦିକରଣପ୍ରପଞ୍ଚଂ ଯୋଗିନାଂ ପ୍ରତ୍ୟକ୍ଷଂ କୋଟି–ସୂର୍ଯ୍ୟପ୍ରକାଶଂ ଚନ୍ଦ୍ରକୋଟିସମାଭାସମପ୍ରାକୃତାନନ୍ତକଲ୍ୟାଣଗୁଣାଶ୍ରୟମତିଦୁର୍ଘଟ–କାରିତାଦ୍ୟନେକମହିମାଧାରଂ କିଞ୍ଚିତ୍ ସ୍ୱରୂପମାଦଧ ଇତି ପୂର୍ବେଣ ସମ୍ବନ୍ଧଃ ।।୧୧ ।।

– ବିଶୁଦ୍ଧ ଜ୍ଞାନର ଅସାଧାରଣ କାରଣ, ସମସ୍ତ ଯୋଗୀମାନଙ୍କର ଧ୍ୟାନର ବିଷୟ, କୋଟି ସୂର୍ଯ୍ୟଙ୍କ ପରି ଦେଦୀପ୍ୟମାନ, କୋଟି ଚନ୍ଦ୍ରମା ପରି କାନ୍ତିଯୁକ୍ତ, ପ୍ରାକୃତିକ ଗୁଣମାନଙ୍କଠାରୁ ଭିନ୍ନ, ସର୍ବଜ୍ଞତା–ତୃପ୍ତି–ଅନାଦି ବୋଧ[୧୫] ଆଦି ଗୁଣମାନଙ୍କର ଆଧାର ତଥା ଅନନ୍ତ ମହିମାବାଲା ଥିଲେ ।। ୧୧ ।।

ଅଥ ଶିବସ୍ୟ ଶକ୍ତିସ୍ୱରୂପଂ ପ୍ରକଟୟତି –

ତଦୀୟା ପରମା ଶକ୍ତିଃ ସଚ୍ଚିଦାନନ୍ଦଲକ୍ଷଣା ।। ୧୨ ।।
ସମସ୍ତଲୋକନିର୍ମାଣସମବାୟସ୍ୱରୂପିଣୀ ।

ତଦୀୟା ପରଶିବସମ୍ବନ୍ଧିନୀ ପରମା ଶକ୍ତିଃ ପରାରୂପା ବିମର୍ଶଶକ୍ତିଃ ସଚ୍ଚିଦାନନ୍ଦଲକ୍ଷଣା, ଅସ୍ତୀତି ଶେଷଃ ।। ୧୨ ।।

ତଦିଚ୍ଛୟାଦ୍ଧଭବତ୍ ସାକ୍ଷାତ୍ତତ୍ସ୍ୱରୂପାନୁସାରିଣୀ ।। ୧୩ ।।

'ଅହମସ୍ମି' ଇତି ଶ୍ରୁତେଃ ଅସ୍ମିନ୍ ପ୍ରକାଶେ ନନ୍ଦାମୀତ୍ୟନୁତ୍ପନ୍ନମକୋଲ୍ଲାସା–

---

୧୫. ସର୍ବଜ୍ଞତା ତୃପ୍ତିରନାଦିବୋଧଃ ସ୍ୱତନ୍ତ୍ରତା ନିତ୍ୟମଲୁପ୍ତଶକ୍ତିଃ ।
ଅନନ୍ତଶକ୍ତିଶ୍ଚ ବିଭୋର୍ବିଧିଜ୍ଞା ଆହୁଃ ଷଡ଼ଙ୍ଗାନି ମହେଶ୍ୱରସ୍ୟ ।। (ବାୟୁ. ପୁ.)

CC-0. Jangamwadi Math Digital Collection.

କର୍ମକାକ୍ରମୋଦ୍‌ଗତମସ୍ଫୁର୍ତ୍ତିରୂପାଣି ସମସ୍ତଲୋକନିର୍ମାଣେ ପୂର୍ବୋକ୍ତପ୍ରକାରେଣ 'ନାସତୋ ବିଦ୍ୟତେ ଭାବଃ'[୧୬] ଇତି ଭଗବଦୁକ୍ତେଃ ସ୍ୱାତ୍ମନ୍ୟଣ୍ଡରସନ୍ୟାୟେନାହମିତ୍ୟ ବିଭାଗପରାମର୍ଶାତ୍ମନାନୁଭୟେନ୍ଦ୍ରିୟଗୋଚରତ୍ୱେନ ସ୍ଥିତସ୍ୟ ବିଶ୍ୱସ୍ୟେଦନ୍ତାଲକ୍ଷଣବିଭାଗ-ପରାମର୍ଶମୟସୃଷ୍ଟିଲୀଳାୟାଂ ସ୍ୱସ୍ୱାତନ୍ତ୍ର୍ୟମହିମ୍ନା ଭେଦାଭେଦଂ ପ୍ରତିପାଦ୍ୟ ବୃକ୍ଷଗତଫଳପୁଷ୍ପାଦି ନ୍ୟାୟେନ ବିକାରରାହିତ୍ୟେନ ସମବାୟସ୍ୱରୂପିଣୀ ଉପାଦାନକାରଣୀଭୂତା ଭବତି (ନ୍ତୀ)। ପୁନଃ ସ୍ୱାନ୍ତରାକର୍ଷଣଲକ୍ଷଣସଂହାରଲୀଳାୟା ତଦିଚ୍ଛୟା କୂର୍ମଭଙ୍ଗିନ୍ୟାୟେନ ସ୍ୱକିରଣାୟମାନଜ୍ଞାନକ୍ରିୟାଶକ୍ତିଦ୍ୱାରା ସର୍ବଂ ସ୍ୱାତ୍ମନ୍ୟାକୃଷ୍ୟ ସାକ୍ଷାଦପରୋକ୍ଷେଣାହମିତି ତଦ୍ ସ୍ୱରୂପାନୁକାରିଣୀ ଶିବାଭିନ୍ନସ୍ୱରୂପିଣୀ ଅଭବଦ୍, ଭବତୀତ୍ୟର୍ଥଃ । ନ ଚ ଭେଦାଭେଦୟୋର୍ବିରୋଧ ଇତି ବାଚ୍ୟମ୍, ତଦ୍‌ଭେଦସ୍ୟ ସ୍ୱାତନ୍ତ୍ର୍ୟପିରକଳ୍ପିତତ୍ୱାଦ୍, ସ୍ୱାଭାବିକଭେଦାଭେଦୟୋରେବ ବିରୋଧାତ୍, ସମାନ ସତ୍ତାକୟୋରିତି ଯାବତ୍, ଭଗବତଃ ଶକ୍ତେରଘଟନଘଟନାପଟୀୟସ୍ତ୍ୱାଦ୍ । ତଦେତଦଗ୍ରେ ତତ୍ର ତତ୍ର ସ୍ଫୁଟୀ ଭବିଷ୍ୟତୀତି ନୈଷ (ନାତ୍ର) ବିସ୍ତରଃ । ଦେବଃ କ୍ରୀଡ଼ାଶୀଳ ଇତ୍ୟର୍ଥଃ ।। ୧୩।।

– ତାଙ୍କର ସତ୍-ଚିତ୍-ଆନନ୍ଦ ଲକ୍ଷଣଯୁକ୍ତ ପରମାଶକ୍ତି ଯାହାକି ସମସ୍ତ ଲୋକ ନିର୍ମାଣର ସମବାୟରୂପା ଅଟନ୍ତି, ତାଙ୍କର ଇଚ୍ଛାରେ ତାଙ୍କର ସ୍ୱରୂପ ପରି ହୋଇଗଲା ।। ୧୨-୧୩।।

ବିମର୍ଶ – ପରମେଶ୍ୱରଙ୍କର ଶକ୍ତି ନିଜର ମୂଳ ରୂପରେ କ୍ରମ ରହିତ ହୋଇଥିଲେ ମଧ୍ୟ ସର୍ବପ୍ରଥମ ମୟୂରାଣ୍ଡରସନ୍ୟାୟରେ ସଂସାରକୁ ନିଜ ମଧ୍ୟରେ ନିଜଠାରୁ ଅଭିନ୍ନ ଭାବରେ ଗ୍ରହଣ କରେ । ତଦ୍‌ପଶ୍ଚାଦ୍ ଯେପରି ପତ୍ର-ପୁଷ୍ପ-ଫଳ-ଶାଖା ଆଦି ପୃଥକ୍ ପୃଥକ୍ ହେଲେ ମଧ୍ୟ 'ଅୟମେକୋ ବୃକ୍ଷଃ' କୁହାଯାଏ, ସେପରି ତାହା ଏହି ବିଶ୍ୱକୁ ଅନେକ ରୂପଯୁକ୍ତ ହେଲେ ମଧ୍ୟ ଏକ ରୂପରେ ପ୍ରକାଶିତ କରେ । ଏହାପରେ ସ୍ୱେଚ୍ଛାରେ କଇଁଚ ପରି ନିଜର ଅଙ୍ଗଭୂତ ଏହି ସଂସାରକୁ ନିଜ ଭିତରେ ସଂହରଣ କରି ନିଏ । ଏ ସବୁ କିଛି ପରମେଶ୍ୱର ନିଜର ସ୍ୱତନ୍ତ୍ର ଶକ୍ତିରେ କରନ୍ତି । ତାଙ୍କର ଶକ୍ତି ଲୌକିକ ଦୃଷ୍ଟିରେ ଅସମ୍ଭବକୁ ମଧ୍ୟ ସମ୍ଭବ କରିପାରେ ।

ଏବଂ ଶିବଶକ୍ତିସ୍ୱରୂପଂ ନିରୂପ୍ୟାଥ । 'ସ ଐକ୍ଷତ ଲୋକାନସୃଜତ'[୧୭] 'ଯଥାପୂର୍ବମକଳ୍ପୟତ୍'[୧୮] ଇତ୍ୟାଦିଶ୍ରୁତ୍ୟୁକ୍ତ ପ୍ରକାରେଣ ସୃଷ୍ଟିକ୍ରମଂ ନିରୂପୟତି –

---

୧୬. ଭ. ଗୀ., ୨/୧୬

୧୭. ଐ. ଉ., ୧/୧-୨

୧୮. ଋ. ସଂ., ୧୦/୧୯୦/୩

CC-0. Jangamwadi Math Digital Collection.

ଜଗତ୍ ସିସୃକ୍ଷୁଃ ପ୍ରଥମଂ ବ୍ରହ୍ମାଣଂ ସର୍ବଦେହିନାମ୍ ।
କର୍ତ୍ତାରଂ ସର୍ବଲୋକାନାଂ ବିଦଧେ ବିଶ୍ୱନାୟକଃ ।। ୧୪।।

ଲୋକାନାଂ ଚତୁର୍ଦ୍ଦଶଭୁବନାନାଂ ଦେହିନାଂ ତତ୍ତଲ୍ଲୋକମାଶ୍ରିତ୍ୟ ବିଦ୍ୟମାନାନାଂ ପ୍ରାଣିନାମିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ । ଅସ୍ମିନ୍ନର୍ଥେ – 'ବିଶ୍ୱାଧିକୋ ରୁଦ୍ରୋ ମହର୍ଷିଃ । ହିରଣ୍ୟଗର୍ଭଂ ଜନୟାମାସ ପୂର୍ବମ୍' ଇତି ଯାଜୁଷଶ୍ରୁତେଃ ।। ୧୪।।

– ବିଶ୍ୱନାୟକ ଭଗବାନ୍ ସର୍ବଜ୍ଞ ସର୍ବଶକ୍ତିମାନ୍ ଶମ୍ଭୁ ସଂସାରର ରଚନା କରିବା ଇଚ୍ଛାରେ ସର୍ବପ୍ରଥମ ସମସ୍ତ ଲୋକମାନଙ୍କର ସମସ୍ତ ଜୀବମାନଙ୍କର କର୍ତ୍ତା ବ୍ରହ୍ମାଙ୍କର ରଚନା କଲେ ।। ୧୪।।

ଅଥ – 'ଯୋ ବ୍ରହ୍ମାଣଂ ବିଦଧାତି ପୂର୍ବଂ ଯୋ ବୈ ବେଦାଂଶ୍ଚ ପ୍ରହିଣୋତି ତସ୍ମୈ[୧୯]' ଇତି ଶ୍ୱେତାଶ୍ୱତରଶ୍ରୁତ୍ୟର୍ଥଂ ପ୍ରକଟୟତି –

ତସ୍ମୈ ପ୍ରଥମପୁତ୍ରାୟ ଶଙ୍କରଃ ଶକ୍ତିମାନ୍ ବିଭୁଃ ।
ସର୍ବଜ୍ଞଃ ସକଳା ବିଦ୍ୟାଃ ସାନୁଗ୍ରହମୁପାଦିଶତ୍ ।। ୧୫।।

ଶକ୍ତିମାନ୍ ସମବେତଶକ୍ତିମାନିତ୍ୟର୍ଥଃ । ଅନୁଗ୍ରହେଣ ସହିତଂ ଯଥା ଭବତି ତଥା ବେଦାଦିସକଳଶାସ୍ତ୍ରମୁପଦିଷ୍ଟବାନିତ୍ୟର୍ଥଃ ।। ୧୫।।

– ସର୍ବଜ୍ଞ, ଶକ୍ତିମାନ୍ ତଥା ବ୍ୟାପକ ଭଗବାନ୍ ଶଙ୍କର ତାଙ୍କର ସେହି ପ୍ରଥମ ପୁତ୍ରକୁ ସମସ୍ତ ବିଦ୍ୟାଗୁଡ଼ିକୁ ଅନୁଗ୍ରହ ପୂର୍ବକ ଉପଦେଶ ଦେଲେ ।। ୧୫।।

ସମସ୍ତ ଲେକାନ୍ନିର୍ମାତୁଂ ସମୁଦ୍ୟମପରୋଽଭବତ୍ ।
କୃତୋଦ୍ୟୋଗୋଽପି ନିର୍ମାଣେ ଜଗତାଂ ଶଙ୍କରାଜ୍ଞୟା ।
ଅଜ୍ଞାତୋପାୟସମ୍ପତ୍ତେରଭବନ୍ମାୟୟାବୃତଃ ।। ୧୬।।

ବିଶ୍ୱ ନିୟାମକ ମହାଦେବଙ୍କଠାରୁ ବିଦ୍ୟା ପ୍ରାପ୍ତ ବ୍ରହ୍ମା ସମସ୍ତ ଲୋକର ନିର୍ମାଣରେ ତତ୍ପର ହେଲେ । ଶଙ୍କରଙ୍କ ଆଜ୍ଞାରେ ସଂସାର ନିର୍ମାଣର ପ୍ରଯତ୍ନ କଲେ ମଧ୍ୟ ଉପାୟଗୁଡ଼ିକୁ ନ ଜାଣି ଥିବାରୁ ସେ ମାୟାରେ ଆବୃତ ଅର୍ଥାତ୍ କିଂକର୍ତ୍ତବ୍ୟବିମୂଢ଼ ହୋଇଗଲେ ।। ୧୬।।

ବିଧାତୁମଖିଳାନ୍ ଲୋକାନୁପାୟ ପ୍ରାପ୍ତୁମିଚ୍ଛୟା ।
ପୁନସ୍ତଂ ପ୍ରାର୍ଥୟାମାସ ଦେବଦେବଂ ତ୍ରିୟମ୍ବକମ୍ ।। ୧୭।।

– ସମସ୍ତ ଲୋକର ରଚନା ନିମନ୍ତେ ଉପାୟ ପ୍ରାପ୍ତ କରିବାର ଇଚ୍ଛାରେ ବ୍ରହ୍ମା ପୁନଃ ସେହି ଦେବାଧିଦେବ ତ୍ରିଲୋଚନଙ୍କୁ ପ୍ରାର୍ଥନା କଲେ ।। ୧୭।।

ଅଥ ତତ୍ପ୍ରାର୍ଥନପ୍ରକାରଂ ଦର୍ଶୟତି –

---

୧୯. ଶ୍ୱେ. ଉ., ୬/୧୮

CC-0. Jangamwadi Math Digital Collection.

ନମସ୍ତେ ଦେବଦେବେଶ ନମସ୍ତେ କରୁଣାକର ।
ଅସ୍ମଦାଦିଜଗତ୍‌ସର୍ବନିର୍ମାଣ ନ ବିଧିକ୍ଷମ ।। ୧୮ ।।
ଉପାୟଂ ବଦ ମେ ଶମ୍ଭୋ ଜଗତ୍ ସୃଷ୍ଟଃ, ଜଗତ୍‌ପତେ ।
ସର୍ବଜ୍ଞଃ ସର୍ବଶକ୍ତିସ୍ତ୍ୱଂ ସର୍ବକର୍ତ୍ତା ସନାତନଃ ।। ୧୯ ।।

ଅତ୍ରୋପାୟକଥନେ ସର୍ବଜ୍ଞ ଇତ୍ୟାଦିକଂ ହେତୁଗର୍ଭବିଶେଷଣମ୍ ।। ୧୯ ।।

– ଏଠାରେ ବ୍ରହ୍ମାଙ୍କଦ୍ୱାରା କରାଯାଇଥିବା ପ୍ରାର୍ଥନାକୁ ବଢ଼ାଉଛନ୍ତି – ହେ ଦେବଦେବେଶ ଆପଣଙ୍କୁ ନମସ୍କାର । ହେ କରୁଣାକର ! ମୋଠାରୁ ଆରମ୍ଭ କରି ସମସ୍ତ ଜଗତର ସୃଷ୍ଟି କରିବାରେ ସକ୍ଷମ ଆପଣଙ୍କୁ ନମସ୍କାର ।। ୧୮ ।।

– ହେ ଶମ୍ଭୁ ! ହେ ସଂସାରର ସ୍ୱାମୀ ! ମତେ ଉପାୟ ବତାନ୍ତୁ, କାରଣ ଆପଣ ହେଉଛନ୍ତି ସର୍ବଜ୍ଞାତା, ସର୍ବଶକ୍ତିମାନ୍, ସର୍ବକର୍ତ୍ତା ଏବଂ ସନାତନ ।। ୧୯ ।।

ସର୍ବଜ୍ଞ ଆଦି ଯେଉଁ ବିଶେଷଣ, ତାହା ଉପାୟ କଥନର କାରଣ ବତାଉଛି ।

ଇତି ସମ୍ପ୍ରାର୍ଥିତଃ ଶମ୍ଭୁର୍ବ୍ରହ୍ମଣା ବିଶ୍ୱନାୟକଃ ।
ଉପାୟମବଦତ୍ ତସ୍ମୈ ଲୋକସୃଷ୍ଟି ପ୍ରବର୍ତ୍ତନମ୍ ।। ୨୦ ।।
ଉପାୟମୀଶ୍ୱରେଣୋକ୍ତଂ ଲବ୍ଧ୍ୱାଦପି ଚତୁରାନନଃ ।
ନ ସମର୍ଥୋଦ୍ଭବତ୍ କର୍ତ୍ତୁଂ ନାନାରୂପମିଦଂ ଜଗତ୍ ।। ୨୧ ।।

ବିଶ୍ୱନିର୍ମାଣେ ଶିବେନ ଲବ୍ଧୋପାୟବାନପି ବ୍ରହ୍ମା ନ ସମର୍ଥୋଦ୍ଭବତ୍ । କୁତ ଇତ୍ୟତ୍ର ହେତୁଗର୍ଭବିଶେଷଣମ୍–ନାନାରୂପମିତି । ଜଗତୋ ନାନାରୂପତ୍ୱାଦିତି ଭାବଃ ।। ୨୧ ।।

– ବ୍ରହ୍ମା ଏହିପରି ପ୍ରାର୍ଥନା କରିବାରୁ ବିଶ୍ୱନାୟକ ଶିବ ତାଙ୍କୁ ଲୋକସୃଷ୍ଟି ପ୍ରବର୍ତ୍ତନର ଉପାୟ ବତାଇଲେ ।। ୨୦ ।।

– ଈଶ୍ୱରଙ୍କ ଦ୍ୱାରା ବତାଯାଇଥିବା ଉପାୟକୁ ପ୍ରାପ୍ତ କରି ମଧ୍ୟ ଚତୁରାନନ ବ୍ରହ୍ମା ନାନାରୂପଯୁକ୍ତ ଏହି ସଂସାରକୁ ରଚନା କରିବା ପାଇଁ ସମର୍ଥ ହେଲେ ନାହିଁ ।। ୨୧ ।।

ଅଥ ତତ୍‌ପ୍ରକାରଂ ବର୍ଣ୍ଣୟତି –

ପୁନସ୍ତ ପ୍ରାର୍ଥୟାମାସ ବ୍ରହ୍ମା ବିହ୍ୱଳମାନସଃ ।
ଦେବଦେବ ମହାଦେବ ଜଗତ୍ ପ୍ରଥମ କାରଣ ।। ୨୨ ।।

ଅତୋ ବିହ୍ୱଳମାନସୋ ଭୟଯୁକ୍ତମାନସଃ ସନ୍ ପୁନଃ ଶିବଂ ପ୍ରାର୍ଥୟାମାସେତ୍ୟର୍ଥଃ ।। ୨୨ ।।

ନମସ୍ତେ ସଚ୍ଚିଦାନନ୍ଦ ସ୍ୱେଚ୍ଛା ବିଗ୍ରହରାଜିତ ।
ଭବ ସର୍ବ ମହେଶାନ ସର୍ବକାରଣ କାରଣ ।। ୨୩ ।।
ଭବଦୁକ୍ତୋ ହ୍ୟୁପାୟୋ ମେ ନ କିଞ୍ଚିଜ୍‌ଜ୍ଞାୟତେଦ୍ଧୁନା ।

CC-0. Jangamwadi Math Digital Collection.

ଭବ ସର୍ବଲୋକୋତ୍ପାଦକ ଶର୍ବ ସର୍ବ ସଂହାରକ, ସର୍ବକାରଣ କାରଣ ବିନ୍ଦୁମାୟାଦି ସର୍ବକାରଣକାରଣେତ୍ୟର୍ଥଃ ।। ୨୩।।

– ଏଠାରେ ତାହାର ପ୍ରକାରକୁ ବର୍ଣ୍ଣନ କରୁଛନ୍ତି –

ଏହାପରେ ବ୍ୟାକୁଳ ଚିତ୍ତଯୁକ୍ତ ବ୍ରହ୍ମା ପୁନର୍ବାର ସେହି ଶିବଙ୍କର ପ୍ରାର୍ଥନା କଲେ ହେ ଦେବାଧିଦେବ ମହାଦେବ, ସଂସାରର ପ୍ରଥମ କାରଣ, ଆପଣଙ୍କୁ ନମସ୍କାର ।। ୨୨।।

ହେ ସଚ୍ଚିଦାନନ୍ଦ, ସ୍ୱେଚ୍ଛାରେ ଶରୀରଧାରୀ, ଭବ–ଶର୍ବ–ମହେଶ୍ୱର–ସମସ୍ତ କାରଣର କାରଣ, ଆପଣଙ୍କଦ୍ୱାରା ବତା ଯାଇଥିବା ଉପାୟ ମୋର ବୋଧ ହେଉ ନାହିଁ ।। ୨୩–୨୪।।

ତର୍ହି କିଂ କର୍ତ୍ତବ୍ୟମିତ୍ୟତ୍ରାହ –

ସୃଷ୍ଟିଂ ବିଧେହି ଭଗବନ୍ ପ୍ରଥମଂ ପରମେଶ୍ୱର ।
ଜ୍ଞାତୋପାୟସ୍ତତଃ କୁର୍ଯ୍ୟାଂ ଜଗତ୍ସୃଷ୍ଟିମୁମାପତେ ।। ୨୪।।

– ହେ ପରମେଶ୍ୱର ! ହେ ଭଗବାନ୍ ! ପ୍ରଥମେ ଆପଣ ସୃଷ୍ଟି କରନ୍ତୁ । ହେ ଉମାପତି ! ତାପରେ ଉପାୟ ଜାଣି କରି ମୁଁ ସଂସାରର ରଚନା କରିବି ।। ୨୪।।

ଅଥ 'ପ୍ରଜାଃ ସୃଜେତି ନିର୍ଦ୍ଦିଷ୍ଟଶ୍ଚନ୍ଦ୍ରମୌଳିର୍ବିରିଞ୍ଚିନା ।'

ସସର୍ଜ ମନସା ରୁଦ୍ରାନାତ୍ମତୁଲ୍ୟାନ୍ ମହେଶ୍ୱରାନ୍ ।
ନୀଳକଣ୍ଠାଂସ୍ତ୍ରିନେତ୍ରାଂଶ୍ଚ ଜଟାମୁକୁଟମଣ୍ଡିତାନ୍ ।।

ଇତ୍ୟାଦ୍ୟାଦିତ୍ୟପୁରାଣବଚନାନୁସାରେଣ ସୃଷ୍ଟବାନିତ୍ୟାହ –

ଇତ୍ୟେବଂ ପ୍ରାର୍ଥିତଃ ଶମ୍ଭୁର୍ବ୍ରହ୍ମଣା ବିଶ୍ୱଯୋନିନା ।
ସସର୍ଜାତ୍ମସମପ୍ରଖ୍ୟାନ୍ ସର୍ବଗାନ୍ ସର୍ବଶକ୍ତିକାନ୍ ।। ୨୫।।
ପ୍ରବୋଧପରମାନନ୍ଦପରିବାହିତ ମାନସାନ୍ ।
ପ୍ରମଥାନ୍ ବିଶ୍ୱନିର୍ମାଣପ୍ରଳୟାପାଦନକ୍ଷମାନ୍ ।। ୨୬।।

– ବିଶ୍ୱର କାରଣଭୂତ ବ୍ରହ୍ମାଙ୍କଦ୍ୱାରା ଏପରି ପ୍ରାର୍ଥନା କରାଯାଇଥିବା ଭଗବାନ୍ ଶିବ ନିଜ ପରି ଶୋଭାଯୁକ୍ତ ପ୍ରମଥଗଣଙ୍କୁ ଉତ୍ପନ୍ନ କଲେ । ସେମାନେ ସମସ୍ତେ ସର୍ବଗାମୀ, ସର୍ବଶକ୍ତିମାନ୍, ପ୍ରବୋଧଜନିତ, ପରମାନନ୍ଦରେ ପରିପୂର୍ଣ୍ଣ ଚିତ୍ତଯୁକ୍ତ ତଥା ବିଶ୍ୱର ରଚନାରେ ସମର୍ଥ ଥିଲେ ।। ୨୫–୨୬।।

ତେଷୁ ପ୍ରମଥବର୍ଗେଷୁ ସୃଷ୍ଟେଷୁ ପରମାତ୍ମନା ।
ରେଣୁକୋ ଦାରୁକଶ୍ଚେତି ଦ୍ୱାବଭୂତାଂ ଶିବପ୍ରିୟୌ ।। ୨୭।।

ସ୍ପଷ୍ଟମ୍ ।। ୨୭।।

CC-0. Jangamwadi Math Digital Collection.

– ପରମାତ୍ମା ଶିବଙ୍କଦ୍ୱାରା ସୃଷ୍ଟ ସେହି ପ୍ରମଥଗଣଙ୍କ ମଧ୍ୟରେ ରେଣୁକ ଏବଂ ଦାରୁକ ଶିବଙ୍କର ପ୍ରିୟ ଥିଲେ ।। ୨୭।।

ଅଥ ତଦ୍‌ଗଣେଶ୍ୱରୟୋର୍ମାହାତ୍ମ୍ୟଂ ପଞ୍ଚଭିଃ ଶ୍ଲୋକୈଃ ପ୍ରକଟୟତି –

ସର୍ବବିଦ୍ୟାବିଶେଷଜ୍ଞୌ ସର୍ବକାର୍ଯ୍ୟବିଚକ୍ଷଣୌ ।
ମାୟାମଳବିନିର୍ମୁକ୍ତୌ ମହିମାତିଶୟୋଜ୍ଜ୍ୱଲୌ ।। ୨୮ ।।

ସ୍ୱଷ୍ଟମ୍ ।। ୨୮।।

– ସେହି ଦୁଇ ଗଣେଶ୍ୱରଙ୍କର ମହିମା ପାଞ୍ଚଟି ଶ୍ଲୋକରେ ବର୍ଣ୍ଣନ କରୁଛନ୍ତି –

ସେ ଦୁଇଜଣ ସମସ୍ତ ବିଦ୍ୟାରେ ପାରଙ୍ଗତ, ସକଳକାର୍ଯ୍ୟ ସମ୍ପାଦନରେ କୁଶଳ, ମାୟାଜନ୍ୟ ମଳରୁ ରହିତ, ଅତଏବ ନିଜର ମହିମାରେ ଅତ୍ୟନ୍ତ ଉଜ୍ଜ୍ୱଳ ଥିଲେ ।। ୨୮।।

ଆତ୍ମାନନ୍ଦପରିସ୍ଫୂର୍ତ୍ତିରସାସ୍ୱାଦନଲମ୍ପଟୌ ।
ଶିବତତ୍ତ୍ୱପରିଜ୍ଞାନତିରସ୍କୃତଭବାମୟୌ ।। ୨୯ ।।

ମାୟାମଳବିନିର୍ମୁକ୍ତୌ ମାୟାଶକ୍ତି ପରିକଳ୍ପିତାଣବାଦିମଳତ୍ରୟ ସମ୍ବନ୍ଧରହିତାବିତ୍ୟର୍ଥଃ ।। ୨୯।।

– ଆତ୍ମାନନ୍ଦର ପରିସ୍ଫୁରଣରୁ ଜାତ ରସାସ୍ୱାଦଯୁକ୍ତ ତଥା ଶିବତତ୍ତ୍ୱର ପରିପୂର୍ଣ୍ଣ ଜ୍ଞାନ ହେତୁ ସଂସାର ରୂପୀ ଆମୟ ଅର୍ଥାତ୍ ରୋଗରୁ ମୁକ୍ତ ଥିଲେ ।। ୨୯।।

ନାନାପଥମହାଶୈବତନ୍ତ୍ର ନିର୍ବାହତତ୍ପରୌ ।
ବେଦାନ୍ତସାର ସର୍ବସ୍ୱ ବିବେଚନ ବିଚକ୍ଷଣୌ ।। ୩୦ ।।

ସ୍ୱଷ୍ଟମ୍ ।। ୩୦।।

– ଅନେକ ମାର୍ଗଯୁକ୍ତ ଶିବାଦ୍ୱୟ ତନ୍ତ୍ରର ପରିପାଳନରେ ତଥା ବେଦାନ୍ତସାରର ସର୍ବସ୍ୱ ବିବେଚନାରେ ତତ୍ପର ଥିଲେ ।। ୩୦।।

ନିତ୍ୟସିଦ୍ଧୌ ନିରାତଙ୍କୌ ନିରଙ୍କୁଶପରାକ୍ରମୌ ।
ତାଦୃଶୌ ତୌ ମହାଭାଗୌ ସମୀକ୍ଷ୍ୟ ପରମେଶ୍ୱରଃ ।। ୩୧ ।।

ନିତ୍ୟସିଦ୍ଧୌ ନିତ୍ୟଭୂତସିଦ୍ଧିମନ୍ତୌ, ସ୍ୱଷ୍ଟମନ୍ୟତ୍ ।। ୩୧ ।।

ସମର୍ଥୌ ସର୍ବକାର୍ଯ୍ୟେଷୁ ବିଶ୍ୱାସପରମାଶ୍ରିତୌ ।
ଅନ୍ତଃ ପୁରଦ୍ୱାରପାଳୌ ନିର୍ମମେ ନିୟତୌ ବିଭୁଃ ।। ୩୨ ।।

ନିୟତୌ ଶୁଦ୍ଧାତ୍ମାନୌ ଏବଂରୂପରେଣୁକଦାରୁକୌ ବିଭୁଃ ସ୍ୱତନ୍ତ୍ରଃ ପରମେଶ୍ୱରଃ ଅନ୍ତଃପୁରଦ୍ୱାରପାଳୌ ନିର୍ମମେ ନିର୍ମିତବାନିତ୍ୟର୍ଥଃ ।। ୩୨ ।।

– ନିତ୍ୟ ସିଦ୍ଧ ଆତଙ୍କରହିତ ଅଜେୟ ପରାକ୍ରମଯୁକ୍ତ ଭାଗ୍ୟଶାଳୀ ସେହି ଦୁଇଜଣଙ୍କୁ ଦେଖି କରି ପରମେଶ୍ୱର ତାଙ୍କୁ ସମସ୍ତ କାର୍ଯ୍ୟ କରିବାରେ ସମର୍ଥ ତଥା ପରମ ବିଶ୍ୱସନୀୟ

CC-0. Jangamwadi Math Digital Collection.

ଭାବିଲେ । ଫଳତଃ ଭଗବାନ୍ ଶିବ ସେହି ଦୁଇଜଣଙ୍କୁ ଅନ୍ତଃପୁରର ଦ୍ୱାରପାଳ ନିଯୁକ୍ତ କଲେ ।। ୩୧-୩୨ ।।

ଅଥ ତୌ ରେଣୁକଦାରୁକୌ ଶିବସେବା ଚକ୍ରତୁଭିତ୍ୟାହ –

ଗଣେଶ୍ୱରୌ ରେଣୁକଦାରୁକାବୁଭୌ
ବିଶ୍ୱାସଭୂତୌ ନବଚନ୍ଦ୍ର ମୌଳେଃ ।
ଅନ୍ତଃପୁରଦ୍ୱାରଗତୌ ସଦା ତୌ
ବିତେନତୁର୍ବିଶ୍ୱପତେସ୍ତୁ ସେବାମ୍ ।। ୩୩ ।।

ଇତି ଶ୍ରୀସିଦ୍ଧାନ୍ତଶିଖାମଣୌ ରେଣୁକଦାରୁକାବତରଣଂ ନାମ ଦ୍ୱିତୀୟଃ ପରିଚ୍ଛେଦଃ । ସ୍ୱଷ୍ଟମ୍ ।। ୩୩ ।।

– ଏହିପରି ରେଣୁକ ଏବଂ ଦାରୁକ ବାଳଚନ୍ଦ୍ର ଶୋଭିତ ମସ୍ତକଯୁକ୍ତ ଶିବଙ୍କର ବିଶ୍ୱାସପାତ୍ର ହୋଇ ସଦା ଅନ୍ତଃପୁରର ଦ୍ୱାରଦେଶରେ ଦଣ୍ଡାୟମାନ ହୋଇ ବିଶ୍ୱରକ୍ଷକ ଭଗବାନ୍ ଶିବଙ୍କର ସେବା କରିବାକୁ ଲାଗିଲେ ।। ୩୩ ।।

ଇତି ଶ୍ରୀମଦ୍‌ପଦବାକ୍ୟପ୍ରମାଣପାରାବାରଧୁରୀଣଶ୍ରୀମରିତୋଣ୍ଟଦାର୍ଯ୍ୟେଣ ବିରଚିତାୟାଂ ତତ୍ତ୍ୱପ୍ରଦୀପିକାଖ୍ୟାୟାଂ ଶ୍ରୀସିଦ୍ଧାନ୍ତଶିଖାମଣିବ୍ୟାଖ୍ୟାୟାଂ ରେଣୁକଦାରୁକା-ବତରଣଂ ନାମ ଦ୍ୱିତୀୟଃ ପରିଚ୍ଛେଦଃ ।। ୨ ।।

ଏହିପରି ଶ୍ରୀସିଦ୍ଧାନ୍ତଶିଖାମଣିର ରେଣୁକ-ଦାରୁକ ଅବତରଣ ନାମକ ଦ୍ୱିତୀୟ ପରିଚ୍ଛେଦର ପଦବାଚ୍ୟପ୍ରମାଣ ପାରାବାର ଧୁରୀଣ ଶ୍ରୀମରିତୋଣ୍ଟଦ ଆଚାର୍ଯ୍ୟଦ୍ୱାରା ବିରଚିତ ତତ୍ତ୍ୱପ୍ରଦୀପିକା ଆଖ୍ୟାର ଓଡ଼ିଆ ଅନୁବାଦ ପୂର୍ଣ୍ଣ ହେଲା ।। ୨ ।।

❖❖❖

CC-0. Jangamwadi Math Digital Collection.

[ଶ୍ରୀସିଦ୍ଧାନ୍ତଶିଖାମଣିଃ]

ତୃତୀୟଃ ପରିଚ୍ଛେଦଃ

ଅଥାତ୍ର ଶିବଯୋଗିନୋ ରେଣୁକସ୍ୟ ଭୂଲୋକାବତରଣପ୍ରସଙ୍ଗକଥନାର୍ଥଂ ପ୍ରଥମମଷ୍ଟଭିଃ ଶ୍ଳୋକୈଃ କୈଳାସବର୍ଣ୍ଣନଂ କରୋତି –

କଦାଚିଦଥ କୈଳାସେ କଳଧୌତ ଶିଳାମୟେ ।
ଗନ୍ଧର୍ବବାମନୟନାକ୍ରୀଡ଼ାମୌକ୍ତିକଦର୍ପଣେ ।। ୧ ।।

ଅଥ ରେଣୁକାବତରଣାନନ୍ତରଂ କଦାଚିତ୍ ରଜତମୟପାଷାଣପ୍ରଦେଶେ ଗନ୍ଧର୍ବବନିତା କ୍ରୀଡ଼ାୟା ମୌକ୍ତିକଦର୍ପଣେ ।। ୧ ।।

– ଏଠାରେ ସାତଟି ଶ୍ଳୋକରେ[୨୦] କୈଳାସପର୍ବତର ବର୍ଣ୍ଣନ କରାଯାଇଛି – ଏହାପରେ ଥରେ ରୂପା ପରି ଧବଳ ଶିଳାଯୁକ୍ତ ତଥା ଗନ୍ଧର୍ବସୁନ୍ଦରୀ ସ୍ତ୍ରୀମାନଙ୍କର କ୍ରୀଡ଼ା ନିମନ୍ତେ ମୋତିର ଦର୍ପଣପରି କୈଳାସରେ ଭଗବାନ୍ ବସିଥିଲେ ।। ୧ ।।

ମନ୍ଦାରବକୁଳାଶୋକମାକନ୍ଦପ୍ରାୟ ଭୂରୁହେ ।
ମଲ୍ଲୀମରନ୍ଦନିଷ୍ୟନ୍ଦପାନପୀନମଧୁବ୍ରତେ ।। ୨ ।।

ମନ୍ଦାରମାକଳାଦି ନାନା ବୃକ୍ଷବତି ମଲ୍ଲିକାକୁସୁମମକରନ୍ଦସ୍ରବଣପାନପରିପୁଷ୍ଟ ଭ୍ରମରେ।। ୨ ।।

– ସେହି ପର୍ବତ ଉପରେ କଳ୍ପବୃକ୍ଷ ମୌଳସିରୀ ଅଶୋକ ଆମ୍ବ ଆଦି ବୃକ୍ଷ ତଥା ମଲ୍ଲୀଫୁଲର ରସପାନ କରିଥିବା ବଡ଼ ବଡ଼ ଭ୍ରମର ଥିଲେ ।। ୨ ।।

କୁଙ୍କୁମସ୍ତବକାମୋଦକୂଳଙ୍କଷହରିନ୍ ମୁଖେ ।
କଳକଣ୍ଠକୁଳାଳାପକନ୍ଦଳଦ୍ ରାଗବନ୍ଧୁରେ ।। ୩।।

କୁଙ୍କୁମ କୁସୁମଗୁଚ୍ଛା ମୋଦଭରିତ କୂଳସ୍ପୃଶନଦୀପପ୍ରବାହବତି କୋକିଳସମୂହରବ– ବାହୁଲ୍ୟୋଦ୍ଭବ ପଞ୍ଚମସ୍ୱରମନୋହରେ ।। ୩।।

– ରକ୍ତପୁଷ୍ପର ଗୁଚ୍ଛର ଆମୋଦରେ ପୂର୍ଣ୍ଣ ନଦୀଗୁଡ଼ିକରେ ଦିଗମାନ ଶୋଭା ପାଉଥିଲେ । ସେହି ପର୍ବତ କୋକିଳମାନଙ୍କର ମଧୁର ଧ୍ୱନିରେ ମନୋହର ଥିଲା ।। ୩।।

କିନ୍ନରୀଗୀତମାଧୁର୍ଯ୍ୟପରିବାହିତଗହ୍ୱରେ ।
ସାନନ୍ଦବରଯୋଗୀନ୍ଦ୍ରବୃନ୍ଦାଳଙ୍କୃତ କନ୍ଦରେ ।। ୪ ।।

---

୨୦. କୌଣସି ପଦାର୍ଥ/ବିଷୟରେ ପାଞ୍ଚ ଅଥବା ଅଧିକ ଶ୍ଳୋକରେ ବର୍ଣ୍ଣନା କରାଗଲେ, ତାହାକୁ କୁଳକ କହନ୍ତି ।

CC-0. Jangamwadi Math Digital Collection.

କିନ୍ନରସ୍ତ୍ରୀଗୀତମାଧୁର୍ଯ୍ୟପ୍ରବାହିତଗୁହାପ୍ରଦେଶେ ସାନନ୍ଦଗଣେଶମୁଖ୍ୟଶିବଯୋଗି ସମୂହାଲଙ୍କୃତପ୍ରଦେଶଭାଗବତି ।। ୪।।

– ତାହାର ଗୁମ୍ଫାଗୁଡ଼ିକ କିନ୍ନରସ୍ତ୍ରୀମାନଙ୍କର ଗୀତମାଧୁର୍ଯ୍ୟରେ ବ୍ୟାପ୍ତ ଥିଲେ । କନ୍ଦରଗୁଡ଼ିକ ବ୍ରହ୍ମାନନ୍ଦାନୁଭବୀ ଶ୍ରେଷ୍ଠ ଯୋଗୀମାନଙ୍କ ଦ୍ୱାରା ଅଳଂକୃତ ଥିଲେ ।। ୪।।

ହେମାରବିନ୍ଦକଳିକାସୁଗନ୍ଧିରସମାନସେ ।
ଶାତକୁମ୍ଭମୟସ୍ତମ୍ଭଗତୋତ୍ତୁଙ୍ଗ ବିରାଜିତେ ।। ୫।।

ହେମାରବିନ୍ଦକଳିକାମୋଦରସଭରିତମାନସରୋବରେ ସ୍ୱର୍ଣ୍ଣମୟସ୍ତମ୍ଭଶତୌନ୍ନତ୍ୟ ପ୍ରକାଶମାନେ ।। ୫।।

– ମାନସରୋବର ସ୍ୱର୍ଣ୍ଣକମଳର କଢ଼ମାନଙ୍କର ସୁଗନ୍ଧରସରେ ଯୁକ୍ତ ଥିଲା । ସୁନାରେ ନିର୍ମିତ ଶହ ଶହ ସ୍ତମ୍ଭ ସେଠାରେ ବିରାଜମାନ ଥିଲେ ।। ୫।।

ମାଣିକ୍ୟଦୀପକଳିକାମରୀଚିଦ୍ୟୋତିତାନ୍ତରେ ।
ଦ୍ୱାରତୋରଣସଂରୂଢ଼ଶଙ୍ଖପଦ୍ମନିଧିଦ୍ୱୟେ ।। ୬।।

ମଣିପ୍ରଦୀପକଳିକାକାରଶିଖାମୟୂଖପ୍ରକାଶିତାନ୍ତଃପୁରେ ଦ୍ୱାରତୋରଣସ୍ତମ୍ଭସଂଲଗ୍ନ ଶଙ୍ଖପଦ୍ମନିଧିଦ୍ୱୟେ ।। ୬।।

– ସେହି ପର୍ବତର ଭିତର ଭାଗ ମାଣିକ୍ୟଦୀପଶିଖାର କିରଣରେ ପ୍ରକାଶମାନ ଥିଲା ତଥା ତାହାର ଦ୍ୱାରର ତୋରଣରେ ଶଙ୍ଖ ଏବଂ ପଦ୍ମ ନିଧି ଦୁଇ ସଂଲଗ୍ନ ହୋଇଥିଲେ ।। ୬।।

ମୁକ୍ତାତାରକିତୋଦାରବିତାନାମ୍ବରମଣ୍ଡିତେ ।
ସ୍ପର୍ଶଲକ୍ଷିତବୈଡୂର୍ଯ୍ୟମୟଭିତ୍ତିପରମ୍ପରେ ।। ୭।।

ମୁକ୍ତାମଣିରଚିତନକ୍ଷତ୍ରବନ୍ ମହାବିତାନପଟାଲଙ୍କୃତେ ସ୍ପର୍ଶବେଦ୍ୟୋପଲକ୍ଷିତବୈଡୂର୍ଯ୍ୟ-ରତ୍ନମୟଭିତ୍ତି ଶ୍ରେଣିମତି ।। ୭।।

– ସେହି ପର୍ବତମୋତିଗୁଡ଼ିକରେ ତାରାଙ୍କିତ (ଜଡ଼ିତ) ବିଶାଳ ବସ୍ତ୍ରର ତମ୍ବୁରେ ସୁଶୋଭିତ ଥିଲା । ତାହାର କାନ୍ଥ ଗୁଡ଼ିକ ସ୍ପର୍ଶରୁ ଅନୁମିତ ବୈଦୁର୍ଯ୍ୟ ମଣିରେ ସଜ୍ଜିତ ଥିଲା । ଅର୍ଥାତ୍ କାନ୍ଥରେ ଲାଗିଥିବା ବୈଦୁର୍ଯ୍ୟ ମଣିଗୁଡ଼ିକ ଦେଖିଲେ ଜାଣି ହେଉ ନଥିଲା, କେବଳ ସ୍ପର୍ଶ କରି ଜାଣି ହେଉଥିଲା ।। ୭।।

---

୨୧. ବୈଡୂର୍ଯ୍ୟ ଅଥବା ବୈଦୂର୍ଯ୍ୟ ମଣିର ଅପର ନାମ ନୀଳମ୍ ଅଟେ ।

CC-0. Jangamwadi Math Digital Collection.

ସଞ୍ଚରତ୍ ପ୍ରମଥଶ୍ରେଣୀପଦବାଚାଳନୂପୁରେ ।
ପ୍ରବାଳବଲଭୀଶୃଙ୍ଗଶୃଙ୍ଗାରମଣିମଣ୍ଡପେ ।। ୮ ।।

ସଞ୍ଚରତ୍ ପ୍ରମଥପାଦ ପ୍ରଦେଶକୂଜତ୍ କଟକେ ପ୍ରବାଳବଲଭୀମୁଖ୍ୟ ଶୃଙ୍ଗାରମଣିମଣ୍ଡପେ ।। ୮ ।।

– ସେଠାରେ ସଞ୍ଚରଣ କରୁଥିବା ପ୍ରମଥଗଣଙ୍କର ପାଦର ନୂପୁର (ଶୁଣାଯାଉଥିଲା) ନିରନ୍ତର ବାଜୁଥିଲା । ପ୍ରବାଳ ନିର୍ମିତ ବଲଭୀ (ଚାଳ) ତଥା ଶୃଙ୍ଗ (ଶିଖର)ରେ ଅଳଂକୃତ ମଣିଦ୍ୱାରା ନିର୍ମିତ ମଣ୍ଡପ ସେଠାରେ ଶୋଭା ପାଉଥିଲା ।। ୮ ।।

ସିଂହାସନମଧିଷ୍ଠିତଂ ପରମେଶ୍ୱରଂ ପଞ୍ଚଦଶଭିଃ ଶ୍ଳୋକୈର୍ବର୍ଣ୍ଣୟତି –

ବନ୍ଦାରୁଦେବମୁକୁଟମନ୍ଦାରରସବାସିତମ୍ ।
ରତ୍ନସିଂହାସନଂ ଦିବ୍ୟମଧ୍ୟସ୍ତଂ ପରମେଶ୍ୱରମ୍ ।। ୯ ।।

ନମନଶୀଳତ୍ରୟତ୍ରିଂଶତ୍କୋଟିଦେବତାମୁକୁଟକଳ୍ପପ୍ରସୂନରସମନୋହରଂ ନବ ରତ୍ନମୟସିଂହାସନଂ ତନ୍ମଣ୍ଡପମଧ୍ୟେ ଭାତି ।। ୯ ।।

– ବନ୍ଦନାରତ ଦେବତାମାନଙ୍କର ମୁକୁଟରେ ଜଡ଼ିତ କଳ୍ପବୃକ୍ଷର ଫୁଲର ରେଣୁରେ ସୁବାସିତ ଦିବ୍ୟ ରତ୍ନସିଂହାସନ ଉପରେ ବିରାଜିତ ପରମେଶ୍ୱରଙ୍କର ତାଙ୍କର ପରିବାର ଜନ ସେବା କରୁଥିଲେ ।। ୯ ।।

ତମାସ୍ଥାନଗତଂ ଦେବଂ ସର୍ବଲୋକମହେଶ୍ୱରମ୍ ।
ତ୍ରୟ୍ୟନ୍ତ [୨୨] କମଳାରଣ୍ୟବିହାର କଳହଂସକମ୍ ।। ୧୦ ।।

ତତ୍ର ବିଦ୍ୟମାନଃ ପରମେଶ୍ୱରଃ କୀଦୃଶ ଇତ୍ୟତ୍ରାହ – ଦେବମିତ୍ୟାଦିନା । କ୍ରୀଡ଼ାଶୀଳଃ ସର୍ବଲୋକେଶୋ ବେଦାନ୍ତମୟକମଳସମୂହବିହାରରାଜହଂସଃ ।। ୧୦ ।।

– ଏଠାରେ ପରମେଶ୍ୱରଙ୍କର ସ୍ୱରୂପ ଏବଂ ବୈଭବ ବର୍ଣ୍ଣନା କରାଯାଇଛି । ସେହି ସିଂହାସନ ଉପରେ ବିରାଜମାନ ସମସ୍ତ ଲୋକର ସ୍ୱାମୀ ସେହି ଦେବ ବେଦାନ୍ତ ଅର୍ଥାତ୍ ଉପନିଷଦ୍ରୂପୀ କମଳ ସମୂହରେ ବିହାର କରୁଥିବା ରାଜହଂସ ପରି ଦେଖାଯାଉଥିଲେ ।। ୧୦ ।।

ଉଦାରଗୁଣମୋଂକାରଶୁକ୍ତିକାପୁଟମୌକ୍ତିକମ୍ ।
ସର୍ବମଙ୍ଗଳସୌଭାଗ୍ୟସମୁଦାୟ ନିକେତନମ୍ ।। ୧୧ ।।

---

୨୨. ବିଦ୍ୱାନ୍ ଋକ୍-ଯଜୁ-ସାମ ନାମକ ତିନି ବେଦକୁ ତ୍ରୟୀ କହନ୍ତି । ବେଦର ଅନ୍ତ ଅର୍ଥାତ୍ ଅନ୍ତିମଭାଗ ଉପନିଷଦ୍ ଅଟେ । ତେଣୁ ଉପନିଷଦ୍କୁ ବେଦାନ୍ତ କୁହାଯାଏ ।

CC-0. Jangamwadi Math Digital Collection.

ତ୍ୟାଗଶୀଳଓଁକାରଶୁକ୍ତିକାପୁଟମୌକ୍ତିକଃ ସର୍ବମଙ୍ଗଳସୌଭାଗ୍ୟସମୂହ-ସ୍ଥାନଭୂତଃ ।। ୧୧ ।।

– ସେହି ଉଦାରଗୁଣଯୁକ୍ତ ଦେବ ଓଁକାରରୂପୀ ଶୁକ୍ତିର ମୋତି ତଥା ସମ୍ପୂର୍ଣ୍ଣ ମଙ୍ଗଳକାରୀ ସୌଭାଗ୍ୟ ସମୁଦାୟର ଭଣ୍ଡାର ଥିଲେ ।। ୧୧ ।।

ସଂସାରବିଷମୂର୍ଚ୍ଛାଳୁଜୀବସଞ୍ଜୀବନୌଷଧମ୍ ।
ନିତ୍ୟପ୍ରକାଶନୈର୍ମଲ୍ୟକୈବଲ୍ୟସୁରପାଦପମ୍ ।। ୧୨ ।।

ସଂସାରବିଷମୂର୍ଚ୍ଛିତ ଜୀବସଞ୍ଜୀବନୌଷଧଃ ସ୍ୱପ୍ରକାଶେନୈବ ନିର୍ମଳଃ ପରମୁକ୍ତିପ୍ରଦାନ-କଳ୍ପଦ୍ରୁମଃ ।। ୧୨ ।।

– ସେହି ଭଗବାନ୍ ଶିବ ସଂସାରରୂପୀ ବିଷରେ ମୂର୍ଚ୍ଛିତ ଜୀବମାନଙ୍କ ପାଇଁ ସଞ୍ଜୀବନୀ ଅର୍ଥାତ୍ ଅମୃତ ଔଷଧ ତଥା ନିତ୍ୟପ୍ରକାଶ ଏବଂ ନିର୍ମଳତାରେ ଯୁକ୍ତ କୈବଲ୍ୟର କଳ୍ପଦ୍ରୁମ ଥିଲେ ।। ୧୨ ।।

ଅନନ୍ତପରମାନନ୍ଦମକରନ୍ଦମଧୁବ୍ରତମ୍ ।
ଆତ୍ମଶକ୍ତିଲତାପୁଷ୍ୟଦ୍ ତ୍ରିଲୋକୀପୁଷ୍ପକୋରକମ୍ ।। ୧୩ ।।

ଅପାରପରମାନନ୍ଦରସାସ୍ୱାଦନମଧୁବ୍ରତଃ ସ୍ୱସମବେତଶକ୍ତିକଳ୍ପଲତା-ପୁଷ୍ପଲ୍ଲୋକତ୍ରୟ କୁସୁମକୋରକଃ ।। ୧୩ ।।

– ସେହି ପରମେଶ୍ୱର ଅନନ୍ତ ପରମାନନ୍ଦ ମକରନ୍ଦର ସେବନ କରୁଥିବା ମଧୁପ ତଥା ନିଜର ଶକ୍ତିରୂପୀ ଲତାରେ ପୁଷ୍ଟି ପ୍ରାପ୍ତ କରୁଥିବା ତ୍ରିଭୁବନ ରୂପୀ ପୁଷ୍ପର କଢ଼ ପରି ଶୋଭାୟମାନ ଥିଲେ ।।୧୩ ।।

ବ୍ରହ୍ମାଣ୍ଡକୁଣ୍ଡିକାଷଣ୍ଡପିଣ୍ଡୀକରଣପଣ୍ଡିତମ୍ ।
ସମସ୍ତଦେବତା ଚକ୍ର ଚକ୍ରବର୍ତ୍ତିପଦେ ସ୍ଥିତମ୍ ।। ୧୪ ।।

ବ୍ରହ୍ମାଣ୍ଡସମୂହଲୋଳୀକରଣପ୍ରବୀଣୋ ନାରାୟଣାଦିସକଳଦେବତା-ସମୂହଚକ୍ରବର୍ତ୍ତୀ ।। ୧୪ ।।

– ବ୍ରହ୍ମାଣ୍ଡରୂପୀ କୁଣ୍ଡିକା (ପାତ୍ର)ର ଖଣ୍ଡଗୁଡ଼ିକୁ ଜୋଡ଼ିବାରେ ପ୍ରବୀଣ ତଥା ସମସ୍ତ ଦେବତାମଣ୍ଡଳର ଚକ୍ରବର୍ତ୍ତୀ ପ୍ରତୀତ ହେଉଥିଲେ ।। ୧୪ ।।

ଚନ୍ଦ୍ରବିମ୍ବାୟୁତଚ୍ଛାୟାଦାୟାଦଦ୍ୟୁତି ବିଗ୍ରହମ୍ ।
ମାଣିକ୍ୟମୁକୁଟଜ୍ୟୋତିର୍ମଞ୍ଜରୀପିଞ୍ଜରାମ୍ବରମ୍ ।। ୧୫ ।।

ଚନ୍ଦ୍ରାୟୁତ ପ୍ରଭାସ୍ପର୍ଧ ମାନତେଜା ମୁକୁଟଗତନବରତ୍ନଜ୍ୟୋତିର୍ମଞ୍ଜରୀ-ବିଚିତ୍ରାମ୍ବରଃ ।। ୧୫ ।।

CC-0. Jangamwadi Math Digital Collection.

– ସେହି ଭଗବାନ୍ ଶଙ୍କର ହଜାର ହଜାର ଚନ୍ଦ୍ରବିମ୍ବର ଛାୟାର ଦାୟାଦ (ସମ୍ବନ୍ଧି) ଦ୍ୟୁତିଯୁକ୍ତ ଶରୀର ତଥା ମାଣିକ୍ୟ ଜଡ଼ିତ ମୁକୁଟର ଜ୍ୟୋତି ରୂପକ କିରଣରେ ବ୍ୟାପ୍ତ ବସ୍ତ୍ରକୁ ଧାରଣ କରିଥିଲେ ।। ୧୫ ।।

ଚୂଡ଼ାଲଂ ସୋମକଳୟା ସୁକୁମାରବିସାଭୟା ।
କଲ୍ୟାଣପୁଷ୍ପକଳିକାକର୍ଣ୍ଣପୂରମନୋହରମ୍ ।। ୧୬ ।।

କୋମଳକନ୍ଦାଭସୋମକଳାଶିରୋଭୂଷଣଃ ପରମମଙ୍ଗଳସୁମକୁଡ୍‌ମଳକର୍ଣ୍ଣାଭରଣ ମନୋହରଃ ।। ୧୬ ।।

– ସେହି ଦେବ କୋମଳ ବିସତନ୍ତୁ (ପଦ୍ମ ନାଡ଼) ପରି ଚୂଡ଼ା ଉପରେ ଚନ୍ଦ୍ରକୁ ଧାରଣ କରିଥିଲେ ତଥା କଲ୍ୟାଣରୂପୀ ପୁଷ୍ପକଳିକାର କର୍ଣ୍ଣପୂରରେ ମନୋହର ଲାଗୁଥିଲେ ।। ୧୬ ।।

ମୁକ୍ତାବଳୟସମ୍ବଦ୍ଧ ମୁଣ୍ଡମାଳାବିରାଜିତମ୍ ।
ପର୍ଯ୍ୟାପ୍ତଚନ୍ଦ୍ରସୌନ୍ଦର୍ଯ୍ୟପରିପନ୍ଥିମୁଖଶ୍ରିୟମ୍ ।। ୧୭ ।।

ମୁକ୍ତା ପ୍ରକରବଳିତମୁଣ୍ଡମାଳାବିରାଜିତଃ ପୂର୍ଣ୍ଣଚନ୍ଦ୍ରସୌନ୍ଦର୍ଯ୍ୟ ପରିପନ୍ଥି-ମୁଖଶ୍ରୀଃ ।। ୧୭ ।।

– ସେହି ଦେବ ମୋତିମାଳାରେ ଗୁନ୍ଥା ଯାଇଥିବା ମୁଣ୍ଡମାଳାରେ ସୁଶୋଭିତ ତଥା ପ୍ରଚୁର ଚନ୍ଦ୍ର ସୌନ୍ଦର୍ଯ୍ୟର ପ୍ରତିସ୍ପର୍ଦ୍ଧୀ ମୁଖ ଶୋଭାଯୁକ୍ତ ଥିଲେ ।। ୧୭ ।।

ପ୍ରାତଃ ସଂଫୁଲ୍ଲକମଳପରିଯାୟ ତ୍ରିଲୋଚନମ୍ ।
ମନ୍ଦସ୍ମିତମିତାଲାପମଧୁରାଧରପଲ୍ଲବମ୍ ।। ୧୮ ।।

ପ୍ରାତଃ ପ୍ରଫୁଲ୍ଲକମଳପର୍ଯ୍ୟାୟ ତ୍ରିଲୋଚନଃ, ମନ୍ଦସ୍ମିତପରିମିତବଚୋବିଳାସ-ମନୋହରାଧରପଲ୍ଲବଃ ।। ୧୮ ।।

– ତାଙ୍କର ତ୍ରିନେତ୍ର ସକାଳର ପ୍ରସ୍ଫୁଟିତ ପଦ୍ମ ପରି, ଅଧର ପଲ୍ଲବ ସ୍ମିତହାସ୍ୟ ଯୁକ୍ତ ତଥା ବାଣୀ ମିତ ମଧୁର ଥିଲା ।। ୧୮ ।।

ଗଣ୍ଡମଣ୍ଡଳପର୍ଯ୍ୟନ୍ତକ୍ରୀଡନ୍ ମକରକୁଣ୍ଡଳମ୍ ।
କାଳିମ୍ନା କାଳକୂଟସ୍ୟ କଣ୍ଠନାଳେ କଳଙ୍କିତମ୍ ।। ୧୯ ।।

କପୋଳାଭୋଗପର୍ଯ୍ୟନ୍ତଚଳନମକରକୁଣ୍ଡଳଃ କାଳକୂଟକାଳିମ୍ନା କଳଙ୍କିତ କଣ୍ଠନାଳଃ ।। ୧୯ ।।

– ମକର ଆକୃତିର କୁଣ୍ଡଳ ତାଙ୍କର ଗଣ୍ଡପ୍ରଦେଶ ପର୍ଯ୍ୟନ୍ତ ଝୁଲୁଥିଲା ତଥା କଣ୍ଠର ନାଳିକା (ନାଡ଼) କାଳକୂଟର କାଳିମାରେ କଳଙ୍କିତ ଅର୍ଥାତ୍ ନୀଳ ହୋଇଯାଇଥିଲା ।। ୧୯ ।।

CC-0. Jangamwadi Math Digital Collection.

ମଣିକଙ୍କଣକେୟୂରମରୀଚିକରପଲ୍ଲବୈଃ ।
ଚତୁର୍ଭିଃ ସଂବିରାଜନ୍ତଂ ବାହୁମନ୍ଦାରଶାଖିଭିଃ ।। ୨୦ ।।

ମଣିମୟକଙ୍କଣକେୟୂରପ୍ରକାଶମାନକରପଲ୍ଲବଚତୁଷ୍କଃ ବାହୁକଳ୍ପଦ୍ରୁମ-ଭାସମାନଃ ।। ୨୦ ।।

– କଳ୍ପବୃକ୍ଷର ଶାଖା ପରି ସୁନ୍ଦର ତଥା ମଣି ଜଡ଼ିତ କଙ୍କଣ ଧାରଣ କରିଥିବା କର ପଲ୍ଲବ ଥିବା ଚାରି ବାହୁରେ ସେହି ଦେବ ପରମ ଶୋଭାମାନ ଥିଲେ ।। ୨୦ ।।

ଗୌରୀପୟୋଧରାଶ୍ଳେଷ କୃତାର୍ଥଭୁଜମଧ୍ୟମମ୍ ।
ସୁବର୍ଣ୍ଣବ୍ରହ୍ମସୂତ୍ରାଙ୍କଂ ସୂକ୍ଷ୍ମକୌଶେୟବାସସମ୍ ।। ୨୧ ।।

ଉମାପୟୋଧରାଲିଙ୍ଗନକୃତାର୍ଥବକ୍ଷଃସ୍ଥଳଃ, କନକମୟବ୍ରହ୍ମସୂତ୍ରାଙ୍କିତଃ, ଅତିସୂକ୍ଷ୍ମ-ଦୁକୂଳାମ୍ବରଃ ।। ୨୧ ।।

– ତାଙ୍କର ଭୁଜମଧ୍ୟଭାଗ ଅର୍ଥାତ୍ ବକ୍ଷସ୍ଥଳ ଗୌରୀ ସଂସ୍ପର୍ଶରେ କୃତାର୍ଥ ହୋଇଥିଲା ତଥା ସେହି ଦେବ ସୁନାର ପଇତା ଏବଂ ସୂକ୍ଷ୍ମ ରେଶମ ବସ୍ତ୍ର ଧାରଣ କରିଥିଲେ ।। ୨୧ ।।

ନାଭିସ୍ଥାନାବଲମ୍ବିନ୍ୟା ନବମୌକ୍ତିକମାଳୟା ।
ଗଙ୍ଗୟେବ କୃତାଶ୍ଳେଷଂ ମୌଳିଭାଗାବତୀର୍ଣ୍ଣୟା ।। ୨୨ ।।

ନାଭିପର୍ଯ୍ୟନ୍ତଗତନବମୌକ୍ତିକମାଳୟା ମସ୍ତକାବତୀର୍ଣ୍ଣୟା ଗଙ୍ଗୟେବ କୃତାଲିଙ୍ଗିନଃ ।। ୨୨ ।।

– ନାଭି ପର୍ଯ୍ୟନ୍ତ ଲମ୍ବି ଥିବା ମୋତିମାଳା ଦେଖିଲେ ଲାଗୁଥିଲା ଯେପରି ଗଙ୍ଗା ତାଙ୍କର ଆଲିଙ୍ଗନ କରୁଛନ୍ତି ।। ୨୨ ।।

ପଦେନ ମଣିମଞ୍ଜୀରପ୍ରଭାପଲ୍ଲବିତଶ୍ରିୟା ।
ଚନ୍ଦ୍ରବତ୍ ସ୍ଫାଟିକଂ ପୀଠଂ ସମାବୃତ୍ୟ ସ୍ଥିତ ପୁରଃ ।। ୨୩ ।।

ମଣିମୟନୂପୁରପ୍ରକାଶପଲ୍ଲବିତଶ୍ରିୟା ପାଦେନ ସିଂହାସନସ୍ୟ ପୁରତଶ୍ଚନ୍ଦ୍ରକାନ୍ତମୟ ଫଳକମାବୃତ୍ୟ ବର୍ତ୍ତମାନ ଇତ୍ୟର୍ଥଃ ।। ୨୩ ।।

– ମଣିଜଡ଼ିତ ମଞ୍ଜୀର (ନୂପୁର)ର କାନ୍ତିରେ ପଲ୍ଲବ ପରି ଶୋଭା ପାଉଥିବା ପାଦକୁ ଚନ୍ଦ୍ରପରି ଉଜ୍ଜ୍ୱଳ ସ୍ଫଟିକ ନିର୍ମିତ ପୀଠ ଉପରେ ରଖିଥିଲେ ।। ୨୩ ।।

ଏବଂ ମହେଶ୍ୱରଂ ବର୍ଣ୍ଣୟିତ୍ୱାଦ୍ଧଥ ତଦ୍ୱାମାଙ୍ଗସଂସ୍ଥିତାଂ ଭବାନୀଂ ତ୍ରୟୋଦଶସୂତ୍ରୈର୍ବର୍ଣ୍ଣୟତି –

ବାମପାର୍ଶ୍ୱନିବାସିନ୍ୟା ମଙ୍ଗଳପ୍ରିୟବେଷୟା ।
ସମସ୍ତଲୋକନିର୍ମାଣସମବାୟ ସ୍ୱରୂପାୟ ।। ୨୪ ।।

CC-0. Jangamwadi Math Digital Collection.

ତଦ୍ୱାମପାର୍ଶ୍ୱବର୍ତ୍ତିନୀ ମାଙ୍ଗଲ୍ୟେନାସେଚନକରୂପବତୀ ସକଳଲୋକସୃଷ୍ଟାବୁପାଦାନ କାରଣୀଭୂତା ।। ୨୪।।

– ଏଠାରେ ପରମେଶ୍ୱରୀ ଉମାଙ୍କର ବର୍ଣ୍ଣନା କରାଯାଇଛି –

ପରମେଶ୍ୱରଙ୍କର ବାମପାର୍ଶ୍ୱରେ ଉମା ବିରାଜମାନ ଥିଲେ । ସେ ମଙ୍ଗଳ ଏବଂ ପ୍ରିୟ ବେଶଭୂଷାଯୁକ୍ତା ତଥା ସମସ୍ତ ଲୋକ ରଚନାର ସମବାୟିକାରଣରୂପା ଥିଲେ ।। ୨୪।।

ଇଚ୍ଛାଜ୍ଞାନକ୍ରିୟାରୂପବହୁଶକ୍ତିବିଳାସୟା ।
ବିଦ୍ୟାତତ୍ତ୍ୱପ୍ରକାଶିନ୍ୟା ବିନାଭାବବିହୀନୟା ।। ୨୫।।

ଇଚ୍ଛାଜ୍ଞାନକ୍ରିୟାଦିବହୁଶକ୍ତିବିଳାସବତୀ ଆତ୍ମବିଦ୍ୟାପ୍ରକାଶିନୀ ଶିବେନାବିନାଭୂତା[୨୩] ।। ୨୫।।

– ସେହି ଭବାନୀ ଇଚ୍ଛା–ଜ୍ଞାନ–କ୍ରିୟା–ରୂପ ଅନେକ ଶକ୍ତିରେ ସୁଶୋଭିତ, ଶୁଦ୍ଧ ବିଦ୍ୟାଶକ୍ତିର ପ୍ରକାଶିକା ତଥା ଶିବଙ୍କ ସହିତ ଅବିନାଭାବ ସମ୍ବନ୍ଧବାଲୀ ଥିଲେ ।।୨୫।।

ସଂସାରବିଷକାନ୍ତାରଦାହଦାବାଗ୍ନିଲେଖୟା ।
ଧମ୍ମିଲ୍ଲମଲ୍ଲିକାମୋଦଟ୍ଙ୍କୁର୍ବଦ୍‌ଭୃଙ୍ଗମାଳୟା ।। ୨୬।।

ସଂସାରବିଷବିପିନଦାହଦାବାଗ୍ନିରାଜିଃ, ଧମ୍ମିଲ୍ଲମଲ୍ଲିକାମୋଦଟ୍ଙ୍କୁର୍ବଦଳିମାଳିକା।। ୨୬।।

– ସେହି ଦେବୀ ସଂସାରରୂପୀ ବିଷଜଙ୍ଗଲକୁ ଜଳାଇବା ପାଇଁ ଦାବାଗ୍ନିର ଜ୍ୱଳା ପରି ଶୋଭା ପାଉଥିଲେ । ତାଙ୍କର ବେଣୀରେ ଲାଗିଥିବା କୁଇଫୁଲର ସୁଗନ୍ଧରେ ଭ୍ରମର ଆକର୍ଷିତ ହୋଇ ଧ୍ୱନି କରୁଥିଲେ ।। ୨୬।।

ସମ୍ପୂର୍ଣ୍ଣଚନ୍ଦ୍ରସୌଭାଗ୍ୟସଂବାଦିମୁଖପଦ୍ମୟା ।
ନାସାମୌକ୍ତିକଲାବଣ୍ୟନାଶୀରସ୍ମିତ ଶୋଭାୟା ।। ୨୭।।

ପୂର୍ଣ୍ଣଚନ୍ଦ୍ରକାନ୍ତି ବିବଦନ୍ ମୁଖପଙ୍କଜା ନାସାମୌକ୍ତିକଲାବଣ୍ୟବାହୁଲ୍ୟଚ୍ଛୁରିତ–ମନ୍ଦସ୍ମିତକାନ୍ତିମତୀ ।। ୨୭।।

– ତାଙ୍କର ମୁଖକମଳ ପୂର୍ଣ୍ଣଚନ୍ଦ୍ରର ସୌନ୍ଦର୍ଯ୍ୟକୁ ତିରସ୍କୃତ କରୁଥିଲା । ମୋତି ନାକଫୁଲର ସୌନ୍ଦର୍ଯ୍ୟରେ ନାସାଛିଦ୍ର ମନ୍ଦହାସ କଲା ପରି ଲାଗୁଥିଲା ।। ୨୭।।

ମଣିତାଟଙ୍କରଙ୍ଗାନ୍ତର୍ବଳିତାପାଙ୍ଗଲୀଳୟା ।
ନେତ୍ରଦ୍ୱିତୟ ସୌନ୍ଦର୍ଯ୍ୟନିନ୍ଦିତେନ୍ଦୀବରଦ୍ୱିଷା ।। ୨୮।।

ରତ୍ନଖଚିତପଟଙ୍କରଙ୍ଗମଣ୍ଡପମଧଲାସ୍ୟମାନାପାଙ୍ଗଲୀଳା ନୟନଦ୍ୱୟସୌନ୍ଦର୍ଯ୍ୟ ନିନ୍ଦିତେନ୍ଦୀବରଶ୍ରୀଃ ।। ୨୮।।

୨୩. ଅବିନାଭାବ – ବୌଦ୍ଧ ଏବଂ ନୈୟାୟିକ ବିଦ୍ୱାନ୍ ବ୍ୟାପ୍ତି ଅର୍ଥରେ ଏହି ଶବ୍ଦର ପ୍ରୟୋଗ କରିଛନ୍ତି ।

CC-0. Jangamwadi Math Digital Collection.

– ମଣି ଜଡ଼ିତ ପଟଙ୍କ (କର୍ଣ୍ଣାଭରଣ) ରୂପୀ ରଙ୍ଗମଞ୍ଚରେ ଦେବୀ ଅପାଙ୍ଗଲୀଳା (କଟାକ୍ଷ ବିକ୍ଷେପଣ) କରୁଥିଲେ । ଦୁଇ ନେତ୍ରର ସୌନ୍ଦର୍ଯ୍ୟରେ ସେ ନୀଳକମଳର କାନ୍ତିକୁ ମଧ୍ୟ ତିରସ୍କୃତ କରୁଥିଲେ ।। ୨୮ ।।

କୁସୁମାୟୁଧକୋଦଣ୍ଡକୁଟିଳ ଭ୍ରୂବିଳାସୟା ।
ବନ୍ଧୂକକୁସୁମଚ୍ଛାୟାବନ୍ଧୁଭୂତାଦ୍ଧଧରଶ୍ରିୟା ।। ୨୯ ।।

ମାରକାର୍ମୁକକୁଟିଳଭ୍ରୂଲତା ବିଳାସବତୀ ବନ୍ଧୂକକୁସୁମକାନ୍ତିବନ୍ଧୁରାଧରଶ୍ରୀଃ ।। ୨୯ ।।

– ତାଙ୍କର ଭ୍ରୂବିଳାସ (ଭଙ୍ଗିମା) କାମଦେବଙ୍କର ଧନୁ ପରି ବକ୍ର ଥିଲା ଏବଂ ଓଷ୍ଠର ଶୋଭା ବନ୍ଧୂକପୁଷ୍ପର ଛାୟା ପରି ଥିଲା ।। ୨୯ ।।

କଣ୍ଠନାଳଜିତାନଙ୍ଗକମ୍ବୁବିବ୍ବୋକସମ୍ପଦା ।
ବାହୁଦ୍ୱିତୟ ସୌଭାଗ୍ୟବିଞ୍ଚିତୋତ୍ପଲମାଳୟା ।। ୩୦ ।।

କଣ୍ଠନାଳଜିତାନଙ୍ଗଜୟଶଙ୍ଖ ନିନାଦବତୀ ବାହୁଦ୍ୱିତୟସୌଭାଗ୍ୟନ୍ୟକ୍କୃତୋତ୍ପଳ-ମାଳିକା ।। ୩୦ ।।

– ସେହି ଉମା କଣ୍ଠରୁ ନିର୍ଗତ ଶବ୍ଦ କାମଦେବଙ୍କର ଶଙ୍ଖର ଧ୍ୱନି ସମ୍ପଦକୁ ଜିତି ଯାଉଥିଲା ଏବଂ ଦୁଇ ବାହୁର ସୌନ୍ଦର୍ଯ୍ୟ ନୀଳକମଳକୁ ତିରସ୍କୃତ କରୁଥିଲା ।। ୩୦ ।।

ସ୍ଥିରଯୌବନଲାବଣ୍ୟଶୃଙ୍ଗାରିତଶରୀରୟା ।
ଅତ୍ୟନ୍ତକଠିନୋତ୍ତୁଙ୍ଗପୀବରସ୍ତନଭାରୟା ।। ୩୧ ।।

ସ୍ଥିରଯୌବନଲାବଣ୍ୟାଲଙ୍କୃତକଳେବରା ଅତ୍ୟନ୍ତକଠିନୋତ୍ତୁଙ୍ଗସ୍ତନ-ଭାରବତୀ।। ୩୧ ।।

– ତାଙ୍କର ଶରୀର ସ୍ଥିରଯୌବନର ଲାବଣ୍ୟରେ ଶୃଙ୍ଗାରଯୁକ୍ତ ପ୍ରତୀତ ହେଉଥିଲା । ସେ ଅତ୍ୟନ୍ତ କଠିନ ଉଚ୍ଚ ବିସ୍ତର ସ୍ତନଭାରରେ ନତ ଥିଲେ ।। ୩୧ ।।

ମୃଣାଳବଲ୍ଲରୀତନ୍ତୁବନ୍ଧୁଭୂତାବଲଗ୍ନୟା ।
ଶୃଙ୍ଗାରତଟିନୀତୁଙ୍ଗପୁଳିନଶ୍ରୋଣିଭାରୟା ।। ୩୨ ।।

କମଳନାଳତନ୍ତୁନିଭାତିସୂକ୍ଷ୍ମମଧ୍ୟପ୍ରଦେଶା ଶୃଙ୍ଗାରତରଙ୍ଗିଣୀତୁଙ୍ଗପୁଳିନଶ୍ରୋଣି-ଭାରବିରାଜିତା ।। ୩୨ ।।

– ତାଙ୍କର ଅବଲଗ୍ନ ଅର୍ଥାତ୍ କଟି ପ୍ରଦେଶ କମଳନାଳର ତନ୍ତୁ ପରି କ୍ଷୀଣ ଥିଲା । ସେ ଶୃଙ୍ଗାରରୂପୀ ନଦୀର ଉଚ୍ଚ ବନ୍ଧ ପରି ନିତମ୍ବର ଭାରରେ ଅଳସଗମନା ଥିଲେ ।। ୩୨ ।।

CC-0. Jangamwadi Math Digital Collection.

କୁସୁମ୍ଭକୁସୁମଚ୍ଛାୟାକୋମଳାମ୍ବର ଶୋଭୟା ।
ଶୃଙ୍ଗାରୋଦ୍ୟାନସଂରମ୍ଭରମ୍ଭାସ୍ତମ୍ଭୋରୁକାଣ୍ଡୟା ।। ୩୩ ।।

କୁସୁମ୍ଭକୁସୁମକାନ୍ତିମତ୍‌କୋମଳାମ୍ବରଶୋଭମାନା ଶୃଙ୍ଗାରୋଦ୍ୟାନସମ୍ଭ୍ରମରମ୍ଭା-ସ୍ତମ୍ଭାୟମାନୋରୁକାଣ୍ଡା ।। ୩୩ ।।

– କୁସୁମ୍ଭ ଫୁଲ ରଙ୍ଗର କୋମଳ ବସ୍ତ୍ରରେ ସେ ଶୋଭାୟମାନ ଥିଲେ । ତାଙ୍କର ଜଂଘଦ୍ୱୟ ଶୃଙ୍ଗାର ଉଦ୍ୟାନର ଶୋଭାଯୁକ୍ତ କଦଳୀଗଛର ଖମ୍ବ ପରି ଥିଲା ।। ୩୩ ।।

ଚୂତପ୍ରବାଳ ସୁଷମା ସୁକୁମାର ପଦାବ୍‌ଜୟା ।
ସ୍ଥିରମଙ୍ଗଳଶୃଙ୍ଗାରଭୂଷଣାଳଙ୍କୃତାଙ୍ଗୟା ।। ୩୪ ।।

ଚୂତପଲ୍ଲବ ମନୋହର ସୁକୁମାର ପଦାବ୍‌ଜା ସ୍ଥିରମାଙ୍ଗଲ୍ୟଭୂଷଣାଳଙ୍କୃତାଙ୍ଗୀ ।। ୩୪ ।।

– ତାଙ୍କର ପାଦ ଆମ୍ବଗଛର କୋମଳ ନବୀନ ପତ୍ର ପରି ସୁନ୍ଦର ଏବଂ ସୁକୁମାର ଥିଲା । ତାଙ୍କର ଅଙ୍ଗ ସ୍ଥାୟୀ ମଙ୍ଗଳମୟ ଶୃଙ୍ଗାରଯୁକ୍ତ ଆଭୂଷଣରେ ଅଳଂକୃତ ଥିଲା ।। ୩୪ ।।

ହାରନୂପୁର କେୟୂର ଚମତ୍‌କୃତ ଶରୀରୟା ।
ଚକ୍ଷୁରାନନ୍ଦଲତୟା ସୌଭାଗ୍ୟକୁଳ ବିଦ୍ୟୟା ।। ୩୫ ।।

ମୁକ୍ତାହାରମଞ୍ଜୀରକେୟୂର ଚମତ୍‌କୃତ ଶରୀରିଣୀ ନୟନାନନ୍ଦ ଲତିକା ସୌଭାଗ୍ୟସ୍ୟ କୁଳବିଦ୍ୟାରୂପିଣୀ ।। ୩୫ ।।

– ତାଙ୍କର ଶରୀର ହାର, ନୂପୁର ଏବଂ କେୟୂର (ବାହୁର ଆଭୂଷଣ)ରେ ଚମକୁ ଥିଲା । ଆଖି ଦୁଇଟି ଆନନ୍ଦଲତା ପରି ଥିଲେ । ତେଣୁ ସେ ସୌଭାଗ୍ୟ କୁଳବିଦ୍ୟା ସ୍ୱରୂପା ଥିଲେ ।। ୩୫ ।।

ଉମୟା ସମମାସୀନଂ ଲୋକଜାଲ କୁଟୁମ୍ବୟା ।
ଅପୂର୍ବରୂପମଭଜନ୍ ପରିବାରାଃ ସମନ୍ତତଃ ।। ୩୬ ।।

ଲୋକସମୂହକୁଟୁମ୍ବିନୀ ଏବଂ ରୂପୟୋମୟା ଦିବ୍ୟକନ୍ୟକୟା ସହ ଦିବ୍ୟ ସିଂହାସନେ ସମାସୀନମପୂର୍ବରୂପଂ ପରମେଶ୍ୱରଂ ସମନ୍ତାନ୍ନାରାୟଣାଦି ତ୍ରୟସ୍ତ୍ରିଂଶତ୍ କୋଟି ଦେବତା ଅଭଜନ୍ନିତ୍ୟର୍ଥଃ ।। ୩୬ ।।

– ଲୋକସମୂହର କୁଟୁମ୍ବବାଲୀ ସେହି ଉମାଙ୍କ ସହିତ ଭଗବାନ୍ ଶିବ ବସିଥିଲେ । ଏହିପରି ଅପୂର୍ବ ରୂପଧାରି ଭଗବାନ୍ ଶିବଙ୍କର ତାଙ୍କର ପରିବାର ଜନ ଚତୁଃପାର୍ଶ୍ୱରେ ସେବା କରୁଥିଲେ ।। ୩୬ ।।

ଏବଂ ପାର୍ବତୀପରମେଶ୍ୱରୌ ବର୍ଣ୍ଣୟିତ୍ୱାଗ୍ରେ ବିଂଶତିସୂତ୍ରୈସ୍ତାଭିର୍ଦେବତାଭି-ର୍ବିଧୀୟମାନଂ ସେବାଂ ବର୍ଣ୍ଣୟତି –

CC-0. Jangamwadi Math Digital Collection.

ପୁଣ୍ଡରୀକାକୃତିଂ ସ୍ୱଚ୍ଛଂ ପୂର୍ଣ୍ଣଚନ୍ଦ୍ରସହୋଦରମ୍ ।
ଦଧୌ ତସ୍ୟ ମହାଲକ୍ଷ୍ମୀଃ ସିତମାତପବାରଣମ୍ ।। ୩୭ ।।

ଶ୍ୱେତକମଳବନ୍ନିର୍ମଳଂ ପୂର୍ଣ୍ଣଚନ୍ଦ୍ରସହୋଦରଂ ଶ୍ୱେତଚ୍ଛତ୍ରଂ ମହାଲକ୍ଷ୍ମୀସ୍ତସ୍ୟ ପରମେଶ୍ୱରସ୍ୟ ଧୃତବତୀତ୍ୟର୍ଥଃ ।। ୩୭ ।।

– ମହାଲକ୍ଷ୍ମୀ ତାଙ୍କର ଛତ୍ର ଧାରଣ କରିଥିଲେ ଯାହାକି ପଦ୍ମାକାର ଉଜ୍ଜ୍ୱଳ ପୂର୍ଣ୍ଣଚନ୍ଦ୍ର ସଦୃଶ ତଥା ଶ୍ୱେତବର୍ଣ୍ଣର ଥିଲା ।। ୩୭ ।।

ତନ୍ତ୍ରୀଝଙ୍କାରଶାଳିନ୍ୟା ସଙ୍ଗୀତାମୃତବିଦ୍ୟୟା ।
ଉପତସ୍ଥେ ମହାଦେବମୁପାନ୍ତେ ଚ ସରସ୍ୱତୀ ।। ୩୮ ।।

କୂଜନ୍ନବରତ୍ନମୟକଙ୍କଣସମୂହଯୁକ୍ତହସ୍ତେନୋପନିଷଦ୍ଭାସ୍ୱରମଣ୍ଡଳତନ୍ତ୍ରୀଝଙ୍କାରଶୋଭମାନ ସଙ୍ଗୀତ ରସବିଦ୍ୟୟା ସରସ୍ୱତୀ ସମୀପେ ମହାଦେବଂ ସେବିତବତୀତ୍ୟର୍ଥଃ ।। ୩୮ ।।

– ପାର୍ଶ୍ୱରେ ସରସ୍ୱତୀ ବୀଣାର ଝଙ୍କାରରେ ଯୁକ୍ତ ସଙ୍ଗୀତମୟୀ ଅମୃତବିଦ୍ୟାରେ ମହାଦେବଙ୍କର ଉପାସନା କରୁଥିଲେ ।। ୩୮ ।।

ଝଣତ୍କଙ୍କଣଜାତେନ ହସ୍ତେନୋପନିଷଦ୍ୱଧୂଃ ।
ଓଁକାରତାଳବୃନ୍ତେନ ବୀଜୟାମାସ ଶଙ୍କରମ୍ ।। ୩୯ ।।

କୂଜନ୍ନବରତ୍ନମୟକଙ୍କଣସମୂହଯୁକ୍ତହସ୍ତେନୋପନିଷଦ୍ୱଧୂଃ ଓଁକାରବ୍ୟଜନେନ ଶିବଂ ବୀଜୟାମାସେତ୍ୟର୍ଥଃ ।। ୩୯ ।।

– ଉପନିଷଦ୍ ରୂପୀ ବହୁ ଝଙ୍କୃତ କଙ୍କଣ ଯୁକ୍ତ ହାତରେ ଓଁକାର ରୂପୀ ପଙ୍ଖାରେ ଶଙ୍କରଙ୍କୁ ପଙ୍ଖା କରୁଥିଲେ ।। ୩୯ ।।

ଚଳଚ୍ଚାମରିକାହସ୍ତା ଝଙ୍କୁର୍ବନ୍ ମଣିକଙ୍କଣାଃ ।
ଆସେବନ୍ତ ତମୀଶାନମଭିତୋ ଦିବ୍ୟକନ୍ୟକାଃ ।। ୪୦ ।।

ଦିବ୍ୟକନ୍ୟକା ଇନ୍ଦ୍ରାଣୀ ପ୍ରଭୃତି ଦେବସ୍ତ୍ରିୟ ଇତ୍ୟର୍ଥଃ । ସ୍ପଷ୍ଟମନ୍ୟତ୍ ।। ୪୦ ।।

– ଯାହାଙ୍କର ହାତ ଚାମର ହଲାଉ ଥିଲା ଏବଂ ମଣି ଜଡ଼ିତ କଙ୍କଣର ଶବ୍ଦରେ ଝଙ୍କୃତ ହେଉଥିଲା, ସେହିପରି ଇନ୍ଦ୍ରାଣୀ ଆଦି ଦିବ୍ୟ କନ୍ୟାମାନେ ସେହି ପରମେଶ୍ୱରଙ୍କର ଚତୁଃପାର୍ଶ୍ୱରେ ସେବା କରୁଥିଲେ ।। ୪୦ ।।

ଚାମରାଣାଂ ବିଲୋଳାନାଂ ମଧ୍ୟେ ତନ୍ମୁଖମଣ୍ଡଳମ୍ ।
ରରାଜ ରାଜହଂସାନାଂ ଭ୍ରମତାମିବ ପଙ୍କଜମ୍ ।। ୪୧ ।।

ବିଲୋଳାନାଂ ଚାମରାଣାଂ ମଧ୍ୟେ ଶିବସ୍ୟ ମୁଖମଣ୍ଡଳଂ ଭ୍ରମଣଂ ରାଜହଂସାନାଂ ମଧ୍ୟେ କମଳମିବ ରରାଜେତ୍ୟର୍ଥଃ ।। ୪୧ ।।

CC-0. Jangamwadi Math Digital Collection.

– ହଲୁଥିବା ଚାମର ମଧ୍ୟରେ ଶଙ୍କରଙ୍କର ମୁଖ ଏପରି ଲାଗୁଥିଲା, ଯେପରି ରାଜହଂସ ମଧ୍ୟରେ କମଳ ଶୋଭା ପାଉଛି ।। ୪୧ ।।

ମନ୍ତ୍ରେଣ ତମସେବନ୍ତ ବେଦାଃ ସାଙ୍ଗ ବିଭୂତୟଃ ।
ଭକ୍ତ୍ୟା ଚୂଡ଼ାମଣିଂ କାନ୍ତଂ ବହନ୍ତ ଇବ ମୌଳିଭିଃ ।। ୪୨ ।।

ସାଙ୍ଗବିଭୂତୟଃ[୨୪] ଶିକ୍ଷାଦ୍ୟଙ୍ଗବିଶିଷ୍ଟା ଋଗାଦିବେଦପୁରୁଷା ଉପନିଷଦ୍ ଭାଗରୂପମସ୍ତକୈସ୍ତଂ ପରମେଶ୍ୱରଂ କାନ୍ତଂ ଚୂଡ଼ାରତ୍ନମିବ ବହନ୍ତଃ ସନ୍ତଃ ପ୍ରଣବମନ୍ତ୍ରେଣ ଭକ୍ତ୍ୟା ଅସେବନ୍ତେତ୍ୟର୍ଥଃ ।। ୪୨ ।।

– ଅଙ୍ଗରୂପୀ ବିଭୂତିରେ ଯୁକ୍ତ ବେଦପୁରୁଷ ନିଜର ଉପନିଷଦ୍‌ରୂପୀ ମସ୍ତକ ଉପରେ ମନୋହର ଚୂଡ଼ାମଣି ଲଗାଇ ଭକ୍ତିର ସହିତ ମନ୍ତ୍ରଦ୍ୱାରା ସେହି ଶଙ୍କରଙ୍କର ସେବା କରୁଥିଲେ ।। ୪୨ ।।

ତଦୀୟାୟୁଧଧାରିଣ୍ୟସ୍ତଦ୍‌ସମାନବିଭୂଷଣାଃ ।
ଅଙ୍ଗଭୂତାଃ ସ୍ତ୍ରିୟଃ କାଶ୍ଚିଦାସେବନ୍ତ ତମୀଶ୍ୱରମ୍ ।। ୪୩ ।।

ବେଦପୁରୁଷାୟୁଧଧାରିଣ୍ୟସ୍ତଦ୍‌ସମାନବିଭୂଷଣା ଅଙ୍ଗଦେବତାସ୍ତଂ ଶିବମା-ସେବନ୍ତେତ୍ୟର୍ଥଃ ।। ୪୩ ।।

– ସେହି ବେଦପୁରୁଷଙ୍କର ଅଙ୍ଗଭୂତ କେତେକ ଦିବ୍ୟ ସ୍ତ୍ରୀମାନେ ନିଜର ଅସ୍ତ୍ର-ଶସ୍ତ୍ର ତଥା ଆଭୂଷଣକୁ ଧାରଣ କରି ସେହି ଈଶ୍ୱରଙ୍କର ସେବା କରୁଥିଲେ ।। ୪୩ ।।

ଆପ୍ତାଧିକାରିଣଃ କେଚିଦନନ୍ତପ୍ରମୁଖା ଅପି ।
ଅଷ୍ଟୌ ବିଦ୍ୟେଶ୍ୱରା ଦେବମଭଜନ୍ତ ସମନ୍ତତଃ ।। ୪୪ ।।

ପରମାପ୍ତାଧିକାରିଣଃ କେଚିଦନନ୍ତସୂକ୍ଷ୍ମଶିବୋତ୍ତମୈକନେତ୍ରୈକରୁଦ୍ରତ୍ରିମୂର୍ତ୍ତି ଶ୍ରୀକଣ୍ଠଶିଖଣ୍ଡି ସଂଜ୍ଞକା ଅଷ୍ଟବିଦ୍ୟେଶ୍ୱରାଃ ପରମେଶ୍ୱରମଭିତୋଽସେବନ୍ତ ଇତ୍ୟର୍ଥଃ ।। ୪୪ ।।

– ଅଧିକାର ପ୍ରାପ୍ତ ଆନନ୍ଦ ଆଦି କେତେକ ଉତ୍ତମ କୋଟିର ଆଠ ବିଦ୍ୟେଶ୍ୱର[୨୫] ମଧ୍ୟ ଚତୁଃପାର୍ଶ୍ୱରେ ତାଙ୍କର ସେବା କରୁଥିଲେ ।। ୪୪ ।।

---

୨୪. ଅଙ୍ଗ – ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଏବଂ ଜ୍ୟୋତିଷ ବେଦପୁରୁଷର ଛଅ ଅଙ୍ଗ ଭାବରେ ସ୍ୱୀକୃତ ।

୨୫. ଅନନ୍ତ, ସୂକ୍ଷ୍ମ, ଶିବୋତ୍ତମ, ଏକନେତ୍ର, ଏକରୁଦ୍ର, ତ୍ରିମୂର୍ତ୍ତି, ଶ୍ରୀକଣ୍ଠ ଏବଂ ଶିଖଣ୍ଡ – ଆଠ ବିଦ୍ୟେଶ୍ୱର ଅଟନ୍ତି ।

CC-0. Jangamwadi Math Digital Collection.

ତତୋ ନନ୍ଦୀ ମହାକାଳଶ୍ଚଣ୍ଡୋ ଭୃଙ୍ଗୀ ରିଟିସ୍ତତଃ ।
ଘଣ୍ଟାକର୍ଣ୍ଣଃ ପୁଷ୍ପଦନ୍ତଃ କପାଳୀ ବୀରଭଦ୍ରକଃ ।। ୪୫ ।।
ଏବମାଦ୍ୟା ମହାଭାଗା ମହାବଳପରାକ୍ରମାଃ ।
ନିରଙ୍କୁଶ ମହାସତ୍ତ୍ୱା ଭେଜିରେ ତଂ ମହେଶ୍ୱରମ୍ ।। ୪୬ ।।

ସ୍ପଷ୍ଟମ୍ ।। ୪୫-୪୬ ।।

– ତାପରେ ନନ୍ଦୀ, ମହାକାଳ, ଚଣ୍ଡ, ଭୃଙ୍ଗୀ, ରିଟି, ଘଣ୍ଟାକର୍ଣ୍ଣ, ପୁଷ୍ପଦନ୍ତ, କପାଳୀ, ବୀରଭଦ୍ର ଆଦି ପ୍ରଥମଗଣ ଯେଉଁମାନେ କି ମହାବଳୀ, ମହା ପରାକ୍ରମୀ, ସ୍ୱତନ୍ତ୍ର ଏବଂ ମହାସତ୍ତ୍ୱବାନ୍ ଥିଲେ, ସେହି ମହେଶ୍ୱରଙ୍କର ସେବା କରୁଥିଲେ ।। ୪୫-୪୬ ।।

ଅଥ ପ୍ରମଥଗଣାନ୍ ପଞ୍ଚଭିଃ ସୂତ୍ରୈର୍ବର୍ଣ୍ଣୟତି –

ଅଣିମାଦିକମୈଶ୍ୱର୍ଯ୍ୟଂ ଯେଷାଂ ସିଦ୍ଧେରପୋହନମ୍ ।
ବ୍ରହ୍ମାଦୟଃ ସୁରା ଯେଷାମାଜ୍ଞାଲଙ୍ଘନଭୀରବଃ ।। ୪୭ ।।

ଅଣିମାଦ୍ୟଷ୍ଟୈଶ୍ୱର୍ଯ୍ୟଂ ଯେଷାଂ ପ୍ରମଥଗଣାନାଂ ସିଦ୍ଧେଃ ସକାଶାତ୍ତୁଚ୍ଛମ୍, ବ୍ରହ୍ମାଦୟଃ ସୁରା ଯେଷାଂ ଆଜ୍ଞାଲଙ୍ଘନେ ଭୟଶୀଳା ଇତ୍ୟର୍ଥଃ ।। ୪୭ ।।

– ଏହାପରେ ପାଞ୍ଚଟି ଶ୍ଳୋକରେ ପ୍ରମଥଗଣଙ୍କର ବିଶେଷତା ବତାଉଛନ୍ତି – ସେହି ପ୍ରମଥଗଣଙ୍କର ସିଦ୍ଧି ସମ୍ମୁଖରେ ଅଣିମା[୨୬] ଆଦି ସିଦ୍ଧି ତୁଚ୍ଛ ଅଟନ୍ତି । ବ୍ରହ୍ମା ଆଦି ଦେବତା ତାଙ୍କର ଆଜ୍ଞା ଉଲ୍ଲଙ୍ଘନ କରିବାକୁ ଡରନ୍ତି ।। ୪୭ ।।

ମୋକ୍ଷଲକ୍ଷ୍ମୀପରିଷ୍ୱଙ୍ଗମୁଦିତା ଯେଽନ୍ତରାତ୍ମନା ।
ଯେଷାମୀଷତ୍କରଂ ବିଶ୍ୱସର୍ଗସଂହାରକଳ୍ପନମ୍ ।। ୪୮ ।।

ଅନ୍ତର୍ମୁଖୀଭୂତବୁଦ୍ଧ୍ୟା ମୋକ୍ଷଲକ୍ଷ୍ମ୍ୟାଲିଙ୍ଗନେ ମୁଦିତାଃ ଯେଷାଂ ବିଶ୍ୱସୃଷ୍ଟ୍ୟାଦି-କଳ୍ପନମୀଷତ୍କରଂ ତୁଚ୍ଛମିତ୍ୟର୍ଥଃ ।। ୪୮ ।।

– ସେମାନେ (ପ୍ରମଥଗଣ) ଅନ୍ତରାତ୍ମାରେ ମୋକ୍ଷଲକ୍ଷ୍ମୀଙ୍କ ଆଲିଙ୍ଗନରେ ଆନନ୍ଦମୟ ଥିଲେ । ତେଣୁ ସେମାନଙ୍କ ପାଇଁ ବିଶ୍ୱର ସୃଷ୍ଟି ଏବଂ ସଂହାର ଅତ୍ୟନ୍ତ ସରଳ କାର୍ଯ୍ୟ ଅଥବା ବ୍ୟର୍ଥ ଥିଲା ।। ୪୮ ।।

ଜ୍ଞାନଶକ୍ତିଃ ପରା ଯେଷାଂ ସର୍ବବସ୍ତୁପ୍ରକାଶିନୀ[୨୭] ।
ଆନନ୍ଦକଣିକା ଯେଷାଂ ହରିବ୍ରହ୍ମାଦିସମ୍ପଦଃ ।। ୪୯ ।।

---

୨୬. ସିଦ୍ଧି – ଅଣିମା, ମହିମା, ଲଘିମା, ଗରିମା, ପ୍ରାପ୍ତି, ପ୍ରାକାମ୍ୟ, ଈଶିତ୍ୱ ଏବଂ ବଶିତ୍ୱ (ଅଥବା ଯତ୍ର କାମାବସାୟିତ୍ୱ) ହେଉଛନ୍ତି ଆଠ ସିଦ୍ଧି ।

୨୭. ଜ୍ଞାନଶକ୍ତିର୍ମହେଶସ୍ୟ ତପତ୍ୟାଦିତ୍ୟବିଗ୍ରହା । (ସ୍ୱ. ତଂ.)

CC-0. Jangamwadi Math Digital Collection.

ଯେଷାଂ ଜ୍ଞାନଶକ୍ତିଃ ସର୍ବବସ୍ତୁପ୍ରକାଶିନୀ ବରା ଶ୍ରେଷ୍ଠା, ବ୍ରହ୍ମାଦୀନାଂ ସମ୍ପଦୋ ଯେଷାମ୍ ଆନନ୍ଦକଣିକାଃ, ଲେଶା ଇତ୍ୟର୍ଥଃ ।। ୪୯ ।।

– ତାଙ୍କର ପରା ଜ୍ଞାନ ଶକ୍ତି ସମସ୍ତ ବସ୍ତୁକୁ ପ୍ରକାଶିତ କରୁଥିଲା ତଥା ବିଷ୍ଣୁ, ବ୍ରହ୍ମା ଆଦି ଦେବଗଣଙ୍କର ସମ୍ପଦ ସେମାନଙ୍କ ପାଖରେ ଥିବା ଆନନ୍ଦର କଣିକା ମାତ୍ର ଥିଲା ।। ୪୯ ।।

ଆକାଂକ୍ଷନ୍ତେ ପଦଂ ଯେଷାଂ ଯୋଗିନୋ ଯୋଗତତ୍ପରାଃ ।
କାଙ୍କ୍ଷଣୀୟଫଲୋ ଯେଷାଂ ସଙ୍କଳ୍ପଃ କଳ୍ପପାଦପଃ ।। ୫୦ ।।

ଶିବଯୋଗତତ୍ପରା ଯୋଗିନୋ ଯେଷାଂ ପଦଂ କାଙ୍କ୍ଷନ୍ତେ ଅପେକ୍ଷନ୍ତେ, ଯେଷାଂ ସଙ୍କଳ୍ପଃ କାମିତାର୍ଥଫଳଯୁତକଳ୍ପପାଦପ ଇତ୍ୟର୍ଥଃ ।। ୫୦ ।।

– ଯୋଗରେ ତତ୍ପର ଯୋଗୀଗଣ ତାଙ୍କର ପଦର ଅଭିଳାଷୀ ରହନ୍ତି । ତାଙ୍କର ସଙ୍କଳ୍ପ ହିଁ ମନୋବାଞ୍ଛିତ ଫଳ ଦେଉଥିବା କଳ୍ପବୃକ୍ଷ ଅଟେ ।। ୫୦ ।।

କର୍ମକାଳାଦିକାର୍ପଣ୍ୟଚିନ୍ତା ଯେଷାଂ ନ ବିଦ୍ୟତେ ।
ଯେଷାଂ ବିକ୍ରମସନ୍ନାହା ମୃତ୍ୟୋରପି ଚ ମୃତ୍ୟବଃ ।। ୫୧ ।।
ତେ ସାରୁପ୍ୟପଦଂ ପ୍ରାପ୍ତାଃ ପ୍ରମଥା ଭେଜିରେ ଶିବମ୍ ।

ସଞ୍ଚିତାଦି[୨୮] କର୍ମଭୂତାଦି କାଳକାମପ୍ରଭୃତ୍ୟୁଦ୍ଭୂତକାର୍ପଣ୍ୟଚିନ୍ତା ଯେଷାଂ ନ ବିଦ୍ୟତେ, ଯେଷାଂ ପରାକ୍ରମପ୍ରସଙ୍ଗା ମୃତ୍ୟୋରପି ମୃତ୍ୟବଃ, ସାରୂପ୍ୟପଦଂ ପ୍ରାପ୍ତାସ୍ତେ ପ୍ରମଥା ହରଂ ଭେଜିରେ । 'ଭଜ' ସେବାୟାମିତି ଧାତୁଃ ।। ୫୧ ।।

– ଯାହାଙ୍କୁ କର୍ମ ଏବଂ କାଳ ଆଦିରୁ ଜନ୍ୟ ଦୁଃଖର ଚିନ୍ତା ନ ଥାଏ, ତାଙ୍କର ପରାକ୍ରମପୂର୍ଣ୍ଣ କାର୍ଯ୍ୟ ମୃତ୍ୟୁର ମଧ୍ୟ ମୃତ୍ୟୁ ହୋଇଥାଏ । ଭଗବାନ୍ ଶିବଙ୍କର ସାରୂପ୍ୟପଦ (ମୋକ୍ଷ)କୁ ପ୍ରାପ୍ତ ସେହି ପ୍ରମଥଗଣ ଶିବଙ୍କର ସେବାରେ ନିରତ ଥିଲେ ।। ୫୧ ।।

ବ୍ରହ୍ମୋପେନ୍ଦ୍ରମହେନ୍ଦ୍ରାଦ୍ୟା ବିଶ୍ୱତନ୍ତ୍ରାଧିକାରିଣମ୍ ।
ଆୟୁଧାଳଙ୍କୃତପ୍ରାପ୍ତାଃ ପରିତସ୍ତଂ ସିଷେବିରେ ।। ୫୨ ।।

ବ୍ରହ୍ମବିଷ୍ଣୁରୁଦ୍ରେନ୍ଦ୍ରପ୍ରଭୃତିତ୍ରୟସ୍ତ୍ରିଂଶତ୍ କୋଟି ଦେବାଃ ସ୍ୱକୀୟାୟୁଧାଳଙ୍କୃତଶ୍ରେଣିଯୁଗ୍ମାଃ, ବିଶ୍ୱସୃଷ୍ଟାବଧିକାରବନ୍ତଂ ତଂ ଶିବଂ ପରିତଃ ସିଷେବିର ଇତ୍ୟର୍ଥଃ ।। ୫୨ ।।

– ବ୍ରହ୍ମା, ବିଷ୍ଣୁ, ଦେବରାଜ ଇନ୍ଦ୍ର ଆଦି ନିଜ ନିଜ ଶସ୍ତ୍ରରେ ସୁସଜ୍ଜିତ ହୋଇ ବିଶ୍ୱବିସ୍ତାରର ଅଧିକାରୀ ସେହି ଭଗବାନ୍ ଶିବଙ୍କର ସାର୍ବଭୌମ ସେବା କରନ୍ତି ।। ୫୨ ।।

---

୨୮. କର୍ମ – କର୍ମ ତିନି ପ୍ରକାରର । ସଞ୍ଚିତ, କ୍ରିୟାମାଣ ଏବଂ ପ୍ରାରବ୍ଧ । ବର୍ତ୍ତମାନ ଶରୀର ପ୍ରାରବ୍ଧ କର୍ମର ଫଳ । ସଞ୍ଚିତ କର୍ମ ଭବିଷ୍ୟତ ଜନ୍ମର କାରଣ ହୁଏ ।

CC-0. Jangamwadi Math Digital Collection.

ଆଦିତ୍ୟା ବସବୋ ରୁଦ୍ରା ଯକ୍ଷଗନ୍ଧର୍ବକିନ୍ନରାଃ ।
ଦାନବା ରାକ୍ଷସା ଦୈତ୍ୟାଃ ସିଦ୍ଧା ବିଦ୍ୟାଧରୋରଗାଃ ।।
ଅଭଜନ୍ତ ମହାଦେବମପରିଚ୍ଛିନ୍ନ ସୈନିକାଃ ।। ୫୩।।

ଆଦିତ୍ୟା ଦ୍ୱାଦଶାଦିତ୍ୟାଃ, ଅଷ୍ଟୌ ବସବଃ, ଏକାଦଶ ରୁଦ୍ରାଃ, କୁବେର ପ୍ରଭୃତିଯକ୍ଷାଃ, ହାହା ପ୍ରଭୃତି ଗନ୍ଧର୍ବାଃ, ଅଶ୍ୱମୁଖାଦି କିନ୍ନରାଃ, ବାଣାଦିଦାନବାଃ, ରାବଣାଦିରାକ୍ଷସାଃ, ତାରକାଦିଦୈତ୍ୟାଃ, ଆଦିନାଥାଦିସିଦ୍ଧାଃ, ମଣିଭଦ୍ରାଦିବିଦ୍ୟାଧରାଃ, ଶେଷାଦ୍ୟୁରଗାଃ, ଅବିଚ୍ଛିନ୍ନ ସୈନିକାଃ ସନ୍ତୋ ମହାଦେବମଭଜନ୍ତ ଇତ୍ୟର୍ଥଃ ।। ୫୩।।

– ଦ୍ୱାଦଶସୂର୍ଯ୍ୟ, ଆଠ ବସୁ, ଏଗାର ରୁଦ୍ର, କୁବେର ଆଦି ଯକ୍ଷ, ହାହା ହୂହୂ ଆଦି ଗନ୍ଧର୍ବ, ଅଶ୍ୱମୁଖ ଆଦି କିନ୍ନର, ବାଣ ଆଦି ଦାନବ, ରାବଣ ଆଦି ରାକ୍ଷସ, ତାରକ ଆଦି ଦୈତ୍ୟ, ଆଦିନାଥ ଆଦି ସିଦ୍ଧ, ମଣିଭଦ୍ର ଆଦି ବିଦ୍ୟାଧର, ଶେଷନାଗ ଆଦି ସର୍ପ, ଅସଂଖ୍ୟ ସୈନ୍ୟବଳ ସହିତ ମହାଦେବଙ୍କର ସେବା କରୁଥିଲେ।। ୫୩।।

ବଶିଷ୍ଠୋ ବାମଦେବଶ୍ଚ ପୁଲସ୍ତ୍ୟାଗସ୍ତ୍ୟଶୌନକାଃ ।
ଦଧୀଚିର୍ଗୌତମଶ୍ଚୈବ ସାନନ୍ଦଶୁକନାରଦାଃ ।। ୫୪।।
ଉପମନ୍ୟୁଭୃଗୁବ୍ୟାସପାରାଶରମରୀଚୟଃ ।
ଇତ୍ୟାଦ୍ୟା ମୁନୟଃ ସର୍ବେ ନୀଳକଣ୍ଠଂ ସିଷେବିରେ ।। ୫୫।।

– ବଶିଷ୍ଠ, ବାମଦେବ, ପୁଲସ୍ତ୍ୟ, ଅଗସ୍ତ୍ୟ, ଶୌନକ, ଦଧୀଚି, ଗୌତମ, ସାନନ୍ଦ, ଶୁକଦେବ, ନାରଦ, ଉପମନ୍ୟୁ, ଭୃଗୁ, ବ୍ୟାସ, ପରାଶର, ମରୀଚି ଇତ୍ୟାଦି ସମସ୍ତ ମୁନି ନୀଳକଣ୍ଠଙ୍କର ସେବା କରୁଥିଲେ ।। ୫୫।।

ପାର୍ଶ୍ୱସ୍ଥପରିବାରାଣାଂ ବିମଳାଙ୍ଗେଷୁ ବିମ୍ବିତଃ ।
ସର୍ବାନ୍ତର୍ଗତମାତ୍ମାନାଂ ସ ରେଜେ ଦର୍ଶୟନ୍ନିବ ।। ୫୬।।

– ପାଖରେ ଥିବା ପରିବାର ଜନଙ୍କର ନିର୍ମଳ ଅଙ୍ଗରେ ପ୍ରତିବିମ୍ବିତ ସେହି ଭଗବାନ୍ ଶିବ ନିଜକୁ ସମସ୍ତଙ୍କ ଅନ୍ତରରେ ବିରାଜମାନ ଦେଖାଇ ଶୋଭାୟମାନ ଥିଲେ ।। ୫୬।।

ଅଥ ପରମେଶ୍ୱରସ୍ୟ ରାଜବ୍ୟାପାରଂ ଦଶଭିଃ ସୂତ୍ରୈଃ ପ୍ରଦର୍ଶୟତି –

କ୍ଷଣଂ ସ ଶମ୍ଭୁର୍ଦେବାନାଂ କାର୍ଯ୍ୟଭାଗଂ ନିରୂପୟନ୍ ।
କ୍ଷଣଂ ଗନ୍ଧର୍ବରାଜାନାଂ[୨୯] ଗାନବିଦ୍ୟାଂ ବିଭାବୟନ୍ ।। ୫୭।।

---

୨୯. ‘ରାଜାହଃ ସଖିଭ୍ୟଷ୍ଟଚ୍’ ଇତି ସୂତ୍ରେଣ ସମାସାନ୍ତାଦ୍ରାଜନ୍ ଶବ୍ଦାତ୍ ‘ଟଚ୍’ ପ୍ରତ୍ୟୟଃ।

CC-0. Jangamwadi Math Digital Collection.

– ଭଗବାନ୍ ଶମ୍ଭୁ ଗୋଟିଏ ମୁହୂର୍ତ୍ତରେ ଦେବତାମାନଙ୍କର କାର୍ଯ୍ୟକୁ ନିର୍ଦ୍ଧାରିତ କରି ପର ମୁହୂର୍ତ୍ତରେ ଗନ୍ଧର୍ବମାନଙ୍କର ଗାନବିଦ୍ୟା ଶୁଣୁଥିଲେ ।। ୫୭।।

ବ୍ରହ୍ମବିଷ୍ଣ୍ୱାଦିଭିର୍ଦେବୈଃ କ୍ଷଣମାଲାପମାଚରନ୍ ।
କ୍ଷଣଂ ଦେବମୃଗାକ୍ଷୀଣାଂ ଲାଳୟନ୍ନୃତ୍ୟବିଭ୍ରମମ୍ ।। ୫୮।।

– କେତେବେଳେ କ୍ଷଣକ ପାଇଁ ବ୍ରହ୍ମା, ବିଷ୍ଣୁ ଆଦି ଦେବତାମାନଙ୍କ ସହିତ କଥା ହେଉଥିଲେ ତ କେତେବେଳେ ଦେବ ସ୍ତ୍ରୀମାନଙ୍କର ନୃତ୍ୟର ପ୍ରଶଂସା କରୁଥିଲେ ।। ୫୮।।

ବ୍ୟାସାଦୀନାଂ କ୍ଷଣଂ କୁର୍ବନ୍ ବେଦୋଚ୍ଚାରେଷୁ ଗୌରବମ୍।
ବିଦଧାନଃ କ୍ଷଣଂ ଦେବ୍ୟା ମୁଖେ ବିମ୍ବାଧରେ ଦୃଶଃ[୩୦] ।। ୫୯।।

– ଗୋଟିଏ ମୁହୂର୍ତ୍ତରେ ବେଦୋଚ୍ଚାରଣ ପାଇଁ ବ୍ୟାସ ଆଦିଙ୍କର ପ୍ରଶଂସା କରୁଥିଲେ ତ ପର ମୁହୂର୍ତ୍ତରେ ବିମ୍ବଫଳ ପରି ଅଧର ଯୁକ୍ତ ଦେବୀ ଉମାଙ୍କର ମୁଖକୁ ଦେଖୁଥିଲେ ।। ୫୯।।

ହାସ୍ୟନୃତ୍ୟଂ କ୍ଷଣଂ ପଶ୍ୟନ୍ ଭୃଙ୍ଗିଣା ପରିକଳ୍ପିତମ୍ ।
ନନ୍ଦିନା ବେତ୍ରହସ୍ତେନ ସର୍ବତନ୍ତ୍ରାଧିକାରିଣା ।। ୬୦।।
ଅମୁଞ୍ଚତା ସଦା ପାର୍ଶ୍ୱମାତ୍ମାଭିପ୍ରାୟ ବେଦିନା ।
ଚୋଦିତାଂ ବାସୟନ୍ କାଂଶ୍ଚିଦ୍ୱିସୃଜନ୍ ଭ୍ରୂବିଳାସତଃ ।
ସମ୍ଭାବୟଂ ସ୍ତଥା ଚାନ୍ୟାନନ୍ୟାନପି ନିୟାମୟନ୍ ।। ୬୧।।

ଭ୍ରୂସଂଜ୍ଞୟା କାଂଶ୍ଚିଦ୍ୱିସୃଜନ୍ ପ୍ରେଷୟଂସ୍ତଥାନ୍ୟାନ୍ ସମ୍ଭାବୟନ୍, ପ୍ରିୟୋକ୍ତିଂ ବଦନ୍ନନ୍ୟାନ୍ନିୟାମୟନ୍ ଶିକ୍ଷୟନ୍ । ଶିଷ୍ଟଂ ସ୍ପଷ୍ଟମ୍ ।। ୬୦-୬୧।।

– କେତେବେଳେ ଭୃଙ୍ଗୀମାନଙ୍କଦ୍ୱାରା ପ୍ରସ୍ତୁତ ହାସ୍ୟ ନୃତ୍ୟକୁ ଦେଖୁଥିଲେ ତ କେତେବେଳେ ସର୍ବକାର୍ଯ୍ୟାଧିକାରୀ ପାର୍ଶ୍ୱରେ ଦଣ୍ଡାୟମାନ ବେତ୍ରହସ୍ତ ଏବଂ ଆତ୍ମାଭିପ୍ରାୟକୁ ଜାଣିପାରୁଥିବା ନନ୍ଦୀଦ୍ୱାରା ଆହୂତ ଲୋକମାନଙ୍କୁ ଆଣୁଥିଲେ ତଥା ଅନ୍ୟମାନଙ୍କୁ ଭ୍ରୂବିକ୍ଷେପରେ ପ୍ରେରିତ କରୁଥିଲେ । କାହାକୁ ପ୍ରିୟବାକ୍ୟରେ ସନ୍ତୁଷ୍ଟ କରୁଥିଲେ ତ କାହାକୁ ଶାସିତ କରୁଥିଲେ ।। ୬୦-୬୧।।

ସମସ୍ତଭୁବନାଧୀଶମୌଳିଲାଳିତଶାସନଃ ।
ଅକୁଣ୍ଠଶକ୍ତିରବ୍ୟାଜଲାବଣ୍ୟଲଳିତାକୃତିଃ ।। ୬୨।।

ସମସ୍ତଭୁବନାଧୀଶଃ, ବ୍ରହ୍ମମସ୍ତକସ୍ଥାପିତସମସ୍ତଜ୍ଞାନଶକ୍ତିମାନ ପ୍ରତିହତଶକ୍ତିଃ, ନିଜଲାବଣ୍ୟମନୋହରାକୃତିରିତ୍ୟର୍ଥଃ ।। ୬୨।।

---

୩୦. ତୁଳନୀୟ-ଉମାମୁଖେ ବିମ୍ବଫଳାଧରୋଷ୍ଠେ ବ୍ୟାପାରୟାମାସ ବିଲୋଚନାନି।(କୁ.ସଂ.)

CC-0. Jangamwadi Math Digital Collection.

– ତାଙ୍କର ଆଦେଶ ସମସ୍ତ ଭୁବନର ସ୍ୱାମୀମାନଙ୍କ ପାଇଁ ଶିରୋଧାର୍ଯ୍ୟ ଥିଲା । ତାଙ୍କର ଆକୃତି ସ୍ୱାଭାବିକ ସୌନ୍ଦର୍ଯ୍ୟରେ ସୁନ୍ଦର ଥିଲା ତଥା ଶକ୍ତି କୁଣ୍ଠା ରହିତ ଅର୍ଥାତ୍ ଅବ୍ୟାହତ ଥିଲା ।। ୬୨ ।।

ସ୍ଥିରଯୌବନସୌରଭ୍ୟଶୃଙ୍ଗାରିତକଳେବରଃ ।
ଆତ୍ମଶକ୍ତ୍ୟମୃତାସ୍ୱାଦରସୋଲ୍ଲସିତମାନସଃ ।। ୬୩ ।।

ବୃଦ୍ଧିକ୍ଷୟ ରହିତ ଯୌବନୋଦ୍ରେକଶୃଙ୍ଗାରିତ କଳେବରଃ, ସ୍ୱସମବେତ ଶକ୍ତିଲକ୍ଷଣପରମାନନ୍ଦ ରସାସ୍ୱାଦନୋଜ୍ଜୃମ୍ଭିତାନ୍ତରଙ୍ଗଃ ।। ୬୩ ।।

– ତାଙ୍କର ଶରୀର ସ୍ଥିର ଯୌବନର ସୁରଭିରେ ସୁସଜ୍ଜିତ ତଥା ମନ ଆତ୍ମଶକ୍ତିରୂପୀ ଅମୃତର ରସାସ୍ୱାଦରେ ଉଲ୍ଲାସଯୁକ୍ତ ଥିଲା ।। ୬୩ ।।

ସ୍ୱାଭାବିକମହୈଶ୍ୱର୍ଯ୍ୟ ବିଶ୍ରାମପରମାବଧିଃ ।
ନିଷ୍କଳଙ୍କ ମହାସତ୍ତ୍ୱ ନିର୍ମିତାନେକବିଗ୍ରହଃ ।। ୬୪ ।।

ସ୍ୱାଭାବିକେତି । ଅନୌପାଧିକ ସର୍ବଜ୍ଞତା[୩୧] ଦି ମହୈଶ୍ୱର୍ଯ୍ୟବିଶ୍ରାନ୍ତିପର୍ଯ୍ୟନ୍ତଭୂମିଃ, ଅକଳଙ୍କମହାଶକ୍ତିନିର୍ମିତାନେକଦିବ୍ୟମଙ୍ଗଳମୂର୍ତ୍ତିମାନ୍ ।। ୬୪ ।।

– ସ୍ୱାଭାବିକ ମହାଐଶ୍ୱର୍ଯ୍ୟର ବିଶ୍ରାମର ଅନ୍ତିମ ସୀମା ତଥା ସ୍ୱରୂପର କଳଙ୍କରହିତ ମହାସତ୍ତ୍ୱ ଦ୍ୱାରା ଅନେକ ଶରୀରକୁ ଧାରଣ କରିବାବାଲା ଅଟନ୍ତି ।। ୬୪ ।।

ଅଖଣ୍ଡାରାତି ଦୋର୍ଦଣ୍ଡକଣ୍ଡୂଖଣ୍ଡନ ପଣ୍ଡିତଃ ।
ଚିନ୍ତାମଣିଃ ପ୍ରପନ୍ନାନାଂ ଶ୍ରୀକଣ୍ଠଃ ପରମେଶ୍ୱରଃ ।। ୬୫ ।।

ଅପରିମିତ ସଜ୍ଜନାରାତି ବାହୁଦଣ୍ଡକଣ୍ଡୂଖଣ୍ଡନ ବିଚକ୍ଷଣଃ, ଅତଏବ ନିର୍ମଳାନ୍ତଃକରଣା-ନାମିଷ୍ଟାର୍ଥପ୍ରଦଃ ଶ୍ରୀକଣ୍ଠଃ ପରମେଶ୍ୱରୋଽବରାଜତ ଇତି ଶେଷଃ ।। ୬୫ ।।

– ସେହି ପରମେଶ୍ୱର ଶ୍ରୀକଣ୍ଠ ସମସ୍ତ ଶତ୍ରୁମାନଙ୍କର ହାତର କୁଣ୍ଡିଆକୁ ଅର୍ଥାତ୍ ଯୁଦ୍ଧ କରିବାର ଇଚ୍ଛାକୁ ଦୂର କରିବାରେ ପଣ୍ଡିତ, ଶରଣାଗତଙ୍କ ନିମନ୍ତେ ଚିନ୍ତାମଣି ପରି ଶୋଭାୟମାନ ଥିଲେ ।। ୬୫ ।।

ଏବଂ ଶିବସ୍ୟ ବୈଭବଂ ବର୍ଣ୍ଣୟିତ୍ୱାଗ୍ରେ ସୂତ୍ରୈକାଦଶକେନ ରେଣୁକଗଣେଶସ୍ୟ ଶିବଭକ୍ତିମହତ୍ତ୍ୱଂ ସୂଚୟତି –

---

୩୧. ସର୍ବଜ୍ଞତା ତୃପ୍ତିରନାଦିବୋଧଃ ସ୍ୱତନ୍ତ୍ରତା ନିତ୍ୟମଲୁପ୍ତଶକ୍ତିଃ ।
ଅନନ୍ତଶକ୍ତିଶ୍ଚ ବିଭୋର୍ବିଧିଜ୍ଞା ଆହୁଃ ଷଡ଼ଙ୍ଗାନି ମହେଶ୍ୱରସ୍ୟ ।। (ବାୟୁ. ପୁ.)

CC-0. Jangamwadi Math Digital Collection.

ସଭାନ୍ତରଗତଂ ତନ୍ତ୍ରଂ ରେଣୁକଂ ଗଣନାୟକମ୍ ।
ପ୍ରସାଦଂ ସୁଲଭଂ ଦାତୁଂ ତାମ୍ବୁଳଂ ସ ତମାହ୍ବୟତ୍ ।। ୬୬ ।।

ସ ଶିବଃ ସଭାମଧ୍ୟଗତଂ ତନ୍ତ୍ରଂ ମୁଖ୍ୟମ୍ ଅଥବା ପ୍ରସିଦ୍ଧଂ ତଂ ରେଣୁକଂ ପ୍ରତି ସୁଲଭଂ ତାମ୍ବୁଳପ୍ରସାଦଂ ଦାତୁଂ ଶିରସା ଆହ୍ବୟତ୍, ଆକାରିତବାନିତ୍ୟର୍ଥଃ ।। ୬୬ ।।

– ଏହିପରି ଭଗବାନ୍ ଶିବ ସଭା ମଧ୍ୟରେ ବସି ମୁଖ୍ୟ ଗଣନାୟକ ରେଣୁକକୁ ପ୍ରସାଦ ଭାବରେ ପାନ (ତାମ୍ବୁଳ) ଦେବା ପାଇଁ ଡାକିଲେ ।। ୬୬ ।।

ଶମ୍ଭୋରାହ୍ବାନସନ୍ତୋଷସମ୍ଭ୍ରମେଣୈବ ଦାରୁକମ୍ ।
ଉଲ୍ଲଙ୍ଘ୍ୟ ପାର୍ଶ୍ୱମଗମଲ୍ଲୋକନାଥସ୍ୟ ରେଣୁକଃ ।। ୬୭ ।।

ପାର୍ଶ୍ୱଂ ବାମଭାଗମିତ୍ୟର୍ଥଃ ।। ୬୭ ।।

– ସେହି ରେଣୁକ ଶଙ୍କରଙ୍କର ଆହ୍ବାନକୁ ଶୀଘ୍ର ସନ୍ତୁଷ୍ଟ କରିବା ପାଇଁ ଦାରୁକକୁ ପାରିହୋଇ (ଅତିକ୍ରମ କରି) ଲୋକନାଥ ପାଖରେ ଅର୍ଥାତ୍ ବାମପାର୍ଶ୍ୱରେ ଉପସ୍ଥିତ ହେଲେ ।। ୬୭ ।।

ତମାଲୋକ୍ୟ ବିଭୁସ୍ତତ୍ର ସମୁଲ୍ଲଙ୍ଘିତ ଦାରୁକମ୍ ।
ମାହାତ୍ମ୍ୟଂ ନିଜଭକ୍ତାନାଂ ଦ୍ୟୋତୟନ୍ନିଦମବ୍ରବୀତ୍ ।। ୬୮ ।।

ବିଭୁ ସ୍ୱତନ୍ତ୍ର ଇତ୍ୟର୍ଥଃ । ସ୍ପଷ୍ଟମନ୍ୟତ୍ ।। ୬୮ ।।

– ସର୍ବବ୍ୟାପୀ ପରମେଶ୍ୱର ନିଜର ଭକ୍ତର ମାହାତ୍ମ୍ୟ ଦେଖାଇବା ପାଇଁ ଦାରୁକକୁ ଅତିକ୍ରମ କରିଥିବା ସେହି ରେଣୁକକୁ କହିଲେ ।। ୬୮ ।।

ରେ ରେ ରେଣୁକ ଦୁର୍ବୁଦ୍ଧେ କଥମେଷ ତ୍ୱୟାଦ୍ଧୁନା ।
ଉଲ୍ଲଙ୍ଘିତଃ ସଭାମଧ୍ୟେ ମମ ଭକ୍ତୋ ହି ଦାରୁକଃ ।। ୬୯ ।।

– ରେ ଦୁର୍ବୁଦ୍ଧି ରେଣୁକ, ସଭା ମଧ୍ୟରେ ମୋର ଭକ୍ତ ଦାରୁକର ତୁ ଅତିକ୍ରମ କ'ଣ ପାଇଁ କଲୁ ? ।। ୬୯ ।।

ଲଙ୍ଘନଂ ମମ ଭକ୍ତାନାଂ ପରମାନର୍ଥକାରଣମ୍ ।
ଆୟୁଃ ଶ୍ରିୟଂ କୁଳଂ କୀର୍ତ୍ତିଂ ନିହନ୍ତି ହି ଶରୀରିଣାମ୍ ।। ୭୦ ।।

ହି ପ୍ରସିଦ୍ଧମିତ୍ୟର୍ଥଃ ।। ୭୦ ।।

– ମୋର ଭକ୍ତଙ୍କୁ ଅତିକ୍ରମ କରିବା ମହା ଅନର୍ଥର କାରଣ ହୁଏ । ତାହା ମନୁଷ୍ୟର ଆୟୁ, ଲକ୍ଷ୍ମୀ, କୁଳ ଏବଂ କୀର୍ତ୍ତିକୁ ନଷ୍ଟ କରିଦିଏ ।। ୭୦ ।।

CC-0. Jangamwadi Math Digital Collection.

ମମ ଭକ୍ତମବଜ୍ଞାୟ ମାର୍କଣ୍ଡେୟଂ[୩୨] ପୁରା ଯମଃ ।

ମତ୍ପାଦତାଡ଼ନାଦାସୀତ୍ ସ୍ମରଣୀୟକଳେବରଃ ।। ୭୧ ।।

ବିନଷ୍ଟ କଳେବରତ୍ୱାତ୍ ସ୍ମରଣୀୟ କଳେବର ଆସୀଦିତ୍ୟର୍ଥଃ । ସ୍ପଷ୍ଟମନ୍ୟତ୍ ।। ୭୧ ।।

– ପ୍ରାଚୀନ କାଳରେ ଯମରାଜ ଭକ୍ତ ମାର୍କଣ୍ଡେୟଙ୍କର ଅବଜ୍ଞା କରି ମୋର ପଦାଘାତରେ ନଷ୍ଟ ହୋଇଯାଇଥିଲେ ।। ୭୧ ।।

ଭୃଗୋଶ୍ଚ ଶଙ୍କୁକର୍ଣ୍ଣସ୍ୟ ମମ ଭକ୍ତିମତୋସ୍ତୟୋଃ ।

କୃତ୍ୱାନିଷ୍ଟମଭୂଦ୍ ବିଷ୍ଣୁର୍ବିକେଶା ଦଶଯୋନିଭାକ୍ ।। ୭୨ ।।

ବିକେଶଃ ଶିରଃ ପୂର୍ବଭାଗୋତ୍ପାଦିତକେଶବାନିତ୍ୟର୍ଥଃ ।। ୭୨ ।।

– ମୋର ଭକ୍ତ ଭୃଗୁ ଏବଂ ଶଙ୍କୁକର୍ଣ୍ଣଙ୍କର ଅନିଷ୍ଟ କରି ବିଷ୍ଣୁ ବିଶିଷ୍ଟ କେଶଯୁକ୍ତ ହୋଇଥିଲେ ଅର୍ଥାତ୍ ତାଙ୍କର ମସ୍ତକରେ ବାଳ ହୋଇଗଲା ତଥା ସେ ଦଶ ଥର ଜନ୍ମ ନେଲେ ।। ୭୨ ।।

ମଦ୍ଭକ୍ତେନ ଦଧୀଚେନ କୃତ୍ୱା ଯୁଦ୍ଧଂ ଜନାର୍ଦନଃ ।

ଭଗ୍ନଚକ୍ରାୟୁଧଃ ପୂର୍ବଂ ପରାଭବମୁପାଗମତ୍ ।। ୭୩ ।।

– ପ୍ରାଚୀନ କାଳରେ ମୋର ଭକ୍ତ ଦଧୀଚି ସହିତ ଯୁଦ୍ଧ କରି ଜନାର୍ଦ୍ଦନ (ବିଷ୍ଣୁ) ଚକ୍ର ଓ ଧନୁଷ ଭାଙ୍ଗି ଯିବାରୁ ପରାଜୟକୁ ପ୍ରାପ୍ତ ହୋଇଥିଲେ ।। ୭୩ ।।

କୃତ୍ୱାଶ୍ୱମେଧୋ ଦକ୍ଷୋଽପି ମଦ୍ଭକ୍ତାଂଶ୍ଚ ଗଣେଶ୍ୱରାନ୍ ।

ଅବମତ୍ୟ ସଭାମଧ୍ୟେ ମେଷବକ୍ତ୍ରୋଽଭବତ୍ ପୁରା ।। ୭୪ ।।

ଅବମତ୍ୟ ଉଦାସ୍ୟେତ୍ୟର୍ଥଃ ।। ୭୪ ।।

– ଅଶ୍ୱମେଧ ଯଜ୍ଞ କରିଥିବା ଦକ୍ଷ ମଧ୍ୟ ସଭାରେ ମୋର ଭକ୍ତ ଗଣେଶ୍ୱର-ମାନଙ୍କର ଅପମାନ କରି ମେଣ୍ଢା ମୁଣ୍ଡକୁ ପ୍ରାପ୍ତ ହୋଇଥିଲେ ।। ୭୪ ।।

ଶ୍ୱେତସ୍ୟ ମମ ଭକ୍ତସ୍ୟ ଦୁରତିକ୍ରମତେଜସଃ ।

ଔଦାସୀନ୍ୟେନ କାଲୋଽପି ମୟା ଦଗ୍ଧଃ ପୁରାଽଭବତ୍ ।। ୭୫ ।।

ଦୁରତିକ୍ରମତେଜସଃ ଅନିନ୍ଦିତ ତେଜସ ଇତ୍ୟର୍ଥଃ ।। ୭୫ ।।

---

୩୨. ମାର୍କଣ୍ଡେୟ ମୃକଣ୍ଡୁ ଋଷିଙ୍କର ପୁତ୍ର ଥିଲେ । ତାଙ୍କର ଆୟୁ ମାତ୍ର ପାଞ୍ଚବର୍ଷ ପାଇଁ ଥିଲା । ସପ୍ତର୍ଷିଙ୍କର ଆଶୀର୍ବାଦରେ ତାଙ୍କୁ ବ୍ରହ୍ମାଙ୍କର ପାଞ୍ଚବର୍ଷର ଆୟୁ ପ୍ରାପ୍ତ ହୋଇଥିଲା ।

CC-0. Jangamwadi Math Digital Collection.

– ପୂର୍ବେ ଅନତିକ୍ରମଣୀୟ ତେଜଯୁକ୍ତ ମୋର ଭକ୍ତ ଶ୍ୱେତ ଉଦାସୀନ ହେବାରୁ ମୁଁ କାଳକୁ ମଧ ଜଳେଇ ଦେଇଥିଲି ।। ୭୫।।

ଏବମନ୍ୟେଽପି ବହବୋ ମଦ୍‌ଭକ୍ତାନାମତିକ୍ରମାତ୍ ।

ପରିଭୂତା ହତାଶ୍ଚାସନ୍ ଭକ୍ତା ମେ ଦୁରତିକ୍ରମାଃ ।। ୭୬।।

– ଏହିପରି ଅନ୍ୟ କେତେ ଲୋକ ମୋର ଭକ୍ତଗଣଙ୍କର ଅତିକ୍ରମଣ କରି ପରାଭବକୁ ପ୍ରାପ୍ତ ହେଲେ ଏବଂ ମରା ଗଲେ । ତେଣୁ ମୋର ଭକ୍ତ ଅଲଙ୍ଘନୀୟ ନୁହନ୍ତି ।। ୭୬।।

ଏବଂ ଭକ୍ତମାହାତ୍ମ୍ୟଂ ବର୍ଣ୍ଣୟିତ୍ୱା ତଦୁଲ୍ଲଙ୍ଘନଦୋଷସ୍ୟ ଫଳଂ ନିର୍ଦ୍ଦିଶତି –

ଅବିଚାରେଣ ମଦ୍‌ଭକ୍ତୋ ଲଙ୍ଘିତୋ ଦାରୁକସ୍ତ୍ୱୟା ।

ଏଷ ତ୍ୱଂ ରେଣୁକାନେନ ଜନ୍ମବାନ୍ ଭବ ଭୂତଳେ ।। ୭୭।।

ଏଷ ଦାରୁକ ଇତି ସମ୍ବନ୍ଧଃ ।। ୭୭।।

– ହେ ରେଣୁକ, ତୁ କୌଣସି ବିଚାର ନ କରି ମୋର ଭକ୍ତ ଦାରୁକର ଅତିକ୍ରମ କଲୁ । ତେଣୁ ତୁ ପୃଥିବୀ ପୃଷ୍ଠରେ ଜନ୍ମ ନେ ।। ୭୭।।

ଅଥ ରେଣୁକୋ ଜନ୍ମନି ଭୀତଃ ସନ୍ ପଞ୍ଚଭିଃ ସୂତ୍ରୈଃ ଶିବଂ ବିଜ୍ଞାପୟତି –

ଇତ୍ୟୁକ୍ତଃ ପରମେଶେନ ଭକ୍ତମାହାତ୍ମ୍ୟଶଂସିନା ।

ପ୍ରାର୍ଥୟାମାସ ଦେବେଶଂ ପ୍ରଣିପତ୍ୟ ସ ରେଣୁକଃ ।। ୭୮।।

ଇତ୍ୟୁକ୍ତୋ ଲୋକହିତାର୍ଥମିତ୍ୟୁକ୍ତୋ ଭବଦାହ୍ୱାନସମ୍ଭ୍ରାନ୍ତ୍ୟା ମୟା ଅଜ୍ଞାନାଦୟଂ ଲଙ୍ଘିତଃ, ମାଂ ପାହୀତି ପ୍ରାର୍ଥୟାମାସେ୍ୟତ୍ୟର୍ଥଃ ।। ୭୮।।

– ଭକ୍ତଙ୍କର ମାହାତ୍ମ୍ୟ ବତାଉଥିବା ପରମେଶ୍ୱରଙ୍କ ଦ୍ୱାରା ଏହିପରି କୁହାଯାଇଥିବା ସେହି ରେଣୁକ ଦେବେଶ ଭଗବାନ୍ ଶିବଙ୍କର ପାଦରେ ପଡ଼ି ପ୍ରାର୍ଥନା କଲା ।। ୭୮।।

ମାନୁଷୀଂ ଯୋନିମାସାଦ୍ୟ ମହାଦୁଃଖବିବର୍ଦ୍ଧନୀମ୍ ।

[୩୩]ଜାତ୍ୟାୟୁର୍ଭୋଗବୈଷମ୍ୟ ହେତୁକର୍ମୋପପାଦିନୀମ୍ ।। ୭୯।।

ସମସ୍ତଦେବକୈଂକର୍ଯ୍ୟକାର୍ପଣ୍ୟପ୍ରସବସ୍ଥଳୀମ୍ ।

ମହାତାପତ୍ରୟୋପେତାଂ ବର୍ଣ୍ଣାଶ୍ରମନିୟନ୍ତ୍ରିତାମ୍ ।।

ବିହାୟ ତ୍ୱତ୍‌ପଦାମ୍ଭୋଜସେବାଂ କିଂ ବା ବସାମ୍ୟହମ୍ ।। ୮୦।।

ତ୍ୱତ୍ ପଦାମ୍ବୁଜସେବାଂ ବିହାୟ ଏବଂରୂପମାନୁଷୀଂ ଯୋନିମାସାଦ୍ୟ ସ୍ଥାତୁଂ ଯୋଗ୍ୟଃ କିମହମିତ୍ୟର୍ଥଃ ।। ୭୯–୮୦।।

---

୩୩. ତୁଳନୀୟ – ସତି ମୂଳେ ତଦ୍‌ବିପାକୋ ଜାତ୍ୟାୟୁର୍ଭୋଗାଃ । (ପା. ଯୋ. ସୂ.)

CC-0. Jangamwadi Math Digital Collection.

ଯଥା ମେ ମାନୁଷୋ ଭାବୋ ନ ଭବେତ୍ କ୍ଷିତିମଣ୍ଡଳେ ।
ତଥା ପ୍ରସାଦଂ ଦେବେଶ ବିଧେହି କରୁଣାନିଧେ ।।୮୧।।

– ହେ ଦେବେଶ, ମହାଦୁଃଖକୁ ବଢ଼ାଉଥିବା, ଜନ୍ମ, ଆୟୁ ଏବଂ ଭୋଗର ବୈଷମ୍ୟର କାରଣଭୂତ କର୍ମକୁ କରୁଥିବା, ସମସ୍ତ ଦେବତାଙ୍କର ସେବକତ୍ୱରୂପୀ ଦୀନତାର ଜନ୍ମସ୍ଥଳୀ, ଦୈହିକ, ଦୈବିକ, ଭୌତିକ ନାମକ ତିନି ତାପରେ ଯୁକ୍ତ, ବର୍ଣ୍ଣାଶ୍ରମ ଧର୍ମରେ ନିୟନ୍ତ୍ରିତ ମନୁଷ୍ୟ ଯୋନିକୁ ପ୍ରାପ୍ତ କରି ଆପଣଙ୍କର ଚରଣକମଳର ସେବାରୁ ବଞ୍ଚିତ ମୁଁ ସେଠାରେ କିପରି ରହିପାରିବି ? ହେ କରୁଣାନିଧି, ପୃଥିବୀ ଲୋକରେ ମୋର ମନୁଷ୍ୟ ଜନ୍ମ ଯେପରି ନ ହେବ, ସେହି କୃପା କର ।। ୭୯–୮୧ ।।

ଏବଂ ପ୍ରାର୍ଥିତବନ୍ତଂ ରେଣୁକଂ ସ୍ୱାମ୍ୟତ୍ୱେନ ନିଶ୍ଚିତ୍ୟାଭୟଂ ଦତ୍ୱା ଷଡ୍ଭିଃ ସୂତ୍ରୈଃ ପ୍ରୟୋଜନଂ ଦର୍ଶୟତି –

ଇତି ସମ୍ପ୍ରାର୍ଥିତୋ ଦେବୋ ରେଣୁକେନ ମହେଶ୍ୱରଃ ।
ମା ଭୈଷୀର୍ମମ ଭକ୍ତାନାଂ କୃତୋ ଭୀତିରିହେଷ୍ୟତି ।।୮୨।।

– ରେଣୁକଦ୍ୱାରା ଏହିପରି ପ୍ରାର୍ଥନା କରାଯାଇ ମହେଶ୍ୱର କହିଲେ – ଡରେନି । ମୋର ଭକ୍ତର ଏ ଜଗତରେ କେଉଁଠାରୁ ଭୟ ହେବ ?

ଶ୍ରୀଶୈଳସ୍ୟୋତ୍ତରେ ଭାଗେ ତ୍ରିଲିଙ୍ଗ ବିଷୟେ ଶୁଭେ ।
କୋଲ୍ଲିପାକ୍ୟଭିଧାନୋଽସ୍ତି କୋଽପି ଗ୍ରାମୋ ମହତ୍ତରଃ ।।୮୩।।

ତ୍ରିଲିଙ୍ଗ ବିଷୟେ ଆନ୍ଧ୍ରଦେଶେ କୋଲ୍ଲିପାକ୍ୟାଖ୍ୟମହାଗ୍ରାମୋଽସ୍ତି ।। ୮୩।।

– ଶ୍ରୀଶୈଳର ଉତ୍ତର ଭାଗରେ ସ୍ଥିତ ତେଲେଙ୍ଗାନା ଦେଶରେ କୋଲ୍ଲିପାକୀ ନାମକ କୌଣସି ବଡ଼ ଗ୍ରାମ (ନଗର) ଅଛି ।। ୮୩।।

ସୋମେଶ୍ୱରାଭିଧାନସ୍ୟ ତତ୍ର ବାସବତୋ ମମ ।
ଅସ୍ପୃଶନ୍ ମାନୁଷଂ ଭାବଂ ଲିଙ୍ଗାତ୍ ପ୍ରାଦୁର୍ଭବିଷ୍ୟସି ।।୮୪।।

ତତ୍ର ବାସବଃ ସୋମେଶ୍ୱରାଭିଧାନସ୍ୟ ମମ ଲିଙ୍ଗାତ୍ ମାନୁଷଂ ଭାବମସ୍ପୃଶନ୍ ପ୍ରାଦୁର୍ଭବିଷ୍ୟସୀତ୍ୟର୍ଥଃ ।। ୮୪।।

– ସେଠାରେ ସୋମେଶ୍ୱର ନାମରେ ସ୍ଥାପିତ ଶିବଲିଙ୍ଗରୁ ମନୁଷ୍ୟଭାବକୁ ପ୍ରାପ୍ତ ନ କରି ତୁ ପ୍ରକଟ ହେବୁ ଅର୍ଥାତ୍ ମନୁଷ୍ୟଠାରୁ ତୋର ଉତ୍ପତ୍ତି ହେବ ନାହିଁ ।। ୮୪।।

ମଦୀୟ ଲିଙ୍ଗସମ୍ଭୂତଂ ମଦ୍ଭକ୍ତପରିପାଳକମ୍ ।
ବିସ୍ମିତା ମାନୁଷାଃ ସର୍ବେ ତ୍ୱାଂ ଭଜନ୍ତୁ ମଦାଜ୍ଞୟା ।।୮୫।।

– ସମସ୍ତ ଲୋକ ଆଶ୍ଚର୍ଯ୍ୟଚକିତ ହୋଇ ମୋର ଆଜ୍ଞାରେ ମୋର ଶିବଲିଙ୍ଗରୁ ଉତ୍ପନ୍ନ ତଥା ମୋର ଭକ୍ତମାନଙ୍କର ପରିପାଳକ ତୋର ସେବା କରିବେ ।। ୮୫।।

CC-0. Jangamwadi Math Digital Collection.

ମଦଦ୍ୱୈତପରଂ ଶାସ୍ତ୍ରଂ ବେଦବେଦାନ୍ତସମ୍ମତମ୍ ।
ସ୍ଥାପୟିଷ୍ୟସି ଭୂର୍ଲୋକେ ସର୍ବେଷାଂ ହିତକାରକମ୍ ।। ୮୬ ।।

– ପୃଥିବୀ ଲୋକରେ ବେଦବେଦାନ୍ତସମ୍ମତ ତଥା ସମସ୍ତଙ୍କ ପାଇଁ ହିତକାରୀ ଶିବାଦ୍ୱୈତ ଶାସ୍ତ୍ର (ବୀରଶୈବ ସିଦ୍ଧାନ୍ତ)ର ତୁ ସ୍ଥାପନା କରିବୁ ।। ୮୬ ।।

ମମ ପ୍ରତାପମତୁଳଂ ମଦ୍‌ଭକ୍ତାନାଂ ବିଶେଷତଃ ।
ପ୍ରକାଶୟ ମହୀଭାଗେ ବେଦମାର୍ଗାନୁସାରତଃ ।। ୮୭ ।।

– ହେ ରେଣୁକ, ବେଦମାର୍ଗର ଅନୁସରଣ କରି ପୃଥିବୀଲୋକରେ ମୋର ଅତୁଳ ପ୍ରତାପକୁ ତୁ ବିଶେଷ ଭାବରେ ମୋର ଭକ୍ତଙ୍କୁ ବତାଇବୁ ।। ୮୭ ।।

ଅଥ ସଂଗ୍ରହକର୍ତ୍ତୁଃ ଶିବୟୋଗିନୋ ବାକ୍ୟମ୍ –

ଇତ୍ୟୁକ୍ତ୍ୱା ପରମେଶ୍ୱରଃ ସ ଭଗବାନ୍ ଭଦ୍ରାସନାଦୁତ୍‌ଥିତେ ।
ବ୍ରହ୍ମୋପେନ୍ଦ୍ରମୁଖାନ୍ ବିସୃଜ୍ୟ ବିବୁଧାନ୍ ଭ୍ରୂସଂଜ୍ଞୟା କେବଲମ୍ ।
ପାର୍ବତ୍ୟା ସହିତୋ ଗଣୈରଭିମତୈଃ ପ୍ରାପ ସ୍ୱମନ୍ତଃପୁରଂ
କ୍ଷୋଣୀଭାଗମବାତରଦ୍ ପଶୁପତେରାଜ୍ଞାବଶାଦ୍ ରେଣୁକଃ ।। ୮୮ ।।

ଅଭିମତୈଃ ଅତ୍ୟାପ୍ତୈଃ ନନ୍ଦ୍ୟାଦିଭିଃ । ସ୍ୱକମନ୍ତଃପୁରଂ ଭଗବାନ୍ ପ୍ରାପ । ଅଥ ରେଣୁକୋ ବ୍ରହ୍ମାଧିପତେଃ ଶିବସ୍ୟ ଆଜ୍ଞାବଶାଦ୍ ଭୂଭାଗଂ ପ୍ରାପ୍ତବାନିତ୍ୟର୍ଥଃ ।। ୮୮ ।।

– ଏହା କହି କରି ସେହି ଭଗବାନ୍ ପରମେଶ୍ୱର ନିଜର ଭଦ୍ରାସନରୁ ଉଠି ଠିଆ ହେଲେ । କେବଳ ଭ୍ରୂକୁଟି ସଙ୍କେତରେ ବ୍ରହ୍ମା ଉପେନ୍ଦ୍ର ଆଦି ଦେବତାମାନଙ୍କୁ ଯିବାକୁ କହି ପ୍ରିୟ ଗଣ ତଥା ପାର୍ବତୀଙ୍କ ସହିତ ନିଜର ଅନ୍ତଃପୁରକୁ ଚାଲିଗଲେ । ପଶୁପତିଙ୍କର ଆଜ୍ଞାରେ ରେଣୁକ ମଧ୍ୟ ପୃଥିବୀଲୋକରେ ଅବତୀର୍ଣ୍ଣ ହେଲେ ।। ୮୮ ।।

ଇତି ଶ୍ରୀସିଦ୍ଧାନ୍ତଶିଖାମଣୌ ରେଣୁକସ୍ୟ ଭୂର୍ଲୋକାବଗତିର୍ନାମ
ତୃତୀୟଃ ପରିଚ୍ଛେଦଃ ।। ୩ ।।

ଇତି ଶ୍ରୀମଦ୍‌ପଦବାକ୍ୟପ୍ରମାଣପାରାବାରଧୁରୀଣ ଶ୍ରୀମରିତୋଣ୍ଟଦାର୍ଯ୍ୟେଣ ବିରଚିତାୟାଂ ତତ୍ତ୍ୱପ୍ରଦୀପିକାଖ୍ୟାୟାଂ ସିଦ୍ଧାନ୍ତଶିଖାମଣିବ୍ୟାଖ୍ୟାୟାଂ ରେଣୁକସ୍ୟ ଭୂର୍ଲୋକାବତରଣଂ ନାମ ତୃତୀୟଃ ପରିଚ୍ଛେଦଃ ।। ୩ ।।

– ଏହିପରି ଶ୍ରୀସିଦ୍ଧାନ୍ତଶିଖାମଣିର ରେଣୁକ ଭୂଲୋକାବତରଣ ନାମକ ତୃତୀୟ ପରିଚ୍ଛେଦର ଆଚାର୍ଯ୍ୟ ରାଧେଶ୍ୟାମ ଚତୁର୍ବେଦୀ କୃତ 'ଜ୍ଞାନବତୀ' ହିନ୍ଦୀ ବ୍ୟାଖ୍ୟାର ଓଡ଼ିଆ ଅନୁବାଦ ସମ୍ପୂର୍ଣ୍ଣ ହେଲା ।। ୩ ।।

❖❖❖

CC-0. Jangamwadi Math Digital Collection.

ଚତୁର୍ଥଃ ପରିଚ୍ଛେଦଃ

ଅଥାଷ୍ଟଭିଃ ସୂତ୍ରୈଃ ଶିବଯୋଗି ରେଣୁକ ଗଣେଶ୍ୱରସ୍ୟ ସ୍ୱରୂପଂ ବର୍ଣ୍ଣୟତି –

ଅଥ ତ୍ରିଲିଙ୍ଗବିଷୟେ କୋଲ୍ଲିପାକ୍ୟଭିଧେ ପୁରେ ।
ସୋମେଶ୍ୱର ମହାଲିଙ୍ଗାତ୍ ପ୍ରାଦୁରାସୀତ୍ ସ ରେଣୁକଃ ।। ୧ ।।

ରେଣୁକଙ୍କର ଅବତାର ତଥା ତାଙ୍କର ସ୍ୱରୂପ ବର୍ଣ୍ଣନ –

– ତା'ପରେ ରେଣୁକ ତେଲେଙ୍ଗାନା ଦେଶର କୋଲ୍ଲିପାକୀ ନାମକ ନଗରରେ ସୋମେଶ୍ୱର ମହାଦେବ ନାମକ ମହାଲିଙ୍ଗରୁ ପ୍ରକଟ ହେଲେ ।। ୧ ।।

ପ୍ରାଦୁର୍ଭୂତଂ ତମାଲୋକ୍ୟ ଶିବଲିଙ୍ଗାତ୍ ତ୍ରିଲିଙ୍ଗଜାଃ ।
ବିସ୍ମିତାଃ ପ୍ରାଣିନଃ ସର୍ବେ ବଭୂବୁରତିତେଜସମ୍ ।। ୨ ।।

– ତେଲେଙ୍ଗାନା ଦେଶର ସମସ୍ତ ପ୍ରାଣୀ ଶିବଲିଙ୍ଗରୁ ଅତ୍ୟନ୍ତ ତେଜସ୍ୱୀ ତାଙ୍କୁ ପ୍ରକଟ ହେବା ଦେଖି ବିସ୍ମିତ ହୋଇଗଲେ ।। ୨ ।।

ଭସ୍ମୋଦ୍‌ଧୂଳିତସର୍ବାଙ୍ଗଂ ସାରରୁଦ୍ରାକ୍ଷଭୂଷଣମ୍ ।
ଜଟାମୁକୁଟ ସଂଯୁକ୍ତଂ ତ୍ରିପୁଣ୍ଡ୍ରାଙ୍କିତ ମସ୍ତକମ୍ ।। ୩।।

ସାରଶବ୍ଦେନ ବାହୁଲ୍ୟମୁଚ୍ୟତେ ।। ୩।।

– ସେହି ରେଣୁକଙ୍କର ସମସ୍ତ ଶରୀର ଭସ୍ମରେ ଉଦ୍‌ଧୂଳିତ ଥିଲା । ରୁଦ୍ରାକ୍ଷ ମାଳାରେ ବିଭୂଷିତ ଜଟାମୁକୁଟ ସଂଯୁକ୍ତ ତାଙ୍କର ମସ୍ତକ ତ୍ରିପୁଣ୍ଡ୍ରରେ ଚିହ୍ନିତ ଥିଲା ।। ୩।।

କଟୀତଟୀପଟୀଭୂତକନ୍ଥାପଟଲବନ୍ଧୁରମ୍ ।
ଦଧାନଂ ଯୋଗଦଣ୍ଡଂ ଚ ଭସ୍ମାଧାରଂ କମଣ୍ଡଲୁମ୍ ।। ୪ ।।

– ସେ କଟି ପ୍ରଦେଶରେ ବସ୍ତ୍ର ଭାବରେ କନ୍ଥାକୁ ବାନ୍ଧିଲେ, ଯୋଗଦଣ୍ଡ ଧାରଣ କରି ଭସ୍ମ ପାତ୍ର ତଥା କମଣ୍ଡଳୁ ଧାରଣ କରିଥିଲେ ।। ୪ ।।

ଶିବାଦ୍ୱୈତ ପରିଜ୍ଞାନ ପରମାନନ୍ଦମୋଦିତମ୍ ।
ନିର୍ଧୂତ ସର୍ବ ସଂସାରବାସନାଦୋଷପଞ୍ଜରମ୍ ।। ୫ ।।

– ଶିବାଦ୍ୱୈତ ପରିପୂର୍ଣ୍ଣ ଜ୍ଞାନରୁ ଜାତ ପରମ ଆନନ୍ଦରେ ସେ ସଂସାରର ସମସ୍ତ ବାସନାଦୋଷରୂପୀ ପିଞ୍ଜରାକୁ ନଷ୍ଟ କରି ଦେଇଥିଲେ ।। ୫ ।।

ଶିବାଗମସୁଧାସିନ୍ଧୁସମୁନ୍ମେଷସୁଧାକରମ୍ ।
ଚିତ୍ତାରବିନ୍ଦସଙ୍ଗୂଢ ଶିବପାଦାମ୍ବୁଜଦ୍ୱୟମ୍ ।। ୬ ।।

CC-0. Jangamwadi Math Digital Collection.

– ଶୈବାଗମରୂପୀ ସୁଧାସିନ୍ଧୁର ବୃଦ୍ଧି ପାଇଁ ସେ ଚନ୍ଦ୍ରମା ପରି ଥିଲେ ତଥା ନିଜର ହୃଦୟ କମଳରେ ଶିବଙ୍କର ଦୁଇ ଚରଣକମଳକୁ ଲୁଚାଇ ରଖିଥିଲେ ।। ୬ ।।

ଯମାଦିଯୋଗତନ୍ତ୍ରଜ୍ଞଂ ସ୍ୱତନ୍ତ୍ରଂ ସର୍ବକର୍ମସୁ ।
ସମସ୍ତ ସିଦ୍ଧସନ୍ତାନ ସମୁଦାୟ ଶିଖାମଣିମ୍ ।। ୭ ।।

– ସେ ଯମ ଆଦି[୩୪] ଯୋଗ ସାଧନାର ଜ୍ଞାତା, ସମସ୍ତ କାର୍ଯ୍ୟ କରିବାରେ ସ୍ୱତନ୍ତ୍ର ତଥା ସମସ୍ତ ସିଦ୍ଧପରମ୍ପରା ସମୂହର ଶିଖାମଣି ଥିଲେ ।। ୭ ।।

ବୀରସିଦ୍ଧାନ୍ତନିର୍ବାହକୃତପଟ୍ଟ ନିବନ୍ଧନମ୍ ।
ଆଲୋକମାତ୍ର ନିର୍ଭିନ୍ନ ସମସ୍ତପ୍ରାଣିପାତକମ୍ ।। ୮ ।।

ବୀରସିଦ୍ଧାନ୍ତ ଶବ୍ଦେନ ବୀରଶୈବସିଦ୍ଧାନ୍ତ ଉଚ୍ୟତେ । ସ୍ପଷ୍ଟମନ୍ୟତ୍ ।। ୮ ।।

– ସେହି ରେଣୁକାଚାର୍ଯ୍ୟ ବୀର ଶୈବସିଦ୍ଧାନ୍ତର ନିର୍ବାହ କରିବା ପାଇଁ ଦୃଢ଼ ପ୍ରତିଜ୍ଞ ତଥା ଦର୍ଶନମାତ୍ରରେ ସମସ୍ତ ପ୍ରାଣୀଙ୍କର ପାପ ଦୂର କରିବା ବାଲା ଥିଲେ ।। ୮ ।।

ଅଥ ମର୍ତ୍ତ୍ୟଂ ପ୍ରାପ୍ତ ଏଷ ରେଣୁକୋ ଜନୈଃ ପୃଷ୍ଟଃ ସନ୍ନୁତ୍ତରଂ ଦତ୍ତ୍ୱା ମଳୟାଦ୍ରିମଗମଦିତ୍ୟାହ ତମପୃଚ୍ଛନ୍ନିତ୍ୟାଦିଶ୍ଳୋକପଞ୍ଚକେନ –

ତମପୃଚ୍ଛନ୍ ଜନାଃ ସର୍ବେ ନମନ୍ତଃ କୋ ଭବାନିତି ।
ଇତି ପୃଷ୍ଟୋ ମହାଯୋଗୀ ଜନୈର୍ବିସ୍ମିତ ମାନସୈଃ ।। ୯ ।।
ପ୍ରତ୍ୟୁବାଚ ଶିବାଦ୍ୱୈତମହାନନ୍ଦପରାୟଣଃ ।
ପିନାକିନଃ ପାର୍ଶ୍ୱବର୍ତ୍ତୀ ରେଣୁକାଖ୍ୟଗଣେଶ୍ୱରଃ ।। ୧୦ ।।

– ସମସ୍ତ ଲୋକ ତାଙ୍କୁ ପ୍ରଣାମ କରି ପଚାରିଲେ – ''ଆପଣ କିଏ ?'' ବିସ୍ମୟ ଚିତ୍ତଯୁକ୍ତ ଲୋକମାନେ ପଚାରିବାରୁ ସେହି ମହାଯୋଗୀ କହିଲେ, ''ମୁଁ ଶିବାଦ୍ୱୈତ ମହାନନ୍ଦରେ ଲୀନ ଶଙ୍କରଙ୍କର ପାର୍ଶ୍ୱବର୍ତ୍ତୀ ରେଣୁକ ନାମକ ଗଣେଶ୍ୱର ଅଟେ'' ।।୯–୧୦ ।।

କେନଚିତ୍ କାରଣେନାହଂ ଶିବଲିଙ୍ଗାଦିହାଭବମ୍ ।
ନାମ୍ନା ରେଣୁକ ସିଦ୍ଧୋଽହଂ ସିଦ୍ଧସନ୍ତାନନାୟକଃ ।। ୧୧ ।।

– କୌଣସି କାରଣରୁ ମୁଁ ଏ ସଂସାରରେ ଏଠାରେ ଶିବଲିଙ୍ଗରୁ ଜାତ ହେଲି । ମୋର ନାମ ରେଣୁକସିଦ୍ଧ ଅଟେ । ମୁଁ ହେଉଛି ସିଦ୍ଧପରମ୍ପରାର ନାୟକ ।।୧୧ ।।

---

୩୪. ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଏବଂ ସମାଧି ଯୋଗର ଆଠ ଅଙ୍ଗ । (ପା. ଯୋ. ସୂ.)

CC-0. Jangamwadi Math Digital Collection.

ସ୍ୱଚ୍ଛନ୍ଦଚାରୀ ଲୋକେଽସ୍ମିନ୍ ଶିବସିଦ୍ଧାନ୍ତପାଳକଃ ।
ଖଣ୍ଡୟନ୍ ଜୈନଚାର୍ବାକବୌଦ୍ଧାଦୀନାଂ ଦୁରାଗମାନ୍ ।। ୧୨ ।।

– ମୁଁ ଏହି ସଂସାରରେ ସ୍ୱଚ୍ଛନ୍ଦ ବିଚରଣ କରୁଥିବା ଜୈନ, ଚାର୍ବାକ, ବୌଦ୍ଧ ଆଦି ଦୁଷ୍ଟ (ନାସ୍ତିକ) ଆଗମ ଗୁଡ଼ିକର ଖଣ୍ଡନ କରି ଶିବସିଦ୍ଧାନ୍ତର ପରିପାଳକ ଅଟେ ।। ୧୨ ।।

ଇତ୍ୟୁକ୍ତ୍ୱା ପଶ୍ୟେତାଂ ତେଷାଂ ବିଷୟସ୍ଥିରଚକ୍ଷୁଷାମ୍ ।
ଉତ୍‌ଥାୟ ବ୍ୟୋମମାର୍ଗେଣ ମଳୟାଦ୍ରିମୁପାଗମତ୍ ।। ୧୩ ।।

– ଏହିପରି କହୁଥିବା ରେଣୁକଙ୍କୁ ଲୋକମାନେ ଯେତେବେଳେ ଅପଲକ ନେତ୍ରରେ ଚାହିଁ ରହିଥିଲେ, ସେ ଉଡ଼ିକରି ଆକାଶମାର୍ଗରେ ମଳୟ ପର୍ବତକୁ ଚାଲି ଗଲେ ।। ୧୩ ।।

ଅଥ ସୂତ୍ରତ୍ରୟେଣ ମଳୟାଦ୍ରିଂ ବର୍ଣ୍ଣୟତି –

ନବଚନ୍ଦନକାନ୍ତାର କନ୍ଦଳନ୍ମନ୍ଦମାରୁତମ୍ ।
ଅଭଙ୍ଗୁର ଭୁଜଙ୍ଗସ୍ତ୍ରୀସଙ୍ଗୀତରସସଙ୍କୁଳମ୍ ।। ୧୪ ।।

ନୂତନଶ୍ରୀଚନ୍ଦନ ଭେଦନକ୍ଷମମନ୍ଦମାରୁତଃ, ଅତିନିବିଡ଼ଭୁଜଙ୍ଗସ୍ତ୍ରୀ ସଙ୍ଗୀତରସ-ବ୍ୟାପ୍ତଃ।। ୧୪ ।।

– ସେହି ମଳୟ ପର୍ବତ ନୂତନ ଚନ୍ଦନ ବୃକ୍ଷର ଘନ ଜଙ୍ଗଲରେ ପୂର୍ଣ୍ଣ ଥିଲା । ସେଠାରେ ଧୀର ପବନ ବହୁଥିଲା । (ବୃକ୍ଷରେ) ଲାଗି ରହିଥିବା ସର୍ପିଣୀମାନଙ୍କର ସଙ୍ଗୀତରସ ସେଠାରେ ବ୍ୟାପ୍ତ ଥିଲା ।। ୧୪ ।।

କରିପୋତକରାକୃଷ୍ଟସ୍ଫୁରଦେଲାତିବାସିତମ୍ ।
ବରାହଦଂଷ୍ଟ୍ରିକାଧ୍ୱସ୍ତମୁସ୍ତାସୁରଭିକନ୍ଦରମ୍ ।। ୧୫ ।।

କରିକଳଭକରାକର୍ଷଣବିକୀର୍ଣ୍ଣେଳାଫଳସୁଗନ୍ଧବାସିତୋ ବରାହଦଂଷ୍ଟ୍ରୋତ୍-ଖାତଭଦ୍ରମୁସ୍ତାସୁରଭିସାନୁପ୍ରଦେଶଃ ।। ୧୫ ।।

– ହାତୀ ଛୁଆମାନଙ୍କର ଶୁଣ୍ଢରେ ଟଣାଯାଇଥିବା ଅଳେଇଚ (ଲଟା)ର ସୁଗନ୍ଧରେ ତାହା ସୁଗନ୍ଧିତ ଥିଲା । ଘୁଷୁରିମାନଙ୍କର ଛୋଟ ଛୋଟ ଦାନ୍ତରେ ଧ୍ୱସ୍ତ ହୋଇଥିବା ମୁସ୍ତା (ମୁଥା ଘାସ)ର ସୁଗନ୍ଧ ତାହାର କନ୍ଦରରେ ବ୍ୟାପ୍ତ ଥିଲା ।। ୧୫ ।।

ପଟୀରଦଳପର୍ଯ୍ୟଙ୍କ ପ୍ରସୁପ୍ତବ୍ୟାଧଦମ୍ପତିମ୍ ।
ମାଧବୀମଲ୍ଲିକାଜାତୀମଞ୍ଜରୀରେଣୁରଞ୍ଜିତମ୍ ।। ୧୬ ।।

କର୍ପୂରକଦଳୀପତ୍ରପର୍ଯ୍ୟଙ୍କନିଦ୍ରିତକିରାତଦମ୍ପତିଃ, ସେବନ୍ତ୍ୟାଦିକୁସୁମଗୁଚ୍ଛ-ପରାଗରଞ୍ଜିତଃ। ଏତାଦୃଶଂ ମଳୟାଦ୍ରିମଗମଦିତି ପୂର୍ବେଣାନ୍ୱୟଃ ।। ୧୬ ।।

CC-0. Jangamwadi Math Digital Collection.

– ସେଠାରେ ବ୍ୟାଧ ଦମ୍ପତି (ଶବର–ଶବରୁଣୀ) ଧବଳ କଦଳୀ ଦଳରେ ନିର୍ମିତ ପଲଙ୍କା ଉପରେ ଶୋଇଥିଲେ । ସେହି ପର୍ବତ ମାଧବୀ, ଜୁଇ, ଏବଂ ଚମ୍ପା ଫୁଲର ପରାଗରେ ରଞ୍ଜିତ ଥିଲା ।। ୧୬।।

ଅଥାଷ୍ଟାଭିଃ ସୂତ୍ରୈରଗସ୍ତ୍ୟାଶ୍ରମଂ ବର୍ଣ୍ଣୟତି –

ତତ୍ର କୁତ୍ରଚିଦାଭୋଗସର୍ବର୍ତୁକୁସୁମଦ୍ରୁମେ ।
ଅପଶ୍ୟଦାଶ୍ରମଂ ଦିବ୍ୟମଗସ୍ତ୍ୟସ୍ୟ ମହାମୁନେଃ ।। ୧୭ ।।

ସମ୍ପୂର୍ଣ୍ଣ ବସନ୍ତାଦି ସର୍ବର୍ତୁକୁସୁମମୟବୃକ୍ଷବତି ତତ୍ର ମଳୟାଚଳେ କୁତ୍ରଚିତ୍ କସ୍ମିଂଶ୍ଚିତ୍ ପ୍ରଦେଶେ ଦିବ୍ୟଂ ମନୋହରମ୍ ଅଗସ୍ତ୍ୟାଶ୍ରମମପଶ୍ୟତ୍, ଦୃଷ୍ଟବାନିତ୍ୟର୍ଥଃ ।।୧୭।।

– ରେଣୁକ ସେଠାରେ ସମସ୍ତ ଋତୁ ପୁଷ୍ପ ବୃକ୍ଷ ରାଜିରେ ପୂର୍ଣ୍ଣ ମହାମୁନି ଅଗସ୍ତ୍ୟଙ୍କର ଦିବ୍ୟ ବିଶାଳ ଆଶ୍ରମ ଦେଖିଲେ ।। ୧୭।।

ମନ୍ଦାରଚନ୍ଦନପ୍ରାୟୈର୍ମଣ୍ଡିତଂ ତରୁମଣ୍ଡଳୈଃ ।
ଶାଖାଶିଖରସଂଲୀନତାରକାଗଣକୋରକୈଃ ।। ୧୮ ।।

ଶାଖାଗ୍ରସଂବିଲୀନତାରକାଗଣରୂପକୁସୁମକୁଡ୍ମଳୈଃ କଳ୍ପବୃକ୍ଷ ଶ୍ରୀଚନ୍ଦନାଦିତରୁ–ସମୂହୈର୍ମଣ୍ଡିତଂ ଶୋଭିତମିତ୍ୟର୍ଥଃ ।। ୧୮ ।।

– ସେହି ଆଶ୍ରମ କଳ୍ପବୃକ୍ଷ, ଚନ୍ଦନ ଆଦି ବୃକ୍ଷରେ ପୂର୍ଣ୍ଣ ଥିଲା । ସେହି ବୃକ୍ଷ ସବୁର ଅଗ୍ରରେ ଥିବା କଢ଼ ସବୁ ତାରାପରି ଦେଖା ଯାଉଥିଲେ ।। ୧୮।।

ମୁନିକନ୍ୟାକରାନୀତକଳଶାମ୍ବୁ ବିବର୍ଦ୍ଧିତୈଃ ।
ଆଳବାଳଜଳାସ୍ୱାଦମୋଦମାନମୃଗୀଗଣୈଃ ।। ୧୯ ।।

– ସେହି ବୃକ୍ଷଗୁଡ଼ିକ ମୁନିକନ୍ୟାମାନେ କଳଶହାତରେ ଦେଇଥିବା ପାଣିରେ ବଢ଼ିଥିଲେ । ମନ୍ଦାରେ ଥିବା ପାଣିକୁ ପିଇ ହରିଣମାନେ ଖୁସୀ ହେଉଥିଲେ ।। ୧୯।।

ହେମାରବିନ୍ଦନିଷ୍ୟନ୍ଦମକରନ୍ଦସୁଗନ୍ଧିଭିଃ ।
ମରାଳାଳାପବାଚାଳୁବୀଚିମାଳାମନୋହରୈଃ ।। ୨୦ ।।

– ସ୍ୱର୍ଣ୍ଣକମଳରୁ ପଡୁଥିବା ପରାଗରେ ସୁଗନ୍ଧଯୁକ୍ତ ସେହି ଆଶ୍ରମ ହଂସ ସମୂହଙ୍କର ଧ୍ୱନିତରଙ୍ଗରେ ଅତ୍ୟନ୍ତ ମନୋହର ଥିଲା ।। ୨୦।।

ଇନ୍ଦୀବରବରଜ୍ୟୋତିରନ୍ଧୀକୃତ ହରିନ୍ମୁଖୈଃ ।
ଲୋପାମୁଦ୍ରାପଦନ୍ୟାସଚରିତାର୍ଥତଟାଙ୍କିତୈଃ ।। ୨୧ ।।

– ସେହି ଆଶ୍ରମର ଦିଗଗୁଡ଼ିକୁ ନୀଳକମଳର ଜ୍ୟୋତିରେ ଅନ୍ଧକାରମୟ ଅର୍ଥାତ୍

CC-0. Jangamwadi Math Digital Collection.

ନୀଳ ହୋଇଗଲା ପରି ଲାଗୁଥିଲା । ପୋଖରୀ କୂଳରେ ଲୋପାମୁଦ୍ରାଙ୍କର[୩୫] ପଦଚିହ୍ନ ଅଙ୍କିତ ଥିଲା ।। ୨୧ ।।

ହାରନୀହାରକର୍ପୂରହରହାସାମଳୋଦକୈଃ ।
ନିତ୍ୟନୈମିତ୍ତିକସ୍ନାନନିୟମାର୍ଥୈସ୍ତପସ୍ୱିନାମ୍ ।। ୨୨ ।।

– ସେହି ପୋଖରୀର ପାଣି ବରଫ (ନୀହାର) କର୍ପୂର ଅଥବା ଶିବଙ୍କର ହସ ପରି ସ୍ୱଚ୍ଛ ଥିଲା । ତାହା ତପସ୍ୱୀମାନଙ୍କର ନିତ୍ୟ, ନୈମିତ୍ତିକ ସ୍ନାନ ଏବଂ ନିୟମ ପାଇଁ ଉଦ୍ଦିଷ୍ଟ ଥିଲା ।। ୨୨ ।।

ପ୍ରକୃଷ୍ଟମଣି ସୋପାନୈଃ ପରିବୀତଂ ସରୋବରୈଃ ।
ବିମୁକ୍ତସତ୍ତ୍ୱବୈରସ୍ୟଂ ବ୍ରହ୍ମଲୋକମିବାପରମ୍ ।। ୨୩ ।।

– ଉତ୍ତମ ମଣିରେ ତିଆରି ହୋଇଥିବା ସିଡ଼ି ସେହି ପୋଖରୀର ଚାରି ପାଖରେ ଥିଲେ । ସେହି ଆଶ୍ରମ ପ୍ରାଣୀଙ୍କର ବୈର ଭାବରୁ ମୁକ୍ତ ଦ୍ୱିତୀୟ ବ୍ରହ୍ମଲୋକ ପରି ଥିଲା ।। ୨୩ ।।

ହୂୟମାନାଜ୍ୟସନ୍ତାନଧୂମଗନ୍ଧିମହାସ୍ଥଳମ୍ ।
ଶୁକସଂସତ୍‌ସମାରବ୍ଧଶ୍ରୁତିଶାସ୍ତ୍ରୋପବୃଂହଣମ୍ ।। ୨୪ ।।

ଶୁକସଂସଦେତ୍ୟର୍ଥଃ । ସ୍ପଷ୍ଟମେନ୍ୟତ୍ । ଏତାଦୃଶମଗସ୍ତ୍ୟାଶ୍ରମମଗଣ୍ୟଦିତ୍ୟର୍ଥଃ ।। ୨୪ ।।

– ଉପାଧି ଶୁଦ୍ଧ ଏବଂ ଅଶୁଦ୍ଧ ଭେଦରେ (ଦୁଇ ପ୍ରକାରର) କୁହାଯାଇଅଛି। ତାହା (ଈଶ୍ୱରଙ୍କୁ) ମୋହରେ ପକାଇ ପାରିବନି ଏବଂ ପକାଏ ନାହିଁ ମଧ୍ୟ । ଶୁଦ୍ଧ ଉପାଧି ମାୟା ଅଟେ ଯାହା ନିଜର ଆଶ୍ରିତ ଅଟେ[୬୩] ।। ୪୪ ।।

ଅଶୁଦ୍ଧୋପାଧିରପ୍ୟେବମବିଦ୍ୟାଶ୍ରୟମୋହିନୀ ।
ଅବିଦ୍ୟାଶକ୍ତିଭେଦେନ ଜୀବା ବହୁବିଧାଃ ସ୍ମୃତାଃ ।। ୪୫ ।।

ଅଶୁଦ୍ଧୋପାଧିରବିଦ୍ୟା, ଆଶ୍ରୟମୋହିନୀତ୍ୟଧୋମାୟେତ୍ୟର୍ଥଃ । ଅବିଦ୍ୟାଶକ୍ତିଭେଦେନ ଅଂଶଭେଦେନେତ୍ୟର୍ଥଃ, ଜୀବା ବହୁବିଧାଃ ସ୍ମୃତାଃ ।। ୪୫ ।।

– ଅଶୁଦ୍ଧ ଉପାଧି ଅବିଦ୍ୟା ଅଟେ । ତାହା ନିଜର ଆଶ୍ରୟ (ଜୀବ)କୁ ମୋହରେ ପକାଇଥାଏ । ଅବିଦ୍ୟାର ଶକ୍ତି ଭେଦରେ ଜୀବକୁ ଅନେକ ପ୍ରକାରର ମନାଯାଏ ।। ୪୫ ।।

ମାୟାଶକ୍ତିବଶାଦୀଶୋ ନାନାମୂର୍ତ୍ତିଧରଃ ପ୍ରଭୁଃ ।
ସର୍ବଜ୍ଞଃ ସର୍ବକର୍ତ୍ତା ଚ ନିତ୍ୟମୁକ୍ତୋ ମହେଶ୍ୱରଃ ।। ୪୬ ।।

ଈଶଃ ଶୁଦ୍ଧୋପାଧିମହେଶ୍ୱରଃ, ମାୟାଶକ୍ତିବଶାଦ୍ ମହାମାୟାଶକ୍ତିବଶାଦ୍

୬୩. ଈଶ୍ୱର ଯଦି ନିଜ ଇଚ୍ଛାରେ ମୋହରେ ପଡ଼ନ୍ତି, ତେବେ ତାହା ତାଙ୍କର ଐଶ୍ୱର୍ଯ୍ୟ ଅଟେ ।

CC-0. Jangamwadi Math Digital Collection.

ସଦ୍ୟୋଜାତାଦିନାନାମୂର୍ତ୍ତିଧରୋ ଜୀବାନାଂ ବୁଦ୍ଧିପ୍ରେରକଃ ପ୍ରଭୁଃ କର୍ତ୍ତୁମକର୍ତ୍ତୁମନ୍ୟଥାକର୍ତ୍ତୁଂ ସମର୍ଥଃ, ସର୍ବଜ୍ଞଃ ସଦସତ୍ ସକଳପଦାର୍ଥବିଷୟକାନାଦିଜ୍ଞାନଶକ୍ତିମାନ୍, ସର୍ବକର୍ତ୍ତା ଚ ସକଳପ୍ରପଞ୍ଚନିର୍ମାଣନିମିତ୍ତକାରଣୀଭୂତଃ, ନିତ୍ୟମୁକ୍ତ ଆଣବାଦ୍ୟନାଦିମଳସମ୍ବନ୍ଧ ରହିତଃ, ସର୍ବଜ୍ଞଃ ସର୍ବକର୍ତ୍ତା ଚ, 'ସର୍ବଜ୍ଞଃ ପଞ୍ଚକୃତ୍ୟସମ୍ପନ୍ନଃ ସର୍ବେଶ୍ୱର ଈଶତେ' ଇତି ବୃଦ୍ଧଜାବାଳଶ୍ରୁତେଃ ।। ୪୬ ।।

– ଭଗବାନ୍ ଶିବ ମାୟା ନାମକ ଶକ୍ତି କାରଣରୁ ଅନେକ ରୂପ ଧାରଣ କରନ୍ତି । ସେହି ପରମେଶ୍ୱର ସର୍ବଜ୍ଞ ସର୍ବକର୍ତ୍ତା ଏବଂ ନିତ୍ୟ ମୁକ୍ତ ଅଟନ୍ତି ।। ୪୬ ।।

ବିଶେଷ – ନିରୁପାଧି ପରମେଶ୍ୱର ଯେତେବେଳେ ଶୁଦ୍ଧମାୟୋପାଧିରେ ସମ୍ବଳିତ ହୁଏ, ସେତେବେଳେ ନିଜକୁ ସଦ୍ୟୋଜାତ, ବାମଦେବ, ଅଘୋର ତତ୍ପୁରୁଷ ଏବଂ ଈଶାନ ରୂପରେ ଆଭାସିତ କରନ୍ତି । ତନ୍ତ୍ରଶାସ୍ତ୍ରରେ ଏହି ପାଞ୍ଚକୁ ସଦାଶିବଙ୍କର ପଞ୍ଚମୁଖ କୁହାଯାଇଛି ।

କିଞ୍ଚିତ୍କର୍ତ୍ତା ଚ କିଞ୍ଚିଜ୍ଜ୍ଞୋ ବଦ୍ଧୋଽନାଦିଶରୀରବାନ୍ ।
ଅବିଦ୍ୟାମୋହିତା ଜୀବା ବ୍ରହ୍ମୈକ୍ୟଜ୍ଞାନ ବର୍ଜିତାଃ ।। ୪୭ ।।

ଅଥ ଜୀବସ୍ୱରୂପମାହ – କିଞ୍ଚିତ୍ କର୍ତ୍ତେତି । କିଞ୍ଚିତ୍କର୍ତ୍ତା କିଞ୍ଚିତ୍ଜ୍ଞୋ ବଦ୍ଧ ଆଣବାଦ୍ୟନାଦିମଳପାଶବଦ୍ଧ ଈଶପ୍ରେରିତଃ । ସ ଜୀବୋଽନାଦିଶରୀରବାନ୍ ଅନାଦିତଃ ପ୍ରାପ୍ତଶରୀରାଭିମାନବାନ୍ ।

ଜ୍ଞାଜ୍ଞୌ ଦ୍ୱାବଜାବୀଶାନୀଶାବଜୋ ହ୍ୟେକୋ ଭୋକ୍ତୃଭୋଗାର୍ଥଯୁକ୍ତଃ ।
ଅନୀଶଶ୍ଚାତ୍ମା ବଧ୍ୟତେ ଭୋକ୍ତୃଭାବାଦ୍ ଜ୍ଞାତ୍ୱା ଦେବଂ ମୁଚ୍ୟତେ ସର୍ବପାଶୈଃ[୬୪] ।

ଇତି ଶ୍ୱେତାଶ୍ୱତର ଶ୍ରୁତେଃ ।

ଅନାଦି ମଳସମ୍ବନ୍ଧାତ୍ କିଞ୍ଚିଜ୍ଜ୍ଞୋଽଣୁର୍ଯୋଦିତଃ ।
ଅନାଦିମଳମୁକ୍ତତ୍ୱାତ୍ ସର୍ବଜ୍ଞୋଽସୌ ଶିବଃ ସ୍ମୃତଃ ।

ଇତି କିରଣାଗମୋକ୍ତେଶ୍ଚ । ଏବଂରୂପା ଜୀବା ଅବିଦ୍ୟାମୋହିତାଃ ସନ୍ତୋ ବ୍ରହ୍ମୈକଜ୍ଞାନବର୍ଜିତା ଅହଂ ବ୍ରହ୍ମାସ୍ମୀତି ତାଦାତ୍ମ୍ୟଜ୍ଞାନଶୂନ୍ୟାଃ ସନ୍ତଃ ।। ୪୭ ।।

– ଅନାଦିଶରୀରବାନ୍ ପରମେଶ୍ୱର ଯେତେବେଳେ ବଦ୍ଧ ହୋଇଯାଆନ୍ତି, ସେତେବେଳେ ସେ କିଞ୍ଚିତ୍କର୍ତ୍ତା ତଥା ଅଳ୍ପଜ୍ଞ ଅର୍ଥାତ୍ ଜୀବ ହୋଇଯାଆନ୍ତି ।। ୪୭ ।।

ପରିଭ୍ରମନ୍ତି ସଂସାରେ ନିଜକର୍ମାନୁସାରତଃ ।
ଦେବତିର୍ଯଙ୍ଗମନୁଷ୍ୟାଦିନାନାଯୋନିବିଭେଦତଃ ।। ୪୮ ।।

---

୬୪. ଶ୍ୱେ. ଉ., ୧/୯

CC-0. Jangamwadi Math Digital Collection.

ନିଜକର୍ମାନୁସାରତୋ ଦେବତିର୍ଯ୍ୟଙ୍ ମନୁଷ୍ୟାଦି ନାନାଯୋନି ଭେଦମଧିଗମ୍ୟ ସଂସାରେ ପରିଭ୍ରମନ୍ତୀତ୍ୟର୍ଥଃ । ଅତ୍ର ସୃଷ୍ଟେଃ ପ୍ରାକ୍ କର୍ମାଭାବାତ୍ କଥମିତି ନାଶଙ୍କନୀୟମ୍, ସଦ୍‌ବାଦମର୍ଯ୍ୟାଦୟା ସର୍ବଂ ବିଶ୍ୱମଣ୍ଡରସନ୍ୟାୟେନ ପରବ୍ରହ୍ମଣ୍ୟବିଭାଗପରାମର୍ଶା-ମ୍ନାଦ୍ଧସ୍ତୀତ୍ୟଙ୍ଗୀକୃତତ୍ୱାତ୍ ।। ୪୮ ।।

– ଅବିଦ୍ୟା ହେତୁ ମୋହଯୁକ୍ତ ଜୀବ ସ୍ୱାତ୍ମବ୍ରହ୍ମୈକ୍ୟଜ୍ଞାନରୁ ବଞ୍ଚିତ ହୋଇ ନିଜର କର୍ମ ଅନୁସାରେ ଦେବ, ତିର୍ଯ୍ୟକ୍, ମନୁଷ୍ୟ ଆଦି ଅନେକ ଯୋନିରେ ସଂସାରରେ ପରିଭ୍ରମଣ କରିଥାନ୍ତି ।। ୪୮ ।।

ଅଥ କଥଂ ଭ୍ରମନ୍ତୀତ୍ୟତ୍ରାହ –

ଚକ୍ରନେମିକ୍ରମେଣୈବ ଭ୍ରମନ୍ତି ହି ଶରୀରିଣଃ ।
ଜାତ୍ୟାୟୁର୍ଭୋଗବୈଷମ୍ୟ କାରଣଂ[୬୫] କର୍ମ କେବଳମ୍ ।। ୪୯ ।।

ରଥାଙ୍ଗମସ୍ତକଗତଲୋହବଳୟବଦ୍ ଭ୍ରମନ୍ତୀତ୍ୟର୍ଥଃ ।। ୪୯ ।।

– ଶରୀରଧାରୀ ଅର୍ଥାତ୍ ଜୀବ ଚକ୍ରର ମସ୍ତକ (ପରିଧି)ରେ ଥିବା ଲୌହ ବଳୟ ପରି କ୍ରମରେ (ସଂସାରରେ) ଭ୍ରମଣ କରିଥାନ୍ତି । ଜାତି (ଜନ୍ମ) ଆୟୁ ଏବଂ ଭୋଗରେ ବିଷମତାର କାରଣ କେବଳ କର୍ମ ଅଟେ ।। ୪୯ ।।

ନନୁ ଜୀବାଃ କର୍ମାନୁସାରେଣ ପରିଭ୍ରମନ୍ତି, ତେଷାଂ ଜାତ୍ୟାୟୁର୍ଭୋଗବୈଷମ୍ୟ-କାରଣଂ କେବଳଂ କର୍ମୈବେତ୍ୟୁକ୍ତତ୍ୱାଦୀଶ୍ୱରଃ କିମର୍ଥମଙ୍ଗୀକରଣୀୟ ଇତ୍ୟତ୍ରାହ –

ଏତେଷାଂ ଦେହିନାଂ ସାକ୍ଷୀ ପ୍ରେରକଃ ପରମେଶ୍ୱରଃ ।
ଏତେଷାଂ ଭ୍ରମତାଂ ନିତ୍ୟଂ କର୍ମଯନ୍ତ୍ର ନିୟନ୍ତଣେ ।। ୫୦ ।।

କର୍ମସୂତ୍ରବଦ୍ଧେ ସଂସାରଚକ୍ରେ ସଦା ପରିଭ୍ରମତାମେତେଷାଂ ବିଚିତ୍ରଦେହିନାମ୍, ଏତେଷାଂ କର୍ମଣାମିତି ଶେଷଃ, ପରମେଶ୍ୱରଃ ପ୍ରେରକଃ, କର୍ମଣାଂ ଜଡ଼ତ୍ୱେନ ପ୍ରେରକତ୍ୱାସମ୍ଭବାତ୍, ପ୍ରେରକତ୍ୱେନ ସାକ୍ଷିତ୍ୱେନେଶ୍ୱରୋଽଙ୍ଗୀକରଣୀୟ ଇତ୍ୟର୍ଥଃ ।। ୫୦ ।।

– ନିତ୍ୟ ଭ୍ରମଣ କରୁଥିବା ଜୀବମାନଙ୍କର କର୍ମରୂପୀ ଯନ୍ତ୍ରର ନିୟନ୍ତ୍ରଣରେ ପ୍ରେରଣା ଦେବାବାଲା ପରମେଶ୍ୱର ହିଁ ଏହାର ସାକ୍ଷୀ ଅଟନ୍ତି ।। ୫୦ ।।

ଅଥବାଽସ୍ୟ ନୈତାବନ୍ମାତ୍ରମ୍, ବିଶେଷୋଽପ୍ୟସ୍ତୀତ୍ୟାହ –

ଦେହିନାଂ ପ୍ରେରକଃ ଶମ୍ଭୁର୍ହିତମାର୍ଗୋପଦେଶକଃ ।
ପୁନରାବୃତ୍ତିରହିତ ମୋକ୍ଷମାର୍ଗୋପଦେଶକଃ ।। ୫୧ ।।

---

୬୫. ସତି ମୂଳେ ତଦ୍ୱିପାକୋ ଜାତ୍ୟାୟୁର୍ଭୋଗାଃ (ପା. ଯୋ. ସୂ., ୨/୧୩)

CC-0. Jangamwadi Math Digital Collection.

ସ୍ପଷ୍ଟମ୍ ।। ୫୧ ।।

– ଶିବ ହେଉଛନ୍ତି ଦେହୀବର୍ଗର ପ୍ରେରକ ତଥା ହିତକାରୀ ମାର୍ଗର ଉପଦେଶକ । ସେ ପୁନର୍ଜନ୍ମ ରହିତ ଅର୍ଥାତ୍ ଐକାନ୍ତିକ ଏବଂ ଆତ୍ୟନ୍ତିକ ମୋକ୍ଷର ଉପଦେଷ୍ଟା ।। ୫୧ ।।

କଥମିତ୍ୟତ୍ରାହ –

ସ୍ୱକର୍ମପରିପାକେନ ପ୍ରକ୍ଷୀଣମଲବାସନଃ ।
ଶିବପ୍ରସାଦାଜ୍ଜୀବୋଽୟଂ ଜାୟତେ ଶୁଦ୍ଧମାନସଃ ।। ୫୨ ।।

ଅୟଂ ଜୀବଃ ସ୍ୱକର୍ମପରିପାକେନ 'ବିଜ୍ଞାନଯୋଗ ସଂନ୍ୟାସୈର୍ଭୋଗାଦ୍ୱା କର୍ମଣଃ କ୍ଷୟଃ' ଇତି ଶିବାଗମୋକ୍ତେଃ ସ୍ୱସ୍ୱକର୍ମପରିପାକେନ ବିନଷ୍ଟମଲବାସନଃ ସନ୍ ଶିବପ୍ରସାଦାତ୍ ଶୁଦ୍ଧାନ୍ତଃକରଣୋ ଜାୟତେ ।। ୫୨ ।।

– ନିଜର କର୍ମର ପରିପାକ ହେଲେ (ଜୀବର) ମଳ ଏବଂ ବାସନା କ୍ଷୀଣ ହୋଇଯାଏ । ସେତେବେଳେ ଶିବଙ୍କ ଅନୁଗ୍ରହରେ ଏହି ଜୀବ ଶୁଦ୍ଧ ଚିତ୍ତବାଲା ହୋଇଯାଏ ।। ୫୨ ।।

ଶୁଦ୍ଧାନ୍ତଃକରଣେ ଜୀବେ ଶୁଦ୍ଧକର୍ମବିପାକତଃ ।
ଜାୟତେ ଶିବକାରୁଣ୍ୟାତ୍ ପ୍ରସ୍ଫୁଟା ଭକ୍ତିରୈଶ୍ୱରୀ ।। ୫୩ ।।

ତସ୍ମିନ୍ ଶୁଦ୍ଧକର୍ମବିପାକତଃ ଶ୍ରୁତ୍ୟାଗମୋକ୍ତଶୁଦ୍ଧକର୍ମପରିପାକବଶାତ୍ ଶିବସ୍ୟ କୃପା ଭବତି, ଶିବବିଷୟିଣୀ ଭକ୍ତିଃ ପ୍ରସ୍ଫୁଟା ଭବତି, ତଦ୍ଦ୍ୱାରା ମୋକ୍ଷମାର୍ଗୋପଦେଶ ଇତ୍ୟର୍ଥଃ ।। ୫୩ ।।

– ଶୁଦ୍ଧ ଅନ୍ତଃକରଣଯୁକ୍ତ ଜୀବ ମଧରେ ଶୁଦ୍ଧକର୍ମର ପରିପାକ ହେତୁ ଶିବଙ୍କର କରୁଣାରେ ତାଙ୍କ ପ୍ରତି ସ୍ପଷ୍ଟ ଭକ୍ତି ଉତ୍ପନ୍ନ ହୋଇଥାଏ ।। ୫୩ ।।

ଏବମୁତ୍ପନ୍ନ ଶିବଭକ୍ତିମାନ୍ ଚରମଦେହୀ ପିଣ୍ଡଶବ୍ଦାଭିଧେୟ ଇତି ପିଣ୍ଡସ୍ଥଳଂ ସମାପୟତି –

ଜନ୍ତୁରନ୍ତ୍ୟଶରୀରୋଽସୌ ପିଣ୍ଡଶବ୍ଦାଭିଧେୟକଃ ।। ୫୪ ।।

ଅସୌ ଜନ୍ତୁଃ ଏବମୁତ୍ପନ୍ନଶିବଭକ୍ତିମାନ୍ ଜୀବଃ, ଅନ୍ତ୍ୟଶରୀରଃ 'ତଦସ୍ୟ ତୃତୀୟଂ ଜନ୍ମ' ଇତି ଶ୍ରୁତେଶ୍ଚରମଶରୀରବାନ୍ ସନ୍ ପିଣ୍ଡଶବ୍ଦାଭିଧେୟକଃ ପିଣ୍ଡଶବ୍ଦାଭିଧାନ-ବାନିତ୍ୟର୍ଥଃ ।। ୫୪ ।।

– ଅନ୍ତିମ ଶରୀରଯୁକ୍ତ ଏହି ଜୀବ ପିଣ୍ଡ ଶବ୍ଦ ବାଚ୍ୟ ଅଟେ ।। ୫୪ ।।

CC-0. Jangamwadi Math Digital Collection.

ଅଥ ପିଣ୍ଡଜ୍ଞାନସ୍ଥଲମ୍

ନନୁ ଶରୀରାତ୍ମବିବେକଃ କିମିତ୍ୟପେକ୍ଷିତ ଇତ୍ୟତ୍ରାହ –

ଶରୀରାତ୍ମବିବେକେନ[୬୬] ପିଣ୍ଡଜ୍ଞାନୀ ସ କଥ୍ୟତେ ।
ଶରୀରମେବ ଚାର୍ବାକୈରାତ୍ମେତି ପରିକୀର୍ତ୍ତ୍ୟତେ ।। ୫୫ ।।

ଶରୀରାତ୍ମବିବେକେନ ଶରୀରଶରୀରିଣୋର୍ବିବେକେନ ପିଣ୍ଡଜ୍ଞାନୀତି ଶାସ୍ତ୍ରଜ୍ଞୈଃ କଥ୍ୟତ ଇତ୍ୟର୍ଥଃ । ଏବଂ ବିଧବାଦିଭିରାତ୍ମତତ୍ତ୍ୱସ୍ୟ ସଂଦିଗ୍ଧତ୍ୱାତ୍ ସଂଦିଗ୍ଧେଷ୍ୱର୍ଥେ ନ୍ୟାୟଃ ପ୍ରବର୍ତ୍ତତ ଇତି ଶାସ୍ତ୍ରକୃଦ୍ଭିରଙ୍ଗୀକୃତତ୍ୱାତ୍ ଶରୀରାତ୍ମତ୍ୱେ ବିବେକ ଆବଶ୍ୟକ ଇତ୍ୟର୍ଥଃ ।। ୫୫ ।।

ପିଣ୍ଡଜ୍ଞାନ ସ୍ଥଳ ବର୍ଣ୍ଣନ – ଯିଏ ଶରୀର ଏବଂ ଆତ୍ମାର ଭେଦ ଜାଣେ, ସିଏ ପିଣ୍ଡଜ୍ଞାନୀ କୁହାଯାଏ । ଚାର୍ବାକ ଲୋକ ଶରୀରକୁ ହିଁ ଆତ୍ମା ମାନନ୍ତି ।। ୫୫ ।।

ଇନ୍ଦ୍ରିୟାଣାଂ ତଥାତ୍ମତ୍ୱପରୈଃ ପରିଭାଷ୍ୟତେ ।
ବୃଦ୍ଧିତତ୍ତ୍ୱଗତୈର୍ବୌଦ୍ଧୈର୍ବୁଦ୍ଧିରାତ୍ମେତି ଗୀୟତେ ।। ୫୬ ।।

– ଏହିପରି ଅନ୍ୟ (ଚାର୍ବାକ୍)ମାନେ ଇନ୍ଦ୍ରିୟଗୁଡ଼ିକୁ ଆତ୍ମା ବୋଲି କହନ୍ତି । ବୁଦ୍ଧିତତ୍ତ୍ୱକୁ ମୂଳ ମାନୁଥିବା ବୌଦ୍ଧ ବୁଦ୍ଧି (ବିଜ୍ଞାନ)କୁ ଆତ୍ମା କହନ୍ତି ।। ୫୬ ।।
କଥଂ ତଦ୍ୱିବେକ ଇତ୍ୟତ୍ରାହ –

ନେନ୍ଦ୍ରିୟାଣାଂ ନ ଦେହସ୍ୟ ନ ବୁଦ୍ଧେରାତ୍ମତା ଭବେତ୍ ।
ଅହଂ ପ୍ରତ୍ୟୟ ବେଦ୍ୟତ୍ୱାଦନୁଭୂତ ସ୍ମୃତେରପି ।। ୫୭ ।।
ଶରୀରେନ୍ଦ୍ରିୟ ବୁଦ୍ଧିଭ୍ୟୋ ବ୍ୟତିରିକ୍ତଃ ସନାତନଃ ।
ଆତ୍ମସ୍ଥିତି ବିବେକୀ ଯଃ ପିଣ୍ଡଜ୍ଞାନୀ ସ କଥ୍ୟତେ ।। ୫୮ ।।

ଅୟଂ ଭାବଃ – ଗୃହକ୍ଷେତ୍ରାଦିନାଶେ ସତି ଦୁଃଖଦର୍ଶନାତ୍ ତଦଭିବୃଦ୍ଧୌ ସୁଖାତିଶୟାଦ୍ ଗୃହକ୍ଷେତ୍ରାଦିକମେବାତ୍ମେତି ବିଷୟାତ୍ମବାଦିନୋ ଲୌକିକା ମନ୍ୟନ୍ତେ । ତତୋଽପି ସମଧିକ ବିବେକଭାଜୋ ଗୃହକ୍ଷେତ୍ରାଦୀନାଂ ମୃଗପକ୍ଷିସରିଦ୍ ଗିରିଗ୍ରାମାଦି ବିବେକାଭାବାଚ୍ଛରୀରସ୍ୟ ତାଦୃଗ୍ବିବେକ ସଦ୍ଭାବାଚ୍ଛରୀରମେବାତ୍ମେତି ଚାର୍ବାକା ମନ୍ୟନ୍ତେ । ଶରୀରେ ପ୍ରାଣବାୟୁ ପରିସ୍ପନ୍ଦାଭାବେ ଜ୍ଞାନାନୁଦୟାନ୍ନ ଶରୀରଂ (କିନ୍ତୁ) ପ୍ରାଣ ଏବାତ୍ମେତି କେଚିଦ୍ୱଦନ୍ତି, ସୁପ୍ତିକାଳେ ପ୍ରାଣସ୍ପନ୍ଦସ୍ୟ ବିଦ୍ୟମାନତ୍ୱେଽପୀନ୍ଦ୍ରିୟ ବ୍ୟାପାରାଭାବେନ ଜ୍ଞାନଶୂନ୍ୟତ୍ୱାଦିନ୍ଦ୍ରିୟମାତ୍ମେତ୍ୟପରେ । ଅତ୍ର ଇନ୍ଦ୍ରିୟାଣାଂ ବାହୁଲ୍ୟାଦ୍ ଇନ୍ଦ୍ରିୟ ସମୂହ ଆତ୍ମେତ୍ୟୁଚ୍ୟତେ ବା ବ୍ୟଷ୍ଟିରୂପସ୍ୟାତ୍ମତ୍ୱମୁଚ୍ୟତେ

---

୬୬. ବିବେକୋ ଭେଦଜ୍ଞାନମ୍, ଅୟମସ୍ମାତ୍ ପୃଥକ୍ ଇତ୍ୟାକାରକମ୍ ।

CC-0. Jangamwadi Math Digital Collection.

ବେତି ବିକଳ୍ପଃ । ନାଦ୍ୟଃ, ତତ୍ରୈକସ୍ୟ ଦ୍ୱୟୋର୍ବା ନାଶେ ସମୁଦାୟନାଶେନ ଜ୍ଞାନାନୁଦୟ ପ୍ରସଙ୍ଗାତ୍ । ନ ଦ୍ୱିତୀୟଃ, ଜଳମିବଂ ସ୍ୱଚ୍ଛଂ ମଧୁରମିତି ପ୍ରତୀତିର୍ନ ସ୍ୟାଦିତି, ଏକୈକାର୍ଥପ୍ରକାଶକତ୍ୱାଦ୍ ବ୍ୟଷ୍ଟେଃ । ଏବଂ ଶରୀରାଦେର୍ଜ୍ଞାନଶୂନ୍ୟତ୍ୱେନ ଜଡ଼ତ୍ୱାଦ୍ ଆତ୍ମତ୍ୱଂ ନ ସମ୍ଭବତୀତି ବୁଦ୍ଧିରେବାତ୍ମା । ଅତ୍ର ବୁଦ୍ଧେଶ୍ଚକ୍ଷୁରାଦିକରଣସାଧ୍ୟତ୍ୱାତ୍ କରଣାନାଂ କୁଠାରାଦିବତ୍–କର୍ତ୍ତ୍ରଧୀନତ୍ୱାଦ୍ ବୁଦ୍ଧ୍ୟୁତ୍ତୀର୍ଣ୍ଣଃ କଶ୍ଚିତ୍ କର୍ତ୍ତାଽଙ୍ଗୀକରଣୀୟ ଇତି ନାଶଙ୍କନୀୟମ୍, କରଣଜନ୍ୟସ୍ୟ ଜଡ଼ତ୍ୱନିୟମେନ ବୁଦ୍ଧେର୍ଜଡ଼ତାପତ୍ତ୍ୟାର୍ଥଗ୍ରହଣାପଟୁତ୍ୱାନ୍ନେଷ୍ଟାପତ୍ତିଃ, ଜଡ଼ବୁଦ୍ଧେରାତ୍ମନୋଽପି ଜଡ଼ତାପତ୍ତେରନିର୍ବାର୍ଯ୍ୟତ୍ୱାଲ୍ଲୋକ ବ୍ୟବହାରୋ ବିଲୁପ୍ୟେତେତି ଭବଦଭିମତାତ୍ମବଦ୍ ବୁଦ୍ଧି ସ୍ୱତଃ ସିଦ୍ଧୈବେତ୍ୟଙ୍ଗୀକରଣୀୟତୟା ପ୍ରଥମଂ ଘଟାନୁଭବଃ, ତତୋ ଘଟବିକଳ୍ପଃ, ତଦନନ୍ତରଂ ତଜ୍ଜନିତସଂସ୍କାରାଦ୍ଭାବିକୋଟିନିଷ୍ଠା ସ୍ମୃତିଃ, ସ୍ମୃତ୍ୟା ଲୋକବ୍ୟବହାର ଇତି ଭିନ୍ନକାଳଭିନ୍ନାକାରଭିନ୍ନବିଷୟିଣୀ କ୍ଷଣିକଜ୍ଞାନସନ୍ତତିରେବାତ୍ମେତି ବୁଦ୍ଧିପ୍ରାଧାନ୍ୟବାଦିନୋ ବୌଦ୍ଧା ବଦନ୍ତି ।

ଅତ୍ରୋତ୍ତରମ୍ – ଅହଂ ପ୍ରତ୍ୟୟ ବେଦ୍ୟତ୍ୱାଦନୁଭୂତ ସ୍ମୃତେରପି ଶରୀରେନ୍ଦ୍ରିୟ ବୁଦ୍ଧିଭ୍ୟୋ ବ୍ୟତିରିକ୍ତଃ ସନାତନ ଆତ୍ମାଽସ୍ତୀତି ମମ ଶରୀରଂ ମମେନ୍ଦ୍ରିୟଂ ମମ ବୁଦ୍ଧିର୍ମମ ସ୍ମୃତିଃ ଶରୀର୍ୟହଂ ସ୍ଥୂଟେନ୍ଦ୍ରିୟୋଽହଂ ଜାନାମି ସ୍ମରାମୀତି ଶରୀରେନ୍ଦ୍ରିୟବୁଦ୍ଧ୍ୟୁତ୍ତୀର୍ଣ୍ଣୋଽହଂ ପ୍ରତ୍ୟୟାଧୀନତୟା ସ୍ମୃତ୍ୟାଦୀନାମପି ଭାସମାନତ୍ୱାତ୍ତଦ୍ ବ୍ୟତିରିକ୍ତଃ କଶ୍ଚିଦାତ୍ମାସ୍ତୀ–ତ୍ୟଙ୍ଗୀକରଣୀୟମିତ୍ୟର୍ଥଃ । ନନ୍ୱହଂ ପ୍ରତ୍ୟୟସ୍ୟାସ୍ମାଭିର୍ନିର୍ବିକଳ୍ପକ ସବିକଳ୍ପକ ଲକ୍ଷଣଜ୍ଞାନ ଦ୍ୱୟାନ୍ତର୍ଗତତ୍ୱେ ନାଙ୍ଗୀକୃତତ୍ୱାନ୍ନ ତଦ୍ବ୍ୟତିରିକ୍ତଃ, ନ ଚ ତର୍ହ୍ୟୟମାତ୍ମବ୍ୟତିରିକ୍ତଂ ନ କଶ୍ଚିଦ୍ୱିକଳ୍ପୟତୀତ୍ୟାତ୍ମା ସିଦ୍ଧ ଇତି ବାଚ୍ୟମ୍, ସ୍ଥୂଲୋଽହଂ କୃଶୋଽହଂ ସୁଖ୍ୟହଂ ଦୁଃଖ୍ୟହମିତି ରୂପବେଦନାସନ୍ତାନସଂସ୍ପର୍ଶିତ୍ୱେନ ଶରୀରାଦୀନ୍ ବିକଳ୍ପୟତୀତି ତସ୍ମାନ୍ମାସ୍ମଦଙ୍ଗୀକୃତରୂପ–ବିବେଚନସଂଜ୍ଞାନବିଜ୍ଞାନସଂସ୍କାରଲକ୍ଷଣପଞ୍ଚସନ୍ତାନୋତ୍ତୀର୍ଣ୍ଣଃ ଶରୀରାଦିସନ୍ତାନ–ମୂର୍ଧନ୍ୟୋଽପ୍ୟହଂ ପ୍ରତ୍ୟୟୋ ନାତ୍ମା ଭବିତୁମର୍ହତି, ରୂପବେଦନାସନ୍ତାନ ସଂସ୍ପର୍ଶିତ୍ୱେନା–ନିତ୍ୟବାନ୍, ସୁପ୍ତିମୂର୍ଚ୍ଛାଦାବଭାବାଚ୍ଚ । ନ ଚ ଘଟମହଂ ଜାନାମୀତ୍ୟତ୍ର ବେଦ୍ୟରୂପ କର୍ମପ୍ରକାଶାଦ୍ ବେଦନାରୂପଜ୍ଞାନ ପ୍ରକାଶାଚ୍ଚୋତ୍ତୀର୍ଣ୍ଣତ୍ୱେନ ଭାସମାନତ୍ୱାଦହଂ ପ୍ରତ୍ୟୟ ଆତ୍ମାନମେବ ବିକଳ୍ପୟତୀତି ବାଚ୍ୟମ୍, ତସ୍ୟାହଂ ପ୍ରତ୍ୟୟ ବ୍ୟତିରେକେଣାଦୃଶ୍ୟତ୍ୱାତ୍, ଅହଂ ପ୍ରତ୍ୟୟସ୍ୟାନିତ୍ୟତ୍ୱାତ୍ । ଯଦି ପ୍ରତ୍ୟୟସ୍ୟ ସବିଷୟତାଽନ୍ୟଥାଽନୁପପତ୍ତ୍ୟା ତଦ୍ୱ୍ୟତିରିକ୍ତ ଆତ୍ମାଽନୁମୀୟତେ, ତର୍ହି କୋଽୟମନୁମାତା ? ଅହଂ ପ୍ରତ୍ୟୟୋ ବା ତଦ୍ୱ୍ୟତିରିକ୍ତୋ ବା ? ନାଦ୍ୟଃ, ଅନିତ୍ୟେଽହଂ ପ୍ରତ୍ୟୟସ୍ୟାନୁମାତୃତାଙ୍ଗୀକାରେଣାସ୍ମନ୍ମତପ୍ରବେଶାପତ୍ତେଃ, ତଦ୍ୱ୍ୟତିରିକ୍ତସ୍ୟାନୁମାତୃରଦୃଶ୍ୟତ୍ୱାତ୍ । ଯଦି ଦୃଶ୍ୟସ୍ତର୍ହି ତସ୍ୟ ବୁଦ୍ଧିତୁଲ୍ୟତ୍ୱପ୍ରସଙ୍ଗାଦ୍ ବୁଦ୍ଧି

CC-0. Jangamwadi Math Digital Collection.

ରେବାତ୍ମେତି ଚେତ୍ । ମୈବମ୍, ବୁଦ୍ଧେଃ କ୍ଷଣିକତ୍ୱେନ ଭିନ୍ନକାଲଭିନ୍ନବିଷୟ ଭିନ୍ନାକାର-ତ୍ୱେନାଙ୍ଗୀକୃତତ୍ୱାତ୍, ନୀଳଂ ପୀତାଦ୍ ଭିନ୍ନମ୍, ପୀତଂ ନୀଳାଦ୍ ଭିନ୍ନମ୍, ନୀଳମହଂ ଜାନାମି, ପୀତମହଂ ଜାନାମି, ଯୋଽହଂ ବାଲ୍ୟେ ପିତରାବନ୍ୱଭୂବଂ ସ ଏବାହମିଦାନୀଂ (ଯୌବନେ ବାର୍ଦ୍ଧକ୍ୟେ ବା) ପୁତ୍ରଦାରାନନୁଭବାମୀତ୍ୟେକସଂବିଲ୍ଲଗ୍ନତୟା ବାହ୍ୟାଭ୍ୟନ୍ତରାନୁସନ୍ଧାନାସମ୍ଭବାତ୍, କ୍ଷଣଦ୍ୱୟାବଗାହି ସଂବିଦନ୍ତରାନଙ୍ଗୀକାରାତ୍, ରୂପସଂସ୍କାରେଣ ରସସ୍ମୃତ୍ୟନୁଦୟାତ୍, ସ୍ମୃତେଃ ସ୍ୱସମାନବିଷୟତାବ୍ୟବସ୍ଥାପକତ୍ୱେନ ସଂସ୍କାରସ୍ୟ କୃତାର୍ଥତ୍ୱାତ୍, ସ୍ମୃତିଜନକଂ ନ କିଞ୍ଚିତ୍ ପଶ୍ୟାମ ଇତି ସ୍ମୃତେର୍ଗଗନକୁସୁମାୟମାନତ୍ୱେନ ତନ୍ମୂଲକସ୍ୟ ସର୍ବସ୍ୟାପି ଲୋକବ୍ୟବହାରସ୍ୟୋଚ୍ଛିତ୍ତି-ପ୍ରସଙ୍ଗାଚ୍ଚ । ତସ୍ମାନ୍ନିତ୍ୟଃ କଶ୍ଚିଦାତ୍ମାନୁସଂଧାତା ଜ୍ଞାନସ୍ମୃତ୍ୟପୋହନଶକ୍ତିମାନଙ୍ଗୀକରଣୀୟଃ, 'ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ' ଇତ୍ୟେତଦଭିପ୍ରାୟେଣୈବ ଭଗବତାଽପି ଗୀତତ୍ୱାତ୍ । ସ ଚାହଂ ପ୍ରତ୍ୟୟସ୍ୱରୂପ ଏବ, ତଦ୍ଭିନ୍ନସ୍ୟାଦୃଶ୍ୟତ୍ୱାଦିତି ସୂକ୍ତତ୍ୱାତ୍, ତସ୍ୟ ସୁପ୍ତିମୂର୍ଚ୍ଛାଦାବଭାବାନ୍ନାନିତ୍ୟତ୍ୱମାଶଙ୍କନୀୟମ୍, ତଦା ତସ୍ୟ ଶୂନ୍ୟସ୍ଥାନନିମଗ୍ନତ୍ୱେନ ତଦୀୟସ୍ୱପ୍ରକାଶସ୍ୟ ତିରୋହିତତ୍ୱାତ୍, ଅନ୍ୟଥୋତ୍ଥିତସ୍ୟ ସୁଖମହମସ୍ୱାପ୍ସମିତି ସୁଖସ୍ମୃତ୍ୟନୁଦୟପ୍ରସଙ୍ଗଃ, ସ୍ମୃତେରନୁଭବମୂଲକତ୍ୱାତ୍, ସ୍ୱତନ୍ତ୍ରାଂଶୀଭୂତ ପ୍ରାଣବାୟୁ ପରିସ୍ପନ୍ଦସ୍ୟ ବିଦ୍ୟମାନତ୍ୱେନ ତସ୍ୟା (ସ୍ମୃତେଃ) ହାନାଦାନାଦିରୂପତୟା କର୍ତ୍ତୃନିରୂପିତତ୍ୱାତ୍ କର୍ତ୍ତୃଜ୍ଞାନପୁରଃସରତ୍ୱାଦିତି ସଂକ୍ଷେପଃ । ନନ୍ୱେତାବତା ଶରୀରୀକଶ୍ଚିଜ୍ଜୀବାତ୍ମା ସିଦ୍ଧୋ ନ ତତ୍ପ୍ରେରକ ଈଶ୍ୱର ଇତି ଚେତ୍ ଲୋକେ ବିଦାରଣାଦିକ୍ରିୟାୟାଂ କୁଠାରାଦିକରଣସାଧ୍ୟତ୍ୱାତ୍ କରଣାନାଂ କର୍ମେନ୍ଦ୍ରିୟାଧୀନତ୍ୱାତ୍ ତେଷାଂ ଦେଶକାଲାଦିପରତନ୍ତ୍ରତ୍ୱାତ୍ ସ୍ୱତନ୍ତ୍ରେଣ ବିନା ନ ସମ୍ଭବତୀତି ବ୍ୟବହାରା-ନ୍ୟଥାନୁପପତ୍ତ୍ୟୈବ ସୋଽପି ସିଦ୍ଧ ଇତି ବଦନ୍ତୋ ବୈୟାସିକାଶ୍ଚ ପ୍ରତ୍ୟୁକ୍ତା ଇତି ମନ୍ତବ୍ୟମ୍ ।। ୫୭-୫୮ ।।

– ଇନ୍ଦ୍ରିୟ କିମ୍ବା ଦେହ ଅଥବା ବୁଦ୍ଧି ଆତ୍ମା ନୁହନ୍ତି, କାରଣ 'ଅହଂ ଅହଂ' କରି ଯେଉଁ ଜ୍ଞାନ ହୁଏ, ତାହାର ବିଷୟ ଆତ୍ମା ତଥା ଅନୁଭୂତ ବିଷୟର ସ୍ମରଣ ଇନ୍ଦ୍ରିୟ ଆଦିର ହୁଏ ନାହିଁ ।। ୫୭ ।।

ତେଣୁ ଯାହା ଶରୀର-ଇନ୍ଦ୍ରିୟ-ବୁଦ୍ଧିଠାରୁ ଭିନ୍ନ ତଥା ସନାତନ ଅର୍ଥାତ୍ ନିତ୍ୟ ଅଟେ, ତାହା ହିଁ ଆତ୍ମା। ଏହିପରି ଆତ୍ମସ୍ଥିତିର ବିଚାର ରଖୁଥିବା ବ୍ୟକ୍ତିଙ୍କୁ ଆତ୍ମଜ୍ଞାନୀ କୁହାଯାଏ ।। ୫୮ ।।

ବିଶେଷ – ଧନ, ପୁତ୍ର ଆଦି ବାହ୍ୟ ବିଷୟ ଗୁଡ଼ିକର ନାଶରେ ଦୁଃଖ ଏବଂ ସେଥିରେ ବୃଦ୍ଧି ହେତୁ ସୁଖକୁ ଦେଖି ବାହ୍ୟ ବିଷୟ ହିଁ ଆତ୍ମା ବୋଲି ସାଧାରଣ ଲୋକ ଭାବନ୍ତି । ସେହି ବିଷୟଠାରୁ ଭିନ୍ନ ଶରୀର ହିଁ ଦୁଃଖ-ସୁଖର ଅନୁଭବୀ ଅଟେ । ତେଣୁ

CC-0. Jangamwadi Math Digital Collection.

ଶରୀର ହିଁ ଆତ୍ମା ବୋଲି ଚାର୍ବାକ ମାନନ୍ତି । ଅର୍ଥାତ୍ ଚାର୍ବାକ୍ ଇନ୍ଦ୍ରିୟଗୁଡ଼ିକୁ ଆତ୍ମା ମାନନ୍ତି। ଇନ୍ଦ୍ରିୟ ସମୁହକୁ ଆତ୍ମା ମାନିଲେ ଗୋଟିଏ ବା ଦୁଇଟି ଇନ୍ଦ୍ରିୟ ନଷ୍ଟ ହେଲେ ସମସ୍ତେ ନଷ୍ଟ ହୋଇଯିବେ । ଯଦି ଗୋଟିଏ-ଗୋଟିଏ ଇନ୍ଦ୍ରିୟ ଆତ୍ମା, କେବେ ଜଳ ମଧୁର ଏବଂ ସ୍ୱଚ୍ଛ – ଏହିପରି ଦୁଇଟି ଇନ୍ଦ୍ରିୟଦ୍ୱାରା ଗୋଟିଏ ସମୟରେ ପ୍ରାପ୍ତ ହେଉଥିବା ଜ୍ଞାନ ସମ୍ଭବ ହେବନାହିଁ । ତେଣୁ ଇନ୍ଦ୍ରିୟ ଆତ୍ମା ନୁହେଁ । କିଛି ଲୋକ ବୁଦ୍ଧିକୁ ଆତ୍ମା ମାନନ୍ତି । ଏପରି ହେଲେ ବୁଦ୍ଧି ଜଡ଼ ହୋଇଥିବାରୁ ଆତ୍ମାକୁ ଜଡ଼ ମାନିବାକୁ ପଡ଼ିବ। କିନ୍ତୁ ଅନୁଭବ ଏବଂ ସ୍ମୃତିରେ ଯୁକ୍ତ ହୋଇଥିବାରୁ ଆତ୍ମା ଚେତନ ଅଟେ । ତେଣୁ କ୍ଷଣିକ ବିଜ୍ଞାନ ସନ୍ତାନ ଆତ୍ମା ଅଟେ, ଏହା ବିଜ୍ଞାନବାଦୀ, ବୌଦ୍ଧ ମାନନ୍ତି ।

ଏହା ମୋର ଶରୀର, ଏହା ମୋର ବୁଦ୍ଧି, ଏହା ମୁଁ ସ୍ମରଣ କରୁଛି, ମୋର ଇନ୍ଦ୍ରିୟ ନଷ୍ଟ ହୋଇଯାଇଛି, ତଥାପି ମୁଁ ଜାଣି ପାରୁଛି – ଏପରି ବିଚାରରୁ ସ୍ପଷ୍ଟ ହେଉଛି ଯେ ଆତ୍ମା ଏ ସବୁଥିରୁ ଭିନ୍ନ ଅନ୍ୟ ଏକ ତତ୍ତ୍ୱ । ରୂପ, ସଂଜ୍ଞା, ସଂସ୍କାର, ବିଜ୍ଞାନ ଏବଂ ବେଦନା ନାମକ ପାଞ୍ଚ ସ୍କନ୍ଧବାଲା ପଦାର୍ଥ ମଧ୍ୟ ଆତ୍ମା ନୁହେଁ, କାରଣ ଯଦି ରୂପାଦି ଆତ୍ମା, ତେବେ ଅନିତ୍ୟ ହୋଇଯିବ ତଥା ସୁଷୁପ୍ତି ଏବଂ ମୂର୍ଚ୍ଛା ଦଶାରେ ଆତ୍ମାର ଅସ୍ତିତ୍ୱ ରହିବ ନାହିଁ । ଯଦି ମୁଁ ଜାଣିଛି ଇତ୍ୟାଦି ଅନୁଭବର ଆଧାରରେ ଅହଂ ପ୍ରତ୍ୟୟକୁ ଆତ୍ମା ମାନିବା, ତେବେ ଅହଂ ପ୍ରତ୍ୟୟ ଅନିତ୍ୟ ହୋଇଥିବାରୁ ଆତ୍ମା ମଧ୍ୟ ଅନିତ୍ୟ ହୋଇଯିବ । ଯଦି ଅହଂ ପ୍ରତ୍ୟୟକୁ ନିତ୍ୟ ମାନିବା, ତେବେ ଆତ୍ମତତ୍ତ୍ୱର ପୁଷ୍ଟି ହେବ । ଆତ୍ମା କ୍ଷଣିକ ବିଜ୍ଞାନ ରୂପ ମଧ୍ୟ ନୁହେଁ, କାରଣ ଏପରି ମାନିଲେ ରୂପଜ୍ଞାନ ନଷ୍ଟ ହେବା ପରେ ରସର ସ୍ମୃତି ରହିବ ନାହିଁ ଏବଂ ରୂପସ୍ମୃତିର କେହି ଜନକ ରହିବେ ନାହିଁ । ଏହିପରି ସମ୍ପୂର୍ଣ୍ଣ ଲୋକ ବ୍ୟବହାର ଉଚ୍ଛିନ୍ନ ହୋଇଯିବ ତେଣୁ ଏପରି କୌଣସି ତତ୍ତ୍ୱ ଅଛି ଯାହା ନିତ୍ୟ, ନିଜର ଅନୁସନ୍ଧାନ କରେ ତଥା ଜ୍ଞାନ ସ୍ମୃତି ଅପୋହନ ଶକ୍ତି ଯୁକ୍ତ ଅଟେ, ତାହା ଆତ୍ମା ଅଟେ । ଭଗବାନ୍ କୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି – 'ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ' (୧୫/୧୫) ।

'ଅହଂ ଅହଂ' କହିକି ଯେଉଁ ଜ୍ଞାନ ହୁଏ, ଏହି ଆତ୍ମା ହେଉଛି ତତ୍ ସ୍ୱରୂପ। ବେଦାନ୍ତ ଅହଂକୁ ଜ୍ଞାନର ବିଷୟ ମାନେ, କାରଣ ଜ୍ଞାନ ବୃତ୍ତିସାପେକ୍ଷ ଅଟେ । ଆତ୍ମା ନିଜର ଶୁଦ୍ଧ ରୂପରେ ଚିଦ୍ ସ୍ୱରୂପ ଅଟେ । କିନ୍ତୁ ଟୀକାକାର ତାହାକୁ ଅହଂ ପ୍ରତ୍ୟୟ ସ୍ୱରୂପ କହୁଛନ୍ତି । କାରଣ ତାହାଠାରୁ ଭିନ୍ନ ଅନ୍ୟ କିଛି ଦୃଷ୍ଟ ହୁଏ ନାହିଁ । ସୁଷୁପ୍ତି ଅଥବା ମୂର୍ଚ୍ଛା କାଳରେ ତାହାର ଅନୁଭବ ନ ହେଉଥିବାରୁ ଆତ୍ମା ଅନିତ୍ୟ ବୋଲି ଶଙ୍କା କରିବା ଠିକ୍ ନୁହେଁ । କାରଣ ସେହି ସମୟରେ ତାହା ଶୂନ୍ୟସ୍ଥାନରେ ନିମଗ୍ନ ରହେ । ତେଣୁ ତାହାର ପ୍ରକାଶ ତିରୋହିତ ରୁହେ । ଯଦି ଆତ୍ମା ସୁଷୁପ୍ତି ଅବସ୍ଥାରେ ରହନ୍ତା ନାହିଁ, ତେବେ 'ମୁଁ

CC-0. Jangamwadi Math Digital Collection.

ସୁଖପୂର୍ବକ ଶୋଇଲି' ଏପରି ସୁଖ ସ୍ମୃତି ହୁଅନ୍ତା ନାହିଁ। ତେଣୁ ଆତ୍ମା ନିତ୍ୟ ଅଟେ । ସ୍ୱତନ୍ତ୍ର ଅଂଶୀଭୂତ ପ୍ରାଣବାୟୁର ପରିସ୍ପନ୍ଦ କାରଣରୁ ଆତ୍ମାକୁ ତ୍ୟାଗ ଏବଂ ଗ୍ରହଣର କର୍ତ୍ତା ମନାଯାଏ ।

ଉପଯୁକ୍ତ ବିବରଣରୁ କୌଣସି ଏକ ଶରୀରଧାରୀ ଜୀବାତ୍ମାର ସିଦ୍ଧି ହେଉଅଛି, କିନ୍ତୁ ଈଶ୍ୱରଙ୍କର ନୁହେଁ । ତେଣୁ ଲୋକରେ କାଷ୍ଠ ଛେଦନ ଆଦି କ୍ରିୟା ଯେପରି କର୍ମେନ୍ଦ୍ରିୟର ଅଧୀନ ଏବଂ ତାହାର ଜଣେ ସ୍ୱତନ୍ତ୍ର କର୍ତ୍ତା ଥାଏ, ସେହିପରି ସଂସାରର ସମସ୍ତ କାର୍ଯ୍ୟର ପରମକର୍ତ୍ତା ଈଶ୍ୱର ଅଟନ୍ତି । ଏପରି କହୁଥିବା ଯୋଗଦର୍ଶନର ଅନୁଯାୟୀମାନଙ୍କର ମତ ଖଣ୍ଡିତ ହୋଇଯାଉଛି । କାରଣ ଆତ୍ମତତ୍ତ୍ୱ ହେଉଛି ଈଶ୍ୱର, ନ କି 'କ୍ଲେଶ କର୍ମବିପାକାଶବୈରପରାମୃଷ୍ଟଃ ପୁରୁଷ ବିଶେଷ ଈଶ୍ୱରଃ' (ପା. ଯୋ. ସୂ.) ବୋଲି ନିର୍ଦ୍ଦିଷ୍ଟ ପୁରୁଷ ବିଶେଷ ।

ନଶ୍ୱରାଣି ଶରୀରାଣି ନାନାରୂପାଣି କର୍ମଣା ।
ଆଶ୍ରିତୋ ନିତ୍ୟ ଏବାସାବିତି ଜନ୍ତୋର୍ବିବେକିତା ।। ୫୯ ।।

କର୍ମବଶାତ୍ ପ୍ରାପ୍ତାନି ନାନାରୂପାଣି ଶରୀରାଣି ନଶ୍ୱରାଣୀତି ଜୀବସ୍ୟ ବିବେକିତା ପିଣ୍ଡବିବେକଃ, ତାଦୃକ୍ ପିଣ୍ଡାଶ୍ରିତୋ ଜୀବୋ ନିତ୍ୟ ଇତି ବିବେକିତା ପିଣ୍ଡଜ୍ଞ ବିବେକଃ ।। ୫୯ ।।

– ଏହି ଶରୀର ହେଉଛି ନଶ୍ୱର ତଥା କର୍ମ ଅନୁସାରେ ଅନେକ ରୂପ ଗ୍ରହଣ କରିଥାଏ ଏହି ଆତ୍ମା (ଶରୀରରେ) ଆଶ୍ରିତ ରୁହେ ତଥା ନିତ୍ୟ ଅଟେ (ଯଦିଓ ଶରୀର ଅନିତ୍ୟ ଅଟେ) । ଜୀବର ବିଚାର ଏହିପରି ଅଟେ ।

ନନ୍ୱୟଂ ବିବେକଃ ସାଂଖ୍ୟମତସଦୃଶୋ ଜାତ ଇତ୍ୟତ୍ରାହ –

ଶରୀରାଦ୍ ପୃଥଗାତ୍ମାନମାତ୍ମଭ୍ୟଃ ପୃଥଗୀଶ୍ୱରମ୍ ।
ପ୍ରେରକଂ ଯୋ ବିଜାନାତି ପିଣ୍ଡଜ୍ଞାନୀତି କଥ୍ୟତେ ।। ୬୦ ।।

ସ୍ପଷ୍ଟମ୍ । ଅୟମେବ ନିତ୍ୟାନିତ୍ୟଲକ୍ଷଣକ୍ଷେତ୍ରଜ୍ଞବିବେକଃ, କ୍ଷେତ୍ରଜ୍ଞେ ଜୀବେ ପ୍ରେରକତ୍ୱେନେଶ୍ୱରସ୍ୟ 'ଚନ୍ଦ୍ରକାନ୍ତେ ଯଥା ତୋୟମ୍' ଇତ୍ୟାଦ୍ୟୁକ୍ତଦୃଷ୍ଟାନ୍ତେନ ତାଦାତ୍ମ୍ୟେନ ବିଦ୍ୟମାନତ୍ୱାତ୍ । ଉକ୍ତଂ ଚ ଗୀତାୟାମ୍ –

ଇଦଂ ଶରୀରଂ କୌନ୍ତେୟ କ୍ଷେତ୍ରମିତ୍ୟଭିଧୀୟତେ।
ଏତଦ୍ୟୋ ବେଦ ତଂ ପ୍ରାହୁଃ କ୍ଷେତ୍ରଜ୍ଞ ଇତି ତଦ୍ୱିଦଃ।।
କ୍ଷେତ୍ରଜ୍ଞଂ ଚାପି ମାଂ ବିଦ୍ଧି ସର୍ବକ୍ଷେତ୍ରେଷୁ ଭାରତ।
କ୍ଷେତ୍ରକ୍ଷେତ୍ରଜ୍ଞୟୋର୍ଜ୍ଞାନଂ ଯତ୍ତଜ୍ଜ୍ଞାନଂ ମତଂ ମମ [୬୭] ।। ଇତି ।

---

୬୭. ଭ. ଗୀ., ୧୩/୧–୨

CC-0. Jangamwadi Math Digital Collection.

ସତ୍ୟେନ ଲଭ୍ୟସ୍ତପସା ହ୍ୟେଷ ଆତ୍ମା
ସମ୍ୟଗ୍‌ଜ୍ଞାନେନ ବ୍ରହ୍ମଚର୍ଯେ୍ୟଣ ନିତ୍ୟମ୍ ।
ଅନ୍ତଃଶରୀରେ ଜ୍ୟୋତିର୍ମୟୋ ହି ଶୁଭ୍ରୋ
ଯଂ ପଶ୍ୟନ୍ତି ଯତୟଃ କ୍ଷୀଣପାପାଃ [୬୮] ।।

ଇତି ମୁଣ୍ଡକଶ୍ରୁତେଃ ।

ଅଶରୀରଂ ଯଦାତ୍ମାନଂ ପଶ୍ୟତି ଜ୍ଞାନଚକ୍ଷୁଷା ।
ତଦା ଭବତି ଶାନ୍ତାତ୍ମା ସର୍ବତୋ ବିଗତସ୍ପୃହଃ ।।

ଇତି ଦେବୀ କାଳୋତ୍ତରବଚନାଚ୍ଚ ଦେହଦେହିସ୍ୱରୂପଂ ଅଙ୍ଗାଙ୍ଗିନୋର୍ଜୀବେଶ୍ୱରୟୋଃ ସ୍ୱରୂପଂ ଚ ବିଜ୍ଞେୟମ୍ ।। ୬୦ ।।

– ଆତ୍ମା ଶରୀରଠାରୁ ପୃଥକ୍ ଅଟେ ଏବଂ ତାହାର ପ୍ରେରକ ଈଶ୍ୱର ଆତ୍ମାଠାରୁ ଭିନ୍ନ ଅଟେ, ଏହିପରି ଭାବରେ ଯିଏ ଜାଣେ, ତାହାକୁ ପିଣ୍ଡଜ୍ଞ କୁହାଯାଏ ।। ୬୦ ।।

ଅଥ ସଂସାରହେୟସ୍ଥଲମ୍

ଅଥୈବଂ ରୂପ ପିଣ୍ଡଜ୍ଞାନିନ ଉତ୍ପଦ୍ୟମାନ ସଂସାର ହେୟସ୍ଥଲଂ ନିରୂପୟତି –

ନିରସ୍ତହୃତ୍ କଳଙ୍କସ୍ୟ ନିତ୍ୟାନିତ୍ୟବିବେକିନଃ ।
ସଂସାର ହେୟତା ବୁଦ୍ଧିର୍ଜାୟତେ ବାସନାବଳାତ୍ ।। ୬୧ ।।

ଉକ୍ତପ୍ରକାରେଣାନେକଜନ୍ମାର୍ଜିତସୁକୃତବଶାତ୍ ପ୍ରକ୍ଷୀଣପାପତ୍ୱେନ ଶୁଦ୍ଧାନ୍ତଃ କରଣସ୍ୟ ନିତ୍ୟାନିତ୍ୟବିବେକିନଃ ପୁଣ୍ୟାଧିକ୍ୟେନ ସତ୍‌ସଂସ୍କାରବଳାତ୍ ସଂସାରେ ତ୍ୟାଗବୁଦ୍ଧି-ରୁତ୍ପଦ୍ୟତ ଇତ୍ୟର୍ଥଃ ।। ୬୧ ।।

ସଂସାର ହେୟସ୍ଥଳ ବର୍ଣ୍ଣନ – ଯାହାର ହୃଦୟର କଳଙ୍କ ଅର୍ଥାତ୍ ମଳିନ ବାସନା ଦୂର ହୋଇଯାଇଛି ଯିଏ ନିତ୍ୟ ଏବଂ ଅନିତ୍ୟର ଭେଦ ଜାଣିଛି, ବାସନା ବଳରେ ତାଙ୍କ ଭିତରେ ଏହି ସଂସାର ହେୟ ଅର୍ଥାତ୍ ତ୍ୟାଜ୍ୟ ଅଟେ – ଏପରି ବୁଦ୍ଧି ଉତ୍ପନ୍ନ ହୁଏ ।। ୬୧ ।।

କୁତ ଇତ୍ୟତ୍ରାହ –

ଐହିକେ କ୍ଷଣିକେ ସୌଖ୍ୟେ ପୁତ୍ରଦାରାଦିସମ୍ଭବେ ।
କ୍ଷୟିତ୍ୱାଦିଯୁତେ ସ୍ୱର୍ଗେ କସ୍ୟ ବାଞ୍ଛା ବିବେକିନଃ ।। ୬୨ ।।

ପୁତ୍ରଦାରାଦିଜାୟମାନ ସୁଖସ୍ୟ ନଶ୍ୱରତ୍ୱଂ ପ୍ରତ୍ୟକ୍ଷେଣାନୁଭୂୟତେ । ଜ୍ୟୋତିଷ୍ଟୋମାଦିଯାଗଜନ୍ୟସ୍ୱର୍ଗସୁଖସ୍ୟାପି –

୬୮. ମୁ. ଉ., ୩/୨/୫

CC-0. Jangamwadi Math Digital Collection.

ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂ ବିଶାଳଂ କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି । ଇତି ଭଗବଦୁକ୍ତେର୍ନଶ୍ୱରତାଽବଗମ୍ୟତେ । ଏବଂ ରୂପୈହିକାମୁଷ୍ମିକସୁଖୟୋର୍ନିତ୍ୟା- ନିତ୍ୟବିବେକିନଃ କସ୍ୟ ବାଞ୍ଛା ଭବେତ୍ । ନ କସ୍ୟାପୀତ୍ୟର୍ଥଃ । ନଶ୍ୱରତ୍ୱାତ୍ ହେୟବୁଦ୍ଧିରେବ ଭବେଦିତି ଭାବଃ ।। ୬୨ ।।

– ପୁତ୍ର, ସ୍ତ୍ରୀ ଆଦିଠାରୁ ପ୍ରାପ୍ତ ଏହି ଲୋକର କ୍ଷଣିକ ସୁଖ ତଥା କ୍ଷୟ (ଅତିଶୟ) ଆଦିରେ ଯୁକ୍ତ ସ୍ୱର୍ଗ (ସୁଖ) ପାଇଁ କେଉଁ ବିବେକୀ ଇଚ୍ଛା କରିବ ଅର୍ଥାତ୍ କେହି ବିବେକୀ ଏହାକୁ ଚାହିଁବେ ନାହିଁ ।। ୬୨ ।।

ନନୁ ସାଂସାରିକ ସୁଖସ୍ୟାନିତ୍ୟତ୍ୱାତ୍ ପରିତ୍ୟାଗୋ ଯୁକ୍ତଃ, ସଂସାରଃ କିମର୍ଥଂ ତ୍ୟଜନୀୟ ଇତ୍ୟତ୍ର ଦୋଷାନୁଦ୍‌ଭାବୟତି –

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ଜନ୍ତୁର୍ମରଣଜନ୍ମଭ୍ୟାଂ ପରିଭ୍ରମତି ଚକ୍ରବତ୍ ।। ୬୩ ।।

ବିଶ୍ରାନ୍ତ୍ୟଭାବାଦିତି ଭାବଃ ।। ୬୩ ।।

– ଯିଏ ଜନ୍ମ ନିଏ, ତା'ର ମୃତ୍ୟୁ ଏବଂ ଯିଏ ମରେ ତା'ର ଜନ୍ମ ନିଶ୍ଚିତ ଅଟେ । ମରଣ ଏବଂ ଜନ୍ମ ଦ୍ୱାରା ଜୀବ ଚକ୍ର ପରି ବୁଲୁଥାଏ ।। ୬୩ ।।

ଅସ୍ମିନ୍ନର୍ଥେ କର୍ମାଧୀନପୁରୁଷଦୃଷ୍ଟାନ୍ତମଦ୍ୟାହ –

ମତ୍ସ୍ୟକୂର୍ମବରାହାଙ୍ଗୈର୍ନୃସିଂହମନୁଜାଦିଭିଃ ।
ଜାତେନ ନିଧନଂ ପ୍ରାପ୍ତଂ ବିଷ୍ଣୁନାପି ମହାତ୍ମନା ।। ୬୪ ।।

ଦୁଷ୍ଟ ଦୈତ୍ୟନିବର୍ହଣାର୍ଥଂ ଭକ୍ତାନୁଗ୍ରହାର୍ଥଂ ଚ ମତ୍ସ୍ୟକୂର୍ମାଦିଶରୀରୈଃ ସହ ଜାତେନ ଅବତାରଂ ଧୃତବତା ମହାତ୍ମନା ମହାପୁରୁଷେଣ କର୍ମାଧୀନେନ ବିଷ୍ଣୁନାପି ନାରାୟଣେନାପି ନିଧନଂ ମରଣଂ ପ୍ରାପ୍ତମିତ୍ୟର୍ଥଃ ।। ୬୪ ।।

– ମହାତ୍ମା ବିଷ୍ଣୁ ମଧ୍ୟ ମତ୍ସ୍ୟ[୬୯], କଚ୍ଛପ[୭୦], ଶୂକର[୭୧], ନରସିଂହ[୭୨] ଏବଂ

---

୬୯. ଭଗବାନ୍ ବିଷ୍ଣୁ ମାର୍କଣ୍ଡେୟ ମୁନିଙ୍କୁ ପ୍ରଳୟରୂପ ଦର୍ଶନ କରାଇବା ପାଇଁ ମତ୍ସ୍ୟ ଅବତାର ନେଇଥିଲେ ।

୭୦. ସମୁଦ୍ର ମନ୍ଥନ ସମୟରେ କଚ୍ଛପ ରୂପ ଧାରଣ କରି ମନ୍ଦରାଚଳ ପର୍ବତକୁ ସମ୍ଭାଳି ଥିଲେ ।

୭୧. ହିରଣ୍ୟାକ୍ଷ ଦ୍ୱାରା ଚୋରା ଯାଇଥିବା ପୃଥିବୀକୁ ଉଦ୍ଧାର କରିବା ପାଇଁ ଭଗବାନ୍ ଶୂକର ଅବତାର ଧାରଣ କରିଥିଲେ ।

୭୨. ଭକ୍ତ ପ୍ରହ୍ଲାଦକୁ ହିରଣ୍ୟକଶିପୁକୁ ସଂହାର କରି ରକ୍ଷା କରିବା ପାଇଁ ଭଗବାନ୍ ନୃସିଂହ ଅବତାର ଧାରଣ କରିଥିଲେ ।

CC-0. Jangamwadi Math Digital Collection.

ମନୁଷ୍ୟ[୭୩] ଆଦି ଅଙ୍ଗ ଅର୍ଥାତ୍ ଶରୀର ଧାରଣ କରି ଅଥବା ସେହି ସେହି ରୂପରେ ଅବତାର ନେବା ପରେ ମୃତ୍ୟୁକୁ ପ୍ରାପ୍ତ ହୋଇଥିଲେ ।। ୬୪।।

ଏବଂ ସ୍ଥିତେ ପରାଧିନୋ ଜନ୍ତୁସ୍ତାପତ୍ରୟାଦ୍ ଦହ୍ୟତ ଏବେତ୍ୟାହ –

ଭୂତ୍ୱା କର୍ମବଶାଜ୍ଜନ୍ତୁର୍ବ୍ରାହ୍ମଣାଦିଷୁ ଜାତିଷୁ ।
ତାପତ୍ରୟମହାବହ୍ନିସନ୍ତାପାଦ୍ ଦହ୍ୟତେ ଭୃଶମ୍ ।। ୬୫।।

ଦହ୍ୟତେ, ତପ୍ୟତ ଇତ୍ୟର୍ଥଃ ।। ୬୫।।

– ଜୀବ (ନିଜର ପୂର୍ବଜନ୍ମ କୃତ) କର୍ମର କାରଣରୁ ବ୍ରାହ୍ମଣ ଆଜି ଜାତିରେ ଉତ୍ପନ୍ନ ହୋଇ (ଆଧ୍ୟାତ୍ମିକ, ଆଧିଦୈବିକ, ଆଧିଭୌତିକ) ତିନି ପ୍ରକାର ତାପର ବିଶାଳ ଅଗ୍ନିରେ ଅତିଶୟ ଦଗ୍ଧିଭୂତ ହୁଏ ।। ୬୫।।

ନନୁ ତାପତ୍ରୟାନୁବୃତ୍ତିବିଚ୍ଛିତ୍ତିରସ୍ମିନ୍ ସଂସାରେ କଦାପ୍ୟସ୍ତି ବା ନ ବେତ୍ୟତ୍ରାହ –

କର୍ମମୂଳେନ ଦୁଃଖେନ ପୀଡ୍ୟମାନସ୍ୟ ଦେହିନଃ ।
ଆଧ୍ୟାତ୍ମିକାଦିନା ନିତ୍ୟଂ କୁତ୍ର ବିଶ୍ରାନ୍ତିରିଷ୍ୟତେ ।। ୬୬।।

କର୍ମମୂଳେନାଧ୍ୟାତ୍ମିକାଦିନା ଦୁଃଖେନ ସଦା ବାଧ୍ୟମାନସ୍ୟ ପ୍ରାଣିନଃ କୁତ୍ର କସ୍ମିନ୍ନଧିକରଣେ ବିଶ୍ରାନ୍ତିଃ ବିଶ୍ରମଣମ୍ ଇଷ୍ୟତେ ଇଚ୍ଛାବିଷୟୀ କ୍ରିୟତେ, ନ କ୍ୱାପୀତ୍ୟର୍ଥଃ ।। ୬୬।।

– କର୍ମରୁ ଉତ୍ପନ୍ନ ଆଧ୍ୟାତ୍ମିକ ଆଦି ଦୁଃଖରେ ନିତ୍ୟ ପୀଡ଼ିତ ହେଉଥିବା ଜୀବକୁ ଶାନ୍ତି କେଉଁଠାରେ ମିଳି ପାରିବ ଅର୍ଥାତ୍ କେଉଁଠାରେ ବି ନୁହେଁ ।

ଅଥ କିଂ ତତ୍ତାପତ୍ରୟମିତ୍ୟତ୍ରାହ –

ଆଧ୍ୟାତ୍ମିକଂ ତୁ ପ୍ରଥମଂ ଦ୍ୱିତୀୟଂ ଚାଧିଭୌତିକମ୍ ।
ଆଧିଦୈବିକମନ୍ୟଚ୍ଚ ଦୁଃଖତ୍ରୟମିଦଂ ସ୍ମୃତମ୍ ।। ୬୭।।

– ପ୍ରଥମ ଆଧ୍ୟାତ୍ମିକ[୭୪], ଦ୍ୱିତୀୟ ଆଧିଭୌତିକ[୭୫] ଏବଂ ତୃତୀୟ ଆଧିଦୈବିକ[୭୬] ଏହିପରି ତିନି ପ୍ରକାରର ଦୁଃଖ କୁହାଯାଇଛି ।। ୬୭।।

ଅଥ ତଦ୍ ସ୍ୱରୂପଂ ଲକ୍ଷୟତି –

---

୭୩. ପ୍ରଭୁଙ୍କର ରାମ, କୃଷ୍ଣ ତଥା ବାମନ ଆଦି ଅବତାର ମନୁଷ୍ୟ ରୂପ ଅଟେ ।

୭୪. ଆଧ୍ୟାତ୍ମିକ ଦୁଃଖ ଦୁଇ ପ୍ରକାରର – ଶାରୀରିକ ଏବଂ ମାନସିକ ।

୭୫. ରାଜା ଶତ୍ରୁ ଆଦି ଦ୍ୱାରା ପ୍ରଦତ୍ତ ଦୁଃଖ ।

୭୬. ମରୁଡ଼ି, ବନ୍ୟା, ବଜ୍ରପାତ, ଭୂକମ୍ପ ଆଦିରୁ ଉତ୍ପନ୍ନ ଦୁଃଖ ।

CC-0. Jangamwadi Math Digital Collection.

ଆଧ୍ୟାତ୍ମିକଂ ଦ୍ୱିଧା ପ୍ରୋକ୍ତଂ ବାହ୍ୟାଭ୍ୟନ୍ତରଭେଦତଃ ।
ବାତପିତ୍ତାଦିକଂ ଦୁଃଖଂ ବାହ୍ୟମାଧ୍ୟାତ୍ମିକଂ ମତମ୍ ।। ୬୮ ।।

ସ୍ପଷ୍ଟମ୍ ।। ୬୮ ।।

– ବାହ୍ୟ – ଆଭ୍ୟନ୍ତର ଭେଦରେ ଆଧ୍ୟାତ୍ମିକ ଦୁଃଖ ଦୁଇ ପ୍ରକାରର । ବାତ, ପିତ, ଶ୍ଲେଷ୍ମା ଆଦିରୁ ଉତ୍ପନ୍ନ ଦୁଃଖ ବାହ୍ୟ ଆଧ୍ୟାତ୍ମିକ ଦୁଃଖ ମାନା ଯାଇଛି ।

ରାଗଦ୍ୱେଷାଦି ସମ୍ପନ୍ନମାନ୍ତରଂ ପରିକୀର୍ତ୍ତ୍ୟତେ ।
ଆଧିଭୌତିକମେତଦ୍ଧି ଦୁଃଖଂ ରାଜାଦିଭୂତଜମ୍ ।। ୬୯ ।।

– ରାଗ, ଦ୍ୱେଷ ଆଦିରୁ ପ୍ରାପ୍ତ ଦୁଃଖକୁ ଆଭ୍ୟନ୍ତର ଆଧ୍ୟାତ୍ମିକ ଦୁଃଖ କୁହାଯାଏ । ଯେଉଁ ଦୁଃଖ ରାଜା ଆଦିଙ୍କ କାରଣରୁ ଉତ୍ପନ୍ନ ହୁଏ, ତାହା ଆଧିଭୌତିକ ଅଟେ ।। ୬୯ ।।

ଆଧିଦୈବିକମାଖ୍ୟାତଂ ଗ୍ରହଯକ୍ଷାଦିସମ୍ଭବମ୍ ।
ଦୁଖୈରେତୈରୁପେତସ୍ୟ କର୍ମବଦ୍ଧସ୍ୟ ଦେହିନଃ ।
ସ୍ୱର୍ଗେ ବା ଯଦି ବା ଭୂମୌ ସୁଖଲେଶୋ ନ ବିଦ୍ୟତେ ।। ୭୦ ।।

– ଗ୍ରହ, ଯକ୍ଷ ଆଦିରୁ ଉତ୍ପନ୍ନ ଦୁଃଖ ଆଧିଦୈବିକ ଅଟେ । ଏହି ଦୁଃଖରେ ଯୁକ୍ତ ତଥା କର୍ମରେ ବଦ୍ଧ ଜୀବ ପାଇଁ ସ୍ୱର୍ଗରେ ତଥା ପୃଥିବୀରେ ଲେଶମାତ୍ର ହେଲେ ସୁଖ ନ ଥାଏ ।। ୭୦ ।।

ଅଥ ରାଜ୍ୟାଦି ସମ୍ପତ୍ତିଃ ସୁଖଂ ନାସ୍ତି ବେତ୍ୟତ୍ର ନାସ୍ତୀତି ଦୃଷ୍ଟାନ୍ତ ପୂର୍ବକମାହ –

ତଟି (ଡି)ତ୍ସୁ ବୀଚିମାଳାସୁ ପ୍ରଦୀପସ୍ୟ ପ୍ରଭାସୁ ଚ ।
ସମ୍ପତ୍ସୁ କର୍ମମୂଳାସୁ କସ୍ୟ ବା ସ୍ଥିରତାମତିଃ ।। ୭୧ ।।

ବିଦ୍ୟୁତ୍ସୁ ତରଙ୍ଗମାଳାସୁ ଦୀପଶିଖାସୁ ଯଥା ସ୍ଥିରତାବୁଦ୍ଧିର୍ନାସ୍ତି, ତଥା କର୍ମମୂଳାସୁ ସମ୍ପତ୍ସ୍ୱପି ସ୍ଥିରତାବୁଦ୍ଧିର୍ବିବେକିନୋ ନାସ୍ତୀତ୍ୟର୍ଥଃ ।। ୭୧ ।।

– ଆକାଶୀୟ ବିଦ୍ୟୁତ୍, ତରଙ୍ଗ, ପ୍ରଦୀପର ପ୍ରଭା ଏବଂ କର୍ମଦ୍ୱାରା ଅର୍ଜିତ ସମ୍ପତ୍ତିକୁ କିଏ ସ୍ଥିର ମାନେ ଅର୍ଥାତ୍ କେହି ହେଲେ ନୁହନ୍ତି ।। ୭୧ ।।

ନନୁ ବିଦ୍ୟୁଦାଦିବିଲକ୍ଷଣତ୍ୱାତ୍ ସୁଖସାଧନତ୍ୱାଚ୍ଛରୀରଂ ବାଞ୍ଛାବିଷୟମସ୍ତ୍ୱିତ୍ୟତ୍ର – 'ଭଗବନ୍ନସ୍ଥିଚର୍ମସ୍ନାୟୁମଜ୍ଜାମାଂସ ଶୁକ୍ରଶୋଣିତ ଶ୍ଲେଷ୍ମାଶ୍ରୁଦୂଷିତେ ବିଣ୍ମୂତ୍ରବାତପିତ୍ତ-କଫ ସଂଘାତେ ଦୁର୍ଗନ୍ଧେ ନିଃସାରେ (ଶରୀରେ) କିଂ କାମୋପଭୋଗୈଃ[୭୭]' ଇତି ମୈତ୍ରେୟ ଶ୍ରୁତ୍ୟନୁସାରେଣାହ –

୭୭. ମୈତ୍ରା. ଉ. – ୧/୨

CC-0. Jangamwadi Math Digital Collection.

ମଳକୋଶେ ଶରୀରେଽସ୍ମିନ୍ ମହାଦୁଃଖବିବର୍ଧନେ ।
ତଡ଼ିଦଙ୍କୁର[୭୮] ସଙ୍କାଶେ କୋ ବା ରୁଚ୍ୟେତ ପଣ୍ଡିତଃ ।।୭୨।।

ମଳକୋଶେ ମଳମୂତ୍ରାଦ୍ୟାଧାରଭୂତେ କ୍ଷଣିକେଽସ୍ମିନ୍ ଶରୀରେ କୋ ବା ପାପପିଣ୍ଡେ ବିବେକୀ ପ୍ରୀତିଂ କୁର୍ଯାତ୍, ନ କୋଽପି କୁର୍ଯ୍ୟାଦିତ୍ୟର୍ଥଃ ।। ୭୨ ।।

– ମଳର ଭଣ୍ଡାର ମହାଦୁଃଖକୁ ବଢ଼ାଉଥିବା ବିଦ୍ୟୁତ୍‌ର ଅଙ୍କୁର ପରି ଏହି ଶରୀର ବିଡାୟରେ କେଉଁ ବୁଦ୍ଧିମାନ ପ୍ରୀତି କରିବ ?

ନନୁ ଶରୀରସ୍ୟୈବ ପରମପ୍ରେମାସ୍ପଦତ୍ୱାତ୍ ତତ୍ର ରୁଚିରସ୍ତ୍ୱିତ୍ୟତ୍ରାହ –

ନିତ୍ୟାନନ୍ଦ ଚିଦାକାରମାତ୍ମତତ୍ତ୍ୱଂ ବିହାୟ କଃ ।
ବିବେକୀ ରମତେ ଦେହେ ନଶ୍ୱରେ ଦୁଃଖ ଭାଜନେ ।।୭୩।।

ନିତ୍ୟାନନ୍ଦ ସ୍ୱରୂପସ୍ୟାତ୍ମତତ୍ତ୍ୱସ୍ୟ ବିଦ୍ୟମାନତ୍ୱାତ୍ ତସ୍ୟୈବ ପରମପ୍ରେମାସ୍ପଦତ୍ୱାତ୍ ତଦ୍ୱିହାୟ ନଶ୍ୱରେ ଦୁଃଖପାତ୍ରେ ଶରୀରେ କୋ ବିବେକୀ ରମତେ, ନ କୋଽପି ରମତ ଇତ୍ୟର୍ଥଃ ।।୭୩।।

– ନିତ୍ୟ, ଆନନ୍ଦ ଏବଂ ଚିତ୍‌ସ୍ୱରୂପ ଆତ୍ମତତ୍ତ୍ୱକୁ ଛାଡ଼ି କେଉଁ ବିବେକୀ ନଶ୍ୱର ଏବଂ ଦୁଃଖର ଆଧାରଭୂତ ଏହି ଦେହରେ ରମଣ କରିବ ।। ୭୩।।

ଅଥ ବିବେକିନୋ ନଶ୍ୱରେ ଶରୀରମାତ୍ର ଏବ ବିରକ୍ତିରିତି ନ, ତତ୍ – ସମ୍ବନ୍ଧିଷୁ ସର୍ବେଷ୍ୱପି ବିରକ୍ତିରିତ୍ୟାହ –

ବିବେକୀ ଶୁଦ୍ଧହୃଦୟୋ ନିଶ୍ଚିତାତ୍ମସୁଖୋଦୟଃ ।
ଦୁଃଖହେତୌ ଶରରେଽସ୍ମିନ୍ କଳତ୍ରେ ଚ ସୁତେଷ୍ୱେ ଚ।।୭୪।।

ଶୁଦ୍ଧହୃଦୟୋ ନିର୍ମଳାନ୍ତଃକରଣଃ ଅତଏବ ନିଶ୍ଚିତାତ୍ମସୁଖୋଦୟଃ ଶ୍ରୁତିଗୁରୁସ୍ୱାନୁଭବୈ–ର୍ନିଶ୍ଚିତ[୭୯] ନିତ୍ୟାନିତ୍ୟସୁଖସ୍ଫୂର୍ତିମାନ୍ ବିବେକୀ ନିତ୍ୟାନିତ୍ୟ ବସ୍ତୁବିବେକୀ ଦୁଃଖହେତୌ ଉକ୍ତଲକ୍ଷଣସକଳଦୁଃଖକାରଣେଽସ୍ମିନ୍ ଶରୀରେ, କଳତ୍ରେ ସ୍ତ୍ରୀଷୁ, ସୁତେଷୁ (ବୈରାଗ୍ୟଂ ପରମଶ୍ନୁତେ ଇତି ପରେଣାନ୍ୱୟଃ) ।। ୭୪।।

---

୭୮. ବିଦ୍ୟୁଦଙ୍କୁରେ ଦୋଷଦ୍ୱୟଂ ତିଷ୍ଠତି – ୧–କ୍ଷଣିକତ୍ୱମ୍, ୨–ସ୍ପର୍ଶେ ସତି ସ୍ପୃଷ୍ଟସ୍ୟ ଶରୀରଦାହଃ । ତଦ୍ୱତ୍ ଶରୀରମପି ଆପାତରମଣୀୟଂ ଦୃଶ୍ୟତେ, ଉପଯୋଗେ ଚ ଇଷ୍ଟଲକ୍ଷ୍ୟାତ୍ ପରିଚ୍ୟୁତିକାରଣଂ ଭବତି ।

୭୯. ତୁଳନୀୟ – ଶାସ୍ତ୍ରତଃ ଗୁରୁତଃ ସ୍ୱତଃ । (ତନ୍ତ୍ରାଲୋକ)

CC-0. Jangamwadi Math Digital Collection.

ସୁହୃତ୍ସୁ ବନ୍ଧୁବର୍ଗେଷୁ ଧନେଷୁ କୁଳପଦ୍ଧତୌ ।
ଅନିତ୍ୟବୁଦ୍ଧ୍ୟା [୮୦] ସର୍ବତ୍ର ବୈରାଗ୍ୟଂ ପରମଶ୍ନୁତେ ।।୭୫।।

ସୁହୃତ୍ସୁ ମିତ୍ରେଷୁ ବାନ୍ଧବସମୂହେଷୁ କୁଳପଦ୍ଧତୌ କୁଳକ୍ରମେ ଧନେଷୁ ଗୋଧାନାଦି ଧନେଷୁ ସର୍ବତ୍ର ଏତଦ୍ବ୍ୟତିରିକ୍ତସକଳବସ୍ତୁସ୍ୱପି ଅନିତ୍ୟବୁଦ୍ଧ୍ୟା ପରଂ ବୈରାଗ୍ୟମ୍ ଅଶ୍ନୁତେ ଆଶ୍ରୟତୀତ୍ୟର୍ଥଃ ।। ୭୫ ।।

– ବିବେକବାନ୍ ଶୁଦ୍ଧହୃଦୟବାଲା ତଥା ଆତ୍ମସୁଖ ପ୍ରତି ନିଶ୍ଚୟବାଲା ମନୁଷ୍ୟଦୁଃଖର କାରଣଭୂତ ଏହି ଶରୀର, ପତ୍ନୀ–ପୁତ୍ର–ମିତ୍ର–ବନ୍ଧୁବର୍ଗ–ଧନ ଏବଂ କୁଳପରମ୍ପରାରେ ଅନିତ୍ୟବୁଦ୍ଧି ହେତୁ ସର୍ବତ୍ର ପରମବୈରାଗ୍ୟର ଅନୁଭବ କରେ ।। ୭୪–୭୫ ।।

ଅଥୈବମାଦ୍ୟନିତ୍ୟବସ୍ତୁବିରକ୍ତସ୍ୟ ନିତ୍ୟବସ୍ତୁରାଗିଣଃ ସଂସାରଦୁଃଖବିଚ୍ଛେଦ–ହେତୌ ବୁଦ୍ଧିରୁତ୍ପଦ୍ୟତ ଇତ୍ୟାହ –

ବିବେକିନୋ ବିରକ୍ତସ୍ୟ ବିଷୟେଷ୍ୱାତ୍ମରାଗିଣଃ ।
ସଂସାରଦୁଃଖବିଚ୍ଛେଦହେତୌ ବୁଦ୍ଧିଃ ପ୍ରବର୍ତ୍ତତେ ।। ୭୬ ।।

ସ୍ପଷ୍ଟମ୍ ।। ୭୬ ।।

– ବିଷୟ ପ୍ରତି ବିରକ୍ତ, ଆତ୍ମାରେ ଅନୁରକ୍ତ ବିବେକୀ ମନୁଷ୍ୟର ବୁଦ୍ଧି ସଂସାର ଦୁଃଖକୁ ନଷ୍ଟ କରିବା ପାଇଁ ପ୍ରବୃତ୍ତ ହୁଏ ।। ୭୬ ।।

ଅଥ କୋଽୟଂ ସଂସାରଦୁଃଖଚ୍ଛେଦହେତୁରିତ୍ୟତ୍ର ପିଣ୍ଡପିଣ୍ଡଜ୍ଞାନସ୍ଥଳାର୍ଥଂ ଗର୍ଭୀକୃତ୍ୟ ବୃତ୍ତେନାହ –

ନିତ୍ୟାନିତ୍ୟବିବେକିନଃ ସୁକୃତିନଃ ଶୁଦ୍ଧାଶୟସ୍ୟାତ୍ମନେ ।
ବ୍ରହ୍ମୋପେନ୍ଦ୍ରମହେନ୍ଦ୍ରମୁଖ୍ୟବିଭବେଷ୍ୱସ୍ଥାୟିତାଂ ପଶ୍ୟତଃ ।
ନିତ୍ୟାନନ୍ଦପଦେ ନିରାକୃତଜଗତ୍ ସଂସାରଦୁଃଖୋଦୟେ
ସାମ୍ବେ ଚନ୍ଦ୍ର ଶିରୋମଣୌ ସମୁଦୟେଦ୍ଭକ୍ତିର୍ଭବଧ୍ୱଂସିନୀ ।। ୭୭ ।।

ସୁକୃତିନଃ ନିଗମାଗମୋକ୍ତସତ୍କର୍ମିଣଃ ଶୁଦ୍ଧାଶୟସ୍ୟ ନିର୍ମଳାନ୍ତଃକରଣସ୍ୟ ଆତ୍ମନଃ ପିଣ୍ଡଶବ୍ଦବାଚ୍ୟସ୍ୟ ନିତ୍ୟାନିତ୍ୟ ବିବେକିନଃ କ୍ଷେତ୍ରଜ୍ଞାକ୍ଷେତ୍ରଜ୍ଞବିବେକିନଃ ପିଣ୍ଡଜ୍ଞାନିନୋ ବ୍ରହ୍ମୋପେନ୍ଦ୍ର ମହେନ୍ଦ୍ର ମୁଖ୍ୟ ସମସ୍ତ ଦେବସମ୍ପତ୍ସୁ ଆସ୍ଥାୟିତାଂ କ୍ଷଣିକତ୍ୱଂ ପଶ୍ୟତୋ ଜାନତଃ,

---

୮୦. ବେଦାନ୍ତେ ବ୍ରହ୍ମାନନ୍ଦହେତୁଭୂତବ୍ରହ୍ମଜିଜ୍ଞାସାର୍ଥମ୍ ଅନୁବନ୍ଧଚତୁଷ୍ଟୟମୁକ୍ତମ୍ –
୧–ନିତ୍ୟାନିତ୍ୟବସ୍ତୁବିବେକଃ ୨–ଇହାମୁତ୍ରାର୍ଥଫଳଭୋଗବିରାଗଃ
୩–ଶମଦମାଦିସାଧନପ୍ରାପ୍ତିଃ ୪–ମୁମୁକ୍ଷୁତ୍ୱମ୍

CC-0. Jangamwadi Math Digital Collection.

ଅତ ଏବ ସଂସାରହେୟବୁଦ୍ଧିମତୋ ନିତ୍ୟାନନ୍ଦପଦେ ନିତ୍ୟପରିପୂର୍ଣ୍ଣସଚ୍ଚିଦାନନ୍ଦାଶ୍ରୟେ ନିରାକୃତଜଗତ୍ ସଂସାରଦୁଃଖୋଦୟେ, ସାମ୍ବେ ଉମାସମେତେ ଚନ୍ଦ୍ରଶିରୋମଣୌ 'ଚନ୍ଦ୍ରଲଲାଟାୟ କୃତ୍ତିବାସସେ ନମୋ ନମଃ' ଇତ୍ୟଥର୍ବଣଶ୍ରୁତେଶ୍ଚନ୍ଦ୍ର ଧରାଦିନାନାଲୀଳା ବିଗ୍ରହକାରଣୀଭୂତମହାଲିଙ୍ଗେ ଭକ୍ତିଃ, ଅଷ୍ଟବିଦ୍ୟା ଭବଧ୍ୱଂସିନୀ ସତୀ ସମୁଦୟେତ୍ ପ୍ରକାଶତ ଇତ୍ୟର୍ଥଃ । ଅତ୍ର ଶୁଦ୍ଧାନ୍ତଃକରଣସ୍ୟ ନିତ୍ୟାନିତ୍ୟବସ୍ତୁବିବେକିନ ଐହିକାମୁଷ୍ମିକଫଳଭୋଗ-ବିରାଗଦ୍ୱାରା ରାଗଦ୍ୱେଷାଦିଶବ୍ଦାଦ୍ୟନ୍ତର୍ବାହ୍ୟେନ୍ଦ୍ରିୟ ବିଷୟବୈମୁଖ୍ୟେନ ଶମଦମାଦିସମ୍ପତ୍ତ୍ୟା ମୁମୁକ୍ଷୁତ୍ୱେନ ସଂସାରଦୁଃଖନିବୃତ୍ତ୍ୟୁପାୟଭୂତେ ମହାଲିଙ୍ଗେ ଭକ୍ତିରୁତ୍ପଦ୍ୟତ ଇତ୍ୟୁକ୍ତଂ ଭବତି ।। ୭୭।।

ଇତି ଶ୍ରୀବୀରଶୈବଧର୍ମନିର୍ଣ୍ଣୟେ ସିଦ୍ଧାନ୍ତଶିରୋମଣୌ ଭକ୍ତସ୍ଥଳେ ପିଣ୍ଡଜ୍ଞାନ-ସଂସାରହେୟସ୍ଥଳପ୍ରସଙ୍ଗୋ ନାମ ପଞ୍ଚମଃ ପରିଚ୍ଛେଦଃ ।। ୫।।

ଇତି ଶ୍ରୀମତ୍ପଦବାକ୍ୟପ୍ରମାଣପାରାବାରଧୁରୀଣ ଶ୍ରୀମରିତୋଣ୍ଟାର୍ଯ୍ୟେଣ ବିରଚିତାୟାଂ ତତ୍ତ୍ୱପ୍ରଦୀପିକାଖ୍ୟାୟାଂ ସିଦ୍ଧାନ୍ତଶିଖାମଣିବ୍ୟାଖ୍ୟାୟାଂ ଭକ୍ତସ୍ଥଳେ ପିଣ୍ଡଜ୍ଞାନସଂସାରହେୟସ୍ଥଳ ପ୍ରସଙ୍ଗୋ ନାମ ପଞ୍ଚମଃ ପରିଚ୍ଛେଦଃ ।। ୫।।

– ନିତ୍ୟାନିତ୍ୟର ବିବେକରେ ଯୁକ୍ତ, ପୁଣ୍ୟବାନ୍, ପବିତ୍ର ହୃଦୟବାଲା, ବ୍ରହ୍ମା ବିଷ୍ଣୁ ଇନ୍ଦ୍ର ଆଦିଙ୍କର ବୈଭବକୁ ଅସ୍ଥାୟୀ ଭାବୁଥିବା ମନୁଷ୍ୟର ନିତ୍ୟାନନ୍ଦର ସ୍ଥାନଭୂତ, ଜଙ୍ଗମ ଏବଂ ସଂସରଣଶୀଳ ମୃତ୍ୟୁଲୋକର ଦୁଃଖକୁ ଦୂର କରୁଥିବା, ଅମ୍ବା ସହିତ ଚନ୍ଦ୍ରମୌଳିଙ୍କ ପ୍ରତି ସଂସାରକୁ ଦୂର କରୁଥିବା ଭକ୍ତି ଉତ୍ପନ୍ନ ହୁଏ ଅଥବା ହେବା ଉଚିତ୍ ।। ୭୭।।

ଏହିପରି ଶ୍ରୀସିଦ୍ଧାନ୍ତ ଶିରୋମଣିର ପିଣ୍ଡଜ୍ଞାନସଂସାରହେୟସ୍ଥଳ ପ୍ରସଙ୍ଗ ନାମକ ପଞ୍ଚମ ପରିଚ୍ଛେଦର ଆଚାର୍ଯ୍ୟ ରାଧେଶ୍ୟାମ ଚତୁର୍ବେଦିକୃତ 'ଜ୍ଞାନବତୀ' ହିନ୍ଦୀ ବ୍ୟାଖ୍ୟାର ଓଡ଼ିଆ ଅନୁବାଦ ସମ୍ପୂର୍ଣ୍ଣ ହେଲା ।। ୫।।

❖❖❖

CC-0. Jangamwadi Math Digital Collection.

ଷଷ୍ଠଃ ପରିଚ୍ଛେଦଃ

ଅଥ 'ତଦ୍ୱିଜ୍ଞାନାର୍ଥଂ ସଦ୍‌ଗୁରୁମେବାଭିଗଚ୍ଛେତ୍ ସମିତ୍‌ପାଣିଃ ଶ୍ରୋତ୍ରିୟଂ ବ୍ରହ୍ମନିଷ୍ଠମ୍'[୮୧] ଇତି ମୁଣ୍ଡକଶ୍ରୁତେଃ ପୂର୍ବୋକ୍ତ ପିଣ୍ଡପିଣ୍ଡଜ୍ଞାନସଂସାର ହେୟସ୍ଥଳସମ୍ପନ୍ନଃ ସଂସାରନାଶକରଂ ମହାଲିଙ୍ଗଂ ଜିଜ୍ଞାସୁଃ ଶ୍ରୀଗୁରୁମୁପୈତୀତି କୁମ୍ଭଜଂ ପ୍ରତି ଦୀକ୍ଷା–ଲକ୍ଷଣଗୁରୁକାରୁଣ୍ୟସ୍ଥଳଂ ନିରୂପୟତି ଶ୍ରୀରେଣୁକଃ –

ତତୋ ବିବେକସମ୍ପନ୍ନୋ ବିରାଗୀ ଶୁଦ୍ଧମାନସଃ ।
ଜିଜ୍ଞାସୁଃ ସର୍ବସଂସାରଦୋଷଧ୍ୱଂସକରଂ ଶିବମ୍ ।। ୧ ।।
ଉପୈତି ଲୋକବିଖ୍ୟାତଂ ଲୋଭମୋହବିବର୍ଜିତମ୍ ।
ଆତ୍ମତତ୍ତ୍ୱବିଚାରଜ୍ଞଂ ବିମୁକ୍ତବିଷୟଭ୍ରମମ୍ ।। ୨ ।।
ଶିବସିଦ୍ଧାନ୍ତତତ୍ତ୍ୱଜ୍ଞଂ ଛିନ୍ନସନ୍ଦେହବିଭ୍ରମମ୍ ।
ସର୍ବତନ୍ତ୍ରପ୍ରୟୋଗଜ୍ଞଂ ଧାର୍ମିକଂ ସତ୍ୟବାଦିନମ୍ ।। ୩ ।।
କୁଳକ୍ରମାଗତାଚାରଂ କୁମାର୍ଗାଚାରବର୍ଜିତମ୍ ।
ଶିବଧ୍ୟାନପରଂ ଶାନ୍ତଂ ଶିବତତ୍ତ୍ୱବିବେକିନମ୍ ।। ୪ ।।
ଭସ୍ମୋଦ୍‌ଧୂଳନନିଷ୍ଣାତଂ ଭସ୍ମତତ୍ତ୍ୱବିବେକିନମ୍ ।
ତ୍ରିପୁଣ୍ଡ୍ରଧାରଣୋଦ୍‌କଣ୍ଠଂ ଧୃତରୁଦ୍ରାକ୍ଷମାଳିକମ୍ ।। ୫ ।।
ଲିଙ୍ଗଧାରଣସଂଯୁକ୍ତଂ ଲିଙ୍ଗପୂଜାପରାୟଣମ୍ ।
ଲିଙ୍ଗାଙ୍ଗଯୋଗତତ୍ତ୍ୱଜ୍ଞଂ ନିରୂଢ଼ାଦ୍ୱୈତବାସନମ୍ ।। ୬ ।।
ଲିଙ୍ଗାଙ୍ଗସ୍ଥଳଭେଦଜ୍ଞଂ ଶ୍ରୀଗୁରୁଂ ଶିବବାଦିନମ୍ ।

ଅତ୍ର ତତଃ ସଂସାରହେୟବୁଦ୍ଧ୍ୟୁତ୍‌ପତ୍ତ୍ୟନନ୍ତରଂ ଶୁଦ୍ଧମାନସୋ ନିର୍ମଳାନ୍ତଃକରଣତ୍ୱେନ ପିଣ୍ଡଶବ୍ଦବାଚ୍ୟଃ, ବିବେକସମ୍ପନ୍ନଃ ଶରୀରାତ୍ମବିବେକେନ ପିଣ୍ଡଜ୍ଞାନବାନ୍, ବିରାଗୀ ଅନିତ୍ୟସୁଖବୈମୁଖ୍ୟେନ ସଂସାରହେୟବୁଦ୍ଧିମାନ୍ ସାଧକଃ ସର୍ବସଂସାରଦୋଷ–ଧ୍ୱଂସକରଣମ୍, ଦୋଷଃ ଦୁଃଖମିତ୍ୟର୍ଥଃ, ସାଂସାରିକସକଳଦୁଃଖ ନିବାରକଂ ଶିବମ୍, ପରବ୍ରହ୍ମାପରପର୍ଯ୍ୟାୟପରଶିବମହାଲିଙ୍ଗଂ ଜିଜ୍ଞାସୁଃ ସନ୍, ଶିବବାଦିନଂ ମହାଲିଙ୍ଗ–ସ୍ୱରୂପମୁପଦେଷ୍ଟାରଂ ଶ୍ରୀଗୁରୁମୁପୈତୀତି ଯୋଜନା । ସ କୀଦୃଶ ଇତ୍ୟତ୍ରାହ – ଲୋକବିଖ୍ୟାତ ଇତ୍ୟାଦିନା । ସର୍ବଲୋକପ୍ରସିଦ୍ଧଃ, ଲୋଭମୋହବିବର୍ଜିତଃ, ମୋହଃ ଅଜ୍ଞାନମିତ୍ୟର୍ଥଃ,

---

୮୧. ମୁ. ଉ., ୨/୧୨

CC-0. Jangamwadi Math Digital Collection.

ଆତ୍ମତତ୍ତ୍ୱବିଚାରଜ୍ଞଃ, ଦେହେନ୍ଦ୍ରିୟାଦିବୈଲକ୍ଷଣ୍ୟେନାତ୍ମଯାଥାର୍ଥ୍ୟ ସ୍ୱରୂପଜ୍ଞଃ, ବିମୁକ୍ତବିଷୟଭ୍ରମଃ

ଯସ୍ୟ ଯସ୍ୟ ପଦାର୍ଥସ୍ୟ ଯା ଯା ଶକ୍ତିରୁଦାରିତା[୮୨] ।
ସା ସା ସର୍ବେଶ୍ୱରୀ ଦେବୀ ସ ସ ସର୍ବୋ ମହେଶ୍ୱରଃ ।।

ଇତି ସର୍ବମଙ୍ଗଳାଗମସ୍ଥିତେଃ ।

ଶବ୍ଦଜାତମଶେଷଂ ତୁ ଧତ୍ତେ ଶର୍ବସ୍ୟ ବଲ୍ଲଭା ।
ଅର୍ଥଜାତମଶେଷଂ ତୁ ଧତ୍ତେ ମୁଗ୍ଧେନ୍ଦୁଶେଖର[୮୩] ।।

ଇତି ବାୟୁ ସଂହିତୋକ୍ତେଶ୍ଚ ସର୍ବସ୍ୟାପି ବିଶ୍ୱସ୍ୟ ଶିବଶକ୍ତିମୟତ୍ୱାତ୍ ତୟୋରଭେଦାଦ୍ ବିଗଳିତବିଷୟଗତଭେଦଭ୍ରାନ୍ତିରିତ୍ୟର୍ଥଃ । ଅତଏବ ନିରୂଢ଼ାଦ୍ୱୈତବାସନଃ ଦୃଢ଼ୀଭୂତାଦ୍ୱୈତସଂସ୍କାରବିଶିଷ୍ଟଃ, ଶିବସିଦ୍ଧାନ୍ତତତ୍ତ୍ୱଜ୍ଞଃ ଶିବାଗମସିଦ୍ଧାନ୍ତାଭିଜ୍ଞଃ, ଛିନ୍ନସନ୍ଦେହବିଭ୍ରମଃ ନିରାକୃତ ସଂଶୟ ବିପର୍ଯ୍ୟୟ ବାନିତ୍ୟର୍ଥଃ । ସର୍ବତନ୍ତ୍ରପ୍ରୟୋଗଜ୍ଞଃ ଚତୁଃଷଷ୍ଟିତନ୍ତ୍ରପ୍ରୟୋଗଜ୍ଞଃ, ଧାର୍ମିକଃ ଶିବଧର୍ମନିଷ୍ଠଃ, ସତ୍ୟବାଦୀ, କୁଳକ୍ରମଗତାଚାରଃ ଗୁରୁବଂଶକ୍ରମାନୁଗତାଚାରବାନ୍, କୁମାର୍ଗାଚାରବର୍ଜିତଃ କୁଳପ୍ରାପ୍ତସମୟାଚାରବର୍ଜିତଃ, ଶିବଧ୍ୟାନପରଃ ଶିବଲିଙ୍ଗଚିନ୍ତାନିଷ୍ଠଃ, ଶାନ୍ତଃ ରାଗଦ୍ୱେଷରହିତଃ, ଶିବତତ୍ତ୍ୱବିବେକୀ ଶିବପରଶିବସ୍ୱରୂପଜ୍ଞଃ, ଭସ୍ମୋଦ୍ଧୂଳନନିଷ୍ଣାତଃ, ତତ୍ର କୁଶଳୀତ୍ୟର୍ଥଃ । ଭସ୍ମତତ୍ତ୍ୱବିବେକୀ ଭସ୍ମସ୍ୱରୂପବିବେକବାନ୍, ତ୍ରିପୁଣ୍ଡ୍ରଧାରଣୋତ୍କଣ୍ଠଃ, ତତ୍ରୋତ୍ସୁକ ଇତ୍ୟର୍ଥଃ । ଧୃତରୁଦ୍ରାକ୍ଷମାଳିକଃ, ଲିଙ୍ଗଧାରଣସଂଯୁକ୍ତଃ ବାହ୍ୟାନ୍ତର୍ଲିଙ୍ଗଧାରଣବାନ୍, ଲିଙ୍ଗପୂଜାପରାୟଣଃ ବାହ୍ୟାନ୍ତର୍ଲିଙ୍ଗପୂଜାନିଷ୍ଠଃ, ଲିଙ୍ଗାଙ୍ଗଯୋଗତତ୍ତ୍ୱଜ୍ଞଃ ଶିବବୀଜସମ୍ବନ୍ଧତତ୍ତ୍ୱଜ୍ଞଃ, ଲିଙ୍ଗାଙ୍ଗସ୍ଥଳଭେଦଜ୍ଞଃ, ଲିଙ୍ଗାଙ୍ଗସ୍ଥଳ-ଗତୈକୋତ୍ତରଶତସ୍ଥଳଭେଦଜ୍ଞାନବାନିତ୍ୟର୍ଥଃ । ଶିବବାଦୀ ମାଙ୍ଗଲ୍ୟବଚନପ୍ରୟୋକ୍ତା, ଏବଂ ବିଧସଲ୍ଲକ୍ଷଣସମ୍ପନ୍ନଂ ଶ୍ରୀମନ୍ତଂ ସଦ୍‌ଗୁରୁସ୍ୱାମିନଂ ସଂସାରହେୟବୁଦ୍ଧିମାନ୍ ପକ୍ୱଶିଷ୍ୟଃ, ମୁମୁକ୍ଷୁରିତି ଯାବତ୍ ଉପୈତି ଉପାୟନପାଣିଃ ସନ୍ ଅଧିଗଚ୍ଛେଦିତ୍ୟର୍ଥଃ ।। ୧-୭ ।।

ଦୀକ୍ଷାଲକ୍ଷଣ-ଗୁରୁକାରୁଣ୍ୟସ୍ଥଳ-ବର୍ଣ୍ଣନ

ଏହାପରେ ବିବେକସମ୍ପନ୍ନ ବିରାଗୀ ଶୁଦ୍ଧଚିତ୍ତବାଲା ଜିଜ୍ଞାସୁ ଶିଷ୍ୟ ଗୁରୁଙ୍କ ପାଖକୁ ଯାନ୍ତି । ଗୁରୁଙ୍କର ବୈଶିଷ୍ଟ୍ୟ ନିମ୍ନଲିଖିତ ଅଟେ -

ସେହି ଗୁରୁ ସମସ୍ତ ସଂସାରର ଦୋଷ (ଦୁଃଖ)ଦୂର କରୁଥିବା, କଲ୍ୟାଣକାରୀ, ଲୋକପ୍ରସିଦ୍ଧ, ଲୋଭ-ମୋହ ରହିତ, ଆତ୍ମତତ୍ତ୍ୱର ବିଚାରକ, ବିଷୟଭ୍ରମରୁ ମୁକ୍ତ, ଶିବାଦ୍ୱୈତ ସିଦ୍ଧାନ୍ତକୁ ଜାଣିଥିବା, ସନ୍ଦେହରହିତ, ସମ୍ପୂର୍ଣ୍ଣ ତନ୍ତ୍ରର ପ୍ରୟୋଗର ଜ୍ଞାତା, ଧାର୍ମିକ, ସତ୍ୟବାଦୀ,

୮୨. ସ. ମ.
୮୩. ବା. ସଂ.

CC-0. Jangamwadi Math Digital Collection.

କୁଳକ୍ରମ ଅର୍ଥାତ୍ ଗୁରୁବଂଶ ପରମ୍ପରାରୁ ପ୍ରାପ୍ତ ଆଚାରକୁ ପାଳନ କରୁଥିବା, କୁମାର୍ଗର ଅନୁସରଣ ନ କରୁଥିବା, ଶିବଧ୍ୟାନରେ ଲିପ୍ତ, ଶାନ୍ତ, ଶିବତତ୍ତ୍ୱବିବେକୀ, ଭସ୍ମ ଲଗାଇବାରେ ନିଷ୍ଣାତ, ଭସ୍ମତତ୍ତ୍ୱର ଜ୍ଞାତା, ତ୍ରିପୁଣ୍ଡ ଧାରଣ ପାଇଁ ଉତ୍ସୁକ, ରୁଦ୍ରାକ୍ଷମାଳାକୁ ଧାରଣ କରୁଥିବା, ଲିଙ୍ଗଧାରଣରେ ଯୁକ୍ତ, ଲିଙ୍ଗପୂଜା ପରାୟଣ, ଲିଙ୍ଗାଙ୍ଗ ଯୋଗ ତତ୍ତ୍ୱର ଜ୍ଞାତା, ଦୃଢ଼ ଅଦ୍ୱୈତ ଭାବନାବାଲା, ଲିଙ୍ଗାଙ୍ଗସ୍ଥଳ ଭେଦର ଜ୍ଞାତା ଏବଂ ଶିବବାଦୀ ଅଟେ ।। ୧-୬ ।।

ଏବଂ ସଦ୍‌ଗୁରୁମଧିଗମ୍ୟ ତତ୍‌ସେବା କର୍ତ୍ତବ୍ୟେତ୍ୟାହ –

ସେବେତ ପରମାଚାର୍ଯ୍ୟଂ ଶିଷ୍ୟୋ ଭକ୍ତିଭୟାନ୍ୱିତଃ ।। ୭ ।।
ଷଣ୍ମାସାନ୍ ବତ୍ସରଂ ବାପି ଯାବଦେଷ ପ୍ରସୀଦତି ।

ଆପ୍ତସ୍ଥାନାଙ୍ଗସଦ୍‌ଭାବୈଃ ସେବେଦିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।

– ଭକ୍ତି ଏବଂ ଭୟରେ[୮୪] ଯୁକ୍ତ ଶିଷ୍ୟ, ପରମାଚାର୍ଯ୍ୟଙ୍କର ଛଅ ମାସ ଅଥବା ଏକ ବର୍ଷ ପର୍ଯ୍ୟନ୍ତ, ଯେତେବେଳ ଯାଏଁ ଗୁରୁ ପ୍ରସନ୍ନ ହୋଇନାହାନ୍ତି, ସେବା କରିବା ଦରକାର ।। ୭-୮ ।।

ଅଥ ତଦ୍ୱିଜ୍ଞାପନପ୍ରକାରଂ ସୂତ୍ରଦ୍ୱୟେନ ବର୍ଣ୍ଣୟତି –

ପ୍ରସନ୍ନଂ ପରମାଚାର୍ଯ୍ୟଂ ଭକ୍ତ୍ୟା ମୁକ୍ତି ପ୍ରଦର୍ଶକମ୍ ।। ୮ ।।
ପ୍ରାର୍ଥୟେଦଗ୍ରତଃ ଶିଷ୍ୟଃ ପ୍ରାଞ୍ଜଳିର୍ବିନୟାନ୍ୱିତଃ ।
ଭୋ କଲ୍ୟାଣ ମହାଭାଗ ଶିବଜ୍ଞାନମହୋଦଧେ ।। ୯ ।।
ଆଚାର୍ଯ୍ୟବର୍ଯ୍ୟ ସଂପ୍ରାପ୍ତଂ ରକ୍ଷ ମାଂ ଭବରୋଗିଣମ୍ ।

ଭକ୍ତ୍ୟା ସେବୟା ପ୍ରସନ୍ନମନୁଗ୍ରହୋନ୍ମୁଖଂ ମୁକ୍ତିପ୍ରଦର୍ଶକଂ ପରାପରମୋକ୍ଷ-ପ୍ରଦର୍ଶକଂ ପରମାଚାର୍ଯ୍ୟଂ ମହାଗୁରୁଂ ବିନୟାନ୍ୱିତଃ ଭୟଭକ୍ତି ସମନ୍ୱିତଃ ଶିଷ୍ୟଃ ପ୍ରାଞ୍ଜଳିଃ ମୁକୁଳିତକରଃ ସନ୍ ଅଗ୍ରତଃ ପୁରତଃ ପ୍ରାର୍ଥୟେତ୍ । କିମିତ୍ୟତ୍ର ଭୋ କଲ୍ୟାଣ ମଙ୍ଗଳାତ୍ମକ ମହାଭାଗ ଅତିଶ୍ରେଷ୍ଠ ଶିବଜ୍ଞାନସ୍ୟ ସମୁଦ୍ର ଆଚାର୍ଯ୍ୟବର୍ଯ୍ୟ ଗୁରୁତ୍ତମ ଭବରୋଗିଣଂ ସଂସାରାର୍ତ୍ତଂ ସଂପ୍ରାପ୍ତଂ ସମାଗତଂ ମାଂ ରକ୍ଷ ପାହୀତି ।। ୮-୯ ।।

– ପ୍ରସନ୍ନ ତଥା ମୋକ୍ଷର ପଥ ପ୍ରଦର୍ଶକ ପରମାଚାର୍ଯ୍ୟଙ୍କ ଆଗରେ ଠିଆ ହୋଇ ଶିଷ୍ୟ ଭକ୍ତିର ସହିତ ହାତ ଯୋଡ଼ି କରି ନମ୍ରତା ପୂର୍ବକ ପ୍ରାର୍ଥନା କରେ – ହେ କଲ୍ୟାଣକାରୀ ମହାଭାଗ, ଶିବଜ୍ଞାନର ସମୁଦ୍ର ଆଚାର୍ଯ୍ୟଶ୍ରେଷ୍ଠ, ଆପଣଙ୍କ ପାଖକୁ ଆସିଥିବା ମତେ ଭବରୋଗୀକୁ ରକ୍ଷା କରନ୍ତୁ ।। ୮-୧୦ ।।

---

୮୪. ଭକ୍ତିଃ ଗୁରୁଂ ପ୍ରତି ଭୟଂ ଚ ସଂସାରାଦ୍ । ଅତଏବୋଭାଭ୍ୟାଂ ଯୁକ୍ତଃ ।।

CC-0. Jangamwadi Math Digital Collection.

ଏବଂ ପ୍ରାର୍ଥିତବନ୍ତଂ ଶିଷ୍ୟଂ ଗୁରୁରୁପଦେଶାଙ୍ଗଭୂତଦୀକ୍ଷୟା ଯୋଜୟେଦିତ୍ୟାହ –

ଇତି ଶୁଦ୍ଧେନ ଶିଷ୍ୟେଣ ପ୍ରାର୍ଥିତଃ ପରମୋ ଗୁରୁଃ ।। ୧୦ ।।
ଶକ୍ତିପାତଂ ସମାଲୋକ୍ୟ ଦୀକ୍ଷୟା ଯୋଜୟେଦମୁମ୍ ।

ଇତି ଏବଂ ପ୍ରକାରେଣ ଶୁଦ୍ଧେନ ଶୁଦ୍ଧାନ୍ତଃକରଣେନ ଶିଷ୍ୟେଣ ପ୍ରାର୍ଥିତୋ ବିଜ୍ଞାପିତଃ ପରମୋ ଗୁରୁଃ ମହାଗୁରୁଃ, ତସ୍ୟେତି ଶେଷଃ । ଶକ୍ତିପାତଂ ତୀବ୍ରତରଶକ୍ତିପାତଂ ସମାଲୋକ୍ୟ ସମ୍ୟଗବଲୋକ୍ୟ ଅମୁମ୍ ଅଗ୍ରତଃ ସ୍ଥିତଂ ଶିଷ୍ୟଂ ଦୀକ୍ଷୟା ଯୋଜୟେତ୍ ସମ୍ବନ୍ଧୟେଦିତ୍ୟର୍ଥଃ ।। ୧୦ ।।

– ଶୁଦ୍ଧ ଶିଷ୍ୟଦ୍ୱାରା ଏହି ପ୍ରକାର ପ୍ରାର୍ଥନା କରାଯାଇଥିବା ପରମଗୁରୁ ଶକ୍ତିପାତର ଚିହ୍ନଗୁଡ଼ିକୁ ପରୀକ୍ଷାକରି ଏହି ଶିଷ୍ୟକୁ ଦୀକ୍ଷାରେ ଯୁକ୍ତ କରିବା ଉଚିତ୍ ।। ୧୦–୧୧ ।।

କା ନାମ ଦୀକ୍ଷେତ୍ୟତ୍ରାହ –

ଦୀୟତେ ଚ ଶିବଜ୍ଞାନଂ କ୍ଷୀୟତେ ପାଶବନ୍ଧନମ୍ ।। ୧୧ ।।
ଯସ୍ମାଦତଃ ସମାଖ୍ୟାତା ଦୀକ୍ଷେତୀୟଂ ବିଚକ୍ଷଣୈଃ ।

ଯସ୍ମାତ୍ 'ଦା ଦାନେ' ଇତି ଧାତୁଗତ୍ୟା ଶିବଜ୍ଞାନଂ ପରବ୍ରହ୍ମ ପରଶିବାଖ୍ୟ-ମହାଲିଙ୍ଗଜ୍ଞାନଂ ଦୀୟତେ ସ୍ୱାତ୍ମାଭେଦେନ ପ୍ରଦାସ୍ୟତେ, ପାଶବନ୍ଧନଂ ମଳମାୟାକର୍ମବନ୍ଧନଂ 'କ୍ଷି କ୍ଷୟେ' ଇତି ଧାତୁଗତ୍ୟା କ୍ଷୀୟତେ, ଅତ ଇୟଂ ଜ୍ଞାନକ୍ରିୟାତ୍ମିକା ଶକ୍ତିରେବ ଦୀକ୍ଷେତି ବିଚକ୍ଷଣୈଃ ଶାସ୍ତ୍ରଜ୍ଞୈଃ ସମ୍ୟଗାଖ୍ୟାତେତ୍ୟର୍ଥଃ ।। ୧୧ ।।

– ଯେହେତୁ ଏହାଦ୍ୱାରା ଶିବଜ୍ଞାନ ଦିଆଯାଏ ତଥା ପାଶବନ୍ଧନର ନାଶ ହୁଏ, ତେଣୁ ବିଦ୍ୱାନ୍‌ମାନେ ଏହାକୁ (ସଂସ୍କାରାତ୍ମକ ପ୍ରକ୍ରିୟାକୁ) ଦୀକ୍ଷା କହନ୍ତି ।। ୧୧–୧୨ ।।

ଅଥେୟଂ ଦୀକ୍ଷା ତ୍ରିବିଧେତ୍ୟାହ –

ସା ଦୀକ୍ଷା ତ୍ରିବିଧା ପ୍ରୋକ୍ତା ଶିବାଗମବିଶାରଦୈଃ ।। ୧୨ ।।
ବେଧାରୂପା କ୍ରିୟାରୂପା ମନ୍ତ୍ରରୂପା ଚ ତାପସ ।

– ହେ ତପସ୍ୱୀ ଅଗସ୍ତ୍ୟ, ଶୈବାଗମର ବିଦ୍ୱାନ୍‌ମାନେ ଏହି ଦୀକ୍ଷାକୁ ତିନି ପ୍ରକାରର କହିଥାନ୍ତି – ବେଧାରୂପା, କ୍ରିୟାରୂପା ତଥା ମନ୍ତ୍ରରୂପା ।।୧୨–୧୩।।

ଅଥ ତଦ୍‌ଦୀକ୍ଷାତ୍ରୟ ଲକ୍ଷଣମାହ –

ଗୁରୋରାଲୋକମାତ୍ରେଣ ହସ୍ତମସ୍ତକଯୋଗତଃ ।। ୧୩ ।।
ଯଃ ଶିବତ୍ୱସମାବେଶୋ ବେଧା ଦୀକ୍ଷେତି ସା ମତା ।

ଶ୍ରୀଗୁରୋର୍ନିରୀକ୍ଷଣମାତ୍ରେଣ ହସ୍ତମସ୍ତକସମ୍ବନ୍ଧାଦ୍ ଯୋ ଜ୍ଞାନକ୍ରିୟାତ୍ମକଶିବତତ୍ତ୍ୱ-

CC-0. Jangamwadi Math Digital Collection.

ସମାବେଶୋଦ୍ଭବତି, ସା ବେଧା ଦୀକ୍ଷେତି, ସ୍ମୃତେତ୍ୟର୍ଥଃ । ଗୁରୋର୍ଦୃଷ୍ଟିଗର୍ଭୋଷ୍ଟିତ୍ୱା କରକମଳେ ସମୁତ୍ପନ୍ନସ୍ୟାତ୍ମନଶ୍ଚିନ୍ମୟସ୍ୱରୂପୋପଦେଶୋ ବେଧାଦୀକ୍ଷେତି ତାତ୍ପର୍ଯ୍ୟମ୍ ।। ୧୩।।

ମାନ୍ତ୍ରୀ ଦୀକ୍ଷେତି ସା ପ୍ରୋକ୍ତା ମନ୍ତ୍ରମାତ୍ରୋପଦେଶିନୀ ।। ୧୪।।

ମନ୍ତ୍ରମାତ୍ରୋପଦେଶିନୀ ସୋଽହମିତି ପ୍ରଣବମନ୍ତ୍ରସ୍ୱରୂପସ୍ୟ ପ୍ରାଣିନଃ ପଞ୍ଚାକ୍ଷରୀମନ୍ତ୍ର ମାତ୍ରୋପଦେଶୋ[୮୫] ଯୋଦ୍ଭବତି, ସା ମନନତ୍ରାଣଧର୍ମିଣୀ ମାନ୍ତ୍ରୀ ଦୀକ୍ଷେତି କଥିତେତ୍ୟର୍ଥଃ ।। ୧୪।।

– ଗୁରୁ ଶିଷ୍ୟ ଆଡ଼କୁ ଦେଖି ନିଜର ହାତ ତା'ର ମସ୍ତକ ଉପରେ ରଖନ୍ତି । ଏହିପରି ଭାବରେ (ଶିଷ୍ୟ ଭିତରେ) ଯେଉଁ ଶିବତ୍ୱର ସମାବେଶ ହୁଏ, ତାହାକୁ ବେଧାଦୀକ୍ଷା କହନ୍ତି । ମନ୍ତ୍ରର କେବଳ ଉପଦେଶ ଦେବାକୁ ମାନ୍ତ୍ରୀଦୀକ୍ଷା କୁହାଯାଏ ।। ୧୩–୧୪।।

କୁଣ୍ଡମଣ୍ଡଳିକୋପେତା କ୍ରିୟା ଦୀକ୍ଷା କ୍ରିୟୋତ୍ତରା ।

କଳଶବନ୍ଧ – ସ୍ୱସ୍ତିକମଣ୍ଡଳସଂଯୁକ୍ତା କ୍ରିୟାପରା ଲିଙ୍ଗଧାରଣକ୍ରିୟାସମେତା କ୍ରିୟା ଦୀକ୍ଷେତ୍ୟର୍ଥଃ ।

– କୁଣ୍ଡ ଓ ମଣ୍ଡଳରେ ଯୁକ୍ତ କ୍ରିୟାପ୍ରଧାନା ଦୀକ୍ଷା କ୍ରିୟାଦୀକ୍ଷା ଅଟେ । ଅଥ ତତ୍ପ୍ରକାରଂ ପଞ୍ଚଭିଃ ଶ୍ଳୋକୈଃ ପ୍ରଦର୍ଶୟତି –

ଶୁଭମାସେ ଶୁଭତିଥୌ ଶୁଭକାଳେ ଶୁଭେଽହନି ।। ୧୫।।
ବିଭୂତିଂ ଶିବଭକ୍ତେଭ୍ୟୋ ଦତ୍ତ୍ୱା ତାମ୍ବୁଳପୂର୍ବକମ୍ ।
ଯଥାବିଧି ଯଥାଯୋଗଂ ଶିଷ୍ୟମାନୀୟ ଦେଶିକଃ ।। ୧୬।।
ସ୍ନାତଂ ଶୁକ୍ଳାମ୍ବରଧରଂ ଦନ୍ତଧାବନପୂର୍ବକମ୍ ।
ମଣ୍ଡଳେ ସ୍ଥାପୟେଚ୍ଛିଷ୍ୟଂ ପ୍ରାଙ୍ମୁଖଂ ତମୁଦଙ୍ମୁଖଃ ।। ୧୭।।
ଶିବସ୍ୟ ନାମ କୀର୍ତ୍ତିଂ ଚ ଚିନ୍ତାମପି ଚ କାରୟେତ୍ ।

ଶୁଭମାସେ ମାଘାଦି ଶୁଭମାସେ ଶୁଭତିଥୌ ଭଦ୍ରାଦି[୮୬] ଶୁଭତିଥୌ ଶୁଭେଽହନି ସୋମଶୁକ୍ରାଦିଶୁଭବାସରେ ଶୁଭକାଳେ ଅମୃତଯୁକ୍ତଶୁଭମୁହୂର୍ତ୍ତେ ବିଧ୍ୟୁକ୍ତପ୍ରକାରେଣ ଶାସ୍ତ୍ରୋକ୍ତକ୍ରମେଣ ଶିବଭକ୍ତେଭ୍ୟସ୍ତାମ୍ବୂଳପୂର୍ବକଂ ବିଭୂତିଂ ଦତ୍ତ୍ୱା ଆଚାର୍ଯ୍ୟୋ ଦନ୍ତଧାବନ–

---

୮୫. ପଞ୍ଚାକ୍ଷରୋପଦେଶଃ ଶୈବାନାଂ କୃତେ କ୍ରିୟତେ । ଅନ୍ୟସମ୍ପ୍ରଦାୟିନାଂ କୃତେ ତତ୍ତତ୍ ସମ୍ପ୍ରଦାୟ ଚଳିତମନ୍ତ୍ରାଣାମୁପଦେଶୋ ଭବତି । ଯଥା ବୈଷ୍ଣବେଭ୍ୟଃ 'ଓଁ ନମୋ ଭଗବତେ ବାସୁଦେବାୟ' ଇତି ଦ୍ୱାଦଶାକ୍ଷରମନ୍ତ୍ରସ୍ୟୋପଦେଶଃ ।

୮୬. ନନ୍ଦା ଭଦ୍ରା ଜୟା ରିକ୍ତା ପୂର୍ଣ୍ଣା ଚ ତିଥୟଃ କ୍ରମାତ୍ ।

CC-0. Jangamwadi Math Digital Collection.

ପୂର୍ବକଂ ସ୍ନାତଂ ଶୁକ୍ଳାମ୍ବରଧରଂ ଶିଷ୍ୟଂ ସ୍ୱସମୀପମାହୂୟ ପ୍ରାଙ୍ମୁଖଂ କୃତ୍ୱା ସ୍ୱୟମୁଦଙ୍ମୁଖଃ ସନ୍ ସ୍ୱସ୍ତିକମଣ୍ଡଳେ ସ୍ଥାପୟେତ୍ । ଅନନ୍ତରମ୍ – 'ଅପି ବା ଯଶ୍ଚାଣ୍ଡାଳଃ ଶିବେତି ବାଚଂ ବଦେତ୍ତେନ ସହ ସଂବସେତ୍ତେନ ସହ ସଂବିଶେତ୍ତେନ ସହ ଭୁଞ୍ଜୀତ' ଇତି ଶ୍ରୁତେଃ ସକଳପ୍ରାୟଶ୍ଚିତ୍ତରୂପଶିବନାମକୀର୍ତ୍ତନଂ ଶିବଧ୍ୟାନଂ ଚ କାରୟେଦିତ୍ୟର୍ଥଃ ।। ୧୫–୧୭ ।।

– ଗୁରୁ ଶୁଭ ମାସ, ଶୁଭ ତିଥି, ଶୁଭ ଦିନ ଏବଂ ଶୁଭ କାଳରେ ତାମ୍ବୁଳ ସହିତ ଭସ୍ମକୁ ଶିବଭକ୍ତଙ୍କର ନିମନ୍ତ୍ରଣ ପାଇଁ ଦେଇ କରି ଶାସ୍ତ୍ରୋକ୍ତ ବିଧି ଅନୁସାରେ ଶିଷ୍ୟଙ୍କୁ ଆଣିବା ଉଚିତ୍ । ଆସିବା ପୂର୍ବରୁ ଶିଷ୍ୟ ଦନ୍ତଧାବନ ସ୍ନାନାଦି ସାରି ଶ୍ୱେତବସ୍ତ୍ର ଧାରଣ କରିଥାଏ । ଆଚାର୍ଯ୍ୟ ଶିଷ୍ୟକୁ ମଣ୍ଡପରେ ପୂର୍ବଦିଗରୁ ମୁଖକରି ବସାଇବେ ଏବଂ ସ୍ୱୟଂ ଉତ୍ତରାଭିମୁଖ କରି ବସିବେ । ସେ ଶିଷ୍ୟକୁ ଶିବଙ୍କର ଧ୍ୟାନ ଓ ଶିବନାମ ଉଚ୍ଚାରଣ କରାଇବେ ।। ୧୫–୧୮ ।।

ଅନନ୍ତରମ୍ –

ବିଭୂତିପଟ୍ଟଂ ଦତ୍ତ୍ୱାଗ୍ରେ ଯଥାସ୍ଥାନଂ ଯଥାବିଧି ।। ୧୮ ।।
ପଞ୍ଚବ୍ରହ୍ମମୟୈସ୍ତତ୍ର ସ୍ଥାପିତୈଃ କଳଶୋଦକୈଃ ।
ଆଚାର୍ଯ୍ୟଃ ସମମୃତ୍ୱିଗ୍‌ଭିସ୍ତ୍ରିଃ ଶିଷ୍ୟମଭିଷିଞ୍ଚୟେତ୍ ।। ୧୯ ।।

ପ୍ରଥମଂ ଯଥାବିଧି ଯଥାସ୍ଥାନଂ ବିଭୂତିଧାରଣଂ କୃତ୍ୱା ତତ୍ର ତସ୍ମିନ୍ ମଣ୍ଡଳେ ସ୍ଥାପିତୈଃ ପଞ୍ଚବ୍ରହ୍ମମୟୈଃ ଈଶାନାଦିପଞ୍ଚବ୍ରହ୍ମ[୮୭]ସ୍ୱରୂପୈଃ କଳଶୋଦକୈଃ ପଞ୍ଚାକ୍ଷରାତ୍ମକ କଳଶୋଦକୈଃ ଋତ୍ୱିଗ୍‌ଭିଃ ଭୁବନପ୍ରସିଦ୍ଧପଞ୍ଚାଚାର୍ଯ୍ୟସମ୍ପ୍ରଦାୟାନୁଗୈଃ ଋତ୍ୱିଗ୍‌ଭିଃ ସମମ୍ ଆଚାର୍ଯ୍ୟସ୍ତତ୍ ସମ୍ପ୍ରଦାୟ ଏବାଚାର୍ଯ୍ୟପଟ୍ଟାଭିଷିକ୍ତଃ ଶ୍ରୀଗୁରୁଃ ଶିଷ୍ୟଂ ତ୍ରିରଭିଷି-ଞ୍ଚୟେତ୍ ।। ୧୮–୧୯ ।।

– ଏହାପରେ ଯଥାସ୍ଥାନ ଏବଂ ବିଧି ଅନୁସାରେ ଭସ୍ମର ତ୍ରିପୁଣ୍ଡ୍ର ଧାରଣ କରାଇବେ । ପୁଣି ଆଚାର୍ଯ୍ୟ ସେଠାରେ ସ୍ଥାପିତ ପଞ୍ଚବ୍ରହ୍ମ[୮୮] ଯୁକ୍ତ କଳଶମାନଙ୍କ ଜଳରେ ଋତ୍ୱିଜଙ୍କ ଦ୍ୱାରା ତିନିଥର ଶିଷ୍ୟର ଅଭିଷେକ କରାଇବେ ।। ୧୮–୧୯ ।।

ଅଥ ମାଂସପିଣ୍ଡଂ ମନ୍ତ୍ରପିଣ୍ଡଂ ବିଧାତୁଂ ମନ୍ତ୍ରୋପଦେଶଂ କୁର୍ଯ୍ୟାଦିତ୍ୟାହ –

ଅଭିଷିଚ୍ୟ ଗୁରୁଃ ଶିଷ୍ୟମାସୀନଂ ପରିତଃ ଶୁଚିମ୍ ।
ତତଃ ପଞ୍ଚାକ୍ଷରୀଂ ଶୈବୀଂ ସଂସାରଭୟତାରିଣୀମ୍ ।।୨୦।।

---

୮୭. ସଦ୍ୟୋଜାତ, ବାମଦେବ, ଅଘୋର, ତତ୍‌ପୁରୁଷ ଏବଂ ଈଶାନ ପଞ୍ଚବ୍ରହ୍ମ ଅଟନ୍ତି ।
୮୮. ମତାନ୍ତରରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ଈଶ୍ୱର ଏବଂ ସଦାଶିବଙ୍କୁ ପଞ୍ଚବ୍ରହ୍ମ କୁହାଯାଏ ।

CC-0. Jangamwadi Math Digital Collection.

ତସ୍ୟ ଦକ୍ଷିଣକର୍ଣ୍ଣେ ତୁ ମିଗୂଢ଼ମପି କୀର୍ତ୍ତୟେତ୍ ।
ଛନ୍ଦୋ ରୂପମୃଷିଂ ଚାସ୍ୟ ଦେବତାନ୍ୟାସପଦ୍ଧତିମ୍ ।। ୨୧ ।।

ଅଭିଷିଚ୍ୟ ତତସ୍ତଦନନ୍ତରଂ ଗୁରୁଃ । ଶୁଚିଂ ସମୀପେ ସ୍ଥିତଂ ଶିଷ୍ୟଂ ପ୍ରତି ତସ୍ୟ ଦକ୍ଷିଣକର୍ଣ୍ଣେ ସଂସାରଭୟତାରିଣୀଂ ଶୈବୀଂ ଶିବସମ୍ବନ୍ଧିନୀଂ ପଞ୍ଚାକ୍ଷରୀଂ ନମଃ ଶିବାୟ ଚେତି ଶ୍ରୀରୁଦ୍ରପ୍ରସିଦ୍ଧାଂ ବିଦ୍ୟାଂ ପରତତ୍ତ୍ୱପ୍ରକାଶିନୀଂ ନିଗୂଢ଼ଂ ପରଶ୍ରୁତିଗୋଚରୀଭୂତଂ ଯଥା ନ ଭବତି ତଥା କୀର୍ତ୍ତୟେତ୍, ଉପଦିଶେଦିତ୍ୟର୍ଥଃ । ଅସ୍ୟାଃ ପଞ୍ଚାକ୍ଷର୍ଯ୍ୟା ରୂପଂ ସ୍ୱରୂପଂ ଛନ୍ଦଃ ଋଷିଂ ମନ୍ତ୍ରଦ୍ରଷ୍ଟାରଂ ମହର୍ଷି ଦେବତାନ୍ୟାସପଦ୍ଧତିମ୍ ଅଧିଦେବତାପ୍ରତ୍ୟଧିଦେବତା-ରୂପପଞ୍ଚବ୍ରହ୍ମ ପଞ୍ଚସାଦାଖ୍ୟପର୍ଯ୍ୟାୟନାମବଦାଚାରାଦିପଞ୍ଚତ୍ରିଲିଙ୍ଗ କରାଙ୍ଗନ୍ୟାସମାର୍ଗଂ ନ୍ୟାସକ୍ରମମିତ୍ୟର୍ଥଃ, କୀର୍ତ୍ତୟେଦିତ୍ୟନୁଷଙ୍ଗଃ । ଆଜ୍ଞାଚକ୍ରସ୍ଥିତ ପ୍ରଣବମୟ ମହାଲିଙ୍ଗଂ କରତଳେ ସ୍ଥାପୟିତୁଂ ପ୍ରଥମମାଧାରାଦିପଞ୍ଚଚକ୍ରେଷୁ ନକାରାଦିବୀଜମୟାଚାରାଦିଲିଙ୍ଗପଞ୍ଚକଂ ଶିବାଗମୋକ୍ତପ୍ରକାରେଣୋପଦିଶେଦିତି ରହସ୍ୟମ୍ ।। ୨୦-୨୧ ।।

- ଗୁରୁ ସେଠାରେ ବସିଥିବା ସବୁ ପ୍ରକାରରେ ଶୁଦ୍ଧ ହୋଇଥିବା ଶିଷ୍ୟର ଦକ୍ଷିଣ କାନରେ ସଂସାର ଭୟତାରିଣୀ ପଞ୍ଚାକ୍ଷରୀ ବିଦ୍ୟା (ଓଁ ନମଃ ଶିବାୟ)କୁ ଗୁପ୍ତ ଭାବରେ କହିବା ଉଚିତ୍ । (ତା ସହିତ ସେହି ବିଦ୍ୟାର) ଛନ୍ଦ, ସ୍ୱରୂପ, ଋଷି, ଦେବତା, ନ୍ୟାସ ପଦ୍ଧତିକୁ ମଧ୍ୟ ବତାଇବା ଉଚିତ୍ ।। ୨୦-୨୧ ।।

ଇତି ଗୁରୁକାରୁଣ୍ୟସ୍ଥଲମ୍

ଅଥ ଲିଙ୍ଗଧାରଣସ୍ଥଲମ୍

ଅଥ ଏତତ୍ ସୋମସ୍ୟ ସୂର୍ଯ୍ୟସ୍ୟ ସର୍ବଲିଙ୍ଗଂ ସ୍ଥାପୟତି ପାଣିମନ୍ତ୍ରଂ ପବିତ୍ରମ୍ ଇତି ଶ୍ରୁତ୍ୟୁକ୍ତପ୍ରକାରେଣ ଶ୍ରୀଗୁରୁବିଧୀୟମାନଲିଙ୍ଗ ଧାରଣସ୍ଥଲଂ ନିରୂପୟତି । ପାଣୌ ମନନାତ୍ ତ୍ରାୟତ ଇତି ପାଣିମନ୍ତ୍ର ଇତ୍ୟର୍ଥଃ । ଅତ୍ରାଦୌ ଧାରଣୀୟଲିଙ୍ଗସ୍ୱରୂପଂ ନିର୍ଦ୍ଦିଶତି -

ସ୍ଫାଟିକଂ ଶୈଳଜଂ ବାପି ଚନ୍ଦ୍ରକାନ୍ତମୟଂ ତୁ ବା ।
ବାଣଂ ବା ସୂର୍ଯ୍ୟକାନ୍ତଂ ବା ଲିଙ୍ଗମେକଂ ସମାହରେତ୍ ।। ୨୨ ।।

ଶୈଳଜଂ ଶ୍ରୀଶୈଳାଦିମହାପର୍ବତଶିଳାସମ୍ଭବମିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ । ଏତେଷ୍ୱେକଂ ପରୀକ୍ଷ୍ୟ ଗୃହ୍ଣୀୟାଦିତ୍ୟର୍ଥଃ ।। ୨୨ ।।

- ଲିଙ୍ଗଧାରଣସ୍ଥଳ ବର୍ଣ୍ଣନ -

(ଏହାପରେ ଗୁରୁ) ସ୍ଫଟିକ ପଥର, ଚନ୍ଦ୍ରକାନ୍ତ ମଣି, ନର୍ମଦେଶ୍ୱର ଅଥବା ସୂର୍ଯ୍ୟକାନ୍ତମଣିରେ ନିର୍ମିତ ଗୋଟିଏ ଲିଙ୍ଗ ଆଣିବେ ।। ୨୨ ।।

CC-0. Jangamwadi Math Digital Collection.

ଅଥ ତଲ୍ଲିଙ୍ଗେ ଶିବକଳାମାବହୟେଦିତ୍ୟାହ –

ସର୍ବଲକ୍ଷଣସମ୍ପନ୍ନେ ତସ୍ମିଲ୍ଲିଙ୍ଗେ ବିଶୋଧିତେ ।
ପୀଠସ୍ଥିତେଽଭିଷିକ୍ତେ ଚ ଗନ୍ଧପୁଷ୍ପାଦିପୂଜିତେ ।। ୨୩।।
ମନ୍ତ୍ରପୂତେ କଳାଂ ଶୈବୀଂ ଯୋଜୟେଦ୍ୱିଧିନା ଗୁରୁଃ ।

ଶିଳ୍ପଶାସ୍ତ୍ରୋକ୍ତସର୍ବଲକ୍ଷଣସମ୍ପନ୍ନେ ପଞ୍ଚଗବ୍ୟୈଃ[୮୯] ପରିଶୁଦ୍ଧେ ପଞ୍ଚାମୃତାଭିଷିକ୍ତେ[୯୦] ସୁଗନ୍ଧପୁଷ୍ପାଦିନା ପରିପୂଜିତେ ମୂଳପଞ୍ଚାକ୍ଷରୀମନ୍ତ୍ରସଂସ୍କୃତେ କରପୀଠସ୍ଥିତେ ତସ୍ମିନ୍ ଲିଙ୍ଗେ, ଗୁରୁଃ ଆଚାର୍ଯ୍ୟଃ, ଶୈବୀଂ କଳାଂ ଶିଷ୍ୟମସ୍ତକସ୍ଥିତାଂ ଶିବକଳାଂ ବିଧ୍ୟୁକ୍ତ–ପ୍ରକାରେଣ ଆବାହୟେଦିତ୍ୟର୍ଥଃ । ତତ୍ପ୍ରକାର ଇତ୍ଥମ୍ – ଶିଷ୍ୟମସ୍ତକେ ସୁଗନ୍ଧେନ ପଞ୍ଚାରଚକ୍ରଂ[୯୧] ବିଲିଖ୍ୟ ମଧ୍ୟେ ପ୍ରଣବଂ ପଞ୍ଚଦଳେଷୁ ପଞ୍ଚାକ୍ଷରାଣି ବିଭାବ୍ୟ,

ନିତ୍ୟାନନ୍ଦାଂ ନିରୁପମପଦାଂ ନିଷ୍କଳାଂ ନିର୍ବିଶେଷାଂ
ନିର୍ବ୍ୟାଜେନୋର୍ଧ୍ୱମାୟାବିରଚିତବପୁଷଂ ବିଶ୍ୱବନ୍ଦ୍ୟାଂ ପରାଂ ତାମ୍ ।
ଆଧାରାମାଦିଶକ୍ତିଂ ଗୁଣଗଣନମିତାଂ ଦେବଦେବୀଂ ଶିବାଖ୍ୟାଂ
ବନ୍ଦେ ହୃତ୍ପଦ୍ମପୀଠେ ପରମଶିବପଦାଂ ଶ୍ରୀମତୀମୂର୍ଧ୍ୱସଂଜ୍ଞାମ୍ ।।

ଇତି ସକଳଜଗଦ୍‌ବ୍ୟବହାରପ୍ରବୃତ୍ତିକାଂ ଚରାଚରଚୈତନ୍ୟତେଜୋରୂପିଣୀଂ ଶିବକଳାଂ ଧ୍ୟାତ୍ୱା ଗନ୍ଧାଦିନାଽଭ୍ୟର୍ଚ୍ୟ ପ୍ରଦୀପାଦ୍ ଦୀପାନ୍ତରମିବ 'କ୍ରୋ' ଇତ୍ୟଙ୍କୁଶ–ମୁଦ୍ରୟାଽଽକୃଷ୍ୟାଽଽବାହ୍ୟ ତଦାରଂ ବିଚିନ୍ତ୍ୟ ପୁନର୍ଗନ୍ଧାଦ୍ୟୁପଚାରୈଃ ସମ୍ପୂଜୟେଦିତି ।। ୨୩।।

– ସର୍ବଲକ୍ଷଣସମ୍ପନ୍ନ ସେହି ଲିଙ୍ଗକୁ ଶୁଦ୍ଧ କରି ପୀଠ ଉପରେ ରଖି ତା'ର ଅଭିଷେକ କରିବା ଉଚିତ୍ । ଗନ୍ଧ–ପୁଷ୍ପ ଆଦିଦ୍ୱାରା ତାହାର ପୂଜା କରିବା ପରେ ମନ୍ତ୍ରରେ ପବିତ୍ରିତ ସେହି ଲିଙ୍ଗରେ ବିଧିପୂର୍ବକ ଶୈବୀକଳାର ସଂଯୋଜନା କରିବା ଉଚିତ୍ ।। ୨୩–୨୪।।

ଅଥ ଲିଙ୍ଗପ୍ରାଣସାମରସ୍ୟଂ କୃତ୍ୱା ତଲ୍ଲିଙ୍ଗଂ ଶିଷ୍ୟହସ୍ତେ ସ୍ଥାପୟେଦିତ୍ୟାହ –

ଶିଷ୍ୟସ୍ୟ ପ୍ରାଣମାଦାୟ ଲିଙ୍ଗେ ତତ୍ର ନିଧାପୟେତ୍ ।। ୨୪।।
ତଲ୍ଲିଙ୍ଗଂ ତସ୍ୟ ତୁ ପ୍ରାଣେ ସ୍ଥାପୟେଦେକଭାବତଃ ।
ଏବଂ କୃତ୍ୱା ଗୁରୁର୍ଲିଙ୍ଗଂ ଶିଷ୍ୟହସ୍ତେ ନିଧାପୟେତ୍ ।। ୨୫।।

---

୮୯. ପଞ୍ଚଗବ୍ୟ – ଗାଈକ୍ଷୀର, ଦହି, ଘିଅ, ମୂତ୍ର ଓ ଗୋବରର ମିଶ୍ରଣ ।
୯୦. ପଞ୍ଚାମୃତ – ଗାଈକ୍ଷୀର, ଦହି, ଘିଅ, ମଧୁ ଓ ଚିନିର ମିଶ୍ରଣ ।
୯୧. ପଞ୍ଚାରଚକ୍ର –



CC-0. Jangamwadi Math Digital Collection.

ତତ୍ର ଲିଙ୍ଗେ ଶିବକଳାଭରିତଲିଙ୍ଗେ ଶିଷ୍ୟସ୍ୟ ଜୀବକଳାରୂପଂ ପ୍ରାଣମ୍ ଆଦାୟ ଆକୃଷ୍ୟ ନିଧାପୟେତ୍ ପ୍ରତିଷ୍ଠାପୟେତ୍ । ତଲ୍ଲିଙ୍ଗଂ ଶିବକଳାପୂରିତଲିଙ୍ଗଂ ତସ୍ୟ ଶିଷ୍ୟସ୍ୟ ପ୍ରାଣେ ପ୍ରଣବରୂପତ୍ୱେନ ଜୀବକଳାରୂପେ ପ୍ରାଣେ ଏକଭାବସ୍ତାଦାମ୍ୟେନ ସ୍ଥାପୟେତ୍, ନିୟୋଜୟେଦିତ୍ୟର୍ଥଃ । ଏବଂ ପ୍ରକାରେଣ ଗୁରୁର୍ଲିଙ୍ଗଂ ଶିବଜୀବକଳାସାମରସ୍ୟାତ୍ମକଂ କୃତ୍ୱା ଶିଷ୍ୟକରକମଳେ ସ୍ଥାପୟେଦିତ୍ୟର୍ଥଃ ।। ୨୪-୨୫ ।।

- ତା'ପରେ ଶିଷ୍ୟର ପ୍ରାଣକୁ ନେଇକରି ଅର୍ଥାତ୍ ଅଙ୍କୁଶ ମୁଦ୍ରାଦ୍ୱାରା ଆକୃଷ୍ଟ କରି ସେହି ଲିଙ୍ଗରେ ସ୍ଥାପିତ କରି ତା'ପରେ ସେହି ଲିଙ୍ଗକୁ ଶିଷ୍ୟର ପ୍ରାଣରେ ଏକୀଭାବରେ ସ୍ଥାପିତ କରିବା ଉଚିତ୍ । ଏହିପରି ଅନୁଷ୍ଠାନ କରି ଗୁରୁ ଲିଙ୍ଗଙ୍କୁ ଶିଷ୍ୟର ହାତରେ ରଖିବା ଉଚିତ୍ ।। ୨୪-୨୫ ।।

ଶିଷ୍ୟଂ ଶିକ୍ଷୟତି -

ପ୍ରାଣବଦ୍ଧାରଣୀୟଂ ତତ୍ପ୍ରାଣଲିଙ୍ଗମିଦଂ ତବ ।
କଦାଚିତ୍ କୁତ୍ରଚିଦ୍ୱାପି ନ ବିୟୋଜୟ ଦେହତଃ ।। ୨୬ ।।

ଭୋ ଶିଷ୍ୟ, ତଦିଦଂ ପ୍ରାଣଲିଙ୍ଗଂ ତବ ତ୍ୱୟା ପ୍ରାଣବଦ୍ଧାରଣୀୟମ୍, ଜାତୁ କ୍ୱାପି ଦେହତୋ ନ ବିୟୋଜୟ ଶରୀରାଦ୍ୱିୟୁକ୍ତଂ ମା କୁର୍ବିତ୍ୟର୍ଥଃ ।। ୨୬ ।।

- (ଏହାପରେ ଗୁରୁ ଶିଷ୍ୟକୁ ଆଜ୍ଞା ଦେବେ) ଏହି ପ୍ରାଣଲିଙ୍ଗକୁ ତୁମେ ନିଜର ପ୍ରାଣ ପରି ଶରୀରରେ ଧାରଣ କରିବ । କେବେ ବି କେଉଁଠାରେ ଏହାକୁ ଶରୀରରୁ ଅଲଗା କରିବ ନାହିଁ ।

ଯଦି ପ୍ରମାଦେନ ଶରୀରାଦ୍ୱିୟୁକ୍ତଂ ଚେତ୍ତଦା କିଂ କର୍ତ୍ତବ୍ୟମିତ୍ୟତ୍ରାହ -

ଯଦି ପ୍ରସାଦାତ୍ ପତିତେ ଲିଙ୍ଗେ ଦେହାନ୍ ମହୀତଳେ ।
ପ୍ରାଣାନ୍ ବିମୁଞ୍ଚ ସହସା ପ୍ରାପ୍ତୟେ ମୋକ୍ଷସମ୍ପଦଃ ।। ୨୭ ।।

ସ୍ପଷ୍ଟଂ ବଳାତ୍କାରେଣ ପ୍ରାଣତ୍ୟାଗେ ଦୁର୍ମରଣଂ କିଂ ନ ସ୍ୟାଦିତ୍ୟତ୍ରୋକ୍ତମ୍ - ପ୍ରାପ୍ତୟେ ମୋକ୍ଷସମ୍ପଦ ଇତି । ଅନ୍ୟଥା ନରକ ଏବେତି ଭାବଃ ।। ୨୭ ।।

- ଯଦି ଅସାବଧାନ ହେତୁ ଏହି ଲିଙ୍ଗ ଶରୀରରୁ ଅଲଗା ହୋଇ ପୃଥିବୀ ଉପରେ ପଡ଼ିଯିବ, ତେବେ ମୋକ୍ଷପ୍ରାପ୍ତ କରିବା ପାଇଁ ତୁରନ୍ତ ନିଜର ପ୍ରାଣତ୍ୟାଗ ଦେବା ଉଚିତ୍ ।। ୨୭ ।।

ଇତି ସମ୍ବୋଧିତଃ ଶିଷ୍ୟୋ ଗୁରୁଣା ଶାସ୍ତ୍ରବେଦିନା ।
ଧାରୟେଚ୍ଛାଙ୍କରଂ ଲିଙ୍ଗଂ ଶରୀରେ ପ୍ରାଣଯୋଗତଃ ।। ୨୮ ।।

CC-0. Jangamwadi Math Digital Collection.

ଯାବତ୍‌ପର୍ଯ୍ୟନ୍ତଂ ଶରୀରେ ପ୍ରାଣସ୍ତିଷ୍ଠତି, ତାବତ୍‌ପର୍ଯ୍ୟନ୍ତଂ ବୀରଶୈବଶାସ୍ତ୍ରଜ୍ଞେନ ଗୁରୁଣା ବୋଧିତଃ ଶିଷ୍ୟଃ ଶାଙ୍କରଂ ଲିଙ୍ଗଂ ଧାରୟେଦିତ୍ୟର୍ଥଃ ।। ୨୮ ।।

– ଶାସ୍ତ୍ରବେତ୍ତା ଗୁରୁଙ୍କଦ୍ୱାରା ଏହିପରି ବୁଝାଯାଇଥିବା ଶିଷ୍ୟ ସେହି ଶିବଲିଙ୍ଗକୁ ପ୍ରାଣଧାରଣ ପର୍ଯ୍ୟନ୍ତ ଶରୀରରେ ସଂଯୁକ୍ତ ରଖେ ।। ୨୮ ।।

ଅଥ କିମସ୍ୟ ଧାରଣେନ ପ୍ରୟୋଜନଂ କୈରଙ୍ଗୀକୃତମିତ୍ୟତ୍ରାହ –

ଲିଙ୍ଗସ୍ୟ ଧାରଣଂ ପୁଣ୍ୟଂ ସର୍ବପାପପ୍ରଣାଶନମ୍ ।
ଆଦୃତଂ ମୁନିଭିଃ ସର୍ବୈରାଗମାର୍ଥବିଶାରଦୈଃ ।। ୨୯ ।।

ବୀରଶୈବାଗମାଭିଜ୍ଞୈର୍ମୁନିଭିଃ ସର୍ବୈରପ୍ୟଙ୍ଗୀକୃତମିତ୍ୟର୍ଥଃ ।। ୨୯ ।।

– (ଏହିପରି) ଲିଙ୍ଗଧାରଣ ପୁଣ୍ୟପ୍ରଦ ଏବଂ ସମସ୍ତ ପାପକୁ ନାଶ କରିବାବାଲା ଅଟେ। ଆଗମତତ୍ତ୍ୱର ସମସ୍ତ ପଣ୍ଡିତ ମୁନିମାନେ ଏହାକୁ ଆଦରପୂର୍ବକ ସ୍ୱୀକାର କରିଛନ୍ତି ।। ୨୯ ।।

ଅଥୈବଂ ଲିଙ୍ଗଧାରଣଂ ମୋକ୍ଷକାଙ୍କ୍ଷିଭିର୍ମୁନିଭିର୍ଦ୍ୱିଧାଙ୍ଗୀକୃତମିତ୍ୟତ୍ରାହ –

ଲିଙ୍ଗଧାରଣମାଖ୍ୟାତଂ ଦ୍ୱିଧା ସର୍ବାର୍ଥସାଧକୈଃ ।
ବାହ୍ୟମାଭ୍ୟନ୍ତରଂ ଚେତି ମୁନିଭିର୍ମୋକ୍ଷକାଙ୍କ୍ଷିଭିଃ ।। ୩୦ ।।

ସର୍ବାର୍ଥସାଧକଂ ଭୋଗମୋକ୍ଷପ୍ରଦମିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୩୦ ।।

– ସର୍ବାର୍ଥ ସାଧକ ଏହି ଲିଙ୍ଗଧାରଣ ମୋକ୍ଷାର୍ଥୀ ମୁନିମାନଙ୍କଦ୍ୱାରା ବାହ୍ୟ ଓ ଆଭ୍ୟନ୍ତର ଭେଦରେ ଦୁଇପ୍ରକାରର କୁହାଯାଇଛି ।। ୩୦ ।।

କିମିଦମାନ୍ତରମିତ୍ୟତ୍ରାହ –

ଚିଦ୍‌ରୂପଂ ପରମଂ ଲିଙ୍ଗଂ ଶାଙ୍କରଂ ସର୍ବକାରଣମ୍ ।
ଯତ୍ତସ୍ୟ ଧାରଣଂ ଚିତ୍ତେ ତଦାନ୍ତରମୁଦାହୃତମ୍ ।। ୩୧ ।।

ଚିଦ୍‌ରୂପଂ ସଚ୍ଚିଦାନନ୍ଦାତ୍ମକଂ ପରମମ୍ । ଅତଏବ ଦେଶକାଲୋତ୍ତୀର୍ଣ୍ଣଂ ସର୍ବକାରଣଂ ଦେଶକାଲାକାରଲକ୍ଷଣବିଶ୍ୱକାରଣଂ ଶାଙ୍କରଂ ଶିବସମ୍ବନ୍ଧି ଯଲ୍ଲିଙ୍ଗମସ୍ତି, ତସ୍ୟ ମହାଲିଙ୍ଗସ୍ୟ ଚିତ୍ତେ ସ୍ୱହୃଦ୍ କମଲେ ଯଦ୍ଧାରଣଂ ଧ୍ୟାନରୂପେଣ ଧାରଣମ୍, ତଦ୍ ଆନ୍ତରମ୍ ଅନ୍ତର୍ଲିଙ୍ଗଧାରଣମିତ୍ୟୁଦାହୃତମିତ୍ୟର୍ଥଃ ।। ୩୧ ।।

– ସମସ୍ତ ସଂସାରର କାରଣ ଶଙ୍କରଙ୍କର ଚିଦ୍‌ରୂପ ଲିଙ୍ଗ ଶ୍ରେଷ୍ଠ ଅଟେ। ଚିତ୍ତରେ ତାହାର ଧାରଣ କରିବାକୁ ଆନ୍ତର ଧାରଣ କୁହାଯାଏ ।। ୩୧ ।।

ଅଥୈତତ୍ ସ୍ୱରୂପଂ ବହୁଧା ପ୍ରକାଶୟତି –

CC-0. Jangamwadi Math Digital Collection.

ଚିଦ୍‌ରୂପଂ ହି ପରଂ ତତ୍ତ୍ୱଂ ଶିବାଖ୍ୟଂ ବିଶ୍ୱକାରଣମ୍ ।
ନିରସ୍ତବିଶ୍ୱକାଳୁଷ୍ୟଂ ନିଷ୍କଳଂ ନିର୍ବିକଳ୍ପକମ୍ ।। ୩୨ ।।
ସତ୍ତାନନ୍ଦପରିସ୍ଫୂର୍ତ୍ତିମୁଲ୍ଲାସକଳାମୟମ୍ ।
ଅପ୍ରମେୟମନିର୍ଦ୍ଦେଶ୍ୟଂ ମୁମୁକ୍ଷୁଭିରୁପାସିତମ୍ ।। ୩୩ ।।
ପରଂବ୍ରହ୍ମ ମହାଲିଙ୍ଗଂ ପ୍ରପଞ୍ଚାତୀତମବ୍ୟୟମ୍ ।

ଜଡ଼ବିଲକ୍ଷଣତ୍ୱାଚ୍ଚିଦ୍‌ରୂପମ୍ ଜୀବବିଲକ୍ଷଣତ୍ୱାତ୍‌ପରମ୍, ଅତଏବ ଚରାଚର–ପ୍ରପଞ୍ଚକାରଣଂ ନିରସ୍ତସମସ୍ତଦୋଷଂ ନିରବୟବଂ ଭେଦରହିତଂ ନିତ୍ୟାନନ୍ଦପ୍ରକାଶାତ୍ମକତ୍ୱେନ ବ୍ୟାପ୍ରିୟମାଣତୁର୍ଯ୍ୟାତୀତସପ୍ତଦଶକଳାସ୍ୱରୂପଂ ପ୍ରତ୍ୟକ୍ଷାଦିପ୍ରମାଣାଗମ୍ୟଂ ବକ୍ତୁମଶକ୍ୟଂ ମୋକ୍ଷକାଙ୍‌କ୍ଷିଭିର୍ଭଜନୀୟଂ ବିଶ୍ୱାତୀତଂ କାଳତ୍ରୟାବାଧ୍ୟଂ ଶିବାଖ୍ୟଂ ପରଂ ବ୍ରହ୍ମ ମହାଲିଙ୍ଗମିତି ପ୍ରସିଦ୍ଧମିତ୍ୟର୍ଥଃ ।। ୩୨–୩୩ ।।

– ଶିବ ନାମକ ଚିଦ୍‌ରୂପ ପରମତତ୍ତ୍ୱ ବିଶ୍ୱର କାରଣ ଅଟେ । ସମସ୍ତ ମଳିନତାରୁ ରହିତ ତାହା ନିଷ୍କଳ ଏବଂ ନିର୍ବିକଳ୍ପ ଅଟେ, ସତ୍, ଚିତ୍ ଏବଂ ଆନନ୍ଦର ସ୍ଫୁରତାର ସମୁଲ୍ଲାସ କଳାରେ ଯୁକ୍ତ ଅଟେ । ଅପ୍ରମେୟ, ଅନିର୍ଦ୍ଦେଶ୍ୟ ଏବଂ ମୋକ୍ଷାର୍ଥୀମାନଙ୍କଦ୍ୱାରା ଉପାସିତ ଅଟେ । ଏହିପରି ପ୍ରପଞ୍ଚାତୀତ ଅର୍ଥାତ୍ ସଂସାରରୁ ଉର୍ଦ୍ଧ୍ୱ କ୍ଷୟ ରହିତ ପରବ୍ରହ୍ମରୂପ ଲିଙ୍ଗ ମହାଲିଙ୍ଗ ଅଟେ ।। ୩୨–୩୩ ।।

ନନ୍ୱେତାଦୃଶସ୍ୟ ମହାଲିଙ୍ଗସ୍ୟ ସ୍ଥାନଧ୍ୟାନଶୂନ୍ୟତ୍ୱାତ୍ (ତତ୍) କଥମୁପାସନୀୟଂ ସ୍ୟାଦିତ୍ୟତ୍ରାହ –

ତଦେବ ସର୍ବଭୂତାନାମନ୍ତସ୍ତ୍ରିସ୍ଥାନଗୋଚରମ୍ ।। ୩୪ ।।
ମୂଳାଧାରେ ଚ ହୃଦୟେ ଭ୍ରୂମଧ୍ୟେ ସର୍ବଦେହିନାମ୍ ।
ଜ୍ୟୋତିର୍ଲିଙ୍ଗଂ ସଦା ଭାତି ଯଦ୍ ବ୍ରହ୍ମେତ୍ୟାହୁରାଗମାଃ ।। ୩୫ ।।

ତଦେବଂ ପୂର୍ବୋକ୍ତମହାଲିଙ୍ଗମେବ ସମସ୍ତପ୍ରାଣିନାମନ୍ତଃ ତ୍ରିସ୍ଥାନଗୋଚରଂ ସ୍ଥାନତ୍ରୟବଦିତ୍ୟର୍ଥଃ । ଯତ୍ ଶିବାଗମପ୍ରସିଦ୍ଧମହାଲିଙ୍ଗତତ୍ତ୍ୱମ୍ ଆଗମା ଉପନିଷଦୋ ବ୍ରହ୍ମେତ୍ୟାହୁଃ, ତଜ୍ଜ୍ୟୋତିର୍ଲିଙ୍ଗଂ ସର୍ବଦେହିନାଂ ସମସ୍ତପ୍ରାଣିନାଂ ପୂର୍ବହୃଦୟେ ମୂଳାଧାରେ, ମଧ୍ୟହୃଦୟେ ହୃଦୟେ ଉର୍ଦ୍ଧ୍ୱହୃଦୟେ ଭ୍ରୂମଧ୍ୟେ ସଦା ଭାତି, ଗୁରୁପଦେଶାଦ୍ୱିଜ୍ଞେୟ ମିତ୍ୟର୍ଥଃ ।। ୩୪–୩୫ ।।

– ତାହା (ମହାଲିଙ୍ଗ) ସମସ୍ତ ପ୍ରାଣୀଙ୍କର ଭିତରେ ତିନି ସ୍ଥାନରେ ରହେ । ସେହି ସ୍ଥାନଗୁଡ଼ିକ ହେଉଛି – ସମସ୍ତ ଶରୀରଧାରୀଙ୍କର ମୂଳାଧାର, ହୃଦୟ ଓ ଭ୍ରୂମଧ୍ୟ । ସେହି ଜ୍ୟୋତିରୂପୀ ଲିଙ୍ଗ ଏଥିରେ ସଦା ପ୍ରକାଶିତ ହୁଏ । ଆଗମଶାସ୍ତ୍ର ଏହାକୁ ବ୍ରହ୍ମ କହନ୍ତି ।। ୩୪–୩୫ ।।

CC-0. Jangamwadi Math Digital Collection.

ନନ୍ୱଖଣ୍ଡିତସ୍ୟ ମହାଲିଙ୍ଗସ୍ୟ ଖଣ୍ଡିତତ୍ୱଂ କଥମିତ୍ୟତ୍ରାହ –

ଅପରିଚ୍ଛିନ୍ନମବ୍ୟକ୍ତଂ ଲିଙ୍ଗଂ ବ୍ରହ୍ମ ସନାତନମ୍ ।
ଉପାସନାର୍ଥମନ୍ତଃସ୍ଥଂ ପରିଚ୍ଛିନ୍ନଂ ସ୍ୱମାୟୟା ।। ୩୬ ।।

ଅଖଣ୍ଡିତମପ୍ରକଟଂ ନିତ୍ୟଂ ବ୍ରହ୍ମଶବ୍ଦାଭିଧେୟମ୍ ଅନ୍ତଃସ୍ଥଂ ଲିଙ୍ଗମ୍ ଏକମପି, ଉପାସନାର୍ଥଂ ଭକ୍ତାନାଂ ଧ୍ୟାନପୂଜାର୍ଥଂ ସ୍ୱମାୟୟା ସ୍ୱସ୍ୱାତନ୍ତ୍ର୍ୟାପରପର୍ଯ୍ୟାୟମାୟାଶକ୍ତ୍ୟା ପରିଚ୍ଛିନ୍ନଂ ସ୍ଥାନଭେଦେନ ଲିଙ୍ଗତ୍ରୟରୂପଂ ଜ୍ଞାତମିତ୍ୟର୍ଥଃ ।। ୩୬ ।।

– ଅପରିଚ୍ଛିନ୍ନ ଅବ୍ୟକ୍ତ ସନାତନ ବ୍ରହ୍ମରୂପ ଲିଙ୍ଗ ଉପାସନା ପାଇଁ ନିଜର ମାୟାରେ (ମୂଳାଧାର ଆଦି) ଅନ୍ତଃସ୍ଥାନରେ ପରିଚ୍ଛିନ୍ନ ହୋଇଛି ।। ୩୬ ।।

ନନୁ ପରବ୍ରହ୍ମ ଲିଙ୍ଗରୂପମିତି କଥଂ ବ୍ୟବହ୍ରିୟତ ଇତ୍ୟତ୍ରାହ –

ଲୟଂ ଗଚ୍ଛତି ଯତ୍ରୈବ ଜଗଦେତଚ୍ଚରାଚରମ୍ ।
ପୁନଃ ପୁନଃ ସମୁତ୍ପତ୍ତିଂ ତଲ୍ଲିଙ୍ଗଂ ବ୍ରହ୍ମ ଶାଶ୍ୱତମ୍ ।। ୩୭ ।।

ଯତ୍ର ବ୍ରହ୍ମଣି ଏତଚ୍ଚରାଚରଂ ଜଗଦ୍ ଲୟଂ ଗଚ୍ଛତି, ପୁନଃ ପୁନରୁତ୍ପତ୍ତିଂ ଗଚ୍ଛତୀତି ତଚ୍ଛାଶ୍ୱତଂ ବ୍ରହ୍ମ ଲିଙ୍ଗମିତ୍ୟର୍ଥଃ ।। ୩୭ ।।

– ଯେଉଁଥିରେ ଏହି ଚର-ଅଚର ଜଗତ୍ ଲୀନ ହୋଇଯାଏ ତଥା ପୁନଃ ପୁନଃ ଉତ୍ପନ୍ନ ହୁଏ, ତାହା ଶାଶ୍ୱତ (ନିତ୍ୟ) ବ୍ରହ୍ମରୂପୀ ଲିଙ୍ଗ ଅଟେ ।। ୩୭ ।।

ଉକ୍ତାର୍ଥଂ ନିଗମୟତି –

ତସ୍ମାଲ୍ଲିଙ୍ଗମିତିଖ୍ୟାତଂ ସତ୍ତାନନ୍ଦଚିଦାତ୍ମକମ୍ ।
ବୃହତ୍ତ୍ୱାଦ୍ ବୃଂହଣତ୍ୱାଚ୍ଚ ବ୍ରହ୍ମଶବ୍ଦାଭିଧେୟକମ୍ ।। ୩୮ ।।

ତସ୍ମାଦ୍ ସଚ୍ଚିଦାନନ୍ଦାତ୍ମକଂ ଲିଙ୍ଗଂ ମହାଲିଙ୍ଗଂ ବୃହତ୍ତ୍ୱାନ୍ ମହତ୍ତ୍ୱାଦ୍ ବୃଂହଣତ୍ୱାଦ୍ ବିଶ୍ୱସୃଷ୍ଟ୍ୟୁନ୍ମୁଖତ୍ୱାଚ୍ଚ ବ୍ରହ୍ମଶବ୍ଦାଭିଧେୟକମିତି ଖ୍ୟାତଂ ପ୍ରଖ୍ୟାତମିତ୍ୟର୍ଥଃ । ଏବଂ ପରବ୍ରହ୍ମୈବ ମହାଲିଙ୍ଗଂ ମହାଲିଙ୍ଗମେବ ପରବ୍ରହ୍ମେତି ଭାବଃ ।। ୩୮ ।।

– ଏହି କାରଣରୁ ସେହି ଚିଦ୍ ଆନନ୍ଦମୟୀ ସତ୍ତା ଲିଙ୍ଗ କୁହାଯାଆନ୍ତି । ସବୁଠାରୁ ବୃହତ ହୋଇଥିବାରୁ ଏବଂ ସମସ୍ତଙ୍କର ପୋଷକ ହୋଇଥିବାରୁ, ସେହି ସଚ୍ଚିଦାନନ୍ଦ ତତ୍ତ୍ୱ 'ବ୍ରହ୍ମ' ଶବ୍ଦରେ ବାଚ୍ୟ ହୁଅନ୍ତି । ଏହିପରି ଭାବରେ ପରବ୍ରହ୍ମ ହିଁ ମହାଲିଙ୍ଗ ଏବଂ ମହାଲିଙ୍ଗ ହିଁ ପରବ୍ରହ୍ମ ଅଟନ୍ତି ।। ୩୮ ।।

ଅଥୋକ୍ତସ୍ଥାନେଷ୍ୱେକତ୍ର ଜ୍ୟୋତିର୍ଲିଙ୍ଗାନୁସନ୍ଧାନମାନ୍ତରଲିଙ୍ଗ ଧାରଣମିତ୍ୟାହ –

ଆଧାରେ ହୃଦୟେ ବାପି ଭ୍ରୂମଧ୍ୟେ ବା ନିରନ୍ତରମ୍ ।
ଜ୍ୟୋତିର୍ଲିଙ୍ଗାନୁସନ୍ଧାନମାନ୍ତରଂ ଲିଙ୍ଗଧାରଣମ୍ ।। ୩୯ ।।

CC-0. Jangamwadi Math Digital Collection.

ସ୍ପଷ୍ଟମ୍ ।।୩୯।।

ଅଥ କେନ ପ୍ରକାରେଣାନୁସନ୍ଧେୟମିତ୍ୟତ୍ରାହ –

ଆଧାରେ କନକପ୍ରଖ୍ୟଂ ହୃଦୟେ ବିଦ୍ରୁମପ୍ରଭମ୍ ।
ଭ୍ରୂମଧ୍ୟେ ସ୍ଫଟିକଚ୍ଛାୟଂ ଲିଙ୍ଗଂ ଯୋଗୀ ବିଭାବୟେତ୍ ।।୪୦।।

ସ୍ପଷ୍ଟମ୍ ।।୪୦।।

– ଯୋଗୀ ମୂଳାଧାରରେ ସୁବର୍ଣ୍ଣ ବର୍ଣ୍ଣର, ହୃଦୟରେ ମୂଂଗା ବର୍ଣ୍ଣର ଓ ଭ୍ରୂମଧ୍ୟରେ ସ୍ଫଟିକ ଆଭା ଯୁକ୍ତ ଲିଙ୍ଗର ଧ୍ୟାନ କରେ ।।୪୦।।

ଅଥେଦମନ୍ତର୍ଲିଙ୍ଗଧାରଣଂ ବାହ୍ୟଲିଙ୍ଗ ଧାରଣାପେକ୍ଷୟା ବିଶିଷ୍ଟମିତ୍ୟାହ –

ନିରୁପାଧିକମାଖ୍ୟାତଂ ଲିଙ୍ଗସ୍ୟାନ୍ତରଧାରଣମ୍ ।
ବିଶିଷ୍ଟଂ କୋଟିଗୁଣିତଂ ବାହ୍ୟଲିଙ୍ଗସ୍ୟ ଧାରଣାତ୍ ।।୪୧।।

ସ୍ପଷ୍ଟମ୍ ।।୪୧।।

– ଏହି ନିରୁପାଧିକ ଲିଙ୍ଗର ଆନ୍ତର ଧାରଣ ବାହ୍ୟ ଲିଙ୍ଗଧାରଣ ଅପେକ୍ଷା କୋଟି ଗୁଣରେ ଶ୍ରେଷ୍ଠ ଅଟେ ।।୪୧।।

ଯେ ଧାରୟନ୍ତି ହୃଦୟେ ଲିଙ୍ଗଂ ଚିଦ୍ରୂପମୈଶ୍ୱରମ୍।
ନ ତେଷାଂ ପୁନରାବୃତ୍ତିର୍ଘୋର ସଂସାରମଣ୍ଡଳେ ।।୪୨।।

ପରମୁକ୍ତିରେବେତ୍ୟର୍ଥଃ ।।୪୨।।

– ଯେଉଁ ଜନମାନେ ହୃଦୟରେ ଚିଦ୍‌ରୂପ ଶିବଲିଙ୍ଗ ଧାରଣ କରନ୍ତି, ସେମାନଙ୍କର ଘୋର ସଂସାରମଣ୍ଡଳରେ ପୁନର୍ଜନ୍ମ ହୁଏ ନାହିଁ ।।୪୨।।

ତତ୍ କଥମିତ୍ୟତ୍ରାହ –

ଅନ୍ତର୍ଲିଙ୍ଗାନୁସନ୍ଧାନମାତ୍ମବିଦ୍ୟାପରିଶ୍ରମଃ ।
ଗୁରୂପାସନାଶକ୍ତିଶ୍ଚ କାରଣଂ ମୋକ୍ଷସମ୍ପଦାମ୍ ।।୪୩।।

'ଆତ୍ମଲାଭାନ୍ନ ପରଂ ବିଦ୍ୟତେ' ଇତି ଶ୍ରୁ(ସ୍ମୃ)ତେର୍ନାହମୀଶ୍ୱର ଇତ୍ୟଜ୍ଞାନନିବାରକୀ–ଭୂତାତ୍ମବିଦ୍ୟାନୈଶିତ୍ୟ[୯୨] ଗୁରୁଭଜନ ସାମର୍ଥ୍ୟୟୋରପ୍ୟନ୍ତର୍ଲିଙ୍ଗାନୁସନ୍ଧାନଂ ମୋକ୍ଷସମ୍ପତ୍ କାରଣମିତ୍ୟର୍ଥଃ ।।୪୩।।

– ଅନ୍ତର୍ଲିଙ୍ଗର ଧ୍ୟାନ, ଆତ୍ମବିଦ୍ୟାରେ ପରିଶ୍ରମ (ଅର୍ଥାତ୍ ଆତ୍ମଜ୍ଞାନ ସମ୍ବନ୍ଧୀଶାସ୍ତ୍ରର ଶ୍ରବଣ–ମନନ) ତଥା ଗୁରୁସେବାର ସାମର୍ଥ୍ୟ – ଏ ତିନୋଟି ମୋକ୍ଷପ୍ରାପ୍ତିର କାରଣ

---

୯୨. ନୈଶିତ୍ୟଂ ତୀକ୍ଷ୍ଣତା ତୀବ୍ରୋତ୍କଣ୍ଠା ବା ।

CC-0. Jangamwadi Math Digital Collection.

ଅଟନ୍ତି ।। ୪୩।।

ତସ୍ମାଦଚଞ୍ଚଲହୃଦୟାନାଂ ଶିବଯୋଗିନାମନ୍ତର୍ଲିଙ୍ଗାନୁସନ୍ଧାନ ଏବ ରୁଚିର୍ନ ବାହ୍ୟ ଇତ୍ୟାହ –

ବୈରାଗ୍ୟଜ୍ଞାନଯୁକ୍ତାନାଂ ଯୋଗିନାଂ ସ୍ଥିରଚେତସାମ୍ ।
ଅନ୍ତର୍ଲିଙ୍ଗାନୁସନ୍ଧାନେ ରୁଚିର୍ବାହ୍ୟେ ନ ଜାୟତେ ।। ୪୪।।

ସ୍ପଷ୍ଟମ୍ ।। ୪୪।।

– ଏହି କାରଣରୁ ଜ୍ଞାନ ଏବଂ ବୈରାଗ୍ୟରେ ଯୁକ୍ତ ସ୍ଥିର ଚିତ୍ତ ଯୋଗୀମାନଙ୍କର ରୁଚି ଅନ୍ତର୍ଲିଙ୍ଗାନୁସନ୍ଧାନରେ ଥାଏ, ବାହ୍ୟଲିଙ୍ଗାନୁସନ୍ଧାନରେ ନୁହେଁ ।। ୪୪।।

କିମୁତ ପରିପକ୍ୱବ୍ରହ୍ମାଦୟୋଽପି ସୁଜ୍ଞାନଯୋଗେନୈବ ଜ୍ୟୋତିର୍ଲିଙ୍ଗଂ ପଶ୍ୟନ୍ତୀତ୍ୟାହ –

ବ୍ରହ୍ମା ବିଷ୍ଣୁଶ୍ଚ ରୁଦ୍ରଶ୍ଚ ବାସବାଦ୍ୟାଶ୍ଚ ଲୋକପାଃ ।
ମୁନୟଃ ସିଦ୍ଧଗନ୍ଧର୍ବା ଦାନବା ମାନବାସ୍ତଥା ।। ୪୫।।
ସର୍ବେ ଚ ଜ୍ଞାନଯୋଗେନ ସର୍ବକାରଣକାରଣମ୍ ।
ପଶ୍ୟନ୍ତି ହୃଦୟେ ଲିଙ୍ଗଂ ପରମାନନ୍ଦଲକ୍ଷଣମ୍ ।। ୪୬।।

ଅତ୍ର 'ବ୍ରହ୍ମବିଷ୍ଣୁରୁଦ୍ରେନ୍ଦ୍ରାସ୍ତେ ସମ୍ପ୍ରସୂୟନ୍ତେ' ଇତି ଶ୍ରୁତେଃ କାର୍ଯ୍ୟକୋଟି ପ୍ରବିଷ୍ଟ ରୁଦ୍ରୋ ବିବକ୍ଷିତଃ, ନ ତୁ ତ୍ରିମୂର୍ତ୍ତିକାରଣୀଭୂତ ମହାଲିଙ୍ଗରୁଦ୍ର ଇତ୍ୟନୁସନ୍ଧେୟମ୍ ।। ୪୫-୪୬।।

– ବ୍ରହ୍ମା, ବିଷ୍ଣୁ, ରୁଦ୍ର (ଅବର କୋଟିର ରୁଦ୍ର), ଇନ୍ଦ୍ର ଆଦି ଲୋକପାଳ ମୁନିଗଣ, ସିଦ୍ଧ ଗନ୍ଧର୍ବ, ଦାନବ ତଥା ମାନବ ସମସ୍ତେ ଜ୍ଞାନଯୋଗଦ୍ୱାରା ସମସ୍ତ କାରଣର କାରଣ ପରମାନନ୍ଦସ୍ୱରୂପ ଲିଙ୍ଗର ହୃଦୟରେ ସାକ୍ଷାତ୍କାର କରନ୍ତି ।। ୪୫-୪୬।।

ତସ୍ମାତ୍ ସାଂସାରିକ ଦୁଃଖନିବୃତ୍ତ୍ୟର୍ଥମନ୍ତର୍ଲିଙ୍ଗାନୁସନ୍ଧାନମେବ କୁର୍ଯ୍ୟାଦିତ୍ୟାହ –

ତସ୍ମାତ୍ ସର୍ବପ୍ରଯତ୍ନେନ ଶାଙ୍କରଂ ଲିଙ୍ଗମୁତ୍ତମମ୍ ।
ଅନ୍ତର୍ବିଭାବୟେଦ୍ ବିଦ୍ୱାନଶେଷକ୍ଲେଶମୁକ୍ତୟେ ।। ୪୭।।

ସ୍ପଷ୍ଟମ୍ ।। ୪୭।।

– ଏଥିପାଇଁ ବିଦ୍ୱାନ୍ ସମସ୍ତ କ୍ଲେଶରୁ ମୁକ୍ତି ପାଇଁ ସମ୍ପୂର୍ଣ୍ଣ ପ୍ରୟାସରେ ଉତ୍ତମ ଶିବଲିଙ୍ଗର ଧ୍ୟାନ ନିଜ ଭିତରେ କରିବା ଉଚିତ୍ ।। ୪୭।।

ନନ୍ୱେବଂ ଚେଦ୍ ବାହ୍ୟଲିଙ୍ଗଧାରଣଂ କିମର୍ଥମିତ୍ୟାକାଙ୍କ୍ଷାୟାମାହ –

ଅନ୍ତର୍ଧାରୟିତୁଂ ଲିଙ୍ଗମଶକ୍ତଃ ଶକ୍ତ ଏବ ବା ।
ବାହ୍ୟଂ ଚ ଧାରୟେଲ୍ଲିଙ୍ଗଂ ତଦ୍ରୂପମିତି ନିଶ୍ଚୟାତ୍ ।। ୪୮।।

ଅନ୍ତର୍ଲିଙ୍ଗଧାରଣେ ଯଦ୍ୟଶକ୍ତଃ ଶକ୍ତ ଏବ ବା, ସ୍ଫଟିକଶିଳାଦିନିର୍ମିତ ବାହ୍ୟଲିଙ୍ଗଂ

CC-0. Jangamwadi Math Digital Collection.

ତଦ୍ରୂପମିତି ହୃଦୟକମଳାଶ୍ରିତ ଚିନ୍ମୟମହାଲିଙ୍ଗସ୍ୱରୂପବଦିତି ନିଶ୍ଚୟାତ୍ ସନ୍ଦେହରାହିତ୍ୟେନ ଧାରୟେତ୍ ।

ବିନ୍ଦୁସ୍ୱରୂପାମଳମୂଳପୀଠଂ ନାଦସ୍ୱରୂପଂ ସ୍ଫୁରଦୂର୍ଧ୍ୱପୀଠମ୍ ।
କଳାମୂର୍ତିର୍ଯଗ୍ ଗତ ଗୋମୁଖାଢ୍ୟଂ ଚିଦ୍ରୂପଲିଙ୍ଗଂ ହୃଦୟାବ୍ଜସଂସ୍ଥମ୍ ।।

ଇତି ଶିବାଲୋକବଚନାତ୍ ତଦ୍ରୂପବାହ୍ୟଲିଙ୍ଗମନ୍ତର୍ଲିଙ୍ଗସ୍ମରଣାର୍ଥଂ ବୀରଶୈବୋ ଧାରୟେଦିତ୍ୟର୍ଥଃ ।। ୪୮ ।।

– ଅନ୍ତର୍ଲିଙ୍ଗକୁ ଧାରଣ କରିବାରେ ସମର୍ଥ ହୁଅ ଅଥବା ଅସମର୍ଥ, ବାହ୍ୟଲିଙ୍ଗକୁ ଅନ୍ତର୍ଲିଙ୍ଗର ରୂପ ଭାବି ତାହାର ଧାରଣ ଅବଶ୍ୟ କରିବା ଉଚିତ୍ ।। ୪୮ ।।

ଅଥ ମହାଲିଙ୍ଗଭେଦଂ ନିରୂପୟତି –

ଲିଙ୍ଗଂ ତୁ ତ୍ରିବିଧଂ ପ୍ରୋକ୍ତଂ ସ୍ଥୂଳଂ ସୂକ୍ଷ୍ମଂ ପରାତ୍ପରମ୍ ।
ଇଷ୍ଟ ଲିଙ୍ଗମିଦଂ ସ୍ଥୂଳଂ ଯଦ୍ ବାହ୍ୟେ ଧାର୍ଯତେ ତନୌ ।। ୪୯ ।।
ପ୍ରାଣଲିଙ୍ଗମିଦଂ ସୂକ୍ଷ୍ମଂ ଯଦନ୍ତର୍ଭାବନାମୟମ୍ ।
ପରାତ୍ପରଂ ତୁ ଯତ୍ପ୍ରୋକ୍ତଂ ତୃପ୍ତିଲିଙ୍ଗଂ ତଦୁଚ୍ୟତେ ।। ୫୦ ।।

ଲିଙ୍ଗଂ ତୁ ମହାଲିଙ୍ଗ ମିତ୍ୟର୍ଥଃ, ତତ୍ ସ୍ଥୂଳଂ ସୂକ୍ଷ୍ମଂ ପରାତ୍ପରମିତି ତ୍ରିବିଧମ୍ । ତତ୍ର ଯଦ୍ ବାହ୍ୟେ ତନୌ ଧାର୍ଯତେ, ତଦିଦମିଷ୍ଟଲିଙ୍ଗଂ ସ୍ଥୂଳମ୍ । ଯଦ୍ ଯଲ୍ଲିଙ୍ଗମନ୍ତଃ ହୃଦୟକମଳେ ଭାବନାମୟଂ ସନ୍ମାତ୍ରଭାବନାରୂପଂ ତତ୍ପ୍ରାଣଲିଙ୍ଗଂ ସୂକ୍ଷ୍ମମ୍, ଯଦ୍ ଯଲ୍ଲିଙ୍ଗଂ ପରାତ୍ପରମିତି ପ୍ରୋକ୍ତଂ ତତ୍ ତୃପ୍ତିଲିଙ୍ଗମିତ୍ୟୁଚ୍ୟତ ଇତ୍ୟର୍ଥଃ ।। ୪୯–୫୦ ।।

– ଏହି ଲିଙ୍ଗ ସ୍ଥୂଳ, ସୂକ୍ଷ୍ମ, ପରାତ୍ପର ଭେଦରେ ତିନି ପ୍ରକାରର କୁହାଯାଇଛି। ଯାହା ବାହାର ଶରୀରରେ ଧାରଣ କରାଯାଏ, ସେହି ଇଷ୍ଟଲିଙ୍ଗ ସ୍ଥୂଳ ଅଟେ । ପ୍ରାଣଲିଙ୍ଗ ସୂକ୍ଷ୍ମ ଅଟେ, ଯାହା ଅନ୍ତର୍ଭାବନା ରୂପ ଅଟେ । ଯାହାକୁ ପରାତ୍ପର ଲିଙ୍ଗ କୁହାଯାଏ, ତାହାକୁ ତୃପ୍ତିଲିଙ୍ଗ କୁହାଯାଏ ।। ୪୯–୫୦ ।।

ନନ୍ୱିଦଂ ସ୍ଥୂଳଲିଙ୍ଗଂ କିମର୍ଥଂ ଧାରଣୀୟମିତ୍ୟତ୍ରାହ –

ଭାବନାତୀତ ମବ୍ୟକ୍ତଂ ପରବ୍ରହ୍ମ ଶିବାଭିଧମ୍ ।
ଇଷ୍ଟଲିଙ୍ଗ ମିଦଂ ସାକ୍ଷାଦନିଷ୍ଟପରିହାରତଃ ।
ଧାରୟେଦବଧାନେନ ଶରୀରେ ସର୍ବଦା ବୁଧଃ ।। ୫୧ ।।

ଅବ୍ୟକ୍ତଂ ରୂପାଦ୍ୟଭାବାଦବାହ୍ୟେନ୍ଦ୍ରିୟଗୋଚରମ୍, ସମଳମାନସବୃତ୍ୟଗମ୍ୟତ୍ୱାତ୍, ଭାବନାତୀତଂ ଶିବାଭିଧଂ ପରବ୍ରହ୍ମ ନିଗମାଗମପ୍ରସିଦ୍ଧଶିବାଖ୍ୟପରବ୍ରହ୍ମୈବ, ଅନିଷ୍ଟପରିହାରତଃ ସଂସାରପାଶଲକ୍ଷଣାନିଷ୍ଟପରିହାରତଃ, ଇଷ୍ଟରୂପପରାତ୍ପରମୁକ୍ତି–ପ୍ରଦାନତଃ, ସାକ୍ଷାତ୍

CC-0. Jangamwadi Math Digital Collection.

ପ୍ରତ୍ୟକ୍ଷୀଭୂତେଷ୍ଟଲିଙ୍ଗମିଦମ୍ – 'ଇଷ୍ଟମୂର୍ଜଂ ତପସାନୁଯଚ୍ଛତି' ଇତ୍ୟଥର୍ବଶିରଃ ସିଦ୍ଧଂ ଲିଙ୍ଗଂ ବୁଧୋ ନିଗମାଗମନିପୁଣଃ, ଶରୀରେ ସାବଧାନେନ ସଦା ଧାରୟେଦିତ୍ୟର୍ଥଃ ।। ୫୧ ।।

– ଭାବନାରୁ ଉର୍ଦ୍ଧ୍ୱ ଅତଏବ ଅବ୍ୟକ୍ତ ଶିବ ନାମକ ପରବ୍ରହ୍ମ ଅନିଷ୍ଟକୁ ପରିହାର କରୁଥିବାରୁ ସାକ୍ଷାତ୍ ଇଷ୍ଟଲିଙ୍ଗ ଅଟନ୍ତି । ବିଦ୍ୱାନ୍ ସାବଧାନ ହୋଇ ସର୍ବଦା ଏହାକୁ ଶରୀରରେ ଧାରଣ କରିବା ଉଚିତ୍ ।। ୫୧ ।।

ଅଥେଦମିଷ୍ଟଲିଙ୍ଗଂ ଶରୀରେ କୁତ୍ର ଧାରଣୀୟ ମିତ୍ୟତ୍ରାହ –

ମୂର୍ଧ୍ନି ବା କଣ୍ଠଦେଶେ ବା କକ୍ଷେ ବକ୍ଷଃସ୍ଥଳେଽପି ବା ।
କୁକ୍ଷୌ ହସ୍ତସ୍ଥଳେ ବାପି ଧାରୟେଲ୍ଲିଙ୍ଗମୈଶ୍ୱରମ୍ ।। ୫୨ ।।

ସ୍ୱଷ୍ଟମ୍ ।। ୫୨ ।।

– ଶିରୋପରି (ମୁଣ୍ଡ ଉପରେ), କଣ୍ଠରେ, ପାର୍ଶ୍ୱରେ ଅଥବା ବକ୍ଷସ୍ଥଳରେ, କୁକ୍ଷି ଅର୍ଥାତ୍ ପେଟ ଉପରେ ଅଥବା ହାତରେ ଶିବଲିଙ୍ଗକୁ ଧାରଣ କରିବା ଉଚିତ୍ ।। ୫୨ ।।

ଅଥ ନିଷେଧସ୍ଥାନମାହ –

ନାଭେରଧସ୍ତାଲ୍ଲିଙ୍ଗସ୍ୟ ଧାରଣଂ ପାପକାରଣମ୍ ।
ଜଟାଗ୍ରେ ତ୍ରିକଭାଗେ ଚ ମଳସ୍ଥାନେ ନ ଧାରୟେତ୍ ।। ୫୩ ।।

ତ୍ରିକଭାଗଃ ପୃଷ୍ଟଭାଗ ଇତ୍ୟର୍ଥଃ । ଶିଷ୍ଟଂ ସ୍ୱଷ୍ଟମ୍ ।। ୫୩ ।।

– ନାଭି ତଳେ ଲିଙ୍ଗକୁ ଧାରଣ କରିବା ପାପର କାରଣ ଅଟେ । ଜଟାର ଅଗ୍ରଭାଗରେ, ପୃଷ୍ଟ ଭାବରେ ତଥା ମଳସ୍ଥାନରେ ଲିଙ୍ଗର ଧାରଣ କରିବା ଉଚିତ୍ ।। ୫୩ ।।

ଅଥେଦଂ ଲିଙ୍ଗଂ କୁତ୍ର ପୂଜନୀୟମିତ୍ୟତ୍ରାହ –

ଲିଙ୍ଗଧାରୀ ସଦା ଶୁଦ୍ଧୋ ନିଜଲିଙ୍ଗଂ ମନୋରମମ୍ ।
ଅର୍ଚ୍ଚୟେତ୍ ଗନ୍ଧପୁଷ୍ପାଦୈଃ କରପୀଠେ ସମାହିତଃ ।। ୫୪ ।।

ସ୍ୱଷ୍ଟମ୍ ।। ୫୪ ।।

– ଲିଙ୍ଗ ଧାରଣ କରୁଥିବା ବ୍ୟକ୍ତି ସଦା ଶୁଦ୍ଧ ଅଟେ । (ସେହି ବ୍ୟକ୍ତି) ସମାହିତ ଅର୍ଥାତ୍ ଏକାଗ୍ରଚିତ୍ତ ହୋଇ ନିଜର ମନୋରମ ଲିଙ୍ଗକୁ କରରୂପୀ ପୀଠ ଉପରେ ଗନ୍ଧ-ପୁଷ୍ପ ଆଦିରେ ପୂଜା କରିବା ଉଚିତ୍ ।। ୫୪ ।।

ବାହ୍ୟପୀଠାର୍ଚ୍ଚନାଦେତତ୍ କରପୀଠାର୍ଚ୍ଚନଂ ବରମ୍ ।
ସର୍ବେଷାଂ ବୀରଶୈବାନାଂ ମୁମୁକ୍ଷୂଣାଂ ନିରନ୍ତରମ୍ ।। ୫୫ ।।

ସ୍ୱଷ୍ଟମ୍ ।। ୫୫ ।।

CC-0. Jangamwadi Math Digital Collection.

– ମୋକ୍ଷାର୍ଥି ସମସ୍ତ ବୀରଶୈବଙ୍କ ପାଇଁ କରପୀଠାର୍ଚ୍ଚନ ବାହ୍ୟପୀଠାର୍ଚ୍ଚନ ଅପେକ୍ଷା ସଦା ଶ୍ରେଷ୍ଠ ଅଟେ ।। ୫୫।।

ଅଥେଦଂ ଲିଙ୍ଗଧାରଣଂ କୈରଙ୍ଗୀକୃତମିତ୍ୟତ୍ରାହ –

ବ୍ରହ୍ମ ବିଷ୍ଣ୍ୱାଦୟୋ ଦେବା ମୁନୟୋ ଗୌତମାଦୟଃ ।
ଧାରୟନ୍ତି ସଦା ଲିଙ୍ଗମୁତ୍ତମାଙ୍ଗେ ବିଶେଷତଃ ।। ୫୬।।
ଲକ୍ଷ୍ମ୍ୟାଦିଶକ୍ତୟଃ ସର୍ବାଃ ଶିବଭକ୍ତିକବିଭାବିତାଃ ।
ଧାରୟନ୍ତ୍ୟଳିକାଗ୍ରେଷୁ ଶିବଲିଙ୍ଗମହର୍ନିଶମ୍ ।। ୫୭।।

ଅନେନ ସ୍ତ୍ରୀପୁରୁଷୟୋରପି ଲିଙ୍ଗଧାରଣମୁକ୍ତଂ ଭବତି ।। ୫୬-୫୭।।

– ବ୍ରହ୍ମା, ବିଷ୍ଣୁ ଆଦି ଦେବତାଗଣ, ଗୌତମ ଆଦି ମୁନିବୃନ୍ଦ, ବିଶେଷରୂପେ ଏହି ଲିଙ୍ଗକୁ ଉତ୍ତମାଙ୍ଗ ଅର୍ଥାତ୍ ଶୀର୍ଷରେ ଧାରଣ କରନ୍ତି । ଶିବଭକ୍ତିରେ ପରିପୂର୍ଣ୍ଣ ଲକ୍ଷ୍ମୀ ଆଦି ସମସ୍ତ ଶକ୍ତି ଏହି ଶିବଲିଙ୍ଗକୁ ଦିନରାତି ମସ୍ତକରେ ଧାରଣ କରନ୍ତି ।। ୫୬-୫୭।।

ଅଥେଦଂ ଲିଙ୍ଗଧାରଣଂ କୁତ୍ରୋକ୍ତମିତ୍ୟାହ –

ବେଦଶାସ୍ତ୍ରପୁରାଣେଷୁ କାମିକାଦ୍ୟାଗମେଷୁ ଚ ।
ଲିଙ୍ଗଧାରଣମାଖ୍ୟାତଂ ବୀରଶୈବସ୍ୟ ନିଶ୍ଚୟାତ୍ ।। ୫୮।।

– ବେଦ, ଶାସ୍ତ୍ର, ପୁରାଣ ତଥା କାମିକ ଆଦି ଆଗମମାନଙ୍କରେ ବୀରଶୈବ ପାଇଁ ଲିଙ୍ଗଧାରଣ ଆବଶ୍ୟକ କୁହାଯାଇଛି ।। ୫୮।।

ଅଥ ଶ୍ରୁତୌ କୁତ୍ର ପ୍ରସିଦ୍ଧମିତ୍ୟତ୍ରାହ –

ଋଗିତ୍ୟାହ ପବିତ୍ରଂ ତେ ବିତତଂ ବ୍ରହ୍ମଣସ୍ପତେ ।
ତସ୍ମାତ୍ ପବିତ୍ରଂ ତଲ୍ଲିଙ୍ଗଂ ଧାର୍ଯ୍ୟଂ ଶୈବମନାମୟମ୍ ।। ୫୯।।

'ପବିତ୍ରଂ ତେ ବିତତଂ ବ୍ରହ୍ମଣସ୍ପତେ' ଇତି ଋଗ୍‌ବେଦ ଆହ । ଭୋ ବ୍ରହ୍ମଣସ୍ପତେ ତେ ତବ ଲିଙ୍ଗମିତି ଶେଷଃ । ବିତତଂ ଶିବାଦିଭୂମ୍ୟନ୍ତଂ ବିସ୍ତୃତଂ, ପବିତ୍ରଂ ପାବନଂ, ତସ୍ମାଦ୍ ଅନାମୟଂ ଦୋଷରହିତଂ ଶୈବଂ ତଲ୍ଲିଙ୍ଗଂ ଧାରୟେଦିତ୍ୟର୍ଥଃ ।। ୫୯।।

– ଋଗ୍‌ବେଦ କହିଛି– 'ହେ ବ୍ରହ୍ମଣସ୍ପତେ' (ବ୍ରହ୍ମନ୍) ଏହି ଶିବଲିଙ୍ଗ ବିତତ ଅର୍ଥାତ୍ ଶିବାଦି ଧରଣୀ ଅନ୍ତଃ ଛତିସ ତତ୍ତ୍ୱରେ ବ୍ୟାପ୍ତ ଅଟେ । ଏଣୁ ତୁମ ପାଇଁ ପବିତ୍ର । ଏହି କାରଣରୁ ଅନାମୟ ଶିବଲିଙ୍ଗ ଧାରଣ କରିବା ଉଚିତ୍ ।। ୫୯।।

ନନୁ କିମସ୍ୟ ଧାରଣେନେତ୍ୟାହ –

ବ୍ରହ୍ମେତି ଲିଙ୍ଗମାଖ୍ୟାତଂ ବ୍ରହ୍ମଣଃ ପତିରୀଶ୍ୱରଃ ।
ପବିତ୍ରଂ ତଦ୍ଧି ବିଖ୍ୟାତଂ ତତ୍‌ସମ୍ପର୍କାତ୍ତନୁଃ ଶୁଚିଃ ।। ୬୦।।

CC-0. Jangamwadi Math Digital Collection.

ତତ୍ ପବିତ୍ରମିତି ତତ୍‌ସମ୍ପର୍କାତ୍ ତନୁଃ ଶରୀରଂ ପବିତ୍ରଂ ଭବତୀତ୍ୟର୍ଥଃ ।। ୬୦।।

– ଲିଙ୍ଗକୁ ବ୍ରହ୍ମ କୁହାଯାଇଛି । ବ୍ରହ୍ମାଙ୍କର ପତି ଅର୍ଥାତ୍ ଈଶ୍ୱର ଶିବ ଅଟନ୍ତି। ଏହିପରି ଲିଙ୍ଗକୁ ପବିତ୍ର କୁହାଯାଇଛି । ତାହାର ସମ୍ପର୍କରେ ଆସି ତାହାକୁ ଧାରଣ କରିଥିବା ବ୍ୟକ୍ତି ମଧ୍ୟ ପବିତ୍ର ହୋଇଯାଏ ।। ୬୦।।

ଅଥୈତାଦୃଶଂ ଲିଙ୍ଗଂ ଦୀକ୍ଷୟା ରହିତୋ ନ ଧାରୟେଦିତ୍ୟାହ –

ଅତପ୍ତତନୁରଜ୍ଞୋ ବୈ ଆମଃ ସଂସ୍କାରବର୍ଜିତଃ ।
ଦୀକ୍ଷୟା ରହିତଃ ସାକ୍ଷାନ୍ନାପ୍ନୁୟାଲ୍ଲିଙ୍ଗମୁତ୍ତମମ୍ ।। ୬୧।।

ଅତପ୍ତତନୁଃ ତପୋରହିତଦେହଃ, ଆମଃ ଅପରିପକ୍ୱଃ, ଅବୈରାଗ୍ୟଶୀଳ ଇତ୍ୟର୍ଥଃ ସଂସ୍କାରବର୍ଜିତଃ ଶିବସଂସ୍କାରରହିତଃ, ଅଜ୍ଞଃ ନିତ୍ୟାନିତ୍ୟବସ୍ତୁ ବିବେକଶୂନ୍ୟଃ, ଦୀକ୍ଷୟା ରହିତଃ, ସାକ୍ଷାତ୍ ପ୍ରତ୍ୟକ୍ଷମ୍ ଉତ୍ତମଂ ଶ୍ରେଷ୍ଠଲିଙ୍ଗଂ ନାପ୍ନୁୟାଦ୍ ନ ଧାରୟେତ୍। ଅସ୍ମିନ୍ନର୍ଥେ – 'ଅତପ୍ତତନୂର୍ନ ତଦାମୋ ଅଶ୍ନୁତେ[୯୩]' ଇତି ଶ୍ରୁତିଃ । ତଦ୍ ଆମ ଇତି ବିଚ୍ଛେଦଃ, ତଦ୍ ତଲ୍ଲିଙ୍ଗମିତ୍ୟର୍ଥଃ । ଅନେନ ସୁପ୍ରସନ୍ନେନ ଗୁରୁଣା ଦତ୍ତଂ ଲିଙ୍ଗମେବ ଭୋଗମୋକ୍ଷପ୍ରଦମ୍, ସ୍ୱେଚ୍ଛୟା ଧୃତଂ ବିଫଳମିତି ସୂଚିତମ୍ ।। ୬୧।।

– ତପସ୍ୟା ରହିତ ଅଜ୍ଞାନୀ ଆମ–କଞ୍ଚା ଅର୍ଥାତ୍ ଅପରିପକ୍ୱ ଅନ୍ତଃକରଣବାଲା ସଂସ୍କାରହୀନ ତଥା ଦୀକ୍ଷା ରହିତ ମନୁଷ୍ୟ ସ୍ୱତଃ ଉତ୍ତମ ଲିଙ୍ଗକୁ ଧାରଣ କରିବା ଉଚିତ୍ ନୁହେଁ । ସ୍ୱେଚ୍ଛୟା ଲିଙ୍ଗଧାରଣ ପାପାସ୍ପଦ ହୋଇଥାଏ ।। ୬୧।।

ଅଥ ଲିଙ୍ଗଧାରଣେ ଯାଜୁଷୀ ଶ୍ରୁତିରପ୍ୟସ୍ତୀତ୍ୟାହ –

ଅଘୋରା ପାପକାଶୀତି ଯା ତେ ରୁଦ୍ରଶିବା ତନୂଃ ।
ଯଜୁଷା ଗୀୟତୋ ଯସ୍ମାତ୍ ତସ୍ମାଚ୍ଛୈବୋଽଘବର୍ଜିତଃ ।। ୬୨।।

'ଯା ତେ ରୁଦ୍ର ଶିବା ତନୂରଘୋରା ପାପକାଶିନୀ[୯୪]' ଇତି ଶ୍ରୀରୁଦ୍ରଶ୍ରୁତିଃ । ଅସ୍ୟାଃ ଶ୍ରୁତେରୟମର୍ଥଃ – ଭୋ ରୁଦ୍ର, ତେ ତବ, ଶିବା ମଙ୍ଗଳସ୍ୱରୂପା, ଯା ତନୂଃ, 'ଲିଙ୍ଗଂ ତୁ ଶିବୟୋର୍ଦେହଃ' ଇତ୍ୟାଗମୋକ୍ତେଃ ଶିବଶକ୍ତ୍ୟା(ତ୍ମିକା) ଲିଙ୍ଗମୂର୍ତ୍ତିଃ, ସା ଅଘୋରା ଶାନ୍ତା, ଅପାପକାଶୀ ଅପାପେଷୁ ଭକ୍ତେଷୁ କାଶତ ଇତି ଅପାପକାଶୀ, ଇଷ୍ଟଲିଙ୍ଗରୂପେଣ ତତ୍ର ସ୍ଥିତା, ଇତି ଯଜୁଷା ଯଜୁର୍ବେଦେନ, ଯସ୍ମାଦ୍ ଗୀୟତେ, ତସ୍ମାତ୍ ଶୈବଃ ଶିବଲିଙ୍ଗସମ୍ବନ୍ଧୀ, ଅଘବର୍ଜିତଃ ପାପରହିତ ଇତ୍ୟର୍ଥଃ ।। ୬୨।।

---

୯୩. ଋ. ସଂ., ୯/୮୩/୧

୯୪. ଯା ତେ ରୁଦ୍ର ଶିବା ତନୂରଘୋରାଽପାପକାସିନୀ ।
ତୟା ନସ୍ତନ୍ୱା ଶନ୍ତମୟା ଗିରିଶନ୍ତାଭିଚାକଶୀହି ।। (ବା. ସଂ., ୧୬/୨)

CC-0. Jangamwadi Math Digital Collection.

– ଯଜୁର୍ବେଦ କହୁଛି – ହେ ରୁଦ୍ର ! ଆପଣଙ୍କର ଶରୀର ଅଘୋର, ପାପରହିତ ଏବଂ ମଙ୍ଗଳକାରୀ ଅଟେ । ଏଣୁ ଲିଙ୍ଗକୁ ଧାରଣ କରିବାବାଲା ଶିବ ଉପାସକ ନିଷ୍ପାପ ଅଟେ ।। ୬୨ ।।

ଅଥ ଲିଙ୍ଗଧାରଣସ୍ଥଲଂ ସମାପ୍ୟ ତତ୍‌ସମ୍ପନ୍ନସ୍ୟ ଭସ୍ମଧାରଣସ୍ଥଲଂ ସୂଚୟତି –

ଯୋ ଲିଙ୍ଗଧାରୀ ନିୟତାନ୍ତରାତ୍ମା
ନିତ୍ୟଂ ଶିବାରାଧନବଦ୍ଧଚିତ୍ତଃ ।
ସ ଧାରୟେତ୍ ସର୍ବମଳାପହତ୍ୟୈ
ଭସ୍ମାମଳଂ ଚାରୁ ଯଥା ପ୍ରୟୋଗମ୍ ।। ୬୩ ।।

ଯଃ ପୁରୁଷଃ ଲିଙ୍ଗଧାରୀ ଲିଙ୍ଗଧାରଣସମ୍ପନ୍ନଃ, ନିୟତାନ୍ତରାତ୍ମା ନିର୍ମଳାନ୍ତଃକରଣଃ, ନିତ୍ୟଂ ଶିବପୂଜାବଦ୍ଧଚିତ୍ତଃ, ସ ଶିବଲିଙ୍ଗଧାରକଃ ସର୍ବମଳାପହତ୍ୟୈ ସର୍ବଦୋଷନିବୃତ୍ତ୍ୟୈ ଚାରୁ ମନୋହରମ୍, ଅମଳଂ ନିର୍ମଳଂ ଭସ୍ମ ଯଥାପ୍ରୟୋଗଂ ଶାସ୍ତ୍ରୋକ୍ତପ୍ରକାରେଣ ଧାରୟେଦିତ୍ୟର୍ଥଃ ।। ୬୩ ।।

– ଯେଉଁ ଲିଙ୍ଗଧାରୀ, ସଂଯତଚିତ୍ତ ବ୍ୟକ୍ତି ନିତ୍ୟ ଶିବାରାଧନାରେ ଦତ୍ତପ୍ରାଣ, ସେ ସମସ୍ତ ପାପକୁ ନାଶ କରିବା ପାଇଁ ସୁନ୍ଦର ଏବଂ ନିର୍ମଳ ଭସ୍ମକୁ ବିଧି–ବିଧାନ ସହିତ ଧାରଣ କରିବା ଉଚିତ୍ ।। ୬୩ ।।

ଇତି ଶ୍ରୀବୀରଶୈବଧର୍ମନିର୍ଣ୍ଣୟୋ ସିଦ୍ଧାନ୍ତଶିଖାମଣୌ ଭକ୍ତସ୍ଥଳେ ଗୁରୁକାରୁଣ୍ୟ ଲିଙ୍ଗଧାରଣପ୍ରସଙ୍ଗୋ ନାମ ଷଷ୍ଠଃ ପରିଚ୍ଛେଦଃ (୬)

ଶ୍ରୀମତ୍ ପଦବାକ୍ୟପ୍ରମାଣପାରାବାରଧୁରୀଣଶ୍ରୀମରିତୋଣ୍ଟଦାର୍ଯ୍ୟେଣ ବିରଚିତାୟାଂ ତତ୍ତ୍ୱପ୍ରଦୀପିକାଖ୍ୟାୟାଂ ସିଦ୍ଧାନ୍ତଶିଖାମଣିବ୍ୟାଖ୍ୟାୟାଂ ଭକ୍ତସ୍ଥଳେ ଗୁରୁକାରୁଣ୍ୟଲିଙ୍ଗଧାରଣ–ପ୍ରସଙ୍ଗୋ ନାମ ଷଷ୍ଠଃ ପରିଚ୍ଛେଦଃ (୬)

– ଏହିପରି ଶ୍ରୀସିଦ୍ଧାନ୍ତଶିଖାମଣିର ଗୁରୁକାରୁଣ୍ୟଲିଙ୍ଗଧାରଣପ୍ରସଙ୍ଗ ନାମକ ଷଷ୍ଠ ପରିଚ୍ଛେଦର ଆଚାର୍ଯ୍ୟ ରାଧେଶ୍ୟାମ ଚତୁର୍ବେଦୀକୃତ 'ଜ୍ଞାନବତୀ' ହିନ୍ଦୀ ବ୍ୟାଖ୍ୟାର ଓଡ଼ିଆ ଅନୁବାଦ ସମ୍ପୂର୍ଣ୍ଣ ହେଲା ।। ୬ ।।

❖❖❖

CC-0. Jangamwadi Math Digital Collection.

ସପ୍ତମଃ ପରିଚ୍ଛେଦଃ

ଅଥ 'ଭୂତ୍ୟୈ ନ ପ୍ରମଦିତବ୍ୟମ୍[୯୫]' ଇତି ଶ୍ରୁତିପ୍ରସିଦ୍ଧଭସ୍ମଧାରଣସ୍ଥଲଂ ନିରୂପୟତି ଶ୍ରୀରେଣୁକଃ । ଅତ୍ରାଦୌ ନିରୂପାଧିକଭସ୍ମଧାରଣଂ ସୂତ୍ରଦ୍ୱୟେନ ନିରୂପୟତି –

ଭସ୍ମଧାରଣସଂଯୁକ୍ତଃ ପବିତ୍ରୋ ନିୟତାଶୟଃ ।
ଶିବାଭିଧାନଂ ଯଦ୍ ପ୍ରୋକ୍ତଂ ଭାସନାଦ୍ଭସିତଂ ତଥା ।। ୧ ।।
ମହାଭସ୍ମେତି ସଞ୍ଚିନ୍ତ୍ୟ ମହାଦେବଂ ପ୍ରଭାମୟମ୍ ।
ବର୍ତ୍ତନ୍ତେ ଯେ ମହାଭାଗା ମୁଖ୍ୟାସ୍ତେ ଭସ୍ମଧାରିଣଃ ।। ୨ ।।

ଭସ୍ମଧାରଣସଂଯୁକ୍ତଃ ଶିବଲିଙ୍ଗଧାରକଃ, ନିୟତାଶୟଃ – 'ଭସ୍ମଧ୍ୟାନାତ୍ ସନ୍ଧାନଂ ଭବତି, ଭସ୍ମଧ୍ୟାନାତ୍ ପଞ୍ଚାକ୍ଷରୀ ସ୍ମରଣଂ ଭବତି ତସ୍ମାଦ୍ ଧ୍ୟାନାତ୍ ସ୍ଥାଣୁତ୍ୱଂ ଚ ଗଚ୍ଛତି । ସ ଏଷ ଭସ୍ମଜ୍ୟୋତିଃ' ଇତି ଭସ୍ମଜାବାଲଶ୍ରୁତେ[୯୬]ର୍ଭସ୍ମଜ୍ୟୋତିର୍ଲିଙ୍ଗମୟମିତି ନିୟମିତଚିତ୍ତଃ ସନ୍ ପବିତ୍ରଃ ଶୁଦ୍ଧୋ ଯଦ୍ ଭସ୍ମଜ୍ୟୋତିର୍ଲିଙ୍ଗଂ ଶିବାଭିଧାନଂ ପରଶିବପରବ୍ରହ୍ମାଭିଧାନଂ ସଦ୍ ପ୍ରୋକ୍ତମିତି ପ୍ରଭାମୟଂ ଜ୍ୟୋତିର୍ଲିଙ୍ଗସ୍ୱରୂପମ୍, ତଂ ମହାଦେବଂ ଭାସନାତ୍ ପ୍ରକାଶନାଦ୍ ଭସିତଂ ଭସିତମିତି ତଥା ମହାଭସ୍ମେତି ସଞ୍ଚିନ୍ତ୍ୟ ମହାଭାଗାଃ ଶ୍ରେଷ୍ଠା ଯେ କେଚିଲ୍ଲିଙ୍ଗ ଧାରକା ବର୍ତ୍ତନ୍ତେ, ତେ ମୁଖ୍ୟା ମୁଖ୍ୟ ଭସ୍ମଧାରିଣୋ ନିରୁପାଧିକ ଭସ୍ମଧାରିଣ ଇତ୍ୟର୍ଥଃ ।। ୧ – ୨ ।।

ଭସ୍ମଧାରଣସ୍ଥଳ ବର୍ଣ୍ଣନ –

ଭସ୍ମଧାରଣ ଯୁକ୍ତ ମନୁଷ୍ୟ ନିଶ୍ଚିତ ଆଶୟବାଲା ତଥା ପବିତ୍ର ହୋଇଥାଏ । ଯେଉଁ ଶିବଙ୍କର (ପଞ୍ଚାକ୍ଷର ମନ୍ତ୍ର ରୂପ) ନାମ କୁହାଯାଇଛି (ତାହା ଶିବଙ୍କର) ଭାସନ ଅର୍ଥାତ୍ ପ୍ରକାଶନ କରୁଥିବାରୁ ତାହା ଭସିତ ଅର୍ଥାତ୍ ମହାଭସ୍ମ ଅଟେ । ଏହିପରି ପ୍ରଭାମୟ ମହାଦେବଙ୍କର ଯେଉଁ ଲୋକମାନେ ଧ୍ୟାନ କରି (ମନ୍ତ୍ର ଜପ ଆଦି) ଅନ୍ୟ କାମ କରନ୍ତି ସେମାନେ ହେଉଛନ୍ତି ମୁଖ୍ୟ ଭସ୍ମଧାରୀ ।। ୧ – ୨ ।।

ଅଥ ସୋପାଧିକଭସ୍ମ ସ୍ୱରୂପଂ ନିରୂପୟତି –

ଶିବାଗ୍ନ୍ୟାଦିସମୁତ୍ପନ୍ନଂ ମନ୍ତ୍ରନ୍ୟାସାଦିଯୋଗତଃ ।
ତଦୁପାଧିକମିତ୍ୟାହୁର୍ଭସ୍ମତନ୍ତ୍ରବିଶାରଦାଃ ।। ୩ ।।

ଯଦ୍ ଭସ୍ମ ମନ୍ତ୍ରନ୍ୟାସାଦିଯୋଗତଃ ପଞ୍ଚବ୍ରହ୍ମମନ୍ତ୍ରନ୍ୟାସାଦି ସମ୍ବନ୍ଧାତ୍

---

୯୫. ତୈ. ଉ., ୧୧/୧
୯୬. ଅୟମୁଦ୍ଧୃତାଂଶୋ ଭସ୍ମଜାବାଲୋପନିଷଦି ନ ପ୍ରାପ୍ୟତେ ।

CC-0. Jangamwadi Math Digital Collection.

ଶିବାଗ୍ନ୍ୟାଦିସମୁଦ୍-ପନ୍ନଂ ଶିବମନ୍ତ୍ରସଂସ୍କୃତାଗ୍ନିସମୁଦ୍ପନ୍ନଂ ଭବତି, ତଦ୍ ତଦ୍ ଭସ୍ମ ତନ୍ତ୍ର ବିଶାରଦାଃ ଶିବାଗମପ୍ରବୀଣା ଉପାଧିକଂ ଭସ୍ମ ସୋପାଧିକଂ ଭସ୍ମେତ୍ୟାହୁରିତ୍ୟର୍ଥଃ ।। ୩।।

– ମନ୍ତ୍ରନ୍ୟାସ ଆଦି ଯୋଗରେ ଶିବାଗ୍ନିରୁ ଉତ୍ପନ୍ନ ଭସ୍ମକୁ ଶାସ୍ତ୍ରଜ୍ଞ ବିଦ୍ୱାନ୍ ସୋପାଧିକ ଭସ୍ମ କୁହନ୍ତି ।। ୩।।

ଅଥାସ୍ୟ ଭସ୍ମନଃ କାରଣଭେଦେନ ନାମପଞ୍ଚକମସ୍ତୀତ୍ୟାହ –

ବିଭୂତିର୍ଭସିତଂ ଭସ୍ମ କ୍ଷାରଂ ରକ୍ଷେତି ଭସ୍ମନଃ ।
ଏତାନି ପଞ୍ଚନାମାନି ହେତୁଭିଃ ପଞ୍ଚଭିର୍ଭୃଶମ୍ ।। ୪।।

ସ୍ୱଷ୍ଟମ୍ ।। ୪।।

– ଭସ୍ମର ବିଭୂତି, ଭସିତ, ଭସ୍ମ, କ୍ଷାର ଓ ରକ୍ଷା – ଏହି ପାଞ୍ଚଟି ନାମ ନିଶ୍ଚିତ ଭାବରେ ପାଞ୍ଚଟି କାରଣରୁ ହୋଇଛି ।। ୪।।

ତଦ୍ କାରଣମନ୍ୱର୍ଥନାମ କୃତ୍ୱା କଥୟତି –

ବିଭୂତିର୍ଭୂତିହେତୁତ୍ୱାଦ୍ ଭସିତଂ ତତ୍ତ୍ୱଭାସନାଦ୍ ।
ପାପାନାଂ ଭର୍ସନାଦ୍ ଭସ୍ମକ୍ଷରଣାଦ୍ କ୍ଷାରମାପଦାମ୍ ।। ୫।।
ରକ୍ଷଣାଦ୍ ସର୍ବଭୂତେଭ୍ୟୋ ରକ୍ଷେତି ପରିଗୀୟତେ ।

ଅଣିମାଦ୍ୟଷ୍ଟୈଶ୍ୱର୍ଯ୍ୟକାରଣତ୍ୱାଦ୍ ବିଭୂତିଃ ଶିବତତ୍ତ୍ୱପ୍ରକାଶନାଦ୍ ଭସିତମ୍, ପାପାନାଂ ମନୋବାକ୍ କାୟଜନ୍ୟାନାଂ ଭର୍ସନାଦ୍ ଭୟୋତ୍ପାଦନାଦ୍ ଭସ୍ମ, ଆପଦାଂ ତାପ-ତ୍ରୟୋତ୍ପନ୍ନବିପଦାଂ କ୍ଷାରଣାଦ୍ କ୍ଷୟୀକରଣାତ୍ କ୍ଷାରମ୍, ସର୍ବଭୂତେଭ୍ୟୋ ଗ୍ରହଯକ୍ଷାଦିଭ୍ୟୋ (ରକ୍ଷଣାତ୍) ରକ୍ଷେତି ପରିଗୀୟତ ଇତ୍ୟର୍ଥଃ ।। ୫।।

– ଭୂତି ଅର୍ଥାତ୍ ଐଶ୍ୱର୍ଯ୍ୟର କାରଣ ହୋଇଥିବାରୁ ଏହାକୁ ବିଭୂତି କୁହାଯାଏ। ଭସିତ ନାମର ତତ୍ତ୍ୱ ହେଉଛି ଭାସନ କରିବା। ପାପର ଭର୍ସନ (ନାଶ) କରୁଥିବାରୁ ଏହା ଭସ୍ମ ଏବଂ ଆପତ୍ତିଗୁଡ଼ିକର କ୍ଷରଣ କରୁଥିବାରୁ କ୍ଷାର କୁହାଯାଏ । ସମସ୍ତ ପ୍ରାଣୀଙ୍କର ରକ୍ଷା କରୁଥିବାରୁ ଏହାକୁ ରକ୍ଷା କୁହାଯାଏ ।। ୫-୬।।

ନନ୍ୱେକବିଧକ୍ରିୟାଭେଦଃ କିଂ ନିବନ୍ଧନ ଇତ୍ୟତ୍ର ଗୋମୂଳକ ଇତ୍ୟାହ –

ନନ୍ଦା ଭଦ୍ରା ଚ ସୁରଭିଃ ସୁଶୀଳା ସୁମନାସ୍ତଥା ।। ୬।।
ପଞ୍ଚ ଗାବୋ ବିଭୋର୍ଜାତାଃ ସଦ୍ୟୋଜାତାଦିବକ୍ତ୍ରତଃ ।

ଶିବସ୍ୟ ସଦ୍ୟୋଜାତମୁଖାନ୍ନନ୍ଦା, ବାମଦେବବଦନାଦ୍ ଭଦ୍ରା, ଅଘୋରାସ୍ୟାଦ୍ ସୁରଭିଃ ତତ୍ପୁରୁଷବକ୍ତ୍ରାଦ୍ ସୁଶୀଳା, ଈଶାନାନନାଦ୍ ସୁମନାଃ। ଏବଂ ପଞ୍ଚ ଗାବୋ ଜାତାଃ। ତତ୍କୃତୋଦ୍ଧୟଂ କାର୍ଯ୍ୟଭେଦ ଇତ୍ୟର୍ଥଃ ।। ୬।।

CC-0. Jangamwadi Math Digital Collection.

– ନନ୍ଦା, ଭଦ୍ରା, ସୁରଭି, ସୁଶୀଳା ଓ ସୁମନା – ଏହି ପାଞ୍ଚଟି ଗାଈ ପରମେଶ୍ୱରଙ୍କର ସଦ୍ୟୋଜାତ ଆଦି ପାଞ୍ଚଟି ମୁଖରୁ ଉତ୍ପନ୍ନ ହୋଇଛନ୍ତି । (ସେଥି ମଧ୍ୟରୁ ସଦ୍ୟୋଜାତ ରୁ ନନ୍ଦା, ବାମଦେବରୁ ଭଦ୍ରା, ଅଘୋର ଓ ସୁରଭି, ତତ୍‌ପୁରୁଷ ମୁଖରୁ ସୁଶୀଳା ଓ ଈଶାନ ନାମକ ମୁଖରୁ ସୁମନା ଉତ୍ପନ୍ନ ହୋଇଛନ୍ତି)।। ୬-୭।।

ତର୍ହି କିମାସାଂ ରୂପମିତ୍ୟତ୍ରାହ –

କପିଳା କୃଷ୍ଣା ଚ ଧବଳା ରକ୍ତା ତଥୈବ ଚ ।। ୭।।
ନନ୍ଦାଦୀନାଂ ଗବାଂ ବର୍ଣ୍ଣାଃ କ୍ରମେଣ ପରିକୀର୍ତ୍ତିତାଃ ।

ତଥୈବ କ୍ରମେଣେତି ସମ୍ବନ୍ଧଃ ।। ୭।।

– ସେହି ନନ୍ଦା ଆଦି ଗାଈଙ୍କର ରଙ୍ଗ କ୍ରମଶଃ କପିଳ, କୃଷ୍ଣ, ଶ୍ୱେତ, ଧୂମ୍ର ଓ ରକ୍ତ ବତା ଯାଇଛି ।। ୭।।

ଅଥ କୟା ଗବା କୀଦୃଶଂ ଭସ୍ମୋତ୍‌ପନ୍ନ ମିତ୍ୟତ୍ରାହ ବୃହଜ୍ଜାବାଲଶ୍ରୁତ୍ୟର୍ଥମେବ –

ସଦ୍ୟୋଜାତାଦ୍‌ବିଭୂତିଶ୍ଚ ବାମାଦ୍‌ଭସିତମେବ ଚ ।। ୮।।
ଅଘୋରାଦ୍ ଭସ୍ମ ସଜାତଂ ତତ୍‌ପୁରୁଷାଦ୍ କ୍ଷାରନାମ ଚ।
ରକ୍ଷା ଚେଶାନବକ୍ତ୍ରାଚ୍ଚ ନନ୍ଦାଦିଦ୍ୱାରତୋଦ୍ଭବଦ୍ ।। ୯।।

ସଦ୍ୟୋଜାତ ମୁଖୋତ୍‌ପନ୍ନନନ୍ଦୟା ବିଭୂତିଃ, ବାମଦେବମୁଖୋଦ୍‌ଭୂତଭଦ୍ରୟା ଭସିତମ୍, ଅଘୋରମୁଖସଞ୍ଜାତ ସୁରଭି ଗବା ଭସ୍ମ, ତତ୍‌ପୁରୁଷମୁଖାବିର୍ଭୂତ ସୁଶୀଳୟା କ୍ଷାରମ୍, ଈଶାନମୁଖନିର୍ଗତସୁମନସା ରକ୍ଷା, ଅଭବଦାସୀଦିତ୍ୟର୍ଥଃ ।। ୮-୯।।

– ସଦ୍ୟୋଜାତରୁ ବିଭୂତି, ବାମଦେବରୁ ଭସିତ, ଅଘୋରରୁ ଭସ୍ମ, ତତ୍‌ପୁରୁଷରୁ କ୍ଷାର ଏବଂ ଈଶାନ ବକ୍ତ୍ରରୁ ରକ୍ଷା ନାମକ ଭସ୍ମ ନନ୍ଦା ଆଦିଙ୍କଦ୍ୱାରା ଉତ୍ପନ୍ନ କରାଯାଇଛି ।। ୮-୯।।

ଅଥୈଷାଂ ବିନିଯୋଗମାହ –

ଧାରୟେନ୍ନିତ୍ୟକାର୍ୟ୍ୟେଷୁ ବିଭୂତିଂ ଚ ପ୍ରଯତ୍ନତଃ।
ନୈମିତ୍ତିକେଷୁ ଭସିତଂ କ୍ଷାରଂ କାମ୍ୟେଷୁ ସର୍ବଦା ।। ୧୦।।
ପ୍ରାୟଶ୍ଚିତ୍ତେଷୁ ସର୍ବେଷୁ ଭସ୍ମ ନାମ ଯଥାବିଧି ।
ରକ୍ଷା ଚ ମୋକ୍ଷକାର୍ୟ୍ୟେଷୁ ପ୍ରୟୋକ୍ତବ୍ୟା ସଦା ବୁଧୈଃ।। ୧୧।।

ବୁଧୈଃ ବୀରଶୈବମତ ପ୍ରବିଷ୍ଟ ବିଦ୍ୱଜ୍ଜନୈଃ ପ୍ରୟୋକ୍ତବ୍ୟଂ ଧାର୍ୟ୍ୟମିତ୍ୟର୍ଥଃ। ଶିଷ୍ଟଂ ସ୍ପଷ୍ଟମ୍ ।। ୧୦-୧୧।।

CC-0. Jangamwadi Math Digital Collection.

– ନିତ୍ୟକର୍ମରେ ବିଭୂତି, ନୈମିତିକରେ ଭସିତ, କାମ୍ୟକର୍ମରେ କ୍ଷାର, ପ୍ରାୟଶ୍ଚିତ କର୍ମରେ ଭସ୍ମ ଓ ମୋକ୍ଷକାର୍ଯ୍ୟରେ ବିଦ୍ୱାନ୍ ଲୋକ ରକ୍ଷା ନାମକ ଭସ୍ମକୁ ବିଧିବଦ୍ଧ ଭାବରେ ଓ ଧାରଣ କରନ୍ତି ।। ୧୦–୧୧।।

ଅଥୈବଂ ବିଧି ଭସ୍ମନାଂ ବର୍ଣ୍ଣମାହ –

ନନ୍ଦାଦୀନାଂ ତୁ ଯେ ବର୍ଣ୍ଣାଃ କପିଳାଦ୍ୟାଃ ପ୍ରକୀର୍ତ୍ତିତାଃ ।
ତ ଏବ ବର୍ଣ୍ଣା ବିଖ୍ୟାତା ଭୂତ୍ୟାଦୀନାଂ ଯଥାକ୍ରମମ୍ ।। ୧୨।।

ସ୍ପଷ୍ଟମ୍ ।। ୧୨।।

– ନନ୍ଦା ଆଦି ଗାଈମାନଙ୍କର କପିଳ ଆଦି ଯେଉଁ ବର୍ଣ୍ଣଗୁଡ଼ିକ ପୂର୍ବରୁ କୁହାଯାଇଛି, ଭୂତି ଆଦି ଭସ୍ମମାନଙ୍କର ମଧ୍ୟ କ୍ରମରେ ସେହି ରଙ୍ଗ ପ୍ରସିଦ୍ଧ ।। ୧୨।।

ଅଥୈତଦ୍ ଭସ୍ମୋତ୍ପତ୍ତିଶ୍ଚତୁର୍ବିଧେତ୍ୟାହ –

ଭସ୍ମୋତ୍ପାଦନମୁଦ୍ଦିଷ୍ଟଂ ଚତୁର୍ଧା ତନ୍ତ୍ରବେଦିଭିଃ ।
କଳ୍ପଂ ଚୈବାନୁକଳ୍ପଂ ଚ୍ଚପକଳ୍ପମକଳ୍ପକମ୍ ।। ୧୩।।
ଏଷାମାଦିମମୁତ୍କୃଷ୍ଟମନ୍ୟଦ୍ ସର୍ବମଭାବତଃ ।

କଳ୍ପାନୁକଳ୍ପାପକଳ୍ପାକଳ୍ପାଖ୍ୟଚତୁର୍ବିଧଭସ୍ମସ୍ୱାଦିମଂ ପ୍ରାଥମିକଂ କଳ୍ପଂ ଭସ୍ମୋତ୍କୃଷ୍ଟମ୍, ଅନ୍ୟଦ୍ ସର୍ବଂ ଶିଷ୍ଟଂ ତ୍ରିବିଧଂ ଭସ୍ମ ଅଭାବତଃ କଳ୍ପଭସ୍ମାଲାଭାଦଙ୍ଗୀକରଣୀୟମିତ୍ୟର୍ଥଃ ।। ୧୩ ।।

– ତନ୍ତ୍ରଶାସ୍ତ୍ରବିଦ୍ ଭସ୍ମର ଉତ୍ପାଦନ ଚାରି ପ୍ରକାର କହିଛନ୍ତି – କଳ୍ପ, ଅନୁକଳ୍ପ, ଉପକଳ୍ପ ଓ ଅକଳ୍ପ । ଏଥିରୁ ପ୍ରଥମ ଶ୍ରେଷ୍ଠ ଅଟେ । ତାହାର ଅଭାବରେ ବାକିସବୁ ଗ୍ରାହ୍ୟ ଅଟନ୍ତି ।। ୧୩–୧୪।।

ଅଥ ତେଷାଂ ସ୍ୱରୂପଂ କ୍ରମେଣ କଥୟତି –

ଯଥାଶାସ୍ତ୍ରୋକ୍ତବିଧିନା ଗୃହୀତ୍ୱା ଗୋମୟଂ ନବମ୍ ।। ୧୪।।
ସଦ୍ୟେନ ବାମଦେବେନ କୁର୍ଯ୍ୟାଦ୍ ପିଣ୍ଡମନୁତ୍ତମମ୍ ।
ଶୋଷୟେଦ୍ ପୁରୁଷେଣୈବ ଦହେଦ୍ ଘୋରାଛିବାଗ୍ନିନା ।। ୧୫।।
କଳ୍ପଂ ତଦ୍ ଭସ୍ମ ବିଜ୍ଞେୟମନୁକଳ୍ପମଥୋଚ୍ୟତେ ।
ବନେଷୁ ଗୋମୟଂ ଯଚ୍ଚ ଶୁଷ୍କଂ ଚୂର୍ଣ୍ଣୀକୃତଂ ତଥା ।। ୧୬।।
ଦଗ୍ଧଂ ଚୈବାନୁକଳ୍ପାଖ୍ୟମାପଣାଦିଗତଂ ତୁ ଯତ୍ ।
ବସ୍ତ୍ରେଣୋତ୍ତାରିତଂ ଭସ୍ମ ଗୋମୂତ୍ରାବଦ୍ଧପିଣ୍ଡିତମ୍ ।। ୧୭।।

CC-0. Jangamwadi Math Digital Collection.

ଦଗ୍ଧଂ ପ୍ରାଗୁକ୍ତବିଧିନା ଭବେଦ୍ ଭସ୍ମୋପକଳ୍ପକମ୍ ।
ଅନ୍ୟୈରାପାଦିତଂ ଭସ୍ମାପ୍ୟକଳ୍ପମିତି ନିଶ୍ଚିତମ୍ ।। ୧୮ ।।

ଶାସ୍ତ୍ରୋକ୍ତପ୍ରକାରେଣ ନନ୍ଦାଦିଭିରାବିର୍ଭୂତନୂତନଗୋମୟଂ ସଦ୍ୟେନ ସଦ୍ୟୋଜାତ-ମନ୍ତ୍ରେଣାନ୍ତରେ ଗୃହୀତ୍ୱା ବାମଦେବମନ୍ତ୍ରେଣ ପିଣ୍ଡୀକୃତ ତତ୍ପୁରୁଷମନ୍ତ୍ରେଣ ଶୋଷୟିତ୍ୱା ଶିବମନ୍ତ୍ରସଂସ୍କୃତାଗ୍ନିନା ଘୋରାଦଘୋରମନ୍ତ୍ରାଦ୍ ଦହେଦ୍ ଭସ୍ମୀକୁର୍ଯ୍ୟାଦିତ୍ୟର୍ଥଃ। ଅଥୈଶାନମନ୍ତ୍ରେଣ ବିଲ୍ୱାଦିପାତ୍ରେକ ସ୍ଥାପିତଂ ତଦ୍ ଭସ୍ମ କଳ୍ପମିତି ଜ୍ଞାତୁଂ ଯୋଗ୍ୟ-ମିତ୍ୟର୍ଥଃ। ଅରଣ୍ୟେଷୁ ଯଚ୍ଛୁଷ୍କଂ ଗୋମୟଂ ଚୂର୍ଣ୍ଣୀକୃତ୍ୟ ପୂର୍ବବଦ୍‌ଦଗ୍ଧଂ ଭସ୍ମାନୁକଳ୍ପାଖ୍ୟ-ମିତ୍ୟର୍ଥଃ। ଅତ୍ର ମନ୍ତ୍ରତ୍ରୟଲୋପଃ। ଆପଣାଦିଗତଂ ଯଦ୍ ଭସ୍ମାସ୍ତି ତଦ୍ ବସ୍ତ୍ରେଣ ସଂଶୋଧିତଂ ସତ୍ ପୁନର୍ଗୋମୂତ୍ରେଣ ପିଣ୍ଡିକୃତଂ ସତ୍ ପଶ୍ଚାତ୍ ପ୍ରାଗୁକ୍ତବିଧିନା ଦଗ୍ଧଂ ଚେଦୁପକଳ୍ପାଖ୍ୟଂ ଭସ୍ମ ଭବେତ୍ ସ୍ୟାଦିତ୍ୟର୍ଥଃ। ଅନ୍ୟୈଃ ଅମନ୍ତ୍ରଜ୍ଞୈଃ, ଆପାଦିତଂ ସମ୍ପାଦିତଂ ଭସ୍ମ ଅକଳ୍ପମିତି କଳ୍ପିତଂ କଥିତମିତ୍ୟର୍ଥଃ ।। ୧୪-୧୮ ।।

ଭସ୍ମୋପ୍ାଦାନ ବିଧି[୯୭]

ଶାସ୍ତ୍ରୋକ୍ତ ବିଧିରେ ସଦ୍ୟୋଜାତ ମନ୍ତ୍ରର ଉଚ୍ଚାରଣ କରି ଗାଈର ସଜ ଗୋବର ନେଇ ତତ୍‌କାଳ ବାମଦେବ ମନ୍ତ୍ରର ଉଚ୍ଚାରଣ କରି ତାର ସୁନ୍ଦର ପିଣ୍ଡ ତିଆରି କରିବା ଉଚିତ୍। ତତ୍ପୁରୁଷ ମନ୍ତ୍ରରେ ତାହାକୁ (ଖରାରେ) ସୁଖାଇବେ ଏବଂ ଅଘୋର ମନ୍ତ୍ରର ଉଚ୍ଚାରଣ କରି ତାହାକୁ ସେଠାରେ ଜଳାଇବେ। ଏହିପରି ବିଧିରେ ନିର୍ମିତ ଭସ୍ମକୁ 'କଳ୍ପ' କୁହାଯାଏ।

ଏହାପରେ ଅନୁକଳ୍ପକୁ ବତାଉଛନ୍ତି । ବଣରେ ଗାଈର ଯେଉଁ ସୁଖିଲା ଓ ଚୂର୍ଣ୍ଣ ହୋଇଥିବା ଗୋବର ଥାଏ, ତାହାକୁ ଜଳାଇଲେ ଅନୁକଳ୍ପ ନାମକ ଭସ୍ମ ତିଆରି ହୁଏ । ଯେଉଁ ଭସ୍ମକୁ ଦୋକାନରୁ ଆଣି କନାରେ ଚଲାଇ ଗୋମୂତ୍ରରେ ପିଣ୍ଡ ତିଆରି କରି ପୂର୍ବୋକ୍ତ ବିଧିରେ ଜଳାଇଲେ ତାହା ଉପକଳ୍ପ ଭସ୍ମ ହୁଏ। ଅନ୍ୟ (ବିଧାନକୁ ଜାଣି ନଥିବା ବ୍ୟକ୍ତି) ଦ୍ୱାରା ତିଆରି କରାଯାଇଥିବା ଭସ୍ମକୁ ଅକଳ୍ପ କୁହାଯାଏ । (ଏହା ଶାସ୍ତ୍ରର) ନିଶ୍ଚୟ ଅଟେ ।। ୧୪-୧୮ ।।

ଅଥୈବଂ ବିଧଭସ୍ମନା ସ୍ନାନଂ କୁର୍ଯ୍ୟାଦିତ୍ୟାହ –

ଏଷ୍ୱେକତମମାଦାୟ ପାତ୍ରେଷୁ କଳଶାଦିଷୁ ।
ତ୍ରିସନ୍ଧ୍ୟମାଚରେଦ୍ ସ୍ନାନଂ ଯଥାସମ୍ଭବମେବ ବା ।। ୧୯ ।।

---

୯୭. ଏହି ବିଧି ବୃହଜ୍ଜାବାଲୋପନିଷଦ୍‌ରେ ବର୍ଣ୍ଣିତ ଅଛି ।

CC-0. Jangamwadi Math Digital Collection.

କଳଶାଦିପାତ୍ରେଷୁ ଭିନ୍ନତୟା ସ୍ଥାପିତେଷ୍ୱେଷୁ ଭସ୍ମସୁ, ଏକତମଂ ଭସ୍ମାଦାୟ, ତ୍ରିକାଲମେକକାଲଂ ବା ସ୍ନାନଂ କୁର୍ଯ୍ୟାଦେବେତ୍ୟର୍ଥଃ ।। ୧୯ ।।

– କଳଶ ଆଦି ପାତ୍ରରେ ରଖା ଯାଇଥିବା ଉପର୍ଯ୍ୟୁକ୍ତ ଭସ୍ମ ମଧ୍ୟରୁ କୌଣସି ଗୋଟିଏ ଭସ୍ମକୁ ନେଇ ତିନି ସନ୍ଧ୍ୟାରେ (ପ୍ରାତଃ, ମଧ୍ୟାହ୍ନ ଏବଂ ସାୟଂକାଳ) ତିନି ଥର ସ୍ନାନ କରିବେ ଅଥବା ଯଥାଶକ୍ତି ଥରେ ସ୍ନାନ କରିବେ ।

କଥଂ କର୍ତ୍ତବ୍ୟମିତ୍ୟତ୍ରାହ –

ସ୍ନାନକାଳେ କରୌ ପାଦୌ ପ୍ରକ୍ଷାଲ୍ୟ ବିମଳାମ୍ଭସା ।
ବାମହସ୍ତତଳେ ଭସ୍ମ କ୍ଷିପ୍ତ୍ୱାଚ୍ଛାଦ୍ୟାନ୍ୟପାଣିନା ।। ୨୦ ।।
ଅଷ୍ଟକୃତ୍ୱାଥ ମୂଲେନ ମୌନୀ ଭସ୍ମାଭିମନ୍ତ୍ର୍ୟ ଚ ।
ଶିର ଈଶାନମନ୍ତ୍ରେଣ ପୁରୁଷେଣ ମୁଖଂ ତଥା ।। ୨୧ ।।
ହୃଦ୍ ପ୍ରଦେଶାଘୋରେଣ ବାମଦେବେନ ଗୁହ୍ୟକମ୍ ।
ପାଦୌ ସଦ୍ୟେନ ସର୍ବାଙ୍ଗଂ ପ୍ରଣବେନୈବ ସେଚୟେତ୍ ।। ୨୨ ।।

ଭସ୍ମସ୍ନାନକାଲେ ସ୍ୱଚ୍ଛୋଦକେନ ହସ୍ତୌ ପାଦୌ ପ୍ରକ୍ଷାଲ୍ୟ ବାମକରତଲେ ଭସ୍ମ ସଂସ୍ଥାପ୍ୟ ଦକ୍ଷିଣପାଣିନାଦ୍ଧଚ୍ଛାଦ୍ୟ ଦକ୍ଷିଣୋରୌ ନିବେଶ୍ୟ 'ମୌନୀ ଭସ୍ମାଭିମନ୍ତ୍ରୟେତ୍' ଇତି ଶିବାଗମବଚନାଦ୍ ମୌନୀ ଭୂତ୍ୱା ମୂଲେନାଷ୍ଟବାରମଭିମନ୍ତ୍ର୍ୟ ଶିରୋମୁଖହୃଦୟ ନାଭିପାଦେଷୁ ପ୍ରଣତି ପୂର୍ବକୈରୀଶାନାଦିମନ୍ତ୍ରୈ[୯୮]ରଭ୍ୟୁକ୍ଷୟେତ୍ ପ୍ରଣବେନ ସର୍ବାଙ୍ଗଂ ପ୍ରୋକ୍ଷୟେଦିତ୍ୟର୍ଥଃ ।। ୨୦–୨୨ ।।

---

୯୮. ଈଶାନ ଆଦି ମନ୍ତ୍ର ନିମ୍ନଲିଖିତ ଅଟେ –

ଈଶାନ – ଈଶାନଃ ସର୍ବବିଦ୍ୟାନାମୀଶ୍ୱରଃ ସର୍ବଭୂତାନାମ୍ । ବ୍ରହ୍ମାଧିପତି ର୍ବ୍ରହ୍ମଣୋ–ଅଧିପତିର୍ବ୍ରହ୍ମା ଶିବୋ ମେଦ୍ଧସ୍ତୁ ସଦାଶିବୋମ୍ ।

ତତ୍‌ପୁରୁଷ – ତତ୍‌ପୁରୁଷାୟ ବିଦ୍ମହେ ମହାଦେବାୟ ଧୀମହି ତନ୍ନୋ ରୁଦ୍ରଃ ପ୍ରଚୋଦୟାତ୍

ଅଘୋର – ଅଘୋରେଭ୍ୟୋଦ୍ଧଥ ଘୋରେଭ୍ୟୋ ଘୋରଘୋରତରେଭ୍ୟଃ। ସର୍ବେଭ୍ୟଃ ସର୍ବସର୍ବେଭ୍ୟୋ ନମସ୍ତେଦ୍ଧସ୍ତୁ ରୁଦ୍ରରୂପେଭ୍ୟଃ।

ବାମଦେବ – ବାମଦେବାୟ ନମୋ, ଜ୍ୟେଷ୍ଠାୟ ନମଃ, ଶ୍ରେଷ୍ଠାୟ ନମୋ ରୁଦ୍ରାୟ ନମଃ, କାଳାୟ ନମଃ, କାଳବିକରଣାୟ ନମୋ, ବଳବିକରଣାୟ ନମୋ, ବଳାୟ ନମୋ, ବଳପ୍ରମଥନାୟ ନମଃ, ସର୍ବଭୂତଦମନାୟ ନମୋ, ମନୋନ୍ମନାୟ ନମଃ।

ସଦ୍ୟୋଜାତ – ସଦ୍ୟୋଜାତଂ ପ୍ରପଦ୍ୟାମି ସଦ୍ୟୋଜାତାୟ ବୈ ନମୋ ନମଃ। ଭବେ ଭବେନାତିଭବେ ଭବସ୍ୱ ମାଂ ଭବୋଦ୍ ଭବାୟ ନମଃ ।

CC-0. Jangamwadi Math Digital Collection.

ଭସ୍ମ ସ୍ନାନ ସମୟରେ ପ୍ରଥମେ ସ୍ୱଚ୍ଛ ଜଳରେ ଉଭୟ ହାତ ଓ ଗୋଡ଼କୁ ଧୋଇ ବାମହାତ ପାପୁଲିରେ ଭସ୍ମକୁ ରଖିବ । ଡାହାଣ ହାତରେ ତାହାକୁ ଘୋଡ଼େଇ ଆଠ ଥର ମୂଳମନ୍ତ୍ର (ଓଁ ନମଃ ଶିବାୟ)ରେ ମୌନ ହୋଇ ଭସ୍ମର ଅଭିମନ୍ତ୍ରଣ କରିବ। ତା'ପରେ ଈଶାନ ମନ୍ତ୍ରରେ ଶିର, ତତ୍‌ପୁରୁଷ ମନ୍ତ୍ରରେ ମୁଖ, ଅଘୋର ମନ୍ତ୍ରରେ ହୃଦୟ, ବାମଦେବରେ ଗୁହ୍ୟ, ସଦ୍ୟୋଜାତ ମନ୍ତ୍ରରେ ପାଦ ତଥା ଓଁକାରରେ ସର୍ବାଙ୍ଗର ଅଭିଷେକ କରିବା ଉଚିତ୍ ।। ୨୦-୨୨।।

ଅଥେଦଂ ଜଳସ୍ନାନାଦୁତ୍‌କୃଷ୍ଟମିତ୍ୟାହ –

ଭସ୍ମନା ବିହିତଂ ସ୍ନାନମିଦମାଗ୍ନେୟମୁତ୍ତମମ୍ ।
ସ୍ନାନେଷୁ ବାରୁଣାଦ୍ୟେଷୁ ମୁଖ୍ୟମେତନ୍ମଳାପହମ୍ ।। ୨୩।।

ଗଙ୍ଗୋଦକଦିବ୍ୟବାୟବ୍ୟାଦିସ୍ନାନେଷୁ ଭସ୍ମନା ବିହିତଂ ସ୍ନାନମିଦମାଗ୍ନେୟମୁତ୍ତମମ୍, ଅଗ୍ନେଃ ସର୍ବଭସ୍ମକତ୍ୱେନୈତଦାଗ୍ନେୟସ୍ନାନମ୍, ସକଳମଳାପହମିତି ମୁଖ୍ୟମିତ୍ୟର୍ଥଃ ।। ୨୩।।

– ଭସ୍ମରେ କରାଯାଉଥିବା ଏହି ସ୍ନାନକୁ 'ଆଗ୍ନେୟ ସ୍ନାନ' କୁହାଯାଏ । ବାରୁଣ ଆଦି (ସାତ ପ୍ରକାର)[୯୯] ସ୍ନାନ ମଧ୍ୟରେ ଏହା ମୁଖ୍ୟ ତଥା ଆଭ୍ୟନ୍ତର ଓ ବାହ୍ୟ ମଳକୁ ଦୂର କରିଥାଏ ।। ୨୩।।

ନନୁ ଜଳାଦିସ୍ନାନସ୍ୟ ସକଳମଳନିବର୍ତ୍ତକତ୍ୱଂ ନାସ୍ତି ବେତ୍ୟତ୍ରାହ –

ଭସ୍ମସ୍ନାନବତାଂ ପୁଂସାଂ ଯଥାଯୋଗଂ ଦିନେ ଦିନେ ।
ବାରୁଣାଦୈରଲଂ ସ୍ନାନୈର୍ବାହ୍ୟଦୋଷାପହାରିଭିଃ ।। ୨୪।।

ଯଥାଯୋଗଂ ଶାସ୍ତ୍ରୋକ୍ତ ପ୍ରକାରମନତିକ୍ରମ୍ୟ ପ୍ରତିଦିନଂ ଭସ୍ମ ସ୍ନାନବତାଂ ପୁଂସାଂ ବାହ୍ୟାଭ୍ୟନ୍ତରମଳକ୍ଷୟାଦ୍ ଭସ୍ମନୋ ଜ୍ଞାନାଙ୍ଗତ୍ୱାଦ୍ ବାହ୍ୟମଳମାତ୍ର ନିବର୍ତ୍ତକୈର୍ଜଳାଦି-ସ୍ନାନୈରଳଂ କିଂ ପ୍ରୟୋଜନମିତ୍ୟର୍ଥଃ ।। ୨୪।।

– ପ୍ରତିଦିନ ଶାସ୍ତ୍ରାନୁସାରେ ଭସ୍ମସ୍ନାନ କରୁଥିବା ଲୋକମାନଙ୍କର ବାହ୍ୟ ଦୋଷଗୁଡ଼ିକ ଦୂର କରିବା ପାଇଁ ବାରୁଣ ଆଦି ସ୍ନାନ କରିବାର କୌଣସି ଆବଶ୍ୟକତା ନାହିଁ ।

ଅତଏବ ଯତିଭିର୍ଜଳସ୍ନାନାଦାଗ୍ନେୟମେବ ଶ୍ରେଷ୍ଠମିତି ଭସ୍ମସ୍ନାନମେବ ବିଧୀୟତେ ଇତ୍ୟାହ –

---

୯୯. ମାନ୍ତ୍ର, ଭୌମ, ଆଗ୍ନେୟ, ବାୟବ୍ୟ, ଦିବ୍ୟ, ବାରୁଣ ଓ ମାନସ – ଏହିପରି ସାତ ପ୍ରକାରର ସ୍ନାନ ଅଟେ ।

CC-0. Jangamwadi Math Digital Collection.

ଆଗ୍ନେୟଂ ଭସ୍ମନା ସ୍ନାନଂ ଯତିଭିସ୍ତୁ ବିଧୀୟତେ ।
ଆର୍ଦ୍ରସ୍ନାନାଦ୍ ପରଂ ଭସ୍ମ ଆର୍ଦ୍ରେ ଜନ୍ତୁବଧୋ ଧ୍ରୁବମ୍ ।। ୨୫।।

ଭସ୍ମନା ସ୍ନାନମାଗ୍ନେୟମିତି ଯତିଭିର୍ବିଧୀୟତେ, ବହ୍ନେଃ ପ୍ରକାଶତ୍ୱେନ ଜ୍ଞାନପ୍ରଦତ୍ୱାତ୍। ଭସ୍ମସ୍ନାନଂ (ଯତିଭିଃ) ଆର୍ଦ୍ରସ୍ନାନାତ୍ପରଂ ଶ୍ରେଷ୍ଠମ୍। ଆଦ୍ରେ ଜଳସ୍ନାନେ ଜନ୍ତୁବଧ ଇତି ଧ୍ରୁବଂ ନିଶ୍ଚୟଃ, ଜଳଚର ପ୍ରାଣି ପୀଡ଼ନୟା ଶୈତ୍ୟେନ ଚ ପ୍ରାଣିହିଂସାକରମିତ୍ୟର୍ଥଃ, ଅତ୍ର ତାଦୃଶଦୋଷାଭାବାଚ୍ଚ ।। ୨୫।।

– ଯତି ଜନ ଭସ୍ମରେ ଆଗ୍ନେୟସ୍ନାନ କରନ୍ତି । ଭସ୍ମସ୍ନାନ ଆଦ୍ରସ୍ନାନ ଅର୍ଥାତ୍ ଜଳସ୍ନାନଠାରୁ ଶ୍ରେଷ୍ଠ ଅଟେ । କାରଣ ଜଳସ୍ନାନରେ ପ୍ରାଣୀଙ୍କ ପ୍ରତି ହିଂସା ନିଶ୍ଚିତ ଭାବରେ ହୁଏ ।। ୨୫।।

ଅଥ ଜଳସ୍ୟ ଦୋଷାନ୍ତର ମୁଦ୍‌ଭାବୟତି –

ଆର୍ଦ୍ରଂ ତୁ ପ୍ରକୃତିଂ ବିଦ୍ୟାଦ୍ ପ୍ରକୃତିଂ ବନ୍ଧନଂ ବିଦୁଃ।
ପ୍ରକୃତେସ୍ତୁ ପ୍ରହାଣାର୍ଥଂ ଭସ୍ମନା ସ୍ନାନମିଷ୍ୟତେ ।। ୨୬।।

ଆର୍ଦ୍ରଂ ଜଳଂ ପ୍ରକୃତିଂ ଗର୍ଭବାସ ପ୍ରକୃତିଂ ବିଦ୍ୟାତ୍, ରକ୍ତଶୁକ୍ଳୟୋର୍ଜଳମୟତ୍ୱାତ୍, 'ସ ବା ଏଷ ପୁରୁଷୋଽନ୍ନରସମୟଃ[୧୦୦]' ଇତି ଶ୍ରୁତେଃ। ପ୍ରକୃତିଂ ବନ୍ଧନଂ ଭୋଜ୍ୟଭୋଜନ ରୂପେଣ ପୁରୁଷସ୍ୟ ପାଶରୂପଂ ବିଦୁଃ, ଅଭିଜ୍ଞାଃ ଜାନନ୍ତି, 'ପୁରୁଷଃ ପ୍ରକୃତିସ୍ଥୋ ହି ଭୁଙ୍କ୍ତେ ପ୍ରକୃତିଜାନ୍ ଗୁଣାନ୍[୧୦୧]' ଇତି ଭଗବଦୁକ୍ତେଃ ପୁରୁଷସ୍ୟ ପ୍ରକୃତିବଦ୍ଧତ୍ୱାତ୍, ପ୍ରକୃତେସ୍ତୁ ପ୍ରହାଣାର୍ଥଂ ଜଳସ୍ନାନୋତ୍ଥଦୋଷନିବୃତ୍ୟର୍ଥଂ ଭସ୍ମନା ସ୍ନାନମିଚ୍ଛାବିଷୟୀକ୍ରିୟତ ଇତ୍ୟର୍ଥଃ ।। ୨୬।।

– ଜଳକୁ ପ୍ରକୃତି ଜାଣିବା ଉଚିତ୍ । (ବିଦ୍ୱାନ୍) ପ୍ରକୃତିକୁ ବନ୍ଧନ ମାନନ୍ତି। ଏହି ପ୍ରକୃତି ଅର୍ଥାତ୍ ବନ୍ଧନକୁ ତ୍ୟାଗ କରିବା ନିମନ୍ତେ ଭସ୍ମଦ୍ୱାରା ସ୍ନାନ କରାଯାଏ ।। ୨୬।।

ଅଥେଦଂ ଭସ୍ମନା ସ୍ନାନଂ କୈରଙ୍ଗୀକୃତମିତ୍ୟତ୍ରାହ –

ବ୍ରହ୍ମାଦ୍ୟା ବିବୁଧାଃ ସର୍ବେ ମୁନୟୋ ନାରଦାଦୟଃ ।
ଯୋଗିନଃ ସନକାଦ୍ୟାଶ୍ଚ ବାଣାଦ୍ୟା ଦାନବା ଅପି ।। ୨୭।।
ଭସ୍ମସ୍ନାନଯୁତାଃ ସର୍ବେ ଶିବଭକ୍ତିପରାୟଣାଃ ।
ନିର୍ମୁକ୍ତଦୋଷକଳିଳା ନିତ୍ୟଶୁଦ୍ଧା ଭବନ୍ତି ହି ।। ୨୮।।

କଳିଳାଃ ସମୂହା ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୨୭–୨୮।।

---

୧୦୦. ତୈ. ଉ. ୨/୧
୧୦୧. ଭ. ଗୀ., ୧୩/୨୧

CC-0. Jangamwadi Math Digital Collection.

– ବ୍ରହ୍ମା ଆଦି ଦେବତା, ନାରଦ ଆଦି ମୁନିଗଣ, ସନକ ଆଦି ଯୋଗୀ, ବାଣ ଆଦି ରାକ୍ଷସ – ଏମାନେ ସମସ୍ତେ ଭସ୍ମ ସ୍ନାନରେ ଯୁକ୍ତ ଏବଂ ଶିବ ଭକ୍ତିରେ ସଂଲଗ୍ନ ହୋଇ ଦୋଷରୂପୀ ପଙ୍କରୁ ଅଥବା ଦୋଷସମୂହରୁ ମୁକ୍ତ ହୋଇ ନିତ୍ୟ ଶୁଦ୍ଧ ହୋଇଛନ୍ତି ।। ୨୭–୨୮ ।।

ଅଥ ଭସ୍ମୋଦ୍‌ଧୂଳନଂ ତ୍ରିପୁଣ୍ଡଧାରଣଂ ଚ କର୍ତ୍ତବ୍ୟମିତ୍ୟାହ –

ନମଶ୍ଶିବାୟେତି ଭସ୍ମ କୃତ୍ୱା ସପ୍ତାଭିମନ୍ତ୍ରିତମ୍ ।
ଉଦ୍‌ଧୂଳୟେତ୍ ତେନ ଦେହଂ ତ୍ରିପୁଣ୍ଡ୍ରଂ ଚାପି ଧାରୟେତ୍ ।। ୨୯ ।।

ଭସ୍ମ ନମଶ୍ଶିବାୟେତି ମନ୍ତ୍ରେଣ ସପ୍ତାଭିମନ୍ତ୍ରିତଂ ସପ୍ତଜନ୍ମକୃତଦୋଷନିବୃତ୍ତ୍ୟର୍ଥଂ ସପ୍ତବାରମଭିମନ୍ତ୍ରିତଂ କୃତ୍ୱା ତେନ ଭସ୍ମନା ଦେହମୁଦ୍‌ଧୂଳୟେତ୍, ତ୍ରିପୁଣ୍ଡ୍ରଂ ଚାପି ଦେହେ ରଚୟେଦିତ୍ୟର୍ଥଃ ।। ୨୯ ।।

– 'ଓଁ ନମଃ ଶିବାୟ' – ଏହି ମନ୍ତ୍ରରେ ଭସ୍ମକୁ ସାତ ଥର ଅଭିମନ୍ତ୍ରିତ କରିବା ଉଚିତ୍ । ଏହାପରେ ଶରୀର ଉପରେ ତାହାର ଉଦ୍‌ଧୂଳନ (ଉଡ଼ାଇବା) କରିବା ଉଚିତ୍ ତଥା ତ୍ରିପୁଣ୍ଡ୍ର ମଧ୍ୟ ଧାରଣ କରିବା ଉଚିତ୍ ।। ୨୯ ।।

ଅତ୍ରୋଦ୍‌ଧୂଳନାପେକ୍ଷୟା ତ୍ରିପୁଣ୍ଡ୍ରସ୍ୟାଧିକ୍ୟମାହ –

ସର୍ବାଙ୍ଗୋଦ୍‌ଧୂଳନଂ ଚାପି ନ ସମାନଂ ତ୍ରିପୁଣ୍ଡ୍ରକୈଃ ।
ତସ୍ମାତ୍ ତ୍ରିପୁଣ୍ଡ୍ରମେବୈକଂ ଲିଖେଦୁଦ୍‌ଧୂଳନଂ ବିନା ।। ୩୦ ।।

ସ୍ପଷ୍ଟମ୍ ।। ୩୦ ।।

– ସମସ୍ତ ଶରୀରକୁ ଭସ୍ମରେ ଉଦ୍‌ଧୂଳନ କରିବା ତ୍ରିପୁଣ୍ଡ ଧାରଣର ସମାନତା ନୁହେଁ । ଏଣୁ (ଇଚ୍ଛା ନଥିଲେ) ଉଦ୍‌ଧୂଳନ ବିନା ମଧ୍ୟ କେବଳ ତ୍ରିପୁଣ୍ଡ୍ର ଧାରଣ କରିବା ଉଚିତ୍ ।। ୩୦ ।।

ଅଥ ତ୍ରିପୁଣ୍ଡ୍ରଂ କଦା କଥଂ କୁତ୍ର ଧାରଣୀୟମିତ୍ୟତ୍ରାହ –

ତ୍ରିପୁଣ୍ଡ୍ରଂ ଧାରୟେନ୍ନିତ୍ୟଂ ଭସ୍ମନା ସଲିଲେନ ଚ ।
ସ୍ଥାନେଷୁ ପଞ୍ଚଦଶସୁ ଶରୀରେ ସାଧକୋତ୍ତମଃ ।। ୩୧ ।।

ସ୍ପଷ୍ଟମ୍ ।। ୩୧ ।।

– ଉତ୍ତମ କୋଟି (ସ୍ତର)ର ସାଧକ ପ୍ରତିଦିନ ଭସ୍ମ ଓ ପାଣି ମିଶାଇ ଶରୀରର ପନ୍ଦରଟି ସ୍ଥାନରେ ତ୍ରିପୁଣ୍ଡ୍ର ଧାରଣ କରିବା ଉଚିତ୍ ।। ୩୧ ।।

ତାନି କାନୀତ୍ୟତ୍ରାହ –

CC-0. Jangamwadi Math Digital Collection.

ଉତ୍ତମାଙ୍ଗେ ଲଲାଟେ ଚ ଶ୍ରବଣଦ୍ୱିତୟେ ତଥା ।
ଗଳେ ଭୁଜଦ୍ୱୟେ ଚୈବ ହୃଦି ନାଭୌ ଚ ପୃଷ୍ଠକେ ।। ୩୨ ।।
ବାହୁଯୁଗ୍ମେ କକୁଦ୍‌ଦେଶେ ମଣିବନ୍ଧଦ୍ୱୟେ ତଥା ।
ତ୍ରିପୁଣ୍ଡ୍ରଂ ଭସ୍ମନା ଧାର୍ଯ୍ୟଂ ମୂଳମନ୍ତ୍ରେଣ ସାଧକୈଃ ।। ୩୩।।

ତ୍ରିୟାୟୁଷତ୍ରିୟମ୍ବକପ୍ରଣବପଞ୍ଚାକ୍ଷରମନ୍ତ୍ରୈର୍ଧାରୟେତ୍, 'ଶିରୋଲଲାଟକଣ୍ଠସ୍କନ୍ଧବକ୍ଷଃସ୍ଥଳେଷୁ ତ୍ରିୟାୟୁଷତ୍ରିୟମ୍ବକୈସ୍ତିସ୍ରୋ ରେଖାଃ କୁର୍ବୀତ। ବ୍ରତମେତଚ୍ଛାମ୍ଭବମ୍' ଇତି ଶ୍ରୁତେଃ ।। ୩୨-୩୩।।

- ଉତ୍ତମ ସାଧକ ମୂଳମନ୍ତ୍ରର ଉଚ୍ଚାରଣ କରି ଶିର, ଲଲାଟ, ଦୁଇ କାନ, ଗଳା, ଦୁଇ ଭୁଜ, ହୃଦୟ, ନାଭି, ପୀଠି, ଦୁଇ ବାହୁ, କକୁଦ (କାନ୍ଧର ମଧ୍ୟଭାଗ) ଦୁଇ ମଣିବନ୍ଧରେ ଭସ୍ମରେ ତ୍ରିପୁଣ୍ଡ ଧାରଣ କରେ ।। ୩୨-୩୩।।

ଅଥ ତଦଭିମନ୍ତ୍ରଣପ୍ରକାରପୂର୍ବକଂ ସମନ୍ତ୍ରକତ୍ରିପୁଣ୍ଡ୍ରଧାରଣସ୍ୟ ଫଳମାହ -

ବାମହସ୍ତତଳେ ଭସ୍ମ କ୍ଷିପ୍ତ୍ୱାଚ୍ଛାଦ୍ୟାନ୍ୟପାଣିନା ।
ଅଗ୍ନିରିତ୍ୟାଦିମନ୍ତ୍ରେଣ ସ୍ପୃଶନ୍ ବାରାଭିମନ୍ତ୍ର୍ୟ ଚ ।। ୩୪ ।।
ତ୍ରିପୁଣ୍ଡ୍ରମୁକ୍ତସ୍ଥାନେଷୁ ଦଧ୍ୟାତ୍ ସଜଳଭସ୍ମନା ।
ଶିବଂ ଶିବ (କ)ରଂ ଶାନ୍ତଂ ସ ପ୍ରାପ୍ନୋତି ନ ସଂଶୟଃ।। ୩୫ ।।

'ଅଗ୍ନିରିତି ଭସ୍ମ ବାୟୁରିତି ଭସ୍ମ ଜଳମିତି ଭସ୍ମ ସ୍ଥଳମିତି ଭସ୍ମ ବ୍ୟୋମେତି ଭସ୍ମ ସର୍ବଂ ହ ବା ଇଦଂ ଭସ୍ମ ମନ ଏତାନି ଚକ୍ଷୁଷିଂ ଭସ୍ମାନି[୧୦୨]' ଇତି ମନ୍ତ୍ରେଣ ସ୍ପୃଶନ୍ ବାରା ଉଦକେନ ସପ୍ତବାରଂ ମୂଳେନାଭିମନ୍ତ୍ରୟେଦିତ୍ୟର୍ଥଃ ।। ୩୪-୩୫।।

- ଯେଉଁ ଭକ୍ତ ଏହାପରେ ପୁଣି ବାମହସ୍ତରେ ଭସ୍ମ ରଖିକରି ଦକ୍ଷିଣ ହସ୍ତରେ ତାକୁ ପ୍ରଚ୍ଛନ୍ନ କରି (ଘୋଡ଼ାଇ) 'ଅଗ୍ନିରିତି ଭସ୍ମ.......' ମନ୍ତ୍ରରେ ଜଳଦ୍ୱାରା ଅଭିମନ୍ତ୍ରିତ କରି (ଶରୀରର) ଉକ୍ତ ସ୍ଥାନମାନଙ୍କରେ ଜଳ ସହିତ ଭସ୍ମରେ ତ୍ରିପୁଣ୍ଡ୍ର ଧାରଣ କରେ, ସେ ଶାନ୍ତ ଶିବ ଶଙ୍କରଙ୍କୁ ପ୍ରାପ୍ତ କରେ ଏଥିରେ ସନ୍ଦେହ ନାହିଁ ।। ୩୪-୩୫।।

ଅଥ ତ୍ରିପୁଣ୍ଡ୍ରରଚନା ପ୍ରକାରମାହ -

ମଧ୍ୟାଙ୍ଗୁଳିତ୍ରୟେଣୈବ ସ୍ୱଦକ୍ଷିଣକରସ୍ୟ ତୁ ।
ଷଡଙ୍ଗୁଳାୟତଂ ମାନମପି ବାଦ୍ଧଳିକମାନକମ୍ ।। ୩୬।।
ନେତ୍ରଯୁଗ୍ମପ୍ରମାଣେନ ଭାଲେ ଦଧ୍ୟାତ୍ ତ୍ରିପୁଣ୍ଡ୍ରକମ୍ ।

୧୦୨. ଭସ୍ମଜବାଲୋପ.

CC-0. Jangamwadi Math Digital Collection.

ସ୍ପଷ୍ଟମ୍ ।। ୩୬।।

– ନିଜର ଡାହାଣ ହାତରେ ତର୍ଜନୀ, ମଧ୍ୟମା ଓ ଅନାମିକା – ଏହି ତିନି ଆଙ୍ଗୁଠିରେ ଛଅ ଆଙ୍ଗୁଳି ଲମ୍ବା ଅଥବା ମସ୍ତକ ଯେତିକି ଲମ୍ବା ତ୍ରିପୁଣ୍ଡ୍ର ମସ୍ତକରେ ଲଗାଇବା ଉଚିତ୍ ।। ୩୬।।

ଅଥ ପ୍ରକାରାନ୍ତରେଣ ତ୍ରିପୁଣ୍ଡ୍ରୀକରଣମାହ –

ମଧ୍ୟମାନାମିକାଙ୍ଗୁଷ୍ଠୈରନୁଲୋମବିଲୋମତଃ ।। ୩୭।।
ଧାରୟେଦ୍ୟସ୍ତ୍ରିପୁଣ୍ଡ୍ରାଙ୍କଂ ସ ରୁଦ୍ରୋ ନାତ୍ର ସଂଶୟଃ ।

ମଧ୍ୟମାନାମିକାଭ୍ୟାମ୍ ଅନୁଲୋମତଃ ପ୍ରଦକ୍ଷିଣତୋ ରେଖାଦ୍ୱୟଂ ତନ୍ମଧ୍ୟେ ଅଙ୍ଗୁଷ୍ଠେନ ବିଲୋମତଃ ଅପ୍ରଦକ୍ଷିଣତଃ, ଏକାଂ ରେଖାଂ ରଚୟେତ୍ । ଏବଂ ଧୃତ ତ୍ରିପୁଣ୍ଡ୍ରୋ ରୁଦ୍ର ଇତ୍ୟୁକ୍ତ୍ୱାତ୍ ପୂର୍ବାପେକ୍ଷୟା ବିଶେଷ ଇତ୍ୟର୍ଥଃ ।। ୩୭।।

– ଯେଉଁ ମନୁଷ୍ୟ ମଧ୍ୟମା, ଅନାମିକା ଓ ଅଙ୍ଗୁଷ୍ଠରେ ଅନୁଲୋମ–ବିଲୋମ ବିଧିରେ ତ୍ରିପୁଣ୍ଡ୍ର ଧାରଣ କରେ, ସେ ରୁଦ୍ର ହୋଇଯାଏ ।। ୩୭।।

ଅଥ ତଲ୍ଲକ୍ଷଣଂ କଥୟତି –

ଋଜୁ ସରଳଂ ଶ୍ୱେତଂ ଶୁଭ୍ରମ୍ ଅନୁବ୍ୟାପ୍ତମ୍ ଅବିଚ୍ଛିନ୍ନମ୍, ସ୍ନିଗ୍ଧଂ ସାନ୍ଦ୍ରଂ ଶ୍ରୋତ୍ର–ପ୍ରମାଣକଂ ଶ୍ରବଣପରିମିତମିତ୍ୟର୍ଥଃ ।। ୩୮ ।।

– ସରଳ, ଶ୍ୱେତ, ପରସ୍ପର ପାଖାପାଖି, ଚିକଣ ଓ କାନ ପର୍ଯ୍ୟନ୍ତ ବିସ୍ତୃତ ଏହିପରି ଉତ୍ତମ ଲକ୍ଷଣ ଯୁକ୍ତ ତ୍ରିପୁଣ୍ଡ୍ର ସର୍ବସିଦ୍ଧି ଦାୟକ ଅଟେ ।। ୩୮ ।।

ଅଥାସ୍ୟ ତ୍ରିପୁଣ୍ଡ୍ରସ୍ୟ ମହତ୍ତ୍ୱଂ ସୂତ୍ରଦ୍ୱୟେନ ସୂଚୟତି –

ପ୍ରାତଃକାଳେ ଚ ମଧ୍ୟାହ୍ନେ ସାୟାହ୍ନେ ଚ ତ୍ରିପୁଣ୍ଡ୍ରକମ୍ ।। ୩୯।।
କଦାଚିଦ୍ ଭସ୍ମନା କୁର୍ଯ୍ୟାତ୍ ସ ରୁଦ୍ରୋ ନାତ୍ର ସଂଶୟଃ ।
ଏବଂ ବିଧଂ ବିଭୂତ୍ୟା ଚ କୁରୁତେ ଯସ୍ତ୍ରିପୁଣ୍ଡ୍ରକମ୍ ।
ସ ରୌଦ୍ରଧର୍ମସଂଯୁକ୍ତସ୍ତ୍ରୟୀମୟ ଇତି ଶ୍ରୁତିଃ ।। ୪୦।।

ଯୋ ବିଭୂତ୍ୟା ଚ ଭସ୍ମନା ଏବଂ ବିଧମ୍ ଋଜୁଶ୍ୱେତାଦିସଲ୍ଲକ୍ଷଣୋପେତଂ ତ୍ରିପୁଣ୍ଡ୍ରକଂ କୁରୁତେ, ସ ରୌଦ୍ରଧର୍ମସଂଯୁକ୍ତୋ ରୁଦ୍ରସମ୍ବନ୍ଧୀ ଯୋ ଧର୍ମଃ ଶିବାଚାରଃ, ତେନ ସଂଯୁକ୍ତଃ ସନ୍ ତ୍ରୟୀମୟୋ ବେଦତ୍ରୟସ୍ୱରୂପ ଇତି ଶ୍ରୁତିଃ, 'ଯଃ ଇଦଂ ତ୍ରିପୁଣ୍ଡ୍ରଂ ଧରତେ ସ ବେଦତ୍ରୟଧାରୀ ଭବତି, ସ ସନ୍ତତଂ ତ୍ରେତାଗ୍ନିର୍ଭବତି ସ ପୁଷ୍କରତ୍ରୟସ୍ନାତୋ ଭବତି । ଯସ୍ତ୍ରିପୁଣ୍ଡ୍ରଧାରୀ ପୁରୁଷଃ ସ ରୁଦ୍ରଃ ସ ପରମେଷ୍ଠୀ, ଯ ଇଦଂ ତ୍ରିପୁଣ୍ଡ୍ରଂ ଧୃତବନ୍ତଂ ପୁରୁଷଂ ପଶ୍ୟତି, ସ ସର୍ବପାପେଭ୍ୟୋ

CC-0. Jangamwadi Math Digital Collection.

ବିନିର୍ମୁକ୍ତୋ ଭବତି, ସ ସର୍ବବେଦାଧ୍ୟୟନଜନ୍ୟ-ଫଳବାନ୍ ଭବତି[୧୦୩]' ଇତି ବୃହଜ୍ଜାବାଳାଦିବହୁଶ୍ରୁତିସିଦ୍ଧୋଽୟମର୍ଥଃ । ତସ୍ମାତ୍ ପ୍ରାତରାଦି କାଳତ୍ରୟେ କଦାଚିତ୍ ତ୍ରିପୁଣ୍ଡ୍ରଂ ଯଃ କୁର୍ଯ୍ୟାତ୍, ସ ରୁଦ୍ରଃ ଶିବ ଏବ ନ ସଂଶୟ ଇତ୍ୟର୍ଥଃ ।। ୩୯-୪୦ ।।

– ପ୍ରାତଃକାଳ, ମଧ୍ୟାହ୍ନ ଓ ସାୟଂକାଳରେ ଯେ କୌଣସି ସମୟରେ ଭସ୍ମରେ (ସ୍ନାନ କରୁଥିବା ଅଥବା ତ୍ରିପୁଣ୍ଡ୍ର ଧାରଣ କରୁଥିବା ପୁରୁଷ) ରୁଦ୍ର ହୋଇଯାଏ, ଏଥିରେ ସଂଶୟ ନାହିଁ । ଏହିପରି ଯିଏ ଭସ୍ମରେ ତ୍ରିପୁଣ୍ଡ୍ର ଲଗାନ୍ତି, ସେ ରୁଦ୍ରଧର୍ମରେ ଯୁକ୍ତ ତଥା ବେଦସ୍ୱରୂପ ହୋଇଯାଏ – ଏହା ଶ୍ରୁତି କହେ ।। ୩୯-୪୦ ।।

ଅଥୈତାଦୃଶଂ ତ୍ରିପୁଣ୍ଡ୍ରଂ କୈର୍ଧୃତମିତ୍ୟତ୍ରାହ –

ବ୍ରହ୍ମା ବିଷ୍ଣୁଶ୍ଚ ରୁଦ୍ରଶ୍ଚ ଦେବାଃ ଶକ୍ରପୁରୋଗମାଃ ।
ତ୍ରିପୁଣ୍ଡ୍ରଂ ଧାରୟନ୍ତ୍ୟେବ ଭସ୍ମନା ପରିକଳ୍ପିତମ୍ ।। ୪୧ ।।
ବସିଷ୍ଠାଦ୍ୟା ମହାଭାଗା ମୁନୟଃ ଶ୍ରୁତିକୋବିଦାଃ ।
ଧାରୟନ୍ତି ସଦାକାଳଂ ତ୍ରିପୁଣ୍ଡ୍ରଂ ଭସ୍ମନା କୃତମ୍ ।। ୪୨ ।।

ସ୍ପଷ୍ଟମ୍ ।। ୪୧-୪୨ ।।

– ବ୍ରହ୍ମା, ବିଷ୍ଣୁ, ରୁଦ୍ର, ଇନ୍ଦ୍ର ଆଦି ଦେବତାଗଣ ଭସ୍ମରେ ତିଆରି ତ୍ରିପୁଣ୍ଡ୍ର କୁ ଧାରଣ କରନ୍ତି। ବେଦଶାସ୍ତ୍ର ପାରଙ୍ଗତ ବଶିଷ୍ଠ ଆଦି ବିଦ୍ୱାନ୍ ଭସ୍ମରେ ତିଆରି ତ୍ରିପୁଣ୍ଡ୍ରକୁ ସଦା ଧାରଣ କରନ୍ତି ।। ୪୧-୪୨ ।।

ଅଥେଦଂ କୁତ୍ର ବିହିତମିତ୍ୟତ୍ରାହ –

ଶୈବାଗମେଷୁ ବେଦେଷୁ ପୁରାଣେଷ୍ୱଖିଳେଷୁ ଚ ।
ସ୍ମୃତୀତିହାସକଳ୍ପେଷୁ ବିହିତଂ ଭସ୍ମପୁଣ୍ଡ୍ରକମ୍ ।।
ଧାରଣୀୟଂ ସମସ୍ତାନାଂ ଶୈବାନାଂ ଚ ବିଶେଷତଃ ।। ୪୩ ।।

କଳ୍ପେଷୁ କଳ୍ପସୂତ୍ରେଷ୍ୱିତ୍ୟର୍ଥଃ ।। ୪୩ ।।

– ଶୈବାଗମ, ବେଦ, ସମସ୍ତ ପୁରାଣ, ସ୍ମୃତି, ଇତିହାସ ତଥା କଳ୍ପଗ୍ରନ୍ଥ ମାନଙ୍କରେ ଭସ୍ମପୁଣ୍ଡ୍ରର ବିଧାନ (ବର୍ଣ୍ଣିତ) ଅଛି । ଏହାକୁ ସମସ୍ତେ ବିଶେଷ ଭାବରେ ଶୈବ (ଶିବ ଭକ୍ତ)ମାନେ ଧାରଣ କରିବା ଉଚିତ୍ ।। ୪୩ ।।

ଅଥାନେନ ତ୍ରିପୁଣ୍ଡ୍ର ଧାରଣେନ ସକଳପାପକ୍ଷୟ ଇତ୍ୟୁକ୍ତ୍ୱା ଭସ୍ମଧାରଣଫଳଂ ସମାପୟତି –

୧୦୩. ଇଦମୁଦ୍ଧରଣଂ ବୃହଜ୍ଜାବାଳୋପନିଷଦି ନୋପଲଭ୍ୟତେ ।

CC-0. Jangamwadi Math Digital Collection.

ନାସ୍ତିକୋ ଭିନ୍ନମର୍ଯ୍ୟାଦୋ ଦୁରାଚାରପରାୟଣଃ ।
ଭସ୍ମତ୍ରିପୁଣ୍ଡ୍ରଧାରୀ ଚେନ୍ମୁଚ୍ୟତେ ସର୍ବକିଲ୍ବିଷୈଃ ।। ୪୪ ।।

ବେଦବିରୁଦ୍ଧାଚାରନିଷ୍ଠୋ ନାସ୍ତିକଃ ଶରୀରେନ୍ଦ୍ରିୟବୁଦ୍ଧିବ୍ୟତିରେକେଣ କଶ୍ଚିଦାତ୍ମା ନାସ୍ତୀତି ବଦନ୍ ଚାର୍ବାକାଦିଃ । ଅତ ଏବ ଦୁରାଚାରପରାୟଣସ୍ତାଦୃଶୋଽପି ଭସ୍ମତ୍ରିପୁଣ୍ଡ୍ରଧାରୀ ଚେତ୍, ସର୍ବକିଲ୍ବିଷୈଃ ସମସ୍ତପାପୈର୍ମୁଚ୍ୟତ ଇତ୍ୟର୍ଥଃ ।। ୪୪ ।।

– ନାସ୍ତିକ, ଶାସ୍ତ୍ରୀୟ ନିୟମଗୁଡ଼ିକା ଉଲ୍ଲଂଘନ କରୁଥିବା ବ୍ୟକ୍ତି, ଦୁରାଚାରୀ ମଧ୍ୟ ଯଦି ଭସ୍ମ ତ୍ରିପୁଣ୍ଡ୍ର ଧାରଣ କରିବ, ତେବେ ସମସ୍ତ ପାପରୁ ମୁକ୍ତ ହୋଇଯିବ ।। ୪୪ ।।

ଅଥ ରୁଦ୍ରାକ୍ଷଧାରଣସ୍ଥଳମ୍

ଅଥ ରୁଦ୍ରାକ୍ଷଧାରଣସ୍ଥଳଂ ନିରୂପୟତି –

ଭସ୍ମନା ବିହିତସ୍ନାନସ୍ତ୍ରିପୁଣ୍ଡ୍ରାଙ୍କିତ ମସ୍ତକଃ ।
ଶିବାର୍ଚ୍ଚନପରୋ ନିତ୍ୟଂ ରୁଦ୍ରାକ୍ଷମଣି ଧାରୟେତ୍ ।। ୪୫ ।।

ମସ୍ତକୋ ଲଲାଟ ଇତ୍ୟର୍ଥଃ ଶିଷ୍ଟଂ ସ୍ପଷ୍ଟମ୍ ।। ୪୫ ।।

ରୁଦ୍ରାକ୍ଷ ଧାରଣସ୍ଥଳ ବର୍ଣ୍ଣନ –

ଯିଏ ଭସ୍ମରେ ସ୍ନାନ କରୁଥିବେ, ମସ୍ତକରେ ତ୍ରିପୁଣ୍ଡ୍ର ଧାରଣ କରୁଥିବେ ତଥା ପ୍ରତିଦିନ ଶିବଙ୍କର ପୂଜା କରୁଥିବେ, ସେ ରୁଦ୍ରାକ୍ଷ ମଧ୍ୟ ଧାରଣ କରିବା ଉଚିତ୍ ।। ୪୫ ।।

କିମନେନ ପ୍ରୟୋଜନମିତ୍ୟତ୍ରାହ –

ରୁଦ୍ରାକ୍ଷଧାରଣାଦେବ ମୁଚ୍ୟନ୍ତେ ସର୍ବପାତକୈଃ ।
ଦୁଷ୍ଟଚିତ୍ତା ଦୁରାଚାରା ଦୁଷ୍ପ୍ରଜ୍ଞା ଅପି ମାନବାଃ ।। ୪୬ ।।

ସ୍ପଷ୍ଟମ୍ ।। ୪୬ ।।

– ଦୂଷିତ ମନବାଲା, ଦୁରାଚାରୀ, ଭ୍ରଷ୍ଟବୁଦ୍ଧି ମନୁଷ୍ୟ ମଧ୍ୟ କେବଳ ରୁଦ୍ରାକ୍ଷଧାରଣରେ ସମସ୍ତ ପାପରୁ ମୁକ୍ତ ହୋଇଯାଏ ।। ୪୬ ।।

ନନ୍ୱେତେ ରୁଦ୍ରାକ୍ଷାଃ କଥମୁତ୍ପନ୍ନାଃ ? କୁତ ଏତାଦୃକ୍ ସାମର୍ଥ୍ୟମିତ୍ୟତ୍ରାହ –

ପୁରା ତ୍ରିପୁରସଂହାରେ ତ୍ରିନେତ୍ରୋ ଜଗତାଂ ପତିଃ ।
ଉଦପଶ୍ୟତ୍ ପୁରାଂ ଯୋଗମୁନ୍ମୀଳିତବିଲୋଚନଃ ।। ୪୭ ।।
ନିପେତୁସ୍ତସ୍ୟ ନେତ୍ରେଭ୍ୟୋ ବହବୋ ଜଳବିନ୍ଦବଃ ।
ତେଭ୍ୟୋ ଜାତା ହି ରୁଦ୍ରାକ୍ଷା ରୁଦ୍ରାକ୍ଷା ଇତି କୀର୍ତ୍ତିତାଃ ।। ୪୮ ।।

CC-0. Jangamwadi Math Digital Collection.

ରୁଦ୍ରନେତ୍ରସମୁତ୍ପନ୍ନା ରୁଦ୍ରାକ୍ଷା ଲୋକପାବନାଃ ।

ପୂର୍ବଂ ତ୍ରିପୁରସଂହାରପ୍ରସ୍ତାବେ ଜଗତାଂ ପତିଃ ବିଶ୍ୱପତିଃ ତ୍ରିନେତ୍ରଃ ସୋମସୂର୍ଯ୍ୟାଗ୍ନିନୟନଃ ଶିବଃ ଉନ୍ମୀଳିତ ବିଲୋଚନଃ ସଂହାରକାଳ ଏବ ଲଲାଟ ନେତ୍ରସ୍ୟୋନ୍ମେଷାଦ୍ ବିକଶିତ ନେତ୍ରତ୍ରୟଃ ସନ୍ ପୁରାଂ ତ୍ରିପୁରାଣାଂ ଯୋଗଂ ସମ୍ବନ୍ଧମ୍ ଉପଦର୍ଶ୍ୟଦ୍ ଊର୍ଦ୍ଧ୍ୱଂ ଦୃଷ୍ଟବାନ୍ । ତସ୍ୟ ନେତ୍ରେଭ୍ୟୋ ବହବଃ ଜଳବିନ୍ଦବଃ ଉଦକକଣାଃ ନିପେତୁଃ ଭୂମୌ ପତିତାଃ । ତେଭ୍ୟୋ ଜଳବିନ୍ଦୁଭ୍ୟୋ ରୁଦ୍ରାକ୍ଷା ଜାତାଃ । ହି ଯସ୍ମାତ୍ କାରଣାଦ୍ ରୁଦ୍ରନେତ୍ରସମୁତ୍ପନ୍ନାସ୍ତସ୍ମାତ୍ କାରଣାଦ୍ ରୁଦ୍ରାକ୍ଷା ଇତି କୀର୍ତ୍ତିତାସ୍ତତ ଏବ ଲୋକପାବନା ଇତ୍ୟର୍ଥଃ । 'ଅତ୍ର ପୁରା ତ୍ରିପୁରବଧାୟୋନ୍ମୀଲିତାକ୍ଷୋଽହଂ (ଅଭବମ୍) ତେଭ୍ୟୋ ଜଳବିନ୍ଦବୋ ଭୂମୌ ପତିତାସ୍ତେ ରୁଦ୍ରାକ୍ଷା ଜାତାଃ ସର୍ବାନୁଗ୍ରହାର୍ଥାୟ । ତେଷାଂ ନାମୋଚ୍ଚାରଣେନ ଦଶଶତଗୋଦାନଫଳଂ ଭବତି, ଦର୍ଶନସ୍ପର୍ଶନାଭ୍ୟାଂ ଦ୍ୱିଗୁଣଂ ତ୍ରିଗୁଣଂ ଫଳଂ ଭବତି । ଅତ ଊର୍ଦ୍ଧ୍ୱଂ ବକ୍ତୁଂ ନ ଶକ୍ୟମ୍[୧୦୪]' ଇତି ବୃହଜ୍ଜାବାଲାଦିଶ୍ରୁତିଃ ।। ୪୭-୪୮ ।।

- ପ୍ରାଚୀନ କାଳରେ ବିଶ୍ୱର ସ୍ୱାମୀ ଭଗବାନ୍ ଶଙ୍କର ତ୍ରିପୁର ସଂହାର ସମୟରେ ଆଖି ଖୋଲି କରି ଯୌଗିକ ଦୃଷ୍ଟି (ଶାମ୍ଭବୀ ମୁଦ୍ରା)ରେ (ଚିରକାଳ ପର୍ଯ୍ୟନ୍ତ) ପୁରମାନଙ୍କର ଯୋଗକୁ ଦେଖିଲେ ତ ତାଙ୍କର ନେତ୍ରରୁ ଯେଉଁ ଅଶ୍ରୁ (ପୃଥିବୀ ଉପରେ) ପଡ଼ିଲା, ସେଗୁଡ଼ିକ ରୁଦ୍ରାକ୍ଷ ହୋଇଗଲେ । (ରୁଦ୍ରଙ୍କ ଆଖିରୁ ଉତ୍ପନ୍ନ ହୋଇଥିବାରୁ ସଂସାରରେ) ରୁଦ୍ରାକ୍ଷ ନାମରେ ପ୍ରସିଦ୍ଧ ହେଲେ ।। ୪୭-୪୮ ।।

ଏବଂ ରୁଦ୍ରନେତ୍ର ସମୁତ୍ପନ୍ନତ୍ୱାତ୍ ତତ୍କାଳଭେଦେନାଷ୍ଟତ୍ରିଂଶତ୍ ପ୍ରକାରେଣୋତ୍ପତ୍ତିଂ ଭଜନ୍ତ ଇତ୍ୟାହ -

ଅଷ୍ଟତ୍ରିଂଶତ୍ପ୍ରଭେଦେନ ଭବନ୍ତ୍ୟୁତ୍ପତ୍ତିଭେଦତଃ ।। ୪୯ ।।

ସ୍ପଷ୍ଟମ୍ ।। ୪୯ ।।

- ରୁଦ୍ରଙ୍କ ନେତ୍ରରୁ ଉତ୍ପନ୍ନ ତଥା ଲୋକପାବନ ଏହି ରୁଦ୍ରାକ୍ଷ ଉତ୍ପତ୍ତି ଭେଦରେ ଅଠତିରିଶ ପ୍ରକାରର ଥାଏ ।। ୪୯ ।।

ଅଥ କସ୍ମାନ୍ନେତ୍ରାତ୍ କିୟନ୍ତ ଉତ୍ପନ୍ନା ଇତ୍ୟତ୍ରାହ -

ନେତ୍ରାତ୍ ସୂର୍ଯ୍ୟାତ୍ମନଃ ଶମ୍ଭୋଃ କପିଳା ଦ୍ୱାଦଶୋଦିତାଃ ।
ଶ୍ୱେତାଃ ଷୋଡ଼ଶ ସଞ୍ଜାତାଃ ସୋମରୂପାଦ୍ୱିଲୋଚନାତ୍ ।। ୫୦ ।।

---

୧୦୪. ବୃହଜ୍ଜାବାଲୋପନିଷଦି ସପ୍ତମବ୍ରାହ୍ମଣେ ଅଷ୍ଟମଖଣ୍ଡେ ରୁଦ୍ରାକ୍ଷବର୍ଣ୍ଣନଂ ଶ୍ରୂୟତେ, କିନ୍ତ୍ୱାନୁପୂର୍ବୀ ଭିନ୍ନାଽସ୍ତି ।

CC-0. Jangamwadi Math Digital Collection.

କୃଷ୍ଣା ଦଶବିଧା ଜାତା ବହ୍ନିରୂପାଦ୍ୱିଲୋଚନାତ୍ ।
ଏବମୁତ୍ପତ୍ତିଭେଦେନ ରୁଦ୍ରାକ୍ଷା ବହୁଧା ସ୍ମୃତାଃ [୧୦୫] ।। ୫୧ ।।

ସୂର୍ଯ୍ୟସ୍ୟ ସୂର୍ଯ୍ୟାତ୍ମନୋ ନେତ୍ରାତ୍ କପିଳାଃ କପିବର୍ଣ୍ଣା ଦ୍ୱାଦଶ ଦ୍ୱାଦଶ ଭେଦବନ୍ତୋ ରୁଦ୍ରାକ୍ଷା ଉଦିତାଃ, ଉତ୍ପନ୍ନା ଇତ୍ୟର୍ଥଃ । ସୂର୍ଯ୍ୟନେତ୍ରସ୍ୟ ତପିନ୍ୟାଦିଦ୍ୱାଦଶକଳାତ୍ମକତ୍ୱାତ୍। ସୋମରୂପାଦ୍ୱିଲୋଚନାତ୍ ଚନ୍ଦ୍ରନୟନାତ୍ ଶ୍ୱେତାଃ ଶୁଭ୍ରବର୍ଣ୍ଣାଃ ଷୋଡ଼ଶ ଷୋଡ଼ଶଭେଦବନ୍ତଃ ସଞ୍ଜାତା ଉତ୍ପନ୍ନାଃ, ତନ୍ନେତ୍ରସ୍ୟାମୃତାଦିଷୋଡ଼ଶକଳାତ୍ମକତ୍ୱାତ୍ ବହ୍ନିରୂପାଦ୍ୱିଲୋଚନାତ୍ ବହ୍ନିନୟନାତ୍ କୃଷ୍ଣାଃ କୃଷ୍ଣବର୍ଣ୍ଣାଃ ଦଶବିଧାଃ ଦଶଭେଦବନ୍ତଃ ଜାତା ଉତ୍ପନ୍ନାଃ, ତନ୍ନେତ୍ରସ୍ୟ ଧୂମ୍ରାର୍ଚ୍ଚିଃ ପ୍ରଭୃତିଦଶକଳାତ୍ମକତ୍ୱାତ୍ । ଏବମୁତ୍ପତ୍ତିଭେଦେନ ରୁଦ୍ରାକ୍ଷା ବହୁଧା ବହୁବିଧାଃ ସ୍ମୃତା ଇତ୍ୟର୍ଥଃ ।। ୫୦-୫୧ ।।

– ଶିବଙ୍କର ସୂର୍ଯ୍ୟାତ୍ମକ ନେତ୍ରରୁ ବାର ପ୍ରକାରର[୧୦୬] କପିଳବର୍ଣ୍ଣର (ରୁଦ୍ରାକ୍ଷ) ଉତ୍ପନ୍ନ ହେବାର କୁହାଯାଇଛି । ଚନ୍ଦ୍ରରୂପକ ନେତ୍ରରୁ ଶ୍ୱେତବର୍ଣ୍ଣର ଷୋହଳ[୧୦୭] ରୁଦ୍ରାକ୍ଷ ହେଲେ । ବହ୍ନିରୂପକ ନେତ୍ରରୁ ଦଶ[୧୦୮] ପ୍ରକାରର କୃଷ୍ଣବର୍ଣ୍ଣର ରୁଦ୍ରାକ୍ଷ ଉତ୍ପନ୍ନ ହେଲେ । ଏହିପରି ଉତ୍ପତ୍ତି ଭେଦରେ ରୁଦ୍ରାକ୍ଷ ଅନେକ (୧୨ + ୧୬ + ୧୦ = ୩୮) ପ୍ରକାରର ଅଟନ୍ତି ।। ୫୦-୫୧ ।।

ଅଥ ଧାର୍ଯ୍ୟରୁଦ୍ରାକ୍ଷଲକ୍ଷଣମାହ –

ଅଚ୍ଛିଦ୍ରଂ କନକପ୍ରଖ୍ୟମନନ୍ୟଧୃତମୁତ୍ତମମ୍ ।
ରୁଦ୍ରାକ୍ଷଂ ଧାରୟେତ୍ ପ୍ରାଜ୍ଞଃ ଶିବପୂଜାପରାୟଣଃ ।। ୫୨ ।।

ଅଚ୍ଛିଦ୍ରମକୃମିଚୁମ୍ବିତମିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୫୨ ।।

– ଛିଦ୍ର ରହିତ (କୀଟଦଂଷ୍ଟ୍ର ରହିତ), ସୁବର୍ଣ୍ଣ ବର୍ଣ୍ଣ ଯୁକ୍ତ ଏବଂ ଯାହାକୁ କେହି ଧାରଣ କରିନାହାନ୍ତି, ତାହା ଉତ୍ତମ ରୁଦ୍ରାକ୍ଷ ଅଟେ । ଶିବପୂଜା ପରାୟଣ ବୁଦ୍ଧିମାନ ବ୍ୟକ୍ତି ଏହିପରି ରୁଦ୍ରାକ୍ଷ ଧାରଣ କରିବା ଉଚିତ୍ ।। ୫୨ ।।

ଅଥ କୁତ୍ର କଥଂ କତି ଧାରଣୀୟା ଇତ୍ୟତ୍ରାହ –

---

୧୦୫. ତୁଳନୀୟ – ରୁଦ୍ରାକ୍ଷଜାବାଲୋପନିଷଦ୍ ।

୧୦୬. ସୂର୍ଯ୍ୟଙ୍କର ତପିନୀ-ତାପିନୀ ଆଦି ବାରଟି କଳା ଅଛି । ତେଣୁ ସେଠାରୁ ଉତ୍ପନ୍ନ ରୁଦ୍ରାକ୍ଷର ସଂଖ୍ୟା ବାର ।

୧୦୭. ଚନ୍ଦ୍ରମାଙ୍କର ଅମୃତା ଆଦି ଷୋହଳ କଳାରୁ ଶ୍ୱେତବର୍ଣ୍ଣର ଷୋହଳ ରୁଦ୍ରାକ୍ଷ ଉତ୍ପନ୍ନ ହେଲେ ।

୧୦୮. ଅଗ୍ନିଙ୍କର ଧୂମ୍ରାର୍ଚ୍ଚିଷ ଆଦି ଦଶକଳାରୁ କୃଷ୍ଣବର୍ଣ୍ଣର ଦଶପ୍ରକାର ରୁଦ୍ରାକ୍ଷ ଉତ୍ପନ୍ନ ହେଲେ।

CC-0. Jangamwadi Math Digital Collection.

ଯଥାସ୍ଥାନଂ ଯଥାବକ୍ତ୍ରଂ ଯଥାଯୋଗଂ ଯଥାବିଧି ।
ରୁଦ୍ରାକ୍ଷଧାରଣଂ ବକ୍ଷ୍ୟେ ରୁଦ୍ରସାଯୁଜ୍ୟସିଦ୍ଧୟେ ।। ୫୩।।

ସ୍ପଷ୍ଟମ୍ ।। ୫୩।।

– (ଏବେ ମୁଁ) ଶିବସାଯୁଜ୍ୟ[୧୦୯] ପାଇଁ ଉପଯୁକ୍ତ ସ୍ଥାନ, ଯୋଗ ଓ ଶାସ୍ତ୍ରସମ୍ମତବିଧି ଦୃଷ୍ଟିରୁ ରୁଦ୍ରାକ୍ଷଧାରଣ ବତାଇବି ।। ୫୩।।

ପ୍ରତିଜ୍ଞାୟ ସ୍ଥାନଂ ସଂଖ୍ୟାଂ ଚାହ –

ଶିଖାୟାମେକମେକାସ୍ୟଂ ରୁଦ୍ରାକ୍ଷଂ ଧାରୟେଦ୍ ବୁଧଃ ।
ଦ୍ୱିତ୍ରିଦ୍ୱାଦଶବକ୍ତ୍ରାଣି ଶିରସି ତ୍ରୀଣି ଧାରୟେତ୍ ।। ୫୪।।
ଷଟ୍‌ତ୍ରିଂଶଦ୍ଧାରୟେନ୍ ମୂର୍ଧ୍ନି ନିତ୍ୟମେକାଦଶାନନାନ୍ ।
ଦଶସପ୍ତପଞ୍ଚବକ୍ତ୍ରାନ୍ ଷଟ୍ ଷଟ୍ କର୍ଣ୍ଣଦ୍ୱୟେ ବହେତ୍ ।। ୫୫।।
ଷଡ଼ଷ୍ଟବଦନାଦ୍ କଣ୍ଠେ ଦ୍ୱାତ୍ରିଂଶଦ୍ଧାରୟେତ୍ ସଦା ।
ପଞ୍ଚାଶଦ୍ଧାରୟେଦ୍ ବିଦ୍ୱାନ୍ ଚତୁର୍ବକ୍ତ୍ରାଣି ବକ୍ଷସି ।। ୫୬।।
ତ୍ରୟୋଦଶ ମୁଖାନ୍ ବାହ୍ୱୋଧରେତ୍ ଷୋଡ଼ଶ ଷୋଡ଼ଶ[୧୧୦] ।
ପ୍ରତ୍ୟେକଂ ଦ୍ୱାଦଶ ବହେନ୍ନବାସ୍ୟାନ୍ ମଣିବନ୍ଧୟୋଃ ।। ୫୭।।
ଚତୁର୍ଦଶମୁଖଂ ଯଜ୍ଞସୂତ୍ରମଷ୍ଟୋତ୍ତରଂ ଶତମ୍ ।
ଧାରୟେତ୍ ସାର୍ବକାଲଂ ତୁ ରୁଦ୍ରାକ୍ଷଂ ଶିବପୂଜକଃ ।। ୫୮ ।।

ଅତ୍ର ଦଶସପ୍ତପଞ୍ଚବକ୍ତ୍ରାନ୍ ଷଟ୍ ଷଟ୍ କର୍ଣ୍ଣଦ୍ୱୟ ଇତ୍ୟତ୍ର ଦଶମୁଖଂ ଦ୍ୱୟଂ ପଞ୍ଚମୁଖଂ ଦ୍ୱୟଂ ସପ୍ତମୁଖଂ ଦ୍ୱୟମ୍ ଏବଂ ଷଟ୍ ଷଟ୍ କର୍ଣ୍ଣଦ୍ୱୟେ ଧାରଣୀୟମିତ୍ୟର୍ଥଃ, 'ସମଂ ସ୍ୟାଦଶ୍ରୁତତ୍ୱାଦ୍' ଇତି ନ୍ୟାୟାଦ୍, 'ଷଟ୍ ଷଟ୍ କର୍ଣ୍ଣୟୋରେକମେକମ୍' ଇତି ରୁଦ୍ରାକ୍ଷଜାବାଳଶ୍ରୁତେଃ । ଏକମେକଂ ବା କର୍ଣ୍ଣଦ୍ୱୟେ ଧାରୟେତ୍ । ଏବଂ କଣ୍ଠେଦ୍ଧପି ଷଡ଼ଷ୍ଟବଦନାନ୍ ସମତ୍ୱେନ ଧାରୟେଦିତି । ଶିଷ୍ଟଂ ସ୍ପଷ୍ଟମ୍ । ଅୟଂ ଭାବଃ – ଶୁଦ୍ଧମିଶ୍ର ସଙ୍କୀର୍ଣ୍ଣଭୁବନାଧୀଶଶିବାଷ୍ଟବିଦ୍ୟେଶ୍ୱରଶତରୁଦ୍ରସଂଖ୍ୟା ଚ ଯଜ୍ଞୋପବୀତଧାରଣେନ ଭୁବନାଧ୍ୱଶୁଦ୍ଧିଃ, ବର୍ଣ୍ଣସଂଖ୍ୟାତ ବକ୍ଷୋମାଳୟା ବର୍ଣ୍ଣାଧ୍ୱଶୁଦ୍ଧିଃ, ପଦସଂଖ୍ୟାତ ମଣିବନ୍ଧବାହୁକଣ୍ଠମାଳୟା ପଦାଧ୍ୱଶୁଦ୍ଧିଃ, ଷଡ଼ଙ୍ଗପଞ୍ଚବ୍ରହ୍ମପ୍ରଣବମନ୍ତ୍ରସଂଖ୍ୟାତକର୍ଣ୍ଣାଭରଣେନ

---

୧୦୯. ଚାରିପ୍ରକାରର ମୁକ୍ତି ଶାସ୍ତ୍ରରେ ବର୍ଣ୍ଣିତ ଅଛି – ସାଲୋକ୍ୟ, ସାମୀପ୍ୟ, ସାରୂପ୍ୟ ଏବଂ ସାଯୁଜ୍ୟ । ଏଥି ମଧ୍ୟରୁ ସାଯୁଜ୍ୟ ମୁକ୍ତି ସର୍ବୋତ୍କୃଷ୍ଟ ଅଟେ ।

୧୧୦. ତୁଳନୀୟ – ରୁଦ୍ରାକ୍ଷଜାବାଲୋପନିଷଦ୍ ।

CC-0. Jangamwadi Math Digital Collection.

ମନ୍ତ୍ରାଧ୍ୱଶୁଦ୍ଧିଃ, ଶିବଶକ୍ତ୍ୟାତ୍ମକକର୍ଣ୍ଣାଭରଣେନ ବା ତତ୍ତ୍ୱସଂଖ୍ୟାତମସ୍ତକମାଳୟା କଳାଧ୍ୱଶୁଦ୍ଧିଃ । ଏବଂ ରୂପଷଡ଼ଧ୍ୱକାରଣୀଭୂତପରଶିବବ୍ରହ୍ମମୟଶିଖାଗତୈକରୁଦ୍ରାକ୍ଷ ଧାରଣେନ ପରଶିବସ୍ୱରୂପ[111] ଏବ 'ଯୋ ରୁଦ୍ରାକ୍ଷଂ ଧତ୍ତେ ସ ସତ୍ୟଂ ପରମଃ ଶିବଃ ସ ସତ୍ୟଂ ପରମଃ ଶିବଃ' ଇତି ଶ୍ରୁତେଃ ।। ୫୪-୫୮ ।।

– ବିଦ୍ୱାନ୍ ଗୋଟିଏ ଏକମୁଖୀ ରୁଦ୍ରାକ୍ଷକୁ ଶିଖାରେ ଧାରଣ କରେ । ଦୁଇ, ତିନି ଓ ବାରମୁଖୀ ଏହି ତିନି ପ୍ରକାର ରୁଦ୍ରାକ୍ଷକୁ ଶିରରେ ଧାରଣ କରେ । ଏକାଦଶମୁଖୀ ଛତିଶ ରୁଦ୍ରାକ୍ଷ ମସ୍ତକ ଉପରେ ତଥା ଦଶ, ସାତ ତଥା ପାଞ୍ଚମୁଖବାଲା ରୁଦ୍ରାକ୍ଷକୁ ଛଅ-ଛଅ ସଂଖ୍ୟାରେ ଦୁଇ କାନରେ ଧାରଣ କରିବା ଉଚିତ୍ । ଛଅ ଏବଂ ଅଷ୍ଟମୁଖୀର ବତିଶଟି ରୁଦ୍ରାକ୍ଷକୁ କଣ୍ଠରେ ଧାରଣ କରେ । ଚାରିମୁଖୀ ପଚାଶଟି ରୁଦ୍ରାକ୍ଷକୁ ବିଦ୍ୱାନ୍ ବକ୍ଷରେ ଧାରଣ କରେ । ତେରଟି ମୁଖବାଲା ଷୋହଳ-ଷୋହଳ ରୁଦ୍ରାକ୍ଷକୁ ଦୁଇ ଭୁଜରେ ଧାରଣ କରେ । ନବମୁଖୀ ରୁଦ୍ରାକ୍ଷରୁ ବାର-ବାରଟି ଦୁଇ ମଣିବନ୍ଧରେ ଧାରଣ କରେ । ଚଉଦମୁଖୀ ରୁଦ୍ରାକ୍ଷରୁ ଏକ ଶହ ଆଠଟି ଶିବାର୍ଚ୍ଚକ ସବୁ ସମୟରେ ଯଜ୍ଞୋପବୀତ ଭାବରେ ଧାରଣ କରେ ।। ୫୪-୫୮ ।।

ଅଥୈବଂ ରୁଦ୍ରାକ୍ଷଧାରଣାତ୍ ସର୍ବପାପକ୍ଷୟ ଇତ୍ୟାହ –

ଏବଂ ରୁଦ୍ରାକ୍ଷଧାରୀ ଯଃ ସର୍ବକାଳେ ତୁ ବର୍ତ୍ତତେ ।
ତସ୍ୟ ପାପକଥା ନାସ୍ତି ମୂଢସ୍ୟାପି ନ ସଂଶୟଃ ।। ୫୯ ।।

ଏବମୁକ୍ତପ୍ରକାରେଣ ଏଷୁ ସ୍ଥାନେଷୁ ସଦା ରୁଦ୍ରାକ୍ଷ ଧାରିଣୋ ମୂଢସ୍ୟାପି ପାପବାର୍ତ୍ତା ନାସ୍ତି, କୁତଃ ପାପସମ୍ବନ୍ଧ ଇତ୍ୟର୍ଥଃ ।। ୫୯ ।।

– ଏହିପରି ଯିଏ ସବୁ ସମୟରେ ରୁଦ୍ରାକ୍ଷ ଧାରଣ କରେ, ସିଏ ମୂର୍ଖ (ଶାସ୍ତ୍ର ଅନଭିଜ୍ଞ, ଅତଏବ ନିରଙ୍କୁଶଚାରୀ) ହେଲେ ମଧ୍ୟ ତାର ପାପ ହୁଏ ନାହିଁ ।। ୫୯ ।।

---

୧୧୧. ଶୈବ ଦର୍ଶନରେ ଷଡ଼ଧ୍ୱାର ରହସ୍ୟ ଭେଦରେ ଶିବତ୍ୱଲାଭ କୁହାଯାଇଛି । ସେହି ଅଧ୍ୱ ଦୁଇ ପ୍ରକାରର – କାଳାଧ୍ୱ ଏବଂ ଦେଶାଧ୍ୱ । ସେହି ଦୁଇଟିର କ୍ରମଶଃ ମନ୍ତ୍ର-ବର୍ଣ୍ଣ-ପଦ ତଥା କଳା-ତତ୍ତ୍ୱ ଓ ଭୁବନ ନାମକ ତିନି-ତିନି କରି ଛଅଟି ଭେଦ ହୁଏ । ଅଧ୍ୱର ଅର୍ଥ-ମାର୍ଗ, ଅନେକତ୍ୱରୁ ଏକତ୍ୱକୁ ଯିବାର ମାର୍ଗ । ଭୁବନର ତତ୍ତ୍ୱରେ, ତତ୍ତ୍ୱର କଳାରେ ତଥା ମନ୍ତ୍ରର ପଦରେ, ପଦର ବର୍ଣ୍ଣରେ ଲୟ ହେବା ପରେ ବର୍ଣ୍ଣ ଓ କଳା ଶେଷ ରହନ୍ତି । ଏହି ଦୁଇଟିର ପରସ୍ପର ଲୟ ହେବାପରେ ନାଦ, ନାଦରୁ ବିନ୍ଦୁ ଅବଶିଷ୍ଟ ରହେ । ଏହି ବିନ୍ଦୁ ହେଉଛି ଶବ୍ଦ ବ୍ରହ୍ମ । ଏହାର ଲୟ ହେବା ପରେ ପରବ୍ରହ୍ମ ଅଥବା ପରଶିବତ୍ୱର ପ୍ରାପ୍ତି ହୋଇଥାଏ ।

CC-0. Jangamwadi Math Digital Collection.

ନନୁ କ୍ଷୁଦ୍ରପାପ ସମ୍ବନ୍ଧୋ ନାସ୍ତୀତ୍ୟୁଚ୍ୟତେ ବା ମହାପାତକସମ୍ବନ୍ଧୋ ନାସ୍ତୀତ୍ୟୁଚ୍ୟତେ ବେତ୍ୟତ୍ରାହ –

ବ୍ରହ୍ମହା ମଦ୍ୟପାୟୀ ଚ ସ୍ୱର୍ଣ୍ଣହୃଦ୍ ଗୁରୁତଳ୍ପଗଃ ।
ମାତୃହା ପିତୃହା ଚୈବ ଭ୍ରୂଣହା କୃତଘାତକଃ ।
ରୁଦ୍ରାକ୍ଷଧାରଣାଦେବ ମୁଚ୍ୟତେ ସର୍ବପାତକୈଃ ।। ୬୦ ।।

ଅତ୍ର ସର୍ବଶବ୍ଦେନାନୁପାତକାନି ସଂଗୃହୀତାନୀତି ବୋଧ୍ୟମ୍ ।। ୬୦ ।।

– ବ୍ରହ୍ମଘାତୀ, ମଦ୍ୟପାୟୀ, ସ୍ୱର୍ଣ୍ଣଚୋର, ଗୁରୁପତ୍ନୀ ସହିତ ସମାଗମ କରୁଥିବା ବ୍ୟକ୍ତି, ମାତା-ପିତାଙ୍କର ହତ୍ୟାକାରୀ, ଭ୍ରୂଣହତ୍ୟାକାରୀ, କୃତଘ୍ନ ମଧ୍ୟ ରୁଦ୍ରାକ୍ଷଧାରଣ କରି ସବୁ ପାପରୁ ମୁକ୍ତ ହୋଇଯାଏ ।। ୬୦ ।।

ଅଥ ବିଶେଷମାହ –

ଦର୍ଶନାଦ୍ ସ୍ପର୍ଶନାଚ୍ଚୈବ ସ୍ମରଣାଦପି ପୂଜନାଦ୍ ।
ରୁଦ୍ରାକ୍ଷଧାରଣାଲ୍ଲୋକେ ମୁଚ୍ୟନ୍ତେ ପାତକୈର୍ଜନାଃ ।। ୬୧ ।।

ସ୍ପଷ୍ଟମ୍ ।। ୬୧ ।।

– ରୁଦ୍ରାକ୍ଷର ଦର୍ଶନ, ସ୍ପର୍ଶ, ସ୍ମରଣ, ପୂଜନ ତଥା ଧାରଣରେ ଲୋକ ପାପରୁ ମୁକ୍ତ ହୋଇଯାଏ ।। ୬୧ ।।

ଅତ୍ର 'ଜନ' ଶବ୍ଦେନ କୋ ବା ବିବକ୍ଷିତ ଇତ୍ୟତ୍ରାହ –

ବ୍ରାହ୍ମଣୋ ବାନ୍ତ୍ୟଜୋ ବାପି ମୂର୍ଖୋ ବା ପଣ୍ଡିତୋଽପି ବା ।
ରୁଦ୍ରାକ୍ଷଧାରଣାଦେବ ମୁଚ୍ୟତେ ସର୍ବପାତକୈଃ ।। ୬୨ ।।

ଅନେନ ରୁଦ୍ରାକ୍ଷଧାରଣେ ସର୍ବେଽପ୍ୟଧିକାରିଣ ଇତ୍ୟୁକ୍ତଂ ଭବତି ।। ୬୨ ।।

– ବ୍ରାହ୍ମଣ ହେଉ ଅଥବା ଅନ୍ତ୍ୟଜ, ମୂର୍ଖ ହେଉ ଅଥବା ପଣ୍ଡିତ, କେବଳ ରୁଦ୍ରାକ୍ଷ ଧାରଣରେ ସବୁ ପାପରୁ ମୁକ୍ତ ହୋଇଯାଏ ଅର୍ଥାତ୍ ସମ୍ପୂର୍ଣ୍ଣ ମାନବଜାତି ରୁଦ୍ରାକ୍ଷ ଧାରଣ ପାଇଁ ଅଧିକାରୀ ଅଟେ ।। ୬୨ ।।

ନନ୍ୱନେନ ପାପକ୍ଷୟମାତ୍ରଂ ବା, ପୁଣ୍ୟମପି କିଞ୍ଚିଦସ୍ତି ବେତ୍ୟତ୍ରାହ –

ଗବାଂ କୋଟିପ୍ରଦାନସ୍ୟ ଯତ୍ ଫଳଂ ଭୁବି ଲଭ୍ୟତେ ।
ତତ୍ ଫଳଂ ଲଭତେ ମର୍ତ୍ତ୍ୟୋ ନିତ୍ୟଂ ରୁଦ୍ରାକ୍ଷଧାରଣାତ୍ ।। ୬୩।।

ସ୍ପଷ୍ଟମ୍ ।। ୬୩।।

– ପୃଥିବୀ ଲୋକରେ ଏକ କୋଟି ଗାଈ ଦାନ କଲେ ଯେଉଁ ପୁଣ୍ୟ ପ୍ରାପ୍ତ ହୁଏ, ମନୁଷ୍ୟ ରୁଦ୍ରାକ୍ଷକୁ ନିତ୍ୟ ଧାରଣ କରି ସେହି ଫଳ ପ୍ରାପ୍ତ କରିଥାଏ ।। ୬୩।।

CC-0. Jangamwadi Math Digital Collection.

ଅଥାସ୍ୟୈଦାବନ୍‌ମାତ୍ରମେବ, ନ, କ୍ରିୟାଭେଦେନାନ୍ୟୋଽପି ଚମତ୍କାରୋଽସ୍ତୀତ୍ୟାହ –

ମୃତ୍ୟୁକାଲେ ଚ ରୁଦ୍ରାକ୍ଷଂ ନିଷ୍ପୀଡ୍ୟ ସହ ବାରିଣା ।
ଯଃ ପିବେଚ୍ଚିନ୍ତୟନ୍ ରୁଦ୍ରଂ ରୁଦ୍ରଲୋକଂ ସ ଗଚ୍ଛତି ।। ୬୪ ।।

ସ୍ପଷ୍ଟମ୍ ।। ୬୪ ।।

– ମୃତ୍ୟୁ ସମୟରେ ରୁଦ୍ରାକ୍ଷକୁ ପାଣି ସହିତ ଘୋରିକି ଯିଏ ରୁଦ୍ରଙ୍କୁ ଧ୍ୟାନ କରି ପାନ କରେ, ସିଏ ରୁଦ୍ରଲୋକକୁ ପ୍ରାପ୍ତ କରେ ।। ୬୪ ।।

ଏବଂ ନିଶ୍ଚିତ୍ୟ ଯେ ଭସ୍ମରୁଦ୍ରାକ୍ଷଧାରିଣଃ ସନ୍ତି, ତେ ରୁଦ୍ରା ଏବେତ୍ୟାହ –

ଭସ୍ମୋଦ୍ଧୂଳିତସର୍ବାଙ୍ଗା ଧୃତରୁଦ୍ରାକ୍ଷମାଳିକାଃ ।
ଯେ ଭବନ୍ତି ମହାତ୍ମାନସ୍ତେ ରୁଦ୍ରା ନାତ୍ର ସଂଶୟଃ ।। ୬୫ ।।

ସ୍ପଷ୍ଟମ୍ ।। ୬୫ ।।

– ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ଶରୀରରେ ଭସ୍ମ ଧାରଣ କରି ରୁଦ୍ରାକ୍ଷମାଳା ଧାରଣ କରିଥାନ୍ତି, ସେହି ମହାତ୍ମା ରୁଦ୍ର ହିଁ ଅଟନ୍ତି, ଏଥିରେ ସନ୍ଦେହ ନାହିଁ ।। ୬୫ ।।

ଅଥ ଭସ୍ମରୁଦ୍ରାକ୍ଷଧାରଣଶୂନ୍ୟେନ ଦ୍ୱିଜେନ ବିଧୀୟମାନଂ ନିତ୍ୟନୈମିତ୍ତିକାଦିକଂ କର୍ମାପି ବ୍ୟର୍ଥମିତ୍ୟାହ –

ନିତ୍ୟାନି କାମ୍ୟାନି ନିମିତ୍ତଜାନି
କର୍ମାଣି ସର୍ବାଣି ସଦାଽପି କୁର୍ବନ୍ ।
ଯୋ ଭସ୍ମରୁଦ୍ରାକ୍ଷଧରୋ ଯଦି ସ୍ୟାଦ୍
ଦ୍ୱିଜୋ ନ ତସ୍ୟାସ୍ତି ଫଲୋପପତ୍ତିଃ ।। ୬୬ ।।

ଉପପତ୍ତିଃ ପ୍ରାପ୍ତିରିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୬୬ ।।

– ନିତ୍ୟ, କାମ୍ୟ ଏବଂ ନୈମିତ୍ତିକ ସମସ୍ତ କର୍ମକୁ ସର୍ବଦା କରୁଥିବା ଯେଉଁ ଦ୍ୱିଜ ଭସ୍ମ ଏବଂ ରୁଦ୍ରାକ୍ଷ ଧାରଣ କରେ, ତାଙ୍କୁ କର୍ମର ଫଳ ଭୋଗ କରିବାକୁ ପଡ଼େ ନାହିଁ ଅର୍ଥାତ୍ ସେ ମୁକ୍ତ ହୋଇଯାଏ ।। ୬୬ ।।

ତସ୍ମାଦ୍‌ବର୍ଣ୍ଣାଶ୍ରମାଚାରନିଷ୍ଠେଷୁ ଭସ୍ମରୁଦ୍ରାକ୍ଷଧର ଏକ ଏବ ଗରୀୟାନିତ୍ୟାହ –

ସର୍ବେଷୁ ବର୍ଣ୍ଣାଶ୍ରମସଙ୍ଗତେଷୁ ନିତ୍ୟଂ ସଦାଚାରପରାୟଣେଷୁ ।
ଶ୍ରୁତିସ୍ମୃତିଭ୍ୟାମିହ ଚୋଦ୍ୟମାନୋ ବିଭୂତିରୁଦ୍ରାକ୍ଷଧରଃ ସମାନଃ ।।୬୭ ।।

ବ୍ରାହ୍ମଣାଦିବର୍ଣ୍ଣବ୍ରହ୍ମଚର୍ଯ୍ୟାଦ୍ୟାଶ୍ରମସଂଯୁତେଷୁ ସର୍ବେଷୁ ବିଷୟେ ଇହ ଲୋକେ ବିଭୂତିରୁଦ୍ରାକ୍ଷଧରଃ ସମାନୋ ଭସ୍ମରୁଦ୍ରାକ୍ଷଧର ଏକ ଏବ ଶ୍ରୁତିସ୍ମୃତିଭ୍ୟାଂ ଚୋଦ୍ୟମାନଃ ଶ୍ଲାଘନୀୟଃ ।। ୬୭ ।।

CC-0. Jangamwadi Math Digital Collection.

– ସମସ୍ତ ବର୍ଣ୍ଣାଶ୍ରମୀ ତଥା ନିତ୍ୟ ସଦାଚାରରେ ଯୁକ୍ତ ଲୋକଙ୍କ ମଧ୍ୟରେ ଭସ୍ମ ଏବଂ ରୁଦ୍ରାକ୍ଷଧାରୀ ଶ୍ରୁତି ଏବଂ ସ୍ମୃତି ଦ୍ୱାରା ସମାନ ଭାବରେ ଆଦରଣୀୟ ହୋଇଥାଏ ।। ୬୭।।

ଇତି ଶ୍ରୀଷଡ୍‌ସ୍ଥଳବ୍ରହ୍ମିଣା ଶିବଯୋଗିନାମ୍ନା ପ୍ରଣୀତେ ବୀରଶୈବଧର୍ମନିର୍ଣ୍ଣୟେ ସିଦ୍ଧାନ୍ତଶିଖାମଣୌ ଭକ୍ତସ୍ଥଳେ ବିଭୂତିରୁଦ୍ରାକ୍ଷଧାରଣପ୍ରସଙ୍ଗୋ ନାମ ସପ୍ତମଃ ପରିଚ୍ଛେଦଃ ।। ୭।।

ଇତି ଶ୍ରୀମତ୍‌ପଦବାକ୍ୟପ୍ରମାଣପାରାବାରଧୁରୀଣଶ୍ରୀମରିତୋଣ୍ଟଦାର୍ଯ୍ୟେଣ ବିରଚିତାୟାଂ ତତ୍ତ୍ୱପ୍ରଦୀପିକାଖ୍ୟାୟାଂ ସିଦ୍ଧାନ୍ତଶିଖାମଣିବ୍ୟାଖ୍ୟାୟାଂ ଭସ୍ମରୁଦ୍ରାକ୍ଷ ଧାରଣ ସ୍ଥଳନାମା ସପ୍ତମଃ ପରିଚ୍ଛେଦଃ ।। ୭।।

– ଏହିପରି ଶ୍ରୀସିଦ୍ଧାନ୍ତଶିଖାମଣିର ଭସ୍ମରୁଦ୍ରାକ୍ଷ ଧାରଣସ୍ଥଳ ନାମକ ସପ୍ତମ ପରିଚ୍ଛେଦର ଆଚାର୍ଯ୍ୟ ରାଧେଶ୍ୟାମଚତୁର୍ବେଦୀ କୃତ 'ଜ୍ଞାନବତୀ' ହିନ୍ଦୀ ବ୍ୟାଖ୍ୟାର ଓଡ଼ିଆ ଅନୁବାଦ ସମ୍ପୂର୍ଣ୍ଣ ହେଲା ।। ୭।।

❖❖❖

CC-0. Jangamwadi Math Digital Collection.

ଅଷ୍ଟମଃ ପରିଚ୍ଛେଦଃ

ଅଥୈବଂ ଶିବଲିଙ୍ଗରୁଦ୍ରାକ୍ଷଧାରଣସମ୍ପନ୍ନଃ ଶିବତତ୍ତ୍ୱପ୍ରକାଶାର୍ଥଂ ପଞ୍ଚାକ୍ଷରୀଂ ଜପେଦିତି ପଞ୍ଚାକ୍ଷରୀ ଜପସ୍ଥଳମଗସ୍ତ୍ୟାୟ ନିରୂପୟତି ଶ୍ରୀରେଣୁକଃ –

ଧୃତଶ୍ରୀଭୂତି ରୁଦ୍ରାକ୍ଷଃ ପ୍ରୟତୋ ଲିଙ୍ଗଧାରକଃ ।
ଜପେତ୍ ପଞ୍ଚାକ୍ଷରୀବିଦ୍ୟାଂ ଶିବତତ୍ତ୍ୱ ପ୍ରବୋଧିନୀମ୍ ।। ୧ ।।

ଧୃତମାଙ୍ଗଲ୍ୟଭୂତି ରୁଦ୍ରାକ୍ଷ ପବିତ୍ରିତଃ ଶିବଲିଙ୍ଗଧାରକଃ ଶିବତତ୍ତ୍ୱପ୍ରବୋଧିନୀଂ ପରଶିବ-ତତ୍ତ୍ୱପ୍ରକାଶିନୀଂ ପଞ୍ଚାକ୍ଷରୀବିଦ୍ୟାଂ ନମଶ୍ଶିବାୟେତି ଶ୍ରୀରୁଦ୍ରମନ୍ତ୍ର ପ୍ରସିଦ୍ଧ ପଞ୍ଚାକ୍ଷରୀମନ୍ତ୍ରଂ ଜପେତ୍, ମାନସୋପାଂଶୁ ବାଚିକ ସ୍ୱରୂପେଣୋଚ୍ଚରେତ୍ 'ଜପ ଅବ୍ୟକ୍ତାୟାଂ ବାଚି' ଇତି ଧାତୋରିତ୍ୟର୍ଥଃ ।। ୧ ।।

ପଞ୍ଚାକ୍ଷର ଜପ ସ୍ଥଳବର୍ଣ୍ଣନ –

ବିଭୂତି ଏବଂ ରୁଦ୍ରାକ୍ଷ ଧାରଣ କରୁଥିବା, ପବିତ୍ର ତଥା ଲିଙ୍ଗ ଧାରଣ କରୁଥିବା ବ୍ୟକ୍ତି ଶିବତତ୍ତ୍ୱର ଜ୍ଞାନ କରାଉଥିବା ପଞ୍ଚାକ୍ଷରୀ ବିଦ୍ୟା (ପଞ୍ଚାକ୍ଷର ମନ୍ତ୍ର – ଓଁ ନମଃ ଶିବାୟ)ର ଜପ କରିବା ଉଚିତ୍ ।। ୧ ।।

ନନୁ ଶିବତତ୍ତ୍ୱ ପ୍ରକାଶକାନାଂ ମନ୍ତ୍ରାଣାଂ ବାହୁଲ୍ୟାତ୍ କିମିତ୍ୟେଷ ପଞ୍ଚାକ୍ଷରମନ୍ତ୍ର ଏବ ଜପ୍ୟ ଇତ୍ୟତ୍ରାହ –

ଶିବତତ୍ତ୍ୱାତ୍ ପରଂ ନାସ୍ତି ଯଥା ତତ୍ତ୍ୱାନ୍ତରଂ ମହତ୍ ।
ତଥା ପଞ୍ଚାକ୍ଷରୀ ମନ୍ତ୍ରାନ୍ନାସ୍ତି ମନ୍ତ୍ରାନ୍ତରଂ ମହତ୍ ।। ୨ ।।

'ଶିବ ଏକୋ ଧ୍ୟେୟଃ' ଇତ୍ୟାଦିଶ୍ରୁତେଃ ଶିବତତ୍ତ୍ୱାତ୍ ପରଂ ବ୍ୟତିରିକ୍ତଂ ମହଦ୍ ବୃହଦ୍ ତତ୍ତ୍ୱାନ୍ତରଂ ଯଥା ନାସ୍ତି ତଥା ପଞ୍ଚାକ୍ଷରୀମନ୍ତ୍ରାଦ୍ ନମଶ୍ଶିବାୟେତି ପଞ୍ଚାକ୍ଷରୀମନ୍ତ୍ରାତ୍ ମହଦ୍ ମନ୍ତ୍ରାନ୍ତରଂ ନାସ୍ତୀତ୍ୟର୍ଥଃ,

ବିଦ୍ୟାସୁ ଶ୍ରୁତିରୁତ୍କୃଷ୍ଟା ରୁଦ୍ରୈକାଦଶିନୀ ଶ୍ରୁତୌ ।
ତତ୍ର ପଞ୍ଚାକ୍ଷରୀ ତସ୍ୟାଂ ଶିବ ଇତ୍ୟକ୍ଷରଦ୍ୱୟମ୍।।

ଇତି ପୌରାଣିକୋକ୍ତେଃ ଶିବ ଇତ୍ୟକ୍ଷରଦ୍ୱୟସ୍ୟ ବେଦସାରତ୍ୱାତ୍ ତତ୍ରତ୍ୟାକାରସ୍ୟ ଋକ୍ସାମସଂଗ୍ରହରୂପତ୍ୱାତ୍ ତୟୋରକାରାଦ୍ୟତ୍ୱାତ୍ ଇକାରସ୍ୟ ଯଜୁଃ ସଂଗ୍ରହରୂପତ୍ୱାତ୍, ତସ୍ୟେକାରଦ୍ୟତ୍ୱାତ୍, ଶକାରସ୍ୟାଥର୍ବସଂଗ୍ରହରୂପତ୍ୱାତ୍, ତସ୍ୟ ଶକାରାଦ୍ୟତ୍ୱାତ୍, ବକାରସ୍ୟ ବ୍ୟାକରଣସଂଗ୍ରହରୂପତ୍ୱାତ୍, ତସ୍ୟ ବକାରାଦ୍ୟତ୍ୱାତ୍, ଏବଂ ବେଦବେଦାଙ୍ଗସାରରୂପତ୍ୱାତ୍

CC-0. Jangamwadi Math Digital Collection.

ତାଦୃକ୍ ଶିବଶବ୍ଦଘଟିତ ତ୍ୱେନୈଷ ପଞ୍ଚାକ୍ଷରୀମନ୍ତ୍ର ଏବ ସର୍ବମନ୍ତ୍ରୋତ୍କୃଷ୍ଟ[୧୧୨] ଇତ୍ୟର୍ଥଃ ।। ୨ ।।

ଯେଉଁପରି ଶିବତତ୍ତ୍ୱଠାରୁ ଅଧିକ ଅନ୍ୟ କିଛି ତତ୍ତ୍ୱ ନାହିଁ, ସେହିପରି ପଞ୍ଚାକ୍ଷର ମନ୍ତ୍ରରୁ ଅଧିକ ଅନ୍ୟ କୌଣସି ମନ୍ତ୍ର ନାହିଁ ।। ୨ ।।

ଏବଂ ପଞ୍ଚାକ୍ଷରୀମନ୍ତ୍ରେ ଶିବେ ଚ ଜ୍ଞାତେ ସତି ମନ୍ତ୍ରାନ୍ତରୈର୍ଦେବତାନ୍ତରୈଃ କିଂ ପ୍ରୟୋଜନମିତ୍ୟତ୍ରାହ –

ଜ୍ଞାତେ ପଞ୍ଚାକ୍ଷରୀମନ୍ତ୍ରେ କିଂ ବା ମନ୍ତ୍ରାନ୍ତରୈଃ ଫଳମ୍ ।
ଜ୍ଞାନେ ଶିବେ ଜଗନ୍ ମୂଳେ କିଂ ଫଳଂ ଦେବତାନ୍ତରୈଃ ।। ୩ ।।

'ଏକୋ ହ ବୈ ନାରାୟଣ ଆସୀତ୍'[୧୧୩] ଇତି ଶ୍ରୁତେର୍ବିଷ୍ଣ୍ୱାଦିସକଳବିଶ୍ୱମୂଳତ୍ୱେନ ପରଶିବେ ଜ୍ଞାତେ ସତି ତଦୀୟସୃଷ୍ଟ୍ୟନ୍ତର୍ଗତତ୍ୱେନ ଜନନମରଣପରିପୀଡ଼ିତୈର୍ବିଷ୍ଣ୍ୱାଦି-ଦେବତାନ୍ତରୈଃ କିଂ ଫଳମ୍ ? ନ କିଞ୍ଚିତ୍ ଫଳମିତ୍ୟର୍ଥଃ । 'ନହି ଭିକ୍ଷୁକୋ ଭିକ୍ଷୁକାନ୍ତରଂ ଯାଚୟତି, (ତେ) ସତ୍ୟନ୍ୟସ୍ମିନ୍ ଅଭିକ୍ଷୁକେ ଦାତରି' ଇତି ନ୍ୟାୟାତ୍ । ନନୁ – 'ଏକୋ ହ ବୈ ନାରାୟଣ ଆସୀତ୍' ଇତ୍ୟତ୍ର 'ସଦେବ ସୋମ୍ୟେଦମଗ୍ର ଆସୀତ୍'[୧୧୪] ଇତ୍ୟାଦିବ୍ରହ୍ମପ୍ରତିପାଦକବାକ୍ୟ ସାମ୍ୟତାଶ୍ରବଣାତ୍ କଥମୁତ୍ପତ୍ତିପରତ୍ୱମିତି ଚେନ୍ନ, 'ରୋହିତୋ ଲୋହିତାଦାସୀଚ୍ଛକ୍ତେରାସୀତ୍ ପରାଶରଃ' ଇତିବଦୁତ୍ପତ୍ତିସତ୍ତା-ପରତୋପପତ୍ତେଃ । ନ ଚ ତଦ୍ଧେତୁଶ୍ରବଣାଭାବାତ୍ କଥମୁତ୍ପତ୍ତିପରତ୍ୱମିତି ବାଚ୍ୟମ୍, 'ବ୍ରହ୍ମବିଷ୍ଣୁରୁଦ୍ରେନ୍ଦ୍ରାସ୍ତେ ସମ୍ପ୍ରସୂୟନ୍ତେ' ଇତି ଶିଖୋପନିଷଦ୍ୱଚନାଦ୍ ବିଷ୍ଣୋରୁତ୍ପତ୍ତେଃ ଶ୍ରୂୟମାଣତ୍ୱାତ୍ ତଦନୁସାରେଣୋତ୍ପତ୍ତି-ପରତାସମ୍ଭବାତ୍ । ନ ଚାତ୍ର ନାରାୟଣସ୍ୟୋତ୍ପତ୍ତିର୍ନ ଶ୍ରୂୟତେ, କିନ୍ତୁ ବିଷ୍ଣୋରେବ ତସ୍ୟ ନାରାୟଣାଂଶୀଭୂତତ୍ୱାତ୍, 'ଆଦିତ୍ୟାନାମହଂ ବିଷ୍ଣୁଃ'[୧୧୫] ଇତି ଗୀତତ୍ୱାଦ୍ ଅଂଶପରତ୍ୱମେବେତି ବାଚ୍ୟମ୍, ମୁଖ୍ୟ ବ୍ରହ୍ମରୁଦ୍ରମଧ୍ୟପଠିତ ବିଷ୍ଣୁଶବ୍ଦସ୍ୟାଂଶପରତ୍ୱାତ୍ ସମ୍ଭବାତ୍ ପ୍ରାୟଃ ପାଠ ବିରୋଧାତ୍, 'ବିଷ୍ଣୁରିତ୍ଥା ପରମମସ୍ୟ ବିଦ୍ୱାନ୍ ଜାତୋ ବୃହନ୍ନଭିପାତି ତୃତୀୟମ୍' ଇତି ଶ୍ରୁତେର୍ମହାବିଷ୍ଣୋରେବୋତ୍ପତ୍ତିଶ୍ରବଣାଚ୍ଚ,

---

୧୧୨. 'ଶିବ' ସ୍ୱରୂପ ଦୁଇ ଅକ୍ଷରରେ ଅକାର ଋକ୍ ଓ ସାମର, ଇକାର ଯଜୁଷ୍ ର 'ଶ'କାର ଅଥର୍ବର ଏବଂ ବକାର ବ୍ୟାକରଣର ସଂଗ୍ରହରୂପ ହୋଇଥିବାରୁ 'ଶିବ' ପଦ ବେଦ-ବେଦାଙ୍ଗର ସାର ଅଟେ । ଏଣୁ ଏହା ସର୍ବୋତ୍କୃଷ୍ଟ ମନ୍ତ୍ର ଅଟେ ।

୧୧୩. ନାରାୟଣୋପ. – ୨

୧୧୪. ଛା. ଉ. – ୬/୨/୯

୧୧୫. ଭ. ଗୀ. – ୧୦/୨୧

CC-0. Jangamwadi Math Digital Collection.

ଅଜାତ ଇତ୍ୟେବଂ କଶ୍ଚିଦ୍ ଭୀରୁଃ ପ୍ରପଦ୍ୟତେ ।
ରୁଦ୍ର ଯତ୍ତେ ଦକ୍ଷିଣଂ ମୁଖଂ ତେନ ମାଂ ପାହି ନିତ୍ୟମ୍[୧୧୬] ।।

ଇତି ଶ୍ୱେତାଶ୍ୱତରଶ୍ରୁତେଃ କାରଣୀଭୂତମହାରୁଦ୍ରସ୍ୟାଜାତତ୍ୱଶ୍ରବଣାଚ୍ଚେତି ଦିକ୍ ।। ୩।।

– ପଞ୍ଚାକ୍ଷର ମନ୍ତ୍ରର ଜ୍ଞାନ ହେବା ପରେ ଅନ୍ୟ ମନ୍ତ୍ରର କଣ ଆବଶ୍ୟକତା ? ସଂସାରର କାରଣଭୂତ ଶିବଙ୍କର ଜ୍ଞାନ ହେବା ପରେ ଅନ୍ୟ ଦେବତାଜ୍ଞାନରେ କ'ଣ ଆବଶ୍ୟକତା ? ।। ୩।।

ନନୁ ସପ୍ତକୋଟିମହାମନ୍ତ୍ରେଷୁ କୋଽପ୍ୟସ୍ୟ ସମାନମନ୍ତ୍ରୋ ନାସ୍ତି ବେତ୍ୟତ୍ରାହ –

ସପ୍ତକୋଟିଷୁ ମନ୍ତ୍ରେଷୁ ମନ୍ତ୍ରଃ ପଞ୍ଚାକ୍ଷରୋ ମହାନ୍ ।
ବ୍ରହ୍ମାବିଷ୍ଣ୍ୱାଦିଦେବେଷୁ ଯଥା ଶମ୍ଭୁର୍ମହତ୍ତରଃ ।। ୪।।

ସର୍ବମନ୍ୟତ୍ ପରିତ୍ୟଜ୍ୟ ହେୟାନ୍ ବିଷ୍ଣ୍ୱାଦିକାନ୍ ସୁରାନ୍ ।
ଶିବ ଏବ ସଦା ଧ୍ୟେୟଃ ସର୍ବସଂସାର ନାଶନଃ ।।

ଇତି ପିପ୍ପଳାଦଶ୍ରୁତେଃ, 'ଅଜାତ ଇତ୍ୟୁଦାହୃତଃ' ଇତି ଶ୍ରୁତେଶ୍ଚ ମୁମୁକ୍ଷୂପାସ୍ୟ-ତ୍ୟାହଜାତତ୍ୱେନ ବ୍ରହ୍ମାଦିଷୁ ଶିବୋ ଯଥା ମହାନ୍, ତଥା ସପ୍ତକୋଟିମହାମନ୍ତ୍ରେଷୁ ବେଦସାରତ୍ୱାତ୍ ପଞ୍ଚାକ୍ଷରମନ୍ତ୍ରୋ ମହାନିତ୍ୟର୍ଥଃ ।। ୪।।

– ସାତକୋଟି ମନ୍ତ୍ର ମଧ୍ୟରେ ଏହି ପଞ୍ଚାକ୍ଷର ମନ୍ତ୍ର ସେହି ପ୍ରକାର ମହାନ୍ ଯେପରି ବ୍ରହ୍ମା, ବିଷ୍ଣୁ ଆଦି ଦେବତା ମଧ୍ୟରେ ଶିବ ମହାନ୍ ଅଟନ୍ତି ।। ୪।।

ନନୁ ବିଷ୍ଣ୍ୱାଦିସକଳବିଶ୍ୱମୂଳତ୍ୱାତ୍ ଶିବଃ ସର୍ବୋତ୍ତମୋ ଭବତୁ, ପଞ୍ଚାକ୍ଷରୀ-ମନ୍ତ୍ରସ୍ୟ କଥଂ ସର୍ବୋତ୍ତମତ୍ୱମିତ୍ୟାଶଙ୍କ୍ୟାହ –

ଅଶେଷଜଗତାଂ ହେତୁଃ ପରମାତ୍ମା ମହେଶ୍ୱରଃ ।
ତସ୍ୟ ବାଚକମନ୍ତ୍ରୋଽୟଂ ସର୍ବମନ୍ତ୍ରୈକକାରଣମ୍ ।। ୫।।

ଶିବୋ ଯଥା ସକଳଜଗତ୍କାରଣମ୍, ତଥା ତଦ୍ୱାଚକମନ୍ତ୍ରୋଽପି ସକଳମନ୍ତ୍ରକାରଣ-ମିତ୍ୟର୍ଥଃ ।। ୫।।

– ସମ୍ପୂର୍ଣ୍ଣ ବିଶ୍ୱର କାରଣ ପରମାତ୍ମା ଶିବ ଅଟନ୍ତି । ତାଙ୍କର ବାଚକ ଏହି ମନ୍ତ୍ର ସମସ୍ତ ମନ୍ତ୍ରର ଏକମାତ୍ର ହେତୁ ଅଟେ ।। ୫।।

ତତ୍କଥମିତ୍ୟତ୍ରାହ –

ତସ୍ୟାଭିଧାନମନ୍ତ୍ରୋଽୟମଭିଧେୟଶ୍ଚ ସ ମୃତଃ ।
ଅଭିଧାନାଭିଧେୟତ୍ୱାନ୍ ମନ୍ତ୍ରାତ୍ ସିଦ୍ଧଃ ପରଃ ଶିବଃ ।। ୬।।

ଅୟଂ ମନ୍ତ୍ରସ୍ତସ୍ୟ ଶିବସ୍ୟ ଅଭିଧାନମନ୍ତ୍ରଃ, ନାମ୍ନୋ ମନ୍ତ୍ର ଇତ୍ୟର୍ଥଃ, ସଃ ଶିବଃ

୧୧୬. ଶ୍ୱେ. ଉ. – ୪/୨୧

CC-0. Jangamwadi Math Digital Collection.

ଅଭିଧେୟଶ୍ଚ ତନ୍ମନ୍ତ୍ରେଣାଭିଧାତୁଂ ଯୋଗ୍ୟ ଇତି ସ୍ମୃତଃ, ଅଭିଧାନାଭିଧେୟତ୍ୱାତ୍, ଶିବାଭିଧାନାଭିଧେୟତ୍ୱାତ୍ । ମନ୍ତ୍ରାଦସ୍ମାନ୍ମନ୍ତ୍ରାତ୍ ପରଃ ଶିବଃ ସିଦ୍ଧଃ ପ୍ରକାଶିତଃ, ମନ୍ତ୍ରାଣାଂ ଯଜନୀୟ ଦେବତା ପ୍ରକାଶକତ୍ୱେନୈତନ୍ମନ୍ତ୍ରାଭାବେ ଶିବସ୍ୟ ସ୍ଫୂର୍ତ୍ତିରେବ ନ ସ୍ୟାତ୍ । କିଂ ତାବତେତି ନାଶଙ୍କନୀୟମ୍, ଶିବସ୍ୟ ସକଳତତ୍ତ୍ୱୋପାଦାନକାରଣତ୍ୱାତ୍ ତଦ୍ୱାଚକ ପଞ୍ଚାଶଦ୍ୱର୍ଣ୍ଣମୟତ୍ୱଂ ଚ ଯୁକ୍ତମିତି ତସ୍ୟ ସକଳମନ୍ତ୍ରମୂଳତ୍ୱାତ୍ ତତ୍ପ୍ରକାଶକତ୍ୱେନ ସକଳମନ୍ତ୍ରକାରଣତ୍ୱମିତି । ତତ୍ କଥମିତି ଚେତ୍, ଉଚ୍ୟତେ –

ଅଥାଦ୍ୟାସ୍ତିଥୟଃ ସର୍ବାଃ ସ୍ୱରାଃ ବିନ୍ଦ୍ୱବସାନକାଃ ।
ତଦନ୍ତଃ କାଳଯୋଗେନ ସୋମସୂର୍ଯ୍ୟୌ ପ୍ରକୀର୍ତ୍ତିତୌ ।।
ପୃଥିବ୍ୟାଦୀନି ତତ୍ତ୍ୱାନି ପୁରୁଷାନ୍ତାନି ପଞ୍ଚସୁ ।
କ୍ରମାତ୍ କାଦିଷୁ ବର୍ଗେଷୁ ମକାରାନ୍ତେଷୁ ସୁବ୍ରତେ ।।
ବାୟ୍ୱଗ୍ନିସଲିଳେନ୍ଦ୍ରାଣାଂ ଧାରଣାନାଂ ଚତୁଷ୍ଟୟମ୍ ।।
ତଦୂର୍ଧ୍ୱେଶାଦିବିଖ୍ୟାତଂ ପୁରସ୍ତାଦ୍ ବ୍ରହ୍ମପଞ୍ଚକମ୍ ।
ଆମୂଳାତ୍ତତ୍କ୍ରମାତ୍ ଜ୍ଞେୟା କ୍ଷାନ୍ତା ସୃଷ୍ଟିରୁଦାହୃତା ।।
ସର୍ବେଷାଂ ଚୈବ ମନ୍ତ୍ରାଣାଂ ବିଦ୍ୟାନାଂ ଚ ଯଶସ୍ୱିନୀ ।
ଇୟଂ ଯୋନିଃ ସମାଖ୍ୟାତା ସର୍ବତନ୍ତ୍ରେଷୁ ସର୍ବଦା[୧୧୭] ।।

ଇତି ଶ୍ରୀପରାତ୍ରିଂଶିକାଶାସ୍ତ୍ରସ୍ଥିତ୍ୟା ଶିବ ଇତ୍ୟତ୍ର ଶକାରସ୍ୟ ବ୍ରହ୍ମାଦିପଞ୍ଚବ୍ରହ୍ମବାଚକତ୍ୱାତ୍, ବକାରସ୍ୟ ମାୟାତତ୍ତ୍ୱବାଚକତ୍ୱେନ ତତ୍କାର୍ଯ୍ୟରୂପକଳାଦିକ୍ଷିତିପର୍ଯ୍ୟନ୍ତତ୍ରିଂଶତ୍ତତ୍ତ୍ୱାତ୍ମକତ୍ୱାତ୍, ଏବଂ ଶକାରବକାରୟୋଃ ଷଟ୍ତ୍ରିଂଶତ୍ତତ୍ତ୍ୱବାଚକତ୍ୱାତ୍, ଅକାରସ୍ୟ ଶିବତତ୍ତ୍ୱକଳାରୂପ-ଷୋଡ଼ଶସ୍ୱରମୟତ୍ୱାତ୍, ଇକାରସ୍ୟେଚ୍ଛାଶକ୍ତିବାଚକତ୍ୱାତ୍, ଏବଂ ଶବ୍ଦାର୍ଥମୟପ୍ରପଞ୍ଚୟୋରନ୍ତ-ର୍ଭାବାତ୍ ସକଳମନ୍ତ୍ରକାରଣତ୍ୱମ୍, ମାତୃକାଦେଃ ସକଳଶବ୍ଦପ୍ରପଞ୍ଚୋପାଦାନକାରଣତ୍ୱାତ୍ ।

ପଞ୍ଚାଶନ୍ନିଜଦେହଜାକ୍ଷରଭବୈର୍ନାନାବିଧୈର୍ଧାତୁଭିର୍ବହ୍ୱର୍ଥୈଃ
ପଦବାକ୍ୟମାନଜନକୈରର୍ଥାବିନାଭାବିତୈଃ ।
ସାଭିପ୍ରାୟସଦର୍ଥକର୍ମଫଳଦାନନ୍ଦୈରନନ୍ତୈରିଦଂ ବିଶ୍ୱଂ
ବ୍ୟାପ୍ୟ ଚିଦାତ୍ମନାହମହମିତ୍ୟୁଜ୍ଜୃମ୍ଭସେ ମାତୃକେ ।।
ପଞ୍ଚାଶଦ୍ୱର୍ଣ୍ଣମାଳା ବହୁବିଧନିନଦୋଚ୍ଚାରଣାତ୍
ତତ୍ତ୍ୱଜାଳବ୍ୟକ୍ତିବ୍ୟାପାରସତ୍ତାନିରିଶଗୁରୁମୁଖାମ୍ନାୟବିଦ୍ୟାସ୍ୱରୂପାଃ ।
ଧାତ୍ରାଦ୍ୟୁତ୍ପତ୍ତିପୂର୍ବଂ ଶ୍ରୁତିମୁଖବିବିଧାନେକସିଦ୍ଧାନ୍ତବିଦ୍ୟା

---

୧୧୭. ପ. ତ୍ରୀ., ୫-୮

CC-0. Jangamwadi Math Digital Collection.

ନାନାଭାଷାଃ କ୍ରିୟାଭିଃ ପ୍ରକଟୟତି ଯତଃ ସୈବ ତେ ସାଙ୍ଗବେଦେ ।।
ଇତି ଦୂର୍ବାସ ଭଗବଦୁକ୍ତେରିତି ।। ୬ ।।

– ତାଙ୍କର (ଶିବଙ୍କର) ବାଚକ ହେଉଛି ଏ ମନ୍ତ୍ର । ସେ (ଦେବ) ହେଉଛନ୍ତି ଏହାର ବାଚ୍ୟ । ବାଚ୍ୟ – ବାଚକ ସମ୍ବନ୍ଧ ହେବାରୁ ମନ୍ତ୍ରଦ୍ୱାରା ପରମଶିବଙ୍କର ସିଦ୍ଧି ମିଳେ ।। ୬ ।।

ବିଶେଷ – ପରାତ୍ରୀଶିକା ଅନୁସାରେ ପୃଥିବୀଠାରୁ ପୁରୁଷ ପର୍ଯ୍ୟନ୍ତ ପଚିଶ ତତ୍ତ୍ୱ 'କ' ଠାରୁ 'ମ' ପର୍ଯ୍ୟନ୍ତ ପଚିଶ ଅକ୍ଷରରୁ ଉତ୍ପନ୍ନ । ଏହିପରି ଆଦିକ୍ଷାନ୍ତ ବର୍ଣ୍ଣ ସୃଷ୍ଟିର କାରଣ ଅଟେ । ତେଣୁ ଏହି ସୃଷ୍ଟି ବର୍ଣ୍ଣରୁ ଉତ୍ପନ୍ନ ହୋଇଛି । ଆଚାର୍ଯ୍ୟଙ୍କ ମତରେ 'ଶିବାୟ' ପଦର 'ଶ'କାର ପଞ୍ଚବ୍ରହ୍ମର ଓ 'ବ' କାର ମାୟାତତ୍ତ୍ୱର ବାଚକ ଅଟନ୍ତି । ଏହିପରି 'ଶିବାୟ' ଶବ୍ଦ ସମ୍ପୂର୍ଣ୍ଣ ସୃଷ୍ଟିର ବାଚକ ଅଟେ ।

ନନ୍ୱେବଂ ଚେଦ୍ ଦ୍ୱ୍ୟକ୍ଷରତ୍ୱମେବ ଯୁକ୍ତମ୍, କିମିତି ପଞ୍ଚାକ୍ଷରରୂପେଣ ସର୍ବଶ୍ରୁତି–ଶିରୋଗତଃ ସନ୍ ମନ୍ତ୍ରୋଦ୍ଧୟଂ ପ୍ରତିଭାତି ? ଅତ୍ର ନମସ୍କାରେଣ ଜୀବତ୍ୱମିତ୍ୟତ୍ରାହ –

ନମଃ ଶବ୍ଦଂ ବଦେତ୍ ପୂର୍ବଂ ଶିବାୟେତି ତତଃ ପରମ୍ ।
ମନ୍ତ୍ରଃ ପଞ୍ଚାକ୍ଷରୋ ହ୍ୟେଷ ସର୍ବଶ୍ରୁତିଶିରୋଗତଃ ।। ୭ ।।

ଶିବଜୀବୈକ୍ୟପ୍ରକାଶନାର୍ଥଂ ନମଃ ଶବ୍ଦପୂର୍ବକତ୍ୱେନ ଚିତ୍ତତ୍ୱେନ ଚ ପଞ୍ଚାକ୍ଷର ରୂପେଣ ସର୍ବଶ୍ରୁତିଶିରୋଗତଃ ସନ୍ ମନ୍ତ୍ରୋଦ୍ଧୟଂ ପ୍ରତିଭାତି । ଅତ୍ର ନମସ୍କାରେଣ ଜୀବତ୍ୱମ୍, ଶିବଶବ୍ଦେନ ପରବ୍ରହ୍ମତ୍ୱମ୍, ଆୟେତ୍ୟୈକ୍ୟମ୍, 'ଅୟ ଗତୌ' ଇତି ଧାତୋରିତି ଭାବଃ ।। ୭ ।।

– ପ୍ରଥମେ 'ନମଃ' ଶବ୍ଦ ଉଚ୍ଚାରଣ କରିବା ଉଚିତ୍ ତା'ପରେ ଶିବାୟ । ଏହା ହେଉଛି ପଞ୍ଚାକ୍ଷରମନ୍ତ୍ର, ଯାହା ସମସ୍ତ ବେଦର ଶିର ଅଟେ ।। ୭ ।।

ନନୁ ସଚ୍ଚିଦ୍‌ଘନସ୍ୟ ପରବ୍ରହ୍ମଣଃ ଶିବ ଇତ୍ୟଭିଧାନଂ କଥମିତ୍ୟତ୍ରାହ –

ଆଦିତଃ ପରିଶୁଦ୍ଧତ୍ୱାନ୍ ମଳତ୍ରୟବିୟୋଗତଃ ।
ଶିବ ଇତ୍ୟୁଚ୍ୟତେ ଶମ୍ଭୁଶ୍ଚିଦାନନ୍ଦଘନଃ ପ୍ରଭୁଃ ।। ୮ ।।

ଚିଦାନନ୍ଦଘନଃ ସଚ୍ଚିଦାନନ୍ଦସ୍ୱରୂପଃ ପ୍ରଭୁଃ ସ୍ୱତନ୍ତ୍ରଃ ଶମ୍ଭୁଃ ସୁଖଭୋକ୍ତୃତ୍ୱାତ୍ ସୁଖପ୍ରଦତ୍ୱାଚ୍ଚ ପରବ୍ରହ୍ମ ଆଦିତଃ କଦାପି (ସର୍ବଦା) ମଳତ୍ରୟବିୟୋଗତଃ ଆଣବାଦିମଳତ୍ରୟ ସମ୍ବନ୍ଧାଭାବେନ ପରିଶୁଦ୍ଧତ୍ୱାଦ୍ ନିର୍ମଳତ୍ୱାତ୍ ଶିବ ଇତ୍ୟୁଚ୍ୟତେ, 'ବଶ କାନ୍ତୌ' ଇତି ଧାତୋଃ ସ୍ୱଚ୍ଛପ୍ରକାଶରୂପତ୍ୱାଦିତି ଭାବଃ ।। ୮ ।।

– ଚିଦାନନ୍ଦଘନ ଭଗବାନ୍ ଶିବ ପ୍ରାରମ୍ଭରୁ ଶୁଦ୍ଧ ତଥା (ଆଣବ, ମାୟୀୟ, କର୍ମ) ତିନି ମଳରୁ ରହିତ ହେବା ହେତୁ ଶିବ କୁହାଯାଆନ୍ତି ।। ୮ ।।

CC-0. Jangamwadi Math Digital Collection.

ଅଥ ସକଳ ମଙ୍ଗଳାବାସ ଭୂମିତ୍ୱାଚ୍ଚ ଶିବଶବ୍ଦାଭିଧେୟଂ ବ୍ରହ୍ମେତ୍ୟାହ –

ଆସ୍ପଦତ୍ୱାଦଶେଷାଣାଂ ମଙ୍ଗଳାନାଂ ବିଶେଷତଃ ।
ଶିବଶବ୍ଦାଭିଧେୟୋ ହି ଦେବଦେବସ୍ତ୍ରିୟମ୍ବକଃ ।। ୯ ।।

ଅତ୍ର ତ୍ରିୟମ୍ବକଶବ୍ଦେନ ସୃଷ୍ଟିସ୍ଥିତ୍ୟାଦିକାରଣଂ ପରବ୍ରହ୍ମୋଚ୍ୟତେ, ସୂର୍ଯ୍ୟାଦୀନାଂ ସୃଷ୍ଟ୍ୟାଦିକାରଣତ୍ୱାତ୍ 'ଋତଂ ସତ୍ୟଂ ପରଂ ବ୍ରହ୍ମପୁରୁଷଂ କୃଷ୍ଣ ପିଙ୍ଗଳମ୍ । ଊର୍ଦ୍ଧ୍ୱରତଂ ବିରୂପାକ୍ଷମ୍'[୧୧୮] ଇତି ଶ୍ରୁତେଃ । ତ୍ରିୟମ୍ବକୋ ଦେବଦେବୋ ବ୍ରହ୍ମାଦୀନାମପି ଦେବଃ ପରମେଶ୍ୱରଃ, ଅଶେଷାଣାଂ ସମସ୍ତାନାଂ ମଙ୍ଗଳାନାଂ ବିଶେଷତୋ ବିଷ୍ଣ୍ୱାଦିଭ୍ୟୋଽଦ୍ଧିକତ ଆସ୍ପଦତ୍ୱାଦ୍ ଆଶ୍ରୟତ୍ୱାଦ୍ ଶିବଶବ୍ଦାଭିଧେୟୋ ହି, 'କଲ୍ୟାଣଂ ମଙ୍ଗଳଂ ଶିବମ୍' ଇତି ପ୍ରସିଦ୍ଧତ୍ୱାତ୍ ।। ୯ ।।

– ବିଶେଷ ଭାବରେ ସମସ୍ତ ମଙ୍ଗଳର ସ୍ଥାନ (ଆଧାର) ହୋଇଥିବାରୁ ଦେବାଧିଦେବ ତ୍ର୍ୟମ୍ବକ ଶିବ ଶବ୍ଦ ବାଚ୍ୟ ଅଟନ୍ତି ।। ୯ ।।

ନନ୍ୱନେକ ନାମ୍ନାଂ ବିଦ୍ୟମାନତ୍ୱାତ୍ ଶିବଶବ୍ଦେନୈବ କିମିତି ପରବ୍ରହ୍ମାଭି-ଧୀୟତେ ଇତ୍ୟତ୍ରାହ –

ଶିବ ଇତ୍ୟକ୍ଷରଦ୍ୱନ୍ଦ୍ୱଂ ପରବ୍ରହ୍ମପ୍ରକାଶକମ୍ ।
ମୁଖ୍ୟବୃତ୍ତ୍ୟା ତଦନ୍ୟେଷାଂ ଶବ୍ଦାନାଂ ଗୁଣବୃତ୍ତୟଃ ।। ୧୦ ।।

ଶିବ ଇତ୍ୟକ୍ଷରଦ୍ୱୟଂ ମୁଖ୍ୟବୃତ୍ତ୍ୟା ପରବ୍ରହ୍ମ ପ୍ରକାଶକମ୍, ତଦନ୍ୟେଷାଂ ଶବ୍ଦାନାଂ ଶିବଶବ୍ଦାତିରିକ୍ତଭବାଦିଶବ୍ଦାନାଂ ଗୁଣବୃତ୍ତ୍ୟା ସିଂହୋ ମାଣବକ ଇତ୍ୟାଦିବଦ୍ ଗୁଣଯୋଗେନ ପରବ୍ରହ୍ମପ୍ରକାଶକତ୍ୱମିତ୍ୟର୍ଥଃ ।। ୧୦ ।।

– 'ଶିବ' ଏହି ଦୁଇ ଅକ୍ଷରର ସମୁଚ୍ଚୟ ମୁଖ୍ୟବୃତ୍ତି ଅର୍ଥାତ୍ ଅଭିଧା ଦ୍ୱାରା ପରବ୍ରହ୍ମଙ୍କର ପ୍ରକାଶକ ଅଟେ । ଅନ୍ୟ ଶବ୍ଦ ଏହାଦ୍ୱାରା ଲକ୍ଷଣାରେ ପ୍ରକାଶିତ ହୁଅନ୍ତି ।। ୧୦ ।।

ଅଥୋକ୍ତାର୍ଥମୁପସଂହରତି –

ତସ୍ମାନ୍ ମୁଖ୍ୟତରଂ ନାମ ଶିବ ଇତ୍ୟକ୍ଷରଦ୍ୱୟମ୍ ।
ସଚ୍ଚିଦାନନ୍ଦରୂପସ୍ୟ ଶମ୍ଭୋରମିତତେଜସଃ ।। ୧୧ ।।
ଏତନ୍ନାମାବଲମ୍ବେନ ମନ୍ତ୍ରଃ ପଞ୍ଚାକ୍ଷରଃ ସ୍ମୃତଃ ।

ମହାନିତି ଶେଷଃ । ଶିବ ଇତ୍ୟକ୍ଷରଦ୍ୱୟମପରିମିତପ୍ରକାଶରୂପସ୍ୟ

---

୧୧୮. ତୈ. ଆ. – ୧୦/୧୨/୧

CC-0. Jangamwadi Math Digital Collection.

ସଚ୍ଚିଦାନନ୍ଦଘନସ୍ୟ ଶମ୍ଭୋଃ ପରବ୍ରହ୍ମଣୋ ମୁଖ୍ୟତରମତ୍ୟନ୍ତମୁଖ୍ୟଂ ନାମ । ଏତନ୍ନାମାବଲମ୍ବେନ ଏତନ୍ନାମଘଟିତତ୍ୱେନ ପଞ୍ଚାକ୍ଷରୋ ମନ୍ତ୍ରୋ ମହାନିତି ସ୍ମୃତ ଇତ୍ୟର୍ଥଃ ।। ୧୧ ।।

– ଏହି କାରଣରୁ 'ଶିବ' ଏହି ଦୁଇଟି ଅକ୍ଷର ସଚ୍ଚିଦାନନ୍ଦ ରୂପ ଅସୀମ ତେଜସ୍ୱୀଶମ୍ଭୁଙ୍କର ମୁଖ୍ୟ ନାମ ଅଟେ ।। ୧୧ ।।

ଅଥ କିମନେନ କର୍ତ୍ତବ୍ୟଂ କିଂ ଫଳମିତ୍ୟତ୍ର ଦୃଷ୍ଟାନ୍ତପୂର୍ବକମାହ –

ଯସ୍ମାଦତଃ ସଦା ଜପ୍ୟୋ ମୋକ୍ଷକାଙ୍କ୍ଷିଭିରାଦରାତ୍ ।। ୧୨ ।।
ଯଥାନାଦିର୍ମହାଦେବଃ ସିଦ୍ଧଃ ସଂସାରମୋଚକଃ ।
ତଥା ପଞ୍ଚାକ୍ଷରୋ ମନ୍ତ୍ରଃ ସଂସାରକ୍ଷୟକାରକଃ ।। ୧୩ ।।

ଯସ୍ମାତ୍ ଶିବନାମଘଟିତତ୍ୱେନ ପଞ୍ଚାକ୍ଷରମନ୍ତ୍ରୋ ମହାନ୍, ଅତଃ ତସ୍ମାତ୍ କାରଣାଦ୍ ମୋକ୍ଷକାଙ୍କ୍ଷିଭିଃ ପୁରୁଷୈରାଦରାତ୍ ସଦା ଜପ୍ୟଃ । ଅତ୍ର ଦୃଷ୍ଟାନ୍ତଃ –

ସର୍ବମନ୍ୟତ୍ ପରିତ୍ୟଜ୍ୟ ହେୟାନ୍ ବିଷ୍ଣ୍ୱାଦିକାନ୍ ସୁରାନ୍ ।
ଶିବ ଏବ ସଦା ଧ୍ୟେୟଃ ସର୍ବସଂସାରନାଶନଃ ।।

ଇତି ପିପ୍ପଲାଦଶ୍ରୁତେଃ ଅନାଦିଭୂତଃ ପରଶିବୋ ଯଥା ସଂସାରପାଶବିମୋଚକ ଇତି ପ୍ରସିଦ୍ଧଃ । ତଥା ପଞ୍ଚାକ୍ଷରମନ୍ତ୍ରଃ ସଂସାରପାଶକ୍ଷୟକାରକ ଇତି ପ୍ରସିଦ୍ଧଃ –

ଅଶେଷପାଶବିଚ୍ଛିତ୍ତ୍ୟୈ ଶିବ ଇତ୍ୟକ୍ଷରଦ୍ୱୟମ୍ ।
ଅଳଂ ନମସ୍କ୍ରିୟାଯୁକ୍ତୋ ମୁକ୍ତୟେ କଳ୍ପିତୋ ମନୁଃ ।।

ଇତି ବ୍ରହ୍ମୋତ୍ତରଖଣ୍ଡବଚନାଦିତି ।। ୧୨–୧୩ ।।

– ଏହି ନାମକୁ ଅବଲମ୍ବନ କରିଥିବାରୁ ଉକ୍ତ ମନ୍ତ୍ରକୁ 'ପଞ୍ଚାକ୍ଷର' କୁହାଯାଏ। ତେଣୁ ମୋକ୍ଷାର୍ଥୀ ଜନ ଏହାକୁ ଆଦରର ସହିତ ଜପ କରିବା ଉଚିତ୍ । ଯେପରି ଅନାଦି ମହାଦେବ ସଂସାରର ମୋଚକ ଭାବରେ ସିଦ୍ଧ (ପ୍ରସିଦ୍ଧ), ସେହିପରି ଏହି ପଞ୍ଚାକ୍ଷର ମନ୍ତ୍ର ସଂସାର ନାଶକାରକ ଅଟେ ।। ୧୨–୧୩ ।।

ନନ୍ୱୟଂ ମନ୍ତ୍ରଃ ଶିବବତ୍ ସଂସାରକ୍ଷୟକାରକଶ୍ଚେତ୍, ବିଶ୍ୱକାରଣତ୍ୱଂ (ତାଂ) ତଦ୍ୱଦସ୍ତି କିମିତ୍ୟତ୍ରାହ –

ପଞ୍ଚଭୂତାନି ସର୍ବାଣି ପଞ୍ଚତନ୍ମାତ୍ରକାଣି ଚ ।
ଜ୍ଞାନେନ୍ଦ୍ରିୟାଣି ପଞ୍ଚାପି ପଞ୍ଚକର୍ମେନ୍ଦ୍ରିୟାଣି ଚ ।। ୧୪ ।।
ପଞ୍ଚବ୍ରହ୍ମାଣି ପଞ୍ଚାପି କୃତ୍ୟାନି ସହ କାରଣୈଃ ।
ବୋଧ୍ୟାନି ପଞ୍ଚଭିର୍ବର୍ଣ୍ଣୈଃ ପଞ୍ଚାକ୍ଷରମହାମନୋଃ ।। ୧୫ ।।

ପୃଥିବ୍ୟାଦିପଞ୍ଚଭୂତାନି, ଗନ୍ଧାଦିପଞ୍ଚତନ୍ମାତ୍ରାଃ, ଜ୍ଞାନଶକ୍ତିରୂପଘ୍ରାଣାଦି

CC-0. Jangamwadi Math Digital Collection.

ପଞ୍ଚଜ୍ଞାନେନ୍ଦ୍ରିୟାଣି, କ୍ରିୟାଶକ୍ତିରୂପୋପସ୍ଥାଦିପଞ୍ଚକର୍ମେନ୍ଦ୍ରିୟାଣି, ପଞ୍ଚସାଦାଖ୍ୟପଞ୍ଚବ୍ରହ୍ମ-ପର୍ଯ୍ୟାୟାଚାରାଦିପଞ୍ଚଲିଙ୍ଗାନି, ଭବମୃଡ଼ହରାଦିକାରଣେଶୈଃ ସହ ସୃଷ୍ଟ୍ୟାଦିପଞ୍ଚ-କୃତ୍ୟାନି ପଞ୍ଚବିଧାନି ସର୍ବାଣ୍ୟପି ପଞ୍ଚାକ୍ଷରମହାମନ୍ତ୍ରସ୍ୟ ପଞ୍ଚଭିର୍ବର୍ଣ୍ଣୈର୍ବୋଧାନି ପ୍ରକାଶ୍ୟାନୀତ୍ୟର୍ଥଃ ।। ୧୪-୧୫ ।।

- ଏହି ପଞ୍ଚାକ୍ଷର ମହାମନ୍ତ୍ର ଦ୍ୱାରା ପଞ୍ଚମହାଭୂତ, ପଞ୍ଚ ତନ୍ମାତ୍ରା, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ, ପଞ୍ଚବ୍ରହ୍ମ (ବ୍ରହ୍ମା, ବିଷ୍ଣୁ, ରୁଦ୍ର, ଈଶ୍ୱର ଏବଂ ସଦାଶିବ) ପଞ୍ଚସାଦାଖ୍ୟ - (ସଦ୍ୟୋଜାତ, ତତ୍ପୁରୁଷ, ବାମଦେବ, ଅଘୋର ଏବଂ ଈଶାନ) ତଥା ପାଞ୍ଚ କାରଣ ସହିତ ପଞ୍ଚକୃତ୍ୟ (ସୃଷ୍ଟି, ସ୍ଥିତି, ସଂହାର, ନିଗ୍ରହ ଓ ଅନୁଗ୍ରହ) ବୁଝାଯିବା ଉଚିତ୍।। ୧୪-୧୫ ।।

ନନ୍ୱାଲୋକେନ ଘଟାଦିବଦ୍ ପ୍ରକାଶ୍ୟାନି ବା ସ୍ୱର୍ଣ୍ଣକୁଣ୍ଡଳାଦିବତ୍ ପ୍ରକାଶ୍ୟାନି ବେତ୍ୟତ୍ରାହ -

ପଞ୍ଚଧା ପଞ୍ଚଧା ଯାନି ପ୍ରସିଦ୍ଧାନି ବିଶେଷତଃ ।
ତାନି ସର୍ବାଣି ବସ୍ତୂନି ପଞ୍ଚାକ୍ଷରମୟାନି ହି ।। ୧୬ ।।

ପଞ୍ଚଶକ୍ତିପଞ୍ଚାଙ୍ଗୁଳିବଚନାଦାନାଦିପଞ୍ଚକର୍ମେନ୍ଦ୍ରିୟାର୍ଥାଃ। ମନୋବୁଦ୍ଧ୍ୟହଙ୍କାର ପ୍ରକୃତି-ପୁରୁଷାଦୀନି ପଞ୍ଚ ପଞ୍ଚ ପ୍ରକାରେଣ ଯାନି ବିଶେଷତଃ ପ୍ରସିଦ୍ଧାନି, ତାନି ସର୍ବାଣି ସ୍ୱର୍ଣ୍ଣକୁଣ୍ଡଳନ୍ୟାୟେନ ପଞ୍ଚାକ୍ଷରମୟାନି ପଞ୍ଚାକ୍ଷରକାର୍ଯ୍ୟାଣି ତତ୍ପ୍ରକାଶ୍ୟାନି ଚେତ୍ୟର୍ଥଃ, ବର୍ଣ୍ଣାନାଂ ଶକ୍ତିରୂପତ୍ୱାଦିତି ।। ୧୬ ।।

- ବିଶେଷ ଭାବରେ ପାଞ୍ଚ-ପାଞ୍ଚ ସଂଖ୍ୟାରେ ଯେତେ ବସ୍ତୁ ପ୍ରସିଦ୍ଧ, ସେ ସମସ୍ତ ପଞ୍ଚାକ୍ଷରମୟ ଅଟନ୍ତି ।। ୧୬ ।।

ନନୁ ମୋକ୍ଷକାରଣଂ ପ୍ରଣବଃ, ପଞ୍ଚାକ୍ଷର୍ଯ୍ୟାଂ ତଦଭାବାତ୍ କଥଂ ମୋକ୍ଷ-ପ୍ରଦତ୍ୱମିତ୍ୟତ୍ରାହ -

ଓଁକାରପୂର୍ବୋ ମନ୍ତ୍ରୋଽୟଂ ପଞ୍ଚାକ୍ଷରମୟଃ ପରଃ ।
ଶୈବାଗମେଷୁ ବେଦେଷୁ ଷଡ଼କ୍ଷର ଇତି ସ୍ମୃତଃ ।। ୧୭ ।।

ପର ଉକ୍ତପ୍ରକାରେଣ ସର୍ବୋତ୍କୃଷ୍ଟଃ ପଞ୍ଚାକ୍ଷରମୟୋଽୟଂ ମନ୍ତ୍ରଃ ଓଁକାରପୂର୍ବଃ ଷଡ଼କ୍ଷର ଇତି ଶିବାଗମେଷୁ ବେଦେଷୁ ସ୍ମୃତଃ । ଶ୍ରୀରୁଦ୍ରେ - 'ନମସ୍ତାରାୟ ନମଃ ଶମ୍ଭବେ ଚ' ଇତି ଈଶାନମନ୍ତ୍ରାନ୍ତେ - 'ମେ ଅସ୍ତୁ ସଦାଶିବୋମ୍' ଇତି ଚ ଶ୍ରୂୟମାଣତ୍ୱାତ୍ । 'ଓଁ କାରାମ୍ବତୟା ଭାତି ଶାନ୍ତ୍ୟତୀତଃ ପରଃ ଶିବଃ' 'ଶିବୋ ବା ପ୍ରଣବଃ ପ୍ରୋକ୍ତଃ ପ୍ରଣବୋ ବା ଶିବଃ ସ୍ମୃତଃ। ବାଚ୍ୟବାଚକୟୋର୍ଭେଦୋ ନାତ୍ୟନ୍ତଂ ବିଦ୍ୟତେ କ୍ୱଚିତ୍।' ଇତ୍ୟାଗମୋକ୍ତେଃ, ଇତି ପୌରାଣିକୋକ୍ତେଶ୍ଚ ଶିବପ୍ରଣବୟୋରଭେଦାତ୍ ଓଁକାରା ପୂର୍ବତ୍ୱେନ ଷଡ଼କ୍ଷର ଇତ୍ୟର୍ଥଃ ।। ୧୭ ।।

CC-0. Jangamwadi Math Digital Collection.

– ପାଞ୍ଚ ଅକ୍ଷରଯୁକ୍ତ ଏହି ମନ୍ତ୍ର ଓଁକାର ପୂର୍ବକ ଉତ୍କୃଷ୍ଟ ଷଡ଼କ୍ଷର ମନ୍ତ୍ର ଭାବରେ ଶୈବାଗମ ତଥା ବେଦମାନଙ୍କର ଜଣାଯାଏ ।। ୧୭।।

ଅଥ –

ପ୍ରଥମଂ ତାରକାରୂପଂ ଦ୍ୱିତୀୟଂ ଦଣ୍ଡ ଉଚ୍ୟତେ ।
ତୃତୀୟଂ କୁଣ୍ଡଳାକାରଂ ଚତୁର୍ଥଂ ଚାର୍ଧଚନ୍ଦ୍ରକମ୍ ।।
ପଞ୍ଚମଂ ଦର୍ପଣାକାରଂ ଷଷ୍ଠଂ ଜ୍ୟୋତିଃ ସ୍ୱରୂପକମ୍ ।
ନକାରସ୍ତାରକାରୂପଂ ମକାରୋ ଦଣ୍ଡ ଉଚ୍ୟତେ ।।
ଶିକାରଃ କୁଣ୍ଡଳାକାରୋ ବକାରଶ୍ଚାର୍ଧଚନ୍ଦ୍ରକଃ ।
ୟକାରୋ ଦର୍ପଣାକାର ଓଁକାରଃ ପଞ୍ଚବର୍ଣ୍ଣରାଟ୍ ।।

ଇତି ଶିବାଗମବଚନାତ୍ ପଞ୍ଚାକ୍ଷର କଳ୍ପତରୋର୍ବୀଜଭୂତସ୍ୟ ଓଁକାରସ୍ୟ ମାହାତ୍ମ୍ୟଂ ସୂତ୍ରତ୍ରୟେଣ ନିରୂପୟତି –

ମନ୍ତ୍ରନ୍ୟାସାଦିଭୂତେନ ପ୍ରଣବେନ ମହାମନୋଃ ।
ପ୍ରବୋଧତେ ମହାଦେବଃ କେବଲଶ୍ଚିଦ୍‌ସୁଖାତ୍ମକଃ ।। ୧୮ ।।

ମହାମନ୍ତ୍ରରୂପସ୍ୟାସ୍ୟ ପଞ୍ଚାକ୍ଷରମନ୍ତ୍ରସ୍ୟାଦିଭୂତେନ ପ୍ରଣବେନ ସଚ୍ଚିଦାନନ୍ଦାତ୍ମକଃ ପରଶିବଃ ପ୍ରକାଶ୍ୟତ ଇତ୍ୟର୍ଥଃ, 'ଯୋ ବୈ ରୁଦ୍ରଃ ସ ଭଗବାନ୍' ଇତ୍ୟୁପକ୍ରମ୍ୟ ଯ ଓଁକାରଃ ସ ପ୍ରଣବୋ, ଯଃ ପ୍ରଣବ ସ ସର୍ବବ୍ୟାପୀ, ଯଃ ସର୍ବବ୍ୟାପୀ ସୋଽନନ୍ତୋ, ଯୋଽନନ୍ତସ୍ତତ୍ତାରଂ, ଯତ୍ତାରଂ ତତ୍ ସୂକ୍ଷ୍ମଂ, ଯତ୍ ସୂକ୍ଷ୍ମଂ ତଚ୍ଛୁକ୍ଲଂ, ଯଚ୍ଛୁକ୍ଲଂ ତଦ୍ୱୈଦ୍ୟୁତଂ, ଯଦ୍ୱୈଦ୍ୟୁତଂ ତତ୍ପରଂ ବ୍ରହ୍ମ, ସ ଏକଃ ସ ଏକୋ ରୁଦ୍ରଃ, ସ ଈଶାନଃ, ସ ଭଗବାନ୍, ସ ମହେଶ୍ୱରଃ, ସ ମହାଦେବଃ[୧୧୯] ଇତ୍ୟଥର୍ବଶିରଃ ଶ୍ରୁତ୍ୟା ପ୍ରଣବ ଏବ ସଚ୍ଚିଦାନନ୍ଦାତ୍ମକଂ ପରବ୍ରହ୍ମେତି ଶ୍ରୂୟମାଣତ୍ୱାଦିତି ।। ୧୮ ।।

– ମହାମନ୍ତ୍ର ଏବଂ ତାହାର ନ୍ୟାସ ପୂର୍ବରୁ ପ୍ରଣବ ଜୋଡ଼ିଲେ କେବଳ ଚିଦାନନ୍ଦ ମହାଦେବଙ୍କର ପ୍ରବୋଧନ ହୋଇଥାଏ ।। ୧୮ ।।

ନନୁ ଶିବଃ ପ୍ରଣବେନ ବିନା କେନାପି ପ୍ରକାଶ୍ୟତେ ନ ବେତ୍ୟତ୍ରାହ –

ପ୍ରଣବେନୈକବର୍ଣ୍ଣେନ ପରବ୍ରହ୍ମ ପ୍ରକାଶ୍ୟତେ ।
ଅଦ୍ୱିତୀୟଂ ପରାନନ୍ଦଂ ଶିବାଖ୍ୟଂ ନିଷ୍ପ୍ରପଞ୍ଚକମ୍ ।। ୧୯ ।।

'ଶିବଂ ପରାତ୍ପରଂ ସୂକ୍ଷ୍ମଂ ନିତ୍ୟଂ ସର୍ବଗମବ୍ୟୟମ୍' ଇତି ଶିବାଗମୋକ୍ତେଃ ଶିବାଖ୍ୟଂ ପରାନନ୍ଦଂ ସଚ୍ଚିଦାନନ୍ଦଲକ୍ଷଣମ୍ ଅଦ୍ୱିତୀୟମ୍ 'ଏକମେବାଦ୍ୱିତୀୟମ୍' ଇତି

୧୧୯. ଅଥ. ଉ., ୨/୩

CC-0. Jangamwadi Math Digital Collection.

ଶ୍ରୁତେର୍ଦ୍ୱିତୀୟ ଶୂନ୍ୟମ୍, 'ନେହ ନାନାସ୍ତି କିଞ୍ଚନ'[୧୨୦] ଇତି ଶ୍ରୁତେର୍ନିଷ୍ପ୍ରପଞ୍ଚକମ୍, ଅତଏବ ପ୍ରାପଞ୍ଚିକ ଭେଦଶୂନ୍ୟଂ ପରଂବ୍ରହ୍ମ ପ୍ରଣବେନୈକବର୍ଣ୍ଣେନ ପ୍ରଣବରୂପୈକବର୍ଣ୍ଣେନ, ପ୍ରଣବେନୈବେତ୍ୟର୍ଥଃ, ପ୍ରକାଶ୍ୟତେ ପ୍ରବୋଧ୍ୟତେ, ପ୍ରଣବାଂଶୀଭୂତାକାରୋକାରମକାରାଣାଂ ସଚ୍ଚିଦାନନ୍ଦବାଚକତ୍ୱାଦିତି । ଏବଂ ଚ ନମଶ୍ଶିବାୟେତି ପଞ୍ଚାକ୍ଷରାଣ୍ୟାଚାର ଗୁରୁଶିବଚର ପ୍ରସାଦଲିଙ୍ଗ ବୀଜାକ୍ଷରାଣି, ଓଁକାରୋ ମହାଲିଙ୍ଗବୀଜମିତି ବୀଜବୃକ୍ଷରୂପପ୍ରଣବପଞ୍ଚାକ୍ଷର ଏବ ଷଟ୍ସ୍ଥଲ ବୀଜମିତି ତାତ୍ପର୍ଯ୍ୟମ୍ ।। ୧୯ ।।

– ଏକ ବର୍ଣ୍ଣ ବିଶିଷ୍ଟ ପ୍ରଣବଦ୍ୱାରା ଅଦ୍ୱିତୀୟ ପରାନନ୍ଦସ୍ୱରୂପ ପ୍ରପଞ୍ଚ ରହିତ ଶିବ ନାମକ ପରବ୍ରହ୍ମ ପ୍ରକାଶିତ ହୋଇଥାଆନ୍ତି ।। ୧୯ ।।

ନନ୍ୱସ୍ୟ ଲିଙ୍ଗାଙ୍ଗଷଟ୍ ସ୍ଥଳ ଯୋଗକାରଣସ୍ୟ ପ୍ରଣବସ୍ୟ ସଚ୍ଚିଦାନନ୍ଦଲକ୍ଷଣ–ବ୍ରହ୍ମ ପ୍ରକାଶକତ୍ୱମସ୍ତୁ, ନିଷ୍ପ୍ରପଞ୍ଚବ୍ରହ୍ମପ୍ରତିପାଦକତ୍ୱଂ କଥମିତ୍ୟତ୍ରାଜପାଗାୟତ୍ରୀମନ୍ତ୍ର–ଯୋଗପୂର୍ବକଂ ତତ୍ସ୍ୱରୂପଂ ପ୍ରଦର୍ଶୟତି –

ପରମାତ୍ମମନୁର୍ଜ୍ଞେୟଃ ସୋଽହଂ ରୂପଃ ସନାତନଃ ।
ଜାୟତେ ହସୟୋର୍ଲୋପାଦୋମିତ୍ୟେକାକ୍ଷରୋ ମନୁଃ ।। ୨୦ ।।

ପରମାତ୍ମମନୁଃ ପରମାତ୍ମମନ୍ତ୍ରଃ ସୋଽହଂରୂପଃ ପ୍ରତ୍ୟଭିଜ୍ଞାନରୂପ ଇତି ଜ୍ଞେୟଃ ଯୋଽସୌ ପୁରୁଷଃ ସୋଽହମ୍ ଇତି ଶ୍ରୁତିଗୁରୂପଦେଶସ୍ୱାନୁଭବୈର୍ବିଜ୍ଞାତୁଂ ଯୋଗ୍ୟଃ, ଏବଂ ପ୍ରତିଦିନଂ ଷଟ୍ଶତାଧିକମେକବିଂଶତିସହସ୍ର ସଂଖ୍ୟାତଂ ଜପିତ୍ୱାଽଥାସ୍ୟ ଭେଦଘଟିତତ୍ୱାତ୍ କେବଲକୁମ୍ଭକେନ ସକାରହକାରୟୋସ୍ତ୍ୟାଗାତ୍ ସନାତନୋ ନିତ୍ୟଃ ଓଁମିତ୍ୟେକାକ୍ଷରମନୁ–ଜାୟତେ । ତତଃ କିମିତି ଚେତ୍ ? ଉଚ୍ୟତେ, ସକାରସ୍ୟ ଚନ୍ଦ୍ରବୀଜତ୍ୱେନ ବେଦ୍ୟରୂପତ୍ୱାତ୍, ହାକରସ୍ୟାର୍କବୀଜତ୍ୱେନ ବେଦନରୂପତ୍ୱାତ୍ ଏବଂରୂପସକାରହକାରୟୋସ୍ତ୍ୟାଗାଦ୍ ବୃତ୍ତିଶୂନ୍ୟବେଦକମାତ୍ରପ୍ରକାଶକରୂପ ଓଁକାର ଏବାବଶିଷ୍ୟତ ଇତି ନିଷ୍ପ୍ରପଞ୍ଚବ୍ରହ୍ମ ପ୍ରତିପାଦକଃ ପ୍ରଣବ ଇତ୍ୟୁକ୍ତଂ ଭବତି । ତେନ ଶିବଜୀବୈକ୍ୟଲକ୍ଷଣ ଲିଙ୍ଗାଙ୍ଗ ସାମରସ୍ୟରୂପଶ୍ରୁତ୍ୟାଗମ–ପ୍ରସିଦ୍ଧପରମୁକ୍ତିରିତି ବୋଧ୍ୟମ୍।। ୨୦।।

– (ସାଧକ) ନିଜ ଭିତରେ ଛଅ ଚକ୍ର[୧୭୨] ଉପରେ ସ୍ଥିତ ଛଅ କମଳର ଭାବନା କରିବା ଉଚିତ୍ । ଏହା ମୂଳାଧାରରୁ ଆରମ୍ଭ କରି ଭ୍ରୂମଧ୍ୟ ପର୍ଯ୍ୟନ୍ତ ରହିଛି । ତଥା ବ୍ରହ୍ମା ଆଦିଙ୍କର ସ୍ଥାନ ଅଟେ[୧୭୩] । ଭ୍ରୂମଧ୍ୟର ଉପରି ଭାଗରେ ସହସ୍ରଦଳ କମଳର ଭାବନା କରିବା ଉଚିତ୍ । ତା' ଭିତରେ ଚନ୍ଦ୍ରବିମ୍ବର ଧ୍ୟାନ କରିବା ଉଚିତ୍ । ସେହି ଚନ୍ଦ୍ର ମଧ୍ୟରେ ସୂକ୍ଷ୍ମ ଛିଦ୍ରର ଭାବନା କରିବା ଉଚିତ୍ । ସେହି ସୂକ୍ଷ୍ମ ଛିଦ୍ରକୁ କୈଳାଶ କୁହାଯାଇଛି । ସେଠାରେ ସମସ୍ତ କାରଣର କାରଣ ଶିବ ବିରାଜମାନ କରିଛନ୍ତି – ଏହିପରି ଭାବନା କରିବା ଉଚିତ୍ ।। ୨୫-୨୭।।

ଅଥାଧାର ସ୍ୱାଧିଷ୍ଠାନଗତପୃଥ୍ୱୀଜଳ ସଂଘଟ୍ଟେନ ମଣିପୂରକାଖ୍ୟନାଭିକନ୍ଦମୁତ୍ପତ୍ୟ ତଦନୁଦ୍‌ଭୂତାନାହତାଖ୍ୟହୃଦୟଦ୍ୱାଦଶଦଳକମଳେ ତପିନ୍ୟାଦିଦ୍ୱାଦଶକଳାଯୁକ୍ତ ସୂର୍ଯ୍ୟମଣ୍ଡଳଂ ଭାତି । ତଦୁପରି ଷୋଡ଼ଶଦଳଯୁକ୍ତବିଶୁଦ୍ଧିକମଳେ ଅମୃତାଦି ଷୋଡ଼ଶକଳାଯୁକ୍ତ ଚନ୍ଦ୍ରମଣ୍ଡଳଂ ବିଭାତି । ତଦୁପରି ଦ୍ୱିଦଳଯୁକ୍ତାଜ୍ଞାଚକ୍ରେ ଜ୍ୱଳିନ୍ୟାଦି ଦଶକଳାତ୍ମକବହ୍ନିମଣ୍ଡଳଂ ପ୍ରକାଶତେ । ତଦୁପରି ସହସ୍ରଦଳାଳଂକୃତ ବ୍ରହ୍ମଚକ୍ରେ ତଦଷ୍ଟାତ୍ରିଂଶତ୍‌କଳୋପେତକୁଣ୍ଡଳୀ ମଣ୍ଡଳୋପରି ଲିଙ୍ଗାଙ୍ଗସମାରସ୍ୟଲକ୍ଷଣଶିବଯୋଗସମାଧିସମ୍ପନ୍ନସ୍ୟ ପ୍ରାଣଲିଙ୍ଗିନଃ ଶିବାନନ୍ଦବ୍ୟତିରେକେଣ ମାୟିକ ସୁଖାନୁଭବୋ ନାସ୍ତୀତି ସୂତ୍ରଦ୍ୱୟେନାହ –

ବହିର୍ବାସନୟା ବିଶ୍ୱଂ ବିକଳ୍ପାର୍ଥଂ ପ୍ରକାଶତେ ।
ଅନ୍ତର୍ବାସିତଚିତ୍ତାନାମାତ୍ମାନନ୍ଦଃ ପ୍ରକାଶତେ ।। ୨୮ ।।

---

୧୭୨. ଛଅ ଚକ୍ର ହେଉଛନ୍ତି – ମୂଳାଧାର, ସ୍ୱାଧିଷ୍ଠାନ, ମଣିପୂର, ଆନାହତ, ଶାକିନୀ ଏବଂ ଆଜ୍ଞାଚକ୍ର ।

୧୭୩. ବ୍ରହ୍ମାଦି ଦେବତା ସ୍ଥାନ – ୧.ମୂଳାଧାର–ବ୍ରହ୍ମା, ୨.ସ୍ୱାଧିଷ୍ଠାନ–ବିଷ୍ଣୁ, ୩.ମଣିପୁର–ରୁଦ୍ର, ୪.ଅନାହତ–ଈଶ୍ୱର, ୫.ଶାକିନୀ–ସଦାଶିବ, ୬.ଆଜ୍ଞା–ଶିବ + ଶକ୍ତି ସହସ୍ରାରରେ ଶିବ ଏବଂ ଶକ୍ତିଙ୍କର ଯୁଗ୍ମରୂପ ବିଦ୍ୟମାନ ।

CC-0. Jangamwadi Math Digital Collection.

ଇଦମିତି ବହିର୍ମୁଖେନ ସଂସ୍କାରେଣ ସର୍ବଂ ଜଗତ୍ ସଙ୍କଳ୍ପ ବିକଳ୍ପାର୍ଥଂ ପ୍ରକାଶତେ । ଅହମିତ୍ୟନ୍ତର୍ମୁଖେ ପରିମିଳିତଚିତ୍ତାନାମ୍ ଆତ୍ମାନନ୍ଦଃ ଶିବାନନ୍ଦ ଏବ ପ୍ରକାଶତ ଇତ୍ୟର୍ଥଃ ।। ୨୮ ।।

– ବହିର୍ବାସନା ହେତୁ ବିକଳ୍ପାତ୍ମକ ବିଷୟବାଲା ବିମ୍ବ ପ୍ରକାଶିତ ହୋଇଥାଏ । ଚିତ୍ତ ଅନ୍ତର୍ମୁଖୀ ଅଟେ, ତାଙ୍କର ଆତ୍ମାନନ୍ଦର ସାକ୍ଷାତ୍କାର ହୋଇଥାଏ ।। ୨୮ ।।

ନନୁ ବହିର୍ବାସନା କଥଂ ଗଚ୍ଛତୀତି ତତ୍ରାହ –

ଆତ୍ମାରଣିସମୁତ୍ଥେନ ପ୍ରମୋଦମଥନାତ୍ ସୁଧୀଃ ।
ଜ୍ଞାନାଗ୍ନିନା ଦହେତ୍ ସର୍ବଂ ପାଶଜାଲଂ ଜଗନ୍ମୟମ୍ ।। ୨୯ ।।

ସୁଧୀଃ ପ୍ରାଣଲିଙ୍ଗୀ ପ୍ରମୋଦମଥନାତ୍ ଶିବସୁଖସ୍ୟ ବିଚାରାଦ୍ ଆତ୍ମାରଣିସମୁତ୍ଥେନ ଜ୍ଞାନାଗ୍ନିନା ଶିବାଭେଦଜ୍ଞାନାଗ୍ନିନା ସର୍ବଂ ଜଗନ୍ମୟଂ ମଳମାୟାଦିପାଶସମୂହଂ ଦହେଦ୍ ଭସ୍ମୀକୁର୍ଯ୍ୟାଦିତ୍ୟର୍ଥଃ ।। ୨୯ ।।

– ବିଦ୍ୱାନ୍ ପ୍ରମୋଦରୂପୀ (ଶିବାନନ୍ଦରୂପୀ) ବିଚାର ମନ୍ଥନଦ୍ୱାରା ଆତ୍ମାରୂପୀ[୧୭୪] ଅରଣୀରୁ ଉତ୍ପନ୍ନ ଜ୍ଞାନରୂପୀ ଅଗ୍ନିରେ ଜଗଦ୍ରୂପ ସମସ୍ତ ପାଶଜାଲକୁ ଦଗ୍ଧ କରିଦେବା ଉଚିତ୍ ।। ୨୯ ।।

ଅଥ ଶିବଧ୍ୟାନମହତ୍ତ୍ୱଂ ସୂତ୍ରଦ୍ୱୟେନ କଥୟନ୍ ଶିବଯୋଗସମାଧିସ୍ଥଲଂ ସମାପୟତି –

ସଂସାରବିଷବୃକ୍ଷସ୍ୟ ପଞ୍ଚକ୍ଲେଶପଲାଶିନଃ[୧୭୫] ।
ଛେଦନେ କର୍ମମୂଳସ୍ୟ ପରଶୁଃ ଶିବଭାବନା ।। ୩୦ ।।

ଧର୍ମାଧର୍ମଲକ୍ଷଣକର୍ମମୂଳସ୍ୟ ଅବିଦ୍ୟାଦି ପଞ୍ଚକ୍ଲେଶଲକ୍ଷଣପର୍ଣ୍ଣବତୋ ଜନନମରଣ ଲକ୍ଷଣ ସଂସାରବିଷବୃକ୍ଷସ୍ୟ ଛେଦନେ ଶିବଧ୍ୟାନମେବ ପରଶୁରିତ୍ୟର୍ଥଃ ।। ୩୦ ।।

– କର୍ମରୁ ଉତ୍ପନ୍ନ ଏହି ସଂସାର ବିଷବୃକ୍ଷ (ସଦୃଶ) ଅଟେ । (ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଏବଂ ଅଭିନିବେଶ ଅର୍ଥାତ୍ ମୃତ୍ୟୁର ଭୟ) (ଏହି) ପାଞ୍ଚ କ୍ଲେଶ ଏହାର ପତ୍ର ଅଟନ୍ତି । ଏହାକୁ କାଟିବା ପାଇଁ ଶିବଭାବନା କୁରାଢ଼ି ପରି ଅଟେ ।। ୩୦ ।।

ଅଜ୍ଞାନରାକ୍ଷସୋନ୍ମେଷକାରିଣଃ ସଂହୃତାତ୍ମନଃ ।
ଶିବଧ୍ୟାନଂ ତୁ ସଂସାରତମସଶ୍ଚଣ୍ଡଭାସ୍କରଃ ।। ୩୧ ।।

---

୧୭୪. ତୁଳନୀୟ –

ଆତ୍ମାନମରଣିଂ କୃତ୍ୱା ପ୍ରଣବଂ ଚୋତ୍ତରାରଣିମ୍ ।
ଜ୍ଞାନନିର୍ମଥନାଭ୍ୟାସାତ୍ ପାଶଂ ଦହତି ପଣ୍ଡିତଃ ।। (କୈବଲ୍ୟୋପନିଷଦ୍ ୧ ୧)

୧୭୫. ଅବିଦ୍ୟାଽସ୍ମିତାରାଗଦ୍ୱେଷାଭିନିବେଶାଃ ପଞ୍ଚକ୍ଲେଶାଃ (ପ. ଯୋ. ସୂ., ୨/୩)

CC-0. Jangamwadi Math Digital Collection.

ଅଜ୍ଞାନଲକ୍ଷଣରାକ୍ଷସନୟନୋନ୍ମୀଳନ କାରିଣୋ ନିବିଡ଼ତର ସଂସାରାନ୍ଧକାରସ୍ୟ ଶିବଧ୍ୟାନଂ ଚଣ୍ଡଭାସ୍କରଃ ପ୍ରଚଣ୍ଡମାର୍ତ୍ତଣ୍ଡ ଇତ୍ୟର୍ଥଃ ।। ୩୧ ।।

– ଆତ୍ମାକୁ ଆବୃତ୍ତ କରୁଥିବା ଅଜ୍ଞାନରୂପୀ ରାକ୍ଷସକୁ ଉଦ୍ଦୀପ୍ତ କରୁଥିବା ସଂସାରରୂପୀ ଅନ୍ଧକାରକୁ ଦୂର କରିବା ପାଇଁ ଶିବଧ୍ୟାନ ପ୍ରଚଣ୍ଡ ସୂର୍ଯ୍ୟ ପରି ଅଟେ ।। ୩୧ ।।

ଇତି ଶିବଯୋଗସମାଧିସ୍ଥଲମ୍

ଅଥ ଲିଙ୍ଗନିଜସ୍ଥଲମ୍

ଅଥୈବଂବିଧଶିବଯୋଗସମ୍ପନ୍ନସ୍ୟ ପ୍ରତ୍ୟକ୍ଷୀଭୂତଲିଙ୍ଗନିଜସ୍ଥଲଂ ନିରୂପୟତି –

ସ୍ୱାନ୍ତସ୍ଥଶିବଲିଙ୍ଗସ୍ୟ ପ୍ରତ୍ୟକ୍ଷାନୁଭବସ୍ଥିତିଃ ।
ୟସୈ୍ୟବ ପରଲିଙ୍ଗସ୍ୟ ନିଜମିତ୍ୟୁଚ୍ୟତେ ବୁଧୈଃ ।। ୩୨ ।।

ସ୍ୱାତ୍ମନି ତାଦାତ୍ମ୍ୟେନ ସ୍ଥିତସ୍ୟ ଶିବଲିଙ୍ଗସ୍ୟ ୟୟା ପ୍ରତ୍ୟକ୍ଷାନୁଭବସ୍ଥିତିର୍ଦ୍ଦେଶକାଳା– କାରକୃତସଙ୍କୋଚାଭାବେନ ସାମାନ୍ୟତୋଽହମିତି ପ୍ରତ୍ୟକ୍ଷାନୁଭବସ୍ଥିତିରସ୍ତି, ସୈବ ପରଲିଙ୍ଗସ୍ୟ ମହାଲିଙ୍ଗସ୍ୟ ନିଜମିତି ନିଜସ୍ୱରୂପମିତି ବୁଧୈରାତ୍ମତତ୍ତ୍ୱଜ୍ଞାନିଭିରୁଚ୍ୟତେ କଥ୍ୟତ ଇତ୍ୟର୍ଥଃ ।। ୩୨ ।।

ଅଥ ତଦ୍ ସ୍ୱରୂପଂ ସୂତ୍ରଦ୍ୱୟେନ ପ୍ରକଟୟତି –

ବ୍ରହ୍ମବିଷ୍ଣ୍ୱାଦୟୋ ଦେବାଃ ସର୍ବେ ବେଦାଦୟସ୍ତଥା ।
ଲୀୟନ୍ତେ ୟତ୍ର ଗମ୍ୟନ୍ତେ ତଲ୍ଲିଙ୍ଗଂ ବ୍ରହ୍ମ କେବଳମ୍ ।। ୩୩ ।।

ବ୍ରହ୍ମାବିଷ୍ଣୁପ୍ରଭୃତିଦେବା ବେଦାଗମପୁରାଣାଦିଶବ୍ଦସମୂହାଶ୍ଚ ୟତ୍ର ଲୟଂ ଗଚ୍ଛନ୍ତି ପୁନଃ ପ୍ରକାଶୟନ୍ତି, ତଦ୍ ଲିଙ୍ଗଂ ଲିଙ୍ଗଶବ୍ଦାଭିଧେୟଂ କେବଳଂ ବ୍ରହ୍ମ ବ୍ରହ୍ମୈବେତ୍ୟର୍ଥଃ ।। ୩୩ ।।

– ବ୍ରହ୍ମା ବିଷ୍ଣୁ ଆଦି ସମସ୍ତ ଦେବ ତଥା ବେଦ (ଆଗମ, ପୁରାଣ, ସ୍ମୃତି) ଆଦି ଯେଉଁଠାରେ ଲୀନ ହୁଅନ୍ତି ତଥା ଉତ୍ପନ୍ନ ହୁଅନ୍ତି, ସେହି ଲିଙ୍ଗ କେବଳ ବ୍ରହ୍ମ ଅଟେ ।। ୩୩ ।।

ନନୁ ଲିଙ୍ଗଶବ୍ଦାଭିଧେୟଂ ବିଶ୍ୱୋତ୍ପତ୍ତିଲୟସ୍ଥାନଂ ବ୍ରହ୍ମୈବ ଚେତ୍, ତଚ୍ଛିବସ୍ୱରୂପଂ ବା ତଦ୍ବ୍ୟତିରିକ୍ତଂ ବେତ୍ୟତ୍ରାହ –

ଚିଦାନନ୍ଦମୟଃ ସାକ୍ଷାଚ୍ଛିବ ଏବ ନିରଞ୍ଜନଃ ।
ଲିଙ୍ଗମିତ୍ୟୁଚ୍ୟତେ ନାନ୍ୟଦ୍ ୟତଃ ସ୍ୟାଦ୍ୱିଶ୍ୱସମ୍ଭବଃ ।। ୩୪ ।।

ୟତୋ ବ୍ରହ୍ମସ୍ୱରୂପଲିଙ୍ଗାଦ୍ ବିଶ୍ୱସମ୍ଭବୋ ବିଶ୍ୱୋତ୍ପତ୍ତିଃ ସ୍ୟାଦ୍, ତଲ୍ଲିଙ୍ଗଂ ବ୍ରହ୍ମସ୍ୱରୂପଲିଙ୍ଗଂ ଚିଦାନନ୍ଦମୟଃ ସଚ୍ଚିଦାନନ୍ଦସ୍ୱରୂପଃ, ନିରଞ୍ଜନଃ ଦୋଷରହିତଃ, ସାକ୍ଷାତ୍ ପ୍ରତ୍ୟକ୍ଷୀଭୂତଃ ଶିବ ଏବେତ୍ୟୁଚ୍ୟତେ ନାନ୍ୟତ୍, ଅନ୍ୟଦ୍ୱସ୍ତୁ ନୋଚ୍ୟତ ଇତ୍ୟର୍ଥଃ ।। ୩୪ ।।

CC-0. Jangamwadi Math Digital Collection.

– ଚିତ୍ ଆନନ୍ଦସ୍ୱରୂପ ନିରଞ୍ଜନ (ନିଷ୍କଳଙ୍କ) ଶିବ ହିଁ ସାକ୍ଷାତ୍ ଲିଙ୍ଗ କୁହାଯାଆନ୍ତି ତାଙ୍କଠାରୁ ବିଶ୍ୱର ଉତ୍ପତ୍ତି ହୋଇଥାଏ ।। ୩୪ ।।

ଅଥ ନିଷ୍କର୍ଷମାହ –

ବହୁନାତ୍ର କିମୁକ୍ତେନ ଲିଙ୍ଗମିତ୍ୟୁଚ୍ୟତେ ବୁଧୈଃ ।
ଶିବାଭିଧଂ ପରଂ ବ୍ରହ୍ମ ଚିଦ୍ରୂପଂ ଜଗଦାସ୍ପଦମ୍ ।। ୩୫ ।।

ଅତ୍ର ଅସ୍ମିନ୍ ବିଷୟେ ବହୁଭାଷଣେନ କିମ୍ ? ଜଗଦାଧାରଭୂତସ୍ଫୁରଣସ୍ୱଭାବଂ ପରବ୍ରହ୍ମୈବ ଶିବାଭିଧଂ ପରଶିବାଭିଧାନଂ ଲିଙ୍ଗଂ ନିଜଲିଙ୍ଗମିତି ବୁଧୈଃ ଶାସ୍ତ୍ରଜ୍ଞୈରୁଚ୍ୟତ ଇତ୍ୟର୍ଥଃ ।। ୩୫ ।।

– ଏ ବିଷୟରେ ଅଧିକ କହିବାରେ କ'ଣ ଲାଭ ? ଶିବ ନାମକ ପରବ୍ରହ୍ମ, ଯେ କି ଚିଦ୍‌ରୂପ ଓ ସଂସାରର ଆଧାର ଅଟନ୍ତି, ବିଦ୍ୱାନ୍‌ମାନଙ୍କ ଦ୍ୱାରା ଲିଙ୍ଗ କୁହାଯାଆନ୍ତି ।। ୩୫ ।।

ମାୟିକବେଦାନ୍ତ ମତସିଦ୍ଧଂ ଲିଙ୍ଗଂ ନିଜଲିଙ୍ଗଂ ନ ଭବତୀତି ସୂତ୍ରଦ୍ୱୟେନ ପ୍ରତିପାଦୟତି –

ବେଦାନ୍ତବାକ୍ୟଜାଂ ବିଦ୍ୟାଂ ଲିଙ୍ଗମାହୁସ୍ତଥାଦ୍ଧପରେ ।
ତଦସତ୍ଜ୍ଞେୟରୂପତ୍ୱାଲ୍ଲିଙ୍ଗସ୍ୟ ବ୍ରହ୍ମରୂପିଣଃ ।। ୩୬ ।।

ବେଦାନ୍ତବାକ୍ୟଜାଂ 'ପ୍ରଜ୍ଞାନଂ ବ୍ରହ୍ମ, ଅହଂ ବ୍ରହ୍ମାସ୍ମି, ତତ୍‌ତ୍ୱମସି, ଅୟମାତ୍ମା ବ୍ରହ୍ମ' ଇତ୍ୟାଦି ବେଦାନ୍ତବାକ୍ୟପ୍ରକାଶିକାଂ ବିଦ୍ୟାଂ ତଥା ତତ୍ ପ୍ରକାଶକଂ ନିଜଲିଙ୍ଗଂ ସଦ୍ ଅପରେ ବେଦାନ୍ତଜ୍ଞାନିନ ଆହୁଃ, ତତ୍ ତଦ୍ବେଦାନ୍ତବାକ୍ୟପ୍ରକାଶିତଜ୍ଞାନଲିଙ୍ଗଂ ବ୍ରହ୍ମରୂପିଣଃ ପରବ୍ରହ୍ମସ୍ୱରୂପିଣୋ ଲିଙ୍ଗସ୍ୟ ଜ୍ଞେୟରୂପତ୍ୱାଦ୍ ନିଜଲିଙ୍ଗରୂପଚିଦହଂ ପ୍ରକାଶବେଦ୍ୟତ୍ୱାତ୍, ଅସଦ୍ ଅପ୍ରଶସ୍ତମିତ୍ୟର୍ଥଃ, ପ୍ରମାଣାନାଂ ପ୍ରମାତୃଭିତ୍ତିଲଗ୍ନତ୍ୱେନୈବ ପ୍ରମେୟ ପ୍ରକାଶକତ୍ୱ–ନିୟମାତ୍, ଅନ୍ୟଥା ବୌଦ୍ଧମତପ୍ରବେଶାପତ୍ତେଃ, ବ୍ରହ୍ମାଲିଙ୍ଗସ୍ୟ ପ୍ରମେୟପଦପ୍ରବିଷ୍ଟତ୍ୱେନ ପ୍ରମାତ୍ରନ୍ତରସାପେକ୍ଷତ୍ୱାଦିତି ।। ୩୬ ।।

– ଯେଉଁ ଅନ୍ୟ ବ୍ୟକ୍ତିମାନେ (ତତ୍ତ୍ୱମସି, ଅହଂ ବ୍ରହ୍ମାସ୍ମି, ଅୟମାତ୍ମା ବ୍ରହ୍ମ, ପ୍ରଜ୍ଞାନଂ ବ୍ରହ୍ମ[୧୭୬]) ବେଦାନ୍ତ ମହାବାକ୍ୟରୁ ଉତ୍ପନ୍ନ ଜ୍ଞାନକୁ ଲିଙ୍ଗ କହନ୍ତି, ତାଙ୍କର କଥନ ଅସଙ୍ଗତ ଅଟେ, କାରଣ ବ୍ରହ୍ମରୂପୀ ଲିଙ୍ଗ ଜ୍ଞେୟ ଅଟେ ଏବଂ ସେମାନଙ୍କ ଦ୍ୱାରା କଥିତ ବ୍ରହ୍ମ ଅବାଙ୍–ମନସ ଗୋଚର ଅଟେ ।। ୩୬ ।।

ଅଥ ମତାନ୍ତରଂ ନିରାକରୋତି –

---

୧୭୬. ସାମବେଦ – ତତ୍ତ୍ୱମସି । ଋଗ୍‌ବେଦ – ପ୍ରଜ୍ଞାନଂ ବ୍ରହ୍ମ । ଯଜୁର୍ବେଦ – ଅୟମାତ୍ମା ବ୍ରହ୍ମ । ଅଥର୍ବବେଦ – ଅହଂ ବ୍ରହ୍ମାସ୍ମି ।

CC-0. Jangamwadi Math Digital Collection.

ଅବ୍ୟକ୍ତଂ ଲିଙ୍ଗମିତ୍ୟାହୁର୍ଜଗତାଂ ମୂଳକାରଣମ୍ ।
ଲିଙ୍ଗୀ ମହେଶ୍ୱରଶ୍ଚେତି ମତମେତଦସଙ୍ଗତମ୍ ।। ୩୭ ।।

ଜଗତାଂ ମୂଳକାରଣମବ୍ୟକ୍ତଂ ମାୟାତତ୍ତ୍ୱଂ ଲିଙ୍ଗମିତ୍ୟାହୁଃ, ମହେଶ୍ୱରୋ ଲିଙ୍ଗୀ ଚେତି ଲିଙ୍ଗବାନିତ୍ୟାହୁଃ । ଏତନ୍ ମତମ୍ 'ମାୟାଂ ତୁ ପ୍ରକୃତିଂ ବିନ୍ଦ୍ୟାନ୍ ମାୟିନଂ ତୁ ମହେଶ୍ୱରମ୍'[୧୭୭] ଇତି ଶ୍ୱେତାଶ୍ୱତରାଣାଂ ମତମ୍, ଅସଙ୍ଗତଂ ପ୍ରାଣଲିଙ୍ଗିନାମସମ୍ମତମ୍, ପ୍ରକୃତେର୍ଜଡ଼ତ୍ୱେନ ହେୟକୋଟିପ୍ରବିଷ୍ଟତ୍ୱାଦିତି ।। ୩୭ ।।

(କିଛି ବିଦ୍ୱାନ୍) ସଂସାରର ମୂଳକାରଣ ଅବ୍ୟକ୍ତତତ୍ତ୍ୱକୁ ଲିଙ୍ଗ କହନ୍ତି ଏବଂ ମହେଶ୍ୱରଙ୍କୁ ଲିଙ୍ଗୀ । ଏହି ମତ ଅସଙ୍ଗତ ଅଟେ କାରଣ ପ୍ରକୃତି ଜଡ଼ ଅଟେ । ତେଣୁ ହେୟ ଅଟେ । ଶୈବମତ ଅନୁସାରେ ପରମେଶ୍ୱରଙ୍କର ଶକ୍ତି ଚେତନ ଅଟେ ।। ୩୭ ।।

ଅଥ –

ନ ତତ୍ର ସୂର୍ଯ୍ୟୋ ଭାତି ନ ଚନ୍ଦ୍ରତାରକଂ
ନେମା ବିଦ୍ୟୁତୋ ଭାନ୍ତି କୁତୋଽୟମଗ୍ନିଃ ।
ତମେବ ଭାନ୍ତମନୁଭାତି ସର୍ବଂ
ତସ୍ୟ ଭାସା ସର୍ବମିଦଂ ବିଭାତି ।।

ଇତି କଠବଲ୍ଲୀଶ୍ରୁତ୍ୟନୁସାରେଣ ପ୍ରାଣଲିଙ୍ଗିନାଂ ସମ୍ମତଂ ନିଜଲିଙ୍ଗସ୍ୱରୂପଂ ସୂତ୍ରଦ୍ୱୟେନ ପ୍ରତିପାଦୟତି –

ନ ସୂର୍ଯ୍ୟୋ ଭାତି ତତ୍ରେନ୍ଦୁର୍ନ ବିଦ୍ୟୁନ୍ନ ଚ ପାବକଃ ।
ନ ତାରକା ମହାଲିଙ୍ଗେ ଦ୍ୟୋତମାନେ ପରାତ୍ମନି ।। ୩୮ ।।

ପରାତ୍ମନି ପରମାତ୍ମନି ମହାଲିଙ୍ଗେ ଦ୍ୟୋତମାନେ ସତି ତତ୍ର ତସ୍ମିନ୍ ମହାପ୍ରକାଶେ ନ ସୂର୍ଯ୍ୟଃ ସୂର୍ଯ୍ୟୋ ନ ଭାତି, ନେନ୍ଦୁଃ ଚନ୍ଦ୍ରୋ ନ ଭାତି, ପାବକୋ ନ ଭାତି, ବିଦ୍ୟୁଚ୍ଚ ନ ଭାତି, ନକ୍ଷତ୍ରାଣି ଚ ନ ଭାନ୍ତି ।। ୩୮ ।।

– ସେହି ପରମାତ୍ମା ମହାଲିଙ୍ଗ ପ୍ରକାଶମାନ ହେବା ପରେ ନା ସୂର୍ଯ୍ୟ, ନା ଚନ୍ଦ୍ରମା, ନା ବିଦ୍ୟୁତ୍ (ବିଜୁଳି) ନା ଅଗ୍ନି ଏବଂ ନା ତାରାମାନେ ଚମକନ୍ତି[୧୭୮] ।। ୩୮ ।।

ତର୍ହି ତେଷାଂ ଭାସନଂ କଥମିତ୍ୟତ୍ରାହ –

---

୧୭୭. ଶ୍ୱେ. ଉ., ୪/୧୦

୧୭୮. ତୁଳନୀୟ –
ନ ତତ୍ର ସୂର୍ଯ୍ୟୋ ଭାତି ନ ଚନ୍ଦ୍ରତାରକଂ ନେମା ବିଦ୍ୟୁତୋ ଭାନ୍ତି କୁତୋଽୟମଗ୍ନିଃ।
ତମେବ ଭାନ୍ତମନୁଭାତି ସର୍ବଂ ତସ୍ୟ ଭାସା ସର୍ବମିଦଂ ବିଭାତି।।(ଶ୍ୱେ. ଉ.,୬/୧୪)

CC-0. Jangamwadi Math Digital Collection.

ଜ୍ୟୋତିର୍ମୟଂ ପରଂ ଲିଙ୍ଗଂ ଶ୍ରୁତିରାହ ଶିବାତ୍ମକମ୍ ।
ତସ୍ୟ ଭାସା ସର୍ବମିଦଂ ପ୍ରତିଭାତି ନ ସଂଶୟଃ ।। ୩୯ ।।

ଶିବାତ୍ମକଂ ପରଂ ଲିଙ୍ଗଂ ମହାଲିଙ୍ଗମେବ ଜ୍ୟୋତିର୍ମୟମନ୍ୟାନପେକ୍ଷପ୍ରକାଶରୂପମ୍ । ତସ୍ମାତ୍ ତସ୍ୟ ଭାସା ଜ୍ୟୋତିର୍ଲିଙ୍ଗ ପ୍ରକାଶନୈବ ଇଦଂ ସର୍ବଂ ସୂର୍ଯ୍ୟଚନ୍ଦ୍ରାଦିକଂ ସର୍ବଂ ପ୍ରତିଭାତି । ଅତ୍ର ସନ୍ଦେହୋ ନାସ୍ତୀତି କଠବଲ୍ଲୀଶ୍ରୁତିରାହେତ୍ୟର୍ଥଃ । ଅୟଂ ଭାବଃ – ବହ୍ନ୍ୟର୍କସୋମାନାଂ ମାତୃମାନମେୟାତ୍ମକତ୍ରିପୁଟୀମୟପ୍ରପଞ୍ଚରୂପତ୍ୱାଦ୍ ଏତେଷାଂ ପ୍ରକାଶୋ ମହାଲିଙ୍ଗପ୍ରକାଶାଧୀନ ଇତି ସିଦ୍ଧତ୍ୱେନ ପୁନସ୍ତନ୍ମହାଲିଙ୍ଗଂ ବେଦାନ୍ତଜନ୍ୟଜ୍ଞାନ ପ୍ରକାଶ୍ୟମିତ୍ୟଙ୍ଗୀକୃତଂ ଚେତ୍, ପରାଧୀନପ୍ରକାଶତ୍ୱେନାତ୍ୟନ୍ତଜଡ଼ତ୍ୱପ୍ରସଙ୍ଗାଦ୍ । ଅପ୍ରମେୟଂ ସ୍ୱପ୍ରକାଶଂ ବସ୍ତୁ ନିଜଲିଙ୍ଗଶବ୍ଦାର୍ଥଃ । ଅସ୍ମିନ୍ମତେ ନିଗମାଗମାଦିପ୍ରମାଣାନାଂ ସ୍ୱଶକ୍ତିମୟତ୍ୱେନ ସ୍ୱସଂବେଦ୍ୟତ୍ୱାନ୍ନ ଦୋଷ ଇତି ।। ୩୯ ।।

– ଶ୍ରୁତି ଶିବାତ୍ମକ ପରଲିଙ୍ଗକୁ ଜ୍ୟୋତିର୍ମୟ କୁହେ । ତାହାର ପ୍ରକାଶରେ ଏ ସମସ୍ତ ଜଗତ୍ ଦେଦୀପ୍ୟମାନ ହେଉଛି, ଏଥିରେ କୌଣସି ସନ୍ଦେହ ନାହିଁ ।। ୩୯ ।।

ବିଶେଷ – ଅଗ୍ନି, ସୂର୍ଯ୍ୟ ଏବଂ ଚନ୍ଦ୍ରମା – ପ୍ରମାତା, ପ୍ରମାଣ ଓ ପ୍ରମେୟ ରୂପ ଅଟନ୍ତି । ଏହି ସବୁ ତ୍ରିପୁଟୀ ମହାଲିଙ୍ଗର ଅଧୀନରେ ରହି ପ୍ରକାଶିତ ହୁଅନ୍ତି । ଯଦି ମହାଲିଙ୍ଗକୁ ବେଦାନ୍ତ ଜନ୍ୟ ଜ୍ଞାନରେ ପ୍ରକାଶ୍ୟ ମାନିବା, ତେବେ ପରପ୍ରକାଶ୍ୟ ହେବା କାରଣରୁ ଏହି ମହାଲିଙ୍ଗ ଘଟାଦି ପରି ଜଡ଼ ହୋଇଯିବ । ଏଣୁ ସେହି ମହାଲିଙ୍ଗ ସ୍ୱପ୍ରକାଶ ଅର୍ଥାତ୍ ସ୍ୱସଂବେଦ୍ୟ ଅଟେ ।

ଅଥ ସୂତ୍ରଦ୍ୱୟେନ ଲିଙ୍ଗମହତ୍ତ୍ୱମୁକ୍ତ୍ୱା ନିଜଲିଙ୍ଗସ୍ଥଳଂ ସମାପୟତି –

ଲିଙ୍ଗାନ୍ନାସ୍ତି ପରଂ ତତ୍ତ୍ୱଂ ଯଦସ୍ମାଜ୍ଜାୟତେ ଜଗତ୍ ।
ଯଦେତଦ୍ରୂପତାଂ ଧତ୍ତେ ଯଦତ୍ର ଲୟମଶ୍ନୁତେ ।। ୪୦ ।।

ଯତ୍ର ଲିଙ୍ଗେ ଯତୋ ଯସ୍ମାତ୍ କାରଣାଦ୍ ଯଜ୍ଜଗଜ୍ଜାୟତେ ଉତ୍ପଦ୍ୟତେ, ଯଜ୍ଜଗଦ୍ ଏତଦ୍ରୂପତାଂ ସ୍ଥିତିରୂପତାଂ ଧତ୍ତେ ଦଧାତି, ଯଜ୍ଜଗଦ୍ ଲୟଂ ସଂହାରମ୍ ଅଶ୍ନୁତେ ଅନୁଭବତି, ତସ୍ମାତ୍ କାରଣାଦ୍ ଅସ୍ମାଲ୍ଲିଙ୍ଗାଦ୍ ଅନ୍ୟାନପେକ୍ଷଭାସମାନସ୍ୱପ୍ରକାଶମୟନିଜଲିଙ୍ଗାଦ୍ ପରଂ ତତ୍ତ୍ୱଂ ନାସ୍ତି ।। ୪୦ ।।

– ଲିଙ୍ଗଠାରୁ ଅଧିକ କିଛି ତତ୍ତ୍ୱ ନାହିଁ, କାରଣ ଏଥିରୁ ସଂସାର ଉତ୍ପନ୍ନ ହୋଇଛି । ସେଥିରେ ହିଁ ସଂସାର ସ୍ଥିତ ଏବଂ ସେଥିରେ ହିଁ ଲୀନ ହୋଇଯାଏ ।। ୪୦ ।।

ତସ୍ମାଲ୍ଲିଙ୍ଗଂ ପରଂ ବ୍ରହ୍ମ ସଚ୍ଚିଦାନନ୍ଦଲକ୍ଷଣମ୍ ।
ନିଜରୂପମିତି ଧ୍ୟାନାତ୍ ତଦବସ୍ଥା ପ୍ରଜାୟତେ ।। ୪୧ ।।

CC-0. Jangamwadi Math Digital Collection.

ତସ୍ମାତ୍ ସଚ୍ଚିଦାନନ୍ଦସ୍ୱରୂପଂ ପରବ୍ରହ୍ମୈବ ନିଜରୂପଂ ଲିଙ୍ଗମିତି ଧ୍ୟାନାତ୍ ଚିନ୍ତନାତ୍ ତଦବସ୍ଥା ଲିଙ୍ଗମେବ ନିଜମିତ୍ୟବସ୍ଥା ପ୍ରଜାୟତେ ପ୍ରକାଶତ ଇତ୍ୟର୍ଥଃ ।। ୪୧ ।।

– ଏହି କାରଣରୁ ସତ୍–ଚିତ୍–ଆନନ୍ଦ ସ୍ୱରୂପ ବ୍ରହ୍ମ ହିଁ ପରଲିଙ୍ଗ ଅଟେ । 'ସେ ହିଁ ନିଜର ରୂପ ଅଟେ' ଏହିପରି ଧ୍ୟାନ କରିବାରୁ ନିଜଲିଙ୍ଗାବସ୍ଥା ଉତ୍ପନ୍ନ ହୋଇଥାଏ ।। ୪୧ ।।

ଇତି ଲିଙ୍ଗନିଜସ୍ଥଳମ୍

ଅଥାଙ୍ଗଲିଙ୍ଗସ୍ଥଳମ୍

ଅଥ ଲିଙ୍ଗନିଜାଙ୍ଗିନମଙ୍ଗଲିଙ୍ଗିନଂ ସୂତ୍ରଦ୍ୱୟେନ ନିରୂପୟତି –

ଜ୍ଞାନମଙ୍ଗମିତି ପ୍ରାହୁର୍ଜ୍ଞେୟଂ ଲିଙ୍ଗଂ ସନାତନମ୍ ।
ବିଦ୍ୟତେ ତଦ୍‌ଦ୍ୱୟଂ ଯସ୍ୟ ସୋଽଙ୍ଗଲିଙ୍ଗୀତି କୀର୍ତ୍ତିତଃ ।। ୪୨ ।।

ଜ୍ଞାନଂ ଶିବଜ୍ଞାନବାନ୍ ଜୀବଃ, ଅଙ୍ଗମ୍ ଅଙ୍ଗମିତି ପ୍ରାହୁରିତ୍ୟର୍ଥଃ । ଜ୍ଞେୟଂ ତେନ ଶିବଜ୍ଞାନବତାନେନ ସାକ୍ଷାତ୍ କରଣୀୟଂ ବସ୍ତୁ ସନାତନଂ ନିତ୍ୟଂ ଲିଙ୍ଗମିତି ପ୍ରାହୁଃ, 'ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା'[୧୭୯] ଇତି ଶ୍ରୁତେଃ । ଏତଦ୍ ଦ୍ୱୟମ୍ ଅଙ୍ଗଲିଙ୍ଗଦ୍ୱୟଂ ଯସ୍ୟ ପ୍ରାଣଲିଙ୍ଗିନୋ ବର୍ତ୍ତତେ, ସୋଽଙ୍ଗଲିଙ୍ଗୀ କୀର୍ତ୍ତିତ ଇତ୍ୟର୍ଥଃ ।। ୪୨ ।।

– (ଅଙ୍ଗଲିଙ୍ଗସ୍ଥଳ ବର୍ଣ୍ଣନ) – (ବିଦ୍ୱାନ୍‌ମାନେ) ଜ୍ଞାନକୁ ଅଙ୍ଗ ଏବଂ ଜ୍ଞେୟକୁ ସନାତନ ଲିଙ୍ଗ କହିଥା'ନ୍ତି । ଏହି ଦୁଇଟିର ଜ୍ଞାନ ଯାହାର ଥାଏ, ସେ ଅଙ୍ଗଲିଙ୍ଗୀ କୁହାଯାଏ ।। ୪୨ ।।

ଅଥୈବଂ ଚେଦ୍ ଭେଦବାଦିମତପ୍ରବେଶୋ ଜାତ ଇତ୍ୟତ୍ରାହ –

ଅଙ୍ଗେ ଲିଙ୍ଗଂ ସମାରୂଢ଼ଂ ଲିଙ୍ଗେ ଚାଙ୍ଗମୁପସ୍ଥିତମ୍ ।
ଏତଦସ୍ତିଦ୍ୱୟଂ ଯସ୍ୟ ସ ଭବେଦଙ୍ଗଲିଙ୍ଗବାନ୍ ।। ୪୩।।

ଅଙ୍ଗେ ଜୀବାତ୍ମନି ଲିଙ୍ଗଂ ଶିବଲିଙ୍ଗଂ ସମାରୂଢ଼ଂ ସାମରସ୍ୟେ ନାସ୍ତି, ଲିଙ୍ଗେ ଶିବଲିଙ୍ଗେ ଅଙ୍ଗଂ ଜୀବ ଉପସ୍ଥିତଂ ସାମରସ୍ୟେନାସ୍ତି । ଏତଦ୍ ଦ୍ୱୟଂ ଯସ୍ୟାସ୍ତି ବୀଜାଙ୍କୁରନ୍ୟାୟେ ନୈବଂ ବିଧଜ୍ଞାନଦ୍ୱୟଂ ଯସ୍ୟ ପ୍ରାଣଲିଙ୍ଗିନୋଽସ୍ତି, ସୋଽଙ୍ଗଲିଙ୍ଗବାନିତ୍ୟର୍ଥଃ ।। ୪୩।।

– ଅଙ୍ଗରେ ଲିଙ୍ଗ ଆରୂଢ଼ ଅଟେ ଏବଂ ଲିଙ୍ଗରେ ଅଙ୍ଗ ଓତପ୍ରୋତ ଅଟେ ବୀଜାଙ୍କୁର ନ୍ୟାୟରେ ଏହି ଦୁଇ ପ୍ରକାରର ଜ୍ଞାନ ଯାହା ପାଖରେ ଥାଏ, ସେ ଅଙ୍ଗଲିଙ୍ଗବାନ୍ ହୋଇଥାଏ ।। ୪୩।।

ନନ୍ୱତ୍ର ଜ୍ଞାନମାତ୍ରମେବ ବିବକ୍ଷିତଂ କିମିତ୍ୟତ୍ରାହ –

---
୧୭୯. ମୁ. ଉ., ୩/୧/୧

CC-0. Jangamwadi Math Digital Collection.

ଜ୍ଞାତ୍ୱା ଯଃ ସତତଂ ଲିଙ୍ଗଂ ସ୍ୱାନ୍ତଃସ୍ଥଂ ଜ୍ୟୋତିରାତ୍ମକମ୍ ।
ପୂଜୟେଦ୍ ଭାବୟେନ୍ନିତ୍ୟଂ ତଂ ବିନ୍ଦ୍ୟାଦଙ୍ଗଲିଙ୍ଗିନମ୍ ।। ୪୪ ।।

ଯଃ ପ୍ରାଣଲିଙ୍ଗୀ ସ୍ୱାନ୍ତଃସ୍ଥ ସ୍ୱହୃଦୟକମଳସ୍ଥଂ ଜ୍ୟୋତିରାତ୍ମକଂ ଜ୍ୟୋତିର୍ମୟଂ ସତତଂ ନିତ୍ୟଂ ଲିଙ୍ଗଂ ନିଜଲିଙ୍ଗଂ ଜ୍ଞାତ୍ୱା ସାମରସ୍ୟରୂପଂ ଶ୍ରୁତିଗୁରୁସ୍ୱାନୁଭବୈର୍ବିଦିତ୍ୱା ପୂଜୟେଦ୍ ଧ୍ୟାୟେଦ୍ ତଂ ପ୍ରାଣଲିଙ୍ଗିନଂ ବିନ୍ଦ୍ୟାଦ୍ ଜାନୀୟାଦିତ୍ୟର୍ଥଃ ।। ୪୪ ।।

– ଯେଉଁ ମନୁଷ୍ୟ ନିଜ ଭିତରେ ଥିବା ଜ୍ୟୋତିର୍ମୟ ଲିଙ୍ଗକୁ ଶାସ୍ତ୍ର, ଗୁରୁ ଅଥବା ନିଜର ଅନୁଭବଦ୍ୱାରା ଜାଣି ନିତ୍ୟ ତାହାର ପୂଜା ତଥା ଭାବନା କରେ, ତାକୁ ଅଙ୍ଗଲିଙ୍ଗୀ ଜାଣିବା ଉଚିତ୍ ।। ୪୪ ।।

ଅଥ ନିଜଲିଙ୍ଗପର୍ଯ୍ୟାୟନାମାନ୍ୟୁକ୍ତ୍ୱା ତତ୍ର ଦୃଢ଼ଚିତ୍ତବାନ୍ ଜୀବନ୍ମୁକ୍ତ ଇତି ସୂତ୍ରତ୍ରୟେଣ କଥୟତି –

ଜ୍ଞାୟତେ ଲିଙ୍ଗମେବୈକଂ ସର୍ବୈଃ ଶାସ୍ତ୍ରୈଃ ସନାତନୈଃ ।
ବ୍ରହ୍ମେତି ବିଶ୍ୱଧାମେତି ବିମୁକ୍ତେଃ ପରମିତ୍ୟପି ।। ୪୫ ।।
ମୁକ୍ତିରୂପମିଦଂ ଲିଙ୍ଗମିତି ଯସ୍ୟ ମନଃସ୍ଥିତିଃ ।
ସ ମୁକ୍ତୋ ଦେହଯୋଗେଽପି ସ ଜ୍ଞାନୀ ସ ମହାଗୁରୁଃ ।। ୪୬ ।।

ଏକଂ ନିଜଲିଙ୍ଗମେବ ପରବ୍ରହ୍ମେତି, ଜଗଦାଧାରମିତି, ପରମୁକ୍ତିସ୍ଥାନମିତି, 'ବାଚା ବିରୂପନିତ୍ୟୟା' ଇତି ଶ୍ରୁତେରାରମ୍ଭବିବକ୍ଷାଧବସାୟୋକ୍ତିରୂପେଣ ଶିବଶକ୍ତିମୟତ୍ୱାଦ୍ ସନାତନୈଃ ନିତ୍ୟୈଃ ସର୍ବୈଃ ଶାସ୍ତ୍ରୈଃ ନିଗମାଗମାଦିପ୍ରମାଣୈର୍ଜ୍ଞାୟତେ, ଇଦଂ ନିଜଲିଙ୍ଗଂ ମୁକ୍ତିରୂପଂ ପରମୁକ୍ତିସ୍ୱରୂପମିତି ଯସ୍ୟ ପ୍ରାଣିଲିଙ୍ଗିନୋ ମନଃ ସ୍ଥିତିଃ, ସ ଦେହଯୋଗେଽପି ମୁକ୍ତଃ ପୁନର୍ଜନ୍ମାନ୍ତରାଭାବାଜ୍ଜୀବନ୍ମୁକ୍ତଃ, ସ ଜ୍ଞାନୀ ସ ଏବ ଶିବଜ୍ଞାନବାନ୍, ସ ମହାଗୁରୁଃ ଶ୍ରୀଗୁରୁରିତ୍ୟର୍ଥଃ ।। ୪୫-୪୬ ।।

– ଏକମାତ୍ର ଲିଙ୍ଗକୁ ସମସ୍ତ ସନାତନ ଶାସ୍ତ୍ରଦ୍ୱାରାବ୍ରହ୍ମ, ବିଶ୍ୱଧାମ, ମୁକ୍ତିପଦ ରୂପରେ ବତାଯାଇଛି । 'ଏହି ଲିଙ୍ଗ ମୁକ୍ତିସ୍ୱରୂପ ଅଟେ' – ଏହିପରି ଯିଏ ମନରେ ଜାଣେ, ସେ ଦେହରେ ଯୁକ୍ତ ରହି ମଧ ମୁକ୍ତ (ଜୀବନ୍ମୁକ୍ତ) ଅଟେ । ସେ ଜ୍ଞାନୀ ଏବଂ ସେ ମହାଗୁରୁ ଅଟେ ।। ୪୫-୪୬ ।।

ଅଥୈବଂ ଲିଙ୍ଗନିଜଜ୍ଞାନଶୂନ୍ୟାନାଂ ମୁକ୍ତିର୍ନାସ୍ତୀତ୍ୟାହ –

ଅନାଦିନିଧନଂ ଲିଙ୍ଗଂ କାରଣଂ ଜଗତାମିତି ।
ଯେ ନ ଜାନନ୍ତି ତେ ମୂଢ଼ା ମୋକ୍ଷମାର୍ଗବହିଷ୍କୃତାଃ ।। ୪୭ ।।

ଅନାଦିନିଧନମ୍ ଉତ୍ପତ୍ତିବିନାଶ ରହିତମିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୪୭ ।।

CC-0. Jangamwadi Math Digital Collection.

– ଆଦି ଏବଂ ଅନ୍ତ ଅର୍ଥାତ୍ ଉତ୍ପତ୍ତି–ବିନାଶ ରହିତ ଲିଙ୍ଗ ସଂସାରର କାରଣ ଅଟେ – ଏପରି ଯେଉଁ ଲୋକ ଜାଣି ନାହାନ୍ତି, ସେମାନେ ମୂର୍ଖ ଅଟନ୍ତି ତଥା ମୋକ୍ଷମାର୍ଗରୁ ବହିଷ୍କୃତ ଅଟନ୍ତି ।। ୪୭।।

ଅଥ ପ୍ରାଣଲିଙ୍ଗାର୍ଚ୍ଚନାଦିଧର୍ମବାନ୍ ପ୍ରାଣଲିଙ୍ଗ୍ୟେବ ଜ୍ଞାନପରିପାକବଶାତ୍ ଶରଣ ଇତ୍ୟଭିଧାନବାନିତ୍ୟୁକ୍ତ୍ୱା ପ୍ରାଣଲିଙ୍ଗିସ୍ଥଲଂ ସମାପୟତି –

ଯଃ ପ୍ରାଣଲିଙ୍ଗାର୍ଚ୍ଚନଭାବପୂର୍ବୈ –
ର୍ଧର୍ମୈରୁପେତଃ ଶିବଭାବିତାତ୍ମା ।
ସ ଏବ ତୁର୍ଯଃ ପରିକୀର୍ତ୍ତିତୋଽସୌ
ସଂବିଦ୍ୱିପାକାଚ୍ଛରଣାଭିଧାନଃ ।। ୪୮ ।।

ଯଃ ପ୍ରାଣଲିଙ୍ଗୀ ପ୍ରାଣଲିଙ୍ଗପୂଜାଚାରପ୍ରମୁଖୈଃ ଧର୍ମୈଃ ଶିବାଚାରୈଃ ସମେତଃ ସନ୍ ଲିଙ୍ଗରୂପେଣ ଭାବିତାଙ୍ଗସ୍ୱରୂପବାନ୍, ତୁର୍ଯଃ ଭକ୍ତାପେକ୍ଷୟା ଚତୁର୍ଥଃ, ସ ଏବାସୌ ପ୍ରାଣଲିଙ୍ଗୀ ଜ୍ଞାନପରିପାକବଶାତ୍ ଶରଣ ଇତ୍ୟଭିଧାନବାନିତ୍ୟର୍ଥଃ ।। ୪୮ ।।

– ଯିଏ ପ୍ରାଣଲିଙ୍ଗାର୍ଚ୍ଚନ ଭାବରେ ପୂର୍ଣ୍ଣ ଧର୍ମରେ ଯୁକ୍ତ ତଥା ଆତ୍ମାରେ ସର୍ବଦା ଶିବଙ୍କର ଭାବନା କରେ, ସେ ଚତୁର୍ଥ ଅବସ୍ଥାକୁ ପ୍ରାପ୍ତ ବୋଲି କୁହାଯାଏ । ସଂବିତ୍‌ର ପରିପାକ କାରଣରୁ ସେ ଶରଣସ୍ଥଳ କୁହାଯାଏ ।। ୪୮ ।।

ଇତି ଶ୍ରୀମଦ୍‌ଷଟ୍‌ସ୍ଥଲବ୍ରହ୍ମିଣ ଶିବଯୋଗିନାମ୍ନା ରେଣୁକାଚାର୍ଯେ୍ୟଣ ବିରଚିତେ ସିଦ୍ଧାନ୍ତଶିଖାମଣୌ ପ୍ରାଣଲିଙ୍ଗିନଃ ପଞ୍ଚସ୍ଥଳ ପ୍ରସଙ୍ଗୋ ନାମ ଦ୍ୱାଦଶଃ ପରିଚ୍ଛେଦଃ ।।୧୨।।

ଇତି ଶ୍ରୀମଦ୍‌ପଦବାକ୍ୟପ୍ରମାଣପାରାବାରଧୁରୀଣଶ୍ରୀମରିତୋଣ୍ଟଦାର୍ଯେ୍ୟଣ ବିରଚିତାୟାଂ ତତ୍ତ୍ୱପ୍ରଦୀପିକାଖ୍ୟାୟାଂ ସିଦ୍ଧାନ୍ତଶିଖାମଣିବ୍ୟାଖ୍ୟାୟାଂ ପ୍ରାଣଲିଙ୍ଗିପଞ୍ଚସ୍ଥଳ–ପ୍ରସଙ୍ଗନାମା ଦ୍ୱାଦଶଃ ପରିଚ୍ଛେଦଃ ।। ୧୨ ।।

ଏହିପରି ଶ୍ରୀସିଦ୍ଧାନ୍ତଶିଖାମଣିର ପ୍ରାଣଲିଙ୍ଗିପଞ୍ଚସ୍ଥଳପ୍ରସଙ୍ଗ ନାମକ ଦ୍ୱାଦଶ ପରିଚ୍ଛେଦର ଆଚାର୍ଯ୍ୟ ରାଧେଶ୍ୟାମଚତୁର୍ବେଦୀକୃତ 'ଜ୍ଞାନବତୀ' ହିନ୍ଦି ବ୍ୟାଖ୍ୟାର ଓଡ଼ିଆ ଅନୁବାଦ ସମ୍ପୂର୍ଣ୍ଣ ହେଲା ।। ୧୨ ।।

❖❖❖

CC-0. Jangamwadi Math Digital Collection.

ତ୍ରୟୋଦଶଃ ପରିଚ୍ଛେଦଃ

ଅଥ ଶରଣସ୍ଥଲମ୍

ଅଥାଗସ୍ତ୍ୟପ୍ରଶ୍ନଃ । ଅଗସ୍ତ୍ୟ ଉବାଚେତି –

ମାହେଶ୍ୱରଃ ପ୍ରସାଦୀତି ପ୍ରାଣଲିଙ୍ଗୀତି ବୋଧିତଃ ।
କଥମେଷ ସମାଦିଷ୍ଟଃ ପୁନଃ ଶରଣସଂଜ୍ଞକଃ ।। ୧ ।।

ମାହେଶ୍ୱରଃ ପ୍ରସାଦୀତି ବୋଧିତଃ । ପ୍ରାଣଲିଙ୍ଗ୍ୟେବ ପୁନଃ କଥଂ କେନ ପ୍ରକାରେଣ ଶରଣାଭିଧାନବାନିତ୍ୟର୍ଥଃ ।। ୧ ।।

– (ଶରଣସ୍ଥଳ ବର୍ଣ୍ଣନ) – ଅଗସ୍ତ୍ୟ କହିଲେ – ମାହେଶ୍ୱର ପ୍ରସାଦୀ ଏବଂ ପ୍ରାଣଲିଙ୍ଗୀର ଜ୍ଞାନ କରାଇଲେ । ଏହି (ମାହେଶ୍ୱର) ଶରଣସ୍ଥଳୀ କିପରି କୁହାଯାଏ । (କୃପୟା ଏହା କୁହନ୍ତୁ) ।। ୧ ।।

ଅସ୍ୟ ପ୍ରଶ୍ନସ୍ୟୋତ୍ତରଂ ନିରୂପୟତି ରେଣୁକ ଉବାଚେତି –

ଅଙ୍ଗଲିଙ୍ଗୀ ଜ୍ଞାନରୂପଃ ସତୀ ଜ୍ଞେୟଃ ଶିବଃ ପତିଃ ।
ଯଦ୍ ସୌଖ୍ୟଂ ତଦ୍‌ସମାବେଶେ ତଦ୍ୱାନ୍ ଶରଣନାମବାନ୍ ।। ୨ ।।

ଜ୍ଞାନରୂପଃ ଶିବଜ୍ଞାନମେବ ସ୍ୱରୂପଂ ଯସ୍ୟ ସ ତାଦୃଶଃ, ଶିବଜ୍ଞାନବାନିତ୍ୟର୍ଥଃ । ଅଙ୍ଗଲିଙ୍ଗୀ ଅଙ୍ଗଲିଙ୍ଗସାମରସ୍ୟବାନ୍ ପ୍ରାଣଲିଙ୍ଗୀ ସତୀତି ଜ୍ଞେୟଃ । ଶିବଃ ଶିବଲିଙ୍ଗମେବ ପତିଃ ପତିରିତି ଜ୍ଞେୟଃ । ତଦ୍ ସମାବେଶେ ତୟୋରଙ୍ଗଲିଙ୍ଗରୂପୟୋଃ ସ୍ତ୍ରୀପୁରୁଷୟୋଃ ସମାନସମରସରୂପଯୋଗେ ଯଦ୍ ସୌଖ୍ୟଂ 'ଯଥା ସ୍ତ୍ରିୟା ସମ୍ପରିଷ୍ୱକ୍ତୋ ନ ବାହ୍ୟଂ କିଞ୍ଚନ ବେଦ ନାନ୍ତରମ୍'[୧୮୦] ଇତି ବୃହଦାରଣ୍ୟକଶ୍ରୁତିପ୍ରସିଦ୍ଧଂ ଯଦ୍‌ସୌଖ୍ୟମସ୍ତି, ତଦ୍ୱାନ୍ ତାଦୃଶ ସୌଖ୍ୟବାନ୍ ଶରଣନାମବାନିତ୍ୟର୍ଥଃ ।। ୨ ।।

– ରେଣୁକାଚାର୍ଯ୍ୟ କହିଲେ – ଜ୍ଞାନରୂପ ଅଙ୍ଗଲିଙ୍ଗୀ ସତୀ ଅଟନ୍ତି । ଜ୍ଞେୟ ଶିବ ତାଙ୍କର ପତି ଅଟନ୍ତି । ଏହି ସତୀ ଏବଂ ପତିଙ୍କର (ସାମରସ୍ୟ ଅଥବା ଯାମଳରୂପର) ଯେଉଁ ସୁଖ, ତାହାକୁ ଅନୁଭବ କରିବାବାଲା ଶରଣସ୍ଥଳ କୁହାଯାଏ ।। ୨ ।।

ଅଥ ଅସ୍ୟାପି ସ୍ଥଳଭେଦୋଽସ୍ତି କିମିତ୍ୟତ୍ରାହ –

ସ୍ଥଳମେତଦ୍ ସମାଖ୍ୟାତଂ ଚତୁର୍ଧା ଧର୍ମଭେଦତଃ ।
ଆଦୌ ଶରଣମାଖ୍ୟାତଂ ତତସ୍ତାମସବର୍ଜନମ୍ ।। ୩ ।।

---

୧୮୦. ବୃ. ଉ., ୪/୩/୨୧

CC-0. Jangamwadi Math Digital Collection.

ତତୋ ନିର୍ଦେଶମୁଦ୍ଦିଷ୍ଟଂ ଶୀଲସମ୍ପାଦନଂ ତତଃ ।
କ୍ରମାଲ୍ଲକ୍ଷଣମେତେଷାଂ କଥୟାମି ନିଶାମ୍ୟତାମ୍ ।। ୪ ।।

ଏତତ୍ ସ୍ଥଳଂ ଶରଣସ୍ଥଳଂ ଧର୍ମଭେଦତ ଆଚାରଭେଦାତ୍ ଚତୁର୍ଧା ଚତୁର୍ବିଧମିତି ସମାଖ୍ୟାତମ୍ । ଆଦୌ ଶରଣସ୍ଥଳମ୍, ତଦନନ୍ତରଂ ତାମସନିରସନସ୍ଥଳମ୍, ତତୋ ନିର୍ଦେଶସ୍ଥଳମ୍, ଅଥ ଶୀଳସମ୍ପାଦନସ୍ଥଳମ୍ ଉଦ୍ଦିଷ୍ଟମୁପଦିଷ୍ଟମ୍ । ଏଷାଂ ଚତୁର୍ଣ୍ଣାଂ ଲକ୍ଷଣଂ କ୍ରମାଦ୍ ବଦିଷ୍ୟାମି, ଶ୍ରୂୟତାମିତ୍ୟର୍ଥଃ ।। ୩-୪ ।।

- ଧର୍ମଭେଦରେ ଏହି ସ୍ଥଳ ଚାରି ପ୍ରକାରର କୁହାଯାଇଛି । ପ୍ରଥମେ ଶରଣସ୍ଥଳ, ତା'ପରେ ତାମସନିରସନସ୍ଥଳ, ତା'ପରେ ନିର୍ଦେଶସ୍ଥଳ, ତା'ପରେ ଶୀଳସମ୍ପାଦନସ୍ଥଳ ଅଟେ । କ୍ରମରେ ଏମାନଙ୍କର ଲକ୍ଷଣ ବତାଉଛି, ଶୁଣ ।। ୩-୪ ।।

ସତୀ ଚାହଂ ପତିର୍ଲିଙ୍ଗଂ ହୃଦିଯୁକ୍ତଃ ସ୍ୱୟଂ ପ୍ରଭୁଃ ।
ପ୍ରାପଞ୍ଚିକସୁଖଂ ନାସ୍ତି ଶରଣସ୍ଥଳମୁତ୍ତମମ୍ ।।

ଇତି ଶଙ୍କରସଂହିତାବଚନାନୁସାରେଣ ଶରଣସ୍ଥଳଂ ନିରୂପୟତି -

ସତୀବ ରମଣେ ଯସ୍ତୁ ଶିବେ ଶକ୍ତିଂ ବିଭାବୟନ୍ ।
ତଦନ୍ୟବିମୁଖଃ ସୋଽୟଂ ଜ୍ଞାତଃ ଶରଣନାମବାନ୍ ।। ୫ ।।

ରମଣେ ପ୍ରାଣକାନ୍ତବିଷୟେ ସତୀବ ପତିବ୍ରତା ସ୍ତ୍ରୀବ ଯସ୍ତୁ ଶିବେ ଶିବଲିଙ୍ଗବିଷୟେ ସ୍ୱାତ୍ମାନଂ ଶକ୍ତିଂ ସ୍ତ୍ରିୟଂ ଭାବୟନ୍ ତଦନ୍ୟବିମୁଖଃ ଶିବଲିଙ୍ଗାଦନ୍ୟତ୍ର ଦେବତାନ୍ତରେ ତିର୍ଯ୍ୟଙ୍ମୁଖଃ ସନ୍ ଅସ୍ତି, ସୋଽୟଂ ଶରଣବାନ୍ ଶରଣସ୍ଥଳବାନିତି ଜ୍ଞାତୋ ଜ୍ଞାତୁଂ ଯୋଗ୍ୟ ଇତ୍ୟର୍ଥଃ ।। ୫ ।।

- ଯେପରି ସତୀ ସ୍ତ୍ରୀ ରମଣରେ ଅର୍ଥାତ୍ ପ୍ରିୟତମ ପତି ପ୍ରତି ଭାବନା ରଖେ, ସେହିପରି ଯେଉଁ ବ୍ୟକ୍ତି ଶିବଙ୍କ ବିଷୟରେ ନିଜକୁ ଶକ୍ତି ଭାବରେ ଭାବନା ରଖେ ତଥା ଶିବ ବ୍ୟତୀତ ଅନ୍ୟ (ଦେବତା)ଙ୍କ ପ୍ରତି ବିମୁଖ ରହେ, ସେ ଶରଣବାନ୍ ନାମରେ ଜଣାଯାଏ ।। ୫ ।।

ଅଥ ବହୁଦୃଷ୍ଟାନ୍ତପୂର୍ବକଂ ଶିବଲିଙ୍ଗାସକ୍ତ ଏବ ଶରଣ ଇତ୍ୟୁପପାଦୟତି -

ପରିଜ୍ଞାତେ ଶିବେ ସାକ୍ଷାତ୍ କୋ ବାନ୍ୟମଭିକାଂକ୍ଷତି ।
ନିଧାନେ ମହତି ପ୍ରାପ୍ତେ କଃ କାଚଂ ଯାଚତେଽନ୍ୟତଃ ।। ୬ ।।

ଶିବେ ପରମଶିବେ ସାକ୍ଷାତ୍ ପ୍ରସିଦ୍ଧଶ୍ରୁତ୍ୟାଦିପ୍ରମାଣୈଃ ପରିଜ୍ଞାତେ ବ୍ରହ୍ମାଦିଭ୍ୟୋ ମହାନିତି ଜ୍ଞାତେ ସତି କୋ ବାନ୍ୟଂ କାଂକ୍ଷତି, ନ କାଂକ୍ଷତୀତ୍ୟର୍ଥଃ । ଯଥା ମହତି ନିଧାନେ ପ୍ରାପ୍ତେ ସତି ଅନ୍ୟତଃ ଅନ୍ୟସ୍ମାତ୍ କାଚଂ କାଚମଣିଂ କୋ ଯାଚତେ ? ନ କୋଽପି ଇତ୍ୟର୍ଥଃ । ତଥା ଶିବାଦନ୍ୟତ୍ର ଦେବତାନ୍ତରେ ବିମୁଖଃ ଶରଣ ଇତ୍ୟର୍ଥଃ ।। ୬ ।।

CC-0. Jangamwadi Math Digital Collection.

– ଶିବଙ୍କର ସାକ୍ଷାତ୍ ଜ୍ଞାନ ହେବାପରେ କିଏ ଏପରି ବ୍ୟକ୍ତି ଅଛି ଯିଏ ଅନ୍ୟ କୌଣସି କୁ ଇଚ୍ଛା କରିବ ? ବିପୁଳ ଧନରାଶି ପ୍ରାପ୍ତ ହେବା ପରେ କିଏ ଅନ୍ୟଠାରୁ କାଚର ଯାଚନା କରିଥାଏ ।। ୬।।

ଶିବାନନ୍ଦଂ ସମାସାଦ୍ୟ କୋ ବାନ୍ୟମୁପତିଷ୍ଠତେ ।
ଗଙ୍ଗାମୃତଂ ପରିତ୍ୟଜ୍ୟ କଃ କାଂକ୍ଷେନ୍ ମୃଗତୃଷ୍ଣିକାମ୍ ।। ୭।।

ଶିବାନନ୍ଦଂ ଶିବଲିଙ୍ଗସୁଖଂ ସମାସାଦ୍ୟ ପ୍ରାପ୍ୟ କୋ ଦେବତାନ୍ତରମ୍ ଉପତିଷ୍ଠତେ ଆଶ୍ରୟତି, ନାଶ୍ରୟତୀତ୍ୟର୍ଥଃ । ଗଙ୍ଗୋଦକଂ ପରିତ୍ୟଜ୍ୟ କୋ ମୃଗତୃଷ୍ଣିକାଂ ମରୀଚିକାଜଳଂ କାଂକ୍ଷେଦ୍ ଇଚ୍ଛେଦ୍, ତଥା ଶିବାଦନ୍ୟତ୍ର ବିମୁଖଃ ଶରଣ ଇତ୍ୟର୍ଥଃ ।। ୭।।

– ଶିବଙ୍କର ଆନନ୍ଦ ପ୍ରାପ୍ତ କରି କିଏ ଅନ୍ୟର ଉପାସନା କରିବ ? ଗଙ୍ଗାଜଳ ରୂପୀ ଅମୃତକୁ ଛାଡ଼ି କିଏ ମରୀଚିକାର ଇଚ୍ଛା କରିବ ? ।। ୭।।

ସଂସାରତିମିରଚ୍ଛେଦେ ବିନା ଶଙ୍କରଭାସ୍କରମ୍ ।
ପ୍ରଭବନ୍ତି କଥଂ ଦେବାଃ ଖଦ୍ୟୋତା ଇବ ଦେହିନାମ୍ ।। ୮।।

ଖଦ୍ୟୋତା ଅଳ୍ପପ୍ରକାଶିନଃ ପ୍ରାଣିବିଶେଷାଃ ଯଥାନ୍ଧକାରନିବାରଣେ ସମର୍ଥା ନ ଭବନ୍ତି, ଭାସ୍କରଃ ସମର୍ଥୋ ଭବତି, ତଥା ସଂସାରତିମିରଚ୍ଛେଦେ ଶଙ୍କରଭାସ୍କରଂ ବିନା ବ୍ରହ୍ମାଦୟୋ ଦେବାଃ ସମର୍ଥା ନ ଭବନ୍ତୀତି ଶିବାଦନ୍ୟତ୍ର ବିମୁଖଃ ଶରଣ ଇତ୍ୟର୍ଥଃ ।। ୮।।

– ଯେଉଁ ଦେବତାମାନେ ସଂସାରୀ ଜୀବଙ୍କ ପାଇଁ ଜୁଳୁଜୁଳିଆ ପୋକ ପରି ସେମାନେ ଶଙ୍କରରୂପୀ ସୂର୍ଯ୍ୟଙ୍କ ବିନା ସଂସାରରୂପୀ ଅନ୍ଧକାରକୁ ନାଶ କରିବାରେ କିପରି ସମର୍ଥ ହୋଇପାରିବେ ? ।। ୮।।

ସଂସାରାର୍ତ୍ତଃ ଶିବଂ ଯାୟାଦ୍ ବ୍ରହ୍ମାଦ୍ୟୈଃ କିଂ ଫଳଂ ସୁରୈଃ ।
ଚକୋରସ୍ତୃଷିତଃ ପଶ୍ୟେଚ୍ଚନ୍ଦ୍ରଂ କିଂ ତାରକା ଅପି ।। ୯।।

ତୃଷିତଃ ପିପାସାର୍ଦ୍ଦିତଚକୋରଃ, ଚନ୍ଦ୍ରଂ ଯଥା ପଶ୍ୟେତ୍, ତାରକା ନ ପଶ୍ୟେତ୍, ତଥା ସଂସାରେଣ ଶ୍ରମିତୋ ବ୍ରହ୍ମାଦ୍ୟୈଃ କିଂ ଫଳମିତି ଶିବମେବାଶ୍ରୟେତ୍ । ତାଦୃଶଚକୋର-ବଦନ୍ୟତ୍ର ବିମୁଖଃ ଶିବଶରଣ ଇତ୍ୟର୍ଥଃ ।। ୯।।

– ସଂସାରରେ ପୀଡ଼ିତ ବ୍ୟକ୍ତି ଶିବଙ୍କ ପାଖକୁ ଯିବା ଉଚିତ୍ । ବ୍ରହ୍ମା ଆଦି ଦେବତାଙ୍କଠାରୁ କିଛି ଫଳ ମିଳିବାରେ ନାହିଁ । ତୃଷାର୍ତ୍ତ ଚକୋର ଚନ୍ଦ୍ରମାକୁ ଦେଖେ । କ'ଣ ସେ ତାରାମାନଙ୍କୁ ମଧ୍ୟ (ଦେଖେ) ଅର୍ଥାତ୍ ଦେଖେ ନାହିଁ ।। ୯।।

ଶିବ ଏବ ସମସ୍ତାନାଂ ଶରଣ୍ୟଃ ଶରଣାର୍ଥିନାମ୍ ।
ସଂସାରୋରଗଦଷ୍ଟାନାଂ ସର୍ବଜ୍ଞଃ ସର୍ବଦୋଷହା ।। ୧୦।।

CC-0. Jangamwadi Math Digital Collection.

ଶିବଜ୍ଞାନେ ସମୁତ୍ପନ୍ନେ ପରାନନ୍ଦଃ ପ୍ରକାଶତେ ।
ତଦାସକ୍ତମନା ଯୋଗୀ ନାନ୍ୟତ୍ର ରମତେ ସୁଧୀଃ ।। ୧୧ ।।

ସଂସାରସର୍ପଦଷ୍ଟାନାଂ ସମସ୍ତାନାଂ ଶରଣାର୍ଥିନାଂ ସର୍ବଜ୍ଞଃ ସର୍ବଦୋଷଘ୍ନଃ ଶିବ ଏବ ରକ୍ଷକ ଇତି ଶିବମାହାତ୍ମ୍ୟଜ୍ଞାନେ ସମୁତ୍ପନ୍ନେ ସତି ପରମାନନ୍ଦାବିର୍ଭାବୋ ଜାୟତେ। ତଦାସକ୍ତଚିତ୍ତଃ ଶିବଯୋଗୀ ଅନ୍ୟତ୍ର ଦେବତାନ୍ତରେ ନ ରମତ ଇତ୍ୟର୍ଥଃ ।। ୧୦-୧୧ ।।

- ସଂସାରରୂପୀ ସର୍ପଦ୍ୱାରା ଦଂଶିତା (ବିଷମୂର୍ଚ୍ଛିତ) ସମସ୍ତ ଶରଣାର୍ଥୀଙ୍କ ପାଇଁ ଶିବ ହିଁ ଏକମାତ୍ର ଶରଣ ଯେ କି ସର୍ବଜ୍ଞ ତଥା ସର୍ବଦୋଷହାରୀ ଅଟନ୍ତି । ଶିବଜ୍ଞାନ ଉତ୍ପନ୍ନ ହେବା ପରେ ପରାନନ୍ଦର ଅନୁଭବ ହୋଇଥାଏ । ତାଙ୍କଠାରେ ଆସକ୍ତମନା ବୁଦ୍ଧିମାନ୍ ଯୋଗୀ ଅନ୍ୟତ୍ର ଆନନ୍ଦର ଆସ୍ୱାଦନ କରେ ନାହିଁ ।। ୧୦-୧୧ ।।

ଅଥୋକ୍ତାର୍ଥମୁପସଂହରନ୍ ଶରଣସ୍ଥଲଂ ସମାପୟତି -

ତସ୍ମାତ୍ ସର୍ବପ୍ରୟତ୍ନେନ ଶଙ୍କରଂ ଶରଣଂ ଗତଃ ।
ତଦନନ୍ତସୁଖଂ ପ୍ରାପ୍ୟ ମୋଦତେ ନାନ୍ୟଚିନ୍ତୟା ।। ୧୨ ।।

ତସ୍ମାତ୍ କାରଣାତ୍ ସର୍ବପ୍ରଯତ୍ନେନ ମନୋବାକ୍ କାୟକର୍ମଣା ଶିବଂ ଶରଣଂ ଗତୋ ରକ୍ଷଣବିଚକ୍ଷଣା ଇତି ଜ୍ଞାତ୍ୱା ପ୍ରପନ୍ନଃ, ତଦନନ୍ତସୁଖଂ ପ୍ରାପ୍ୟ ତସ୍ମାଚ୍ଛିବାଦ୍ ଅନନ୍ତସୁଖଂ ଲବ୍ଧ୍ୱା ମୋଦତେ, ଅନ୍ୟଚିନ୍ତୟା ଦେବତାନ୍ତରଚିନ୍ତୟା ନ ମୋଦତ ଇତ୍ୟର୍ଥଃ ।। ୧୨ ।।

- ଏଥିପାଇଁ ସମସ୍ତ ପ୍ରୟାସ କରି ଶଙ୍କରଙ୍କର ଶରଣରେ ଯାଇଥିବା ଯୋଗୀ ସେହି ଅନନ୍ତ ସୁଖକୁ ପ୍ରାପ୍ତ କରି ଆନନ୍ଦମୟ ରହେ, ଅନ୍ୟର (ଦେବତା) ଧ୍ୟାନ କରିବାରେ ନୁହେଁ ।। ୧୨ ।।

ଇତି ଶରଣସ୍ଥଳମ୍

ଅଥ ତାମସନିରସନସ୍ଥଳମ୍

ଅଥ ଶରଣେନ ବିଧୀୟମାନ ତାମସ ନିରାକରଣସ୍ଥଳଂ ନିରୂପୟତି -

ଶିବାସକ୍ତପରାନନ୍ଦମୋଦିନା ଗୁରୁଣା ଯତଃ ।
ନିରସ୍ୟନ୍ତେ ତମୋଭାବାଃ ସ ତାମସନିରାସକଃ ।। ୧୩ ।।

ଶିବାସକ୍ତଃ ସନ୍ ପରାନନ୍ଦାନୁମୋଦିନା ଗୁରୁଣା ଶ୍ରେଷ୍ଠେନ ଶରଣେନ ତମୋଭାବାସ୍ତମୋବିକାରା ଯତଃ କାରଣାଦ୍ ନିରସ୍ୟନ୍ତେ ନିବାର୍ଯ୍ୟନ୍ତେ, ତତଃ ତସ୍ମାତ୍ ସ ତାମସନିରାସକୋ ଭବେଦିତ୍ୟର୍ଥଃ ।। ୧୩ ।।

- ଶିବଠାରେ ଆସକ୍ତ, ତେଣୁ ପରାନନ୍ଦରେ ଆନନ୍ଦିତ ହେଉଥିବା ଯେଉଁ

CC-0. Jangamwadi Math Digital Collection.

ଗୁରୁଙ୍କଦ୍ୱାରା ସମସ୍ତ ତମୋଭାବ ନିରସ୍ତ କରିଦିଆଯାଏ, ସେ ତାମସନିରାସକ କୁହାଯାଆନ୍ତି ।। ୧୩।।

ନନୁ ତମୋଭାବାଃ କିମର୍ଥଂ ନିରାକରଣୀୟା ଇତ୍ୟତ୍ରାହ –

ଯସ୍ୟ ଜ୍ଞାନଂ ତମୋମିଶ୍ରଂ ନ ତସ୍ୟ ଗତିରିଷ୍ୟତେ ।
ସତ୍ତ୍ୱଂ ହି ଜ୍ଞାନଯୋଗସ୍ୟ ନୈର୍ମଲ୍ୟଂ ବିଦୁରୁତ୍ତମାଃ ।। ୧୪।।

ନୈର୍ମଲ୍ୟଂ ନିର୍ମଳସାଧନଂ ସଦିତ୍ୟର୍ଥଃ । ଶିଷ୍ଟଂ ସ୍ୱଷ୍ଟମ୍ । ତସ୍ମାଦ୍ ତମୋବିକାରା ନିରାକରଣୀୟା ଇତି ଭାବଃ ।। ୧୪।।

– ଯାହାଙ୍କର ଜ୍ଞାନ ତମୋଗୁଣ ମିଶ୍ରିତ ଅଟେ, ତାଙ୍କର ସଦ୍‌ଗତି ହୁଏ ନାହିଁ। ଉତ୍ତମ ପୁରୁଷ ସତ୍ତ୍ୱକୁ ଜ୍ଞାନଯୋଗର ନୈର୍ମଲ୍ୟର କାରଣ କୁହନ୍ତି ।। ୧୪।।

ଅଥ –

ସତ୍ତ୍ୱାଦ୍ ସୁଖଂ ଚ ଜ୍ଞାନଂ ଚ ବୈରାଗ୍ୟଂ ସୌଖ୍ୟମେବ ଚ ।
ଦୁଃଖପ୍ରବୃତ୍ତିରାଗୌ ଚ ଲୌହିତ୍ୟଂ ରଜସୋ ଭବେତ୍ ।।
ମୋହୋ ଭ୍ରାନ୍ତିସ୍ତଥାଲସ୍ୟଂ କାର୍ଷ୍ଣ୍ୟଂ ଚ ତମସୋ ଭବେତ୍ ।।

ଇତି ସୂତସଂହିତାବଚନାନୁସାରେଣ ଗୁଣତ୍ରୟଯୁକ୍ତାନ୍ ପ୍ରକାଶୟତି –

ଶମୋ ଦମୋ ବିବେକଶ୍ଚ ବୈରାଗ୍ୟଂ ପୂର୍ଣ୍ଣଭାବନା ।
କ୍ଷାନ୍ତିଃ କାରୁଣ୍ୟସମ୍ପତ୍ତିଃ ଶ୍ରଦ୍ଧା ସତ୍ୟସମୁଦ୍‌ଭବା ।। ୧୫।।
ଶିବଭକ୍ତିଃ ପରୋ ଧର୍ମଃ ଶିବଜ୍ଞାନସ୍ୟ ବାନ୍ଧବାଃ ।
ଏତୈର୍ଯୁକ୍ତୋ ମହାଯୋଗୀ ସାତ୍ତ୍ୱିକଃ ପରିକୀର୍ତ୍ତିତଃ ।। ୧୬।।

ଶମଃ କ୍ଷାନ୍ତିଃ (ମନସୋ ନିଗ୍ରହୋ ବା), ଦମୋ ବାହ୍ୟେନ୍ଦ୍ରିୟ ନିଗ୍ରହଃ, ବିବେକୋ ନିତ୍ୟାନିତ୍ୟବସ୍ତୁବିଚାରଃ, ବୈରାଗ୍ୟଂ ବିଷୟବିରକ୍ତିଃ, ପୂର୍ଣ୍ଣଭାବନା ଅଖଣ୍ଡଧ୍ୟାନମ୍, କ୍ଷାନ୍ତିଃ (ତିତିକ୍ଷା) କ୍ଷମା, କାରୁଣ୍ୟସମ୍ପତ୍ତିଃ ଭୂତଦୟା, ସତ୍ୟସମୁଦ୍‌ଭବା ଯଥାର୍ଥବସ୍ତୁସମ୍ଭବା ଶ୍ରଦ୍ଧା ବିଶ୍ୱାସଃ, ଶିବଭକ୍ତିଃ, ପରୋଧର୍ମ ଉତ୍କୃଷ୍ଟଶିବାଚାରଃ, ଶିବଜ୍ଞାନସ୍ୟ ବାନ୍ଧବାଃ ଏତେ ଶିବଜ୍ଞାନସ୍ୟ ସମ୍ବନ୍ଧିନଃ । ଏତୈର୍ଦଶଗୁଣୈର୍ଯୁକ୍ତୋ ମହାଯୋଗୀ ସାତ୍ତ୍ୱିକ ଇତି ସତ୍ତ୍ୱଗୁଣଯୁକ୍ତ ଇତି ପ୍ରକୀର୍ତ୍ତିତଃ ।। ୧୫–୧୬।।

– ଶମ, ଦମ, ବିବେକ, ବୈରାଗ୍ୟ, ପୂର୍ଣ୍ଣଭାବନା ଅର୍ଥାତ୍ ଅଖଣ୍ଡ ଜ୍ଞାନ, କ୍ଷମା, କରୁଣା, ସତ୍ୟରୁ ଉତ୍ପନ୍ନ ଶ୍ରଦ୍ଧା, ଶିବଭକ୍ତି, ପରମଧର୍ମ ଅର୍ଥାତ୍ ଉତ୍କୃଷ୍ଟ ଶୈବାଚାର, ଏ ସମସ୍ତ ଶିବଜ୍ଞାନର ବନ୍ଧୁ ଅଟନ୍ତି । ଏ ସବୁରେ ଯୁକ୍ତ ମହାଯୋଗୀ ସାତ୍ତ୍ୱିକ କୁହାଯାଇଥାଏ।

ନନ୍ୱେତୈର୍ଗୁଣୈର୍ଯୁକ୍ତସ୍ୟ ମହାଯୋଗିନଃ କଦାଚିତ୍ ବା କାମକ୍ରୋଧାଦୟଃ ସମ୍ଭବନ୍ତି କିମିତ୍ୟତ୍ରାହ –

CC-0. Jangamwadi Math Digital Collection.

କାମକ୍ରୋଧମହାମୋହମଦମାତ୍ସର୍ଯ୍ୟବାରଣାଃ ।
ଶିବଜ୍ଞାନମୃଗେନ୍ଦ୍ରସ୍ୟ କଥଂ ତିଷ୍ଠନ୍ତି ସନ୍ନିଧୌ ।। ୧୭ ।।

ଶିବଜ୍ଞାନସ୍ୟ ମତ୍ତମନୋଗଜନିଗ୍ରହକରତ୍ୱେନ ସିଂହରୂପତ୍ୱାତ୍ ତସ୍ୟ ସନ୍ନିଧୌ କାମକ୍ରୋଧାଦିଗଜସ୍ଥିତେରବକାଶୋ ନାସ୍ତୀତ୍ୟର୍ଥଃ ।। ୧୭ ।।

– କାମ, କ୍ରୋଧ, ମହାମୋହ, ମହାମଦ, ମାତ୍ସର୍ଯ୍ୟ ରୂପୀ ହାତୀମାନେ ଶିବଜ୍ଞାନ ରୂପୀ ସିଂହ ପାଖରେ କିପରି ରହି ପାରିବେ ?

ଅଥ ରଜୋଗୁଣଯୁକ୍ତଂ ପ୍ରଦର୍ଶୟତି –

ଯତ୍ର କୁତ୍ରାପି ବା ଦ୍ୱେଷ୍ଟି ପ୍ରପଞ୍ଚେ ଶିବରୂପିଣି ।
ଶିବଦ୍ୱେଷୀ ସ ବିଜ୍ଞେୟୋ ରଜସାବିଷ୍ଟମାନସଃ ।। ୧୮ ।।

ଯୋ ରଜସାବିଷ୍ଟମାନସୋ ରଜୋଗୁଣକାର୍ଯଭୂତ କାମକ୍ରୋଧାଦ୍ୟାବୃତଚିତ୍ତଃ ସନ୍ ଶିବରୂପିଣି ପ୍ରପଞ୍ଚେ ଯତ୍ର କ୍ୱାପି ଦ୍ୱେଷ୍ଟି, ସ ଶିବଦ୍ୱେଷୀ ରାଜସ ଇତି ଶେଷଃ, ବିଜ୍ଞେୟୋ ଜ୍ଞାତୁଂ ଯୋଗ୍ୟ ଇତ୍ୟର୍ଥଃ ।। ୧୮ ।।

– ଶିବରୂପ ପ୍ରପଞ୍ଚରେ ଯେଉଁଠି ହେଲେ ବି ଯିଏ ଦ୍ୱେଷ କରେ, ରଜୋଗୁଣ ଯୁକ୍ତ ଚିତ୍ତବାଲା ସେ ଶିବଦ୍ୱେଷୀ ବୋଲି ଜାଣିବା ଉଚିତ୍ ।। ୧୮ ।।

ଅଥ ତମୋଗୁଣଯୁକ୍ତଂ ଲକ୍ଷୟତି –

ଯୋ ଦ୍ୱେଷ୍ଟି ସକଲାନ୍ ଲୋକାନ୍ ଯୋ ବାଦ୍ଧହଙ୍କୁରୁତେ ସଦା ।
ଯୋଦ୍ଧସତ୍ୟଭାବନାଯୁକ୍ତଃ ସ ତାମସ ଇତି ସ୍ମୃତଃ ।। ୧୯ ।।

ସ୍ପଷ୍ଟମ୍ ।। ୧୯ ।।

– ଯିଏ ସମସ୍ତଙ୍କଠାରେ ଦ୍ୱେଷ କରେ ଅଥବା ଯିଏ ସର୍ବଦା ଅହଙ୍କାରଯୁକ୍ତ ରହେ ତଥା ଯିଏ ଅସତ୍ୟ ଭାବନାରେ ଯୁକ୍ତ ଅଟେ, ସେ ତାମସ ଭାବରେ ଜଣାଯାଏ ।। ୧୯ ।।

ଅଥାୟଂ ତମୋଗୁଣଃ ଶିବଶରଣାନାଂ ନାସ୍ତୀତି ଶ୍ଳୋକଦ୍ୱୟେନୋକ୍ତ୍ୱା ତାମସ–ନିରସନସ୍ଥଳଂ ସମାପୟତି –

ତମୋମୂଲା ହି ସଞ୍ଜାତା ରାଗଦ୍ୱେଷାଦିପାଦପାଃ ।
ଶିବଜ୍ଞାନକୁଠାରେଣ ଛେଦ୍ୟନ୍ତେ ହି ନିରନ୍ତରମ୍ ।। ୨୦ ।।

ତମୋଗୁଣରୂପମୂଲବନ୍ତଃ ସନ୍ତଃ ସଞ୍ଜାତା ରାଗଦ୍ୱେଷାଦିପାଦପାଃ କାମକ୍ରୋଧାଦି ରାଜସବୃକ୍ଷାଃ ଶିବଜ୍ଞାନକୁଠାରେଣ ସାତ୍ତ୍ୱିକଶିବଜ୍ଞାନରୂପପରଶୁନା ସଦା ଛେଦ୍ୟନ୍ତେ ହି ପ୍ରସିଦ୍ଧମ୍ ।। ୨୦ ।।

CC-0. Jangamwadi Math Digital Collection.

– ରାଗ, ଦ୍ୱେଷ ଆଦି ତମୋମୂଳକ ବୃକ୍ଷ ଅଟନ୍ତି (ଅର୍ଥାତ୍ ଏ ସବୁ ତମୋଗୁଣ କାରଣରୁ ଉତ୍ପନ୍ନ ହୁଅନ୍ତି) । ଏ ସମସ୍ତ ଶିବଜ୍ଞାନ ରୂପକ କୁରାଢ଼ୀରେ ସର୍ବଦା କଟା ଯାଆନ୍ତି ।। ୨୦।।

ନନୁ ତମୋମୂଳକତ୍ୱେନ ସଞ୍ଜାତରାଗଦ୍ୱେଷାଦିପାଦପାନାଂ ଶିବଜ୍ଞାନକୁଠାରେଣ ଛେଦନମସ୍ତୁ, ଏତତ୍ କାରଣୀଭୂତତମୋଗୁଣନିବୃତ୍ତିଃ କେନ ଭବେତ୍, ତଦ୍ୱିନା ତଦଙ୍କୁର-ନିବୃତ୍ତିର୍ନ ସମ୍ଭବତୀତ୍ୟତ୍ରାହ –

ଶିବଜ୍ଞାନସମୁତ୍ପନ୍ନେ ସହସ୍ରାଦିତ୍ୟସନ୍ନିଭେ ।
କୁତସ୍ତମୋବିକାରାଃ ସ୍ୟୁର୍ମହତାଂ ଶିବଯୋଗିନାମ୍ ।। ୨୧ ।।

ସହସ୍ରାଦିତ୍ୟସଙ୍କାଶେ ଶିବଜ୍ଞାନେ ସମୁତ୍ପନ୍ନେ ସତି ମହତାଂ ମହାପୁରୁଷାଣାଂ ଶିବଯୋଗିନାଂ ଶିବଶରଣାନାଂ ତମୋବିକାରାଃ ତମୋଙ୍କୁରାଃ କୁତଃ ସ୍ୟୁଃ କସ୍ମାତ୍ କାରଣାଦ୍ ଭବେୟୁଃ ? କାରଣୀଭୂତସ୍ୟ ତମସୋ ମୂଳନାଶାଦିତି ଭାବଃ ।। ୨୧ ।।

– ସହସ୍ର ସୂର୍ଯ୍ୟ ସମାନ ଶିବଜ୍ଞାନର ଉତ୍ପନ୍ନ ହେବାପରେ ମହାଶିବ-ଯୋଗୀମାନଙ୍କର ତମୋ ବିକାର କେଉଁଠାରେ ?

ଇତି ତାମସନିରସନସ୍ଥଲମ୍

ଅଥ ନିର୍ଦ୍ଦେଶସ୍ଥଲମ୍

ଅଥ ତାମସନିରାକରଣେନ ଭାସମାନନିର୍ଦ୍ଦେଶସ୍ଥଲଂ ନିରୂପୟତି –

ନିରାକୃତ୍ୟ ତମୋଭାଗଂ ସଂସାରସ୍ୟ ପ୍ରବର୍ତ୍ତକମ୍ ।
ନିର୍ଦିଶ୍ୟତେ ତୁ ଯଜ୍ ଜ୍ଞାନଂ ସ ନିର୍ଦ୍ଦେଶ ଇତି ସ୍ମୃତଃ ।। ୨୨ ।।

ସଂସାରପ୍ରବୃତ୍ତେର୍ମୂଳକାରଣଂ ତମୋଭାଗଂ ନିରାକୃତ୍ୟ ଯଦ୍ ଜ୍ଞାନଂ ନିର୍ଦିଶ୍ୟତେ ଉପଦିଶ୍ୟତେ, ସ ତଦ୍ ଜ୍ଞାନଂ ନିର୍ଦ୍ଦେଶ ଇତି ନିର୍ଦ୍ଦେଶସ୍ଥଳମିତି ସ୍ମୃତଃ ସ୍ମୃତମିତ୍ୟର୍ଥଃ ।। ୨୨ ।।

– (ନିର୍ଦ୍ଦେଶସ୍ଥଳ ବର୍ଣ୍ଣନ) – ସଂସାରର ପ୍ରବର୍ତ୍ତକ ଅର୍ଥାତ୍ ମୂଳକାରଣ ଭୂତ ତମୋଭାଗକୁ ଦୂର କରି ଯେଉଁ ଜ୍ଞାନ ନିର୍ଦ୍ଦିଷ୍ଟ ହୁଏ, ତାହା ନିର୍ଦ୍ଦେଶ କୁହାଯାଏ ।। ୨୨ ।।

ଅଥ ତଜ୍ଜ୍ଞାନଂ କେନୋପଦିଶ୍ୟତେ ଇତ୍ୟତ୍ର ଗୁରୁରେବେତି ତନ୍ ମହତ୍ତ୍ୱଂ ବହୁଧା ପ୍ରକାଶୟତି –

ଗୁରୁରେବ ପରଂ ତତ୍ତ୍ୱଂ ପ୍ରକାଶୟତି ଦେହିନାମ୍ ।
କୋ ବା ସୂର୍ଯ୍ୟଂ ବିନା ଲୋକେ ତମସୋ ବିନିବର୍ତ୍ତକଃ ।। ୨୩।।

(ଯଥା) ଲୋକେ ସୂର୍ଯ୍ୟଂ ବିନା ତମୋନିରାକରଣଦ୍ୱାରା ପଦାର୍ଥପ୍ରକାଶକୋ

CC-0. Jangamwadi Math Digital Collection.

(କୋଽପ୍ୟନ୍ୟୋ) ନାସ୍ତି, ତଥା ଗୁରୁଂ ବିନା ତମୋନିରାକରଣଦ୍ୱାରା ପରତତ୍ତ୍ୱପ୍ରକାଶକୋ (କୋଽପି) ନାସ୍ତୀତ୍ୟର୍ଥଃ ।। ୨୩।।

– ଗୁରୁ ହିଁ ମନୁଷ୍ୟମାନଙ୍କୁ ପରମତତ୍ତ୍ୱର ଜ୍ଞାନ କରାଇଥାନ୍ତି । ସୂର୍ଯ୍ୟ ବ୍ୟତୀତ ସଂସାରରେ ଅନ୍ଧକାରର ବିନିବର୍ତ୍ତକ କିଏ ହୋଇପାରିବ ? ।। ୨୩।।

ପୁନର୍ଦୃଷ୍ଟାନ୍ତମାହ –

ଅନ୍ତରେଣ ଗୁରୁଂ ସିଦ୍ଧଂ କଥଂ ସଂସାରନିଷ୍କୃତିଃ ।
ନିଦାନଜ୍ଞଂ ବିନା ବୈଦ୍ୟଂ କିଂ ବା ରୋଗୋ ନିବର୍ତ୍ତତେ ।। ୨୪।।

ସିଦ୍ଧଂ ଗୁରୁମନ୍ତରେଣ ଜ୍ଞାନସିଦ୍ଧଗୁରୁଂ ବିନେତ୍ୟର୍ଥଃ, ସଂସାରନିଷ୍କୃତିଃ ଭବରୋଗନିବୃତ୍ତିଃ କଥଂ ସ୍ୟାତ୍ କଥଂ ଭବେତ୍ ? ତତ୍ର ଦୃଷ୍ଟାନ୍ତଃ – ନିଦାନମ୍ ଏତତ୍ ହେତୁକସ୍ୟାସ୍ୟ ରୋଗସ୍ୟେଦମୌଷଧମିତି ରୋଗଜ୍ଞାନପୂର୍ବକଚିକିତ୍ସାଭିଜ୍ଞଂ ବୈଦ୍ୟଂ ବିନା ରୋଗୋ ନିବର୍ତ୍ତତେ କିଂ ବା ? ନ ନିବର୍ତ୍ତତ ଇତ୍ୟର୍ଥଃ । ଯଥା ନିଦାନଜ୍ଞାନସହିତେନ ବୈଦ୍ୟେନ ବିନା ରୋଗୋ ନ ନିବର୍ତ୍ତତେ, ତଥା ଜ୍ଞାନସିଦ୍ଧଗୁରୁବ୍ୟତିରେକେଣ ସଂସାରନିବୃତ୍ତିର୍ନ ସମ୍ଭବତୀତି ତାତ୍ପର୍ଯ୍ୟମ୍ ।। ୨୪।।

– ସିଦ୍ଧଗୁରୁଙ୍କ ବିନା ସଂସାରର ନିଷ୍କୃତି ଅର୍ଥାତ୍ ନିବୃତ୍ତି କିପରି ସମ୍ଭବ ? କ'ଣ ନିଦାନଜ୍ଞ ବୈଦ୍ୟ ବିନା ରୋଗର ନିବୃତ୍ତି ହୋଇଥାଏ ।। ୨୪।।

ନନ୍ୱୟଂ ଗୁରୁଃ କଥଂ ଜ୍ଞାୟତ ଇତ୍ୟତ୍ରାହ –

ଅଜ୍ଞାନମଳିନଂ ଚିତ୍ତଦର୍ପଣଂ ଯୋ ବିଶୋଧୟେତ୍ ।
ପ୍ରଜ୍ଞାବିଭୂତିଯୋଗେନ ତମାହୁର୍ଗୁରୁସତ୍ତମମ୍ ।। ୨୫।।

ଅଜ୍ଞାନମଳିନଂ ଚିତ୍ତଦର୍ପଣଂ ଯଃ ପ୍ରଜ୍ଞାବିଭୂତିଯୋଗେନ 'ପ୍ରଜ୍ଞାନଂ ବ୍ରହ୍ମ'[୧୮୧] ଇତି ଶ୍ରୁତି ପ୍ରସିଦ୍ଧଶିବଜ୍ଞାନବିଭୂତି ସମ୍ବନ୍ଧେନ ଶୋଧୟେଦ୍ ନିର୍ମଳଂ କୁର୍ଯ୍ୟାତ୍ । ତଂ ଗୁରୁସତ୍ତମଂ ଗୁରୁଶ୍ରେଷ୍ଠଂ ସନ୍ତମ୍ ଆହୁରିତ୍ୟର୍ଥଃ ।। ୨୫।।

– ଯିଏ ପ୍ରଜ୍ଞାରୂପୀ ଭସ୍ମରେ ଅଜ୍ଞାନମଳିନ ଚିତ୍ତଦର୍ପଣକୁ ଶୁଦ୍ଧ କରେ, ତାକୁ (ବିଦ୍ୱାନ୍) ଉତ୍ତମ ଗୁରୁ କହିଥା'ନ୍ତି ।। ୨୫।।

ଅଥ ତାଦୃଶଗୁରୁକଟାକ୍ଷାତ୍ ସକଳ ସିଦ୍ଧିର୍ଭବତୀତ୍ୟାହ –

ଅପରୋକ୍ଷିତତତ୍ତ୍ୱସ୍ୟ ଜୀବନ୍ମୁକ୍ତସ୍ୱଭାବିନଃ ।
ଗୁରୋଃ କଟାକ୍ଷେ ସଂସିଦ୍ଧେ କୋ ବା ଲୋକେଷୁ ଦୁର୍ଲଭଃ ।। ୨୬।।

ଅପରୋକ୍ଷିତ ତତ୍ତ୍ୱସ୍ୟ ସ୍ୱସ୍ୱରୂପେଣ ସାକ୍ଷାତ୍ କୃତ ଶିବତତ୍ତ୍ୱବତୋ ଜୀବନ୍ମୁକ୍ତସ୍ୱଭାବିନଃ –

---

୧୮୧. ଐ. ଉ., ୩/୫/୩

CC-0. Jangamwadi Math Digital Collection.

ବିକଳ୍ପରହିତଂ ଜ୍ଞାନଂ ନିଷେଧରହିତା କ୍ରିୟା ।
ଅଲୋକରଞ୍ଜକଂ ରୂପଂ ଜୀବନ୍ମୁକ୍ତସ୍ୟ ଲକ୍ଷଣମ୍ ।।

ଇତି ବାସିଷ୍ଠବଚନାଦ୍ ଜୀବନ୍ମୁକ୍ତସ୍ୱରୂପବତୋ ଗୁରୋଃ ସଦ୍‌ଗୁରୋଃ କଟାକ୍ଷେ କୃପାରସପୂରିତାପାଙ୍ଗେ ସଂସିଦ୍ଧେ ସତି ଲୋକେଷୁ କୋ ବା ଦୁର୍ଲଭଃ, ନ କୋଽପ୍ୟଲଭ୍ୟ ଇତ୍ୟର୍ଥଃ । ଭୋଗମୋକ୍ଷଲକ୍ଷଣସକଳସିଦ୍ଧିର୍ଭବତୀତି ଭାବଃ ।। ୨୬ ।।

– ତତ୍ତ୍ୱର ସାକ୍ଷାତ୍କାର କରିଥିବା ଅତଏବ ସ୍ୱଭାବତଃ ଜୀବନ୍ମୁକ୍ତ ଗୁରୁଙ୍କର କୃପା ଦୃଷ୍ଟି ପ୍ରାପ୍ତ ହେବାପରେ ଲୋକରେ କ'ଣ ବା ଦୁର୍ଲଭ ଅଟେ ।। ୨୬ ।।

ନନ୍ୱେତାଦୃଶଗୁରବଃ ସନ୍ତି କିମିତ୍ୟତ୍ର –

ଗୁରବୋ ବହବଃ ସନ୍ତି ଶିଷ୍ୟବିତ୍ତାପହାରକାଃ ।
ଶିଷ୍ୟହୃତ୍ତାପହାରସ୍ତୁ ଗୁରୁରେକୋଽପି ଦୁର୍ଲଭଃ ।।

ଇତି ଶିବରହସ୍ୟବଚନାନୁସାରେଣାହ –

କୈବଲ୍ୟକଳ୍ପତରବୋ ଗୁରବଃ କରୁଣାଳୟାଃ ।
ଦୁର୍ଲଭା ହି ଜଗତ୍ୟସ୍ମିନ୍ ଶିବାଦ୍ୱୈତ ପରାୟଣାଃ ।। ୨୭ ।।

ସ୍ପଷ୍ଟମ୍ ।। ୨୭ ।।

– କୈବଲ୍ୟରୂପୀ ଫଳ ଦେବା ପାଇଁ କଳ୍ପବୃକ୍ଷ ତୁଲ୍ୟ, କରୁଣାର ସାଗର ତଥା ଶିବାଦ୍ୱୈତ ପରାୟଣ ଗୁରୁ ଏହି ସଂସାରରେ ଦୁର୍ଲଭ ଅଟେ ।। ୨୭ ।।

ତସ୍ମାଚ୍ଛିବଲିଙ୍ଗତତ୍ପରଃ ଶ୍ରୀଗୁରୁଃ ପ୍ରାକୃତଗୁରୁଭ୍ୟଃ ଶ୍ରେଷ୍ଠ ଇତି ବଦନ୍ ନିର୍ଦେଶସ୍ଥଳଂ ସମାପୟତି –

କ୍ଷୀରାବ୍ଧିରିବ ସିନ୍ଧୂନାଂ ସୁମେରୁରିବ ଭୂଭୃତାମ୍ ।
ଗ୍ରହାଣାମିବ ତିଗ୍ମାଂଶୁର୍ମଣୀନାମିବ କୌସ୍ତୁଭଃ ।। ୨୮ ।।
ଦ୍ରୁମାଣାମିବ ଭଦ୍ରଶ୍ରୀର୍ଦେବାନାମିବ ଶଙ୍କରଃ ।
ଗୁରୁଃ ଶିବଃ ପରଃ ଶ୍ଲାଘ୍ୟୋ ଗୁରୂଣାଂ ପ୍ରାକୃତାତ୍ମନାମ୍ ।। ୨୯ ।।

ଭଦ୍ରଶ୍ରୀର୍ମଳୟଜ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୨୮–୨୯ ।।

– ଯେପରି ସମୁଦ୍ରମାନଙ୍କ ମଧ୍ୟରେ କ୍ଷୀରସାଗର, ପର୍ବତମାନଙ୍କ ମଧ୍ୟରେ ସୁମେରୁ, ଗ୍ରହମାନଙ୍କ ମଧ୍ୟରେ ସୂର୍ଯ୍ୟ, ମଣିମାନଙ୍କ ମଧ୍ୟରେ କୌସ୍ତୁଭ, ବୃକ୍ଷମାନଙ୍କ ମଧ୍ୟରେ ଚନ୍ଦନ ତଥା ଦେବତାମାନଙ୍କ ମଧ୍ୟରେ ଶଙ୍କର ଶ୍ରେଷ୍ଠ ଏବଂ ଶ୍ଲାଘ୍ୟ ଅଟନ୍ତି, ସେହିପରି ପ୍ରାକୃତ ଗୁରୁମାନଙ୍କ ମଧ୍ୟରେ ଶିବଜ୍ଞାନୀ ଗୁରୁ ଶ୍ରେଷ୍ଠ ଓ ପ୍ରଶଂସ୍ୟ ଅଟନ୍ତି ।। ୨୮–୨୯ ।।

ଇତି ନିର୍ଦେଶସ୍ଥଳମ୍

CC-0. Jangamwadi Math Digital Collection.

ଅଥ ଶୀଲସମ୍ପାଦନସ୍ଥଲମ୍

ଅଥ ଶ୍ରୀଗୁରୁନିର୍ଦ୍ଦେଶ୍ୟଜ୍ଞାନଯୋଗାତ୍ ଶିବତତ୍ତ୍ୱସ୍ୟ ଜିଜ୍ଞାସା ଶୀଳମିତ୍ୟୁକ୍ତ୍ୱା ଶୀଳବତଃ ସ୍ୱରୂପଂ ସପ୍ତଭିଃ ସୂତ୍ରୈଃ ପ୍ରତିପାଦୟତି –

ଜିଜ୍ଞାସା ଶିବତତ୍ତ୍ୱସ୍ୟ ଶୀଳମିତ୍ୟୁଚ୍ୟତେ ବୁଧୈଃ ।
ନିର୍ଦ୍ଦେଶ୍ୟଯୋଗାଦାର୍ଯାଣାଂ ତଦ୍ୱାନ୍ ଶୀଳୀତି କଥ୍ୟତେ ।। ୩୦ ।।

ଆଚାର୍ଯ୍ୟାଣାଂ ପୂର୍ବୋକ୍ତଲକ୍ଷଣବଦାଚାର୍ଯୈର୍ନିର୍ଦ୍ଦେଶ୍ୟ ଯୋଗାଦ୍ ଉପଦେଶ୍ୟ-ଜ୍ଞାନଯୋଗାତ୍ ଶିବତତ୍ତ୍ୱସ୍ୟ ଜିଜ୍ଞାସା ଜ୍ଞାତୁମିଚ୍ଛା ଶୀଳମିତି ବୁଧୈଃ ଜ୍ଞାନିଭିରୁଚ୍ୟତେ, ତଦ୍ୱାନ୍ ତାଦୃଶଜିଜ୍ଞାସାଲକ୍ଷଣଶୀଳବାନ୍ ଶୀଳୀତି କଥ୍ୟତ ଇତ୍ୟର୍ଥଃ ।। ୩୦ ।।

– (ଶୀଳ ସମ୍ପାଦନସ୍ଥଳ ବର୍ଣ୍ଣନ) – ଗୁରୁଙ୍କ ଦ୍ୱାରା ନିର୍ଦ୍ଦେଶ୍ୟ ଅର୍ଥାତ୍ ଉପଦେଶ୍ୟ ହୋଇଥିବାରୁ ବିଦ୍ୱାନ୍‌ମାନେ ଶିବତତ୍ତ୍ୱର ଜିଜ୍ଞାସାକୁ ଶୀଳ କୁହନ୍ତି । ତାହା ଯାହା ପାଖରେ ଅଛି, ସେ ଶୀଳୀ କୁହାଯାଏ ।। ୩୦ ।।

ଅଥ ନିଷ୍କର୍ଷମାହ –

ପ୍ରପନ୍ନାର୍ତ୍ତିହରେ ଦେବେ ପରମାତ୍ମନି ଶଙ୍କରେ ।
ଭାବସ୍ୟ ସ୍ଥିରତାଯୋଗଃ ଶୀଳମିତ୍ୟୁଚ୍ୟତେ ବୁଧୈଃ ।। ୩୧ ।।

ପାଳୟସ୍ୱେତି ଶରଣାଗତାନାଂ କ୍ଲେଶହରେ ପରବ୍ରହ୍ମସ୍ୱରୂପଶିବେ ଚିତ୍ତସ୍ଥିରୀକରଣଂ ଶୀଳମିତି ବୁଧୈଃ ଶିବଶାସ୍ତ୍ରଜ୍ଞୈଃ କଥ୍ୟତ ଇତ୍ୟର୍ଥଃ ।। ୩୧ ।।

– ଶରଣାଗତର କଷ୍ଟକୁ ଦୂର କରୁଥିବା ଦେବାଧିଦେବ ପରମାତ୍ମା ଶଙ୍କରଙ୍କ ପ୍ରତି ଭାବର ସ୍ଥିରତାକୁ ବିଦ୍ୱାନ୍‌ମାନେ ଶୀଳ କୁହନ୍ତି ।। ୩୧ ।।

ଅଥ ପ୍ରକାରାନ୍ତରେଣ ତଲ୍ଲକ୍ଷଣମାହ –

ଶୀଳଂ ଶିବୈକବିଜ୍ଞାନଂ ଶିବଧ୍ୟାନୈକତାନତା ।
ଶିବପ୍ରାପ୍ତିସମୁତ୍କଣ୍ଠା ତଦ୍ୟୋଗୀ ଶୀଳବାନ୍ ସ୍ମୃତଃ ।। ୩୨ ।।

ଶିବେ ବିଜ୍ଞାନଂ ଶିବ ଏବ ବିଶେଷଜ୍ଞାନଂ ଶିବଧ୍ୟାନୈକତାନତା ଶିବଧ୍ୟାନ ଏବ ଅନନ୍ୟବୃତ୍ତିତ୍ୱଂ ଶୀଳମିତ୍ୟୁଚ୍ୟତେ । ତଦ୍ୟୋଗୀ ଶୀଳବିଶିଷ୍ଟଃ ଶିବଜ୍ଞାନ ସମୁତ୍କଣ୍ଠାତଃ ଶିବାଭିଗମନଲାଳସ୍ୟାତ୍ ଶୀଳବାନିତି ସ୍ମୃତ ଇତ୍ୟର୍ଥଃ ।। ୩୨ ।।

– କେବଳ ଶିବଙ୍କର ଜ୍ଞାନ, ଶିବଙ୍କର ନିରନ୍ତର ଧ୍ୟାନ ଏବଂ ଶିବପ୍ରାପ୍ତି ପାଇଁ ଉତ୍କଣ୍ଠାଶୀଳତା ଯାହା ପାଖରେ ଅଛି, ତାକୁ ଶୀଳବାନ୍ କୁହାଯାଏ ।। ୩୨ ।।

ଇମମର୍ଥମେବ ସ୍ଫୁଟୀକୃତ୍ୟାହ –

CC-0. Jangamwadi Math Digital Collection.

ଶିବାଦନ୍ୟତ୍ର ବିଜ୍ଞାନେ ବୈମୁଖ୍ୟଂ ଯସ୍ୟ ସୁସ୍ଥିରମ୍ ।
ତଦାସକ୍ତମନୋବୃତ୍ତିସ୍ତମାହୁଃ ଶୀଳଭାଜନମ୍ ।। ୩୩।।

ଶିବାତ୍ ଶିବଲିଙ୍ଗାଦ୍ ଅନ୍ୟତ୍ର ବିଜ୍ଞାନେ ଦେବତାନ୍ତର ବିଶେଷଜ୍ଞାନେ ବୈମୁଖ୍ୟଂ ବିମୁଖତ୍ୱଂ ଯସ୍ୟ ଶରଣସ୍ୟ ସୁସ୍ଥିର ଦୃଢ଼ମ୍, ଯସ୍ୟ ମନୋବୃତ୍ତିଃ ମନୋବ୍ୟାପାରଃ, ତଦାସକ୍ତା ଶିବଲିଙ୍ଗ ଏବ ଲମ୍ପଟା, ତଂ ଶୀଳଭାଜନଂ ଶୀଳଭଜକଂ ସନ୍ତମ୍ ଆହୁଃ ।। ୩୩।।

– ଶିବ ବ୍ୟତିରିକ୍ତ ବିଜ୍ଞାନ ବିଷୟରେ ଯାହାଙ୍କର ପରାଙ୍ମୁଖତା ସ୍ଥିର ଅଟେ ତଥା ଯାହାଙ୍କର ମନୋବୃତ୍ତି ତାଙ୍କଠାରେ (ଶିବ) ଆସକ୍ତ ଅଟେ, ସେ ଶୀଳର ପାତ୍ର ଅର୍ଥାତ୍ ଶୀଳବାନ୍ ଅଟନ୍ତି ।। ୩୩।।

ଅତ୍ର ଦୃଷ୍ଟାନ୍ତମାହ –

ପତିବ୍ରତାୟା ଯଚ୍ଛୀଳଂ ପତିରାଗାଦ୍ ପ୍ରଶସ୍ୟତେ ।
ତଥା ଶିବାନୁରାଗେଣ ସୁଶୀଳୋଽଭକ୍ତ ଉଚ୍ୟତେ ।। ୩୪।।

ପତିବ୍ରତାୟା ଯଚ୍ଛୀଳଂ ପାତିବ୍ରତ୍ୟଂ ପତିରାଗାଦ୍ ପୁରୁଷପ୍ରୀତିବଶାଦ୍ ପ୍ରଶସ୍ୟତେ, ତଥା ଶିବାନୁରାଗେଣ ଶିବୋପରି ପ୍ରୀତ୍ୟା ଅଭକ୍ତଃ ଅବିମୁକ୍ତଃ ଶରଣଃ ସୁଶୀଳଃ ଶୋଭନଶୀଳବାନିତ୍ୟର୍ଥଃ । ଶରଣଲିଙ୍ଗୟୋଃ ସତୀପତିଭାବସ୍ୟୋକ୍ତତ୍ୱାଦ୍ ପତିବ୍ରତା ଦୃଷ୍ଟାନ୍ତ କଥିତଃ ।। ୩୪।।

– ଯେପରି ପତିବ୍ରତାର ଯାହା ଶୀଳ, ତା'ର ପ୍ରଶଂସା ପତିଙ୍କ ପ୍ରତି ତା'ର ରାଗାତ୍ମିକା ଭାବନା କାରଣରୁ ହୋଇଥାଏ, ସେହିପରି ଶିବଙ୍କ ପ୍ରତି ଅନୁରାଗ କାରଣରୁ ଅଭକ୍ତ ଅର୍ଥାତ୍ ଶିବଙ୍କ ପ୍ରତି ପ୍ରୀତିରୁ ଅବିମୁକ୍ତ ମନୁଷ୍ୟ ମଧ୍ୟ ସୁଶୀଳ କୁହାଯାଏ ।। ୩୪।।

ଅଥେମମର୍ଥମେବ ବିଶଦୟତି –

ପତିଂ ବିନା ଯଥା ସ୍ତ୍ରୀଣାଂ ସେବାଽନ୍ୟସ୍ୟ ତୁ ଗର୍ହଣା ।
ଶିବଂ ବିନା ତଥାନ୍ୟେଷାଂ ସେବା ନିନ୍ଦ୍ୟା କୃତାତ୍ମନାମ୍ ।। ୩୫।।

ସ୍ତ୍ରୀଣାଂ ପତିଂ ବିନା ପ୍ରାଣକାନ୍ତଂ ବିନା, ଅନ୍ୟସ୍ୟ ପରପୁରୁଷସ୍ୟ ସେବା ଯଥା ଗର୍ହଣା ନିନ୍ଦିତା, ତଥା କୃତାତ୍ମନାଂ କୃତକୃତ୍ୟାନାଂ ଶିବଶରଣାନାଂ ଶିବଂ ବିନା ଶିବଲିଙ୍ଗଂ ବିନା ଅନ୍ୟେଷାଂ ବିଷ୍ଣ୍ୱାଦିଦେବାନାଂ ସେବା ନିନ୍ଦ୍ୟା ଭବତୀତ୍ୟର୍ଥଃ ।। ୩୫।।

– ଯେପରି ସ୍ତ୍ରୀମାନଙ୍କ ପାଇଁ ପତି ଛଡ଼ା ଅନ୍ୟ ପୁରୁଷର ସେବା ନିନ୍ଦନୀୟ ଅଟେ, ସେହିପରି ଶିବଙ୍କ ବ୍ୟତୀତ ଅନ୍ୟ ଦେବତାଙ୍କର ସେବା କୃତକୃତ୍ୟ ଲୋକଙ୍କ ପାଇଁ ନିନ୍ଦନୀୟ ଅଟେ ।। ୩୫।।

ଅଥୋକ୍ତାର୍ଥଂ ସଂଗୃହ୍ୟାହ –

CC-0. Jangamwadi Math Digital Collection.

ବହୁନାତ୍ର କିମୁକ୍ତେନ ଶିବଜ୍ଞାନୈକନିଷ୍ଠତା ।
ଶୀଲମିତ୍ୟୁଚ୍ୟତେ ସଦ୍‌ଭିଃ ଶୀଲବାଂସ୍ତତ୍‌ପରୋ ମତଃ ।। ୩୬ ।।

ଅତ୍ର ଶୀଲବିଷୟେ ବହୁଭାଷଣେନ କିଂ ଶିବଜ୍ଞାନୈକନିଷ୍ଠତା ଶ୍ରୀଗୁରୁନିର୍ଦ୍ଦିଷ୍ଟ ଶିବଜ୍ଞାନ ଏକସ୍ମିନ୍ନେବ ନିଷ୍ଠା ଶୀଲମିତି ସତ୍‌ପୁରୁଷୈରୁଚ୍ୟତେ ତତ୍‌ପରସ୍ତଚ୍ଛୀଳାସକ୍ତଃ ଶୀଲବାନିତି ମତଃ ସମ୍ମତି ଇତ୍ୟର୍ଥଃ ।। ୩୬ ।।

– ଏ ବିଷୟରେ ଅଧିକ କହିବାରେ କ'ଣ ଲାଭ ? ସଜ୍ଜନ ଲୋକ ଶିବଜ୍ଞାନ ପ୍ରତି ଏକନିଷ୍ଠତାକୁ ଶୀଳ କହନ୍ତି ଏବଂ ସେଥିରେ ଯିଏ ରତ ରହେ, ସେ ଶୀଳବାନ୍ ମାନା ଯାଇଥାଏ ।। ୩୬ ।।

ଅଥୈବଂ ବିଧଶୀଳବାନ୍ ଶରଣ ଏବ ଶିବଲିଙ୍ଗୈକ୍ୟ ଇତି ଶରଣସ୍ଥଳଂ ସମାପୟତି–

ଶିବାତ୍ମବୋଧୈକରତଃ ସ୍ଥିରାଶୟଃ
ଶିବଂ ପ୍ରପନ୍ନୋ ଜଗତାମଧୀଶମ୍ ।
ଶିବୈକନିଷ୍ଠାହିତଶୀଳଭୂଷଣଃ
ଶିବୈକ୍ୟବାନେଷ ହି କଥ୍ୟତେ ବୁଧୈଃ ।। ୩୭ ।।

ଶିବାତ୍ମବୋଧୈକରତୋ ଲିଙ୍ଗାଙ୍ଗଜ୍ଞାନୈକନିଷ୍ଠଃ ସନ୍ ଜଗତାମଧୀଶଂ ଶିବଂ ପ୍ରପନ୍ନୋ ରକ୍ଷେତି ଶରଣଂ ଗତଃ ସ୍ଥିରାଶୟଃ ଶିବଶରଣୟୋର୍ଦୃଢ଼ୀଭୂତସତୀପତିଭାବଯୁକ୍ତଚିତ୍ତଃ ଶିବୈକନିଷ୍ଠାହିତଶୀଳଭୂଷଣଃ ଶିବଲିଙ୍ଗୈକନିଷ୍ଠାକୃତିଶୀଳାଳଙ୍କାରବାନେଷ ଶରଣଃ ଶିବୈକ୍ୟବାନିତି ବୁଧୈଃ ଶିବଶାସ୍ତ୍ରପ୍ରବୀଣୈଃ କଥ୍ୟତେ ହି ପ୍ରସିଦ୍ଧମିତ୍ୟର୍ଥଃ ।। ୩୭ ।।

– କେବଳ ଶିବ ବୋଧରେ ରତ, ସ୍ଥିର ଭାବନାରେ ଯୁକ୍ତ, ସଂସାରର ସ୍ୱାମୀ ଶିବଙ୍କର ଶରଣରେ ଯାଇଥିବା, ଶିବଙ୍କଠାରେ ନିଷ୍ଠାରୂପୀ ଆଭୂଷଣକୁ ଧାରଣ କରିଥିବା ଏହି ମନୁଷ୍ୟ ବିଦ୍ୱାନ୍‌ମାନଙ୍କଦ୍ୱାରା ଶିବୈକ୍ୟବାନ୍ କୁହାଯାଇଥାଏ ।। ୩୭ ।।

ଇତି ଶ୍ରୀମତ୍‌ଷଟ୍‌ସ୍ଥଳବ୍ରହ୍ମିଣା ଶିବଯୋଗିନାମ୍ନା ରେଣୁକାଚାର୍ଯ୍ୟେଣ ବିରଚିତେ ସିଦ୍ଧାନ୍ତଶିଖାମଣୌ ଶରଣସ୍ୟ ଚତୁଃସ୍ଥଳପ୍ରସଙ୍ଗୋ ନାମ ତ୍ରୟୋଦଶଃ ପରିଚ୍ଛେଦଃ ।। ୧୩ ।।

ଇତି ଶ୍ରୀମତ୍‌ପଦବାକ୍ୟପ୍ରମାଣପାରାବାରଧୁରୀଣମରିତୋଣ୍ଟଦାର୍ଯ୍ୟେଣ ବିରଚିତାୟାଂ ତତ୍ତ୍ୱପ୍ରଦୀପିକାଖ୍ୟାୟାଂ ସିଦ୍ଧାନ୍ତଶିଖାମଣିବ୍ୟାଖ୍ୟାୟାଂ ଶରଣସ୍ୟ ଚତୁଃସ୍ଥଳପ୍ରସଙ୍ଗନାମା ତ୍ରୟୋଦଶଃ ପରିଚ୍ଛେଦଃ ।। ୧୩ ।।

– ଏହପରି ଶ୍ରୀସିଦ୍ଧାନ୍ତଶିଖାମଣିର ଶରଣର ଚତୁଃସ୍ଥଳପ୍ରସଙ୍ଗ ନାମକ ତ୍ରୟୋଦଶ ପରିଚ୍ଛେଦର ଆଚାର୍ଯ୍ୟ ରାଧେଶ୍ୟାମ ଚତୁର୍ବେଦୀକୃତ 'ଜ୍ଞାନବତୀ' ହିନ୍ଦୀ ବ୍ୟାଖ୍ୟାର ଓଡ଼ିଆ ଅନୁବାଦ ପୂର୍ଣ୍ଣ ହେଲା ।। ୧୩ ।।

❖❖❖

CC-0. Jangamwadi Math Digital Collection.

ଚତୁର୍ଦ୍ଦଶଃ ପରିଚ୍ଛେଦଃ

ଅଥ ଐକ୍ୟସ୍ଥଲମ୍

ଅଥାଗସ୍ତ୍ୟପ୍ରଶ୍ନଃ । ଅଗସ୍ତ୍ୟ ଉବାଚେତି –

ତାମସତ୍ୟାଗସମ୍ବନ୍ଧାନ୍ନିର୍ଦେଶାଚ୍ଛୀଲତସ୍ତଥା ।
ଶରଣାଖ୍ୟସ୍ୟ ଭୂୟୋଦ୍ଧସ୍ୟ କଥମୈକ୍ୟନିରୂପଣମ୍ ।। ୧ ।।

ତମୋଭାଗନିରାକରଣାଦ୍ ଜ୍ଞାନନିର୍ଦ୍ଦେଶାତ୍ ତଥା ଶୀଲସମ୍ପାଦନାତ୍ ଶରଣାଖ୍ୟସ୍ୟାସ୍ୟ ଏତାବନ୍ମାତ୍ରେଣ କଥମୈକ୍ୟନିରୂପଣମ୍ ଲିଙ୍ଗାଙ୍ଗୟୋର୍ଭେଦଘଟିତତ୍ୱାଦିତି ।। ୧ ।।

– (ଐକ୍ୟସ୍ଥଳ ବର୍ଣ୍ଣନ) – ଅଗସ୍ତ୍ୟ କହିଲେ – ତାମସ ଗୁଣର ତ୍ୟାଗ, ଜ୍ଞାନ ନିର୍ଦ୍ଦେଶ ତଥା ଶୀଳସମ୍ପାଦନ ଦ୍ୱାରା ଶରଣ ନାମକ ସାଧକର ପୁନଃ ଐକ୍ୟ କିପରି ହୋଇଥାଏ ? ।। ୧ ।।

ଅସ୍ୟୋତ୍ତରଂ ଦଦାତି – ଶ୍ରୀରେଣୁକ ଉବାଚେତି –

ପ୍ରାଣଲିଙ୍ଗାଦିଯୋଗେନ ସୁଖାତିଶୟମେୟିବାନ୍ ।
ଶରଣାଖ୍ୟଃ ଶିବେନୈକ୍ୟଭାବନାଦୈକ୍ୟବାନ୍ ଭବେତ୍ ।। ୨ ।।

ପ୍ରାଣଲିଙ୍ଗାଦିଯୋଗେନ ବାହ୍ୟଲିଙ୍ଗପୂଜାବୈମୁଖ୍ୟେନାନ୍ତର୍ଲିଙ୍ଗପୂଜାଧ୍ୟାନଯୋଗେନ ସୁଖାତିଶୟଂ ଶିବସୁଖାତିଶୟମ୍ ଏୟିବାନ୍ ଲବ୍ଧବାନ୍ ଶରଣାଖ୍ୟଃ ଶିବେନ ଶିବଲିଙ୍ଗେନ ଐକ୍ୟଭାବନାଦ୍ ଏକତ୍ୱଚିନ୍ତନାଦ୍ ଐକ୍ୟବାନ୍ ଶିବଲିଙ୍ଗୈକ୍ୟବାନ୍ ଭବେତ୍ ସ୍ୟାଦିତ୍ୟର୍ଥଃ। ଅୟଂ ଭାବଃ – ଲିଙ୍ଗାତ୍ମନୋର୍ଭେଦୋ ନ ସମ୍ଭବତି, ଚିଦେକରୂପତ୍ୱାତ୍ । ନନୁ ଚିଦ୍ରୂପତ୍ୱେଽପି ବ୍ୟକ୍ତିଭେଦୋଽସ୍ତୀତି ଚେତ୍ ଉଚ୍ୟତେ – ସ ଜୀବଃ ପରିଚ୍ଛିନ୍ନଚିତ୍ପ୍ରକାଶରୂପୋ ବା ଅପରିଚ୍ଛିନ୍ନଚିତ୍ ପ୍ରକାଶରୂପୋ ବା ? ନାଦ୍ୟଃ, ପରିମିତଘଟାଦି ପ୍ରକାଶବତ୍ ସ୍ୱବିଷୟସ୍ୱ ମାତ୍ର ନିଷ୍ଠତ୍ୱେନ ପରବିଷୟପର ସ୍ୱରୂପେଷ୍ୱନ୍ଧବଧିରପ୍ରାୟତ୍ୱେନ ଚୈତ୍ରୋ ମୈତ୍ରାଦ୍ ଭିନ୍ନଃ, ମୈତ୍ରଶ୍ଚୈତ୍ରାଦ୍ ଭିନ୍ନଃ, ଚୈତ୍ରମହଂ ଜାନାମି, ମୈତ୍ରମହଂ ଜାନାମି ଇତି ବାହ୍ୟାଭ୍ୟନ୍ତରାନୁସନ୍ଧାନଂ ନ ସମ୍ଭବତୀତି, ଚୈତ୍ରୋଽହମିତି ପ୍ରକାଶସ୍ୟ ତନ୍ମାତ୍ରନିଷ୍ଠତ୍ୱାତ୍, ମୈତ୍ରସ୍ୱରୂପତଦ୍ୱିଷୟୟୋ–ରନ୍ଧବଧିରପ୍ରାୟତ୍ୱାତ୍, ଏବଂ ମୈତ୍ରୋଽହମିତି ପ୍ରକାଶଃ ସ୍ୟାଦିତି। ଅଥାପରିଚ୍ଛିନ୍ନ ପ୍ରକାଶତ୍ୱେ ତାଦୃଶପ୍ରକାଶଦ୍ୱୟାଙ୍ଗୀକାରୋ ନ ସମ୍ଭବତି, ସେବ୍ୟସେବକ ଭାବାଦ୍ୟସମ୍ଭବାତ୍, ପ୍ରକାଶୈକ୍ୟେ କଳ୍ପିତ ଭେଦମାଦାୟ ତତ୍‌ସମ୍ଭବାତ୍ ପ୍ରକାଶୈକ୍ୟମଙ୍ଗୀକରଣୀୟମ୍, ସର୍ବାସର୍ବଶବ୍ଦୟୋର୍ମାୟା–କାର୍ଯ୍ୟକୋଟି ପ୍ରବିଷ୍ଟତ୍ୱେନାନ୍ତରାଳିକତ୍ୱାତ୍, ଜ୍ଞତ୍ୱକର୍ତ୍ତୃତ୍ୱୟୋରେବ ସ୍ୱାଭାବିକତ୍ୱାଦିତି ତଦେକତ୍ୱଚିନ୍ତନାଦୈକ୍ୟବାନ୍ ସ୍ୟାଦିତି ।। ୨ ।।

CC-0. Jangamwadi Math Digital Collection.

– ଶ୍ରୀ ରେଣୁକାଚାର୍ଯ୍ୟ କହିଲେ –

ପ୍ରାଣଲିଙ୍ଗ ଧ୍ୟାନଯୋଗଦ୍ୱାରା ଅତିଶୟ ସୁଖପ୍ରାପ୍ତ କରିଥିବା ଶରଣ ନାମକ ସାଧକ ଶିବଙ୍କ ସହିତ ଐକ୍ୟଭାବ କାରଣରୁ ଐକ୍ୟବାନ୍ ହୋଇଯାଏ ।। ୨ ।।

ବିଶେଷ – ଲିଙ୍ଗ ଏବଂ ଆତ୍ମାର ଭେଦ ସମ୍ଭବ ନୁହେଁ । କାରଣ ଏ ଦୁଇଟି ଚିତ୍ସ୍ୱରୂପ ଅଟନ୍ତି । ଉଭୟ ଚିତ୍ସ୍ୱରୂପ ହୋଇଥିବାରୁ ସେ ଦୁଇଟି ମଧ୍ୟରେ ନିତାନ୍ତ ପାର୍ଥକ୍ୟ ନାହିଁ, କାରଣ ସେତେବେଳେ ନିଜର ଜ୍ଞାନ ହେବା ସମୟର ଘଟ ପଟ ଆଦିର ଜ୍ଞାନ ହୋଇ ନଥାଏ । ସେ ଦୁଇଟି ସମ୍ପୂର୍ଣ୍ଣ ଏକ ମଧ୍ୟ ହୋଇପାରିବେ ନାହିଁ, କାରଣ ସେପରି ହେଲେ ଶୈବ ସିଦ୍ଧାନ୍ତ ବ୍ୟାଘାତ ହୋଇଯିବ । ଶୈବ ସିଦ୍ଧାନ୍ତ ଅନୁସାରେ ଶିବ ଏବଂ ଜୀବ ମଧ୍ୟରେ ସେବ୍ୟ–ସେବକ ଭାବ ହେବା ଉଚିତ୍ । ତେଣୁ ଉଭୟ ମଧ୍ୟରେ ଭେଦ କଳ୍ପନା କରିବାକୁ ପଡ଼ିଥାଏ । ଏହାଦ୍ୱାରା ଭେଦ ଥିଲେ ମଧ୍ୟ ଐକ୍ୟ ଭାବନା ସମ୍ଭବ ହୋଇଥାଏ ।

ଅଥାସ୍ୟାପି ସ୍ଥଳଭେଦାଃ ସନ୍ତି କିମିତ୍ୟତ୍ରାହ –

ଐକ୍ୟସ୍ଥଳମିଦଂ ପ୍ରୋକ୍ତଂ ଚତୁର୍ଧା ମୁନିପୁଙ୍ଗବ ।
ଐକ୍ୟମାଚାରସମ୍ପତ୍ତିରେକଭାଜନମେବ ଚ ।
ସହଭୋଜନମିତ୍ୟେଷାଂ କ୍ରମାଲ୍ଲକ୍ଷଣମୁଚ୍ୟତେ ।। ୩ ।।

ସ୍ପଷ୍ଟମ୍ ।। ୩ ।।

– ହେ ମୁନିଶ୍ରେଷ୍ଠ, ଏହି ଐକ୍ୟସ୍ଥଳ ଚାରି ପ୍ରକାରର କୁହାଯାଇଛି । ଐକ୍ୟସ୍ଥଳ, ଆଚାର ସମ୍ପତ୍ତି ସ୍ଥଳ, ଏକଭାଜନସ୍ଥଳ ଏବଂ ସହଭୋଜନ ସ୍ଥଳ । ଏମାନଙ୍କର ଲକ୍ଷଣ କ୍ରମରେ କୁହାଯାଉଛି ।। ୩ ।।

'ଏକମେବ ତଦ୍ଭବତ୍ୟବିକଳ୍ପୋ ନାବିକଳ୍ପୋଽପି ନାତ୍ର କାଚନ ଭିଦାସ୍ତି ନୈବାତ୍ର କାଚନ ଭିଦାସ୍ତ୍ୟତ୍ର ଭିଦାମିବ ମନ୍ୟମାନଃ ଶତଧା ସହସ୍ରଧା ଭିନ୍ନୋ ମୃତ୍ୟୋର୍ମୃତ୍ୟୁ–ମାପ୍ନୋତି। ତଦେତଦ୍ ଦ୍ୱୟଂ ସ୍ୱପ୍ରକାଶମ୍'[୧୮୨] ଇତ୍ୟୁତ୍ତରତାପନୀୟଶ୍ରୁତ୍ୟନୁସାରେଣ ଲିଙ୍ଗୈକ୍ୟସ୍ୟ ଲକ୍ଷଣଂ ପଞ୍ଚଭିଃ ସୂତ୍ରୈଃ ପ୍ରତିପାଦୟତି –

ବିଷୟାନନ୍ଦକଣିକାନିସ୍ପୃହୋ ନିର୍ମଳାଶୟଃ ।
ଶିବାନନ୍ଦମହାସିନ୍ଧୁମଜ୍ଜନାଦୈକ୍ୟମୁଚ୍ୟତେ ।। ୪ ।।

ବିଷୟାନନ୍ଦକଣିକାନିସ୍ପୃହଃ ଶବ୍ଦାଦିବିଷୟାନନ୍ଦଶୀକରେଷୁ ବିରକ୍ତଃ ସନ୍ ନିର୍ମଳାଶୟୋ ନିର୍ମଳଚିତ୍ତବାନେବ ଶିବାନନ୍ଦମହାସିନ୍ଧୁ ମଜ୍ଜନାତ୍ ଶିବାନନ୍ଦମହାସମୁଦ୍ରେ ତାଦାତ୍ମ୍ୟାନୁ–ପ୍ରବେଶନାଦ୍ ଐକ୍ୟ ଲିଙ୍ଗୈକ୍ୟସ୍ଥଳମିତ୍ୟୁଚ୍ୟତ ଇତ୍ୟର୍ଥଃ ।। ୪ ।।

୧୮୨. ନୃ. ଉ. ଉ. ୮/୭

CC-0. Jangamwadi Math Digital Collection.

– ବିଷୟାନନ୍ଦ ପ୍ରତି ନିସ୍ପୃହ ନିର୍ମଳଚିତ୍ତ ଯୁକ୍ତ ସାଧକ ଶିବାନନ୍ଦ ମହାସମୁଦ୍ରରେ ମଜ୍ଜନ ଅର୍ଥାତ୍ ସାମରସ୍ୟ ସ୍ଥାପିତ କରିଲେ ଐକ୍ୟସ୍ଥଳ କୁହାଯାଇଥାଏ ।। ୪।।

ନନ୍ୱିଦମୈକ୍ୟଂ କୀଦୃଶସ୍ୟ ସମ୍ଭବତୀତ୍ୟତ୍ରାହ –

ନିର୍ଧୂତମଳସମ୍ବନ୍ଧୋ ନିଷ୍କଳଙ୍କମନୋଗତଃ ।

ଶିବୋଽହମିତି ଭାବେନ ନିରୂଢ଼ୋ ହି ଶିବୈକ୍ୟତାମ୍ ।। ୫।।

ନିବାରିତାଣବାଦିମଳସମ୍ପର୍କବାନ୍ କଳଙ୍କରହିତମନୋବ୍ୟାପାରବାନ୍ ଶିବୋଽହମିତି ପରାମର୍ଶନେନ ଶିବଲିଙ୍ଗୈକ୍ୟତାଂ ନିରୂଢ଼ୋ ହି ଭଜ (ବ)ତୀତି ପ୍ରସିଦ୍ଧମ୍ ।। ୫।।

– ମଳକୁ ଦୂର କରି ତା'ଠାରୁ ଅସମ୍ବନ୍ଧ, ନିଷ୍କଳଙ୍କ ମନବାଲା ସାଧକ 'ଶିବୋଽହମ୍' – ଏହି ଭାବନାରେ ଶିବୈକ୍ୟକୁ ପ୍ରାପ୍ତ କରିଥାଏ ।। ୫।।

ଅଥ କିଂ ପଶ୍ୟନ୍ନାସ୍ତୀ (ସ୍ତ ଇ)ତ୍ୟତ୍ରାହ –

ଶିବେନୈକ୍ୟଂ ସମାପନ୍ନଶ୍ଚିଦାନନ୍ଦସ୍ୱରୂପିଣା ।

ନ ପଶ୍ୟତି ଜଗଜ୍ଜାଲଂ ମାୟାକଳ୍ପିତବୈଭବମ୍ ।। ୬।।

ମାୟାଶକ୍ତିପରିକଳ୍ପିତଂ ବିଶ୍ୱମପଶ୍ୟନ୍ନାସ୍ତ ଇତ୍ୟର୍ଥଃ ।। ୬।।

– ଚିତ୍ ଆନନ୍ଦରୂପକ ଶିବଙ୍କ ସହିତ ଐକ୍ୟ ପ୍ରାପ୍ତ ହୋଇଥିବା ମନୁଷ୍ୟ ମାୟାଦ୍ୱାରା ରଚିତ ବୈଭବଯୁକ୍ତ ସଂସାର ଜାଲକୁ ଦେଖେ ନାହିଁ ।। ୬।।

ତତ୍କୃତୋ ନ ପଶ୍ୟତୀତ୍ୟତ୍ରାହ –

ବ୍ରହ୍ମାଣ୍ଡବୁଦ୍‌ବୁଦୋଦ୍‌ଭେଦବିଜୃମ୍ଭୀ ତତ୍ତ୍ୱବୀଚିମାନ୍ ।

ମାୟାସିନ୍ଧୁର୍ଲୟଂ ଯାତି ଶିବୈକ୍ୟବଡ଼ବାନଳେ ।। ୭।।

ବ୍ରହ୍ମାଣ୍ଡବୁଦ୍‌ବୁଦୋଦ୍‌ଭେଦବିଜୃମ୍ଭୀ ବ୍ରହ୍ମାଣ୍ଡରୂପବୁଦ୍‌ବୁଦାବିର୍ଭାବେନ ବର୍ଧିଷ୍ଣୁଃ, ତତ୍ତ୍ୱବୀଚିମାନ୍ ଷଡ୍‌ତ୍ରିଂଶତ୍ତତ୍ତ୍ୱଲକ୍ଷଣବୀଚିମାନ୍ ମାୟାସିନ୍ଧୁଃ ଶିବୈକ୍ୟବଡ଼ବାନଳେ ଶିବଲିଙ୍ଗୈକ୍ୟରୂପ ବଡ଼ବାଗ୍ନୌ ଲୟଂ ଯାତି । ଅତଃ କାରଣାତ୍ ପ୍ରପଞ୍ଚଦର୍ଶନଂ ନାସ୍ତି, ଉପାଦାନକାରଣନାଶାତ୍ କାର୍ଯ୍ୟନାଶସ୍ୟାବଶ୍ୟମଙ୍ଗୀକରଣୀୟତ୍ୱାତ୍ ।। ୭।।

– ବ୍ରହ୍ମାଣ୍ଡରୂପୀ ବୁଦ୍‌ବୁଦ୍‌ର ଉଦ୍‌ଭବର ବନ୍ୟାଯୁକ୍ତ, ଛତିଶ ତତ୍ତ୍ୱରୂପୀ ତରଙ୍ଗଯୁକ୍ତ ମାୟାରୂପୀ ସମୁଦ୍ର ଶିବୈକ୍ୟରୂପୀ ବାଡ଼ବାଗ୍ନିରେ ଲୀନ ହୋଇଯାଏ ।। ୭।।

ଅଥ ତଦେବ ବିଶଦୟତି –

ମାୟାଶକ୍ତିତିରୋଧାନାଚ୍ଛିବେ ଭେଦବିକଳ୍ପନା ।

ଆତ୍ମନସ୍ତଦ୍ୱିନାଶେ ତୁ ନାଦ୍ୱୈତାତ୍କିଞ୍ଚିଦିଷ୍ୟତେ ।। ୮।।

ଶିବେ ମାୟାଶକ୍ତେସ୍ତିରୋଧାନାତ୍ ପ୍ରସରଣାଦ୍ ଆତ୍ମନୋ ଜୀବସ୍ୟ ଭେଦବିକଳ୍ପନା

CC-0. Jangamwadi Math Digital Collection.

ସ୍ୟାତ୍ । ତଦ୍ୱିନାଶେ ମାୟାପ୍ରସରଣସ୍ୟ ନାଶେ ଅଦ୍ୱୈତାତ୍ କିଞ୍ଚିଦ୍ ଈଷଦ୍‌ଭେଦୋଽପି ନେଷ୍ୟତେ ନେଚ୍ଛାବିଷୟୀକ୍ରିୟତେ ।। ୮ ।।

– ମାୟାଶକ୍ତି ଶିବଙ୍କଠାରେ ତିରୋଧାନ ହେବା ପରେ ଜୀବର ଶିବଠାରୁ ଭେଦ ଥାଏ । ତାହା ନଷ୍ଟ ହେବା ପରେ ଅଦ୍ୱୈତ ଅତିରିକ୍ତ କିଛି ରହେ ନାହିଁ ।। ୮ ।।

ନନୁ ଶିବଜୀବୟୋଃ ପତି–ପଶୁ ଲକ୍ଷଣଭେଦଶ୍ରବଣାତ୍ କଥଂ କିଞ୍ଚିଦ୍ ଭେଦୋଽପି ନେଷ୍ୟତ ଇତ୍ୟୁକ୍ତମିତ୍ୟତ୍ର –

ଅହମେକୋ ନ ମେ କଶ୍ଚିନ୍ନାହମନ୍ୟସ୍ୟ କସ୍ୟଚିତ୍ ।
ନ ତଂ ପଶ୍ୟାମି ଯସ୍ୟାହଂ ନ ତଂ ପଶ୍ୟାମି ଯୋ ମମ ।।

ଇତି ଦେବୀକାଳୋତ୍ତରବଚନାନୁସାରେଣ ଶିବଲିଙ୍ଗୈକ୍ୟସ୍ୟ ପ୍ରସିଦ୍ଧଶିବାଦ୍ୱୈତଂ ପଞ୍ଚଭିଃ ସୂତ୍ରୈଃ ପ୍ରତିପାଦୟତି –

ପଶୁତ୍ୱଂ ଚ ପତିତ୍ୱଂ ଚ ମାୟାମୋହବିକଳ୍ପିତମ୍ ।
ତସ୍ମିନ୍ ପ୍ରଳୟମାପନ୍ନେ କଃ ପଶୁଃ କୋ ନୁ ବା ପତିଃ ।। ୯ ।।

ସ୍ପଷ୍ଟମ୍ ।। ୯ ।।

– ପଶୁଭାବ ଏବଂ ପତିଭାବ ହେଉଛନ୍ତି ମାୟାମୋହର ବିକଳ୍ପନା । ସେହି ମାୟାମୋହର ପ୍ରଳୟ ହେବାପରେ କିଏ ପଶୁ ଏବଂ କିଏ ପତି ।। ୯ ।।

ଅଥାସ୍ୟ ସଂସାରସ୍ୟ ଭେଦବଲ୍ମୀକନିଷ୍ଠ ସର୍ପରୂପତ୍ୱାତ୍ କିମସ୍ୟୌଷଧମିତ୍ୟତ୍ରାହ –

ଘୋରସଂସାରସର୍ପସ୍ୟ ଭେଦବଲ୍ମୀକଶାୟିନଃ ।
ବାଧକଂ ପରମାଦ୍ୱୈତଭାବନା ପରମୌଷଧମ୍ ।। ୧୦ ।।

ଭେଦବଲ୍ମୀକଶାୟିନୋ ଜଡ଼ାଜଡ଼ଭେଦଃ, ଜୀବାଜୀବଭେଦଃ, ଜୀବଜଡ଼ଭେଦଃ, ଜୀବେଶ୍ୱରଭେଦଃ, ଜଡ଼େଶ୍ୱରଭେଦ ଇତ୍ୟେବଂ ରୂପପଞ୍ଚବିଧଭେଦବିଶିଷ୍ଟବଲ୍ମୀକସ୍ଥିତସ୍ୟ ଘୋରସଂସାରସର୍ପସ୍ୟ ଜନନମରଣାଦିଭୟଙ୍କରସ୍ୟ ସଂସାରସର୍ପସ୍ୟ ବାଧକମୌଷଧଂ ପରମାଦ୍ୱୈତଭାବନା ଜଡ଼ଚେତନୈକ୍ୟଭାବନେତ୍ୟର୍ଥଃ ।। ୧୦ ।।

– ଏହି ପରମାଦ୍ୱୈତ ଭାବନା ଭେଦରୂପୀ[୧୮୩] ହୁଙ୍କାରେ ଶୋଇଥିବା ଭୟଙ୍କର ସଂସାରରୂପୀ ସର୍ପର ବାଧକ ପରମ ଔଷଧି ଅଟେ ।। ୧୦ ।।

ନନ୍ୱସ୍ୟ ସଂସାରସ୍ୟ ଭେଦବୁଦ୍ଧିସମୁତ୍ପନ୍ନମହାସାଗରତ୍ୱାଦିମଂ କେନୋପାୟେନ କୋ ବା ତରତୀତ୍ୟତ୍ରାହ –

---

୧୮୩. ଏହି ଭେଦ ପାଞ୍ଚ ପ୍ରକାରର – ଜଡ଼ ଅଜଡ଼ ଭେଦ, ଜୀବ–ଅଜୀବ ଭେଦ, ଜୀବ–ଜଡ଼ ଭେଦ, ଜୀବ–ଈଶ୍ୱର ଭେଦ ଏବଂ ଜଡ଼–ଈଶ୍ୱର ଭେଦ ।

CC-0. Jangamwadi Math Digital Collection.

ଭେଦବୁଦ୍ଧିସମୁତ୍ପନ୍ନ ମହାସଂସାରସାଗରମ୍ ।
ଅଦ୍ୱୈତବୁଦ୍ଧିପୋତେନ ସମୁତ୍ତରତି ଦେଶିକଃ ।। ୧୧ ।।

ଦେଶିକଃ ଶିବଲିଙ୍ଗୈକ୍ୟ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୧୧ ।।

– ଆଚାର୍ଯ୍ୟ ଅଥବା ଶିବଲିଙ୍ଗୈକ୍ୟ ଭାବନାଯୁକ୍ତ ବ୍ୟକ୍ତି ଭେଦବୁଦ୍ଧିରୁ ଉତ୍ପନ୍ନ ମହାସଂସାର ସାଗରକୁ ଅଦ୍ୱୈତ ବୁଦ୍ଧିରୂପୀ ଜାହଜରେ ପାରି ହୋଇଥାଏ ।। ୧୧ ।।

ନନ୍ୱିୟଂ ସଂସୃତିଃ କାମରକ୍ଷଃ କ୍ରିୟାକାରୀ କାଳରାତ୍ରିର୍ଭବତି (ନ୍ତୀ) କେନ ନଶ୍ୟତୀତ୍ୟତ୍ରାହ –

ଅଜ୍ଞାନତିମିରୋଦ୍ରିକ୍ତା କାମରକ୍ଷଃ କ୍ରିୟାକରୀ ।
ସଂସାରକାଳରାତ୍ରିସ୍ତୁ ନଶ୍ୟେତଦ୍ୱୈତ ଭାନୁନା ।। ୧୨ ।।
ତସ୍ମାଦଦ୍ୱୈତଭାବସ୍ୟ ସଦୃଶୋ ନାସ୍ତି ଯୋଗିନାମ୍ ।
ଉପାୟୋ ଘୋରସଂସାରମହାତାପନିବୃତ୍ତୟେ ।। ୧୩ ।।

ଅଜ୍ଞାନତିମିରୋଦ୍ରିକ୍ତା ଅଜ୍ଞାନଲକ୍ଷଣଗାଢ଼ାନ୍ଧକାରେଣୋତ୍ପନ୍ନା ସତୀ କାମରକ୍ଷଃ କ୍ରିୟାକରୀ କାମଲକ୍ଷଣରାକ୍ଷସକୃତ୍ୟଂ କୁର୍ବତୀ ସଂସାରକାଳରାତ୍ରିଃ ଅଦ୍ୱୈତଭାନୁନା ଶିବାଦ୍ୱୈତସୂର୍ଯ୍ୟେଣ ନାଶ୍ୟତୀତ୍ୟର୍ଥଃ ।। ୧୨-୧୩ ।।

– ଅଜ୍ଞାନରୂପୀ ଅନ୍ଧକାରରେ ପୂର୍ଣ୍ଣ, କାମରୂପୀ ରାକ୍ଷସୀ କୃତ୍ୟ କରୁଥିବା ସଂସାରରୂପୀ କାଳରାତ୍ରି ଶିବାଦ୍ୱୈତରୂପୀ ସୂର୍ଯ୍ୟଦ୍ୱାରା ନଷ୍ଟ ହୋଇଥାଏ । ଏଥିପାଇଁ ଯୋଗୀମାନଙ୍କ ପାଇଁ ଘୋର ସଂସାରରୂପୀ ମହାତାପକୁ ଦୂର କରିବା ପାଇଁ ଅଦ୍ୱୈତଭାବ ପରି ଅନ୍ୟ କୌଣସି ଉପାୟ ନାହିଁ ।। ୧୨-୧୩ ।।

ଅଥ ଶିବାଦ୍ୱୈତାତିଶୟମୁକ୍ତ୍ୱା ସୂତ୍ରଦ୍ୱୟେନୈକ୍ୟସ୍ଥଲଂ ସମାପୟତି –

ଅଦ୍ୱୈତଭାବନାଜାତଂ କ୍ଷଣମାତ୍ରେଽପି ଯଦ୍ ସୁଖମ୍ ।
ତଦ୍ସୁଖଂ କୋଟିବର୍ଷେଣ ପ୍ରାପ୍ୟତେ ନୈବ ଭୋଗିଭିଃ ।। ୧୪ ।।
ଚିତ୍ତବୃତ୍ତିସମାଲୀନଜଗତଃ ଶିବଯୋଗିନଃ ।
ଶିବାନନ୍ଦପରିସ୍ଫୂର୍ତ୍ତିର୍ମୁକ୍ତିରିତ୍ୟଭିଧୀୟତେ ।। ୧୫ ।।

ଭୋଗିଭୀ ରାଜଭୋଗିଭିରିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୧୪-୧୫ ।।

– ଅଦ୍ୱୈତ ଭାବନାରୁ ଉତ୍ପନ୍ନ ତଥା କ୍ଷଣକ ପାଇଁ ଯେଉଁ ସୁଖ ହୋଇଥାଏ, ତାହାକୁ ରାଜଭୋଗୀ ଲୋକ କୋଟିଏ ବର୍ଷରେ ମଧ୍ୟ ପ୍ରାପ୍ତ କରି ନଥାନ୍ତି । ଯିଏ ସଂସାରକୁ ନିଜର ଚିତ୍ତବୃତ୍ତିରେ ଲୀନ କରି ନେଇଛି, ସେପରି ଶିବଯୋଗୀର ଶିବାନନ୍ଦ ପରିସ୍ଫୁର୍ତ୍ତିକୁ ମୁକ୍ତି କୁହାଯାଏ ।। ୧୪-୧୫ ।।

ଇତ୍ୟୈକ୍ୟସ୍ଥଲମ୍

CC-0. Jangamwadi Math Digital Collection.

ଅଥ ଆଚାରସମ୍ପତ୍ତିସ୍ଥଲମ୍

ଅଥ – 'ଯଥା ରବିଃ ସର୍ବରସାନ୍ ପ୍ରଭୁଙ୍କ୍ତେ ହୁତାଶନଶ୍ଚାପି ହି ସର୍ବଭକ୍ଷକଃ ତଥୈବ ଯୋଗୀ ବିଷୟାନ୍ ପ୍ରଭୁଙ୍କ୍ତେ ନ ଲିପ୍ୟତେ କର୍ମଶୁଭାଶୁଭୈଶ୍ଚ ।'

ଇତି ଶିବରହସ୍ୟବଚନାନୁସାରେଣ ଲିଙ୍ଗୈକ୍ୟସ୍ୟ ସଦାଚାରସମ୍ପତ୍ତିଂ ଦ୍ୱାଦଶସୂତ୍ରୈଃ ପ୍ରତିପାଦୟତି –

ଶିବୈକଭାବନାପନ୍ନଶିବତ୍ୱୋ ଦେହବାନପି ।
ଦେଶିକୋ ହି ନ ଲିପ୍ୟେତ ସ୍ୱାଚାରୈଃ ସୂତକାଦିଭିଃ ।। ୧୬ ।।

ଶିବୈକଭାବନୟା ଲବ୍ଧଶିବତ୍ୱବାନ୍ ଦେଶିକଃ ଶିବଲିଙ୍ଗୈକ୍ୟୋ ଦେହବାନପି ଜୀବନ୍ମୁକ୍ତଃ ସନ୍ ସୂତକାଦିଭିଃ ସୂତକପ୍ରଭୃତିଭିଃ ସ୍ୱାଚାରୈଃ ସ୍ୱେଚ୍ଛାଚାରୈଃ, ନ ଲିପ୍ୟେତେତ୍ୟର୍ଥଃ ।। ୧୬ ।।

– (ଆଚାରସମ୍ପତ୍ତିସ୍ଥଳ ବର୍ଣ୍ଣନ) – 'ଶିବ ହିଁ ଏକ ମାତ୍ର ସତ୍ୟ ଅଟନ୍ତି' – ଏପରି ଭାବନାରେ ଯୁକ୍ତ ତେଣୁ ଶିବତ୍ୱପ୍ରାପ୍ତ ଆଚାର୍ଯ୍ୟ ଶରୀର ଧାରଣ କରିଥିଲେ ମଧ୍ୟ ସୂତକ ଆଦି ନିଜ ସମ୍ପ୍ରଦାୟ ଅଥବା ସମାଜର ଆଚାରରେ ଲିପ୍ତ ହୁଏ ନାହିଁ ଅର୍ଥାତ୍ ଦୂଷିତ ହୁଏ ନାହିଁ ।। ୧୬ ।।

କସ୍ମାଦିତ୍ୟତ୍ରାହ –

ଶିବାଦ୍ୱୈତପରିଜ୍ଞାନେ ସ୍ଥିତେ ସତି ମନସ୍ୱିନାମ୍ ।
କର୍ମଣାଂ କିଂ ନୁ ଭାବ୍ୟଂ ସ୍ୟାଦକୃତେନ କୃତେନ ବା ।। ୧୭ ।।

ମନସ୍ୱିନାଂ ଲିଙ୍ଗୈକ୍ୟନିଷ୍ଠଚିତ୍ତବୃତ୍ତୀନାଂ ଶିବାଦ୍ୱୈତଜ୍ଞାନେ ସ୍ଥିରେ ସତି ଅକୃତେନ କର୍ମଣା ଦୁଷ୍କର୍ମଣା କୃତେନ ବା ସତ୍କର୍ମଣା ବା କିଂ ନୁ ଭାବ୍ୟଂ ସ୍ୟାତ୍, ନ କିଞ୍ଚିଦପି ସ୍ୟାଦିତ୍ୟର୍ଥଃ ।। ୧୭ ।।

– ଶିବାଦ୍ୱୈତର ଜ୍ଞାନ ହେବା ପରେ ମନସ୍ୱୀମାନଙ୍କର ସତ୍କର୍ମ ଅଥବା ଅସତ୍କର୍ମର କୌଣସି ଫଳ ହୁଏ ନାହିଁ ।। ୧୭ ।।

ତତ୍କୃତ ଇତ୍ୟତ୍ରାହ –

ଶମ୍ଭୋରେକତ୍ୱଭାବେନ ସର୍ବତ୍ର ସମଦର୍ଶନଃ ।
କୁର୍ବନ୍ନପି ମହାକର୍ମ ନ ତତ୍ଫଳମବାପ୍ନୁୟାତ୍ ।। ୧୮ ।।

ସର୍ବତ୍ର ସମଦର୍ଶନୋ ଲୋଷ୍ଟାଶ୍ମକାଞ୍ଚନାଦିଷୁ ସର୍ବତ୍ର ସମଦର୍ଶନଃ ଶିବଲିଙ୍ଗୈକ୍ୟଃ ଶମ୍ଭୋରେକତ୍ୱଭାବେନ ଐକ୍ୟଭାବେନ ମହାକର୍ମ ପୁଣ୍ୟପାପରୂପ ମହାକର୍ମ କୁର୍ବନ୍ନପି ତତ୍ଫଳଂ ନାପ୍ନୁୟାତ୍ । ସର୍ବସ୍ୟାପି ଶିବମୟତ୍ୱେନ ଦର୍ଶନାତ୍ ତଲ୍ଲେପୋ ନାସ୍ତୀତି ଭାବଃ ।। ୧୮ ।।

CC-0. Jangamwadi Math Digital Collection.

– (ଜୀବାତ୍ମା ଏବଂ) ଶିବଙ୍କର ଏକତ୍ୱ ଭାବନା ହେତୁ ସର୍ବତ୍ର ଏକ ଏବଂ ତୁଲ୍ୟ ଦୃଷ୍ଟିବାଲା ମହାନ୍ ଅର୍ଥାତ୍ ବଡ଼ ବଡ଼ ସତ୍ ଅଥବା ଅସତ୍ କର୍ମକୁ କରୁଥିଲେ ମଧ୍ୟ ତାହାର ଫଳରେ ଲିପ୍ତ ହୁଏ ନାହିଁ ।। ୧୮ ।।

ସୁକୃତୀ ଦୁଷ୍କୃତୀ ବାପି ବ୍ରାହ୍ମଣୋ ବାନ୍ତ୍ୟଜୋଽପି ବା ।
ଶିବୈକଭାବଯୁକ୍ତାନାଂ ସଦୃଶୋ ଭବତି ଧ୍ରୁବମ୍ ।। ୧୯ ।।

ଶିବୈକଭାବଯୁକ୍ତାନାଂ ସର୍ବତ୍ର ଶିବାଭେଦଜ୍ଞାନଯୁକ୍ତାନାଂ ଶିବଲିଙ୍ଗୈକ୍ୟାନାଂ ସୁକୃତୀ ପୁଣ୍ୟାତ୍ମା ବା ଦୁଷ୍କୃତୀ ପାପାତ୍ମା ବା ବ୍ରାହ୍ମଣୋ ଅନ୍ତ୍ୟଜୋ ବା ଶ୍ୱପଚୋ ବା ସଦୃଶଃ ସମାନୋ ଭବତି ଧ୍ରୁବଂ ନିଶ୍ଚୟଃ ।। ୧୯ ।।

– ପୁଣ୍ୟକର୍ମା ହେଉ ଅଥବା ପାପୀ, ବ୍ରାହ୍ମଣ ହେଉ ଅଥବା ଚଣ୍ଡାଳ, ଶିବୈକଭାବରେ ଯୁକ୍ତ ଯୋଗୀମାନଙ୍କ ପାଇଁ ତାହା ସବୁ ନିଶ୍ଚିତ ଭାବରେ ସମାନ ହୋଇଥାଏ[୧୮୪] ।। ୧୯ ।।

ନନୁ ଶିବଜ୍ଞାନିନାମପି ବର୍ଣ୍ଣାଶ୍ରମପ୍ରାପ୍ତଧର୍ମାଃ କଥଂ ତ୍ୟଜନୀୟା ଇତ୍ୟତ୍ରାହ –

ବର୍ଣ୍ଣାଶ୍ରମସଦାଚାରୈର୍ଜ୍ଞାନିନା କିଂ ପ୍ରୟୋଜନମ୍ ।
ଲୌକିକସ୍ତୁ ସଦାଚାରଃ ଫଳାଭାବେଽପି ଭାବ୍ୟତେ ।। ୨୦ ।।

ବର୍ଣ୍ଣାଶ୍ରମପ୍ରାପ୍ତୈର୍ବ୍ରାହ୍ମଣାଦିବର୍ଣ୍ଣବ୍ରହ୍ମଚର୍ଯ୍ୟାଦ୍ୟାଶ୍ରମପ୍ରାପ୍ତୈଃ ସଦାଚାରୈଃ, ଜ୍ଞାନିନାଂ ଶିବଜ୍ଞାନିନାଂ କିଂ ପ୍ରୟୋଜନଂ ନ କିଞ୍ଚିତ୍ ପ୍ରୟୋଜନମିତ୍ୟର୍ଥଃ । କୁତ ଇତ୍ୟତ୍ରାହ ଲୌକିକସ୍ତୁ ସଦାଚାରୋ ବର୍ଣ୍ଣାଶ୍ରମଗତନିତ୍ୟନୈମିତ୍ତିକ ସଦାଚାରଃ ଫଳାଭାବେଽପି ଭାବ୍ୟତେ ବିଧୀୟତ ଇତ୍ୟର୍ଥଃ ।। ୨୦ ।।

– ଶିବଜ୍ଞାନୀଙ୍କର ଲୌକିକ ବର୍ଣ୍ଣ–ଆଶ୍ରମର ସଦାଚାରର କ'ଣ ଆବଶ୍ୟକତା । (ନିତ୍ୟ, ନୈମିତ୍ତିକ ଆଦି) ଲୌକିକ ସଦାଚାର ଫଳ ନଦେଉ ଥିଲେ ମଧ୍ୟ ସେମାନଙ୍କଦ୍ୱାରା କରାଯାଇଥାଏ ।। ୨୦ ।।

ନନୁ ଜ୍ଞାନିନାମପି ଶରୀରସମ୍ବନ୍ଧସ୍ୟ ବିଦ୍ୟମାନତ୍ୱାତ୍ କଥଂ ତେ ପରିତ୍ୟଜନୀୟାଃ, ଅକରଣେ ପ୍ରତ୍ୟବାୟଶ୍ରବଣାଦିତ୍ୟତ୍ରାହ –

ନିର୍ଦଗ୍ଧକର୍ମବୀଜସ୍ୟ ନିର୍ମଳଜ୍ଞାନବହ୍ନିନା ।
ଦେହିବଦ୍ ଭାସମାନସ୍ୟ ଦେହଯାତ୍ରା ତୁ ଲୌକିକୀ ।। ୨୧ ।।

---

୧୮୪. ତୁଳନା – ଅତ୍ର ପିତାଽପିତା ଭବତି --- ଅନନ୍ୱାଗତଂ ପୁଣ୍ୟେନାନନ୍ୱାଗତଂ ପାପେନ ---- । (ବୃ ଉ., ୪/୩/୨୨)

CC-0. Jangamwadi Math Digital Collection.

ନିର୍ମଳଶିବସଂବିଦ୍ୱହ୍ନିନା ପୁନରୁପୃତ୍ତିଶଙ୍କାଶୂନ୍ୟତ୍ୱେନ ନିତରାମତିଶୟେନ ଦଗ୍ଧପୁଣ୍ୟପାପଲକ୍ଷଣକର୍ମବୀଜବତଃ ଶିବଜ୍ଞାନିନଃ ପ୍ରତ୍ୟବାୟ ସମ୍ବନ୍ଧୋ ନାସ୍ତ୍ୟେବ । ଦଗ୍ଧପଟନ୍ୟାୟେନ ଶରୀରୀବ ଭାସମାନସ୍ୟ ତସ୍ୟ ଦେହଯାତ୍ରା ତୁ କର-ଚରଣସଞ୍ଚାଳନାଦିବ୍ୟବହୃତିଷ୍ଣୁ ଲୌକିକୀ ବିଦେହକୈଷଲ୍ୟପର୍ଯ୍ୟନ୍ତ ମନୁବର୍ତ୍ତତ ଇତ୍ୟସ୍ଥିରେତ୍ୟର୍ଥଃ ।। ୨୧।।

– ନିର୍ମଳ ଜ୍ଞାନରୂପୀ ଅଗ୍ନିରେ ଯାହାର କର୍ମବୀଜ ଦଗ୍ଧ ହୋଇଯାଇଛି, ଦେହୀ ପରି ପ୍ରତୀତ ହୋଇଥିବା ସେହି ଶରୀରଧାରୀଙ୍କର ଦେହଯାତ୍ରା (ଆହାର, ନିଦ୍ରା ଆଦି) ଲୌକିକ ଅର୍ଥାତ୍ ଅନ୍ୟ ଲୋକମାନଙ୍କ ପରି ହୋଇଥାଏ । (କିନ୍ତୁ ସେହି ଯାତ୍ରାରେ ଫଳ ଏବଂ ସଂସ୍କାର ହୁଏ ନାହିଁ ।) ।। ୨୧।।

ଅଥ – 'ତସ୍ୟ ତାବଦେବ ଚିରଂ ଯାବନ୍ନ ବିମୋକ୍ଷ୍ୟେଽଥ ସଂପତ୍ସ୍ୟେ'[୧୮୫] 'ତସ୍ୟ ପୁତ୍ରା ଦାୟମୁପୟନ୍ତି ସୁହୃଦଃ ସାଧୁକୃତ୍ୟାଂ ଦ୍ୱିଷନ୍ତଃ ପାପକୃତ୍ୟାମ' 'ଯଥା ପୁଷ୍କରପଲାଶ ଆପୋ ନ ଶ୍ଲିଷ୍ୟନ୍ତ ଏବମେବବିଦି ପାପଂ କର୍ମ ନ ଶ୍ଲିଷ୍ୟତେ'[୧୮୬] 'ସା ଉତ୍ତମଃ ପୁରୁଷଃ ସ ତନ୍ନ ପର୍ଯ୍ୟେତି'[୧୮୭] ଇତି ଛାନ୍ଦୋଗ୍ୟଶ୍ରୁତ୍ୟନୁସାରେଣାହ –

ଶିବଜ୍ଞାନସମାପନ୍ନସ୍ଥିରବୈରାଗ୍ୟଲକ୍ଷଣଃ ।
ସ୍ୱକର୍ମଣା ନ ଲିପ୍ୟେତ ପଦ୍ମପତ୍ରମିବାମ୍ଭସା ।। ୨୨।।

ଶିବଜ୍ଞାନଲବ୍ଧଦୃଢ଼ବୈରାଗ୍ୟଚିହ୍ନଃ ଶିବଲିଙ୍ଗୈକ୍ୟଃ ସ୍ୱକର୍ମଣା ସ୍ୱେଚ୍ଛାକର୍ମଣା ଅମ୍ଭସା ଜଳେନ ପଦ୍ମପତ୍ରମିବ ନ ଲିପ୍ୟେତ ଇତ୍ୟର୍ଥଃ ।। ୨୨।।

– ଶିବଜ୍ଞାନରେ ଯୁକ୍ତ ସ୍ଥିର ବୈରାଗ୍ୟବାଲା ସାଧକ ନିଜର କର୍ମରେ ସେହିପରି ଲିପ୍ତ ହୁଏ ନାହିଁ, ଯେପରି ଜଳରେ ପଦ୍ମ ପତ୍ର ।। ୨୨।।

'ଯଥା ବାୟୁଃ ସୁଶୀଘ୍ରୋଽପି ମୁକ୍ତ୍ୱାକାଶଂ ନ ଗଚ୍ଛତି' ଇତି ନିଃଶ୍ୱାସ–କାରିକାନୁସାରେଣ ଶିବଲିଙ୍ଗନିଷ୍ଠସ୍ୟ ସର୍ବାପି କ୍ରିୟା ଶିବଲିଙ୍ଗପୂଜାରୂପେତି ପଞ୍ଚଭିଃ ସୂତ୍ରୈଃ ପ୍ରତିପାଦୟତି –

ଗଚ୍ଛଂସ୍ତିଷ୍ଠନ୍ ସ୍ୱପନ୍ ବାପି ଜାଗ୍ରନ୍ ବାପି ମହାମତିଃ ।
ଶିବଜ୍ଞାନସମାଯୋଗାଚ୍ଛିବପୂଜାପରଃ ସଦା ।। ୨୩।।

ମହାମତିଃ ଶିବଲିଙ୍ଗୈକ୍ୟଃ, ଗଚ୍ଛନ୍ ଗମନସମୟେ ତିଷ୍ଠନ୍, ସ୍ଥିତିସମୟେ ସ୍ୱପନ୍ ନିଦ୍ରାସମୟେ ଜାଗ୍ରନ୍, ବିଷୟଦର୍ଶନସମୟେ ସଦା ନିରନ୍ତରଂ ଶିବଜ୍ଞାନସମାଯୋଗାତ୍

---

୧୮୫. ଛା. ଉ., ୬/୧୪/୨
୧୮୬. ଛା. ଉ., ୪/୧୪/୩
୧୮୭. ଛା. ଉ., ୮/୧୨/୩

CC-0. Jangamwadi Math Digital Collection.

ଶିବାନୁସନ୍ଧାନସମ୍ବନ୍ଧାତ୍ ଶିବପୂଜାପରଃ ଲିଙ୍ଗନିଷ୍ଠ ଇତ୍ୟର୍ଥଃ ।। ୨୩।।

– ଚାଲୁଥିବା, ଠିଆ ହୋଇଥିବା, ଶୋଇଥିବା ଅଥବା ଜାଗ୍ରତ ଥିବା ମହାମତିମାନ୍ ଶିବଜ୍ଞାନରେ ସମ୍ବନ୍ଧ ହୋଇଥିବାରୁ ସର୍ବଦା ଶିବପୂଜା କରୁଥାଏ[୧୮୮] ।। ୨୩।।

ନନୁ ବିଷୟଦର୍ଶନସମୟେ କଥଂ ଶିବାନୁସନ୍ଧାନମିତ୍ୟତ୍ରାହ –

ଯଦ୍ୟତ୍ପଶ୍ୟତି ସାମୋଦଂ ବସ୍ତୁ ଲୋକେଷୁ ଦେଶିକଃ ।
ଶିବଦର୍ଶନସମ୍ପତ୍ତିସ୍ତତ୍ର ତତ୍ର ମହାତ୍ମନଃ ।। ୨୪।।

ଦେଶିକଃ ଶିବଲିଙ୍ଗୈକ୍ୟଃ, ଲୋକେଷୁ ଯଦ୍ୟଦ୍ୱସ୍ତୁ ଘଟପଟାଦିକଂ ସାମୋଦଂ ପ୍ରୀତିଯୁକ୍ତଂ ସନ୍ ପଶ୍ୟତି, ତତ୍ର ତତ୍ର ତସ୍ମିସ୍ତସ୍ମିନ୍ ବସ୍ତୁନି ମହାତ୍ମନଃ ଶିବଲିଙ୍ଗୈକ୍ୟସ୍ୟ ଶିବଦର୍ଶନସମ୍ପତ୍ତିଃ ଶିବାଲୋକନସମ୍ପତ୍ତିର୍ଭବେତ୍ ଶିବାତିରେକେଣ ପଦାର୍ଥାନ୍ତରାଭାବାତ୍ ଚିନ୍ମୟତ୍ୱବୁଦ୍ଧିର୍ଭବେଦିତ୍ୟର୍ଥଃ ।। ୨୪।।

– ଶିବଲିଙ୍ଗୈକ ଆଚାର୍ଯ୍ୟ ଏହି ସଂସାରରେ ଆନନ୍ଦର ସହିତ ଯେଉଁ ଯେଉଁ ବସ୍ତୁକୁ ଦେଖେ, ସେ ସବୁରେ ସେହି ମହାତ୍ମାଙ୍କୁ ଶିବ ପ୍ରତୀତ ହୋଇଥାନ୍ତି ।। ୨୪।।

ଅଥ –

ଆତ୍ମା ତ୍ୱଂ ଗିରିଜା ମତିଃ ପରିଚରାଃ ପ୍ରାଣାଃ ଶରୀରଂ ଗୃହଂ
ପୂଜା ତେ ବିଷୟୋପଭୋଗରଚନା ନିଦ୍ରା ସମାଧିସ୍ଥିତିଃ ।
ସଞ୍ଚାରଃ ପଦୟୋଃ ପ୍ରଦକ୍ଷିଣବିଧିଃ ସ୍ତୋତ୍ରାଣି ସର୍ବା ଗିରୋ
ଯଦ୍ୟତ୍ କର୍ମ କରୋମି ତତ୍ତଦଖିଳଂ ଶମ୍ଭୋ ତବାରାଧନମ୍ ।।

ଇତ୍ୟଭିଯୁକ୍ତବଚନାନୁସାରେଣ ତ୍ରିକରଣଶୁଦ୍ଧଶିବଲିଙ୍ଗପୂଜୋପଚାରଂ ତ୍ରିଭିଃ ସୂତ୍ରୈଃ ପ୍ରତିପାଦୟନ୍ ଆଚାରସମ୍ପତ୍ତିସ୍ଥଳଂ ସମାପୟତି –

ଯଦ୍ୟଚ୍ଚିନ୍ତୟତେ ଯୋଗୀ ମନସା ଶୁଦ୍ଧଭାବନଃ ।
ତତ୍ତଚ୍ଛିବମୟତ୍ୱେନ ଶିବଧ୍ୟାନମୁଦାହୃତମ୍ ।। ୨୫।।

ଶୁଦ୍ଧଭାବନୋ ନିର୍ମଳଭାବନାବାନିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୨୫।।

– ଶୁଦ୍ଧଭାବନାବାଲା ଯୋଗୀ ମନରେ ଯାହାର ଯାହାର ଧ୍ୟାନ କରେ, ସେ ସବୁ ଶିବମୟ ହୋଇଥିବାରୁ ଶିବଧ୍ୟାନ କୁହାଯାଏ ।। ୨୫।।

---

୧୮୮. ତୁଳନୀୟ – ଆତ୍ମା ତ୍ୱଂ ଗିରିଜା ମତିଃ ସହଚରାଃ ପ୍ରାଣାଃ ଶରୀରଂ ଗୃହଂ ପୂଜା ତେ ବିଷୟୋପଭୋଗରଚନା ନିଦ୍ରା ସମାଧିସ୍ଥିତିଃ । ସଞ୍ଚାରଃ ପଦୟୋଃ ପ୍ରଦକ୍ଷିଣବିଧିଃ ସ୍ତୋତ୍ରାଣି ସର୍ବା ଗିରଃ ଯଦ୍ୟତ୍ କର୍ମ କରୋମି ତତ୍ତଦଖିଳଂ ଶମ୍ଭୋ ତବାରାଧନମ୍ ।। (ଶି. ମ. ପୁ.)

CC-0. Jangamwadi Math Digital Collection.

ଯତ୍ କିଞ୍ଚିଦ୍ ଭାଷିତଂ ଲୋକେ ସ୍ୱେଚ୍ଛୟା ଶିବଯୋଗିନା ।
ଶିବସ୍ତୋତ୍ରମିଦଂ ସର୍ବଂ ଯସ୍ମାତ୍ ସର୍ବାତ୍ମକଃ ଶିବଃ ।। ୨୬।।

ସ୍ପଷ୍ଟମ୍ ।। ୨୬।।

– ଶିବଯୋଗୀ ସ୍ୱେଚ୍ଛାରେ ଏହି ସଂସାରରେ ଯାହା କିଛି କହେ, ତାହା ସବୁ ଶିବସ୍ତୋତ୍ର ହୋଇଯାଏ କାରଣ ଶିବ ସବୁରେ ବିଦ୍ୟମାନ ଅଛନ୍ତି ।। ୨୬।

ଯା ଯା ଚେଷ୍ଟା ସମୁତ୍ପନ୍ନା ଜାୟତେ ଶିବଯୋଗିନାମ୍ ।
ସା ସା ପୂଜା ମହେଶସ୍ୟ ସର୍ବଦା ତଦ୍‌ଗତାତ୍ମନାମ୍ ।। ୨୭।।

ଶିବଯୋଗିନାଂ ଶିବଲିଙ୍ଗୈକ୍ୟାନାଂ ଯା ଯା ଚେଷ୍ଟା କାୟକ୍ରିୟା ଜାୟତେ, ତଦ୍‌ଗତାତ୍ମନାଂ ଶିବଲିଙ୍ଗେ ତାଦାତ୍ମ୍ୟେନ ପ୍ରବିଷ୍ଟସ୍ୱରୂପବତାଂ ତେଷାଂ ସା ସା କ୍ରିୟା ସର୍ବଦା ମହେଶସ୍ୟ ଶିବଲିଙ୍ଗସ୍ୟ ପୂଜେତ୍ୟର୍ଥଃ ।। ୨୭।।

– ଶିବଯୋଗିମାନଙ୍କର ଯେଉଁ ଯେଉଁ ଚେଷ୍ଟା (ତାଙ୍କ ଶରୀରରେ) ଉତ୍ପନ୍ନହୁଏ, ସେ ସମସ୍ତ ଶିବମୟ ଆତ୍ମାଯୁକ୍ତମାନଙ୍କ ପାଇଁ ସଦାଶିବଙ୍କର ପୂଜା ହୋଇଥାଏ ।। ୨୭।।

ଇତ୍ୟାଚାର ସମ୍ପତ୍ତିସ୍ଥଳମ୍

ଅଥୈକଭାଜନସ୍ଥଳମ୍

ଅଥ – 'ପରେଽବ୍ୟୟେ ସର୍ବ ଏକୀଭବନ୍ତି'[୧୮୯] ଇତି ମୁଣ୍ଡକୋପନିଷଦ୍‌ବଚନାନୁସାରେଣ ସର୍ବାଚାରସମ୍ପତ୍ତିମତଃ ଶିବଲିଙ୍ଗୈକ୍ୟସ୍ୟ ଏକଭାଜନସ୍ଥଳଂ ପଞ୍ଚଭିଃ ସୂତ୍ରୈଃ ପ୍ରତିପାଦୟତି –

ବିଶ୍ୱଂ ଶିବମୟଂ ଚେତି ସଦା ଭାବୟତୋ ଧିୟା ।
ଶିବୈକଭାଜନାତ୍ମତ୍ୱାଦେକଭାଜନମୁଚ୍ୟତେ ।। ୨୮।।

ଲିଙ୍ଗୈକ୍ୟସ୍ୟ ଶିବୈକ୍ୟଭାଜନାତ୍ମତ୍ୱାତ୍ ଶିବୈକାଶୟତ୍ୱାଦ୍ ଏକଭାଜନସ୍ଥଳମିତ୍ୟୁଚ୍ୟତ ଇତ୍ୟର୍ଥଃ ।। ୨୮।।

– (ଏକଭାଜନସ୍ଥଳ ବର୍ଣ୍ଣନ) – 'ଏ ବିଶ୍ୱ ହେଉଛି ଶିବମୟ' – ମନରେ ଏପରି ଭାବନା କରି ଶିବୈକଭାଜନାତ୍ମକ ହେବାକୁ ଏକଭାଜନ କୁହାଯାଏ ।। ୨୮।।

ନନୁ କିମନେନ ଭବତୀତ୍ୟତ୍ରାହ –

ସ୍ୱସ୍ୟ ସର୍ବସ୍ୟ ଲୋକସ୍ୟ ଶିବସ୍ୟାଦ୍ୱୈତଦର୍ଶନାତ୍ ।
ଏକଭାଜନଯୋଗେନ ପ୍ରସାଦୈକ୍ୟମତିର୍ଭବେତ୍ ।। ୨୯।।

---

୧୮୯. ମୁ. ଉ., ୩/୨/୭

CC-0. Jangamwadi Math Digital Collection.

ସ୍ୱସ୍ୟ ସ୍ୱାତ୍ମନଃ ସର୍ବସ୍ୟ ଲୋକସ୍ୟ ସମସ୍ତଜନସ୍ୟ ଅଦ୍ୱୈତଦର୍ଶନାଦ୍ ଅହମିତି ଚିଦୈକ୍ୟଦର୍ଶନାଦ୍ ଏକଭାଜନଯୋଗେନ ଏକକୂଟତ୍ୱେନ ପ୍ରସାଦୈକ୍ୟମତିଃ ଶିବପ୍ରସାଦ ଏବ ସ୍ୱପ୍ରସାଦଃ, ସ୍ୱପ୍ରସାଦ ଏବ ଶିବପ୍ରସାଦଃ, ସ ଏଷ ସ୍ୱାତିରିକ୍ତ ଇବ ଭାସମାନସ୍ୟ ଶିବଭକ୍ତସ୍ୟ ପ୍ରସାଦ ଇତି ପ୍ରସାଦୈକ୍ୟମତିର୍ଭବେଦିତି ଚରମୂର୍ତ୍ତିପାଦୋଦକପ୍ରସାଦାବପି ଶିବସ୍ୟ ସ୍ୱସ୍ୟ ଚ ଯୋଗ୍ୟାବିତି ଭାବଃ ।। ୨୯ ।।

– ନିଜର ସମ୍ପୂର୍ଣ୍ଣ ସଂସାର ତଥା ଶିବଙ୍କୁ ଏକ ଭାବୁଥିବା ଏକ ପାତ୍ର ହେବାରୁ ପ୍ରସାଦବିଷୟିଣୀ ଅଦ୍ୱୈତ ବୁଦ୍ଧି ହୁଏ । ଏହିପରି ଚରମୂର୍ତ୍ତି ଅର୍ଥାତ୍ ଲିଙ୍ଗୈକ୍ୟର ପାଦୋଦକ ଏବଂ ଶିବଲିଙ୍ଗ ସ୍ନାନ କରାଯାଇଥିବା ଜଳ ଉଭୟ ସମାନ ରୂପରେ ଗ୍ରାହ୍ୟ ଅଟନ୍ତି ।। ୨୯ ।।

ନନୁ ଶିବସ୍ୟ ବିଶ୍ୱସ୍ୟୈକରୂପତ୍ୱେ ତୟୋଃ ସ୍ଥିତିଃ କଥମିତ୍ୟତ୍ରାହ –

ଶିବେ ବିଶ୍ୱମିଦଂ ସର୍ବଂ ଶିବଃ ସର୍ବତ୍ର ଭାସତେ ।
ଆଧାରାଧେୟଭାବେନ ଶିବସ୍ୟ ଜଗତଃ ସ୍ଥିତିଃ ।। ୩୦ ।।

ଶିବେ ବିଶ୍ୱଂ ବିଶ୍ୱସ୍ମିନ୍ ଶିବ ଇତି ବୀଜାଙ୍କୁରନ୍ୟାୟେନାଧାରାଧେୟଭାବେନ ସମ୍ବନ୍ଧେନ ସାମରସ୍ୟେନ ଶିବସ୍ୟ ଜଗତଃ ସ୍ଥିତିରିତ୍ୟର୍ଥଃ ।। ୩୦ ।।

– ଏହି ସମସ୍ତ ବିଶ୍ୱ ଶିବ ମଧ୍ୟରେ ଅଛି ଏବଂ ଶିବ ସର୍ବତ୍ର ପ୍ରକାଶମାନ ହୋଇଛନ୍ତି। ଏହିପରି ଶିବ ଏବଂ ସଂସାର ମଧ୍ୟରେ ଆଧାର-ଆଧେୟ ସ୍ଥିତିର ସମ୍ବନ୍ଧ ଅଛି (ଅର୍ଥାତ୍ ଶିବ ଏବଂ ଜଗତ୍ ଉଭୟ ଉଭୟଙ୍କର ଆଧାର ଏବଂ ଆଧେୟ ଅଟନ୍ତି ।) ।। ୩୦ ।।

ଏବଂ ଚିଦେକଭାଜନତାଂ ପ୍ରାପ୍ତସ୍ୟ ମାୟିକଭେଦେନ ପ୍ରୟୋଜନଂ ନାସ୍ତୀତ୍ୟାହ –

ଚିଦେକଭାଜନଂ ଯସ୍ୟ ଚିତ୍ତବୃତ୍ତେଃ ଶିବାତ୍ମକମ୍ ।
ନାନ୍ୟତ୍ ତସ୍ୟ କିମେତେନ ମାୟାମୂଳେନ ବସ୍ତୁନା ।। ୩୧ ।।

ଯସ୍ୟ ଲିଙ୍ଗୈକ୍ୟସ୍ୟ ଚିତ୍ତବୃତ୍ତେର୍ମନୋବ୍ୟାପାରସ୍ୟ ଚିଦ୍ ମନୋବ୍ୟାପାରରୂପା ଜ୍ଞପ୍ତିରେବ ଶିବାତ୍ମକମେକଭାଜନଂ ଶିବସ୍ୱରୂପୈକଭାଜନମ୍, ତସ୍ୟ ମାୟାମୂଳେନ ମାୟାମୂଳକେନ ଏତେନ ଭେଦେନ କିଂ କିଂ ପ୍ରୟୋଜନଂ ନ କିଞ୍ଚିତ୍ ପ୍ରୟୋଜନମିତ୍ୟର୍ଥଃ ।। ୩୧ ।।

– ଯାହାଙ୍କର ଚିତ୍ତବୃତ୍ତି ଶିବାତ୍ମକ ଏବଂ ମାତ୍ର ଚୈତନ୍ୟ ବିଷୟବାଲା, ଅନ୍ୟ ବିଷୟବାଲା ନୁହେଁ, ତାଙ୍କୁ ଏହି ମାୟାମୂଳକ ବସ୍ତୁରେ କ'ଣ ଆବଶ୍ୟକତା ? ।। ୩୧ ।।

ନନ୍ୱିଦଂ ବିଶ୍ୱଂ କଥଂ ଶିବାତ୍ମକମିତ୍ୟତ୍ରାହ –

ଚିଦ୍ ପ୍ରକାଶୟତେ ବିଶ୍ୱଂ ତଦ୍ୱିନା ନାସ୍ତି ବସ୍ତୁ ହି ।
ଚିଦେକନିଷ୍ଠଚିତ୍ତାନାଂ କିଂ ମାୟାପରିକଳ୍ପିତୈଃ ।। ୩୨ ।।

CC-0. Jangamwadi Math Digital Collection.

ଶିବୟୋଗରତୋ ଯୋଗୀ ମୁଚ୍ୟତେ ନାତ୍ର ସଂଶୟଃ ।। ୧୦ ।।

ସର୍ବଦା ଶିବଲିଙ୍ଗପୂଜାସାଧନସାମଗ୍ରୀ ସମ୍ପାଦନରୂପଶିବୟୋଗନିଷ୍ଠଃ ଶିବୟୋଗୀ ମଳମାୟାଦିପାଶମୁକ୍ତୋ ଭବତି । ଅସ୍ମିନ୍ନର୍ଥେ ସଂଶୟୋ ନାସ୍ତୀତ୍ୟର୍ଥଃ ।। ୧୦ ।।

– ଶିବଙ୍କର ପୂଜାସାମଗ୍ରୀ ବ୍ୟବସ୍ଥା କରିବାରେ ସଦା ବ୍ୟସ୍ତ ଚିତ୍ତବାଲା ତଥା ଶିବୟୋଗରେ ନିରନ୍ତର ଯୁକ୍ତ ଯୋଗୀ ମୁକ୍ତ ହୋଇଥାଏ, ଏଥିରେ ସନ୍ଦେହ ନାହିଁ ।। ୧୦ ।।

ନନୁ – 'ଜ୍ଞାନାଦେବ ତୁ କୈବଲ୍ୟମ୍' ଇତ୍ୟାଦିବଚନୈର୍ଜ୍ଞାନସ୍ୟୈବ ମୋକ୍ଷସାଧତ୍ୱଂ ପ୍ରତୀୟତେ, ନ କର୍ମଣ ଇତ୍ୟାଶଙ୍କ୍ୟ –

ନ କ୍ରିୟାରହିତଂ ଜ୍ଞାନଂ ନ ଜ୍ଞାନରହିତା କ୍ରିୟା ।
ଅପଶ୍ୟନ୍ନନ୍ଧକୋ ଦଗ୍ଧୋଽଦଗଚ୍ଛନ୍ ପଙ୍ଗୁଶ୍ଚ ଦହ୍ୟତେ ।।

ଇତି ଶିବରହସ୍ୟବଚନାନୁସାରେଣ ସମାଧତେ –

ଅନ୍ଧପଙ୍ଗୁବଦନ୍ୟୋଽନ୍ୟସାପେକ୍ଷେ ଜ୍ଞାନକର୍ମଣୀ ।
ଫଲୌପୃପ୍ତୌ ବିରକ୍ତସ୍ୟ ତସ୍ମାତ୍ ତଦ୍ଦ୍ୱୟମାଚରେତ୍ ।। ୧୧ ।।

ଜ୍ଞାନକର୍ମଣୀ ଜ୍ଞାନକ୍ରିୟେ ଅନ୍ଧପଙ୍ଗୁବଦନ୍ୟୋନ୍ୟସାପେକ୍ଷେ ଇତି ତଦ୍ଦ୍ୱୟଂ ଜ୍ଞାନକ୍ରିୟା–ଦ୍ୱୟମ୍ । ତସ୍ମାତ୍ ଫଳୋପୃପ୍ତୌ ପରାପରମୁକ୍ତିରୂପଫଳୋପୃପ୍ତୌ ବିରକ୍ତ ଆଚରେଦିତ୍ୟର୍ଥଃ ।। ୧୧ ।।

CC-0. Jangamwadi Math Digital Collection.

– ଅନ୍ଧ ଏବଂ ପଙ୍ଗୁ ପରି ଜ୍ଞାନ ଓ କର୍ମ ପରସ୍ପର ସାପେକ୍ଷ ଅଟନ୍ତି । ଏଥିପାଇଁ ଫଳର ଉତ୍ପତ୍ତିରେ ଅନାସକ୍ତ ହୋଇ ଯୋଗୀ ଏହି ଦୁଇଟି କରିବା ଉଚିତ୍ ।। ୧୧ ।।

ନନୁ ସିଦ୍ଧଜ୍ଞାନିନାଂ କର୍ମଣା ପ୍ରୟୋଜନଂ ନାସ୍ତୀତ୍ୟତ୍ରାହ –

ଜ୍ଞାନେ ସିଦ୍ଧେଽପି ବିଦୁଷାଂ କର୍ମାପି ବିନିଯୁଜ୍ୟତେ ।
ଫଳାଭିସନ୍ଧିରହିତଂ ତସ୍ମାତ୍ କର୍ମ ନ ସନ୍ତ୍ୟଜେତ୍ ।। ୧୨ ।।

'ନ କର୍ମଣା' ଇତି ଶ୍ରୁତେଃ କାମ୍ୟକର୍ମପରତ୍ୱାଦ୍ ବିଦୁଷାଂ ଜ୍ଞାନେ ସିଦ୍ଧେଽପି ବେଦାନ୍ତେଷ୍ୱଗ୍ନିହୋତ୍ରବତ୍ ଫଳାପେକ୍ଷାରହିତଂ କର୍ମ ବିଧୀୟତ ଏବ, ତତ୍ତଦାଶ୍ରମବିହିତ କର୍ମପରିତ୍ୟାଗେ ପତିତ୍ୟାତ୍ –

ଜ୍ଞାନଂ ପ୍ରଧାନଂ ନ ତୁ କର୍ମହୀନଂ
କର୍ମ ପ୍ରଧାନଂ ନ ତୁ ଚିଦ୍ୱିହୀନମ୍ ।
ତସ୍ମାଦ୍ ଦ୍ୱୟୋରେବ ଭବେତ୍
ପ୍ରସିଦ୍ଧିର୍ନହ୍ୟେକପକ୍ଷୋ ବିହଗଃ ପ୍ରଯାତି ।।

ଇତ୍ୟଭିଯୁକ୍ତୋକ୍ତେଶ୍ଚ ନିଷ୍କାମକର୍ମାନୁଷ୍ଠାନଂ ନ ସନ୍ତ୍ୟଜେଦିତ୍ୟର୍ଥଃ ।। ୧୨ ।।

– ବିଦ୍ୱାନ୍ ଅର୍ଥାତ୍ ଜ୍ଞାନୀଲୋକଙ୍କର ଜ୍ଞାନ ସିଦ୍ଧ ଅର୍ଥାତ୍ ପ୍ରାପ୍ତ ହେବା ପରେ ମଧ୍ୟ କର୍ମ କରିବାକୁ ପଡ଼ିଥାଏ । ଏଥିପାଇଁ ଯଦିଓ ଫଳର ଇଚ୍ଛାରୁ ରହିତ ହୁଅ, ତଥାପି କର୍ମ ତ୍ୟାଗ କରିବା ଉଚିତ୍ ନୁହେଁ ।। ୧୨ ।।

ଆଚାରସ୍ୟାଧିକ୍ୟଂ ପ୍ରତିପାଦୟତି –

ଆଚାର ଏବ ସର୍ବେଷାମଲଙ୍କାରାୟ କଲ୍ପ୍ୟତେ ।
ଆଚାରହୀନଃ ପୁରୁଷୋ ଲୋକେ ଭବତି ନିନ୍ଦିତଃ ।। ୧୩ ।।

ସ୍ପଷ୍ଟମ୍ ।। ୧୩ ।।

– ଆଚାର ହିଁ ସମସ୍ତଙ୍କର ଅଳଙ୍କାର ହୋଇଥାଏ । ଆଚାରହୀନ ପୁରୁଷଲୋକରେ ନିନ୍ଦାର ପାତ୍ର ହୋଇଥାଏ ।। ୧୩ ।।

ତସ୍ମାତ୍ ସତ୍କର୍ମାଚରଣବାନ୍ ଭବେଦିତ୍ୟୁକ୍ତ୍ୱା କ୍ରିୟାଗମସ୍ଥଳଂ ସମାପୟତି –

ଜ୍ଞାନେନାଚାରଯୁକ୍ତେନ ପ୍ରସୀଦତି ମହେଶ୍ୱରଃ ।
ତସ୍ମାଦାଚାରବାନ୍ ଜ୍ଞାନୀ ଭବେଦାଦେହପାତନମ୍ ।। ୧୪ ।।

ସ୍ପଷ୍ଟମ୍ ।। ୧୪ ।।

– ସଦାଚାରଯୁକ୍ତ ଜ୍ଞାନଦ୍ୱାରା ମହେଶ୍ୱର ପ୍ରସନ୍ନ ହୁଅନ୍ତି । ତେଣୁ ଜ୍ଞାନୀ ଶରୀରର ମୃତ୍ୟୁ ପର୍ଯ୍ୟନ୍ତ ଆଚାରବାନ୍ ହେବା ଉଚିତ୍ ।। ୧୪ ।।

ଇତି କ୍ରିୟାଗମସ୍ଥଳମ୍

CC-0. Jangamwadi Math Digital Collection.

ଅଥ ଭାବାଗମସ୍ଥଳମ୍

ଅଥ – 'ଯଂ ଯଥୋପାସତେ ତଦେବ ଭବତି ଯଦ୍‌ଭାବଂ ତଦ୍ ଭବତି ଯଥାକାରି ତଥାଚାରି ତଥା ଭବତି' ଇତି ବୃହଦାରଣ୍ୟକଶ୍ରୁତେଃ, 'ଶିବଭାବାନୁସନ୍ଧାନାଚ୍ଛିବୋ ଭାବେ ପ୍ରକାଶତେ' ଇତି ଯୋଗଜାଗମସ୍ଥିତେଶ୍ଚ ନିଷ୍କାମକର୍ମାନୁଷ୍ଠାନବତୋ ବିରକ୍ତସ୍ୟ ଭାବଚିହ୍ନମେବ ଭାବାଗମସ୍ଥଳମିତି ନିରୂପୟତି –

ଭାବଚିହ୍ନାନି ବିଦୁଷୋ ଯାନି ସନ୍ତି ବିରାଗିଣଃ ।
ତାନି ଭାବାଗମତ୍ୱେନ ବର୍ତ୍ତନ୍ତେ ସର୍ବଦେହିନାମ୍ ।। ୧୫ ।।

ବିରାଗିଣଃ ଅସତ୍‌କ୍ରିୟାଫଳବିରକ୍ତସ୍ୟ ବିଦୁଷୋ ଜ୍ଞାନିନଃ ଶିବଯୋଗିନଃ, ଯାନି ଭାବଚିହ୍ନାନି ସନ୍ତି, ତାନି ସର୍ବଦେହିନାଂ ପ୍ରାକୃତାନାଂ ଭାବାଗମତ୍ୱେନ ବର୍ତ୍ତନ୍ତ ଇତ୍ୟର୍ଥଃ ।। ୧୫ ।।

– (ଭାବାଗମସ୍ଥଳ ବର୍ଣ୍ଣନ) – ବୈରାଗ୍ୟଯୁକ୍ତ ବିଦ୍ୱାନ୍‌ଙ୍କର ଯେଉଁ ଭାବଚିହ୍ନ ଥାଏ, ତାହା ହିଁ ସମସ୍ତ ସାମାନ୍ୟ ଲୋକଙ୍କର ଭାବାଗମ ଅର୍ଥାତ୍ ଭାବରୂପୀ ଆଗମଶାସ୍ତ୍ର ରୂପରେ ପ୍ରମାଣ ହୋଇଥାଏ ।। ୧୫ ।।

ଅଥ ପୂର୍ବୋକ୍ତଜ୍ଞାନାଚାରାପେକ୍ଷୟା ଭାବ ଏବ ବିଶିଷ୍ଟ ଇତି ସୂତ୍ର ଦ୍ୱୟେନ କଥୟତି –

ଶିବୋଽହମିତି ଭାବୋଽପି ଶିବତାପତ୍ତିକାରଣମ୍ ।
ନ ଜ୍ଞାନମାତ୍ରଂ ନାଚାରୋ ଭାବଯୁକ୍ତଃ ଶିବୋ ଭବେତ୍ ।। ୧୬ ।।

ଶିବୋଽହମିତି ଭାବଃ ଶିବତ୍ୱପ୍ରାପ୍ତିକାରଣମ୍, ଜ୍ଞାନମାତ୍ରଂ ନ, ଶିବତାପତ୍ତିକାରଣଂ ନ ଭବତୀତ୍ୟର୍ଥଃ । ଆଚାରଃ କେବଳସତ୍‌କ୍ରିୟାଚାରୋଽପି ନ, ଶିବତ୍ୱପ୍ରାପ୍ତିକାରଣଂ ନ, କିନ୍ତୁ ଭାବଯୁକ୍ତଃ ଶିବୋଽହମିତି ଭାବେନ ସଂଯୁକ୍ତ ଏବ ଶିବଃ ଶିବସ୍ୱରୂପୋ ଭବେଦିତ୍ୟର୍ଥଃ ।। ୧୬ ।।

– ଶିବୋଽହମ୍ (ମୁଁ ଶିବ ଅଟେ) ଏହି ଭାବ ମଧ୍ୟ ଶିବତ୍ୱ ପ୍ରାପ୍ତିର କାରଣ ହୋଇଥାଏ । କେବଳ ଜ୍ଞାନ ଅଥବା କେବଳ ଆଚାର ଯୁକ୍ତ ନୁହଁ, ବରଂ କେବଳ ଭାବଯୁକ୍ତ ଭକ୍ତ ଶିବ ହୋଇପାରେ ।। ୧୬ ।।

ନନୁ ଜ୍ଞାନଭାବୟୋଃ କୋ ଭେଦ ଇତ୍ୟତ୍ରାହ –

ଜ୍ଞାନଂ ବସ୍ତୁପରିଚ୍ଛେଦୋ ଧ୍ୟାନଂ ତଦ୍‌ଭାବକାରଣମ୍ ।
ତସ୍ମାଦ୍ ଜ୍ଞାତେ ମହାଦେବେ ଧ୍ୟାନଯୁକ୍ତୋ ଭବେତ୍ ସୁଧୀଃ ।। ୧୭ ।।

ବସ୍ତୁପରିଚ୍ଛେଦ ଇଦମେତାଦୃଶମିତି ବସ୍ତୁସ୍ୱରୂପ ନିର୍ଣ୍ଣାୟକଂ ଜ୍ଞାନମ୍, ତଦ୍‌ଭାବକାରଣଂ ନିର୍ଣ୍ଣୀତସ୍ୟ ବସ୍ତୁନୋ ଭାବସ୍ୟ ଧର୍ମଲାଭସ୍ୟ କାରଣଂ ଧ୍ୟାନଂ ତଦେବାହମିତି ମନନମ୍। ତସ୍ମାତ୍ ଶିବେ ଜ୍ଞାତେ ସତି ସୁଧୀଃ ସୁଜ୍ଞାନୀ ଧ୍ୟାନଯୁକ୍ତୋ ଭାବେନ ସଂଯୁକ୍ତୋ ଭବେତ୍ ସ୍ୟାଦିତ୍ୟର୍ଥଃ ।। ୧୭ ।।

CC-0. Jangamwadi Math Digital Collection.

– ଜ୍ଞାନ ବସ୍ତୁର ପରିଚ୍ଛେଦ ଅର୍ଥାତ୍ ତାହାର ବାସ୍ତବିକ ସ୍ୱରୂପର ନିର୍ଣ୍ଣାୟକ ହୋଇଥାଏ । ଧ୍ୟାନ ସେହି ଭାବର କାରଣ ଅଟେ । ତେଣୁ ମହାଦେବଙ୍କର ଜ୍ଞାନ ହେବା ପରେ ବିଦ୍ୱାନ୍ ଶିବଧ୍ୟାନରେ ଯୁକ୍ତ ହେବା ଉଚିତ୍ ।। ୧୭ ।।

ଅଥ କଥଂ ଭାବୟେଦିତ୍ୟତ୍ରାହ –

ଅନ୍ତର୍ବହିଶ୍ଚ ସର୍ବତ୍ର ପରିପୂର୍ଣ୍ଣଂ ମହେଶ୍ୱରମ୍ ।
ଭାବୟେତ୍ ପରମାନନ୍ଦଲବ୍ଧୟେ ପଣ୍ଡିତୋତ୍ତମଃ ।। ୧୮ ।।

ଅନ୍ତର୍ବହିଶ୍ଚ ଶରୀରାନ୍ତର୍ବହିଶ୍ଚେତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୧୮ ।।

– ଉତ୍ତମ ପଣ୍ଡିତ ପରମାନନ୍ଦ ପ୍ରାପ୍ତ କରିବା ପାଇଁ ଶରୀର ଭିତରେ ଓ ବାହାରେ ସର୍ବତ୍ର ପରିପୂର୍ଣ୍ଣ ମହେଶ୍ୱରଙ୍କର ଧ୍ୟାନ ଓ ତାଙ୍କର ଭାବନା କରିବା ଉଚିତ୍ ।। ୧୮ ।।

ଅଥ ସା କ୍ରିୟାପୂଜା ଭାବରହିତା ଚେଦ୍ ବୃଥେତି ସଦୃଷ୍ଟାନ୍ତଂ ସୂତ୍ରଦ୍ୱୟେନାହ –

ଅର୍ଥହୀନା ଯଥା ବାଣୀ ପତିହୀନା ଯଥା ସତୀ ।
ଶ୍ରୁତିହୀନା ଯଥା ବୁଦ୍ଧିର୍ଭାବହୀନା ତଥା କ୍ରିୟା ।। ୧୯ ।।

ଶ୍ରୁତିହୀନା ବେଦଶ୍ରୁତିସମ୍ମତିରହିତା ବୁଦ୍ଧିର୍ଜ୍ଞାନମିତ୍ୟର୍ଥଃ ।। ୧୯ ।।

– ଯେପରି ଅର୍ଥହୀନ ବାଣୀ, ପତିହୀନ ସତୀ ସ୍ତ୍ରୀ, ବେଦଜ୍ଞାନ ରହିତ ବୁଦ୍ଧି ସେହିପରି ଶିବଭାବନା ରହିତ କ୍ରିୟା ବ୍ୟର୍ଥ ଅଟେ ।। ୧୯ ।।

ଚକ୍ଷୁର୍ହୀନୋ ଯଥା ରୂପଂ ନ କିଞ୍ଚିଦ୍ୱୀକ୍ଷିତୁଂ କ୍ଷମଃ ।
ଭାବହୀନସ୍ତଥା ଯୋଗୀ ନ ଶିବଂ ଦ୍ରଷ୍ଟୁମୀଶ୍ୱରଃ ।। ୨୦ ।।

ଈଶ୍ୱରଃ ସମର୍ଥ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୨୦ ।।

– ଯେପରି ଚକ୍ଷୁ ବିହନୀ ମନୁଷ୍ୟ କିଛି ଦେଖିବାକୁ ସମର୍ଥ ହୋଇ ନଥାଏ, ସେହିପରି ଭାବହୀନ ଯୋଗୀ ଶିବଙ୍କର ସାକ୍ଷାତ୍କାର କରିବାରେ ସମର୍ଥ ହୋଇନଥାଏ ।। ୨୦ ।।

ଭାବଶୁଦ୍ଧେନ ମନସା ପୂଜୟେତ୍ ପରମେଷ୍ଠିନମ୍ ।
ଭାବହୀନାଂ ନ ଗୃହ୍ଣାତି ପୂଜାଂ ସୁମହତୀମପି ।। ୨୧ ।।

ଭାବଶୁଦ୍ଧେନ ଧ୍ୟାନଶୁଦ୍ଧେନେତ୍ୟର୍ଥଃ । ସଃ ସ ପରମେଶ୍ୱର ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୨୧ ।।

– ତେଣୁ ମନୁଷ୍ୟ ଶୁଦ୍ଧ ଭାବ ଯୁକ୍ତ ମନଦ୍ୱାରା ପରମେଶ୍ୱର ଶିବଙ୍କର ପୂଜା କରିବା ଉଚିତ୍ । ଭାବହୀନ ବିଶିଷ୍ଟ ପୂଜାର ପରମେଶ୍ୱର ସ୍ୱୀକାର କରନ୍ତି ନାହିଁ ।। ୨୧ ।।

CC-0. Jangamwadi Math Digital Collection.

ଅଥ –

ଭ୍ରମଦ୍‌ଭ୍ରମରଚିନ୍ତାୟାଂ କୀଟୋଽପି ଭ୍ରମରାୟତେ ।
ଶିବଚିନ୍ତାସମାକ୍ରାନ୍ତଃ ଶିବରୂପୀ ଭବେଦ୍ ଧ୍ରୁବମ୍ ।।

ଇତି ବୀରାଗମବଚନାନୁସାରେଣ ଭାବମହତ୍ତ୍ୱଂ ପ୍ରକାଶୟତି –

ନୈରନ୍ତର୍ଯ୍ୟେଣ ସମ୍ପନ୍ନେଭାବେ ଧ୍ୟାତୁଂ ଶିବଂ ପ୍ରତି ।
ତଦ୍ ଭାବୋ ଜାୟତେ ଯଦ୍ୱଦ୍ କ୍ରିମେଃ କୀଟସ୍ୟ ଚିନ୍ତନାତ୍ ।। ୨୨ ।।

କ୍ରିମେଃ କୀଟସ୍ୟ ଭ୍ରମରସ୍ୟ ଚିନ୍ତନାଦ୍ ଯଦ୍ୱଦ୍ ଯଥା ତଦ୍‌ଭାବୋ ଭ୍ରମରକୀଟଭାବୋ ଜାୟତେ, ତଥା ଭାବେ ଚିତ୍ତେ ଚିତ୍ତବିଶିଷ୍ଟେ ଶିବଂ ଧ୍ୟାତୁଂ ନୈରନ୍ତର୍ଯ୍ୟେଣ ସମ୍ପନ୍ନେ ସତି ତଦ୍‌ଭାବଃ ଶିବସ୍ୱରୂପ ଏବ ଜାୟତେ, ଶିବଂ ପ୍ରତୀୟତ ଇତ୍ୟର୍ଥଃ ।। ୨୨ ।।

– ଯେପରି କୃମି ଭ୍ରମରର ଚିନ୍ତା କରି କରି ଭ୍ରମର ହୋଇଥାଏ, ସେପରି ଶିବଙ୍କର ଧ୍ୟାନରେ ନିରନ୍ତର ଭାବରେ ଯୁକ୍ତ ଯୋଗୀ ମଧ୍ୟ ଶିବ ହୋଇଯାଏ ।। ୨୨ ।।

ଅଥ ନିଷ୍କଳଶିବଚିନ୍ତନେ ଯଦ୍ୟସମର୍ଥଃ, ତଦ୍ୱିଭୂତିଂ ବା ଚିନ୍ତୟେଦିତ୍ୟୁକ୍ତ୍ୱା ଭାବାଗମସ୍ଥଳଂ ସମାପୟତି –

ନିଷ୍କଳଙ୍କଂ ନିରାକାରଂ ପରବ୍ରହ୍ମ ଶିବଭିଧମ୍ ।
ନିର୍ଧ୍ୟାତୁମସମର୍ଥୋଽପି ତଦ୍ୱିଭୂତିଂ ବିଭାବୟେତ୍ ।। ୨୩ ।।

ତଦ୍ୱିଭୂତିଂ ସର୍ବଜ୍ଞତ୍ୱାଦିମହଦୈଶ୍ୱର୍ଯ୍ୟମିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୨୩ ।।

– ଯଦି କୌଣସି ଭକ୍ତ ଶିବ ନାମକ ନିଷ୍କଳଙ୍କ ନିରାକାର ପରବ୍ରହ୍ମଙ୍କର ଧ୍ୟାନ କରିବାରେ ସମର୍ଥ ନହୁଏ, ତେବେ ମଧ୍ୟ ସେହି ଶିବଙ୍କର ସର୍ବଜ୍ଞତା ଆଦି ଐଶ୍ୱର୍ଯ୍ୟର ଧ୍ୟାନ କରିବା ଉଚିତ୍ ।। ୨୩ ।।

ଇତି ଭାବାଗମସ୍ଥଳମ୍

ଅଥ ଜ୍ଞାନାଗମସ୍ଥଳମ୍

ଅଥ – 'ଜ୍ଞାନୀ ବିଜ୍ଞାନତତ୍ପରଃ' ଇତ୍ୟମୃତବିନ୍ଦୁଶ୍ରୁତେ, 'ଜ୍ଞାନମେତଚ୍ଛୈବସଂସ୍ଥମ୍' ଇତି ପତିପରାତନ୍ତ୍ରବଚନାଚ୍ଚ ତଦ୍‌ଭାବାଗମସମ୍ପନ୍ନସ୍ୟ ପରଯୋଗିନୋ ଜ୍ଞାନଚିହ୍ନମେବ ଜ୍ଞାନାଗମସ୍ଥଳମିତି ପ୍ରତିପାଦୟତି –

ପରସ୍ୟ ଜ୍ଞାନଚିହ୍ନାନି ଯାନି ସନ୍ତି ଶରୀରିଣାମ୍ ।
ତାନି ଜ୍ଞାନାଗମତ୍ୱେନ ପ୍ରବର୍ତ୍ତନ୍ତେ ବିମୁକ୍ତୟେ ।। ୨୪ ।।

CC-0. Jangamwadi Math Digital Collection.

ପରସ୍ୟ ଭାବାଗମସମ୍ପନ୍ନସ୍ୟ ପରମଶିବଯୋଗିନୋ ଜ୍ଞାନଚିହ୍ନାନ୍ୟେବ ପ୍ରାକୃତାନାଂ ପଶୁଜନାନାଂ ବିମୁକ୍ତୟେ ତଦ୍‌ଗତୟେ ଜ୍ଞାନାଗମତ୍ୱେନ ପ୍ରବର୍ତ୍ତନ୍ତ ଇତ୍ୟର୍ଥଃ ।। ୨୪ ।।

– (ଜ୍ଞାନାଗମସ୍ଥଳ ବର୍ଣ୍ଣନ) – ପର ଅର୍ଥାତ୍ ଭାବାଗମ ସମ୍ପନ୍ନ ଜ୍ଞାନଯୋଗୀର ଯେଉଁ ଜ୍ଞାନଚିହ୍ନ ଥାଏ, ସେହିସବୁ ସାମାନ୍ୟ ଦେହଧାରୀମାନଙ୍କ ପାଇଁ ମୋକ୍ଷାର୍ଥ ଜ୍ଞାନାଗମ ଭାବରେ ବ୍ୟବହୃତ ହୋଇଥାଏ ।। ୨୪ ।।

ଅଥ – 'ଯଥେହ କର୍ମଚିତୋ ଲୋକଃ କ୍ଷୀୟତେ, ଏବମେବାମୁତ୍ର ପୁଣ୍ୟଚିତୋ ଲୋକଃ କ୍ଷୀୟତେ'[୨୦୨] 'ଜ୍ଞାତ୍ୱା ଦେବଂ ମୃତ୍ୟୁପାଶାତ୍ ଛିନତ୍ତି'[୨୦୩] ଇତି ଶ୍ରୁତ୍ୟନୁସାରେଣ ପୂର୍ବୋକ୍ତକେବଳଭାବକର୍ମଭ୍ୟାଂ ଫଳଂ ନାସ୍ତୀତ୍ୟୁକ୍ତ୍ୱା ଜ୍ଞାନମେବ ପଞ୍ଚଭିଃ ସୂତ୍ରୈର୍ବିଶେଷୟତି –

ଭାବେନ କିଂ ଫଳଂ ପୁସାଂ କର୍ମଣାଂ ବା କିମିଷ୍ୟତେ ।
ଭାବକର୍ମସମାଯୁକ୍ତଂ ଜ୍ଞାନମେବ ବିମୁକ୍ତିଦମ୍ ।। ୨୫ ।।

ଅହଂ ବ୍ରହ୍ମାସ୍ମୀତ୍ୟପରୋକ୍ଷଜ୍ଞାନଂ ଜ୍ଞାନମିତ୍ୟର୍ଥଃ । ଶିଷ୍ଟଂ ସ୍ୱଷ୍ଟମ୍ ।। ୨୫ ।।

– କେବଳ ଭାବଦ୍ୱାରା ମନୁଷ୍ୟଙ୍କୁ କିଛି ଫଳ ମିଳିବ ନାହିଁ । କେବଳ କର୍ମଦ୍ୱାରା ମଧ୍ୟ କିଛି ଲାଭ ନାହିଁ । ଭାବ ଏବଂ କର୍ମ ଉଭୟରେ ଯୁକ୍ତ ଜ୍ଞାନ ହିଁ ମୋକ୍ଷଦାୟକ ହୋଇଥାଏ ।। ୨୫ ।।

କେବଳଂ କର୍ମମାତ୍ରେଣ ଜନ୍ମକୋଟିଶତୈରପି ।
ନାତ୍ମନାଂ ଜାୟତେ ମୁକ୍ତିର୍ଜ୍ଞାନଂ ମୁକ୍ତେର୍ହି କାରଣମ୍ ।। ୨୬ ।।

ହି 'ନ କର୍ମଣା'[୨୦୪] ଇତି 'ତରତି ଶୋକମାତ୍ମବିତ୍'[୨୦୫] ଇତ୍ୟାଦି ବହୁସୁତ୍ୟାଦି-ପ୍ରସିଦ୍ଧୋଦ୍ଧୟମର୍ଥଃ । ଶିଷ୍ଟଂ ସ୍ୱଷ୍ଟମ୍ ।। ୨୬ ।।

– କେବଳ କର୍ମଦ୍ୱାରା କୋଟି କୋଟି ଜନ୍ମରେ ମଧ୍ୟ ଆତ୍ମାର ମୁକ୍ତି ହୋଇ ନଥାଏ ଜ୍ଞାନ ହିଁ ମୁକ୍ତିର ଏକମାତ୍ର କାରଣ ଅଟେ ।। ୨୬ ।।

ଅଥ କର୍ମଣା ମୁକ୍ତିର୍ନାସ୍ତୀତ୍ୟେଦେବ ନ, କିନ୍ତୁ କର୍ମ ଜ୍ଞାନହୀନଂ ଚେତ୍ ପୁନଃ ସଂସାରକାରଣମିତ୍ୟାହ –

ଜ୍ଞାନହୀନଂ ସଦା କର୍ମ ପୁଂସାଂ ସଂସାରକାରଣମ୍ ।
ତଦେବ ଜ୍ଞାନଯୋଗେନ ସଂସାରବିନିବର୍ତକମ୍ ।। ୨୭ ।।

---

୨୦୨. ଛା. ଉ., ୮/୧/୬

୨୦୩. ତୁଳନୀୟ – ଜ୍ଞାତ୍ୱା ଦେବଂ ସର୍ବପାଶାପହାନିଃ (ଶ୍ୱେ. ଉ., ୧/୧୧)

୨୦୪. କୈ. ଉ., ୩

୨୦୫. ଛା. ଉ., ୭/୧/୩

CC-0. Jangamwadi Math Digital Collection.

ସ୍ୱଷ୍ଟମ୍ ।। ୨୭।।

– ପୁରୁଷମାନଙ୍କର ଜ୍ଞାନହୀନ କର୍ମ ସଦା ସଂସାର ଅର୍ଥାତ୍ ପୁନର୍ଜନ୍ମର କାରଣ ହୋଇଥାଏ । ସେହି କର୍ମ ଜ୍ଞାନଯୁକ୍ତ ହେଲେ ସଂସାରର ବିନିବର୍ତ୍ତକ ଅର୍ଥାତ୍ ମୋକ୍ଷପ୍ରଦ ହୋଇଥାଏ ।। ୨୭।।

ଅଥ ଜ୍ଞାନହୀନଂ କର୍ମ କଥଂ ପୁନଃ ସଂସାରକାରଣମିତ୍ୟତ୍ରାହ –

ଫଳଂ କ୍ରିୟାବତାଂ ପୁଂସାଂ ସ୍ୱର୍ଗାଦ୍ୟଂ ନଶ୍ୱରଂ ଯତଃ ।
ତସ୍ମାତ୍ ସ୍ଥାୟିଫଳପ୍ରାପ୍ତ୍ୟୈ ଜ୍ଞାନମେବ ସମଭ୍ୟସେତ୍ ।। ୨୮ ।।

'ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂ ବିଶାଳଂ କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି'[୨୦୬] ଇତ୍ୟାଦିବଚନବଳାତ୍ କେବଳକ୍ରିୟାନିଷ୍ଠାନାଂ ପୁଂସାଂ ସ୍ୱର୍ଗାଦ୍ୟଂ ଫଳଂ ନଶ୍ୱରଂ ନାଶଶୀଳମ୍, ତସ୍ମାତ୍ ସ୍ଥାୟିମୋକ୍ଷଫଳପ୍ରାପ୍ତ୍ୟୈ ଜ୍ଞାନମେବ ସମ୍ୟଗଭ୍ୟସେଦିତ୍ୟର୍ଥଃ ।। ୨୮ ।।

– ଯେହେତୁ କ୍ରିୟାବାନ୍ ପୁରୁଷମାନଙ୍କର ଅର୍ଥାତ୍ ମନୁଷ୍ୟମାନଙ୍କର କ୍ରିୟାଦ୍ୱାରା ପ୍ରାପ୍ତ ସ୍ୱର୍ଗ ଆଦି ଫଳ ନଶ୍ୱର ହୋଇଥାଏ, ତେଣୁ ସ୍ଥାୟୀ ଅର୍ଥାତ୍ ଅନଶ୍ୱର ଫଳର ପ୍ରାପ୍ତି ପାଇଁ ଜ୍ଞାନର ଅଭ୍ୟାସ କରିବା ଉଚିତ୍ ।। ୨୮ ।।

ନନୁ ତଜ୍ଜ୍ଞାନଂ କଥମଭ୍ୟସନୀୟମିତ୍ୟତ୍ରାହ –

ଶାସ୍ତ୍ରାଭ୍ୟାସାଦିଯତ୍ନେନ ସଦ୍‌ଗୁରୋରୁପଦେଶତଃ ।
ଜ୍ଞାନମେବ ସମଭ୍ୟସ୍ୟେତ୍ କିମନ୍ୟେନ ପ୍ରୟୋଜନମ୍ ।। ୨୯ ।।

ଶାସ୍ତ୍ରାଭ୍ୟାସାଦିଯତ୍ନେନ ନିଗମାଗମଶିରଃ ସିଦ୍ଧବୀରଶୈବଶାସ୍ତ୍ରାଭ୍ୟାସାଦିପ୍ରଯତ୍ନେନ ସଦ୍‌ଗୁରୋରୁପଦେଶତୋଽନୁଗ୍ରହାଦ୍ ଜ୍ଞାନମେବ ଶିବଜ୍ଞାନମେବ ସମଭ୍ୟସ୍ୟେତ୍ ସମ୍ୟଗଭ୍ୟାସଂ କୁର୍ଯ୍ୟାତ୍ । ଅନ୍ୟେନ ପାଶବହବିର୍ଭକ୍ଷଣୋପଯୁକ୍ତପୂର୍ବମୀମାଂସାଦିଶାସ୍ତ୍ରେଣ କିଂ ପ୍ରୟୋଜନମ୍ ? ନ କିଞ୍ଚିତ୍ ପ୍ରୟୋଜନମିତ୍ୟର୍ଥଃ ।। ୨୯ ।।

– ଶାସ୍ତ୍ରମାନଙ୍କର ଅଭ୍ୟାସ ଆଦି ପ୍ରୟାସ ତଥା ସଦ୍‌ଗୁରୁଙ୍କର ଉପଦେଶଦ୍ୱାରା ଜ୍ଞାନର ଅଭ୍ୟାସ କରିବା ଉଚିତ୍ । ଅନ୍ୟ ସାଧନର କ'ଣ ପ୍ରୟୋଜନ ? ।। ୨୯ ।।

ଅଥ ତଜ୍ଜ୍ଞାନମହତ୍ତ୍ୱଂ ସୂତ୍ରଦ୍ୱୟେନ ପ୍ରକାଶୟତି –

ଜ୍ଞାନଂ ପରଶିବାଦ୍ୱୈତପରିପାକବିନିଶ୍ଚୟଃ ।
ଯେନ ସଂସାରସମ୍ବନ୍ଧବିନିବୃତ୍ତିର୍ଭବେତ୍ ସତାମ୍ ।। ୩୦ ।।

ପରବ୍ରହ୍ମଲିଙ୍ଗାଦନ୍ୟନ୍ନାସ୍ତୀତି ପରିପକ୍ୱନିଶ୍ଚୟ ଏବ ଜ୍ଞାନଂ ଯେନ ଜ୍ଞାନେନ ସତାଂ ସଂସାରବାଧାନିବୃତ୍ତିର୍ଭବେଦିତି ।। ୩୦ ।।

୨୦୬. ଭ. ଗୀ., ୯/୨୧

CC-0. Jangamwadi Math Digital Collection.

– ଜ୍ଞାନର ଅର୍ଥ ହେଉଛି – ପରଶିବଙ୍କର ଅଦ୍ୱୈତଭାବର ପରିପାକ ସନ୍ଦର୍ଭରେ ନିଶ୍ଚିତ ଅବଧାରଣା । ଏହାଦ୍ୱାରା ମହାତ୍ମାମାନଙ୍କୁ ସଂସାରର ନିବୃତ୍ତି ପ୍ରାପ୍ତ ହୋଇଥାଏ ।। ୩୦ ।।

ଅଥ ତଦେବ ବିଶଦୟତି –

ଶିବାତ୍ମକମିଦଂ ସର୍ବଂ ଶିବାଦନ୍ୟନ୍ନ ବିଦ୍ୟତେ ।
ଶିବୋଽହମିତି ଯା ବୁଦ୍ଧିସ୍ତଦେବ ଜ୍ଞାନମୁତ୍ତମମ୍ ।। ୩୧ ।।

ସ୍ପଷ୍ଟମ୍ ।। ୩୧ ।।

– ଏ ସମସ୍ତ ହେଉଛି ଶିବାତ୍ମକ, ଶିବ ବ୍ୟତୀତ ଅନ୍ୟ କିଛି ନୁହେଁ, ମୁଁ ମଧ୍ୟ ଶିବ ଅଟେ – ଏହିପରି ଯେଉଁ ବୁଦ୍ଧି, ତାହା ହେଉଛି ଉତ୍ତମ ଜ୍ଞାନ ।। ୩୧ ।।

ଅଥ ତଜ୍ଜ୍ଞାନମହତ୍ତ୍ୱଂ ସୂତ୍ରଦ୍ୱୟେନ ପ୍ରକାଶୟତି –

ଅନ୍ଧୋ ଯଥା ପୁରସ୍ଥାନି ବସ୍ତୂନି ଚ ନ ପଶ୍ୟତି ।
ଜ୍ଞାନହୀନସ୍ତଥା ଦେହୀ ନାତ୍ମସ୍ଥଂ ବୀକ୍ଷତେ ଶିବମ୍ ।। ୩୨ ।।

ସ୍ପଷ୍ଟମ୍ ।। ୩୨ ।।

– ଯେପରି ଅନ୍ଧବ୍ୟକ୍ତି ସମ୍ମୁଖରେ ଥିବା ବସ୍ତୁମାନଙ୍କୁ ଦେଖିପାରେ ନାହିଁ, ସେହିପରି ଜ୍ଞାନହୀନ ଜୀବ ନିଜ ଭିତରେ ଥିବା ଶିବଙ୍କୁ ଦେଖେ ନାହିଁ ।। ୩୨ ।।

ନନୁ ଶିବଦର୍ଶନେନ କିମିତ୍ୟତ୍ରାହ –

ଶିବସ୍ୟ ଦର୍ଶନାତ୍ ପୁଂସାଂ ଜନ୍ମରୋଗନିବର୍ତ୍ତନମ୍ ।
ଶିବଦର୍ଶନମପ୍ୟାହୁଃ ସୁଲଭଂ ଜ୍ଞାନଚକ୍ଷୁଷାମ୍ ।। ୩୩ ।।

ଅତ୍ର ସ୍ୟାଦିତି ଶେଷଃ । ଜନ୍ମରୋଗନିବର୍ତ୍ତନଂ ସ୍ୟାଦିତି ସମ୍ବନ୍ଧଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୩୩ ।।

– ଶିବଙ୍କର ସାକ୍ଷାତ୍କାର ହେଲେ ମନୁଷ୍ୟଙ୍କର ଜନ୍ମରୂପୀ ରୋଗ ଦୂର ହୋଇଥାଏ । ଜ୍ଞାନରୂପୀ ନେତ୍ରବାଲା ମହାତ୍ମାମାନଙ୍କ ପାଇଁ ଶିବଙ୍କର ଦର୍ଶନ ମଧ୍ୟ ସୁଲଭ ହୋଇଥାଏ ।। ୩୩ ।।

ତସ୍ମାଦ୍ ଜ୍ଞାନେନ ବିନା ଅଜ୍ଞାନନିବୃତ୍ତିର୍ନାସ୍ତୀତ୍ୟୁକ୍ତ୍ୱା ଜ୍ଞାନାଗମସ୍ଥଲଂ ସମାପୟତି –

ଦୀପଂ ବିନା ଯଥା ଗେହେ ନାନ୍ଧକାରୋ ନିବର୍ତ୍ତତେ ।
ଜ୍ଞାନଂ ବିନା ତଥା ଚିତ୍ତେ ମୋହୋଽପି ନ ନିବର୍ତ୍ତତେ ।। ୩୪ ।।

ଜ୍ଞାନଂ ବିନା ଶିବଜ୍ଞାନଂ ବିନେତ୍ୟର୍ଥଃ । ମୋହୋଽଜ୍ଞାନମ୍ । ଶିଷ୍ଟଂ ସ୍ପଷ୍ଟମ୍ ।। ୩୪ ।।

CC-0. Jangamwadi Math Digital Collection.

– ଯେପରି ଘର ଭିତରର ଅନ୍ଧକାର ଦୀପ ବିନା ଦୂର ହୁଏନି, ସେହିପରି ଚିତ୍ତରେ ଥିବା ମୋହ (ରୂପକ ଅନ୍ଧକାର) ମଧ୍ୟ ଜ୍ଞାନ ବିନା ଦୂର ହୋଇ ନଥାଏ ।। ୩୪।।

ଇତି ଜ୍ଞାନାଗମସ୍ଥଲମ୍

ଅଥ ସକାୟସ୍ଥଲମ୍

ଅଥ – 'ଶରୀରମାଦ୍ୟଂ ଖଲୁ ଧର୍ମସାଧନମ୍'[୨୦୭] ଇତି ବଚନାନୁସାରେଣ ତଚ୍ଛିବଜ୍ଞାନସମ୍ପନ୍ନସ୍ୟ ଯୋଗିନଃ ଶରୀରସ୍ୟ କ୍ରିୟାଭାବଜ୍ଞାନକାରଣତ୍ୱେନାତ୍ମତ୍ୱନିରୂପଣାଦୟଂ ଲୋକଃ ସକାୟ ଇତି ଷଡ୍‌ଭିଃ ସୂତ୍ରୈଃ ସକାୟସ୍ଥଲଂ ପ୍ରତିପାଦୟତି –

ପରସ୍ୟ ଯା ତନୁର୍ଜ୍ଞେୟାଦ୍ଦେହକର୍ମାଭିମାନିନଃ ।
ତୟା ସକାୟୋ ଲୋକୋଽୟଂ ତଦାତ୍ମତ୍ୱନିରୂପଣାତ୍ ।। ୩୫।।

ଅଦେହକର୍ମାଭିମାନିନଃ ସ୍ଥୂଳୋଽହମହଂ କରୋମୀତି ଲୌକିକବଦ୍ ଦେହକର୍ମାଭିମାନଶୂନ୍ୟସ୍ୟ ପରସ୍ୟ ପୂର୍ବୋକ୍ତଜ୍ଞାନସମ୍ପନ୍ନସ୍ୟ ଯୋଗିନଃ ପରୈର୍ଜ୍ଞେୟା ଯା ତନୁରସ୍ତି, ତୟା ତନ୍ୱା ତଦାତ୍ମତ୍ୱନିରୂପଣାତ୍ ତଚ୍ଛରୀରସ୍ୟ ଆତ୍ମତ୍ୱନିରୂପଣାତ୍ ଅୟଂ ଲୋକଃ ସକାୟ ଇତି କାୟେନ ସହିତ ଇତ୍ୟର୍ଥଃ ।। ୩୫।।

– (ସକାୟସ୍ଥଳ ବର୍ଣ୍ଣନ) – (ସ୍ଥୂଳ ଆଦି ବିଶିଷ୍ଟ) ଦେହ ଏବଂ କର୍ମର ଯିଏ ଅଭିମାନୀ ନୁହେଁ, ଏହିପରି ପର ଅର୍ଥାତ୍ ଜ୍ଞାନସ୍ଥଳୀର ଯେଉଁ ଜ୍ଞେୟ ଶରୀର ଅଛି, ତାହାଦ୍ୱାରା ଏହି ଲୋକ ସକାୟ କୁହାଯାଏ, କାରଣ ତାହାର (ଜ୍ଞାନୀ) ଶରୀର ଆତ୍ମା ରୂପରେ ପ୍ରତିପାଦିତ ହୋଇଥାଏ ।। ୩୫।।

ନନୁ ଦେହାଭିମାନଶୂନ୍ୟସ୍ୟ ପରଯୋଗିନଃ କାୟାପେକ୍ଷା କିମର୍ଥମିତ୍ୟତ୍ରାହ –

କାୟଂ ବିନା ସମସ୍ତାନାଂ ନ କ୍ରିୟା ନ ଚ ଭାବନା ।
ନ ଜ୍ଞାନଂ ଯତ୍ତତୋ ଯୋଗୀ କାୟବାନେବ ସଞ୍ଚରେତ୍ ।। ୩୬।।

ଯଦ୍ୟସ୍ମାତ୍ କାରଣାତ୍ ସମସ୍ତାନାଂ ଚ କାୟଂ ବିନା କ୍ରିୟାଧ୍ୟାନଶୂନ୍ୟତ୍ୱାତ୍ ଶିବଜ୍ଞାନସମ୍ପନ୍ନଃ ଶିବଯୋଗୀ କାୟବାନେବ ସଞ୍ଚରେଦିତି ।। ୩୬।।

– କାୟ (ଶରୀର) ବିନା ସମସ୍ତ ଲୋକଙ୍କର କ୍ରିୟା, ଭାବନା ଅଥବା ଜ୍ଞାନ ସମ୍ଭବ ହୋଇ ନଥାଏ, ତେଣୁ ଯୋଗୀ କାୟବାନ୍ ହୋଇ (ସଂସାରରେ) ବିଚରଣ କରିବା ଉଚିତ୍ ।। ୩୬।।

---

୨୦୭. କୁ. ସଂ.

CC-0. Jangamwadi Math Digital Collection.

ନନ୍ୱସ୍ୟ ଯୋଗିନଃ ଶିବଜ୍ଞାନସମ୍ପନ୍ନତ୍ୱାତ୍ କିମିତି କାୟାପେକ୍ଷତ୍ୟତ୍ରାହ –

ଶିବୈକଜ୍ଞାନଯୁକ୍ତସ୍ୟ ଯୋଗିନୋଽପି ମହାତ୍ମନଃ ।
କାୟଯୋଗେନ ସିଦ୍ଧ୍ୟନ୍ତି ଭୋଗମୋକ୍ଷାଦୟଃ ସଦା ।। ୩୭ ।।

ମୋକ୍ଷସ୍ୟ ଜ୍ଞାନମୂଳତ୍ୱାତ୍, ଜ୍ଞାନସ୍ୟ କାୟମୂଳତ୍ୱାଦିତି ଭାବଃ ।। ୩୭ ।।

– ଶିବଙ୍କର ଜ୍ଞାନରେ ଯୁକ୍ତ ମହାନ୍ ଆତ୍ମାବାଲା ଯୋଗୀର ମଧ ଭୋଗ, ମୋକ୍ଷ ଆଦି (କର୍ମ) ସର୍ବଦା କାୟଯୋଗରେ ହିଁ ସିଦ୍ଧ ହୋଇଥାଏ ।। ୩୭ ।।

ଅତ୍ର ଦୃଷ୍ଟାନ୍ତମାହ –

କାଷ୍ଠଂ ବିନା ଯଥା ବହ୍ନିର୍ଜାୟତେ ନ ପ୍ରକାଶବାନ୍ ।
ମୂର୍ତ୍ତିଂ ବିନା ତଥା ଯୋଗୀ ନାତ୍ମତତ୍ତ୍ୱପ୍ରକାଶବାନ୍ ।। ୩୮ ।।

– ସ୍ପଷ୍ଟମ୍ ।। ୩୮ ।।

– ଯେପରି ଅଗ୍ନି କାଷ୍ଠ ବିନା ପ୍ରକାଶବାନ୍ ଅର୍ଥାତ୍ ପ୍ରକଟ ହୁଏ ନାହିଁ, ସେହିପରି ମୂର୍ତ୍ତି (ଶରୀର) ବିନା ଯୋଗୀ ଆତ୍ମତତ୍ତ୍ୱର ପ୍ରକାଶ କରି ପାରିବ ନାହିଁ ।। ୩୮ ।।

ପୁନଶ୍ଚ ଦୃଷ୍ଟାନ୍ତାନ୍ତରମାହ –

ମୂର୍ତ୍ତ୍ୟାତ୍ମନୈବ ଦେବସ୍ୟ ଯଥାପୂଜ୍ୟତ୍ୱକଳ୍ପନା ।
ତଥା ଦେହାତ୍ମନୈବାସ୍ୟ ପୂଜ୍ୟତ୍ୱଂ ପରଯୋଗିନଃ ।। ୩୯ ।।

ସ୍ପଷ୍ଟମ୍ ।। ୩୯ ।।

– ଯେପରି ମୂର୍ତ୍ତିଯୁକ୍ତ ହୋଇଥିବାରୁ ଦେବତାଙ୍କୁ ପୂଜ୍ୟ ମନା ହୁଏ, ସେହିପରି ପରଯୋଗୀ ମଧ ଦେହ ଧାରଣ କରିଥିବାରୁ ପୂଜ୍ୟ ହୋଇଥାଏ ।। ୩୯ ।।

କିମୁତ ଶିବୋଽପି ମୂର୍ତ୍ତ୍ୟାତ୍ମନୈବ ସୃଷ୍ଟ୍ୟାଦୀନ୍ କରୋତୀତ୍ୟାହ –

ନିଷ୍କଳୋ ହି ମହାଦେବଃ ପରିପୂର୍ଣ୍ଣଃ ସଦାଶିବଃ ।
ଜଗତ୍ସୃଷ୍ଟ୍ୟାଦିସଂସିଦ୍ଧ୍ୟୈ ମୂର୍ତ୍ତିମାନେବ ଭାସତେ ।। ୪୦ ।।

ସ୍ପଷ୍ଟମ୍ ।। ୪୦ ।।

– ନିଷ୍କଳ (ତଥାପି) ପରିପୂର୍ଣ୍ଣ ଅତଏବ ମହାଦେବ ହିଁ ସଦାଶିବ, ଜଗତ୍‌ର ସୃଷ୍ଟି ଆଦି କରିବା ପାଇଁ ମୂର୍ତ୍ତିମାନ୍ ହୋଇ (ସର୍ବତ୍ର) ଭାସିତ ହୋଇଥାନ୍ତି ।। ୪୦ ।।

ଅଥ ବ୍ରହ୍ମାଦିଦିବ୍ୟଜ୍ଞାନିନୋଽପି କାୟବନ୍ତ ଏବେତ୍ୟାହ –

ବ୍ରହ୍ମାଦ୍ୟା ଦେବତାଃ ସର୍ବା ମୁନୟୋଽପି ମୁମୁକ୍ଷବଃ ।
କାୟବନ୍ତୋ ହି କୁର୍ବନ୍ତି ତପଃ ସର୍ବାର୍ଥସାଧକମ୍ ।। ୪୧ ।।

ସ୍ପଷ୍ଟମ୍ ।। ୪୧ ।।

CC-0. Jangamwadi Math Digital Collection.

– ବ୍ରହ୍ମା ଆଦି ସମସ୍ତ ଦେବତା, ମୋକ୍ଷ ଚାହୁଁଥିବା ସମସ୍ତ ମୁନିଗଣ ମଧ୍ୟ ସର୍ବାର୍ଥ ସାଧକ ତପକୁ ଶରୀର ଧାରଣ କରି ହିଁ କରିଥାନ୍ତି ।। ୪୧ ।।

ଅଥ – 'ବୈରାଗ୍ୟେଣ ବପୁସ୍ତ୍ୟାଗୋ ନୈବ କାର୍ଯ୍ୟୋ ମନୀଷିଭିଃ' ଇତି ଦେବୀକାଳୋତ୍ତରବଚନାନୁସାରେଣ ଶରୀରସ୍ୟ ସକଳସିଦ୍ଧିମୂଳତ୍ୱାନ୍ନ ତତ୍ପରିତ୍ୟାଗୋ ଯୁକ୍ତ ଇତ୍ୟୁକ୍ତ୍ୱା ସକାୟସ୍ଥଳଂ ସମାପୟତି –

ତପୋ ହି ମୂଳଂ ସର୍ବାସାଂ ସିଦ୍ଧୀନାଂ ଯଜ୍ଜଗତ୍ତ୍ରୟେ ।
ତପସ୍ତତ୍କାୟମୂଳଂ ହି ତସ୍ମାତ୍ କାୟଂ ନ ସନ୍ତ୍ୟଜେତ୍ ।। ୪୨ ।।

ସର୍ବାସାଂ ସିଦ୍ଧୀନାଂ ତପଃ କାରଣମ୍, ତପସଃ ଶରୀରଂ କାରଣମ୍, ତସ୍ମାତ୍ କାୟଂ ବୈରାଗ୍ୟେଣ ନ ପରିତ୍ୟଜେଦିତି ।। ୪୨ ।।

– ତିନି ଲୋକରେ ସମସ୍ତ ସିଦ୍ଧିର ମୂଳ କାରଣ ତପ ଅଟେ ଏବଂ ସେହି ତପ କାୟମୂଳ (ଅର୍ଥାତ୍ ଶରୀରଦ୍ୱାରା ସମ୍ପାଦିତ କରାଯାଏ) ଅଟେ । ତେଣୁ ଶରୀରର ତ୍ୟାଗ କରିବା ଉଚିତ୍ ନୁହେଁ ।। ୪୨ ।।

ଇତି ସକାୟସ୍ଥଳମ୍

ଅଥ ଅକାୟସ୍ଥଳମ୍

ଅଥ – 'ଅଚ୍ଛାୟମ୍'[୨୦୮] 'ଅଶରୀରମ୍'[୨୦୯] ଇତି ଶ୍ରୁତେଃ ପରଯୋଗିନ ଶ୍ଚୌପଚାରିକଦେହିତ୍ୱାଦକାୟ ଇତି ପଞ୍ଚଭିଃ ସୂତ୍ରୈଃ ପ୍ରତିପାଦୟତି –

ଔପଚାରିକଦେହିତ୍ୱାଜ୍ଜଗଦାତ୍ମତ୍ୱଭାବନାତ୍ ।
ମାୟାସମ୍ବନ୍ଧରାହିତ୍ୟାଦକାୟୋ ହି ପରଃ ସ୍ମୃତଃ ।। ୪୩ ।।

ପର ଉକ୍ତଲକ୍ଷଣସକାୟଃ ପରଯୋଗୀ, ଔପଚାରିକଦେହିତ୍ୱାଦ୍ ଦେହାଭିମାନ-ଶୂନ୍ୟତ୍ୱାଦ୍ ଜଗଦାତ୍ମତ୍ୱଭାବନାତ୍ 'ସ୍ୱଶକ୍ତିପ୍ରଚୟୋ ବିଶ୍ୱମ୍'[୨୧୦] ଇତି ଶିବସୂତ୍ରସ୍ଥିତେଃ ସର୍ବଂ ବିଶ୍ୱଂ ଶିବସ୍ୱଭାବଭୂତଚିତ୍କ୍ରିୟାଶକ୍ତିମୟମ୍, ତଦ୍ୱିଷୟତ୍ୱାତ୍, ଅନ୍ୟଥା ତଦ୍ବାହ୍ୟତ୍ୱେନାପ୍ରମେୟ କାର୍ଯ୍ୟଂ ସ୍ୟାଦିତି ଚିନ୍ତନାଦ୍ ମାୟାସମ୍ବନ୍ଧରହିତ୍ୟାତ୍, ଅତଏବାନ୍ୟୋନ୍ୟାଭାବଲକ୍ଷଣଭେଦ-ବୁଦ୍ଧିରାହିତ୍ୟାଦ୍ ଅକାୟ ଇତି ସ୍ମୃତଃ, ହି ପ୍ରସିଦ୍ଧ ଇତ୍ୟର୍ଥଃ ।। ୪୩ ।।

– (ଅକାୟସ୍ଥଳ ବର୍ଣ୍ଣନ) – ପର ଅର୍ଥାତ୍ ସକାୟ ପରଯୋଗୀ ଔପଚାରିକ

---

୨୦୮. ବୃ. ଉ., ୩/୮/୮
୨୦୯. ଛା. ଉ., ୮/୧୨/୧
୨୧୦. ଶି. ସୂ., ୩/୩୦

CC-0. Jangamwadi Math Digital Collection.

(ଗୌଣ ରୂପରେ) ଦେହ ଧାରଣ କରି, ସଂସାରକୁ ନିଜର ସ୍ୱରୂପ ଭାବି ଏବଂ ମାୟାର ସମ୍ବନ୍ଧରୁ ରହିତ ହୋଇ ଅକାୟ ମନାଯାଏ ।। ୪୩।।

ନନ୍ୱସ୍ୟ ଦେହାଭିମାନଶୂନ୍ୟତ୍ୱେନାକାୟତ୍ୱେଽପି ଦେହସମ୍ବନ୍ଧସ୍ୟ ବିଦ୍ୟମାନତ୍ୱାତ୍ ତତ୍କୃତବିକାରୋଽସ୍ତି କିମିତ୍ୟତ୍ରାହ –

ପରସ୍ୟ ଦେହଯୋଗେଽପି ନ ଦେହାଶ୍ରୟବିକ୍ରିୟା ।
ଶିବସ୍ୟେବ ଯତସ୍ତସ୍ମାଦକାୟୋଽୟଂ ପ୍ରକୀର୍ତ୍ତିତଃ ।। ୪୪।।

ଶିବସ୍ୟ ଦେହଯୋଗେଽପି ଯଥା ଶରୀରପ୍ରଯୁକ୍ତକାମାଦିବିକାରୋ ନାସ୍ତି । ତଥା ପରଯୋଗିନଃ ଶିବତୁଲ୍ୟତ୍ୱାଦ୍ ଦେହପ୍ରଯୁକ୍ତବିକାରୋ ନାସ୍ତୀତ୍ୟର୍ଥଃ ।। ୪୪।।

– ଯେପରି ଶିବ ପର ହୋଇଥିବାରୁ ତାଙ୍କଠାରେ ଦେହ ସମ୍ବନ୍ଧୀ ବିକାର ହୁଏ ନାହିଁ, ସେହିପରି ପର ଅର୍ଥାତ୍ ଶିବସ୍ୱରୂପ ଯୋଗୀ ଦେହଧାରଣ କରିଥିଲେ ମଧ୍ୟ (ସାମାନ୍ୟ ମନୁଷ୍ୟଙ୍କର) ଶରୀରଦ୍ୱାରା ସମ୍ପନ୍ନ ହେଉଥିବା କ୍ରିୟା ସବୁର ସଂସ୍କାର ରୂପ ବିକାର ହୁଏ ନାହିଁ । ତେଣୁ ଏହି ଯୋଗୀ ଅକାୟ କୁହାଯାଏ ।। ୪୪।।

ନନ୍ୱକାୟକାୟତ୍ୱେନ ଭାସନଂ କିଂ ପ୍ରଯୁକ୍ତମିତ୍ୟତ୍ରାହ –

ପରଲିଙ୍ଗେ ବିଲୀନସ୍ୟ ପରମାନନ୍ଦଚିନ୍ମୟେ ।
କୃତୋ ଦେହେନ ସମ୍ବନ୍ଧୋ ଦେହିବଦ୍ଭାସନଂ ଭ୍ରମଃ ।। ୪୫।।

ଦ୍ରଷ୍ଟୃଣାଂ ଭ୍ରମ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୪୫।।

– ପରମ ଆନନ୍ଦ ସ୍ୱରୂପ ଏବଂ ଚିନ୍ମୟ ପରଲିଙ୍ଗ ଅର୍ଥାତ୍ ପରମଶିବରେ ବିଲୀନ ଯୋଗୀର ଦେହ ସହିତ ସମ୍ବନ୍ଧ କେଉଁଠି ରହେ ? ଅର୍ଥାତ୍ ରହେ ନାହିଁ । ସେ ଯେଉଁ ଦେହଧାରୀ ଦେଖାଯାଏ ତାହା ଭ୍ରମ ଅଟେ ।। ୪୫।।

ଅଥ ଦେହସମ୍ବନ୍ଧେ ସତ୍ୟପି ତେନ ବାଧକଂ ନାସ୍ତୀତ୍ୟାହ –

ଦେହାଭିମାନହୀନସ୍ୟ ଶିବଭାବେ ସ୍ଥିତାତ୍ମନଃ ।
ଜଗଦେତଚ୍ଛରୀରଂ ସ୍ୟାଦ୍ ଦେହେନୈକେନ କା ବ୍ୟଥା ।। ୪୬।।

ଦେହାଭିମାନଶୂନ୍ୟତ୍ୱେନ ଶିବଭାବେ ସ୍ଥିତସ୍ୱରୂପବତ୍ ଏତତ୍ ପରଯୋଗିନଃ ଶିବବଦ୍ ବିଶ୍ୱଂ ଶରୀରଂ ସ୍ୟାଦିତ୍ୟେକେନ ଶରୀରେଣ କା ବ୍ୟଥା ନ କାଽପୀତ୍ୟର୍ଥଃ ।। ୪୬।।

– ଦେହାଭିମାନରୁ ରହିତ ଅତଏବ ଶିବଭାବରେ ସ୍ଥିତ (ଯୋଗୀ) ପାଇଁ ଏହି ସମ୍ପୂର୍ଣ୍ଣ ସଂସାର ତାଙ୍କର ଶରୀର ଅଟେ । ତେବେ ଏକ (ଦୃଶ୍ୟମାନ ବ୍ୟକ୍ତିଗତ) ଶରୀରରୁ କ'ଣ ହାନି ଲାଭ ? ।। ୪୬।।

CC-0. Jangamwadi Math Digital Collection.

ଅଥ ଶିବବତ୍ ସ୍ୱାତନ୍ତ୍ର୍ୟାଭାବାତ୍ କସ୍ମାନ୍ନାସ୍ତୀତ୍ୟତ୍ରାହ –

ଶିବଜ୍ଞାନୈକନିଷ୍ଠସ୍ୟ ନାହଙ୍କାରଭବଭ୍ରମଃ ।
ନ ଚେନ୍ଦ୍ରିୟଭବଂ ଦୁଃଖଂ ତ୍ୟକ୍ତଦେହାଭିମାନିନଃ ।। ୪୭ ।।

ଶିବାହଂ ଭାବନିଷ୍ଠସ୍ୟ ପରିଚ୍ଛିନ୍ନଶରୀରାହଙ୍କାରଶୂନ୍ୟତ୍ୱାଦ୍ ନାହମୀଶ୍ୱର ଇତି ତତ୍କୃତ ଭ୍ରାନ୍ତିରିନ୍ଦ୍ରିୟଜନ୍ୟଂ ଦୁଃଖଂ ଚ ନାସ୍ତୀତ୍ୟର୍ଥଃ ।। ୪୭ ।।

– ଯେଉଁ ଶିବାଦ୍ୱୈତ ସର୍ବଦା ଜ୍ଞାନରେ ରତ, ତାଙ୍କର ଅହଙ୍କାରରୁ ଉତ୍ପନ୍ନ ଭ୍ରମ ହୁଏ ନାହିଁ । ଯିଏ ଦେହାଭିମାନର ତ୍ୟାଗ କରି ଦେଇଛି, ତା'ର ଇନ୍ଦ୍ରିୟଜନ୍ୟ ଦୁଃଖ ହୁଏ ନାହିଁ ।। ୪୭ ।।

ଅଥୋକ୍ତାର୍ଥମେବ ସ୍ଫୁଟୀକୃତ୍ୟାକାୟସ୍ଥଳଂ ସମାପୟତି –

ନ ମନୁଷ୍ୟୋ ନ ଦେବୋଽହଂ ନ ଯକ୍ଷୋ ନୈବ ରାକ୍ଷସଃ ।
ଶିବୋଽହମିତି ଯୋ ବୁଦ୍ଧ୍ୟାତ୍ ତସ୍ୟ କିଂ ଦେହକର୍ମଣା ।। ୪୮ ।।

ତସ୍ୟାକାୟସ୍ୟ ଶାରୀରକକର୍ମଣା କିମ୍, କିଂ ପ୍ରୟୋଜନମ୍, ନ କିମପୀତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୪୮ ।।

– 'ମୁଁ ମନୁଷ୍ୟ ନୁହେଁ, ଦେବତା ନୁହେଁ, ଯକ୍ଷ ନୁହେଁ ଓ ରାକ୍ଷସ ନୁହେଁ, ମୁଁ କେବଳ ଶବ ଅଟେ' – ଯିଏ ନିଜକୁ ଏପରି ଭାବେ, ତା'ର ଶରୀର କର୍ମରୁ କ'ଣ ଲାଭ ? (ଅର୍ଥାତ୍ ଶରୀରଦ୍ୱାରା କରାଯାଉଥିବା କର୍ମ ଦ୍ୱାରା ସେ ଉପଲିପ୍ତ ହୁଏ ନାହିଁ) ।। ୪୮ ।।

ଇତ୍ୟକାୟସ୍ଥଳମ୍

ଅଥ ପରକାୟସ୍ଥଳମ୍

'ସଏବୈ (ବେଦୈ) ତଦ୍ ପରମଂ ବ୍ରହ୍ମଧାମ'[୨୧୧] ଇତି ମୁଣ୍ଡକଶ୍ରୁତେଃ ଅକାୟପରଯୋଗୀ ପ୍ରକୃତିମାୟାତୀତ ଇତି ପରବ୍ରହ୍ମଶରୀରତ୍ୱାଦ୍ ପରକାୟ ଇତି ପଞ୍ଚଭିଃ ସୂତ୍ରୈଃ ପ୍ରତିପାଦୟତି –

ବଶୀକୃତତ୍ୱାଦ୍ ପ୍ରକୃତେର୍ମାୟାମାର୍ଗାତିବର୍ତନାତ୍ ।
ପରକାୟୋଽୟମାଖ୍ୟାତଃ ସତ୍ୟଜ୍ଞାନସୁଖାତ୍ମକଃ ।। ୪୯ ।।

ଅୟମକାୟଃ ଶିବଯୋଗୀ ପ୍ରକୃତେର୍ବଶୀକୃତତ୍ୱାଦ୍ ବଶୀକୃତେର୍ମାୟାମାର୍ଗୋଲ୍ଲଙ୍ଘନାତ୍ ସତ୍ୟଜ୍ଞାନସୁଖାତ୍ମକଃ ସଚ୍ଚିଦାନନ୍ଦସ୍ୱରୂପବାନ୍ ପରକାୟ ଇତ୍ୟାଖ୍ୟାତ ଇତ୍ୟର୍ଥଃ ।। ୪୯ ।।

---

୨୧୧. ମୁ. ଉ., ୩/୨/୧

CC-0. Jangamwadi Math Digital Collection.

– (ପରକାୟସ୍ଥଳ ବର୍ଣ୍ଣନ) – ପ୍ରକୃତିକୁ ନିଜର ଅଧୀନ କରିଥିବାରୁ ଏବଂ ମାୟା ମାର୍ଗର ଅତିକ୍ରମଣ କରିଥିବାରୁ ସଚ୍ଚିଦାନନ୍ଦସ୍ୱରୂପ ଏହି ଯୋଗୀ ପରକାୟ କୁହାଯାଏ।। ୪୯ ।।

ନନ୍ୱେବଂ ପରକାୟତ୍ୱେ କଥିତେଽପି ସ୍ଥୂଳଶରୀରସ୍ୟ ବିଦ୍ୟମାନତ୍ୱାତ୍ କଥମଧୁନୈବ ପରକାୟତ୍ୱମିତ୍ୟତ୍ରାହ –

ପରବ୍ରହ୍ମବପୁର୍ଯସ୍ୟ ପ୍ରବୋଧାନନ୍ଦଭାସୁରମ୍ ।
ପ୍ରାକୃତେନ ଶରୀରେଣ କିମେତେନାସ୍ୟ ଜାୟତେ ।। ୫୦ ।।

ଚିଦାନନ୍ଦାଭ୍ୟାଂ ପ୍ରକାଶମାନଂ ପରବ୍ରହ୍ମ ଯସ୍ୟ ବପୁଃ ଶରୀରଂ ଜାୟତେ, ଅସ୍ୟ ପରକାୟସ୍ୟ ପ୍ରାକୃତେନ ଶରୀରେଣ କିମ୍ ? ଅନ୍ୟୋନ୍ୟଭେଦାଭାବବୁଦ୍ଧିରୂପମାୟା- ମାର୍ଗୋଲ୍ଲଙ୍ଘନେନ ତତ୍କାର୍ଯ୍ୟରୂପପ୍ରକୃତିତତ୍ତ୍ୱସ୍ୟ ବଶୀକରଣାତ୍ ସାଗରତରଙ୍ଗନ୍ୟାୟେନ ସ୍ୱାଧୀନୀ- କରଣାତ୍ ପ୍ରକୃତି ସମ୍ଭବେନ ଶରୀରେଣ କିଂ ବାଧକମ୍ ? ନ କିମପିବାଧକମିତ୍ୟର୍ଥଃ ।। ୫୦ ।।

– ପ୍ରକୃଷ୍ଟବୋଧ ଅର୍ଥାତ୍ ପରଜ୍ଞାନ ଏବଂ ଆନନ୍ଦରେ ଦେଦୀପ୍ୟମାନ ଯାହାଙ୍କର ଶରୀର ପରବ୍ରହ୍ମସ୍ୱରୂପ ହୋଇଯାଇଛି, ତାଙ୍କର ପ୍ରକୃତିର ତତ୍ତ୍ୱରୁ ଉତ୍ପନ୍ନ ଏହି ସ୍ଥୂଳ ଶରୀରର କ'ଣ ପ୍ରୟୋଜନ ? (ଅର୍ଥାତ୍ ଏହି ଶରୀରରେ ବିହିତ କର୍ମରେ ସେ ପ୍ରଭାବିତ ହୁଏ ନାହିଁ) ।। ୫୦ ।।

ନନୁ ତଥାପି ଶରୀରମେବ ପ୍ରତିବନ୍ଧକମିତ୍ୟତ୍ରାହ –

ସମ୍ୟଗ୍ଜ୍ଞାନାଗ୍ନିସନ୍ଦଗ୍ଧଜନ୍ମବୀଜକଳେବରଃ ।
ଶିବତତ୍ତ୍ୱାବଲମ୍ବୀ ଯଃ ପରକାୟଃ ସ ଉଚ୍ୟତେ ।। ୫୧ ।।

ସମ୍ୟଗ୍ଜ୍ଞାନାଗ୍ନିନା ଦୃଢ଼ତରଶିବାଦ୍ୱୈତଜ୍ଞାନାଗ୍ନିନା ସନ୍ଦଗ୍ଧଂ ପୁନରୁତ୍ପତ୍ତିଶଙ୍କା ଯଥା ନ ଭବତି ତଥା ସମ୍ୟଗ୍ ଦଗ୍ଧଂ ଜନ୍ମୈବ ବୀଜଂ ଯସ୍ୟ ତାଦୃଶଂ କଳେବରୋ ଭବାନ୍ତର- କାରଣୀଭୂତ ସୂକ୍ଷ୍ମଶରୀରୋ ଯସ୍ୟ ସ ତଥାବିଧଃ ଶିବତତ୍ତ୍ୱାବଲମ୍ବୀ ପରଶିବସ୍ୱରୂପବାନ୍ ଯୋ ଅସ୍ତି, ସଃ ପରକାୟ ଇତ୍ୟୁଚ୍ୟତ ଇତ୍ୟର୍ଥଃ । ଜନ୍ମରୋଗପ୍ରବର୍ତ୍ତକସ୍ୟ ସୂକ୍ଷ୍ମଶରୀରସ୍ୟ ନଷ୍ଟତ୍ୱାତ୍ ସ୍ଥୂଳଶରୀରେ ସତ୍ୟପି ବାଧକଂ ନାସ୍ତୀତି ଭାବଃ ।। ୫୧ ।।

– ସମ୍ୟକ୍ ଜ୍ଞାନ (ଅର୍ଥାତ୍ 'ସର୍ବଂ ଶିବମୟମ୍' ଏହିପରି ଜ୍ଞାନ) ରୂପୀ ଅଗ୍ନିରେ ଯାହାଙ୍କର ଜନ୍ମର କାରଣଭୂତ ସୂକ୍ଷ୍ମ ଶରୀର ଜଳିଯାଇଛି, ତଥା ଯିଏ ଶିବ ତତ୍ତ୍ୱାବଲମ୍ବୀ ଅଟନ୍ତି, ସେ ପରକାୟ କୁହାଯାଆନ୍ତି ।। ୫୧ ।।

ନନୁ ଶରୀରସ୍ୟ ବିଦ୍ୟମାନତ୍ୱେନେନ୍ଦ୍ରିୟବ୍ୟାପାରାନୁବୃତ୍ତେର୍ବାଧକମେବେତ୍ୟତ୍ରାହ –

ଇନ୍ଦ୍ରିୟାଣି ମନୋବୃତ୍ତିବାସନାଃ କର୍ମସମ୍ଭବାଃ ।
ଯତ୍ର ଯାନ୍ତି ଲୟଂ ତେନ ସକାୟୋଽୟଂ ପରାତ୍ମନା ।। ୫୨ ।।

CC-0. Jangamwadi Math Digital Collection.

କର୍ମସମ୍ଭବାଃ କର୍ମପାଶସମ୍ଭୂତା ମନୋବୃତ୍ତିବାସନା ଇନ୍ଦ୍ରିୟାର୍ଥବାସନା ଇନ୍ଦ୍ରିୟାଣି ଚ ଦଶେନ୍ଦ୍ରିୟ ବ୍ୟାପାରା ଯତ୍ର ଲୟଂ ଯାନ୍ତି, ତେନ ପରାତ୍ମନା ପରବ୍ରହ୍ମଣା ଅୟଂ ଏଷ ପରକାୟଃ ସକାୟଃ କାୟେନ ସହିତଃ ସନ୍ ବର୍ତ୍ତତେ । ଏତତ୍ କାୟସ୍ୟାପି ବ୍ରହ୍ମମୟତ୍ୱାଦିତି ଭାବଃ ।। ୫୨ ।।

– କର୍ମଦ୍ୱାରା ଉତ୍ପନ୍ନ ମାନସିକ ଭାବନା ସଂସ୍କାର ତଥା ଇନ୍ଦ୍ରିୟ ସବୁ ଯେଉଁଥିରେ ଲୀନ ହୋଇଯାଆନ୍ତି, ସେହି ପରମାତ୍ମାଙ୍କ ପାଇଁ ଏହା ସକାୟ ହୋଇଥାଏ ।। ୫୨ ।।

ନନୁ ଶରୀରସ୍ୟ କଥଂ ବ୍ରହ୍ମମୟତ୍ୱମିତ୍ୟତ୍ରାହ –

ପରାହନ୍ତାମନୁପ୍ରାପ୍ୟ ପଶ୍ୟେଦ୍ ବିଶ୍ୱଂ ଚିଦାତ୍ମକମ୍ ।
ସଦେହୋଦ୍ଧତିଭ୍ରମସ୍ତସ୍ୟ ନିଶ୍ଚିତା ହି ଶିବାତ୍ମତା ।। ୫୩।।

ପରାହନ୍ତାଂ ପରବ୍ରହ୍ମପରଶିବପରାତ୍ମପର୍ଯ୍ୟାୟପରତତ୍ତ୍ୱମେବ ସ୍ୱୟମିତି ଭାବମନୁ- ପ୍ରାପ୍ୟ ବିଶ୍ୱଂ ସକଳଜଗଜ୍ଜାଲଂ ଚିଦାତ୍ମକଂ ପରବ୍ରହ୍ମସ୍ୱଭାବଭୂତଚିତ୍‌କ୍ରିୟାନ୍ତର୍ଗତତ୍ୱାତ୍ତନ୍ମୟମିତି ଯଃ ପଶ୍ୟତି, ତସ୍ୟ ସନ୍ଦେହଃ ଦେହେନ ସହ ବର୍ତ୍ତମାନତ୍ୱମ୍, ଅତିଭ୍ରମଃ ପଶ୍ୟତାଂ ପ୍ରାକୃତାନାଂ ଭ୍ରମଃ। ନିଶ୍ଚିତା ହି ଶିବାତ୍ମତା, କିନ୍ତୁ ତସ୍ୟ ଶରୀରସ୍ୟ ଶିବାତ୍ମତା ନିଶ୍ଚିତା, ଶକ୍ତିମୟତ୍ୱାଦିତି ।। ୫୩।।

– ପର ଅହନ୍ତା (ଅର୍ଥାତ୍ 'ଅହଂ ପରଃ ଶିବଃ' ଅଥବା 'ଅହଂ ସର୍ବମ୍' ଏହି ଭାବନା) କୁ ପ୍ରାପ୍ତ କରି ଯୋଗୀ ସମ୍ପୂର୍ଣ୍ଣ ବିଶ୍ୱକୁ ଚିନ୍ମୟ ଦେଖେ । ତାହାର ଶିବରୂପତା ନିଶ୍ଚିତ ଅଟେ (ଅର୍ଥାତ୍ ସେ ନିଶ୍ଚିତ ରୂପରେ ଶିବ ହୋଇଯାଏ) । ତାହାଙ୍କୁ ସଦେହ ଭାବିବା ବଡ଼ ଭ୍ରମ ଅଟେ ।। ୫୩।।

ତର୍ହି ସ ପରକାୟଃ ଶିବବଦକାୟଃ ସନ୍ ପରମମୁକ୍ତ ଏବ ସ୍ୟାଦିତ୍ୟତ୍ରାହ –

ସ୍ୱସ୍ୱରୂପଂ ଚିଦାକାରଂ ଜ୍ୟୋତିଃ ସାକ୍ଷାଦ୍ୱିଚିନ୍ତୟନ୍ ।
ଦେହବାନପି ନିର୍ଦେହୋ ଜୀବନ୍ମୁକ୍ତୋ ହି ସାଧକଃ ।। ୫୪ ।।

ସ୍ୱସ୍ୱରୂପଂ ସାକ୍ଷାଚ୍ଚିଦାକରଂ ଜ୍ୟୋତିରିତି ଚିନ୍ତୟନ୍ ସାଧକୋ ଦେହବାନପି ପୁନର୍ଦେହାନ୍ତରାଭାବାନ୍ନିର୍ଦେହୋ ଜୀବନ୍ମୁକ୍ତ ଇତି ହି ପ୍ରସିଦ୍ଧମିତ୍ୟର୍ଥଃ ।। ୫୪ ।।

– ନିଜର ସ୍ୱରୂପକୁ ଚିଦାକାର ଏବଂ ସାକ୍ଷାତ୍ ଜ୍ୟୋତିଃ ସ୍ୱରୂପ ଜାଣୁଥିବା ଦେହବାନ୍ ମଧ୍ୟ ବସ୍ତୁତଃ ଦେହରହିତ ହିଁ ହୋଇଥାଏ । ସେହି ସାଧକ ନିଶ୍ଚିତ ରୂପରେ ଜୀବନ୍ମୁକ୍ତ ଅଟେ ।। ୫୪ ।।

ତଦେବୋପପାଦୟତି –

CC-0. Jangamwadi Math Digital Collection.

ଦେହସ୍ତିଷ୍ଠତୁ ବା ଯାତୁ ଯୋଗିନଃ ସ୍ୱାତ୍ମବୋଧିନଃ ।
ଜୀବନ୍ମୁକ୍ତିର୍ଭବେତ୍ ସଦ୍ୟଶ୍ଚିଦାନନ୍ଦପ୍ରକାଶିନୀ ।। ୫୫ ।।

ସ୍ପଷ୍ଟମ୍ ।। ୫୫ ।।

– ଯାହାଙ୍କର ଆତ୍ମସାକ୍ଷାତ୍କାର ହୋଇସାରିଛି, ଏପରି ଯୋଗୀର ଶରୀର ରହୁ କି ଯାଉ, ତାହାଙ୍କୁ ଚିଦାନନ୍ଦ ପ୍ରକାଶ କରିବାବାଲା ଜୀବନ୍ମୁକ୍ତି ତତ୍କାଳ ପ୍ରାପ୍ତ ହୁଏ ।। ୫୫ ।।

ଅଥ ଦୃଷ୍ଟାନ୍ତମାହ –

ଆତ୍ମଜ୍ଞାନାବସାନଂ ହି ସଂସାରପରିପୀଡ଼ନମ୍ ।
ସୂର୍ଯ୍ୟୋଦୟେଽପି କିଂ ଲୋକସ୍ତିମିରେଣୋପରୁଦ୍ଧ୍ୟତେ ।। ୫୬ ।।

ଉପରୁଦ୍ଧ୍ୟତେ ବ୍ୟାପ୍ୟତ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୫୬ ।।

– ସଂସାରର ପୀଡ଼ା ଆତ୍ମଜ୍ଞାନ ପର୍ଯ୍ୟନ୍ତ ଥାଏ । କ'ଣ ସୂର୍ଯ୍ୟୋଦୟ ପରେ ମଧ୍ୟ ସଂସାର ଅନ୍ଧକାରରେ ଆଚ୍ଛନ୍ନ ଥାଏ ? (ଅର୍ଥାତ୍ ନ ଥାଏ) ।। ୫୬ ।।

ଅଥ ପରକାୟସ୍ଥଲଂ ସମାପୟତି –

ଦେହାଭିମାନନିର୍ମୁକ୍ତଃ କଳାତୀତପଦାଶ୍ରୟଃ ।
କଥଂ ଯାତି ପରିଚ୍ଛେଦଂ ଶରୀରେଷୁ ମହାବୁଧଃ ।। ୫୭ ।।

ଶରୀରକଳାଭିମାନଶୂନ୍ୟଃ ସନ୍ ଶରୀରସ୍ୟ ପାଞ୍ଚଭୌତିକତ୍ୱାତ୍ ତତ୍କାରଣୀଭୂତ-ନିବୃତ୍ତ୍ୟାଦି କଳାତୀତ ପରବ୍ରହ୍ମ ପଦାଶ୍ରିତୋ ମହାବୁଧଃ ପରମଜ୍ଞାନୀ ପରକାୟଃ ଶରୀରେଷୁ ପରିଚ୍ଛେଦଂ ପରିମିତତ୍ୱଂ କଥଂ କେନ ପ୍ରକାରେଣ ଯାତି ? ନ କେନାପି ଯାତୀତ୍ୟର୍ଥଃ ।। ୫୭ ।।

– ଯିଏ ଦେହାଭିମାନରୁ ରହିତ ଏବଂ କଳାତୀତ ଅର୍ଥାତ୍ ନିଷ୍କଳ ପଦରେ ପ୍ରତିଷ୍ଠିତ ହୋଇଛନ୍ତି, ଏପରି ମହାବିଦ୍ୱାନ୍ ଶରୀର ବିଷୟରେ ସୀମିତ କିପରି ହୋଇପାରିବେ ? ।। ୫୭ ।।

ଇତି ପରକାୟସ୍ଥଲମ୍

ଅଥ ଧର୍ମାଚାରସ୍ଥଲମ୍

ଅଥ – 'ଯ (ଦ୍ୟେବ) ଦବିଦ୍ୟାଧିଗମଃ ସ୍ୱ (ଗମସ୍ୟ) ଧର୍ମସ୍ୟାନୁଚରଣଂ ସ୍ୱାଶ୍ରମେଷ୍ୱେବାନୁକ୍ରମଣଂ ସ୍ୱଧର୍ମ ଏବ ସଂବର୍ଧତେ ସ୍ତମ୍ଭଶାଖେବେତରାଣ୍ୟନେନୋର୍ଧ୍ୱଭାଗ୍ ଭବତ୍ୟନ୍ୟଥା ପତତି'[୨୧୨] ଇତି ମୈତ୍ରେୟଶ୍ରୁତେସ୍ତସ୍ୟ ପରକାୟସ୍ୟାଚାର ଏବ ସର୍ବଜନାନାଂ

---

୨୧୨. ମୈ. ଉ., ୪/୩

CC-0. Jangamwadi Math Digital Collection.

ଧର୍ମାଚାର ଇତି ଧର୍ମାଚାରସ୍ଥଳଂ ପ୍ରତିପାଦୟତି –

ତସ୍ୟୈବ ପରକାୟସ୍ୟ ସମାଚାରୋ ଯ ଇଷ୍ୟତେ ।
ସ ଧର୍ମଃ ସର୍ବଲୋକାନାମୁପକାରାୟ କଳ୍ପ୍ୟତେ ।। ୫୮ ।।

ତସ୍ୟ ପରବ୍ରହ୍ମକାୟସ୍ୟ ଶିବଯୋଗିନୋ ଯ ଆଚାର ଇଚ୍ଛାବିଷୟୀକ୍ରିୟତେ, ସ ଧର୍ମଃ ସନ୍ ସମସ୍ତଜନାନାମ୍ ଉପକାରାୟ କଳ୍ପ୍ୟତ ଇତ୍ୟର୍ଥଃ ।। ୫୮ ।।

– (ଧର୍ମାଚାର ସ୍ଥଳ ବର୍ଣ୍ଣନ) – ଏପରି ପରକାୟ ଶିବଯୋଗୀର ଯାହା ଆଚରଣ ହୁଏ, ତାହା କର୍ମ କୁହାଯାଏ । ଏପରି ଧର୍ମ ସମସ୍ତ ଜନଙ୍କର ଉପକାର କରିବାରେ ସମର୍ଥ ହୋଇଥାଏ ।। ୫୮ ।।

ଅଥ ତଦ୍ଧର୍ମାଚାରଂ ସୂତ୍ରତ୍ରୟେଣ କଥୟତି –

ଅହିଂସା ସତ୍ୟମସ୍ତେୟଂ ବ୍ରହ୍ମଚର୍ଯ୍ୟଂ ଦୟା କ୍ଷମା ।
ଦାନଂ ପୂଜା ଜପୋ ଧ୍ୟାନମିତି ଧର୍ମସ୍ୟ ସଂଗ୍ରହଃ ।। ୫୯ ।।

ଦାନଂ ସହଜଦାନମ୍, ପୂଜା ଶିବଲିଙ୍ଗପୂଜା, ଧ୍ୟାନଂ ଶିବଲିଙ୍ଗଚିନ୍ତନମ୍, ଜପଃ ଶୈବପଞ୍ଚାକ୍ଷରାଭ୍ୟାସ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୫୯ ।।

– ଅହିଂସା, ସତ୍ୟ, ଚୋରୀ ନ କରିବା (ଅଚୌର୍ଯ୍ୟ), ବ୍ରହ୍ମଚର୍ଯ୍ୟ, ଦୟା, କ୍ଷମା, ଦାନ, ପୂଜା (ଶିବଲିଙ୍ଗାର୍ଚ୍ଚନ), ଜପ (ପଞ୍ଚାକ୍ଷରର ଜପ), ଧ୍ୟାନ (ଶିବଙ୍କର ଧ୍ୟାନ) – ଏ ସବୁ ଧର୍ମର ସଂଗ୍ରହ ଅଟେ ।। ୫୯ ।।

ନନ୍ୱିଦଂ ଧର୍ମାଚରଣଂ କିମର୍ଥଂ କର୍ତ୍ତବ୍ୟମିତ୍ୟତ୍ରାହ –

ଶିବେନ ବିହିତୋ ଯସ୍ମାଦାଗମୈର୍ଧର୍ମସଂଗ୍ରହଃ ।
ତସ୍ମାତ୍ତମାଚରନ୍ ବିଦ୍ୱାନ୍ ତତ୍ପ୍ରସାଦାୟ କଳ୍ପ୍ୟତେ ।। ୬୦ ।।

ଆଗମୈଃ ଶିବେନ ଧର୍ମସମୂହୋ ବିହିତ ଇତି ବିଧେୟ ଏବ । ତସ୍ମାଦ୍ଧର୍ଧାଚାରବାନ୍ ଶିବପ୍ରସାଦାୟ ସମର୍ଥୋ ଭବତି, ଅନ୍ୟଥା ଶିବପ୍ରସାଦଶୂନ୍ୟଃ ସନ୍ ନରକଂ ବ୍ରଜେଦିତ୍ୟର୍ଥଃ ।। ୬୦ ।।

– ଆଗମଶାସ୍ତ୍ରଗୁଡ଼ିକ ଶିବଙ୍କ ଦ୍ୱାରା ବିହିତ ଧର୍ମସଂଗ୍ରହର ବର୍ଣ୍ଣନ ଓ ଉଦଦେଶ କରିଛନ୍ତି । ତେଣୁ ସେ ସବୁର ଆଚରଣ କରୁଥିବା ବିଦ୍ୱାନ୍ ତାଙ୍କୁ (ଶିବଙ୍କୁ) ପ୍ରସନ୍ନ କରିବା ପାଇଁ ସମର୍ଥ ହୋଇଥାଏ ।। ୬୦ ।।

ନନୁ ସ ଧର୍ମଃ କଥଂ କର୍ତ୍ତବ୍ୟ ଇତ୍ୟତ୍ରାହ –

ଅଧର୍ମଂ ନ ସ୍ପୃଶେତ୍ କିଞ୍ଚିଦ୍ ବିହିତଂ ଧର୍ମମାଚରେତ୍ ।
ତଂ ଚ କାମବିନିର୍ମୁକ୍ତଂ ତମପି ଜ୍ଞାନପୂର୍ବକମ୍ ।। ୬୧ ।।

CC-0. Jangamwadi Math Digital Collection.

ବିହିତମହିଂସାଦିରୂପମିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୬୧ ।।

– ଅଧର୍ମର ତିଳେମାତ୍ର ସ୍ପର୍ଶ କରିବା ଉଚିତ୍ ନୁହେଁ । (ଶାସ୍ତ୍ର ଦ୍ୱାରା) ବିହିତ ଧର୍ମର ଆଚରଣ କରିବା ଉଚିତ୍ । ତାହାର (ଧର୍ମର) ଫଳ ଇଚ୍ଛା ନ କରି ଆଚରଣ କରିବା ଉଚିତ୍ ଏବଂ ତାହା (ନିଷ୍କାମ କର୍ମ) ଜ୍ଞାନୀ ହୋଇ କରିବା ଉଚିତ୍ ।। ୬୧ ।।

ଅଥ ତଜ୍ଜ୍ଞାନଂ କୀଦୃଶମିତ୍ୟତ୍ର –

ମାତୃବତ୍ ପରଦାରାଂଶ୍ଚ ପରଦ୍ରବ୍ୟାଣି ଲୋଷ୍ଟବତ୍ ।
ଆତ୍ମବତ୍ ସର୍ବଭୂତାନି ଯଃ ପଶ୍ୟତି ସ ଧର୍ମରାଟ୍ ।।

ଇତି ଶ୍ରୁତ୍ୟନୁସାରେଣ ସୂତ୍ରଦ୍ୱୟେନାହ –

ଆତ୍ମବତ୍ ସର୍ବଭୂତାନି ସଂପଶ୍ୟେଦ୍ ଯୋଗବିତ୍ତମଃ ।
ଜପଦେକାତ୍ମତାଭାବାନ୍ନିଗ୍ରହାଦିବିରୋଧତଃ ।। ୬୨ ।।

ଯୋଗବିତ୍ତମୋ ଯୋଗୀଶ୍ୱରୋ ଜଗଦେକାତ୍ମତାଭାବାଜ୍ଜପତଃ ପ୍ରକାଶୈକରୂପତ୍ୱ-ଚିନ୍ତନାନ୍ନିଗ୍ରହାଦିବିରୋଧତୋ ନିଗ୍ରହାନୁଗ୍ରହୟୋରବକାଶାଭାବାତ୍ ସର୍ବଭୂତାନି ଆତ୍ମବତ୍ ସ୍ୱାତ୍ମବତ୍ ସଂପଶ୍ୟେତ୍, ଅପକ୍ଷପାତେନ ପଶ୍ୟେଦିତ୍ୟର୍ଥଃ ।। ୬୨ ।।

– ଯୋଗକୁ ଜାଣିଥିବା ସାଧକ ସଂସାରକୁ ଏକମାତ୍ର ପରମାତ୍ମରୂପ ଜାଣି ନିଗ୍ରହ – ଅନୁଗ୍ରହକୁ ଅବସର ନ ଦେଇ ସମ୍ପୂର୍ଣ୍ଣ ପ୍ରାଣୀମାନଙ୍କୁ ଆତ୍ମବତ୍ ଦେଖେ ।। ୬୨ ।।

ଏବଂ ପଶ୍ୟତୋ ମମକାରୋ ନୈବେତ୍ୟାହ –

ଏକ ଏବ ଶିବଃ ସାକ୍ଷାଜ୍ଜଗଦେତଦିତି ସ୍ଫୁଟମ୍ ।
ପଶ୍ୟତଃ କିଂ ନ ଜାୟେତ ମମକାରୋ ହି ବିଭ୍ରମଃ ।। ୬୩।।

ଶିବ ଏକ ଏବୈତଜ୍ଜଗଦିତି ସ୍ଫୁଟଂ ସାକ୍ଷାତ୍ ପଶ୍ୟତଃ କିଂ ନ ଜାୟେତ୍ ? ସର୍ବଂ ସ୍ୟାଦେବ। ତସ୍ମିନ୍ ଜଗତି ମମକାରଃ ପ୍ରତିନିୟତମସ୍ତୁ ମମେତ୍ୟଭିମାନୋ ବିଭ୍ରମୋ ନାସ୍ତୀତ୍ୟର୍ଥଃ ।। ୬୩।।

– ଏକମାତ୍ର ଶିବ ଏହି ଜଗତ୍ ରୂପରେ ଅଛନ୍ତି, ଏପରି ସ୍ପଷ୍ଟ ଦୃଷ୍ଟି ରଖିଥିବା ଯୋଗୀକୁ କ'ଣ ପ୍ରାପ୍ତ ହୁଏ ନାହିଁ ଅର୍ଥାତ୍ ସବୁ କିଛି ତାକୁ ମିଳିଥାଏ । ମମକାର (ଅର୍ଥାତ୍ ଏହା ମୋର, ଏହା ମୋର ନୁହେଁ – ଏପରି ଜ୍ଞାନ) ଭ୍ରମାତ୍ମକ ହୋଇଥାଏ ।। ୬୩।।

ଅଥ ତଦ୍ଧର୍ମାଚାରଂ ବିରକ୍ତୋଽପି ନ ତ୍ୟଜେଦିତ୍ୟାହ –

ଧର୍ମ ଏବ ସମସ୍ତାନାଂ ଯତଃ ସଂସିଦ୍ଧିକାରଣମ୍ ।
ନିଃସ୍ପୃହୋଽପି ମହାଯୋଗୀ ଧର୍ମମାର୍ଗଂ ଚ ନ ତ୍ୟଜେତ୍ ।। ୬୪ ।।

ସଂସିଦ୍ଧିକାରଣଂ ଭୋଗମୋକ୍ଷକାରଣମିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୬୪ ।।

CC-0. Jangamwadi Math Digital Collection.

– ଧର୍ମ ହିଁ ସମସ୍ତ ସିଦ୍ଧିର କାରଣ । ତେଣୁ ଯୋଗୀ ନିଃସ୍ପୃହ ହୋଇ ମଧ୍ୟ ଧର୍ମମାର୍ଗର ତ୍ୟାଗ କରିବା ଉଚିତ୍ ନୁହେଁ (ଅର୍ଥାତ୍ ଧର୍ମାଚରଣ କରିବା ଉଚିତ୍) ।। ୬୪।।

ନନୁ ଜ୍ଞାନିନାଂ କିଂ ଧର୍ମାଚରଣେନେତ୍ୟତ୍ରାହ –

ଜ୍ଞାନାମୃତେନ ତୃପ୍ତୋଽପି ଯୋଗୀ ଧର୍ମଂ ନ ସଂତ୍ୟଜେତ୍ ।
ଆଚାରଂ ମହତାଂ ଦୃଷ୍ଟ୍ୱା ପ୍ରବର୍ତ୍ତନ୍ତେ ହି ଲୌକିକାଃ [୨୧୩] ।। ୬୫।।

ଜ୍ଞାନାମୃତେନ ଶିବଜ୍ଞାନାମୃତେନ ତୃପ୍ତୋଽପି ମହାଯୋଗୀ ଲୋକହିତାର୍ଥଂ ଧର୍ମାଚାରଂ ନ ପରିତ୍ୟଜେଦିତ୍ୟର୍ଥଃ ।। ୬୫।।

– ଜ୍ଞାନରୂପକ ଅମୃତରେ ତୃପ୍ତ ଯୋଗୀ ଧର୍ମର ତ୍ୟାଗ କରିବା ଉଚିତ୍ ନୁହେଁ। କାରଣ ବଡ଼ ଲୋକଙ୍କର ବ୍ୟବହାର ଦେଖି ମନୁଷ୍ୟ ଏହି ସଂସାରରେ ପ୍ରବୃତ୍ତ ହୋଇଥାନ୍ତି ।। ୬୫ ।।

ଅଥ କାରଣାନ୍ତରମପ୍ୟାହ –

ସଦାଚାରପ୍ରିୟଃ ଶମ୍ଭୁଃ ସଦାଚାରେଣ ପୂଜ୍ୟେତ୍ ।
ସଦାଚାରଂ ବିନା ତସ୍ୟ ପ୍ରସାଦୋ ନୈବ ଜାୟତେ ।। ୬୬।।

ଜ୍ଞାନିନୋଽପି ଶିବପ୍ରସାଦସିଦ୍ଧ୍ୟର୍ଥମହିଂସା ଧର୍ମାଚରଣମାବଶ୍ୟକମିତି ଭାବଃ ।। ୬୬।।

– ସଦାଚାର ପ୍ରିୟ ଶିବଙ୍କର ସଦାଚାରରେ ହିଁ ପୂଜା କରାଯାଏ । ସଦାଚାର ବିନା ସେ ପ୍ରସନ୍ନ ହୁଅନ୍ତି ନାହିଁ ।। ୬୬।।

ଇତି ଧର୍ମାଚାରସ୍ଥଲମ୍

ଅଥ ଭାବାଚାରସ୍ଥଲମ୍

ଅଥ – ଜ୍ୟୋତୀରୂପଂ ଶିବଂ ପୂର୍ଣ୍ଣଂ ବିଶ୍ୱତେଜୋନିବର୍ତ୍ତକମ୍ ।
ଆଶୟଂ ଭାସୟନ୍ତଂ ଚ ଭାବୟସ୍ତନ୍ମୟୋ ଭବେତ୍ ।।

ଇତି କାମିକବଚନାନୁସାରେଣ ଧର୍ମାଚାରସମ୍ପନ୍ନସ୍ୟ ଶିବଯୋଗିନୋ ଭାବ ଏବ ସର୍ବେଷାଂ ଭାବାଚାର ଇତ୍ୟୁପପାଦୟତି –

---

୨୧୩. ତୁଳନୀୟ –
ଯଦ୍ୟଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।
ସ ଯତ୍ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ।। (ଭ.ଗୀ., ୩/୨୧)

CC-0. Jangamwadi Math Digital Collection.

ଭାବ ଏବାସ୍ୟ ସର୍ବେଷାଂ ଭାବାଚାରଃ ପ୍ରକୀର୍ତ୍ତିତଃ ।
ଭାବୋ ମାନସଚେଷ୍ଟାତ୍ମା ପରିପୂର୍ଣ୍ଣଃ ଶିବାଶ୍ରୟଃ ।। ୬୭ ।।

ଅସ୍ୟ ଧର୍ମାଚାରସମ୍ପନ୍ନସ୍ୟ ଶିବଯୋଗିନୋ ଭାବ ଏବ ସର୍ବେଷାଂ ପ୍ରାକୃତାନାଂ ଭାବାଚାର ଇତି ପରିକୀର୍ତ୍ତିତଃ । ଭାବୋ ନାମ କ ଇତ୍ୟତ୍ରାହ – ମାନସେତି । ମନୋବ୍ୟାପାରରୂପଃ ସନ୍ ପରିପୂର୍ଣ୍ଣଶିବାଶ୍ରୟୋଽନ୍ତର୍ବହିଶ୍ଚ ପୂର୍ଣ୍ଣଶିବ ଏବ ଆଶ୍ରୟୋ ଯସ୍ୟ, ତାଦୃଶସ୍ତୁ ବିଶେଷଣଭାବ ଇତ୍ୟର୍ଥଃ ।। ୬୭ ।।

– (ଭାବାଚାରସ୍ଥଳ ବର୍ଣ୍ଣନ) – ଏହି ଧର୍ମାଚାରସ୍ଥଳୀ ଯୋଗୀର ଭାବ ହିଁ ସମସ୍ତଙ୍କ ପାଇଁ ସଦାଚାର କୁହାଯାଇଛି । ଭାବର ଅର୍ଥ ହେଉଛି – ମାନସିକ ଚେଷ୍ଟା ଅର୍ଥାତ୍ ବିଚାରାତ୍ମିକା କ୍ରିୟା । ଏହା ପରିପୂର୍ଣ୍ଣ ଏବଂ ଶିବଙ୍କୁ ଆଶ୍ରିତ କରି ହୋଇଥାଏ ।। ୬୭ ।।

ଅଥ ଭାବଯୁକ୍ତକର୍ମ ସୂତ୍ରଦ୍ୱୟେନ ବିଶେଷୟତି –

ଭାବନାବିହିତଂ କର୍ମ ପାବନାଦପି ପାବନମ୍ ।
ତସ୍ମାଦ୍ ଭାବନୟା ଯୁକ୍ତଂ ପରଧର୍ମଂ ସମାଚରେତ୍ ।। ୬୮ ।।

ସ୍ପଷ୍ଟମ୍ ।। ୬୮ ।।

– ଭାବନା ସହିତ ବିହିତ କର୍ମ (ଅର୍ଥାତ୍ ଏହି କର୍ମକୁ କରୁଥିବା, କରାଉଥିବା ତଥା ସ୍ୱୟଂ କର୍ମ ମଧ୍ୟ ଶିବ ହିଁ ଅଟନ୍ତି – ଏପରି ଭାବନାରେ କରାଯାଇଥିବା କର୍ମ) ପବିତ୍ରରୁ ମଧ୍ୟ ପବିତ୍ର ଅଟେ । ଏହି କାରଣରୁ ଶିବ ଭାବନାରେ ଯୁକ୍ତ ପର ଧର୍ମର ଆଚରଣ କରିବା ଉଚିତ୍ ।। ୬୮ ।।

ନନୁ ଭାବେନ କିମିତ୍ୟତ୍ରାହ –

ଭାବେନ ହି ମନଃଶୁଦ୍ଧିର୍ଭାବଶୁଦ୍ଧିଶ୍ଚ କର୍ମଣା ।
ଇତି ସଞ୍ଚିନ୍ତ୍ୟ ମନସା ଯୋଗୀ ଭାବଂ ନ ସଂତ୍ୟଜେତ୍ ।। ୬୯ ।।

ସ୍ପଷ୍ଟମ୍ ।। ୬୯ ।।

– ଭାବଦ୍ୱାରା ମନ ଶୁଦ୍ଧି ହୋଇଥାଏ ଏବଂ ଭାବଶୁଦ୍ଧି (ଶିବାରାଧନ ଆଦି) କର୍ମରେ ହୁଏ । ଏପରି ଭାବି ଯୋଗୀ କେବେ ହେଲେ ଭାବର ତ୍ୟାଗ କରେ ନାହିଁ ।। ୬୯ ।।

ନନୁ ଭାବେନ କର୍ମସିଦ୍ଧିଶ୍ଚେତ୍ ପ୍ରତିବନ୍ଧକଂ ସ୍ୟାଦିତ୍ୟତ୍ରାହ –

ଶିବଭାବନୟା ସର୍ବଂ ନିତ୍ୟନୈମିତ୍ତିକାଦିକମ୍ ।
କୁର୍ବନ୍ନପି ମହାଯୋଗୀ ଗୁଣଦୋଷୈର୍ନ ବାଧ୍ୟତେ ।। ୭୦ ।।

ଶିବ ଏବ କର୍ତ୍ତେତି ଶିବଭାବନୟା (କର୍ମ) କୁର୍ବନ୍ ଯୋଗୀ ଗୁଣଦୋଷୈର୍ନ ଲିପ୍ୟତ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୭୦ ।।

CC-0. Jangamwadi Math Digital Collection.

– ମହାଯୋଗୀ ଶିବଭାବନା ସହିତ ସମସ୍ତ ନିତ୍ୟ ନୈମିତ୍ତିକ ଆଦି (କାମ୍ୟ) କର୍ମକୁ କରି ମଧ୍ୟ (ସେହି କର୍ମଗୁଡ଼ିକର) ଗୁଣ ଅଥବା ଦୋଷରେ (ଅର୍ଥାତ୍ ସେଥିରୁ ଜାତ ପୁଣ୍ୟ ଅଥବା ପାପ) ବାଧିତ ହୁଏ ନାହିଁ ।। ୭୦ ।।

ନନୁ ପରଯୋଗୀଶ୍ୱରସ୍ୟ ନିତ୍ୟନୈମିତ୍ତିକକର୍ମସଙ୍ଗାଭାବାତ୍ କଥଂ ତଦାଚରଣମଙ୍ଗୀକୃତମିତ୍ୟତ୍ରାହ –

ଅନ୍ତଃ ପ୍ରକାଶମାନସ୍ୟ ସଂବିଦ୍ ସୂର୍ଯ୍ୟସ୍ୟ ସନ୍ତତମ୍ ।
ଭାବେନ ଯଦୁପସ୍ଥାନଂ ତତ୍‌ସନ୍ଧ୍ୟାବନ୍ଦନଂ ବିଦୁଃ ।। ୭୧ ।।

ଅନ୍ତଃ ଉର୍ଦ୍ଧ୍ୱଂ ହୃତ୍‌କମଳେ ନିରନ୍ତରଂ ଭାସମାନସ୍ୟ ଚିଦାଦିତ୍ୟସ୍ୟ ଭାବେନ ଯଦୁପସ୍ଥାନମନୁବର୍ତ୍ତନମ୍, ତତ୍ ସନ୍ଧ୍ୟାବନ୍ଦନମିତି ବୀରଶୈବାଚାର୍ଯ୍ୟା ଜାନନ୍ତୀତ୍ୟର୍ଥଃ ।। ୭୧ ।।

– ନିଜ ଭିତରେ ପ୍ରକାଶମାନ ସଂବିତ୍ ରୂପକ ସୂର୍ଯ୍ୟଙ୍କର ଶିବଭାବନାଦ୍ୱାରା ନିରନ୍ତର ଯେଉଁ ଉପସ୍ଥାନ[୨୧୪] ଅଛି (ବିଦ୍ୱାନ୍ ଲୋକ) ତାହାକୁ ସନ୍ଧ୍ୟାବନ୍ଦନ କହନ୍ତି ।। ୭୧ ।।

ତର୍ହି ହୋମୋଽପ୍ୟାବଶ୍ୟକ ଇତି ସ କୀଦୃଶ ଇତ୍ୟତ୍ରାହ –

ଆତ୍ମଜ୍ୟୋତିଷି ସର୍ବେଷାଂ ବିଷୟାଣାଂ ସମର୍ପଣମ୍ ।
ଅନ୍ତର୍ମୁଖେନ ଭାବେନ ହୋମକର୍ମେତି ଗୀୟତେ ।। ୭୨ ।।

ଆତ୍ମଜ୍ୟୋତିଷି ଚିଦଗ୍ନୌ, ଅନ୍ତର୍ମୁଖେନ ଭାବେନ ଅବହିର୍ମୁଖେନ ଭାବେନ ସର୍ବେଷାଂ ବିଷୟାଣାଂ ଯତ୍‌ସମର୍ପଣଂ ସାଗରତରଙ୍ଗନ୍ୟାୟେନ ଲୟଚିନ୍ତନଂ ତଦେକଲୋଳୀଭାବଚିନ୍ତନଂ ଯଦସ୍ତି, ତଦ୍ ହୋମକର୍ମେତି ଗୀୟତେ କଥ୍ୟତ ଇତ୍ୟର୍ଥଃ ।। ୭୨ ।।

– ଆତ୍ମରୂପୀ ଜ୍ୟୋତି ଅର୍ଥାତ୍ ଚିଦଗ୍ନିରେ ଅନ୍ତର୍ମୁଖୀ ଭାବରେ ସମସ୍ତ ବିଷୟ ଗୁଡ଼ିକର ସମର୍ପଣ ହୋମକର୍ମ କୁହାଯାଏ ।। ୭୨ ।।

ଏବଂ ନିତ୍ୟନୈମିତ୍ତିକକର୍ମାଣି ଭାବୟନ୍ ସଙ୍ଗରହିତଃ ସ୍ୟାଦିତ୍ୟାହ –

ଭାବୟେତ୍ ସର୍ବକର୍ମାଣି ନିତ୍ୟନୈମିତ୍ତିକାନି ଚ ।
ଶିବପ୍ରୀତିକରାଣ୍ୟେବ ସଙ୍ଗରାହିତ୍ୟସିଦ୍ଧୟେ ।। ୭୩।।

ସଂସାରସମ୍ବନ୍ଧନିବୃତ୍ତ୍ୟର୍ଥଂ ନିତ୍ୟନୈମିତ୍ତିକାନି ସର୍ବାଣି କର୍ମାଣି ଶିବପ୍ରୀତି–କାରାଣ୍ୟେବେତି ଭାବୟେଦିତ୍ୟର୍ଥଃ ।। ୭୩।।

---

୨୧୪. ପ୍ରାତଃକାଳ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ 'ଉଦ୍ୱୟଂ..... ।' ''ଉଦୁତ୍ୟଂ.......।' 'ଚିତ୍ରଂ ଦେବାନାଂ ......।' ତଥା 'ତଚ୍ଚକ୍ଷୁର୍ଦେବହିତଂ......।' ଏହି ଚାରୋଟି ମନ୍ତ୍ରକୁ ଦୁଇ ହାତ ଉପରକୁ ଉଠାଇ ଉଚ୍ଚାରଣ କରିବା ସୂର୍ଯ୍ୟୋପସ୍ଥାନ କୁହାଯାଏ ।

CC-0. Jangamwadi Math Digital Collection.

– ସଂସାରର ଆସକ୍ତିରୁ ରହିତ ହେବା ପାଇଁ ସାଧକ ନିତ୍ୟ, ନୈମିତ୍ତିକ ଆଦି ସମସ୍ତ କର୍ମକୁ ଶିବଙ୍କୁ ପ୍ରସନ୍ନ କରିବାବାଲା ବୋଲି ବୁଝିବା ଉଚିତ୍ ।। ୭୩।।

ନନୁ କର୍ମଣଃ ସଙ୍ଗହେତୁତ୍ୱାତ୍ କଥଂ ସଙ୍ଗରାହିତ୍ୟଂ ସ୍ୟାଦିତ୍ୟତ୍ରାହ –

ଶିବେ ନିବେଶ୍ୟ ସକଳଂ କାର୍ଯ୍ୟାକାର୍ଯ୍ୟଂ ବିବେକତଃ ।

ବର୍ତ୍ତତେ ଯୋ ମହାଭାଗଃ ସ ସଙ୍ଗରହିତୋ ଭବେତ୍ ।। ୭୪।।

ବିବେକତଃ କର୍ତ୍ତା କାରୟିତା କର୍ମ ତତ୍‌ଫଳଂ ଚ ଶିବ ଏବେତି ବିବେକତଃ କାର୍ଯ୍ୟାକାର୍ଯ୍ୟଂ କର୍ତ୍ତୁଂ ଯୋଗ୍ୟମଯୋଗ୍ୟଂ ଚ ଶିବେ ନିବେଶ୍ୟ ସମର୍ପ୍ୟ ଯୋ ମହାଭାଗୋ ମହାପୁରୁଷୋ ବର୍ତ୍ତତେ, ସ ସଙ୍ଗରହିତୋ ଭବସଙ୍ଗରହିତ ଇତ୍ୟର୍ଥଃ ।। ୭୪।।

– ଯେଉଁ ମହାଭାଗ୍ୟଶାଳୀ ସାଧକ ବିବେକ ପୂର୍ବକ କରଣୀୟ ଅକରଣୀୟ ସମସ୍ତ କର୍ମକୁ ଶିବଙ୍କୁ ସମର୍ପିତ କରିଦିଏ, ସେ ଆସକ୍ତି ରହିତ ହୋଇଯାଏ ।। ୭୪।।

ନନୁ ଭବସଙ୍ଗରାହିତ୍ୟଂ ଶିବଦର୍ଶନେନ ବିନା ନ ସମ୍ଭବତୀତ୍ୟତ୍ରାହ –

ଆତ୍ମାନମଖିଳଂ ବସ୍ତୁ ଶିବମାନନ୍ଦଚିନ୍ମୟମ୍ ।

ଏକଭାବେନ ସତତଂ ସମ୍ପଶ୍ୟନ୍ନେବ ପଶ୍ୟତି ।। ୭୫।।

ଆତ୍ମାନଂ ସ୍ୱାତ୍ମାନମ୍ ଅଖିଳଂ ବସ୍ତୁ ସର୍ବଂ ବିଶ୍ୱମ୍ ଆନନ୍ଦଚିନ୍ମୟଂ ପରଶିବଂ ଚ ଏକଭାବେନ ଏକତ୍ୱେନ ସତତଂ ପଶ୍ୟନ୍ନେବ ଚିଦ୍ରୂପତ୍ୱାଚ୍ଛିବଜୀବୈକ୍ୟଂ ଶିବସ୍ୱଭାବଭୂତ-ଚିତ୍‌କ୍ରିୟାବ୍ୟାପ୍ତତ୍ୱାତ୍ ତଦବାହ୍ୟତ୍ୱେନ ସର୍ବଂ ବିଶ୍ୱଂ ଶିବାତ୍ମକମିତି ପଶ୍ୟନ୍ନେବ ପଶ୍ୟତି ଶିବଂ ପଶ୍ୟତୀତ୍ୟର୍ଥଃ ।। ୭୫।।

– ଆତ୍ମା ସମସ୍ତ ସଂସାର ତଥା ଚିନ୍ମୟ ଆନନ୍ଦସ୍ୱରୂପ ଶିବଙ୍କୁ ଏକଭାବରେ (ଅର୍ଥାତ୍ ଏ ସମସ୍ତ ଶିବ ହିଁ ଅଟନ୍ତି – ଏପରି ଭାବନା) ନିରନ୍ତର ଦେଖୁଥିବା (ସାଧକ) ହିଁ ବାସ୍ତବିକ ଦର୍ଶନ କରେ (ଅର୍ଥାତ୍ ସେ ପ୍ରକୃତରେ ଶିବଦ୍ରଷ୍ଟା ଅଟେ) ।। ୭୫।।

ଇତି ଭାବାଚାରସ୍ଥଳମ୍

ଅଥ ଜ୍ଞାନାଚାରସ୍ଥଳମ୍

ଅଥ – 'ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ'[୨୧୫] ଇତି ଶ୍ରୁତେସ୍ତସ୍ୟ ଭାବାଚାରସମ୍ପନ୍ନସ୍ୟ ଶିବଯୋଗିନୋ ଜ୍ଞାନାଚାର ଏବ ସର୍ବଦେହିନାଂ ଜ୍ଞାନାଚାର ଇତି ଜ୍ଞାନାଚାରସ୍ଥଳଂ ନିରୂପୟତି –

ଅସ୍ୟ ଜ୍ଞାନସମାଚାରୋ ଯୋଗିନଃ ସର୍ବଦେହିନାମ୍ ।

ଜ୍ଞାନାଚାରୋ ଯଦୁକ୍ତୋଦୟଂ ଜ୍ଞାନାଚାରଃ ସ କଥ୍ୟତେ ।। ୭୬।।

---

୨୧୫. ତୈ. ଉ., ୨/୧/୧

CC-0. Jangamwadi Math Digital Collection.

ଭାବାଚାରସମ୍ପନ୍ନସ୍ୟାସ୍ୟ ଯୋଗିନୋ ଜ୍ଞାନସମାଚାର ଏବ ସର୍ବଦେହିନାଂ ଜ୍ଞାନାଚାର ଇତି ଯଦ୍ୟସ୍ମାତ୍ କାରଣାଦୁକ୍ତଃ, ତସ୍ମାତ୍ କାରଣାତ୍ ସୋଽୟଂ ଜ୍ଞାନାଚାର ଇତି କଥ୍ୟତ ଇତ୍ୟର୍ଥଃ ।। ୭୬ ।।

– (ଜ୍ଞାନାଚାରସ୍ଥଳ ବର୍ଣ୍ଣନ) – (ଭାବାଚାର ସମ୍ପନ୍ନ) ଏହି ଯୋଗୀର ଜ୍ଞାନାଚାର ହିଁ ସମସ୍ତ ମନୁଷ୍ୟଙ୍କ ପାଇଁ ଜ୍ଞାନାଚାର କୁହାଯାଏ । ଏହା ଜ୍ଞାନାଚାରସ୍ଥଳ ଅଟେ ।। ୭୬ ।।

ଅଥ ତଜ୍ଜ୍ଞାନାଚାରମେବ ଲକ୍ଷଣପୂର୍ବକଂ ସୂତ୍ରତ୍ରୟେଣ କଥୟତି –

ଶିବାଦ୍ୱୈତପରଂ ଜ୍ଞାନଂ ଜ୍ଞାନମିତ୍ୟୁଚ୍ୟତେ ବୁଧୈଃ ।
ସିଦ୍ଧେନ ବାପ୍ୟସିଦ୍ଧେନ ଫଳଂ ଜ୍ଞାନାନ୍ତରେଣ କିମ୍ ।। ୭୭ ।।

ଶିବାଦ୍ୱୈତମେବ ପରଂ ପ୍ରଧାନଂ ଯସ୍ୟ ତାଦୃଶଂ ଜ୍ଞାନଂ ବୁଧୈର୍ଜ୍ଞାନମିତ୍ୟୁଚ୍ୟତେ, ଶାସ୍ତ୍ରସିଦ୍ଧେନ ବା ତଦସିଦ୍ଧେନ ବା ଜ୍ଞାନାନ୍ତରେଣ ଭିନ୍ନଜ୍ଞାନେନ କିଂ ଫଳଂ ନ କିମପ୍ୟତ୍ୟର୍ଥଃ ।। ୭୭ ।।

– ବିଦ୍ୱାନ୍ ଶିବାଦ୍ୱୈତ ପୂର୍ବକ ଜ୍ଞାନକୁ ହିଁ ଯଥାର୍ଥ ଜ୍ଞାନ କହନ୍ତି । ଅନ୍ୟ ଜ୍ଞାନ ସିଦ୍ଧି ଦେଉ ଅଥବା ନ ଦେଉ, ତାହା ଶାସ୍ତ୍ର ସମ୍ମତ ହେଉ ଅଥବା ଶାସ୍ତ୍ର ବିରୁଦ୍ଧ, ସେଥିରୁ କ'ଣ ଲାଭ ? (ଅର୍ଥାତ୍ ତାହା ସମ୍ପୂର୍ଣ୍ଣ ବ୍ୟର୍ଥ ଅଟେ ।। ୭୭ ।।

ଅଥ ତତ୍ କଥମିତ୍ୟତ୍ରାହ –

ନିର୍ମଳଂ ହି ଶିବଜ୍ଞାନଂ ନିଃଶ୍ରେୟସକଳଂ ପରମ୍ ।
ରାଗଦ୍ୱେଷାଦିକଳୁଷଂ ଭୂୟଃ ସଂସ୍କୃତିକାରଣମ୍ ।। ୭୮ ।।

ଶିବଜ୍ଞାନଂ ଶିବାଦ୍ୱୈତଜ୍ଞାନଂ ନିର୍ମଳମ୍ ଆଣବାଦିମଳସଙ୍ଗରହିତଂ ସନ୍ ପରଂ ନିଃଶ୍ରେୟ କାରଣଂ ସର୍ବୋତ୍କୃଷ୍ଟ ମୋକ୍ଷପ୍ରଦମିତ୍ୟର୍ଥଃ । ତଦ୍ୟତିରିକ୍ତଭେଦଜ୍ଞାନଂ ରାଗଦ୍ୱେଷାଦିକଳୁଷଂ କାମକ୍ରୋଧାଦିମିଶ୍ରଂ ସଦ୍ ଭୂୟଃ ପୁନଃ ପୁନଃ ସଂସ୍କୃତିକାରଣଂ ଯାତାଯାତକାରଣମିତି ହି ପ୍ରସିଦ୍ଧମିତ୍ୟର୍ଥଃ ।। ୭୮ ।।

– ଶିବଜ୍ଞାନ ହିଁ ନିର୍ମଳ (ଅର୍ଥାତ୍ ଆଣବ, ମାୟୀୟ ଓ କାର୍ମ – ଏହି ତିନି ମଳରୁ ରହିତ) । ଅତଏବ ମୋକ୍ଷ ଦାୟକ ଅଟେ । ଯେଉଁ ଜ୍ଞାନ–ରାଗ–ଦ୍ୱେଷ ଆଦି କାରଣରୁ ମଳିନ ଅଟେ, ତାହା ସଂସାର ଅର୍ଥାତ୍ ଜନ୍ମ–ମୃତ୍ୟୁର କାରଣ ଅଟେ ।। ୭୮ ।।

ଏବଂ ଜ୍ଞାନସ୍ୱରୂପମୁକ୍ତ୍ୱା ତଦାଚାରସ୍ୱରୂପଂ କଥୟତି –

ପରିପୂର୍ଣ୍ଣଂ ମହାଜ୍ଞାନଂ ପରତତ୍ତ୍ୱପ୍ରକାଶକମ୍ ।
ଅବଲମ୍ବ୍ୟ ପ୍ରବୃତ୍ତୋ ଯୋ ଜ୍ଞାନାଚାରଃ ସ ଉଚ୍ୟତେ ।। ୭୯ ।।

CC-0. Jangamwadi Math Digital Collection.

ପରତତ୍ତ୍ୱପ୍ରକାଶକଂ ପରିପୂର୍ଣ୍ଣମ୍ ଅପରିଚ୍ଛିନ୍ନଂ ମହାଜ୍ଞାନଂ ଶିବାଦ୍ୱୈତଜ୍ଞାନମବଲମ୍ବ୍ୟ ଧୃତ୍ୱା ଯ ଆଚାରଃ ପ୍ରବୃତ୍ତଃ, ସ ଜ୍ଞାନାଚାର ଇତ୍ୟୁଚ୍ୟତ ଇତ୍ୟର୍ଥଃ ।। ୭୯ ।।

– ପରଞ୍ଚରର (ଅର୍ଥାତ୍ ପରମଶିବ ନାମକ ତତ୍ତ୍ୱ) ପ୍ରକାଶକ ଅର୍ଥାତ୍ ଆଭାସ କରୁଥିବା ପରିପୂର୍ଣ୍ଣ ମହାଜ୍ଞାନକୁ ଆଧାର କରି ଯିଏ ପ୍ରବୃତ୍ତ ହୁଏ, ସେ ଜ୍ଞାନାଚାର କୁହାଯାଏ ।। ୭୯ ।।

ଅଥ ତଜ୍ଜ୍ଞାନାଚାରିଣଂ ପ୍ରକାଶୟତି –

ନିର୍ବିକଳ୍ପେ ପରେ ଧାମ୍ନି ନିଷ୍କଳେ ଶିବନାମନି ।
ଜ୍ଞାନେନ ଯୋଜୟେଦ୍ ସର୍ବଂ ଜ୍ଞାନାଚାରୀ ପ୍ରକୀର୍ତ୍ତିତଃ ।। ୮୦ ।।

ନିଷ୍କଳେ ନିରବୟବେ ନିର୍ବିକଳ୍ପେ ଭେଦରହିତେ ଶିବନାମାନି ଶିବ ଇତ୍ୟଭିଧାନବତି ପରେ ଧାମ୍ନି ପରବ୍ରହ୍ମାଧାରେ ସର୍ବଂ ଜଗଜ୍ଜାଲଂ ଜ୍ଞାନେନ ଅଭେଦଜ୍ଞାନେନ ଯୋ ଯୋଜୟେତ୍, ସ ଜ୍ଞାନାଚାରୀତି କୀର୍ତ୍ତିତ ଇତ୍ୟର୍ଥଃ ।। ୮୦ ।।

– ଯିଏ ସବୁକିଛି ନିଷ୍କଳ, ନିର୍ବିକଳ୍ପ ଶିବ ନାମକ ପରଧାମରେ ଜୋଡ଼ି ଦିଏ, ସେ ଜ୍ଞାନାଚାରୀ କୁହାଯାଏ ।। ୮୦ ।।

ଅଥ ତସ୍ୟ ଜ୍ଞାନାଚାରିଣଃ କର୍ମକାର୍ପଣ୍ୟଂ ନାସ୍ତୀତି ସୂତ୍ରଦ୍ୱୟେନ କଥୟତି –

ଜ୍ଞାନଂ ମୁକ୍ତିପ୍ରଦଂ ପ୍ରାପ୍ୟ ଗୁରୁଦୃଷ୍ଟିପ୍ରସାଦତଃ ।
କଃ କୁର୍ଯ୍ୟାତ୍ କର୍ମକାର୍ପଣ୍ୟେ ବାଞ୍ଛାଂ ସଂସାରବର୍ଧନେ ।। ୮୧ ।।

ମୁକ୍ତିପଦଂ ପରାପରମୋକ୍ଷପ୍ରଦଂ ଶିବଜ୍ଞାନଂ ଗୁରୁକୃପାଦୃଷ୍ଟିପ୍ରସନ୍ନତାବଶାତ୍ ପ୍ରାପ୍ୟ ସଂସାରବର୍ଧନେ କର୍ମକାର୍ପଣ୍ୟେ ବାଞ୍ଛାମ୍ ଇଚ୍ଛାଂ କଃ କୁର୍ଯ୍ୟାତ୍ ? ନ କୋଽପି କୁର୍ଯ୍ୟାଦିତ୍ୟର୍ଥଃ ।। ୮୧ ।।

– ଗୁରୁଙ୍କର କୃପାଦୃଷ୍ଟିରେ ମୁକ୍ତିଦାୟକ ଜ୍ଞାନକୁ ପ୍ରାପ୍ତ କରି କେଉଁ ବ୍ୟକ୍ତି କର୍ମ କାରଣରୁ ଦୁଃଖଦାୟୀ ସଂସାରକୁ ବଢ଼େଇବାକୁ ଇଚ୍ଛା କରିବ ? ।। ୮୧ ।।

କୁତ ଇତ୍ୟତ୍ରାହ –

କର୍ମ ଜ୍ଞାନାଗ୍ନିନା ଦଗ୍ଧଂ ନ ପ୍ରରୋହେଦ୍ କଥଞ୍ଚନ ।
ଯଦାହୁଃ ସଂସୃତେର୍ମୂଳଂ ପ୍ରବାହାନୁଗତଂ ବୁଧାଃ ।। ୮୨ ।।

ଯଦ୍ କର୍ମ ବୁଧାଃ ସଂସୃତେର୍ମୂଳଂ ମୂଳକାରଣଂ ସଦ୍ ପ୍ରବାହାନୁଗତଂ ଜଳପ୍ରବାହ-ନ୍ୟାୟେନାନାଦିତ୍ୱେନ ଶ୍ରୁତେରନୁଗତଂ ସଦ୍ ଆହୁଃ, ତଦ୍କର୍ମବନ୍ଧନଂ ଶିବଜ୍ଞାନାଗ୍ନିନା ଦଗ୍ଧଂ ସଦ୍ କଥଞ୍ଚନ କେନାପି ପ୍ରକାରେଣ ନ ପ୍ରରୋହେଦ୍ ନାଙ୍କୁରେଦିତ୍ୟର୍ଥଃ ।। ୮୨ ।।

– ବିଦ୍ୱାନ୍ ଲୋକ ପ୍ରବାହାନୁଗତ ଅର୍ଥାତ୍ ଅନାଦି ପରମ୍ପରାରୁ ପ୍ରାପ୍ତ ଯେଉଁ କର୍ମକୁ

CC-0. Jangamwadi Math Digital Collection.

ସଂସାରର କାରଣ ମାନନ୍ତି, ସେହି କର୍ମ ଜ୍ଞାନରୂପୀ ଅଗ୍ନିରେ ଜଳିଗଲା ପରେ କୌଣସି ପ୍ରକାରେ ସଂସାରର ଅଙ୍କୁରଣ କରେ ନାହିଁ ।। ୮୨ ।।

ତର୍ହି କର୍ମବନ୍ଧନଂ କସ୍ୟେତ୍ୟତ୍ରାହ –

ଜ୍ଞାନେନ ହୀନଃ ପୁରୁଷଃ କର୍ମଣା ବଦ୍ଧ୍ୟତେ ସଦା ।
ଜ୍ଞାନିନଃ କର୍ମସଙ୍ଘାତା ଭବନ୍ତି କିଳ ନିଷ୍ଫଳାଃ ।। ୮୩ ।।

'ଯଥା ପୁଷ୍କରପଲାଶ ଆପୋ ନ ଶ୍ଲିଷ୍ୟନ୍ତେ, ଏବମେବଂବିଦି ପାପକର୍ମ ନ ଶ୍ଲିଷ୍ୟତେ' 'ସ ଉତ୍ତମଃ ପୁରୁଷଃ' ଇତି ଛାନ୍ଦୋଗ୍ୟଶ୍ରୁତେଃ,

ଅଦ୍ୱୈତ ଭକ୍ତିଯୁକ୍ତସ୍ୟ ଯୋଗିନଃ ସକଳାଃ କ୍ରିୟାଃ ।
ସନ୍ତି ଦଗ୍ଧପଟନ୍ୟାୟାଦ୍ କ୍ରିୟାମାତ୍ରା ହି ନ କ୍ରିୟାଃ ।।

ଇତି ବୀରାଗମୋକ୍ତେଶ୍ଚ ଜ୍ଞାନିନଃ କର୍ମପାଶୋ ନାସ୍ତୀତ୍ୟର୍ଥଃ ।। ୮୩ ।।

– ଜ୍ଞାନରହିତ ପୁରୁଷ ସଦା କର୍ମଦ୍ୱାରା ବନ୍ଧନରେ ପଡ଼ିଥାଏ । ଜ୍ଞାନୀର କର୍ମସଙ୍ଘାତ ନିଶ୍ଚିତ ଭାବରେ ନିଷ୍ଫଳ ହୋଇଥାଏ ।। ୮୩ ।।

ଅଥ ଜ୍ଞାନାଚାରସ୍ଥଳଂ ସମାପୟତି –

ଶୁଦ୍ଧାଚାରେ ଶୁଦ୍ଧଭାବୋ ବିବେକୀ
ଜ୍ୟୋତିଃ ପଶ୍ୟନ୍ ସର୍ବତଶ୍ଶୈବମେକମ୍ ।
ଜ୍ଞାନଧ୍ୱସ୍ତପ୍ରାକୃତାତ୍ମପ୍ରପଞ୍ଚୋ
ଜୀବନ୍ମୁକ୍ତଶ୍ଚେଷ୍ଟତେ ଦିବ୍ୟଯୋଗୀ ।। ୮୪ ।।

ଶୁଦ୍ଧାଚାରେ ନିର୍ମଳଜ୍ଞାନାଚାରେ ଶୁଦ୍ଧଭାବେ ନିର୍ମଳଭାବବାନ୍ ବିବେକୀ, ଏବଂ ପ୍ରତିଯୋଗିରହିତଂ ଶୈବଂ ତେଜଃ ସର୍ବତଃ ପଶ୍ୟନ୍ ଜ୍ଞାନଧ୍ୱସ୍ତପ୍ରାକୃତାତ୍ମପ୍ରପଞ୍ଚଃ ଶିବାଦ୍ୱୈତଜ୍ଞାନନାଶିତପ୍ରକୃତିନ୍ୟଦେହପ୍ରପଞ୍ଚବାନ୍ ଦିବ୍ୟଯୋଗୀ ସ୍ୱୟଂ ପ୍ରକାଶରୂପଃ ଶିବଯୋଗୀ ଜୀବନ୍ମୁକ୍ତଃ ସନ୍ ଚେଷ୍ଟତେ ଲୌକିକବଦ୍ ବ୍ୟବହରତୀତ୍ୟର୍ଥଃ ।। ୮୪ ।।

– ବିଶୁଦ୍ଧ ଜ୍ଞାନାଚାର ହେବା ପରେ ଶୁଦ୍ଧ ଭାବନାବାଲା ଅତଏବ ବିବେକପୂର୍ଣ୍ଣ ଦିବ୍ୟଯୋଗୀ ସର୍ବତ୍ର ଏକ (ଶିବାତ୍ମକ) ଜ୍ୟୋତିର ସାକ୍ଷାତ୍କାର କରି ତଥା ଜ୍ଞାନଦ୍ୱାରା ପ୍ରାକୃତ ପ୍ରପଞ୍ଚକୁ ନଷ୍ଟ କରିବାବାଲା ହୋଇ ଜୀବନ୍ମୁକ୍ତ ହୋଇଯାଏ । ତଥାପି ସେ ସାମାନ୍ୟ ଜନ ପରି ବ୍ୟବହାର କରେ ।। ୮୪ ।।

ଇତି ଶ୍ରୀମଦ୍ ଷଟ୍‌ସ୍ଥଳବ୍ରହ୍ମିଣା ଶିବଯୋଗିନାମ୍ନା ରେଣୁକାଚାର୍ଯ୍ୟେଣ ବିରଚିତେ ସିଦ୍ଧାନ୍ତଶିଖାମଣୌ ମାହେଶ୍ୱରସ୍ଥଳାଶ୍ରିତନବଲିଙ୍ଗପ୍ରସଙ୍ଗୋ ନାମ ଷୋଡ଼ଶଃ ପରିଚ୍ଛେଦଃ ।। ୧୬ ।।

CC-0. Jangamwadi Math Digital Collection.

ଇତି ଶ୍ରୀମଦ୍ ପଦବାକ୍ୟପ୍ରମାଣପାରାବାରଧୁରୀଣଶ୍ରୀମରିତୋଣ୍ଟଦାର୍ଯ୍ୟେଣ ବିରଚିତାୟାଂ ତତ୍ତ୍ୱପ୍ରଦୀପିକାଖ୍ୟାୟାଂ ସିଦ୍ଧାନ୍ତଶିଖାମଣିବ୍ୟାଖ୍ୟାୟାଂ ମାହେଶ୍ୱରସ୍ଥଳାଶ୍ରିତ ନବଲିଙ୍ଗପ୍ରସଙ୍ଗନାମା ଷୋଡ଼ଶଃ ପରିଚ୍ଛେଦଃ ।। ୧୬ ।।

ଏହିପରି ଶ୍ରୀସିଦ୍ଧାନ୍ତଶିଖାମଣିର ମାହେଶ୍ୱର ସ୍ଥଳାଶ୍ରିତନବଲିଙ୍ଗପ୍ରସଙ୍ଗ ନାମକ ଷୋଡ଼ଶ ପରିଚ୍ଛେଦର ଆଚାର୍ଯ୍ୟ ରାଧେଶ୍ୟାମଚତୁର୍ବେଦୀକୃତ 'ଜ୍ଞାନବତୀ' ହିନ୍ଦୀ ବ୍ୟାଖ୍ୟାର ଓଡ଼ିଆ ଅନୁବାଦ ସମ୍ପୂର୍ଣ୍ଣ ହେଲା ।। ୧୬ ।।

❖❖❖

CC-0. Jangamwadi Math Digital Collection.

ସପ୍ତଦଶଃ ପରିଚ୍ଛେଦଃ

ଅଥ ପ୍ରସାଦିସ୍ଥଳମ୍

(ଅଥ କାୟାନୁଗ୍ରହସ୍ଥଳମ୍)

ଅଥାଗସ୍ତ୍ୟପ୍ରଶ୍ନଃ । ଅଗସ୍ତ୍ୟ ଉବାଚେତି –

ସ୍ଥଳାନି ତାନି ଚୋକ୍ତାନି ଯାନି ମାହେଶ୍ୱରସ୍ଥଳେ ।
ବଦସ୍ୱ ସ୍ଥଳଭେଦଂ ମେ ପ୍ରସାଦିସ୍ଥଳସଂଶ୍ରିତମ୍ ।। ୧ ।।

ବଦସ୍ୱ ଉପଦିଶେତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୧ ।।

– (ପ୍ରସାଦିସ୍ଥଳ ବର୍ଣ୍ଣନ) – ଅଗସ୍ତ୍ୟ କହିଲେ – (ହେ ଆଚାର୍ଯ୍ୟ) ମାହେଶ୍ୱର ସ୍ଥଳରେ ଯେତେ ସ୍ଥଳ ଅଛି, ଆପଣ ତାହାର ବର୍ଣ୍ଣନ କଲେ । ଏବେ ପ୍ରସାଦିସ୍ଥଳରେ ଆସୁଥିବା ସ୍ଥଳଭେଦକୁ ମତେ ବତାଅ ।। ୧ ।।

ଶ୍ରୀରେଣୁକ ଉବାଚ

ସ୍ଥଳଭେଦା ନବ ପ୍ରୋକ୍ତାଃ ପ୍ରସାଦିସ୍ଥଳସଂଶ୍ରିତାଃ ।
କାୟାନୁଗ୍ରହଣଂ ପୂର୍ବମିନ୍ଦ୍ରିୟାନୁଗ୍ରହଂ ତତଃ ।। ୨ ।।
ପ୍ରାଣାନୁଗ୍ରହଣଂ ପଶ୍ଚାତ୍ ତତଃ କାୟାର୍ପିତଂ ମତମ୍ ।
କରଣାର୍ପିତମାଖ୍ୟାତଂ ତତୋ ଭାବାର୍ପିତଂ ମତମ୍ ।। ୩।।
ଶିଷ୍ୟସ୍ଥଳଂ ତତଃ ପ୍ରୋକ୍ତଂ ଶୁଶ୍ରୂଷାସ୍ଥଳମେବ ଚ ।
ତତଃ ସେବ୍ୟସ୍ଥଳଂ ତୈଷାଂ କ୍ରମଶଃ ଶୃଣୁ ଲକ୍ଷଣମ୍ ।। ୪ ।।

ଶ୍ରୀରେଣୁକାଚାର୍ଯ୍ୟ କହିଲେ – ପ୍ରସାଦିସ୍ଥଳ ଅନ୍ତର୍ଗତ ନବ ସ୍ଥଳଭେଦ କୁହାଯାଇଛି । ସେ ସବୁ ହେଉଛନ୍ତି – କାୟାନୁଗ୍ରହସ୍ଥଳ, ଇନ୍ଦ୍ରିୟାନୁଗ୍ରହସ୍ଥଳ, ପ୍ରାଣାନୁଗ୍ରହସ୍ଥଳ, କାୟାର୍ପିତସ୍ଥଳ, କରଣାର୍ପିତସ୍ଥଳ, ଭବାର୍ପିତସ୍ଥଳ, ଶିଷ୍ୟସ୍ଥଳ, ସୁଶ୍ରୂଷୁସ୍ଥଳ ଏବଂ ସେବ୍ୟସ୍ଥଳ । ଏବେ ଏମାନଙ୍କର କ୍ରମରେ ଲକ୍ଷଣ ଶୁଣ ।। ୨–୪ ।।

ଅଥ କାୟାନୁଗ୍ରହସ୍ଥଳମ୍

ଅଥ – 'ଶୁଚିଃ ସମଗ୍ରୀବଶିରଃ ଶରୀରଃ'[୨୧୬] ଇତି କୈବଲ୍ୟଶ୍ରୁତେଃ ସ ଜ୍ଞାନାଚାରବାନ୍ ଶିବଯୋଗୀ ସ୍ୱରୂପଶରୀରଂ ଦର୍ଶୟନ୍ନନୁଗୃହ୍ଣାତୀତି କାୟାନୁଗ୍ରାହକ ଇତି ସୂତ୍ରତ୍ରୟେଣ ନିରୂପୟତି –

୨୧୬. କୈ. ଉ., ୫

CC-0. Jangamwadi Math Digital Collection.

ଅନୁଗୃହ୍ଣାତି ଯଲ୍ଲୋକାନ୍ ସ୍ୱକାୟଂ ଦର୍ଶୟନ୍ନସୌ ।
ତସ୍ମାଦେବ ସମାଖ୍ୟାତଃ କାୟାନୁଗ୍ରହନାମକଃ ।। ୫ ।।

ଅସୌ ଜ୍ଞାନାଚାରସମ୍ପନ୍ନଃ ଶିବଯୋଗୀ ଯଦ୍ୟସ୍ମାତ୍ କାରଣାତ୍ ସ୍ୱକାୟଂ ଦର୍ଶୟନ୍ ସନ୍ ଲୋକାନ୍ ପ୍ରାକୃତାନ୍ (ଜନାନ୍) ଅନୁଗୃହ୍ଣାତ୍ୟନୁଗ୍ରହଂ କରୋତି, ତସ୍ମାଦେଷ କାୟାନୁଗ୍ରହନାମକଃ କାୟାନୁଗ୍ରହ ଇତ୍ୟଭିଧାନବାନିତି ସମାଖ୍ୟାତ ଇତ୍ୟର୍ଥଃ ।। ୫ ।।

– (କାୟାନୁଗ୍ରହସ୍ଥଳ ବର୍ଣ୍ଣନ) – ଏହି ଅର୍ଥାତ୍ ଜ୍ଞାନାଚାରସମ୍ପନ୍ନ ଶିବଯୋଗୀ (ପରବ୍ରହ୍ମ ରୂପ) ନିଜର ଶରୀରର ଦର୍ଶନ କରାଇ ଲୋକଙ୍କ ଉପରେ ଯେଉଁ ଅନୁଗ୍ରହ କରେ, ତେଣୁ ଏହାକୁ କାୟାନୁଗ୍ରହ ନାମକ ସ୍ଥଳ କୁହାଯାଏ ।। ୫ ।।

ତତ୍‌କଥମିତ୍ୟତ୍ର ଦୃଷ୍ଟାନ୍ତମାହ –

ଯଥା ଶିବୋଽନୁଗୃହ୍ଣାତି ମୂର୍ତ୍ତିମାବିଶ୍ୟ ଦେହିନଃ ।
ତଥା ଯୋଗୀ ଶରୀରସ୍ଥଃ ସର୍ବାନୁଗ୍ରାହକୋ ଭବେତ୍ ।। ୬ ।।

ଶିବୋ ଯଥା ଚନ୍ଦ୍ରଶେଖରାଦିମୂର୍ତ୍ତିମାବିଶ୍ୟ ଦେହିନଃ ପ୍ରାଣିନୋଽନୁଗ୍ରହଂ କରୋତି, ତଥା ଯୋଗୀ ଶରୀରସ୍ଥଃ ସନ୍ ଶିବଦୀକ୍ଷାସଂସ୍କୃତଦିବ୍ୟଶରୀରସ୍ଥଃ ସନ୍ ସର୍ବାନୁଗ୍ରାହକଃ ସ୍ୟାଦିତ୍ୟର୍ଥଃ ।। ୬ ।।

ଅଥ ଶିବବଦସଙ୍ଗଶ୍ଚେତ୍ୟାହ –

ଶିବଃ ଶରୀରଯୋଗେଽପି ଯଥା ସଙ୍ଗବିବର୍ଜିତଃ ।
ତଥା ଯୋଗୀ ଶରୀରସ୍ଥୋ ନିଃସଙ୍ଗୋ ବର୍ତ୍ତତେ ସଦା ।। ୭ ।।

ସୁଖଦୁଃଖାଦିସଙ୍ଗରହିତ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୭ ।।

– ଯେପରି ଶିବ (ସ୍ୱୟଂ) ଶରୀର ଧାରଣ କରି ମଧ୍ୟ (ନିଜର ସେହି ଶରୀର ପ୍ରତି) ଆସକ୍ତି ରହିତ ଅଟନ୍ତି, ସେହିପରି ଯୋଗୀ ଶରୀର ଧାରଣ କରି ସଦା (ନିଜର ଶରୀର ପ୍ରତି) ଅନାସକ୍ତ ରହେ ।। ୭ ।।

ଏବଂ ଶିବଯୋଗିନଃ ଶିବସମାନତ୍ୱମୁକ୍ତ୍ୱା ତସ୍ୟ ମାୟାପ୍ରପଞ୍ଚଦର୍ଶନଂ ନାସ୍ତୀତି ଶିବ ଏବେତି ପଞ୍ଚଭିଃ ସୂତ୍ରୈର୍ଦୃଷ୍ଟାନ୍ତପୂର୍ବକମୁପପାଦୟତି –

ଶିବଭାବନୟା ଯୁକ୍ତଃ ସ୍ଥିରୟା ନିର୍ବିକଳ୍ପୟା ।
ଶିବୋ ଭବତି ନିର୍ଧୂତମାୟାବେଶପରିପ୍ଲବଃ ।। ୮ ।।

ଅତ୍ର ଶିବଯୋଗୀତି ଶେଷଃ । ଭେଦରହିତୟା ଦୃଢ଼ୟା ଶିବୋଽହଂଭାବନୟା ଯୁକ୍ତୋ ନିବାରିତମାୟାବେଶୋପପ୍ଲବଃ ସନ୍ ଶିବ ଏବ ଭବତୀତ୍ୟର୍ଥଃ ।। ୮ ।।

CC-0. Jangamwadi Math Digital Collection.

– ଦୃଢ଼ ଏବଂ ବିକଳ୍ପରହିତ ଶିବଭାବନାରେ ଯୁକ୍ତ, ଅତଏବ ମାୟାର ଆବେଶର ଉପଦ୍ରବରୁ ରହିତ ସେ (ଯୋଗୀ) ଶିବ ହିଁ ହୋଇଯାଏ ।। ୮ ।।

ନନୁ କଥଂ ତସ୍ୟ ମାୟାବେଶୋପପ୍ଲବୋ ନାସ୍ତୀତ୍ୟତ୍ରାହ –

ଚିତ୍ତବୃତ୍ତିଷୁ ଲୀନାସୁ ଶିବେ ଚିଦ୍ସୁଖସାଗରେ ।
ଅବିଦ୍ୟାକଳ୍ପିତଂ ବସ୍ତୁ ନାନ୍ୟଦ୍ ପଶ୍ୟତି ସଂଯମୀ ।। ୯ ।।

ଜ୍ଞାନାନନ୍ଦୟୋଃ ସମୁଦ୍ରସ୍ଥାନାପନ୍ନେ ପରମଶିବେ ଚିତ୍ତବୃତ୍ତିଷୁ ମନୋବ୍ୟାପାରେଷୁ ଲୟଂ ଗତେଷୁ ସତ୍ସୁ ଶିବଯୋଗୀ ମାୟାକଳ୍ପିତବସ୍ତ୍ୱନ୍ତରଂ ନ ପଶ୍ୟତୀତ୍ୟର୍ଥଃ ।। ୯ ।।

– ଚିତ୍ ଏବଂ ଆନନ୍ଦର ସମୁଦ୍ର ପରି ଶିବଙ୍କଠାରେ ଚିତ୍ତବୃତ୍ତି ଲୀନ ହୋଇଯିବା ପରେ ଏହି ସଂଯମୀ (ଶିବଯୋଗୀ) ଅବିଦ୍ୟାଦ୍ୱାରା ରଚିତ ଅନ୍ୟ କୌଣସି ବସ୍ତୁକୁ ଦେଖେ ନାହିଁ (ଅନ୍ୟ ପକ୍ଷରେ ସମ୍ପୂର୍ଣ୍ଣ ସଂସାର ତାକୁ ଶିବମୟ ଶିବସ୍ୱରୂପ ହିଁ ଦେଖା ଯାଇଥାଏ) ।। ୯ ।।

ଅଥ ଦୃଷ୍ଟାନ୍ତମାହ –

ନେଦଂ ରଜତମିତ୍ୟୁକ୍ତେ ଯଥା ଶୁକ୍ତିଃ ପ୍ରକାଶତେ ।
ନେଦଂ ଜଗଦିତି ଜ୍ଞାତେ ଶିବତତ୍ତ୍ୱଂ ପ୍ରକାଶତେ ।। ୧୦ ।।

ଉକ୍ତେ ଜ୍ଞାତା ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୧୦ ।।

– 'ଏହା ରୂପା ନୁହେଁ' – ଏପରି କହିବା ପରେ ଯେପରି (ଦ୍ରଷ୍ଟାକୁ) ଶୁକ୍ତି ଦେଖା ଯାଇଥାଏ, ସେହିପରି 'ଏହା ସଂସାର ନୁହେଁ' – ଏପରି ଜ୍ଞାନ ହେବା ପରେ ଶିବତତ୍ତ୍ୱ ପ୍ରକାଶିତ ହୋଇଥାଏ ।। ୧୦ ।।

ଅଥ ପୁନର୍ଦୃଷ୍ଟାନ୍ତମାହ –

ଯଥା ସ୍ୱପ୍ନକୃତଂ ବସ୍ତୁ ପ୍ରବୋଧେନୈବ ଶାମ୍ୟତି ।
ତଥା ଶିବସ୍ୟ ବିଜ୍ଞାନେ ସଂସାରଂ ନୈବ ପଶ୍ୟତି ।। ୧୧ ।।

ଏଷ ଶିବଯୋଗୀତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୧୧ ।।

– ଯେପରି ସ୍ୱପ୍ନରେ ଦେଖିଥିବା ବସ୍ତୁ (ମିଥ୍ୟା ହୋଇଥାଏ) ଜାଗରଣ ପରେ ରହେ ନାହିଁ, ସେହିପରି ଶିବଙ୍କର ଜ୍ଞାନ ହେବାପରେ ଯୋଗୀ ସଂସାରକୁ ଦେଖେ ନାହିଁ ଏହି ସଂସାର ତାକୁ ସ୍ୱପ୍ନଗତ ବିଷୟ ପରି ମିଥ୍ୟା ପ୍ରତୀତ ହୋଇଥାଏ ।। ୧୧ ।।

ଅଥ ପୁନର୍ଦୃଷ୍ଟାନ୍ତମାହ –

ଅଜ୍ଞାନମେବ ସର୍ବେଷାଂ ସଂସାରଭ୍ରମକାରଣମ୍ ।
ତନ୍ନିବୃତ୍ତୌ କଥଂ ଭୂୟଃ ସଂସାରଭ୍ରମଦର୍ଶନମ୍ ।। ୧୨ ।।

CC-0. Jangamwadi Math Digital Collection.

ଯଥା ଶୁକ୍ତ୍ୟଜ୍ଞାନଂ ରଜତଭ୍ରାନ୍ତିକାରଣମ୍, ତଥା ଶିବବିଷୟକମଜ୍ଞାନଂ ସଂସାରଭ୍ରାନ୍ତି–କାରଣମ୍। ତନ୍ନିବୃତ୍ତୌ ଶୁକ୍ତ୍ୟଜ୍ଞାନନିବୃତ୍ତୌ ଯଥା ରଜତଭ୍ରମୋ ନିବର୍ତ୍ତତେ, ତଥା ଶିବବିଷୟକା–ଜ୍ଞାନନିବୃତ୍ତୌ ସାଂସାରିକଭେଦଭ୍ରାନ୍ତିଦର୍ଶନଂ ନାସ୍ତୀତ୍ୟର୍ଥଃ । ଯଥା ଶୁକ୍ତିରେବ ରଜତମ୍, ତଥା ଶିବ ଏବ ବିଶ୍ୱମିତି ଭାବଃ ।। ୧୨ ।।

– ସମସ୍ତ ଜୀବଙ୍କର ସଂସାରଭ୍ରମର କାରଣ ଅଜ୍ଞାନ (ଯଥାର୍ଥ ବସ୍ତୁର ଜ୍ଞାନ ନ ହେବା) ଅଟେ । ସେହି ଅଜ୍ଞାନର ନିବୃତ୍ତି ହେବା ପରେ ପୁନଃ ସଂସାରଭ୍ରମର ଦର୍ଶନ କିପରି ହୋଇପାରିବ ? ।। ୧୨ ।।

ବିଶେଷ – ଯେପରି ଶୁକ୍ତିକାନୁଯୋଗିକ ରଜତ ପ୍ରତିଯୋଗିକ ସମ୍ବନ୍ଧର ନିବୃତ୍ତି ହେବା ପରେ ଶୁକ୍ତି ହିଁ ଅବଶିଷ୍ଟ ରହିଯାଏ, ସେହିପରି ଶିବତତ୍ତ୍ୱାନୁଯୋଗିକ ସଂସାର ପ୍ରତିଯୋଗିକ ସମ୍ବନ୍ଧ ନିବୃତ୍ତ ହେବା ପରେ ଶିବ ହିଁ ଶେଷ ରହି ଯାଆନ୍ତି ।

ତସ୍ମାଦୟଂ ଶିବଯୋଗୀ ଜୀବନ୍ମୁକ୍ତ ଇତି ବଦନ୍ କାୟାନୁଗ୍ରହସ୍ଥଳଂ ସମାପୟତି –

ଗଳିତାହଂକୃତିଗ୍ରନ୍ଥିଃ କ୍ରୀଡ଼ାକଳ୍ପିତବିଗ୍ରହଃ ।
ଜୀବନ୍ମୁକ୍ତଶ୍ଚରେଦ୍ ଯୋଗୀ ଦେହିବନ୍ନିରୁପାଧିକଃ ।। ୧୩ ।।

ନିବୃତ୍ତପରିଚ୍ଛିନ୍ନଶରୀରାଦ୍ୟହଙ୍କାରବାନ୍ କ୍ରୀଡ଼ାର୍ଥଂ ସ୍ୱେଚ୍ଛାପରିକଳ୍ପିତକଳେବରଃ, ଅତ ଏବ ନିରୁପାଧିକଃ, ପ୍ରତିବନ୍ଧରହିତ ଇତ୍ୟର୍ଥଃ । ଜୀବନ୍ମୁକ୍ତଃ ସନ୍ ଦେହିବତ୍ ଦେହବାନିବ ଲୋକାନୁଗ୍ରହାର୍ଥଂ ସଞ୍ଚରେଦିତ୍ୟର୍ଥଃ ।। ୧୩ ।।

– ଯାହାର ଅହଙ୍କାର ନାମ ଗ୍ରନ୍ଥି (ମୁଁ ଏହି ଶରୀର ଅଟେ, ମୋର ନାମ ଅମୁକ ଇତ୍ୟାଦି ଦୃଢ଼ ଭାବନା) ନଷ୍ଟ ହୋଇଯାଇଛି, ଏବଂ ଯିଏ ଲୋକ ଲୀଳା ନିମନ୍ତେ ଶରୀର ଧାରଣ କରିଛି, ଏପରି ଉପାଧିରହିତ ଯୋଗୀ ଜୀବନ୍ମୁକ୍ତ ହୋଇ ସଂସାରରେ ବ୍ୟବହାର ଓ ବିଚରଣ କରେ ।। ୧୩ ।।

ଇତି କାୟାନୁଗ୍ରହସ୍ଥଳମ୍

ଅଥେନ୍ଦ୍ରିୟାନୁଗ୍ରହସ୍ଥଳମ୍

ଅଥ – 'ତ୍ରିରୁନ୍ନତଂ ସ୍ଥାପ୍ୟ ସମଂ ଶରୀରଂ ହୃଦୀନ୍ଦ୍ରିୟାଣି ମନସା ସନ୍ନିବେଶ୍ୟ'[୨୧୭] ଇତିଶ୍ୱେତାଶ୍ୱତରଶ୍ରୁତ୍ୟନୁସାରେଣ ତସ୍ୟା କାୟାନୁଗ୍ରହସମ୍ପନ୍ନସ୍ୟ ଶିବଯୋଗିନ ଇନ୍ଦ୍ରିୟ–ବିବେଚନମେବ ସର୍ବେଷାମିନ୍ଦ୍ରିୟାନୁଗ୍ରହସ୍ଥଳମିତି ନିରୂପୟତି –

୨୧୭. ଶ୍ୱେ. ଉ., ୨/୮

CC-0. Jangamwadi Math Digital Collection.

ଦର୍ଶନାତ୍ ପରକାୟସ୍ୟ କରଣାନାଂ ବିବେକତଃ ।
ଇନ୍ଦ୍ରିୟାନୁଗ୍ରହଃ ପ୍ରୋକ୍ତଃ ସର୍ବେଷାଂ ତତ୍ତ୍ୱବେଦିଭିଃ ।। ୧୪ ।।

ପରକାୟସ୍ୟ ସର୍ବୋତ୍କୃଷ୍ଟକାୟାନୁଗ୍ରହସମ୍ପନ୍ନସ୍ୟ ଶିବଯୋଗିନୋ ଦର୍ଶନାତ୍, କରଣାନାମିନ୍ଦ୍ରିୟାଣାଂ ବିବେକତଃ ସର୍ବେଷାଂ ପ୍ରାକୃତାନାମିନ୍ଦ୍ରିୟାନୁଗ୍ରହ ଇତି ତତ୍ତ୍ୱବେଦିଭିସ୍ତତ୍ତ୍ୱଜ୍ଞାନିଭିଃ ପ୍ରୋକ୍ତଃ କଥିତ ଇତ୍ୟର୍ଥଃ ।। ୧୪ ।।

– (ଇନ୍ଦ୍ରିୟାନୁଗ୍ରହସ୍ଥଳ ବର୍ଣ୍ଣନ) – ପରକାୟ ଯୋଗୀର ଦର୍ଶନ ଏବଂ ସମସ୍ତ ଇନ୍ଦ୍ରିୟ ଗୁଡ଼ିକର ବିବେକ (ଇନ୍ଦ୍ରିୟ ସବୁ ଭିନ୍ନ ବସ୍ତୁ ନୁହଁନ୍ତି, ଶିବ ହିଁ ଅଟନ୍ତି – ଏପରି ଜ୍ଞାନ)କୁ ତତ୍ତ୍ୱଦର୍ଶୀ ଜନ ଇନ୍ଦ୍ରିୟାନୁଗ୍ରହ କହନ୍ତି ।। ୧୪ ।।

ଅଥ ତତ୍ କଥମିତ୍ୟତ୍ର ତଦିନ୍ଦ୍ରିୟବ୍ୟାପାରଂ ପଞ୍ଚଭିଃ ସୂତ୍ରୈଃ ପ୍ରତିପାଦୟତି –

ଇନ୍ଦ୍ରିୟାଣାଂ ସମସ୍ତାନାଂ ସ୍ୱାର୍ଥେଷୁ ସତି ସଙ୍ଗମେ ।
ରାଗୋ ବା ଜାୟତେ ଦ୍ୱେଷସ୍ତୌ ଯୋଗୀ ପରିବର୍ଜୟେତ୍ ।। ୧୫ ।।

ଲୋକେ ସମସ୍ତାନାଂ ଶ୍ରୋତ୍ରାଦୀନ୍ଦ୍ରିୟାଣାଂ ସ୍ୱସ୍ୱବିଷୟେଷୁ ସମ୍ବନ୍ଧେ ସତି ରାଗୋ ବା ଦ୍ୱେଷୋ ବା ଜାୟତେ । ଯୋଗୀ ଶିବଯୋଗୀ ତୌ ରାଗଦ୍ୱେଷୌ ପରିବର୍ଜୟେତ୍, ପରିତ୍ୟଜେଦିତ୍ୟର୍ଥଃ ।। ୧୫ ।।

– ସମସ୍ତ ଇନ୍ଦ୍ରିୟ ସ୍ୱାର୍ଥ ଅର୍ଥାତ୍ ନିଜ ନିଜ ବିଷୟ (ରୂପ, ରସ, ଗନ୍ଧ, ସ୍ପର୍ଶ, ଶବ୍ଦ) ସହିତ ସନ୍ନିକର୍ଷ ହେବା ପରେ ରାଗ (ଅନୁରାଗ) ଅଥବା ଦ୍ୱେଷ ଉତ୍ପନ୍ନ ହୋଇଥାଏ । (ବିଷୟ ପ୍ରାପ୍ତି ନିମନ୍ତେ ରାଗ ଏବଂ ପ୍ରାପ୍ତିରେ ବାଧା ଉପସ୍ଥିତ ହେଲେ ଦ୍ୱେଷ ଉତ୍ପନ୍ନ ହୋଇଥାଏ) । ଯୋଗୀ ଏହି ଉଭୟ ଭାବକୁ ତ୍ୟାଗ କରିବା ଉଚିତ୍ ।। ୧୫ ।।

ଏବଂ ଚ ଯୋଗୀନ୍ଦ୍ରିୟବ୍ୟାପାରସ୍ୟ ଲୋକୋତ୍ତରତ୍ୱାଦନୁଗ୍ରହକରତ୍ୱମିତି ଭାବଃ –

ଇନ୍ଦ୍ରିୟାଣାଂ ବହିର୍ବୃତ୍ତିଃ ପ୍ରପଞ୍ଚସ୍ୟ ପ୍ରକାଶିନୀ ।
ଅନ୍ତଃ ଶିବେ ସମାବେଶୋ ନିଷ୍ପ୍ରପଞ୍ଚସ୍ୟ କାରଣମ୍ ।। ୧୬ ।।

ସ୍ପଷ୍ଟମ୍ ।। ୧୬ ।।

– ଇନ୍ଦ୍ରିୟଗୁଡ଼ିକର ବାହ୍ୟ ବିଷୟରେ ପ୍ରବୃତ୍ତି ପ୍ରପଞ୍ଚ (ଅର୍ଥାତ୍ ସଂସାର ଏବଂ ତାହାର ସୁଖ–ଦୁଃଖ)କୁ ଉତ୍ପନ୍ନ କରେ । ଯଦି ସେହି ବୃତ୍ତି ଅନ୍ତଃସ୍ଥିତ ଶିବସମାବେଶ ଯୁକ୍ତ ହୁଏ, ତେବେ ନିଷ୍ପ୍ରପଞ୍ଚ ଅର୍ଥାତ୍ ସଂସାର ରାହିତ୍ୟର କାରଣ ହୁଏ ।। ୧୬ ।।

ଏବଂ ସ୍ଥିତେ –

କ୍ଷଣମନ୍ତଃ ଶିବଂ ପଶ୍ୟନ୍ କେବଳେନୈବ ଚେତସା ।
ବାହ୍ୟାର୍ଥାନାମନୁଭବଂ କ୍ଷଣଂ କୁର୍ବନ୍ ଦୃଗାଦିଭିଃ ।। ୧୭ ।।

CC-0. Jangamwadi Math Digital Collection.

ସର୍ବେନ୍ଦ୍ରିୟନିରୂଢ଼ୋଽପି ସର୍ବେନ୍ଦ୍ରିୟବିହୀନବାନ୍ ।
ଶିବାହିତମନା ଯୋଗୀ ଶିବଂ ପଶ୍ୟତି ନାପରମ୍ ।। ୧୮ ।।

ଅନ୍ତଃ ଅନ୍ତର୍ମୁଖଃ ସନ୍ କେବଳେନ ଚେତସା ବାହ୍ୟେନ୍ଦ୍ରିୟସଙ୍ଗରହିତେନ ଚିତ୍ତେନ, କ୍ଷଣଂ ଶିବଂ ପଶ୍ୟନ୍, ଦୃଗାଦିଭିଶ୍ଚକ୍ଷୁରାଦିବାହ୍ୟେନ୍ଦ୍ରିୟୈଃ, ବାହ୍ୟାର୍ଥାନାଂ ଶବ୍ଦାଦିବାହ୍ୟ-ବିଷୟାଣାମ୍ ଅନୁଭବଂ କ୍ଷଣଂ କୁର୍ବନ୍, ଶିବାହିତମନା ଯୋଗୀ ଶିବେ ନିବେଶିତଚିତ୍ତଃ ପରଯୋଗୀ, ସର୍ବେନ୍ଦ୍ରିୟାନିରୂଢ଼ୋଽପି ସର୍ବେନ୍ଦ୍ରିୟାସକ୍ତୋଽପି ସର୍ବେନ୍ଦ୍ରିୟବିହୀନବାନ୍ ସନ୍ ଶିବଂ ପଶ୍ୟତି ଅନ୍ତର୍ବହିଶ୍ଚ ଶିବମେବ ପଶ୍ୟତି, ଅପରଂ ତଦନ୍ୟଂ ନ ପଶ୍ୟତୀତି ତଦିନ୍ଦ୍ରିୟବିବେଚନମନୁଗ୍ରହକରମିତି ଭାବଃ ।। ୧୭-୧୮ ।।

- କେବଳ ଚିତ୍ତଦ୍ୱାରା କ୍ଷଣମାତ୍ର ପାଇଁ ଶିବଙ୍କୁ ନିଜ ଭିତରେ ସାକ୍ଷାତ୍କାର କରୁଥିବା ତଥା ବାହ୍ୟ ବିଷୟଗୁଡ଼ିକୁ ନେତ୍ର ଆଦିରେ କ୍ଷଣମାତ୍ର ଅନୁଭବ କରୁଥିବା ଯୋଗୀ ସମସ୍ତ ଇନ୍ଦ୍ରିୟଯୁକ୍ତ ହେଲେ ମଧ୍ୟ ସମସ୍ତ ଇନ୍ଦ୍ରିୟରୁ ରହିତ ହୋଇ ଶିବଙ୍କ ପ୍ରତି ସମର୍ପିତ ମନବାଲା ହୋଇ ଶିବଙ୍କୁ ହିଁ ସର୍ବତ୍ର ଦେଖେ, କୌଣସି ଅନ୍ୟ ପଦାର୍ଥକୁ ନୁହେଁ ।। ୧୭-୧୮ ।।

ନନ୍ୱେବମନ୍ତର୍ବହିଶ୍ଚ ଶିବଂ ପଶ୍ୟତଃ ଶିବଯୋଗିନୋଽପି ପ୍ରାକୃତଜନବଜ୍ଜରା ମରଣାଦିଦର୍ଶନାତ୍ କଥଂ ଲୋକାନୁଗ୍ରାହକତ୍ୱମିତ୍ୟତ୍ରାହ -

ନ ଜରା ମରଣଂ ନାସ୍ତି ନ ପିପାସା ନ ଚ କ୍ଷୁଧା ।
ଶିବାହିତେନ୍ଦ୍ରିୟସ୍ୟାସ୍ୟ ନିର୍ମାନସ୍ୟ ମହାତ୍ମନଃ ।। ୧୯ ।।

ଶିବାହିତେନ୍ଦ୍ରିୟସ୍ୟ ଶିବନିବେଶିତେନ୍ଦ୍ରିୟବ୍ୟାପାରବତୋ ନିର୍ମାନସ୍ୟ ଦେହାଦ୍ୟ-ଭିମାନଶୂନ୍ୟସ୍ୟ ମହାତ୍ମନୋ ମହାପୁରୁଷସ୍ୟ ଅସ୍ୟ ଶିବଯୋଗିନୋ ଜରାମରଣଂ ନାସ୍ତି, ତୟୋଃ ଶରୀରଧର୍ମତ୍ୱାତ୍, କ୍ଷୁତ୍ପିପାସେ ଚ ନ ସ୍ତଃ, ତୟୋଃ ପ୍ରାଣଧର୍ମତ୍ୱାଦିତି ।। ୧୯ ।।

- ଶିବଙ୍କ ପ୍ରତି ସମର୍ପିତ ଇନ୍ଦ୍ରିୟବାଲା, ଅତଏବ ଦୈହିକ ଆଦି ଅଭିମାନରୁ ରହିତ ଏହି ମହାତ୍ମାଙ୍କୁ ଜରା, ମୃତ୍ୟୁ, ପିପାସା ଓ କ୍ଷୁଧାର କଷ୍ଟ ହୁଏ ନାହିଁ । କାରଣ ଜରା-ମୃତ୍ୟୁ ଶରୀରର ଏବଂ କ୍ଷୁଧା-ପିପାସା ପ୍ରାଣର ଧର୍ମ ଅଟନ୍ତି ।। ୧୯ ।।

'ସର୍ବେଷୁ ଗାତ୍ରେଷୁ ଶିରଃ ପ୍ରଧାନଂ ସର୍ବେନ୍ଦ୍ରିୟାଣାଂ ନୟନଂ ପ୍ରଧାନମ୍' 'ଇନ୍ଦ୍ରିୟାଣାଂ ମନୋ ନାଥୋ ମନୋନାଥସ୍ତୁ ମାରୁତଃ' ଇତି ପୁରାଣବଚନାନୁସାରେଣ ସର୍ବେନ୍ଦ୍ରିୟବ୍ୟାପାରକାରଣୀଭୂତମନୋମାରୁତନିଗ୍ରହଂ ସୂତ୍ରତ୍ରୟେଣ ପ୍ରକାଶୟତି -

ମନୋ ଯତ୍ର ପ୍ରବର୍ତ୍ତେତ ତତ୍ର ସର୍ବେନ୍ଦ୍ରିୟସ୍ଥିତିଃ ।
ଶିବେ ମନସି ସଂଲ୍ଲୀନେ କ୍ୱ ଚେନ୍ଦ୍ରିୟବିଚାରଣା ।। ୨୦ ।।

ଯତ୍ର ମନସ୍ଥିତିଃ (ତତ୍ର) ସର୍ବେନ୍ଦ୍ରିୟସ୍ଥିତିଃ, ମନସି ଶିବେ ସଂଲ୍ଲୀନେ ସତି

CC-0. Jangamwadi Math Digital Collection.

ଇନ୍ଦ୍ରିୟବିଚାରଣା ଇନ୍ଦ୍ରିୟବ୍ୟାପାରଃ କ୍ୱ ? ନାସ୍ତୀତ୍ୟର୍ଥଃ ।। ୨୦।।

– ଯେଉଁ ବିଷୟରେ ମନ ପ୍ରବୃତ୍ତ ହୁଏ, ଇନ୍ଦ୍ରିୟ ମଧ୍ୟ ସେଥିରେ ସ୍ଥିତି ଚାହାନ୍ତି । ଯେତେବେଳେ ଏହି ମନ ଶିବରେ ଲୀନ ହୋଇଯାଏ, ସେତେବେଳେ (ଆଧାରହୀନ) ଇନ୍ଦ୍ରିୟଗୁଡ଼ିକର ବ୍ୟାପାର (ଗତି) କେଉଁଠାରେ ? ।। ୨୦।।

ଯଦ୍ୟଦ୍ ପଶ୍ୟନ୍ ଦୃଶା ଯୋଗୀ ମନସା ଚିନ୍ତୟତ୍ୟପି ।
ତତ୍ତଦ୍ ସର୍ବଂ ଶିବାକାରଂ ସଂବିଦ୍ରୂପଂ ପ୍ରକାଶୟତି ।। ୨୧।।

ଯୋଗୀ ଶିବଯୋଗୀ ଦୃଶା ଯଦ୍ୟଦ୍ ପଶ୍ୟତି, ମନସା ଚିନ୍ତୟତି, ତତ୍ତଦ୍ ସର୍ବଂ ଚିଦ୍ରୂପଂ ଶିବାକାରଂ ସନ୍ ପ୍ରକାଶତେ ମନୁତ ଇତ୍ୟର୍ଥଃ ।। ୨୧।।

– ଶିବଯୋଗୀ ନେତ୍ରରେ ଯେଉଁ ଯେଉଁ ବସ୍ତୁ ଦେଖି ମନରେ ତା'ର ଧ୍ୟାନ କରେ, ସେହି ସମସ୍ତ ବସ୍ତୁ ତାକୁ ଶିବାକାର ସଂବିଦ୍ ଭାବରେ ଭାସିତ ହୋଇଥାନ୍ତି ।। ୨୧।।

ଅନେନାନ୍ତର୍ବାହ୍ୟେନ୍ଦ୍ରିୟନିଗ୍ରହପ୍ରକାରୋ ଦର୍ଶିତଃ । ଅଥ ପ୍ରାଣନିଗ୍ରହପ୍ରକାରଂ ଦର୍ଶୟତି –

କରଣୈଃ ସହିତଂ ପ୍ରାଣଂ ମନସ୍ୟାଧାୟ ସଂଯମୀ ।
ଯୋଜୟେଦ୍ ସ ଶିବଃ ସାକ୍ଷାଦ୍ ଯତ୍ର ନାସ୍ତି ଜଗଦ୍‌ଭ୍ରମଃ ।। ୨୨।।

କରଣୈର୍ନେତ୍ରାଦିକରଣୈଃ ସହିତଂ ପ୍ରାଣଂ ପ୍ରାଣବାୟୁଂ ମନସ୍ୟାଧାୟ ସଂସ୍ଥାପ୍ୟ ଯଃ ସଂଯମୀ ଶିବଯୋଗୀ ଯତ୍ର ବ୍ରହ୍ମଣି ଯୋଜୟେଦ୍, ନେତ୍ରାଦିକରଣାନାଂ ମନ ଏବ ପ୍ରାଣରୂପମ୍, ମନୋବାୟୁରୂପଂ ବେପବତ୍ତ୍ୱାଦ୍ ଲୋକେ କ୍ୱଚିଲ୍ଲକ୍ଷ୍ୟେ ନେତ୍ରଚଞ୍ଚଳଂ ଚେଦ୍, ପ୍ରାଣବାୟୁନିରୋଧଦ୍ୱାରା ମନୋଲୟସ୍ୟାନୁଭୂୟମାନତ୍ୱାଚ୍ଚ ତ୍ରୟାଣାମୈକ୍ୟାଦ୍ ସାମରସ୍ୟେନ ସଂଯୋଜୟେଦ୍, ସ ସାକ୍ଷାଚ୍ଛିବ ଏବ । ତସ୍ୟ ଜଗଦ୍‌ଭ୍ରମୋ ବିଶ୍ୱଭେଦଭ୍ରାନ୍ତିର୍ନାସ୍ତି, ଚିତ୍ତବୃତ୍ତିର୍ବ୍ରହ୍ମଣି ଲୀନା ଚେଦ୍ ବାହ୍ୟେନ୍ଦ୍ରିୟବ୍ୟାପାରୋ ନିବର୍ତ୍ତତେ, ତଦଭାବାଦ୍ ବିଭେଦଭ୍ରାନ୍ତିର୍ନାସ୍ତୀତ୍ୟର୍ଥଃ ।। ୨୨।।

– (ନେତ୍ର ଆଦି) ଇନ୍ଦ୍ରିୟଗୁଡ଼ିକ ସହିତ ପ୍ରାଣକୁ ମନରେ ସମାହିତ କରି ଯେଉଁ ଶିବଯୋଗୀ ଯେଉଁଥିରେ ତା'ର ଯୋଜନା (ଯୋଗ) କରେ, ସେହି ବସ୍ତୁ ସାକ୍ଷାତ୍ ଶିବରୂପ (ରେ ପ୍ରକାଶିତ) ହୁଏ । ସେଥିରେ ସଂସାରର ଭ୍ରମ ରହେ ନାହିଁ ।। ୨୨।।

ଅଥେନ୍ଦ୍ରିୟାନୁଗ୍ରହସ୍ଥଳଂ ସମାପୟତି –

ସର୍ବେନ୍ଦ୍ରିୟପ୍ରବୃତ୍ତ୍ୟା ଚ ବହିରନ୍ତଃ ଶିବଂ ଯଜନ୍ ।
ସ୍ୱଚ୍ଛନ୍ଦଚାରୀ ସର୍ବତ୍ର ସୁଖୀ ଭବତି ସଂଯମୀ ।। ୨୩।।

ସଂଯମୀ ଶିବଯୋଗୀ ସର୍ବେନ୍ଦ୍ରିୟାପ୍ରବୃତ୍ତ୍ୟା ଚ ଅନ୍ତର୍ବାହ୍ୟେନ୍ଦ୍ରିୟପ୍ରବର୍ତ୍ତନେନ ଶିବମ୍

CC-0. Jangamwadi Math Digital Collection.

ଇଷ୍ଟପ୍ରାଣରୂପଶିବଲିଙ୍ଗଂ ଯଜନ୍ ପୂଜୟନ୍ ସର୍ବତ୍ର ସ୍ୱେଚ୍ଛାଚାରୀଭୂତ୍ୱା ସୁଖୀ ଭବତି ସୁଖମନୁଭବନାସ୍ତେ ଇତ୍ୟର୍ଥଃ ।। ୨୩ ।।

– ସେହି ସଂଯମୀ ଅର୍ଥାତ୍ ଶିବଯୋଗୀ ସମ୍ପୂର୍ଣ୍ଣ ଇନ୍ଦ୍ରିୟଦ୍ୱାରା ନିଜର ଭିତର ତଥା ବାହାର ଜଗତରେ ସର୍ବତ୍ର ଶିବଙ୍କର ପୂଜା, ତାଙ୍କର ଧ୍ୟାନ, ତାଙ୍କ ପାଇଁ ଦାନ ଆଦି କରେ । ସେ ସର୍ବତ୍ର ନିର୍ବୋଧ ଭ୍ରମଣ କରେ ଏବଂ ସୁଖୀ ରହେ ।। ୨୩।।

ଇତୀନ୍ଦ୍ରିୟାନୁଗ୍ରହସ୍ଥଲମ୍

ଅଥ ପ୍ରାଣାନୁଗ୍ରହସ୍ଥଲମ୍

ଅଥ – 'ପ୍ରାଣାନ୍ ପ୍ରପୀଡ୍ୟେହ ସ ମୁକ୍ତଚେଷ୍ଟଃ କ୍ଷୀଣେ ପ୍ରାଣେ ନାସିକୟୋଚ୍ଛ୍ୱସୀତ'[୨୧୮] ଇତି ଶ୍ୱେତାଶ୍ୱତରଶ୍ରୁତ୍ୟନୁସାରେଣେନ୍ଦ୍ରିୟାନୁଗ୍ରହସମ୍ପନ୍ନସ୍ୟ ଶିବଯୋଗିନସ୍ତାତ୍ପର୍ଯ୍ୟାବଲୋକନମେବ ସର୍ବେଷାଂ ପ୍ରାଣାନୁଗ୍ରହସ୍ଥଲଂ ନିରୂପୟତି –

ଶିବସ୍ୟ ପରକାୟସ୍ୟ ଯତ୍ ତାତ୍ପର୍ଯ୍ୟାବଲୋକନମ୍ ।
ତତ୍ପ୍ରାଣାନୁଗ୍ରହଃ ପ୍ରୋକ୍ତଃ ସର୍ବେଷାଂ ତତ୍ତ୍ୱଦର୍ଶିଭିଃ ।। ୨୪ ।।

ପରକାୟସ୍ୟ ଇନ୍ଦ୍ରିୟାନୁଗ୍ରହସମ୍ପନ୍ନସ୍ୟ ପରବ୍ରହ୍ମକାୟସ୍ୟ ଶିବସ୍ୟ ଶିବଯୋଗିନୋ ଯତ୍ତାତ୍ପର୍ଯ୍ୟାବଲୋକନଂ ପ୍ରାଣବାୟୁନିରୋଧେନ ଯତ୍ତାତ୍ପର୍ଯ୍ୟାବଲୋକନମସ୍ତି, ତତ୍ ସର୍ବେଷାଂ ପ୍ରାଣାନୁଗ୍ରହ ଇତି ତତ୍ତ୍ୱଦର୍ଶିଭିସ୍ତତ୍ତ୍ୱଜ୍ଞାନିଭିଃ ପ୍ରୋକ୍ତ ଇତ୍ୟର୍ଥଃ ।। ୨୪ ।।

– (ପ୍ରାଣାନୁଗ୍ରହସ୍ଥଳ ବର୍ଣ୍ଣନ) – ପରକାୟ (ଅର୍ଥାତ୍ ଇନ୍ଦ୍ରିୟାନୁଗ୍ରହ ସମ୍ପନ୍ନ) ଶିବ (ଅର୍ଥାତ୍ ଶିବଯୋଗୀ)ର ଯେଉଁ ତାତ୍ପର୍ଯ୍ୟାବଲୋକନ (ଅର୍ଥାତ୍ ପ୍ରାଣବାୟୁର ନିରୋଧ) ଅଟେ, ତାହା ତତ୍ତ୍ୱଦ୍ରଷ୍ଟା ମନୀଷିମାନଙ୍କଦ୍ୱାରା ସମସ୍ତଙ୍କର ପ୍ରାଣାନୁଗ୍ରହ କୁହାଯାଇଛି ।। ୨୪ ।।

ଅଥ ତତ୍ତାତ୍ପର୍ଯ୍ୟାବଲୋକନଂ କୀଦୃଶମିତ୍ୟାହ –

ପ୍ରାଣୋ ଯସ୍ୟ ଲୟଂ ଯାତି ଶିବେ ପରମକାରଣେ ।
କୁତସ୍ତସ୍ୟେନ୍ଦ୍ରିୟସ୍ଫୁର୍ତ୍ତିଃ କୁତଃ ସଂସାରଦର୍ଶନମ୍ ।। ୨୫ ।।

ଯସ୍ୟ ଶିବଯୋଗିନଃ ପ୍ରାଣଃ ପ୍ରାଣବାୟୁଃ ପରମକାରଣେ ଶିବେ ବ୍ରହ୍ମାଦିକାରଣେଶାନା[୨୧୯]ମପି କାରଣୀଭୂତେ ପରଶିବେ ଲୟଂ ଯାତି, ତସ୍ୟ ଶିବଯୋଗିନ ଇନ୍ଦ୍ରିୟସ୍ଫୂର୍ତ୍ତିରିନ୍ଦ୍ରିୟବ୍ୟାପାରଃ କୁତଃ ? ନାସ୍ତୀତ୍ୟର୍ଥଃ । ଏବଂ ଚ ନିଷ୍ପ୍ରପଞ୍ଚଶିବଲିଙ୍ଗଦର୍ଶନଂ ତତ୍ତାତ୍ପର୍ଯ୍ୟାବଲୋକନମିତି ଭାବଃ ।। ୨୫ ।।

---

୨୧୮. ଶ୍ୱେ. ଉ., ୨/୯

୨୧୯. ବ୍ରହ୍ମା-ବିଷ୍ଣୁ-ରୁଦ୍ର-ଈଶ୍ୱରଃ ସଦାଶିବଶ୍ଚେତି ପଞ୍ଚକାରଣେଶାଃ ।

CC-0. Jangamwadi Math Digital Collection.

– ଯେଉଁ ଯୋଗୀର ପ୍ରାଣ ପରମକାରଣ ଅର୍ଥାତ୍ ପଞ୍ଚକାରଣର ମଧ୍ୟ କାରଣଭୂତ ଶିବରେ ଲୀନ ହୋଇଯାଏ, ତାହାର ଇନ୍ଦ୍ରିୟ ବ୍ୟାପାର କେଉଁଠାରେ ଏବଂ ସଂସାରଦର୍ଶନ କେଉଁଠାରେ ? ।। ୨୫ ।।

ଅଥ ତତ୍ କଥମିତ୍ୟତ୍ରାହ –

କରଣେଷୁ ନିବୃତ୍ତେଷୁ ସ୍ୱାର୍ଥସଙ୍ଗାତ୍ ପ୍ରଯତ୍ନତଃ ।
ତୈଃ ସମଂ ପ୍ରାଣମାରୋପ୍ୟ ସ୍ୱାନ୍ତେ ଶାନ୍ତମତିଃ ସ୍ୱୟମ୍ ।। ୨୬ ।।

କେବଳକୁମ୍ଭେନ ଶିବେ ପ୍ରାଣବାୟୌ ଲୟଂ ଗତେ ସତି କରଣେଷୁ ଚକ୍ଷୁରାଦିକରଣେଷୁ ସ୍ୱାର୍ଥସଙ୍ଗାତ୍ ଶବ୍ଦାଦିସ୍ୱବିଷୟସମ୍ବନ୍ଧାତ୍ ପ୍ରଯତ୍ନତଃ ସ୍ୱୟମେବ ନିବୃତ୍ତେଷୁ ସତ୍ସୁ ସ୍ୱାନ୍ତେ ମନସି ତୈରିନ୍ଦ୍ରିୟୈଃ ସ୍ୟାତ୍ ।। ୨୬ ।।

– ପ୍ରଯତ୍ନ ଅର୍ଥାତ୍ କୁମ୍ଭକ ଆଦି ଦ୍ୱାରା ଇନ୍ଦ୍ରିୟ ଗୁଡ଼ିକ ନିଜ ନିଜ ବିଷୟରୁ ନିବୃତ୍ତ ହେଲେ ସେମାନଙ୍କୁ ଅର୍ଥାତ୍ ଇନ୍ଦ୍ରିୟଗୁଡ଼ିକ ସହିତ ପ୍ରାଣକୁ ଏକରୂପ କରି ଯୋଗୀ ସ୍ୱୟଂ ଶାନ୍ତମନା ହୋଇଯାଏ ।। ୨୬ ।।

ଏବଂ ସ୍ଥିତେ –

ଶାନ୍ତତ୍ୱାତ୍ ପ୍ରାଣବୃତ୍ତୀନାଂ ମନଃ ଶାମ୍ୟତି ବୃତ୍ତିଭିଃ ।
ତଚ୍ଛାନ୍ତୌ ଯୋଗିନାଂ କିଞ୍ଚିଚ୍ଛିବାଦନ୍ୟନ୍ନ ଦୃଶ୍ୟତେ ।। ୨୭ ।।

ପ୍ରାଣବୃତ୍ତୀନାଂ ରେଚକପୂରକରୂପପ୍ରାଣବୃତ୍ତୀନାଂ ଶାନ୍ତତ୍ୱାତ୍ କେବଳକୁମ୍ଭକେନ ନିବୃତ୍ତତ୍ୱାତ୍, ମନୋ ବୃତ୍ତିଭିଃ ସଙ୍କଳ୍ପବିକଳ୍ପରୂପବୃତ୍ତିଭିଃ ସମଂ ସାମ୍ୟତି, ତଚ୍ଛାନ୍ତୌ ସଖାଂ ଯୋଗିନାଂ ଶିବାଦନ୍ୟନ୍ନ କିଞ୍ଚିଦପି ଦୃଶ୍ୟତ ଇତ୍ୟର୍ଥଃ ।। ୨୭ ।।

– ପ୍ରାଣର ବୃତ୍ତି ଗୁଡ଼ିକ (ଶ୍ୱାସ-ପ୍ରଶ୍ୱାସ ଅଥବା ରେଚକ-ପୂରକ) ଶାନ୍ତ ହେବା ପରେ ମନ ମଧ୍ୟ ସେହି ବୃତ୍ତିଗୁଡ଼ିକ ସହିତ ଶାନ୍ତ ହୋଇଯାଏ । ତାହା ଅର୍ଥାତ୍ ମନ ଶାନ୍ତ ହେବା ପରେ ଯୋଗୀମାନଙ୍କୁ ଶିବଙ୍କ ଅତିରିକ୍ତ ଅନ୍ୟ କିଛି, ଦେଖାଯାଏ ନାହିଁ ।। ୨୭ ।।

ଅଥାତ୍ର ଶଙ୍କାଂ ସୂତ୍ରଦ୍ୱୟେନୋଦ୍ଭାବ୍ୟ ତୃତୀୟେନ ନିରାକରୋତି –

ପ୍ରାଣ ଏବ ମନୁଷ୍ୟାଣାଂ ଦେହଧାରଣକାରଣମ୍ ।
ତଦାଧାରଃ ଶିବଃ ପ୍ରୋକ୍ତଃ ସର୍ବକାରଣକାରଣମ୍ ।। ୨୮ ।।

ସ୍ପଷ୍ଟମ୍ ।। ୨୮ ।।

– ପ୍ରାଣ ହିଁ ମନୁଷ୍ୟମାନଙ୍କର ଶରୀର ଧାରଣ କରିବାର କାରଣ ଅଟେ ଏବଂ ସମସ୍ତ କାରଣର କାରଣ ସ୍ୱରୂପ ଶିବ ତାହାର (ପ୍ରାଣର) କାରଣ କୁହାଯାଇଛି ।। ୨୮ ।।

ଅସ୍ୟୋତ୍ତରମ୍ –

CC-0. Jangamwadi Math Digital Collection.

ନିରାଧାରଃ ଶିବଃ ସାକ୍ଷାଦ୍ ପ୍ରାଣସ୍ତେନ ପ୍ରତିଷ୍ଠିତଃ ।
ତଦାଧାରା ତନୁର୍ଜ୍ଞେୟା ଜୀବୋ ଯେନୈବ ଚେଷ୍ଟତେ ।। ୨୯ ।।

ତଦାଧାରା ପ୍ରାଣାଧାରେତ୍ୟର୍ଥଃ ।। ୨୯ ।।

– ଶିବ ନିରାଧାର ଅଟନ୍ତି ଏବଂ ପ୍ରାଣ ତାଙ୍କଦ୍ୱାରା ପ୍ରତିଷ୍ଠିତ ଅଟେ । ଶରୀରକୁ ପ୍ରାଣର ଆଧାରବାଲା ଜାଣିବା ଉଚିତ୍ । ଜୀବ ଏହି ପ୍ରାଣ କାରଣରୁ ଚେଷ୍ଟା କରେ ।। ୨୯ ।।

ଯେନୈବ ପ୍ରାଣେନୈବ ଜୀବଶ୍ଚେଷ୍ଟତ ଇତି ସର୍ବସମ୍ମତତ୍ୱେନ ଶିବେ ପ୍ରାଣସ୍ୟ ଲୀନତ୍ୱାଦ୍ ଦେହଃ କଥଂ ତିଷ୍ଠତୀତି ଶଙ୍କା ? ଅସ୍ୟୋତ୍ତରମ୍ –

ଶିବେ ପ୍ରାଣୋ ବିଲୀନୋଽପି ଯୋଗିନୋ ଯୋଗମାର୍ଗତଃ ।
ସ୍ୱଶକ୍ତିବାସନା ଯୋଗାଦ୍ ଧାରୟତ୍ୟେବ ବିଗ୍ରହମ୍ ।। ୩୦ ।।

ଯୋଗିନଃ ଶିବଯୋଗିନୋ ଯୋଗମାର୍ଗତଃ କେବଲକୁମ୍ଭରୂପଯୋଗମାର୍ଗାଦ୍ ପ୍ରାଣଃ ଶିବେ ବିଲୀନୋଽପି ଲୟଂ ଗତୋଽପି ସ୍ୱଶକ୍ତିବାସନାଯୋଗାଦ୍ ନିଜଶକ୍ତିସଂସ୍କାରବଳାଦ୍ ବିଗ୍ରହଂ ଶରୀରଂ ଧାରୟତ୍ୟେବେତ୍ୟର୍ଥଃ ।। ୩୦ ।।

– ଯୋଗୀର ପ୍ରାଣ ନିଜର ଯୋଗମାର୍ଗରେ ଶିବଠାରେ ବିଲୀନ ହେବା ପରେ ନିଜର ଶକ୍ତିର ସଂସ୍କାରର ବଳରେ ଶରୀର ଧାରଣ କରିଥାଏ ।। ୩୦ ।।

ତର୍ହି ସ କଥଂ ତିଷ୍ଠତୀତ୍ୟତ୍ର ସୂତ୍ରଦ୍ୱୟେନ କଥୟତି –

ସ ଚାଭ୍ୟାସବଶାଦ୍ ଭୂୟଃ ସର୍ବତତ୍ତ୍ୱାତିବର୍ତ୍ତିନି ।
ନିଷ୍କଳଙ୍କେ ନିରାକାରେ ନିରସ୍ତାଶେଷବିକ୍ଲବେ ।। ୩୧ ।।

ସ ଚ ଜୀବାତ୍ମାଶ୍ରୟୀଭୂତପ୍ରାଣବାୟୁର୍ଭୂୟୋଽଭ୍ୟାସବଶାତ୍ ସର୍ବତତ୍ତ୍ୱାତିବର୍ତ୍ତିନି ଭୂମ୍ୟାଦି–ଶିବାନ୍ତତତ୍ତ୍ୱୋପରିବର୍ତ୍ତିନି ନିଷ୍କଳଙ୍କେ ଜରାମରଣାଦି ଦୋଷରହିତେ ନିରାକାରେ, ଅତଏବ ପ୍ରାକୃତନୀଳପୀତାଦ୍ୟାକାରରହିତେ ନିରସ୍ତାଶେଷବିକ୍ଲବେ ନିବୃତ୍ତସମସ୍ତବାଧେ ।। ୩୧ ।।

ଚିଦ୍ୱିଳାସପରିସ୍ଫୂର୍ତ୍ତିପରିପୂର୍ଣ୍ଣସୁଖାଦ୍ୱୟେ ।
ଶିବେ ବିଲୀନଃ ସର୍ବାତ୍ମା ଯୋଗୀ ଚଳତି ନ କ୍ୱଚିତ୍ ।। ୩୨ ।।

ଚିଦ୍ୱିଳାସବାହୁଲ୍ୟେନ ପରିପୂର୍ଣ୍ଣସୁଖାଦ୍ୱୟେ ପରିପୂର୍ଣ୍ଣାନନ୍ଦସ୍ୱରୂପେଣ ଦ୍ୱିତୀୟଶୂନ୍ୟେ ପରମଶିବେ ବିଲୀନସର୍ବାତ୍ମା ଲୀୟଭୂତସର୍ବବ୍ୟାପାରବାନ୍ ଯୋଗୀ ଶିବଯୋଗୀ କ୍ୱଚିତ୍ କୁତ୍ରଚିତ୍ କଦାପି ନ ଚଳତି, ନ ସ୍ପନ୍ଦତ ଇତ୍ୟର୍ଥଃ ।। ୩୨ ।।

– ଏବଂ ସେହି ପ୍ରାଣବାୟୁ ପୁନଃ ଅଭ୍ୟାସଦ୍ୱାରା ସର୍ବତତ୍ତ୍ୱାତିଶାୟୀ ନିଷ୍କଳଙ୍କ ନିରାକାର ସମସ୍ତ ବାଧାରହିତ ଚିତ୍ ଶକ୍ତିର ବିକାସର ପରିସ୍ଫୁରଣରେ ପରିପୂର୍ଣ୍ଣ ଆନନ୍ଦରୂପ ଅଦ୍ୱିତୀୟ ଶିବଠାରେ ଯେତେବେଳେ ବିଲୀନ ହୋଇଯାଏ, ସେତେବେଳେ

CC-0. Jangamwadi Math Digital Collection.

ଏପରି ସର୍ବାତ୍ମା ଯୋଗୀ କେଉଁଠାକୁ ଯାଏ ନାହିଁ (ଅର୍ଥାତ୍ ସ୍ଥିର ହୋଇ ସର୍ବବ୍ୟାପୀ ହୋଇଯାଏ) ।। ୩୧-୩୨ ।।

ଅଥ କିମିବ ନ ଚଳତୀତ୍ୟତ୍ରାହ –

ପ୍ରଧ୍ୱସ୍ତବାସନାସଙ୍ଗାତ୍ ପ୍ରାଣବୃତ୍ତିପରିକ୍ଷୟାତ୍ ।
ଶିବୈକୀଭୂତସର୍ବାତ୍ମା ସ୍ଥାଣୁବଦ୍ ଭାତି ସଂଯମୀ ।। ୩୩ ।।

ସଂଯମୀ ଶିବଯୋଗୀଶ୍ୱରଃ ପ୍ରଧ୍ୱସ୍ତବାସନାସଙ୍ଗାଦ୍ ବିନଷ୍ଟବିଷୟବାସନାସମ୍ପର୍କାତ୍ ପ୍ରାଣବୃତ୍ତିକ୍ଷୟାତ୍ ପ୍ରାକୃତବୈକୃତରୂପପ୍ରାଣବ୍ୟାପାରନାଶାତ୍ ଶିବୈକୀଭୂତସର୍ବାତ୍ମା ଶିବଲିଙ୍ଗୈକରସୀଭୂତସର୍ବେନ୍ଦ୍ରିୟବ୍ୟାପାରବାନ୍ ସନ୍ ସ୍ଥାଣୁବତ୍ କାଷ୍ଠବଦ୍ ନିଶ୍ଚଳତ୍ୱେନ ଭାତୀତ୍ୟର୍ଥଃ ।। ୩୩ ।।

– ବାସନାର ଆସକ୍ତି ନଷ୍ଟ ହେବା ପରେ ତଥା ପ୍ରାଣବୃତ୍ତିର ପରିକ୍ଷୟ ଅର୍ଥାତ୍ ବିରାମ ହେବାରୁ ଶିବଙ୍କ ସହିତ ଏକ ହୋଇ ସର୍ବାତ୍ମା ଯୋଗୀ ସ୍ଥାଣୁ ପରି ପ୍ରତୀତ ହୋଇଥାଏ (ଅର୍ଥାତ୍ ନିଶ୍ଚଳ ହୋଇଯାଏ) ।। ୩୩ ।।

ଇତି ପ୍ରାଣାନୁଗ୍ରହସ୍ଥଲମ୍

ଅଥ କାୟାର୍ପିତସ୍ଥଲମ୍

ଅଥ – ଯଦା ଶିବାୟ ସ୍ୱାତ୍ମାନଂ ଦତ୍ତବାନ୍ ଦେଶିକାତ୍ମନେ ।
ତଦା ଶୈବୋ ଭବେଦ୍ ଦେବି ନ ତତୋଽସ୍ତି ପୁନର୍ଭବଃ ।।

ଇତି ଯୋଗଜାଗମବଚନାନୁସାରେଣ ପ୍ରାଣାନୁଗ୍ରହସମ୍ପନ୍ନସ୍ୟ ଯୋଗ୍ୟଂ କାୟାର୍ପିତସ୍ଥଲଂ ନିରୂପୟତି –

ଶିବସ୍ୟ ପରରୂପସ୍ୟ ସର୍ବାନୁଗ୍ରାହିଣୋଽର୍ଚ୍ଚନେ ।
ତ୍ୟାଗୋ ଦେହାଭିମାନସ୍ୟ କାୟାର୍ପିତମୁଦାହୃତମ୍ ।। ୩୪ ।।

ସର୍ବାନୁଗ୍ରାହିଣଃ ସର୍ବାନୁଗ୍ରାହକସ୍ୟ ପରରୂପସ୍ୟ ପରବ୍ରହ୍ମକାୟସ୍ୟ ପ୍ରାଣାନୁଗ୍ରହସମ୍ପନ୍ନସ୍ୟ ପରଯୋଗିନଃ ଶିବସ୍ୟାର୍ଚ୍ଚନେ ଶିବଲିଙ୍ଗପୂଜାବିଷୟେ ଦେହାଭିମାନସ୍ୟ ତ୍ୟାଗଃ କାୟାର୍ପିତମିତ୍ୟୁଦାହୃତମିତ୍ୟର୍ଥଃ ।। ୩୪ ।।

– (କାୟାର୍ପିତସ୍ଥଳ ବର୍ଣ୍ଣନ) – ସମସ୍ତଙ୍କ ଉପରେ ଅନୁଗ୍ରହ କରୁଥିବା ପରରୂପ ଶିବଙ୍କର ପୂଜା ସମୟରେ ଦେହାଭିମାନର ତ୍ୟାଗକୁ କାୟାର୍ପିତ କୁହାଯାଏ ।। ୩୪ ।।

ଅଥ କିମନେନ ଭବତୀତ୍ୟତ୍ରାହ –

CC-0. Jangamwadi Math Digital Collection.

ଯଦା ଯୋଗୀ ନିଜଂ ଦେହଂ ଶିବାୟ ବିନିବେଦୟେତ୍ ।
ତଦା ଭବତି ତଦ୍ରୂପଂ ଶିବରୂପଂ ନ ସଂଶୟଃ ।। ୩୫ ।।

ତଦ୍ରୂପଂ ଯୋଗିନଃ ସ୍ୱରୂପଂ ଶିବରୂପଂ ଭବତୀତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୩୫ ।।

– ଯେତେବେଳେ ଯୋଗୀ ନିଜର ଶରୀରକୁ ଶିବଙ୍କ ପାଇଁ ଅର୍ପିତ କରିଦିଏ, ସେତେବେଳେ ତାହାର ସେ ରୂପ ଶିବରୂପ ହୋଇଯାଏ, ଏଥିରେ କୌଣସି ସନ୍ଦେହ ନାହିଁ ।। ୩୫ ।।

ନନୁ ଦେହମାତ୍ରଂ ସମର୍ପଣୀୟଂ ବା ଅନ୍ୟତ୍ କିଞ୍ଚିଦସ୍ତି ବେତ୍ୟତ୍ରାହ –

ଇନ୍ଦ୍ରିୟପ୍ରୀତିହେତୂନି ବିଷୟାସଙ୍ଗଜାନି ଚ ।
ସୁଖାନି ସୁଖଚିଦ୍ରୂପେ ଶିବଯୋଗୀ ନିବେଦୟେତ୍ ।। ୩୬ ।।

ଇନ୍ଦ୍ରିୟପ୍ରୀତିକାରଣୀଭୂତବିଷୟସମ୍ବନ୍ଧୋତ୍ପନ୍ନସୁଖଂ ଚିଦାନନ୍ଦରୂପେ ଶିବେ ନିବେଦୟେଦିତ୍ୟର୍ଥଃ ।। ୩୬ ।।

– ଯୋଗୀ ଇନ୍ଦ୍ରିୟକୁ ଆନନ୍ଦ ଦେଉଥିବାରୁ ସାଧନଭୂତ ତଥା ବିଷୟ ସହିତ ଆସଙ୍ଗ (ଅର୍ଥାତ୍ ପୂର୍ଣ୍ଣ ଲିପ୍ତତା)ରୁ ଉତ୍ପନ୍ନ ସୁଖକୁ ଚିଦାନନ୍ଦ ରୂପ ଶିବଙ୍କୁ ଅର୍ପିତ କରିଦେବା ଉଚିତ୍ ।। ୩୬ ।।

ଅଥ ତତ୍ କଥମିତ୍ୟତ୍ରାହ –

ଦର୍ଶନାତ୍ ସ୍ପର୍ଶନାଦ୍ ଭୁକ୍ତେଃ ଶ୍ରବଣାଦ୍ ଘ୍ରାଣନାଦପି ।
ବିଷୟେଭ୍ୟୋ ଯଦୁତ୍ପନ୍ନଂ ଶିବେ ତତ୍ସୁଖମର୍ପୟେତ୍ ।। ୩୭ ।।

ବିଷୟେଭ୍ୟ ଏତଦ୍ୱ୍ୟତିରିକ୍ତବସ୍ତ୍ରାଭରଣାଦିବିଷୟେଭ୍ୟ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୩୭ ।।

– ଯୋଗୀ ଦର୍ଶନ, ସ୍ପର୍ଶନ, ଭୋଜନ, ଶ୍ରବଣ ଓ ଘ୍ରାଣନ ତଥା ଧନ, ଜନ ଆଦି ଅନ୍ୟ ବିଷୟରୁ ଉତ୍ପନ୍ନ ସୁଖକୁ ଶିବଙ୍କଠାରେ ଅର୍ପଣ କରିବା ଉଚିତ୍ ।। ୩୭ ।।

ଅଥ ଦେହଦ୍ୱାରେଣ ଯଦ୍ୟତ୍ ସୁଖଂ ପ୍ରାପ୍ତଂ ତତ୍ସର୍ବଂ ଶିବଲିଙ୍ଗାୟ ସମର୍ପଣୀୟମିତି ବଦନ୍ କାୟାର୍ପିତସ୍ଥଲଂ ସମାପୟତି –

ଦେହଦ୍ୱାରେଣ ଯଦ୍ୟଦ୍ ସ୍ୟାଦ୍ ସୁଖଂ ପ୍ରାସଙ୍ଗମାତ୍ମନଃ ।
ତତ୍ତନ୍ନିବେଦୟନ୍ ଶମ୍ଭୋର୍ଯୋଗୀ ଭବତି ନିର୍ମଳଃ ।। ୩୮ ।।

ଦେହଦ୍ୱାରେଣ ଦେହସମ୍ବନ୍ଧଦଶେନ୍ଦ୍ରିୟଦ୍ୱାରେଣ ଯଦ୍ୟତ୍ସୁଖଂ ସ୍ୱସ୍ୟ ପ୍ରାସଙ୍ଗଂ ପ୍ରସକ୍ତଂ ସ୍ୟାତ୍, ତତ୍ତତ୍ସୁଖଂ ଶମ୍ଭୋଃ ଶିବଲିଙ୍ଗସ୍ୟ ନିବେଦୟେତ୍ ସମର୍ପୟନ୍ ସନ୍ ଯୋଗୀ

CC-0. Jangamwadi Math Digital Collection.

ଶିବଯୋଗୀ ନିର୍ମଲୋ ନିର୍ଲେପଃ ସନ୍ ଚରତି ସଞ୍ଚରତୀତ୍ୟର୍ଥଃ । କାୟିକସୁଖସମର୍ପଣମେବ କାୟାର୍ପଣମିତି ଭାବଃ ।। ୩୮ ।।

– ଦେହଦ୍ୱାରା ଯେଉଁ ଯେଉଁ ସୁଖ ଆତ୍ମାକୁ ପ୍ରାପ୍ତ ହୁଏ, ଯୋଗୀ ସେହି ସେହି ସୁଖକୁ ଶିବଙ୍କୁ ନିବେଦିତ କରି ନିର୍ମଳ ହୋଇଯାଏ ।। ୩୮ ।।

– ଦେହଦ୍ୱାରା ଯେଉଁ ଯେଉଁ ସୁଖ ଆତ୍ମାକୁ ପ୍ରାପ୍ତ ହୁଏ, ଯୋଗୀ ସେହି ସେହି ସୁଖକୁ ଶିବଙ୍କୁ ନିବେଦିତ କରି ନିର୍ମଳ ହୋଇଯାଏ ।। ୩୮ ।।

ଇତି କାୟାର୍ପିତସ୍ଥଲମ୍

ଅଥ କରଣାର୍ପିତସ୍ଥଲମ୍

ଅଥ –

ଯସ୍ତୁ ବିଜ୍ଞାନବାନ୍ ଭବତି ଯୁକ୍ତେନ ମନସା ସଦା ।
ତସ୍ୟେନ୍ଦ୍ରିୟାଣି ବଶ୍ୟାନି ସଦଶ୍ୱା ଇବ ସାରଥେଃ[୨୨୦] ।।

ଇତି କଠବଲ୍ଲୀଶ୍ରୁତ୍ୟନୁସାରେଣ କାୟାର୍ପିତସମ୍ପନ୍ନସ୍ୟ କରଣାର୍ପିତସ୍ଥଲଂ ନିରୂପୟତି –

ଆସଞ୍ଜନଂ ସମସ୍ତାନାଂ କରଣାନାଂ ପରାତ୍ପରେ ।
ଶିବେ ଯତ୍ ତଦିଦଂ ପ୍ରୋକ୍ତଂ କରଣାର୍ପିତମାଗମେ ।। ୩୯ ।।

ପରାତ୍ପରେ ବିଶ୍ୱସ୍ମାଦୁତ୍କୃଷ୍ଟପରଶକ୍ତ୍ୟପେକ୍ଷୟୋତ୍କୃଷ୍ଟେ ଶିବେ ଶିବଲିଙ୍ଗେ ସମସ୍ତାନାମ୍ ଅନ୍ତର୍ବାହ୍ୟବର୍ତ୍ତିନାଂ କରଣାନାଂ ଯଦାସଞ୍ଜନଂ ସଂଯୋଜନକର୍ତ୍ତୃତ୍ୱମସ୍ତି, ତଦିଦଂ କରଣାର୍ପିତମିତ୍ୟାଗମେ ବୀରଶୈବସିଦ୍ଧାନ୍ତେ ପ୍ରୋକ୍ତଂ କଥିତମିତ୍ୟର୍ଥଃ ।। ୩୯ ।।

– (କରଣାର୍ପିତସ୍ଥଳ ବର୍ଣ୍ଣନ) – ପରାତ୍ପର ଶିବଲିଙ୍ଗରେ ସମସ୍ତ ଲିଙ୍ଗଗୁଡ଼ିକର ଯେଉଁ ସଂଯୋଜନ ହୁଏ, ତାହାକୁ ଶୈବାଗମରେ କରଣାର୍ପିତ କୁହାଯାଏ ।। ୩୯ ।।

ଅଥ କରଣାର୍ପକଂ କଥୟତି –

ଯଦ୍ୟତ୍କରଣମାଲମ୍ବ୍ୟ ଭୁଙ୍କ୍ତେ ବିଷୟକଂ ସୁଖମ୍ ।
ତତ୍ତଚ୍ଛିବେ ସମର୍ପ୍ୟୈଷ କରଣାର୍ପକ ଉଚ୍ୟତେ ।। ୪୦ ।।

ଯତ୍କରଣମାଲମ୍ବ୍ୟ ବିଷୟକଂ ସୁଖଂ ଯଦ୍ ଭୁଙ୍କ୍ତେ ତତ୍କରଣସମ୍ବନ୍ଧଂ ତଦ୍ୱିଷୟସୁଖଂ ଶିବଲିଙ୍ଗେ ସମର୍ପ୍ୟ ଏଷ କାୟାର୍ପିତସମ୍ପନ୍ନଃ କରଣାର୍ପକ ଇତ୍ୟୁଚ୍ୟତ ଇତ୍ୟର୍ଥଃ ।। ୪୦ ।।

---

୨୨୦. କଠୋପ., ୧/୩/୬

CC-0. Jangamwadi Math Digital Collection.

– (ଶିବଯୋଗୀ) – ଯେଉଁ ଯେଉଁ ଇନ୍ଦ୍ରିୟକୁ ଆଧାର କରି ବିଷୟରୁ ଉତ୍ପନ୍ନ ସୁଖର ଅନୁଭବ କରେ, ସେହି ସେହି ଇନ୍ଦ୍ରିୟକୁ ଶିବଙ୍କ ପାଇଁ ଅର୍ପଣ କରିବାବାଲା କରଣାର୍ପକ କୁହାଯାଏ ।। ୪୦ ।।

ଅଥ ତତ୍ପ୍ରକାରଂ ପଞ୍ଚଭିଃ ସୂତ୍ରୈଃ ପ୍ରତିପାଦୟତି –

ଅହଙ୍କାରମଦୋଦ୍ରିକ୍ତମନ୍ତଃକରଣବାରଣମ୍ ।
ବଧ୍ନୀୟାଦ୍ ଯଃ ଶିବାଲାନେ ସ ଧୀରଃ ସର୍ବସିଦ୍ଧିମାନ୍ ।। ୪୧ ।।

ଅହଙ୍କାରମମକାରରୂପୋ ର୍ଧ୍ୱାଧୋମଦମତ୍ତମନୋବୁଦ୍ଧିଚିତ୍ତଲକ୍ଷଣାନ୍ତଃକରଣଗଜଂ ଯଃ ଶିବାଲୋନେ ଶିବଲିଙ୍ଗରୂପବନ୍ଧନସ୍ତମ୍ଭେ ବଧ୍ନୀୟାତ୍, ସଃ ସର୍ବସିଦ୍ଧିମାନ୍ ଧୀରଃ ।। ୪୧ ।।

– ଅହଙ୍କାରରୂପୀ ମଦରେ ମତ୍ତ ଅନ୍ତଃକରଣରୂପୀ ହାତୀକୁ ଯିଏ ଶିବରୂପୀ ଆଲାନ (ଅର୍ଥାତ୍ ବନ୍ଧନଶୃଙ୍ଖଳା)ରେ ବାନ୍ଧେ, ସେହି ଧୀର ପୁରୁଷ ସମସ୍ତ ସିଦ୍ଧିକୁ ପ୍ରାପ୍ତ କରେ (ଅଥବା ସମସ୍ତ ସିଦ୍ଧିର ସ୍ୱାମୀ ଧୀର କୁହାଯାଏ) ।। ୪୧ ।।

ନନ୍ୱିନ୍ଦ୍ରିୟାଣାଂ ବାହୁଲ୍ୟାନ୍ମନୋମାତ୍ରବନ୍ଧନେନ କଥଂ ଧୀରତ୍ୱମିତ୍ୟତ୍ରାହ –

ଇନ୍ଦ୍ରିୟାଣାଂ ସମସ୍ତାନାଂ ମନଃ ପ୍ରଥମମୁଚ୍ୟତେ ।
ବଶୀକୃତେ ଶିବେ ତସ୍ମିନ୍ କିମନ୍ୟୈସ୍ତଦ୍ୱଶାନୁଗୈଃ ।। ୪୨ ।।

ପ୍ରଥମଂ କାରଣମିତ୍ୟର୍ଥଃ, 'ଇନ୍ଦ୍ରିୟାଣାଂ ମନୋ ନାଥଃ' ଇତି ଶ୍ରୁତେଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୪୨ ।।

– ସମସ୍ତ ଇନ୍ଦ୍ରିୟମାନଙ୍କ ଭିତରେ ମନ ପ୍ରଥମ (ପ୍ରଧାନ) ଇନ୍ଦ୍ରିୟ କୁହାଯାଏ ଶିବଙ୍କ ବଶରେ ଥିବା ମନର ଅଧୀନରେ ଅନ୍ୟ ସମସ୍ତ ଇନ୍ଦ୍ରିୟ ରହୁଥିବାରୁ, ସେମାନଙ୍କ ବିଷୟରେ କ'ଣ କହିବା ? (ଅର୍ଥାତ୍ ସେ ସମସ୍ତ ଇନ୍ଦ୍ରିୟ ମଧ୍ୟ ସ୍ୱତଃ ଶିବଙ୍କ ଅଧୀନରେ ଆସିଯାଆନ୍ତି) ।। ୪୨ ।।

ନନ୍ୱେତାବତା କିମିତ୍ୟତ୍ରାହ –

ଇନ୍ଦ୍ରିୟାଣାଂ ବଶୀକାରୋ ନିବୃତ୍ତିରିତି ଗୀୟତେ ।
ଲକ୍ଷୀକୃତେ ଶିବେ ତେଷାଂ କୁତଃ ସଂସାରଗାହନମ୍ ।। ୪୩ ।।

ଇନ୍ଦ୍ରିୟବଶୀକରଣମେବ ନିବୃତ୍ତିରିତି ବିଦ୍ୱଦ୍ଭିର୍ଗୀୟତେ । ତେଷାମିନ୍ଦ୍ରିୟାଣାଂ ଶିବଲିଙ୍ଗେ ଲକ୍ଷୀକୃତେ ସତି ସଂସାରନିମଜ୍ଜନଂ କୁତଃ, ନାସ୍ତୀତ୍ୟର୍ଥଃ ।। ୪୩ ।।

– ଇନ୍ଦ୍ରିୟଗୁଡ଼ିକ ବଶରେ ହେବା ଅଥବା ବଶରେ କରାଯିବାକୁ ନିବୃତ୍ତି କୁହାଯାଏ । ଯେତେବେଳେ ସେ ସବୁ ଇନ୍ଦ୍ରିୟ ଶିବଙ୍କୁ ସମର୍ପିତ କରାଯାଏ, ସେତେବେଳେ ସାଂସାରିକ

CC-0. Jangamwadi Math Digital Collection.

ବନ୍ଧନ କେଉଁଠି ? (ଅର୍ଥାତ୍ ଶିବାର୍ପିତ ହେବା ପରେ ଇନ୍ଦ୍ରିୟଗୁଡ଼ିକ ଶିବମୟ ହୋଇଯାଆନ୍ତି) ।। ୪୩।।

ନନ୍ୱିନ୍ଦ୍ରିୟବଶୀକାରମାତ୍ରେଣ କଥଂ ସଂସାରନିବୃତ୍ତିରିତ୍ୟତ୍ରାହ –

ସଂସାରବିଷକାନ୍ତାରସମୁଚ୍ଛେଦକୁଠାରିକା ।

ଉପଶାନ୍ତିର୍ଭବେଦ୍ ପୁଂସାମିନ୍ଦ୍ରିୟାଣାଂ ବଶୀକୃତୌ ।। ୪୪।।

ଉପଶାନ୍ତିର୍ନିରପେକ୍ଷେତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୪୪।।

– ମନୁଷ୍ୟମାନଙ୍କର ଇନ୍ଦ୍ରିୟଗୁଡ଼ିକ ବଶରେ ଆସିବା ପରେ ସଂସାରରୂପୀ ବିଷବୃକ୍ଷର ଜଙ୍ଗଲକୁ କାଟିବା ପାଇଁ କୁରାଢୀରୂପୀ ଉପଶାନ୍ତି ପ୍ରାପ୍ତ ହୋଇଥାଏ ।। ୪୪।।

ନନୁ ନିରପେକ୍ଷମାତ୍ରେଣ କଥଂ କର୍ମବନ୍ଧନିବୃତ୍ତିରିତ୍ୟତ୍ରାହ –

ଇନ୍ଦ୍ରିୟୈରେବ ଜାୟନ୍ତେ ପାପାନି ସୁକୃତାନି ଚ ।

ତେଷାଂ ସମର୍ପଣାଦୀଶେ କୁତଃ କର୍ମନିବନ୍ଧନମ୍ ।। ୪୫।।

ସ୍ପଷ୍ଟମ୍ ।। ୪୫।।

– ଇନ୍ଦ୍ରିୟଦ୍ୱାରା ହିଁ ପାପ ଓ ପୁଣ୍ୟ ଉଭୟ ହୋଇଥାଏ । ଶିବଙ୍କଠାରେ ସେ ସମସ୍ତ ସମର୍ପଣ କରିଦେବା ପରେ କର୍ମବନ୍ଧନ କେଉଁଠି ? (କାରଣ ଏପରି ପରିସ୍ଥିତିରେ ସେ ସବୁ ଦ୍ୱାରା କୃତ କର୍ମର ଉତ୍ତରଦାୟିତ୍ୱ ଶିବଙ୍କର ହୋଇଥାଏ) ।। ୪୫।।

ନନୁ ଶିବାର୍ପିତପଦାର୍ଥୈରଭିବୃଦ୍ଧିଶ୍ରବଣାଦ୍ ଶିବେ ପୁଣ୍ୟପାପସମର୍ପଣେନ ତଦଭିବୃଦ୍ଧିଃ କସ୍ମାନ୍ନ ଭବତୀତ୍ୟତ୍ରାହ –

ପ୍ରକାଶମାନେ ଚିଦ୍ୱହ୍ନୌ ବହିରନ୍ତର୍ଜଗନ୍ମୟେ ।

ସମର୍ପ୍ୟ ବିଷୟାନ୍ ସର୍ବାନ୍ ମୁକ୍ତବଜ୍ଜାୟତେ ଜନଃ ।। ୪୬।।

ବହ୍ନିପ୍ରକ୍ଷିପ୍ତପଦାର୍ଥାନାଂ ନାଶଦର୍ଶନାଦ୍ ବହିରନ୍ତର୍ଭାସମାନେ ବିଶ୍ୱରୂପେ ଚିଦଗ୍ନିରୂପ-ଶିବଲିଙ୍ଗେ ସମର୍ପିତାନାଂ ପଦାର୍ଥାନାମପି ନାଶୋଽବଶ୍ୟମଙ୍ଗୀକରଣୀୟ ଇତ୍ୟଭିବୃଦ୍ଧ୍ୟଭାବାଦ୍ ସମସ୍ତବିଷୟାନ୍ ତତ୍ର ସମର୍ପ୍ୟ ଜନୋ ଜନନମରଣପରିପୀଡ଼ିତୋ ଦେହୀ ମୁକ୍ତବଜ୍ଜାୟତ ଇତ୍ୟର୍ଥଃ ।। ୪୬।।

– ବାହ୍ୟ ଏବଂ ଆଭ୍ୟନ୍ତର ଜଗତ୍‌ବାଲା ଏବଂ ପ୍ରକାଶମାନ ଚିଦଗ୍ନିରେ ସମ୍ପୂର୍ଣ୍ଣ ବିଷୟକୁ ସମର୍ପଣ କରି ମନୁଷ୍ୟ ଜୀବନ୍ମୁକ୍ତ ପରି ହୋଇଥାଏ ।। ୪୬।।

ନନୁ ବହ୍ନିସମର୍ପଣସ୍ୟ ହୋମରୂପତ୍ୱାଦ୍ କିଂ ତତ୍‌ସାଧନମିତ୍ୟତ୍ରାହ –

ଚିତ୍ତଦ୍ରବ୍ୟଂ ସମାଦାୟ ଜଗଜ୍ଜାତଂ ମହାହବିଃ ।

ଚିଦ୍ୱହ୍ନୌ ଜୁହ୍ୱତାମନ୍ତଃ କୁତଃ ସଂସାରବିପ୍ଳବଃ ।। ୪୭।।

CC-0. Jangamwadi Math Digital Collection.

ଜଗତଃ ପଞ୍ଚତନ୍ମାତ୍ରରୂପତ୍ୱେନ ଶବ୍ଦାଦିବିଷୟରୂପଂ ହବିଶ୍ଚିଉଦ୍ରବ୍ୟଂ ସଂଗୃହ୍ୟ ଅନ୍ତଃ ହୃଦୟକମଳସ୍ଥଚିଦ୍ୱହ୍ନୌ ଜୁହ୍ୱତାଂ ଶିବଯୋଗିନାଂ ସଂସାରବାଧଃ କୁତଃ ? ନାସ୍ତୀତ୍ୟର୍ଥଃ ।। ୪୭ ।।

– ପଞ୍ଚତନ୍ମାତ୍ରାତ୍ମକ ସଂସାର (ଭିତରେ ଥିବା ଶବ୍ଦ-ସ୍ପର୍ଶ ଆଦି ବିଷୟ) ସମୂହ ତଥା ଚିତ୍ତରୂପୀ (ହବନୀୟ) ଦ୍ରବ୍ୟ ଭିତରେ ସ୍ଥିତ ଚୈତନ୍ୟରୂପୀ ଅଗ୍ନିରେ ହୋମ କରୁଥିବା ବ୍ୟକ୍ତିଙ୍କ ପାଇଁ ସଂସାର ଉପଦ୍ରବ କେଉଁଠାରେ ।। ୪୭ ।।

ନନ୍ୱେବଂରୂପବିଶ୍ୱହବନେନ ମୁକ୍ତବଜ୍ଜାୟମାନୋ ଜନଃ କୀଦୃଗ୍‌ରୂପ ଇତ୍ୟତ୍ରାହ –

ଆତ୍ମଜ୍ୟୋତିଷି ଚିଦ୍ରୂପେ ପ୍ରାଣବାୟୁନିବୋଧିତେ ।
ଜୁହ୍ୱନ୍ ସମସ୍ତ ବିଷୟାନ୍ ତନ୍ମୟୋ ଭବତି ଧ୍ରୁବମ୍ ।। ୪୮ ।।

ପ୍ରାଣବାୟୁପ୍ରକାଶିତେ ଚିଦ୍ରୂପେ ଆତ୍ମଜ୍ୟୋତିଷି ଶିବାଗ୍ନୌ ତତ୍ତତ୍‌କରଣଜନ୍ୟ-ସୁଖାଦିବିଷୟାନ୍ ଜୁହ୍ୱନ୍ ଅର୍ପୟନ୍ ଶିବଯୋଗୀ ତନ୍ମୟଶ୍ଚିନ୍ମୟଶିବସ୍ୱରୂପ ଏବ ଭବତି ଜାୟତେ (ଇତି) ଧ୍ରୁବଂ ନିଶ୍ଚୟ ।। ୪୮ ।।

– ପ୍ରାଣବାୟୁଦ୍ୱାରା ଉଦ୍‌ବୋଧିତ ଚିଦ୍‌ରୂପ ଆତ୍ମଜ୍ୟୋତି ଅର୍ଥାତ୍ ଶିବାଗ୍ନିରେ ସମସ୍ତ ବିଷୟର ହୋମ କରିବାବାଲା ନିଶ୍ଚିତ ଭାବରେ ତନ୍ମୟ ଅର୍ଥାତ୍ ଚିନ୍ମୟ ଅର୍ଥାତ୍ ଶିବସ୍ୱରୂପ ହୋଇଯାଏ ।। ୪୮ ।।

ନନୁ କରଣାନାଂ ପ୍ରାକୃତତ୍ୱେନ କଥଂ ତଜ୍ଜନ୍ୟସୁଖାଦି ଶିବସମର୍ପଣଯୋଗ୍ୟ-ମିତ୍ୟତ୍ରାହ –

ଇନ୍ଦ୍ରିୟାଣି ସମସ୍ତାନି ଶରୀରଂ ଭୋଗସାଧନମ୍ ।
ଶିବପୂଜାଙ୍ଗଭାବେନ ଭାବୟନ୍ ମୁକ୍ତିମାପ୍ନୁୟାତ୍ ।। ୪୯ ।।

ଶରୀରାଦୀନାଂ ଶିବପୂଜାଙ୍ଗତ୍ୱାତ୍ ତଜ୍ଜନ୍ୟସୁଖାଦ୍ୟପି ଶିବସମର୍ପଣଯୋଗ୍ୟମେ-ବେତ୍ୟର୍ଥଃ । ଇଦଂ କରଣାର୍ପଣଂ କାୟାର୍ପଣସ୍ଥଳେ ପ୍ରସଙ୍ଗାଦୁକ୍ତମିତି ନ ପୌନରୁକ୍ତ୍ୟମ୍ ।। ୪୯ ।।

– ସମସ୍ତ ଇନ୍ଦ୍ରିୟ ତଥା ଭୋଗସାଧନ ଶରୀରକୁ ଶିବପୂଜାର ଅଙ୍ଗଭାବରେ ଭାବୁଥିବା ବ୍ୟକ୍ତି ମୋକ୍ଷପ୍ରାପ୍ତ କରିଥାଏ ।। ୪୯ ।।

ଇତି କରଣାର୍ପିତସ୍ଥଳମ୍

ଅଥ ଭାବାର୍ପିତସ୍ଥଳମ୍

ଅଥ – ତସ୍ମାତ୍ ପ୍ରପଞ୍ଚସମ୍ବନ୍ଧଭାବଂ ହିତ୍ୱା ଶିବାତ୍ମକମ୍ ।
ଭାବମାଶ୍ରିତ୍ୟ ଯତ୍ନେନ କୁର୍ଯ୍ୟାଦ୍ ବ୍ୟାପୃତିମୀଶ୍ୱରେ ।।

CC-0. Jangamwadi Math Digital Collection.

ଇତି ଯୋଗଜାଗମବଚନାନୁସାରେଣ କରଣାର୍ପିତସମ୍ପନ୍ନସ୍ୟ ଶିବଯୋଗିନୋ ବିଧୀୟମାନଂ ଭାବାର୍ପଣଂ ନିରୂପୟତି –

ଶିବେ ନିଶ୍ଚଲଭାବେନ ଭାବାନାଂ ଯତ୍ ସମର୍ପଣମ୍ ।
ଭାବାର୍ପିତମିଦଂ ପ୍ରୋକ୍ତଂ ଶିବସଦ୍‌ଭାବବେଦିଭିଃ ।। ୫୦ ।।

ଶିବେ ଶିବଲିଙ୍ଗବିଷୟେ ନିଶ୍ଚଲଭାବେନ ସ୍ଥିରଭାବେନ ଭାବାନାଂ ଯତ୍ ସମର୍ପଣମ୍, ତଦିଦଂ ଭାବାର୍ପିତମିତି ଶିବସଦ୍‌ଭାବବେଦିଭିଃ ପ୍ରୋକ୍ତମିତ୍ୟର୍ଥଃ ।। ୫୦ ।।

– (ଭାବାର୍ପିତସ୍ଥଳ ବର୍ଣ୍ଣନ) – ଶିବଙ୍କଠାରେ ଦୃଢ଼ ଭାବନା ରଖି ଭାବର ଯେଉଁ ସମର୍ପଣ କରାଯାଏ, ଶିବ ସଦ୍‌ଭାବବେତ୍ତାଗଣ ତାହାକୁ ଭାବାର୍ପିତ କହନ୍ତି ।। ୫୦ ।।

ଅଥ କୋ ନାମ ଭାବ ଇତ୍ୟତ୍ରାହ –

ଚିତ୍ତସ୍ଥସକଳାର୍ଥାନାଂ ମନନଂ ଯତ୍ତୁ ମାନସେ ।
ତଦର୍ପଣଂ ଶିବେ ସାକ୍ଷାନ୍ମାନସୋ ଭାବ ଉଚ୍ୟତେ ।। ୫୧ ।।

ମାନସୋ ମନୋବିକାରୋ ଭାବୋ ଭାବ ଇତ୍ୟୁଚ୍ୟତେ, 'ବିକାରୋ ମାନସୋ ଭାବଃ' ଇତ୍ୟମରଃ । ମାନସେ ମନୋବିକାରେ ଭାବେ ଚିତ୍ତସ୍ଥସକଳାର୍ଥାନାଂ ଚିତ୍ତନିଷ୍ଠ-ସକଳପଦାର୍ଥାନାଂ ଯନ୍ମନନମ୍ ଅନୁଭବରୂପଚିନ୍ତନଂ ଯଦସ୍ତି, ତତ୍ ସାକ୍ଷାତ୍ ପ୍ରତ୍ୟକ୍ଷୀଭୂତେ ଶିବେ ଶିବଲିଙ୍ଗେ ଅର୍ପଣମ୍ ଅର୍ପିତମିତ୍ୟୁଚ୍ୟତେ ଇତ୍ୟର୍ଥଃ ।। ୫୧ ।।

– ଚିତ୍ତରେ ଥିବା ସକଳ ବିଷୟର ମନରେ ଯେଉଁ ମନନ ହୁଏ, ଶିବଙ୍କଠାରେ ତାହାର ସାକ୍ଷାତ୍ ଅର୍ପଣକୁ ମାନସଭାବ କୁହାଯାଏ ।। ୫୧ ।।

ଅଥ ତଦ୍‌ଭାବସ୍ୱରୂପଂ ପଞ୍ଚଭିଃ ସୂତ୍ରୈର୍ବିଶେଷୟତି –

ଭାବ ଏବ ହି ଜନ୍ତୂନାଂ କାରଣଂ ବନ୍ଧମୋକ୍ଷୟୋଃ ।
ଭାବଶୁଦ୍ଧୌ ଭବେନ୍ମୁକ୍ତିର୍ବିପରୀତେ ତୁ ସଂସୃତିଃ ।। ୫୨ ।।

ସ୍ପଷ୍ଟମ୍ ।। ୫୨ ।।

– ଭାବ ହିଁ ମନୁଷ୍ୟମାନଙ୍କର ବନ୍ଧନ ଓ ମୋକ୍ଷର କାରଣ ଅଟେ । ଭାବ ଶୁଦ୍ଧ ହେବା ପରେ (ଶିବାର୍ପିତ ହେବା ପରେ) ମୁକ୍ତି ଓ ବିପରୀତ ସ୍ଥିତି (ଅଶୁଦ୍ଧ ହେବା ପରେ) ସଂସାର ଅର୍ଥାତ୍ ବନ୍ଧନ ହୋଇଥାଏ ।। ୫୨ ।।

ଅଥ କା ନାମ ଭାବଶୁଦ୍ଧିରିତ୍ୟତ୍ରାହ –

ଭାବସ୍ୟ ଶୁଦ୍ଧିରାଖ୍ୟାତା ଶିବୋଽହମିତି ଯୋଜନା ।
ବିପରୀତସମାଯୋଗେ କୁତୋ ଦୁଃଖନିବର୍ତ୍ତନମ୍ ।। ୫୩ ।।

ଶିବୋଽହମିତି ସ୍ୱସ୍ୱରୂପାନୁଭବଯୋଗ ଏବ ଭାବସ୍ୟ ଶୁଦ୍ଧିରିତି ବିଦ୍ୱଦ୍‌ଭିରାଖ୍ୟାତା ।

CC-0. Jangamwadi Math Digital Collection.

ବିପରୀତସମାଯୋଗେ ସତି ନାହଂ ଶିବ ଇତି ବିପରୀତଯୋଗେ ସତି ଦୁଃଖନିର୍ବତନଂ ସାଂସାରିକଦୁଃଖନିବୃତ୍ତିଃ କୁତଃ ? ନାସ୍ତୀତ୍ୟର୍ଥଃ ।। ୫୩।।

– 'ମୁଁ ଶିବ ଅଟେ' – ଏପରି ଯୋଜନା (ଅର୍ଥାତ୍ ଶିବଙ୍କ ସହିତ ସମ୍ବନ୍ଧ)କୁ ଭାବଶୁଦ୍ଧି କୁହାଯାଏ । ସେଥିରୁ ବିପରୀତ ଯୋଜନା (ଅର୍ଥାତ୍ ମୁଁ ଶିବଠାରୁ ଭିନ୍ନ ଅଟେ। ଏହି ସଂସାର ଶିବ ଓ ମୋ ଠାରୁ ପୃଥକ୍ ଅଟେ – ଏପରି ଯୋଜନା) ହେଲେ ଦୁଃଖ କିପରି ଦୂର ହୋଇପାରିବ ? ।। ୫୩।।

ନନ୍ୱିଦମିତି ଭାସମାନଂ ବିଶ୍ୱଂ କଥଂ ଭାବନୀୟମିତ୍ୟତ୍ର – 'ଭୋକ୍ତା ଭୋଜ୍ୟଂ ପ୍ରେରିତାରଂ ଚ ମତ୍ୱା ସର୍ବଂ ପ୍ରୋକ୍ତଂ ତ୍ରିବିଧଂ ବ୍ରହ୍ମ ଚୈତତ୍'[୨୨୧] ଇତି ଶ୍ୱେତାଶ୍ୱତର ଶ୍ରୁତ୍ୟନୁସାରେଣ କଥୟତି –

ଭୋକ୍ତା ଭୋଗ୍ୟଂ ଭୋଜୟିତା ସର୍ବମେତଚ୍ଚରାଚରମ୍ ।
ଭାବୟନ୍ ଶିବରୂପେଣ ଶିବୋ ଭବତି ବସ୍ତୁତଃ ।। ୫୪।।

ଭୋକ୍ତା ଜୀବୋ ଭୋଗ୍ୟଂ ଭୋଗଯୋଗ୍ୟଂ ବସ୍ତୁ ଅବ୍ୟକ୍ତଂ ଭୋଜୟିତା ଭୋଗଦଃ ଶିବଃ। ଚରାଚରମେତତ୍ ସର୍ବଂ ଜଗଜ୍ଜାଲଂ ସ୍ୱନିଜସ୍ୱଭାବଭୂତଚିତ୍କ୍ରିୟାଶକ୍ତିକାର୍ଯ୍ୟତ୍ୱାତ୍ ଶିବରୂପେଣ ଭାବୟନ୍ ଶିବଯୋଗୀ ବସ୍ତୁତଃ ପରମାର୍ଥତଃ ଶିବୋ ଭବତି, ଶିବ ଏବ ଭବତୀତ୍ୟର୍ଥଃ । ଅତ୍ର ବସ୍ତୁତ ଇତ୍ୟନେନାସ୍ୟ ମୁଖ୍ୟପକ୍ଷତ୍ୱଂ ସୂଚିତମ୍ ।। ୫୪।।

– (ଯେଉଁ ସାଧକ) ଭୋକ୍ତା ଅର୍ଥାତ୍ ଜୀବ, ଭୋଜ୍ୟ ଅର୍ଥାତ୍ ବିଷୟ ତଥା ଭୋଜୟିତା ଅର୍ଥାତ୍ ଶିବ ତଥା ଏହି ସମସ୍ତ ଚରାଚରର ଶିବରୂପରେ ଭାବନା କରେ (ସମସ୍ତଙ୍କୁ ଶିବ ଭାବେ) ସେ ବସ୍ତୁତଃ ଶିବ ହୋଇଥାଏ ।। ୫୪।।

ଅଥ ପକ୍ଷାନ୍ତରେଣ ଭାବନାଂ କଥୟତି –

ମିଥ୍ୟେତି ଭାବୟନ୍ ବିଶ୍ୱଂ ବିଶ୍ୱାତୀତଂ ଶିବଂ ସ୍ମରନ୍ ।
ସତ୍ତାନନ୍ଦଚିଦାକାରଂ କଥଂ ବନ୍ଧୁମିହାର୍ହତି ।। ୫୫।।

ବିଶ୍ୱଂ ସ୍ୱାତିରିକ୍ତାଧ୍ୟାସଲକ୍ଷଣାବିଦ୍ୟାକାର୍ଯ୍ୟତ୍ୱାଦ୍ ମିଥ୍ୟେତି ଭାବୟନ୍ ବିଶ୍ୱାତୀତଂ ବିଶ୍ୱୋତ୍ତୀର୍ଣ୍ଣଂ ଶିବଂ ସତ୍ତାନନ୍ଦଚିଦାକାରଂ ନିତ୍ୟପରିପୂର୍ଣ୍ଣ ସଚ୍ଚିଦାନନ୍ଦସ୍ୱରୂପଂ ସ୍ମରନ୍ ମଳମାୟାଦିପାଶୈର୍ବନ୍ଧୁଂ କଥମିହାର୍ହତି ? ନ କେନାପି ପ୍ରକାରେଣାର୍ହତୀତ୍ୟର୍ଥଃ ।। ୫୫।।

– ଯିଏ ବିଶ୍ୱକୁ ମିଥ୍ୟା ଓ ଶିବଙ୍କୁ ବିଶ୍ୱାତୀତ ସଚ୍ଚିଦାନନ୍ଦରୂପ ଭାବେ, ସିଏ ଏହି ସଂସାରରେ (ମାୟା ଆଦି ଫାସର) ବନ୍ଧନରେ କିପରି ଆସିବ ? ।। ୫୫।।

ଅଥ ଭାବନାନ୍ତରମାହ –

---
୨୨୧. ଶ୍ୱେ. ଉ., ୧/୧୨

CC-0. Jangamwadi Math Digital Collection.

ସର୍ବଂ କର୍ମାର୍ଚ୍ଚନଂ ଶମ୍ଭୋର୍ବଚନଂ ତସ୍ୟ କୀର୍ତ୍ତନମ୍ ।
ଇତି ଭାବୟତୋ ନିତ୍ୟଂ କଥଂ ସ୍ୟାତ୍ କର୍ମବନ୍ଧନମ୍ ।। ୫୬ ।।

କ୍ରିୟମାଣଂ ସର୍ବଂ କର୍ମ ଶମ୍ଭୋଃ ଶିବଲିଙ୍ଗସ୍ୟାର୍ଚ୍ଚନଂ, କଥ୍ୟମାନଂ ସର୍ବଂ ବଚନଂ ତସ୍ୟ ଶିବଲିଙ୍ଗସ୍ୟ କୀର୍ତ୍ତନଂ ସ୍ତୁତିଃ, ଇତି ନିତ୍ୟଂ ଭାବୟତଃ କର୍ମକୃତବନ୍ଧନଂ କଥଂ ସ୍ୟାତ୍ ? ନ କେନାପି ପ୍ରକାରେଣ ଭବେଦିତ୍ୟର୍ଥଃ ।। ୫୬ ।।

– ସମସ୍ତ କର୍ମ ଶିବଙ୍କର ପୂଜା ଅଟେ । ସମସ୍ତ ବଚନ ତାଙ୍କର ନାମ ସଂକୀର୍ତ୍ତନ ଅଟେ[୨୨୨] ନିତ୍ୟ ଏପରି ଭାବନା କରୁଥିବା ବ୍ୟକ୍ତିର କିପରି କର୍ମବନ୍ଧନ ହୋଇପାରିବ ? ।। ୫୬ ।।

ଅଥ ଜୀବନ୍ମୁକ୍ତିକରୀଂ ଭାବନାଂ କଥୟନ୍ ଭାବାର୍ପିତସ୍ଥଲଂ ସମାପୟତି –

ସର୍ବେନ୍ଦ୍ରିୟଗତଂ ସୌଖ୍ୟଂ ଦୁଃଖଂ ବା କର୍ମସମ୍ଭବମ୍ ।
ଶିବାର୍ଥଂ ଭାବୟନ୍ ଯୋଗୀ ଜୀବନ୍ମୁକ୍ତୋ ଭବିଷ୍ୟତି ।। ୫୭ ।।

ଶ୍ରୋତ୍ରାଦିସର୍ବେନ୍ଦ୍ରିୟଗତଂ ସୌଖ୍ୟଂ ସୁଖଂ ପାପକର୍ମସମ୍ଭବଂ ଦୁଃଖଂ ବା ଶିବାର୍ଥଂ ଶିବଲିଙ୍ଗାର୍ପିତପଦାର୍ଥତ୍ୱେନ ଭାବୟନ୍ ଶିବଯୋଗୀ ଜୀବନ୍ମୁକ୍ତଃ ସ୍ୟାଦିତ୍ୟର୍ଥଃ ।। ୫୭ ।।

– ସମସ୍ତ ଇନ୍ଦ୍ରିୟଗତ (ଅର୍ଥାତ୍ ସମସ୍ତ ଇନ୍ଦ୍ରିୟଦ୍ୱାରା ଭୋଗ୍ୟ) ସୁଖ ଅଥବା ଦୁଃଖରୁ ଉତ୍ପନ୍ନ ହୋଇଥାନ୍ତି । ସେହି ସମସ୍ତ ସୁଖ-ଦୁଃଖକୁ ଶିବଲିଙ୍ଗକୁ ସମର୍ପିତ କରୁଥିବା ଯୋଗୀ ଜୀବନ୍ମୁକ୍ତ ହୋଇଥାଏ ।। ୫୭ ।।

ଇତି ଭାବାର୍ପିତସ୍ଥଲମ୍

ଅଥ ଶିଷ୍ୟସ୍ଥଲମ୍

ଯଥା ସିଦ୍ଧରସସ୍ପର୍ଶାତ୍ ତାମ୍ରଂ ଭବତି କାଞ୍ଚନମ୍ ।
ଗୁରୂପଦିଷ୍ଟଶ୍ରବଣାଚ୍ଛିଷ୍ୟସ୍ତଦ୍ଧର୍ମୟସ୍ତଥା ।।

ଇତି ଯୋଗଜାଗମବଚନାନୁସାରେଣ ତଦ୍ଭାବାର୍ପିତସମ୍ପନ୍ନେନ ପରଯୋଗିନା ଶିକ୍ଷଣୀୟଂ ଶିଷ୍ୟସ୍ଥଲଂ କଥୟତି –

---

୨୨୨. ତୁଳନୀୟ –

ଆତ୍ମା ତ୍ୱଂ ଗିରିଜା ମତିଃ ସହଚରାଃ ପ୍ରାଣାଃ ଶରୀରଂ ଗୃହଂ
ପୂଜା ତେ ବିଷୟୋପଭୋଗରଚନା ନିଦ୍ରା ସମାଧିସ୍ଥିତିଃ ।
ସଞ୍ଚାରଃ ପଦୟୋଃ ପ୍ରଦକ୍ଷିଣବିଧିଃ ସ୍ତୋତ୍ରାଣି ସର୍ବା ଗିରଃ
ଯଦ୍ୟତ୍ କର୍ମ କରୋମି ତତ୍ତଦଖିଳଂ ଶମ୍ଭୋ ତବାରାଧନମ୍ ।।

CC-0. Jangamwadi Math Digital Collection.

ଶାସନୀୟୋ ଭବେଦ୍ୟସ୍ତୁ ପରକାୟେନ ସର୍ବଦା ।
ତତ୍ ପ୍ରସାଦାତ୍ତୁ ମୋକ୍ଷାର୍ଥୀ ସ ଶିଷ୍ୟ ଇତି କୀର୍ତ୍ତିତଃ ।। ୫୮ ।।

ପରକାୟେନ ପରବ୍ରହ୍ମକାୟେନ ଭାବାର୍ପିତ ସମ୍ପନ୍ନେନ ଶିବଯୋଗିନା ଯଃ ସର୍ବଦା ଶାସନୀୟଃ ଶିକ୍ଷଣୀୟୋ ଭବେତ୍, ତତ୍ ପ୍ରସାଦାତ୍ ତଦ୍‌ଭାବାର୍ପିତସମ୍ପନ୍ନସ୍ୟ ପ୍ରସାଦାତ୍, ମୋକ୍ଷାର୍ଥୀ ପରାପରମୋକ୍ଷାପେକ୍ଷୀ ସଃ ଶିଷ୍ୟ ଇତି କୀର୍ତ୍ତିତଃ କଥିତ ଇତ୍ୟର୍ଥଃ ।। ୫୮ ।।

– (ଶିଷ୍ୟସ୍ଥଳ ବର୍ଣ୍ଣନ) – ପରକାୟ ଅର୍ଥାତ୍ ପରବ୍ରହ୍ମଶରୀରବାଲା ଯିଏ ଶିବଯୋଗୀଦ୍ୱାରା ସର୍ବଦା ଶାସନ ଯୋଗ୍ୟ ତଥା ତାଙ୍କର (ଶିବଯୋଗୀ) କୃପାରେ ମୋକ୍ଷ ଚାହେଁ, ସେ ଶିଷ୍ୟ କୁହାଯାଏ ।। ୫୮ ।।

ଅଥ ପ୍ରକାରାନ୍ତରେଣ ତଲ୍ଲକ୍ଷଣମାହ –

ଭାବୋ ଯସ୍ୟ ସ୍ଥିରୋ ନିତ୍ୟଂ ମନୋବାକ୍‌କାୟକର୍ମଭିଃ ।
ଗୁରୌ ନିଜେ ଗୁଣୋଦାରେ ସ ଶିଷ୍ୟ ଇତି ଗୀୟତେ ।। ୫୯ ।।

ଯସ୍ୟ ଭାବୋ ଗୁଣୋଦାରେ ଜ୍ଞାନବୈରାଗ୍ୟାଦିଗୁଣୋନ୍ନତେ ନିଜେ ଗୁରୌ ଶ୍ରୀଗୁରୌ ମନୋବାକ୍‌କାୟକର୍ମଭିର୍ଧ୍ୟାନସ୍ତୋତ୍ରପୂଜାରୂପକର୍ମଭିର୍ନିତ୍ୟଂ ସ୍ଥିରୋ ଦୃଢ଼ୋ ଭବେତ୍, ସ ଶିଷ୍ୟ ଇତି ଗୀୟତେ କଥ୍ୟତ ଇତ୍ୟର୍ଥଃ ।। ୫୯ ।।

– ଯାହାଙ୍କର ଭାବନା ନିଜର ଗୁଣୋଦାର (ଅର୍ଥାତ୍ ଜ୍ଞାନ, ବୈରାଗ୍ୟ ଆଦି କାରଣରୁ ଉତ୍ପନ୍ନ) ଗୁରୁଙ୍କ ବିଷୟରେ ମନ, ବାଣୀ କର୍ମରେ ସର୍ବଦା ସ୍ଥିର ଅଟେ (ଅର୍ଥାତ୍ ଯିଏ ମନ, ବାଣୀ ଓ କର୍ମରେ ସଦା ଗୁରୁଙ୍କ ପ୍ରତି ଭକ୍ତିଭାବପୂର୍ଣ୍ଣ ଅଟେ), ସେ ଶିଷ୍ୟ କୁହାଯାଏ ।। ୫୯ ।।

ଅଥ ମୁଖ୍ୟଶିଷ୍ୟଲକ୍ଷଣମାହ –

ଶାନ୍ତୋ ଦାନ୍ତସ୍ତପଶ୍ଶୀଳଃ ସତ୍ୟବାକ୍ ସମଦର୍ଶନଃ ।
ଗୁରୌ ଶିବେ ସମାନସ୍ଥଃ ସ ଶିଷ୍ୟାଣାମିହୋତ୍ତମଃ ।। ୬୦ ।।

ଯଃ ଶାନ୍ତଃ ଅନ୍ତରିନ୍ଦ୍ରିୟନିଗ୍ରହବାନ୍, ଦାନ୍ତୋ ବାହ୍ୟେନ୍ଦ୍ରିୟନିଗ୍ରହବାନ୍, ତପଶ୍ଶୀଲୋ ଯମନିୟମାଦ୍ୟଷ୍ଟା[୨୨୩]ଙ୍ଗଲକ୍ଷଣତପୋଯୋଗନିଷ୍ଠଃ ସନ୍, ସତ୍ୟବାଗ୍ ଯଥାର୍ଥବାଦୀ ସନ୍, ସମଦର୍ଶନୋ ଲୋଷ୍ଟସୁବର୍ଣ୍ଣାଦିଷୁ ସମାନବୁଦ୍ଧିମାନ୍ ସନ୍, ଶ୍ରୀଗୁରୌ ଶିବଲିଙ୍ଗେ ଚ ସମଦର୍ଶନବାନ୍ ସନ୍ ବର୍ତ୍ତତେ, ସ ଇହଲୋକେ ଶିଷ୍ୟାଣାମୁତ୍ତମଃ ଶ୍ରେଷ୍ଠ ଇତ୍ୟର୍ଥଃ ।। ୬୦ ।।

– ଶାନ୍ତ (ଅର୍ଥାତ୍ ନିଜର ମନର ନିୟନ୍ତ୍ରକ) ଦାନ୍ତ (ବାହ୍ୟ ଇନ୍ଦ୍ରିୟଗୁଡ଼ିକୁ ବଶରେ

---

୨୨୩. ଯମନିୟମାସନପ୍ରାଣାୟାମପ୍ରତ୍ୟାହାରଧାରଣାଧ୍ୟାନସମାଧୟୋଽଷ୍ଟାବଙ୍ଗାନି ।
(ପା.ଯୋ.ସୂ., ୨/୨୯)

CC-0. Jangamwadi Math Digital Collection.

ରଖିବାବାଲା) ତପସ୍ୱୀ ଅର୍ଥାତ୍ ଯମ-ନିୟମ ଆଦି ଆଠ ଯୋଗାଙ୍ଗର ଅଭ୍ୟାସୀ, ସଦା ସତ୍ୟ କହୁଥିବା ବ୍ୟକ୍ତି, ସମଦର୍ଶୀ, ଗୁରୁ ଏବଂ ଶିବଙ୍କ ପ୍ରତି ସମାନଭାବ ରଖୁଥିବା ବ୍ୟକ୍ତି ଏହି ସଂସାରରେ ଶିଷ୍ୟମାନଙ୍କ ଭିତରେ ଉତ୍ତମ କୁହାଯାଏ ।। ୬୦।।

ଅଥ ଶିଷ୍ଟାଚାରଂ ସୂତ୍ରଦ୍ୱୟେନ କଥୟତି –

ଗୁରୁମେବ ଶିବଂ ପଶ୍ୟେଚ୍ଛିବମେବ ଗୁରୁଂ ତଥା ।
ନୈତୟୋରନ୍ତରଂ କିଞ୍ଚିଦ୍ୱିଜାନୀୟାଦ୍ୱିଚକ୍ଷଣଃ ।। ୬୧ ।।

ବିଚକ୍ଷଣଃ ଶିଷ୍ୟ ଇତ୍ୟର୍ଥଃ ।। ୬୧ ।।

– ବିଦ୍ୱାନ୍ ଶିଷ୍ୟ ଗୁରୁଙ୍କୁ ଶିବ ରୂପରେ ଓ ଶିବଙ୍କୁ ଗୁରୁ ରୂପରେ ଦେଖିବା ଉଚିତ୍ । ସେ ଏହି ଦୁଇଜଣଙ୍କ ମଧ୍ୟରେ କୌଣସି ଭେଦ ଜାଣିବା ଉଚିତ୍ ନୁହେଁ ।। ୬୧ ।।

ଶିବାଚାରେ ଶିବଧ୍ୟାନେ ଶିବଜ୍ଞାନେ ଚ ନିର୍ମଳେ ।
ଗୁରୋରାଦେଶମାତ୍ରେଣ ପରାଂ ନିଷ୍ଠାମବାପ୍ନୁୟାତ୍ ।। ୬୨ ।।

ନିଷ୍ଠାଂ ବିଶ୍ୱାସଂ ପ୍ରାପ୍ନୁୟାଦିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୬୨ ।।

– (ସେହିପରି ଗୁଣଯୁକ୍ତ ଶିଷ୍ୟ) ଗୁରୁଙ୍କର କେବଳ ଆଦେଶ ମାତ୍ରରେ ଶିବାଚାର, ଶିବଧ୍ୟାନ ଓ ନିର୍ମଳ ଶିବଜ୍ଞାନ ବିଷୟରେ ଶ୍ରେଷ୍ଠ ବିଶ୍ୱାସ ଓ ଶ୍ରଦ୍ଧାକୁ ପ୍ରାପ୍ତ କରିଥାଏ ।। ୬୨ ।।

ଅଥ ଶ୍ରୀଗୁରୁକୃପାକଟାକ୍ଷମହତ୍ତ୍ୱଂ ସୂତ୍ରଦ୍ୱୟେନ କଥୟତି –

ବ୍ରହ୍ମାଣ୍ଡବୁଦ୍ବୁଦୋଦ୍ଭୂତଂ ମାୟାସିନ୍ଧୁଂ ମହତ୍ତରମ୍ ।
ଗୁରୋଃ କବଳୟତ୍ୟାଶୁ କଟାକ୍ଷବଡ଼ବାନଳଃ ।। ୬୩।।

ବ୍ରହ୍ମାଣ୍ଡରୂପବୁଦ୍ବୁଦାନାମ୍ ଉଦ୍ଭୂତମୁଦ୍ଭବନଂ ଯସ୍ମିନ୍ ସ ବ୍ରହ୍ମାଣ୍ଡବୁଦ୍ବୁଦୋଦ୍ଭୂତ ଇତ୍ୟର୍ଥଃ । ତାଦୃଶଂ ମହତ୍ତରଂ ମାୟାସିନ୍ଧୁଂ ଗୁରୋଃ କଟାକ୍ଷବଡ଼ବାନଳୋ ଝଟିତି କବଳୟତି ଗ୍ରସତୀତ୍ୟର୍ଥଃ । ନେତ୍ରସ୍ୟ ତୈଜସତ୍ୱାଦ୍ ବଡ଼ବାନଳତ୍ୱେନ ବର୍ଣ୍ଣନମ୍ ।। ୬୩।।

– ଗୁରୁଙ୍କର କୃପାକଟାକ୍ଷରୂପୀ ବଡ଼ବାନଳ ବ୍ରହ୍ମାଣ୍ଡରୂପୀ ବୁଦ୍ବୁଦ୍ରୁ ଉତ୍ପନ୍ନ ବିଶାଳ ମାୟାରୂପୀ ସମୁଦ୍ରକୁ ଶୀଘ୍ର କବଳିତ କରିଥାଏ ।। ୬୩।।

ଗୁରୋଃ କଟାକ୍ଷବେଧେନ ଶିବୋ ଭବତି ମାନବଃ ।
ରସବେଧାଦ୍ ଯଥା ଲୋହୋ ହେମତାଂ ପ୍ରତିପଦ୍ୟତେ ।। ୬୪ ।।

ମାନବଃ ଶିଷ୍ୟଜନ ଇତ୍ୟର୍ଥଃ । ସମ୍ୟଗାବେଶୋ ବେଧ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୬୪ ।।

– ଯେପରି ରସ ଅର୍ଥାତ୍ ପାରାଦ୍ୱାରା ବିଦ୍ଧ ହେବାପରେ ଲୁହା ସୁନା ହୋଇଯାଏ, ସେହିପରି ଗୁରୁଙ୍କର କକ୍ଷାକ୍ଷ ବେଧରେ ମନୁଷ୍ୟ ଶିବ ହୋଇଯାଏ ।। ୬୪ ।।

ଅଥୈବଂ ଗୁରୁମହତ୍ତ୍ୱଜ୍ଞାନୀ ଗୁରୋରାଜ୍ଞାଂ ନ ଲଙ୍ଘୟେଦିତ୍ୟାହ –

CC-0. Jangamwadi Math Digital Collection.

ନ ଲଙ୍ଘୟେଦ୍ ଗୁରୋରାଜ୍ଞାଂ ଜ୍ଞାନମେବ ପ୍ରକାଶୟନ୍ ।
ଶିବାସକ୍ତେନ ମନସା ସର୍ବସିଦ୍ଧିମବାପ୍ନୁୟାତ୍ ।। ୬୫।।

ଶିବାସକ୍ତେନ ଶିବଧ୍ୟାନ ନିଷ୍ଠେନ ମନସା ଜ୍ଞାନଂ ଶିବାଦ୍ୱୈତଜ୍ଞାନମିତ୍ୟର୍ଥଃ । ଶିଷ୍ଟଂ ସ୍ୱଷ୍ଟମ୍ ।। ୬୫।।

– ଗୁରୁଙ୍କର ଆଜ୍ଞାର ଉଲଙ୍ଘନ କରିବା ଉଚିତ୍ ନୁହେଁ । ଏହିପରି ଆଜ୍ଞାଧୀନ ଶିଷ୍ୟ ଶିବଙ୍କଠାରେ ତଲ୍ଲୀନ ମନଦ୍ୱାରା ଶିବାଦ୍ୱୈତ ଜ୍ଞାନକୁ ପ୍ରାପ୍ତ କରିଥାଏ ତଥା ସମସ୍ତ ସିଦ୍ଧିକୁ ମଧ୍ୟ ପ୍ରାପ୍ତ କରିଥାଏ ।। ୬୫।।

ଅଥ ଗୁରୂପଦେଶରହସ୍ୟଂ ସୂଚୟତି –

ଶିବାଦନ୍ୟଜ୍ଜଗନ୍ମିଥ୍ୟା ଶିବଃ ସଂବିତ୍ ସ୍ୱ ରୂପକଃ ।
ଶିବସ୍ତ୍ୱମିତି ନିର୍ଦିଷ୍ଟୋ ଗୁରୁଣା ମୁକ୍ତ ଏବ ସଃ ।। ୬୬।।

ଜଗତ୍ ଶିବାଦନ୍ୟମିତି ମିଥ୍ୟା, ଶିବସ୍ୱରୂପମେବେତ୍ୟର୍ଥଃ । ତତ୍ କଥମିତ୍ୟତ୍ରାହଶିବଃ ସଂବିତ୍ ସ୍ୱ ରୂପକ ଇତି । ବିଶ୍ୱସ୍ୟ ଚିଦନ୍ତର୍ଗତତ୍ୱାତ୍ତରଙ୍ଗାଦିବଚ୍ଛିନ୍ନୟତ୍ୱମ୍, ଅନ୍ୟଥା ଚିଦ୍ ବାହ୍ୟତ୍ୱେନାସ୍ତୀତ୍ୟତ୍ର ମାନାଭାବାଦସଦେବ ସ୍ୟାଦିତି ଭାବଃ । ଶିବସ୍ତ୍ୱମିତି ଚିଦ୍ରୂପତ୍ୱାଦିତି ଭାବଃ, 'ଐତଦାତ୍ମ୍ୟମିଦଂ ସର୍ବଂ ତତ୍ସତ୍ୟଂ ସ ଆତ୍ମା ତତ୍ତ୍ୱମସି ଶ୍ୱେତକେତୋ'[୨୨୪] ଇତି ଛାନ୍ଦୋଗ୍ୟଶ୍ରୁତେଃ । ଇତି ଯଃ ଶିଷ୍ୟଃ ଶ୍ରୀଗୁରୁଣୋପଦିଷ୍ଟଃ, ସ ମୁକ୍ତ ବ ଜୀବନ୍ମୁକ୍ତ ଏବେତ୍ୟର୍ଥଃ ।। ୬୬।।

– ଶିବଙ୍କ ଠାରୁ ଭିନ୍ନ ଜଗତ୍ ମିଥ୍ୟା । ଶିବ ସଂବିତ୍ ସ୍ୱରୂପ ଅଟନ୍ତି, ତୁମେ ମଧ୍ୟ ଶିବ ହିଁ ଅଟ – ଏହିପରି ଗୁରୁଦ୍ୱାରା ନିର୍ଦିଷ୍ଟ ସାଧକ ହିଁ ମୁକ୍ତ ହୋଇଥାନ୍ତି ।। ୬୬।।

ଅଥ ଶିଷ୍ୟସ୍ଥଳଂ ସମାପୟତି –

ଗୁରୋର୍ଲବ୍ଧ୍ୱା ମହାଜ୍ଞାନଂ ସଂସାରାମୟଭେଷଜମ୍ ।
ମୋଦତେ ଯଃ ସୁଖୀ ଶାନ୍ତଃ ସ ଜୀବନ୍ମୁକ୍ତ ଏବ ହି ।। ୬୭।।

ଯଃ ଶିଷ୍ୟୋ ଗୁରୋଃ ଶ୍ରୀଗୁରୋଃ ସଂସାରାମୟଭେଷଜଂ ଭବରୋଗସ୍ୟୌଷଧଂ ମହାଜ୍ଞାନଂ ଲବ୍ଧ୍ୱା ସୁଖୀ ଶିବସୁଖୀ ସନ୍ ମୋଦତେ ସୁଖମନୁଭବନ୍ନାସ୍ତେ, ସ ଶାନ୍ତୋ ରାଗଦ୍ୱେଷରହିତୋ ଜୀବନ୍ମୁକ୍ତ ଏବେତି ହି ପ୍ରସିଦ୍ଧ ଇତ୍ୟର୍ଥଃ ।। ୬୭।।

– ଯିଏ ଗୁରୁଙ୍କଠାରୁ ସଂସାରରୂପୀ ରୋଗର ମହୌଷଧି ରୂପକ ମହାଜ୍ଞାନକୁ ପ୍ରାପ୍ତ କରି ନିଏ, ସିଏ ସୁଖୀ, ଶାନ୍ତ ଓ ଜୀବନ୍ମୁକ୍ତ ହୋଇଥାଏ ।। ୬୭।।

ଇତି ଶିଷ୍ୟସ୍ଥଳମ୍

୨୨୪. ଛା. ଉ., ୬/୯/୪

CC-0. Jangamwadi Math Digital Collection.

ଅଥ ଶୁଶ୍ରୂଷୁସ୍ଥଲମ୍

ଅଥ – ତସ୍ମାଦୁପଶ୍ରିତାତ୍ ସମ୍ୟକ୍ ସହଜଂ ପ୍ରାପ୍ୟ ସଦ୍‌ଗୁରୋଃ ।
ଅନାୟାସେନ ସତତମାତ୍ମାଭ୍ୟାସରତୋ ଭବେତ୍ ।।

ଇତି ଯୋଗଜାଗମବଚନାନୁସାରେଣ ସ ଶିଷ୍ୟ ଏବ ଗୁରୁସେବାତତ୍ପରଃ ସନ୍ ରହସ୍ୟାର୍ଥଜିଜ୍ଞାସୁଃ ଶୁଶ୍ରୂଷୁରିତି ସୂତ୍ରତ୍ରୟେଣ କଥୟତି –

ବୋଧମାନଃ ସ ଗୁରୁଣା ପରକାୟେନ ସର୍ବଦା ।
ତଚ୍ଛୁଶ୍ରୂଷାରତଃ ଶିଷ୍ୟଃ ଶୁଶ୍ରୂଷୁରିତି କୀର୍ତ୍ତ୍ୟତେ ।। ୬୮ ।।

ପରବ୍ରହ୍ମକାୟେନ ଶ୍ରୀଗୁରୁଣା ସଦା ବୋଧମାନଃ ସ ଶିଷ୍ୟଃ ତଚ୍ଛୁଶ୍ରୂଷାର– ତତ୍ସ୍ତସ୍ମାଚ୍ଛ୍ରୋତୁମିଚ୍ଛାୟାଂ ଲମ୍ପଟଃ ସନ୍ ଶୁଶ୍ରୂଷୁରିତି କୀର୍ତ୍ତ୍ୟତେ କଥ୍ୟତ ଇତ୍ୟର୍ଥଃ ।। ୬୮ ।।

– (ଶୁଶ୍ରୂଷୁସ୍ଥଳ ବର୍ଣ୍ଣନ) – ପରକାୟ ଗୁରୁଙ୍କଦ୍ୱାରା ସର୍ବଦା ଉପଦିଷ୍ଟ ତଥା ତାଙ୍କର ସେବାରେ ନିରତ ଶିଷ୍ୟ ଶୁଶ୍ରୂଷୁ କୁହାଯାଏ ।। ୬୮ ।।

ଅଥ ତତ୍ ପ୍ରଶ୍ନପ୍ରକାରଂ ପ୍ରଦର୍ଶୟତି –

କିଂ ସତ୍ୟଂ କିଂ ନ ବା ସତ୍ୟଂ କ ଆତ୍ମା କଃ ପରଃ ଶିବଃ ।
ଇତି ଶ୍ରବଣସଂସକ୍ତୋ ଗୁରୋଃ ଶିଷ୍ୟୋ ବିଶିଷ୍ୟତେ ।। ୬୯ ।।

ସତ୍ୟଂ ନିତ୍ୟଂ କିମ୍, ଅସତ୍ୟମ୍ ଅନିତ୍ୟଂ କିମ୍, ଆତ୍ମା ଜୀବଃ କଃ, ପରଃ ଶିବଃ ପରମାତ୍ମା କ ଇତି ଗୁରୋଃ ଶ୍ରୀଗୁରୋଃ ସକାଶାତ୍ ଶ୍ରବଣସଂସକ୍ତ ଉତ୍ତରବାକ୍ୟଶ୍ରବଣତତ୍ପରଃ ଶିଷ୍ୟଃ ଶୁଶ୍ରୂଷୁଃ ଶିଷ୍ୟଃ ବିଶିଷ୍ୟତେ, କେବଳସେବାସକ୍ତଶିଷ୍ୟାପେକ୍ଷୟା ବିଶିଷ୍ୟତ ଇତ୍ୟର୍ଥଃ ।। ୬୯ ।।

– କ'ଣ ସତ୍ୟ ଅଟେ ? କ'ଣ ଅସତ୍ୟ ? କିଏ ଆତ୍ମା ଅଟେ ? କିଏ ପରଶିବ ଅଟେ ? – ଏହିପରି ଗୁରୁଠାରୁ ଉପଦେଶ ଗ୍ରହଣ କରିବାରେ ନିରତ ଶିଷ୍ୟ କେବଳ ସେବା କରୁଥିବା ଶିଷ୍ୟଠାରୁ ବିଶେଷ (କୃପାପାତ୍ର) ହୋଇଥାଏ ।। ୬୯ ।।

ନନୁ କଥଂ ଶ୍ରେଷ୍ଠ ଇତ୍ୟତ୍ରାହ –

ଶ୍ରୁତ୍ୱା ଶ୍ରୁତ୍ୱା ଗୁରୋର୍ବାକ୍ୟଂ ଶିବସାକ୍ଷାତ୍ କ୍ରିୟାବହମ୍ ।
ଉପଶାମ୍ୟତି ଯଃ ସ୍ୱାନ୍ତେ ସ ମୁକ୍ତିପଦମାପ୍ନୁୟାତ୍ ।। ୭୦ ।।

ଯଃ ଶୁଶ୍ରୂଷୁଃ ଶିଷ୍ୟଃ ଶିବପ୍ରତ୍ୟକ୍ଷୀକରଣକ୍ରିୟାବହଂ ଶ୍ରୁତିସମ୍ମତୋପଦେଶବାକ୍ୟଂ ଶ୍ରୀଗୁରୋଃ ଶ୍ରୁତ୍ୱା ଶ୍ରୁତ୍ୱା, ଅସକୃଦିତ୍ୟର୍ଥଃ, ସ୍ୱାନ୍ତେ ଚିତ୍ତେ ଉପଶାମ୍ୟତି ଶାନ୍ତୋ ଭବତି, ସ ମୁକ୍ତିପଦମାପ୍ନୁୟାଦ୍ ଲଭେତେତ୍ୟର୍ଥଃ ।। ୭୦ ।।

CC-0. Jangamwadi Math Digital Collection.

– ଗୁରୁଙ୍କର ଶିବସାକ୍ଷାତ୍କାର କରାଉଥିବା ବାକ୍ୟକୁ ଶୁଣି ଶୁଣି ଯେଉଁ ଶିଷ୍ୟ ନିଜର ମନରେ ଶାନ୍ତିଲାଭ କରେ, ସେ ମୁକ୍ତିପଦକୁ ପ୍ରାପ୍ତ କରିଥାଏ ।। ୭୦ ।।

ନନୁ ସେବାମାତ୍ରେଣ ଗୁରୋର୍ମୁକ୍ତଃ କିଂ ନ ସ୍ୟାଚ୍ଛିସ୍ୟ ଇତ୍ୟତ୍ରାହ –

ନ ବୁଧ୍ୟତି ଗୁରୋର୍ବାକ୍ୟଂ ବିନା ଶିଷ୍ୟସ୍ୟ ମାନସମ୍ ।
ତେଜୋ ବିନା ସହସ୍ରାଂଶୋଃ କଥଂ ସ୍ଫୁରତି ପଙ୍କଜମ୍ ।। ୭୧ ।।

ଗୁରୂପଦେଶବାକ୍ୟଂ ବିନା ଶିଷ୍ୟସ୍ୟ ମାନସଂ ହୃତ୍କମଲଂ ନ ବୁଧ୍ୟତି ନ ବିକସତି । ତତ୍ର ଦୃଷ୍ଟାନ୍ତଃ – ସହସ୍ରାଂଶୋଃ ସୂର୍ଯ୍ୟସ୍ୟ ତେଜୋ ବିନା ପଙ୍କଜଂ କଥଂ ସ୍ଫୁରତି ବିକସତି, ନ କଥଞ୍ଚିଦପି ବିକସତି, ତଥେତ୍ୟର୍ଥଃ ।। ୭୧ ।।

– ଗୁରୁଙ୍କର (ଉପଦେଶ) ବାକ୍ୟ ବିନା ଶିଷ୍ୟର ମନ ପ୍ରବୁଦ୍ଧ ହୁଏ ନାହିଁ । ସୂର୍ଯ୍ୟଙ୍କର ତେଜ ବିନା କିପରି କମଳ ବିକସିତ ହେବ ? ।। ୭୧ ।।

ପୁନଶ୍ଚ ଦୃଷ୍ଟାନ୍ତାନ୍ତରମାହ –

ସୂର୍ଯ୍ୟସ୍ୟୋଦୟମାତ୍ରେଣ ସୂର୍ଯ୍ୟକାନ୍ତଃ ପ୍ରକାଶତେ ।
ଗୁରୋରାଲୋକମାତ୍ରେଣ ଶିଷ୍ୟୋ ବୋଧେନ ଭାସତେ ।। ୭୨ ।।

ଗୁରୂପଦେଶବାକ୍ୟାନ୍ନାଲୋକମାତ୍ରେଣେତ୍ୟର୍ଥଃ । ଶିଷ୍ଟଂ ସ୍ୱଷ୍ଟମ୍ ।। ୭୨ ।।

– (ଯେପରି) ସୂର୍ଯ୍ୟଙ୍କର ଉଦୟ ମାତ୍ରକେ ସୂର୍ଯ୍ୟକାନ୍ତ ମଣି ପ୍ରକାଶ କରିଥାଏ, (ସେହିପରି) ଗୁରୁଙ୍କର (ଉପଦେଶ ରୂପକ) ଆଲୋକରେ ଶିଷ୍ୟ ଜ୍ଞାନପ୍ରାପ୍ତି ହେତୁ ଉଦ୍ଦିପ୍ତ ହୋଇଥାଏ ।। ୭୨ ।।

ଅଥ – 'ତଦ୍ୱିଜ୍ଞାନାର୍ଥଂ ସ ଗୁରୁମେବାଭିଗଚ୍ଛେତ୍ ସମିତ୍ପାଣିଃ ଶ୍ରୋତ୍ରିୟଂ ବ୍ରହ୍ମନିଷ୍ଠମ୍'[୨୨୫] ଇତି ମୁଣ୍ଡକଶ୍ରୁତିବାକ୍ୟାନୁସାରେଣ ତଚ୍ଛ୍ରବଣାର୍ଥଂ ଗୁରୁସମର୍ପଣପ୍ରକାରମାହ –

ଅଦ୍ୱୈତପରମାନନ୍ଦପ୍ରବୋଧୈକପ୍ରକାଶକମ୍ ।
ଉପାୟଂ ଶୃଣୁୟାଚ୍ଛିଷ୍ୟଃ ସଦ୍‌ଗୁରୁଂ ପ୍ରାପ୍ୟ ସଞ୍ଜଳିଃ ।। ୭୩ ।।

ଉପାୟନପାଣିଃ ସଦ୍‌ଗୁରୁମଧିଗମ୍ୟ ସାଞ୍ଜଳିଃ ମୁକୁଳିତକରଯୁଗଳଃ ସନ୍ ଅପ୍ରତିଯୋଗିପରମାନନ୍ଦ ପ୍ରବୋଧସ୍ୟ ମୁଖ୍ୟତୟା ପ୍ରକାଶକମ୍ ଉପାୟନ୍ ଉପଦେଶ–ରହସ୍ୟରୂପୋପାୟଂ ଶିଷ୍ୟଃ ଶୃଣୁୟାତ୍ ପ୍ରଶ୍ନପୂର୍ବକଂ ଶୃଣୁୟାଦିତ୍ୟର୍ଥଃ ।। ୭୩ ।।

– ଶିଷ୍ୟ ଉତ୍ତମଗୁରୁଙ୍କୁ ପ୍ରାପ୍ତ କରି (ତାଙ୍କର ସମ୍ମୁଖରେ) ହାତ ଯୋଡ଼ି (ଅର୍ଥାତ୍ ଶ୍ରଦ୍ଧାବନତ ହୋଇ) ଅଦ୍ୱୈତ ପରମାନନ୍ଦ ଜ୍ଞାନର ଏକମାତ୍ର ପ୍ରକାଶକ ଉପାୟକୁ ଶୁଣିବା ଉଚିତ୍ ।। ୭୩ ।।

---

୨୨୫. ମୁ. ଉ., ୧/୧୨

CC-0. Jangamwadi Math Digital Collection.

ଅଥ ପ୍ରଶ୍ନପ୍ରକାରମୁପପାଦୟତି –

କିଂ ତତ୍ତ୍ୱଂ ପରମଂ ଜ୍ଞେୟଂ କେନ ସର୍ବେ ପ୍ରତିଷ୍ଠିତାଃ ।
କସ୍ୟ ସାକ୍ଷାତ୍‌କ୍ରିୟା ମୁକ୍ତିଃ କଥୟେତି ସମାସତଃ ।। ୭୪ ।।

ଭୋ ଶ୍ରୀଗୁରୋ ଜ୍ଞେୟଂ ପରମଂ ତତ୍ତ୍ୱଂ କିମ୍, କେନ ବସ୍ତୁନା ସର୍ବେ ଚରାଚରାଃ ପ୍ରତିଷ୍ଠିତାଃ, କସ୍ୟ ସାକ୍ଷାତ୍‌କାରେଣ ମୁକ୍ତିର୍ମୋକ୍ଷୋ ଭବେତ୍, ଏତତ୍ ସର୍ବଂ ସମାସତଃ ସଂଗ୍ରହେଣ କଥୟ ଉପଦିଶେତ୍ୟର୍ଥଃ ।। ୭୪ ।।

– କେଉଁ ତତ୍ତ୍ୱ ପରମ ଅର୍ଥାତ୍ ଶ୍ରେଷ୍ଠ, ଅତଏବ ଜ୍ଞେୟ ଅଟେ ? କାହା କାରଣରୁ ସମସ୍ତ ଚରାଚର ସ୍ଥିତ ଅଟନ୍ତି ? କାହାର ସାକ୍ଷାତ୍‌କାର ମୁକ୍ତି କୁହାଯାଏ, ଏହାକୁ ଆପଣ ସଂକ୍ଷେପରେ ବତାନ୍ତୁ (ଏହିପରି ଶିଷ୍ୟ ଗୁରୁଙ୍କୁ ଅନୁରୋଧ କରିବ।) ।। ୭୪ ।।

ଅଥ –

ତସ୍ମୈ ସ ବିଦ୍ୱାନୁପସନ୍ନାୟ ସମ୍ୟକ୍
ପ୍ରଶାନ୍ତଚିତ୍ତାୟ ଶମାନ୍ୱିତାୟ ।
ଯେନାକ୍ଷରଂ ପୁରୁଷଂ ବେଦ ସତ୍ୟଂ
ପ୍ରୋବାଚ ତାଂ ତତ୍ତ୍ୱତୋ ବ୍ରହ୍ମବିଦ୍ୟାମ୍[୨୨୬] ।।

ଇତି ମୁଣ୍ଡକଶ୍ରୁତ୍ୟନୁସାରେଣ ତତ୍‌ପ୍ରଶ୍ନୋତ୍ତରଂ ପଞ୍ଚଭିଃ ସୂତ୍ରୈଃ କଥୟତି –

ଇତି ପ୍ରଶ୍ନେ କୃତେ ପୂର୍ବଂ ଶିଷ୍ୟେଣ ନିୟତାତ୍ମନା
ବ୍ରୂୟାତ୍ ତତ୍ତ୍ୱଂ ଗୁରୁସ୍ତସ୍ମୈ ଯେନ ସ୍ୟାତ୍ ସଂସୃତେର୍ଲୟଃ ।। ୭୫ ।।

ନିୟତାତ୍ମନା ଏକାଗ୍ରଚିତ୍ତେନେତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୭୫ ।।

– ନିୟତାତ୍ମା ଅର୍ଥାତ୍ ଏକାଗ୍ରଚିତ୍ତବାଲା ଶିଷ୍ୟ ଏହିପରି ପ୍ରଶ୍ନ କଲାପରେ ଗୁରୁ ସେହି ଶିଷ୍ୟକୁ (ସେହି) ତତ୍ତ୍ୱର ଉପଦେଶ ଦେବା ଉଚିତ୍, ଯେଉଁଥିରେ ସଂସାରର ଲୟ ହୋଇଯାଏ (ଅର୍ଥାତ୍ ବନ୍ଧନ ଦୂର ହେବ) ।। ୭୫ ।।

ଅଥ କୃତ ପ୍ରଶ୍ନସ୍ୟ କ୍ରମେଣୋତ୍ତରଂ ବକ୍ତି –

ଶିବ ଏବ ପରଂ ତତ୍ତ୍ୱଂ ଚିଦାନନ୍ଦସଦାକୃତିଃ ।
ସ ଯଥାର୍ଥସ୍ତଦନ୍ୟସ୍ୟ ଜଗତୋ ନାସ୍ତି ନିତ୍ୟତା ।। ୭୬ ।।

ସଚ୍ଚିଦାନନ୍ଦସ୍ୱରୂପଃ ଶିବ ଏବ ପରଂ ତତ୍ତ୍ୱଂ ଜ୍ଞାତୁଂ ଯୋଗ୍ୟଂ ପରତତ୍ତ୍ୱମ୍ । ସ ଯଥାର୍ଥଃ, ନିତ୍ୟ ଇତ୍ୟର୍ଥଃ । ତଦନ୍ୟସ୍ୟ ଚିଦ୍‌ବିଜାତୀୟତ୍ୱେନ ଭାସମାନସ୍ୟ ଜଗତୋ ବିଷ୍ଣ୍ୱାଦିବିଶ୍ୱସ୍ୟ ନିତ୍ୟତ୍ୱଂ ଶିବବତ୍ ସନାତନତ୍ୱଂ ନାସ୍ତୀତ୍ୟର୍ଥଃ ।। ୭୬ ।।

– (ଏହାପରେ ଗୁରୁ କହିବା ଉଚିତ୍) ସତ୍–ଚିତ୍–ଆନନ୍ଦ ସ୍ୱରୂପ ଶିବ ହିଁ ପରମ

୨୨୬. ମୁ. ଉ., ୧/୧୩

CC-0. Jangamwadi Math Digital Collection.

(ଅର୍ଥାତ୍ ଅନ୍ତିମ ଓ ଶ୍ରେଷ୍ଠତମ) ତତ୍ତ୍ୱ ଅଟେ । ତାହା ଯଥାର୍ଥ ଅଟେ । ତାଙ୍କଠାରୁ ଭିନ୍ନ ସଂସାର ନିତ୍ୟ ନୁହନ୍ତି ।। ୭୬ ।।

ଅଥ କେନ ସର୍ବେ ପ୍ରତିଷ୍ଠିତା ଇତ୍ୟସ୍ୟୋତ୍ତରମାହ –

ଅଯଥାର୍ଥ ପ୍ରପଞ୍ଚୋଽୟଂ ପ୍ରତିତିଷ୍ଠତି ଶଙ୍କରେ ।
ସଦାତ୍ମନି ଯଥା ଶୁକ୍ତୌ ରଜତତ୍ୱଂ ବ୍ୟବସ୍ଥିତମ୍ ।। ୭୭ ।।

ଅଯଥାର୍ଥଃ, ଅନିତ୍ୟ ଇତ୍ୟର୍ଥଃ । ତତ୍ର ଦୃଷ୍ଟାନ୍ତଃ – ସଦାତ୍ମନି ଜ୍ଞାନକର୍ମଲକ୍ଷଣୋ–ଭୟେନ୍ଦ୍ରିୟଜ୍ଞାନଗୋଚରୀଭୂତତ୍ୱାଦ୍ ବ୍ୟାବହାରିକସଦ୍ରୂପେ ଶୁକ୍ତୌ ଶୁକ୍ତିକାଶକଳେ ରଜତତ୍ୱଂ ଜ୍ଞାନେନ୍ଦ୍ରିୟମାତ୍ରଗୋଚରତ୍ୱେନୋତ୍ତରକ୍ଷଣବାଧମାନପ୍ରାତୀତିକରଜତତ୍ୱଂ ବ୍ୟବସ୍ଥିତଂ ଯଥା ତିଷ୍ଠତି ତଥା ସନାତନେ ଶଙ୍କରେଽନିତ୍ୟପ୍ରପଞ୍ଚସ୍ତିଷ୍ଠତୀତ୍ୟର୍ଥଃ ।। ୭୭ ।।

– ଏହି ମିଥ୍ୟା ପ୍ରପଞ୍ଚ ସତ୍ ସ୍ୱରୂପ ଶିବରେ ସେହିପରି ସ୍ଥିତ ଯେପରି ଶୁକ୍ତିରେ ରଜତ ଥାଏ ।। ୭୭ ।।

ଅଥ କସ୍ୟ ସାକ୍ଷାତ୍କାରେଣ ମୁକ୍ତିରିତ୍ୟସ୍ୟୋତ୍ତରମାହ –

ଶିବୋଽହମିତି ଭାବେନ ଶିବେ ସାକ୍ଷାତ୍କୃତେ ସ୍ଥିରମ୍ ।
ମୁକ୍ତୋ ଭାବତି ସଂସାରନ୍ମୋହଗ୍ରନ୍ଥେର୍ବିଭେଦତଃ ।। ୭୮ ।।

ଶିବୋଽହମିତି ଭାବେନ ଦୃଢ଼ଭାବେନ ଶିବେ ପ୍ରତ୍ୟକ୍ଷୀକୃତେ ସତି ବିଭେଦତୋ ବିଶେଷଭେଦଃ ସଂସାରାତ୍ ସଂସାରରୂପାଦ୍ ମୋହଗ୍ରନ୍ଥେରଜ୍ଞାନଗ୍ରନ୍ଥେର୍ମୁକ୍ତୋ ଭବତୀତ୍ୟର୍ଥଃ ।। ୭୮ ।।

– 'ମୁଁ ଶିବ ଅଟେ' ଏହି ଭାବରେ ଶିବଙ୍କର ସାକ୍ଷାତ୍କାର ହେବା ପରେ ସଂସାରରୂପୀ ମୋହଗ୍ରନ୍ଥିର ଛେଦନ ହେବା ପରେ ସାଧକ ନିଶ୍ଚିତ ଭାବରେ ମୁକ୍ତ ହୋଇଯାଏ ।। ୭୮ ।।

ଅଥୈବମୁକ୍ତାର୍ଥେ ଶିଷ୍ୟଂ ନିୟୋଜୟତି –

ଶିବଂ ଭାବୟ ଚାତ୍ମାନଂ ଶିବାଦନ୍ୟଂ ନ ଚିନ୍ତୟ ।
ଏବଂ ସ୍ଥିରେ ଶିବାଦ୍ୱୈତେ ଜୀବନ୍ମୁକ୍ତୋ ଭବିଷ୍ୟସି ।। ୭୯ ।।

ଭୋ ଶିଷ୍ୟ, ତ୍ୱମ୍ ଆତ୍ମାନଂ ତ୍ୱାଂ ଶିବଂ ସନ୍ତଂ ଭାବୟ, ଶିବଶିବଭକ୍ତୟୋରାତ୍ମତ୍ୱା–ବିଶେଷାଦିତି ଭାବଃ । ଇଦମିତି ଭାସମାନଂ ବିଶ୍ୱମପି ଶିବାଦନ୍ୟଂ ନ ଚିନ୍ତୟ, ଶିବସ୍ୱଭାବଭୂତଚିଦ୍‌କ୍ରିୟାନ୍ତର୍ଗତତ୍ୱାଜ୍ଜଳତରଙ୍ଗନ୍ୟାୟେନ ଶିବସ୍ୱରୂପମେବେତି ଚିନ୍ତୟେତ୍ୟର୍ଥଃ । ଏବଂ ଶିବାଦ୍ୱୈତେ ସ୍ଥିରେ ସତି ଜୀବନ୍ମୁକ୍ତୋ ଜୀବନ୍ନପି ମୁକ୍ତୋ ଭବିଷ୍ୟସୀତ୍ୟର୍ଥଃ ।। ୭୯ ।।

– 'ନିଜକୁ ଶିବ ଭାବ, ଶିବଙ୍କଠାରୁ ଅନ୍ୟକୁ ନିଜର ବିଚାରର ବିଷୟ କର ନାହିଁ – ଏହିପରି ଶିବାଦ୍ୱୈତରେ ସ୍ଥିର ଭାବନା ହେବା ପରେ ଜୀବନ୍ମୁକ୍ତ ହେବ'।। ୭୯ ।।

CC-0. Jangamwadi Math Digital Collection.

ଅଥ ଶୁଶ୍ରୂଷୁସ୍ଥଲଂ ସମାପୟତି –

ଏବଂ ପ୍ରଚୋଦିତଃ ଶିଷ୍ୟୋ ଗୁରୁଣା ଗୁଣଶାଳିନା ।

ଶିବମେବ ଜଗଦ୍ ପଶ୍ୟନ୍ ଜୀବନ୍ମୁକ୍ତୋଽଭିଜାୟତେ ।।୮୦।।

ଏବମନେନ ପ୍ରକାରେଣ ଜ୍ଞାନବୈରାଗ୍ୟାଦିଗୁଣସମ୍ପନ୍ନେନ ଶ୍ରୀଗୁରୁଣା ପ୍ରକର୍ଷେଣ ବୋଧିତଃ ଶିଷ୍ୟୋ ଜଗଜ୍ଜାଲଂ ଶିବମେବ ପଶ୍ୟନ୍ ଶିବାତିରିକ୍ତାବିଦ୍ୟାମୟମିତ୍ୟପଶ୍ୟନ୍ ଶିବସ୍ୱଭାବଭୂତ ଚିଦ୍ କ୍ରିୟାଶକ୍ତିମହଦ୍ୱାଛିବାତ୍ମକମେବ ପଶ୍ୟନ୍ ସନ୍ ଜୀବନ୍ମୁକ୍ତୋଽଭିଜାୟତ ଇତ୍ୟର୍ଥଃ ।।୮୦।।

– ଗୁଣବାନ୍ ଗୁରୁଙ୍କଦ୍ୱାରା ଉପଦେଶ ପ୍ରାପ୍ତ କରୁଥିବା ଶିଷ୍ୟ ସଂସାରକୁ ଶିବସ୍ୱରୂପ ଦେଖି ଜୀବନ୍ମୁକ୍ତ ହୋଇଥାଏ ।।୮୦।।

ଇତି ଶୁଶ୍ରୂଷୁସ୍ଥଲମ୍

ଅଥ ସେବ୍ୟସ୍ଥଲମ୍

ଅଥ – ଭିଦ୍ୟତେ ହୃଦୟଗ୍ରନ୍ଥିଚ୍ଛିଦ୍ୟନ୍ତେ ସର୍ବସଂଶୟାଃ ।

କ୍ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍ ଦୃଷ୍ଟେ ପରାବରେ[୨୨୭] ।।

ଇତି ମୁଣ୍ଡକୋପନିଷଦ୍ବଚନାନୁସାରେଣ, 'ଦୃଷ୍ଟିଃ ସ୍ଥିରା ଯସ୍ୟ ବିନୈବ ଦୃଶ୍ୟଂ ବାୟୁଃ ସ୍ଥିରୋ ଯସ୍ୟ ବିନା ପ୍ରଯତ୍ନମ୍ । ଚିତ୍ତଂ ସ୍ଥିରଂ ଯସ୍ୟ ବିନାବଲମ୍ବଂ ସ ଏବ ଯୋଗୀ ସ ଗୁରୁଃ ସ ସେବ୍ୟଃ ।' ଇତି ଯୋଗଜାଗମବଚନାନୁସାରେଣ ଚ ଗୁରୂପଦେଶସିଦ୍ଧ ଶୁଶ୍ରୂଷୁରେବ ସେବ୍ୟ ଇତି ତଦୀୟସ୍ଥଲଂ ନିରୂପୟତି –

ଗୁରୁବାକ୍ୟାମୃତାସ୍ୱାଦାଦ୍ ପ୍ରାପ୍ତବୋଧମହାଫଳଃ ।

ଶୁଶ୍ରୂଷୁରେବ ସର୍ବେଷାଂ ସେବ୍ୟତ୍ୱାଦ୍ ସେବ୍ୟ ଉଚ୍ୟତେ ।।୮୧।।

ଗୁରୂପଦେଶବାକ୍ୟରୂପାମୃତରସାସ୍ୱାଦନେନ ସମ୍ପ୍ରାପ୍ତଶିବାଦ୍ୱୈତଜ୍ଞାନମହାଫଳବାନ୍ ଶୁଶ୍ରୂଷୁରେବ ସର୍ବୈଃ ସେବ୍ୟତ୍ୱାଦ୍ ସେବ୍ୟ ଇତ୍ୟୁଚ୍ୟତେ ଇତ୍ୟର୍ଥଃ ।।୮୧।।

– (ସେବ୍ୟସ୍ଥଳ ବର୍ଣ୍ଣନ) – ଗୁରୁଙ୍କର ଉପଦେଶବାକ୍ୟ ରୂପୀ ଅମୃତକୁ ଗ୍ରହଣ କରି ଯାହାଙ୍କୁ ବୋଧ (ଅର୍ଥାତ୍ ଶିବାଦ୍ୱୈତ ଜ୍ଞାନରୂପୀ) ମହାଫଳ ପ୍ରାପ୍ତ ହୋଇଅଛି, ଏହିପରି ଶୁଶ୍ରୂଷୁ ହିଁ ସମସ୍ତ ସାମାନ୍ୟ ଜନଙ୍କର ସେବ୍ୟ ହେବା କାରଣରୁ ସେବ୍ୟ କୁହାଯାଆନ୍ତି।।୮୧।।

ଅଥ ସ ସେବ୍ୟ ଏବ ଗୁରୁବଦ୍ ପୂଜନୀୟ ଇତି ସୂତ୍ରତ୍ରୟେଣାହ –

ଗୁରୂପଦିଷ୍ଟେ ବିଜ୍ଞାନେ ଚେତସି ସ୍ଥିରତାଂ ଗତେ ।

ସାକ୍ଷାଦ୍ କୃତଶିବଃ ଶିଷ୍ୟୋ ଗୁରୁବଦ୍ ପୂଜ୍ୟତେ ସଦା ।।୮୨।।

୨୨୭. ମୁ. ଉ., ୨/୨/୮

CC-0. Jangamwadi Math Digital Collection.

ବିଜ୍ଞାନେ ଶିବାଦ୍ୱୈତଲକ୍ଷଣବିଶେଷଜ୍ଞାନ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୮୨ ।।

– ଗୁରୁଙ୍କଦ୍ୱାରା ଉପଦିଷ୍ଟ ବିଜ୍ଞାନ (ବିଶିଷ୍ଟ ଜ୍ଞାନ ଅର୍ଥାତ୍ ଶିବାଦ୍ୱୈତଜ୍ଞାନ) ଯେତେବେଳେ ଚିତ୍ତରେ ସ୍ଥିର ହୋଇଯାଏ, ସେତେବେଳେ ଶିବଙ୍କର ସାକ୍ଷାତ୍କାର କରିଥିବା ଶିଷ୍ୟ ସର୍ବଦା ଗୁରୁଙ୍କ ପରି ପୂଜିତ ହୋଇଥାଏ ।। ୮୨ ।।

ନନୁ ସ ସେବ୍ୟଃ ପୂଜନୀୟୋଽସ୍ତୁ, ଗୁରୁବତ୍ କସ୍ମାତ୍ ପୂଜନୀୟ ଇତ୍ୟତ୍ରାହ –

ଜ୍ଞାନାଦାଧିକ୍ୟସମ୍ପତ୍ତିର୍ଗୁରୋର୍ଯସ୍ମାଦୁପସ୍ଥିତା ।
ତସ୍ମାଜ୍ଜ୍ଞାନାଗମାଚ୍ଛିଷ୍ୟୋ ଗୁରୁବତ୍ ପୂଜ୍ୟତାଂ ବ୍ରଜେତ୍ ।। ୮୩ ।।

ଶ୍ରୀଗୁରୋର୍ଯସ୍ମାଦ୍ ଜ୍ଞାନାଦ୍ ଅଧିକସମ୍ପତ୍ତିରୁପସ୍ଥିତା ସମାଗତା, ତସ୍ମାଦ୍ ଜ୍ଞାନାଗମାତ୍ ଶିଷ୍ୟଃ ଶ୍ରୀଗୁରୁରିବ ପୂଜ୍ୟତାଂ ବ୍ରଜେଦ୍ ଗଚ୍ଛେଦିତ୍ୟର୍ଥଃ ।। ୮୩ ।।

– ଯେଉଁ କାରଣରୁ (ଶିଷ୍ୟଠାରେ) ଗୁରୁଙ୍କଠାରୁ ଅଧିକ ଜ୍ଞାନସମ୍ପଦ ଉପସ୍ଥିତ ହୁଏ, ସେଥିପାଇଁ ସେହି ଜ୍ଞାନାଗମରେ ଶିଷ୍ୟ ଗୁରୁଙ୍କ ପରି ପୂଜ୍ୟ ହୋଇଥାଏ ।। ୮୩ ।।

ଅଥ ହେତ୍ୱନ୍ତରମାହ –

ଶିବୋଽହମିତି ଭାବସ୍ୟ ନୈରନ୍ତର୍ଯ୍ୟାଦ୍ ବିଶେଷତଃ ।
ଶିବଭାବେ ସମୁତ୍ପନ୍ନେ ଶିବବତ୍ ପୂଜ୍ୟ ଏବ ସଃ ।। ୮୪ ।।

ଶିବୋଽହମିତି ଭାବସ୍ୟ ନୈରନ୍ତର୍ଯ୍ୟାଦ୍ ନିରବକାଶରୂପାଦ୍ ବିଶେଷାଦ୍ ଅଭ୍ୟାସବିଶେଷାଃ ଶିବଭାବେ ଶିବତ୍ୱେ ସମୁତ୍ପନ୍ନେ ସ୍ଫୁଟୀଭୂତେ ସତି ସ ଶୁଶ୍ରୂଷୁଃ ଶିବବତ୍ ପୂଜ୍ୟ ଏବେତ୍ୟର୍ଥଃ ।। ୮୪ ।।

– 'ମୁଁ ଶିବ ଅଟେ' ଏହି ଭାବନା ନିରନ୍ତର ହେଲେ (ଶିଷ୍ୟ ଭିତରେ) ଯେତେବେଳେ ଶିବଭାବ ବିଶେଷ ରୂପରେ ଉତ୍ପନ୍ନ ହୁଏ, ସେତେବେଳେ ସେ ଶିବ ପରି ପୂଜ୍ୟ ହୋଇଯାଏ ।। ୮୪ ।।

ନନ୍ୱସ୍ୟ ସସଙ୍ଗତ୍ୱାତ୍ ଶିବସ୍ୟାସଙ୍ଗତ୍ୱାତ୍ କଥଂ ଶିବବତ୍ ପୂଜନୀୟତ୍ୱମିତ୍ୟତ୍ରାହ –

ବିଷୟାସକ୍ତଚିତ୍ତୋଽପି ବିଷୟାସଙ୍ଗବର୍ଜିତଃ ।
ଶିବଭାବଯୁତୋ ଯୋଗୀ ସେବ୍ୟଃ ଶିବ ଇବାପରଃ ।। ୮୫ ।।

ଅତ୍ର ଶିବଭାବଯୁତ ଇତି ହେତୁଗର୍ଭବିଶେଷଣମ୍ । ଯୋଗୀ ଶୁଶ୍ରୂଷୁଃ ଶିବଯୋଗୀ ବିଷୟନିଷ୍ଠ ଚିତ୍ତବାନପି ବିଷୟସଙ୍ଗବର୍ଜିତ ଏବ ଶିବଭାବଦାର୍ଢ୍ୟାଦ୍ ଦ୍ୱିତୀୟଃ ଶିବ ଇବ ସେବ୍ୟଃ ପୂଜନୀୟ ଇତ୍ୟର୍ଥଃ ।। ୮୫ ।।

– (ଏପରି ଶିଷ୍ୟ) ବିଷୟାସକ୍ତ ମନବାଲା ହୋଇ ମଧ୍ୟ ବିଷୟାସକ୍ତ ରହିତ ହୋଇଥାଏ । (କାରଣ ଶରୀର ଧର୍ମ ହେତୁ ସେ ବିଷୟର ସେବନ କରିଥାଏ । କିନ୍ତୁ

CC-0. Jangamwadi Math Digital Collection.

ସର୍ବତ୍ର ଶିବଦୃଷ୍ଟି ହେତୁ ସେ ବିଷୟର ଉପଭୋଗଜନ୍ୟ ପାପପୁଣ୍ୟରେ ଯୁକ୍ତ ହୋଇ ନ ଥାଏ ।) ଶିବଭାବରେ ଯୁକ୍ତ ଯୋଗୀ ଅନ୍ୟତମ ଶିବ ପରି ପୂଜନୀୟ ହୋଇଥାଏ ।। ୮୫।।

ମୁକ୍ତ ସଂଶୟପାଶତଃ ସ୍ଥିରମନା ବୋଧେ ଚ ମୁକ୍ତିପ୍ରଦେ
ମୋହଂ ଦେହଭୃତାଂ ଦୃଶା ବିଘଟୟନ୍ ମୂଳଂ ମହାସଂସୃତେଃ ।
ସତ୍ତାନନ୍ଦଚିଦାତ୍ମକେ ନିରୂପମେ ଶୈବେ ପରସ୍ମିନ୍ ପଦେ
ଲୀନାତ୍ମା କ୍ଷୟିତପ୍ରପଞ୍ଚବିଭବୋ ଯୋଗୀ ଜନୈଃ ସେବ୍ୟତେ ।। ୮୬।।

ସଂଶୟପାଶତଃ ଅହଂ ଶିବୋ ବା ନ ବେତି ସନ୍ଦେହପାଶତୋ ମୁକ୍ତୋ ବିମୁକ୍ତୋ ମୁକ୍ତିପ୍ରଦେ ପରାପରମୁକ୍ତିପ୍ରଦେ ବୋଧେ ନ ଶିବାଦ୍ୱୈତଜ୍ଞାନେ ସ୍ଥିରମନାଃ ମୋହଂ ଦେହିନାମଜ୍ଞାନଂ ଦୃଶା କୃପାଦୃଷ୍ଟ୍ୟା ବିଘଟୟନ୍ ନିବାରୟନ୍ । ସଚ୍ଚିଦାନନ୍ଦସ୍ୱରୂପେ ଉପମାତୀତେ ଶୈବେ ପରସ୍ମିନ୍ ପଦେ ଲୀନାତ୍ମା ତଦେକଲୋଲୀଭୂତନିଜସ୍ୱରୂପବାନ୍ ଯୋଗୀ ଶିବଯୋଗୀ କ୍ଷୟିତପ୍ରପଞ୍ଚବିଭବଃ ସନ୍ ସ୍ୱଶକ୍ତିଲୀନୀକୃତବିଶ୍ୱପ୍ରପଞ୍ଚବୈଭବଃ ସନ୍ ଜନୈଃ ସେବ୍ୟତେ ପୂଜ୍ୟତ ଇତ୍ୟର୍ଥଃ । ଅସ୍ୟ ପ୍ରସାଦିନୋଦ୍ଧଙ୍ଗତ୍ରୟସ୍ୟୈତଲ୍ଲିଙ୍ଗତ୍ରୟଂ କ୍ରମେଣ ସଂଯୋଜନୀୟମିତି ସମ୍ପ୍ରଦାୟଃ ।। ୮୬।।

– ସଂଶୟରୂପୀ ପାଶରୁ ମୁକ୍ତ, ମୁକ୍ତିପ୍ରଦ ଜ୍ଞାନବିଷୟରେ ଦୃଢ଼ ମତିବାଲା, ମହାସଂସାରର ମୂଳକାରଣ, ଦେହଧାରୀଙ୍କର ମୋହକୁ ନିଜର କୃପାକଟାକ୍ଷରେ ନଷ୍ଟ କରିବାବାଲା ତଥା ସତ୍‌–ଚିତ୍‌–ଆନନ୍ଦ ରୂପ ନିରୂପମ ଶିବପଦରେ ଲୀନ, ଅତଏବ ପ୍ରପଞ୍ଚର ବିସ୍ତାରକୁ ନଷ୍ଟ କରିବାବାଲା ଯୋଗୀ ସର୍ବଦା ଲୋକମାନଙ୍କଦ୍ୱାରା ସେବିତ ହୋଇଥାଏ ।। ୮୬।।

ଇତି ଶ୍ରୀମଦ୍ ଷଟ୍‌ସ୍ଥଳବ୍ରହ୍ମିଣା ଶିବଯୋଗିନାମ୍ନା ରେଣୁକାଚାର୍ଯ୍ୟେଣ ବିରଚିତେ ବୀରଶୈବ ଧର୍ମନିର୍ଣ୍ଣୟେ ସିଦ୍ଧାନ୍ତଶିଖାମଣୌ ପ୍ରସାଦିସ୍ଥଳାଶ୍ରିତନବଲିଙ୍ଗପ୍ରସଙ୍ଗୋ ନାମ ସପ୍ତଦଶଃ ପରିଚ୍ଛେଦଃ ।। ୧୭।।

ଇତି ଶ୍ରୀମଦ୍ ପଦବାକ୍ୟପ୍ରମାଣପାରାବାରଧୁରୀଣା ଶ୍ରୀମରିତୋଣ୍ଟଦାର୍ଯ୍ୟେଣ ବିରଚିତାୟାଂ ତତ୍ତ୍ୱପ୍ରଦୀପିକାଖ୍ୟାୟାଂ ସିଦ୍ଧାନ୍ତଶିଖାମଣିବ୍ୟାଖ୍ୟାୟାଂ ପ୍ରସାଦିସ୍ଥଳାଶ୍ରିତ–ନବଲିଙ୍ଗପ୍ରସଙ୍ଗନାମା ସପ୍ତଦଶଃ ପରିଚ୍ଛେଦଃ ।। ୧୭।।

ଏହିପରି ଶ୍ରୀସିଦ୍ଧାନ୍ତଶିଖାମଣିର ପ୍ରସାଦିସ୍ଥଳାଶ୍ରିତନବଲିଙ୍ଗପ୍ରସଙ୍ଗନାମକ ସପ୍ତଦଶ ପରିଚ୍ଛେଦର ଆଚାର୍ଯ୍ୟ ରାଧେଶ୍ୟାମ ଚତୁର୍ବେଦୀ କୃତ 'ଜ୍ଞାନବତୀ' ହିନ୍ଦୀ ବ୍ୟାଖ୍ୟାର ଓଡ଼ିଆ ଅନୁବାଦ ସମ୍ପୂର୍ଣ୍ଣ ହେଲା ।। ୧୭।।

❖❖❖

CC-0. Jangamwadi Math Digital Collection.

ଅଷ୍ଟାଦଶଃ ପରିଚ୍ଛେଦଃ

(ଅଥାତ୍ମସ୍ଥଳମ୍)

ଅଥ ପ୍ରାଣଲିଙ୍ଗିସ୍ଥଳଭେଦାଃ କଥ୍ୟନ୍ତେ । ଅଥାଗସ୍ତ୍ୟପ୍ରଶ୍ନଃ –

ପ୍ରସାଦିସ୍ଥଳସମ୍ବନ୍ଧାଃ ସ୍ଥଳଭେଦାଃ ପ୍ରକୀର୍ତ୍ତିତାଃ ।
ପ୍ରାଣଲିଙ୍ଗିସ୍ଥଳାରୂଢାନ୍ ସ୍ଥଳଭେଦାନ୍ ବଦସ୍ୱ ମେ ।। ୧ ।।

ସ୍ଥଳଭେଦାନ୍ ଅବାନ୍ତରଭେଦାନିତ୍ୟର୍ଥଃ । ବଦସ୍ୱ ଉପଦିଶେତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୧ ।।

– ଅଗସ୍ତ୍ୟ କହିଲେ – (ହେ ଆଚାର୍ଯ୍ୟ, ଆପଣ) ପ୍ରସାଦିସ୍ଥଳ ସମ୍ବନ୍ଧସ୍ଥଳର ଭେଦଗୁଡ଼ିକ ବର୍ଣ୍ଣନ କଲେ । ଏବେ ପ୍ରାଣଲିଙ୍ଗୀ ସ୍ଥଳ ଅନ୍ତର୍ଗତ ସ୍ଥଳଭେଦଗୁଡ଼ିକ ମତେ କୁହନ୍ତୁ ।। ୧ ।।

ଅଥ ଶ୍ରୀରେଣୁକସ୍ତଦ୍ଭେଦଂ ସୂତ୍ରତ୍ରୟେଣ ନିରୂପୟତି –

ସ୍ଥଳାନାଂ ନବକଂ ପ୍ରୋକ୍ତଂ ପ୍ରାଣଲିଙ୍ଗିସ୍ଥଳାଶ୍ରିତମ୍ ।
ଆଦାବାତ୍ମସ୍ଥଳଂ ପ୍ରୋକ୍ତମନ୍ତରାତ୍ମସ୍ଥଳଂ ତତଃ ।। ୨ ।।
ପରମାତ୍ମସ୍ଥଳଂ ପଶ୍ଚାନ୍ନିର୍ଦ୍ଦେହାଗମସଂଜ୍ଞକମ୍ ।
ନିର୍ଭାବାଗମସଂଜ୍ଞଂ ଚ ତତୋ ନଷ୍ଟାଗମସ୍ଥଳମ୍ ।। ୩ ।।
ଆଦିପ୍ରସାଦନାମାଥ ତତୋଽପ୍ୟନ୍ତ୍ୟପ୍ରସାଦକମ୍ ।
ସେବ୍ୟପ୍ରସାଦକଂ ଚାଥ ଶୃଣୁ ତେଷାଂ ଚ ଲକ୍ଷଣମ୍ ।। ୪ ।।

ସ୍ପଷ୍ଟମ୍ ।। ୨-୪ ।।

– ଶ୍ରୀ ରେଣୁକାଚାର୍ଯ୍ୟ କହିଲେ – ପ୍ରାଣଲିଙ୍ଗୀ ସ୍ଥଳରେ ନଅ ସ୍ଥଳ କୁହାଯାଇଛି । ପ୍ରଥମ ଆତ୍ମସ୍ଥଳ, ତା'ପରେ ଅନ୍ତରାତ୍ମସ୍ଥଳ, ତା'ପରେ ପରମାତ୍ମସ୍ଥଳ । ଏହାପରେ ନିର୍ଦ୍ଦେହାଗମସ୍ଥଳ, ନିର୍ଭାବାଗମସ୍ଥଳ, ତା'ପରେ ନଷ୍ଟାଗମସ୍ଥଳ । ତା'ପରେ ଆଦି ପ୍ରସାଦିସ୍ଥଳ ତଥା ଅନ୍ତ୍ୟପ୍ରସାଦିସ୍ଥଳ ଏବଂ ଶେଷରେ ସେବାପ୍ରସାଦିସ୍ଥଳ ଅଟେ । ଏବେ ଏସବୁର ଲକ୍ଷଣ ଶୁଣ ।। ୨-୪ ।।

ଅଥ – 'ଏଷ ଆତ୍ମା ଅପହତପାପ୍ମା ବିଜରୋ ବିମୃତ୍ୟୁର୍ବିଶୋକୋଽବିଜିଘତ୍ସୋଽପିପାସଃ ସତ୍ୟକାମଃ ସତ୍ୟସଙ୍କଳ୍ପଃ'[୨୨୮] ଇତି ଛାନ୍ଦୋଗ୍ୟଶ୍ରୁତ୍ୟୁସାରେଣାୟଂ ସେବ୍ୟ ଏବାତ୍ମେତ୍ୟାତ୍ମସ୍ଥଳଂ ନିରୂପୟତି –

୨୨୮. ଛା. ଉ., ୮/୧/୪

CC-0. Jangamwadi Math Digital Collection.

ଜୀବଭାବଂ ପରିତ୍ୟଜ୍ୟ ଯଦା ତତ୍ତ୍ୱଂ ବିଭାବ୍ୟତେ ।
ଗୁରୋଶ୍ଚ ବୋଧଯୋଗେନ ତଦାତ୍ମାୟଂ ପ୍ରକୀର୍ତ୍ତିତଃ ।। ୫ ।।

ଅୟଂ ସେବ୍ୟ ଏବ ଶ୍ରୀଗୁରୋଃ ଶିବଜ୍ଞାନସମ୍ବନ୍ଧେନ ଜୀବଭାବଂ ଜୀବତ୍ୱଂ ପରିତ୍ୟଜ୍ୟ ଯଦା ପରତତ୍ତ୍ୱଂ ବିଭାବ୍ୟତେ, ତଦା ଆତ୍ମେତି ପରିକୀର୍ତ୍ତିତ ଇତ୍ୟର୍ଥଃ ।। ୫ ।।

– (ଆତ୍ମସ୍ଥଳ ବର୍ଣ୍ଣନ) – ଏହା ଅର୍ଥାତ୍ ସେବ୍ୟସ୍ଥଳ ଗୁରୁଙ୍କଦ୍ୱାରା ପ୍ରବର୍ତ୍ତିତ ବୋଧ କାରଣରୁ ଯେତେବେଳେ ଜୀବଭାବକୁ ତ୍ୟାଗ କରି ତତ୍ତ୍ୱଭାବରେ ଜଣାଯାଏ, ସେତେବେଳେ ତାହା ଆତ୍ମା କୁହାଯାଏ ।। ୫ ।।

ଅଥ କୋଽୟଂ ଜୀବ ଇତ୍ୟତ୍ର –

ବାଳାଗ୍ରଶତଭାଗେନ ଶତଧା କଳ୍ପିତେନ ତୁ ।
ଭାଗ ଆତ୍ମା ସ ବିଜ୍ଞେୟଃ ସ ଚାନନ୍ତ୍ୟାୟ କଳ୍ପ୍ୟତେ[୨୨୯] ।।

ଇତି ଶ୍ୱେତାଶ୍ୱତରଶ୍ରୁତ୍ୟନୁସାରେଣ ଜୀବସ୍ୱରୂପଂ ପଞ୍ଚଭିଃ ସୂତ୍ରୈଃ ପ୍ରତିପାଦୟତି –

ବାଳାଗ୍ରଶତଭାଗେନ ସଦୃଶୋ ହୃଦୟସ୍ଥିତଃ ।
ଅନଶ୍ନନ୍ କର୍ମଫଳଂ ସର୍ବମାତ୍ମା ସ୍ଫୁରତି ଦୀପବତ୍ ।। ୬ ।।

ବାଳାଗ୍ରେତି କେଶାଗ୍ରଶତଭାଗେନ ସଦୃଶଃ ସନ୍ ସ୍ୱାର୍ଜିତ କର୍ମଫଳଂ ଭୁଞ୍ଜାନ୍ ସନ୍ ହୃଦୟେ ହୃଦୟକମଳେ ସ୍ଥିତଃ ତିଷ୍ଠତୀତ୍ୟର୍ଥଃ । ନନ୍ୱେବଂ ଚେତ୍, ଶରୀରୈକଦେଶନିଷ୍ଠତ୍ୱେନ ପାଦେ ମେ ବେଦନା, ଶିରସି ସୁଖମିତି ସର୍ବାଙ୍ଗୀଣଚୈତନ୍ୟୋପଲବ୍ଧିଃ କଥମିତ୍ୟାଶଙ୍କ୍ୟାହ – ଦୀପବଦିତି । ଦୀପସ୍ୟ ଗୃହୈକଦେଶନିଷ୍ଠତ୍ୱେଽପି ସ୍ୱପ୍ରଭୟା ସମ୍ପୂର୍ଣ୍ଣଗୃହଂ ବ୍ୟାପ୍ୟ ତଦନ୍ତର୍ଗତସକଳବସ୍ତୁପ୍ରକାଶକତ୍ୱଂ ଯଥା, ତଦ୍ୱତ୍ ଜୀବସ୍ୟ ଶରୀରୈକଦେଶନିଷ୍ଠତ୍ୱେଽପି 'ପ୍ରଜ୍ଞୟା ଶରୀରଂ ସମାରୁହ୍ୟ' ଇତି ଶ୍ରୁତେସ୍ତଦ୍‌ବୁଦ୍ଧେର୍ବ୍ୟାପକତ୍ୱେନ ସର୍ବଂ ଶରୀରଂ ବ୍ୟାପ୍ୟ ସର୍ବାଙ୍ଗୀଣଚୈତନ୍ୟମନୁଭବନ୍ ଆତ୍ମା ଜୀବାତ୍ମା ସ୍ଫୁରତି ପ୍ରକାଶତ ଇତ୍ୟର୍ଥଃ ।। ୬ ।।

– ଗୋଟିଏ ବାଳର ଅଗ୍ରଭାଗର ଶହେ ଭାଗରୁ ଏକ ଭାଗ ପରି, ହୃଦୟରେ ସ୍ଥିତ, କର୍ମଫଳକୁ ଭୋଗ ନ କରୁଥିବା, ଆତ୍ମା ଦୀପ ପରି ପ୍ରକାଶିତ ହୁଏ ଏବଂ ପ୍ରକାଶ କରେ ।। ୬ ।।

ନନ୍ୱେବଂବିଧରୂପଂ ଜୀବସ୍ୟ ସ୍ୱାଭାବିକଂ କିମିତ୍ୟତ୍ରାହ –

---

୨୨୯. ତୁଳନୀୟ –
ବାଳାଗ୍ରଶତଭାଗସ୍ୟ ଶତଧା କଳ୍ପିତସ୍ୟ ଚ ।
ଭାଗୋ ଜୀବଃ ସ ବିଜ୍ଞେୟଃ ସ ଚାନନ୍ତ୍ୟାୟ କଳ୍ପତେ ।। (ଶ୍ୱେ.ଉ., ୫/୯)

CC-0. Jangamwadi Math Digital Collection.

ଆତ୍ମାପି ସର୍ବଭୂତାନାମନ୍ତଃକରଣମାଶ୍ରିତଃ ।
ଅଣୁଭୂତୋ ମଳାସଙ୍ଗାଦାଦିକର୍ମନିୟନ୍ତ୍ରିତଃ ।।୭।।

ସର୍ବଭୂତାନାଂ ପଞ୍ଚଭୂତାନାମ୍ ଆତ୍ମାପି ପରମାର୍ଥତୋ ବ୍ୟାପକତ୍ୱାଶ୍ରୟୋଽପି ମଳାସଙ୍ଗାଦ୍ ଆଣବାଦିମଳବ୍ୟାପନାଦ୍ ଅଣୁଭୂତଃ ପରମାଣୁବଦତିସୂକ୍ଷ୍ମଃ ସନ୍ ଆଦିକର୍ମନିୟନ୍ତ୍ରିତଃ ପ୍ରାଚୀନକର୍ମପାଶବଦ୍ଧଃ ସନ୍ ଅନ୍ତଃକରଣମାଶ୍ରିତୋଽହଙ୍କାରମାଶ୍ରିତ-ବାନିତ୍ୟର୍ଥଃ ।।୭।।

– ସମସ୍ତ ପ୍ରାଣୀଙ୍କର ଅନ୍ତଃକରଣରେ ସ୍ଥିତ ଆତ୍ମା ମଧ୍ୟ ମଳରେ ସଂସକ୍ତ ହେବା କାରଣରୁ ଆଦି ଅର୍ଥାତ୍ ପ୍ରାଚୀନତମ କର୍ମଦ୍ୱାରା ନିୟନ୍ତ୍ରିତ ହୋଇ ଅଣୁ ହୋଇ ରହେ। (ଅଥବା ସମସ୍ତ ପଞ୍ଚ ମହାଭୂତଙ୍କର ଆତ୍ମା ଅର୍ଥାତ୍ ଆଶ୍ରୟ ପରମେଶ୍ୱର ମଧ୍ୟ ମଳର ସଂସର୍ଗରେ ଅନାଦି କର୍ମବାସନାଦ୍ୱାରା ନିୟନ୍ତ୍ରିତ ହୋଇ ଅଣୁ ଅର୍ଥାତ୍ ଜୀବ ଭାବରେ ତତ୍ତତ୍ ଅନ୍ତଃକରଣରେ ସ୍ଥିତ ହୋଇଥାଏ) ।।୭।।

ଅଥୈବମହଙ୍କାର ସମ୍ବନ୍ଧାଦ୍ ଦେହ ସମ୍ବନ୍ଧୋଽପି ପ୍ରାପ୍ତ ଇତ୍ୟତ୍ରାହ –

ଜପାଯୋଗାଦ୍ୟଥା ରାଗଃ ସ୍ଫଟିକସ୍ୟ ମଣେର୍ଭବେତ୍ ।
ତଥାଽହଙ୍କାରସମ୍ବନ୍ଧାଦାତ୍ମନୋ ଦେହ ମାନିତା ।।୮।।

ପରିମିତାହଙ୍କାରସମ୍ବନ୍ଧାଦ୍ ଦେହସମ୍ବନ୍ଧଃ ପ୍ରାପ୍ତ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।।୮।।

– ଯେପରି ସ୍ୱଚ୍ଛ ସ୍ଫଟିକ ମଣି ଜପାକୁସୁମ (ମନ୍ଦାରଫୁଲ) ସହିତ ସଂଯୁକ୍ତ ହେବାପରେ ଲାଲରଙ୍ଗର ହୋଇଯାଏ, ସେହିପରି ଅହଙ୍କାର ସମ୍ବନ୍ଧରେ ଆସି ଆତ୍ମା ମଧ୍ୟ ଦେହାଭିମାନୀ ହୋଇଯାଏ (ଅର୍ଥାତ୍ ଦେହକୁ ହିଁ ନିଜର ସ୍ୱରୂପ ଭାବି ବସେ) ।।୮।।

ନନୁ ସର୍ବଦୋଷରହିତସ୍ୟାତ୍ମନଃ କଥମୁକ୍ତପ୍ରକାରେଣ ଶରୀରସମ୍ବନ୍ଧଇତ୍ୟତ୍ରାହ –

ଅଶରୀରୋଽପି ସର୍ବତ୍ର ବ୍ୟାପକୋଽପି ନିରଞ୍ଜନଃ ।
ଆତ୍ମା ମାୟାଶରୀରସ୍ଥଃ ପରିଭ୍ରମତି ସଂସୃତୌ ।।୯।।

ପରାପରମୋକ୍ଷକାରଣୀଭୂତଶୁଦ୍ଧବିଦ୍ୟାଶରୀରବତ୍ତ୍ୱେନାଶରୀରୋଽପି, ଅପରିଚ୍ଛିନ୍ନତ୍ୱାଦ୍, ବ୍ୟାପକୋଽପି, ଦୋଷରହିତତ୍ତ୍ୱାନ୍ନିରଞ୍ଜନୋଽପି, କଳାଦିକ୍ଷିତିପର୍ଯ୍ୟନ୍ତ-ତ୍ରିଂଶତ୍ତତ୍ତ୍ୱକାରଣୀଭୂତସ୍ୱକୀୟାଧୋମାୟାଶକ୍ତିପରିକଳ୍ପିତଚନ୍ଦ୍ରକଳାବିଶିଷ୍ଟଶରୀରବାନ୍ ସନ୍ ସଂସାରେ ପରିଭ୍ରମତୀତ୍ୟର୍ଥଃ ।।୯।।

– ଶରୀର ରହିତ ହୋଇ ମଧ୍ୟ ସର୍ବତ୍ର ବିଦ୍ୟମାନ, ବ୍ୟାପକ ହୋଇ ମଧ୍ୟ ନିରଞ୍ଜନ ଅର୍ଥାତ୍ ଦୋଷ ରହିତ ଏହି ଆତ୍ମା ମାୟାଦ୍ୱାରା କଳ୍ପିତ ଶରୀରରେ ରହି ସଂସାରରେ ଭ୍ରମଣ କରୁଥାଏ ।।୯।।

CC-0. Jangamwadi Math Digital Collection.

ଅଥୈବଂ ରୂପଜୀବସ୍ୟାତ୍ମତ୍ୱପ୍ରାପ୍ତିପ୍ରକାରମାହ –

ଆତ୍ମସ୍ୱରୂପବିଜ୍ଞାନଂ ଦେବେନ୍ଦ୍ରିୟବିଭାଗତଃ ।
ଅଖଣ୍ଡବ୍ରହ୍ମରୂପେଣ ତଦାତ୍ମପ୍ରାପ୍ତିରୁଚ୍ୟତେ ।। ୧୦।।

ଦେହେନ୍ଦ୍ରିୟବିଭାଗତ ଉକ୍ତଲକ୍ଷଣମାୟିକପ୍ରାକୃତସତ୍ତ୍ୱାଦିଗୁଣକାର୍ଯ୍ୟରୂପ-ଶରୀରେନ୍ଦ୍ରିୟାଦିବ୍ୟତିରିକ୍ତତ୍ୱେନ ଅଖଣ୍ଡବ୍ରହ୍ମରୂପେଣ ଅପରିଚ୍ଛିନ୍ନବ୍ରହ୍ମରୂପେଣ ଆତ୍ମବିଜ୍ଞାନଂ ସ୍ୱସ୍ୱରୂପଜ୍ଞାନଂ ଯଦା ଭବତି, ତଦାତ୍ମପ୍ରାପ୍ତିରାତ୍ମତ୍ୱଲାଭ ଉଚ୍ୟତେ, 'ଆତ୍ମଲାଭାନ୍ନ ପରଂ ବିଦ୍ୟତେ। ନେତି ସତି ନ ହୃଦ୍ୟଃ' ଇତି ଶ୍ରୁତେରିତ୍ୟର୍ଥଃ ।। ୧୦।।

– ଯେତେବେଳେ ଦେହ ଏବଂ ଇନ୍ଦ୍ରିୟର ବିଭାଗରେ (ଅର୍ଥାତ୍ ଆତ୍ମା ଦେହ ଓ ଇନ୍ଦ୍ରିୟଠାରୁ ଭିନ୍ନ ଅଟେ-ଏପରି ବିଚାର ଦ୍ୱାରା) ଅଖଣ୍ଡ ବ୍ରହ୍ମ ଭାବରେ ଆତ୍ମସ୍ୱରୂପର ଜ୍ଞାନ ହୋଇଥାଏ । ତାହାକୁ ଆତ୍ମପ୍ରାପ୍ତି କୁହାଯାଏ ।। ୧୦।।

ନନ୍ୱପରିଚ୍ଛିନ୍ନଂ ବ୍ରହ୍ମ ପରିଚ୍ଛିନ୍ନଶରୀର ବିଶିଷ୍ଟଂ କିମର୍ଥଂ ଜାତମିତ୍ୟତ୍ରାହ –

ନ ଚାସ୍ତି ଦେହସମ୍ବନ୍ଧୋ ନିର୍ଦେହସ୍ୟ ସ୍ୱଭାବତଃ ।
ଅଜ୍ଞାନକର୍ମଯୋଗେନ ଦେହୀ ଭବତି ଭୁକ୍ତୟେ ।। ୧୧।।

ଅଶରୀରସ୍ୟ ପରମାତ୍ମନଃ ପରମାର୍ଥଃ ଶରୀରସମ୍ବନ୍ଧୋ ନାସ୍ତ୍ୟେବ, ତଥାପି ଭୁକ୍ତୟେ –

ଯଥା ନୃପଃ ସାର୍ବଭୌମପ୍ରଭାବାମୋଦବୃହିତଃ ।
କ୍ରୀଡନ୍ କରୋତି ପାଦାତିଧର୍ମ ତଦ୍ଧର୍ମଧର୍ମିତଃ [୨୩୦] ।।

ଇତି ଶିବଦୃଷ୍ଟି ଶାସ୍ତ୍ରୋକ୍ତଦୃଷ୍ଟାନ୍ତେନ ଅଖଣ୍ଡରସାସ୍ୱାଦପରିବୃଂହିତୋଽପି ଖଣ୍ଡରସାସ୍ୱାଦନାର୍ଥମିଚ୍ଛାୟାମଜ୍ଞାନ କର୍ମଯୋଗେନ ସ୍ୱାତନ୍ତ୍ର୍ୟ ପରିକଳ୍ପିତାଣବାଦିମଳସମ୍ବନ୍ଧେନ ଦେହୀ ଭବତି, ଘୃତକାଠିନ୍ୟନ୍ୟାୟେନାଂଶତଃ ଶରୀରୀ ଭବତି । ତସ୍ମାଦଂଶୀଭୂତସ୍ୟ ଜ୍ଞାନାଦିମଳ-ସମ୍ବନ୍ଧାନ୍ନୃପ ଇବାହଂ ଶିବ ଇତି ଜ୍ଞାନଂ ନାସ୍ତୀତି ବୋଧ୍ୟମ୍ । ଅସ୍ମିନ୍ନର୍ଥେ – 'ସ ବୈ ନୈବ ରେମେ । ତସ୍ମାଦେକାକୀ ନ ରମତେ । ସ ଦ୍ୱିତୀୟମୈଚ୍ଛତ୍ । ସ ଏତାବାନାସ[୨୩୧] ।' 'ତତ୍ସୃଷ୍ଟ୍ୱା ତଦେବାନୁପ୍ରାବିଶତ୍ । ତଦନୁପ୍ରବିଶ୍ୟ ସଚ୍ଚ ତ୍ୟଚ୍ଚାଭବତ୍[୨୩୨] ।' ଇତି ଶ୍ରୁତିଃ। 'ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍[୨୩୩]' ଇତି 'ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ[୨୩୪]' ଇତି ଭଗବଦୁକ୍ତିଶ୍ଚ । ଶିବସ୍ୟ ନିରଂଶତ୍ୱେଽପି ସ୍ୱତନ୍ତ୍ରତ୍ୱାତ୍ ସ୍ୱାତନ୍ତ୍ରପରିକଳ୍ପିତାଂଶଭାବଃ ସମ୍ଭବତି, ବସ୍ତ୍ରାପହରଣଦୃଷ୍ଟାନ୍ତାତ୍ । କ୍ରିୟା ହି

୨୩୦. ଶି. ଦୃ., ୧/୩୭-୩୮
୨୩୧. ବୃ. ଉ., ୧/୪/୩
୨୩୨. ତୈ. ଉ., ୬/୪
୨୩୩. ଭ. ଗୀ., ୧୦/୪୨
୨୩୪. ଭ. ଗୀ., ୧୫/୭

CC-0. Jangamwadi Math Digital Collection.

କର୍ମଣ୍ୟେବ ବିଶ୍ରାମ୍ୟେନ୍ନ ତୁ କର୍ତ୍ତରୀତି ନ୍ୟାୟାନାମ୍ନୋ ବନ୍ଧଃ । ବସ୍ତୁତସ୍ତୁ – 'ଆତ୍ମା ବା ଇଦମେକ ଏବାଗ୍ର ଆସୀତ୍[୨୩୫]' ଇତି ଶ୍ରୁତେଃ, 'କଳା ସପ୍ତଦଶୀ ଦେବୀ ସ୍ୱାନ୍ତର୍ଲୀନଚରାଚରା' ଇତ୍ୟାଗମୋକ୍ତେଃ –

ଇଦଂ ପୂର୍ବଂ ଜଗତ୍ ସର୍ବଂ ପ୍ରଳୟେ ପାରମେଶ୍ୱରେ ।
ମାୟାଭିନ୍ନସ୍ୱମାୟାଖ୍ୟକାରଣାଭେଦରୂପତଃ ।।
ବର୍ତ୍ତତେ ବାସନାରୂପେଣୈବ ନାଭାବରୂପତଃ ।

ଇତି ପାରାଶରୋପପୁରାଣବଚନାଚ୍ଚ ସର୍ବଂ ବିଶ୍ୱମଣ୍ଡରସନ୍ୟାୟେନାତ୍ମସମବେତଚିତ୍-କ୍ରିୟାସାମରସ୍ୟଲକ୍ଷଣଚିଦମ୍ବରଶକ୍ତୌ ତାଦାତ୍ମ୍ୟେନାସ୍ତୀତି ପରମାତ୍ମସ୍ଥଳେ ବକ୍ଷ୍ୟମାଣରୀତ୍ୟା ବହ୍ନେର୍ବିସ୍ଫୁଲିଙ୍ଗାନିବ ସ୍ୱାତାଦାତ୍ମ୍ୟାପନ୍ନାନ୍ ଚିଦ୍‌କଣାନ୍ ତତ୍ତତ୍‌କର୍ମାନୁସାରେଣ ସୃଜତ୍ୟବତି ସଂହରତି ତିରୟତେଽନୁଗୃହ୍ଣାତୀତି ନ କାଚିଦନୁପପତ୍ତିଃ ।। ୧୧ ।।

– ଯିଏ ସ୍ୱଭାବରେ ଦେହ ରହିତ, ତା'ର ଦେହ ସହିତ ସମ୍ବନ୍ଧ କଦାପି ହୁଏ ନାହିଁ । ଅଜ୍ଞାନ ଏବଂ ସେଥିରୁ ଜାତ ନିଜର କର୍ମର ଯୋଗରେ (ଏହି ଆତ୍ମା) ଭୋଗ କରିବା ପାଇଁ ଶରୀରଧାରୀ ହୋଇଥାଏ ।। ୧୧ ।।

ବିଶେଷ – ବସ୍ତୁତଃ ପରମାତ୍ମା ଅଶରୀରୀ ଅଟନ୍ତି । କିନ୍ତୁ ଲୀଳା ଇଚ୍ଛା କରି ସେ ନିଜର ସ୍ୱାତନ୍ତ୍ର ହେତୁ ଦେହଧାରଣ କରିଥାନ୍ତି । ଏହି ବିଷୟରେ ଟୀକାକାର 'ଶିବଦୃଷ୍ଟି' ନାମକ ଗ୍ରନ୍ଥରୁ ଶ୍ଲୋକ ଉଦ୍ଧୃତ କରିଛନ୍ତି । ନିଜର ସ୍ୱାତନ୍ତ୍ର ହେତୁ ସେ ଅଂଶୀ ହୋଇଯାଆନ୍ତି । 'ଅଂଶେ ନାନା ବ୍ୟପଦେଶାତ୍' ବ୍ରହ୍ମସୂତ୍ରରେ ଉଲ୍ଲେଖ ଅଛି । ଆନନ୍ଦ ନିମନ୍ତେ ଏକତ୍ୱ ସମର୍ଥ ହୁଏ ନାହିଁ । ତେଣୁ ସେ ଦେହଯୁକ୍ତ ହୁଏ । ଜୀବ ତାହାର ଅଂଶ ଅଟେ । ପରାଶରଉପପୁରାଣରେ ମଧ୍ୟ କୁହାଯାଇଛି ଯେ ପ୍ରଳୟକାଳରେ ଜଗତ୍ ଅଣ୍ଡରସନ୍ୟାୟରେ ପରମେଶ୍ୱରରେ ପ୍ରଚ୍ଛନ୍ନ ଭାବରେ ରହେ । ସିସୃକ୍ଷା ପରେ ଅଗ୍ନିରୁ ସ୍ଫୁଲିଙ୍ଗ ପରି ଜୀବ ଆବିର୍ଭୂତ ହୋଇଥାଏ ।

ତର୍ହ୍ୟସୌ ଜୀବଃ କିଂନାମକ ଇତ୍ୟତ୍ରାହ –

ନାସୌ ଦେବୋ ନ ଗନ୍ଧର୍ବୋ ନ ଯକ୍ଷୋ ନୈବ ରାକ୍ଷସଃ ।
ନ ମନୁଷ୍ୟୋ ନ ତିର୍ଯ୍ୟକ୍ ଚ ନ ଚ ସ୍ଥାବରବିଗ୍ରହଃ ।। ୧୨ ।।

ତତ୍ତଚ୍ଛରୀରଯୋଗେନ ତତ୍ତନ୍ନାମ୍ନା ବିରାଜିତଃ । ସ୍ପଷ୍ଟମ୍ ।। ୧୨ ।।

– (ଏହି ଆତ୍ମା) ନା ଦେବ, ନା ଗନ୍ଧର୍ବ, ନା ଯକ୍ଷ, ନା ରାକ୍ଷସ ଅଟେ । ଏହା ମନୁଷ୍ୟ, ନା ତିର୍ଯ୍ୟକ୍ ଅର୍ଥାତ୍ ପକ୍ଷୀ, ନା ସ୍ଥାବର ଶରୀରବାଲା ବୃକ୍ଷ ଆଦି ଅଟେ ।। ୧୨ ।।

୨୩୫. ଐ. ଉ., ୧/୧

CC-0. Jangamwadi Math Digital Collection.

ତର୍ହ୍ୟୟଂ କୀଦୃଶ ଇତ୍ୟତ୍ର – 'ସ୍ୱସ୍ୱକୃତ ଦୁଷ୍କର୍ମଣା ପରମେଶ୍ୱରପ୍ରେରଣୟା ବଦ୍ଧାଃ ସଂସାରିଣୋ ଜୀବାଃ' ଇତି ବୃଦ୍ଧଜାବାଲଶ୍ରୁତ୍ୟନୁସାରେଣ ଦୃଗ୍‌ଯୁଗୈକ୍ୟାବଲୋକମିବ ଦ୍ୱୈତାଦ୍ୱୈତସାମରସ୍ୟାତ୍ମନଃ ଶିବସ୍ୟ ସ୍ୱାତନ୍ତ୍ରପରିକଳ୍ପିତଜୀବୋପାଧିନା ନାନାରୂପାଃ ସନ୍ତଃ ଶିବସ୍ୟ କ୍ରୀଡ଼ାଭାଜନରୂପା ଇତ୍ୟାହ –

ନାନାକର୍ମବିପାକାଶ୍ଚ ନାନାଯୋନିସମାଶ୍ରିତାଃ ।
ନାନାଯୋଗସମାପନ୍ନା ନାନାବୁଦ୍ଧିବିଚେଷ୍ଟିତାଃ ।। ୧୩ ।।
ନାନାମାର୍ଗସମାରୂଢ଼ା ନାନାସଙ୍କଳ୍ପକାରିଣଃ ।
ଅସ୍ୱତନ୍ତ୍ରାଶ୍ଚ କିଞ୍ଚିଜ୍‌ଜ୍ଞାଃ କିଞ୍ଚିତ୍ କର୍ମତ୍ୱହେତବଃ ।
ଲୀଳାଭାଜନତାଂ ପ୍ରାପ୍ତାଃ ଶିବସ୍ୟ ପରମାତ୍ମନଃ ।। ୧୪ ।।

ନାନାବିଧପ୍ରାଚୀନକର୍ମବିପାକବଶାଦ୍ 'ଦେବାଃ ଷୋଡ଼ଶଲକ୍ଷାଣି' ଇତ୍ୟୁଦାହୃତ–ବଚନାନୁସାରେଣ ଦେବତିର୍ଯ୍ୟଙ୍ମନୁଷ୍ୟାଦିନାନାଯୋନିସମାପନ୍ନା ନାନାବିଧସ୍ୱର୍ଗଭୋଗୋ–ପାୟଚିନ୍ତକା ନାନାବିଧବୁଦ୍ଧ୍ୟାକ୍ରାନ୍ତାଃ ସନ୍ତୋ ନାନାବିଧବୈଷ୍ଣବାଦିଦର୍ଶନମାର୍ଗପ୍ରବିଷ୍ଟା ନାନାସଙ୍କଳ୍ପକାରିଣଃ କିଞ୍ଚିଜ୍‌ଜ୍ଞାଃ କିଞ୍ଚିତ୍ କର୍ତ୍ତୃତ୍ୱକାରଣୀଭୂତାଃ ସ୍ୱାତନ୍ତ୍ର୍ୟଶୂନ୍ୟା ଜୀବାଃ ପରମାତ୍ମନଃ ଶିବସ୍ୟ ଲୀଳାଭାଜନତାଂ ଗତାଃ, କ୍ରୀଡ଼ାଭାଣ୍ଡରୂପା ଇତ୍ୟର୍ଥଃ ।। ୧୩–୧୪ ।।

– (ଯେଉଁ ଜୀବ) ନାନା କର୍ମବିପାକ ଯୁକ୍ତ । ଅତଏବ ଦେବ, ମନୁଷ୍ୟ, ପଶୁ, ପକ୍ଷୀ ଆଦି ନାନା ଯୋନିରେ ଉତ୍ପନ୍ନ ହୁଅନ୍ତି । ତା'ପରେ ନାନା ସୁଖ ଦୁଃଖାତ୍ମକ ଭୋଗକୁ ପ୍ରାପ୍ତ କରି ଅନେକ ପ୍ରକାରର ବିଚାର ଏବଂ ଚେଷ୍ଟା କରିଥାନ୍ତି । ଏହି ଜୀବ ଜୈନ, ବୌଦ୍ଧ, ବୈଷ୍ଣବ ଆଦି ଅନେକ ଧର୍ମମାର୍ଗକୁ ଆଶ୍ରୟଣ କରି ଅନେକ ବିଚାର କରିଥାନ୍ତି । ଅସ୍ୱତନ୍ତ୍ର, ଅଳ୍ପଜ୍ଞ, ଅଳ୍ପକର୍ତ୍ତୃତ୍ୱ ଯୁକ୍ତ ଏହି ସବୁ (ଜୀବ) ପରମାତ୍ମା ଶିବଙ୍କ ଦ୍ୱାରା ଅଭିନୀତ ଲୀଳାର ପାତ୍ର ପରି ଅଟନ୍ତି ।। ୧୩–୧୪ ।।

ଅଥୈତେ କିଂ ଯାନ୍ତୀତ୍ୟତ୍ରାହ –

ଚୋଦିତାଃ ପରମେଶେନ ସ୍ୱସ୍ୱକର୍ମାନୁରୂପତଃ ।
ସ୍ୱର୍ଗ ବା ନରକଂ ବାପି ପ୍ରାଣିନୋ ଯାନ୍ତି କର୍ମିଣଃ ।। ୧୫ ।।

ସ୍ପଷ୍ଟମ୍ ।। ୧୫ ।।

– କର୍ମ କରୁଥିବା ଏହି ପ୍ରାଣୀ ପରମେଶ୍ୱରଙ୍କ ଦ୍ୱାରା ନିଜ ନିଜ କର୍ମାନୁସାରେ ପ୍ରେରିତ ହୋଇ ସ୍ୱର୍ଗ ଅଥବା ନର୍କକୁ ପ୍ରାପ୍ତ ହୋଇଥାନ୍ତି ।। ୧୫ ।।

ଅଥ ସ୍ୱର୍ଗନରକୟୋର୍ବା ତେଷାଂ ସ୍ଥୈର୍ଯ୍ୟମସ୍ତି କିମିତ୍ୟତ୍ରାହ –

CC-0. Jangamwadi Math Digital Collection.

ପୁନଃ କର୍ମାବଶେଷେଣ ଜାୟନ୍ତେ ଗର୍ଭକୋଟରାତ୍ ।
ଜାତା ମୃତାଃ ପୁନର୍ଜାତାଃ ପୁନର୍ମରଣଭାଜିନଃ ।
ଭ୍ରମନ୍ତି ଘୋରସଂସାରେ ବିଶ୍ରାନ୍ତିକଥୟା ବିନା ।। ୧୬ ।।

ବିଶ୍ରାନ୍ତିକଥୟା ସ୍ୱସ୍ୱରୂପାବିଶ୍ରାନ୍ତିବାର୍ତ୍ତାବ୍ୟତିରେକେଣେତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୧୬ ।।

– ପୁନଃ ଭୋଗରୁ ଅବଶିଷ୍ଟ କର୍ମ ନିମନ୍ତେ ଏହି ଜୀବ ଗର୍ଭରୁ ଉତ୍ପନ୍ନ ହୋଇଥାନ୍ତି । (କିଛି କାଳ ପାଇଁ ଏହି ସଂସାରରେ ରହନ୍ତି । ପୁଣି) ଜନ୍ମ ହୋଇ ମରିଥାନ୍ତି । ପୁନଃ ଜନ୍ମ ହୋଇଥାନ୍ତି ଏବଂ ପୁନଃ ମୃତ୍ୟୁର ପାତ୍ର (ଯୋଗ୍ୟ) ହୋଇଥାନ୍ତି । ଏମାନେ ଏହି ସଂସାରରେ ବିଶ୍ରାନ୍ତି ବିନା ଭ୍ରମଣ କରିଥାନ୍ତି ।। ୧୬ ।।

ନନ୍ୱେବଂ ଚେତ୍, ସଂସାରଚକ୍ରପରିଭ୍ରମଣଂ ଶାଶ୍ୱତଂ କିମିତ୍ୟତ୍ରାହ –

ଜୀବତ୍ୱଂ ଦୁଃଖସର୍ବସ୍ୱଂ ତଦିଦଂ ମଲକଲ୍ପିତମ୍ ।
ନିରସ୍ୟତେ ଗୁରୋର୍ବୋଧାଜ୍ଜ୍ଞାନଶକ୍ତିଃ ପ୍ରକାଶତେ ।। ୧୭ ।।

ଜୀବତ୍ୱମାଣବାଦିମଲକଲ୍ପିତମ୍, ଅଜ୍ଞାନାଦିମଲକଲ୍ପିତମିତ୍ୟର୍ଥଃ । ତସ୍ମାଦ୍ ଦୁଃଖସର୍ବ-ସ୍ୱରୂପମ୍ । ତଦିଦଂ ଦୁଃଖସର୍ବସ୍ୱରୂପଂ ଜୀବତ୍ୱଂ ଗୁରୋର୍ବୋଧାଦ୍ ଶ୍ରୀଗୁରୂପଦିଷ୍ଟଶିବାଦ୍ୱୈତ-ବୋଧାତ୍, ନିରସ୍ୟତେ ନିବାର୍ଯ୍ୟତେ, ଜ୍ଞାନଶକ୍ତିଃ ସ୍ୱସ୍ୱରୂପଜ୍ଞାନଶକ୍ତିସାମର୍ଥ୍ୟଂ ପ୍ରକାଶ୍ୟତ ଇତ୍ୟର୍ଥଃ ।। ୧୭ ।।

– ଜୀବ ହେବା ଦୁଃଖ ସର୍ବସ୍ୱ ଅଟେ ଏବଂ ଏହି ଜୀବତ୍ୱ ମଳକଳ୍ପିତ ଅଟେ । ଗୁରୁଦ୍ୱାରା ପ୍ରଦତ୍ତ ବୋଧଦ୍ୱାରା ଏହା ଦୂର ହୋଇଥାଏ ଏବଂ (ଜୀବକୁ) ଜ୍ଞାନଶକ୍ତି ପ୍ରାପ୍ତ ହୋଇଥାଏ ।। ୧୭ ।।

ଇତ୍ୟାତ୍ମସ୍ଥଲମ୍

ଅଥାନ୍ତରାତ୍ମସ୍ଥଲମ୍

ଅଥ – ସୂର୍ଯ୍ୟୋ ଯଥା ସର୍ବଲୋକସ୍ୟ ଚକ୍ଷୁର୍ନ
ଲିପ୍ୟତେ ଚାକ୍ଷୁଷୈର୍ବାହ୍ୟଦୋଷୈଃ ।
ଏକସ୍ତଥା ସର୍ବଭୂତାନ୍ତରାତ୍ମା ନ
ଲିପ୍ୟତେ ଲୋକଦୁଃଖେନ ବାହ୍ୟଃ[୨୩୬] ।।

---

୨୩୬. କଠୋପ., ୨/୫/୧୧

CC-0. Jangamwadi Math Digital Collection.

ଇତି କଠବଲ୍ଲୀଶ୍ରୁତ୍ୟନୁସାରେଣ ନିରାକୃତଜୀବଭାବସ୍ୟାତ୍ମନୋଽନ୍ତରାତ୍ମତ୍ୱଂ ଭବତୀତି ନିରୂପୟତି –

ଯଦା ନିରସ୍ତଂ ଜୀବତ୍ୱଂ ଭବେଦ୍ ଗୁର୍ବନୁବୋଧତଃ ।
ତଦାନ୍ତରାତ୍ମଭାବୋଽପି ନିରସ୍ତସ୍ୟ ଭବେଦ୍ ଧ୍ରୁବମ୍ ।। ୧୮ ।।

ଗୁର୍ବନୁବୋଧତୋ ଗୁରୂପଦେଶାଜ୍ଜୀବତ୍ୱଂ ଜୀବଭାବୋ ଯଦା ନିରସ୍ତଂ ଭବେତ୍, ତଦା ନିରସ୍ତସ୍ୟ ନିରସ୍ତଜୀବଭାବବତ ଆତ୍ମନୋଽନ୍ତରାତ୍ମଭାବୋ ଭବେତ୍ ସ୍ୟାତ୍ । ଧ୍ରୁବଂ ନିଶ୍ଚୟ ଇତ୍ୟର୍ଥଃ ।। ୧୮ ।।

– (ଅନ୍ତରାତ୍ମସ୍ଥଳ ବର୍ଣ୍ଣନ) – ଗୁରୁଙ୍କର ଉପଦେଶରେ ଯେତେବେଳେ ସାଧକର ଜୀବଭାବ ନିରସ୍ତ ହୋଇଯାଏ, ତେବେ ନିରସ୍ତ ଜୀବବାଲା ସେହି ପୁରୁଷର ନିଶ୍ଚିତ ଭାବରେ ଆନ୍ତରାତ୍ମ ଭାବ ମଧ୍ୟ ହୋଇଯାଏ ।। ୧୮ ।।

ଅଥାନ୍ତରାତ୍ମସ୍ୱରୂପଂ ସୂତ୍ରତ୍ରୟେଣ କଥୟତି –

ଦେହସ୍ଥିତୋଽପ୍ୟୟଂ ଜୀବୋ ଦେହସଙ୍ଗବିବର୍ଜିତଃ ।
ବୋଧାତ୍ ପରାତ୍ମଭାବିତ୍ୱାଦନ୍ତରାତ୍ମେତି କୀର୍ତ୍ତିତଃ ।। ୧୯ ।।

ଅୟଂ ଜୀବୋ ଦେହସ୍ଥିତୋଽପି ଦେହସଙ୍ଗରହିତଃ ସନ୍ ବୋଧାତ୍ ସ୍ୱ ସ୍ୱରୂପଜ୍ଞାନାତ୍ ପରାତ୍ମଭାବିତ୍ୱାତ୍ ପରମାତ୍ମନୋ ଭାବବତ୍ତ୍ୱାଦ୍ ଅନ୍ତରାତ୍ମେତି କଥ୍ୟତ ଇତ୍ୟର୍ଥଃ ।। ୧୯ ।।

– ଦେହ ମଧ୍ୟରେ ସ୍ଥିତ ଏହି ଜୀବ ଯେତେବେଳେ ଦେହ ପ୍ରତି ଆସକ୍ତିରୁ ରହିତ ହୋଇଯାଏ, ସେତେବେଳେ ବୋଧ କାରଣରୁ ତଥା ପରମାତ୍ମ ଭାବରେ ଯୁକ୍ତ ହୋଇ ସେ ଅନ୍ତରାତ୍ମା କୁହାଯାଏ ।। ୧୯ ।।

ଅଥ ପ୍ରକାରାନ୍ତରେଣୋପପାଦୟତି –

ଆତ୍ମାନ୍ତରାଳବର୍ତ୍ତିତ୍ୱାଜ୍ଜୀବାତ୍ମପରମାତ୍ମନୋଃ ।
ଯୋଗାଦୁଭୟଧର୍ମାଣାମନ୍ତରାତ୍ମେତି କୀର୍ତ୍ତିତଃ ।। ୨୦ ।।

ଆତ୍ମା ନିରସ୍ତଜୀବଭାବବାନ୍ ସେବ୍ୟଃ, ଶିଷ୍ୟୋପଦେଶସମୟେ ଜୀବାତ୍ମପରମାତ୍ମ-ନୋରନ୍ତରାଳବର୍ତ୍ତିତ୍ୱାତ୍, ମଧ୍ୟବର୍ତ୍ତିତ୍ୱାଦିତ୍ୟର୍ଥଃ । ତଦା ଶିଷ୍ୟବୁଦ୍ଧିଃ ଶିକ୍ଷକତ୍ୱେନ ତଦନ୍ତର୍ଯ୍ୟାମିତୟା ଶିବଧର୍ମଯୋଗାତ୍ ଆହାରବ୍ୟାହାରଦେର୍ବିଦ୍ୟମାନତ୍ୱେନ ଜୀବଧର୍ମଯୋଗାତ୍ । ଏବମୁଭୟଧର୍ମାଣାଂ ଯୋଗାଦ୍ ଅନ୍ତରାତ୍ମେତି କୀର୍ତ୍ତିତ ଇତି ।। ୨୦ ।।

– ଜୀବାତ୍ମା ଏବଂ ପରମାତ୍ମା ମଧ୍ୟରେ ସ୍ଥିତ ହେବାରୁ ଆତ୍ମା ସେହି ଉଭୟଙ୍କର ଧର୍ମରେ ଯୁକ୍ତ ହୋଇ ଅନ୍ତରାତ୍ମା କୁହାଯାଏ ।। ୨୦ ।।

ଅଥ ପ୍ରକାରାନ୍ତରେଣାହ –

CC-0. Jangamwadi Math Digital Collection.

ଅହଙ୍କାରସ୍ୟ ସମ୍ବନ୍ଧାନ୍ମନୁଷ୍ୟତ୍ୱାଦିବିଭ୍ରମଃ ।

ନ ସ୍ୱଭାବ ଇତି ଜ୍ଞାନାଦନ୍ତରାତ୍ମେତି କଥ୍ୟତେ ।। ୨୧ ।।

ପରିଚ୍ଛିନ୍ନସ୍ୱରୂପାହଂଭାବବଶାଦ୍ ମନୁଷ୍ୟତ୍ୱାଦିବିଭ୍ରମଃ ସ୍ୟାତ୍, ନ ସ୍ୱଭାବତ ଇତି ଜ୍ଞାନାତ୍ ପରିଚ୍ଛିନ୍ନସ୍ୱରୂପତ୍ୱଂ ନ ସ୍ୱାଭାବିକମିତି ଜ୍ଞାନାଦ୍ ଅନ୍ତରାତ୍ମେତି କଥ୍ୟତ ଇତ୍ୟର୍ଥଃ।। ୨୧ ।।

– ଅହଙ୍କାରର ସମ୍ବନ୍ଧ ହେତୁ ମନୁଷ୍ୟତ୍ୱ ଆଦିର ଭ୍ରମ ହୁଏ । (ମନୁଷ୍ୟତ୍ୱ) ଆତ୍ମାର ସ୍ୱଭାବ ନୁହେଁ, ଏପରି ଜ୍ଞାନ ହେବା ପରେ ସାଧକ ଅନ୍ତରାତ୍ମା କୁହାଯାଏ ।। ୨୧ ।।

ଅଥାସ୍ୟ ଶରୀରସମ୍ବନ୍ଧୋଽସ୍ତି ନ ବେତ୍ୟତ୍ର ଦୃଷ୍ଟାନ୍ତପୂର୍ବକଂ ସୂତ୍ରତ୍ରୟେଣାହ –

ଯଥା ପଦ୍ମପଲାଶସ୍ୟ ନ ସଙ୍ଗୋ ବାରିଣା ଭବେତ୍ ।

ତଥା ଦେହକୁକ୍ଷୋଽପ୍ୟସ୍ୟ ନ ଶରୀରେଣ ସଙ୍ଗତିଃ ।। ୨୨ ।।

ନୀଡ଼ସ୍ଥିତୋ ଯଥା ପକ୍ଷୀ ନୀଡ଼ାଦ୍ଭିନ୍ନଃ ପ୍ରଦୃଶ୍ୟତେ ।

ଦେହସ୍ଥିତସ୍ତଥାତ୍ମାୟଂ ଦେହାଦନ୍ୟଃ ପ୍ରକାଶ୍ୟତେ ।। ୨୩।।

ସ୍ପଷ୍ଟମ୍ ।। ୨୨–୨୩।।

– ଯେପରି ପଦ୍ମପତ୍ରର ଜଳ ସହିତ ସମ୍ବନ୍ଧ ହୁଏ ନାହିଁ, ସେହିପରି ଦେହ ସହିତ ଯୁକ୍ତ ଏହି ଜୀବର ଦେହ ସହିତ ସଙ୍ଗତି ହୁଏ ନାହିଁ । ବସାରେ ଥିବା ଚଢ଼େଇ ଯେପରି ବସାଠାରୁ ଭିନ୍ନ ହୋଇ ଦେଖାଯାଏ, ସେହିପରି ଏହି ଆତ୍ମା ଦେହରେ ରହି ମଧ୍ୟ ଦେହଠାରୁ ଭିନ୍ନ ଭାବରେ ପ୍ରକାଶିତ ହୋଇଥାଏ ।। ୨୨–୨୩।।

ଅଥ ପୁନର୍ଦୃଷ୍ଟାନ୍ତମାହ –

ଆଚ୍ଛାଦ୍ୟତେ ଯଥା ଚନ୍ଦ୍ରୋ ମେଘୈରାସଙ୍ଗବର୍ଜିତୈଃ ।

ତଥାତ୍ମା ଦେହସଂଘାତୈରସଙ୍ଗପରିବେଷ୍ଟିତଃ ।। ୨୪ ।।

ଚନ୍ଦ୍ର ଆସଙ୍ଗ ବର୍ଜିତୈଃ ସ୍ୱସ୍ୟ ସର୍ବତ୍ର ସଙ୍ଗରହିତୈର୍ମେଘୈର୍ଯଥା ଆଚ୍ଛାଦ୍ୟତେ, ତଥା ଆତ୍ମା ନିବୃତ୍ତଜୀବଭାବଃ ସେବ୍ୟୋ ଦେହସଂଘାତୈଃ ସ୍ଥୂଳାଦିଦେହସମୂହୈଃ, ଅସଙ୍ଗଃ ସନ୍ ପରିବେଷ୍ଟିତ ଇତ୍ୟର୍ଥଃ ।। ୨୪ ।।

– ଯେପରି ଚନ୍ଦ୍ର ସମ୍ବନ୍ଧ ରହିତ ମେଘରେ ଆଚ୍ଛାଦିତ ହୋଇଯାଏ, ସେହିପରି ଆତ୍ମା ସମ୍ବନ୍ଧ ନ ଥିଲେ ମଧ୍ୟ ଦେହସମୂହରେ ଆବୃତ ହୋଇଯାଏ ।। ୨୪ ।।

ତର୍ହ୍ୟୟଂ କଂ ପଶ୍ୟନ୍ନାସ୍ତ ଇତ୍ୟତ୍ରାହ –

ନିର୍ମମୋ ନିରହଙ୍କାରୋ ନିରସ୍ତୋପାଧିବିକ୍ଳବଃ ।

ଦେହସ୍ଥୋଽପି ସଦା ହ୍ୟାତ୍ମା ଶିବଂ ପଶ୍ୟତି ଯୋଗତଃ ।। ୨୫ ।।

ବିକ୍ଳବୋ ବାଧଃ । ଯୋଗୋ ଯୋଗସାମର୍ଥ୍ୟମ୍ । ଶିଷ୍ଟଂ ସ୍ପଷ୍ଟମ୍ ।। ୨୫ ।।

CC-0. Jangamwadi Math Digital Collection.

– ମମକାର ଏବଂ ଅହଙ୍କାରରୁ ରହିତ ତଥା ଶରୀର ଇନ୍ଦ୍ରିୟ ଆଦି ସମସ୍ତ ଉପାଧିରୁ ବର୍ଜିତ ଆତ୍ମା ଦେହରେ ସ୍ଥିତ ରହି ମଧ୍ୟ ଯୋଗର ସାମର୍ଥ୍ୟରେ ଶିବଙ୍କର ସାକ୍ଷାତ୍କାର କରେ ।। ୨୫।।

ତର୍ହି ଶିବଂ ପଶ୍ୟନ୍ନୟଂ ତଥା ଭାସତ ଇତ୍ୟତ୍ରାହ –

ଭୋକ୍ତୃଭୋଜ୍ୟପରିତ୍ୟାଗାତ୍ ପ୍ରେରକସ୍ୟ ପ୍ରସାଦତଃ ।
ଭୋକ୍ତୃତାଭାବଗଳିତଃ ସ୍ଫୁରତ୍ୟାତ୍ମା ସ୍ୱଭାବତଃ ।। ୨୬।।

ଭୋକ୍ତୃଭୋଜ୍ୟପରିତ୍ୟାଗାତ୍ ଭୋକ୍ତୃଜୀବେନ ଭୋଜ୍ୟବିଷୟପରିତ୍ୟାଗାତ୍ ପ୍ରେରକସ୍ୟେଶ୍ୱରସ୍ୟ ପ୍ରସନ୍ନତାବଶାତ୍ ଭୋକ୍ତୃତାଭାବଗଳିତଃ ସନ୍ ଭୋକ୍ତୃଲକ୍ଷଣ-ଜୀବଭାବବିମୁକ୍ତଃ ସନ୍ ସ୍ୱଭାବତୋ ଜୀବେଶ୍ୱରସାଧାରଣୀଭୂତାତ୍ମତ୍ୱସ୍ୱରୂପତଃ ସ୍ଫୁରତି, ପ୍ରକାଶତ ଇତ୍ୟର୍ଥଃ ।। ୨୬।।

– ଭୋକ୍ତା ଏବଂ ଭୋଜ୍ୟର ପରିତ୍ୟାଗରେ, ପ୍ରେରକ ଅର୍ଥାତ୍ ଈଶ୍ୱରଙ୍କ କୃପାରୁ ଭୋକ୍ତୃତ୍ୱଭାବରୁ ରହିତ ହୋଇ ଆତ୍ମା ନିଜର ସ୍ୱଭାବ ଅନୁସାରେ ପ୍ରକାଶିତ ହୋଇଥାଏ ।। ୨୬।।

ଅଥାନ୍ତରାତ୍ମସ୍ଥଳଂ ସମାପୟତି –

ସର୍ବେଷାଂ ପ୍ରେରକତ୍ୱେନ ଶମ୍ଭୁରନ୍ତଃସ୍ଥିତଃ ସଦା ।
ତତ୍ ପରିଜ୍ଞାନଯୋଗେନ ଯୋଗୀ ନନ୍ଦତି ମୁକ୍ତବତ୍ ।। ୨୭।।

ସ୍ପଷ୍ଟମ୍ ।। ୨୭।।

– ଭଗବାନ ଶିବ ସମସ୍ତଙ୍କ ଭିତରେ ପ୍ରେରକ ଭାବରେ ସର୍ବଦା ଅଛନ୍ତି । ଏହିପରି ପରିପୂର୍ଣ୍ଣ ଜ୍ଞାନ ହେତୁ ଯୋଗୀ ମୁକ୍ତ ପରି ଆନନ୍ଦର ଅନୁଭବ କରେ ।। ୨୭।।

ଇତ୍ୟନ୍ତରାତ୍ମସ୍ଥଳମ୍

ଅଥ ପରମାତ୍ମସ୍ଥଳମ୍

ଅଥ –

ଏବଂ ବିଦିତ୍ୱା ପରମାତ୍ମରୂପଂ
ଗୁହାଶୟଂ ନିଷ୍କଳମଦ୍ୱିତୀୟମ୍ ।
ସମସ୍ତସାକ୍ଷିଂ ସଦସଦ୍ୱିହୀନଂ
ପ୍ରୟାତି ଶୁଦ୍ଧଂ ପରମାତ୍ମରୂପମ୍[୨୩୭] ।।

୨୩୭. କୈ. ଉ., ୨/୨୨-୨୩

CC-0. Jangamwadi Math Digital Collection.

ଇତି କୈବଲ୍ୟଶ୍ରୁତ୍ୟନୁସାରେଣ ଅୟମନ୍ତରାତ୍ମୈବ ନିର୍ମଳତ୍ୱେନ ପରମାତ୍ମେତି ନିରୂପୟତି –

ନିର୍ଧୂତେ ତତ୍ପ୍ରବୋଧେନ ମଳେ ସଂସାରକାରଣେ ।
ସାମରସ୍ୟାତ୍ ପରାତ୍ମସ୍ଥାତ୍ ପରମାତ୍ମାୟମୁଚ୍ୟତେ ।। ୨୮ ।।

ଅୟମନ୍ତରାତ୍ମା ସଂସାରକାରଣେ ମଳେଽଜ୍ଞାନେ ତତ୍ପ୍ରବୋଧେନ ତଚ୍ଛିବାଦ୍ୱୈତଜ୍ଞାନେନ ନିର୍ଧୂତେ ସତି ନିବାରିତେ ସତି ପରାତ୍ମସ୍ଥାତ୍ ପରମାତ୍ମସ୍ଥାତ୍ ସାମରସ୍ୟାତ୍ ସମରସଭାବାତ୍ ପରମାତ୍ମେତ୍ୟୁଚ୍ୟତ ଇତ୍ୟର୍ଥଃ ।। ୨୮ ।।

– (ପରମାତ୍ମସ୍ଥଳ ବର୍ଣ୍ଣନ) – ଶିବାଦ୍ୱୈତ ଜ୍ଞାନଦ୍ୱାରା ସଂସାରର କାରଣଭୂତ ମଳ ନଷ୍ଟ ହେବାପରେ ପରାତ୍ମାରେ ସ୍ଥିତ ସାମରସ୍ୟ ହେତୁ ଏହି ଜୀବ ପରମାତ୍ମା କୁହାଯାଏ ।। ୨୮ ।।

ଅଥ କୋଽୟଂ ପରମାତ୍ମେତ୍ୟତ୍ରାହ –

ସର୍ବେଷାମାତ୍ମଭେଦାନାମୁତ୍କୃଷ୍ଟତ୍ୱାତ୍ ସ୍ୱତେଜସା ।
ପରମାତ୍ମା ଶିବଃ ପ୍ରୋକ୍ତଃ ସର୍ବଗୋଽପି ପ୍ରକାଶବାନ୍ ।। ୨୯ ।।

ସ୍ୱତେଜସା ନିଜତେଜସା ସର୍ବଗୋଽପି ସର୍ବବ୍ୟାପକୋଽପି ପ୍ରକାଶବାନ୍ ଶିବଃ ସର୍ବେଷାମାତ୍ମଭେଦାନାମ୍ ଉତ୍କୃଷ୍ଟତ୍ୱାତ୍ ପରମାତ୍ମେତି ପ୍ରୋକ୍ତ ଉଚ୍ୟତେ ଇତ୍ୟର୍ଥଃ ।। ୨୯ ।।

– ନିଜର ତେଜ ହେତୁ ସର୍ବବ୍ୟାପୀ ଏବଂ ପ୍ରକାଶମାନ ଶିବ ସମସ୍ତ ଆତ୍ମଭେଦ ମଧ୍ୟରେ ଉତ୍କୃଷ୍ଟ ହେବାରୁ ପରମାତ୍ମା କୁହାଯାଆନ୍ତି ।। ୨୯ ।।

ଅଥ ପ୍ରକାରାନ୍ତରେଣ ତଲ୍ଲକ୍ଷଣମାହ –

ବ୍ରହ୍ମାଣ୍ଡବୁଦ୍ବୁଦସ୍ତୋମା ଯସ୍ୟ ମାୟାମହୋଦଧୌ ।
ଉନ୍ମଜ୍ଜନ୍ତି ନିମଜ୍ଜନ୍ତି ପରମାତ୍ମା ସ ଉଚ୍ୟତେ ।। ୩୦ ।।

ସ୍ପଷ୍ଟମ୍ ।। ୩୦ ।।

ସ୍ୱପ୍ନେ ଦୃଷ୍ଟଂ ଯଥା ବସ୍ତୁ ପ୍ରବୋଧେ ଲୟମଶ୍ନୁତେ ।
ତଥା ସାଂସାରିକଂ ସର୍ବମାତ୍ମଜ୍ଞାନେ ବିନଶ୍ୟତି ।। ୨୪।।

ଆତ୍ମଜ୍ଞାନେ ସତୀତ୍ୟର୍ଥଃ । ନନ୍ୱେବଂ ଚେଦ୍ୱିଶ୍ୱସ୍ୟ ସ୍ୱପ୍ନସାଦୃଶ୍ୟାଙ୍ଗୀକାରାନ୍ମିଥ୍ୟା-ତ୍ୱପ୍ରସଙ୍ଗ ଇତି ନାଶଙ୍କଂ ନୀୟମ୍, ସ୍ୱପ୍ନେନାପି ଫଳାଫଳଦର୍ଶନାତ୍ । ରେତଃ ପାପାଦି ଦର୍ଶନାଚ୍ଚ ସତ୍ୟତ୍ୱମେବେତି । ଶିଷ୍ଟଂ ସ୍ୱଷ୍ଟମ୍ ।। ୨୪।।

– ଯେପରି ସ୍ୱପ୍ନରେ ଦେଖାଯାଇଥିବା ବସ୍ତୁ ଜାଗ୍ରତ ହେବା ପରେ ଲୀନ ହୋଇଯାଏ, ସେହିପରି ସଂସାରର ସମସ୍ତ ପଦାର୍ଥ ଆତ୍ମଜ୍ଞାନ ହେବା ପରେ ଲୁପ୍ତ ହୋଇଯାଏ ।। ୨୪।।

ପୁନଶ୍ଚ କାରଣାନ୍ତରମାହ –

ଜାଗ୍ରତ୍ ସ୍ୱପ୍ନସୁଷୁପ୍ତିଭ୍ୟଃ ପରାବସ୍ଥାମୁପେୟୁଷଃ ।
କିଂ ବା ପ୍ରମାଣଂ କିଂ ଜ୍ଞେୟଂ କିଂ ବା ଜ୍ଞାନସ୍ୟ ସାଧନମ୍ ।। ୨୫।।

ପରାବସ୍ଥାଂ ତନୁତ୍ରୟାଶ୍ରିତଜାଗ୍ରଦାଦ୍ୟବସ୍ଥାତୀତବୋଧଖେଚରୀମୁଦ୍ରାସୁଲଭ-ସର୍ବୋତ୍କୃଷ୍ଟତୁରୀୟାବସ୍ଥାମ୍ ଉପେୟୁଷୋ ଗତସ୍ୟ ଶିବଯୋଗିନଃ କିଂ ବା ପ୍ରମାଣଂ କିଂ ଜ୍ଞେୟଂ କିଂ ବା ଜ୍ଞାନସ୍ୟ ସାଧନମ୍ ? ତ୍ରିପୁଟୀମୟପ୍ରପଞ୍ଚୋତ୍ତୀର୍ଣ୍ଣତ୍ୱାତ୍ ତଦ୍ଦର୍ଶନଂ ନାସ୍ତିତି ଭାବଃ ।। ୨୫।।

– ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତିରୁ ଉର୍ଦ୍ଧ୍ୱ ଅର୍ଥାତ୍ ତୁରୀୟ ଏବଂ ତୁରୀୟାତୀତ ଅବସ୍ଥାକୁ ପ୍ରାପ୍ତ ହୋଇଥିବା ଶିବଯୋଗୀ ପାଇଁ କ'ଣ ପ୍ରମାଣ ? କ'ଣ ଜ୍ଞେୟ ? ଏବଂ ଜ୍ଞାନର ସାଧନ କ'ଣ ? (ସେହି ଅବସ୍ଥାରେ ଜ୍ଞାତା, ଜ୍ଞାନ ଓ ଜ୍ଞେୟ – ଏହି ତ୍ରିପୁରୀ ଜ୍ଞାନ ନଷ୍ଟ ହୋଇଯାଏ ।) ।। ୨୫।।

ଅଥ ତତ୍ତୁର୍ଯ୍ୟାତୀତପଦଂ ବିଶଦୟତି –

ତୁର୍ଯ୍ୟାତୀତପଦଂ ଯତ୍ତଦ୍ ଦୂରଂ ବାଙ୍ମନସାଧ୍ୱନଃ ।
ଅନୁପ୍ରବିଶ୍ୟ ତଦ୍ୟୋଗୀ ନ ଭୂୟୋ ବିଶ୍ୱମୀକ୍ଷତେ ।। ୨୬।।

ଯତ୍ତୁର୍ଯ୍ୟାତୀତ ପଦଂ ମୌନାନ୍ତମୁଦ୍ରାସୁଲଭ ତୁର୍ଯ୍ୟାତୀତସ୍ଥାନମସ୍ତି, ବାଙ୍ମନସାଧ୍ୱନୋ ଦୂରଂ ସ୍ତୁତିଧ୍ୟାନୟୋରବିଷୟଂ ତତ୍ତୁର୍ଯ୍ୟାତୀତସ୍ଥାନମ୍ ଅନୁପ୍ରବିଶ୍ୟ ତଦ୍ୟୋଗୀ ତୁର୍ଯ୍ୟସ୍ଥାନ ଯୋଗବାନ୍ ଶିବଯୋଗୀ ଭୂୟୋ ବିଶ୍ୱଂ ନେକ୍ଷତେ ନ ପଶ୍ୟତୀତ୍ୟର୍ଥଃ ।। ୨୬।।

– ଯେଉଁ ତୁରୀୟାତୀତ ଅବସ୍ଥା, ତାହା ବାଣୀ ଏବଂ ମନର ବିଷୟ ନୁହେଁ (ଦୂରରେ ଥାଏ) ସେଥିରେ ପ୍ରବେଶ କରି ଯୋଗୀ ବିଶ୍ୱ ଆଡ଼କୁ ଦେଖେ ନାହିଁ ।। ୨୬।।

କୁତ ଇତ୍ୟତ୍ରାହ –

CC-0. Jangamwadi Math Digital Collection.

ନାନ୍ୟତ୍ ପଶ୍ୟତି ଯୋଗୀନ୍ଦ୍ରୋ ନାନ୍ୟଜ୍ଜାନାତି କିଞ୍ଚନ ।
ନାନ୍ୟଚ୍ଛୃଣୋତି ସନ୍ଦୃଷ୍ଟେ ଚିଦାନନ୍ଦମୟେ ଶିବେ ।। ୨୭ ।।

ଚିଦାନନ୍ଦସ୍ୱରୂପେ ଶିବେ ସଂଦୃଷ୍ଟେ ସତୀତି ଶେଷଃ। ଅପରୋକ୍ଷୀକୃତେ ସତି ଯୋଗୀନ୍ଦ୍ରୋ ନିଜସ୍ୱରୂପସ୍ଥଃ ଶିବଯୋଗୀଶ୍ୱରଃ, ଅନ୍ୟତ୍ ସ୍ୱାତିରିକ୍ତଂ ରୂପଂ ନ ପଶ୍ୟତି। ତାଦୃଶଂ ଶବ୍ଦଜାଲଂ ନ ଶୃଣୋତି, କିମପି ତଦନ୍ୟଂ ନ ଜାନାତୀତ୍ୟର୍ଥଃ । ମଳଶକ୍ତି-କ୍ଷୟାଦ୍ ମାୟିକରୂପାଦିଦର୍ଶନଂ ନାସ୍ତୀତି ଭାବଃ ।। ୨୭ ।।

- ଯେତେବେଳେ ଶିବଯୋଗୀ ଚିଦାନନ୍ଦମୟ ଶିବଙ୍କର ସମ୍ୟକ୍ ଦର୍ଶନ (ସାକ୍ଷାତ୍କାର) କରି ନିଏ, ସେତେବେଳେ ସେ (ଶିବଙ୍କ ବ୍ୟତୀତ ଅଥବା ନିଜଠାରୁ ଭିନ୍ନ) ଅନ୍ୟ କାହାକୁ ଦେଖେ ନାହିଁ, ଜାଣେ ନାହିଁ ଏବଂ ଶୁଣେ ନାହିଁ ଅର୍ଥାତ୍ ମଳଶକ୍ତି କ୍ଷୟ ହେବା ପରେ ତାଙ୍କୁ ମାୟିକ ରୂପ, ରସ ଆଦିର ଅନୁଭବ ହୁଏ ନାହିଁ ।। ୨୭ ।।

ଅଥୋକ୍ତାର୍ଥଂ ସୂଚୟନ୍ ଚରାଚରମଳନାଶସ୍ଥଳଂ ସମାପୟତି -

ଅସଦେବ ଜଗତ୍ ସର୍ବଂ ସଦିବ ପ୍ରତିଭାସତେ ।
ଜ୍ଞାତେ ଶିବେ ତଦଜ୍ଞାନଂ ସ୍ୱରୂପମୁପପଦ୍ୟତେ ।। ୨୮ ।।

ସର୍ବଂ ଜଗଦ୍ ଅସଦେବ ଶିବାତିରେକେଣ ନାସ୍ତ୍ୟେବ, ସଦିବ ପ୍ରତିଭାସତେ ମଳଶକ୍ତିବଶାତ୍ ତଦ୍ବ୍ୟତିରେକେଣ ସଦିବ ଭାସତେ, ଶିବେ ସଚ୍ଚିଦାନନ୍ଦଲକ୍ଷଣେ ପରଶିବେ ଜ୍ଞାତେ ସାକ୍ଷାତ୍କୃତେ ସତି ତଦଜ୍ଞାନଂ ଭେଦପ୍ରତୀତିକାରଣଂ ତନ୍ମଳାଜ୍ଞାନଂ ନଷ୍ଟଂ ସତ୍ ସ୍ୱରୂପଂ କାରଣୀଭୂତଚିଚ୍ଛକ୍ତ୍ୟାକାରମ୍ ଉପପଦ୍ୟତେ ଗଚ୍ଛତୀତ୍ୟର୍ଥଃ । ତସ୍ମାତ୍ ଶିବାତିରେକେଣ ସ୍ୱବିମର୍ଶନଂ ଶିବଯୋଗିନୋ ନାସ୍ତୀତ୍ୟର୍ଥଃ ।। ୨୮ ।।

- (ଶିବ ବିଷୟକ ଜ୍ଞାନ ପୂର୍ବରୁ) ଏହି ସମ୍ପୂର୍ଣ୍ଣ ଅସତ୍ ଜଗତ୍ ସତ୍ ପରି ପ୍ରତୀତ ହୋଇଥାଏ, ଶିବଜ୍ଞାନ ହେବା ପରେ ସେହି ଅଜ୍ଞାନ (ଅସତ୍‌କୁ ସତ୍ ଭାବିବାର ବୁଦ୍ଧି ଅଥବା ଭେଦାତ୍ମକଜ୍ଞାନ) ସ୍ୱରୂପକୁ ପ୍ରାପ୍ତ ହୋଇଥାଏ କାରଣ ସ୍ୱରୂପ ସ୍ୱୟଂ ଚିଦ୍‌ରୂପ ଅଟେ ।। ୨୮ ।।

ଇତି ଚରାଚରମଳଲୟସ୍ଥଳମ୍

ଅଥ ଭାଣ୍ଡସ୍ଥଳମ୍

ଅଥ -

ଊର୍ଦ୍ଧ୍ୱମୂଲୋଦ୍ଭବାକ୍‌ଶାଖ ଏଷୋଽଶ୍ୱତ୍ଥଃ ସନାତନଃ ।
ତଦେବ ଶୁକ୍ଳଂ ତଦ୍ ବ୍ରହ୍ମ ତଦେବାମୃତମୁଚ୍ୟତେ ।।

CC-0. Jangamwadi Math Digital Collection.

ତସ୍ମିନ୍ ଲୋକାଃ ଶ୍ରିତାଃ ସର୍ବେ ତଦୁ ନାତ୍ୟେତି କଶ୍ଚନ ଇତି କଠବଲ୍ଲୀଶ୍ରୁତ୍ୟନୁସାରେଣ –

ଯଥା କୁଣ୍ଡଳିନୀଶକ୍ତିର୍ମାୟାକର୍ମାନୁସାରିଣୀ ।
ନାଦବିନ୍ଦ୍ୱାଦିକଂ କାର୍ଯ୍ୟଂ ତସ୍ୟା ଇତି ଜଗତ୍ସ୍ଥିତିଃ [୨୮୨] ।।

ଇତି ବିଶ୍ୱସାରୋତ୍ତରବଚନାନୁସାରେଣ ଚ ଚରାଚରମଳଶକ୍ତିବିନାଶକସ୍ୟ ଶିବଯୋଗିନୋ ବିଚାରରୂପଃ ପରବିନ୍ଦୁରେବ ଭାଣ୍ଡସ୍ଥଳମିତି ନିରୂପୟତି –

ବ୍ରହ୍ମାଣ୍ଡଶତକୋଟୀନାଂ ସର୍ଗସ୍ଥିତିଲୟାନ୍ ପ୍ରତି ।
ସ୍ଥାନଭୂତୋ ବିମର୍ଶୋ ଯସ୍ତଦ୍‌ଭାଣ୍ଡସ୍ଥଳମୁଚ୍ୟତେ ।। ୨୯ ।।

ଅନେକକୋଟି ବ୍ରହ୍ମାଣ୍ଡସୃଷ୍ଟି ସ୍ଥିତିଲୟାନ୍ ପ୍ରତ୍ୟାଧାରଭୂତୋ ଯୋ ବିମର୍ଶଃ ଅସ୍ୟ ଚରାଚରମଳବିନାଶକସ୍ୟ ଶିବଯୋଗିନଃ ଶବ୍ଦବ୍ରହ୍ମରୂପବିଚାରୋଦ୍ଧସ୍ତି, ତବ ଭାଣ୍ଡସ୍ଥଳ-ମିତ୍ୟୁଚ୍ୟତ ଇତ୍ୟର୍ଥଃ ।। ୨୯ ।।

– (ଭାଣ୍ଡସ୍ଥଳ ବର୍ଣ୍ଣନ) – ଶତ ଶତ, କୋଟି କୋଟି ବ୍ରହ୍ମାଣ୍ଡ ଗୁଡ଼ିକର ସୃଷ୍ଟି, ସ୍ଥିତି ଏବଂ ପ୍ରଳୟ ନିମନ୍ତେ ଯାହା ସ୍ଥାନଭୂତ ଅର୍ଥାତ୍ ଆଧାରସ୍ଥଳ ବିମର୍ଶ ଅଟେ, ତାହାକୁ ଭାଣ୍ଡସ୍ଥଳ କୁହାଯାଏ ।। ୨୯ ।।

ଅଥ ତଦ୍ୱିମର୍ଶସ୍ୱରୂପଂ ବିଶଦୟତି –

ବିମର୍ଶାଖ୍ୟା ପରାଶକ୍ତିର୍ବିଶ୍ୱୋଦ୍‌ଭାସନକାରିଣୀ ।
ସାକ୍ଷିଣୀ ସର୍ବଭୂତାନାଂ ସମିନ୍ଧେ ସର୍ବତୋମୁଖୀ ।। ୩୦ ।।

ଷଡଧ୍ୱସ୍ଥାରଲକ୍ଷଣଶବ୍ଦାର୍ଥବିଚାରପରତ୍ୱେନ ବିମର୍ଶାଖ୍ୟା ପରାଶକ୍ତିଃ ଶୁଦ୍ଧମାୟା ବିଶ୍ୱୋଦ୍‌ଭାସନକାରିଣୀ ସ୍ୱକାର୍ଯ୍ୟରୂପଜ୍ଞାନାଦିଭିର୍ବିଶ୍ୱପ୍ରକାଶିନୀ ସର୍ବତତ୍ତ୍ୱାନାଂ ସାକ୍ଷିଣୀ ସର୍ବତୋମୁଖୀ ସତୀ ସମିନ୍ଧେ ଶୁଦ୍ଧାଧ୍ୱବାସିନାଂ ପରଶକ୍ତିସଦାଶିବେଶ୍ୱରୋ ବିଦ୍ୟାତତ୍ତ୍ୱଲକ୍ଷଣ-ତନୁକରଣଭୁବନଭୋଗରୂପେଣ ପ୍ରକାଶତ ଇତ୍ୟର୍ଥଃ ।। ୩୦ ।।

– (ଈଶ୍ୱରଙ୍କର) ବିମର୍ଶ ନାମକ ପରାଶକ୍ତି ଯାହାକି ବିଶ୍ୱ ରଚନାର କାରଣ ଅଟେ, ସମସ୍ତ ଭୂତଙ୍କର ସାକ୍ଷୀ ହୋଇ ସର୍ବତୋମୁଖୀ ହୋଇ (ସମ୍ପୂର୍ଣ୍ଣ ଏବଂ ନାନା ରୂପରେ) ପ୍ରକାଶିତ ହେଉଛି ।। ୩୦ ।।

ଅଥ ତାମେବ ବିମର୍ଶକଳାଂ ବିଶେଷୟତି –

ବିଶ୍ୱଂ ଯତ୍ର ଲୟଂ ଯାତି ବିଭାତ୍ୟାତ୍ମା ଚିଦାକୃତିଃ ।
ସଦାନନ୍ଦମୟଃ ସାକ୍ଷାତ୍ ସା ବିମର୍ଶମୟୀ କଳା ।। ୩୧ ।।

ସ୍ପଷ୍ଟମ୍ ।। ୩୧ ।।

୨୮୨. କ. ଉ., ୬/୧

CC-0. Jangamwadi Math Digital Collection.

– ଯେଉଁଥିରେ ସମ୍ପୂର୍ଣ୍ଣ ବିଶ୍ୱ ଲୀନ ହୋଇଯାଏ, ଯାହା କାରଣରୁ ଆତ୍ମା ଚିତ୍ ଏବଂ ଆନନ୍ଦମୟ ସ୍ୱରୂପରେ ପ୍ରତିଭାତ ହୋଇଥାଏ, ତାହା ସାକ୍ଷାତ୍ ବିମର୍ଶମୟୀ କଳା ଅଟେ ।। ୩୧ ।।

ଅଥ ଭାଣ୍ଡସ୍ଥଳାର୍ଥଂ ସୂଚୟନ୍ ତତ୍ତ୍ୱପ୍ରସିଦ୍ଧଲିଙ୍ଗାଙ୍ଗରୂପଶିବଜୀବୟୋଃ ସ ବିମର୍ଶ ଏବାଶ୍ରୟ ଇତି ସୂତ୍ରଦ୍ୱୟେନ ପ୍ରତିପାଦୟତି –

ପରାହନ୍ତାସମାବେଶପରିପୂର୍ଣ୍ଣବିମର୍ଶବାନ୍ ।
ସର୍ବଜ୍ଞଃ ସର୍ବଗଃ ସାକ୍ଷୀ ସର୍ବକର୍ତ୍ତା ମହେଶ୍ୱରଃ ।। ୩୨ ।।

ମହେଶ୍ୱରଃ ପରମେଶ୍ୱରଃ ପରାହନ୍ତା ସମାବେଶପରିପୂର୍ଣ୍ଣବିମର୍ଶବାନ୍ ଶିବଜୀବ–ସାଧାରଣୀଭୂତାତ୍ମତତ୍ତ୍ୱାକ୍ରମଣେନ ପରିପୂର୍ଣ୍ଣବିମର୍ଶବାନ୍ ସନ୍ ସର୍ବଜ୍ଞଃ ସର୍ବକର୍ତ୍ତା ସର୍ବଗଃ ସର୍ବବ୍ୟାପକଃ କର୍ମସାକ୍ଷୀ ଭବେତ୍, ଅନ୍ୟଥା ସ୍ଫଟିକାଦିପ୍ରକାଶବଜ୍ଜଡ଼ୋ[୨୮୩] ଭବେଦିତି ଭାବଃ ।। ୩୨ ।।

– ମହେଶ୍ୱର ପରାହନ୍ତାର ସମାବେଶରେ ପରିପୂର୍ଣ୍ଣ ବିମର୍ଶବାଲା, ସର୍ବଜ୍ଞ, ସର୍ବବ୍ୟାପୀ, ସାକ୍ଷୀ ଏବଂ ସମସ୍ତଙ୍କର ରଚୟିତା ହୋଇଥାନ୍ତି ।। ୩୨ ।।

ଅଥ କିଂ ତସ୍ୟ ସ୍ୱରୂପମିତ୍ୟତ୍ରାହ –

ବିଶ୍ୱାଧାରମହାସଂବିତ୍ପ୍ରକାଶପରିପୂରିତମ୍ ।
ପରାହନ୍ତାମୟଂ ପ୍ରାହୁର୍ବିମର୍ଶଂ ପରମାତ୍ମନଃ ।। ୩୩ ।।

ପରମାତ୍ମନଃ 'ଅହମସ୍ମି ପ୍ରଥମଜା ଋତସ୍ୟ ପୂର୍ବଂ ଦେବେଭ୍ୟୋ ଅମୃତସ୍ୟ ନାଭିଃ[୨୮୪]' ଇତି ଶ୍ରୁତେଃ । 'ଅହମାଦିର୍ହି ଦେବାନାମ୍[୨୮୫]' 'ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତ୍ତତେ[୨୮୬]' ଇତି ଭଗବଦୁକ୍ତେଶ୍ଚ ପରସଂବିଦ୍ରୂପସ୍ୟାହମାତ୍ମନଃ ଶିବସ୍ୟ ମହାସଂବିତ୍ ପ୍ରକାଶପରିପୂରିତଂ ମହାଚିତ୍ପ୍ରକାଶପରିପୂର୍ଣ୍ଣଂ ବିଶ୍ୱାଧାରଂ ବିଶ୍ୱରୂପାବିଦ୍ୟାଲକ୍ଷଣାଧୋ–

---

୨୮୩. ତୁଳନୀୟ– ପ୍ରାଗିବାର୍ଥୋଽପ୍ରକାଶଃ ସ୍ୟାତ୍ ପ୍ରକାଶାତ୍ମତୟା ବିନା ।
ନ ଚ ପ୍ରକାଶୋ ଭିନ୍ନଃ ସ୍ୟାଦାତ୍ମାର୍ଥସ୍ୟ ପ୍ରକାଶତ ।। (ଇ.ପ୍ର.୧/୫/୨)
ତଥା
ସ୍ୱଭାବମବଭାସସ୍ୟ ବିମର୍ଶଂ ବିଦୁରନ୍ୟଥା ।
ପ୍ରକାଶୋଽର୍ଥୋପରକ୍ତୋଽପି ସ୍ଫଟିକାଦିଜଡ଼ୋପମଃ ।। (ଇ.ପ୍ର.୧/୫/୧୧)

୨୮୪. ତୈ. ଉ., ୩/୧୦/୬

୨୮୫. ଭ. ଗୀ., ୧୦/୨

୨୮୬. ଭ. ଗୀ., ୧୦/୮

CC-0. Jangamwadi Math Digital Collection.

ମାୟାଧାରଂ ପରାହନ୍ତାମୟମ୍ ଯଥା ଘଟସ୍ୟ କମ୍ବୁଗ୍ରୀବାଦିମତ୍ତ୍ୱଂ ତଦନତିରିକ୍ତମ୍ ତଥା ଅହମୋ ଭାବୋଦ୍ଧହନ୍ତେତି 'ପୃ ପାଳନପୂରଣୟୋଃ' ଇତି ଧାତୁଗତ୍ୟାଣ୍ଡରସନ୍ୟାୟେନା ଶୁଦ୍ଧମିଶ୍ରଶୁଦ୍ଧାଧ୍ୱ-ଲକ୍ଷଣସକଳ ବିଶ୍ୱତଃ ପୂର୍ଣ୍ଣଜୀବନଭୂତପରାହନ୍ତାମୟୋର୍ଦ୍ଧ୍ୱମାୟାରୂପଂ ବିମର୍ଶଂ ସନ୍ତଂ ପ୍ରାହୁଃ ଶିବାଦ୍ୱୈତଶାସ୍ତ୍ରପ୍ରବୀଣାଃ ପ୍ରକର୍ଷେଣାହୁରିତ୍ୟର୍ଥଃ । ଅୟଂ ଭାବଃ – 'ପାଦୋଽସ୍ୟ ବିଶ୍ୱା ଭୂତାନି[୨୮୭]' ଇତି ଶ୍ରୁତେଶ୍ଚରାଚରପ୍ରପଞ୍ଚସ୍ୟ ମାହେଶ୍ୱରୀୟ ଚିଦ୍ କ୍ରିୟାଲକ୍ଷଣଚର-ବିସ୍ତାରରୂପତ୍ୱାତ୍ ତତ୍ପ୍ରତିସ୍ଫୁରଣାୟମାନୋର୍ଦ୍ଧ୍ୱମାୟାରୂପା ବିମର୍ଶଶକ୍ତିରେବ ଘୃତକୀଟନ୍ୟାୟେ-ନୈକଦେଶବିକାରୀଭୂତା –

ବାଗୀଶ୍ୱରୀ ପରା ଦିବ୍ୟା କୁଟିଳା କୁଣ୍ଡଳୀ ପରା ।
ଶୁଦ୍ଧମାୟାପରୋ ବିନ୍ଦୁଃ ଶବ୍ଦବ୍ରହ୍ମେତି କଥ୍ୟତେ ।।

ଇତି ପୌଷ୍କରବଚନପ୍ରସିଦ୍ଧପର୍ଯ୍ୟାୟନାମବତୀ ଷଡ଼ଧ୍ୱଜନନୀତି ଦେଶିକୋପଦେଶେନ ବିଜ୍ଞେୟା । ଅସ୍ୟାଶ୍ଚିଦ୍ରୂପତ୍ୱେନ ନିରଂଶତ୍ୱେଽପ୍ୟଘଟନଘଟନାପଟୀୟସ୍ତ୍ୱେନ ସ୍ୱାତନ୍ତ୍ର୍ୟ-କଳ୍ପିତାଂଶଭେଦସମ୍ଭବାନ୍ନ କଚିଦନୁପପତ୍ତିରିତି ।। ୩୩।।

– ବିଶ୍ୱର ଆଧାରଭୂତ ଯେଉଁ ମହାସଂବିତ୍, ତାହାର ପ୍ରକାଶରେ ପରିପୂର୍ଣ୍ଣ ବିମର୍ଶକୁ ବିଦ୍ୱାନ୍‌ମାନେ ପରାହନ୍ତାମୟ କହନ୍ତି (ଯାହା ବିଶ୍ୱର ଆଧାରଭୂତ ମହାସଂବିତ୍‌ର ପ୍ରକାଶରେ ପରିପୂର୍ଣ୍ଣ ତଥା ପରାହନ୍ତାମୟ ଅଟେ, ବିଦ୍ୱାନ୍‌ମାନେ ତାହାକୁ ପରମାତ୍ମାଙ୍କର ବିମର୍ଶ କହନ୍ତି) ।। ୩୩।।

ବିମର୍ଶ – 'ପରାସ୍ୟ ଶକ୍ତିର୍ବିଧୈବ ଶ୍ରୂୟତେ' ଏହି ମୁଣ୍ଡକ ଶ୍ରୁତି ଅନୁସାରେ ତଥା 'ପାଦୋଽସ୍ୟ ବିଶ୍ୱା ଭୂତାନି' ଋଚା ପରିପ୍ରେକ୍ଷିରେ ଏହି ଚରାଚର ସମସ୍ତ ପ୍ରପଞ୍ଚ ମାହେଶ୍ୱରୀୟ ଚିତ୍‌କ୍ରିୟାର ବିସ୍ତାର ସ୍ୱରୂପ ଅଟେ । ଏହି ଚିତ୍‌କ୍ରିୟା ହିଁ ବିମର୍ଶ ନାମରେ ପ୍ରସିଦ୍ଧ ଅଟେ । ଧୃତକୀଟ ନ୍ୟାସ ଦ୍ୱାରା ଏହି ସମସ୍ତ ବିକାର ପରମାତ୍ମାଙ୍କର ହିଁ ଅଂଶଭୂତ ଅଟେ । ଏହି ପରାବିଦ୍ୟା ଷଡଧ୍ୱାର ଜନୟିତ୍ରୀ ଅଟେ ।

ବିମର୍ଶଭାଣ୍ଡବିନ୍ୟସ୍ତବିଶ୍ୱତତ୍ତ୍ୱବିଜୃମ୍ଭଣଃ ।
ଅନନ୍ୟମୁଖସମ୍ପ୍ରେକ୍ଷୀ ମୁକ୍ତଃ ସ୍ୱାତ୍ମନି ତିଷ୍ଠତି ।। ୩୪।।

ମୁକ୍ତୋ ମାୟାପାଶପଟଳନିର୍ମୁକ୍ତଃ ଶିବଯୋଗୀ ବିମର୍ଶଭାଣ୍ଡସ୍ଥାପିତଶକ୍ତ୍ୟାଦି-ପୃଥିବ୍ୟନ୍ତସମସ୍ତତତ୍ତ୍ୱବୁଦ୍‌ବୁଦଃ ସନ୍ ସ୍ୱାତ୍ମନ୍ୟେବୋନ୍ମୁଖଃ ସନ୍ ସ୍ୱସ୍ୱରୂପେଣ ତିଷ୍ଠତୀତ୍ୟର୍ଥଃ ।। ୩୪।।

---

୨୮୭. ଋ. ସଂ., ୮/୪/୧୭

CC-0. Jangamwadi Math Digital Collection.

– ବିଶ୍ୱତତ୍ତ୍ୱର ବିଜୃମ୍ଭା ଅର୍ଥାତ୍ ବିସ୍ତାରକୁ ବିମର୍ଶରୂପୀ ଭାଣ୍ଡ ଅର୍ଥାତ୍ ପାତ୍ରରେ ରଖୁଥିବା, ଅନନ୍ୟମୁଖସମ୍ପ୍ରେକ୍ଷୀ (ଅନ୍ୟର ଅପେକ୍ଷା ନ କରୁଥିବା) ମୁକ୍ତ ଶିବଯୋଗୀ ନିଜର ସ୍ୱରୂପରେ ସ୍ଥିତ ରହେ ।। ୩୪ ।।

ଇତି ଭାଣ୍ଡସ୍ଥଲମ୍

ଅଥ ଭାଜନସ୍ଥଲମ୍

ଅଥ – ପରାସ୍ୟ ଶକ୍ତିର୍ବିପୁଲା ବିକର୍ଣ୍ଣା (ର୍ଣ୍ଣୀ)
ସ୍ୱାଭାବିକୀ ରୁଦ୍ରସମାନଧର୍ମିଣୀ ।
ଜ୍ଞାନକ୍ରିୟେଚ୍ଛାଦିସହସ୍ରରୂପା
ତନ୍ମେ ମନଃ ଶିବସଙ୍କଳ୍ପମସ୍ତୁ[୨୮୮] ।।

ଇତି ଶିବସଂକଳ୍ପଶ୍ରୁତ୍ୟନୁସାରେଣ –
ଯା ସା ମାହେଶ୍ୱରୀ ଶକ୍ତିଃ ସର୍ବାନୁଗ୍ରାହିକା ଶିବା ।
ଧର୍ମାନୁବର୍ତ୍ତନାଦେବ ପାଶ ଇତ୍ୟୁପଚର୍ଯତେ[୨୮୯] ।।

ଇତି ମୃଗେନ୍ଦ୍ରବଚନାନୁସାରେଣ ଚ ତଦ୍‌ଭାଣ୍ଡସ୍ଥଲସମ୍ପନ୍ନସ୍ୟ ଶିବଯୋଗିନୋ ବିମର୍ଶ–ସ୍ୟାଶ୍ରୟୀଭୂତା ତିରୋଭାବଶକ୍ତିରେବ ଭାଜନମିତି ସୂତ୍ରଦ୍ୱୟେନ ନିରୂପୟତି –

ସମସ୍ତଜଗଦଣ୍ଡାନାଂ ସର୍ଗସ୍ଥିତ୍ୟନ୍ତକାରଣମ୍ ।
ବିମର୍ଶୋ ଭାସତେ ଯତ୍ର ତଦ୍ ଭାଜନମିହୋଚ୍ୟତେ ।। ୩୫ ।।

ସମସ୍ତଭୁବନାଣ୍ଡସୃଷ୍ଟ୍ୟାଦିକାରଣୀଭୂତବିମର୍ଶପରବିନ୍ଦୁର୍ଯତ୍ର ତିରୋଧାନରୂପଶିବ–ସମବେତଶକ୍ତୌ ଭାସତେ, ତଦ୍ ତଚ୍ଛକ୍ତିସ୍ୱରୂପମ୍, ଇହ ଭାଣ୍ଡସ୍ଥଳସମ୍ପନ୍ନଶିବଯୋଗିବିଷୟେ ଭାଜନମିତ୍ୟୁଚ୍ୟତେ । ଅୟଂ ଭାବଃ – ପଞ୍ଚକଞ୍ଚୁକଯୁକ୍ତଚୈତନ୍ୟସ୍ୟ ପୁରୁଷ ଇତ୍ୟଭିଧାନବତଃ ପାଶତ୍ରୟାନୁସାରିଣ୍ୟାଃ ଶିବଶକ୍ତେସ୍ତିରୋଭାବ ଇତ୍ୟୁପଚାରଃ ।। ୩୫ ।।

– (ଭାଜନସ୍ଥଳ ବର୍ଣ୍ଣନ) – ସମସ୍ତ ଜଗଦଣ୍ଡ ଅର୍ଥାତ୍ ବ୍ରହ୍ମାଣ୍ଡମାନଙ୍କର ସୃଷ୍ଟି, ସ୍ଥିତି ଏବଂ ସଂହାରର କାରଣଭୂତ ବିମର୍ଶ ଯେଉଁଥିରେ ଭାସିତ ହୋଇଥାଏ, ଏହି ସଂସାରରେ ତାହାକୁ ଭାଜନ କୁହନ୍ତି । (କଳା, ବିଦ୍ୟା, ରାଗ, କାଳ, ନିୟତି ନାମକ ପାଞ୍ଚ କଞ୍ଚୁକରେ ଆବୃତ ଚୈତନ୍ୟରୂପ ପୁରୁଷର ତିନି ମଳ ଯେତେବେଳେ ସମାପ୍ତ ହୋଇଯାଏ, ସେତେବେଳେ ସେ ଭାଜନ କୁହାଯାଏ) ।। ୩୫ ।।

---

୨୮୮. ବାଜସନେୟସଂହିତାୟାମିଦଂ ସୂକ୍ତଂ ନୋପଲଭ୍ୟତେ ।

୨୮୯. ମୃ. ତଂ. ବି. ପା., ୭/୧୧

CC-0. Jangamwadi Math Digital Collection.

ବିମର୍ଶାଖ୍ୟା ପରା ଶକ୍ତିର୍ବିଶ୍ୱବୈଚିତ୍ର୍ୟକାରିଣୀ ।
ଯସ୍ମିନ୍ ପ୍ରତିଷ୍ଠିତା ବ୍ରହ୍ମ ତଦିଦଂ ବିଶ୍ୱଭାଜନମ୍ ।। ୩୬ ।।

ବିଶ୍ୱବୈଚିତ୍ର୍ୟକାରିଣୀ ବିମର୍ଶାଖ୍ୟା ପରକୁଣ୍ଡଳିନୀ ଶକ୍ତିର୍ଯସ୍ମିନ୍ ତିରୋଭାବଶକ୍ତେର୍ଦୃକ୍କ୍ରିୟାସ୍ୱରୂପେ ପ୍ରତିଷ୍ଠିତା, ବ୍ରହ୍ମ ବ୍ରହ୍ମସ୍ୱରୂପଂ ତଦିଦଂ ବହ୍ନ୍ୟୁଷ୍ଣତ୍ୱଶୁକ୍ଳପଟନ୍ୟାୟେନ[୨୯୦] ସ୍ୱସମବେତତିରୋଭାବଶକ୍ତିଦୃକ୍କ୍ରିୟାସ୍ୱରୂପଂ ବିଶ୍ୱଭାଜନମିତ୍ୟର୍ଥଃ ।। ୩୬ ।।

– ବିଶ୍ୱର ବିଚିତ୍ର ରଚନା କରୁଥିବା ବିମର୍ଶ ନାମକ ଶକ୍ତି ଯେଉଁଥିରେ ସ୍ଥିତ, ସେହି ବ୍ରହ୍ମ ବିଶ୍ୱର ଭାଜନ କୁହାଯାଏ ।। ୩୬ ।।

ଅଥ ତିରୋଭାବବିମର୍ଶୟୋଃ କିଥିନ୍ନିଶ୍ରୀଭାବଂ ସୂତ୍ରଦ୍ୱୟେନ ପ୍ରକାଶୟତି –

ଅନ୍ତଃକରଣରୂପେଣ ଜଗଦଙ୍କୁରରୂପତଃ ।
ଯସ୍ମିନ୍ ବିଭାତି ଚିଚ୍ଛକ୍ତିର୍ବ୍ରହ୍ମଭୂତଃ ସ ଉଚ୍ୟତେ ।। ୩୭ ।।

ଚିଚ୍ଛକ୍ତିଃ ସ୍ଥୂଳବେଦ୍ୟତିରୋଭାବଲକ୍ଷଣା ସମବେତଶକ୍ତିର୍ଜଗଦଙ୍କୁର ରୂପତୋ ଜଗଦଙ୍କୁରକାରଣୀଭୂତେନ ଅନ୍ତଃକରଣରୂପେଣ ମୂଳାହଙ୍କାରରୂପେଣ ଯସ୍ମିନ୍ ପରବିନ୍ଦୌ ଭାତି, ସ ବିମର୍ଶାଖ୍ୟପରବିନ୍ଦୁରେବ ବ୍ରହ୍ମଭୂତଃ ପରବ୍ରହ୍ମାଖ୍ୟପରଶିବ ଇତ୍ୟୁଚ୍ୟତେ। ତଚ୍ଚିଦ୍ୱ୍ୟକ୍ରିମତ୍ପରବିନ୍ଦୁରେବ ମହାଲିଙ୍ଗମିତ୍ୟର୍ଥଃ ।। ୩୭ ।।

– (ପରମଶିବରେ ସମବେତ) ଚିତ୍‌ଶକ୍ତି ଜଗତ୍‌ର ଅଙ୍କୁର ରୂପରେ ଅନ୍ତଃକରଣ ଅର୍ଥାତ୍ ମୂଳ ଅହଙ୍କାର ଭାବରେ ଯେଉଁଥିରେ ଭାସିତ ହୁଏ, ସେହି (ପରଶିବ) ବ୍ରହ୍ମ ଭୂତ କୁହାଯାଏ ।। ୩୭ ।।

ନନ୍ୱହଙ୍କାରମିଶ୍ରବାନ୍ମିଥ୍ୟାଭୂତଃ କିମିତ୍ୟତ୍ରାହ –

ଯଥା ଚନ୍ଦ୍ରେ ସ୍ଥିରା ଜ୍ୟୋସ୍ନା ବିଶ୍ୱବସ୍ତୁପ୍ରକାଶିନୀ ।
ତଥା ଶକ୍ତିର୍ବିମର୍ଶାମ୍ନା ପ୍ରକାରେ ବ୍ରହ୍ମଣି ସ୍ଥିତା ।। ୩୮ ।।

ଚନ୍ଦ୍ରେ ସ୍ଥିରା ଜ୍ୟୋସ୍ନା ଚନ୍ଦ୍ରିକା ବିଶ୍ୱବସ୍ତୁ ସର୍ବବିଶ୍ୱଂ ପ୍ରକାରେ ଏକଦେଶେ ଯଥା ପ୍ରକାଶିନୀ ପ୍ରକାଶୟତି ତଥା ବ୍ରହ୍ମଣି ଦୃକ୍କ୍ରିୟାତ୍ମକପରଶିବେ ସ୍ଥିରା ସ୍ଥିରେଣ ସ୍ଥିତା ବିମର୍ଶଶକ୍ତିଃ ପରାମର୍ଶମୟୀ ପରାଶକ୍ତିଃ ବିଶ୍ୱବସ୍ତୁ ସର୍ବଂ ଜଗତ୍ ପ୍ରକାରେ ସ୍ୱସ୍ୱାତନ୍ତ୍ର୍ୟକଳ୍ପିତାଂଶେ ପ୍ରକାଶିନୀ ପ୍ରକାଶୟତୀତ୍ୟର୍ଥଃ । ମନୋବାଚାମଗୋଚରତ୍ୱେନ ପଶୁଜନାନାଂ ତିରୋହିତତ୍ୱାତ୍ ତିରୋଧାନଶକ୍ତିରିତି ପ୍ରସିଦ୍ଧା ଯା ଅସ୍ତି, ତଥ୍ୟକର୍ମକସ୍ଫୂର୍ତ୍ତିରୂପାୟାଶ୍ଚିତ୍କ୍ରିୟାଶକ୍ତେଃ

---

୨୯୦. ଯଥା ବହ୍ନେରୁଷ୍ଣତ୍ୱଂ ବହ୍ନେଃ ପୃଥଙ୍ ନ ଭବତି, ଅଥବା ଶୁକ୍ଳପଟସ୍ୟ ଶୌକ୍ଲ୍ୟଂ ପଟାଦନ୍ୟତ୍ର ଭବତି ତଥା ଶକ୍ତିଃ ଶକ୍ତିମତୋ ଭିନ୍ନା ନ ଭବତି ।

CC-0. Jangamwadi Math Digital Collection.

ପରବ୍ରହ୍ମପରଶିବପରଲିଙ୍ଗାଦିନାମ୍ୟାନି ମୁଖ୍ୟାନି, ମହାବିଦ୍ୟାଦୀନାଂ ପୌଣାନୀତି ବିବେକଃ।। ୩୮ ।।

– ଚନ୍ଦ୍ରମାରେ ସ୍ଥିତ କିରଣ ଯେପରି ସମସ୍ତ ବସ୍ତୁକୁ ପ୍ରକାଶିତ କରିଥାଏ, ସେହିପରି ବ୍ରହ୍ମରେ ସ୍ଥିତ ବିମର୍ଶରୂପକ ଶକ୍ତି ପ୍ରକାର ଅର୍ଥାତ୍ ବିଶେଷଣ ରୂପେ ସ୍ଥିତ ହୋଇ (ବିଶ୍ୱର ପ୍ରକାଶନ) କରିଥାଏ ।। ୩୮ ।।

ନନୁ ମୁଖ୍ୟପ୍ରକାଶାତ୍ମକଂ ବ୍ରହ୍ମ ଶକ୍ତ୍ୟୈକରୂପଂ ସଦ୍ କଥମାସ୍ତ ଇତ୍ୟତ୍ରାହ –

ଅକାରଃ ଶିବ ଆଖ୍ୟାତୋ ହକାରଃ ଶକ୍ତିରୁଚ୍ୟତେ ।
ଶିବଶକ୍ତିମୟଂ ବ୍ରହ୍ମ ସ୍ଥିତମେକମହଂପଦେ ।। ୩୯ ।।

'ଅକ୍ଷରାଣାମକାରୋଽସ୍ମି'[୨୯୧] ଇତି ଭଗବଦୁକ୍ତେଃ 'ଅକାରୋ ବୈ ସର୍ବା ବାକ୍'[୨୯୨] ଇତି ଶ୍ରୁତେଶ୍ଚ ଅକାରଃ ସପ୍ତଦଶୀୟଃ ଶିବ ଇତ୍ୟାଖ୍ୟାତଃ, ହକାରଃ ଶକ୍ତିଃ, 'ହକାରୋଽନ୍ତ୍ୟଃ କଳାରୂପଃ' ଇତ୍ୟାଗମୋକ୍ତେଶ୍ଚୈତନ୍ୟରୂପିଣୀ ଦୃକ୍କ୍ରିୟାଶକ୍ତିରିତ୍ୟୁଚ୍ୟତେ । ଶିବଶକ୍ତିମୟମ୍ ଏବଂ ଶିବଶକ୍ତିରୂପଂ ବ୍ରହ୍ମ ପରବ୍ରହ୍ମ ଏକଂ ସଦ୍ ଅହଂପଦେ ଅହମିତି ସ୍ଥାନେ ସ୍ୱରୂପେ ସ୍ଥିତଂ କାଳତ୍ରୟେଽପି ବର୍ତ୍ତତ ଇତ୍ୟର୍ଥଃ । ଅନେନାହଂ ରୂପଂ ବ୍ରହ୍ମେତି ବଦନ୍ତୋ ବୈୟାସିକାଃ ପ୍ରତ୍ୟୁକ୍ତାଃ, ନିତ୍ୟାପରୋକ୍ଷଂ ବ୍ରହ୍ମେତ୍ୟଙ୍ଗୀକୃତତ୍ୱେ ତଦ୍ୱ୍ୟତିରିକ୍ତସ୍ୟ କଥଞ୍ଚିଦପ୍ୟ-ଦୃଶ୍ୟତ୍ୱାଦିତି ।। ୩୯ ।।

– (ଅହଂ ପଦରେ) ଅକାର ଶିବଙ୍କର ବୋଧକ ଅଟେ, ହକାର ଶକ୍ତି କୁହାଯାଏ । ଏପରି 'ଅହମ୍' ପଦରେ ଶିବଶକ୍ତିମୟ ଏକ ବ୍ରହ୍ମ ସ୍ଥିତ ଅଟେ ।। ୩୯ ।।

ବିଶେଷ – ଏଥିରେ 'ଯଦ୍ ସାକ୍ଷାଦ୍ ଅପରୋକ୍ଷାଦ୍ ବ୍ରହ୍ମ' କହୁଥିବା ବେଦାନ୍ତୀ ମତ ଅପାସ୍ତ ହେଉଛି କାରଣ ବିନା ଶକ୍ତିରେ ବ୍ରହ୍ମଙ୍କର ଅପରୋକ୍ଷାନୁଭୂତି ହେବ ନାହିଁ।

ଅଥୈବଂରୂପାହନ୍ତାଂ ପ୍ରାପ୍ୟ ଶିବଯୋଗୀ ବିଶ୍ୱରୂପଃ ସନ୍ ପ୍ରତିଭାତୀତ୍ୟାହ –

ଅହନ୍ତାଂ ପରମାଂ ପ୍ରାପ୍ୟ ଶିବଶକ୍ତିମୟୀଂ ସ୍ଥିରାମ୍ ।
ବ୍ରହ୍ମଭୂୟଙ୍ଗତୋ ଯୋଗୀ ବିଶ୍ୱାତ୍ମା ପ୍ରତିଭାସତେ ।। ୪୦ ।।

ପରମାଂ ଦେଶକାଳାକାରୋତ୍ତୀର୍ଣ୍ଣାଂ ଶିବଶକ୍ତିମୟୀଂ ଶିବାଭିନ୍ନଶକ୍ତିମୟୀମ୍ ଅହନ୍ତାଂ ସପ୍ତଦଶୀୟ ଚିଦ୍‌କଳାଂ ପ୍ରାପ୍ୟ ସ୍ୱାତ୍ମାଭେଦେନ ସ୍ଥିରାଂ ସ୍ଥିରୀଭୂତାଂ ଜ୍ଞାତ୍ୱା ବିମୃଶ୍ୟ ବ୍ରହ୍ମଭୂୟଙ୍ଗତୋ ବ୍ରହ୍ମସ୍ୱରୂପଂ ଗତଃ ଶିବଯୋଗୀ ବିଶ୍ୱାତ୍ମା ଜଗଦ୍ରୂପଃ ସନ୍ ପ୍ରତିଭାସତେ, ପ୍ରକାଶତ ଇତ୍ୟର୍ଥଃ ।। ୪୦ ।।

---

୨୯୧. ଭ. ଗୀ., ୧୦/୩୩
୨୯୨. ଐ. ଆ., ୨/୩/୬

CC-0. Jangamwadi Math Digital Collection.

– ପରମ ଅର୍ଥାତ୍ ପୂର୍ଣ୍ଣ ଅତଏବ ସ୍ଥିର ଶିବ-ଶକ୍ତିମୟୀ ଅହନ୍ତାକୁ ପ୍ରାପ୍ତ କରି ଯୋଗୀ ବ୍ରହ୍ମ ସ୍ୱରୂପ ହୋଇ ବିଶ୍ୱର ରୂପରେ ପ୍ରକାଶିତ ହୁଏ ।। ୪୦ ।।

ଅଥ କଥଂ ବିଶ୍ୱରୂପଃ ସନ୍ ଶିବଯୋଗୀ ଭାସତ ଇତ୍ୟତ୍ର –

ଯଥା ନ୍ୟଗ୍ରୋଧବୀଜସ୍ଥଃ ଶକ୍ତିରୂପୋ ମହାଦ୍ରୁମଃ ।
ତଥା ହୃଦୟବୀଜସ୍ଥଃ ଜଗଦେତଚ୍ଚରାଚରମ୍ ।।

ଇତି ଶ୍ରୀପରାତ୍ରିଂଶିକାଶାସ୍ତ୍ରୋକ୍ତପ୍ରକାରେଣ ବଦନ୍ ଭାଜନସ୍ଥଳଂ ସମାୟପତି –

ବୃକ୍ଷସ୍ଥଂ ପତ୍ରପୁଷ୍ପାଦି ବଟବୀଜସ୍ଥିତଂ ଯଥା ।
ତଥା ହୃଦୟବୀଜସ୍ଥଂ ବିଶ୍ୱମେତତ୍ ପରାତ୍ମନଃ[୨୯୩] ।। ୪୧ ।।

ବୃକ୍ଷସ୍ଥଂ ବଟବୃକ୍ଷସ୍ଥଂ ପତ୍ରପୁଷ୍ପାଦି ସମସ୍ତଂ ଯଥା ବଟବୀଜେ ସ୍ଥିତଂ ତିଷ୍ଠତୀତ୍ୟର୍ଥଃ, ତଥା ଏତଦ୍ ବିଶ୍ୱଂ ସମସ୍ତଂ ପରାତ୍ମନଃ ପରବ୍ରହ୍ମରୂପସ୍ୟ ଭାଜନସ୍ଥଳସମ୍ପନ୍ନସ୍ୟ ଶିବଯୋଗିନୋ ହୃଦୟବୀଜସ୍ଥମ୍ 'କଳା ସପ୍ତଦଶୀ ଜ୍ଞେୟା ସ୍ୱାନ୍ତର୍ଲୀନଚରାଚରା' ଇତ୍ୟାଗମୋକ୍ତେ,

ଅଥାଦ୍ୟାସ୍ତିଥୟଃ ସର୍ବାଃ ସ୍ୱରା ବିନ୍ଦ୍ୱବସାନକାଃ ।
ତଦନ୍ତଃକାଳଯୋଗେନ ସୋମସୂର୍ଯୌପ୍ରକୀର୍ତ୍ତିତୌ ।।
ପୃଥିବ୍ୟାଦୀନି ତତ୍ତ୍ୱାନି ପୁରୁଷାନ୍ତାନି ପଞ୍ଚସୁ ।
କ୍ରମାଦ୍ କାଦିଷୁ ବର୍ଗେଷୁ ମକାରାନ୍ତେଷୁ ସୁବ୍ରତେ ।।
ବାୟ୍ୱଗ୍ନିସଲିଳେନ୍ଦ୍ରାଣାଂ ଧାରଣାନାଂ ଚତୁଷ୍ଟୟମ୍ ।
ତଦୂର୍ଦ୍ଧ୍ୱେ ଶାଦି ବିଖ୍ୟାଦଂ ପୁରସ୍ତାଦ୍ ବ୍ରହ୍ମପଞ୍ଚକମ୍ ।।
ଅମୂଳାତ୍ତକ୍ରମାଜ୍ଜ୍ଞେୟା କ୍ଷାନ୍ତା ସୃଷ୍ଟିରୁଦାହୃତା[୨୯୪] ।

ଇତି ଶ୍ରୀପରାତ୍ରିଂଶିକାଶାସ୍ତ୍ରୋକ୍ତପ୍ରକାରେଣ ଆଦିକ୍ଷାନ୍ତପଞ୍ଚାଶଦ୍ୱର୍ଣ୍ଣାନାଂ ଦେଶକାଳାକାର-ରୂପତ୍ୱାତ୍ ।

ପ୍ରତ୍ୟବମର୍ଶାତ୍ମାସୌ ଚିତିଃ ସ୍ୱରସବାହିନୀ ପରା ବାଗ୍ ଯା ।
ଆଦ୍ୟନ୍ତପ୍ରତ୍ୟାହୃତବର୍ଣ୍ଣଗଣା ସତ୍ୟହନ୍ତା ସା[୨୯୫] ।।

ଇତି ପଞ୍ଚାଶିକାଶାସ୍ତ୍ରସ୍ଥିତ୍ୟା କ୍ଷକାରସ୍ୟ କଷଯୋଗରୂପତ୍ୱେନ ହକାରସୈବାନ୍ତ୍ୟ-ତ୍ୱାଦ୍ ଦେଶକାଳାକାରବାଚକସକଳମାତୃକାର୍ଣ୍ଣକ୍ରୋଡୀକାରଲକ୍ଷଣପ୍ରତ୍ୟାହୃତାକାରହକାର-

---

୨୯୩. ତୁଳନୀୟ- ଯଥା ନ୍ୟଗ୍ରୋଧବୀଜସ୍ଥଃ ଶକ୍ତିରୂପୋ ମହାଦ୍ରୁମଃ ।
ତଥା ହୃଦୟବୀଜସ୍ଥଂ ଜଗଦେତଦ୍ ଚରାଚରମ୍ ।। (ପରାତ୍ରୀଶିକା ୨୫)

୨୯୪. ପ. ତ୍ରୀ., ୫

୨୯୫. ବି. ପ., ୯

CC-0. Jangamwadi Math Digital Collection.

ରୂପଶିବଶକ୍ତିସମ୍ମେଳନସ୍ଫୁରିତତଦନ୍ତର୍ଗତବେଦ୍ୟସଂସ୍କାରଲକ୍ଷଣବିନ୍ଦୁସ୍ପନ୍ଦମୟନରଶକ୍ତି–ଶିବାତ୍ମକାଦ୍ଧହଂପରାମର୍ଶରୂପଚିଦ୍‌କ୍ରିୟାସାମରସ୍ୟଲକ୍ଷଣହୃଦୟବୀଜେ ତାଦାତ୍ମ୍ୟେନ ତିଷ୍ଠତୀତ୍ୟର୍ଥଃ । ଅତ୍ର ଅକାରାଦିହକାରାନ୍ତ ସୂକ୍ଷ୍ମାଦିବାକ୍‌ଶକ୍ତିରୂପୋ ବିମର୍ଶସ୍ୱଦାତ୍ମକାହଂ ପଦେ ପଶୁଜନାଗୋଚରତ୍ୱେନ ଭାସମାନାନାହତନାଦଲକ୍ଷଣପରାବାକ୍ ଶକ୍ତିମୟୀ ଚିଚ୍ଛକ୍ତିସ୍ତିରୋଧାନଶକ୍ତିରିତି ରହସ୍ୟମ୍

ନ ସୋଽସ୍ତି ପ୍ରତ୍ୟୟୋ ଲୋକେ ଯଃ ଶବ୍ଦାନୁଗମାଦୃତେ ।
ଅନୁବିଦ୍ଧମିବ ଜ୍ଞାନଂ ସର୍ବଂ ଶବ୍ଦେନ ଗମ୍ୟତେ (ଭାସତେ)[୨୯୬] ।।

ଇତି ବୈୟାକରଣବଚନାନୁସାରାଦିତି ।। ୪୧ ।।

– ଯେପରି ବୃକ୍ଷରେ ଥିବା ପତ୍ର, ପୁଷ୍ପ (ପ୍ରକଟ ହେବା ପୂର୍ବରୁ) ବଟବୀଜରେ ପ୍ରଚ୍ଛନ୍ନ ରୂପରେ ରହନ୍ତି, ସେହିପରି ପରାତ୍ମା ଅର୍ଥାତ୍ ଭାଜନସ୍ଥଳ ସମ୍ପନ୍ନ ଶିବଯୋଗୀର ହୃଦୟବୀଜରେ ଏହି ବିଶ୍ୱ ସ୍ଥିତ ରହେ ।। ୪୧ ।।

ବିଶେଷ – ଏଠାରେ ହୃଦୟ ପଦରେ ବିମର୍ଶଶକ୍ତି ବୁଝାଉଛି । ଏହି ବିମର୍ଶ ଶକ୍ତିରେ ପୃଥିବୀଠାରୁ ପୁରୁଷ ପର୍ଯ୍ୟନ୍ତ ପଚିଶ ତତ୍ତ୍ୱ ରହନ୍ତି । ମାୟା ଆଦି ତଥା ପଞ୍ଚବ୍ରହ୍ମ ମଧ୍ୟ ଏଥିରେ ରହନ୍ତି । ଏହି ବିମର୍ଶ ଶକ୍ତି ଅକାରାଦି ହକାରାନ୍ତ ଅର୍ଥାତ୍ ଅହଂ ରୂପରେ ସ୍ଥିତ ଅଟେ ।

ଇତି ଭାଜନସ୍ଥଳମ୍

ଅଥ ଅଙ୍ଗାଲେପସ୍ଥଳମ୍

ଅଥ – 'ଯଥା ପୁଷ୍କରପଲାଶ ଆପୋ ନ ଶ୍ଲିଷ୍ୟନ୍ତେ, ଏବମେବ ପାପକର୍ମ ନ ଶ୍ଲିଷ୍ୟତେ'[୨୯୭] ଇତି ଛାନ୍ଦୋଗ୍ୟଶ୍ରୁତ୍ୟନୁସାରେଣ –

ଏବଂ ଭୂତସ୍ୟ କର୍ମାଣି କ୍ରିୟମାଣାନି ଯୋଗିନଃ ।
ପ୍ରୟାନ୍ତି ନୈବ ଲିପ୍ୟନ୍ତେ ପୁଣ୍ୟାପୁଣ୍ୟାନି ସଂକ୍ଷୟମ୍ ।।

ଇତି ଯୋଗଜାଗମବଚନାନୁସାରେଣ ଚ ତିରୋଭାବଲକ୍ଷଣଦୃକ୍ କ୍ରିୟାଭାଜନବତଃ ଶିବଯୋଗିନଃ କର୍ମାଙ୍ଗଂ ଲେପକଂ ନ ଭବତୀତ୍ୟଙ୍ଗାଲେପ ଇତି ସୂତ୍ରତ୍ରୟେଣ କଥୟତି –

ଦିକ୍‌କାଳାଦ୍ୟନବଚ୍ଛିନ୍ନଂ ଚିଦାନନ୍ଦମୟଂ ମହତ୍ ।
ଯସ୍ୟ ରୂପମିଦଂ ଖ୍ୟାତଂ ସୋଽଙ୍ଗାଲେପ ଇହୋଚ୍ୟତେ ।। ୪୨ ।।

---

୨୯୬. ବା. ପ., ୧/୧୧୫
୨୯୭. ଛା. ଉ., ୪/୧୪/୩

CC-0. Jangamwadi Math Digital Collection.

ଦିଗ୍‌ଦେଶକାଳତ୍ରୟେଷ୍ୱପି ପରିଚ୍ଛେଦରହିତଂ ଚିଦାନନ୍ଦସ୍ୱରୂପଂ ବୃହଦ୍ ଇଦଂ ପ୍ରାଦୁର୍ଭୂତଦୃକ୍ କ୍ରିୟାରୂପଂ ଯସ୍ୟ ତିରୋଭାବଭାଜନସମ୍ପନ୍ନସ୍ୟ ଶିବଯୋଗିନୋ ରୂପଂ ସ୍ୱରୂପମିତି ଖ୍ୟାତମ୍, ସ ତଦ୍‌ଭାଜନସ୍ଥଳସମ୍ପନ୍ନଃ ଶିବଯୋଗୀ ଅଙ୍ଗକର୍ମଲେପରହିତ ଇତି ଇହୋଚ୍ୟତ ଇତ୍ୟର୍ଥଃ ।। ୪୨।।

– (ଅଙ୍ଗାଲେପସ୍ଥଳ ବର୍ଣ୍ଣନ) – ଯାହାଙ୍କର ଦେଶ, କାଳ ଆଦି ଅବଚ୍ଛେଦ ରହିତ ଚିଦାନନ୍ଦମୟ ମହାନ୍ ଏହି ରୂପ କୁହାଯାଇଛି, ସେ ଏଠାରେ ଅଙ୍ଗାଲେପ କୁହାଯାଆନ୍ତି ।। ୪୨।।

ଅତ୍ର ଦୃଷ୍ଟାନ୍ତମାହ –

ସମସ୍ତଜଗଦାତ୍ମାଷ୍ୱପି ସଂବିଦ୍ରୂପୋ ମହାମତିଃ ।
ଲିପ୍ୟତେ ନୈବ ସଂସାରୈର୍ଯଥା ଧୂମାଦିଭିର୍ନଭଃ ।। ୪୩।।

ସକଳଜଗଚ୍ଚୈତନ୍ୟାତ୍ମକଃ ସନ୍ ଚିଦ୍ରୂପୋ ମହାଧୀମାନ୍ ଶିବଯୋଗୀ ଧୂମମେଘାଦି-ଭିର୍ନଭୋ ଯଥା ନ ଲିପ୍ୟତେ, ତଥା ସଂସାରପାପକର୍ମଭିର୍ନ ଲିପ୍ୟତ ଇତ୍ୟର୍ଥଃ ।। ୪୩।।

– ସମସ୍ତ ଜଗତ୍ ସ୍ୱରୂପ ହୋଇ ମଧ୍ୟ ସଂବିତ୍‌ରୂପ ମହାମତିମାନ୍ ଶିବଯୋଗୀ ସାଂସାରିକତାରେ ସେହିପରି ପ୍ରଭାବିତ ହୁଅନ୍ତି ନାହିଁ ଯେପରି ଧୂମ ଆଦି ଦ୍ୱାରା ଆକାଶ ।। ୪୩।।

କୁତ ଇତ୍ୟତ୍ରାହ –

ନ ବିଧିର୍ନ ନିଷେଧଶ୍ଚ ନ ବିକଳ୍ପୋ ନ ବାସନା ।
କେବଲଂ ଚିତ୍‌ସ୍ୱରୂପସ୍ୟ ଗଳିତପ୍ରାକୃତାତ୍ମନଃ [୨୯୮] **।। ୪୪।।**

ଗଳିତେତି ନିବୃତ୍ତପ୍ରାକୃତକର୍ମପ୍ରଯତ୍ନବତଃ କେବଲଂ ଚିଦ୍ରୂପସ୍ୟ ଶିବଯୋଗିନୋ ନ ବିଧିଃ ବିଧ୍ୟୁକ୍ତକର୍ମ ନାସ୍ତି, ନ ନିଷେଧଶ୍ଚ ନିଷିଧ୍ୟମାନକର୍ମାପି ନାସ୍ତି, ନ ବିକଳ୍ପଃ ଅସ୍ତି ନାସ୍ତୀତି ବିକଳ୍ପୋ ନାସ୍ତି, ନ ବାସନା ତଦ୍ୱାସନାପି ନାସ୍ତୀତ୍ୟର୍ଥଃ ।। ୪୪।।

– ପ୍ରକୃତିର ସମସ୍ତ ଗୁଣରୁ ରହିତ କେବଳ ଚିତ୍‌ସ୍ୱରୂପ ଯୋଗୀ ପାଇଁ ବିଧି ନାହିଁ କି ନିଷେଧ ନାହିଁ। ବିକଳ୍ପ ନାହିଁ କି ବାସନା ନାହିଁ ।। ୪୪।।

ଅଥ ବାସନାରହିତସ୍ୟ ଶିବଯୋଗିନୋଽଭେଦଜ୍ଞାନଂ ସଦୃଷ୍ଟାନ୍ତଂ ସୂତ୍ରଦ୍ୱୟେନ ବିଶେଷୟତି –

---

୨୯୮. ତୁଳନୀୟ- ନ ନିରୋଧୋ ନ ଚୋତ୍ପତ୍ତିର୍ନ ବଦ୍ଧୋ ନ ଚ ବାଧକଃ ।
ନ ମୁମୁକ୍ଷୁର୍ନ ବୈ ମୁକ୍ତ ଇତ୍ୟେଷା ପରମାର୍ଥତା ।। (ପଂ.ଦ., ୬/୩୫)

CC-0. Jangamwadi Math Digital Collection.

ଘଟାଦିଷୁ ପୃଥଗ୍‌ଭୂତଂ ଯଥାକାଶଂ ନ ଭିଦ୍ୟତେ ।
ତଥୋପାଧିଗତଂ ବ୍ରହ୍ମ ନାନାରୂପଂ ନ ଭିଦ୍ୟତେ ।। ୪୫ ।।

ଘଟମଠାଦିଷୁ ପୃଥଗ୍‌ଭୂତଂ ବ୍ୟୋମ ଯଥା ନ ଭିନ୍ନମ୍ ତଥା ଦେବଦାନ-ବାଦ୍ୟୁପାଧିଗତଂ ବ୍ରହ୍ମ ନାନାରୂପମପି ନ ଭିଦ୍ୟତ ଇତ୍ୟର୍ଥଃ ।। ୪୫ ।।

– ଯେପରି ଘଟ ଆଦିରେ ପୃଥକ୍ ହୋଇଥିବା ଆକାଶ (ଘଟାକାଶ, ମଠାକାଶ ଆଦି ମୂଳରୂପରେ) ପୃଥକ୍ ନୁହେଁ, ସେହିପରି (ଶରୀର ଆଦି ଅନେକ) ଉପାଧିରେ ଅବଚ୍ଛିନ୍ନ ଅତଏବ ନାନା ରୂପ ବ୍ରହ୍ମ ମଧ୍ଯ ଭିନ୍ନ ନୁହେଁ (ଅର୍ଥାତ୍ ଏକ ହିଁ ଅଟେ) ।। ୪୫ ।।

ଅନଶ୍ୱରମନିର୍ଦ୍ଦେଶ୍ୟଂ ଯଥା ବ୍ୟୋମ ପ୍ରକାଶତେ ।
ତଥା ବ୍ରହ୍ମାପି ଚୈତନ୍ୟମତ୍ର ବୈଶେଷିକୀ କଳା ।। ୪୬ ।।

ବ୍ୟୋମ ନାଶରହିତମନୁପମଂ ସଦ୍ ଯଥା ପ୍ରକାଶତେ, ତଥା ବ୍ରହ୍ମାପି ପ୍ରକାଶତେ । ଅତ୍ର ବ୍ରହ୍ମଣି ଚୈତନ୍ୟଂ ଦୃକ୍ କ୍ରିୟାରୂପଂ ବୈଶେଷିକୀ କଳା ଜଡ଼ଭୂତଭୂତାକାଶାପେକ୍ଷୟା ବିଶେଷୀଭୂତକଳେତି ଚିଦାକାଶରୂପଂ ବ୍ରହ୍ମେତ୍ୟର୍ଥଃ । ଅତ୍ରାନଶ୍ୱରତ୍ୱଂ ନିରବୟବତ୍ୱଂ ନ ନିତ୍ୟତ୍ୱମିତି ବୋଧ୍ୟମ୍, ଜଡ଼ତ୍ୱାଦିତି ।। ୪୬ ।।

– ଯେପରି ଆକାଶ ଅନଶ୍ୱର ଏବଂ ଅନିର୍ଦ୍ଦେଶ୍ୟ ଅର୍ଥାତ୍ ଅତୁଳନୀୟ ହୋଇ ପ୍ରକାଶିତ ହୁଏ, ସେହିପରି ବ୍ରହ୍ମ ମଧ୍ଯ ହୁଏ । ଚୈତନ୍ୟ ଏହି ବ୍ରହ୍ମରେ ବିଶେଷ କଳା ଅଟେ ।। ୪୬ ।।

ଅଥ ଚିଦାକାଶରୂପଃ ଶିବଯୋଗୀ ପୂର୍ଣ୍ଣ ଇତ୍ୟୁକ୍ତ୍ୱା ଅଙ୍ଗାଲେପସ୍ଥଳଂ ସମାପୟତି –

ନ ଦେବତ୍ୱଂ ନ ମାନୁଷ୍ୟଂ ନ ତିର୍ଯ୍ୟକ୍ତ୍ୱଂ ନ ଚାନ୍ୟଥା ।
ସର୍ବାକାରତ୍ୱମାଖ୍ୟାତଂ ଜୀବନ୍ମୁକ୍ତସ୍ୟ ଯୋଗିନଃ ।। ୪୭ ।।

ଜୀବନ୍ମୁକ୍ତସ୍ୟ ଯୋଗିନଃ କର୍ମପାଶରହିତତ୍ୱାତ୍ ପୁଣ୍ୟକର୍ମସିଦ୍ଧ ଦେବତ୍ୱଂ ନାସ୍ତି, ପୁଣ୍ୟପାପମିଶ୍ରତୋଦ୍‌ଭୂତମାନୁଷ୍ୟମପି ନାସ୍ତି, ପାପଜନ୍ୟତିର୍ଯ୍ୟକ୍ ପ୍ରାଣିତ୍ୱଂ ଚ ନାସ୍ତି, ତଦ୍ୱ୍ୟତିରେକେଣ ମାୟାଗର୍ଭେ ମଳମୂର୍ଚ୍ଛିତତ୍ୱେନ ବିଦ୍ୟମାନତାପି ନାସ୍ତି, କିନ୍ତୁ ସର୍ବତ୍ର ପରିପୂର୍ଣ୍ଣଚିଦାକାଶ-ରୂପତ୍ୱମାଖ୍ୟାତମ୍ । ନିତ୍ୟପରିପୂର୍ଣ୍ଣବିତ୍ ପ୍ରସାଦବତଃ ଶିବଯୋଗିନଃ ସିଦ୍ଧାନ୍ତପ୍ରସିଦ୍ଧ ମାୟା ମଳବିନ୍ଦୁତିରୋଭାବକର୍ମରୂପପଞ୍ଚପାଶବନ୍ଧୋ ନାସ୍ତୀତି ଭାବଃ ।। ୪୭ ।।

– ଜୀବନ୍ମୁକ୍ତ ଯୋଗୀ ଦେବତା ନୁହେଁ କି ମନୁଷ୍ୟ ନୁହେଁ, ପକ୍ଷୀ ନୁହେଁ କି ଅନ୍ୟ କିଛି ନୁହେଁ । ସେ ସର୍ବାକାର କୁହାଯାଇଛି ।। ୪୭ ।।

ଇତ୍ୟଙ୍ଗାଲେପସ୍ଥଳମ୍

CC-0. Jangamwadi Math Digital Collection.

ଅଥ ସ୍ୱପରାଜ୍ଞସ୍ଥଲମ୍

ଅଥ – 'ଯଥା ପ୍ରିୟୟା (ସ୍ତ୍ରିୟା) ସଂପରିଷ୍ୱକ୍ତୋ ନ ବାହ୍ୟଂ କିଞ୍ଚନ ବେଦନାନ୍ତରମ୍, ଏବମେବାୟଂ ପୁରୁଷଃ ପ୍ରାଜ୍ଞେନାତ୍ମନା ସଂପରିଷ୍ୱକ୍ତୋ ନ ବାହ୍ୟଂ କିଞ୍ଚନ ବେଦ ନାନ୍ତରମ୍[୨୯୯] ।' ଇତି ବୃହଦାରଣ୍ୟକଶ୍ରୁତେଃ –

ସ୍ୱୟଂ ସ୍ୱସ୍ୟ ପରୋ ନୈବ ନ ପରଃ ସ୍ୱସ୍ୟ ବିଦ୍ୟତେ ।
ଇତି ଧାର୍ଯ୍ୟୋଽପି ସଂଲୀନେ ତସ୍ମିନ୍ ଜ୍ଞେୟଂ ନ ତସ୍ୟ ହି ।।

ଇତି ସର୍ବଜ୍ଞାନୋତ୍ତରବଚନାଚ୍ଚ ଅଙ୍ଗାଲେପଃ ଶିବଯୋଗୀ ପ୍ରାଥମିକପଞ୍ଚସ୍ଥଲପ୍ରତିପାଦିତ-ପାଶପଞ୍ଚକରାହିତ୍ୟେନ ସ୍ୱଂ ପରଂ ନ ଜାନାତୀତି ପ୍ରତିପାଦୟତି –

ଅପ୍ରମେୟେ ଚିଦାକାରେ ବ୍ରହ୍ମଣ୍ୟଦ୍ୱୈତବୈଭବେ ।
ବିଲୀନଃ କିଂ ନୁ ଜାନାତି ସ୍ୱାତ୍ମାନଂ ପରମେବ ବା ।। ୪୮ ।।

ଅପରିମିତେଦ୍ଧସ୍ଫୁରଣରୂପେ 'ଏକମେବାଦ୍ୱିତୀୟଂ ବ୍ରହ୍ମ'[୩୦୦] ଇତି ଶ୍ରୁତେଃ ସ୍ୱଗତସଜାତୀୟ-ବିଜାତୀୟଭେଦ[୩୦୧] ଶୂନ୍ୟେ ପରବ୍ରହ୍ମଣି ସାମରସ୍ୟଂ ଗତୋଽଙ୍ଗାଲେପଃ ସ୍ୱାତ୍ମାନଂ ବା ପରଂ ବା ଜାନାତି କିମ୍ ? ନ ଜାନାତୀତ୍ୟର୍ଥଃ ।। ୪୮ ।।

– (ସ୍ୱପରାଜ୍ଞସ୍ଥଳ ବର୍ଣ୍ଣନ) – ଅପ୍ରମେୟ ଚିତ୍ସ୍ୱରୂପ ଅଦ୍ୱିତୀୟ ବ୍ରହ୍ମରେ ବିଲୀନ ଶିବଯୋଗୀ ନିଜକୁ ଜାଣେ ନାହିଁ କି ଶିବଙ୍କୁ ନୁହଁ ।। ୪୮ ।।

ଅଥ ଅମୁମେବାର୍ଥଂ ପଞ୍ଚଭିଃ ସୂତ୍ରୈର୍ବିଶେଷୟତି –

ଯତ୍ର ନାସ୍ତି ଭିଦାଯୋଗାଦହଂ ତ୍ୱମିତି ବିଭ୍ରମଃ ।
ନ ସଂଯୋଗୋ ବିୟୋଗଶ୍ଚ ନ ଜ୍ଞେୟଜ୍ଞାତୃକଳ୍ପନା ।। ୪୯ ।।
ନ ବନ୍ଧୋ ନ ଚ ମୁକ୍ତିଶ୍ଚ ନ ଦେବାଦ୍ୟଭିମାନିତା ।
ନ ସୁଖଂ ନୈବ ଦୁଃଖଂ ଚ ନାଜ୍ଞାନଂ ଜ୍ଞାନମେବ ବା ।। ୫୦ ।।
ନୋତ୍କୃଷ୍ଟତ୍ୱଂ ନ ହୀନତ୍ୱଂ ନୋପରିଷ୍ଟାନ୍ନ ଚାପ୍ୟଧଃ ।
ନ ପଶ୍ଚାନ୍ନୈବ ପୁରତୋ ନ ଦୂରେ କିଞ୍ଚିଦନ୍ତରେ ।। ୫୧ ।।

---

୨୯୯. ବୃ. ଉ., ୪/୩/୩୧
୩୦୦. ଛା. ଉ., ୬/୧/୧
୩୦୧. ଏକସ୍ମିନ୍ନେବ ଶରୀରେ ଇମୌ ହସ୍ତାବିମୌ ପାଦାବିତି ସ୍ୱଗତଭେଦଃ । ଏକୋ ଗୌରନ୍ୟସ୍ମାଦ୍ ଗୋଃ ଭିନ୍ନ ଇତି ସଜାତୀୟୋ ଭେଦଃ । ଗୌରଶ୍ୱାଦ୍ ଭିନ୍ନ ଇତି ବିଜାତୀୟୋ ଭେଦଃ ।

CC-0. Jangamwadi Math Digital Collection.

ସର୍ବକାରେ ଚିଦାନନ୍ଦେ ସତ୍ୟରୂପିଣି ଶାଶ୍ୱତେ ।
ପରାକାଶମୟେ ତସ୍ମିନ୍ ପରେ ବ୍ରହ୍ମଣି ନିର୍ମଳେ ।। ୫୨ ।।
ଏକୀଭାବମୁପେତାନାଂ ଯୋଗିନାଂ ପରମାତ୍ମନାମ୍ ।
ପରାପରପରିଜ୍ଞାନପରିହାସକଥା କୁତଃ ।। ୫୩ ।।

ଯତ୍ର ଅଦ୍ୱୈତବୈଭବବତି ବ୍ରହ୍ମଣି ଯୋଗାଦ୍ ଦୃଗ୍‌ଦ୍ୱୟେନ ସମାନସମରସ-ଯୋଗାଦ୍ ଅହଂ ତ୍ୱମିତି ଭେଦବିଭ୍ରମୋ ନାସ୍ତି, ଉଭୟୋରପ୍ୟହଂପ୍ରତ୍ୟୟୈକତ୍ୱବିଶ୍ରାନ୍ତତ୍ୱାଦ୍ । ସଂଯୋଗବିୟୋଗୌ ଚ ନ ସ୍ତଃ, ଜ୍ଞେୟଜ୍ଞାତୃକଳ୍ପନା ଚ ଯତ୍ର ନାସ୍ତି, ବନ୍ଧୋ ମୁକ୍ତିଶ୍ଚ ଯତ୍ର ନାସ୍ତି, ଦେବତ୍ୱାଦ୍ୟଭିମାନୋଽପି ଯତ୍ର ନାସ୍ତି, ନ ସୁଖଂ ବୈଷୟିକସୁଖଂ ଯତ୍ର ନାସ୍ତି, ନୈବ ତାଦୃଗ୍ ଦୁଃଖଂ ନେନ୍ଦ୍ରିୟଜଂ ଜ୍ଞାନଂ ନାଜ୍ଞାନଂ ନ ଶ୍ରେଷ୍ଠତ୍ୱଂ ନ ନିକୃଷ୍ଟତ୍ୱଂ ନୋପରିଭାଗୋ ନ ଚାଧୋଭାଗୋ ନ ପଶ୍ଚାଦ୍‌ଭାଗୋ ନ ପୂର୍ବଭାଗଶ୍ଚ ତସ୍ମିନ୍‌ଦୂରେ କିଞ୍ଚିଦ୍‌ଦୂରେ ସର୍ବସ୍ୱରୂପେ ଚିଦାନନ୍ଦସତ୍ୟରୂପିଣି ଶ୍ୱାଶ୍ୱତେ ନିର୍ମଳେ ପରାକାଶମୟେ ବ୍ରହ୍ମଣି ଏକୀଭାବଂ ଗତାନାମ୍ ଅତଏବ ପରବ୍ରହ୍ମସ୍ୱରୂପାଣାଂ ଶିବଯୋଗିନାଂ ପରଂ ସ୍ୱଂ ଚ ଜାନାମୀତି ପରିହାସପ୍ରସଙ୍ଗଃ କୁତଃ ? ବ୍ୟାପକତ୍ୱାଦେକତ୍ୱାନ୍ନାସ୍ତୀତ୍ୟର୍ଥଃ ।। ୪୯-୫୩ ।।

- ଯେଉଁଠାରେ ଭେଦ ସହିତ ଯୋଗ ହେବାରୁ (ଅର୍ଥାତ୍ ଜୀବ ଓ ବ୍ରହ୍ମରେ ଭେଦ ବୁଦ୍ଧି ହେବାରୁ) 'ଅହଂ' ଏପରି ଭ୍ରମ ନାହିଁ (ଯୋଗ ଅର୍ଥାତ୍ ଜୀବ ଓ ବ୍ରହ୍ମଙ୍କର ଐକ୍ୟ ହେବାରୁ ଯେଉଁଠାରେ 'ଅହଂ' ଏପରି ଭେଦ ଅର୍ଥାତ୍ ଭ୍ରମ ନାହିଁ) ସଂଯୋଗ ନାହିଁ କି ବିୟୋଗ ନାହିଁ, ଜ୍ଞେୟ ଓ ଜ୍ଞାତାର କଳ୍ପନା ନାହିଁ । ବନ୍ଧନ, ମୋକ୍ଷ, ଏବଂ (ନିଜ ବିଷୟରେ ଅଥବା ଅନ୍ୟତ୍ର) ଦେବତ୍ୱର ଅଭିମାନ ନାହିଁ । ସୁଖ ନାହିଁ କି ଦୁଃଖ ନାହିଁ। ଅଜ୍ଞାନ ନାହିଁ କି ଜ୍ଞାନ ନାହିଁ। ଉତ୍କୃଷ୍ଟତ୍ୱ ନାହିଁ କି ଅପକୃଷ୍ଟତ୍ୱ ନାହିଁ । ଉପର ନାହିଁ କି ତଳ ନାହିଁ । ଆଗ ନାହିଁ କି ପଛ ନାହିଁ । ଦୂର କି ନିକଟର ସ୍ଥିତି ନାହିଁ । ସର୍ବରୂପ, ଚିଦାନନ୍ଦ, ସତ୍ୟସ୍ୱରୂପ, ଶାଶ୍ୱତ, ପର ଆକାଶ ଅର୍ଥାତ୍ ଚିଦାକାଶମୟ ସେହି ନିର୍ମଳ ବ୍ରହ୍ମ ସହିତ ଐକ୍ୟଭାବକୁ ପ୍ରାପ୍ତ ମହାତ୍ମା ଯୋଗୀଙ୍କ ବିଷୟରେ ପର-ଅପର ପରିଜ୍ଞାନ ରୂପ ପରିହାସର ଚର୍ଚ୍ଚା କିପରି ହୋଇପାରିବ ? ।। ୪୯-୫୩ ।।

ଅଥେମମର୍ଥମେବ ବିଶେଷୟନ୍ ସ୍ୱପରାଜ୍ଞସ୍ଥଳଂ ସମାପୟତି -

ଦେଶକାଳାନବଚ୍ଛିନ୍ନତେଜୋରୂପସମାଶ୍ରୟାତ୍ ।
ସ୍ୱପରଜ୍ଞାନବିରହାତ୍ ସ୍ୱପରାଜ୍ଞସ୍ଥଳଂ ବିଦୁଃ ।। ୫୪ ।।

ତେଜୋରୂପଂ ଚିଦ୍‌ପ୍ରକାଶରୂପମିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୫୪ ।।

- ଦେଶ, କାଳର ଅବଚ୍ଛେଦରୁ ଉର୍ଦ୍ଧ୍ୱ ତେଜସ୍ ରୂପ ପରବ୍ରହ୍ମଙ୍କର ଆଶ୍ରୟଣ

CC-0. Jangamwadi Math Digital Collection.

ଅର୍ଥାତ୍ ସାମରସ୍ୟ ତଥା ସ୍ୱ ପର ଜ୍ଞାନର ଅଭାବଯୁକ୍ତ ଶିବଯୋଗୀର ଅବସ୍ଥାକୁ ବିଦ୍ୱଜ୍ଜନ ସ୍ୱପରାଜ୍ଞସ୍ଥଳ କୁହନ୍ତି ।। ୫୪।।

ଇତି ସ୍ୱପରାଜ୍ଞସ୍ଥଳମ୍

ଅଥ ଭାବାଭାବଲୟସ୍ଥଳମ୍

ଅଥ – ନିଦ୍ରାନ୍ତଂ ଜାଗରିତାନ୍ତଂ ଚୋଭୌ ଯୋ ବା ନ ପଶ୍ୟତି ।
ମହାନ୍ତଂ ବିଭୁମାତ୍ମାନଂ ମତ୍ୱା ଧୀରୋ ନ ଶୋଚତି[୩୦୨] ।।

ଇତି କଠବଲ୍ଲୀଶ୍ରୁତ୍ୟନୁସାରେଣ,

ଭାବାଭାବଦ୍ୱୟାତୀତଂ ସ୍ୱପ୍ନଜାଗରଣାତିଗମ୍ ।
ମୃତ୍ୟୁଜୀବନନିର୍ମୁକ୍ତଂ ତତ୍ତ୍ୱଂ ତତ୍ତ୍ୱବିଦୋ ବିଦୁଃ ।।

ଇତି ଯୋଗଜାଗମବଚନାନୁସାରେଣ ଚ ତତ୍ସ୍ୱରୂପଜ୍ଞାନଶୂନ୍ୟସ୍ୟ ଶିବଯୋଗିନୋ ଭାବାଭାବୌ ନ ସ୍ତ ଇତି ନିରୂପୟତି –

ତ୍ୱନ୍ତାହନ୍ତାବିନିର୍ମୁକ୍ତେ ଶୂନ୍ୟକଳ୍ପେ ଚିଦମ୍ବରେ ।
ଏକୀଭୂତସ୍ୟ ସିଦ୍ଧସ୍ୟ ଭାବାଭାବକଥା କୁତଃ ।। ୫୫।।

ପରିଚ୍ଛିନ୍ନଶରୀରବିଶିଷ୍ଟତ୍ୱମହଂଭାବରହିତେ ଶୂନ୍ୟସଦୃଶେ ଚିଦାକାଶେ ଏକରସୀଭୂତସ୍ୟ ସ୍ୱପରଜ୍ଞାନଶୂନ୍ୟସ୍ୟ ସିଦ୍ଧସ୍ୟ ଶିବଯୋଗିନୋ ଭାବାଭାବପ୍ରସଙ୍ଗଃ କୁତଃ ? ନାସ୍ତୀତ୍ୟର୍ଥଃ ।। ୫୫।।

– (ଭାବାଭାବଲୟସ୍ଥଳ ବର୍ଣ୍ଣନ) – 'ତ୍ୱଂ' ଏବଂ 'ଅହଂ' ଭାବରୁ ରହିତ ଶୂନ୍ୟକଳ୍ପ ଚିଦାକାଶରେ ଏକୀଭୂତ ସିଦ୍ଧ ଶିବଯୋଗୀ ନିମନ୍ତେ ଭାବ ଓ ଅଭାବର କଥା କେଉଁଠାରୁ ହୋଇପାରିବ (ଅର୍ଥାତ୍ ସେଠାରେ ଭାବ ନାହିଁ କି ଅଭାବ ନାହିଁ) ।। ୫୫।।

ଅଥ ତଦ୍ଭାବାଭାବଲୟସ୍ୱରୂପଂ ସୂତ୍ରଦ୍ୱୟେନ ପ୍ରତିପାଦୟତି –

ଅହଂଭାବସ୍ୟ ଶୂନ୍ୟତ୍ୱାଦଭାବସ୍ୟ ତଥାତ୍ମନଃ ।
ଭାବାଭାବବିନିର୍ମୁକ୍ତୋ ଜୀବନ୍ମୁକ୍ତଃ ପ୍ରକାଶତେ ।। ୫୬।।

ଅହଂଭାବରାହିତ୍ୟାଦ୍ ଆତ୍ମନଃ 'ଅୟମାତ୍ମା ବ୍ରହ୍ମ'[୩୦୩] ଇତି ପ୍ରସିଦ୍ଧ ପରମାତ୍ମନୋଽଭାବସ୍ୟ ତଥା ଶୂନ୍ୟତ୍ୱାଜ୍ଜୀବନ୍ମୁକ୍ତଃ ସ୍ୱପରଜ୍ଞାନଶୂନ୍ୟଃ ସନ୍ ଅମନସ୍କତନ୍ଦ୍ରିମୁଦ୍ରାସ୍ଥିତଃ ଶିବଯୋଗୀ ଭାବାଭାବବିନିର୍ମୁକ୍ତଃ ଅହମିତି ପରିଚ୍ଛିନ୍ନ ଦେହାହଂଭାବଃ,

---

୩୦୨. କ. ଉ., ୨/୨୧
୩୦୩. ଐ. ଉ., ୫/୩

CC-0. Jangamwadi Math Digital Collection.

ଆତ୍ମା ନାସ୍ତୀତ୍ୟଭାବଃ, ଏବଂ ରୂପଭାବାଭାବଶୂନ୍ୟଃ ସନ୍ ସ୍ୱସ୍ୱରୂପେଣ ପ୍ରକାଶତେ । ସକଳଦୁଃଖଭୋକ୍ତା ସନ୍ ସୁପ୍ତିଲୟଗାମିମୂଳାହଙ୍କାରୋଽସ୍ତୀତି ଭାବେନ ସର୍ବସାକ୍ଷିକତ୍ୱେନାବସ୍ଥାତ୍ରୟେଽପ୍ୟବଚ୍ଛେଦେନ ଭାସମାନଚୈତନ୍ୟଂ ନାସ୍ତୀତ୍ୟଭାବେନ ଚ ବିବିକ୍ତ ଏବ ଭାବାଭାବରହିତ ଇତ୍ୟର୍ଥଃ ।। ୫୬ ।।

– ଅହଂଭାବ ତଥା ଆତ୍ମାର ଅଭାବ ଶୂନ୍ୟ ହେବା ହେତୁ ଭାବ ଓ ଅଭାବରୁ ମୁକ୍ତ ଜୀବନ୍ମୁକ୍ତ ପ୍ରକାଶିତ ହୋଇଥାଏ ।। ୫୬ ।।

ସୁଖଦୁଃଖାଦିଭାବେଷୁ ନାଭାବୋ ଭାବ ଏବ ବା ।
ବିଦ୍ୟତେ ଚିଦ୍‌ସ୍ୱରୂପସ୍ୟ ନିର୍ଲେପସ୍ୟ ମହାତ୍ମନଃ ।। ୫୭ ।।

ଉକ୍ତଲକ୍ଷଣମୂଳାହଙ୍କାରଲେପରହିତସ୍ୟ ଚିଦ୍‌ସ୍ୱରୂପସ୍ୟ ମହାପୁରୁଷସ୍ୟ ସୁଖଦୁଃଖାଦି ସମ୍ବନ୍ଧେଷ୍ୱଭାବୋ ଭାବ ଏବ ବା ନ ବିଦ୍ୟତେ, ନିର୍ଲେପତ୍ୱେନ ବ୍ୟାପକତ୍ୱାଦିତ୍ୟର୍ଥଃ ।। ୫୭ ।।

– ନିର୍ଲେପ ଅର୍ଥାତ୍ ପାପ-ପୁଣ୍ୟାଦି ଦ୍ୱନ୍ଦ୍ୱରୁ ଊର୍ଦ୍ଧ୍ୱ ମହାନ୍ ଆତ୍ମାବାଲା ଚିଦ୍‌ସ୍ୱରୂପ ଶିବଯୋଗୀ ପାଇଁ ସୁଖ, ଦୁଃଖ ଆଦି ଭାବ ବିଷୟରେ ଭାବ ରହେ ନାହିଁ କି ଅଭାବ ରହେ ନାହିଁ ।। ୫୭ ।।

ଏବଂ ଭାବାଭାବଶୂନ୍ୟସ୍ୟ କିମପି ନ ଦୃଶ୍ୟତ ଇତ୍ୟତ୍ରାହ –

ଯସ୍ମିନ୍ ଜ୍ୟୋତିଷି ଚିଦ୍ରୂପେ ଦୃଶ୍ୟତେ ନୈବ କିଞ୍ଚନ ।
ସଦ୍ରୂପଂ ବାପ୍ୟସଦ୍ରୂପଂ ଭାବାଭାବଂ ବିମୁଞ୍ଚତଃ ।। ୫୮ ।।

ସ୍ପଷ୍ଟମ୍ ।। ୫୮ ।।

– ଭାବା ଓ ଅଭାବର ତ୍ୟାଗ କରିଥିବା (ଏହି ଦ୍ୱନ୍ଦ୍ୱରୁ ଊର୍ଦ୍ଧ୍ୱ) ଚିଦ୍‌ସ୍ୱରୂପ ତେଜୋମୟ ଶିବଯୋଗୀଙ୍କୁ ସଦ୍‌ରୂପ ଅଥବା ଅସଦ୍‌ରୂପ କିଛି ଦେଖାଯାଏ ନାହିଁ ।। ୫୮ ।।

ଅଥ ଭାବାଭାବଲୟସ୍ଥଲଂ ସମାପୟତି –

ପ୍ରତୀୟମାନୌ ବିଦ୍ୟେତେ ଭାବାଭାବୌ ନ କୁତ୍ରଚିତ୍ ।
ଲିଙ୍ଗୈକ୍ୟେ ସତି ଯତସ୍ମାଦ୍ ଭାବାଭାବଲୟସ୍ଥଲମ୍ ।। ୫୯ ।।

ପ୍ରକାଶମାନୌ ଭାବାଭାବୌ ଶିବଲିଙ୍ଗୈକରସୀଭୂତମହାପୁରୁଷବିଷୟେ କ୍ୱଚିଦପି ଯସ୍ମାତ୍ କାରଣାନ୍ନ ବିଦ୍ୟେତେ ନ ସ୍ତଃ ତସ୍ମାଦ୍ ଭାବାଭାବଲୟସ୍ଥଲମିତ୍ୟୁକ୍ତମିତ୍ୟର୍ଥଃ ।। ୫୯ ।।

– ଯେଉଁ କାରଣରୁ ଶିବଲିଙ୍ଗ ସହିତ ଏକତ୍ୱ (ସାମରସ୍ୟ) କୁ ପ୍ରାପ୍ତ ଶିବଯୋଗୀ ନିମନ୍ତେ ପ୍ରତୀୟମାନ ଭାବ-ଅଭାବ କେଉଁଠାରେ ବିଦ୍ୟମାନ ନାହିଁ, ସେହି କାରଣରୁ (ସେହି ଦଶା) ଭାବାଭାବଲୟସ୍ଥଳ କୁହାଯାଏ ।। ୫୯ ।।

ଇତି ଭାବାଭାବଲୟସ୍ଥଲମ୍

CC-0. Jangamwadi Math Digital Collection.

ଅଥ ଜ୍ଞାନଶୂନ୍ୟସ୍ଥଲମ୍

ଅଥ – 'ଅପ ଅପସ୍ସ୍ୱଗ୍ନିମଗ୍ନୌ ବାୟୁଂ ବାୟୌ ବ୍ୟୋମ୍ନି ବ୍ୟୋମ ଲକ୍ଷୟେତ୍ । ଏବମନ୍ତର୍ଗତଂ ଚିତ୍ତଂ ପୁରୁଷୋ ପ୍ରତିମୁଚ୍ୟତେ' ଇତି ମୈତ୍ରେୟଶ୍ରୁତ୍ୟନୁସାରେଣ –

ସର୍ବଶୂନ୍ୟଂ ନିରାଭାସଂ ସାମରସ୍ୟଂ ତଥା ଭବେତ୍ ।
ଘୃତେ ଘୃତଂ ଯଥା ନ୍ୟସ୍ତଂ କ୍ଷୀରେ କ୍ଷୀରଂ ଯଥୈବ ଚ ।।

ଇତି ସର୍ବଜ୍ଞାନୋତ୍ତରବଚନାନୁସାରେଣ ଚ ସ୍ୱପରଜ୍ଞାନଶୂନ୍ୟତ୍ୱେନ ଭାବାଭାବଲୟସମ୍ପନ୍ନସ୍ୟ ଶିବଯୋଗିନୋଦ୍ଭେଦସୁଲଭଜ୍ଞାନଶୂନ୍ୟସ୍ଥଲଂ ସୂତ୍ରତ୍ରୟେଣ ନିରୂପୟତି –

ପରାପରସମାପେକ୍ଷଭାବାଭାବ ବିବେଚନମ୍ ।
ଜ୍ଞାନଂ ବ୍ରହ୍ମଣି ତନ୍ନାସ୍ତି ଜ୍ଞାନଶୂନ୍ୟସ୍ଥଲଂ ବିଦୁଃ ।। ୬୦ ।।

ପରାପର ଜ୍ଞାନାଭିଳାଷଯୁକ୍ତଭାବାଭାବବିବେକବଜ୍ଜ୍ଞାନଂ ବ୍ରହ୍ମଣି ପରବ୍ରହ୍ମସ୍ୱରୂପେ ଭାବାଭାବଲୟସମ୍ପନ୍ନେ ଶିବଯୋଗିନି ନାସ୍ତି, ତଦ୍ ଜ୍ଞାନଶୂନ୍ୟସ୍ଥଲମିତି ବିଦୁଃ, ଜାନାତୀତ୍ୟର୍ଥଃ ।। ୬୦ ।।

– (ଜ୍ଞାନଶୂନ୍ୟସ୍ଥଳ ବର୍ଣ୍ଣନ) – ପର ଏବଂ ଅପର ର ଅପେକ୍ଷୀ ଭାବ ଓ ଅଭାବର ବିବେଚନ ରୂପ ଜ୍ଞାନବ୍ରହ୍ମରେ (ପରବ୍ରହ୍ମ ସ୍ୱରୂପ ଶିବଯୋଗୀରେ) ରହେ ନାହିଁ । ଏହି କାରଣରୁ ଏହା (ବିଦ୍ୱାନ୍ ଦ୍ୱାରା) ଜ୍ଞାନଶୂନ୍ୟସ୍ଥଳ କୁହାଯାଏ ।। ୬୦ ।।

ତର୍ହି ସ କଥଂ ତିଷ୍ଠତୀତ୍ୟତ୍ରାହ –

ଜଳେ ଜଳମିବ ନ୍ୟସ୍ତଂ ବହ୍ନୌ ବହ୍ନିରିବାର୍ପିତମ୍ ।
ପରେ ବ୍ରହ୍ମଣି ଲୀନାତ୍ମା ବିଭାଗେନ ନ ଦୃଶ୍ୟତେ ।। ୬୧ ।।

ଜଳମିଶ୍ରଜଳମିବ ବହ୍ନିସ୍ଥାପିତ ବହ୍ନିରିବ ପରବ୍ରହ୍ମସ୍ୱରୂପମହାଲିଙ୍ଗେ ଲୟୀଭୂତଭାବାଭାବପ୍ରପଞ୍ଚବାନ୍ ଶିବଯୋଗୀ ଭିନ୍ନଭାବେନ ନ ଦୃଶ୍ୟତେ, ନ ତିଷ୍ଠତୀତ୍ୟର୍ଥଃ, ଜ୍ଞାନଶୂନ୍ୟତ୍ୱାଦିତି। ଅତ୍ର ଦ୍ୱୈତଜ୍ଞାନଶୂନ୍ୟ ଶିବାଦ୍ୱୈତେ ଜଳବହ୍ନି ଦୃଷ୍ଟାନ୍ତ ଆପ୍ୟତୈଜସସ୍ଥଳରୂପଦୃଗ୍ଗ୍ୟପୈକ୍ୟବତ୍ ସମାନସମରସରୂପଃ, ନ ତୁ ସ୍ୱରୂପହାନି ବୁଦ୍ଧିକରଃ, ସମୁଦ୍ରଜଳବଦିତି ।। ୬୧ ।।

– ଜଳରେ ମିଶା ଯାଇଥିବା ଜଳ, ଅଗ୍ନିରେ ପକାଯାଇଥିବା ଅଗ୍ନି ପରି ପରବ୍ରହ୍ମରେ ଲୀନ ଆତ୍ମାବାଲା ଶିବଯୋଗୀ ପୃଥକ୍ ଦେଖାଯାଏ ନାହିଁ ।। ୬୧ ।।

ସର୍ବାତ୍ମନି ପରେ ତତ୍ତ୍ୱେ ଭେଦଶଙ୍କାବିବର୍ଜିତେ ।
ଜ୍ଞାତ୍ରାଦିବ୍ୟବହାରୋତ୍ଥଂ କୁତୋ ଜ୍ଞାନଂ ବିଭାବ୍ୟତେ ।। ୬୨ ।।

ସ୍ପଷ୍ଟମ୍ ।। ୬୨ ।।

– ଭେଦର ଶଙ୍କାରୁ ରହିତ ବିଶ୍ୱରୂପ ପରତତ୍ତ୍ୱରେ ଜ୍ଞାତା, ଜ୍ଞେୟ ଓ ଜ୍ଞାନର

CC-0. Jangamwadi Math Digital Collection.

ବ୍ୟବହାରରୁ ଉତ୍ପନ୍ନ (ତ୍ରିପୁଟୀ) ଜ୍ଞାନର ଅନୁଭବ କେଉଁଠାରୁ ହେବ ? ।। ୬୨।।

ଅଥ ତଦେବ ସୂତ୍ରତ୍ରୟେଣ ବିଶେଷୟତି –

ନିର୍ବିକାରଂ ନିରାକାରଂ ନିତ୍ୟଂ ସୀମାବିବର୍ଜିତମ୍ ।
ବ୍ୟୋମବତ୍ ପରମଂ ବ୍ରହ୍ମ ନିର୍ବିକଳ୍ପତୟା ସ୍ଥିତମ୍ ।। ୬୩।।
ନ ପୃଥ୍ୱ୍ୟାଦୀନି ଭୂତାନି ନ ଗ୍ରହା ନୈବ ତାରକାଃ ।
ନ ଦେବା ନ ମନୁଷ୍ୟାଶ୍ଚ ନ ତିର୍ଯ୍ୟଞ୍ଚୋ ନ ଚାପରେ ।। ୬୪।।
ତସ୍ମିନ୍ କେବଳଚିନ୍ମାତ୍ର ସତ୍ତାନନ୍ଦୈକ ଲକ୍ଷଣେ ।
ତ୍ୱନ୍ତାହନ୍ତାଦିସଂରୂଢଂ ବିଜ୍ଞାନଂ କେନ ଭାବ୍ୟତେ ।। ୬୫।।

ମୃଦାଦିବଦ୍ୱିକାରରହିତଂ ନୀଳପୀତାଦ୍ୟାକାରରହିତମ୍ ଅବଧିରହିତଂ ପରଂବ୍ରହ୍ମ ବ୍ୟୋମବନ୍ନିର୍ବିକଳ୍ପତୟା ଭେଦରାହିତ୍ୟେନ ସ୍ଥିତଂ ତିଷ୍ଠତି । ଅତଏବ ଭିନ୍ନତୟା ପ୍ରତୀୟମାନଭୂମ୍ୟାଦିଭୂତାନି ନ, ଆଦିତ୍ୟାଦିନବଗ୍ରହାଶ୍ଚ ନ ଅଶ୍ୱିନ୍ୟାଦିତାରକାଶ୍ଚ ନ, ବିଷ୍ଣ୍ୱାଦିଦେବାଶ୍ଚ ନ, ମନୁଷ୍ୟାଶ୍ଚ ନ, ତିର୍ଯ୍ୟକ୍ ପ୍ରାଣିନଶ୍ଚ ନ, ପରେ ଚ ନ (ଭବନ୍ତି)। ତସ୍ମାତ୍ କେବଳସଚ୍ଚିଦାନନ୍ଦସ୍ୱରୂପେ ବ୍ରହ୍ମଣି ତ୍ୱମହମାଦିକବ୍ୟବହାରୋତ୍ଥବିଶେଷଜ୍ଞାନଂ କେନ ଭାବ୍ୟତେ ? ନ କେନାପି ଭାବ୍ୟତ ଇତ୍ୟର୍ଥଃ ।। ୬୩-୬୫।।

– ବିକାରରୁ ଶୂନ୍ୟ, ଆକାରରହିତ, ନିତ୍ୟ, ଅସୀମ, ଆକାଶ ପରି ସର୍ବବ୍ୟାପୀ ପରମବ୍ରହ୍ମ ନିର୍ବିକଳ୍ପ ରୂପରେ ବର୍ତ୍ତମାନ ଅଟନ୍ତି । ପୃଥିବୀ ଆଦି ପଞ୍ଚମହାଭୂତ, ଚନ୍ଦ୍ର ସୂର୍ଯ୍ୟ ଆଦି (ନବ)ଗ୍ରହ, (ଅଶ୍ୱନୀ ଆଦି) ତାରାଗଣ, ଦେବତା, ମନୁଷ୍ୟ, ପକ୍ଷୀ ଅଥବା ଅନ୍ୟ ସବୁ ପ୍ରତୀତ ହୁଅନ୍ତି ନାହିଁ । କେବଳ ସତ୍, ଚିତ୍, ଆନନ୍ଦ ସ୍ୱରୂପ ସେହି ବ୍ରହ୍ମରୂପ ଶିବଯୋଗୀରେ 'ତ୍ୱଂ' ଏବଂ 'ଅହଂ' ଆଦି ଭାବନାରେ ଦୃଢ଼ଜ୍ଞାନ (ଅର୍ଥାତ୍ ଭେଦଜ୍ଞାନ) କାହାକୁ ଅନୁଭୂତ ହୋଇଥାଏ ଅର୍ଥାତ୍ କାହାରିକୁ ଅନୁଭୂତ ହୋଇ ନଥାଏ ।। ୬୪-୬୫।।

ଅଥ – 'ଏତଜ୍ଜ୍ଞେୟଂ ନିତ୍ୟମେବାତ୍ମସଂସ୍ଥଂ ନାତଃ ପରଂ ବେଦିତବ୍ୟଂ ଚ କିଞ୍ଚିତ୍'[୩୦୪] ଇତି ଶ୍ୱେତାଶ୍ୱତରଶ୍ରୁତ୍ୟନୁସାରେଣ, 'କେବଳଂ ଜ୍ଞେୟମିତ୍ୟୁକ୍ତଂ ବେଦିତବ୍ୟଂ ଚ କିଞ୍ଚନ' ଇତି ଦେବୀକାଳୋତ୍ତରବଚନାନୁସାରେଣ ଚ ସ୍ୱ ସ୍ୱରୂପଜ୍ଞାନିନସ୍ତ୍ରିପୁଟୀମୟ-ପ୍ରପଞ୍ଚଜ୍ଞାନଂ ନାସ୍ତୀତି ପଞ୍ଚଭିଃ ସୂତ୍ରୈଃ ପ୍ରତିପାଦୟତି –

ଜ୍ଞେୟାଭାବାଦ୍ୱିଶେଷେଣ ଶୂନ୍ୟକଳ୍ପଂ ବିଭାବ୍ୟତେ ।
ଜ୍ଞାତୃଜ୍ଞେୟାଦିଭିଃ ଶୂନ୍ୟଂ ଶୂନ୍ୟଂ ଜ୍ଞାନାଦିଭିର୍ଗୁଣୈଃ ।। ୬୬।।

---

୩୦୪. ଶ୍ୱେ. ଉ., ୧/୧୨

CC-0. Jangamwadi Math Digital Collection.

ଆଦାବନ୍ତେ ଚ ମଧ୍ୟେ ଚ ଶୂନ୍ୟଂ ସର୍ବତ୍ର ସର୍ବଦା ।
ଦ୍ୱିତୀୟେନ ପଦାର୍ଥେନ ଶୂନ୍ୟ ଶୂନ୍ୟଂ ବିଭାବ୍ୟତେ ।। ୬୭ ।।

ଜ୍ଞେୟାଭାବାତ୍ ସକଳବସ୍ତୁବିଷୟକଜ୍ଞାନାଭାବେନ ଜ୍ଞେୟପଦାର୍ଥଶୂନ୍ୟତ୍ୱାତ୍, 'ସଂବିଦେବ ଭଗବତୀ ବିଷୟସମ୍ଭୋଗମେ ଶରଣମ୍' ଇତି ପ୍ରାଭାକରୈରପ୍ୟଙ୍ଗୀକୃତତ୍ୱାତ୍, ଶୂନ୍ୟକଳ୍ପଂ ଜ୍ଞାନମିତି ଶେଷଃ, ବିଭାବ୍ୟତେ । ତସ୍ମାଦ୍ ଜ୍ଞାତୃଜ୍ଞେୟାଦିତ୍ରିପୁଟୀମୟ ପ୍ରପଞ୍ଚଶୂନ୍ୟଂ ଜ୍ଞାନାଦିଭିର୍ଜ୍ଞାନେଚ୍ଛାଗୁଣୈଶ୍ଚ ଶୂନ୍ୟମ୍ ଆଦ୍ୟନ୍ତମଧ୍ୟେଷୁ ସର୍ବତ୍ର ସର୍ବଦା ଶୂନ୍ୟମ୍ । କେନେତ୍ୟତ୍ର ଦ୍ୱିତୀୟେନ ପଦାର୍ଥେନ ଶୂନ୍ୟମିତି । ତସ୍ମାତ୍ ଶୂନ୍ୟଂ ଶୂନ୍ୟଜ୍ଞାନଂ ବିଭାବ୍ୟତେ ।। ୬୬ ୬୭ ।।

– ବିଶେଷ ଭାବରେ ଜ୍ଞେୟର ଅଭାବ ହେବା ହେତୁ ଶୂନ୍ୟ ଜ୍ଞାନର ଅନୁଭବ ହୋଇଥାଏ । ଏହି ଅନୁଭବ ଜ୍ଞାତା, ଜ୍ଞାନ, ଜ୍ଞେୟ ଆଦିରୁ ଶୂନ୍ୟ ତଥା ଜ୍ଞାନ ଇଚ୍ଛା ଆଦି ଗୁଣରୁ ଶୂନ୍ୟ ହୋଇଥାଏ । ଏହା ଆଦି, ମଧ୍ୟ ଓ ଅନ୍ତରେ ସର୍ବତ୍ର ସର୍ବଦା ଶୂନ୍ୟ ହୋଇଥାଏ । ଏହି ଶୂନ୍ୟ (ବ୍ରହ୍ମରୁ ଅତିରିକ୍ତ) ଦ୍ୱିତୀୟ ପଦାର୍ଥରେ ଶୂନ୍ୟ ଅନୁଭୂତ ହୋଇଥାଏ ।। ୬୬-୬୭ ।।

ଅଥ ତତ୍ କିମିତ୍ୟତ୍ରାହ –

କେବଳଂ ସଚ୍ଚିଦାନନ୍ଦପ୍ରକାଶାଦ୍ୱୟଲକ୍ଷଣମ୍ ।
ଶୂନ୍ୟକଳ୍ପଂ ପରାକାଶଂ ପରବ୍ରହ୍ମ ପ୍ରକାଶତେ ।। ୬୮ ।।

କେବଳଂ ସଚ୍ଚିଦାନନ୍ଦପ୍ରକାଶାଦ୍ୱିତୀୟଶୂନ୍ୟଚିହ୍ନମ୍, ଅତଏବ ଶୂନ୍ୟସଦୃଶଂ ପରବ୍ରହ୍ମ ମହାକାଶରୂପଂ ସତ୍ ପ୍ରକାଶତ ଇତ୍ୟର୍ଥଃ ।। ୬୮ ।।

– କେବଳ, ସତ୍, ଚିତ୍, ଆନନ୍ଦ, ପ୍ରକାଶ ଓ ଅଦ୍ୱିତୀୟ ଲକ୍ଷଣବାଲା, ଶୂନ୍ୟ ସଦୃଶ, ପରାକାଶ ପରବ୍ରହ୍ମ ପ୍ରକାଶିତ ହୁଏ ।। ୬୮ ।।

ଅଥୈବଂ ରୂପେ ବ୍ରହ୍ମଣି ତାଦାତ୍ମ୍ୟାପନ୍ନସ୍ୟ ବିକଳ୍ପଜ୍ଞାନୋତ୍ପତ୍ତିର୍ନ ସମ୍ଭବତୀତ୍ୟତ୍ରାହ –

ଶୂନ୍ୟଜ୍ଞାନାଦିସଙ୍କଳ୍ପେ ଶୂନ୍ୟସର୍ବାର୍ଥସାଧନେ ।
ଜ୍ୟୋତିର୍ଲିଙ୍ଗେ ଚିଦାକାରେ ସ୍ୱପ୍ରକାଶେ ନିରୁତ୍ତରେ ।
ଏକୀଭାବମୁପେତସ୍ୟ କଥଂ ଜ୍ଞାନସ୍ୟ ସମ୍ଭବଃ ।। ୬୯ ।।

ଶୂନ୍ୟଜ୍ଞାନେଚ୍ଛାଦିସଙ୍କଳ୍ପବତି ଶୂନ୍ୟସର୍ବାର୍ଥସାଧନେ ସ୍ୱସ୍ମାଦୁତ୍ତରରହିତେ ପରମଶିବଲିଙ୍ଗଜ୍ୟୋତିରୂପଚିଦାକାରସ୍ୱପ୍ରକାଶେ ଏକୀଭାବଂ ଗତସ୍ୟ ଶିବଯୋଗିନୋ ଜ୍ଞାନସ୍ୟ ସମ୍ଭବୋ ବୃତ୍ତିଜ୍ଞାନାବିର୍ଭାବଃ କଥଂ ସ୍ୟାତ୍ ? ନ କଥଞ୍ଚିଦପୀତ୍ୟର୍ଥଃ ।। ୬୯ ।।

– ଯିଏ ଜ୍ଞାନ ଆଦି ସଂକଳ୍ପ ଶୂନ୍ୟ, ସମସ୍ତ ପୁରୁଷାର୍ଥ ସାଧନରୁ ରହିତ, ନିରୁତ୍ତର (ସର୍ବୋପରି) ଚିତ୍‌ସ୍ୱରୂପ, ସ୍ୱପ୍ରକାଶ ଜ୍ୟୋତିର୍ଲିଙ୍ଗ ସହିତ ଏକ ହୁଏ, ତା'ର ଜ୍ଞାନ କେଉଁଠାରୁ ହେବ ? (କାରଣ ସେ ନିଜେ ଜ୍ଞାନ ସ୍ୱରୂପ ହୋଇଯାଏ) ।। ୬୯ ।।

CC-0. Jangamwadi Math Digital Collection.

ଅଥ – 'ନେତି ନେତ୍ୟସ୍ଥୂଲମନଣ୍ୱହ୍ରସ୍ୱମଦୀର୍ଘମପ୍ଲୁତମ୍'[୩୦୫] ଇତି ବୃହଦାରଣ୍ୟ-ଶ୍ରୁତ୍ୟନୁସାରେଣ –

ଅନାଖ୍ୟେ ତୁ ନିରାଲମ୍ବେ ହ୍ୟଗ୍ରାହ୍ୟେ ଭାବବର୍ଜିତେ ।
ନିସ୍ତତ୍ତ୍ୱେ ଯୋଜିତୋ ମୁକ୍ତ ଇତି ଶାସ୍ତ୍ରସ୍ୟ ନିଶ୍ଚୟଃ ।।

ଇତି ନିଶ୍ୱାସକାରିକାତନ୍ତ୍ରାନୁସାରେଣ,

ପଶୁପଶୁପତିଯୋଗୋ ଦୃଗ୍ୟୁଗୈକ୍ୟପ୍ରୟୋଗୋ
ଗଗନଗଗନଦେଶଃ ସିନ୍ଧୁ ସିନ୍ଧୁ ପ୍ରଦେଶଃ ।
ସମସମରସରୂପୋ ଭିନ୍ନଭିନ୍ନସ୍ୱରୂପୋ ନିଶି
ସମରସକାନ୍ତାବଲ୍ଲଭାଶ୍ଳେଷକାନ୍ତଃ ।।

ଇତି ତ୍ରୟୀତନ୍ତ୍ରଯୁକ୍ତିଯୁକ୍ତାଭିଯୁକ୍ତୋକ୍ତ୍ୟନୁସାରେଣ ଚ ପରମୁକ୍ତଲକ୍ଷଣମୁକ୍ତ୍ୱା ଜ୍ଞାନଶୂନ୍ୟସ୍ଥଳଂ ସମାପୟତି –

ଯସ୍ୟ କାର୍ଯ୍ୟଦଶା ନାସ୍ତି କାରଣତ୍ୱମଥାପି ବା ।
ଶେଷତ୍ୱଂ ନୈବ ଶେଷିତ୍ୱଂ ସ ମୁକ୍ତଃ ପର ଉଚ୍ୟତେ ।। ୭୦ ।।

ଯସ୍ୟ ସର୍ବଂ ନେତି ନେତି ନିବାର୍ଯ୍ୟ ତତ୍ତ୍ୱାତୀତସ୍ୟ ସ୍ୱସ୍ୱରୂପସମ୍ପନ୍ନସ୍ୟ କାର୍ଯ୍ୟାବସ୍ଥା ନାସ୍ତି, ଅଥାପି ବା ତନ୍ନ ଚେଦ୍ କାରଣତ୍ୱଂ ଚ ନାସ୍ତି, ଯସ୍ୟ ପରବ୍ରହ୍ମପରଶିବଲିଙ୍ଗାଦି-ପର୍ଯ୍ୟାୟନାମୋଚ୍ଚାରବତଃ ସ୍ୱସ୍ୱରୂପସମ୍ପନ୍ନସ୍ୟ ଶେଷତ୍ୱମ୍ ଅବଶେଷତ୍ୱଂ ଶେଷିତ୍ୱଂ ଶେଷବତ୍ତ୍ୱଂ ଚ ନାସ୍ତି, ସ ନିତ୍ୟପରିପୂର୍ଣ୍ଣଃ ସଚ୍ଚିଦାନନ୍ଦସ୍ୱରୂପପରମୁକ୍ତ ଏବେତ୍ୟୁଚ୍ୟତ ଇତ୍ୟର୍ଥଃ । ଅୟଂ ଭାବଃ – 'ଅନୀଶଶ୍ଚାତ୍ମା ବଧ୍ୟତେ ଭୋକ୍ତୃଭାବାଦ୍ ଜ୍ଞାତ୍ୱା ଦେବଂ ମୁଚ୍ୟତେ ସର୍ବପାଶୈଃ'[୩୦୬] ଇତି ଶ୍ୱେତାଶ୍ୱତରଶ୍ରୁତ୍ୟା 'ପାଶବଦ୍ଧୋ ଭବେଜ୍ଜୀବଃ ପାଶମୁକ୍ତଃ ପରଃ ଶିବଃ' ଇତି ବୀରାଗମବଚନେନ, ଦେଶିକୋପଦେଶେନ, ସ୍ୱାନୁଭବେନ[୩୦୭] ଚ ମାୟାମଳବିନ୍ଦୁ ତିରୋଭାବକର୍ମପାଶବିମୁକ୍ତପରଶିବଶବ୍ଦବାଚ୍ୟସ୍ୱରୂପାଭି-ବ୍ୟକ୍ତିରେବ ପରମୁକ୍ତିରିତି । ଏତଲ୍ଲିଙ୍ଗତ୍ରୟଂ ଶିବଲିଙ୍ଗୈକ୍ୟସ୍ୟାଙ୍ଗତ୍ରୟସ୍ୟ କ୍ରମେଣ ସଂଯୋଜନୀୟମ୍।। ୭୦ ।।

– ଯାହାର କାର୍ଯ୍ୟାବସ୍ଥା ନାହିଁ କି କାରଣାବସ୍ଥା ନାହିଁ, ଯିଏ ଶେଷ (ଅଙ୍ଗ) ନୁହେଁ କି ଶେଷୀ (ଅଙ୍ଗୀ) ନୁହେଁ, ସେ ପରମୁକ୍ତ (ଶ୍ରେଷ୍ଠ ମୁକ୍ତ) ଅଟେ ।। ୭୦ ।।

ଇତି ଜ୍ଞାନଶୂନ୍ୟସ୍ଥଳମ୍

---

୩୦୫. ବୃ. ଉ., ୩/୯/୨୬
୩୦୬. ଶ୍ୱେ. ଉ., ୧/୮
୩୦୭. ତୁଳନୀୟ – ଶାସ୍ତ୍ରତଃ ଗୁରୁତଃ ସ୍ୱତଃ (ତଂ. ଆ.)

CC-0. Jangamwadi Math Digital Collection.

ଅଥୋପଦେଶୋପସଂହାରବର୍ଣ୍ଣନମ୍

ଅଥୈତଚ୍ଛାସ୍ତ୍ରସଂଗ୍ରହକୃଚ୍ଛିବାଚାର୍ଯ୍ୟଃ ସ୍ୱଶିଷ୍ୟପ୍ରଶିଷ୍ୟାନ୍ ପ୍ରତ୍ୟେତଚ୍ଛାସ୍ତ୍ରୋପରମଂ ସୂଚୟନ୍ ରେଣୁକଗଣେଶ୍ୱରୋ ନିରୁତ୍ତରଃ ସନ୍ ତୂଷ୍ଣୀଂ ସ୍ଥିତ ଇତି ସୂତ୍ରଦ୍ୱୟେନ କଥୟତି –

ଏତାବଦୁକ୍ତ୍ୱା ପରମପ୍ରବୋଧମଦ୍ୱୈତମାନନ୍ଦଶିବପ୍ରକାଶମ୍ ।
ଦେବ୍ୟୈ ପୁରା ଭାଷିତମୀଶ୍ୱରେଣ ତୂଷ୍ଣୀମଭୂଦ୍ ଧ୍ୟାନପରୋ ଗଣେନ୍ଦ୍ରଃ ।। ୭୧ ।।

ଗଣେନ୍ଦ୍ରୋ ରେଣୁକଗଣେଶ୍ୱରଃ ପରମେଶ୍ୱରେଣ ଦେବ୍ୟୈ ପାର୍ବତ୍ୟୈ ପୁରା ରହସ୍ୟଂ ସଦ୍‌ଭାଷିତଂ ଶିବାନନ୍ଦପ୍ରକାଶକଂ ଶିବାଦ୍ୱୈତରୂପଂ ପରମପ୍ରବୋଧମ୍ ଉପକ୍ରମୋପସଂହାରମଧ୍ୟପରାମର୍ଶେଷ୍ୱପି ସ୍ୱସ୍ୱରୂପପ୍ରକାଶକପିଣ୍ଡାଦିବୃତ୍ତିଜ୍ଞାନଶୂନ୍ୟାନ୍ତବୀରଶୈବଶାସ୍ତ୍ରମେତାବଦନେନ ପ୍ରକାରେଣୋକ୍ତ୍ୱା କୁମ୍ଭସମ୍ଭବାୟୋପଦିଶ୍ୟ ସ୍ୱସ୍ୱରୂପଧ୍ୟାନାସକ୍ତଃ ସନ୍ ତୂଷ୍ଣୀମଭୂଦ୍ ମୌନମୁଦ୍ରାବଲମ୍ବୀ ବଭୂବେତ୍ୟର୍ଥଃ ।। ୭୧ ।।

– (ଉପଦେଶୋପସଂହାର ବର୍ଣ୍ଣନ) – ଗଣେଶ୍ୱର ରେଣୁକାଚାର୍ଯ୍ୟ ଈଶ୍ୱର (ଶିବ)ଙ୍କଦ୍ୱାରା ପ୍ରଥମେ ଦେବୀ ପାର୍ବତୀଙ୍କୁ ଗୁପ୍ତ ରୂପରେ ଉପଦିଷ୍ଟ ଅଦ୍ୱୈତ ଆନନ୍ଦ ଶିବ ପ୍ରକାଶ କରୁଥିବା ପରମ ପ୍ରବୋଧ ଅର୍ଥାତ୍ ଉତ୍ତମ ଜ୍ଞାନର ଏହିପରି ଏବଂ ଏତିକି ଉପଦେଶ ଦେଇ ଧ୍ୟାନସ୍ଥ ହୋଇ ମୌନ ହୋଇଗଲେ ।। ୭୧ ।।

ଏବମୁକ୍ତ୍ୱା ସମାସୀନଂ ଶିବଯୋଗପରାୟଣମ୍ ।
ରେଣୁକଂ ତଂ ସମାଲୋକ୍ୟ ବଭାଷେ ପ୍ରାଞ୍ଜଳିର୍ମୁନି ।। ୭୨ ।।

ବଭାଷେ ସ୍ତୁତିମାରବ୍ଧବାନିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୭୨ ।।

– ଏହିପରି କହି (ଆସନ ଉପରେ) ବିରାଜମାନ ଶିବଯୋଗୀ ସେହି ରେଣୁକାଚାର୍ଯ୍ୟଙ୍କୁ ଦେଖି ଅଗସ୍ତ୍ୟମୁନି ହାତ ଜୋଡ଼ି କରି କହିଲେ ।। ୭୨ ।।

ଅଥ ସପ୍ତଭିଃ ସୂତ୍ରୈଃ ଶ୍ରୀରେଣୁକସ୍ତୁତିଂ କରୋତ୍ୟଗସ୍ତ୍ୟ ଉବାଚେତି –

ଶିବଯୋଗବିଶେଷଜ୍ଞ ଶିବଜ୍ଞାନମହୋଦଧେ ।
ସମସ୍ତବେଦଶାସ୍ତ୍ରାଦିବ୍ୟବହାରଧୁରନ୍ଧର ।। ୭୩ ।।
ଆଲୋକମାତ୍ରନିର୍ଧୂତ ସର୍ବସଂସାରବନ୍ଧନ ।
ସ୍ୱଚ୍ଛନ୍ଦଚରିତୋଲ୍ଲାସ ସ୍ୱପ୍ରକାଶାତ୍ମବଚ୍ଛିବ ।। ୭୪ ।।
ଅବତୀର୍ଣ୍ଣମିଦଂ ଶାସ୍ତ୍ରମନବଦ୍ୟଂ ତ୍ୱଦାନନାତ୍ ।
ଶ୍ରୁତ୍ୱା ମେ ମୋଦତେ ଚିତ୍ତଂ ଜ୍ୟୋତିଃ ପଶ୍ୟେ ଶିବାଭିଧମ୍ ।। ୭୫ ।।

ଶିବଧ୍ୟାନଯୋଗବିଶେଷଜ୍ଞ, ଶିବଜ୍ଞାନସ୍ୟ ସମୁଦ୍ର, ସମସ୍ତବେଦାଗମପୁରାଣାଦି ଶାସ୍ତ୍ରବ୍ୟବହାରଭାରବାହକ, ଦର୍ଶନମାତ୍ରନିବାରିତସମସ୍ତଜନସଂସାରବନ୍ଧ, ସ୍ୱେଚ୍ଛାଚାରା-

CC-0. Jangamwadi Math Digital Collection.

ର୍ଭାବ, ସ୍ୱପ୍ରକାଶେନୈବ ଚୈତନ୍ୟବଚ୍ଛିବସ୍ୱରୂପ, ଭୋ ଗଣେନ୍ଦ୍ର, ତ୍ୱନ୍ମୁଖାଦାବିର୍ଭୂତଂ ଦୋଷରହିତମିଦଂ ବୀରଶୈବଶାସ୍ତ୍ରଂ ଶ୍ରୁତ୍ୱା ମେ ମନୋ ନନ୍ଦତି ଶିବପ୍ରକାଶଂ ପଶ୍ୟେ ।। ୭୩-୭୫ ।।

– ହେ ଶିବଯୋଗର ବିଶେଷଜ୍ଞ, ହେ ଶିବଜ୍ଞାନର ମହାସାଗର, ହେ ସମସ୍ତ ବେଦଶାସ୍ତ୍ରାଦି ବ୍ୟବହାରର ଧୁରନ୍ଧର, ହେ ଆଲୋକମାତ୍ରରେ ଅପବାରିତ ସମସ୍ତ ସଂସାର ରୂପ ବନ୍ଧନଯୁକ୍ତ, ହେ ସ୍ୱଚ୍ଛନ୍ଦଚରିତରେ ଉଲ୍ଲାସଯୁକ୍ତ, ହେ ସ୍ୱପ୍ରକାଶରୂପ ଶିବ, ଆପଣଙ୍କ ମୁଖ ନିଃସୃତ ଏହି ନିର୍ମଳଶାସ୍ତ୍ରକୁ ଶୁଣି କରି ମୋର ଚିତ୍ତ ଆନନ୍ଦରେ ପୂର୍ଣ୍ଣ ହୋଇଛି । ମୁଁ ଶିବ ନାମକ ଜ୍ୟୋତିର ସାକ୍ଷାତ୍କାର କରୁଛି ।। ୭୩-୭୫ ।।

ଅଦ୍ୟ ମେ ସଫଳଂ ଜନ୍ମ ଗତୋ ମେ ଚିତ୍ତବିଭ୍ରମଃ ।
ସଞ୍ଜାତା ପାଶବିଚ୍ଛିତ୍ତିସ୍ତପାଂସି ଫଳିତାନି ମେ ।। ୭୬ ।।

'ଅଦ୍ୟ ମେ' ଇତି ସର୍ବତ୍ର ସମ୍ବନ୍ଧଃ ।। ୭୬ ।।

– ଆଜି ମୋର ଜନ୍ମ ସଫଳ ହୋଇଗଲା । ମୋର ମନର ସନ୍ଦେହ ଦୂର ହୋଇଗଲା । ପାଶ (ବନ୍ଧନ) କଟିଗଲା ଏବଂ ମୋର ତପସ୍ୟା ଫଳୀଭୂତ ହେଲା ।। ୭୬ ।।

ଇଦାନୀମେବ ମେ ଜାତଂ ମୁନିରାଜୋତ୍ତମୋତ୍ତମମ୍ ।
ଇତଃ ପରଂ ମୟା ନାସ୍ତି ସଦୃଶୋ ଭୁବନତ୍ରୟେ ।। ୭୭ ।।

ମୁନୀଶ୍ୱରାଣାମ୍ ଋଷିଶ୍ରେଷ୍ଠାନାଂ ଉତ୍ତମୋତ୍ତମତ୍ୱମିତ୍ୟର୍ଥଃ, ଧର୍ମଧର୍ମିଣୋରଭେଦାତ୍ । ଶିଷ୍ଟଂ ସ୍ୱଷ୍ଟମ୍ ।। ୭୭ ।।

– ଏହି ସମୟରେ (ଏବେ) ମୋଠାରେ ମୁନିଶ୍ରେଷ୍ଠତା ଆସିଛି । ଏହାପରେ ତିନି ଭୁବନରେ ମୋ ପରି କେହି ନାହିଁ ।। ୭୭ ।।

ଶାସ୍ତ୍ରଂ ତବ ମୁଖୋଦ୍‌ଗୀର୍ଣ୍ଣଂ ଶିବାଦ୍ୱୈତପରମ୍ପରମ୍ ।
ମାଂ ବିନା କସ୍ୟ ଲୋକେଷୁ ଶ୍ରୋତୁମସ୍ତି ତପଃ ଶୁଭମ୍ ।। ୭୮ ।।
ତପସାଂ ପରିପାକେନ ଶଙ୍କରସ୍ୟ ପ୍ରସାଦତଃ ।
ଆଗତସ୍ତ୍ୱଂ ମହାଭାଗ ମାଂ କୃତାର୍ଥୟିତୁଂ ଗିରା ।। ୭୯ ।।

ଉଦ୍‌ଗୀର୍ଣ୍ଣଂ ବହିର୍ନିର୍ଗତମିତ୍ୟର୍ଥଃ । ଶାସ୍ତ୍ରଂ ବୀରଶୈବଶାସ୍ତ୍ରମ୍ । ମହାଭାଗ ଶ୍ରେଷ୍ଠେତ୍ୟର୍ଥଃ । ଶିଷ୍ଟଂ ସ୍ୱଷ୍ଟମ୍ ।। ୭୮-୭୯ ।।

– ଆପଣଙ୍କ ମୁଖନିସୃତ ଶିବାଦ୍ୱୟପରମ୍ପରାର ଶୁଭଶାସ୍ତ୍ରକୁ ଶୁଣିବା ପାଇଁ ମୋ ବିନା ଆଉ କାହାର ତପସ୍ୟା ହୋଇପାରିବ ।। ୭୮ ।।

CC-0. Jangamwadi Math Digital Collection.

– ହେ ମହାଭାଗ, ମୋର ତପସ୍ୟାର ପରିପାକରୁ ଶଙ୍କରଙ୍କର କୃପା ହେତୁ ଆପଣ ନିଜର ବାଣୀରେ ମତେ କୃତକୃତ୍ୟ କରିବା ପାଇଁ ଆସିଛନ୍ତି ।। ୭୯ ।।

ଅଥ ସଂଗ୍ରହକୃଚ୍ଛିବାଚାର୍ଯ୍ୟଃ କୁମ୍ଭସମ୍ଭବଂ ଶ୍ରୀରେଣୁକଃ ସ୍ତୁତିଂ କୃତବାନିତ୍ୟାହ –

ଇତି ସ୍ତୁବନ୍ତଂ ବିନୟାଦଗସ୍ତ୍ୟଂ ମୁନିପୁଙ୍ଗବମ୍ ।
ଆଲୋକ୍ୟ କରୁଣାଦୃଷ୍ଟ୍ୟା ବଭାଷେ ସ ଗଣେଶ୍ୱରଃ ।। ୮୦ ।।

ବିନୟାଦ୍ ଭକ୍ତେତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୮୦ ।।

– ଏହିପରି ବିନୟପୂର୍ବକ ସ୍ତୁତି କରି ମୁନିଶ୍ରେଷ୍ଠ ଅଗସ୍ତ୍ୟଙ୍କୁ କୃପାମୟୀ ଦୃଷ୍ଟିରେ ଦେଖି ଗଣେଶ୍ୱର ରେଣୁକାଚାର୍ଯ୍ୟ କହିଲେ ।। ୮୦ ।।

ଅଗସ୍ତ୍ୟ ମୁନିଶାର୍ଦ୍ଦୂଳ ତପଃସିଦ୍ଧମନୋରଥ ।
ତ୍ୱାଂ ବିନା ଶିବାଶାସ୍ତ୍ରସ୍ୟ କଃ ଶ୍ରୋତୁମଧିକାରବାନ୍ ।। ୮୧ ।।

ଏକୋତ୍ତରଶତଂ ପ୍ରୋକ୍ତା ଦୀକ୍ଷାଭେଦା ମୟା ପୁରା ।
ଦୀକ୍ଷିତସ୍ତାସୁ ଗୁରୁଣା ଭକ୍ତୋଽସ୍ମିନ୍ନଧିକାରବାନ୍ ।।

ଇତି ଯୋଗଜାଗମବଚନାଦ୍ ଅସ୍ମିନ୍ ଶାସ୍ତ୍ରେ ତ୍ୱାଂ ବିନା ଅଧିକାରୀ ନାସ୍ତୀତ୍ୟର୍ଥଃ ।। ୮୧ ।।

– ହେ ତପସ୍ୟାଦ୍ୱାରା ସିଦ୍ଧମନୋରଥବାଲା ମୁନିଶ୍ରେଷ୍ଠ ଅଗସ୍ତ୍ୟ, ଆପଣଙ୍କ ବିନା ଶିବଶାସ୍ତ୍ରକୁ ଶୁଣିବାର ଅଧିକାରୀ ଅନ୍ୟ କିଏ ହୋଇପାରିବ ? ।। ୮୧ ।।

ପାତ୍ରଂ ଶିବପ୍ରସାଦସ୍ୟ ଭବାନେକୋ ନ ଚାପରଃ ।
ଇତି ନିଶ୍ଚିତ୍ୟ କଥିତଂ ମୟା ତେ ତନ୍ତ୍ରମୀଦୃଶମ୍ ।। ୮୨ ।।

ଈଦୃଶଂ ବୀରଶୈବତନ୍ତ୍ରମିତ୍ୟର୍ଥଃ ।। ୮୨ ।।

– ଶିବଙ୍କର କୃପାର ପାତ୍ର କେବଳ ଆପଣ ହିଁ ଅଟନ୍ତି, ଅନ୍ୟ କେହି ନୁହଁନ୍ତି – ଏହିପରି ନିଶ୍ଚୟ କରି ମୁଁ ଏହିପରି ତନ୍ତ୍ରକୁ ଆପଣଙ୍କୁ ଉପଦେଶ ଦେଲି ।। ୮୨ ।।

ସ୍ଥାପ୍ୟତାଂ ସର୍ବଲୋକେଷୁ ତନ୍ତ୍ରମେତଦ୍ ତ୍ୱୟା ମୁନେ ।
ଈଦୃଶଂ ଶିବବୋଧସ୍ୟ ସାଧନଂ ନାସ୍ତି କୁତ୍ରଚିଦ୍ ।। ୮୩ ।।

ସ୍ପଷ୍ଟମ୍ ।। ୮୩ ।।

– ହେ ମୁନି ! ଆପଣ ଏହି ତନ୍ତ୍ରକୁ ସବୁ ଲୋକରେ ପ୍ରଚାର, ପ୍ରସାର ଓ ସ୍ଥାପନ କରନ୍ତୁ । ଶିବଜ୍ଞାନର ଏପରି ସାଧନ କେଉଁଠାରେ ନାହିଁ ।। ୮୩ ।।

ରହସ୍ୟମେତଦ୍ ସର୍ବଜ୍ଞଃ ସର୍ବାନୁଗ୍ରାହକଃ ଶିବଃ ।
ଅବାଦୀଦ୍ ସର୍ବଲୋକାନାଂ ସିଦ୍ଧୟେ ପାର୍ବତୀପତିଃ ।। ୮୪ ।।

CC-0. Jangamwadi Math Digital Collection.

ସିଦ୍ଧୟେ ଭୋଗମୋକ୍ଷସିଦ୍ଧୟ ଇତ୍ୟର୍ଥଃ । ଏତଦ୍ରହସ୍ୟଂ ବୀରଶୈବରହସ୍ୟ-ମିତ୍ୟର୍ଥଃ। ଶିଷ୍ଟଂ ସ୍ପଷ୍ଟମ୍ ।।୮୪।।

– ସର୍ବଜ୍ଞ, ସର୍ବାନୁଗ୍ରହକର୍ତ୍ତା, ପାର୍ବତୀପତି ଶିବ ସମସ୍ତ ଲୋକଙ୍କର ସିଦ୍ଧି ପାଇଁ ଏହି ରହସ୍ୟକୁ (ତନ୍ତ୍ରୋପନିଷଦ୍ କୁ) ବତାଇଲେ ।।୮୪।।

ତଦିଦଂ ଶିବସିଦ୍ଧାନ୍ତସାରାଣାମୁତ୍ତମୋତ୍ତମମ୍ ।
ବେଦବେଦାନ୍ତସର୍ବସ୍ୱଂ ବିଦ୍ୟାଚାରପ୍ରବର୍ତ୍ତକମ୍ ।।୮୫।।
ବୀରମାହେଶ୍ୱରଗ୍ରାହ୍ୟଂ ଶିବାଦ୍ୱୈତପ୍ରକାଶକମ୍ ।
ପରୀକ୍ଷିତେଭ୍ୟୋ ଦାତବ୍ୟଂ ଶିଷ୍ୟେଭ୍ୟୋ ନାନ୍ୟଥା କ୍ୱଚିତ୍ ।।୮୬।।

ତଦିଦଂ ବୀରଶୈବଷଡ୍ସ୍ଥଲଶିବଯୋଗମାର୍ଗପ୍ରତିପାଦକଂ ତଦିଦଂ ଶାସ୍ତ୍ରଂ କାମିକାଦିବାତୁଲାନ୍ତାଷ୍ଟାବିଂଶତିଦିବ୍ୟାଗମସାରାଣାମୁତ୍ତମୋତ୍ତମଂ ଚତୁର୍ବେଦଦ୍ୱାତ୍ରିଂଶଦୁ-ପନିଷଦ୍ସର୍ବସ୍ୱଂ ଜ୍ଞାନକ୍ରିୟାପ୍ରକାଶକଂ ବୀରମାହେଶ୍ୱରୈରଙ୍ଗୀକରଣୀୟଂ ପରଶିବାଦ୍ୱୈତ-ପ୍ରତିପାଦକମିଦଂ ଶାସ୍ତ୍ରମ୍ 'ତାବତ୍ୟଃ ସଂହିତା ଅନ୍ତେବାସିନେ ବ୍ରୂୟାନ୍ନାସଂବତ୍ସରବାସିନେ ନ ପ୍ରବକ୍ତୟିତାଚାର୍ଯ୍ୟଃ' ଇତ୍ୟୈତରେୟଶ୍ରୁତେଃ –

ଭକ୍ତସ୍ୟୈବାତ୍ମଶିଷ୍ୟସ୍ୟ ବିରକ୍ତସ୍ୟ ମହାମତେଃ ।
ଗୁରୁଣା ଜ୍ଞାନିନା ଦେୟମାନନ୍ଦରସନିର୍ଭରମ୍ ।।

ଇତି ଯୋଗଜାଗମବଚନାଚ୍ଚ ପରୀକ୍ଷିତେଭ୍ୟଃ ଶିଷ୍ୟେଭ୍ୟୋ ଦେୟମ୍, ଅନଧିକାରିଣେ ନ ବ୍ରୂୟାଦିତି ଭାବଃ ।।୮୫-୮୬।।

– ଅଠେଇଶି ଶୈବାଗମତତ୍ତ୍ୱରେ ଉତ୍ତମ, ବେଦ ଏବଂ ବେଦାନ୍ତର ସର୍ବସ୍ୱ, ବିଦ୍ୟାଚାରର ପ୍ରବର୍ତ୍ତକ, ବୀରମାହେଶ୍ୱରଙ୍କ ଦ୍ୱାରା ସ୍ୱୀକାର୍ଯ୍ୟ, ଶୈବାଦ୍ୱୈତର ପ୍ରକାଶକ, ଏହି ଶାସ୍ତ୍ର ପରୀକ୍ଷିତ ଶିଷ୍ୟଙ୍କୁ ହିଁ ଦେବା ଉଚିତ୍ । ଅନ୍ୟ ପ୍ରକାର ଲୋକଙ୍କୁ କେବେ ନୁହେଁ ।।୮୫-୮୬।।

ଏତଚ୍ଛ୍ରବଣମାତ୍ରେଣ ସର୍ବେଷାଂ ପାପସଂକ୍ଷୟଃ ।
ଅବତୀର୍ଣ୍ଣଂ ମୟା ଭୂମୌ ଶାସ୍ତ୍ରସ୍ୟାସ୍ୟ ପ୍ରବୃତ୍ତୟେ ।
ପ୍ରବର୍ତ୍ତୟ ଶିବାଦ୍ୱୈତଂ ତ୍ୱମପି ଜ୍ଞାନମୀଦୃଶମ୍ ।।୮୭।।

ସ୍ପଷ୍ଟମ୍ ।।୮୭।।

– କେବଳ ଏହାକୁ ଶୁଣିଲେ ସବୁ ଲୋକଙ୍କର ପାପ କ୍ଷୟ ହୋଇଥାଏ। ଏହି ଶାସ୍ତ୍ରର ପ୍ରବର୍ତ୍ତନ ନିମନ୍ତେ ମୁଁ ଏହି ପୃଥିବୀରେ ଅବତାର ନେଇଛି । ଆପଣ ମଧ୍ୟ ଏହିପରି ଶୈବାଦ୍ୱୈତ ଜ୍ଞାନର ପ୍ରଚାର କରନ୍ତୁ ।।୮୭।।

CC-0. Jangamwadi Math Digital Collection.

ଇତି ଶ୍ରୀମଦ୍‌ଷଟ୍‌ସ୍ଥଳବ୍ରହ୍ମିଣା ଶିବଯୋଗିନାମ୍ନା ରେଣୁକାଚାର୍ଯ୍ୟେଣ ବିରଚିତେ ବୀରଶୈବଧର୍ମନିର୍ଣ୍ଣୟେ ସିଦ୍ଧାନ୍ତଶିଖାମଣୌ ଶିବୈକ୍ୟସ୍ଥଳବିଷୟନବବିଧଲିଙ୍ଗପ୍ରସଙ୍ଗୋ ନାମ ବିଂଶଃ ପରିଚ୍ଛେଦଃ ।। ୨୦ ।।

ଇତି ଶ୍ରୀମଦ୍‌ପଦବାକ୍ୟପ୍ରମାଣପାରାବାରଧୁରୀଣଶ୍ରୀମରିତୋଣ୍ଟଦାର୍ଯ୍ୟେଣ ବିରଚିତାୟାଂ ତତ୍ତ୍ୱପ୍ରଦୀପିକାଖ୍ୟାୟାଂ ସିଦ୍ଧାନ୍ତଶିଖାମଣିବ୍ୟାଖ୍ୟାୟାଂ ଶିବୈକ୍ୟସ୍ଥଳ-ବିଷୟନବବିଧଲିଙ୍ଗପ୍ରସଙ୍ଗୋ ନାମ ବିଂଶଃ ପରିଚ୍ଛେଦଃ ।। ୨୦ ।।

ଏହିପରି ଶ୍ରୀସିଦ୍ଧାନ୍ତଶିଖାମଣିର ଶିବୈକ୍ୟସ୍ଥଳବିଷୟନବବିଧଲିଙ୍ଗପ୍ରସଙ୍ଗ ନାମକ ବିଂଶ ପରିଚ୍ଛେଦର ଆଚାର୍ଯ୍ୟ ରାଧେଶ୍ୟାମଚତୁର୍ବେଦୀକୃତ ଜ୍ଞାନବତୀ ହିନ୍ଦୀ ବ୍ୟାଖ୍ୟାର ଓଡ଼ିଆ ଅନୁବାଦ ସଂପୂର୍ଣ୍ଣ ହେଲା ।। ୨୦ ।।

❖❖❖

CC-0. Jangamwadi Math Digital Collection.

ଏକବିଂଶଃ ପରିଚ୍ଛେଦଃ

ବିଭୀଷଣାଭୀଷ୍ଟଦାନମ୍

ଅଥ ରେବଣସିଦ୍ଧେଶ୍ୱରେଣ କୁମ୍ଭସମ୍ଭବାୟପିଣ୍ଡାଦିବୃତ୍ତିଜ୍ଞାନଶୂନ୍ୟାନ୍ତୋପଦିଷ୍ଟଂ ବୀରଶୈବସଂଗ୍ରହଂ ଶିବଯୋଗିସଂଜ୍ଞକାଚାର୍ଯ୍ୟଃ ସ୍ୱଶିଷ୍ୟପ୍ରଶିଷ୍ୟେଷୁ ପ୍ରଖ୍ୟାତଂ କୃତ୍ୱା ଅନନ୍ତରଂ ରେଣୁକବିଭୀଷଣସଂବାଦଂ ରେବଣସିଦ୍ଧେଶ୍ୱରୈକ୍ୟଂ ଚ ପଞ୍ଚପଞ୍ଚାଶତ୍‌ସୂତ୍ରୈଃ ସଂଗ୍ରହ୍ୟାହ –

ଇତ୍ୟୁକ୍ତ୍ୱା ପଶ୍ୟତସ୍ତସ୍ୟ ପୁରସ୍ତାଦେବ ରେଣୁକଃ ।
ଅନ୍ତର୍ଦଧେ ମହାଦେବଂ ଚିନ୍ତୟନ୍ନନ୍ତରାତ୍ମନା ।। ୧ ।।

ସ୍ପଷ୍ଟମ୍ ।। ୧ ।।

– (ବିଭୀଷଣଙ୍କୁ ଅଭୀଷ୍ଟଦାନ) – ଏହିପରି କହି ରେଣୁକଗଣେଶ୍ୱର ନିଜର ଅନ୍ତରାତ୍ମାରେ ମହାଦେବଙ୍କର ଧ୍ୟାନ କରି ସେହି ଅଗସ୍ତ୍ୟଙ୍କ ସମ୍ମୁଖରେ ଅନ୍ତର୍ହିତ ହୋଇଗଲେ ।। ୧ ।।

ଯ ଇଦଂ ଶିବସିଦ୍ଧାନ୍ତଂ ବୀରଶୈବମତଂ ପରମ୍ ।
ଶୃଣୋତି ଶୁଦ୍ଧମନସା ସ ଯାତି ପରମାଂ ଗତିମ୍ ।। ୨ ।।

ଯଃ ପୁରୁଷୋ ବୀରଶୈବମତମଙ୍ଗଲିଙ୍ଗଷଡ୍‌ସ୍ଥଳରୂପଂ ସଦ୍ ବୀରଶୈବଧର୍ମନିର୍ଣ୍ଣୟ ସମ୍ମତଂ ପରଂ ସର୍ବୋତ୍କୃଷ୍ଟମ୍ ଇଦଂ ଶିବସିଦ୍ଧାନ୍ତଂ ଶ୍ରୁତିସମ୍ମତମେତଚ୍ଛିବସିଦ୍ଧାନ୍ତଂ ଶୁଦ୍ଧମନସା ନିର୍ମଳଚିତ୍ତେନ ଶୃଣୋତି, ସ ପରମାଂ ଗତିଂ ପରମୁକ୍ତିଂ ଯାତୀତ୍ୟର୍ଥଃ ।। ୨ ।।

– ଯିଏ ଏହି ବୀରଶୈବ ଧର୍ମସମ୍ମତ ଶିବସିଦ୍ଧାନ୍ତକୁ ଶୁଦ୍ଧମନରେ ଶୁଣେ, ସେ ପରମଗତିକୁ ପ୍ରାପ୍ତ ହୁଏ ।। ୨ ।।

ଅଥାନ୍ତର୍ହିତୋ ରେଣୁକୋ ଲଙ୍କାଂ ପ୍ରବିଷ୍ଟବାନିତ୍ୟାହ –

ସ୍ୱଚ୍ଛନ୍ଦାଚାରରସିକଃ ସ୍ୱେଚ୍ଛାନିର୍ମିତବିଗ୍ରହଃ ।
ଆସସାଦ ପୁରୀଂ ଲଙ୍କାଂ ରେଣୁକୋ ଗଣନାୟକଃ ।। ୩ ।।

ନିର୍ମଳସ୍ୱେଚ୍ଛାଚାରରସିକ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୩ ।।

– ସ୍ୱଚ୍ଛନ୍ଦ ଆଚରଣରେ ଆନନ୍ଦର ଅନୁଭବ କରୁଥିବା ତଥା ନିଜର ଇଚ୍ଛାନୁସାରେ ଶରୀର ଧାରଣ କରୁଥିବା ଗଣେଶ୍ୱର ରେଣୁକ (ଅନ୍ତର୍ହିତ ହେବା ପରେ) ଲଙ୍କା ପହଞ୍ଚିଗଲେ ।। ୩ ।।

ତମାଗତଂ ମହାଭାଗଂ ସର୍ବାଗମବିଶାରଦମ୍ ।
ବିଭୀଷଣଃ ସମାଲୋକ୍ୟ ଗେହଂ ପ୍ରାବେଶୟନ୍ନିଜମ୍ ।। ୪ ।।

CC-0. Jangamwadi Math Digital Collection.

ମହାଭାଗଃ ଶ୍ରେଷ୍ଠଃ ସର୍ବାଗମବିଶାରଦଃ କାମିକାଦିବାତୁଳାନ୍ତଦିବ୍ୟାଗମକୁଶଳ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୪ ।।

– କାମିକଠାରୁ ବାତୁଳ ପର୍ଯ୍ୟନ୍ତ ସମସ୍ତ ଦିବ୍ୟ ଆଗମରେ ବିଶାରଦ ସେହି ମହାଭାଗ ରେଣୁକାଚାର୍ଯ୍ୟଙ୍କୁ ଆସିଥିବାର ଦେଖି ବିଭୀଷଣ ତାଙ୍କୁ ନିଜ ଘରେ ପ୍ରବେଶ କରାଇଲେ ।। ୪ ।।

ଭଦ୍ରାସନେ ନିଜେ ରମ୍ୟେ ନିବେଶ୍ୟ ଗଣନାୟକମ୍ ।
ଅର୍ଘ୍ୟପାଦ୍ୟାଦିଭିଃ ସର୍ବୈରୁପଚାରୈରପୂଜୟତ୍ ।। ୫ ।।

ନିଜେ ଭଦ୍ରାସନେ ସ୍ୱକୀୟସିଂହାସନେ ଇତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୫ ।।

– ନିଜର ରମଣୀୟ ସିଂହାସନ ଉପରେ ଗଣେଶ୍ୱରଙ୍କୁ ବସାଇ (ବିଭୀଷଣ) ଅର୍ଘ୍ୟପାଦ୍ୟ ଆଦି ସମସ୍ତ ଉପଚାରରେ ତାଙ୍କର ପୂଜା କଲେ ।। ୫ ।।

ପୂଜିତେନ ପ୍ରସନ୍ନେନ ରେଣୁକେନ ନିରୂପିତଃ ।
ନିଷସାଦ ତଦଭ୍ୟାଶେ ସ ନିଜାସନ ମାଶ୍ରିତଃ ।। ୬ ।।

ସ ବିଭୀଷଣଃ ପୂଜାପ୍ରସନ୍ନେନ ଶ୍ରୀରେଣୁକେନାଜ୍ଞାପିତଃ ସନ୍ ତତ୍ସମୀପେ ସ୍ୱକୀୟାସନାନ୍ତରମାଶ୍ରିତବାନ୍ ସନ୍ ନିଷସାଦ ଉପବିଷ୍ଟବାନିତ୍ୟର୍ଥଃ ।। ୬ ।।

– ପୂଜିତ ଅତଏବ ପ୍ରସନ୍ନ ରେଣୁକାଚାର୍ଯ୍ୟଦ୍ୱାରା ଆଦେଶକୁ ପ୍ରାପ୍ତ କରି ସେହି (ବିଭୀଷଣ) ତାଙ୍କ ପାଖରେ ନିଜର ଆସନ ଉପରେ ବସିଲେ ।। ୬ ।।

ଅଥ ବିଭୀଷଣଃ –

ଆବଭାଷେ ଗଣେନ୍ଦ୍ରଂ ତଂ କୃତାଞ୍ଜଳି ବିଭୀଷଣଃ ।
ମାନୁଷାକାରସମ୍ପନ୍ନଂ ସାକ୍ଷାଚ୍ଛିବ ମିବାପରମ୍ ।। ୭ ।।

ବିଭୀଷଣୋ ମାନୁଷାକୃତିଂ ସାକ୍ଷାଦପରଂ ଶିବମିବ ସ୍ଥିତମିତି ଶେଷଃ । ତଂ ଗଣେନ୍ଦ୍ରଂ ରେଣୁକଂ କୃତାଞ୍ଜଳି କୃତମଞ୍ଜଳିପୁଟଂ ଯସ୍ମିନ୍ କର୍ମଣି ଯଥା ଭବତି ତଥା ଆବଭାଷେ ବିଜ୍ଞାପନବଚନଂ ପ୍ରଯୁକ୍ତବାନିତ୍ୟର୍ଥଃ ।। ୭ ।।

– ଏହାପରେ ମନୁଷ୍ୟ ଆକାର ଧାରଣ କରିଥିବା ସାକ୍ଷାତ୍ ଦ୍ୱିତୀୟ ଶିବପରି ସେହି ଗଣେଶ୍ୱରଙ୍କୁ ବିଭୀଷଣ ହାତଯୋଡ଼ି କହିଲେ ।। ୭ ।।

ରେଣୁକ ତ୍ୱଂ ଗଣାଧୀଶ ଶିବଜ୍ଞାନପରାୟଣ ।
ଅବତୀର୍ଣ୍ଣଂ ମହୀମେନାମିତି ସମ୍ୟକ୍ ଶ୍ରୁତଂ ମୟା ।। ୮ ।।

ଭୋ ଶିବଜ୍ଞାନପରାୟଣ ଗଣାଧୀଶ ଶ୍ରୀରେଣୁକ, ତ୍ୱାମେନାଂ ମହୀଂ ଭୂଲୋକଂ ପ୍ରତ୍ୟବତୀର୍ଣ୍ଣଂ ସନ୍ତଂ ମହା ସମ୍ୟଗ୍ ଇତି ଲୋକବାର୍ତ୍ତୟା ଶ୍ରୁତମିତ୍ୟର୍ଥଃ ।। ୮ ।।

CC-0. Jangamwadi Math Digital Collection.

– ହେ ଶିବଜ୍ଞାନପରାୟଣ ଗଣେଶ୍ୱର ରେଣୁକ, ଆପଣ ଏହି ଧରାଧାମ ଉପରେ ଅବତାର ନେଇଛନ୍ତି – ଏହା ମୁଁ ଭଲ ଭାବରେ ଜାଣିଛି ।। ୮ ।।

ମଦ୍‌ଭାଗ୍ୟଗୌରବାଦଦ୍ୟ ସମାୟାସ୍ତ୍ୱଂ ପୁରୀମିମାମ୍ ।
କଥଂ ଭାଗ୍ୟବିହୀନାନାଂ ସୁଲଭାଃ ସ୍ୟୁର୍ଭବାଦୃଶାଃ ।। ୯ ।।

ସ୍ପଷ୍ଟମ୍ ।। ୯ ।।

– ମୋର ମହାଭାଗ୍ୟରୁ ଆଜି ଆପଣ ଏହି ନଗରୀରେ (ଲଙ୍କାରେ) ଆସିଛନ୍ତି। ଭାଗ୍ୟହୀନ ଲୋକଙ୍କୁ ଆପଣଙ୍କ ପରି ଲୋକ କିପରି ସୁଲଭ ହୋଇପାରିବେ ? ।। ୯ ।।

ମତ୍‌ସମୋ ନାସ୍ତି ଲୋକେଷୁ ଭାଗ୍ୟାତିଶୟବତ୍ତୟା ।
ଯସ୍ୟ ଗେହଂ ସ୍ୱୟଂ ପ୍ରାପ୍ତୋ ଭବାନ୍ ସାକ୍ଷାନ୍ମହେଶ୍ୱରଃ ।। ୧୦ ।।

ଭୋ ରେଣୁକ, ଭୂଲୋକଗତପ୍ରତ୍ୟକ୍ଷମହେଶ୍ୱରୋ ଭବାନ୍ ସ୍ୱୟମେବ ଯସ୍ୟ ମେ ରାଜାଲୟଂ ପ୍ରାପ୍ତୋଽସି, ତତୋ ଭାଗ୍ୟାତିଶୟତ୍ତ୍ୱେନ ଲୋକେଷୁ ମତ୍ସମଃ କୋଽପି ନାସ୍ତୀତ୍ୟର୍ଥଃ ।। ୧୦ ।।

– ଏହି ସଂସାରରେ ମୋ ପରି ଅତିଶୟ ଭାଗ୍ୟଶାଳୀ କେହି ନାହିଁ, ଯାହାଙ୍କ ଘରେ ସାକ୍ଷାତ୍ ମହେଶ୍ୱର ସ୍ୱରୂପ ଆପଣ ସ୍ୱୟଂ ଆସିଛନ୍ତି ।। ୧୦ ।।

ଅଥ ନ ତାବନ୍ମାତ୍ରମିତ୍ୟତ୍ରାହ –

କୃତାର୍ଥା ମେ ପୁରୀ ହ୍ୟେଷା କୃତାର୍ଥୋ ରାକ୍ଷସାନ୍ୱୟଃ ।
ଜୀବିତଂ ଚ କୃତାର୍ଥଂ ମେ ଯସ୍ୟ ତ୍ୱଂ ଦୃଷ୍ଟିଗୋଚରଃ ।। ୧୧ ।।

ଭୋ ରେଣୁକ, ତ୍ୱଂ ଯସ୍ୟ ମେ ଦୃଷ୍ଟିଗୋଚରଃ, ତସ୍ମାତ୍ ମେ ମମୈଷା ଲଙ୍କାପୁରୀ କୃତାର୍ଥେତ୍ୟାଦି ।। ୧୧ ।।

– ଯାହାଙ୍କର ସମ୍ମୁଖରେ ଆପଣ ଦେଖା ଯାଉଛନ୍ତି, ତାହା ମୋର ଲଙ୍କାପୁରୀ ଏବଂ ଏହି ରାକ୍ଷସକୁଳ ତଥା ମୋର ଜୀବନ (ଆଜି) କୃତକୃତ୍ୟ ହୋଇଗଲା ।। ୧୧ ।।

ଇତି ବ୍ରୁବାଣଂ କଲ୍ୟାଣଂ ରାକ୍ଷସେନ୍ଦ୍ରଂ ଗଣେଶ୍ୱରଃ ।
ବଭାଷେ ସସ୍ମିତୋ ବାଣୀଂ ବିଶ୍ୱୋଲ୍ଲାସକରୀଂ ଶୁଭାମ୍ ।। ୧୨ ।।

ସସ୍ମିତଃ ମନ୍ଦସ୍ମିତେନ ଯୁକ୍ତଃ ସନ୍ନିତ୍ୟର୍ଥଃ । ବିଶ୍ୱୋଲ୍ଲାସକରୀଂ ସର୍ବେଷାମାନନ୍ଦକରୀମିତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୧୨ ।।

– ଏହିପରି କହୁଥିବା କଲ୍ୟାଣଯୁକ୍ତ ରାକ୍ଷସେନ୍ଦ୍ରକୁ ଗଣେଶ୍ୱର ମନ୍ଦହାସ ସହିତ ବିଶ୍ୱୋଲ୍ଲାସକାରିଣୀ ଶୁଭ ବାଣୀ କହିଲେ ।। ୧୨ ।।

ଅଥ ତତ୍‌ପ୍ରକାରଂ ଚତୁର୍ଭି ଶ୍ଳୋକୈର୍ବର୍ଣ୍ଣୟତି –

CC-0. Jangamwadi Math Digital Collection.

ବିଭୀଷଣ ମହାଭାଗ ଜାନେ ତ୍ୱାଂ ଧର୍ମକୋବିଦମ୍ ।
ତ୍ୱାଂ ବିନା କସ୍ୟ ଲୋକେଷୁ ଜାୟତେ ଭକ୍ତିରୀଦୃଶୀ ।। ୧୩।।

ସ୍ପଷ୍ଟମ୍ ।। ୧୩।।

– ହେ ମହାଭାଗ ବିଭୀଷଣ, ଆପଣଙ୍କୁ ମୁଁ ଧର୍ମଜ୍ଞ ଭାବରେ ଜାଣିଛି । ଏହି ଲୋକରେ ଆପଣଙ୍କ ବ୍ୟତୀତ ଆଉ କାହା ପାଖରେ ଏହିପରି ଭକ୍ତି ହୋଇପାରିବ ।। ୧୩।।

ସମସ୍ତଶାସ୍ତ୍ରସାରଜ୍ଞଂ ସର୍ବଧର୍ମପରାୟଣମ୍ ।
ଅଧ୍ୟାତ୍ମବିଦ୍ୟାନିରତମାହୁସ୍ତ୍ୱାଂ ରାକ୍ଷସେଶ୍ୱର ।। ୧୪।।

ଭୋ ବିଭୀଷଣ ! ତ୍ୱାଂ ସମସ୍ତନିଗମାଦିଶାସ୍ତ୍ରସାରଜ୍ଞଂ ସକଳଶିବଧର୍ମେଷୁ ପରାୟଣଂ ତତ୍ପରମିତ୍ୟର୍ଥଃ । ଶିବାଦ୍ୱୈତ ଜ୍ଞାନଯୋଗରୂପାଧ୍ୟାତ୍ମ ବିଦ୍ୟାନିରତଂ ସନ୍ତମ୍ ଆହୁରିତ୍ୟର୍ଥଃ ।। ୧୪।।

– ହେ ରାକ୍ଷସେଶ୍ୱର, (ବିଦ୍ୱାନ୍‌ମାନେ) ଆପଣଙ୍କୁ ସମସ୍ତ ଶାସ୍ତ୍ରର ତତ୍ତ୍ୱବେତ୍ତା, ସର୍ବଧର୍ମ ପରାୟଣ ତଥା ଅଧ୍ୟାତ୍ମବିଦ୍ୟାରେ ନିରତ କହନ୍ତି ।। ୧୪।।

ଅତଃ କାରଣାତ୍ –

ତ୍ୱଦୀୟଧର୍ମସମ୍ପତ୍ତିଂ ଶ୍ରୁତ୍ୱାହଂ ବିସ୍ମିତାଶୟଃ ।
ବ୍ରଜନ୍ କୈଳାସମଚଳଂ ତ୍ୱଦନ୍ତିକମୁପାଗତଃ ।। ୧୫।।

କୈଳାସମଚଳଂ ବ୍ରଜନ୍ନହଂ ତ୍ୱଦୀୟଶିବଧର୍ମସମ୍ପତ୍ତିଂ ଶ୍ରୁତ୍ୱାଦ୍ଭୁତାଶ୍ଚର୍ଯ୍ୟଯୁକ୍ତଚିତ୍ତଃ ସନ୍ ତ୍ୱତ୍ସମୀପମାଗତୋଽସ୍ମୀତ୍ୟର୍ଥଃ ।। ୧୫।।

– ଆପଣଙ୍କର ଧର୍ମାଚରଣପ୍ରବୃତ୍ତିକୁ ଶୁଣିକରି ବିସ୍ମିତଚିତ୍ତ ମୁଁ କୈଳାସ ପର୍ବତକୁ ଯାଉଥିବା ବେଳେ ଆପଣଙ୍କ ପାଖକୁ ଆସିଗଲି ।। ୧୫।।

ପ୍ରୀତୋଽସ୍ମି ତବ ଚରିତ୍ରୈଃ ଶୋଭନୈର୍ଲୋକବିଶ୍ରୁତୈଃ ।
ଦାସ୍ୟାମି ତେ ବରଂ ସାକ୍ଷାତ୍ ପ୍ରାର୍ଥୟସ୍ୱ ଯଥେପ୍ସିତମ୍ ।। ୧୬।।

ସ୍ପଷ୍ଟମ୍ ।। ୧୬।।

– ମୁଁ ଆପଣଙ୍କର ଲୋକବିଶ୍ରୁତ ଚରିତ୍ରରେ ପ୍ରସନ୍ନ ଅଟେ । ମୁଁ ଆପଣଙ୍କୁ ସାକ୍ଷାତ୍ ବର ଦେବି । ଯଥେପ୍ସିତ ବର ମାଗ ।। ୧୬।।

ଇତି ପ୍ରସାଦସୁମୁଖେ ଭାଷମାଣେ ଗଣେଶ୍ୱରେ ।
ପ୍ରଣମ୍ୟ ପରୟା ପ୍ରୀତ୍ୟା ବ୍ୟାଜହାର ବିଭୀଷଣଃ ।। ୧୭।।

CC-0. Jangamwadi Math Digital Collection.

ବ୍ୟାଜହାର ବିଜ୍ଞାପନବାକ୍ୟଂ ପ୍ରଯୁକ୍ତବାନିତ୍ୟର୍ଥଃ ।। ୧୭।।

– ପ୍ରସନ୍ନତାରେ ଯୁକ୍ତ ଗଣେଶ୍ୱର ଏପରି କହିବା ପରେ ବିଭୀଷଣ ପରମ ପ୍ରସନ୍ନତା ସହିତ ପ୍ରଣାମ କରି କହିଲେ ।। ୧୭।।

ଅଥ ତତ୍‌ପ୍ରକାରଂ ଷଡ୍‌ଭିଃ ସୂତ୍ରୈଃ ପ୍ରଦର୍ଶ୍ୟ ସ୍ୱସ୍ୟ ରାବଣୋକ୍ତାଭିପ୍ରାୟମଷ୍ଟଭିଃ ସୂତ୍ରୈଃ ସୂଚୟତି –

ଆଗମାନୁଗ୍ରହାଦେବ ଭବତଃ ଶିବଯୋଗିନଃ ।
ଦୁର୍ଲଭାଃ ସର୍ବଲୋକାନାଂ ସମପଦ୍ୟନ୍ତ ସମ୍ପଦଃ ।। ୧୮।।

ଭୋ ଗଣେଶ୍ୱର ! ଶିବଯୋଗିନୋ ଭବତ ଆଗମନରୂପାନୁଗ୍ରହାଦେବ ସର୍ବଜନଦୁର୍ଲଭାଃ ସମ୍ପଦଃ ସମପଦ୍ୟନ୍ତ ପ୍ରାପ୍ତା ଇତ୍ୟର୍ଥଃ ।। ୧୮।।

– ଆପଣଙ୍କ ପରି ଶିବଯୋଗୀଙ୍କର ଆଗମନ ରୂପକ କୃପାରେ ହିଁ ସମସ୍ତ ଲୋକଙ୍କୁ ଦୁର୍ଲଭ ସମ୍ପତ୍ତିସବୁ ମିଳିଥାଏ ।। ୧୮।।

ତଥାପି ପ୍ରାର୍ଥନୀୟଂ ମେ କିଞ୍ଚିଦସ୍ତି ଗଣେଶ୍ୱର ।
ସୁକୃତେ ପରିପକ୍ୱେ ହି ସ୍ୱୟଂ ସିଦ୍ଧ୍ୟତି ବାଞ୍ଛିତମ୍ ।। ୧୯।।

ମେ ମମେତ୍ୟର୍ଥଃ । ଶିଷ୍ଟଂ ସ୍ପଷ୍ଟମ୍ ।। ୧୯।।

– ତଥାପି ହେ ଗଣେଶ୍ୱର, ମୋର କିଛି ପ୍ରାର୍ଥନା ଅଛି । ପୁଣ୍ୟ ପରିପକ୍ୱ ହେବା ପରେ ଅଭୀଷ୍ଟର ସିଦ୍ଧି ସ୍ୱୟଂ ହୋଇଯାଏ ।। ୧୯।।

ରାବଣୋ ହି ମମ ଭ୍ରାତା ମାହେଶ୍ୱରଶିଖାମଣିଃ ।
ଅଦୃଷ୍ଟଶତ୍ରୁ ସମ୍ବାଧଂ ଶଶାସ ହି ଜଗତ୍ ତ୍ରୟମ୍ ।। ୨୦।।

ଅଦୃଷ୍ଟଶତ୍ରୁସମ୍ବାଧଂ ଯଥା ଭବତି ତଥା ଜଗତ୍‌ତ୍ରୟଂ ହି ପ୍ରସିଦ୍ଧଂ ସତ୍ ଶଶାସ ପାଳୟାମାସେତ୍ୟର୍ଥଃ ।। ୨୦।।

– ମୋର ଭାଇ ରାବଣ ଶିବଭକ୍ତମାନଙ୍କର ଶିଖାମଣି (ଶ୍ରେଷ୍ଠ) ଥିଲେ, ଯାହାଙ୍କର ଶତ୍ରୁରୂପୀ ବାଧା ନ ଥିଲା, ଯିଏ ତିନି ଲୋକରେ ଶାସନ କରିଥିଲେ ।। ୨୦।।

ଯସ୍ୟ ପ୍ରତାପମତୁଳଂ ସୋଢୁମକ୍ଷମଶକ୍ତୟଃ ।
ଇନ୍ଦ୍ରାଦୟଃ ସୁରାଃ ସର୍ବେ ରାଜ୍ୟଲକ୍ଷ୍ମ୍ୟା ବିଯୋଜିତାଃ ।। ୨୧।।

ସ୍ପଷ୍ଟମ୍ ।। ୨୧।।

– ଯାହାଙ୍କର ଅତୁଳ ପ୍ରତାପକୁ ସହିବାକୁ ଅସମର୍ଥ ଇନ୍ଦ୍ର ଆଦି ସମସ୍ତ ଦେବଗଣ ରାଜଲକ୍ଷ୍ମୀରୁ ରହିତ କରି ଦିଆଗଲେ ।। ୨୧।।

CC-0. Jangamwadi Math Digital Collection.

ସ ତୁ କାଳବଶେନୈବ ସ୍ୱଚାରିତ୍ରବିପର୍ଯୟାତ୍ ।
ରଣେ ବିଷ୍ଣ୍ୱବତାରେଣ ରାମେଣ ନିହତୋଽଭବତ୍ ।। ୨୨ ।।

ସ୍ପଷ୍ଟମ୍ ।। ୨୨ ।।

– ସେହି ପରାକ୍ରମୀ ରାବଣ କାଳ ପ୍ରଭାବରେ ନିଜର ବିପରୀତ ଚରିତ୍ର କାରଣରୁ ବିଷ୍ଣୁଙ୍କର ଅବତାରଭୂତ ରାମଙ୍କଦ୍ୱାରା ଯୁଦ୍ଧରେ ମରା ହେଲେ ।। ୨୨ ।।

ସ ତୁ ରାମଶରାବିଦ୍ଧଃ କଣ୍ଠସ୍ଥଲିତଜୀବିତଃ ।
ଅବଶିଷ୍ଟଂ ସମାଲୋକ୍ୟ ମାମବାଦୀତ୍ ସୁଦୁଃଖିତଃ ।। ୨୩ ।।

ସ ରାବଣୋ ରାମବାଣେନ କ୍ଷତଂ ଲବ୍ଧବାନ୍ ସନ୍ କଣ୍ଠଗତପ୍ରାଣଃ ସନ୍ ଅବଶିଷ୍ଟଂ ରାକ୍ଷସେଷୁ ହତଶିଷ୍ଟଂ ମାଂ ଦୃଷ୍ଟ୍ୱାତ୍ୟନ୍ତଦୁଃଖିତଃ ସନ୍ ପ୍ରତ୍ୟବଦଦିତ୍ୟର୍ଥଃ ।। ୨୩ ।।

– ରାମଙ୍କର ବାଣରେ ପୂର୍ଣ୍ଣ ଭାବରେ ବିଦ୍ଧ, ତେଣୁ କଣ୍ଠଗତପ୍ରାଣବାଲା ରାବଣ ଅବଶିଷ୍ଟ ମତେ ଦେଖି କରି ଦୁଃଖି ହୋଇ କହିଲେ ।। ୨୩ ।।

ଅଥ ରାବଣୋକ୍ତପ୍ରକାରମୁପପାଦୟତି –

ବିଭୀଷଣ ବିଶେଷଜ୍ଞ ମହାବୁଦ୍ଧେ ସୁଧାର୍ମିକ ।
ଅବଶିଷ୍ଟୋଽସି ବଂଶସ୍ୟ ରକ୍ଷସାଂ ଭାଗ୍ୟଗୌରବାତ୍ ।। ୨୪ ।।

ସ୍ପଷ୍ଟମ୍ ।। ୨୪ ।।

– ହେ ଧର୍ମାଚରଣଶୀଳ ମହାବୁଦ୍ଧିମାନ୍ ବିଶେଷଜ୍ଞ, (ବିଶିଷ୍ଟ ଜ୍ଞାନବାଲା ବିଭୀଷଣ) ରାକ୍ଷସଙ୍କର ମହାଭାଗ୍ୟରେ ଏକମାତ୍ର ଆପଣ ରାକ୍ଷସଙ୍କ ବଂଶରେ ଅବଶିଷ୍ଟ ଅଛନ୍ତି ।।୨୪ ।।

ବୟମଜ୍ଞାନସମ୍ପନ୍ନା ମହତ୍ସୁ ଦ୍ରୋହକାରିଣଃ ।
ଈଦୃଶୀଂ ତୁ ଗତିଂ ପ୍ରାପ୍ତା ଦୁସ୍ତରା ହି ବିଧିସ୍ଥିତିଃ ।। ୨୫ ।।

ବୟମଜ୍ଞାନସମ୍ପନ୍ନାଃ ସନ୍ତୋ ମହତ୍ସୁ ମହତାଂ ବିଷୟେ ଦ୍ରୋହକାରିଣ ଇତି ଈଦୃଶୀ ଗତିଂ ପ୍ରାପ୍ତାଃ। ତଥାହି ବିଧିସ୍ଥିତିଃ ଦୈବାଧୀନବୃତ୍ତିଃ, ଦୁସ୍ତରା ହି ଲଙ୍ଘିତୁମଶକ୍ୟା ଖଲ୍ୱିତ୍ୟର୍ଥଃ ।। ୨୫ ।।

– ଅଜ୍ଞାନୀ, ମହାନ୍ ଲୋକଙ୍କର ବିରୋଧ କରୁଥିବା ଆମେ ଏହିପରି ଗତିକୁ ପ୍ରାପ୍ତ ହେଲୁ । ଭାଗ୍ୟର ସ୍ଥିତି ଅନୁଲଙ୍ଘନୀୟ ଅଟେ ।। ୨୫ ।।

ନବକଂ ଲିଙ୍ଗକୋଟୀନାଂ ପ୍ରତିଷ୍ଠାପ୍ୟମିହ ସ୍ଥଲେ ।
ଇତି ସଙ୍କଳ୍ପିତଂ ପୂର୍ବଂ ମୟା ତଦବଶିଷ୍ୟତେ ।। ୨୬ ।।

ଇହ ସ୍ଥଲେ ଅସ୍ମିନ୍ ଲଙ୍କାପତ୍ତନସ୍ଥଲେ ନବକୋଟିଲିଙ୍ଗଂ ପ୍ରତିଷ୍ଠାପ୍ୟମିତି ମୟା ପୂର୍ବଂ ସଙ୍କଳ୍ପିତମ୍, ତତ୍ର କିଞ୍ଚିଦବଶିଷ୍ଟମସ୍ତୀତ୍ୟର୍ଥଃ ।। ୨୬ ।।

CC-0. Jangamwadi Math Digital Collection.

– ମୁଁ ପ୍ରଥମେ ଏହି ସଙ୍କଳ୍ପ କରିଥିଲି କି ଏହି ଲଙ୍କା ନଗରୀରେ ନଅ କୋଟି ଶିବଲିଙ୍ଗର ସ୍ଥାପନା କରିବି । ସେଥିରୁ କିଛି ଶେଷ ଅଛି ।। ୨୬।।

କିୟଦବଶିଷ୍ଟମିତ୍ୟତ୍ରାହ –

କୋଟିଷଟ୍‌କଂ ତୁ ଲିଙ୍ଗାନାଂ ମୟା ସାଧୁ ପ୍ରତିଷ୍ଠିତମ୍ ।
କୋଟିତ୍ରୟଂ ତୁ ଲିଙ୍ଗାନାଂ ସ୍ଥାପନୀୟମତସ୍ତ୍ୱୟା ।। ୨୭।।

ଅତସ୍ତତ୍‌ସଂକଳ୍ପପୂରଣାର୍ଥମିତ୍ୟର୍ଥଃ ।। ୨୭।।

– ଛଅ କୋଟି ଲିଙ୍ଗ ମୁଁ ଭଲ ଭାବରେ ପ୍ରତିଷ୍ଠିତ କରିଛି । ଏହାପରେ ତିନି କୋଟି ଲିଙ୍ଗର ସ୍ଥାପନା ତମକୁ କରିବାକୁ ଅଛି ।। ୨୭।।

ଇତି ତସ୍ୟ ବଚଃ ଶ୍ରୁତ୍ୱା ଦୀନବୁଦ୍ଧେର୍ମରିଷ୍ୟତଃ ।
ତଥା ସାଧୁ କରୋମୀତି ପ୍ରତିଜ୍ଞାତଂ ମୟା ତଥା ।। ୨୮।।

ସ୍ପଷ୍ଟମ୍ ।। ୨୮।।

– ଦୀନବୁଦ୍ଧି ତଥା ମରଣାସନ୍ନ ସେହି ରାବଣର କଥା ଶୁଣି 'ମୁଁ ସେହିପରି ଠିକ୍ ଭାବରେ କରିବି' ବୋଲି ପ୍ରତିଜ୍ଞା କଲି ।। ୨୮।।

ଯୁଗପଚ୍ଛିବଲିଙ୍ଗାନାଂ କୋଟିତ୍ରୟମନୁତ୍ତମମ୍ ।
ପ୍ରତିଷ୍ଠାପ୍ୟଂ ଯଥାଶାସ୍ତ୍ରମିତି ମେ ନିଶ୍ଚୟୋଽଭବତ୍ ।। ୨୯।।

ସ୍ପଷ୍ଟମ୍ ।। ୨୯।।

